
ଡକ୍ଟର ବିଧୁପ୍ରଭା ରଥ

# ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ



# ଲାବଣ୍ୟବତୀର
## ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ

ଡକ୍ଟର ବିଧୁପ୍ରଭା ରଥ

ପୃଥ୍ୱୀପନ୍ନା ପ୍ରକାଶନ

# ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ

# Labanyabatira Soundarjyatatwika Anushilana


ଡକ୍ଟର ବିଧୁପ୍ରଭା ରଥ

**Dr. Bidhuprabha Ratha**



ପ୍ରକାଶକ :

**ପୃଥ୍ୱୀପଦ୍ମା ପ୍ରକାଶନୀ**

ଶିବରାମ ଭବନ, ଇନ୍ଦିରା ନଗର ୨ୟ ସରଣୀ

ବ୍ରହ୍ମପୁର-୮

ପ୍ରକାଶନ କାଳ :

**ରଜ ସଂକ୍ରାନ୍ତି, ୨୦୦୬**

ପ୍ରଚ୍ଛଦପଟ, ଅଳଙ୍କରଣ ଓ ଅଙ୍ଗସଜ୍ଜା :

**ସୁଶ୍ରୀ ସୃଜନୀ ପ୍ରିୟଦର୍ଶିନୀ ଗନ୍ତାୟତ**

ଶେଷବର୍ଷ ବାଣିଜ୍ୟ

ଖଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ

ବ୍ରହ୍ମପୁର (ଓଡ଼ିଶା)

ମୁଖ୍ୟ ବିତରକ :

ସ୍ୱଦେଶୀ ଲେଖକ ମଂଚ

ଏବଂ

**କଳିଙ୍ଗ ପାଠକ ସମାଜ, ବ୍ରହ୍ମପୁର**

**ମୂଲ୍ୟ : ୧୨୦ ଟଙ୍କା**

ମୋର ପ୍ରିୟ ଗାଳ୍ପିକ  ମିହିର ରଞ୍ଜନ ପରିଡ଼ାଙ୍କୁ ...

- ବିଧୁ

# ଭୂମିକା

ସମଗ୍ର କଳା ସୃଷ୍ଟି ମୂଳରେ ସୌନ୍ଦର୍ଯ୍ୟର ଅସ୍ତିତ୍ୱ ନିହିତ । କବି ଶିଳ୍ପୀର ଏହି ଅନିନ୍ଦ୍ୟ ସୌନ୍ଦର୍ଯ୍ୟବୋଧ, ରସ ଅନ୍ୱେଷାର ସୃଜନଶୀଳତାରୁ କଳା ଜନ୍ମ ନିଏ । କବିର ହୃଦୟ କଳ୍ପନା, ପ୍ରଜ୍ଞା, ବାସ୍ତବତାର ଅପୂର୍ବ ସମନ୍ୱୟରେ ଶ୍ରଦ୍ଧାମୟ ହୋଇଥିବାରୁ ସୃଜନ କ୍ରିୟାର ସାର୍ଥକ ଦ୍ୟୁତି ପ୍ରକାଶିତ ହୁଏ । କଳା ଓ ସୌନ୍ଦର୍ଯ୍ୟ କବିର ଚରମ ତପସ୍ୟା, ପ୍ରାର୍ଥନା । ସୌନ୍ଦର୍ଯ୍ୟ ପ୍ରତି ଏହି ଅନୁପମ ଆକର୍ଷଣ ହିଁ ଲଳିତ କଳାକୁ ମାନବ ଚେତନାର ନବନ୍ୟାସ କରାଇବାରେ ସହାୟକ ହୋଇଛି । ଆନନ୍ଦ ପ୍ରଦାନ କରିବା ହିଁ ସୌନ୍ଦର୍ଯ୍ୟ ଚେତନାର କାବ୍ୟ ଭାବନାର ମୁଖ୍ୟ ଉଦ୍ଦେଶ୍ୟ । ସୌନ୍ଦର୍ଯ୍ୟ ସହିତ ଆନନ୍ଦ ଚିରକାଳ ସଂଶ୍ଳିଷ୍ଟ ହୋଇ ରହିଛି । ପାର୍ଥିବ ସୌନ୍ଦର୍ଯ୍ୟ କବିର କଳ୍ପନା ରଙ୍ଗରେ ରଞ୍ଜିତ ହୋଇ କାବ୍ୟର ଶାଶ୍ୱତ ଅବବୋଧକୁ ଶବ୍ଦରେ, ଛନ୍ଦରେ, ଲାଳିତ୍ୟରେ ରୂପ ଦିଏ । ସେଥିପାଇଁ କଳା କାଳାତୀତ, ସମୟାତୀତ, ଅବିନାଶୀ, ଅକ୍ଷୟ ।

ଅନନ୍ତ ସମ୍ଭାବନା, ସ୍ୱପ୍ନ, ନିର୍ଯ୍ୟାସକୁ ନେଇ ଏହା କାଳରୁ କାଳାନ୍ତର ଯାଏ ଗତି କରୁଥାଏ । ଗ୍ରହଣଶୀଳତା ହିଁ କଳାର ଏକମାତ୍ର ଆଧାର । ମୁହୂର୍ତ୍ତର ସୌନ୍ଦର୍ଯ୍ୟରେ କବି ଚିରକାଳ ମଥିତ, ଉଚ୍ଚାଟିତ, ସମ୍ମୋହିତ ହୁଏ । ଜୀବନକୁ ଉଭୟ ସୌନ୍ଦର୍ଯ୍ୟ ଓ କଳା ସମ୍ମୋହିତ କରୁଥିବାରୁ ସତ୍‌କବିର ସୃଷ୍ଟିରେ ରସାସ୍ୱାଦନର ଅନିର୍ବଚନୀୟ ଆନନ୍ଦ ଅନୁଭବ କରିହୁଏ । କାରଣ ଆନନ୍ଦକୁ ସ୍ୱୀକୃତି ଦିଆଯାଇସାରିଛି । ଯଦି ଈଶ୍ୱରଙ୍କ ପାଇଁ ମଣିଷକୁ ଖୋଜିବାକୁ ପଡ଼େ ତେବେ ଈଶ୍ୱରଙ୍କ ପରିବର୍ତ୍ତେ ଆନନ୍ଦକୁ ହିଁ ଖୋଜିବାରେ ଲାଗିପଡ଼ିବ । ଆନନ୍ଦରୁ ହିଁ ଏହି ଜୀବଜଗତ ସୃଷ୍ଟି ହୋଇଛି ଏବଂ ଆନନ୍ଦରୁ ହିଁ ସେମାନଙ୍କର ବିଲୟ ହେଉଛି । ଆନନ୍ଦର ବ୍ୟାପକତା ଯଦି ସୃଷ୍ଟି ମୂଳରେ ନଥାନ୍ତା ତେବେ ଜୀବନ ସମ୍ଭବ ହୁଅନ୍ତା ନାହିଁ । ତୈତ୍ତିରୀୟ ଉପନିଷଦରେ ଆନନ୍ଦ ସମ୍ପର୍କରେ ଏହି ବ୍ୟାଖ୍ୟା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି ।

ଆନନ୍ଦ ହେଉଛି ଦିବ୍ୟାନନ୍ଦମୟ ବିଶୁଦ୍ଧ ଚିନ୍ମୟ ସତ୍ତା ଓ ଶକ୍ତିଙ୍କର ଆନନ୍ଦ । ଏହାହିଁ କଳା ଓ ସୌନ୍ଦର୍ଯ୍ୟବୋଧ ମଧ୍ୟରେ ସେତୁଭଳି କାର୍ଯ୍ୟ କରେ । ସୌନ୍ଦର୍ଯ୍ୟ, କଳା, ସାହିତ୍ୟ ସହିତ ପାଠକ ମନର ଆନନ୍ଦ ନିହିତ ଥିବାରୁ ତାହା ନିତ୍ୟନିୟତ ଜୀବନର ହର୍ଷ, ଉଲ୍ଲାସ, ଶୋକ, ସୁଖ, ଦୁଃଖର ନିୟନ୍ତ୍ରଣାଧୀନ ନିମ୍ନତର ଭାବାତ୍ମକ ଓ ସମ୍ବେଦନାତ୍ମକ ସତ୍ତାର ପ୍ରତିରୂପ ସହିତ ସଂଶ୍ଳିଷ୍ଟ ହୋଇରହେ । ଜଗତର ଗତି ଓ ପରିବର୍ତ୍ତନଶୀଳତା ଅସ୍ଥାୟୀ କିନ୍ତୁ ଏହି ଗତି ଏକ ଶାଶ୍ୱତ ସ୍ଥିରତାର ନିୟମଦ୍ୱାରା ପରିଚାଳିତ । ତେଣୁ କୁହାଯାଇଛି ମନଠାରୁ ଅଧିକ ବେଗଗାମୀ ହେଉଛନ୍ତି ସେହି ଅଚଳ ଅନାଦିବ୍ରହ୍ମ । ସେ ଗତି କରୁଛନ୍ତି ପୁଣି ତତ୍ତ୍ୱତଃ ଗତି କରୁନାହାନ୍ତି ।

ନିଜର କାର୍ଯ୍ୟକାରୀ ଚେତନାର ବେଗରେ ଅନ୍ୟ ଧାବମାନ ସମସ୍ତ କ୍ରିୟା ପ୍ରକ୍ରିୟାକୁ ଅତିକ୍ରମ କରିଯାଉଛନ୍ତି । ଏହି ଯେଉଁ ଜୀବନଚକ୍ର କ୍ରମାଗତ ଭାବରେ ଘୂର୍ଣ୍ଣାୟମାନ ହେଉଛି ପୁଣି ଜନ୍ମ ପୁଣି ମୃତ୍ୟୁ ପୁଣି ବିକାଶ । ଏହାରି ମୂଳରେ ହିଁ ସେଇ ପରମ ଆନନ୍ଦ ବିଦ୍ୟମାନ ଅଛି । ଆନନ୍ଦ ହିଁ ସୌନ୍ଦର୍ଯ୍ୟର ଜୀବନର ସୃଷ୍ଟିର ପ୍ରତୀକ । ସକଳ ମାନବିକ ସୁଖ, ଦୁଃଖ, ହତାଶା, ପ୍ରାପ୍ତି, ସଫଳତା, ବିଫଳତା ଭିତରେ ଏହି ଐଶ୍ୱରିକ ଆନନ୍ଦ ଲୁଚିରହିଛି । କବି ଭିତରେ ଯେଉଁ କେନ୍ଦ୍ରବିନ୍ଦୁଟି ଅହରହ ଚେତନଶୀଳ ତଥା କ୍ରିୟାଶୀଳ ସେହି ପୁରୁଷ 'ମୁଁ 'ଟି ହୃଦୟର ବାର୍ତ୍ତା ତଥା ବାହ୍ୟ ବ୍ୟକ୍ତିତ୍ୱକୁ ପ୍ରକାଶିତ କରେ । ସେହି ହୃଦୟର ବାର୍ତ୍ତାରେ, କାବ୍ୟର ରୂପରେ ଆନନ୍ଦର ସ୍ରୋତସ୍ୱିନୀ ଉତ୍ସ ପ୍ରେମ ଭାବରେ ସମଗ୍ର ଜୀବନର ସୃଷ୍ଟି କଳାକୁ ପରିବ୍ୟାପ୍ତ କରେ । କବିର ସୌନ୍ଦର୍ଯ୍ୟ ଚେତନା ନିରବଚ୍ଛିନ୍ନ ଆନନ୍ଦର ସ୍ରୋତ ସମଗ୍ର ବିଶ୍ୱର ପ୍ରତିଟି ଧୂଳିକଣାକୁ ସତତ ସ୍ପର୍ଶ କରେ ଏବଂ ସତ୍ୟ ପ୍ରତିଷ୍ଠା କରେ ।

ସେଥିପାଇଁ କବିର ଦୃଷ୍ଟି ବାହ୍ୟ ଘଟଣାରେ ପରିବର୍ତ୍ତିତ ହେଉଥିଲେ ହେଁ ଅନ୍ତର୍ଜଗତର ଆତ୍ମିକ ସ୍ପନ୍ଦନରେ ବାରବାର ସ୍ପନ୍ଦିତ ହେଉଥାଏ । ତେଣୁ ସାଧାରଣ ଅନୁଭବଟିକୁ ଅସାଧାରଣ ସ୍ପର୍ଶରେ ସାର୍ବଜନୀନ ରସମୟ ବ୍ୟାପ୍ତିରେ କବି ପ୍ରକାଶ କରୁଥିବାରୁ ତାହା ସୃଜନୀ ଚେତନାର ପ୍ରଣବ ଓଁକାର ହୋଇ ଶବ୍ଦରେ, ଛନ୍ଦରେ, କବିତାରେ ଝରିଆସେ । କବି ସମକ୍ଷରେ ବିଶାଳ ସୌନ୍ଦର୍ଯ୍ୟ ଜଗତ ଉଦ୍‌ଘାଟିତ ହୁଏ । ଏହି ଉଦାର ଅନୁଭବ ଯେପରି ଉଦାସୀନ ନୁହେଁ, ସେହିପରି ମଧ୍ୟ ଆସକ୍ତ ନୁହେଁ । ସ୍ପନ୍ଦିତ ଆକାଶରେ ସୃଷ୍ଟିର ସ୍ପନ୍ଦନ ଜଣାଇ ଦେଉଛି ସୌନ୍ଦର୍ଯ୍ୟ ଓ ସାହିତ୍ୟ ଅବିଚ୍ଛିନ୍ନ । ଆକାଶ କବିପୁରୁଷ, ପ୍ରାଣକର୍ମ ପ୍ରକୃତିର ରୂପ । ପୁରୁଷ ଏହି ଅବବୋଧର ଅଧ୍ୟକ୍ଷ । ତେଣୁ ଦୁଇଟି ଅସ୍ତିତ୍ୱରେ କାବ୍ୟାନନ୍ଦର ଉତ୍ସ ଉତ୍ସରିତ ହେଉଛି । ସୌନ୍ଦର୍ଯ୍ୟର କାବ୍ୟର ଜୟଗାନ ଶୁଭୁଛି ।

କବିର ସୌନ୍ଦର୍ଯ୍ୟ ଚେତନା ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ ଭିତରୁ କାବ୍ୟତତ୍ତ୍ୱର ସୂକ୍ଷ୍ମତତ୍ତ୍ୱ ଆସ୍ୱାଦନ କରିବାକୁ ହେଲେ ପାଠକକୁ ରସାନୁଭୂତିର ସୂକ୍ଷ୍ମସ୍ତରକୁ ଓହ୍ଲାଇବାକୁ ହୋଇଥାଏ । କାବ୍ୟର ସୌନ୍ଦର୍ଯ୍ୟ ଦର୍ଶନରେ ହିଁ ଗଭୀର ଐଶ୍ୱରିକ ଆତ୍ମ ସମର୍ପଣର ପୂର୍ଣ୍ଣତା ରହିଥାଏ । ଯାହା କବି, କାବ୍ୟ, ପାଠକ, ଦୃଶ୍ୟ, ଦ୍ରଷ୍ଟା, ବସ୍ତୁର ରୂପ, ରଙ୍ଗ, ଗଠନ, ଗୁଣ, ପ୍ରଭାବ, ଇନ୍ଦ୍ରିୟ ଓ ଅତୀନ୍ଦ୍ରିୟ ସକଳ ଭାବବସ୍ତୁକୁ ଏକ ସଞ୍ଚରଣଶୀଳ ଆନନ୍ଦରେ ଅବଗାହିତ କରିଦିଏ । ତେଣୁ କବି ସୃଷ୍ଟି ମୂଳରେ କୌଣସି ଜାଗତିକ ସମ୍ମୋହନ ଦୀର୍ଘକାଳ ଧରି ଆଚ୍ଛନ୍ନ ହୋଇ ରହିବା କଥା ନୁହେଁ । ଅନ୍ତରର ଅନୁଭୋକ୍ତାଟିର କାମ ହେଉଛି କାବ୍ୟ ଶିଳ୍ପର ମହାନ୍ ଅସ୍ତିତ୍ୱଟିକୁ ସହୃଦୟ ନିକଟକୁ ପହଞ୍ଚାଇଦେବା, ସଞ୍ଚରିତ କରି ଦେବା । ଏକମାତ୍ର ସତ୍ୟ ହେଉଛି କାବ୍ୟର ଗ୍ରହଣଶୀଳତା, ଜୀବନର ଗ୍ରହଣଶୀଳତା ।

ଏହି ପରିପ୍ରେକ୍ଷୀରେ ପ୍ରସ୍ତୁତ ସନ୍ଦର୍ଭ **''ଲାବଣ୍ୟବତୀ : ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ''** ରେ ଲାବଣ୍ୟବତୀ କାବ୍ୟର ସାମଗ୍ରିକ ବିଶେଷତ୍ୱ ଆଲୋଚିତ ହୋଇଛି ।

ତତ୍କାଳୀନ ଓଡ଼ିଆ କାବ୍ୟର ଶୈଳିକ ଗଠନରୀତି ସହିତ ତାହାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଯେଉଁ ନିବିଡ଼ ଭାବଗତ ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟରଚନାକୁ ପ୍ରଭାବିତ କରିଥିଲା, ତାହାର ସମ୍ୟକ ଆଲୋକପାତ କରାଯାଇଛି । ଉପେନ୍ଦ୍ରଭଞ୍ଜ ରୀତିଯୁଗର ସର୍ବଶ୍ରେଷ୍ଠ କବି । ତାଙ୍କର ଅଲୌକିକ କାବ୍ୟ ପ୍ରତିଭା, ଅନନ୍ୟ କାବ୍ୟରଚନା ମନୀଷା, ପ୍ରଜ୍ଞା, ଧୀମତା, ସାଧନାର ଅପୂର୍ବ ସମନ୍ୱୟ ଓଡ଼ିଆ କାବ୍ୟକୁ ଏକ ନିରୋଳ ଉଚ୍ଚାଙ୍ଗ କାବ୍ୟୋତ୍କର୍ଷର ଦୀପ୍ତି ପ୍ରଦାନ କରେ । ଉପେନ୍ଦ୍ରଭଞ୍ଜଙ୍କ କୁହୁକ କବିତ୍ୱ କବିତାର ଭୂମିସ୍ଥ ମନ୍ତ୍ର ଉଚ୍ଚାରଣ ପରି ତାଙ୍କର କାବ୍ୟ କଳାକୁ ଏପରି ସମ୍ମୋହିତ କରି ରଖିଥିଲା ଯାହା ଷୋଡ଼ଶ, ସପ୍ତଦଶ, ଅଷ୍ଟାଦଶ ତଥା ଊନବିଂଶ ଶତାବ୍ଦୀର ରାଧାନାଥ ରାୟ ଗଙ୍ଗାଧର ମେହେରଙ୍କର କାବ୍ୟ ଶିଳ୍ପକୁ ଆହୁରି ସ୍ୱଚ୍ଛନ୍ଦ ଗତିରେ ତଥାପି ନିନାଦିତ କରି ରଖିଥିଲା । ଜଣେ କବିର ଭାଗ୍ୟ ସବୁ ସମୟରେ ଏତେ ସୌଭାଗ୍ୟରେ କେବେ ହେଲେ ଉଜ୍ଜ୍ୱଳ ହୋଇ ନଥାଏ । କିନ୍ତୁ ଉପେନ୍ଦ୍ରଭଞ୍ଜ ଏ ସମସ୍ତ ମିଥକୁ ମିଥ୍ୟା ଅସତ୍ୟ ବୋଲି ପ୍ରମାଣିତ କରିଦେଇ ନିଜର କାବ୍ୟକୃତିର ମୌଳିକ ଉତ୍କର୍ଷ ପ୍ରତିପାଦନ କରିଯାଇଛନ୍ତି ।

ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ସୃଷ୍ଟିର ୨୦୦ ବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ ଯେଉଁ ଅନୁପମ କାବ୍ୟବୋଧ ଓଡ଼ିଆ ସାହିତ୍ୟରେ ଛାଡ଼ିଯାଇଛନ୍ତି ତାହା ଅତୁଳନୀୟ । ତାକୁ ସ୍ପର୍ଶ କରିବା ମଧ୍ୟ ସାଧାରଣ କବି ପକ୍ଷରେ ସମ୍ଭବ ନୁହେଁ । ଉପେନ୍ଦ୍ରଙ୍କ କାବ୍ୟ ଶିଳ୍ପର ବାସ୍ତବ ନିରପେକ୍ଷ ସମାଲୋଚନା ଏ ଯାବତ୍ ହୋଇନାହିଁ କିମ୍ବା ଏହା ଆଦୌ ସହଜସାଧ୍ୟ ନୁହେଁ । ଏଥିପାଇଁ ଗଭୀରତର ଗବେଷଣା, ମନନ, ବହୁଶାସ୍ତ୍ରଦର୍ଶୀ ଚିନ୍ତନର ପ୍ରତିଭା ଗବେଷକ ଏବଂ ସମାଲୋଚକଙ୍କର ରହିବା ନିତାନ୍ତ ଆବଶ୍ୟକ ।

ପ୍ରସ୍ତୁତ ସନ୍ଦର୍ଭ **"ଲାବଣ୍ୟବତୀ : ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ"** ସର୍ବମୋଟ ଛଅଟି ଅଧ୍ୟାୟରେ ଆଲୋଚିତ ହୋଇଛି । ପ୍ରଥମ ଅଧ୍ୟାୟରେ ଉପେନ୍ଦ୍ରଭଞ୍ଜଙ୍କର ଜୀବନୀ, ଯୁଗ ଓ ରଚନା ସମୂହର ସଂକ୍ଷିପ୍ତ ଆଲୋଚନା କରାଯାଇଛି । ଉପେନ୍ଦ୍ରଙ୍କ ଜନ୍ମ, ଶିକ୍ଷା, ବିବାହ, ସାଧନା ପ୍ରଭୃତି ଏଥିରେ ସ୍ଥାନ ପାଇଛି । ତାଙ୍କର କାବ୍ୟ ସାଧନାରେ ଯେଉଁ ଶ୍ରୀଶ୍ରୀ ଆଶୀର୍ବାଦ ସର୍ବଦା ପ୍ରଚ୍ଛନ୍ନ ଭାବରେ ତାଙ୍କୁ ପ୍ରେରଣା ଯୋଗାଇଥିଲା ସେହି 'ତାରକମନ୍ତ୍ର ପରସାଦେ ମୋହର କବିପଣ ଉଦେ' ବୋଲି ସେ ବିନମ୍ର ଭାବରେ ତାଙ୍କର କାବ୍ୟରେ ଉଲ୍ଲେଖ କରିଛନ୍ତି । ଏହା ତାଙ୍କର ନମ୍ର କାବ୍ୟିକ ଉଦାରତା ବୋଲି କୁହାଯାଇପାରେ । ଉପେନ୍ଦ୍ରଙ୍କର କାବ୍ୟକୃତିର ଉଲ୍ଲେଖ ସହିତ ସମସ୍ତ ପ୍ରକାଶିତ ଅପ୍ରକାଶିତ ଗ୍ରନ୍ଥର ସୂଚନା ଦିଆଯାଇଛି । ଉପେନ୍ଦ୍ରଙ୍କ କାବ୍ୟ କବିତାର ସ୍ୱରୂପ ସମ୍ପର୍କରେ ଆଲୋଚନା କରାଯାଇଛି । ସମସାମୟିକ କାବ୍ୟ, ଯୁଗ, ପରମ୍ପରା ଏବଂ ତାହାର ପ୍ରଭାବ କିପରି ଉପେନ୍ଦ୍ରଙ୍କ କାବ୍ୟ ଶିଳ୍ପକୁ ପ୍ରଭାବିତ କରିଛି ତାହାର ବିସ୍ତୃତ ଆଲୋଚନା ହୋଇଛି ।

ଦ୍ୱିତୀୟ ଅଧ୍ୟାୟରେ ଓଡ଼ିଆ କାଳ୍ପନିକ କାବ୍ୟ ରଚନା ଧାରାରେ ଲାବଣ୍ୟବତୀର ତୁଳନାତ୍ମକ ଅଧ୍ୟୟନର ଆଲୋଚନା କରାଯାଇଛି । ଓଡ଼ିଆ କାଳ୍ପନିକ କାବ୍ୟର ଗଠନରୀତି ଉପରେ ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାର ପ୍ରଭାବ ରହିଆସିଛି । ଷୋଡ଼ଶ, ସପ୍ତଦଶ ଶତାବ୍ଦୀର ପୌରାଣିକ, କାଳ୍ପନିକ, ଆଖ୍ୟାୟିକା କାବ୍ୟର ଗଠନ କୌଶଳ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ଓଡ଼ିଆ କାଳ୍ପନିକ କାବ୍ୟର ଉତ୍କର୍ଷ ସହିତ ଲାବଣ୍ୟବତୀର ବୈଶିଷ୍ଟ୍ୟ ସମ୍ପର୍କରେ ଦୃଷ୍ଟିପାତ କରାଯାଇଛି । ପୂର୍ବସୂରୀଙ୍କର ପ୍ରଭାବ ମଧ୍ୟ ଆଲୋଚିତ ହୋଇଛି ।

ତୃତୀୟ ଅଧ୍ୟାୟରେ 'ଲାବଣ୍ୟବତୀ'ର ଆଙ୍ଗିକ ସୌନ୍ଦର୍ଯ୍ୟ ଆଲୋଚିତ ହୋଇଛି । ଭାରତୀୟ ସୌନ୍ଦର୍ଯ୍ୟ ତତ୍ତ୍ୱର ସମ୍ୟକ ଆଲୋଚନା ସହିତ ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟକୁ ଏହା କିପରି ପ୍ରଭାବିତ କରିଛି ସେ ସମ୍ପର୍କରେ ଦୃଷ୍ଟିପାତ କରାଯାଇଛି । ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟରେ କୋମଳ ପଦାବଳୀଯୁକ୍ତ ମୂର୍ତ୍ତିମନ୍ତ କାବ୍ୟ କବିତା ବନିତା ବିଗ୍ରହର ରୂପ ଧାରଣ କରି ଅଳଙ୍କାର ମଣ୍ଡିତ ହୋଇ ସରଳ ପଦଯୋଜନାରେ ପାଠକ ପ୍ରାଣକୁ ଆହ୍ଲାଦିତ କରିବ ବୋଲି ଉଲ୍ଲେଖ କରିଛନ୍ତି । ଲାବଣ୍ୟବତୀ କାବ୍ୟରେ ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟ ସହିତ ପ୍ରକୃତିର ତୁଳନା, ସାମାଜିକ ରୀତିନୀତି, କାମଶାସ୍ତ୍ର ଅନୁସାରେ ରତିରାଗ ଆଲୋଚନା, କାବ୍ୟରେ ଅଶ୍ଳୀଳତା, କାବ୍ୟାଦର୍ଶର ଭୂମିକା ପ୍ରଭୃତି ଆଲୋଚିତ ହୋଇଛି ।

ଚତୁର୍ଥ ଅଧ୍ୟାୟରେ ଲାବଣ୍ୟବତୀର ଆତ୍ମିକ ସୌନ୍ଦର୍ଯ୍ୟରେ ବିଭିନ୍ନ ସୌନ୍ଦର୍ଯ୍ୟତତ୍ତ୍ୱ ଗୁଡ଼ିକର ବିଶଦ ଆଲୋଚନା ହୋଇଛି । ରସ, ରୀତି, ଧ୍ୱନି, ଅଳଙ୍କାର, ଔଚିତ୍ୟ, ବକ୍ରୋକ୍ତି, ସାଙ୍ଗୀତିକ ସୌନ୍ଦର୍ଯ୍ୟତତ୍ତ୍ୱର ବିସ୍ତୃତ ଆଲୋଚନା ହୋଇଛି । ପଞ୍ଚମ ଅଧ୍ୟାୟରେ ଲାବଣ୍ୟବତୀର ଚିରନ୍ତନ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରାଯାଇଛି । ଏହି ବିଷୟରେ ଆଲୋଚନା ହେବା ମୂଳରେ ଗୋଟିଏ ଉଦ୍ଦେଶ୍ୟ ନିହିତ ଯେ ଯେଉଁ ଶାଶ୍ୱତ ଜୀବନବାଦୀ ମୂଲ୍ୟବୋଧ କବିଙ୍କ ଲେଖନୀର ଏକ ମୁଖ୍ୟ ବିଶେଷତ୍ୱ ଭାବରେ ପ୍ରକାଶିତ ହୋଇଛି ତାହାର ଯଥାର୍ଥ ରୂପ ଉଦ୍‌ଘାଟନ କରିବା । ଷଷ୍ଠ ଅଧ୍ୟାୟରେ ଉପସଂହାର ପ୍ରସଙ୍ଗରେ କାଳ୍ପନିକ କାବ୍ୟର ବିକାଶ ଏବଂ ଉପେନ୍ଦ୍ରଭଞ୍ଜଙ୍କର ଲାବଣ୍ୟବତୀ କାବ୍ୟର ବିଶେଷତ୍ୱ ସହିତ ସମଗ୍ର ଆଲୋଚନା ଏବଂ ସାରତତ୍ତ୍ୱକୁ ଉପସ୍ଥାପିତ କରାଯାଇଛି ।

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| **ପ୍ରଥମ ଅଧ୍ୟାୟ :** | (୧୧ - ୩୫) |
| **ଉପେନ୍ଦ୍ର ଭଞ୍ଜଙ୍କର ଜୀବନୀ, ଯୁଗ ଓ ରଚନା ସମୂହର ସଂକ୍ଷିପ୍ତ ଆଲୋଚନା ।** | |
| କାବ୍ୟ ସାଧନା ଓ ତାରକମନ୍ତ୍ର, ଉପେନ୍ଦ୍ରଙ୍କ କାବ୍ୟକୃତି, ଅପ୍ରକାଶିତ ଗ୍ରନ୍ଥ, ଉପେନ୍ଦ୍ର ଭଞ୍ଜଙ୍କ ବିଭିନ୍ନ ଗ୍ରନ୍ଥ ସମ୍ପର୍କରେ ବିଭିନ୍ନ ଐତିହାସିକ, ସମାଲୋଚକମାନଙ୍କ ମତ, ଉପେନ୍ଦ୍ରଙ୍କ କାବ୍ୟ କବିତାର ସ୍ୱରୂପ, ସମସାମୟିକ କାବ୍ୟ, ଯୁଗ, ପରମ୍ପରା ଏବଂ ତାହାର ପ୍ରଭାବ, ପୂର୍ବଜଙ୍କ ପ୍ରଭାବ । | |
| **ଦ୍ୱିତୀୟ ଅଧ୍ୟାୟ :** | (୩୬ - ୯୫) |
| **ଓଡ଼ିଆ କାଳ୍ପନିକ କାବ୍ୟ ରଚନାଧାରାରେ ଲାବଣ୍ୟବତୀର ତୁଳନାତ୍ମକ ଅଧ୍ୟୟନ ।** | |
| ଷୋଡ଼ଶ ସପ୍ତଦଶ ଶତାବ୍ଦୀର ପୌରାଣିକ, କାଳ୍ପନିକ କାବ୍ୟର ଉତ୍କର୍ଷ ଏବଂ 'ଲାବଣ୍ୟବତୀ'ର ବୈଶିଷ୍ଟ୍ୟ, ଉପେନ୍ଦ୍ରଭଞ୍ଜଙ୍କର ରଚନାଶୈଳୀର ବୈଶିଷ୍ଟ୍ୟ ଓ ଲାବଣ୍ୟବତୀ, ଲାବଣ୍ୟବତୀର ବିଷୟବସ୍ତୁ, ଛାନ୍ଦର ନାମକରଣ, କାବ୍ୟର ରଚନା ସମୟ, କାବ୍ୟ ନାୟିକାର ରୂପ, କବିଙ୍କ ପାଣ୍ଡିତ୍ୟ ଓ ପୌରାଣିକ ଦୃଷ୍ଟାନ୍ତ । | |
| **ତୃତୀୟ ଅଧ୍ୟାୟ :** | (୯୬-୧୩୮) |
| **ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟ ।** | |
| ଲାବଣ୍ୟବତୀ କାବ୍ୟରେ ଅଶ୍ଳୀଳତା, କାମଶାସ୍ତ୍ର ଅନୁସାରେ ରତିରାଗର ଆଲୋଚନା, ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟରେ କାବ୍ୟାଦର୍ଶର ଭୂମିକା । | |
| **ଚତୁର୍ଥ ଅଧ୍ୟାୟ :** | (୧୩୯-୨୦୦) |
| **ଲାବଣ୍ୟବତୀର ଆତ୍ମିକ ସୌନ୍ଦର୍ଯ୍ୟ ।** | |
| କାବ୍ୟ ଓ ରସ, ଲାବଣ୍ୟବତୀରେ ଶୃଙ୍ଗାରିକତା, ସମ୍ଭୋଗ, ବାହ୍ୟ ସମ୍ଭୋଗ, ଅଭ୍ୟନ୍ତର ସମ୍ଭୋଗ, ବିପ୍ରଲମ୍ଭଶୃଙ୍ଗାର, ପୂର୍ବରାଗ, ଶ୍ରବଣ, ଚିତ୍ରପଟ ଦର୍ଶନ, ଦର୍ଶନଜନିତ ପୂର୍ବରାଗ, ସ୍ୱପ୍ନଦର୍ଶନ, ସାକ୍ଷାତ ଦର୍ଶନ, ମାନ, ପ୍ରବାସ, ପ୍ରବାସରେ ନାୟକର ବିରହାନୁଚିନ୍ତା, ନାୟିକାର ବିରହାନୁଚିନ୍ତା, ବୀରରସ, ବୀଭତ୍ସ ରସ, ହାସ୍ୟରସ, ଶାନ୍ତ ରସ, ଅଦ୍ଭୁତ ରସ, ରସାଭାସ, ରସଦୋଷ ଲାବଣ୍ୟବତୀ କାବ୍ୟର ଆଳଙ୍କାରିକ ସୌନ୍ଦର୍ଯ୍ୟ, ଅନୁପ୍ରାସ, ଯମକ, ଶ୍ଳେଷ, ରୂପକ, ଉପମାଳଙ୍କାର, ଉତ୍ପ୍ରେକ୍ଷା, ବ୍ୟତିରେକ, ଉଲ୍ଲେଖାଳଙ୍କାର, | |

ପରିସଂଖ୍ୟା ଅଳଙ୍କାର, ଭ୍ରାନ୍ତିଅଳଙ୍କାର, ପର୍ଯ୍ୟାୟୋକ୍ତି ଅଳଙ୍କାର, ଆକ୍ଷେପ ଅଳଙ୍କାର, ଅସମ୍ଭବ ଅଳଙ୍କାର, ବିଷମ ଅଳଙ୍କାର, ଅନ୍ୟାନ୍ୟ ଅଳଙ୍କାର, ପ୍ରୌଢ଼ୋକ୍ତି ଅଳଙ୍କାର, ସ୍ୱଭାବୋକ୍ତି ଅଳଙ୍କାର, ଅପହ୍ନୁତି, ଚିତ୍ରାଳଙ୍କାର, ଶୃଙ୍ଖଳା ଓ ଗୋମୂତ୍ର, ପ୍ରଶ୍ନୋତ୍ତର, ପ୍ରହେଳିକା, କାବ୍ୟର ଆତ୍ମାରୀତି, ଗୁଣ, ମାଧୁର୍ଯ୍ୟ, ଓଜ, ପ୍ରସାଦ, ବକ୍ରୋକ୍ତିବାଦ ଓ ଲାବଣ୍ୟବତୀ, ଧ୍ୱନିସୌନ୍ଦର୍ଯ୍ୟ, ଅଭିଧାମୂଳକ ଧ୍ୱନି, ବସ୍ତୁ ଧ୍ୱନି, ଅଳଙ୍କାରଧ୍ୱନି, ରସଧ୍ୱନି, ଲାବଣ୍ୟବତୀର ସାଙ୍ଗୀତିକ ସୌନ୍ଦର୍ଯ୍ୟ, କାବ୍ୟ ସଙ୍ଗୀତ ସହିତ ଲାବଣ୍ୟବତୀର ସ୍ୱରୂପ ଓ ସମ୍ପର୍କ, ଲାବଣ୍ୟବତୀରେ ରାଗବୈଚିତ୍ର୍ୟ ।

ପଞ୍ଚମ ଅଧ୍ୟାୟ : (୨୦୧-୨୩୦)

ଲାବଣ୍ୟବତୀର ଚିରନ୍ତନ ମୂଲ୍ୟବୋଧ ।

ନାରୀର ଦିବ୍ୟତ୍ୱ, ଦିବ୍ୟ ଶବ୍ଦର ଅର୍ଥ, ମାତୃତ୍ୱରେ ତ୍ୟାଗ, ଜୀବନ ଜିଜ୍ଞାସା, ବର୍ଣ୍ଣନା ବୈଚିତ୍ର୍ୟ, ନାରୀର ଶ୍ରେଷ୍ଠତା, ଜୀବନବାଦୀ ଦୃଷ୍ଟିକୋଣ, ଦିବ୍ୟଦୃଷ୍ଟି, ଆଦର୍ଶାସନ ।

ଷଷ୍ଠ ଅଧ୍ୟାୟ : (୨୩୧-୨୩୮)

ଉପସଂହାର

ସପ୍ତମ ଅଧ୍ୟାୟ : (୨୩୯-୨୪୨)

ସହାୟକ ଗ୍ରନ୍ଥସୂଚୀ

# କୃତଜ୍ଞତା ଜ୍ଞାପନ

ଏହି ଗ୍ରନ୍ଥର ପରିକଳ୍ପନା, ରଚନା ଓ ପ୍ରସ୍ତୁତି କାଳରେ ମୋତେ ମୂଲ୍ୟବାନ ଉପଦେଶ ଓ ପରାମର୍ଶ ଦେଇଥିବାରୁ ମୋର ପୂଜ୍ୟ ଗୁରୁଦେବ ଡ଼ଃ. ନଗେନ୍ଦ୍ରନାଥ ପ୍ରଧାନ (ଅବସରପ୍ରାପ୍ତ ପ୍ରାଧ୍ୟାପକ, ଆଞ୍ଚଳିକ କ୍ଷେତ୍ରିୟ ମହାବିଦ୍ୟାଳୟ, ଭୁବନେଶ୍ୱର), ପ୍ରଫେସର ଡ଼ଃ. ବାଉରିବନ୍ଧୁ ସାହୁ (ଅବସରପ୍ରାପ୍ତ ପ୍ରଫେସର ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ରେଭେନ୍‌ସା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ) ମହୋଦୟଙ୍କ ନିକଟରେ ଚିର କୃତଜ୍ଞ ।

ଏହି ଗ୍ରନ୍ଥର କ୍ଷେତ୍ର ପ୍ରସ୍ତୁତ କରିବାରେ ମୋର ପୂଜ୍ୟ ଗୁରୁପ୍ରତିମ ଡ଼ଃ. କାର୍ତ୍ତିକ ଚନ୍ଦ୍ର ଦାଶ, ଡ଼ି.ଲିଟ୍. (ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି- କୋରାପୁଟ)ଙ୍କର ଅକୁଣ୍ଠ ବ୍ୟକ୍ତିଗତ ସହଯୋଗ ଓ ପ୍ରେରଣା ପାଇଁ ମୁଁ ଚିରକାଳ କୃତଜ୍ଞ ।

ପ୍ରଫେସର ଡ଼ଃ. ବାଉରୀବନ୍ଧୁ କର (ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ) ଙ୍କର ବ୍ୟକ୍ତିଗତ ପୁସ୍ତକ ସାହାଯ୍ୟ ସହିତ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠାଗାର ବ୍ୟବହାର ନିମନ୍ତେ ଅନୁମତି ଦେଇଥିବାରୁ, ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

ଅଧ୍ୟାପକ ଡ଼ଃ. କୃଷ୍ଣଚନ୍ଦ୍ର ପ୍ରଧାନ, ଡ଼ି.ଲିଟ୍ (ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)ଙ୍କର ସହଯୋଗ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ଗ୍ରନ୍ଥାଗାର (ରଘୁନାଥ ପ୍ରସାଦ ପାଢ଼ୀ ଗ୍ରନ୍ଥାଗାର) କର୍ତ୍ତୃପକ୍ଷଙ୍କ ପୁସ୍ତକ ସହଯୋଗ ନିମିତ୍ତ କୃତଜ୍ଞ । ମୋର ପିତା ଲେଖକ ଶ୍ରୀ ଶିବରାମ ରଥ (ଅବସର ପ୍ରାପ୍ତ ଜଜ୍), ମାତା ଶ୍ରୀମତୀ କ୍ଷେତ୍ରମଣି ରଥ, ବନ୍ଧୁ ଡ଼ଃ. ପ୍ରଭାକର ତ୍ରିପାଠୀ (ଅଧ୍ୟାପକ, ଡି.ଆଇ.ଟି.), ପ୍ରାଧ୍ୟାପକ ଶ୍ରୀ ବିଜୟ ବହିଦାର (ରାଜନୀତି ବିଜ୍ଞାନ ବିଭାଗ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ବ୍ରହ୍ମପୁର), ପ୍ରାଧ୍ୟାପିକା ଶ୍ରୀମତୀ ସରିତାଞ୍ଜଳୀ ବହିଦାର (ଇତିହାସ ବିଭାଗ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର), କବି ବିପିନ୍ ନାୟକ (ଅଧ୍ୟାପକ, ଅର୍ଥନୀତି ବିଭାଗ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର), ଶ୍ରୀ ପ୍ରଦୀପ କୁମାର ରଥ (ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଛତ୍ରପୁର, ଗଞ୍ଜାମ), କବି ଅମିୟବାଳା ପଟ୍ଟନାୟକ, ଶ୍ରୀ ହଳଧର ଧୀର (ସମ୍ପାଦକ, ଚଳାପଥ ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ, ଭୁବନେଶ୍ୱର) ପ୍ରମୁଖ ସମ୍ମାନନୀୟ ବ୍ୟକ୍ତିବିଶେଷମାନେ ମୋର ଏହି ଗ୍ରନ୍ଥ ପ୍ରସ୍ତୁତି ସମୟରେ ଯେଉଁ ନିରବଚ୍ଛିନ୍ନ ପ୍ରେରଣା, ଶୁଭେଚ୍ଛା ଓ ସହଯୋଗ ପ୍ରଦାନ କରିଛନ୍ତି, ସେଥିପାଇଁ ମୁଁ ଆଜନ୍ମ କୃତଜ୍ଞ ।

'ଦୈନିକ ଆଶା'ର ବରିଷ୍ଠ ସହକାରୀ ସମ୍ପାଦକ, ସ୍ତମ୍ଭକାର ତଥା ଉତ୍ତର ଆଧୁନିକ ଓଡ଼ିଆ କଥା ସାହିତ୍ୟର ବିଶିଷ୍ଟ କଥାକାର ତଥା ଔପନ୍ୟାସିକ ମହାପାତ୍ର ଭାସ୍କର ଗନ୍ତାଏତ୍ ମୋର ଏହି ଗ୍ରନ୍ଥକୁ ବହୁ ଶ୍ରମ କରି ଭ୍ରମ ସଂଶୋଧନ କରିବାରେ ଯେଉଁ ଅକ୍ଳାନ୍ତ ଉଦ୍ୟମ କରିଛନ୍ତି, ସେଥିପାଇଁ ମୁଁ ଚିରକାଳ ଅନୁଗୃହୀତ ।

ଅକ୍ଷୟ ତୃତୀୟା - ୨୦୦୬ — ବିଧୁପ୍ରଭା ରଥ

# ପ୍ରଥମ ଅଧ୍ୟାୟ

# ଉପେନ୍ଦ୍ର ଭଞ୍ଜଙ୍କର ଜୀବନୀ, ଯୁଗ ଓ ରଚନାସମୂହର ସଂକ୍ଷିପ୍ତ ଆଲୋଚନା

ମହାକବି ଉପେନ୍ଦ୍ର ଭଞ୍ଜ ସପ୍ତଦଶ ଶତାବ୍ଦୀର ଚତୁର୍ଥ ପାଦରେ ଅର୍ଥାତ୍ ପ୍ରାୟ ଖ୍ରୀ: ୧୬୮୦ ରୁ ୧୭୨୦ ମଧ୍ୟରେ ଗିରିବନ ସମାଚ୍ଛାଦିତ ଓଡ଼ିଶାର ନିଃସର୍ଗ ମଞ୍ଜୁଳ ପ୍ରକୃତିଭରା କୁଳାଡ଼ ଗଡ଼ରେ ଜନ୍ମ ଗ୍ରହଣ କରିଥିଲେ ।[୧]

ସେତେବେଳେ ଦିଲ୍ଲୀରେ ଆଉରଙ୍ଗଜେବଙ୍କ ଶାସନର ନିର୍ଦ୍ଦେଶରେ ବଙ୍ଗଳାର ମୁସଲମାନମାନେ ବାରମ୍ବାର ହିନ୍ଦୁ ଦେବଦେବୀ ଓ ସଂସ୍କୃତି ଉପରେ ଆକ୍ରମଣ ଚଳାଉ ଥିଲେ । ସାରଳା ଓ ବିରଜା ପୀଠର ଧ୍ୱଂସକର୍ତ୍ତା ସୁବେଦାର ଆବୁନସର ଖାଁ ଖ୍ରୀ: ୧୬୮୩ - ୧୬୮୭ ମଧ୍ୟରେ ପୁରୀ ମନ୍ଦିର ଧ୍ୱଂସ ଉଦ୍ଦେଶ୍ୟରେ ପିପିଲିଠାରେ ପକାଇଥିବା ଡେରା ଉପରେ ଚଡ଼କ ପଡ଼ିବାରୁ ଶ୍ରୀମନ୍ଦିରର କ୍ଷତିସାଧନ କରିବାରେ ସମର୍ଥ ହୋଇ ନଥିଲା କିନ୍ତୁ ତା ପରବର୍ତ୍ତୀ ସୁବେଦାର ନବାବ ଏକରାମ୍ ଖାଁ ବାଦଶାହା ଆଉରଙ୍ଗଜେବଙ୍କ ଆଦେଶରେ ଜଗନ୍ନାଥ ମନ୍ଦିରର ଧ୍ୱଂସସାଧନ ଦ୍ୱାରା ଅକ୍ଷୟ ଯଶ ଲାଭ କରିବା ପାଇଁ ଦୃଢ଼ ସଂକଳ୍ପିତ ହେଲା ।[୨] ଏବଂ ଗଜପତି ରାଜା ଦିବ୍ୟସିଂହ ଦେବଙ୍କ ୭ମଅଙ୍କ ଅର୍ଥାତ୍ ଖ୍ରୀ: ୧୬୯୨ ମେ ମାସ ୧୬ ତାରିଖରେ ଏହି ଆକ୍ରମଣ ହୋଇଥିଲା ବୋଲି ମାଦଳା ପାଞ୍ଜି ଓ ଚକଡ଼ାପୋଥିରୁ ଜଣାଯାଏ ।[୩] ଏହି ଆକ୍ରମଣ ଯୋଗୁଁ ଗଜପତି ରାଜା ଅନୁରୂପ ବିଗ୍ରହ ତିଆରି କରି ଅସଲ ବିଗ୍ରହଙ୍କୁ ଢଙ୍କାଡ଼ ଗଡ଼ ବାଣପୁରରେ ସଂରକ୍ଷିତ କରିଥିଲେ ବୋଲି କବି ଲୋକନାଥ ବିଦ୍ୟାଧରଙ୍କ 'ସର୍ବାଙ୍ଗସୁନ୍ଦରୀ'ରୁ ଜଣାଯାଏ । ଏହା ପରେ ୧୬୯୮ ଜୁନ୍ ମାସରେ ହିନ୍ଦୁଦ୍ୱେଷୀ ଏକରାମ୍ ଖାଁ ବିଦାୟ ନେବା ପରେ ଦିବ୍ୟସିଂହ ଦେବଙ୍କ ତା ୨୭.୮.୧୬୯୯ ରୁ ୧୪ ଅଙ୍କରେ ଶ୍ରୀ ବିଗ୍ରହଙ୍କ ପୁନଃ ପ୍ରତିଷ୍ଠା ହୋଇଥିଲା । ଖ୍ରୀ : ୧୬୯୨ ର ଏହି ଭୌତିକ ଆକ୍ରମଣ ଓଡ଼ିଶାର ନୈତିକ ଆତ୍ମାକୁ ଦୋହଲାଇ ଦେବା ପରେ ଦୈବୀ ଦୁର୍ବିପାକ ସ୍ୱରୂପ ପ୍ରବଳ ଝଡ଼ ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ପକାଇଥିଲା । ଠିକ୍ ଏହି ରାଜନୈତିକ ଅସ୍ଥିରତା ଓ ସାମାଜିକ ବିଶୃଙ୍ଖଳା ସମୟରେ ଘୁମୁସରର କୁଳାଡ଼ ଗଡ଼ରେ ବହି ଯାଇଥିଲା ପାରିବାରିକ ଝଡ଼ଝଞ୍ଜା । ବହୁପତ୍ନୀକ ରାଜ କବି ବୃଦ୍ଧ ଧନଞ୍ଜୟ ଭଞ୍ଜ ୯୦ ବର୍ଷ ବୟସରେ ଖ୍ରୀ:୧୭୦୧ରେ ସ୍ୱୀୟ ପ୍ରିୟତମା ପତ୍ନୀ ମଣ୍ଡାଦେବୀଙ୍କ ଦ୍ୱାରା ବିଷ ପ୍ରୟୋଗ ଫଳରେ ମୃତ୍ୟୁବରଣ କଲେ । ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠ ଭଞ୍ଜ ରାଜସିଂହାସନ ଆରୋହଣ କଲେ ।

ଉପେନ୍ଦ୍ରଙ୍କ ଜନ୍ମ ସମୟ ବିଷୟରେ ଓଡ଼ିଆ ସାହିତ୍ୟର ଇତିହାସ ଲେଖକମାନେ ଭିନ୍ନ ଭିନ୍ନ ସମୟ ଦର୍ଶାଇଛନ୍ତି । ତାଙ୍କର ଜନ୍ମ ସମ୍ପର୍କରେ ନିର୍ଦ୍ଦିଷ୍ଟ ସମୟ ଜଣାପଡ଼େ ନାହିଁ । ଅନନ୍ତ ପଦ୍ମନାଭ ପଟ୍ଟନାୟକ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ସମୟ ୧୬୭୦ ଖ୍ରୀ: ବୋଲି ମତ ଦେଇଛନ୍ତି । ଦାମୋଦର ଦାସ ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀରେ ସେହି ମତକୁ ଗ୍ରହଣ କରିଛନ୍ତି । କେହି କେହି ଉପେନ୍ଦ୍ରଙ୍କ ଜନ୍ମ ୧୬୮୦, ୧୬୮୫ ବା ୧୬୮୮ ବୋଲି ମଧ ମତ ଦେଇଛନ୍ତି । ଗୌରୀ କୁମାର ବ୍ରହ୍ମା 'ଭଞ୍ଜ ଭୂମିକା'ରେ ଉପେନ୍ଦ୍ରଙ୍କ ଜନ୍ମ ୧୬୭୫ / ୧୬୭୬ ବୋଲି ଅନୁମାନ କରିଛନ୍ତି । ସେହିପରି ତାଙ୍କର ମୃତ୍ୟୁ ସମୟକୁ ୧୭୨୦, ୧୭୨୫ ଓ ୧୭୪୦ ଖ୍ରୀ: ବୋଲି କେହି କେହି ଅନୁମାନ କରିଯାଇଛନ୍ତି । ଅବଶ୍ୟ ଏହି ସମସ୍ତଙ୍କର ମତଗୁଡ଼ିକ ଅନୁମାନଭିତ୍ତିକ । ରାଜକବି ପ୍ରତାପ ଧନଞ୍ଜୟ ଭଞ୍ଜଙ୍କ ଜଗନ୍ନାଥ, ହରିଶରଣ, ଗଙ୍ଗାଧର ଓ ନୀଳକଣ୍ଠ ନାମରେ ଚାରିପୁଅ ଥିଲେ । ସେମାନଙ୍କ ମଧ୍ୟରୁ ଜଗନ୍ନାଥଙ୍କୁ ଜଗନ୍ନାଥ ପ୍ରସାଦ ମୁଠାର ଏବଂ ହରିଶରଣଙ୍କୁ ବୁଗୁଡ଼ା ମୁଠାର ଶାସନ ଦାୟିତ୍ୱ ଦେଇ ପତ୍ନୀ ମଣ୍ଡାଦେବୀଙ୍କ ଅଭିଳାଷ ଅନୁସାରେ ପୁଅ ନୀଳକଣ୍ଠଙ୍କୁ କୁଳାଡ଼ରେ ଅଭିଷେକ କରାଇବାରେ କେବଳ ଗଙ୍ଗାଧରଙ୍କୁ ଅନ୍ତରାୟ ମନେ କରୁଥିଲେ ।

ଧନଞ୍ଜୟଙ୍କ ମୃତ୍ୟୁ ପରେ ନୀଳକଣ୍ଠ ସିଂହାସନ ଆରୋହଣ କଲେ ମଧ୍ୟ ଅନ୍ୟ ଜ୍ୟେଷ୍ଠ ଭାଇମାନଙ୍କ ଷଡ଼ଯନ୍ତ୍ରରେ ଧନଞ୍ଜୟଙ୍କ ନବଦୁର୍ଗାଧିପ ଭାଇ ଗୋବିନ୍ଦଙ୍କ ପୁଅ ଘନ ଭଞ୍ଜ ଖ୍ରୀ: ୧୭୦୪ ରେ ନୀଳକଣ୍ଠଙ୍କୁ ବିତାଡ଼ିତ କରି ଗଙ୍ଗାଧରଙ୍କ ପୁତ୍ର ରଣଭଞ୍ଜଙ୍କୁ ନାମକୁ ମାତ୍ର ରାଜା କରାଇ ରାଜ୍ୟର ବିଦ୍ରୋହକୁ ସମ୍ପୂର୍ଣ୍ଣ ଦମନ କଲା ପରେ ଖ୍ରୀ ୧୭୦୬ ରୁ ଖ୍ରୀ: ୧୭୫୪ ପର୍ଯ୍ୟନ୍ତ ଘୁମୁସରର ଶାସକ ଭାବରେ ରାଜ୍ୟଶାସନ କରିଥିଲେ । ସାମରିକ ଦୃଷ୍ଟିକୋଣରୁ କୁଳାଡ଼ଗଡ଼, ଦୁର୍ଗାପ୍ରସାଦ ଓ ଅନ୍ଧାରଗଡ଼ (ଘୁମୁସରର ଅଠରଗଡ଼) ମଧ୍ୟରେ ପ୍ରଧାନ ବୋଲି ବିବେଚିତ ହୁଏ । ମହାନଦୀ (ବଡ଼ନଦୀ)ର ଦକ୍ଷିଣ ପାର୍ଶ୍ୱରେ କୁଳାଡ଼ଗଡ଼ ଅବସ୍ଥିତ । ଏହା ଗୋଟିଏ ସୁବିସ୍ତୀର୍ଣ୍ଣ ସୁରକ୍ଷିତ ନଗର । ଏହାର ପଶ୍ଚିମ ପାର୍ଶ୍ୱରେ ତୁଙ୍ଗ ପର୍ବତଶ୍ରେଣୀ, ଚକ୍ରାକାର ରାଜପଥ, ଉଭୟ ପାର୍ଶ୍ୱରେ ନିଘଞ୍ଚ ବାଂଶବନ, ଗଡ଼କୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବା ପାଇଁ ସୁବିଧା ହୋଇଥାଏ । ନଗରର ଉର୍ଦ୍ଧ୍ୱ ଅଂଶରେ ରାଜାଙ୍କ ଗଡ଼ ବିଦ୍ୟମାନ । ଗଡ଼ର ଚତୁଃପାର୍ଶ୍ୱରେ ବହୁ ସୁଡ଼ଙ୍ଗବିଶିଷ୍ଟ ମୃତ୍ତିକାର ଅଟ୍ଟାଳିକା ଶ୍ରେଣୀ ଶ୍ରେଣୀବଦ୍ଧ ହୋଇ ରହି ଗଡ଼କୁ ରକ୍ଷା କରିବା ସଙ୍ଗେ ସଙ୍ଗେ ରାଜଦାଣ୍ଡ ଓ ରାଜପଥର ଅପୂର୍ବ ଶୋଭା ସୃଷ୍ଟି କରିଥାଏ । ଗଡ଼ର ଚତୁର୍ଦ୍ଦିଗରେ ଗଭୀର ଗଡ଼ଖାଇ ଉଭୟ ପାର୍ଶ୍ୱରେ ଘଞ୍ଚ ବାଂଶବଣ ଘେରା ମାରି ରହିଥିବାରୁ ଗଡ଼ ଅନବରତ ସୁରକ୍ଷିତ ଥାଏ ।

ଏହି ବିଖ୍ୟାତ କୁଳାଡ଼ ରାଜପ୍ରାସାଦରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଜନ୍ମ, ଶିକ୍ଷା, ସାଧନା, ବିବାହ ପ୍ରଭୃତି ଘଟଣାର କେନ୍ଦ୍ରବିନ୍ଦୁ ହୋଇଥିଲା ବୋଲି ପ୍ରସିଦ୍ଧି ଅଛି । କୁଳାଡ଼ ଗଡ଼ ଏକ ଅଭେଦ୍ୟ ଦୁର୍ଗଥିଲା । ୧୮୩୫ ଖ୍ରୀ: ରେ ଇଂରେଜ ସେନାବାହିନୀର ଭୀଷଣ ଆକ୍ରମଣ ଓ ତୋପର ଆଘାତରେ ତାହା ଧ୍ୱସ୍ତ ହୋଇ ଗଲା । ବର୍ତ୍ତମାନ କୁଳାଡ଼ ଗଡ଼ର ଭଗ୍ନାବଶେଷ,

ବାଗ୍‌ଦେବୀ (ବ୍ୟାଘ୍ରଦେବୀ) ମନ୍ଦିର ଓ ଲୁପ୍ତପ୍ରାୟ ପରିଖା ଦେଖାଯାଏ । [୪] କେତେ ଉତ୍‌ଥାନ ପତନ ମଧ୍ୟଦେଇ କୁଲାଡ଼ନଗର ବଞ୍ଚି ରହିଛି ଓ ଭଞ୍ଜପୀଠ ଦର୍ଶନାକାଂକ୍ଷୀ ଦର୍ଶକବୃନ୍ଦଙ୍କୁ ବାଗ୍‌ଦେବୀଙ୍କ ନୈବେଦ୍ୟ ଧୂପଗନ୍ଧରେ, ନାରାୟଣ ମହାପ୍ରଭୁଙ୍କ ରାଜଭୋଗ ସାମଗ୍ରୀ - ମେଦା, ସରପୁଳି ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ଭଜା ଖେଚେଡ଼ିରେ ମୁଖରିତ କରି ପୁଣ୍ୟ ଭଞ୍ଜପୀଠର କ୍ଷୀଣ ସଙ୍କେତ ପ୍ରଦାନ କରୁଛି ।

## କାବ୍ୟ ସାଧନା ଓ ତାରକ ମନ୍ତ୍ର :

ଖ୍ରୀ: ୧୬୮୫ - ୧୭୦୩ ଯାଏଁ କବି ଉପେନ୍ଦ୍ର ଭଞ୍ଜ କୁଲାଡ଼ ଗଡ଼ରେ ରହିଥିବା ସ୍ପଷ୍ଟ ହୁଏ । ପିତା ନୀଳକଣ୍ଠ ଭଞ୍ଜ କେବଳ ୨ ବର୍ଷ ରାଜତ୍ୱ କରି ୧୭୦୩ ଖ୍ରୀ:ରେ ରାଜଗାଦିରୁ ବିତାଡ଼ିତ ହେଲେ । ସେ ପର୍ଯ୍ୟନ୍ତ ସେ କୁଲାଡ଼ ବ୍ୟତୀତ ଅନ୍ୟ ସ୍ଥାନରେ ରହିଥିଲା ପରି ଜଣାଯାଏ ନାହିଁ । ଏହିଠାରେ ସେ ଶିକ୍ଷା, ତାରକମନ୍ତ୍ର ସାଧନା, କେତେକ କାବ୍ୟ ଗ୍ରନ୍ଥ ପ୍ରଣୟନ କରିଥିବା ଜଣାଯାଏ । କବି ତାରକମନ୍ତ୍ରର ସିଦ୍ଧି ପ୍ରସଙ୍ଗ ନିଜର କାବ୍ୟ ଗ୍ରନ୍ଥରେ ବହୁବାର ଉଲ୍ଲେଖ କରିଛନ୍ତି ।[୫] କବିଙ୍କର ତାରକମନ୍ତ୍ର ସାଧନା ସମ୍ବନ୍ଧରେ ଏକାଧିକ କିମ୍ବଦନ୍ତୀ ଅଛି । ସେଗୁଡ଼ିକ ଏଠାରେ ବିଶଦ ଭାବରେ ଉଲ୍ଲେଖ କରାଯାଉଛି ।

**୧ମ କିମ୍ବଦନ୍ତୀ :** ବାଲ୍ୟାବସ୍ଥାରେ ଉପେନ୍ଦ୍ର ଭଞ୍ଜ ଦିନେ ରଘୁନାଥ ନାମକ ଜଣେ ବୈଷ୍ଣବଙ୍କୁ ଦେଖିଥିଲେ । ଅନେକ ସମୟରେ ରାଜଦ୍ୱାରକୁ ଭିକ୍ଷା ଉଦ୍ଦେଶ୍ୟରେ ଅନେକ ସନ୍ନ୍ୟାସୀ ଆସିଥାନ୍ତି । ତାଙ୍କୁ ମଧ୍ୟ ସେହିପରି ଜଣେ ଯାଚକ ସନ୍ନ୍ୟାସୀ ବୋଲି ଭାବି ବାଳକ ଉପେନ୍ଦ୍ର ସେତେଟା ଦୃଷ୍ଟି ଦେଲେ ନାହିଁ । କିନ୍ତୁ ସନ୍ନ୍ୟାସୀଙ୍କ ରାଜପୁରରେ ଅବସ୍ଥାନ କାଳରେ ବୈଷ୍ଣବ ରଘୁନାଥ ଉପେନ୍ଦ୍ରଙ୍କୁ ତାରକ ମନ୍ତ୍ରର ମହନୀୟତାର ଇଙ୍ଗିତ ଦେଲେ ଏବଂ ସେହି ମୁହୂର୍ତ୍ତରୁ ମନ୍ତ୍ର ସାଧନା ପାଇଁ ଉପେନ୍ଦ୍ରଙ୍କ ହୃଦୟରେ ପ୍ରବଳ ବ୍ୟାକୁଳତା ସୃଷ୍ଟି ହେଲା । କୁଲାଡ଼ ନିକଟବର୍ତ୍ତୀ ଅନୁଚ୍ଚଗିରି ପ୍ରାଚୀର ପରିବେଷ୍ଟିତ ଗୋଟିଏ ଗୁମ୍ଫା ମଧ୍ୟରେ ବହୁଦିନ ଧରି ଯୋଗାରୂଢ଼ ରହି ସେ ମନ୍ତ୍ର ସିଦ୍ଧି କରିଥିବାର ପ୍ରବାଦ ରହିଅଛି । ଉକ୍ତ ସ୍ଥାନକୁ ବାଘଦଲି ବା 'ଢ଼ାମଣାଖୋଲି' କୁହାଯାଏ । ମାଇଲ୍ ମାଇଲ୍ ବ୍ୟାପୀ ଅନୁଚ୍ଚ ଡ଼ିମିରା ଚକ୍ରାକାରରେ ଘେରାମାରି ରହିଥିବା ବର୍ତ୍ତମାନ ସୁଦ୍ଧା ଦେଖାଯାଏ । ମଧ୍ୟ ଭାଗଟି ସୁନ୍ଦର ପ୍ରଶସ୍ତ ସମତଳ ଭୂମି, ସେଥି ମଧ୍ୟରେ କେତୋଟି ଗୁମ୍ଫା ଅଛି । ସ୍ଥାନଟି ଅତ୍ୟନ୍ତ ରମଣୀୟ ହେଲେ ମଧ୍ୟ ବାଉଁଶ ଓ ଅନ୍ୟାନ୍ୟ ଘଞ୍ଚ ଗଛବୃଛ ଦ୍ୱାରା ଏହା ନିବିଡ଼ ଭାବରେ ଆଚ୍ଛନ୍ନ ହୋଇ ରହିଥିବାରୁ ଏବଂ ହିଂସ୍ରଜନ୍ତୁ ଭୟରେ କେହି ସେଠାକୁ ପ୍ରବେଶ କରିବା ପାଇଁ ଏ ପର୍ଯ୍ୟନ୍ତ ସାହସ କରିପାରୁ ନାହାନ୍ତି ।

**୨ୟ କିମ୍ବଦନ୍ତୀ :** ଭଞ୍ଜ ରାଜାଙ୍କ ପ୍ରଧାନ ଚାରିଗଡ଼ ମଧ୍ୟରୁ ଅନ୍ଧାର ଗଡ଼ ଅନ୍ୟତମ । ସେହି ସ୍ଥାନରେ ଉପେନ୍ଦ୍ର ଭଞ୍ଜ ଅନେକ ସମୟରେ ବାସ କରୁଥିଲେ ବୋଲି ଜନଶ୍ରୁତି ରହିଛି । ତାରକ ମନ୍ତ୍ର ସାଧନ ପାଇଁ ସେ ସେଠାକୁ ଯାଆନ୍ତି ବୋଲି ଶୁଣାଯାଉଥିଲେ ମଧ ସେଥିପାଇଁ

ସେ ସେଠାରେ ରହୁଥିଲେ କି କବିତା ଲେଖିବା ପାଇଁ ବେଳେବେଳେ ସେଠାକୁ ଯାଉଥିଲେ ତାହା ଠିକ୍ ଭାବରେ କହିବା ସମ୍ଭବ ନୁହେଁ। ମାଡ୍ରାସ୍ ରେକର୍ଡ଼ରୁ ଜଣାଯାଏ - ''ଦୁର୍ଗାପ୍ରସାଦର ଉର୍ଦ୍ଧ୍ୱଦେଶ ପାହାଡ଼ ଉପତ୍ୟକାରେ ଗୋଟିଏ ଅପ୍ରଶସ୍ତ ବନ୍ଦର, ତାର୍ଯ୍ୟକ ପଥ ଅନ୍ଧାର ଗଡ଼ର ମାର୍ଗକୁ ନିର୍ଦ୍ଦେଶ କରେ । ତାର ଅନ୍ୟନାମ 'ଅନ୍ଧାରକୋଟ', 'ଅନ୍ଧାରଖୋଲ' ମଧ୍ୟ କୁହାଯାଏ । 'କୋଟ' କୂଟ ଶବ୍ଦଜ ଅର୍ଥ - 'ଗଡ଼', ଖୋଲ । ଓଡ଼ିଆ ଶବ୍ଦ ସାଧୁ ଭାଷାରେ ଗିରିଗହ୍ୱର କୁହାଯାଏ । ନିଘଞ୍ଚ ଅରଣ୍ୟାନୀ ଆଚ୍ଛାଦିତ ସମୁଚ୍ଚ ଶିଖରୀର ସ୍ୱାଭାବିକ ଏବଂ ଉନ୍ନତ ବକ୍ଷସ୍ଥଳରେ ଅନ୍ଧାରଗଡ଼ ଅବସ୍ଥିତ । ତାହା ଦୀର୍ଘ ଚାରିପାଞ୍ଚ ଶ୍ରେଣୀ ଗୃହ ବିଶିଷ୍ଟ ଏବଂ ଶକ୍ତ, ଉଚ୍ଚ ବହଳ ବାଉଁଶ ବାଡ଼ ଦ୍ୱାରା ପରିବେଷ୍ଟିତ । ଏହି ରମଣୀୟ ସ୍ଥାନଟି କବି, ଯୋଗୀ ତଥା ତାରକମନ୍ତ୍ର ସାଧକ ପକ୍ଷରେ ପ୍ରଶସ୍ତ ।''

**୩ ୟ କିମ୍ବଦନ୍ତୀ :** ନୟାଗଡ଼ର ଶ୍ରୀ ରଘୁନାଥ ପ୍ରଭୁଙ୍କ କୃପାରେ ଉପେନ୍ଦ୍ରଭଞ୍ଜ ତାରକମନ୍ତ୍ର ସିଦ୍ଧ କରିଥିବା କେହି କେହି ମତ ପ୍ରକାଶ କରିଛନ୍ତି । ସାଧନାରେ ସିଦ୍ଧିଲାଭ କରି ଉପେନ୍ଦ୍ର ପ୍ରସନ୍ନ ମନରେ ଅଶ୍ୱାରୋହଣ ପୂର୍ବକ ନୟାଗଡ଼ରୁ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ମାର୍ଗ ମଧ୍ୟରେ ଗୋଟିଏ ଅଲୌକିକ ଦୃଶ୍ୟ ତାଙ୍କର ଦୃଷ୍ଟିପଥାରୂଢ଼ ହେଲା । ଗୋଟିଏ ସ୍ତ୍ରୀର ଶବ ଉପରେ ବସି ଜଣେକ ସାଧକ କୌଣସି ମନ୍ତ୍ର ଉଚ୍ଚାରଣ କରୁଥିବାବେଳେ ଗୋଟିଏ ଭୈରବୀ ମୂର୍ତ୍ତି ଗର୍ଜନ କରି ତାକୁ ପଚାରିଲା -''କିରେ କ'ଣ ଚାହୁଁ ?'' ସାଧକଟି ସେହି ଭୟଙ୍କର ଦୃଶ୍ୟ ଦେଖି ମୂର୍ଚ୍ଛିତ ହେଲା । ଠିକ୍ ସେହି ସମୟରେ ଭାଗ୍ୟବଶତଃ ଉପେନ୍ଦ୍ର ସେଠାରେ ପହଞ୍ଚିଥିଲେ । ସେ ତତ୍‌କ୍ଷଣାତ୍ ଅଶ୍ୱପୃଷ୍ଠରୁ ଅବତରଣ କରି ନିର୍ଭୀକ ଭାବରେ ଭୈରବୀ ମୂର୍ତ୍ତିର ସମ୍ମୁଖୀନ ହୋଇ ଯୋଡ଼ ହସ୍ତରେ କହିଲେ, ''ମା ଭାରତୀ ! ମୋର ଦୁର୍ଲ୍ଲଭ କବିତାର ସ୍ଫୁରଣ ହେଉ'', ଦେବୀ ''ତଥାସ୍ତୁ !'' କହି ଅନ୍ତର୍ହିତା ହେଲେ । ପର ମୁହୂର୍ତ୍ତରେ ଉପେନ୍ଦ୍ର ଦେଖିଲେ ସେଠାରେ ଆଉ କେହି ନାହିଁ, ନା ସାଧକ ନା କୌଣସି ସ୍ତ୍ରୀର ଶବ ଅଥବା ଭୈରବୀ - ସବୁ ଯେପରି ଅଳୀକ ସ୍ୱପ୍ନ ପରି ଅନୁଭୂତ ହେଉଥିଲା ।

କୁଲାଡ଼ ଗଡ଼ର ଏକ ମାଇଲ୍ ଦୂରରେ ଅବସ୍ଥିତ ଡ଼ାମଣାଖୋଳିର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିବା ହେତୁ ତାରକ ମନ୍ତ୍ର ସାଧନ ପାଇଁ ତାହା ଉପଯୁକ୍ତ ବିବେଚିତ ହୁଏ । ସେଥିପ୍ରତି ବାଳକ ଉପେନ୍ଦ୍ର ଆକୃଷ୍ଟ ହୋଇଥିବେ ବୋଲି ପ୍ରଥମ କାରଣ ସ୍ୱରୂପ ଗ୍ରହଣ କରାଯାଇପାରେ । ଦ୍ୱିତୀୟରେ ଦାକ୍ଷିଣାତ୍ୟର ତାମିଲ ଭାଷାଭାଷୀ ଶ୍ରୀବୈଷ୍ଣବମାନେ ବୈଷ୍ଣବ ଧର୍ମର ପ୍ରଚାର ପାଇଁ ସେତେବେଳେ ଉଦ୍ୟମ କରୁଥିଲେ । ୧୭୫୪ ଖ୍ରୀ:ରେ କୃଷ୍ଣଭଞ୍ଜ ବୈଷ୍ଣବ ମତ ଗ୍ରହଣ କରିଥିବା ଜଣାଯାଏ । ଘୁମୁସର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ସେତେବେଳେ ବୈଷ୍ଣବ ମତ ଗ୍ରହଣ କରିଥିବା ଜଣାଯାଏ । କୃଷ୍ଣଭଞ୍ଜଙ୍କର ପ୍ରଧାନ କୀର୍ତ୍ତି କୁଲାଡ଼ଗଡ଼ର ନାରାୟଣ ଦେବାଳୟ ଅଦ୍ୟାବଧି ତାହାର ସାକ୍ଷ୍ୟ ଦିଏ । ଏହିପରି ଏକ ବାତାବରଣ ସୃଷ୍ଟି ହୋଇଥିବାବେଳେ ବାଳକ ଉପେନ୍ଦ୍ର ତାରକ ମନ୍ତ୍ର ସାଧନ ପାଇଁ ଯୋଗୀଜନ ବାଞ୍ଛିତ ନିକଟବର୍ତ୍ତୀ 'ଡ଼ାମଣାଖୋଳି'କୁ ନିର୍ବାଚନ କରିଥିବା ସମ୍ଭବ । ପିତାମହ ପ୍ରତାପ ଧନଞ୍ଜୟ ଭଞ୍ଜ ଜଣେ କବି, ପଣ୍ଡିତ, ପ୍ରଜାବତ୍ସଳ ଓ

ରସିକ ରାଜା ଥିଲେ । କବି ଧନଞ୍ଜୟ କବିତ୍ୱ ଶକ୍ତିରେ ଯେପରି ଧୁରନ୍ଧର ଥିଲେ ସଙ୍ଗୀତ ବିଦ୍ୟାରେ ମଧ୍ୟ ସେହିପରି ଅସାଧାରଣ ବ୍ୟୁତ୍ପତ୍ତିଲାଭ କରିଥିଲେ । ତାଙ୍କୁ ଓଡ଼ିଆ ସାହିତ୍ୟରେ ରୀତି ଯୁଗର ପ୍ରବର୍ତ୍ତକ ବୋଲି କୁହାଯାଏ । ସେ ନିଜର ପୌତ୍ର ଉପେନ୍ଦ୍ର ଭଞ୍ଜଙ୍କୁ ଜଣେ ଶ୍ରେଷ୍ଠ କବିଭାବରେ ଗଢ଼ି ତୋଳିବା ପାଇଁ ଚେଷ୍ଟା କରିଥିଲେ । ଦେଶରୁ ଓ ଦେଶ ବାହାରୁ ବହୁ ଜ୍ଞାନୀ, ଗୁଣୀ, ପଣ୍ଡିତଙ୍କୁ ଆଣି ଉପେନ୍ଦ୍ର ଭଞ୍ଜଙ୍କର ଶିକ୍ଷାର ଭାର ସେମାନଙ୍କ ହସ୍ତରେ ଅର୍ପଣ କରିଥିଲେ । ଉପେନ୍ଦ୍ର ଭଞ୍ଜ ବୟଃପ୍ରାପ୍ତ ହେବାପରେ ପିତାମହଙ୍କର କାବ୍ୟ କବିତା ପାଠ କରିବାର ସୁଯୋଗ ଲାଭ କରିଥିଲେ ଏବଂ ସେଇଥିରୁ ସେ ଜଣେ ଉଚ୍ଚକୋଟୀର କବି ହେବା ପାଇଁ ପ୍ରେରଣା ଲାଭ କରିଥିଲେ ।

ପିତାମହ ପ୍ରତାପ ଧନଞ୍ଜୟ ଭଞ୍ଜ ଦିନେ ଉପେନ୍ଦ୍ରଙ୍କୁ ସ୍ୱପ୍ରଣୀତ 'ରଘୁନାଥ ବିଳାସ' କାବ୍ୟ ଦେଖାଇ ନିଜର ମତାମତ ପ୍ରକାଶ କରିବାକୁ କହିଲେ । ଉପେନ୍ଦ୍ର ତାହା ଗୌରବର କାର୍ଯ୍ୟ ମନେ କରି ଗ୍ରନ୍ଥ ଖଣ୍ଡିକ ପଢ଼ି ସାରିଲା ପରେ ପିତାମହଙ୍କୁ ବିନୟ ପୂର୍ବକ କହିଲେ -''ମଣିମା ! ଆମ୍ଭଙ୍କ ପ୍ରଣୀତ 'ରଘୁନାଥ ବିଳାସ' ଖଣ୍ଡିଏ ଦୁର୍ଲ୍ଲଭ ଗ୍ରନ୍ଥ କିନ୍ତୁ ସେଥିରେ ଆଶାନୁରୂପକ ବିକାଶ ହୋଇପାରିନାହିଁ ।'' ଧନଞ୍ଜୟ ସ୍ମିତ ହାସ୍ୟ ପ୍ରକାଶ କରି କହିଲେ, -''ବାବୁ ! ତୁ ଏହା ଅପେକ୍ଷା ଅଧିକ ଅଳଙ୍କାର ମାଧୁର୍ଯ୍ୟବିଶିଷ୍ଟ ଖଣ୍ଡିଏ କାବ୍ୟ ଲେଖି ପାରିବୁ ?'' ''ମଣିମାଙ୍କ ଆଶୀର୍ବାଦରେ ମୁଁ କରିପାରିବି'' କହି ଉପେନ୍ଦ୍ର ପିତାମହଙ୍କ ଆଶୀର୍ବାଦ ପାଇ ଉତ୍‌ଫୁଲ୍ଲ ହୃଦୟରେ ଫେରିଲେ । କଥିତ ଅଛି ଏକବର୍ଷ ମଧରେ ଅକ୍ଳାନ୍ତ ପରିଶ୍ରମ ଫଳରେ ଉପେନ୍ଦ୍ର ଭଞ୍ଜ ଯେଉଁ ମହାକାବ୍ୟ ପ୍ରଣୟନ କଲେ ତାହା ହେଉଛି 'ବୈଦେହୀଶ ବିଳାସ' । ଧନଞ୍ଜୟଙ୍କ କର କମଳରେ ସେ ସେହି ଖଣ୍ଡିକ ଯଥା ସମୟରେ ଅର୍ପଣ କଲେ ।

ପିତାମହ କାବ୍ୟଖଣ୍ଡିକ ଦେଖି ଓ ପଢ଼ି ଅତ୍ୟନ୍ତ ପ୍ରୀତ ହୋଇ ପୌତ୍ର ଉପେନ୍ଦ୍ରଙ୍କୁ ହାର୍ଦ୍ଦିକ ଆଶୀର୍ବାଦ ଦେଇଥିଲେ । ତାରକମନ୍ତ୍ର ପ୍ରସାଦରେ ବିରାଟ କାବ୍ୟ 'ବୈଦେହୀଶ ବିଳାସ' ରଚନା ଅଳ୍ପ ସମୟରେ ସମ୍ପନ୍ନ ହୋଇପାରିଥିବା ବିଶ୍ୱାସ କବିଙ୍କର ଥିଲା, ତାହା ତାଙ୍କ ସାହିତ୍ୟରୁ ପ୍ରତିପାଦିତ ହୁଏ ।[୬]

ଉପେନ୍ଦ୍ରଭଞ୍ଜ ଜଣେ ବହୁଶାସ୍ତ୍ରଦର୍ଶୀ ବିଦ୍ୱାନ ତାହା ତାଙ୍କର ଗ୍ରନ୍ଥରୁ ସ୍ପଷ୍ଟ ଭାବରେ ସୂଚିତ ହୁଏ । କଥିତ ଅଛି, ଜିତେନ୍ଦ୍ରିୟ ନହେଲେ ତାରକମନ୍ତ୍ର ସାଧନାରେ ସିଦ୍ଧି ଲାଭ ହୁଏ ନାହିଁ । ପୁରାଣ ଯୁଗରେ ମହାଦେବ, ହନୁମାନ ତାରକମନ୍ତ୍ର ସିଦ୍ଧି କରିଥିଲେ ବୋଲି ଶୁଣାଯାଏ । ଏହି ଯୁଗରେ ତୁଳସୀଦାସ, କୃପାସିନ୍ଧୁ ବଳରାମ ଦାସ ଓ ଉପେନ୍ଦ୍ର ଭଞ୍ଜ ତାହା ସିଦ୍ଧ କରିଛନ୍ତି । ଶେଷୋକ୍ତ ଓଡ଼ିଶାର ଦୁଇଜଣ କୃତୀ ସନ୍ତାନ ତାରକ ମନ୍ତ୍ର ସାଧନରେ କୃତିତ୍ୱ ସହିତ ସିଦ୍ଧିଲାଭ କରିଥିବା ଓଡ଼ିଶା ପକ୍ଷରେ ଏକ ଅସାଧାରଣ ଗୌରବ ନିଶ୍ଚୟ । ''ତାରକ ମନ୍ତ୍ର ପରସାଦେ/ମୋହର କବି ପଣ ଉଦେ'' ବୋଲି କହି ଉପେନ୍ଦ୍ର ବାରମ୍ବାର ଉଲ୍ଲେଖ କରିଥିଲେ ହେଁ ଗଭୀର ଅଧ୍ୟୟନ ପାଇଁ ଐକାନ୍ତିକ ନିଷ୍ଠା, ଅକ୍ଳାନ୍ତ ପରିଶ୍ରମ ତଥା ଅଲୌକିକ ପ୍ରତିଭା ନଥିଲେ ସେ ନିଜର କାବ୍ୟ କବିତାରେ ସଂସ୍କୃତ ସାହିତ୍ୟ, ବ୍ୟାକରଣ, ଅଳଙ୍କାରଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, କାମଶାସ୍ତ୍ର,

ବିଜ୍ଞାନ, ଦର୍ଶନ, ଶିଳ୍ପ, ଭୂଗୋଳ, ଇତିହାସ ପ୍ରଭୃତି ଅସଂଖ୍ୟ ଶାସ୍ତ୍ରର ଜ୍ୱଳନ୍ତ ପ୍ରମାଣ ରଖି ପାରିନଥାନ୍ତେ । ସବୁ ଯୁଗରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱର ବିକାଶ ଶୈଶବରୁ ହିଁ ଆରମ୍ଭ ହୋଇଥାଏ । ବାବା ଭାରତୀ ବାରବର୍ଷ ବୟସରେ ବିଖ୍ୟାତ ଇଂରାଜୀ ଦୈନିକ ପତ୍ରର ସମ୍ପାଦନା କରୁଥିଲେ । ବିବେକାନନ୍ଦ ଅଳ୍ପ ସମୟ ମଧ୍ୟରେ ବହୁ ଶାସ୍ତ୍ର, ତଥ୍ୟ ଆୟତ୍ତ କରିଥିଲେ ।

ରାମାନୁଜ ଆଠବର୍ଷ ବୟସରେ ଶିଷ୍ୟଭାବରେ ଅଧ୍ୟୟନ କରୁ କରୁ ଭାରତ ବିଖ୍ୟାତ ପଣ୍ଡିତ ସ୍ୱୀୟ ଗୁରୁଜୀ ଯାଦବପ୍ରକାଶଙ୍କ ମତ ଖଣ୍ଡନ କରୁଥିଲେ । ଶଙ୍କରାଚାର୍ଯ୍ୟ ଅତି ବାଲ୍ୟ ବୟସରେ ସ୍ୱୀୟ ଅସାଧାରଣ ପାଣ୍ଡିତ୍ୟର ପ୍ରଭାବରେ ଭାରତର ବିଭିନ୍ନ ମତବାଦ ଖଣ୍ଡନ କରି ଅଦ୍ୱୈତବାଦ ପ୍ରତିଷ୍ଠା କରିଥିଲେ । ଠିକ୍ ସେହିପରି ପ୍ରତିଭାଶାଳୀ ଉପେନ୍ଦ୍ର ବହୁବିଧ ଶାସ୍ତ୍ରଜ୍ଞାନ ବାଲ୍ୟ କାଳରୁ ହିଁ ଅର୍ଜନ କରିଥିଲେ । କବିତା ସାମ୍ରାଜ୍ୟରେ ଅଖଣ୍ଡ ପାରଦର୍ଶିତା ଲାଭ ପାଇଁ ମୁଖ୍ୟତଃ ଅଗାଧ ଶାସ୍ତ୍ରଜ୍ଞାନ, ଅଳଙ୍କାର ଶାସ୍ତ୍ରଜ୍ଞାନ, ଅନୁପମ କଳ୍ପନା ଶକ୍ତି ତଥା ଅସାଧାରଣ ପାଣ୍ଡିତ୍ୟ ଆବଶ୍ୟକ । ଏ ସମସ୍ତ ଗୁଣର ଅଧିକାରୀ ଉପେନ୍ଦ୍ର ଭଞ୍ଜ ଥିଲେ । ଅବଶ୍ୟ ଏ ସମସ୍ତ ବିଷୟରେ ପ୍ରବୀଣତା ଲାଭ କରି ସାରିଲା ପରେ ସେ ଦୁର୍ଲ୍ଲଭ କବିତାର ସ୍ଫୁରଣ ପାଇଁ 'ତାରକମନ୍ତ୍ର'ର ସିଦ୍ଧତ୍ୱ ଲାଭ କରିଥିଲେ । ନିଜର ଅଭୂତପୂର୍ବ ଆତ୍ମନିଷ୍ଠା, ସଂଯମ, ଚରିତ୍ରବଳ ଯୋଗୁଁ ସେ ସେଥିରେ ସିଦ୍ଧିଲାଭ କରିଥିଲେ । ଏତଦ୍‌ବ୍ୟତୀତ ଉପେନ୍ଦ୍ରଙ୍କର ପିତାମହ ଧନଞ୍ଜୟ ଭଞ୍ଜ ନିଜେ ଜଣେ କବି ତଥା ସାହିତ୍ୟିକ ପଣ୍ଡିତ ଥିଲେ ଏବଂ ତାଙ୍କର ରାଜସଭା ବହୁ ପ୍ରସିଦ୍ଧ ବିଦ୍ୱାନମାନଙ୍କ ଦ୍ୱାରା ସମୃଦ୍ଧ ଥିଲା । ଏଭଳି ଏକ ବୁଦ୍ଧିଜୀବୀ ପରିବେଶ, ଜ୍ଞାନ ପାଣ୍ଡିତ୍ୟର ଅପୂର୍ବ ସଂଯୋଗ ରେ ସମୃଦ୍ଧ ଭଞ୍ଜ ରାଜସଭା ଉପେନ୍ଦ୍ରଙ୍କ ଶିକ୍ଷା, ଦୀକ୍ଷା ସହିତ ବହୁ ଶାସ୍ତ୍ରବିତ୍ ପଣ୍ଡିତ ବିଦ୍ୱାନମାନଙ୍କର ପ୍ରତ୍ୟକ୍ଷ ପ୍ରଭାବ ତାଙ୍କୁ ପରବର୍ତ୍ତୀ କାଳରେ ଏକ ଅସାଧାରଣ ପଣ୍ଡିତ, ବହୁଶାସ୍ତ୍ରଦର୍ଶୀ ବ୍ୟକ୍ତିତ୍ୱରେ ଯେ ରୂପାନ୍ତରିତ କରିଥିଲା ଏଥିରେ ସନ୍ଦେହ ନାହିଁ ।

## ଦାମ୍ପତ୍ୟ ଜୀବନ :

ଅନେକ ସମୟରେ ଦାମ୍ପତ୍ୟ ଜୀବନରୁ ହିଁ ଅନେକ ପ୍ରସିଦ୍ଧ କବି, ଲେଖକ, ଚିତ୍ରକର, ଦାର୍ଶନିକ, ମହାପୁରୁଷଙ୍କର ସାରସ୍ୱତ ରଚନାର ମୋଡ଼ ପରିବର୍ତ୍ତିତ ହୋଇ ଅନ୍ତଃସ୍ୱରରେ ଏକ ବିଶ୍ୱପ୍ରେମର ଐକ୍ୟସ୍ୱର ଶୁଭିଛି । ଯାହା ସମଗ୍ର ପୃଥିବୀରେ ମାନବିକତାର ବିକାଶ ପାଇଁ ଏକ ଶାନ୍ତିର ସୂତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଛି । ଯୁବକ ଉପେନ୍ଦ୍ରଙ୍କ ରାଜସିଂହାସନ ପ୍ରତି ଯେପରି ଆଗ୍ରହ ନଥିଲା ଠିକ୍ ସେହିପରି ଗୃହସ୍ଥ ଜୀବନଯାପନ ପାଇଁ ବିଶେଷ ଦୃଷ୍ଟି ନଥିଲା । ଉପେନ୍ଦ୍ରଙ୍କୁ ଉପଯୁକ୍ତ ବୟସ ହେବା ପର୍ଯ୍ୟନ୍ତ ତାଙ୍କର ପିତାମହ ଧନଞ୍ଜୟ ଭଞ୍ଜ ଜୀବିତ ଥିଲେ । ଯୁବରାଜ ଭାବରେ ପିତା ନୀଳକଣ୍ଠ ଭଞ୍ଜ ଥିଲେ । କ୍ଷମତାସମ୍ପନ୍ନା ମଣ୍ଡାଦେବୀ ତାଙ୍କୁ ଖୁବ୍ ସ୍ନେହ କରୁଥିଲେ । ଭଞ୍ଜ ବଂଶର ଯୋଗ୍ୟତମ ଦାୟାଦ ତଥା ରାଜସିଂହାସନର ସେ ଜଣେ ଶ୍ରେଷ୍ଠ ପ୍ରାର୍ଥୀ ଥିଲାବେଳେ ପ୍ରତିବେଶୀ ରାଜନ୍ୟବର୍ଗ ପ୍ରତିଭାସମ୍ପନ୍ନ କବି ଉପେନ୍ଦ୍ରଙ୍କୁ ନିଜର କନ୍ୟାଦାନ କରିବା ପାଇଁ ବିଶେଷ ଆଗ୍ରହୀ ଥିଲେ ।

ପିତାମହ ଧନଞ୍ଜୟ ଭଞ୍ଜ ପୌତ୍ର ଉପେନ୍ଦ୍ର ଭଞ୍ଜଙ୍କୁ ବୟଃପ୍ରାପ୍ତ ହୁଅନ୍ତେ ତାଙ୍କର ବିବାହ ପାଇଁ ଆୟୋଜନ କରିଥିଲେ । ଉପେନ୍ଦ୍ର ପ୍ରଥମେ ନୟାଗଡ଼ ରାଜା ବିନାୟକ ମାନଧାତାଙ୍କର କନ୍ୟାଙ୍କର ପାଣିଗ୍ରହଣ କରିଥିଲେ । ସେ ନୟାଗଡ଼ ରାଜାଙ୍କ ଠାରୁ ଯୌତୁକ ସ୍ୱରୂପ ମାଳିସାହି ଗ୍ରାମଟି ପାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ନୟାଗଡ଼ ରାଜଜେମା ଅକାଳରେ ମୃତ୍ୟୁବରଣ କଲେ । ଉପେନ୍ଦ୍ର ଭଞ୍ଜ ଏହି ପରମା ସୁନ୍ଦରୀ ପ୍ରଥମା ପତ୍ନୀଙ୍କର ଅକାଳ ବିୟୋଗରେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଲେ । ତେଣୁ ପିତା, ପତାମହ, ପିତାମହୀ ଉପେନ୍ଦ୍ରଙ୍କୁ ଅଧିକ ବିରହ ବ୍ୟଥାରେ ଘାରି ହେବାକୁ ନ ଦେଇ ଦ୍ୱିତୀୟ ଥର ପାଇଁ ବାଣପୁରର ତତ୍‌କାଳୀନ ରାଜା ଅଚ୍ୟୁତ ହରିଚନ୍ଦନ ରାୟଙ୍କ ଜ୍ୟେଷ୍ଠା କନ୍ୟାଙ୍କ ସହିତ ବିବାହ ଉତ୍ସବ ଅନୁଷ୍ଠିତ କରାଇଥିଲେ । ବାଣପୁର ରାଜଜେମା ଥିଲେ ଅତ୍ୟନ୍ତ ବିଦୁଷୀ, ପଣ୍ଡିତା, କାବ୍ୟରସ ବିନୋଦିନୀ ତଥା ପତିପରାୟଣା । ସେ ଉପେନ୍ଦ୍ରଙ୍କ ବିରହବ୍ୟଥିତ ମନକୁ ପୂର୍ଣ୍ଣତଃ ସତେଜ କରିଦେବା ସହିତ କାବ୍ୟିକ ପ୍ରାଣକୁ ଆହୁରି ରସସ୍ନିଗ୍ଧ କରି ଗଢ଼ି ତୋଳିଲେ । ସେ ଉପେନ୍ଦ୍ର ଭଞ୍ଜଙ୍କ ରଚିତ କାବ୍ୟ କବିତାଗୁଡ଼ିକୁ ବିଭିନ୍ନ ରାଗରାଗିଣୀ- ଦେଇ ଅତ୍ୟନ୍ତ ମଧୁର କଣ୍ଠରେ ଗାନ କରିପାରୁଥିଲେ ଏବଂ ତାଙ୍କୁ କାବ୍ୟ ରଚନା ପାଇଁ ଉତ୍ସାହିତ କରୁଥିଲେ । ଦ୍ୱିତୀୟା ପତ୍ନୀଙ୍କର ସ୍ନେହ, ମମତା, କାବ୍ୟରସିକତା ଉପେନ୍ଦ୍ରଙ୍କର ବିଶାଳ କାବ୍ୟ ସାମ୍ରାଜ୍ୟର କାବ୍ୟିକ ଦିଗନ୍ତକୁ ଆହୁରି ରସମୟ କରି ଗଢ଼ି ତୋଳିଲା । ତାଙ୍କର କାବ୍ୟିକ ସତ୍ତାର ଦୀପ୍ତିମୟ ସ୍ୱଚ୍ଛତା ବିଭିନ୍ନ କାବ୍ୟମାନଙ୍କରେ ଆହୁରି ସାର୍ଥକ ଭାବରେ ପ୍ରକାଶିତ ହେଲା ।

ଏହାର ମୂଳରେ କବିପତ୍ନୀଙ୍କର ଆନ୍ତରିକ ପ୍ରେରଣା ଲୁକ୍କାୟିତ ହୋଇ ରହିଛି, ତାହା ଏହି ପଦଗୁଡ଼ିକରୁ ସ୍ୱତଃ ବାରି ହୋଇପଡ଼େ । ତାଙ୍କର ଗାର୍ହସ୍ଥ୍ୟ ଜୀବନ ଏଭଳି ଜଣେ ବିଦୁଷୀ ଦିବ୍ୟ ସ୍ତ୍ରୀ ପାଇ ଅତ୍ୟନ୍ତ ମଧୁମୟ ହୋଇଉଠିଥିଲା । ତେଣୁ ସେ ଗାଇ ଉଠିଥିଲେ -

(କ) ''ସୁଖୀ ହୋଇଥିବେ ନୃପ ଉପଜୀବୀ ନୋହି / ବିଦ୍ୟା ଥିବ ଦିବ୍ୟ ସ୍ତିରୀ ମିଳିଥିବ ତହିଁ ଯେ ।'' (୩୩ ପଦ) [୭]

(ଖ) ''ଏ ପରମ ପଣ୍ଡିତା ମନକୁ ନାନାର୍ଥ ଆଣୁଛି । (୧୦ମ ପଦ) [୮]

ଉପେନ୍ଦ୍ର ଭଞ୍ଜ ଦ୍ୱିତୀୟ ପତ୍ନୀ ବାଣପୁର ରାଜଜେମାଙ୍କର ସ୍ନେହାନୁବନ୍ଧନରେ ବାନ୍ଧି ହୋଇ ପ୍ରଥମା ପତ୍ନୀଙ୍କର ଅକାଳ ବିୟୋଗଜନିତ ବିରହ ବ୍ୟଥା ଭୁଲିଯାଇଥିଲେ । ବାଣପୁର ରାଜଜେମା ଛାଇପରି ସ୍ୱାମୀଙ୍କ ପାଖେ ପାଖେ ରହୁଥିଲେ । କବି ଆଦର୍ଶ ଗୃହସ୍ଥ ଥିଲେ । ସେ ଅବୈଧ ତଥା ପରକୀୟା ପ୍ରୀତିକୁ ଘୃଣା ଚକ୍ଷୁରେ ଦେଖୁଥିଲେ । ବିଶେଷ ଭାବରେ ରାଜପରିବାରରେ ରାଜାମାନଙ୍କର ପରନାରୀ ପ୍ରତି ଆକର୍ଷଣ, ବହୁ ବିବାହ, ଅସଂଖ୍ୟ ଉପପତ୍ନୀ, ଦାସୀମାନଙ୍କର ଭିଡ଼ କେବଳ ରାଜପୁରୁଷମାନଙ୍କର ଲମ୍ପଟ ବୀଭତ୍ସ କାମନାରୁ ହିଁ ସୃଷ୍ଟି ହୋଇଥିଲା । ନିରୀହା କିଶୋରୀ ବାଳିକାଙ୍କଠାରୁ ଆରମ୍ଭ କରି ପ୍ରୌଢ଼ା ଯୁବତୀ ପର୍ଯ୍ୟନ୍ତ ବିଭିନ୍ନ ବୟସର ନାରୀମାନେ କେବଳ ରାଜାଙ୍କ ଦେହର ବାସନା ମେଣ୍ଟାଇବା ପାଇଁ ରାଜ

ଅନ୍ତଃପୁରମାନଙ୍କରେ ଅତ୍ୟନ୍ତ ଉପେକ୍ଷିତ ଭାବରେ ଜୀବନଯାପନ କରୁଥିଲେ । ପରକୀୟା ଯୌନ ଲାଳସାର ଏ କୁତ୍ସିତ ବୀଭତ୍ସତା ତଥା ତଦ୍‌ଜନିତ ସୃଷ୍ଟ ବିକାରଗ୍ରସ୍ତ ମାନସିକତା, ରକ୍ଷିତାମାନଙ୍କର ସନ୍ତାନମାନଙ୍କ ପ୍ରତି ସମାଜର ହେୟ ମନୋଭାବ ବାଲ୍ୟକାଳରୁ ଉପେନ୍ଦ୍ରଙ୍କ ମନରେ ଗଭୀର ରେଖାପାତ କରିଥିଲା ।

ତେଣୁ ସେ ପରକୀୟା ପ୍ରୀତିକୁ ଆକଣ୍ଠ ଘୃଣା କରିଛନ୍ତି । ଏହା ଅବୈଧ, ସର୍ବଥା ପରିତ୍ୟାଜ୍ୟ ବୋଲି ଗ୍ରହଣ କରି ଲାବଣ୍ୟବତୀରେ ଲେଖିଛନ୍ତି । ''ପରଦ୍ରବ୍ୟ ପରସ୍ତିରୀ ହରଣ କରିବାର ଅର୍ଥ ହେଲା ମୃତ୍ୟୁ ସହିତ ସମାନ ।''[୯] 'ରସପଞ୍ଚକ'ରେ ମଧ ସେ ଅନୁରୂପ ମତ 'ବେଶ୍ୟା' ପ୍ରସଙ୍ଗରେ ପ୍ରକାଶ କରିଛନ୍ତି । ଅବଶ୍ୟ ଗାର୍ହସ୍ଥ୍ୟ ଜୀବନରେ ସୁଖର ସମ୍ଭାବନା ଅଛି ଦୁଃଖର ମଧ୍ୟ ଆଶଙ୍କା ଅଛି । (Married life is either most happy or most miserable) କିନ୍ତୁ କବିଙ୍କର ଗାର୍ହସ୍ଥ୍ୟ ଜୀବନ ନିରବଚ୍ଛିନ୍ନ ଶାନ୍ତିରେ କଟିଲା ନାହିଁ । କବିଙ୍କର ଦ୍ୱିତୀୟା ପତ୍ନୀଙ୍କର ଅକାଳ ବିୟୋଗ ସମ୍ପର୍କରେ ଗୋଟିଏ ଜନଶ୍ରୁତି ଅଛି । ତାହା ହେଲା ଉପେନ୍ଦ୍ର ଭଞ୍ଜ କୁଲାଡ଼ଗଡ଼ରେ ବାସ କରୁଥିଲେ ହେଁ ବେଳେବେଳେ ସେ ପୂର୍ବୋକ୍ତ 'ଅନ୍ଧାରଗଡ଼'କୁ ବିଜେ କରୁଥିଲେ । କଳିଙ୍ଗା ଘାଟିର ପାଦଦେଶରେ ଅବସ୍ଥିତ 'ଅନ୍ଧାର କୋଟ'ର ପ୍ରାକୃତିକ ପରିବେଶ ଅତ୍ୟନ୍ତ ରମଣୀୟ ଦେଖାଯାଉଥିଲା । ଏହାର ଏକଦିଗରେ ସବୁଜିମାଭରା ବୃକ୍ଷରାଜି, ଅନ୍ୟଦିଗରେ ଅସଂଖ୍ୟ ପକ୍ଷୀକୁଳର ମଧୁର କୂଜନ, ଅନନ୍ତ ନିର୍ଝରିଣୀର କଳକଳ ନାଦ କବିଙ୍କୁ ଅପୂର୍ବ ଆନନ୍ଦ ଦେଉଥିଲା । ତେଣୁ ଏହି ମନଲୋଭା ପରିବେଶରେ ସେ ଦିନେ ଦିନେ ରହିଯାଉଥିଲେ । କିନ୍ତୁ ଦିନେ କ'ଣ ହେଲା ନା କବି ଉପେନ୍ଦ୍ର ନିର୍ଦ୍ଦିଷ୍ଟ ସମୟରେ ରାଜବାଟୀକୁ ଫେରିବା ପାଇଁ କହି ଆଉ ଫେରିଲେ ନାହିଁ । ବିଳମ୍ବର କାରଣ ଜାଣିବା ପାଇଁ ରାଜବାଟୀରୁ ଲୋକ ପଠାଗଲା । ଅନ୍ଧାର ଗଡ଼ର ପ୍ରଥମ ଦ୍ୱାର ନିକଟରେ ଲୋକଟି ଦେଖିଲା ହିଂସ୍ରଜନ୍ତୁ ଆକ୍ରମଣରେ ନିହତ କୌଣସି ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଖଣ୍ଡ ଖଣ୍ଡ ହୋଇ ବିକ୍ଷିପ୍ତ ଭାବରେ ପଡ଼ିଛି । ଚତୁର୍ଦ୍ଦିଗ ରକ୍ତାକ୍ତ ହୋଇଯାଇଛି ।

ଏ ସବୁ ଦେଖି ଲୋକଟି ଖୁବ୍ ଡ଼ରିଯାଇ କୁଲାଡ଼ ଫେରି ରାଣୀଙ୍କୁ ଏହି ଦୁର୍ଘଟଣା ସମ୍ପର୍କରେ ଜଣାଇଲା । କବି ପତ୍ନୀ ଏହି ଦୁଃସମ୍ବାଦ ଶୁଣି ସମ୍ଭାଳି ପାରିଲେ ନାହିଁ । ତାଙ୍କର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଗଲା ଏବଂ ସେ ତତ୍‌କ୍ଷଣାତ୍ ମୃତ୍ୟୁବରଣ କଲେ । ପ୍ରାଣସମା କାବ୍ୟାନୁରାଗୀ ପତ୍ନୀଙ୍କର ଅକାଳ ବିଚ୍ଛେଦରେ ପତ୍ନୀ ବିଧୂରା ଉପେନ୍ଦ୍ର ଭଞ୍ଜ ଏକ୍‌ବାରେ ଭାଙ୍ଗିପଡ଼ିଲେ । ପତ୍ନୀହରା ହୋଇ ସେ ନୟାଗଡ଼ ମାଳିସାହି ଗ୍ରାମରେ ଯାଇ କଷାୟବସ୍ତ୍ର ପରିଧାନ ପୂର୍ବକ ବୈରାଗ୍ୟ ଜୀବନ ଅତିବାହିତ କଲେ । ତାଙ୍କର ଏହି ଚରମ ଦୁଃଖରେ ଯେଉଁ ଉଚ୍ଚାଙ୍ଗ କବିତାର ସ୍ଫୁରଣ ହେଲା ତା'ର ଫଳଶ୍ରୁତି ହେଉଛି 'ପ୍ରେମସୁଧାନିଧି', 'ରସିକ ହାରାବଳୀ', 'ଲାବଣ୍ୟବତୀ', 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ଇତ୍ୟାଦି ଅନବଦ୍ୟ କାବ୍ୟ ଗ୍ରନ୍ଥ । ଏହା ସହିତ ପିତା ନୀଳକଣ୍ଠ ଭଞ୍ଜଙ୍କର ରାଜତ୍ୱର ସ୍ୱଳ୍ପତା, ବୈମାତୃକ ଭାଇମାନଙ୍କର କ୍ଷମତାଜନିତ ଷଡ଼ଯନ୍ତ୍ର, ପିତାଙ୍କର ଗାଦିଚ୍ୟୁତି, ନିଜର ରାଜ୍ୟ ଶାସନ ପ୍ରତି ଅନିଚ୍ଛା ପ୍ରଭୃତି

ତାଙ୍କର ଜୀବନକୁ ତଥା ଓଡ଼ିଆ ସାହିତ୍ୟକୁ ମଧ୍ୟ କେତେକାଂଶରେ ପ୍ରଭାବିତ କରିଥିଲା । ୧୭୦୩ ଖ୍ରୀ.ରେ ଉପେନ୍ଦ୍ର ଭଞ୍ଜଙ୍କ ପିତା ନୀଳକଣ୍ଠ ଭଞ୍ଜ ଘୁମୁସର ରାଜ୍ୟରୁ ବିତାଡ଼ିତ ହୋଇ ସକୁଟୁମ୍ବ ସେହି ନୟାଗଡ଼ର ମାଳିସାହି ଗ୍ରାମରେ ଯାଇ ପୁତ୍ର ଉପେନ୍ଦ୍ରଙ୍କ ସହିତ ରହିଥିଲେ । ଘନ ଭଞ୍ଜ ରଣ ଭଞ୍ଜଙ୍କୁ ବିତାଡ଼ିତ କରି ରାଜସିଂହାସନ ଆରୋହଣ କରି ଦୀର୍ଘ ୪୭ ବର୍ଷ ରାଜତ୍ୱ କରିଥିଲେ । ତାଙ୍କରି ରାଜତ୍ୱ ସମୟରେ ସେ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ସହୃଦୟତା ପ୍ରକାଶ କରୁଥିଲେ । ଏହାର କାରଣ ହେଲା, ଉପେନ୍ଦ୍ର ଭଞ୍ଜଙ୍କ ରାଜସିଂହାସନ ପ୍ରତି ଲାଳସା ନ ଥିବାରୁ ସଙ୍କଟଜନକ ପରିସ୍ଥିତିରେ ସେ ପିତା ନୀଳକଣ୍ଠଙ୍କୁ ସିଂହାସନ ରକ୍ଷା ପାଇଁ କୌଣସି ସହାୟତା ଦେଇ ପାରିନଥିଲେ ।

ତାଙ୍କର ଏକତୃତୀୟାଂଶ କାବ୍ୟ ସେ ଏହି ରାଜ୍ୟ ତ୍ୟାଗ ସମୟରେ ହିଁ ରଚନା କରିଥିଲେ । ଯାହାଫଳରେ ଘନଭଞ୍ଜ ଉପେନ୍ଦ୍ରଙ୍କୁ ତାଙ୍କ ଶାସନର କଣ୍ଟକ ବୋଲି ମନେ କରୁ ନଥିଲେ । ଅନେକ ସମୟରେ ଉପେନ୍ଦ୍ର ନୟାଗଡ଼ରୁ ଘୁମୁସର ଆସୁଥିଲେ ଏବଂ ରାଜପ୍ରାସାଦରେ ଦୀର୍ଘ ଦିନ ଧରି ଅବସ୍ଥାନ କରୁଥିଲେ । ଏହି ଅବସ୍ଥାନ କାଳରେ ସେ ଘନଭଞ୍ଜଙ୍କ ସହିତ ସାହିତ୍ୟିକ ଆଲୋଚନା କରୁଥିଲେ ଏବଂ ନିଜର ନୂତନ କାବ୍ୟ ପଢ଼ି ଶୁଣାଉଥିଲେ ।

ସ୍ତ୍ରୀ ବିୟୋଗ ବଡ଼ କଷ୍ଟଦାୟକ । ସେହିପରି ଜିତେନ୍ଦ୍ରିୟ ପୁରୁଷ ନହେଲେ ପତ୍ନୀ ବିରହ କଷ୍ଟ ସହ୍ୟ କରିବା ବଡ଼ ଦୁରୂହ । ତେଣୁ ସ୍ତ୍ରୀ ବିଚ୍ଛେଦ ଠାରୁ ଶିରଚ୍ଛେଦ ବା ମୁଣ୍ଡ କଟିଯିବା କିଛି ବଡ଼ କଥା ନୁହେଁ । ଶିରଚ୍ଛେଦ ହେଲେ ମନୁଷ୍ୟ ଇହଜଗତରୁ ଚିରଦିନ ପାଇଁ ବିଦାୟ ନିଏ; କିନ୍ତୁ ଯା'ର ସ୍ତ୍ରୀ ବିଚ୍ଛେଦ ହୋଇଥାଏ ତାକୁ ତିଳ ତିଳ କରି ଅହରହ ବିଚ୍ଛେଦ ଯନ୍ତ୍ରଣା ଭୋଗ କରିବାକୁ ହୋଇଥାଏ । ବିଚ୍ଛେଦ ଯନ୍ତ୍ରଣା ସହଜରେ ଭୁଲି ହୁଏ ନାହିଁ । ଉପେନ୍ଦ୍ର ଭଞ୍ଜ ଜୀବନରେ ଦୁଇଟି ସ୍ତ୍ରୀ ବିବାହ କରିଥିଲେ ମଧ୍ୟ ସ୍ତ୍ରୀମାନଙ୍କର ଅକାଳ ବିୟୋଗ ଯୋଗୁଁ ସାରାଜୀବନ ବିରହ ଜ୍ୱାଳାରେ ଜଳି ପୋଡ଼ି ଅସହ୍ୟ ଯନ୍ତ୍ରଣାରେ ଜୀବନ ଅତିବାହିତ କରିଥିଲେ ।

## ଉପେନ୍ଦ୍ରଙ୍କର କାବ୍ୟକୃତି :

ଖୁବ୍ କମ୍ ସମୟ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଏତେ ସଂଖ୍ୟକ କାବ୍ୟ କବିତା ଯେ ଲେଖିଥିଲେ ତାହା ହିଁ ବିସ୍ମୟ ସୃଷ୍ଟି କରେ । ଏଭଳି ଦୁର୍ଲ୍ଲଭ କବିତ୍ୱର ଅଧିକାରୀ କ୍ୱଚିଦ୍ କବିଙ୍କ ଭାଗ୍ୟରେ ଘଟିଥାଏ । ସେ ତାଙ୍କର ଏକ ବିରଳ ଗ୍ରନ୍ଥ 'ଚିତ୍ର କାବ୍ୟ ବନ୍ଧୋଦୟ'ରେ ନିଜର କାବ୍ୟକୃତିର ଏକ ସମ୍ୟକ ରୂପ ପ୍ରଦାନ କରିଛନ୍ତି । ଅବଶ୍ୟ ପ୍ରାଚୀନ ଆଳଙ୍କାରିକମାନେ ଚିତ୍ରକାବ୍ୟକୁ କବିମାନଙ୍କର ପାଣ୍ଡିତ୍ୟର ପରିଚୟ ସ୍ୱରୂପ ଗ୍ରହଣ କରି ଆସିଛନ୍ତି । ଏଥିରେ ଶବ୍ଦଜ୍ଞାନ ସହିତ ଶବ୍ଦ ଗଠନ କୌଶଳ ଜଡ଼ିତଥିବାରୁ ବହୁ କବି ଏ କ୍ଷେତ୍ରରେ ବିଚରଣ କରିନାହାନ୍ତି । କବିତା ଗୌରବ ଦୃଷ୍ଟିରେ ଚିତ୍ର କବିତାର ସ୍ଥାନ ସେତେ ଉଚ୍ଚରେ ନଥିବାରୁ ଏହା

ବହୁ କବିଙ୍କ ଦ୍ୱାରା ବର୍ଜିତ ହୋଇଛି । କିନ୍ତୁ କେତେକ କବି ସ୍ୱପ୍ରତିଭାର ବ୍ୟାପକତା ପ୍ରକାଶ କରିବା ନିମନ୍ତେ କାବ୍ୟ କବିତାର ସବୁ ବିଭାବରେ ହସ୍ତ ଚାଳନା କରିଛନ୍ତି । ଓଡ଼ିଆ ସାହିତ୍ୟର ରୀତି ଯୁଗୀୟ କବିମାନଙ୍କ ମଧ୍ୟରେ କେବଳ ଧନଞ୍ଜୟ ଭଞ୍ଜ ଚିତ୍ରକବିତା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । ଏସବୁ ଦୃଷ୍ଟିରୁ ଉପେନ୍ଦ୍ର ଭଞ୍ଜ ହିଁ ଶ୍ରେଷ୍ଠ ଓ ଆଦର୍ଶ ସ୍ଥାନୀୟ ହୋଇ ରହିଛନ୍ତି । ଉପେନ୍ଦ୍ରଙ୍କ ପୂର୍ବରୁ ଚିତ୍ର କବିତା ବିଦ୍ୟମାନ ଥିବା ଜଣା ଯାଇ ନାହିଁ । କିନ୍ତୁ ତାଙ୍କ ପରବର୍ତ୍ତୀ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି ବିଶିଷ୍ଟ କବିମାନେ ଚିତ୍ର କବିତା ରଚନା କରିଛନ୍ତି । ଚିତ୍ରକାବ୍ୟ କବିତା କ୍ଷେତ୍ରରେ 'ଚିତ୍ରକାବ୍ୟ ବନ୍ଧୋଦୟ' ହିଁ ଶ୍ରେଷ୍ଠ ଓ ଆଦର୍ଶ ରୂପେ ସମ୍ମାନ ଲାଭ କରି ଆସୁଛି । "ଅଶେଷ ଚଉତିଶା ଚଉପଦୀ / କେତେ ଯେ କହିବି ସମ୍ପାଦି / ଗାହା ଦୋହା ଷୋଡ଼ଶେନ୍ଦୁ ଛପୋଇ / ଇତ୍ୟାଦି କବିତା ଗଣନା ନାହିଁ / ରସକୃଷ୍ଟ ବିଷୟ ଯେତେ ଗ୍ରନ୍ଥ / ଚିତ୍ତୋଇ ତହୁଁ କିଛି ଲେଖ ଏଥୁଁ / ପୁରାଣ ଛାଇ କଳ୍ପନା ମାଧୁରୀ / ଚାରୁ ଚିତ୍ରଲେଖା ହେମ ମଞ୍ଜରୀ / ରସ ଲେଖା କାମକଳା ରଚିତ / ମନୋରମ ପ୍ରେମଲତା ସୁଗୀତ / ଭାବବତୀ ମୁକ୍ତାବତୀ ପ୍ରମାଣ / ବରଜଲୀଳା ଯେ ଛାନ୍ଦଭୂଷଣ / ଷଡ଼ରତୁ କଳା କଉତୁକର / କି ନିୟମ ସଦ୍ୟ ସୁଭଦ୍ରା ସାର / ବୈଦେହୀଶ ବିଳାସ ସେହି କାବ୍ୟ / ପ୍ରସିଦ୍ଧ ଅବନା ଦ୍ୱାଦଶ ଛନ୍ଦ / ରାମଲୀଳାମୃତ ଶେଷ ଚରିତ / ପ୍ରେମସୁଧାନିଧି ଯମକେସ୍ଥିତ / ରସିକ ହାରାବଳୀ ନାମେ ଗୀତ / କୁଞ୍ଜ ବିହାରାଦି ଶ୍ୟାମ ଚରିତ / ଅଳଙ୍କାର ରୀତି ରସପଞ୍ଚକ / ଲାବଣ୍ୟବତୀ ରସିକତୋଷକ / ପୁରୁଷୋତ୍ତମ ମାହାତ୍ମ୍ୟ ରଚନା / ନାନାକୋଷ ଶବ୍ଦେ ଗୀତାଭିଧାନ / ଛାନ୍ଦ କୋଟି ତାରା ଚନ୍ଦ୍ରମା ପରି / ଯା ନାମ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ / ତ୍ରୈଲୋକ୍ୟ ମୋହିନୀ ଆଦି ଯେ ଗୀତ / ନିର୍ମିତ ଛାନ୍ଦପୋଥି ପାଞ୍ଚସତ ।"(୧୦)

ଅବଶ୍ୟ କବି ନିଜ ଗ୍ରନ୍ଥ ସମୂହର ସୂଚୀ ୨୩ ଖଣ୍ଡ ବୋଲି ଦେଇଥିଲେ ହେଁ ଗ୍ରନ୍ଥର ସଂଖ୍ୟା ୭୩ ଖଣ୍ଡ ବୋଲି ସଂଗୃହୀତ ମତମାନଙ୍କରୁ ଜଣାପଡ଼େ । ପ୍ରକାଶିତ ବହି ସଂଖ୍ୟା କେବଳ ୨୦ ଖଣ୍ଡ ଯଥା : ଲାବଣ୍ୟବତୀ, ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି, ରସିକ ହାରାବଳୀ, ରସଲେଖା, ରସପଞ୍ଚକ, ରାମଲୀଳାମୃତ, ଛାନ୍ଦଭୂଷଣ, ଚୌପଦୀ ଚନ୍ଦ୍ର, ଚୌପଦୀ ଭୂଷଣ, ଚିତ୍ରକାବ୍ୟ ବନ୍ଧୋଦୟ, କଳାକଉତୁକ, ସୁଭଦ୍ରା ପରିଣୟ, ସୁବର୍ଣ୍ଣରେଖା, ଅବନାରସତରଙ୍ଗ, ବଜାରବୋଲି, ଯମକରାଜ ଚଉତିଶା, ଗୀତାଭିଧାନ, ଦଶପୋଇ ।

## ଅପ୍ରକାଶିତ ଗ୍ରନ୍ଥ :

ତ୍ରୈଲୋକ୍ୟ ମୋହିନୀ, ହାସ୍ୟାର୍ଣ୍ଣବ, କଟପାୟା, ମୁକ୍ତାବତୀ, ବ୍ରଜଲୀଳା, ଚନ୍ଦ୍ରକଳା, ସଙ୍ଗୀତ କୌମୁଦୀ, ଶୋଭାବତୀ, କଳାବତୀ, ରସମଞ୍ଜରୀ, ବାରମାସୀ, ଇଚ୍ଛାବତୀ, ଦୁର୍ଗାସ୍ତୁତି, ନୀଳାଦ୍ରୀଶ ଚଉତିଶା, ଶ୍ରୀକୃଷ୍ଣ ବିହାର, ଲତା, ଗଜ ନିସ୍ତାରଣ, କାମକଳା, କୁଞ୍ଜ

ବିହାର, ଗରୁଡ଼ ଗୀତ, କଳାକଣ୍ଟକ, ହେମମଞ୍ଜରୀ, ଚିତ୍ରଲେଖା, ପ୍ରେମଲତା, ମନୋରମା, ଷଡ଼ରତୁ, ରାହାସଲୀଳା, ପୁରୁଷୋତ୍ତମ ମାହାତ୍ମ୍ୟ, ଶଶିରେଖା, ଭାବବତୀ, ଚନ୍ଦ୍ରରେଖା, ଛତିଶରାସ, ପଞ୍ଚସାୟକ, ଛପୋଇ, ନଅପୋଇ, ବାରପୋଇ, ବିଚିତ୍ର ତରଙ୍ଗିଣୀ, କଳ୍ପିତ କଳ୍ପରେଖା ଇତ୍ୟାଦି ।[୧୧]

ଯାଗାଗ୍ନି, ପଶାନାଶ ସମ୍ବନ୍ଧରେ ଉପେନ୍ଦ୍ର ଭଞ୍ଜଙ୍କର କେତେକ ଖଣ୍ଡ କବିତା ମଧ୍ୟ ସଂଗୃହୀତ ହୋଇଛି । ଅପ୍ରକାଶିତ ୨୨ ଖଣ୍ଡ ବହିର ସମ୍ୟକ ପରିଚୟ ଏହିଭଳି ଭାବରେ ଦିଆଯାଉଛି - 'ଶୋଭାବତୀ', 'ଇଚ୍ଛାବତୀ', 'ମୁକ୍ତାବତୀ', 'କଳାବତୀ', 'ଭାବବତୀ' ଏହି ପାଞ୍ଚଖଣ୍ଡ ବହିରେ ସ୍ୱନାମଧନ୍ୟା ରାଜକନ୍ୟାଙ୍କର ବାଲ୍ୟ ଠାରୁ ଯୌବନଲୀଳା ବର୍ଣ୍ଣନା କରାଯାଇଛି । ଭାବବତୀ, ଚନ୍ଦ୍ରକଳା, ହେମମଞ୍ଜରୀ, କାମକଳା, ମନୋରମା, ପ୍ରେମଲତା, ଶଶିରେଖା, ତ୍ରୈଲୋକ୍ୟ ମୋହିନୀ କ୍ଷୁଦ୍ର କାବ୍ୟ ଭାବରେ ଗଣ୍ୟ । 'ଷଡ଼ରତୁ' କାଳିଦାସଙ୍କ ଋତୁସଂହାର ଅବଲମ୍ବନରେ ଲିଖିତ ହୋଇଛି । 'ଗାହା ଦୋହା' ନୀତିବ୍ୟଞ୍ଜକ କାହାଣୀରେ ଯାଏ । 'ରସମଞ୍ଜରୀ' ଛନ୍ଦ ନିୟମାବଳୀ ବିଷୟକ ପଦ୍ୟଗ୍ରନ୍ଥ । 'ସଙ୍ଗୀତ କୌମୁଦୀ', 'ପୁରୁଷୋତ୍ତମ ମାହାତ୍ମ୍ୟ' ନାମରୁ ବିଷୟର ସ୍ପଷ୍ଟ ସୂଚନା ମିଳିଥାଏ ବୋଲି ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ବିବୃତିରୁ ଜଣାଯାଏ ।

## ଉପେନ୍ଦ୍ର ଭଞ୍ଜଙ୍କର ବିଭିନ୍ନ ଗ୍ରନ୍ଥ ସମ୍ପର୍କରେ ବିଭିନ୍ନ ଐତିହାସିକ, ସମାଲୋଚକଙ୍କର ମତ :

ଖ୍ରୀ: ୧୮୪୬ ରେ ଷ୍ଟର୍ଲିଂଙ୍କର 'ଓଡ଼ିଶା' ପ୍ରକାଶ ପାଇଥିଲେ ହେଁ ସେଥିରେ ଉପେନ୍ଦ୍ର ଭଞ୍ଜଙ୍କର କୌଣସି ଗ୍ରନ୍ଥର ନାମ ସୁଦ୍ଧା ଉଲ୍ଲେଖ ହୋଇନାହିଁ । ସେ କହନ୍ତି -''I knew of no original composition desrsing my notice in the language of Orissa, Kanchi Kaveri Pothi'' ସେ କେବଳ କାଞ୍ଚୀକାବେରୀ ପୋଥିର ନାମ ଉଦ୍ଧୃତ କରିଥିଲେ । ଅବଶ୍ୟ ତାଙ୍କର ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ହୁଏତ ଶୁଣିବା ପରେ ଭଞ୍ଜଙ୍କର ତିନିଖଣ୍ଡ ଗ୍ରନ୍ଥ ବୈଦେହୀଶ ବିଳାସ, ରସମଞ୍ଜରୀ, ରସପଞ୍ଚକର ନାମ ଉଲ୍ଲେଖ କରିଛନ୍ତି । ଆଉ ଯେ ଅସଂଖ୍ୟ ରଚନା ଭଞ୍ଜଙ୍କର ଥିଲା ତାହାର ବିବରଣୀ ଷ୍ଟର୍ଲିଂ ପାଇବାର ସୁଯୋଗ ହୁଏତ ପାଇନଥିଲେ ବୋଲି ମନେହୁଏ । ଖ୍ରୀ: ୧୮୭୨ ହଣ୍ଟର୍ ସାହେବ ଭଞ୍ଜଙ୍କର ୪୪ ଖଣ୍ଡ ବହିର ନାମ ପ୍ରକାଶ କରି ପାରିଛନ୍ତି । 'ବସନ୍ତୀଶ' ନାମକ ଖଣ୍ଡେ ବହି ସେଥିରେ ସ୍ଥାନ ପାଇଥିଲା । କିନ୍ତୁ ଦୁଃଖର ବିଷୟ ଏହି ଯେ ଆଜି ସୁଦ୍ଧା ସେହି ବହି ଖଣ୍ଡିକ କେହି ସଂଗ୍ରହ କରିନାହାନ୍ତି କିମ୍ବା ପରବର୍ତ୍ତୀ ସମାଲୋଚକମାନେ ବହିଟିକୁ ତାଲିକାଭୁକ୍ତ କରି ନାହାନ୍ତି । ଖ୍ରୀ : ୧୯୦୪ ରେ ଉତ୍କଳ ଗୌରବ ମଧୁସୂଦନ ଦାସ ''ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ'' ରେ ଭଞ୍ଜଙ୍କର ଗ୍ରନ୍ଥଗୁଡ଼ିକର ନାମ ଦେଇଛନ୍ତି ସତ କିନ୍ତୁ ସେଥିରେ ହଣ୍ଟର୍‌ଙ୍କ ପ୍ରଦତ୍ତ ତାଲିକାର ଅବିକଳ ନକଲ ଗ୍ରହଣ କରାଯାଇଛି । ଖ୍ରୀ : ୧୯୧୪ରେ ପ୍ରସିଦ୍ଧ ପ୍ରାବନ୍ଧିକ

ସମାଲୋଚକ ଶ୍ରୀ ତାରିଣୀଚରଣ ରଥଙ୍କ 'ଉତ୍କଳ ସାହିତ୍ୟ'ର ଇତିହାସରେ ପ୍ରକାଶିତ ଓ ଅପ୍ରକାଶିତ ୪୨ ଖଣ୍ଡ ବହିର ନାମ ଉଲ୍ଲେଖ କରିଛନ୍ତି ।

ହଣ୍ଟର ପୂର୍ବରୁ ଦେଇଥିବା 'ବସନ୍ତୀଶ' ବହିର ନାମ କିନ୍ତୁ ଶ୍ରୀ ରଥଙ୍କର ତାଲିକାରେ ସ୍ଥାନ ପାଇନାହିଁ । ଖ୍ରୀ: ୧୯୨୯ ରେ ପ୍ରକାଶିତ 'ପ୍ରାଚୀନ ଉତ୍କଳ'ରେ ଶ୍ରୀ ଜଗବନ୍ଧୁ ସିଂହ ୩୫ ଖଣ୍ଡ ବହିର ନାମ ଦେଇଛନ୍ତି । ସେଥିରେ 'ହାସ୍ୟାର୍ଣ୍ଣବ' ଓ 'କଟପାୟା' ନାମକ ଦୁଇଟି ନୂଆବହିର ନାମ ମଧ୍ୟ ଉଲ୍ଲେଖ ରହିଛି । ଖ୍ରୀ: ୧୯୨୩ ରେ ଶ୍ରୀ ବିଜୟ ଚନ୍ଦ୍ର ମଜୁମଦାର ଭଞ୍ଜଙ୍କର ୪୨ଟି ଗ୍ରନ୍ଥର ନାମ ଦେଇଛନ୍ତି । ତାହା ହଣ୍ଟରଙ୍କ ତାଲିକା ସହିତ ସମାନ ।[୧୨] ଖ୍ରୀ: ୧୯୨୮ ରେ ପ୍ରକାଶିତ 'ଓଡ଼ିଆ ସାହିତ୍ୟର ଇତିହାସ' ରେ ଶ୍ରୀ ବିନାୟକ ମିଶ୍ରଙ୍କ ତାଲିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭଞ୍ଜନଗରର ଭଞ୍ଜ ସାହିତ୍ୟ ପରିଷଦର ମୁଖପତ୍ର 'ବହିତ୍ର' ରେ ପ୍ରକାଶିତ ଗ୍ରନ୍ଥ ସଂଖ୍ୟା ୬୮ କରିଛନ୍ତି । ୬୮ + ଅନୁଲିଖିତ ୫ ମିଶିଲେ ଭଞ୍ଜଙ୍କର ଗ୍ରନ୍ଥ ସଂଖ୍ୟା ହୁଏ ୭୩ । ଉପେନ୍ଦ୍ର ଭଞ୍ଜଙ୍କର ରଚନାବଳୀକୁ ମୁଖ୍ୟତଃ ୫ ଭାଗରେ ବିଭକ୍ତ କରାଯାଇପାରେ ।

**୧. ଗୀତିକା :** 'ଛପୋଇ', 'ଗାହା', 'ଦୋହା', 'ନୀଳାଦ୍ରୀଶ ଚଉତିଶା', 'ଚଉପଦୀ ଭୂଷଣ', 'ଚଉପଦୀ ଚନ୍ଦ୍ର', 'ସଙ୍ଗୀତ' ।

**୨. ପୌରାଣିକ କାବ୍ୟ :** 'ସୁଭଦ୍ରାପରିଣୟ', 'ଅବନା ରସତରଙ୍ଗ', 'ବ୍ରଜଲୀଳା', 'ରାମଲୀଳାମୃତ', 'କୁଞ୍ଜବିହାର', 'ରାସଲୀଳା', 'କଳାକଉତୁକ', 'ବୈଦେହୀଶ ବିଳାସ' ।

**୩. କାଳ୍ପନିକ କାବ୍ୟ :** 'ହେମମଞ୍ଜରୀ', 'ଚିତ୍ରଲେଖା', 'ଲାବଣ୍ୟବତୀ', 'ରସଲେଖା', 'ସୁବର୍ଣ୍ଣରେଖା', 'କାମକଳା', 'ମନୋରମା', 'ପ୍ରେମଲତା', 'ଭାବବତୀ', 'ମୁକ୍ତାବତୀ', 'ପ୍ରେମସୁଧାନିଧି', 'ରସିକହାରାବଳୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ତ୍ରୈଲୋକ୍ୟ ମୋହିନୀ', 'ଚନ୍ଦ୍ରକଳା', 'ଇନ୍ଦ୍ରାବତୀ', 'କଳାବତୀ', 'ଶଶିରେଖା', 'ଶୋଭାବତୀ', 'ରସମଞ୍ଜରୀ' ।

**୪. ଆଳଙ୍କାରିକ କାବ୍ୟ :** 'ଛାନ୍ଦ ଭୂଷଣ', 'ଚିତ୍ରକାବ୍ୟ ବନ୍ଧୋଦୟ', 'ରସପଞ୍ଚକ' ।

**୫. ବିବଧ ରଚନା :** 'ଷଡଋତୁ', 'ଗୀତାଭିଧାନ', 'ପୁରୁଷୋତ୍ତମ ମାହାତ୍ମ୍ୟ' ।

କବିଙ୍କ କାଳ୍ପନିକ କାବ୍ୟର ସଂଖ୍ୟା ଅଧିକ ବୋଲି ଜଣାଯାଏ । ଧନଞ୍ଜୟ, ଦୀନକୃଷ୍ଣ, ତ୍ରିବିକ୍ରମ, ବୃନ୍ଦାବତୀ ଦାସୀ ପ୍ରଭୃତି ପୂର୍ବବର୍ତ୍ତୀ କବିମାନଙ୍କ ଦ୍ୱାରା ଅନେକ ପ୍ରକାର ରଚନା ଭିନ୍ନ ଭିନ୍ନ ବୃତ୍ତ, ଶୈଳୀ, ଅକ୍ଷର, ନିୟମ ଓ ଅଳଙ୍କାର ସମ୍ଭାର ସହିତ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ପ୍ରବର୍ତ୍ତିତ ହୋଇଥିଲେ ସୁଦ୍ଧା ଅଷ୍ଟାଦଶ ଶତାବ୍ଦୀରେ ତାହା ଉପେନ୍ଦ୍ର ଭଞ୍ଜଙ୍କ ଲେଖନୀରେ ପୂର୍ଣ୍ଣ ରୂପେ ବିକାଶ ଲାଭ କରିଛି । କବିଙ୍କର ଶ୍ରେଷ୍ଠତ୍ୱ ତଥା କବି ପ୍ରତିଭାର ଅସାଧାରଣ ଅନନ୍ୟତ୍ୱ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ

ସୁନ୍ଦରୀ'ରେ ପ୍ରତିପାଦିତ ହୋଇଛି । ଭଞ୍ଜବଂଶ ସମ୍ପର୍କୀୟ 'ତାମ୍ର ଫଳକ' ସଂପାଦନା ଡ଼ଃ. ନଗେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ପୁସ୍ତକରେ 'ଲାବଣ୍ୟବତୀ'ର ମୂଳନାମ ପ୍ରେରଣା ସେଥିରୁ ମିଳୁଛି । ଭଞ୍ଜବଂଶର ତୃତୀୟ ରାଣୀଙ୍କ ନାମ ଥିଲା 'ଲାବଣ୍ୟବତୀ' । ସେହି ନାମରୁ ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ' କାବ୍ୟରେ ନାମକରଣ ପାଇଁ ଉତ୍ସାହ ପାଇଥିଲେ । କାବ୍ୟ ରଚନା କରିବାର ଉତ୍ସାହ ସେ ଧନଞ୍ଜୟ ଭଞ୍ଜଙ୍କ ଶ୍ୱଶୁର, ଶାଳକ ନୟାଗଡ଼ର ରାଜା ଗୋକୁଳ ନରେନ୍ଦ୍ର ମାନ୍ଧାତାଙ୍କର ରଚିତ 'କଳାବତୀ' କାବ୍ୟଠାରୁ ଲାଭ କରିଥିବା ସମ୍ଭବ ।

କବିଙ୍କର ଏହି ଅଲୌକିକ କବି ପ୍ରତିଭାର କୁହୁକ ସ୍ପର୍ଶରେ ଯେଉଁ ଖ୍ୟାତି ଦିଗ୍‌ବିଦିଗ ବ୍ୟାପି ଯାଇଥିଲା ସେଥିପାଇଁ ସେ ବହୁ ସମ୍ମାନ, ଉପାଧି, ପ୍ରଶଂସା ପାଇଥିଲେ । ତତ୍‌କାଳୀନ ଗଜପତି ମହାରାଜା ତାଙ୍କୁ ମହାସିଦ୍ଧ ପୁରୁଷ ମହାଯୋଗୀ ଓ ଉତ୍କଳର ଶ୍ରେଷ୍ଠ ମହାକବି ବୋଲି ସ୍ୱୀକାର କରି ତାଙ୍କ ମୁଣ୍ଡରେ ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗଲାଗି ଉତ୍ତରୀୟର ପଗଡ଼ି ବାନ୍ଧିଦେଇ ତାଙ୍କୁ ବିପୁଳ ସମ୍ମାନ ଦାନରେ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କୁ 'ବୀରବର' ଉପାଧି ମଧ୍ୟ ଦିଆଯାଇଥିଲା । କେତେକ ସମାଲୋଚକ ମତ ଦିଅନ୍ତି ତାଙ୍କ କବି ପ୍ରତିଭାରେ ମୁଗ୍ଧ ହୋଇ ନୂଆଗଡ଼ର ରାଜା ତାଙ୍କୁ 'ବୀରବର' ପଦବୀ ଦାନ କରି ତାଙ୍କ ପ୍ରତିଭାର ସମ୍ମାନ କରିଥିଲେ । ଅବଶ୍ୟ ଇଂରେଜ କବି କାର୍ଲାଇଲ୍ କବିଙ୍କୁ ବୀର ଶ୍ରେଣୀଭୁକ୍ତ କରିଛନ୍ତି । ଯେହେତୁ ଉପେନ୍ଦ୍ର ଭଞ୍ଜ କବିତ୍ୱର ଶ୍ରେଷ୍ଠ ବୀର ଥିବାରୁ ଏହି ବୀରବର ଉପାଧି ବ୍ୟବହାର କରିଛନ୍ତି । ରସିକ ହାରାବଳୀ, ସୁଭଦ୍ରାପରିଣୟ, ରସପଞ୍ଚକ, ପ୍ରେମସୁଧାନିଧି, ଗୀତାଭିଧାନ, ଚୌପଦୀଚନ୍ଦ୍ର, ଲାବଣ୍ୟବତୀ, ରାମଲୀଳାମୃତ, ସୁବର୍ଣ୍ଣରେଖା, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହୀଶ ବିଳାସ ପ୍ରଭୃତି ଗ୍ରନ୍ଥରେ ଏହି ବୀରବର ପଦବୀ ବ୍ୟବହୃତ ହୋଇଛି । ଏହା ସହିତ ତାଙ୍କୁ 'ମଙ୍ଗରାଜ' ଉପାଧିରେ ମଧ୍ୟ ଭୂଷିତ କରାଯାଇଥିଲା ବୋଲି ଭାବବତୀ , କୁଞ୍ଜବିହାର, ଚଉପଦୀ ଭୂଷଣ, ଯମରାଜ ଚଉତିଶା, ରସପଞ୍ଚକ ଓ ଚିତ୍ରକାବ୍ୟ ବନ୍ଧୋଦୟ ପ୍ରଭୃତି ଗ୍ରନ୍ଥରେ ଉଲ୍ଲେଖ ଅଛି । ଏତଦ୍‌ବ୍ୟତୀତ ତାଙ୍କର କେତେକ ରଚନାରେ 'କବିକୁଳ ଚନ୍ଦ୍ର' , 'କବି ଚକ୍ରବର୍ତ୍ତୀ', 'ସୁକବି' ବୋଲି ଭଣିତାମାନଙ୍କରେ ରହିଛି । ସଂସ୍କୃତ 'ରାଜମାଳିକା' ଗ୍ରନ୍ଥରେ ତାଙ୍କୁ 'ମହାକବି' ଓ 'ଭଞ୍ଜବଂଶାବଳୀ'ରେ 'ରାଜକବି' ଭାବରେ ସମ୍ମାନିତ କରାଯାଇଛି । ପ୍ରାଚୀନ ଉତ୍କଳର ଜଗବନ୍ଧୁ ସିଂହ ଉପେନ୍ଦ୍ର ଭଞ୍ଜଙ୍କୁ 'କବିସମ୍ରାଟ' ଆଖ୍ୟା ଦେଇଛନ୍ତି । ଉପେନ୍ଦ୍ର ତାଙ୍କର କାବ୍ୟମାନଙ୍କରେ ବାରମ୍ବାର ରସିକ ଓ କୋବିଦମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ମୂର୍ଖ ଓ ଖଳମାନଙ୍କୁ ଭର୍ତ୍ସନା କରିଛନ୍ତି ।

ଅସାଧାରଣ ପ୍ରତିଭାଧର ବହୁ ଶାସ୍ତ୍ରଦର୍ଶୀ ଉପେନ୍ଦ୍ରଙ୍କର ସଂସ୍କୃତ ଅଳଙ୍କାର ଶାସ୍ତ୍ର ଓ କୋଷ ଗ୍ରନ୍ଥଗୁଡ଼ିକରେ ଗଭୀର ପ୍ରବେଶ ଥିଲା । ତେଣୁ ତାଙ୍କର ବିଭିନ୍ନ କାବ୍ୟରେ ରୀତିକାବ୍ୟର ସମସ୍ତ ଲକ୍ଷଣ ସୁସ୍ପଷ୍ଟ ହୋଇ ରହିଛି । ପ୍ରତ୍ୟେକ କାବ୍ୟ ତାଙ୍କର ଅଲୌକିକ ପ୍ରତିଭାର ସାର୍ଥକ ପ୍ରତିଭୂ । ସେଥିପାଇଁ ସେ ତାଙ୍କର ରଚିତ କାବ୍ୟକୁ କେତେବେଳେ 'ନୈଷଧ ପରାୟେ' ଘେନିବା ପାଇଁ କହିଛନ୍ତି ତ ଅନ୍ୟ କେଉଁ କାବ୍ୟକୁ ମାଘ, ଭାରବୀ ଓ କାଳିଦାସଙ୍କ କାବ୍ୟଧାରା ସହିତ ସମକକ୍ଷ କରିଦେଇଛନ୍ତି । ପ୍ରତ୍ୟେକ କାବ୍ୟରେ ଅସଂଖ୍ୟ ଅଳଙ୍କାରର

ମନୋଜ୍ଞ ଚିତ୍ରଣ ହେଲେ ହେଁ ସେ ତଥାପି ଏକ ସ୍ୱତନ୍ତ୍ର ଗ୍ରନ୍ଥ ଏଥିପାଇଁ ରଚନା କରିଛନ୍ତି । ତେଣୁ ଯଥାର୍ଥରେ ଶବ୍ଦର ମହାସମୁଦ୍ରକୁ ପାର ହୋଇପାରିବାର ସାମର୍ଥ୍ୟ ତଥା ଗୌରବ କେବଳ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଥିଲା ତାହା ଆଦୌ ଅଯୌକ୍ତିକ ନୁହେଁ । ତେଣୁ ସେ ଗଭୀର ଆତ୍ମ ବିଶ୍ୱାସର ସହିତ ଲେଖିଥିଲେ, ''କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଭିଛି ଶବଦ ସାଗର ପାର ।'' କବି ଉପେନ୍ଦ୍ର ଭଞ୍ଜ ହିଁ ସର୍ବ ପ୍ରଥମେ ଓଡ଼ିଆ ଭାଷାରେ ରଚନା କଲେ ଗୀତର ପ୍ରଥମ ଅଭିଧାନ । ସେ ଯଥାର୍ଥରେ ଓଡ଼ିଶୀ ସଙ୍ଗୀତର ସମ୍ରାଟ । ମଧୁର ଲଳିତ ସାଙ୍ଗୀତିକ କବିତା ରଚନାର ମୁଖ୍ୟ ରୂପକାର ।

ଅନେକ ସମୟରେ ଦୋଷଦର୍ଶୀ ସମାଲୋଚକଙ୍କ ନିଷ୍ଠୁର ମନ୍ତବ୍ୟରେ କବି ଉପେନ୍ଦ୍ର ଭଞ୍ଜଙ୍କୁ କେବଳ 'ଦେହଜ ରତିକ୍ରୀଡ଼ାର ପ୍ରମୁଖ ବ୍ୟାଖ୍ୟାକାର' ଓ କାମଜ ପ୍ରବୃତ୍ତିର ନଗ୍ନ ଅଶ୍ଳୀଳ ବର୍ଣ୍ଣନାରେ ଭରପୂର ସାହିତ୍ୟ ବୋଲି ଅପବାଦ ଦିଆଯାଇଥିଲେହେଁ କବିଙ୍କର ନାୟକ ନାୟିକାମାନେ ଯେଉଁ ଦୈହିକ ସମ୍ଭୋଗଜନିତ କ୍ରିୟା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାହା ବାତ୍ସାୟନଙ୍କ କାମଶାସ୍ତ୍ର ଭଳି ଏକ ଉଚ୍ଚାଙ୍ଗ ଯୌନ ବିଜ୍ଞାନ ଗ୍ରନ୍ଥ ଦ୍ୱାରା ସତତ ପ୍ରଭାବିତ ଏବଂ ତାହାରି ଦୃଷ୍ଟାନ୍ତରେ ଭୁକ୍ତିମନ୍ତ । ସେ କେଉଁଠାରେ ହେଲେ ଦୈହିକ ସମ୍ଭୋଗ ଇଚ୍ଛାକୁ ବ୍ୟଭିଚାରଗ୍ରସ୍ତ କରେଇ ନାହାନ୍ତି କିମ୍ବା ବହୁନାରୀ, ବହୁପୁରୁଷ ସମ୍ଭୋଗ, ପରକୀୟା ପ୍ରୀତିକୁ ଆକଣ୍ଠ ଘୃଣା କରିଛନ୍ତି । ସ୍ୱକୀୟା ପ୍ରୀତି, ଦାମ୍ପତ୍ୟ ପ୍ରେମକୁ ଶ୍ରେଷ୍ଠ ମହତ୍ତ୍ୱ ପ୍ରଦାନ କରିଛନ୍ତି । ତେଣୁ ତାଙ୍କର ନାୟକ, ନାୟିକାଙ୍କ ମିଳନ ବିବାହ ପୂର୍ବରୁ ଆଦୌ ହୋଇନାହିଁ । ଶାସ୍ତ୍ରୋକ୍ତ ପରସ୍ପର ପ୍ରତି ଅନୁରାଗ, ପ୍ରେମ ସୃଷ୍ଟି ହେଲାପରେ ଏବଂ ବିଧିସମ୍ମତ ବିବାହ ହେଲାପରେ ଯାଇ ମିଳନ ସମ୍ଭବ ହୋଇଛି । ଦେହରୁ ଦେହାତୀତକୁ ଯାଇ ପ୍ରେମର ଦିବ୍ୟରୂପ ପ୍ରଦାନ କରିଛନ୍ତି ଏହି କାରଣରୁ ସେ ବାରମ୍ବାର 'ଦିବ୍ୟ ନାରୀ' ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସର୍ବୋପରି ଉପେନ୍ଦ୍ର କାମ ଓ ପ୍ରେମର କବି, ରୂପ ଓ ରୂପାତୀତର କବି, ଇନ୍ଦ୍ରିୟ ଓ ଇନ୍ଦ୍ରିୟାତୀତର କବି । ସେ ଶବ୍ଦ, ଅଳଙ୍କାର, ରୀତି, ରସ, ଗୁଣ, ଧ୍ୱନିର କବି, ସୌନ୍ଦର୍ଯ୍ୟର ମୂର୍ତ୍ତିକାର ।

ପୁରାଣ ଓ କଳ୍ପନାର ମିଶ୍ରରାଗ ତାଙ୍କ କାବ୍ୟଗୁଡ଼ିକୁ କରିଛି ମଧୁମୟ । ତାଙ୍କ କାବ୍ୟରେ ବାର୍ଦ୍ଧକ୍ୟ ନାହିଁ, ଜରା, ବ୍ୟାଧି, ମୃତ୍ୟୁ ନାହିଁ; ଅଛି ଜୀବନ, ଯୌବନ, ପ୍ରେମର ଅମନ୍ଦ ମନ୍ଦାକିନୀ । ତେଣୁ ତାଙ୍କର ନାୟକ ଧୀରୋଦାତ୍ତ, କନ୍ଦର୍ପ ଭଳି ସୁନ୍ଦର, ବଳିଷ୍ଠ, ଆଭିଜାତ୍ୟସମ୍ପନ୍ନ । ନାୟିକା ପରମ ରୂପସୀ, ବିଦୁଷୀ, ଚଉଷଠି କଳାରେ ନିପୁଣୀ ରସମୟୀ, ଲାବଣ୍ୟମୟୀ, କୋଟି ବ୍ରହ୍ମାଣ୍ଡର ରୂପକୁ ସୌନ୍ଦର୍ଯ୍ୟକୁ ତୁଚ୍ଛ କରୁଥିବା ଅନିନ୍ଦ୍ୟା ସୁନ୍ଦରୀ । ତା'ର ଅଙ୍ଗରୁ , ହସରୁ, କେଶରୁ ଝରିପଡ଼େ ଅଜସ୍ର ସୁଷମା ରାଜି । ତେଣୁ ଏଭଳି ଲାବଣ୍ୟମୟୀ ନାୟିକାର ମିଳନ ହେବ ଯେତେବେଳେ ତା' ପାଇଁ ସମସରି ଯୋଗ୍ୟ ବର କେବଳ ସେଭଳି ଆଭିଜାତ୍ୟସମ୍ପନ୍ନ ରାଜପରିବାର ରୁ ହିଁ ହୋଇପାରିବ ସିନା । ତେଣୁ ଏହି କାରଣରୁ ଉପେନ୍ଦ୍ରଙ୍କୁ ଯେତେ ବିରୋଧାଭାସ ଭିତରେ ତଉଲିଲେ ମଧ୍ୟ ସେ ହୋଇ ରହିଛନ୍ତି ଅସପତ୍ନର

କବିସମ୍ରାଟ । ନାରୀକୁ ସେ ଏକମାତ୍ର ଭୋଗ୍ୟବସ୍ତୁ ଭାବରେ ଗ୍ରହଣ କରିନାହାନ୍ତି ବରଂ ତା'ର ଦେହକୁ ବୈକୁଣ୍ଠପୁର ସହିତ ସମାନ କରିଦେଇଛନ୍ତି ଓ କହିଛନ୍ତି -''ହୀରାଲୀଳା ମୁକ୍ତା ମାଣିକ୍ୟ ବିଦ୍ରୁମର / ମୂଲ୍ୟ ଅଛି, ମୂଲ୍ୟ ନାହିଁ ନାରୀ ରତନର ।'' ଏକନିଷ୍ଠ ଦାମ୍ପତ୍ୟ ପ୍ରେମର ସେ ହେଉଛନ୍ତି ମୁଗ୍ଧ ଉପାସକ । ନିଜର ବ୍ୟକ୍ତିଗତ ଜୀବନରେ ଦୁଇଜଣ ପ୍ରିୟତମା ପତ୍ନୀଙ୍କୁ ହରାଇବାର ଗଭୀର ଦୁଃଖ ତାଙ୍କର କାବ୍ୟମାନଙ୍କରେ ନିଜ ହୃଦୟର ଅନ୍ତଃସ୍ୱରକୁ ଯେମିତି ପ୍ରକାଶ କରି ଦେଇଛି । ତେଣୁ 'ରସିକ ହାରାବଳୀ' କାବ୍ୟରେ ତାଙ୍କ ପତ୍ନୀ ବିଧୁର ବ୍ୟଥାତୁର ପ୍ରାଣର ଅଭିବ୍ୟକ୍ତି ଝରିପଡ଼ିଛି -''ରାଜାଙ୍କୁ ହେବାର୍ ରାଜ୍ୟ ନଷ୍ଟ/ ଯୁବାକୁ ହେବାର ପତ୍ନୀକଷ୍ଟ / କହେ ଉପଇନ୍ଦ୍ର ଭଞ୍ଜବୀରବର / ଏଥୁଁ ବଳି ଆଉ ନାହିଁ କଷ୍ଟ ।''

## ଉପେନ୍ଦ୍ରଙ୍କ କାବ୍ୟ କବିତାର ସ୍ୱରୂପ :

ଛନ୍ଦୋବଦ୍ଧ ପଦାବଳୀକୁ ପଦ୍ୟ କୁହାଯାଏ । ବିଶିଷ୍ଟ କବି ଜନ୍‌ସନ୍‌ଙ୍କ ମତରେ କବିତା ହେଉଛି ଛନ୍ଦୋବଦ୍ଧ ବିଶିଷ୍ଟ ରଚନା । ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କ ମତରେ ନୈସର୍ଗିକ ପ୍ରେରଣା, ମୂର୍ଚ୍ଛନା ସମ୍ବଳିତ ଭାବଭାଷାର ନାମ କବିତା ।'' ଆଉ କେହି କେହି କହନ୍ତି, ''Poetry is music first meaning afterwards.'' କବିତା ପ୍ରଥମେ ସଙ୍ଗୀତମୟ ହେବା ଆବଶ୍ୟକ, ପରେ ଅର୍ଥ । ପୋପ୍‌ଙ୍କ ମତରେ ''ସୌନ୍ଦର୍ଯ୍ୟର ସମସ୍ତ ଉପାଦାନର ଚିତ୍ତାକର୍ଷକ ରୀତିରେ ଏକତ୍ରୀକରଣ ହିଁ କବିତା ।''(୧୩)

ମହାକାବ୍ୟର ବିଶେଷ ଲକ୍ଷଣଗୁଡ଼ିକ ତାଙ୍କର 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ' ଓ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ'ରେ ସଂପୂର୍ଣ୍ଣ ଭାବରେ ରହିଛି । ମହାକାବ୍ୟର ଲକ୍ଷଣ ହେଲା ପ୍ରତିପାଦ୍ୟ ବିଷୟର ଏକତ୍ୱ ଅର୍ଥାତ୍ ବର୍ଣ୍ଣିତ ଘଟଣାଗୁଡ଼ିକର ଏକତ୍ୱ ପ୍ରକାଶ କରି ଗୋଟିଏମାତ୍ର ଉଦ୍ଦେଶ୍ୟ ସାଧିତ କରିବା । ମହତ୍ତ୍ୱ, ଉପାଦେୟତ୍ୱ ସହିତ ଅସାଧାରଣ ବୈଚିତ୍ର୍ୟମୟୀ ବର୍ଣ୍ଣନାକୌଶଳ ମହାକାବ୍ୟର ଏକ ପ୍ରଧାନ ବିଶେଷତ୍ୱ ବୋଲି ଗ୍ରୀସ୍ ଦାର୍ଶନିକ ଆରିଷ୍ଟୋଟଲ୍ ନିରୂପଣ କରିଛନ୍ତି । ଆଚାର୍ଯ୍ୟ ଦଣ୍ଡୀଙ୍କ ମତରେ ମହାକାବ୍ୟର ଆରମ୍ଭରେ ବିଘ୍ନାପହରଣ ନିମିତ୍ତ ପ୍ରଭୁଙ୍କ ପ୍ରତି ନମସ୍କ୍ରିୟା, ମଙ୍ଗଳାଚରଣ ଓ ବସ୍ତୁ ନିର୍ଦ୍ଦେଶ, ବିଭିନ୍ନ ବୃତ୍ତ, ଅନ୍ୟୂନ ତ୍ରିଂଶ ସର୍ଗ ସମ୍ବଳିତ ହେବା ବିଧେୟ । ଏହି ସମସ୍ତ ମହାକାବ୍ୟ ଲକ୍ଷଣ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', 'କୋଟିବ୍ରହ୍ମାଣ୍ଡସୁନ୍ଦରୀ'ରେ ଦେଖାଯାଏ । କାବ୍ୟର ପ୍ରାରମ୍ଭରେ ମଙ୍ଗଳାଚରଣ ରହିଛି । ବିଷ୍ଣୁ, ସୂର୍ଯ୍ୟ, ରାମଚନ୍ଦ୍ର, ଜଗନ୍ନାଥ ପ୍ରମୁଖ ଦେବତାଙ୍କର ସ୍ତବ ପ୍ରଦତ୍ତ ହୋଇଛି । କାବ୍ୟର ନାୟକ ଧୀରୋଦାତ୍ତ ଗୁଣର ଅଧିକାରୀ । ପ୍ରତ୍ୟେକ କାବ୍ୟରେ ବନ, ଉପବନ, ସରୋବର, ନଦୀ, ପର୍ବତ, ନଗର, ନଗରୀ, ଷଡ଼ଋତୁ, ପ୍ରଦୋଷ, ପ୍ରଭାତ, ବିବାହ, ବିରହ, ପ୍ରେମ, ଯୁଦ୍ଧଯାତ୍ରା, ମୃଗୟା, ସାମାଜିକ ଚଳଣି ପ୍ରଭୃତି ଅତ୍ୟନ୍ତ ମନୋରମ ଶୈଳୀରେ ବର୍ଣ୍ଣିତ ହୋଇଛି । ବୃତ୍ତମାନଙ୍କର ଅପୂର୍ବ ବିନ୍ୟାସ, ଅଳଙ୍କାରର ସାର୍ଥକ ପ୍ରୟୋଗ ହିଁ ଉପରୋକ୍ତ ତିନୋଟି କାବ୍ୟରେ ମହାକାବ୍ୟର ସମସ୍ତ ଲକ୍ଷଣମାନଙ୍କୁ ନେଇ ଚୁମ୍ବିମନ୍ତ ହୋଇଛି । କେବଳ ମହାକବିମାନେ ହିଁ ମହାକାବ୍ୟ ରଚନା କରିଥାନ୍ତି ବୋଲି କବି

ରଜଶେଖରଙ୍କ ମତ । ଅର୍ଥାତ୍ ଶବ୍ଦ, ଅର୍ଥ, ଉକ୍ତି, ଅଳଙ୍କାର ପ୍ରଭୃତି, ଦଶବିଧ ମାର୍ଗରେ ଯେଉଁ କବି ନିପୁଣ ସେ ହିଁ ମହାକବି ବୋଲାଏ । ଏ ସମସ୍ତ ମାର୍ଗରେ ସିଦ୍ଧ କବି ଉପେନ୍ଦ୍ର ଭଞ୍ଜ ଯଥାର୍ଥରେ ମହାକବି ।

## ସମସାମୟିକ କାବ୍ୟ, ଯୁଗ, ପରମ୍ପରା ଏବଂ ତାହାର ପ୍ରଭାବ :

ପ୍ରାକୃତଭାଷା ଓ ସାହିତ୍ୟ ପ୍ରତ୍ୟେକ ଭାରତୀୟ ଭାଷା ପରି ଓଡ଼ିଆ ଭାଷାର ଜନନୀ ହୋଇଥିବାରୁ ଏହାର ପରମ୍ପରା ଓଡ଼ିଆ କାବ୍ୟ ସାହିତ୍ୟରେ ବିଶେଷ ଭାବରେ ରୀତିକାବ୍ୟରେ ପ୍ରତିଫଳିତ ହେବା ଆଦୌ ବିଚିତ୍ର ନୁହେଁ । ପ୍ରାକୃତର କଥାଚରିତ ଓ କାବ୍ୟ ସାହିତ୍ୟର କଥାବସ୍ତୁ ବର୍ଣ୍ଣନା ସହିତ ଅନେକ ଶୈଳ୍ପିକ ଶୈଳୀର ସଂଯୋଗ ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ କାଳ୍ପନିକ ଓ ପୌରାଣିକ କାବ୍ୟରେ ଗଭୀରଭାବରେ ପ୍ରତିଫଳିତ ହୁଏ । ଅବଶ୍ୟ ଏହି ପ୍ରଭାବ ପ୍ରତ୍ୟକ୍ଷ ନି ହେଲେ ହେଁ କାବ୍ୟର ଗଠନକୌଶଳରେ ଏହାର ସୁସ୍ପଷ୍ଟ ପଦାଙ୍କ ବାରିହୋଇପଡ଼େ । କିମ୍ବଦନ୍ତୀ, ଜନଶ୍ରୁତି, ଲୋକ କାହାଣୀଗୁଡ଼ିକର କଥାବସ୍ତୁ କେତେକ ଓଡ଼ିଆ କାବ୍ୟରେ ବ୍ୟବହୃତ ହୋଇଛି । ସେଗୁଡ଼ିକ ହେଲା ଇଚ୍ଛାବତୀ କଥା (ଚାଟଇଚ୍ଛାବତୀ, ଇଚ୍ଛାବତୀ) ଅହିମାଣିକ୍ୟ, (ହଳାହଳକୁମାର) ଓ ଶଶିସେଣା କଥା (ଶଶିସେଣା କାବ୍ୟ) ଇତ୍ୟାଦି । ଅବଶ୍ୟ ଏହି କାହାଣୀଗୁଡ଼ିକ ଯେ ପ୍ରାକୃତ ସାହିତ୍ୟର ପରମ୍ପରାରୁ ସୃଷ୍ଟ ସେଥିରେ ଆଦୌ ସନ୍ଦେହ ନାହିଁ । ସଂସ୍କୃତ କଥା କାବ୍ୟ ଦଶ କୁମାର ଚରିତ (ଦଣ୍ଡୀ), ବାସବଦତ୍ତା (ସୁବନ୍ଧୁ), କାଦମ୍ବରୀ (ବାଣଭଟ୍ଟ), ବୃହତ୍‌କଥା, କଥାସରିତ ସାଗର, ବେତାଳପଞ୍ଚବିଂଶତି, ଶୁକ ସପ୍ତତି ପ୍ରଭୃତି ପ୍ରାକୃତ କଥା ସାହିତ୍ୟକୁ ପ୍ରଭାବିତ କରିଛି ଏବଂ ସର୍ବୋପରି ପରବର୍ତ୍ତୀ ସଂସ୍କୃତ କାବ୍ୟ ମଧ୍ୟ ପ୍ରାକୃତଛନ୍ଦ (ଅପଭ୍ରଂଶ) ଦ୍ୱାରା ପ୍ରଭାବିତ ହୋଇଛି । ତାହାର ପ୍ରକୃଷ୍ଟ ଉଦାହରଣ ହେଉଛି ଜୟଦେବଙ୍କର 'ଗୀତଗୋବିନ୍ଦ' । ପୁନଶ୍ଚ ସଂସ୍କୃତ ନାଟ୍ୟକାର ଅଶ୍ୱଘୋଷ, ଭାସ, କାଳିଦାସ ପ୍ରଭୃତିଙ୍କର ନାଟକରେ ପ୍ରାକୃତ ସାହିତ୍ୟର ମୂଳ ପ୍ରେରଣା ସ୍ୱରୂପ କାଳ୍ପନିକ ଆଖ୍ୟାନଗୁଡ଼ିକର ପ୍ରଭାବ ବିଶେଷ ଭାବରେ ଅନୁଭୂତ ହୁଏ ।

ପ୍ରାକୃତକଥା, ଚରିତ ଓ କାବ୍ୟ ସାହିତ୍ୟ ପରି ଆମର ଓଡ଼ିଆ କାବ୍ୟ (ଷୋଡ଼ଶ ଶତକ ଠାରୁ ଊନବିଂଶ ଶତକର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ମୁଖ୍ୟତଃ କାଳ୍ପନିକ କାବ୍ୟ), ଲୋକକଥା, ଆଖ୍ୟାୟିକା ଓ ଚରିତମୂଳକ । ରାମ, କୃଷ୍ଣ, ରାଧା, ଦମୟନ୍ତୀ, ସୀତା, ଦେବକୀ, ସୁଭଦ୍ରା, ରୁକ୍ମିଣୀ, ସୁଲକ୍ଷଣା, ଶକୁନ୍ତଳା ଓ ଭରତ ପ୍ରଭୃତି ପୌରାଣିକ ତଥା ଐତିହାସିକ ଚରିତର ପ୍ରଧାନ କାବ୍ୟଗୁଡ଼ିକୁ ବାଦ୍‌ଦେଲେ ଅନ୍ୟ କାଳ୍ପନିକ କାବ୍ୟଗୁଡ଼ିକ ମୁଖ୍ୟତଃ ପ୍ରାକୃତ କଥାମୂଳକ । ଓଡ଼ିଆ ପୌରାଣିକ କାବ୍ୟରେ ସୁଭଦ୍ରା ପରିଣୟ, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ସୁଲକ୍ଷଣା ସଂସ୍କୃତ ଆଖ୍ୟାୟିକାର ବୈଶିଷ୍ଟ୍ୟ ଅନୁସାରେ କନ୍ୟାହରଣ ମୁଖ୍ୟ ଆକର୍ଷଣୀୟ ବିଭାବ । କାଳ୍ପନିକ କାବ୍ୟ ଗୁଡ଼ିକର ପ୍ରାକୃତକଥା, ଚରିତ ଓ କାବ୍ୟାନୁଯାୟୀ କନ୍ୟାଲାଭ ହେଉଛି ମୁଖ୍ୟ ଶୃଙ୍ଗାରଧର୍ମୀ ବିଭାବ । ଉଭୟ ପ୍ରାକୃତ ସାହିତ୍ୟ ଓ ଓଡ଼ିଆ କାବ୍ୟର କଥାବସ୍ତୁ ମୁଖ୍ୟତଃ

ଶୃଙ୍ଗାରଧର୍ମୀ । ଉଭୟର କଥାବସ୍ତୁରେ ପ୍ରାୟ ଅଲୌକିକତା, ପୂର୍ବ ଜନ୍ମର ବିବରଣୀ, ଅତିମାନୁଷଶକ୍ତି, ଯୋଗିନୀ, ସନ୍ନ୍ୟାସୀ, କାପାଳିକ, ବ୍ରହ୍ମଚାରୀ, ଅଦ୍ଭୁତପୁରୁଷ (ଜଙ୍ଗମପୁରୁଷ), ଐନ୍ଦ୍ରଜାଲିକ, ଯନ୍ତ୍ର, ମନ୍ତ୍ର, ତନ୍ତ୍ର କାତ୍ୟାୟନୀ (କାଳି ବା ଦୁର୍ଗା) ଙ୍କର ଉଲ୍ଲେଖ ଥାଏ । ପ୍ରାକୃତ କଥା ଓ ଚରିତ ପ୍ରଭୃତିର ନାୟକ ନାୟିକାଗୁଡ଼ିକ ସମାଜର ଅଭିଜାତ (ରାଜବଂଶୀୟ) ଓ ଧନୀକ (ଶ୍ରେଷ୍ଠୀବଣିକ) ଗୋଷ୍ଠୀରୁ ଗୃହୀତ ହୋଇଥାନ୍ତି । ଓଡ଼ିଆ କାଳ୍ପନିକ କାବ୍ୟର ନାୟକଗୁଡ଼ିକ ମୁଖ୍ୟତଃ ପୂର୍ବଜନ୍ମରେ କୌଣସି ଗନ୍ଧର୍ବ ବା ଯକ୍ଷ ଏବଂ ନାୟିକାଗୁଡ଼ିକ ଗାନ୍ଧର୍ବୀ ବା ଅପ୍‌ସରା ଥା'ନ୍ତି କିନ୍ତୁ ଦେବଦେବୀ ନୁହନ୍ତି । ସେମାନଙ୍କ ମଧ୍ୟରୁ କେତେକ ହରପାର୍ବତୀଙ୍କର, ରାଧାକୃଷ୍ଣଙ୍କର ମାନସପୁତ୍ର ଓ ପୁତ୍ରୀ, ଇନ୍ଦ୍ର ବା ଦେବଦେବୀଙ୍କର ଅଭିଶାପ ବା ଇଚ୍ଛାରେ ସେମାନେ ମର୍ତ୍ତ୍ୟରେ ରାଜକୁମାର ଓ ରାଜକନ୍ୟା ରୂପରେ ଜନ୍ମଗ୍ରହଣ କରି ପରସ୍ପର ମିଳିତ ହୋଇ ଦାମ୍ପତ୍ୟ ସୁଖ ଭୋଗ କରି ମର୍ତ୍ତ୍ୟରୁ ବିଦାୟ ନେଇଥାନ୍ତି । ପ୍ରାକୃତ 'ତରଙ୍ଗଲୋଳା' କଥାରେ ନାୟିକା ଶ୍ରେଷ୍ଠୀ କନ୍ୟା ତରଙ୍ଗବତୀର ଚକ୍ରବାକୀ ଦର୍ଶନରେ ପୂର୍ବଜନ୍ମ ସ୍ମୃତି ଜାଗରୂକ ହେବ । (ପୂର୍ବଜନ୍ମରେ ଚକ୍ରବାକ ସହ ଗଙ୍ଗାତୀରରେ ବାସ କରୁଥିବା) 'ରୟଣସେହରୀ' କଥାରେ ମନ୍ତ୍ରୀ ମତିସାଗରର ଯୋଗିନୀ ରୂପଧାରଣ, ଲୀଳାବାଇ କାବ୍ୟରେ ନାୟିକା କୁବଳୟାବଳୀର ଅପ୍‌ସରା ରମ୍ଭା ଗର୍ଭରୁ ଜନ୍ମ (ଦେବ ମାନବ ଚରିତ୍ରର ସମନ୍ୱୟ), 'ସୁର ସୁନ୍ଦରୀ ଚରିୟ'ରେ ଧନଦେବ ଶେଠ ଦିବ୍ୟମଣି ବଳରେ ବିଦ୍ୟାଧରକୁ ନାଗପାଶରେ ଆବଦ୍ଧ କରିବା, 'ରୟଣଚୂଡ଼ ଚରିୟ'ରେ ଏକ ବିଦ୍ୟାଧର ନାୟକକୁ ଆକାଶ ପଥରେ ଉଡ଼ାଇନେବା ଓ ନାୟିକା ତିଲକସୁନ୍ଦରୀକୁ ଅପହରଣ କରିନେବା ପ୍ରଭୃତି ଅଲୌକିକ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ।

ଅଧିକାଂଶ ଓଡ଼ିଆ କାଳ୍ପନିକ କାବ୍ୟରେ ନାୟକ ନାୟିକାଙ୍କର ପୂର୍ବଜନ୍ମ ବିବରଣୀ, ଯୋଗୀ ବା ଯୋଗିନୀର ଚରିତ୍ରର ଅଲୌକିକ କ୍ରିୟା (ମନ୍ତ୍ର ଓ ବିଭୂତି ପ୍ରଦାନ) ଏବଂ ଦେବୀ ଓ ମାନୁଷୀ ଚରିତ୍ରର ସମନ୍ୱୟର ସଙ୍କେତ ରହିଛି । ଷୋଡ଼ଶ ଶତକର କବି ଅର୍ଜୁନ ଦାସଙ୍କର 'କଳ୍ପଲତା'ରେ ଗନ୍ଧର୍ବ ବସନ୍ତ ଓ ଅପ୍‌ସରା ସୁରେଖା ଇନ୍ଦ୍ରଙ୍କ ଦ୍ୱାରା ଅଭିଶପ୍ତ ହୋଇ ମର୍ତ୍ତ୍ୟରେ ରାଜକୁମାର 'ଅମରଶିଖର' ଓ ରାଜକୁମାରୀ 'କଳ୍ପଲତା' ରୂପେ ଜନ୍ମଗ୍ରହଣ କରିଛନ୍ତି । ସର୍ବଜ୍ଞଯୋଗୀ ଯୋଗେଶ୍ୱରଙ୍କ ଠାରୁ ମୃତ୍ୟୁଞ୍ଜୟ ମନ୍ତ୍ର ଗ୍ରହଣ କରି ରାଜକୁମାର ଛଦ୍ମବେଶରେ ଯାତ୍ରା କରିବାର ବର୍ଣ୍ଣନା ରହିଛି । ନରସିଂହ ସେଣଙ୍କର 'ପରିମଳା' କାବ୍ୟର ନାୟିକା ହେଉଛନ୍ତି ଇନ୍ଦ୍ରଙ୍କ ଦ୍ୱାରା ଅଭିଶପ୍ତା ତିଳୋତ୍ତମା ନାମ୍ନୀ ଅପ୍‌ସରା । ପୂର୍ବଜନ୍ମର ପ୍ରେମିକ ଗନ୍ଧର୍ବ ଚିତ୍ରରଥଙ୍କ ରଥରେ ନିଶା ଭାଗରେ ସ୍ୱର୍ଗପୁର ଆଗମନ ଓ ମର୍ତ୍ତ୍ୟକୁ ପ୍ରତ୍ୟାବର୍ତ୍ତନ, ଜ୍ଞାନାନନ୍ଦ ନାମକ ତ୍ରିକାଳଦର୍ଶୀ ଯୋଗୀର ମନ୍ତ୍ରବଳରେ ନାୟକ ମକରକେତୁର ଗନ୍ଧର୍ବ ରଥରେ ସ୍ୱର୍ଗପୁର ଯାତ୍ରା ଓ ପାରିଜାତ ଅପହରଣର ଉଲ୍ଲେଖ 'ପରିମଳା'ରେ ରହିଛି । ବିଷ୍ଣୁ ଦାସଙ୍କ 'ପ୍ରେମଲୋଚନା'ରେ ନାୟକ ସୁଧାକର ସହିତ ଗନ୍ଧର୍ବର ସଂଘର୍ଷ, ନାୟକ ଉପରେ ଇନ୍ଦ୍ରଙ୍କର କ୍ରୋଧ, ରାଜକୁମାରୀର ସ୍ୱୟମ୍ବରକୁ ଦେବତା, ଗନ୍ଧର୍ବ ଓ ରାଜକୁମାରମାନଙ୍କର ଆଗମନ,

ପ୍ରତାପରାୟଙ୍କର 'ଶଶିସେଣା'ରେ ନାୟକ ଅହିମାଣିକ୍ୟର ନାଗଲୋକ ଗମନ, ଜ୍ଞାନଦା ମାଲ୍ୟାଣୀର କାଉଁରୀମନ୍ତ୍ର କୁଶଳତା, ଲୋକନାଥଙ୍କର 'ସର୍ବାଙ୍ଗ ସୁନ୍ଦରୀ'ରେ ନାୟକ ଇନ୍ଦ୍ରଙ୍କର ଔରସରେ ମାନୁଷୀ ଗର୍ଭରୁ ଜନ୍ମଲାଭ ପ୍ରଭୃତି ବହୁ ଅଲୌକିକ ପ୍ରସଙ୍ଗର ବର୍ଣ୍ଣନା ରହିଛି । ଯାହାର ଗଭୀର ପ୍ରଭାବ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ ସମ୍ଭାରରେ ପଡ଼ିଛି । ଆଲୋଚିତ ସମସ୍ତ କାବ୍ୟର ପ୍ରଭାବ ଭଞ୍ଜଙ୍କର ରଚନାରେ ପରିଦୃଷ୍ଟ ହୁଏ ଯଥା : ନାୟକ ନାୟିକାଙ୍କର ପୂର୍ବଜନ୍ମ, ସେମାନଙ୍କର ମିଳନ ପଥରେ ବିଭିନ୍ନ ଚରିତ୍ରମାଧ୍ୟମରେ (ବ୍ରହ୍ମଚାରୀ), ଐନ୍ଦ୍ରଜାଲିକ, ଚିତ୍ରପୁଂସ, ଯୋଗିନୀ ପ୍ରମୁଖ ଅନେକ ଅଲୌକିକ କ୍ରିୟା ସଂଘଟିତ କରେଇଛନ୍ତି ।

(କ) ଲାବଣ୍ୟବତୀର ଶୋଭା ବର୍ଣ୍ଣନା, ଉପବନ ବିହାର ଓ ସରସୀ କ୍ରୀଡ଼ାର ବର୍ଣ୍ଣନା ସହିତ ପ୍ରପିତାମହ ଧନଞ୍ଜୟ ଭଞ୍ଜଙ୍କର ରତ୍ନ ମଞ୍ଜରୀର ସ୍ନାନ, ସରସୀର ବର୍ଣ୍ଣନାରେ ବିଶେଷ ସାମ୍ୟ ଅଛି । (ଖ) ଯୋଗିନୀ ଦ୍ୱାରା ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ମିଳନ, ଚନ୍ଦ୍ରଭାନୁର ତିରୋଧାନ ପରେ ଲାବଣ୍ୟବତୀର ହୃଦୟ ବିଦାରକ ଖେଦ ସହିତ ଶିଶୁଶଙ୍କରର 'ଉଷାଭିଳାଷ' ସ୍ଥିତ ଉଷାର ଖେଦ ଅନୁରୂପ । (ଗ) 'ବୈଦେହୀଶ ବିଳାସ'ର କଥାବସ୍ତୁ, ଉପେନ୍ଦ୍ର ଭଞ୍ଜ ଦାଣ୍ଡୀ 'ଜଗମୋହନ' ରାମାୟଣରୁ ଗ୍ରହଣ କରିଛନ୍ତି । (ଘ) 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ନାୟକକୁ ନାରଦଙ୍କ ବରଦାନ ଓ ମାୟା ସଂଘଟନ, ବ୍ରହ୍ମାଙ୍କର ନିଜର ହଂସ ଦୁହିତାକୁ ମାନବୀ ରୂପଦାନ, ଚିତ୍ରପୁଂସ ଓ ଶୁକସାରୀ ରୂପଧାରଣ । (ଙ) ଲୀଳାବତୀର 'ଜଗନ୍ନାଥ ସ୍ତୁତି'ର ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ', 'ସୁଭଦ୍ରାପରିଣୟ', 'ରସିକହାରାବଳୀ'ରେ ସ୍ପଷ୍ଟ ଭାବରେ ଅନୁଭବ କରିହୁଏ । ରଘୁନାଥ ହରିଚନ୍ଦନଙ୍କ 'ଲୀଳାବତୀ' କାବ୍ୟର ନାୟକ ଚନ୍ଦ୍ରପୀଡ଼/ଚନ୍ଦ୍ରପୀଡ଼ା ପିତାଙ୍କ ନାମ ଚନ୍ଦ୍ରଭାନୁ, ଲାବଣ୍ୟବତୀର ନାୟକର ନାମ ଚନ୍ଦ୍ରଭାନୁ । ବାଣଭଟ୍ଟଙ୍କର କାଦମ୍ବରୀ କାବ୍ୟର ପ୍ରଭାବ 'ଲୀଳାବତୀ'ରେ ପରିଦୃଷ୍ଟ ହୁଏ ।

## ପୂର୍ବଜଙ୍କ ପ୍ରଭାବ :

ଏହା ସହିତ କବିଙ୍କର ବଂଶରେ ଏକାଧିକ କବି ଥିଲେ । ଘୁମୁସର ରାଜ୍ୟର ପ୍ରାଚୀନ ରାଜା ବଳଭଦ୍ର ଭଞ୍ଜ (ଖ୍ରୀ : ୧୦୨୭-୧୦୫୭) 'ଭାବବତୀ' ନାମରେ ଖଣ୍ଡିଏ କାବ୍ୟ ଲେଖିଥିଲେ । ତାଙ୍କୁ ପ୍ରଥମ କାବ୍ୟ ଲେଖକ ଭାବରେ ଗ୍ରହଣ କରାଯାଏ । ଭଞ୍ଜବଂଶର ଅନ୍ୟାନ୍ୟ ଉଲ୍ଲେଖଯୋଗ୍ୟ କବିମାନେ ହେଲେ– ତ୍ରିବିକ୍ରମଭଞ୍ଜ, ଦେଓଭଞ୍ଜ, ରଘୁନାଥ ଭଞ୍ଜ, ପଦ୍ମନାଭ ଭଞ୍ଜ, ଫକୀର ଭଞ୍ଜ, ପ୍ରତାପ ଧନଞ୍ଜୟ ଭଞ୍ଜ, ଘନ ଭଞ୍ଜ ଓ ଗୋବିନ୍ଦ ଭଞ୍ଜ । ଯଦିଓ ଏହି ରାଜବଂଶୀୟ କବିମାନଙ୍କର କାବ୍ୟ ରଚନା ଅଧିକାଂଶ ଅପ୍ରକାଶିତ ରହିଥିଲେ ମଧ୍ୟ ଧନଞ୍ଜୟଙ୍କର ରଘୁନାଥବିଳାସ, ମଦନମଞ୍ଜରୀ ଇତ୍ୟାଦିର ପ୍ରଭାବରେ ତ୍ରିବିକ୍ରମ ଭଞ୍ଜଙ୍କ (ଖ୍ରୀ : ୧୫୪୮-୫୮)

'କନକଲତା', ବଳଭଦ୍ରଙ୍କ 'ଭାବବତୀ' ପ୍ରଭାବରେ ଉପେନ୍ଦ୍ରଙ୍କ ଗ୍ରନ୍ଥ ସମୂହ ପ୍ରଭାବିତ ହୋଇଥିବା ଜଣାପଡ଼େ ।

କବିସମ୍ରାଟ ଉପେନ୍ଦ୍ରଭଞ୍ଜ ହେଉଛନ୍ତି ବହୁଶାସ୍ତ୍ରଦର୍ଶୀ । କାବ୍ୟ, ପୁରାଣ, ନାଟକ, ଅଳଙ୍କାର, ଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ଭୂଗୋଳ, ପଦାର୍ଥବିଜ୍ଞାନ, ବ୍ୟାକରଣ ପ୍ରଭୃତି ଗ୍ରନ୍ଥରେ ଅଗାଧ ପାଣ୍ଡିତ୍ୟ ଥିଲା । ତାଙ୍କର କାବ୍ୟ କବିତା ରଚନା କାଳକୁ ଓଡ଼ିଶାର ରାଜନୈତିକ ସ୍ୱାଧୀନତା ବିଲୁପ୍ତ ହୋଇ ବିଶାଳ ଉତ୍କଳ ଛୋଟ ଛୋଟ ସାମନ୍ତ ରାଜ୍ୟରେ ପରିଣତ ହୋଇ ସାରିଥିଲା । ଓଡ଼ିଶାର ରାଜନୈତିକ ଓ ସାମରିକ ଗୌରବ ଲୋପ ହୋଇ ଯାଇଥିଲେ ହେଁ ସାଂସ୍କୃତିକ, ଧାର୍ମିକ ପରମ୍ପରାର ପ୍ରଭାବ ତଥାପି ଅକ୍ଷୁଣ୍ଣ ଥିଲା । ତତ୍‌କାଳୀନ ରାଜନ୍ୟବର୍ଗ ତଥା ସାମନ୍ତବର୍ଗଙ୍କର ଅତ୍ୟଧିକ ବିଳାସ ପ୍ରବଣତା ସାଂସ୍କୃତିକ ବାତାବରଣକୁ ଆକ୍ରାନ୍ତ କରିଥିଲେ ହେଁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟଧାରାକୁ ଏହି ବର୍ଗ ହିଁ ବିଶେଷ ପୃଷ୍ଠପୋଷକତା ପ୍ରଦାନ କରିଥିଲା । ସେଥିପାଇଁ ମଧ୍ୟବର୍ତ୍ତୀ ଓଡ଼ିଆ ସାହିତ୍ୟ ଦରବାରର ସାହିତ୍ୟ ବା ଦରବାରୀ ସାହିତ୍ୟ ଭାବରେ ନାମିତ ହେଲା । ରାଜନ୍ୟବର୍ଗଙ୍କର ସଂସ୍କୃତ ଭାଷା ପ୍ରତି ପ୍ରଗାଢ଼ ମୋହ, ଓଡ଼ିଆ ଭାଷା ପ୍ରତି ଯେଉଁ ସଂକୀର୍ଣ୍ଣ ମନୋଭାବ ପ୍ରକାଶ କଲା କେବଳ ସେଥିପାଇଁ ଓଡ଼ିଶାର ରାଜନୈତିକ ପରାଧୀନତା ଓ ସଂହତିହୀନତା ତା'ର କଣ୍ଠରୋଧ କଲା । ଯାହାଫଳରେ ଏହା ସାମନ୍ତ - ଦରବାର - ପଣ୍ଡିତମାନଙ୍କ ଭିତରେ ସୀମାବଦ୍ଧ ହୋଇ ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରତିଦ୍ୱନ୍ଦୀ ହୋଇଉଠିଲା । ତେଣୁ ତାହାର ପ୍ରତିବାଦ ସ୍ୱରୂପ ଅଷ୍ଟାଦଶ ଶତାବ୍ଦୀର ଚାରିଦଶନ୍ଧି ଧରି ଉପେନ୍ଦ୍ର ଭଞ୍ଜଙ୍କ ଲେଖନୀରେ ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତ ସାହିତ୍ୟର ଉପଯୁକ୍ତ ପ୍ରତିଦ୍ୱନ୍ଦୀ ଭାବରେ ନିଜର ଉତ୍କର୍ଷ ପ୍ରକାଶିତ କରିବାକୁ ଲାଗିଲା ।

ଉପେନ୍ଦ୍ର ଭଞ୍ଜଙ୍କର କବିତ୍ୱର ଉତ୍କର୍ଷ ସହିତ ତାଙ୍କର ବହୁ ଶାସ୍ତ୍ରଦର୍ଶୀତାର ପ୍ରଭାବ ଏପରି ମୌଳିକ ତତ୍ତ୍ୱ ସୃଷ୍ଟି କଲା, ଯାହାକି ସଂସ୍କୃତ ଭାଷାକୁ ମଧ୍ୟ ତୁଳନାରେ ଟପିଗଲା । ତାଙ୍କର କାବ୍ୟରେ ଅବନୀ ନିୟମ, ଆଦ୍ୟ, ବ୍ୟଞ୍ଜନ, ଏକାକ୍ଷର ନିୟମ, ଆଦ୍ୟ ଓ ପ୍ରାନ୍ତ ଏକାକ୍ଷର ବ୍ୟଞ୍ଜନ, ବର୍ଣ୍ଣ ନିୟମ ପ୍ରଭୃତିରେ ଏପରି ଅନନ୍ୟ ବିକାଶ ଦେଖାଇଲେ ଯାହା ସଂସ୍କୃତ ସାହିତ୍ୟରେ ମଧ୍ୟ ଦୁର୍ଲ୍ଲଭ ଭଳି ମନେହେଲା । ଯେଉଁ ଭଳି ଭାବରେ ସଂସ୍କୃତ କାବ୍ୟମାନଙ୍କରେ ଉପମା ବ୍ୟବହୃତ ହୋଇ କାବ୍ୟିକ ଚମତ୍କାରିତା ସୃଷ୍ଟି କରିଛି ସେହିପରି ଉପେନ୍ଦ୍ର ମଧ୍ୟ ଉପମା ପ୍ରୟୋଗରେ ଚମତ୍କାରିତା ସୃଷ୍ଟି କଲେ ଓ ଏହାର ଅର୍ଥ ଗୌରବ ରକ୍ଷାକଲେ । ହୁଏତ ସେଥିପାଇଁ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାଙ୍କ କାବ୍ୟ ସମ୍ପର୍କରେ ଯଥାର୍ଥରେ କହିଥିଲେ -''ଉପମା ଭଞ୍ଜ ବୀରସ୍ୟ ତସ୍ୟୈବତାର୍ଥଗୌରବମ୍'' ଅବଶ୍ୟ ଉପେନ୍ଦ୍ରଙ୍କ କାବ୍ୟରଚନା ସମୟକୁ ଦୁଇଟି ମୁଖ୍ୟ ସାହିତ୍ୟାଦର୍ଶ ଥିଲା । ଗୋଟିଏ ହେଲା ସଂସ୍କୃତ କାବ୍ୟାଦର୍ଶ, ଅନ୍ୟଟି ସାହିତ୍ୟାଦର୍ଶ । ତାଙ୍କୁ ବିଶେଷ ଭାବରେ ସଂସ୍କୃତ କାବ୍ୟାଦର୍ଶ ପ୍ରଭାବିତ କରିଥିଲା । ଅବଶ୍ୟ ପଞ୍ଚସଖାଙ୍କ ପରବର୍ତ୍ତୀ ସମୟରୁ ଯେଉଁ କାଳ୍ପନିକ ଆଖ୍ୟାନ, ଧର୍ମ, ଆଧ୍ୟାତ୍ମିକତାସମ୍ପନ୍ନ କାବ୍ୟଧାରା ଥିଲା, ତାକୁ ଉପେନ୍ଦ୍ର ଗ୍ରହଣ କରୁଥିଲେ ହେଁ ଆହୁରି

ଆଭିଜାତ୍ୟସମ୍ପନ୍ନ କରିଦେଲେ ଏବଂ ସେଥିରେ ସଂସ୍କୃତ କାବ୍ୟଧାରା ମିଶାଇ ଦେଲେ । ତାଙ୍କର ପ୍ରତ୍ୟେକ ଗ୍ରନ୍ଥ, ଗ୍ରନ୍ଥର ପ୍ରାୟ ପ୍ରତ୍ୟେକ ଶବ୍ଦ ସଂସ୍କୃତମୂଳକ, ଛନ୍ଦୋବଦ୍ଧ, ରସଧ୍ୱନି ଇତ୍ୟାଦି ସଂସ୍କୃତ ସାହିତ୍ୟର ଆଦର୍ଶରେ ରଚନା କରିଥିବା କଥା ସେ ଏକାଧିକ ଗ୍ରନ୍ଥରେ ସ୍ୱୀକାର କରିଛନ୍ତି । "କବି କଳ୍ପଲତା ମତେ ଏ ଭାବେ / ସାହିତ୍ୟ ରତ୍ନାକର ମାଘକାବ୍ୟେ ।" [୧୪] ଜୈମିନୀଙ୍କ ମୀମାଂସା ଶାସ୍ତ୍ର, ବ୍ୟାସଙ୍କ ବେଦାନ୍ତ, ପତଞ୍ଜଳିଙ୍କ ଯୋଗଶାସ୍ତ୍ର, କଣାଦଙ୍କ ବୈଶେଷିକ ଦର୍ଶନ, କପିଳମୁନିଙ୍କ ସାଂଖ୍ୟ (ଦର୍ଶନ) ପ୍ରଭୃତି ଭଞ୍ଜ ଆଲୋଚନା କରିଥିବା ନିମ୍ନଲିଖିତ ପଂକ୍ତି ମାନଙ୍କରୁ ସ୍ପଷ୍ଟ ହୁଏ "ମୀମାଂସା ବେଦ ବେଦାନ୍ତେ / ଟୀକା ପୁସ୍ତକ ଏ ସତେ / ଜୈମିନୀ ବିଖ୍ୟାତ ବ୍ୟାସ / ପ୍ରଶଂସି ତୋଷ ଯେ / କଲ୍ୟାଣେ କର ଅଞ୍ଜଳି / କରେ ଶୁଣି ପତାଞ୍ଜଳି / ବଇଷିଣକ ସାଂଖ୍ୟରେ ସାକ୍ଷୀ ପ୍ରକାରେ ।" [୧୫]

ଏପରିକି ଭୋଜରାଜ, ବାତ୍ସାୟନ, ଜୟଦେବ, ଶ୍ରୀହର୍ଷ, 'ନୈଷଧ' କାବ୍ୟର ପ୍ରଭାବ ଭଞ୍ଜଙ୍କ କାବ୍ୟରେ ବିଶେଷଭାବରେ ପଡ଼ିଥିବା ଲକ୍ଷ୍ୟ କରାଯାଏ । 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟକୁ 'ନୈଷଧପରାଏ' ଘେନିବାକୁ ସେ କହିଛନ୍ତି । 'ନୈଷଧ'ର ଏକବିଂଶ ଅଧ୍ୟାୟରେ ଦେବପୂଜା ପାଇଁ ରଜତ ପାତ୍ରରେ ଦଳାହୋଇଥିବା କସ୍ତୁରୀକୁ ମୃଗାଙ୍କ ପୂର୍ଣ୍ଣଚନ୍ଦ୍ରର ଉଦୟ ସହିତ ଉତ୍ପ୍ରେକ୍ଷା ଅଳଙ୍କାର ସାହାଯ୍ୟରେ ଅତ୍ୟନ୍ତ ମନୋଜ୍ଞଭାବରେ ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ : - "ଗର୍ଭମୈଣମଦକର୍ଦମସାଦଂ ଭାଜନାନି ରଜତସ୍ୟ ଭଜନ୍ତି / ଯତ୍ର ସାମ୍ୟଗନ୍ମୃତାଂଶୋଭଙ୍କରଙ୍କୁ କଳଙ୍କୀକୃତ କୁକ୍ଷେ ।" [୧୬] ସହିତ 'ଲାବଣ୍ୟବତୀ'ର ସ୍ୱପ୍ନଦର୍ଶନ ଛାନ୍ଦରେ ଅନୁରୂପ ବର୍ଣ୍ଣନାର ଛଟା ଦେଖିବାକୁ ମିଳେ । "ଉଦୟ ତାରା ଜୀବେଶ ହେଲେ ଆକାଶେ / ଚକ୍ରସୁଖ ଚକ୍ର - ନକ୍ର ଛେଦନ ହୀରକ ଚକ୍ର / ଫିଙ୍ଗିଛି ତାତ ସିନ୍ଧିରେ କାମକି ରୋଷେ / ବେଶ ହେବ କି ରାତ୍ରିବାଳୀ / ସ୍ଫଟିକ ପେଟୀରେ କିବା କସ୍ତୁରୀ ଦଳି ।" [୧୭] ନୈଷଧ କାବ୍ୟର ଅନେକ ଦୃଷ୍ଟାନ୍ତ ସହିତ ଉପେନ୍ଦ୍ର ଭଞ୍ଜଙ୍କର 'ସୁଭଦ୍ରା ପରିଣୟ', 'ବୈଦେହୀଶ ବିଳାସ'ର ଅନେକ ଉଦାହରଣର ଅପୂର୍ବ ମେଳକ ସଂଗଠିତ ହୋଇଛି ।

'ଅମର କୋଷ', 'କାମସୂତ୍ର'ରେ କବିଙ୍କର ପ୍ରବଣତା ଥିଲା । କାମସୂତ୍ର ଅନୁସାରେ ବିରହ ବିରହିଣୀଙ୍କ ଲକ୍ଷଣ "ବାରବାର ସରଦରେତା ଶୟନ ବର୍ଜି ନାହିଁ ଚନ୍ଦ୍ରବଦନେ / ଭଜି ବିହିତ ଘନସାର ସୁକେଶୀ ତନକୁ ନ ବିନ୍ଧୁ ସଘନେ / ତପତି ସଦା ରହିଅଛି ଶରୀରେ / ବ୍ୟାଧି ଜନନୀକି ଗୋଚର ନୁହଇ କରେ ଚିନ୍ତା ଯେ ବିଧିରେ ।" [୧୮] ଯାହାର ବର୍ଣ୍ଣନା 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ପର୍ଯ୍ୟାପ୍ତ ପରିମାଣରେ ଦିଆଯାଉଛି । ସଂସ୍କୃତରେ ଚମ୍ପୂ ମଧ୍ୟ ଲେଖିଥିଲେ ବୋଲି ପ୍ରମାଣ ମିଳୁଛି । ଭଞ୍ଜଙ୍କ ପୌରାଣିକ କାବ୍ୟ ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, କଳା କଉତୁକ ଇତ୍ୟାଦିରୁ ତାଙ୍କର ଅସୀମ ପୌରାଣିକ ଜ୍ଞାନ ସ୍ପଷ୍ଟ ଅବଧାରିତ ହୁଏ । ତା ସାଙ୍ଗେ ସାଙ୍ଗେ ସେ ଅନ୍ୟାନ୍ୟ କାଳ୍ପନିକ, ଆଳଙ୍କାରିକ ଗ୍ରନ୍ଥଗୁଡ଼ିକରେ ମଧ୍ୟ ଉପମା, ଉପମେୟ ଭାବରେ ସ୍ଥାନେ ସ୍ଥାନେ ପୌରାଣିକ ତଥ୍ୟ ଗୁନ୍ଥି କାବ୍ୟଗୁଡ଼ିକର ମର୍ଯ୍ୟାଦା, ଭାଷାର ବୈଚିତ୍ର୍ୟ ଭାବରେ ଗାମ୍ଭୀର୍ଯ୍ୟ ଫୁଟାଇଛନ୍ତି । ପୁରାଣ ଅନୁସାରେ ମହର୍ଷିଙ୍କ ଠାରୁ

ପ୍ରାଣୀ ଏବଂ ଜଡ଼ଜଗତ ଉଦ୍ଭୁତ । ସେମାନଙ୍କର ସହସ୍ର ସହସ୍ର ଯୁଗର ବଂଶତାଲିକା ସ୍ମୃତି ପଟରେ ଅଙ୍କିତ ରଖି ସୂକ୍ଷ୍ମାନୁସୂକ୍ଷ୍ମ କାରୁକାର୍ଯ୍ୟରେ ବିଚିତ୍ର କାବ୍ୟ କୋଣାର୍କ ଗଢ଼ିବା ସାଧାରଣ ବୁଦ୍ଧିମତ୍ତାର କଥା ନୁହେଁ ।

## ଜ୍ୟୋତିଷ :

କବିଙ୍କର ପ୍ରତ୍ୟେକ ଗ୍ରନ୍ଥରେ ବିଶେଷତଃ 'ଲାବଣ୍ୟବତୀ', 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ', 'ବୈଦେହୀଶ ବିଳାସ'ରେ ସେ ଜ୍ୟୋତିଷ ଜ୍ଞାନର ବ୍ୟାପକ ପରିଚୟ ଦେଇଛନ୍ତି । ସାଧାରଣତଃ ସେ ଜନ୍ମ, ତୀର୍ଥଯାତ୍ରା, ଯୁଦ୍ଧଯାତ୍ରା, ପାଣିଗ୍ରହଣ, ଇତ୍ୟାଦି ଜ୍ୟୋତିଷ ବିଜ୍ଞାନ ଚର୍ଚ୍ଚାକରି କାବ୍ୟ କବିତାକୁ ଶ୍ରୀସମ୍ପନ୍ନ କରିଛନ୍ତି । ଉଦାହରଣଗୁଡ଼ିକ ତଳେ ଦିଆଗଲା ।[୧୯] [୨୦] କବିଙ୍କର କିନ୍ତୁ ସେଥିରେ ଯେଉଁପରି ପାଣ୍ଡିତ୍ୟ ଥିଲା, ସେହିପରି ଅଟଳ ବିଶ୍ୱାସ ଥିବାରୁ କବିତାର ମଧ୍ୟେ ମଧ୍ୟେ କବିଙ୍କ ଜ୍ୟୋତିଷ ଚର୍ଚ୍ଚା ଅତ୍ୟନ୍ତ ସରସ ସଙ୍ଗତ ଓ ପ୍ରାଣବନ୍ତ ହୋଇଉଠିଛି । ଜ୍ୟୋତିଷ ଶାସ୍ତ୍ରର ଗୋଟିଏ ବଡ଼ ଲୋକପ୍ରିୟ ବଚନ ବୃହସ୍ପତି ରାଶି ଅଷ୍ଟମରେ ଚଳିଲେ ବ୍ୟକ୍ତିକୁ ରାଜଯୋଗ ହୁଏ । ଏହି ପଦକ ବିଜ୍ଞ, ଅନଭିଜ୍ଞ, ଭିକ୍ଷୁକ, ଗାୟକ ଇତ୍ୟାଦି ବହୁ ଲୋକମୁଖରେ ଶୁଣାଯାଏ । 'ଲାବଣ୍ୟବତୀ' କାବ୍ୟରେ 'ପାଟଯୋଷୀ' ଡାକି ଭଲ ବେଳକୁ ଜାଣିଲେ/ଉତ୍ତମ ଶୁଝିଲା ବେନି ଜାତକ ବୁଝିଲେ ଯେ' ଏହି କଥାପଦକ ଆଜି ପର୍ଯ୍ୟନ୍ତ ହିନ୍ଦୁ ସମ୍ପ୍ରଦାୟରେ ପ୍ରଚଳିତ । ଠିକ୍ ସେହିପରି 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ସହଚରୀମାନଙ୍କ ମଧ୍ୟରେ ଦୈବଜ୍ଞା ଉପାଧ୍ୟାୟୀ ଜଣେ ଥାନ୍ତି ଯିଏ କି କଥା କଥାକେ ଜ୍ୟୋତିଷ ପଦ୍ଧତି ଉତ୍ଥାପନ କରନ୍ତି ।

## ଆୟୁର୍ବେଦ :

ଆମର ବହୁ ପୁରାତନ କାଳରୁ ଚେରମୂଳି, ଜଡ଼ିବୁଟି ଔଷଧ ଉପରେ ଗ୍ରାମରେ ଜନସାଧାରଣଙ୍କ ଅଗାଧ ବିଶ୍ୱାସ ରହିଆସିଛି । ସେଥିପାଇଁ ଗାଆଁର ପ୍ରତି ଘରେ ଘରେ ଶିଶୁମାନଙ୍କର ଚିକିତ୍ସା ପାଇଁ 'ଘୋରାପେଢ଼ି' ପରମ୍ପରା କ୍ରମେ ରହି ଆସିଛି । ତା'ର ସଦ୍‌ବ୍ୟବହାର ମା'ମାନେ କରିଥାନ୍ତି । ଜ୍ୱର, କାଶ, କଫ, ଶିରୋବ୍ୟଥା, ଉଦର ଯନ୍ତ୍ରଣା, ଝାଡ଼ା, ଗ୍ରହଣୀ, ଘା ଘଉଡ଼, କାନ୍ଥୁ ଇତ୍ୟାଦି ସମ୍ବନ୍ଧରେ ଯେ କୌଣସି ବ୍ୟକ୍ତି ଉପଚାର ବୋଲି କହିଦେଇଥାନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ଗୋଟିଏ ମଧ୍ୟ ଡାକ୍ତର ନଥିଲେ । ତେଣୁ ସେ ଅନ୍ୟାନ୍ୟ ଶାସ୍ତ୍ରରେ ଯେପରି ଧୂରୀଣ ଥିଲେ ଠିକ୍ ସେହିପରି ଆୟୁର୍ବେଦ ଶାସ୍ତ୍ରକୁ ମଧ୍ୟ ଗଭୀରଭାବରେ ଅନୁଶୀଳନ କରିଥିଲେ । ଚରକ, ସୁଶ୍ରୁତ ଇତ୍ୟାଦିଙ୍କ ଗ୍ରନ୍ଥଗୁଡ଼ିକ ସେ ଭଲଭାବରେ ଆଲୋଚନା କରି ଆୟତ୍ତ କରିଥିଲେ ବୋଲି ତାହାର ସୂଚନା ତାଙ୍କର ବିଭିନ୍ନ କାବ୍ୟଗ୍ରନ୍ଥ ଯଥା କୋଟିବ୍ରହ୍ମାଣ୍ଡସୁନ୍ଦରୀ, ବୈଦେହୀଶବିଳାସ, ଛାନ୍ଦଭୂଷଣ, ଲାବଣ୍ୟବତୀ କାବ୍ୟରେ ବର୍ଣ୍ଣିତ ହୋଇଛି ।

## ଭୂଗୋଳ :

ଜଣେ ଲେଖକର ସାହିତ୍ୟକୃତିରେ ଭୌଗୋଳିକ ପରିସୀମା ନିହାତି ସ୍ଥାନ ପାଇବା

କଥା । ଭୌଗୋଳିକ ଅନୁଭୂତି ବ୍ୟତୀତ ସାହିତ୍ୟିକ, ରାଜନୈତିକ, ସାମରିକ, ଅର୍ଥନୈତିକ ପ୍ରଭୃତି ମହତ୍ କାର୍ଯ୍ୟରେ ହସ୍ତକ୍ଷେପ କରିବା ବିଡ଼ମ୍ବନା । କବିଙ୍କର ଭୌଗୋଳିକ ଜ୍ଞାନର ସ୍ପଷ୍ଟ ପ୍ରମାଣ ତାଙ୍କର ପ୍ରତ୍ୟେକ ଗ୍ରନ୍ଥରେ ପୂରି ରହିଛି । 'ବୈଦେହୀଶ ବିଳାସ'ରେ ସୀତାଙ୍କ ସ୍ୱୟମ୍ବର ସଭାରେ ଉପସ୍ଥିତ ଥିବା ରାଜାମାନଙ୍କୁ ଲକ୍ଷ୍ୟ କରି ରାଜର୍ଷି ଜନକ ବିଦର୍ଭ, କର୍ଣ୍ଣାଟ, ଭୋଟ, ସୌରାଷ୍ଟ୍ର, ମରହଟ୍ଟ, କୁନ୍ତଳ, କେରଳ, ଚୋଳ, ସିନ୍ଧୁ, ଉତ୍କଳ, ବାହ୍ଲିକ, ତୁରଷ୍କ, ନିଷେଧ, ବଙ୍ଗ, ଅଙ୍ଗ, କଳିଙ୍ଗ, ତୋଡ଼ଙ୍ଗ, ମଗଧ, ବେଦି, ଚେଦି, ମତ୍ସ୍ୟ, ଦ୍ରାବିଡ଼, ଗଉଡ଼, ମ୍ଳେଚ୍ଛ, ଆରବ, ମାଳବ, କୁଚ୍ଛ, କୁରୁ, ପାଞ୍ଚାଳ, ବନାଉଦ, କନାଉଦ, କାଶ୍ମୀର, କାମେରୀ ପ୍ରଭୃତିଙ୍କୁ ସମ୍ବୋଧନ କରି ନିଜନିଜ ଆସନଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

'ଲାବଣ୍ୟବତୀ' ର ସପ୍ତମ ଛାନ୍ଦରେ ବିଭିନ୍ନ ଦେଶର ବିଭିନ୍ନ ଜିନିଷ, ଜୀବଜନ୍ତୁ, ରତ୍ନ ପ୍ରଭୃତିର ବିଷୟ ଉଲ୍ଲେଖ ଅଛି । ସେଥିରୁ କବିଙ୍କର ଭୌଗୋଳିକ ଜ୍ଞାନର ସ୍ପଷ୍ଟ ଓ ନିର୍ଭୁଲ ପରିଚୟ ମିଳେ । ଯେପରି କି ଦକ୍ଷିଣାବର୍ତ୍ତର ଶଙ୍ଖ ସବୁଠାରୁ ଉତ୍କୃଷ୍ଟତର ବୋଲି ସେ ପ୍ରମାଣିତ କରିଛନ୍ତି ।

## ବ୍ୟାକରଣ :

ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟକବିତା ବିଭିନ୍ନ ଅଳଙ୍କାରରେ ଅଳଙ୍କୃତ । କୌଣସି କୌଣସି କାବ୍ୟାଂଶ ଏକାଧିକ ଅର୍ଥବୋଧକ, ବହୁଛାନ୍ଦ ତଥା ବିଭିନ୍ନ ଛନ୍ଦୋବିଶିଷ୍ଟ, ଛାନ୍ଦର ପ୍ରତ୍ୟେକ ପଦ ବହୁ ଅର୍ଥ ସମ୍ବଳିତ ଏବଂ ପାଣ୍ଡିତ୍ୟ ଓ ପ୍ରତିଭାର ଅପୂର୍ବ ସମନ୍ୱୟ ପାଠକବୃନ୍ଦଙ୍କୁ ଅଭିଭୂତ କରିଦିଏ । ସେ 'ଲାବଣ୍ୟବତୀ' କାବ୍ୟରେ ସ୍ପଷ୍ଟଭାବରେ କହିଛନ୍ତି, ''କଳଙ୍କ ବିହୀନ ମୋ ଗୀତ / ଖଳ ରାହୁରେ ଅଦୂଷିତ ।'' ସେ ପାଣିନି, ପତଞ୍ଜଳି ପ୍ରଭୃତିଙ୍କ ବ୍ୟାକରଣ ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରିଥିବାରୁ ନିଜ ଗ୍ରନ୍ଥମାନଙ୍କରେ ବ୍ୟାକରଣ ପ୍ରସଙ୍ଗଗୁଡ଼ିକରେ ବାରମ୍ବାର ଉତ୍‌ଥାପନ କରିଛନ୍ତି ।

## ପଦାର୍ଥ ବିଦ୍ୟା :

କବି ଉପେନ୍ଦ୍ର ଭଞ୍ଜ ପଦାର୍ଥ ବିଦ୍ୟାର ଯେ ପ୍ରବୀଣ ଥିଲେ ତାହା ତାଙ୍କ କାବ୍ୟରୁ ଜଣାପଡ଼େ । ଉପେନ୍ଦ୍ରଙ୍କ ସମୟରେ ରାଜାମାନଙ୍କଠାରେ ସାଧାରଣତଃ ବହୁ ଦୁର୍ଲ୍ଲଭ ମଣି, ମାଣିକ୍ୟ, ହୀରା, ନୀଳା ପ୍ରଭୃତି ରତ୍ନଥାଏ । ଘୁମୁସର ଭଞ୍ଜ ରାଜାମାନଙ୍କର ରାଜ୍ୟ ଥିଲା । କୁଲାଡ଼, ସମୀପବର୍ତ୍ତୀ ଏକ ଗିରିଗୁହାରେ କିଛି ରତ୍ନ ଅତ୍ୟନ୍ତ ଯତ୍ନରେ ସାଇତା ହୋଇ ରଖାଯାଇଥିଲା । ସେଠାରେ ଦିନରାତି କନ୍ଧ ପ୍ରହରୀମାନେ ପହରା ଦେଉଥିଲେ । ଉକ୍ତ ଭଞ୍ଜବଂଶଜ କବି ଉପେନ୍ଦ୍ରଙ୍କର ରତ୍ନଜ୍ଞାନ ଅକଳନ ଥିବା ଜଣାଯାଏ । ବ୍ରହ୍ମଜାତିହୀରା, ପଦ୍ମରାଗ, ମାଣିକ୍ୟ, ଜମ୍ବୁନଦ ହେମ, ମେଷଚକ୍ଷୁନୀଳା, ଚନ୍ଦ୍ରକାନ୍ତ ପାଷାଣ ପ୍ରଭୃତି ଯେ ଶ୍ରେଷ୍ଠ ତାହା ସେ 'ଲାବଣ୍ୟବତୀ' କାବ୍ୟରେ ଅତ୍ୟନ୍ତ ମନୋଜ୍ଞଭାବରେ ବର୍ଣ୍ଣନା କରିଛନ୍ତି ।

ଶ୍ରମ, ସାଧନା, ଶାସ୍ତ୍ରାନୁଶୀଳ, ପ୍ରତିଭାବଳରେ ଉପେନ୍ଦ୍ର ଭଞ୍ଜ ଅସଂଖ୍ୟ ଦୁର୍ଲ୍ଲଭ ଗ୍ରନ୍ଥ ପ୍ରଣୟନ କରିଥିଲେ, ତାଙ୍କର ଈଶ୍ୱର ବିଶ୍ୱାସ ଅତ୍ୟନ୍ତ ପ୍ରଗାଢ଼ ଥିଲା । ପରମେଶ୍ୱରଙ୍କଠାରେ

ନିଜକୁ ଆତ୍ମସମର୍ପଣ କରିବାର ଆତ୍ମସନ୍ତୋଷ ତାଙ୍କୁ ଗଭୀରଭାବରେ ଆଚ୍ଛନ୍ନ କରିଥିଲା । କାବ୍ୟ ସାଧନାକାଳରେ ସେ ଶ୍ରୁତି, ସ୍ମୃତି, ସାଂଖ୍ୟାଦି ଷଡ଼ଦର୍ଶନ ଶାସ୍ତ୍ରର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରି ନିଜର ଦାର୍ଶନିକ ଚିନ୍ତାର ଉନ୍ମେଷ ପରିବର୍ଦ୍ଧିତ କରି ପାରିଥିଲେ । ତେଣୁ ସେ ପ୍ରତ୍ୟେକ ଗ୍ରନ୍ଥରେ ସ୍ଥାନେ ସ୍ଥାନେ ଦାର୍ଶନିକ ଓ ଆଧାତ୍ମିକ ତତ୍ତ୍ୱ ପ୍ରକାଶ କରି ନିଷ୍କଳଙ୍କ ବ୍ୟକ୍ତି ଜୀବନର ପବିତ୍ରତା, ଚରିତ୍ର ନିଷ୍ଠା ଓ ଧର୍ମ ଧାରଣା ପ୍ରତିପାଦନ କରିଛନ୍ତି । ଗ୍ରନ୍ଥପ୍ରଣୟନ କାର୍ଯ୍ୟରେ ପ୍ରବେଶ କରିବା ପୂର୍ବରୁ କବି ପରମେଶ୍ୱରଙ୍କର କୃପାଭିକ୍ଷା ବାରମ୍ବାର କରିଛନ୍ତି । ବିଶ୍ୱନିୟନ୍ତାଙ୍କ କୃପା, ବିଜ୍ଞ ସାଧାରଣଙ୍କ ସହାନୁଭୂତି ବ୍ୟତୀତ ଯେ କୌଣସି ମହତ୍ କାର୍ଯ୍ୟ ନିଷ୍ପନ୍ନ ହେବା ଅସମ୍ଭବ । ତେଣୁ ନିଜ ଗ୍ରନ୍ଥ ରଚନା କାଳରେ ସହାୟ ହେବା ପାଇଁ ପ୍ରଥମେ ପରମେଶ୍ୱରଙ୍କୁ ଦ୍ୱିତୀୟରେ ସୁଜ୍ଞାନୀପଣ୍ଡିତବର୍ଗଙ୍କୁ ନମ୍ରତାର ସହ ପ୍ରାର୍ଥନା କରିଛନ୍ତି ।

କବି ସମ୍ରାଟଙ୍କ ଅସାଧାରଣ କବିତ୍ୱ ଓ କାବ୍ୟ ରଚନାଗତ ବିପୁଳତାରେ ବିମୁଗ୍ଧ ଲୋକ ପରମ୍ପରା କବିସମ୍ରାଟଙ୍କ ପରି ଜଣେ ସାଧାରଣ ମନୁଷ୍ୟ ପକ୍ଷେ ସାମର୍ଥ୍ୟ ବହିର୍ଭୂତ ମନେକରି ଏ ସବୁର ପ୍ରସିଦ୍ଧି ପାଇଁ କେବଳ ରାମତାରକ ମନ୍ତ୍ରସିଦ୍ଧି ଅଥବା ଦୈବୀ ଅନୁଗ୍ରହ ପ୍ରଭୃତି ଦୈବୀକୃପାକୁ ପ୍ରଧାନ କାରଣ ବୋଲି ବିବେଚନା କରୁଥିଲେ ମଧ୍ୟ ଆମ ମତରେ ପାଣ୍ଡିତ୍ୟ, କାବ୍ୟ  ରସିକତା ଓ ସୃଜନଶୀଳ କଳା ପରମ୍ପରାରେ ଜନ୍ମଲାଭ କରି ବହୁ ବିଦୁଷ ସେବିତ ଧନଞ୍ଜୟଙ୍କର ରାଜସଭାପରି ଏକ ବୁଦ୍ଧିଜୀବୀ ପରିବେଶ ମଧ୍ୟରେ ବିପୁଳ ଅଧୟିତ ଶାସ୍ତ୍ର ଏବଂ ନବନବ ଉନ୍ମେଷଶାଳିନୀ ପ୍ରଜ୍ଞାର ଅଧିକାରୀ କବିସମ୍ରାଟଙ୍କର କାବ୍ୟିକ ପୌରୁଷ କଦାପି ଏପରି ପ୍ରସିଦ୍ଧି ଲାଭ ପାଇଁ ଅସମର୍ଥ ବା ଅଯୋଗ୍ୟ ବିବେଚିତ ହୋଇ ନପାରେ ।

ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟର ସନ୍ଧିକ୍ଷଣ ରେ ଯେଉଁ ଅସାଧାରଣ କାବ୍ୟଧାରାର ନିଛକ ଓଡ଼ିଆତ୍ୱ ପ୍ରଚଳନ କରି ସଂସ୍କୃତାଭିମୁଖୀ ପାଠକ ସମାଜକୁ ନିଜସ୍ୱ ଭାଷା, ସଂସ୍କୃତି, ଜୀବନଶୈଳୀର ମହକ ବିଞ୍ଚିବାରେ ସମର୍ଥ ହେଲେ, ତାହା ହୁଏତ ତାଙ୍କପରି ମହାନ୍ ପ୍ରତିଭାଧର ଶିଳ୍ପୀ ହୋଇନଥିଲେ ସମ୍ଭବ ହୋଇ ନଥାନ୍ତା । ଓଡ଼ିଆ କାବ୍ୟରେ କାଳ୍ପନିକ ଗଳ୍ପ ଆଖ୍ୟାଂଶର ଅପୂର୍ବ ବିନ୍ୟାସ, ତତ୍କାଳୀନ ସାମାଜିକ ଜୀବନର ନିଛକ ପ୍ରତିଫଳନ, ରାଜନୈତିକ, ଅର୍ଥନୈତିକ ପଟ୍ଟଭୂମିର ସାର୍ଥକ ବିବରଣ ମାତୃଭାଷାରେ ବିପୁଳ ଭାବରେ ପ୍ରକାଶ କରିବାର ଅନନ୍ୟ ଶୈଳୀ ପାଇଁ ସେ ଚିରକାଳ ଓଡ଼ିଆ ଜାତିର ନମସ୍ୟ ହୋଇ ରହିବେ । ଉପେନ୍ଦ୍ର ଭଞ୍ଜ ନିଜ ଯୁଗ, ସାରସ୍ୱତ ରଚନାର ବହୁଊର୍ଦ୍ଧ୍ୱରେ ଏକ ଅମର ବ୍ୟକ୍ତିତ୍ୱ ଏକ ନବଯୁଗର ପ୍ରଣେତା ଭାବରେ ପ୍ରାତଃସ୍ମରଣୀୟ ।

## ପାଦଟୀକା :

୧. ପଟ୍ଟନାୟକ, ଅନନ୍ତ ପଦ୍ମନାଭ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ମୁଦ୍ରଣ - ୧୯୯୬, ପୃ - ୮ ।

୨. ମହତାବ, ଡ଼. ହରେକୃଷ୍ଣ, ଓଡ଼ିଶା ଇତିହାସ, ଚତୁର୍ଥ ସଂସ୍କରଣ - ୧୯୯୬, ପୃ - ୧୧୫ ।

୩. ମହାନ୍ତି, ଆର୍ତ୍ତବଲ୍ଲଭ, ମାଦଳା ପାଞ୍ଜି, ପ୍ରାଚୀ ସମିତି ସମ୍ପାଦିତ, ପୃ ୩- ୬୮ ।

୪. ପଟ୍ଟନାୟକ, ଅନନ୍ତ ପଦ୍ମନାଭ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ମୁଦ୍ରଣ - ୧୯୯୬, ପୃ - ୯ ।

୫.କ. ଭଞ୍ଜ, ଉପେନ୍ଦ୍ର, ''ତାରକ ମନ୍ତ୍ର ପରସାଦେ ମୋହର କବି ପଣ ଉଦେ ।'' ଲାବଣ୍ୟ ବତୀ, ଷୋହଳଛାନ୍ଦ, ୪୨ ପଦ, ପୃ - ୧୫୦ ।

ଖ. ଭଞ୍ଜ, ଉପେନ୍ଦ୍ର, ''ବଳାଇ ଚିର ଅନବରତ ଭାଗେ ଗ୍ରହଣ ତାରକମନ୍ତ୍ର ।'' ବୈଦେହୀଶବିଳାସ, ୧ମ ଛାନ୍ଦ, ୪ ପଦ, ପୃ - ୧ ।

ଗ. ଭଞ୍ଜ, ଉପେନ୍ଦ୍ର, ''ତାରକ ମନ୍ତ୍ର ଯାହାର / ତ୍ରାଣ ସେହି ଉପେନ୍ଦ୍ର ଭଞ୍ଜର ।'' ଛାନ୍ଦଭୂଷଣ - ଷଷ୍ଠ ଛାନ୍ଦ, ପୃ ୪୦ ।

ଘ. ଭଞ୍ଜ, ଉପେନ୍ଦ୍ର, ''ଯେଉଁ ତାରକ ପ୍ରବର୍ତ୍ତକ ଜଗତେ ତାରକ ସ୍ୱଭାବେ ସହିତ ମହାପୁରୁ ଭାବୁଁ ସେ କାଶୀଶ୍ୱରଙ୍କୁ ବନ୍ଦନା କରିବା ଉଚିତ ହୋଇଲା କବି ଉପେନ୍ଦ୍ର ଭଞ୍ଜର ।'' କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ୫ମ ଛାନ୍ଦ, ୧୧ ପଦ, ପୃ - ୩୯ ।

ଙ. ଭଞ୍ଜ, ଉପେନ୍ଦ୍ର, ''ବୃଷଭାସନେ ବୃଷ ଭାଷଣେ ଅତୀତର / ବିଭୋତାର ଯେଉଁ ତାରକ ମନ୍ତ୍ରର ଯେ ।'' ବୈଦେହୀଶ ବିଳାସ, ୨ ୟ ଛନ୍ଦ, ୧୭ ପଦ, ପୃ - ୩୧ ।

୬. ପଟ୍ଟନାୟକ, ଅନନ୍ତ ପଦ୍ମନାଭ, 'କବି ପରିଚୟ', କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ମୁଦ୍ରଣ - ୧୯୯୬, ପୃ - ୪୫/୪୬ ।

୭. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୨୮ ଛାନ୍ଦ, ପଦ- ୩୩ , ପୃ - ୨୪୬ ।

୮. ଭଞ୍ଜ, ଉପେନ୍ଦ୍ର, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ୧୦ମ ଛାନ୍ଦ, ୧୫ ପଦ, ପୃ - ୩୯ ।

୯. ଭଞ୍ଜ, ଉପେନ୍ଦ୍ର, ''ପରଦ୍ରବ୍ୟ ପରସ୍ତିରୀ ହରଣକୁ / ଲେଖୁଁ ଶୁଭ କରି ତହୁଁ ମରଣକୁ ।'' ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ- ୫୨/୫୩, ପୃ - ୭୧ ।

୧୦. ଭଞ୍ଜ, ଉପେନ୍ଦ୍ର, ଚିତ୍ରକାବ୍ୟ ବନ୍ଧୋଦୟ, ପୃ - ୩୩ ।

୧୧. ପଟ୍ଟନାୟକ, ଅନନ୍ତ ପଦ୍ମନାଭ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ମୁଦ୍ରଣ - ୧୯୯୬, ପୃ -୩୫, ୩୬ ।

୧୨. କର, ବିଶ୍ୱନାଥ,Typical Selection from Oriya literature, B.C. Majumdar, Vol - 1, P- 139. ଉତ୍କଳ ସାହିତ୍ୟ, ପୃ - ୪୫

୧୩. ପଟ୍ଟନାୟକ, ଅନନ୍ତ ପଦ୍ମନାଭ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ମୁଦ୍ରଣ - ୧୯୯୬, ପୃ -୪୧ ।

୧୪. ଭଞ୍ଜ, ଉପେନ୍ଦ୍ର, ଚିତ୍ରକାବ୍ୟ ବନ୍ଧୋଦୟ, ପୃ - ୪୪ ।

୧୫. ଭଞ୍ଜ, ଉପେନ୍ଦ୍ର, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଛାନ୍ଦ - ୪, ପଦ- ୪, ପୃ - ୩୦ ।

୧୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସଂପାଦନା - ଡଃ. ବୈଷ୍ଣବ ଚରଣ ସାମଲ, ପୃ - ୪୧, ୪୨ ।

୧୭. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଏକାଦଶଛନ୍ଦ, ପଦ - ୧, ପୃ - ୯୪ ।

୧୮. ଭଞ୍ଜ, ଉପେନ୍ଦ୍ର, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଦଶମଛାନ୍ଦ, ପଦ - ୮, ପୃ - ୮୫ ।

୧୯. ଭଞ୍ଜ, ଉପେନ୍ଦ୍ର, ''ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ସୋମବାର ହୋଏ / ସଂକ୍ରାନ୍ତି କଳାକୁ ଭୋଗ ଦିବସ କୋଡ଼ିଏ ଯେ ।। ୩୫ ।। ସ୍ୱାତି ତାର ତୁଳଚନ୍ଦ୍ର ଶୁଭ ନାମ ଯୋଗ / ସେ ଦିନ ବେଳର ଷଡ଼ଘଟି ହୋଏ ଭୋଗ ଯେ ।। ୩୬ ।। ରବି ବୃଷେ ବୁଧ ଶୁକ୍ର ମିଥୁନରେ ସ୍ଥିତି / କର୍କକଡ଼ା ଲଗ୍ନ ତହିଁ ସଙ୍ଗ ବୃହସ୍ପତି ଯେ ।। ୩୭ ।। ଚନ୍ଦ୍ର କେନ୍ଦ୍ରବର୍ତ୍ତୀ ତୁଳେ ଶନିଶ୍ଚର ମୀନେ / ମଙ୍ଗଳ ମଙ୍ଗଳକାରୀ ତୃତୀୟରେ କନ୍ୟେ ଯେ ।। ୩୮ ।। ସ୍ୱର୍ଭାନୁମକରେ କାରେ ବିଳାସକୁ ତୋଷେ/ ଏହିକାଳେ ବର ବିଭାମଣ୍ଡପରେ ବସେ ଯେ ।। ୩୯ ।।, ଲାବଣ୍ୟବତୀ, ୪୦ ଛାନ୍ଦ, ପୃ -୨୬୧ ।

୨୦. ଭଞ୍ଜ, ଉପେନ୍ଦ୍ର, ''କନ୍ୟା ତୁଳା ଅଙ୍ଗୀ ସିଂହକଟି ମୀନନୟନା କୁମ୍ଭ ସନ୍ତା ଭାରି / ଭ୍ରୂଲତା, ଧନୁରେ ପୁଣି ମନୋହର । ମକରକେତୁ ତାପେ ତୋ ପ୍ରେମଜଳେ ମନକର୍କଡ଼ା ମଗ୍ନ ମୋର ।'' ଲାବଣ୍ୟବତୀ, ୨୪ ଛାନ୍ଦ, ପଦ -୧୨, ପୃ - ୨୦୨ ।

## ଦ୍ୱିତୀୟ ଅଧ୍ୟାୟ

# ଓଡ଼ିଆ କାଞ୍ଚନିକକାବ୍ୟ ରଚନାଧାରାରେ ''ଲାବଣ୍ୟବତୀ''ର ତୁଳନାତ୍ମକ ଅଧ୍ୟୟନ

ଓଡ଼ିଆ କାବ୍ୟ ସାହିତ୍ୟର ସୁବର୍ଣ୍ଣଯୁଗ ହେଉଛି ଷୋଡ଼ଶ, ସପ୍ତଦଶ, ଅଷ୍ଟାଦଶ ତଥା ଊନବିଂଶ ଶତାବ୍ଦୀ । ଏହି ସମୟରେ ଯେଉଁ ଅସ୍ଥିର ରାଜନୈତିକ ପରିସ୍ଥିତି ଓଡ଼ିଶାରେ ଲାଗିରହିଥିଲା ତାହାସହିତ କାବ୍ୟ ସାଧକମାନଙ୍କର ଲେଖନୀ କେତେଦୂର ପ୍ରଭାବିତ ହୋଇଥିଲା, ସେ ସମ୍ପର୍କରେ ସମ୍ୟକ ଆଲୋଚନା ସହିତ ତାହାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ, ଆଧ୍ୟାତ୍ମିକ ସ୍ଥିତିର ଯେଉଁ ନିବିଡ଼ ଭାବଗତ ପ୍ରଭାବ ତତ୍‌କାଳୀନ ଓଡ଼ିଆ କାବ୍ୟକୁ ଋଦ୍ଧିମନ୍ତ କରିଛି, ତାହା ହିଁ କେବଳ କାବ୍ୟର ଶୈଳ୍ପିକ ଗଠନ ରୀତିକୁ ଏକ ନୂତନତ୍ୱ ପ୍ରଦାନ କରିନାହିଁ ବରଂ ଆତ୍ମିକ ସୌନ୍ଦର୍ଯ୍ୟକୁ ପ୍ରକାଶ କରିବାରେ ଯଥେଷ୍ଟ ସାହାଯ୍ୟ କରିଛି । ଓଡ଼ିଆ ଭାଷାର ପ୍ରୟୋଗ ନବମ ଦଶମ ଶତାବ୍ଦୀ ଠାରୁ ବିଭିନ୍ନ ଶିଳାଲେଖ ତାମ୍ରପଟ୍ଟା ସନନ୍ଦରୁ ମିଳୁଥିଲେ ମଧ୍ୟ ସାହିତ୍ୟ ସୃଷ୍ଟିରେ ପୂର୍ଣ୍ଣତମ ବିକାଶ ସମ୍ପର୍କରେ ସେଭଳି ପ୍ରମାଣ ଏହି ସମୟ ମଧ୍ୟରେ ମିଳୁନାହିଁ ।

ହୁଏତ ଏହାର କାରଣ ହୋଇପାରେ, ଓଡ଼ିଶାରେ ରାଜତ୍ୱ କରୁଥିବା ରାଜାମାନଙ୍କର ପୃଷ୍ଠପୋଷକତାର ଅଭାବ ତଥା ରାଜ୍ୟମାନଙ୍କରେ ଥିବା କବି, ପଣ୍ଡିତମାନଙ୍କର ଉଦାସୀନ ମନୋଭାବ । କିନ୍ତୁ ସୂର୍ଯ୍ୟବଂଶୀୟ ରାଜାମାନଙ୍କ ମଧ୍ୟରେ ଗଜପତି କପିଳେନ୍ଦ୍ର ଦେବଙ୍କର ସମସାମୟିକ କବି ସାରଳା ଦାସ ଓଡ଼ିଆ ଭାଷାରେ ପ୍ରଥମ କରି 'ମହାଭାରତ' ଭଳି ଯେଉଁ ମହାନ୍ କାବ୍ୟକୁ ଅତ୍ୟନ୍ତ ମନୋରମ, ସରଳ, ସ୍ୱଚ୍ଛନ୍ଦ ଲୋକମୁଖରେ ବ୍ୟବହୃତ ଭାଷାର ସୌକୁମାର୍ଯ୍ୟ ପଣ ସୃଷ୍ଟି କଲେ ତାହା ହିଁ ଓଡ଼ିଆ ଭାଷାର ପ୍ରଥମ ସାହିତ୍ୟିକ, କାବ୍ୟିକ, ଉତାଙ୍ଗ ସ୍ଫୁରଣ । ମହାକବି ସାରଳା ଦାସଙ୍କର ଅପୂର୍ବ ଲେଖନୀମୁନରେ ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବଙ୍କର ବିଶାଳ ସାମ୍ରାଜ୍ୟ ବିସ୍ତାରରେ ବୀରତ୍ୱ, ରାଜ୍ୟ ଶାସନର ଦକ୍ଷତା, ରାଜ୍ୟର ସୀମା ଏପଟେ ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ କାବେରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା, ତାହାର ବର୍ଣ୍ଣନା ଅତ୍ୟନ୍ତ ମନୋଜ୍ଞ ଭାବରେ ପ୍ରକାଶ ପାଇଛି । ଏପରିକି କପିଳେନ୍ଦ୍ର ଦେବ ନିଜେ ଜଣେ କବି, ବିଦ୍ୱାନ, ପଣ୍ଡିତ ଥିଲେ । ତାଙ୍କର 'ପରଶୁରାମ ବିଜୟ' ନାଟକରେ ନିଜକୁ 'ରାଜାଧିରାଜ ନବକୋଟି କର୍ଣ୍ଣାଟାଧିପତି ଗଜପତି ଗୌଡ଼େଶ୍ୱର ପ୍ରତାପ ବୀର କପିଳେନ୍ଦ୍ର ମହାରାଜା' ରୂପେ ପରିଚିତ କରାଇଛନ୍ତି ।[୧] ଏତଦ୍‌ବ୍ୟତୀତ କପିଳେନ୍ଦ୍ରଦେବଙ୍କ ପରେ ଉତ୍କଳର ରାଜନୈତିକ ପ୍ରେକ୍ଷାପଟ୍ଟର ଭାଗ୍ୟ ବିପର୍ଯ୍ୟୟ ଆରମ୍ଭ

ହୋଇଗଲା । ଏହାର କାରଣ ସ୍ୱରୂପ ଦକ୍ଷିଣରେ ବିଜୟନଗର ଓ ଗୋଲକୁଣ୍ଡାର ଶକ୍ତି ବୃଦ୍ଧି ସହିତ ବଙ୍ଗ ସୁଲତାନ ଓ ଦିଲ୍ଲୀ ମୋଗଲ ଶାସକମାନଙ୍କର ଓଡ଼ିଶା ପ୍ରତି ଲୋଲୁପଦୃଷ୍ଟି, ଉତ୍କଳରେ ବଳିଷ୍ଠ ନେତୃତ୍ୱ ତଥା ବୀରତ୍ୱର ଅଭାବ ପାଇଁ କ୍ରମଶଃ ଦୁର୍ବଳ ହୋଇପଡ଼ିଲା । ଯଦିଓ ଗଜପତି ପୁରୁଷୋତ୍ତମ ଦେବ ନିଜର ସମସ୍ତ ଶକ୍ତି ବିନିମୟରେ ପିତୃ ସାମ୍ରାଜ୍ୟର ସୁରକ୍ଷା ପାଇଁ ପ୍ରଗାଢ଼ ପ୍ରୟାସ କରିଥିଲେ ହେଁ ତାଙ୍କର ପୁତ୍ର ପ୍ରତାପରୁଦ୍ର ଓଡ଼ିଶାର ବିସ୍ତୃତ ସୀମାରେଖାକୁ ଅକ୍ଷୁଣ୍ଣ ରଖିବାରେ ଅସମର୍ଥ ହୋଇଥିଲେ ।

ଅବଶ୍ୟ ଏ କଥା ଅନସ୍ୱୀକାର୍ଯ୍ୟ, ସୂର୍ଯ୍ୟବଂଶୀ ଉତ୍କଳର ଗଜପତିମାନେ ଏକ ସୁଦୃଢ଼ ପ୍ରଶାସନ ଦେବାସହିତ ଦେଶପ୍ରେମ, ସ୍ୱାଧୀନ ମନୋବୃତ୍ତି ଉତ୍କଳୀୟଙ୍କ ମଧ୍ୟରେ ଏଭଳି ସୃଷ୍ଟି କରିଥିଲେ ଯାହାର ପରିଣତି ସ୍ୱରୂପ ସେମାନେ କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ କରି ପ୍ରତାପରୁଦ୍ରଙ୍କ ପର୍ଯ୍ୟନ୍ତ ବୀରତ୍ୱର ପରାକାଷ୍ଠା ଦେଖାଇବାରେ ସମର୍ଥ ହୋଇପାରିଥିଲେ । ଯଦିଓ ପ୍ରତାପରୁଦ୍ରଙ୍କ ସମୟରେ ରାଜ୍ୟର ସୀମା ସଙ୍କୁଚିତ ହୋଇ ଆସିଲା । ବିଜୟନଗରର ରାଜା କୃଷ୍ଣଦେବ ରାୟଙ୍କର ଉତ୍କଳ ଆକ୍ରମଣ ସହିତ ସିଂହାଚଳ (ବର୍ତ୍ତମାନର ସୀମାଞ୍ଚଳମ୍), ବିଶାଖାପାଟଣା ପ୍ରଭୃତି ଅଞ୍ଚଳ ଦଖଲ ଏବଂ ଭଗ୍ନହୃଦୟ ପ୍ରତାପରୁଦ୍ର ପରାଜୟବରଣ କରି ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏଭଳି ଅସହାୟତା ଅନୁଭବ କଲେ ଯେ, କୃଷ୍ଣଦେବ ରାୟଙ୍କ ସହିତ ସନ୍ଧି ସ୍ଥାପନ କରି ନିଜର ଅଲିଅଳ ଉଉଣୀଙ୍କୁ ବିବାହ କରାଇଲେ ହେଁ ଯେଉଁ ବିସ୍ତୃତ ଅଞ୍ଚଳ କୃଷ୍ଣଦେବ ରାୟଙ୍କ ଅଧୀନକୁ ଚାଲିଗଲା ଏବଂ ପ୍ରତାପରୁଦ୍ର ପରାଜୟର ଗ୍ଲାନିକୁ ସହଜରେ ଗ୍ରହଣ କରିପାରିଲେ ନାହିଁ, ସେତେବେଳକୁ ଚୈତନ୍ୟଙ୍କର ଗୌଡ଼ୀୟ ରାଧାକୃଷ୍ଣ ପ୍ରେମର ପ୍ଲାବନ ବଙ୍ଗଳାର ସୀମାରେଖା ଡେଇଁ ଓଡ଼ିଶାରେ ପହଞ୍ଚି ସାରିଥାଏ । ଚୈତନ୍ୟ ପୁରୀକୁ ନିଜର ଭକ୍ତିଭାବର ପୀଠସ୍ଥଳୀ ରୂପେ ବାଛି ନେଇଥାନ୍ତି ।

ଏହି ଯେଉଁ ସାଂସ୍କୃତିକ ପ୍ଲାବନ ସୃଷ୍ଟି ହେଲା, ତାହା ତତ୍‌କାଳୀନ ରାଜନୈତିକ ଅସ୍ଥିରତା ଭିତରୁ ଜୀବନକୁ ସାହିତ୍ୟ, କଳା, ଧର୍ମ, ଭକ୍ତିଭାବନା ଭିତରେ ନିମଜ୍ଜିତ କରାଇ ଦେବାର ଏକ ସ୍ୱତଃସ୍ଫୁର୍ତ୍ତ ପରିବେଶ ସୃଷ୍ଟି କରିଦେଲା । ଚୈତନ୍ୟ ଦେବଙ୍କ ଓଡ଼ିଶା ଆଗମନ ପରେ ଓଡ଼ିଶାରେ ଗୋପୀପ୍ରେମ ତତ୍ତ୍ୱ ରାଧାକୃଷ୍ଣ ଲୀଳା ତତ୍ତ୍ୱର ବହୁଳ ପ୍ରଚାର ହୋଇଥିଲା । ଅନେକ ଓଡ଼ିଆ କବି ଧର୍ମୀୟ ଭାବନାରେ ପ୍ରଣୋଦିତ ହୋଇ ଏହି ବିଷୟ ଅବଲମ୍ବନରେ ଓଡ଼ିଆରେ କାବ୍ୟ-କବିତା ରଚନା କରିଥିଲେ । ଉତ୍କଳରେ ଏହି ଯୁଗରେ ଯେତେସଂଖ୍ୟାରେ ଧର୍ମ ସମ୍ପର୍କିତ କାବ୍ୟ କବିତା ରଚିତ ହୋଇଛି ତଥା ଏହାର ଶାସକମାନେ ଯେଭଳି ପୃଷ୍ଠପୋଷକତା କରିଛନ୍ତି, ତାହା ବାସ୍ତବିକ ଅନନ୍ୟ ସାଧାରଣ । ଉପେନ୍ଦ୍ରଙ୍କର କାବ୍ୟ ରଚନାବେଳକୁ ଓଡ଼ିଶାର କାବ୍ୟ ସାହିତ୍ୟ ଯୁଗର ଦୀର୍ଘ ଚାରିଶହ ବର୍ଷର ପ୍ରତ୍ୟକ୍ଷ ପୃଷ୍ଠଭୂମି ସୃଷ୍ଟି ହୋଇ ସାରିଥିଲା । ଅବଶ୍ୟ ଏକାଦଶ ଶତାବ୍ଦୀ ଠାରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟ ପୁରାଣର ବିଶେଷ ନିଦର୍ଶନ ମିଳୁ ନଥିଲେ ହେଁ ଓଡ଼ିଆ ସାହିତ୍ୟର ବିକାଶ ଯେ ଅପ୍ରତିହତ ରହିଛି ତାହା ଅସ୍ୱୀକାର କରି ହେବ ନାହିଁ । ଅନେକ ଅମୂଲ୍ୟ କୃତି ଏହି ସମୟରେ

କାଳଗର୍ଭରେ ଯେ ଲୀନ ହୋଇଯାଇଛି ଏବଂ ଯାହାର ଉଦ୍ଧାରର ଅନ୍ୟ କୌଣସି ଉପାୟ ନାହିଁ । ଏହାସତ୍ତ୍ୱେ ସାରଳା ଦାସଙ୍କ 'ମହାଭାରତ'ର ବ୍ୟାପକତା, ସ୍ୱାଭାବିକତା, ସ୍ୱଚ୍ଛନ୍ଦତା ସହିତ ସାରଳା ପରବର୍ତ୍ତୀ ଯୁଗର କବିମାନଙ୍କର ରଚନା ଅର୍ଥାତ୍ ପଞ୍ଚଦଶ, ଷୋଡ଼ଶ ଶତାବ୍ଦୀର ଅସଂଖ୍ୟ ପୌରାଣିକ, କାଳ୍ପନିକ କାବ୍ୟର ପ୍ରଣେତାମାନଙ୍କ ମଧ୍ୟରେ ହେଲେ ଅର୍ଜୁନ ଦାସଙ୍କର 'ରହସ୍ୟମଞ୍ଜରୀ', କାର୍ତ୍ତିକ ଦାସଙ୍କର 'ରୁକ୍ମିଣୀ ବିଭା', ପ୍ରତାପ ରାୟଙ୍କର 'ଶଶିସେଣା', ନରସିଂହ ସେଣଙ୍କର 'ପରିମଳା', ହରିହର ଦାସଙ୍କ 'ଚନ୍ଦ୍ରାବତୀ ବିଳାସ' ରାମଚନ୍ଦ୍ର ପଟ୍ଟନାୟକଙ୍କ 'ହାରାବତୀ', ବୃନ୍ଦାବନ ଦାସଙ୍କର 'ରସବାରିଧି', ମଧୁସୂଦନ ଦାସଙ୍କର 'ନଳ ଚରିତ', ଶ୍ରୀଧର ଦାସଙ୍କ 'କାଞ୍ଚନଲତା', ବିଷ୍ଣୁ ଦାସଙ୍କର 'ପ୍ରେମଲୋଚନା', ରଘୁନାଥ ହରିଚନ୍ଦନଙ୍କ 'ଲୀଳାବତୀ', ଭୀମାଧୀବରଙ୍କ 'କପଟପାଶା', କପିଳେଶ୍ୱର ଦାସଙ୍କ 'କପଟକେଳି', ଧନଞ୍ଜୟ ଭଞ୍ଜଙ୍କର 'ରଘୁନାଥ ବିଳାସ', 'ତ୍ରିପୁର ସୁନ୍ଦରୀ', 'ମଦନ ମଞ୍ଜରୀ', 'ଅନଙ୍ଗ ରେଖା', 'ଇଚ୍ଛାବତୀ', ହରିହର ନରେନ୍ଦ୍ରଙ୍କ 'ମଦାଳସା', ବନମାଳୀ ଦାସଙ୍କର 'ଚାଟଇଚ୍ଛାବତୀ' ପ୍ରଭୃତି ଅବକ୍ଷୟକାଳୀନ ସଂସ୍କୃତ କାବ୍ୟସାହିତ୍ୟକୁ ନିଜର ଆଦର୍ଶଭାବରେ, ସଂସ୍କୃତ ଅଳଙ୍କାର ଶାସ୍ତ୍ରର ନିୟମାନୁବଦ୍ଧତାରେ ଆବିଷ୍ଟ ହୋଇ ଅନେକ ପାରମ୍ପରିକ ପୌରାଣିକ, କିମ୍ବଦନ୍ତୀ, ଲୋକ ଆଖ୍ୟାନମୂଳକ କଥାବସ୍ତୁକୁ କାବ୍ୟର କଥନିକା ଭାବରେ ଗ୍ରହଣ କରିଛନ୍ତି । ଅବଶ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ, ପଞ୍ଚସଖା ଯୁଗୀୟ ଧର୍ମଧାରଣା, କ୍ଲିଷ୍ଟ ଧାର୍ମିକ ମତବାଦ ସମ୍ବଳିତ ରଚନାପ୍ରତି ଯେଉଁ ବୀତସ୍ପୃହତା ସୃଷ୍ଟି ହୋଇଥିଲା ତାହା ଉପରୋକ୍ତ କବିମାନଙ୍କ କାବ୍ୟରେ ନିଆଯାଇଥିବା ନାୟକ/ନାୟିକାଙ୍କର କାଳ୍ପନିକ ଆଖ୍ୟାନ, ପ୍ରେମ, ବିରହ, ମିଳନ, ଶୃଙ୍ଗାରିକତା ପ୍ରତି ଭାବମୟତା ସୃଷ୍ଟି କରିବାରେ ଯଥେଷ୍ଟ ସହାୟକ ହୋଇଥିଲା ବୋଲି ସ୍ପଷ୍ଟ ଜଣାପଡ଼େ । ପଞ୍ଚସଖାଙ୍କର ଯୋଗ, ତନ୍ତ୍ର, ମନ୍ତ୍ର, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଶୂନ୍ୟ ଉପାସନା ଓ ଅଣାକାର ସାଧନାରେ ଓଡ଼ିଆ ସାହିତ୍ୟ କ୍ରମଶଃ ଶ୍ୱାସରୁଦ୍ଧ ହୋଇ ପଡୁଥିବାବେଳେ ଯେଉଁ ସାରଳାକାଳୀନ ଲୌକିକ ଅମନ୍ଦମନ୍ଦାକିନୀରେ ପ୍ଲାବିତ ହୋଇଯିବାକୁ ଚାହିଁଛି ତଥା ପରବର୍ତ୍ତୀ କାଳରେ ଏକ ବର୍ଦ୍ଧିଷ୍ଣୁ ରୂପଚର୍ଯ୍ୟାରେ ଭାବ ରସ-ଶୈଳୀରେ ସମୃଦ୍ଧ ଆଳଙ୍କାରିକ ରୀତିର ମହାପ୍ରବାହରେ ଅବଗାହିତ ହୋଇ ନିଜର ଅନୁପମ ଲାବଣ୍ୟମୟୀ ସତ୍ତା ପ୍ରକାଶ କରିଛି ତାହା ହିଁ ରୀତିଯୁଗୀୟ ଅର୍ଥାତ୍ ଉପେନ୍ଦ୍ରଙ୍କର କାବ୍ୟ ଉତ୍କର୍ଷର ପ୍ରମୁଖ ପ୍ରେରଣାସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ । ପଞ୍ଚସଖା ଯୁଗର ଲେଖାଗୁଡ଼ିକରେ ନିମ୍ନଲିଖିତ ବିଶେଷତ୍ୱଗୁଡ଼ିକ ଦେଖାଯାଏ ।

(କ) ରାମ, କୃଷ୍ଣ ଓ ଜଗନ୍ନାଥଙ୍କୁ ଆଶ୍ରୟ କରି ବହୁ ଗ୍ରନ୍ଥ ଲେଖା ଯାଇଛି । ରାମ ଗ୍ରନ୍ଥ ଅପେକ୍ଷାକୃତ କମ୍ କୃଷ୍ଣ ଗ୍ରନ୍ଥର ସଂଖ୍ୟା ବେଶୀ । ରାମ ଓ କୃଷ୍ଣଙ୍କ ଉପରେ ଜଗନ୍ନାଥଙ୍କର ମହିମା ବର୍ଣ୍ଣନା କରାଯାଇଛି ।

(ଖ) ଅଧିକାଂଶ ଲେଖା ଭକ୍ତିମୂଳକ । ସେଥିପାଇଁ ଏହି ଯୁଗକୁ ଭକ୍ତିଯୁଗ ମଧ୍ୟ କୁହାଯାଏ ।

(ଗ) ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଏ ଯୁଗରେ ବହୁ ଗ୍ରନ୍ଥ ଲେଖାଯାଇଛି । ଜଗନ୍ନାଥ ହିଁ ନିର୍ଗୁଣ ବ୍ରହ୍ମ ଏ ବିଷୟ ଓଡ଼ିଆ କବିମାନେ ସ୍ପଷ୍ଟ ଭାବରେ ପ୍ରତିପାଦନ କରିଛନ୍ତି । ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଏତେ ଚର୍ଚ୍ଚା ସମସାମୟିକ ହିନ୍ଦୀ କିମ୍ବା ବଙ୍ଗଳା ସାହିତ୍ୟରେ ଦେଖାଯାଏ ନାହିଁ ।

(ଘ) ଏ ଯୁଗର ଭକ୍ତି ଗ୍ରନ୍ଥମାନଙ୍କରେ ଶୃଙ୍ଗାର ରସର ପ୍ରାଧାନ୍ୟ କେବଳ ଭକ୍ତି ଉଦ୍ଦେଶ୍ୟରେ ଥିଲା; ବ୍ୟସନ ଉଦ୍ଦେଶ୍ୟରେ ନୁହେଁ ।

(ଙ) ଏ ଯୁଗର ଲେଖାମାନଙ୍କର କବିତ୍ୱ ଅପେକ୍ଷା ଧାର୍ମିକ ଚିନ୍ତାର ପ୍ରାଧାନ୍ୟ ବେଶୀ ଥିଲା ।

୧. ଭାଷାର ସ୍ୱାଭାବିକ ସରଳତା ଥିଲା । ଶବ୍ଦାଡ଼ମ୍ବର ନଥିଲା କହିଲେ ଚଳେ । ଏକ ଶବ୍ଦକୁ ବିଭିନ୍ନ ଅର୍ଥରେ ପ୍ରୟୋଗ କରିବାର ଢଙ୍ଗ ପ୍ରାୟ ନଥିଲା ।

୨. କବିତାରେ ସ୍ୱାଭାବିକ ସ୍ଫୂର୍ତ୍ତି ଥିଲା ।

୩. ସଂସ୍କୃତ ଆଳଙ୍କାରିକ ଗ୍ରନ୍ଥମାନଙ୍କର ପ୍ରଭାବ ସେତେ ଦେଖାଯାଏ ନାହିଁ ।[୨]

ପଞ୍ଚସଖା ଯୁଗ ବା ଭକ୍ତି ଯୁଗର ଧାରା ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ଆସିଛି । ପଞ୍ଚସଖାଙ୍କ ସମୟଠାରୁ ଧନଞ୍ଜୟ ଭଞ୍ଜଙ୍କ ପର୍ଯ୍ୟନ୍ତ ପ୍ରାୟ ଦେଢ଼ଶହ ବର୍ଷ ଭିତରେ ଭକ୍ତି ଯୁଗର ବିଶେଷ କିଛି ପରିବର୍ତ୍ତନ ଦେଖା ଯାଇନାହିଁ । ତେଣୁ ଧନଞ୍ଜୟ ଭଞ୍ଜଙ୍କଠାରୁ ଆରମ୍ଭ କରି ଉପେନ୍ଦ୍ର ଭଞ୍ଜଙ୍କ ପରେ ସାଧାରଣତଃ ୧୮୬୬ ଖ୍ରୀ: ପର୍ଯ୍ୟନ୍ତ ଏହି ସମୟକୁ ରୀତି ଯୁଗ ବା କାବ୍ୟ ଯୁଗ ବା ଉପେନ୍ଦ୍ର ଭଞ୍ଜ ଯୁଗ ବୋଲି କୁହାଯାଇପାରେ ।[୩]

ଗଜପତି ତେଲେଙ୍ଗା ମୁକୁନ୍ଦ ଦେବ ଖ୍ରୀ: ୧୫୬୮ରେ ବଙ୍ଗ ନବାବଙ୍କ ଦ୍ୱାରା ପରାଜିତ ହେବାପରେ ଓଡ଼ିଶାରେ ସ୍ୱାଧୀନ ହିନ୍ଦୁ ରାଜ୍ୟର ଅସ୍ତିତ୍ୱ ଲୋପ ହେଲା । ମୁକୁନ୍ଦ ଦେବଙ୍କ ପରେ ଖୋର୍ଦ୍ଧାର ରାଜା ହିଁ ନାମମାତ୍ର ଓଡ଼ିଶାର ରାଜା ହୋଇ ରହିଲେ । ଏହି ଖୋର୍ଦ୍ଧା ରାଜାମାନଙ୍କର ସାର୍ବଭୌମତ୍ୱ ନଥିଲା । ସମ୍ରାଟ ଆଉରଙ୍ଗଜେବଙ୍କ ଅମଳରେ ଖୋର୍ଦ୍ଧାରେ ଖ୍ରୀ: ୧୬୮୮ ରୁ ଖ୍ରୀ: ୧୭୧୫ ପର୍ଯ୍ୟନ୍ତ ଦିବ୍ୟସିଂହ ଦେବ ରାଜା ହୋଇଥିଲେ । ସମ୍ରାଟ ଆଉରଙ୍ଗଜେବ ହିନ୍ଦୁ ମନ୍ଦିର ଧ୍ୱଂସ କରିବା ସଚ୍ଚାମୁସଲମାନ ଧର୍ମର ଏକ ପ୍ରଧାନ କର୍ତ୍ତବ୍ୟ ବୋଲି ମନେ କରୁଥିଲେ । ତାଙ୍କର ଆଦେଶ ଅନୁସାରେ ଓଡ଼ିଶାରେ କଟକଠାରୁ ମେଦିନୀପୁର ଭିତରେ ବହୁ ଦେବମନ୍ଦିର ଧ୍ୱଂସ କରିଦିଆଯାଇଥିଲା ଏବଂ ଅନେକ ମନ୍ଦିର ସ୍ଥାନରେ ମସ୍‌ଜିଦ ନିର୍ମିତ ହୋଇଥିଲା । ପୁରୀର ବିଖ୍ୟାତ ଜଗନ୍ନାଥ ମନ୍ଦିରକୁ ଧ୍ୱଂସ କରିବାପାଇଁ କଟକର ମୁସଲମାନ ଶାସକମାନେ ତତ୍ପର ଥିଲେ । ସେମାନେ ସମୟ ସୁବିଧା ଦେଖି ଆକ୍ରମଣ ମଧ୍ୟ କରୁଥିଲେ । ଦିବ୍ୟସିଂହ ଦେବଙ୍କ ସମୟରେ ସମ୍ରାଟ ଆଉରଙ୍ଗଜେବ୍ ଥରେ ବିଜାପୁରରୁ ଜଗନ୍ନାଥ ମନ୍ଦିର ଧ୍ୱଂସ କରିବାକୁ ଆଦେଶ ଦେଇଥିଲେ । ଖ୍ରୀ: ୧୬୯୭ରେ କଟକର ମୁସଲମାନ ସୁବେଦାର ଏକ୍ରମ୍ ଖାଁ ପୁରୀ ମନ୍ଦିର ଆକ୍ରମଣ କରି ବହୁ ସମ୍ପତ୍ତି ମନ୍ଦିରରୁ ନେଇ ଯାଇଥିଲେ । ଜଗନ୍ନାଥ ମୂର୍ତ୍ତିକୁ ମଧ୍ୟ ନେଇଯାଇଥିବା ଜଣାଯାଏ । ରାଜା ଦିବ୍ୟସିଂହ ଦେବଙ୍କୁ

ଧରିବାପାଇଁ ଏକ୍ରାମ୍ ଖାଁ ଉଦ୍ୟମ କରିଥିଲେ । କିନ୍ତୁ ରାଜା ସହର ଭିତରେ ଲୁଚିରହିଥିବାରୁ ଧରି ପାରିଲେ ନାହିଁ । ତକଡ଼ା ପୋଥିରେ ଏହି ପ୍ରସଙ୍ଗଟି ଏପରିଭାବରେ ବର୍ଣ୍ଣିତ ହୋଇଛି । ''ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବ (୨ୟ) ୨୮ ଅଙ୍କ ଭୋଗ କରି ମୃତ୍ୟୁବରଣ କରିବାରୁ ତାଙ୍କ ପୁତ୍ର ଜେନା ଦିବ୍ୟ ସିଂହଦେବ ଖ୍ରୀ : ୧୬୯୨ ରେ ରାଜା ହେଲେ । ରଥିପୁର (କଟଣୀ ନିକଟସ୍ଥ) ରାଜଧାନୀ ହୋଇଥିଲା । ଖୋର୍ଦ୍ଧା ଜଗନ୍ନାଥପୁରରେ ଥିବା ପୁରୁଣା ନଅରରେ ଯାଇ ରହିଲେ । ତୃତୀୟ ଅଙ୍କରେ ବା (ଖ୍ରୀ : ୧୬୯୩) ରେ ଦିବ୍ୟସିଂହ ଦେବ ଘୁମୁସରର ରାଜକବି ଧନଞ୍ଜୟ ଭଞ୍ଜଙ୍କ ଦୁହିତାଙ୍କୁ ବିବାହ କଲେ । ଦିବ୍ୟସିଂହ ଦେବ ସପ୍ତମ ଅଙ୍କ ବା (ଖ୍ରୀ : ୧୬୯୭) ରେ ରଷଭ ଦି ୧୭ ନ. ଗୁରୁବାରେ ସୁବାଦାର ଏକ୍ରାମ୍ ଖାଁଙ୍କ ଦୁଇ ଭାଇ କମାଲ ଓ ଅବଦୁଲ୍ ଖାଁ ଦୁଇଜଣ ପାଦଶାହାଙ୍କ ହକୁରରୁ ଆସି ରାଜାଙ୍କୁ ଘେନି ପୁରୁଷୋତ୍ତମ ପଇଠ ହୋଇଲେ । ଦେଉଳ ମୁଖଶାଳା ଭଙ୍ଗାଇ ସିଂହ ମୁଦାଇଲେ । ପରମେଶ୍ୱରଙ୍କ ସ୍ୱରୂପେ ତିନିମୂର୍ତ୍ତି ବଢ଼ାଇଲେ । ବଳଭଦ୍ର, ସୁଭଦ୍ରାଙ୍କୁ ଏକାକୋଲ ବସାଇଲେ, ଜଗତିମୂର୍ତ୍ତି କମାଇଲେକୁ ସମର୍ପିଦେଲେ । ସେ ତମ ଦଉଡ଼ିରେ ବାନ୍ଧି ଗାଡ଼ିରେ ପକାଇ କଟକ ନେଇ ପାଦସାହାଙ୍କ ହକୁରକୁ ପଠିଆଇ ଦେଲେ । ପରମେଶ୍ୱରଙ୍କୁ ବିମଳାକ୍ଷୀଙ୍କ ବେଢ଼ା ପଶ୍ଚିମେ ରଖି ଦେଲେ । ସିଂହାସନେ ବିଜେକରାଇ ଦକ୍ଷିଣ ଦ୍ୱାର ଚୋରି କବାଟ ବାଟେ ଯାଇ ପୂଜା କଲେ । ଛତିଶା ନିଯୋଗ ବାହାର ଭୋଗ ମନା କଲେ । ନିଯୋଗ ବ୍ରାହ୍ମଣ ସତରଜଣ ଗଣିତ କରି ଛାଡ଼ିଲେ । ନିତ୍ୟ ସାତକହାଣ ଭୋଗ ହୋଇ ସେମାନେ ସାରନ୍ତି । ବାହାରକୁ ମହାପ୍ରସାଦ ନଆଣନ୍ତି । ଏରୂପ ହୋଇଥିଲା । ପାଦସାହାଙ୍କଠାରେ ଓ୍ୱାକବ ହୋଇଲା । ଏକ୍ରାମ ଖାଁ ତଗିର ହୋଇ ସବୁ ନାମଦାରଖାଁ ଆସିଲେ । ପାତ୍ର ବିଦ୍ୟାଧର ମହାପାତ୍ରେ ସିକାକୋଲ ଠାରେ ଭେଟି ଘେନି ଆସିଲେ । ମାଣିକ ପାଟଣା ବନ୍ଦର ଠାରେ ସେ ରଜା ଭେଟି ଓ ପୁରୁଷୋତ୍ତମ ବାଟେ ରଥିପୁର ଆସି ତିରିଶ ହଜାର ଟଙ୍କାର ଜିନିଷ ବେଭାର ଦେଇ ପହଞ୍ଚାଇଲାରୁ ରଜାଙ୍କର ନବାବଙ୍କର ବଡ଼ ସୁଖ ହୋଇଲା । ଏହା ଦେଖି କପିଳ ଭ୍ରମରବରେ ପାଦଶାଙ୍କୁ ହଜରକୁ ଗଲେ ।(୪- କ, ଖ, ଗ) ଜଗନ୍ନାଥ ମନ୍ଦିର ଉପରେ ମୁସଲମାନମାନଙ୍କର ଆକ୍ରମଣ ବିଷୟ ମାଦଳା ପାଞ୍ଜିରେ ମଧ୍ୟ ଉଲ୍ଲେଖ ଅଛି । ସର୍ବୋପରି ଦିବ୍ୟସିଂହ ଦେବ ଜଗନ୍ନାଥ ମନ୍ଦିର ରକ୍ଷା ପାଇଁ ବହୁ ଉଦ୍ୟମ କରିଥିବା ହେତୁ ପୁରୁଷୋତ୍ତମ କ୍ଷେତ୍ରବାସୀ କବି ଓ ସାଧକମାନେ ତାଙ୍କୁ ବିଶେଷ ଶ୍ରଦ୍ଧା ତଥା ଭକ୍ତି କରୁଥିବା ସ୍ୱାଭାବିକ । ଜଗନ୍ନାଥଙ୍କ ମହିମାର ପୁନରୁଦ୍ଧାର ପାଇଁ କବି ଓ ସାଧକମାନେ ରାଜାଙ୍କ ଦ୍ୱାରା ଉତ୍ସାହିତ ହୋଇଥିଲେ ଏବଂ ଜଗନ୍ନାଥଙ୍କର ମହିମା ବର୍ଣ୍ଣନା ପୂର୍ବକ କେତେଗୁଡ଼ିଏ କାବ୍ୟ ମଧ୍ୟ ରଚିତ ହୋଇଥିଲା । ଦୀନକୃଷ୍ଣ ଦାସଙ୍କ ଜଗମୋହନ ଛାନ୍ଦକାବ୍ୟ ଓ ଲୋକନାଥ ବିଦ୍ୟାଧରଙ୍କ 'ନୀଳାଦ୍ରି ମହୋଦଚ' କାବ୍ୟ ଏହାର ପ୍ରମାଣ । ଏକ୍ରାମ୍ ଖାଁଙ୍କ ପରେ ସୁଜାଉଦ୍ଦିନ ମହମ୍ମଦ ଖାଁ ସୁବେଦାର ହୋଇ ଆସିଲେ । ତାଙ୍କ ଅମଳରେ ଓଡ଼ିଶାରେ ବନ୍ଦୋବସ୍ତରେ ଅସନ୍ତୁଷ୍ଟ ହୋଇ ଖଜଣା ବନ୍ଦ ଆନ୍ଦୋଳନ ଆରମ୍ଭ କଲେ । ଦିବ୍ୟସିଂହ ଦେବ ସେଥିର ନେତୃତ୍ୱ ନେଲେ । ସେତେବେଳକୁ ଆଲିବର୍ଦ୍ଦି ଖାଁ କଟକରେ ଜଣେ କର୍ମଚାରୀ ଥିଲେ ।

ବିଦ୍ରୋହୀ ଜମିଦାରମାନଙ୍କୁ ସେ ଜବତ କଲେ । ସୁଜାଉଦ୍ଦିନ ପୁରୀ ମନ୍ଦିର ଆକ୍ରମଣ କରି ସିଂହଦ୍ୱାର ନଷ୍ଟ କରିଦେଲେ ତଥା ଅନ୍ୟାନ୍ୟ କ୍ଷତି ମଧ୍ୟ କଲେ । ଏହାଦ୍ୱାରା ଦିବ୍ୟସିଂହଙ୍କର ମଧ୍ୟ ଅନେକ କ୍ଷତି ହେଲା । ମୁସଲମାନମାନଙ୍କ ରାଜତ୍ୱରେ ଦିବ୍ୟସିଂହଙ୍କ ସମୟରେ ଉତ୍ତର ଓଡ଼ିଶାରେ ଲୋକେ ଅଶାନ୍ତିରେ ଥିଲେ । ଖୋର୍ଦ୍ଧା ରାଜାଙ୍କ ଉପରେ ମୁସଲମାନ ଶାସକମାନଙ୍କର ବିଷଦୃଷ୍ଟି ପଡୁଥିବାରୁ ଖୋର୍ଦ୍ଧା ଓ ପୁରୀରେ ସବୁବେଳେ ଲୋକମାନେ ଶଙ୍କାମନରେ ଜୀବନଯାପନ କରୁଥିଲେ । ଏହା ସହିତ ଦକ୍ଷିଣ ଓଡ଼ିଶାରେ ମଧ୍ୟ ଅଶାନ୍ତି ଲାଗି ରହିଥିଲା । ଏଭଳି ରାଜନୈତିକ ଅଶାନ୍ତି ଭିତରେ ବି ଯେଉଁ କେତେଜଣ ସାହିତ୍ୟସାଧକ ମହାନ୍ କାବ୍ୟରଚନାର ଅର୍ଘ୍ୟ ଏ ଭାଷା, ଏ ସାହିତ୍ୟକୁ ଦେଇ ସମୃଦ୍ଧ କରିଯାଇଛନ୍ତି, ତାହା ବାସ୍ତବିକ ବିସ୍ମୟ ସୃଷ୍ଟି କରେ । ଏତଦ୍‌ବ୍ୟତୀତ ଦିବ୍ୟସିଂହଦେବଙ୍କ ସାହିତ୍ୟ ପ୍ରେମ ହିଁ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲା । ନିଜର ରାଜନୈତିକ ସ୍ଥିତିର ବିପଦ ସତ୍ତ୍ୱେ ସାହିତ୍ୟ ସାଧନା ପାଇଁ ସେ ଯେଉଁ ଉତ୍ସାହ କବି, ପଣ୍ଡିତମାନଙ୍କୁ ଦେଇଛନ୍ତି ତଥା କାବ୍ୟ ଆଲୋଚନାର ପରିସରକୁ ଉନ୍ମୁକ୍ତ କରିଛନ୍ତି, ସେଥିପାଇଁ ସେ ଚିରଦିନ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଅଧ୍ୟାୟରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବେ । ତାଙ୍କୁ ଏ ଜାତି ସ୍ମରଣ କରିବ, ଶ୍ରଦ୍ଧାରେ ନିଜର ନୈବେଦ୍ୟ ବାଢ଼ିବ । ତାଙ୍କ ସମୟରେ ଭୂପତି ପଣ୍ଡିତ, ଦୀନକୃଷ୍ଣ ଦାସ, ଲୋକନାଥ ବିଦ୍ୟାଧର, ଉପେନ୍ଦ୍ରଭଞ୍ଜ ଉତ୍କଳ ସାହିତ୍ୟ ଭଣ୍ଡାରକୁ ବହୁମୂଲ୍ୟ ରତ୍ନ ଦାନ କରିଯାଇଛନ୍ତି । ଏମାନେ ସମସ୍ତେ ଦିବ୍ୟସିଂହ ଦେବଙ୍କଠାରେ ଋଣୀ । ଦିବ୍ୟସିଂହଙ୍କ ପ୍ରେରଣା, ଉତ୍ସାହ, ପୃଷ୍ଠପୋଷକତା, ଶ୍ରଦ୍ଧା କବିମାନଙ୍କୁ କାବ୍ୟରଚନା ଦିଗରେ ଯଥେଷ୍ଟ ସହାୟକ ହୋଇଛି । ବିଶେଷଭାବରେ ଭୂପତି ପଣ୍ଡିତ ଓ ଲୋକନାଥ ଦିବ୍ୟସିଂହଙ୍କ ପ୍ରେରଣାରେ କାବ୍ୟ ରଚନା କରିଛନ୍ତି । ଏପରିକି ଦୀନକୃଷ୍ଣ ମଧ୍ୟ ବହୁଭାବରେ ଉତ୍ସାହିତ ହୋଇଛନ୍ତି । ଉପେନ୍ଦ୍ରଭଞ୍ଜ ପୁରୀରେ କିଛିକାଳ ଅବସ୍ଥାନ କରି ସାହିତ୍ୟପ୍ରେମୀ ଦିବ୍ୟସିଂହଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ ।

ଦିବ୍ୟସିଂହଙ୍କ ରାଜଦରବାରରେ ବହୁ ପ୍ରସିଦ୍ଧ ବିଦ୍ୱାନ, ପଣ୍ଡିତ ଓ କବି ସଭାମଣ୍ଡନ କରିଥିଲେ । ସର୍ବଦା କାବ୍ୟଚର୍ଚ୍ଚା, ଶାସ୍ତ୍ରଚର୍ଚ୍ଚା ଦରବାରରେ ହେଉଥିଲା । ଏପରିକି କାବ୍ୟ ରଚନା କରିବାପାଇଁ କବିମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା । ବିଭିନ୍ନ ରାଜ୍ୟରୁ ପଣ୍ଡିତ, ବିଦ୍ୱାନ, କବିଙ୍କୁ ଦିବ୍ୟସିଂହଦେବ ନିଜ ରାଜ୍ୟକୁ ନିମନ୍ତ୍ରଣ କରୁଥିଲେ । ଅନେକ ଧନରତ୍ନ ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା । ଦିନଦିନ ବ୍ୟାପି ଶାସ୍ତ୍ରକାବ୍ୟ ଚର୍ଚ୍ଚାର ମହାସମାରୋହ ହେଉଥିଲା । ଯେଉଁଥିରେ ନିଜେ ଦିବ୍ୟସିଂହଦେବ ପ୍ରତ୍ୟକ୍ଷ ଭାବରେ ଯୋଗ ଦେଉଥିଲେ ଏବଂ ସଭାର ଉତ୍ସାହ ବଢ଼ାଉଥିଲେ । ତା' ବୋଲି ଯେ ରାଜପୃଷ୍ଠପୋଷକତା ପାଉଥିବା କବିମାନଙ୍କ ପରସ୍ପର ପ୍ରତି ଈର୍ଷା ନଥିଲା । ସେ କଥା ନୁହେଁ ବରଂ ଏହି ଈର୍ଷାର କାରଣ ସ୍ୱରୂପ ସେମାନଙ୍କ କୁପରାମର୍ଶରେ ପ୍ରଭାବିତ ହୋଇ ଦିବ୍ୟସିଂହଦେବ ଭୂପତି ପଣ୍ଡିତ ଓ ଦୀନକୃଷ୍ଣଙ୍କୁ ବହୁ ପରୀକ୍ଷା କରିଥିଲେ । ସେଥିପାଇଁ ଦୁହିଁଙ୍କୁ ଅନେକ ନିର୍ଯ୍ୟାତନା ମଧ୍ୟ ସହ୍ୟ

କରିବାକୁ ପଡ଼ିଥିଲା । ଅବଶ୍ୟ ପରେ ଦିବ୍ୟସିଂହ ଏମାନଙ୍କଠାରେ ପରାଜୟ ସ୍ୱୀକାର କରି ଗୁଣର ଆଦର କରିଛନ୍ତି । ଦିବ୍ୟସିଂହଙ୍କର ନିଜର ନାମକୁ ଅମର କରିବାର ପ୍ରବଳ ତୃଷା ଥିଲା । ତେଣୁ ସେ ସେମାନଙ୍କୁ ଗ୍ରନ୍ଥ ରଚନା କରିବା ପାଇଁ ଉତ୍ସାହ ଦେବା ସହିତ ନିଜ ନାମରେ ଭଣିତା କରିବାପାଇଁ ପ୍ରବର୍ତ୍ତାଉଥିଲେ ।

ଆମ ଦେଶରେ ପ୍ରାଚୀନ କବିମାନେ ନିଜର ପୃଷ୍ଠପୋଷକମାନଙ୍କ ନାମରେ ବହୁ କାବ୍ୟ କବିତା ଲେଖି ଥିବାର ଦୃଷ୍ଟାନ୍ତ ମିଳେ । ଓଡ଼ିଆ ସାହିତ୍ୟରେ ଲୋକନାଥ ବିଦ୍ୟାଧର ଓ କବିସୂର୍ଯ୍ୟ ବଳଦେବ ରଥ ଏହାର ପ୍ରକୃଷ୍ଟ ନିଦର୍ଶନ । ଲୋକନାଥ ବିଦ୍ୟାଧର ତାଙ୍କ ରଚନା 'ନୀଳାଦ୍ରି ମହୋତ୍ସବ' କାବ୍ୟରେ ସ୍ଥାନେ ସ୍ଥାନେ ଦିବ୍ୟସିଂହଦେବଙ୍କ ନାମରେ ଭଣିତା କରିଛନ୍ତି । ସେହିପରି ବଳଦେବ ରଥ ଅଷ୍ଟଦୁର୍ଗ ରାଜାଙ୍କ ନାମରେ ଅର୍ଥାତ୍ (ଆଠଗଡ଼ ରାଜା) 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଗୀତ ଓ ଅନ୍ୟାନ୍ୟ ବହୁ କବିତା ଭଣିତା କରିଛନ୍ତି । ଦୀନକୃଷ୍ଣ ଦିବ୍ୟସିଂହଙ୍କ ନାମରେ ଭଣିତା କରି କବିତା ରଚନା କରିବାକୁ ଅନିଚ୍ଛୁକ ହେବାରୁ ଦିବ୍ୟସିଂହ କବିଙ୍କୁ ବହୁ ନିର୍ଯ୍ୟାତନା ଦେଇଥିବା କଥା ରାମଦାସ 'ଦାର୍ଢ୍ୟତାଭକ୍ତି'ରେ ଲେଖିଛନ୍ତି ।[୫] ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲାପରେ ଉତ୍ତର ଓଡ଼ିଶା, ଦକ୍ଷିଣ ଓଡ଼ିଶା, ପଶ୍ଚିମ ଓଡ଼ିଶା ସବୁମିଶି ମୁସଲମାନ ଶାସକମାନଙ୍କ ଅଧୀନରେ ରହିଲା । ଯାହାଫଳରେ ଉତ୍କଳର ଏହି ଖଣ୍ଡିତ ପରାଧୀନ ଅବସ୍ଥା, ଛୋଟ ଛୋଟ ଦେଶୀୟ ରାଜ୍ୟଗୁଡ଼ିକଙ୍କର ପରସ୍ପର ପ୍ରତି ଅସୂୟା, ଈର୍ଷା, ପରଶ୍ରୀକାତରତା ଯୋଗୁଁ କୌଣସି ସଂହତି ମଧ୍ୟ ରହିଲା ନାହିଁ । ତେଣୁ ପ୍ରସିଦ୍ଧ ପଣ୍ଡିତ, ବିଦ୍ୱାନମାନେ ଓଡ଼ିଶାର ସର୍ବଶ୍ରେଷ୍ଠ ସାଂସ୍କୃତିକ ପୀଠ ପୁରୁଷୋତ୍ତମ କ୍ଷେତ୍ର ପରିତ୍ୟାଗ କରି ବିଭିନ୍ନ ସାମନ୍ତରାଜାମାନଙ୍କର ଆଶ୍ରୟ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଉତ୍ତର ଓଡ଼ିଶାର ମୋଗଲବନ୍ଦୀ ଅଞ୍ଚଳ ଏମାନଙ୍କ ଆଶ୍ରୟ ପାଇଁ ଅନୁକୂଳ ନଥିଲା । ମୋଗଲ ଓ ମରହଟ୍ଟାମାନଙ୍କର ବାରମ୍ବାର ଆକ୍ରମଣ ଫଳରେ ଏହି ଉପଦ୍ରୁତ ଅଞ୍ଚଳର ରାଜା ଓ ଜମିଦାର ବଂଶ ପ୍ରାୟତଃ ଲୋପ ପାଇ ଯାଇଥିଲେ । ଫଳରେ ଦକ୍ଷିଣ ଓଡ଼ିଶାର ଗଡ଼ ଓ ଉତ୍ତର ଓଡ଼ିଶାର ଗଡ଼ଜାତ ଗୁଡ଼ିକ ହିଁ ଏହି ବିଦ୍ୱାନମାନଙ୍କର ଆଶ୍ରୟ ସ୍ଥଳ ହୋଇଥିଲା । ଓଡ଼ିଶାର ଶ୍ରୀକ୍ଷେତ୍ରର ପ୍ରତିଷ୍ଠିତ ସାଂସ୍କୃତିକ ପୀଠର ବିକେନ୍ଦ୍ରିକରଣ ହେବାଫଳରେ ସାରସ୍ୱତ ସାଧନାର ସୁଦୀର୍ଘ ପରମ୍ପରା କ୍ରମଶଃ ବ୍ୟାହତ ହୋଇଥିଲା । ଅବଶ୍ୟ ଉପରୋକ୍ତ ଯେଉଁ ଅଞ୍ଚଳମାନଙ୍କରେ ଆରମ୍ଭ ହେଲା, ସେଥିରେ ଶାସକ ଗୋଷ୍ଠୀର ବଳିଷ୍ଠ ପୃଷ୍ଠପୋଷକତାର ଘୋର ଅଭାବ ପରିଲକ୍ଷିତ ଅନୁଭୂତ ହେଲା । ଯାହାଫଳରେ ଓଡ଼ିଆ କାବ୍ୟ ସାହିତ୍ୟ ପରମ୍ପରାରେ ଦୁଇଟି ପ୍ରଧାନ ବିଶେଷତ୍ୱ ପରିଲକ୍ଷିତ ହେଲା । ଗୋଟିଏ ହେଲା ସଂସ୍କୃତ କାବ୍ୟ ଶୈଳୀର ଅନୁବର୍ତ୍ତନ ପାଇଁ ଉଦ୍ୟମ ସହିତ ଶବ୍ଦାଡ଼ମ୍ବରର ପ୍ରଭୂତ ପ୍ରଚଳନ ଏବଂ ଅନ୍ୟଟି ହେଉଛି ଲୌକିକ କାଳ୍ପନିକ ବିଷୟ ପ୍ରତି ଆଗ୍ରହ ଓ ସାହିତ୍ୟ ସୃଷ୍ଟିରେ ସ୍ୱେଚ୍ଛାଚାରିତା । ଯେଉଁ ବିଶେଷ ଲକ୍ଷଣଗୁଡ଼ିକ ପରବର୍ତ୍ତୀ କାଳ୍ପନିକ କାବ୍ୟଧାରାକୁ ପରିପୁଷ୍ଟ କଲା ତଥା ରୀତିଯୁଗୀୟ କାବ୍ୟଚର୍ଚ୍ଚାର କ୍ଷେତ୍ର ପ୍ରସ୍ତୁତ କଲା, ସେଗୁଡ଼ିକ ହେଲା-(କ) କାବ୍ୟର ଆକାର ଓ ରୂପରେଖ

ପ୍ରାୟ ଏକାଧରଣର, (ଖ) ଏକ ଧରାବନ୍ଧା ରୀତିରେ କାବ୍ୟ ମାନସିକତାର ପ୍ରକାଶ, (ଗ) ଅଳଙ୍କାରପ୍ରିୟତା, (ଘ) ଶବ୍ଦାଡ଼ମ୍ବରର ବହୁଳତା, (ଙ) ପ୍ରାଚୀନ ସଂସ୍କୃତ ସାହିତ୍ୟାଦର୍ଶକୁ ଓଡ଼ିଆ ସାହିତ୍ୟରେ ପ୍ରକାଶ କରିବାର ନିରବଚ୍ଛିନ୍ନ ଉଦ୍ୟମ, (ଚ) ଲୌକିକ, ସାମାଜିକ, କାଳ୍ପନିକ ବିଷୟବସ୍ତୁ ପ୍ରତି ଆଦର, (ଛ) ଏହି ଯୁଗରେ ରାଧାକୃଷ୍ଣଙ୍କର ପ୍ରେମଲୀଳା ସହିତ କାଳ୍ପନିକ କଥନିକା, କିମ୍ବଦନ୍ତୀ, ଲୌକିକ କାହାଣୀର ନାୟକ, ନାୟିକାମାନେ ସ୍ୱର୍ଗଭ୍ରଷ୍ଟ ଅଭିଶପ୍ତ ଅପ୍ସରା, ଗନ୍ଧର୍ବ, ଗାନ୍ଧର୍ବୀମାନେ ନର ଦେହ ଧାରଣ କରି ପୃଥିବୀରେ ଜନ୍ମଗ୍ରହଣ କଲେ । କିନ୍ତୁ ସମସ୍ତେ ଆଭିଜାତ୍ୟସମ୍ପନ୍ନ ରାଜପରିବାରରେ ରାଜକୁମାର, ରାଜକୁମାରୀ ଭାବରେ ଚିତ୍ରିତ ହେଲେ । (ଜ) ଶୃଙ୍ଗାରିକତା କାବ୍ୟର ମୁଖ୍ୟ ଆଦର୍ଶ ହେଲା, (ଝ) ବାତ୍ସାୟନଙ୍କ 'କାମସୂତ୍ର'ର ଗଭୀର ପ୍ରଭାବରେ ପ୍ରଭାବିତ କବିଗଣ ଦେହଜ ପ୍ରେମର ବହୁଳ ବର୍ଣ୍ଣନା ସେମାନଙ୍କ ସୃଷ୍ଟିରେ ପ୍ରକାଶ କଲେ । (ଟ) ଭାଷା ତେଣୁ ସ୍ୱାଭାବିକତା ହରାଇ କ୍ରମଶଃ କ୍ଲିଷ୍ଟ ଶବ୍ଦ ଜାଲରେ ଛନ୍ଦିହୋଇ କେବଳ ଶବ୍ଦ ପାଣ୍ଡିତ୍ୟ ପ୍ରକାଶ କଲା ।

ଦେଶୀୟ ରାଜାମାନଙ୍କ ରାଜ ଦରବାରରେ ଆଗରୁ ଆଶ୍ରୟ କରିଥିବା ବ୍ରାହ୍ମଣ ପଣ୍ଡିତମାନଙ୍କର ସଂସ୍କୃତ ପ୍ରୀତି ଅତୁଟ ଥିଲା । ଯାହାଫଳରେ ସେମାନେ ନିଜର ଅହମିକା ପ୍ରଦର୍ଶନ ସ୍ୱରୂପ ସଂସ୍କୃତ ସାହିତ୍ୟର ଗୌରବ ପ୍ରତିପାଦନ ପାଇଁ ପ୍ରବଳ ପ୍ରୟାସ କରିଥିଲେ । ସଂସ୍କୃତରେ କାବ୍ୟରଚନା ଏକ ଗୌରବାବହ କାର୍ଯ୍ୟ ଭାବରେ ବିବେଚିତ ହେଉଥିଲା । ତେଣୁ ଓଡ଼ିଆ କବିପଣ୍ଡିତମାନେ ଯେଉଁ ଓଡ଼ିଆ ଭାଷାରେ କାବ୍ୟ ଲେଖିଲେ, ସେଥିରେ ସ୍ୱଭାଷାର କାବ୍ୟକୁ ସଂସ୍କୃତ କାବ୍ୟର ଛାଞ୍ଚରେ ଢାଳି ତାହାର ସମକକ୍ଷ କରିବାକୁ ଉଦ୍ୟମ କରିଥିଲେ । ଏହି ସମୟର ପ୍ରମୁଖ ସଂସ୍କୃତ ଓଡ଼ିଆ ଭାଷାର ଗ୍ରନ୍ଥ ରଚନା କ୍ଷେତ୍ର ଭାବରେ ଘୁମୁସର ରାଜସଭା, ଖୋର୍ଦ୍ଧା ରାଜସଭା, ପାରଳାଖେମୁଣ୍ଡି ରାଜସଭା, ବଡ଼ଖେମୁଣ୍ଡି ରାଜସଭା ପରିଚିତ ହେଉଥିଲା । ଏହି ସମୟରେ କବିମାନଙ୍କର ପଥ ପ୍ରଦର୍ଶକ ହେଉଛନ୍ତି ଧନଞ୍ଜୟ ଏବଂ ଆଦର୍ଶ ହେଉଛନ୍ତି ଉପେନ୍ଦ୍ର । ରୀତି କାବ୍ୟର କବିମାନଙ୍କ ଭିତରେ ଉପେନ୍ଦ୍ରଭଞ୍ଜ କବିରାଜ ଚକ୍ରବର୍ତ୍ତୀ । ତେଣୁ ଧନଞ୍ଜୟ ଓ ଉପେନ୍ଦ୍ରଙ୍କ ଯୁଗକୁ ରୀତିଯୁଗ କହିବା ସମୀଚୀନ ହେବ । ବାସ୍ତବରେ ଉପେନ୍ଦ୍ରଯୁଗ, ରୀତିଯୁଗ ବା କାବ୍ୟଯୁଗର ଧାରା ଧନଞ୍ଜୟଙ୍କ ଠାରୁ ଆରମ୍ଭ ହୋଇ ଇଂରେଜ ରାଜତ୍ୱର ପ୍ରଥମାଂଶ ଖ୍ରୀ: ୧୮୬୬ ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା । ସୂର୍ଯ୍ୟବଂଶ ଯୁଗରେ କାବ୍ୟ ଓ ପଦାବଳୀର ସଂଖ୍ୟା ବେଶୀ ନଥିଲା । ପୁରାଣ ହିଁ ପ୍ରଧାନ ଅଙ୍ଗ ହୋଇ ଦେଖା ଦେଇଥିବାରୁ ଏହି ଯୁଗକୁ ପୁରାଣ ଯୁଗ ନାମରେ ମଧ୍ୟ ଅଭିହିତ କରାଯାଇଥାଏ ।

ପୁରାଣ, ତତ୍ତ୍ୱଗୀତା ଓ ଜଣାଣ ପଦାବଳୀ ଏହିଯୁଗର ବିଶେଷତ୍ୱ । ଏହି ଯୁଗର କାବ୍ୟଗୁଡ଼ିକର ଭାଷା ଓ ଭାବ ସରଳ, ସହଜ ବୋଧଗମ୍ୟ ଓ ନୈସର୍ଗିକ ଶୋଭାରେ ମଣ୍ଡିତ । କ୍ଲିଷ୍ଟ କଳ୍ପନା, କ୍ଲିଷ୍ଟ ଶବ୍ଦସମ୍ଭାର ଓ ବିବିଧ ଅଳଙ୍କାରରେ ମଣ୍ଡିତ ହୋଇନଥିବାରୁ କାବ୍ୟଗୁଡ଼ିକ ଅଯଥା ଭାରାକ୍ରାନ୍ତ ହୋଇ କ୍ଲାନ୍ତିକର ହୋଇନାହିଁ କିମ୍ବା ଭାବ ହୃଦୟଙ୍ଗମ କରିବାରେ କୃତ୍ରିମ ବାଧା ସୃଷ୍ଟି ହୋଇନାହିଁ । ଚୈତନ୍ୟ ଦେବଙ୍କ ଓଡ଼ିଶା ଆଗମନ ପୂର୍ବରୁ ଓ ପରେ ଓଡ଼ିଶାରେ

ଯେଉଁ ଧାର୍ମିକ ଚେତନାର ପ୍ରବାହ ଦେଶକୁ ପ୍ଲାବିତ କରିଥିଲା, ତାହାର ପ୍ରଭାବ ଧନଞ୍ଜୟ ଭଞ୍ଜଙ୍କ ଆବିର୍ଭାବର କିଛିଆଗରୁ କେବଳ ଦୃଷ୍ଟିଗୋଚର ହୁଏ । ଧନଞ୍ଜୟଙ୍କ ଆବିର୍ଭାବ ସମୟର ପୂର୍ବରୁ ତତ୍ତ୍ୱ ସମ୍ବନ୍ଧୀୟ 'ଗୀତା' ଶାସ୍ତ୍ରର ସଂଖ୍ୟା ଅନେକ ଥିଲା । ସରଳ ଭାଷାରେ ଗୂଢ଼ ତତ୍ତ୍ୱକୁ ଅଳ୍ପପଦ ବ୍ୟବହାର କରି ବୁଝାଇବା ଶକ୍ତି ଏଯୁଗରେ କବିମାନଙ୍କର ଯଥେଷ୍ଟ ଥିଲା । କାଳ୍ପନିକ କାବ୍ୟ ରଚନା ବେଶୀ ଦୂର ଅଗ୍ରସର ହୋଇ ପାରିନଥିଲେ ମଧ୍ୟ କ୍ରମେ ଏହାର ଆଦର ବୃଦ୍ଧି ପାଇଥିଲା । ଓଡ଼ିଆ ଭାଷାର ପୂର୍ଣ୍ଣପ୍ରକାଶ ଶକ୍ତି, ସଂସ୍କୃତ ସାହିତ୍ୟର ସମକକ୍ଷ କୃତି ଓଡ଼ିଆରେ ପ୍ରକାଶପାଇବାରୁ ଦେଶବାସୀଙ୍କ ପ୍ରାଣରେ ଦେଶଭାଷାର ଗୌରବ ପ୍ରତି ବିଶେଷ ଆଗ୍ରହ ଦେଖା ଯାଇଥିଲା । କାଳ୍ପନିକ ଅଳଙ୍କାରବିମଣ୍ଡିତ କାବ୍ୟ, ବିଭିନ୍ନଶ୍ରେଣୀର ପଦାବଳୀ, ଗୀତ ପ୍ରତି ତତ୍‌କାଳୀନ ଲୋକଙ୍କର ଆଦର ଉଚ୍ଚଶିକ୍ଷାର ପ୍ରମାଣ ଦିଏ । ଧନଞ୍ଜୟ ଯୁଗ ପରେ ଉପେନ୍ଦ୍ର ଯୁଗରେ କାବ୍ୟ ବହୁ ଅଳଙ୍କାର ବିମଣ୍ଡିତ୍ କ୍ଲିଷ୍ଟ ପଦଯୋଜନାରେ ଭାରାକ୍ରାନ୍ତ ହେଲେ ହେଁ କାବ୍ୟ କଳାର ଶୈଳ୍ପିକ ରୀତିରେ ବାସ୍ତବିକ ଉତ୍କର୍ଷ ପ୍ରକାଶିତ ହୋଇଥିଲା ।

## ଷୋଡ଼ଶ ସପ୍ତଦଶ ଶତାବ୍ଦୀର ପୌରାଣିକ, କାଳ୍ପନିକ, ଆଖ୍ୟାୟିକା କାବ୍ୟର ଗଠନ କୌଶଳ :

ଓଡ଼ିଆ କାବ୍ୟର ଗଠନରୀତି ଉପରେ ଉଭୟ ସଂସ୍କୃତ ଏବଂ ପ୍ରାକୃତ ଭାଷାର ପ୍ରଭାବ ସ୍ୱୀକାର୍ଯ୍ୟ । ଏହା ସହିତ ଓଡ଼ିଆ କାବ୍ୟ ଉପରେ ଅନ୍ୟ ଏକ ପରମ୍ପରା ଯଥେଷ୍ଟ ପ୍ରଭାବ ବିସ୍ତାର କରିଛି ତାହା ହେଲା ପୁରାଣ ସାହିତ୍ୟ । ସେତେବେଳେ ପୌରାଣିକ କାବ୍ୟ ରଚନାରେ ଦୁଇଟି ଶୈଳୀ ବ୍ୟବହୃତ ହେଉଥିଲା, ଗୋଟିଏ ହେଲା ପୁରାଣ ଶୈଳୀରେ ରଚିତ ବିପୁଳ ଧର୍ମସାହିତ୍ୟ ଏବଂ ଅନ୍ୟଟି କାବ୍ୟସାହିତ୍ୟ । ଏହି ସବୁର ମୁଖ୍ୟ ଆଦର୍ଶ ଥିଲା ଦୁଇଟି ମହାନ୍ ପୌରାଣିକ ରଚନା ରାମାୟଣ ଓ ମହାଭାରତ । ପୁରାଣ ଶୈଳୀରେ ରଚିତ କାବ୍ୟ ସମୂହ ପୁରାଣକାରମାନେ ସ୍ୱୀୟ ରଚନାରେ କଳ୍ପନାର ରଙ୍ଗଦେଇ ଏକ ଅଭିନବ କାବ୍ୟଛଟା ସୃଷ୍ଟି କରିପାରିଥିଲେ । ସର୍ବୋପରି ସମସାମୟିକ ସାମାଜିକ, ରାଜନୈତିକ ଜୀବନଧାରା, ରୀତିନୀତି, ଆଚାର ବ୍ୟବହାରର ଏକ ଯୁଗାନ୍ତକାରୀ ନିଜସ୍ୱ ପ୍ରତିଫଳନ ପ୍ରକାଶିତ ହୋଇଛି । ତତ୍‌କାଳୀନ ପ୍ରାକୃତ ଓ ଦେଶୀୟ ଭାଷାରେ ସାହିତ୍ୟ ସୃଷ୍ଟିକରୁଥିବା କବି ମନୀଷୀମାନଙ୍କର ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଯେ ପ୍ରାକୃତ ସଂସ୍କୃତ କବିମାନଙ୍କଠାରୁ ଅଲଗା ନୁହେଁ ଏକଥାର ଯଥାର୍ଥ ପ୍ରମାଣ ସାରଳା, ସିଦ୍ଧେଶ୍ୱର, ଜଗନ୍ନାଥ, ବଳରାମ, ଅଚ୍ୟୁତାନନ୍ଦଙ୍କର ଲେଖନୀରେ ସ୍ୱତଃ ପ୍ରମାଣିତ ହୋଇ ସାରିଛି । ବିଶେଷଭାବରେ ସେମାନେ ସଂସ୍କୃତ ପୁରାଣର ଅବିକଳ ନକଲ ପରିବର୍ତ୍ତେ ସ୍ୱୀୟ ରଚନାର ଦୀପ୍ତିରେ ମହିମାନ୍ୱିତ କରିଯାଇଛନ୍ତି ।

ସୁତରାଂ ଓଡ଼ିଆ କାବ୍ୟ ସାହିତ୍ୟରେ ପୁରାଣ, କାଳ୍ପନିକ, ଆଖ୍ୟାନ, କିମ୍ବଦନ୍ତୀ, ଲୋକକଥା, ପ୍ରଚଳିତ ଲୋକଗୀତ, ଆଚାର ବ୍ୟବହାର, ପରମ୍ପରାର ଏକ ଅପୂର୍ବ ସମନ୍ୱୟ

ହୋଇଛି । ଯାହାର ପ୍ରତିଫଳନ ସ୍ପଷ୍ଟଭାବ ରେ ଷୋଡ଼ଶ ସପ୍ତଦଶ ଶତାବ୍ଦୀର କାଳ୍ପନିକ, ପୌରାଣିକ କାବ୍ୟରଚନା ସମୂହରେ ହୃଦବୋଧ କରି ହୁଏ । ଓଡ଼ିଆ କାବ୍ୟ ତାହାର ବିଷୟବସ୍ତୁ ନିମିତ୍ତ ପୁରାଣ ନିକଟରେ ବିଶେଷଭାବରେ ଋଣୀ । ରାମ, କୃଷ୍ଣ, ନଳ, ଅନିରୁଦ୍ଧ, ଶାମ୍ବ ପ୍ରଭୃତିଙ୍କୁ ନାୟକ ରୂପେ ଗ୍ରହଣ କରି ଅସଂଖ୍ୟ କାବ୍ୟ ସୃଷ୍ଟି ହୋଇଛି । ଏହି ସମସ୍ତ କାବ୍ୟ ଅନୁଶୀଳନ କଲେ ସ୍ପଷ୍ଟ ଉପଲବ୍ଧି କରିହୁଏ, ବିଷୟବସ୍ତୁର ରୂପାୟନ ନିମନ୍ତେ ସଂସ୍କୃତ ପୁରାଣ ପରିବର୍ତ୍ତେ ଓଡ଼ିଆ ଭାଷାର ନବ ସଂସ୍କରଣଗୁଡ଼ିକୁ କବିମାନେ ଗ୍ରହଣ କରିବା ପାଇଁ ଆଗ୍ରହାନ୍ୱିତ ହୋଇଛନ୍ତି । ସାରଳାଙ୍କ 'ମହାଭାରତ', ବଳରାମଙ୍କ 'ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଏବଂ ଅଚ୍ୟୁତାନନ୍ଦଙ୍କ 'ହରିବଂଶ' ହିଁ ଧର୍ମନିଷ୍ଠ ପୁରାଣାଶ୍ରୟୀ କାବ୍ୟଗୁଡ଼ିକର ମୂଳ ଉତ୍ସ । ଏହାସହିତ କାଳ୍ପନିକ କାବ୍ୟସମୂହର ବିଷୟ ବିନ୍ୟାସ ତଥା ଆଂଶିକ ଆତ୍ମିକ ବିକାଶରେ ଏହି ପୁରାଣର ପ୍ରଭାବ ଅପ୍ରତିହତ । ସେଥିପାଇଁ ଉପେନ୍ଦ୍ରଭଞ୍ଜ ନିଜର କାବ୍ୟ ସୃଷ୍ଟିର ପ୍ରେରଣା ଭାବରେ ସ୍ୱୀକାର କରିଛନ୍ତି, "ପୁରାଣର ଛାଇ କଳ୍ପନା ମାଧୁରୀ / ଚାରୁ ଚିତ୍ରଲେଖା ହେମମଞ୍ଜରୀ" ଅର୍ଥାତ୍ ତାଙ୍କର ଚିତ୍ରଲେଖା ଓ ହେମମଞ୍ଜରୀଙ୍କ ଭଳି କାଳ୍ପନିକ କାବ୍ୟଗୁଡ଼ିକ ପୌରାଣିକ ବିଷୟବସ୍ତୁର ଛାୟା ଓ କଳ୍ପନାର ମଧୁର ସମନ୍ୱୟ ସ୍ୱରୂପ ନ୍ୟାସ ଲାଭ କରିଛନ୍ତି ।(୬)

ଓଡ଼ିଆ କାବ୍ୟ ମୁଖ୍ୟତଃ ଚାରିଭାଗରେ ବିଭକ୍ତ ୧. ପୌରାଣିକ, ୨. କାଳ୍ପନିକ, ୩. ଐତିହାସିକ, ୪. ଅନୂଦିତ । ପୌରାଣିକ/ ପୁରାଣଭିତ୍ତିକ । କାଳ୍ପନିକ / ରାଜକୁମାର ରାଜକୁମାରୀ ପ୍ରଧାନ/ ସାଧାରଣ ନାୟକ / ନାୟିକା ପ୍ରଧାନ । ଐତିହାସିକ / ଇତିହାସଭିତ୍ତିକ / କିମ୍ବଦନ୍ତୀମୂଳକ, ଅନୁବାଦ/ ଅନୁସରଣ / ଅନୁବାଦ ଭାବରେ ବିଭିନ୍ନ ଉପ-ବିଭାଗରେ ବିଭକ୍ତ ହୋଇଛି ।

**କ. ପୌରାଣିକ :** ପୌରାଣିକ କାବ୍ୟର ସଂଖ୍ୟା ଓଡ଼ିଆ ଭାଷାରେ ସର୍ବାଧିକ ରଚିତ ହୋଇଛି । ମହାଭାରତ, ରାମାୟଣ, ଅଷ୍ଟାଦଶ ପୁରାଣ (ସଂସ୍କୃତ) ଯୁଗଯୁଗ ଧରି ଭାରତୀୟ ଜନଚେତନାରେ ପ୍ରଭାବ ବିସ୍ତାର କରିଆସିଛି । ଶ୍ରୀମଦ୍‌ଭଗବଦ୍ ଗୀତାର ମହାନାୟକ ଶ୍ରୀକୃଷ୍ଣ ତଥା ଭାଗବତର ଶ୍ରୀକୃଷ୍ଣଚନ୍ଦ୍ର, ରାମାୟଣର ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଏ ଦେଶର ଜନସାଧାରଣଙ୍କର ଉପାସ୍ୟ ଦେବତାଭାବରେ ଅବସ୍ଥାପିତ । ଯାହାଙ୍କର ନାମ ସ୍ମରଣମାତ୍ରେ ପାପ ପ୍ରକ୍ଷାଳନ ହୋଇଯାଏ ବୋଲି ଜନତା ବିଶ୍ୱାସ କରନ୍ତି । ତେଣୁ ସେହି ଉତ୍କଳୀୟ ପାଠକମାନଙ୍କ ନିକଟରେ ଉଭୟ ରାମ-କୃଷ୍ଣ ଉପାସନା ସମ୍ବଳିତ ପୌରାଣିକ ଧର୍ମଗ୍ରନ୍ଥର ଲୀଳା ବର୍ଣ୍ଣନା ବାସ୍ତବିକ ଅସାଧାରଣ ଆଦର ଲାଭ କରିଛି ଏବଂ ଷୋଡ଼ଶ ସପ୍ତଦଶ ଶତାବ୍ଦୀର କବିମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି । ତେଣୁ ସେମାନେ ରାମକୃଷ୍ଣ କଥା ସମ୍ବଳିତ ସାହିତ୍ୟ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ପୌରାଣିକ ବ୍ୟକ୍ତିବିଶେଷ ଯଥା ନଳ-ଦମୟନ୍ତୀ, ଉଷା-ଅନିରୁଦ୍ଧ, ସୁଲୋଚନା - ମାଧବ ଉପାଖ୍ୟାନ, ରୁକ୍ମିଣୀ ପରିଣୟ, ତାରକ ସଂହାର, ମଦାଳସା, ତୁଳସୀ ପ୍ରଭୃତି ଚରିତକୁ ନେଇ

ଅସଂଖ୍ୟ କାବ୍ୟ, ନାଟକ, ଚମ୍ପୂ ସଂସ୍କୃତ ସାହିତ୍ୟରେ ରଚିତ ହୋଇଛି । ସ୍ୱଭାବତଃ ଏଗୁଡ଼ିକର ଆଦର୍ଶ ଓ ପୁରାଣ ମୋହ ଓଡ଼ିଆ କବିମାନଙ୍କୁ କାବ୍ୟ ସୃଷ୍ଟି ନିମନ୍ତେ ସତତ ପ୍ରେରଣା ପ୍ରଦାନ କରିଛି ।

ତେଣୁ ଓଡ଼ିଆ ଭାଷାରେ ଯେଉଁ ସବୁ ପୌରାଣିକ କାବ୍ୟଗୁଡ଼ିକ ରଚିତ ହୋଇଛି ତାହା ମୁଖ୍ୟତଃ ଦୁଇଭାଗରେ ବିଭକ୍ତ, ଯଥା ପୁରାଣ କାବ୍ୟ ଏବଂ ପୁରାଣଭିତ୍ତିକ କାବ୍ୟ ।

**ଖ. ପୁରାଣ କାବ୍ୟ :** ସଂସ୍କୃତ ଭାଷାର କ୍ଲିଷ୍ଟତାରୁ ମୁକ୍ତ ହୋଇ ନିଜସ୍ୱ ଭାଷାରେ ଯେଉଁ କାବ୍ୟ ସବୁ ରଚିତ ହୋଇଛି, ସେଗୁଡ଼ିକୁ ପୁରାଣ କାବ୍ୟ କୁହାଯାଏ । ଯେପରି ରାମାୟଣ, ମହାଭାରତ ରଚିତ ହୋଇଥିଲା ଠିକ୍ ସେହିପରି ପୁରାଣସୁଲଭ ପର୍ବ, କାଣ୍ଡବିଭାଜନ ତଥା ପୁରାଣର ମୌଳିକ ଲକ୍ଷ୍ୟ ଏହି ଓଡ଼ିଆ କାବ୍ୟରୂପରେ ସମାନଭାବରେ ପରିଦୃଷ୍ଟ ହୋଇଥାଏ ଏବଂ ଛାନ୍ଦୋବଦ୍ଧ ଗୀତକାବ୍ୟର ଆବେଗପ୍ରବଣତାରେ ଏହା ଋଦ୍ଧିମନ୍ତ । ଏହି ଦୃଷ୍ଟିରୁ କେଶବ ଶ୍ରୀଚନ୍ଦନଙ୍କ 'ଛାନ୍ଦଭାରତ', ବିଶ୍ୱମ୍ଭର ଦାସଙ୍କ 'ବିଚିତ୍ରଭାରତ', ବିପ୍ର ସଦାଶିବଙ୍କ 'ବିଚିତ୍ର ହରିବଂଶ' ପ୍ରଭୃତିକୁ ପୁରାଣଭିତ୍ତିକ କାବ୍ୟ ବୋଲି କହିବା ଯୁକ୍ତିଯୁକ୍ତ ମନେହୁଏ ।[୭]

**ଗ. ପୁରାଣଭିତ୍ତିକ କାବ୍ୟ :** ପୁରାଣ କାବ୍ୟବ୍ୟତୀତ ପୁରାଣକୁ ଆଧାର କରି ଯେଉଁ ପୌରାଣିକ କାବ୍ୟ ସବୁ ସୃଷ୍ଟି ଲାଭ କରିଛନ୍ତି ସେଗୁଡ଼ିକ ହେଲା ରାମକାବ୍ୟ, କୃଷ୍ଣକାବ୍ୟ ଓ ଆଖ୍ୟାନ କାବ୍ୟ ।

**ରାମକାବ୍ୟ :** ରାମାୟଣର ବିଷୟବସ୍ତୁକୁ ଭିତ୍ତିକରି ଓଡ଼ିଆ ସାହିତ୍ୟରେ ଯେଉଁସବୁ କାବ୍ୟ ଗଢ଼ିଉଠିଛି ସେଗୁଡ଼ିକୁ ରାମକାବ୍ୟ କୁହାଯାଏ । କେତେକ କବି ରାମାୟଣର ସମ୍ପୂର୍ଣ୍ଣ କଥାବସ୍ତୁ ଅର୍ଥାତ୍ ରାମଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ବିଷୟକୁ ବର୍ଣ୍ଣନା କରିଥାନ୍ତି । ଆଉ କେତେକ କବି ଏହାର ଆଂଶିକ କଥାବସ୍ତୁ ଅବଲମ୍ବନରେ ସ୍ୱୀୟ କାବ୍ୟର ପରିକଳ୍ପନା କରିଥିବା ଦେଖାଯାଏ । ଧନଞ୍ଜୟ ଭଞ୍ଜଙ୍କର ରଘୁନାଥ ବିଳାସ, ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶ ବିଳାସ, ଗୋପୀନାଥ ପାତ୍ରଙ୍କର ରାମଚନ୍ଦ୍ର ବିହାର, ଯଦୁମଣିଙ୍କର ରାଘବବିଳାସ, ରାଧାଚରଣଙ୍କର ରସ ରାମାୟଣ ପ୍ରଭୃତି ପ୍ରଥମପର୍ଯ୍ୟାୟର ରାମାୟଣଭିତ୍ତିକ କାବ୍ୟ । କିନ୍ତୁ ଅର୍ଜୁନ ଦାସଙ୍କର 'ରାମବିଭା' (ରାମଚନ୍ଦ୍ର ଓ ସୀତାଙ୍କ ପରିଣୟ ବିଷୟବସ୍ତୁ ଅବଲମ୍ବନରେ ରଚିତ), ଉପେନ୍ଦ୍ରଙ୍କର ରାମଲୀଳାମୃତ କିମ୍ବା ଅବନା ରସତରଙ୍ଗ (ରାମଚନ୍ଦ୍ର ଓ ସୀତାଙ୍କ ବିରହ ତପ୍ତ ଜୀବନଲୀଳା) ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ ।

**କୃଷ୍ଣକାବ୍ୟ :** ରାମକାବ୍ୟ ଅପେକ୍ଷା ଓଡ଼ିଆରେ କୃଷ୍ଣ କାବ୍ୟର ସଂଖ୍ୟା ଯଥେଷ୍ଟ ଅଧିକ । ଶ୍ରୀଚୈତନ୍ୟଙ୍କର ଉତ୍କଳ ଆଗମନ ପରେ ରାଗାନୁଗା ପ୍ରେମଭକ୍ତିର ଯେଉଁ ପ୍ଲାବନ ଓଡ଼ିଶାରେ ସୃଷ୍ଟିହେଲା ତାହାର ଫଳସ୍ୱରୂପ ଶୃଙ୍ଗାରଭକ୍ତିରସର କବିମାନଙ୍କ କାବ୍ୟରେ 'ରସ' ଏକ ଅପରିହାର୍ଯ୍ୟ ଉପାଦାନ ଭାବରେ ଗୃହୀତ ହେଲା । କିନ୍ତୁ ଏହାପୂର୍ବରୁ ସଂସ୍କୃତ ଆଳଙ୍କାରିକ ଭରତଙ୍କଠାରୁ ଅଭିନବଗୁପ୍ତଙ୍କ ପର୍ଯ୍ୟନ୍ତ 'ରସ' କାବ୍ୟର ଆତ୍ମାରୂପେ ସ୍ୱୀକୃତ ହୋଇଥିଲେହେଁ

ପ୍ରାକ୍ ଚୈତନ୍ୟ ଓଡ଼ିଆ କାବ୍ୟ ସାହିତ୍ୟରେ ତାହାର କିନ୍ତୁ ବିଶେଷ ଅନୁଶୀଳନ ନଥିଲା । କାବ୍ୟ ବା ପୁରାଣ ରଚନା ପାଇଁ ରସର ଅଭିବ୍ୟକ୍ତି ଯେତିକି ଅପରିହାର୍ଯ୍ୟ କେବଳ ସେତିକି ମାତ୍ର 'ରସଚର୍ଯ୍ୟା' ପ୍ରକାଶ ପାଇଥିଲା । ଏଠାରେ ଉଲ୍ଲେଖ କରିବା ଅତ୍ୟନ୍ତ ପ୍ରୟୋଜନ ଯେ ଗୌଡ଼ୀୟ ବୈଷ୍ଣବ ତତ୍ତ୍ୱରେ ଭକ୍ତି ଦ୍ୱିବିଧ ବୈଧୀ ଓ ରାଗାନୁଗା । ରାଗାନୁଗା ଭକ୍ତି ବା ଶୁଦ୍ଧା ଭକ୍ତିରେ ପରମପୁରୁଷ ଶ୍ରୀକୃଷ୍ଣଙ୍କ ଲୀଳା ସହଚରୀ ରୂପେ ଭକ୍ତ ପରିକଳ୍ପିତ ହୋଇଛନ୍ତି । କାରଣ ଦ୍ୱୈତତା ମଧ୍ୟରେ ଅଦ୍ୱୈତତା ବା ଅଦ୍ୱୟତାର ଉପଲବ୍ଧି ଏହି ଲୀଳା ମାର୍ଗରେ ହିଁ କେବଳ ସମ୍ଭବ ବୋଲି ସେମାନଙ୍କର ଧାରଣା । ପୁଣି ଦାସ୍ୟ ବା ସଖ୍ୟ ଅପେକ୍ଷା ମଧୁର ବା ଶୃଙ୍ଗାର ମଧ୍ୟରେ ଅଦ୍ୱୟତାର ଅନୁଭୂତି ଅଧିକ ନିବିଡ଼, ଚରମ ପୁଣି ପରମ । ଏଥିପାଇଁ ମଧୁର ଭକ୍ତିବାଦିନୀ ଗୋପୀ ଓ ସେମାନଙ୍କ ମଧ୍ୟରେ ଶ୍ରୀରାଧା, ଶ୍ରୀକୃଷ୍ଣଙ୍କ ଶ୍ରେଷ୍ଠଭକ୍ତ ରୂପେ ବିବେଚିତ ହୋଇଛନ୍ତି । ଗୌଡ଼ର ବୈଷ୍ଣବ ଗୋସ୍ୱାମୀମାନେ ସେଥିପାଇଁ ପ୍ରତ୍ୟେକେ ନିଜକୁ ଶ୍ରୀକୃଷ୍ଣଙ୍କ ଲୀଳା ସଙ୍ଗିନୀ ରୂପେ ପରିକଳ୍ପନା କରିଛନ୍ତି ଯଥା : ରୂପଗୋସ୍ୱାମୀ ନିଜକୁ ରତ୍ନମଞ୍ଜରୀ, ସନାତନ ଗୋସ୍ୱାମୀ ଲାବଣ୍ୟମଞ୍ଜରୀ, ରଘୁନାଥ ଗୋସ୍ୱାମୀ ରତିମଞ୍ଜରୀ, ଗୋପାଳ ଭଟ୍ଟ ଗୁଣମଞ୍ଜରୀ, ରଘୁନାଥ ଭଟ୍ଟ ରସମଞ୍ଜରୀ, ଜୀବଗୋସ୍ୱାମୀ ବିଳାସମଞ୍ଜରୀ ରୂପେ ନିଜକୁ ପରିଚିତ କରାଇଛନ୍ତି ।[୮]

ଭାବଭକ୍ତି ବୈଧୀ ଓ ରାଗାନୁଗା ଭକ୍ତିର ପରିଣତ ଅବସ୍ଥା । ଭାବଭକ୍ତିର ନାମାନ୍ତର ହେଉଛି କୃଷ୍ଣପ୍ରୀତି । ଭାଗବତ ଧର୍ମରେ ଶ୍ରୀକୃଷ୍ଣ ନୈର୍ବ୍ୟକ୍ତିକ ଆଧ୍ୟାତ୍ମିକ ଅଭୀପ୍ସା ଓ ଭାବନାର ଶୂନ୍ୟ ସୂଚୀ ସଙ୍କେତ ନ ହୋଇ ବ୍ୟକ୍ତିର ଭଗବାନ ରୂପେ ବିବେଚିତ ହୋଇଥିବାରୁ ଭାବଭକ୍ତି ଏହି ଚରିତ୍ର ଲାଭ କରିଛି । ଭାରତରେ ଭକ୍ତି ଭାବନା ଅତ୍ୟନ୍ତ ପୁରାତନ । ମାତ୍ର ପ୍ରୀତିରେ ଭକ୍ତିର ରୂପାନ୍ତର ପୁଣି ଯୌନାକାଂକ୍ଷାରେ (Sexual Impulse) ସେ ଭକ୍ତିର ସପିଣ୍ଡୀକରଣ ସମ୍ଭବତଃ ଇସଲାମ୍ ଧର୍ମରେ ସୁଫୀ ମତବାଦ ଦ୍ୱାରା ପ୍ରଭାବିତ ହୋଇଥିଲା । ଶ୍ରୀରାଧା ଏହି ଭାବଭକ୍ତି ବା ମହାଭାବର ପରିପୂର୍ଣ୍ଣ ସଙ୍କେତ । ଶ୍ରୀରାଧାଙ୍କ କୃଷ୍ଣପ୍ରୀତି ଆଦର୍ଶପ୍ରୀତି ମହାଭାବ ଥିବାରୁ ପ୍ରତ୍ୟେକ ବୈଷ୍ଣବ ଭକ୍ତିର ଦୃଷ୍ଟିରେ ସେହି ଭାବର ଉଦ୍ରେକ ଓ ବିଭବ ଶ୍ରେଷ୍ଠ ଭାବ ଥିଲା ଓ ତାହାର ଆସ୍ୱାଦନ ପ୍ରତ୍ୟେକ ଭକ୍ତ ଦୃଷ୍ଟିରେ ଆଧ୍ୟାତ୍ମିକ ସାଧନାର ଚରମ ଲକ୍ଷ୍ୟ ଥିଲା ଏବଂ ଏହି ମହାଭାବର ପ୍ରଚାର ପାଇଁ ମାଧ୍ୟମର ଆବଶ୍ୟକତା ପଡ଼ିଥିବା ସ୍ୱାଭାବିକ । ଚୈତନ୍ୟ ନିଜେ କୌଣସି ସାହିତ୍ୟିକ କୃତି ରଚନା କରି ନଥିଲେ ହେଁ 'ଶିକ୍ଷାଷ୍ଟକ' ଶୀର୍ଷକ ଏକ କ୍ଷୁଦ୍ର ରଚନା ବ୍ୟତୀତ କାବ୍ୟସାହିତ୍ୟ ସହିତ ତାଙ୍କର ପରିଚୟ ଥିଲା, ପୁଣି ଗୋସ୍ୱାମୀମାନେ ପ୍ରତ୍ୟେକେ ଜଣେ ଜଣେ ଉଚ୍ଚକୋଟୀର କାବ୍ୟକର୍ତ୍ତା ଥିଲେ । ସେମାନେ ତେଣୁ ମହାଭାବ ଓ କୃଷ୍ଣପ୍ରୀତି ତତ୍ତ୍ୱକୁ ରସ ବୈଦଗ୍ଧ୍ୟରେ ମଣ୍ଡିତ କରିବାପାଇଁ ଚେଷ୍ଟିତ ହୋଇଥିବା ସ୍ୱାଭାବିକ । ବିଭିନ୍ନ ଭାବ ଅଭିବ୍ୟକ୍ତିର ସୂକ୍ଷ୍ମାତିସୂକ୍ଷ୍ମ ବିଭକ୍ତି ରସତତ୍ତ୍ୱର ମୂଳଭିତ୍ତି, କିନ୍ତୁ ପାରମ୍ପରିକ ଅଳଙ୍କାର ଶାସ୍ତ୍ର ପ୍ରକରଣରେ 'ରସ' ରୂପେ 'ଭାବ' ର ସ୍ୱତନ୍ତ୍ର ସ୍ଥାନ ନଥିଲା । ପ୍ରଥମେ ରସତାତ୍ତ୍ୱିକମାନେ ଭାବକୁ ପ୍ରଥମେ ଏକ ସାହିତ୍ୟିକ ରସରେ ପରିଣତ କରିଥିଲେ । ଏହି 'ନବ୍ୟରସ'ର ବିନ୍ୟାସ ପାଇଁ

ଅଳଙ୍କାର ଶାସ୍ତ୍ରର ସବୁ ରୀତି ପଦ୍ଧତିତତ୍ତ୍ୱ ଓ ପ୍ରକରଣ ନିୟୋଜିତ ହୋଇଥିଲା ।

ରୂପ ଗୋସ୍ୱାମୀଙ୍କ 'ଭକ୍ତିରସାମୃତ ସିନ୍ଧୁ' ଓ 'ଉଜ୍ଜ୍ୱଳ ନୀଳମଣି' ଏହି ରସତତ୍ତ୍ୱର ଶ୍ରେଷ୍ଠ ଗ୍ରନ୍ଥ । ବୈଷ୍ଣବ ରସତତ୍ତ୍ୱରେ ଅନ୍ତର୍ନିହିତ ଏକ ମହାଭାବ ବିଦ୍ୟାପତି, ଜୟଦେବ ଓ ବିଲ୍ୱମଙ୍ଗଳଙ୍କ କାଳରୁ ପରିଚିତ ହେଲେ ହେଁ ତାହା ରୂପ ଗୋସ୍ୱାମୀଙ୍କ ରଚନାବଳୀରେ ଏକ ତାତ୍ତ୍ୱିକ ସ୍ୱୀକୃତି ଲାଭ କରିଥିଲା । ଏହି କୃଷ୍ଣପ୍ରୀତି ବା ମହାଭାବର ତିନିଗୋଟି ସ୍ତର ଅଛି, ଯଥା - "ସ୍ଥାୟୀଭାବ, ବିଭାବ ଓ ଅନୁଭାବ ।[୯] କୃଷ୍ଣରତି ହେଲା ସ୍ଥାୟୀଭାବ । କାରଣ ରତି ବା ସ୍ଥାୟୀଭାବ ମଧ୍ୟରେ ଦ୍ୱୈତତା ବିଲୁପ୍ତ ହୋଇ ତାହା ଅଦ୍ୱୟତା ପ୍ରାପ୍ତ ହୋଇଥାଏ । ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଭାବଦ୍ୱାରା, ଅନ୍ତରରେ ସୁସୁପ୍ତ ଏହି ସ୍ଥାୟୀଭାବ ଉଦ୍ରେକ ହୋଇ ସ୍ୱାଦ୍ୟତା ବା ରସୋତ୍ତୀର୍ଣ୍ଣ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ବିଭାବ ଦ୍ୱାରା ସ୍ଥାୟୀ ଭାବ ବା କୃଷ୍ଣ ରତି ପ୍ରମୋଦିତ ହୋଇ ଭକ୍ତିରସ ଉଦ୍ରେକ ହୋଇଥାଏ । ବିଭାବ ପୁଣି ଦୁଇଭାଗରେ ବିଭକ୍ତ- ଆଲମ୍ବନ ଓ ଉଦ୍ଦୀପନ । ଆଲମ୍ବନରେ କୃଷ୍ଣ ହେଉଛନ୍ତି ଭାବର ବିଷୟ ଓ କୃଷ୍ଣଭକ୍ତ ଗୋପୀମାନେ ତାହାର ଆଧାର । କୃଷ୍ଣଙ୍କର ଗୁଣ, ଚେଷ୍ଟା (ଲୀଳା) ଓ ପ୍ରସାଧନ (କୀର୍ତ୍ତନ) ବିଳମ୍ବନର ଅନ୍ତର୍ଗତ । ଅର୍ଥାତ୍ କୃଷ୍ଣଙ୍କଲୀଳା ଓ ଗୁଣର କୀର୍ତ୍ତନ ଦ୍ୱାରା ଭକ୍ତ ବା ଗୋପିନୀମାନଙ୍କ ପ୍ରାଣରେ କୃଷ୍ଣପ୍ରୀତି ଉଦ୍ରେକ ହୋଇଥାଏ ପୁଣି ତାହାର ଆସ୍ୱାଦନ ଓ ଉପଲବ୍ଧି ମଧ୍ୟରେ ଭକ୍ତ ରସମୟ ହୋଇ 'ତଦାକାରତ୍ୱ' ପ୍ରାପ୍ତ ହୋଇଥାଏ । ଭକ୍ତର ମାନସ ଭୂମିରେ ନବଜାଗ୍ରତ ବିଭାବର ରସପୃଷ୍ଟ, ଅନୁଭାବ ମଧ୍ୟରେ ସାଧିତ ହୋଇଥାଏ ଗୀତ, ନୃତ୍ୟ, ବାଦ୍ୟ, ଭୂଲୁଣ୍ଠନ ଓ ଘନ ଘନ ଦୀର୍ଘଶ୍ୱାସ ଅନୁଭବର ଲକ୍ଷଣ । ଅର୍ଥାତ୍ ବିଭାବ ସ୍ଥାୟୀଭାବ ଉଦ୍ରିକ୍ତ ହେଲେହେଁ ତାହା କେବଳ ଅନୁଭବ ଦ୍ୱାରା ପ୍ରବର୍ଦ୍ଧିତ ତଥା ପରିପୁଷ୍ଟ ହୋଇଥାଏ । ଅର୍ଥାତ୍ କୃଷ୍ଣ ବିଷୟ, ଭକ୍ତମାନଙ୍କ ହୃଦୟରେ ଯେଉଁ ଭାବସଞ୍ଚାର କରେ, ତାହା କୃଷ୍ଣଲୀଳା ଶ୍ରବଣ । ପୁଣି ମନରେ ପ୍ରସାରିତ ହୁଏ ଗୀତ, ନୃତ୍ୟ, ବାଦ୍ୟ, ଭୂଲୁଣ୍ଠନ ଓ ଶ୍ୱାସକ୍ରମା ପ୍ରଭୃତି ବିକାର ଦ୍ୱାରା ତାହା କ୍ରମେ ପ୍ରବର୍ଦ୍ଧିତ ହୁଏ । ଏ ସମସ୍ତ ମଧ୍ୟରେ କୃଷ୍ଣଭାବ ସ୍ଥାୟୀଭାବରେ ପରିଣତ ହୋଇ ପୂର୍ଣ୍ଣ ସ୍ୱାଦତା ବା ସିଦ୍ଧିପ୍ରାପ୍ତ ହୋଇଥାଏ । ଓଡ଼ିଆରେ ଯେଉଁ କୃଷ୍ଣ କାବ୍ୟଗୁଡ଼ିକ ଉପଲବ୍ଧ ହୁଏ ସେଗୁଡ଼ିକ ହେଲା, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ 'ଯୁଗଳ ରସାମୃତ ଲହରୀ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧଚିନ୍ତାମଣି', ଜଗନ୍ନାଥ ନାରାୟଣ ଦେବଙ୍କ ଶ୍ରୀବୃନ୍ଦାବନ ଚନ୍ଦ୍ର ବିହାର, ଦୀନକୃଷ୍ଣ ଦାସଙ୍କର ରସକଲ୍ଲୋଳ, କରୁଣାକର ପଟ୍ଟନାୟକଙ୍କ 'କୃଷ୍ଣ ରସାମୃତ, ଚକ୍ରପାଣି ପଟ୍ଟନାୟକଙ୍କ କୃଷ୍ଣବିଳାସ, ଚାନ୍ଦଦାସଙ୍କ ଗୋପୀ ଚନ୍ଦନ, ଉପେନ୍ଦ୍ର ଭଞ୍ଜଙ୍କର କଳାକଉତୁକ, ପୁରୁଷୋତ୍ତମ ଅନଙ୍ଗଭୀମ ଦେବଙ୍କ 'କୃଷ୍ଣ କେଳି ତରଙ୍ଗିଣୀ', ଘନଭଞ୍ଜଙ୍କର ଗୋବିନ୍ଦ ବିଳାସ, ଲୋକନାଥ ବିଦ୍ୟାଧରଙ୍କ 'ବୃନ୍ଦାବନ ବିହାର' ପ୍ରଭୃତି ଶ୍ରୀକୃଷ୍ଣଙ୍କର ଗୋପଲୀଳାକୁ ଭିତ୍ତିକରି ଅନେକ ଲଘୁକାବ୍ୟ ଲେଖା ହୋଇଛି ।

ଏତଦ୍‌ବ୍ୟତୀତ ଶ୍ରୀକୃଷ୍ଣଙ୍କର ଐଶ୍ୱର୍ଯ୍ୟଲୀଳାର ମହତ୍ତ୍ୱ ମଧ୍ୟ କେତେକ କାବ୍ୟରେ ଦେଖିବାକୁ ମିଳିଥାଏ, ଯଥା : ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ', କାର୍ତ୍ତିକଦାସଙ୍କ 'ରୁକ୍ମିଣୀବିଭା', କେଶରାଜ ହରିଚନ୍ଦନଙ୍କ 'ରସସିନ୍ଧୁ', 'ସୁଲକ୍ଷଣା', ଯଦୁମଣିଙ୍କ 'ପ୍ରବନ୍ଧ

ପୂର୍ଣ୍ଣଚନ୍ଦ୍ର' ପ୍ରଭୃତିରେ ଶ୍ରୀକୃଷ୍ଣଙ୍କର ପଟ୍ଟମହିଷୀମାନଙ୍କର ସହ ପରିଣୟ ବୃତ୍ତାନ୍ତକୁ ବର୍ଣ୍ଣନା କରିଛନ୍ତି । କେତେକ ସମାଲୋଚକ 'ଉଷାଭିଳାଷ', 'ସୁଲକ୍ଷଣା', 'ପ୍ରଭାବତୀ ପରିଣୟ'କୁ କୃଷ୍ଣକାବ୍ୟର ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ଏହା ଶ୍ରୀକୃଷ୍ଣଙ୍କର ଲୀଳା ଓ ମହତ୍ତ୍ୱକୁ ଯଥାର୍ଥରେ ପ୍ରତିପାଦିତ କରିନାହିଁ ।[୧୦]

**ଗ. ଆଖ୍ୟାନ କାବ୍ୟ :** ପୌରାଣିକ କାବ୍ୟର ଅନ୍ୟତମ ବିଭାଗ ରୂପେ ଆଖ୍ୟାନ କାବ୍ୟଗୁଡ଼ିକୁ ଗ୍ରହଣ କରାଯାଇପାରେ । ଏହି କାବ୍ୟ ସମୂହର ବିଷୟବସ୍ତୁ ପୁରାଣରୁ ଗୃହୀତ ହୋଇଥିଲେ ସୁଦ୍ଧା ଏସବୁ ଧର୍ମ ବା ଧର୍ମମତ ପ୍ରଧାନ ନୁହନ୍ତି । ପୁରାଣ ବିଭିନ୍ନ ଉପାଖ୍ୟାନ ବା ଚରିତ ମଧ୍ୟରେ ଥିବା ବିଷୟଗତ ଚମତ୍କାରିତା ଓ କାବ୍ୟୋପଯୋଗୀ କଳାତ୍ମକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହାରି ଅବଲମ୍ବନରେ ସ୍ୱତନ୍ତ୍ର କାବ୍ୟ ସୃଷ୍ଟି ପାଇଁ କବିମାନେ ବିଶେଷ ଆଗ୍ରହୀ ହୋଇ ଉଠିଛନ୍ତି । ରାମକୃଷ୍ଣ କାବ୍ୟର ସୁବିପୁଳ ବିସ୍ତାର ଭିତରେ ପୁରାଣର ଗୋଟିଏ ଗୋଟିଏ ବୈଚିତ୍ର୍ୟ ମଣ୍ଡିତ ଆଖ୍ୟାନ ଉପରେ ଭିତ୍ତିକରି ରଚିତ ଶିଶୁ ଶଙ୍କରଙ୍କର 'ଉଷାଭିଳାଷ', ହରିହର ମର୍ଦ୍ଦରାଜଙ୍କର 'ମଦାଳସା', ଉପେନ୍ଦ୍ର ଭଞ୍ଜଙ୍କର 'ସୁଭଦ୍ରା ପରିଣୟ', ଭରତଙ୍କର 'ସୁଲୋଚନା ପରିଣୟ', ମୀନକେତନଙ୍କ 'ସଚଳା ପରିଣୟ', ଲକ୍ଷ୍ମଣଙ୍କ 'ଉର୍ମିଳା ଛାନ୍ଦ' ପ୍ରଭୃତି କାବ୍ୟ ଉଲ୍ଲେଖଯୋଗ୍ୟ ।

**ଘ. କାଳ୍ପନିକ କାବ୍ୟ :** କାଳ୍ପନିକ କାବ୍ୟ ବୋଲି ନାମିତ କରିବାର ଅର୍ଥ ହେଉଛି କବିମାନେ କାବ୍ୟର ବିଷୟ ତଥା ହରଣ ନେଇ କୌଣସି ପୁରାଣ ବା ଇତିହାସ ପ୍ରତ୍ୟକ୍ଷ ସହାୟତା ନେଇନାହାନ୍ତି । କେବଳ ପୁରାଣର ଛାୟା ସହିତ କବି କଳ୍ପନାର ଅପୂର୍ବ ସଂଯୋଗରେ ଏହି ଶ୍ରେଣୀୟ ଅତ୍ୟନ୍ତ ଉତ୍କୃଷ୍ଟ କାବ୍ୟମାନ ରଚନା କରିଯାଇଛନ୍ତି । ଅବଶ୍ୟ କେତେକ ସମାଲୋଚକ ଏହି କାଳ୍ପନିକ କାବ୍ୟଗୁଡ଼ିକୁ ଆଖ୍ୟାୟିକା କାବ୍ୟ, କଥାକାବ୍ୟ, ଔପନ୍ୟାସିକ କାବ୍ୟ ପ୍ରଭୃତି ନାମରେ ନାମିତ ମଧ୍ୟ କରିଛନ୍ତି । ଭାରତୀୟ ତଥା ଅନ୍ୟାନ୍ୟ ଆଞ୍ଚଳିକ ଭାଷା ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟରେ କାଳ୍ପନିକ କାବ୍ୟର ସଂଖ୍ୟା ଅଧିକ ବୋଲି ଜଣାଯାଏ । ଏଥିରୁ ଜଣାପଡ଼େ, ଓଡ଼ିଆ କାବ୍ୟକାରମାନେ କାଳ୍ପନିକ କଥାବସ୍ତୁ ପ୍ରତି ମଧ୍ୟ ସମପରିମାଣରେ ଆକର୍ଷିତ ହୋଇଥିଲେ । ଯେହେତୁ ଗଳ୍ପ ଶୁଣିବାର ପରମ୍ପରାଗତ ଶୈଳୀ ଆମ ସମାଜରେ ରହିଆସିଛି । ଗଳ୍ପର ପ୍ରତ୍ୟେକ ଚରିତ୍ର ରାଜା, ରାଣୀ, ପାତ୍ର, ମନ୍ତ୍ରୀ, ରାଜକୁମାର, ରାଜକୁମାରୀ, ଯାଦୁକର, ସାଧାରଣ ଗାଈଆଳ ପିଲାଟିର ମନମତାଣିଆ ଗୀତର ସୁରରେ କାଳ୍ପନିକତା ଯୋଡ଼ି ଦେଇ ହଠାତ୍ ଦିବ୍ୟ ପୁରୁଷରେ ପରିଣତ ହେବା ପ୍ରଭୃତି କାବ୍ୟର ଆମ୍ବିକ କଳାକୌଶଳକୁ ଯେ ଗଭୀର ଭାବରେ ପ୍ରଭାବିତ କରୁଛି ଏଥିରେ ସନ୍ଦେହ ନାହିଁ । ତେଣୁ ଓଡ଼ିଆ କାଳ୍ପନିକ କାବ୍ୟର ବ୍ୟାପକ ସୃଷ୍ଟି ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟିପାତ କଲେ ଦୁଇଟି ବିଶେଷତ୍ୱ ଅନୁଭୂତ ହୁଏ । ଗୋଟିଏ ବିଶେଷତ୍ୱ ହେଲା କେତେକ ରାଜକୁମାର, ରାଜକୁମାରୀ, ରାଜାରାଣୀଙ୍କୁ କେନ୍ଦ୍ରକରି କାବ୍ୟଗତିଶୀଳ ହେଲାବେଳେ ଅନ୍ୟଟିରେ ସାଧାରଣ ନରନାରୀ ନାୟକ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ।

ଉଦାହରଣ ସ୍ୱରୂପ : ରାମଚନ୍ଦ୍ର ପଟ୍ଟନାୟକ, ବିଷ୍ଣୁ ପଟ୍ଟନାୟକଙ୍କ 'ଅନୁରାଗବତୀ', 'ହାରାବତୀ', ନୃସିଂହ ପଟ୍ଟନାୟକଙ୍କ 'ସୁଲକ୍ଷଣା' ପ୍ରଭୃତିରେ ମନ୍ତ୍ରୀକୁମାର ଓ ମନ୍ତ୍ରୀକୁମାରୀଙ୍କ ପ୍ରଣୟ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି । କାବ୍ୟର କଳେବର ଏବଂ କାବ୍ୟ ବିଷୟବସ୍ତୁର ଉପସ୍ଥାପନା କୌଶଳ ଉଭୟ ଦୃଷ୍ଟିରୁ ଏହି କାଳ୍ପନିକ କାବ୍ୟଗୁଡ଼ିକୁ ପୁନଶ୍ଚ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯଥା : ଦୀର୍ଘାବୟବ ବିଶିଷ୍ଟ ଗୁରୁକାବ୍ୟ ଏବଂ କ୍ଷୁଦ୍ରାବୟବ ଲଘୁକାବ୍ୟ । ନରସିଂହଙ୍କ 'ପରିମଳା', ଲୋକନାଥଙ୍କ 'ରସକଳା', ଧନଞ୍ଜୟଙ୍କର 'ଅନଙ୍ଗରେଖା', ଉପେନ୍ଦ୍ର ଭଞ୍ଜଙ୍କର 'ଲାବଣ୍ୟବତୀ', 'କୋଟିବ୍ରହ୍ମାଣ୍ଡସୁନ୍ଦରୀ', ବ୍ରଜସୁନ୍ଦର ପଟ୍ଟନାୟକଙ୍କ ରସକଳ୍ପଲତା, ଅଭିମନ୍ୟୁଙ୍କର 'ପ୍ରେମଲତା' ପ୍ରଭୃତିକୁ ପ୍ରଥମ ଶ୍ରେଣୀୟ ଦୀର୍ଘାବୟବ ବିଶିଷ୍ଟ କାବ୍ୟ ଭାବରେ ଗ୍ରହଣ କରାଯାଇପାରେ । ରଘୁନାଥ ହରିଚନ୍ଦନଙ୍କ 'ସକୁନ୍ତଳା', ଦୟାନିଧିଙ୍କର 'ପ୍ରେମଲତା', ଧନଞ୍ଜୟଙ୍କର 'ତ୍ରିପୁରସୁନ୍ଦରୀ' ପ୍ରଭୃତି ଦ୍ୱିତୀୟ ପର୍ଯ୍ୟାୟ କାବ୍ୟର ପ୍ରକୃଷ୍ଟ ନିଦର୍ଶନ ରୂପେ ଗ୍ରହଣ କରାଯାଇପାରେ । ବିଭିନ୍ନ କାଳ୍ପନିକ କାବ୍ୟର ଆଲୋଚନା ସହିତ ଆଲୋଚ୍ୟ 'ଲାବଣ୍ୟବତୀ'ର ଉତ୍କୃଷ୍ଟତା ସମ୍ପର୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରାଯିବ ।

**ଙ. ଐତିହାସିକ କାବ୍ୟ :** ଭାରତୀୟ ସାହିତ୍ୟରେ ଇତିହାସଭିତ୍ତିକ ରଚନାର ସଂଖ୍ୟା ଖୁବ୍ ସୀମିତ । ଏଦେଶରେ ଐତିହାସିକ ରଚନାର ଗୌରବ ବହନ କରି ଯେଉଁ କେତୋଟି ଗ୍ରନ୍ଥ ପ୍ରଚାର ଲାଭକଲା, ପାଶ୍ଚାତ୍ୟ ସାହିତ୍ୟର ଐତିହାସିକ ରଚନାର ମାନଦଣ୍ଡରେ ସେଗୁଡ଼ିକ ଇତିହାସ ଦୃଷ୍ଟିରୁ ସେପରି ମହତ୍ତ୍ୱପୂର୍ଣ୍ଣ ନୁହନ୍ତି । ଭାରତୀୟମାନେ ଇତିହାସର ସତ୍ୟକୁ କଳାବିମଣ୍ଡିତ କରି ଉପସ୍ଥାପନ କରିବା ଦିଗରେ ନିସ୍ପୃହ ଥିଲାପରି ତାହାର ବିଜ୍ଞାନସମ୍ମତ ବିଶ୍ଳେଷଣ ପାଇଁ ଥିଲେ ଅଧିକ ବୀତସ୍ପୃହ । ଜନୈକ ଐତିହାସିକଙ୍କ ମତରେ, 'ହିନ୍ଦୁମାନେ କୌଣସି ଘଟଣାର ଐତିହାସିକତା ପ୍ରତି ଆଦୌ ମନୋଯୋଗୀ ନୁହନ୍ତି । ଘଟଣାର ଧାରାବାହିକତା ପ୍ରତି ସେମାନେ ସର୍ବଦା ବୀତସ୍ପୃହ । ଯଦି ସେମାନଙ୍କୁ ଏସମ୍ପର୍କରେ କିଛି କହିବାପାଇଁ ବାଧ୍ୟ କରାଯାଏ ତେବେ ସେମାନେ କ'ଣ କହିବେ କିଛି ଚିନ୍ତା ନକରି ସାଧାରଣତଃ ଗଳ୍ପ କହିବା ଆରମ୍ଭ କରି ଦିଅନ୍ତି ।[୧୦] ଏହାର ଯୁକ୍ତିଯୁକ୍ତ କାରଣ ହୋଇପାରେ ଭାରତୀୟମାନେ ମୁଖ୍ୟତଃ ଧର୍ମବିଶ୍ୱାସୀ ତଥା କର୍ମବାଦୀ । ସେମାନଙ୍କର ଦୃଢ଼ ବିଶ୍ୱାସ ଯେ ଏଜନ୍ମରେ ମନୁଷ୍ୟ ପୂର୍ବଜନ୍ମାର୍ଜ୍ଜିତ୍ କର୍ମଫଳ ଭୋଗ କରେ । ବିଭିନ୍ନ ଧର୍ମକର୍ମାନୁଷ୍ଠାନ ଦ୍ୱାରା ପୁନର୍ଜନ୍ମରୁ ମୁକ୍ତି ଲାଭକରିବା ତା'ର କାମ୍ୟ ହୋଇଥାଏ । ବର୍ତ୍ତମାନକୁ ନେଇ ସେ ଯେତେଟା ବ୍ୟାକୁଳତା ପ୍ରକାଶ କରେ ନାହିଁ ଭବିଷ୍ୟତର ସୁରକ୍ଷା ପାଇଁ ନିଜର ସମସ୍ତ ସମୟ ବିନିଯୋଗ କରେ । ଅନ୍ୟ ଏକ ଯୁକ୍ତି ହେଲା ସଂସ୍କୃତ କାବ୍ୟାଦର୍ଶ ଓଡ଼ିଆ କାବ୍ୟାଦର୍ଶର ମୁଖ୍ୟ ପ୍ରେରଣା ସ୍ରୋତ ହୋଇଥିବାରୁ ଅଳଙ୍କାର ପ୍ରଣେତାମାନେ କାବ୍ୟାଦର୍ଶ ପୁରାଣ ସମ୍ପର୍କିତ ବିଷୟବସ୍ତୁରୁ ଆହରିତ ହେବା ଉଚିତ ବୋଲି ଦୃଢ଼ ନିର୍ଦ୍ଦେଶ ଦେଇଥିବାରୁ ସଂସ୍କୃତ କବିଗଣ ଐତିହାସିକ ବାସ୍ତବଘଟଣାକୁ କାବ୍ୟରେ ସ୍ଥାନ ଦେଇନାହାନ୍ତି । ତେଣୁ ଓଡ଼ିଆ

କବିମାନେ ଇତିହାସର ନିଷ୍ଠୁର ସତ୍ୟକୁ ଭିତ୍ତିକରି କାବ୍ୟରଚନା ଦିଗରେ ଉତ୍ସାହ ଅନୁଭବ କରିନାହାନ୍ତି । ଏହାର ଫଳସ୍ୱରୂପ ଓଡ଼ିଆ ସାହିତ୍ୟରେ ଐତିହାସିକ କାବ୍ୟର ସ୍ୱଳ୍ପତା ସ୍ପଷ୍ଟ ପରିଲକ୍ଷିତ ହୁଏ । ଏପର୍ଯ୍ୟନ୍ତ ଯେଉଁ କେତୋଟି ଇତିହାସ ଭିତ୍ତିକ ଓଡ଼ିଆ ରଚନା ଆବିଷ୍କୃତ ହୋଇଛି ସେଥିରୁ କେବଳ କବି ବ୍ରଜନାଥ ବଡ଼ଜେନାଙ୍କର 'ସମରତରଙ୍ଗ' ଏକ ସାର୍ଥକ କାବ୍ୟ ବୋଲି କୁହାଯାଇପାରେ । ନୃସିଂହ କବିଚନ୍ଦ୍ର ରାୟଗୁରୁଙ୍କ ପ୍ରଣୀତ 'ଚୁଡ଼ାପଙ୍ଗ ଯୁଦ୍ଧପୋଥି' ବା 'ରାଜା ସୋମନାଥ ସିଂହଦେବ' ଗ୍ରନ୍ଥ ଏକ ବାସ୍ତବ ଘଟଣାକୁ ଉପଜୀବ୍ୟ କରି କାବ୍ୟରୀତିରେ ରଚିତ ହୋଇଥିଲେହେଁ ରସବିନ୍ୟାସ କିମ୍ବା କାବ୍ୟ କୌଶଳ ଦୃଷ୍ଟିରୁ କାବ୍ୟରୂପେ ଅଭିହିତ କରିବା ସମ୍ଭବ ନୁହେଁ । ଏତଦ୍‌ବ୍ୟତୀତ ସ୍ଥାନୀୟ କିମ୍ବଦନ୍ତୀକୁ ଭିତ୍ତିକରି ଓଡ଼ିଆ ଭାଷାରେ 'ଶଶିସେଣା', 'ଚାଟ ଇଚ୍ଛାବତୀ' ଭଳି କେତୋଟି କାବ୍ୟ ରଚିତ ହୋଇଛି । ଅବଶ୍ୟ ଏଗୁଡ଼ିକୁ ସମ୍ପୂର୍ଣ୍ଣ ଐତିହାସିକ କାବ୍ୟର ମାନ୍ୟତା ଦିଆନଗଲେ ହେଁ କିମ୍ବଦନ୍ତୀନିଷ୍ଠ ଓଡ଼ିଆ ଐତିହାସିକ କାବ୍ୟ ରୂପେ ଗ୍ରହଣ କରାଯାଇପାରେ ।[୧୧]

**ଚ. ଅନୂଦିତ କାବ୍ୟ :** ଅନୁବାଦ ହିଁ ଯେ କୌଣସି ଭାଷାର ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥାଏ । ମଧ୍ୟଯୁଗୀୟ ଓଡ଼ିଆ କବିମାନେ ପୁରାଣର ଅନୁବାଦ ପାଇଁ ଯେତିକି ତତ୍ପରତା ପ୍ରକାଶ କରିଛନ୍ତି କାବ୍ୟାନୁବାଦ ପାଇଁ ସେତିକି ଆଗ୍ରହାନ୍ୱିତ ହୋଇ ନାହାନ୍ତି । ତତ୍କାଳୀନ ସମୟରେ ସଂସ୍କୃତ ଓ ପଡ଼ୋଶୀ ବଙ୍ଗଳା, ହିନ୍ଦୀ ସାହିତ୍ୟ ବ୍ୟତୀତ ପୃଥିବୀର ଅନ୍ୟାନ୍ୟ ଭାଷା ଓ ସାହିତ୍ୟର ସଂସ୍ପର୍ଶରେ ଆସିବା କିମ୍ବା ତାର ସାହିତ୍ୟିକ ବିଭାବ ଆହରଣ କରିବା ଏଯୁଗର କବିମାନଙ୍କ ପକ୍ଷରେ ଆଦୌ ସମ୍ଭବପର ନଥିଲା । ଯେଉଁ ଅନୁବାଦ ବି ହୋଇଛି ତାହା କେବଳ ସଂସ୍କୃତ ଭାଷାରୁ । ଯେହେତୁ ସେହି ସମୟରେ ସଂସ୍କୃତ ହିଁ ଏକମାତ୍ର ଆଦର୍ଶସ୍ଥାନୀୟ ଉଚ୍ଚାଙ୍ଗ ସାହିତ୍ୟ ଭାବରେ ମାନ୍ୟତାପ୍ରାପ୍ତ ହୋଇଥିଲା । ଏହା ସହିତ ସେମାନେ ସଂସ୍କୃତ ସାହିତ୍ୟରୁ ରସ ଆସ୍ୱାଦନ ପାଇଁ ସମର୍ଥ ଥିବାରୁ ଅନୁବାଦ ଅପେକ୍ଷା ସେ ସବୁର ଅନୁସରଣରେ ମୌଳିକ କାବ୍ୟ ରଚନାକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । ଫଳରେ ଓଡ଼ିଆ ଅନୁବାଦ କାବ୍ୟର ସ୍ୱଳ୍ପତା ଏହି ସମୟ ମଧ୍ୟରେ ପରିଲକ୍ଷିତ ହେବା ଏକାନ୍ତ ସ୍ୱାଭାବିକ । ଏହାସତ୍ତ୍ୱେ ଯେଉଁ କେତୋଟି ସଂସ୍କୃତ ଗ୍ରନ୍ଥ ଓଡ଼ିଆ ଭାଷାରେ ଅନୂଦିତ ହୋଇ କାବ୍ୟରୂପ ଧାରଣ କରିଥିଲା ସେଥିମଧ୍ୟରୁ ବୃନ୍ଦାବନ ଦାସଙ୍କ 'ରସବାରିଧି', ଗୀତ ଗୋବିନ୍ଦର ଅନୁବାଦ, ଧରଣୀଧରଙ୍କ ଗୀତଗୋବିନ୍ଦ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ 'ବ୍ରଜଲୀଳାମୃତସମୁଦ୍ର' (ବିଦଗ୍ଧ ମାଧବନାଟକ) ପ୍ରଭୃତି କାବ୍ୟ ଉଲ୍ଲେଖଯୋଗ୍ୟ ।[୧୨]

## ଓଡ଼ିଆ କାଞ୍ଚନିକ କାବ୍ୟର ଉତ୍କର୍ଷ ଏବଂ 'ଲାବଣ୍ୟବତୀ'ର ବୈଶିଷ୍ଟ୍ୟ :

କାଞ୍ଚନିକ କାବ୍ୟଧାରା ଷୋଡ଼ଶ ଶତାବ୍ଦୀରୁ ଓଡ଼ିଆ ସାହିତ୍ୟରେ ଏକ ପ୍ରଭାବଶାଳୀ ଭୂମିକା ସୃଷ୍ଟି କରି ଆସିଛି । ଏଗୁଡ଼ିକୁ ଆଖ୍ୟାୟିକା କାବ୍ୟ ଭାବରେ ସମାଲୋଚକ ଶ୍ରୀସୁରେନ୍ଦ୍ର ମହାନ୍ତି ତାଙ୍କର 'ଓଡ଼ିଆ ସାହିତ୍ୟର ମଧ୍ୟ ପର୍ବ'ରେ ଉଲ୍ଲେଖ କରିଛନ୍ତି ।[୧୩] ଯେଉଁ ପ୍ରମୁଖ କାଞ୍ଚନିକ କାବ୍ୟଗୁଡ଼ିକର ଭିତ୍ତିଭୂମି ଉପରେ ଉପେନ୍ଦ୍ରଭଞ୍ଜଙ୍କର 'ଲାବଣ୍ୟବତୀ' ଭଳି ଏକ ଉତ୍କୃଷ୍ଟ ମୌଳିକ

କାଳ୍ପନିକ କଥାବସ୍ତୁର ଅତ୍ୟନ୍ତ ମନୋଜ୍ଞ ରଚନା ସମ୍ଭବ ହୋଇଥିଲା ସେହି କାବ୍ୟଗୁଡ଼ିକର ଆଙ୍ଗିକ ବିନ୍ୟାସ, କାବ୍ୟଶୈଳୀ, ଆତ୍ମିକ ଗଭୀରତା, ବିଷୟବସ୍ତୁର ବାସ୍ତବ ରୂପାୟନ ଇତ୍ୟାଦି ଆଲୋଚିତ ହେବା ସର୍ବାଦୌ ଆବଶ୍ୟକ । ଷୋଡ଼ଶ ଶତାବ୍ଦୀର କାବ୍ୟକାରମାନଙ୍କ ମଧ୍ୟରେ ଅର୍ଜୁନ ଦାସ, ବନମାଳୀ ଦାସ, ନରସିଂହ ସେଣ ମହାପାତ୍ର, ବିଷ୍ଣୁ ଦାସ, ପୁରୁଷୋତ୍ତମ ଦାସ ଓ ଶଙ୍କର ଦାସ ପ୍ରମୁଖ ବିଶେଷ ଉଲ୍ଲେଖଯୋଗ୍ୟ । ଏମାନଙ୍କ ବ୍ୟତୀତ ଷୋଡ଼ଶ ଶତାବ୍ଦୀର ଅନ୍ୟ ଯେଉଁ କବିମାନଙ୍କର ସନ୍ଧାନ ମିଳିଛି, ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ମହାନ୍ତି, କପିଳେଶ୍ୱର ଦାସ, ହରିହର ଦାସ, ବଳରାମ ଦାସ (ଦ୍ୱିତୀୟ), କାର୍ତ୍ତିକ ଦାସ ଓ ଦେବଦୁର୍ଲ୍ଲଭ ଦାସ ପ୍ରମୁଖ ଅନ୍ୟତମ । ଛନ୍ଦୋବଦ୍ଧ ଓଡ଼ିଆ କାବ୍ୟର ଉନ୍ମେଷ ପାଇଁ ଅର୍ଜୁନ ଦାସଙ୍କୁ ବିଶେଷ ମାନ୍ୟତା ପ୍ରଦାନ କରାଯାଏ । ପ୍ରଥମ କରି ଓଡ଼ିଆରେ ଛନ୍ଦୋବଦ୍ଧ କାବ୍ୟରୂପେ ବିବେଚିତ 'ରାମବିଭା'ର ଦଶମଛାନ୍ଦକୁ 'ପିଅର ଗମନବାଣୀ' ଅଷ୍ଟମଛାନ୍ଦକୁ 'ମେଡ଼ତୋଳା' ବାଣୀ ପୁଣି 'କଳ୍ପଲତା' କାବ୍ୟର ତୃତୀୟ ଛାନ୍ଦକୁ 'ଜୟଦାମୋଦର ବାଣୀ', ଅଷ୍ଟମଛାନ୍ଦକୁ 'ମୁନିବର ବାଣୀ', ଦଶମ ଛାନ୍ଦକୁ 'ଶ୍ରୀରାମ ଚନ୍ଦ୍ର ବରିଲେ' ବାଣୀ, ଦ୍ୱାଦଶ ଛାନ୍ଦକୁ 'ପିଅର ଜନନୀ ନିଜ ମନ୍ଦିରେ ମିଳିଲେ' ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ବାଣୀମାନ ଅର୍ଜୁନ ଦାସଙ୍କର ପୂର୍ବବର୍ତ୍ତୀ ଛାନ୍ଦମାନଙ୍କର ଅସ୍ତିତ୍ୱର ସୂଚନା ଦିଏ । ସ୍ୱର୍ଗତଃ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଅର୍ଜୁନ ଦାସଙ୍କ ଆବିର୍ଭାବ ଖ୍ରୀ: ୧୪୨୦ ଠାରୁ ଖ୍ରୀ: ୧୫୩୦ ମଧ୍ୟରେ ହୋଇଥିବା ସମ୍ଭବ ବୋଲି ନିରୂପଣ କରନ୍ତି ।

ମାତ୍ର କେଉଁ ଉପାଦାନ ଓ ପ୍ରାମାଣିକତା ଭିତ୍ତିରେ ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ତାହା ଜଣାପଡୁନାହିଁ । ତଥାପି ଭାଷା ଓ ରଚନାରୀତି ଦୃଷ୍ଟିରୁ ସାରଳାଙ୍କ ସମସାମୟିକ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀର କବି ରୂପେ ନିଃସନ୍ଦେହରେ ଗ୍ରହଣ କରାଯାଇପାରେ । 'ରାମବିଭା' ଓ 'କଳ୍ପଲତା'ରେ ସାରଳା ମହାଭାରତରେ ବ୍ୟବହୃତ ବହୁ ପ୍ରାଚୀନ ଓଡ଼ିଆ ଶବ୍ଦ ଯଥା: ଉଲାଗ, ମଡ଼ିଆଳ, ତଡ଼ାଉ, ଆୟେ, ସୁନୁ, ଚଉସମ, ଭ୍ରାନ୍ତି, ମେହୁ, ବଳନ୍ତ, ପାଣିଦ୍ରବ୍ୟ, ଟମକ ମହିଆଳି, ରହୁବର ଓ ବିନୋଇ ପ୍ରଭୃତି ଅଧୁନା ବିଲୁପ୍ତ ଶବ୍ଦ ପରିଲକ୍ଷିତ ହୋଇଥାଏ । କିନ୍ତୁ ଷୋଡ଼ଶ ଶତାବ୍ଦୀର କବିମାନଙ୍କର ରଚନାରେ ପ୍ରାଚୀନ ଓଡ଼ିଆ ଶବ୍ଦର ଏପରି ବହୁଳ ପ୍ରୟୋଗ ପରିଦୃଷ୍ଟ ହୁଏନାହିଁ । 'ରାମବିଭା' ଓ କଳ୍ପଲତା'ର ପଦମାନଙ୍କରେ ଅକ୍ଷର ସଂଖ୍ୟା ଅସମାନ ଓ ତାହା ଦାଣ୍ଡୀ ରୀତିଠାରୁ ମଧ୍ୟ ବିଶେଷ ଦୂରବର୍ତ୍ତୀ ନୁହେଁ । ଯଥା:- 'ପାଟଜଉତିଷ ନଟମୂଳ/ପାରିହୋଇଯାଇ ରହିଲେ କୃଷ୍ଣ କୃତନ୍ଲା ନଦୀ ତୀରେ / ଚୋଡ଼ ମଣ୍ଡଳ ନୃପତି ଆଗେ / ଆଗ ହୋଇ ଦେଶ ଚାର ଜଣାଇଲେ ବେଗେ ।''[୧୩] ପଦ / କଳ୍ପଲତା ଚତୁର୍ଥ ଛାନ୍ଦ ।[୧୪]

ଅର୍ଜୁନ ଦାସ ହୁଏତ ପୁରୀ ପୁରୁଷୋତ୍ତମ କ୍ଷେତ୍ରର ଅଧିବାସୀ ଥିଲେ । ସେଥିପାଇଁ 'ରାମବିଭା' ପ୍ରଥମ ଛାନ୍ଦରେ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଦୈନିକ ପୂଜାବିଧି ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇପାରିଛି । ପ୍ରାକ୍ ଚୈତନ୍ୟ ବୈଷ୍ଣବାଚାର୍ଯ୍ୟମାନଙ୍କ ପ୍ରଭାବରେ ଜଗନ୍ନାଥ ଧୀରେ ଧୀରେ ବୈଷ୍ଣବାୟିତ ହୋଇ ଆସୁଥିଲେ ହେଁ ସେ ରୂପାନ୍ତର ଅର୍ଜୁନ ଦାସଙ୍କ କାଳକୁ ତଥାପି

ସମ୍ପୂର୍ଣ୍ଣ ହୋଇ ନଥିଲା । ଉତ୍କଳୀୟ ଭାବନାରେ ଜଗନ୍ନାଥଙ୍କୁ ଅବତାରୀ ରୂପେ ଯେପରି ପରିକଳ୍ପନା କରାଯାଉଥିଲା, ଅର୍ଜ୍ଜୁନ ଦାସ ଜଗନ୍ନାଥଙ୍କୁ ସେହିପରି 'ଅବତାରୀ' ଓ ଶ୍ରୀରାମଙ୍କୁ ଜଗନ୍ନାଥଙ୍କ ଅବତାର ରୂପେ ବର୍ଣ୍ଣନା କରିଛନ୍ତି, ''ଅବନୀ ଛଳେଣ ଜଗନ୍ନାଥ ହୋଏଜାତ / ଦଶରଥ ନୃପତିର ହୁଏ ଚାରିପୁତ୍ର ହେ / ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘନ ବୀର / ଏକଆତ୍ମା ଚାରି ରୂପେ ହୋୟେ ଅବତାର ହେ ।'' (୨୪ ପଦ) (ରାମବିଭା, ପ୍ରଥମ ଛାନ୍ଦ ପୃଷ୍ଠା ୩) [୧୫] ଅର୍ଜ୍ଜୁନ ଦାସ ଜଗନ୍ନାଥଙ୍କର ନୈଷ୍ଠିକ ଭକ୍ତ ଥିଲେ । ସେଥିପାଇଁ ପ୍ରାୟ ପ୍ରତ୍ୟେକ ଛାନ୍ଦରେ ଜଗନ୍ନାଥଙ୍କ ବନ୍ଦନା କରିଛନ୍ତି । 'ରାମବିଭା' ଯଥାର୍ଥରେ ଓଡ଼ିଆ କାବ୍ୟରେ ପ୍ରସିଦ୍ଧି ଲାଭ କରିଛି କିନ୍ତୁ କାବ୍ୟର ବିଚାର ଦୃଷ୍ଟିରୁ ରୀତି ଓ ଚରିତ୍ରରେ ଏହା ମୁଖ୍ୟତଃ ପୌରାଣିକ । କାବ୍ୟ ବା ସାହିତ୍ୟର ରସଚର୍ଯ୍ୟା ଓ ବର୍ଣ୍ଣନା ବୈଚିତ୍ର୍ୟ ଏଥିରେ ପରିଲକ୍ଷିତ ହୁଏନାହିଁ । ଏହାକୁ ରାମାୟଣର ଏକ ଖଣ୍ଡିତ ଅଂଶ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ତଥାପି ମଧ୍ୟଯୁଗର ଆଦି ଓଡ଼ିଆ କାବ୍ୟରୂପେ ଏହା ପ୍ରତ୍ୟେକ ଓଡ଼ିଆ କାବ୍ୟକର୍ତ୍ତା ଏପରିକି ଉପେନ୍ଦ୍ରଭଞ୍ଜଙ୍କ ଦ୍ୱାରା ମଧ୍ୟ ସ୍ୱୀକୃତି ଲାଭ କରିଛି । ବିଷ୍ଣୁ ଦାସ 'ପ୍ରେମଲୋଚନା' କାବ୍ୟର ପଞ୍ଚମ ଛାନ୍ଦକୁ 'ରାମବିଭା'ର ଷଷ୍ଠ ଛାନ୍ଦର ପ୍ରଥମ ପଂକ୍ତି 'ମାରକଣ୍ଡ ଋଷିକହେ' ବାଣୀରେ, ପ୍ରତାପ ରାୟ 'ଶଶିସେଣା'ର ଚତୁର୍ଥ ଛାନ୍ଦ ଓ କାର୍ତ୍ତିକ ଦାସଙ୍କ 'ରୁକ୍ମିଣୀବିଭା' କାବ୍ୟର ଅଷ୍ଟମ ଛାନ୍ଦ ସେହି ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଧନଞ୍ଜୟ ଭଞ୍ଜଙ୍କ 'ଶ୍ରୀରାମବିଳାସ' କାବ୍ୟର ୧୩ଶ ଛାନ୍ଦ 'ରାମବିଭା' ଷଷ୍ଠ ଛାନ୍ଦର 'ମଣୋହି ଭିଆଇ ଜନକ ରାୟେ' ବାଣୀରେ ରଚିତ ହୋଇଛି । ଉପେନ୍ଦ୍ରଭଞ୍ଜ ମଧ୍ୟ 'ଲାବଣ୍ୟବତୀ'ର ପ୍ରଥମଛାନ୍ଦ 'ରାମବିଭା'ର ପ୍ରଥମ ଛାନ୍ଦ ବାଣୀରେ 'ଶୁଣ ହେ ସୁଜନ ଜଳିନିଧିର ଉତ୍ତର' ଓ ୪୮ଶ ଛାନ୍ଦ 'ରାମବିଭା'ର ସପ୍ତମ ଛାନ୍ଦ 'ମଣୋହି ଭିଆଇ ଜନାକ ରାୟେ' ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶିତ ହୋଇଛି ।[୧୬]

ଏହିଭଳି ଭାବରେ ପରବର୍ତ୍ତୀ କାବ୍ୟମାନଙ୍କରେ 'ରାମବିଭା'ର ପ୍ରଭାବ ଓ ସ୍ୱୀକୃତିର ବହୁ ଉଦାହରଣ ରହିଛି । ଏପରିକି ହୋଇପାରେ ଜଗନ୍ନାଥ ଦାସଙ୍କ 'ଭାଗବତ'ର ପ୍ରସିଦ୍ଧ ନବାକ୍ଷରୀ ପୟାର ଅର୍ଜ୍ଜୁନ ଦାସଙ୍କ ଠାରୁ ଆଦୃତ ହୋଇ ଅନୁକୃତ ହୋଇଥାଇପାରେ । 'ରାମବିଭା'ର ଚତୁର୍ଥଛାନ୍ଦ (ରାଗ ମଙ୍ଗଳଧନା ଶ୍ରୀମେଢ଼ତୋଳା ବାଣୀ) ଜଗନ୍ନାଥ ଦାସଙ୍କ ଭାଗବତର ନବାକ୍ଷରୀ ବୃତ୍ତ ଓ ରଚନାଶୈଳୀ ସ୍ମରଣ କରାଇଦିଏ । ଯଥା:- ''ତେତେ ଏକ ବିନାଶ କରିବ / ସିକତା କେ ଗଣିପାରିବ / ଅଶେଷ ମହିମା ତୋହର / ସଂସ୍କାର ଶଶୀ ଦିବାକର ।'' [୧୭]

କାବ୍ୟ ପ୍ରତିଭା ଦୃଷ୍ଟିରୁ 'ରାମବିଭା'ର କୌଣସି ବିଶିଷ୍ଟ ମୂଲ୍ୟ ନଥିଲେ ହେଁ ପ୍ରଥମ ଛନ୍ଦୋବଦ୍ଧ କାବ୍ୟରୂପେ ଓଡ଼ିଆ ସାହିତ୍ୟର ଇତିହାସରେ ଏହାପାଇଁ ଏକ ସାର୍ଥକ ସ୍ଥାନ ରହିଛି । ଅର୍ଜ୍ଜୁନ ଦାସଙ୍କ ଦ୍ୱିତୀୟ କାବ୍ୟ 'କଳ୍ପଲତା' ସମ୍ଭବତଃ ପ୍ରଥମ କାଳ୍ପନିକ ବା ଆଖ୍ୟାୟିକା କାବ୍ୟ ଭାବରେ ଓଡ଼ିଆ କାବ୍ୟ ଯୁଗର କ୍ରମବିକାଶରେ ବିଶେଷ ସ୍ଥାନ ପାଏ ।

**କଳ୍ପଲତା :** ଦିନେ ଇନ୍ଦ୍ରଙ୍କ ନୃତ୍ୟ ସଭାରେ ଅପ୍‌ସରା ସୁରେଖାର ହଠାତ୍ ତାଳଭଙ୍ଗ ହେଲା । ସୁରେଖା ନିଜର ପ୍ରଣୟୀ ଗନ୍ଧର୍ବ ବସନ୍ତକକୁ ଦେଖି ଅନ୍ୟମନସ୍କ ହୋଇଉଠିଲା । ବସନ୍ତକ ସହିତ ସେ ଦିନେ କେଳିପ୍ରମତ୍ତା ଥିବାବେଳେ ଇନ୍ଦ୍ରଙ୍କ ଦ୍ୱାରା ଆକସ୍ମିକ ଭାବରେ ଆହୂତ ହୋଇ ସୁରେଖା ଇନ୍ଦ୍ରଙ୍କ ନୃତ୍ୟ ସଭାକୁ ଆସିଥିଲା । ସେଠାକୁ ନଆସିବା ପାଇଁ ବସନ୍ତକକୁ ସୁରେଖା ବାରମ୍ବାର ବାରଣ କରିଥିଲା । ବସନ୍ତକକୁ ଇନ୍ଦ୍ରଙ୍କ ନୃତ୍ୟସଭାରେ ଦେଖିଲେ ସୁରେଖାର ତାଳଭଙ୍ଗ ହେବ ଏହାହିଁ ଥିଲା ଆଶଙ୍କା । ଏହାସତ୍ତ୍ୱେ ବସନ୍ତକ ସୁରେଖାର ନୃତ୍ୟ ଦର୍ଶନର ଲୋଭ ସମ୍ବରଣ କରି ନପାରି ଇନ୍ଦ୍ରଙ୍କ ନୃତ୍ୟସଭାକୁ ଆସିଥିଲା । ସୁରେଖା ଯାହା ଆଶଙ୍କା କରିଥିଲା ତାହାହିଁ ଘଟିଲା । ସୁରେଖା ସେତେବେଳେ ଭୁବନମୋହିନୀ ବେଶରେ ନୃତ୍ୟ କରୁଥିଲା:- "ଦେବତାମାନେ ଦେଖନ୍ତି / କାମେଣ କୌପୁନୀ ତିତନ୍ତି / ଉଡ଼ଇ ତ୍ରିପୁର ଧୂଳି / କୁସୁମ ବରଷନ୍ତି ମିଳି / ଷଡ଼ଋତୁ ହୋଇଣ ଭଭା / କରନ୍ତି ଯେ ଯାହାର ସେବା / ନୃତ୍ୟରସେ ଲାଗିଲା ମୋହ / ସମସ୍ତେ ପାଶୋରିଲେ ଦେହ ।"(୫୩ ପଦ) ଏହି ସମୟରେ ନୃତ୍ୟ ସଭାରେ ବସନ୍ତକକୁ ଦେଖିପାରି ସୁରେଖାର ହଠାତ୍ ତାଳଭଙ୍ଗ ହେଲା । ଇନ୍ଦ୍ର ତାହା ଜାଣିପାରି ଉଭୟଙ୍କୁ ଅଭିଶାପ ଦେଲେ କିନ୍ତୁ ପରେ ଗୋବିନ୍ଦଙ୍କ ଅନୁରୋଧରେ କ୍ରୋଧ ସମ୍ବରଣ କରି ଉଭୟଙ୍କୁ ମର୍ତ୍ତ୍ୟଲୋକକୁ ପଠାଇଦେଲେ । ସେଠାରେ କିଛି କାଳ ଦାମ୍ପତ୍ୟ ଜୀବନ ଭୋଗ କରିବାପରେ ସେମାନେ ପୁଣି ସ୍ୱର୍ଗଲୋକକୁ ପ୍ରତ୍ୟାବର୍ତ୍ତନ କରିବେ । ଇନ୍ଦ୍ରଙ୍କ ଅଭିଶାପ ଅନୁସାରେ ବସନ୍ତକ ମଲ୍ଲାର ଦେଶର ରାଜା ବିଦ୍ୟା ବିନୋଦଙ୍କ ପୁତ୍ର ଅମରଶିଖର ନାମରେ ଓ ସୁରେଖା କର୍ଣ୍ଣାଟ ଦେଶର ରାଜା ଧର୍ମଧ୍ୱଜଙ୍କ କନ୍ୟା କଳ୍ପଲତା ରୂପେ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କଲେ । କଳ୍ପଲତା କ୍ରମେ ବୟଃପ୍ରାପ୍ତ ହେଲାପରେ ଦିନେ ମନ୍ତ୍ରୀକନ୍ୟା ସଖୀ ମଦନମତ୍ତା ସହିତ କୃଷ୍ଣାବେଣୀ ନଦୀରେ ସ୍ନାନ ସମାପନାନ୍ତେ ଯୋଗୀ ଜଙ୍ଗମଙ୍କୁ ସାକ୍ଷାତ କରି ତାଙ୍କୁ ନିଜର ଚିତ୍ରପଟ ଚୈତ୍ର ପୂର୍ଣ୍ଣିମାରେ ପ୍ରଦାନ କରିଥିଲେ । ମଲ୍ଲାର ଦେଶର ରାଜକୁମାର ଅମରଶିଖର ପରିପୂର୍ଣ୍ଣ ଯୌବନରେ ଉପନୀତ ହୋଇସାରିଥିଲେ । ଜାତିସ୍ମର ପରି ସେ ନିଜ ପୂର୍ବଜନ୍ମ ବୃତ୍ତାନ୍ତ ସ୍ମରଣ କରି କଳ୍ପଲତା ବ୍ୟତୀତ ଅନ୍ୟ ରାଜକନ୍ୟାଙ୍କୁ ବିବାହ କରିବେ ନାହିଁ ବୋଲି ନିଜର ପ୍ରିୟସଖା ମାଳତୀ ମଧୁକରଙ୍କୁ ଜଣାଇ ଦେଲେ । କ୍ରମେ ଅମରଶିଖରର ବିବାହ ସମୟ ଉପନୀତ ହେଲା । ସେ ମାଳତୀ ମଧୁକର ସହିତ ବୈଦୂର୍ଯ୍ୟ ଗିରିକୁ ଯାଇ ସେଠାରେ ଜଙ୍ଗମଙ୍କ ଠାରୁ କଳ୍ପଲତାର ବୃତ୍ତାନ୍ତ ଅବଗତ ହେଲା ଓ ସର୍ବେଶ୍ୱରଙ୍କ ଠାରୁ ମୃତ୍ୟୁଞ୍ଜୟ ମନ୍ତ୍ରଶିକ୍ଷା କରି ଛଦ୍ମବେଶରେ ମନ୍ତ୍ରୀପୁତ୍ର ମାଳତୀ ମଧୁକର ଓ ଯୋଗୀ ଜଙ୍ଗମଙ୍କ ସହିତ କର୍ଣ୍ଣାଟ ଦେଶକୁ ଯାତ୍ରାକଲା । ଇତି ମଧ୍ୟରେ ଚୋଡ଼ ଦେଶର ରାଜକୁମାର ଅବନୀତିଳକ କଳ୍ପଲତାର ବର ରୂପେ ମନୋନୀତ ହୋଇସାରିଥିଲା । ବିବାହ ପାଇଁ ସମସ୍ତ ଆୟୋଜନ ସମାପ୍ତ ହୋଇଥିଲେ ହେଁ ଏ ବିବାହରେ କଳ୍ପଲତାର ସ୍ୱୀକୃତି ନଥିଲା ।

ତେଣୁ ବିବାହ ଦିନ କୋଇଲି ସ୍ନାନ ପୂର୍ବରୁ ସେ ବିଷ ଭକ୍ଷଣ କରି ଆତ୍ମହତ୍ୟା କଲା । ବିବାହ ଉତ୍ସବର ଆନନ୍ଦ ଅବଶେଷରେ କଳ୍ପଲତାର ମୃତଦେହକୁ ଚିତାନଳରେ ଆରୋହଣ କରାଇବା ପାଇଁ ଚିତା ପ୍ରସ୍ତୁତ ହେଲା । ଏହି ସମୟରେ ଛଦ୍ମବେଶୀ ଅମରଶିଖର ସେଠାରେ

ପହଞ୍ଚି ତାଙ୍କ ସହିତ କନ୍ୟାର ବିବାହ ଦେବାକୁ ସମ୍ମତ ହେଲେ । ସେ କଳ୍ପଲତାକୁ ପୁନର୍ଜୀବନ ଦେଇପାରିବେ ବୋଲି କହିବାରୁ ରାଜା ଧର୍ମଧ୍ୱଜ ସେଥିରେ ସମ୍ମତ ହେଲେ । ମୃତ୍ୟୁଞ୍ଜୟ ମନ୍ତ୍ର ବଳରେ କଳ୍ପଲତା ପୁନର୍ଜୀବିତା ହେଲା । ଏହାପରେ ଛଦ୍ମବେଶୀ ଅମରଶିଖର ସହିତ କଳ୍ପଲତାର ପରିଣୟ ମହାସମାରୋହରେ ସମ୍ପନ୍ନ ହେଲା । ଅମର ଶିଖର ମଲ୍ଲାଳ ଦେଶର ରାଜପୁତ୍ର ଥିବାର ଜାଣି ଧର୍ମଧ୍ୱଜ ପରମ ଆନନ୍ଦିତ ହେଲେ । କଳ୍ପଲତା ଓ ଅମରଶିଖର ଦାମ୍ପତ୍ୟ ସୁଖରେ କେତେମାସ ଅତିବାହିତ କରିବାପରେ ଦିନେ ଜଳକ୍ରୀଡ଼ା କରୁଥିବା ସମୟରେ ନାଗକନ୍ୟାମାନେ ଅମରଶିଖରଙ୍କୁ ଅପହରଣ କରି ନେଇଗଲେ । ଅମରଶିଖରଙ୍କ ସନ୍ଧାନ ନ ମିଳିବାରୁ ସ୍ୱାମୀ ବିରହ ବିଧୁରା କଳ୍ପଲତା ଆଠଦିନ ଅପେକ୍ଷା କରିବା ପରେ ପୁଣି ଚିତାନଳରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହେଲା । ଚିତାରେ ପ୍ରବେଶ ପୂର୍ବରୁ ସ୍ନାନ ଉଦ୍ଦେଶ୍ୟରେ ଅମରଶିଖର ସଶରୀରେ ସହସା ଆବିର୍ଭୂତ ହେଲା । ଏକ ଦୁଃଖଦାୟକ ବିଚ୍ଛେଦ ପରେ ପୁଣି ମିଳନ ଉତ୍ସବର କୋଳାହଳ ମଧ୍ୟରେ କଳ୍ପଲତା ଓ ଅମରଶିଖରଙ୍କ ବିଚ୍ଛେଦ ସମାପ୍ତ ହେଲା । ଷୋଡ଼ଶ ଓ ପରବର୍ତ୍ତୀ ଶତାବ୍ଦୀର ଅନ୍ୟ କାଳ୍ପନିକ କାବ୍ୟମାନଙ୍କ ପରି ଏହି କାବ୍ୟ ମିଳନାନ୍ତକ ହୋଇଥିଲେହେଁ ଏଥିରେ ସାମୟିକ ବିଚ୍ଛେଦ ମଧ୍ୟ ରହିଅଛି । ନାୟକନାୟିକା ମଧ୍ୟ କାବ୍ୟବର୍ଣ୍ଣିତ ନାୟକ ନାୟିକାମାନଙ୍କ ପରି ଜାତିସ୍ମର ଓ ପୂର୍ବଜନ୍ମର କୌଣସି ଅଭିଶାପ ଫଳରେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଛନ୍ତି ।

ଏହି କାହାଣୀ ସବୁ ଜନସମାଜରେ ଉପକଥା ବା କାହାଣୀ ରୂପରେ ପ୍ରଚଳିତ ଥିଲା । ବିଭିନ୍ନ କାବ୍ୟ କର୍ତ୍ତା ସେହି ଏକ କଥାବସ୍ତୁକୁ ଉପଜୀବ୍ୟ କରି ସେଥିରେ ସାମାନ୍ୟ ପରିବର୍ତ୍ତନ କରି ବିଭିନ୍ନ କାବ୍ୟ ରଚନା କରିଥିଲେହେଁ ପ୍ରତ୍ୟେକ କାବ୍ୟରେ କିନ୍ତୁ ଏହି କଥାବସ୍ତୁ ଊଣା ଅଧିକେ ପରିଲକ୍ଷିତ ହୋଇଥାଏ । 'କଳ୍ପଲତା'ର ଭାଷା ମଧ୍ୟ 'ରାମବିଭା'ର ଭାଷା ପରି ପ୍ରାଚୀନ ଦେଶଜ ଓଡ଼ିଆ ଓ ଏହାର ବର୍ଣ୍ଣନା ରୀତି ସରଳ । ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ସଂସ୍କୃତ କାବ୍ୟ ରୀତି ଓଡ଼ିଆ କାବ୍ୟରେ ଗ୍ରହଣ କରାଯାଇପାରେ । ପରବର୍ତ୍ତୀ ଓଡ଼ିଆ କାବ୍ୟରେ ବିଶେଷତଃ କବି ବିଷ୍ଣୁ ଦାସଙ୍କ ଠାରୁ ଅଳଙ୍କାର ବୈଚିତ୍ର୍ୟ ଓ ଆଦି ରସର ଯେଉଁ ପ୍ରାବଲ୍ୟ ପରିଲକ୍ଷିତ ହୋଇଥାଏ, କଳ୍ପଲତା କାବ୍ୟ ସଂସ୍କୃତ ପ୍ରଭାବରୁ ମୁକ୍ତ ଥିବା ହେତୁ ଏଥିରେ ତାହା ଦୃଷ୍ଟ ହୁଏ ନାହିଁ । ପୁନଶ୍ଚ କବି ବିଷ୍ଣୁଦାସଙ୍କ କାବ୍ୟମାନଙ୍କରେ ଉଦ୍ଭିନ୍ନ ଯୌବନା ନାୟିକାମାନଙ୍କର ଶରୀରର ନଖଶିଖ ବର୍ଣ୍ଣନାର ଯେଉଁ ବହୁଳତା ପରିଦୃଷ୍ଟ ହୁଏ ସେହି ପ୍ରଭାବରୁ 'କଳ୍ପଲତା' କାବ୍ୟ ଅନେକାଂଶରେ ମୁକ୍ତ । ସୁରେଖାର ନୃତ୍ୟ ବା ଅମରଶିଖର ଓ କଳ୍ପଲତାଙ୍କ ରତିକ୍ରୀଡ଼ା ପୁଣି ଜଳକେଳି ଶୃଙ୍ଗାର ଦ୍ୟୋତକ ହେଲେ ହେଁ ତାହା ସଂଯତ । ତଥାପି କାନ୍ତ ବିରହ ବିଧୁରା କଳ୍ପଲତା ଆତୁର ହୋଇ କହେ .... ''କୁଚ କୁମ୍ଭ ଉପରୁ ଅଞ୍ଚଳ କାଢ଼ି ଦେଖଇ / ପ୍ରାଣନାଥର ଚିହ୍ନ/ ସୁରେଖା ନଖରେ ଦେଖିଣ ପୁଣପୁଣ / ଦିଅଇ ଚୁମ୍ବନ ।''(୧୮) କୁଚ ଉପରେ କରଜ ବା ନଖଚିହ୍ନ ଦେଖିବା କଳ୍ପଲତା ପରବର୍ତ୍ତୀ କାବ୍ୟମାନଙ୍କରେ ଏକ ଧରାବନ୍ଧା ରୀତିରେ ପରିଣତ ହୋଇପଡ଼ିଛି । ପ୍ରଥମ ଛନ୍ଦୋବଦ୍ଧ କାବ୍ୟରୂପେ 'ରାମବିଭା' ଯେପରି ସ୍ମରଣୀୟ, ସଂସ୍କୃତ

ପ୍ରଭାବ ମୁକ୍ତ ଓଡ଼ିଆ କାଳ୍ପନିକ କାବ୍ୟ ରୂପେ ' କଳ୍ପଲତା' ସେହିପରି ବିଶେଷତ୍ୱ ସମ୍ପନ୍ନ ଅବଶ୍ୟ । ଏଥିରେ ଋତୁ, ଉଦ୍ୟାନ ଓ ନାୟିକାର ଅଙ୍ଗ ବର୍ଣ୍ଣନା ପ୍ରଭୃତିରେ ମଧ୍ୟଯୁଗୀୟ କାବ୍ୟଶୈଳୀ ପରିଲକ୍ଷିତ ହୁଏନାହିଁ । ଏହାର ଶୈଳୀ ନିରାଡ଼ମ୍ବର ହେଲେହେଁ ଏଥିରେ ଉପମା, ଉପମେୟ ଓ ଯମକ ପ୍ରଭୃତି ରୀତିଗତ ବିନ୍ୟାସର କ୍ଷୀଣ ଅନୁଶୀଳନ ପରିଲକ୍ଷିତ ହୁଏ । 'କଳ୍ପଲତା'ର ଏକାଦଶ ଛାନ୍ଦରେ ଏସବୁର ପ୍ରୟୋଗ ଲକ୍ଷ୍ୟ କରାଯାଇପାରେ । ''ଛାଡ଼ିଣ କମଳବନ / ମଧୁପଗଣ ବହନ / ମତ୍ତ ମଧୁପାନେ ମତ୍ତ ଛାଡ଼ିଣ ଭଲେ / କୁମାରୀ ମୁଖ କମଳ / ମଧୁରସ ପରିମଳ / କଳ୍ପଲତା ବଦନ ବେଢ଼ି ଉଠିଲେ / ନିବାରେ କୁରଙ୍ଗୀ ଲୋଚନୀ / କୁମର କୁସୁମ ଶର ଚିହ୍ନୁର ଯେନ ।। ୧୦ ।।'' (୧୯)

କାଳ୍ପନିକ କାବ୍ୟରଚନାରେ 'କଳ୍ପଲତା'ର ସ୍ଥାନ ଯେ ସ୍ୱତନ୍ତ୍ର ତାହା ପରବର୍ତ୍ତୀ କବିମାନଙ୍କର ଶ୍ରଦ୍ଧାଜଳିତ ଅନୁସରଣ ତଥା ପ୍ରଚଳନରୁ ସ୍ପଷ୍ଟ ବାରି ହୋଇପଡ଼େ । 'ରାମବିଭା'ର ବାଣୀ ନିମ୍ନୋକ୍ତ କାବ୍ୟ ଗୁଡ଼ିକରେ ବ୍ୟବହୃତ ଯଥା:- 'ରୁକ୍ମିଣୀବିଭା', 'ଶଶିସେଣା', 'ପରିମଳା' (ନରସିଂହ ସେଣ), ରହସ୍ୟମଞ୍ଜରୀ (ଧନଞ୍ଜୟ), ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ ଯାଏଁ ଅର୍ଜ୍ଜୁନ ଦାସଙ୍କ ଠାରୁ ଉପେନ୍ଦ୍ରଭଞ୍ଜଙ୍କ ପର୍ଯ୍ୟନ୍ତ ଯେତେଜଣ କବି ଆବିର୍ଭୂତ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅର୍ଜ୍ଜୁନ ଦାସ, ଶିଶୁଶଙ୍କର, ଦେବଦୁର୍ଲ୍ଲଭ, ପ୍ରତାପ ରାୟ, ଶ୍ରୀଧର ଦାସ, ବିଷ୍ଣୁ ଦାସ, ରଘୁନାଥ ହରିଚନ୍ଦନ, ଲୋକନାଥ ଦାସ, ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ, ତ୍ରିବିକ୍ରମ ଭଞ୍ଜ ଏବଂ ଶେଷରେ ଉପେନ୍ଦ୍ର ଭଞ୍ଜଙ୍କ ନାମ ଶଂସିତ ଆଲୋଚନା ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ । ପରବର୍ତ୍ତୀ କବିମାନେ ପୂର୍ବବର୍ତ୍ତୀ କବିମାନଙ୍କ ଦ୍ୱାରା ବିଶେଷଭାବରେ ପ୍ରଭାବିତ ହୋଇଛନ୍ତି ଏଥିରେ ସନ୍ଦେହ ନାହିଁ । ସମୟର କଷଟି ପଥରରେ ଯେତେବେଳେ ଶିକ୍ଷା ତଥା କାବ୍ୟଚର୍ଚ୍ଚାର ପରିସର ବ୍ୟାପକ ହୋଇଛି, ସେତେବେଳେ ପୂର୍ବବର୍ତ୍ତୀ କବିମାନଙ୍କ ଅପେକ୍ଷା ପରବର୍ତ୍ତୀ କବିମାନଙ୍କ କୃତିରେ ପାଣ୍ଡିତ୍ୟ, ଆଳଙ୍କାରିକତା, ଶିଳ୍ପଚାତୁରୀ, ଶୃଙ୍ଗାରପ୍ରାଧାନ୍ୟ, କଳାର କୃତ୍ରିମତା ବିଶେଷ ଅନୁଭୂତ ହୋଇଛି । ପୌରାଣିକ କାବ୍ୟ ଅପେକ୍ଷା କାଳ୍ପନିକ କାବ୍ୟର ସଂଖ୍ୟା ବୃଦ୍ଧି ପାଇଛି ସତ କିନ୍ତୁ କାବ୍ୟର ବର୍ଣ୍ଣନା ଶୈଳୀରେ ତଥାପି ପୌରାଣିକତାର ପ୍ରଭାବ ରହିଛି । ଚରିତ୍ର ଚିତ୍ରଣ, ବର୍ଣ୍ଣନା, ପ୍ରକୃତିଚିତ୍ର, ରସ ପରିବେଷଣ ଓ ପ୍ରେମର ଚିତ୍ର ସ୍ୱାଭାବିକତା ଛାଡ଼ି କୃତ୍ରିମତା ଆଡ଼କୁ ଅଧିକ ଅଗ୍ରସର ହୋଇଛି । ଉପେନ୍ଦ୍ରଙ୍କ କାବ୍ୟରେ ଯେଉଁ ଶବ୍ଦପାଣ୍ଡିତ୍ୟ ଓ ତା'ର ପ୍ରୟୋଗଗତ ଚାତୁର୍ଯ୍ୟ, ଆଳଙ୍କାରିକ କୃତିତ୍ୱ ତଥା କଳାଗତ କୃତ୍ରିମତା ପରିଲକ୍ଷିତ ହୁଏ ସେଗୁଡ଼ିକର ପୂର୍ବ ସଙ୍କେତ ରହିଛି । ଶ୍ରୀଧରଙ୍କ କାଞ୍ଚନଲତା, ବିଷ୍ଣୁ ଦାସଙ୍କର ପ୍ରେମଲୋଚନା, ରଘୁନାଥଙ୍କର ଲୀଳାବତୀ ଓ ତ୍ରିବିକ୍ରମ ଭଞ୍ଜଙ୍କ କନକଲତାରେ । ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟ ଉପରେ 'ଦାଣ୍ଡୀ ରାମାୟଣ', 'ଉଷାଭିଳାଷ', 'ଲୀଳାବତୀ', 'ସର୍ବାଙ୍ଗସୁନ୍ଦରୀ' ଓ 'ରହସ୍ୟମଞ୍ଜରୀ'ର ପ୍ରତ୍ୟକ୍ଷ ପ୍ରଭାବ ପରିଲକ୍ଷିତ ହୁଏ ।(୨୦)

**'ଚାଟ ଇଚ୍ଛାବତୀ':** କାବ୍ୟର ପ୍ରଣେତା କବି ବନମାଳୀ ଦାସଙ୍କ ରଚନାଶୈଳୀ

ଭାଷାଦୃଷ୍ଟିରୁ ଏହାକୁ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସ୍ଥାପିତ କରାଯାଇପାରେ । କାରଣ 'ଚାଟ ଇଚ୍ଛାବତୀ'ର ପୂର୍ବୋକ୍ତ କାବ୍ୟମାନଙ୍କପରି ଯୁଗତେ, ମୋଣୋହି, ମଝାକନ୍ୟାନ୍ତ (ଦ୍ୱିତୀୟା ବହୁବଚନ ଅର୍ଥରେ), କାରେଣୀ ଓ ଦୋସାଧ୍ୟୁ ପ୍ରଭୃତି ବହୁ ପ୍ରାଚୀନ ଦେଶଜ ଓଡ଼ିଆ ଶବ୍ଦ ପରିଲକ୍ଷିତ ହୁଏ । ବସ୍ତୁତଃ ସୂର୍ଯ୍ୟବଂଶୀ ସମ୍ରାଟମାନଙ୍କ କାଳରୁ ଷୋଡ଼ଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ସ୍ୱରୂପ ଏହି କାବ୍ୟମାନଙ୍କରେ ଅନୁସନ୍ଧାନ କରାଯାଇପାରିବ । [୧୧] 'ଚାଟ ଇଚ୍ଛାବତୀ'ର ବିଷୟବସ୍ତୁ ସେହି ସମୟରେ ଉତ୍ତର ଓଡ଼ିଶା ଅଞ୍ଚଳରେ ପ୍ରଚଳିତ ଏକ ଲୋକକାହାଣୀରୁ ଆହୃତ । ଏହି କଥାବସ୍ତୁ ଅବଲମ୍ବନରେ ସପ୍ତଦଶ ଶତାବ୍ଦୀର ଉତ୍ତରାର୍ଦ୍ଧର କବି  ଧନଞ୍ଜୟ ଭଞ୍ଜଙ୍କର 'ଇଚ୍ଛାବତୀ' କାବ୍ୟ ଓ ପଦ୍ମନାଭ ହରିଚନ୍ଦନଙ୍କ 'ଇଚ୍ଛାବତୀ' କାବ୍ୟ ମଧ୍ୟ ରଚିତ ହୋଇଛି । ଅନ୍ୟତମ କବି ପ୍ରତାପ ରାୟଙ୍କ 'ଶଶିସେଣା' କାବ୍ୟରେ ମଧ୍ୟ 'ଚାଟ ଇଚ୍ଛାବତୀ'ର ପ୍ରଭାବ ଲକ୍ଷ୍ୟ କରାଯାଇପାରେ ।

**ଚାଟ ଇଚ୍ଛାବତୀ କାବ୍ୟର କଥାବସ୍ତୁ :** ଦ୍ରାପକ (ଦର୍ପକ ବୋଲି କେତେକ ସ୍ଥାନରେ ଲେଖାଅଛି) ଦେଶର ରାଜପୁତ୍ର ସୁବର୍ଣ୍ଣରେଖା ନଦୀକୂଳସ୍ଥ ଭୋଜରାଜଙ୍କ ରାଜ୍ୟରେ ଉପସ୍ଥିତ ହୋଇ ରାଜଜେମା ରାଜକୁମାରୀ ସହିତ ସୁସମ୍ପର୍କ ସ୍ଥାପନ କଲା । ଦିନେ ଗୁରୁଙ୍କ ଆଦେଶରେ ଦୁହେଁ ରାଜଉଦ୍ୟାନକୁ ପୁଷ୍ପ ଚୟନ ନିମିତ୍ତ ଯାଇ ପରସ୍ପର ସୌନ୍ଦର୍ଯ୍ୟରେ ମୁଗ୍ଧ ହେଲେ ଏବଂ ଏକାନ୍ତ ମିଳନର ସୁଯୋଗ ନେଇ ରାଜକୁମାରୀ ଇଚ୍ଛାବତୀ ଚାରୁବ୍ରହ୍ମଠାରେ ଆତ୍ମସମର୍ପଣ କଲେ । ଉଦ୍ୟାନରୁ ପ୍ରତ୍ୟାବର୍ତ୍ତନ କରନ୍ତେ ଗୁରୁଦେବ ଉଭୟଙ୍କ ମୁଖମଣ୍ଡଳ ଦେଖି ସନ୍ଦେହ ପ୍ରକାଶ କଲେ ଏବଂ ପରଦିନ ଠାରୁ ଚାରୁବ୍ରହ୍ମକୁ ରାଜକୁମାରୀ ସହିତ ଦେଖା କରିବାର ସମସ୍ତ ସୁଯୋଗ ବନ୍ଦ କରିଦେଲେ । ତହୁଁ ରାଜକୁମାରୀ ବିରହରେ ଅଧୀରା ହୋଇ କନ୍ୟାନ୍ତଃପୁରେ ଗୋପନରେ ରଖାଇ ଇଚ୍ଛାବତୀର କାମନା ପୂର୍ଣ୍ଣକଲା । ଦୁର୍ଭାଗ୍ୟକ୍ରମେ ନିଜ ଗୁପ୍ତପ୍ରେମ ରାଜାଙ୍କ କର୍ଣ୍ଣଗୋଚର ହୁଅନ୍ତେ ରାଜା ଚାରୁବ୍ରହ୍ମକୁ ଧରାଇ ନେଇ ତା'ର ସୌନ୍ଦର୍ଯ୍ୟ ଦେଖି ଜେମାର ଉପଯୁକ୍ତ ପାତ୍ର ବୋଲି ମନେ ମନେ ସ୍ଥିର କରି କେବଳ କୁମାର କୁମାରୀଙ୍କ ହୃଦୟ ପରୀକ୍ଷା ପାଇଁ ଦୋସାଧ୍ୟୁ ଜରିଆରେ ଏକ ବଧ ପ୍ରହସନ ଆରମ୍ଭକଲେ । ଏହି ସମୟରେ ହଠାତ୍ ଜଣେ ଚାର ଆସି ଚାରୁବ୍ରହ୍ମଙ୍କୁ ଚିହ୍ନି ଭୋଜରାଜଙ୍କ ଆଗରେ ତା'ର ବଂଶ ପରିଚୟ ଦିଅନ୍ତେ ରାଜା ଅତ୍ୟଧିକ ଆନନ୍ଦିତ ହୋଇ ଇଚ୍ଛାବତୀ ସହିତ କୁମାରର ବିବାହ କରାଇଦେଲେ ।

**ଧନଞ୍ଜୟଭଞ୍ଜଙ୍କ ଇଚ୍ଛାବତୀ :** ହିମାଳୟ ଉପରେ ଏକଦା ନୃତ୍ୟଗୀତ ଓ ମହୋତ୍ସବ ବେଳେ ଜନୈକ ଗନ୍ଧର୍ବ ଓ ଜନୈକା ଅପ୍ସରା ଉପରେ କ୍ରୋଧ ପ୍ରକାଶ ପୂର୍ବକ ମର୍ତ୍ତ୍ୟରେ ଜନ୍ମହେବା ଲାଗି ବିଧାତା ଅଭିଶାପ ଦେଲେ । ସେହି ଶାପରୁ ଅପ୍ସରା ଅବନ୍ତୀ ଦେଶର ରାଜା ଭୋଜଙ୍କ ଘରେ 'ଇଚ୍ଛାବତୀ' ନାମରେ ଜନ୍ମଗ୍ରହଣ କଲେ । ଦିନେ ଯୌବନାବସ୍ଥାରେ ମଧୁକର ଏକାନ୍ତରେ ଉଦ୍ୟାନ କ୍ରୀଡ଼ାରେ ରତ ଥିବାବେଳେ ନାରଦ ଉପସ୍ଥିତ ହୋଇ ତାଙ୍କ ପୂର୍ବଜନ୍ମ କଥା କହନ୍ତେ, ସେ ଯାଇ ଅବନ୍ତୀ ରାଜ୍ୟରେ ଉପସ୍ଥିତ ହେଲେ ଏବଂ ରାଜକୁମାରୀଙ୍କ ଅଧ୍ୟୟନ ନିମିତ୍ତ

କପାଳୀ ମଠରେ ରହି ତା' ସହିତ ବିଦ୍ୟାଭ୍ୟାସ ଅବସରରେ ସଦ୍‌ଭାବ ସ୍ଥାପନ କଲେ । ଦିନେ ରାଜ ଉଦ୍ୟାନକୁ ପୁଷ୍ପଚୟନ କରିବା ଲାଗି ଯାଇ ଦୁହେଁ ସେଠାରେ ପରସ୍ପରର ସ୍ନେହ ବନ୍ଧନରେ ଆବଦ୍ଧ ହୋଇଥିଲେ । ରାଜକୁମାରୀ ଇଚ୍ଛାବତୀ ମଧୁକରକୁ ପତି ରୂପେ ବରଣ କରି ତାଙ୍କୁ ବରଣମାଳା ଦେଇ ଉଦ୍ୟାନରୁ ପ୍ରତ୍ୟାବର୍ତ୍ତନ କଲା । କିଛିଦିନ ଉତ୍ତାରୁ ରାଜକୁମାରୀ ବିଦ୍ୟାଳୟ ପରିତ୍ୟାଗ କରି କନ୍ୟାନ୍ତଃପୁରରେ ବାସ କରନ୍ତେ ମଧୁକର ରାଜକୁମାରୀର ବିରହରେ ରୋଦନ କରି କନ୍ୟାନ୍ତଃପୁର ନିକଟସ୍ଥ ଉଦ୍ୟାନରେ ପରିଭ୍ରମଣ କଲେ । ଦିନେ ରାଜକୁମାରୀ ସେ ରୋଦନ ଶୁଣି ଦୂତୀ ହସ୍ତରେ ସମ୍ବାଦ ପ୍ରେରଣ କରନ୍ତେ ପରଦିନ ମଧୁକର ଆସି କନ୍ୟାନ୍ତଃପୁରେ ପ୍ରବେଶ କଲେ । କିନ୍ତୁ ମଧୁକରକୁ ଅନେକ ପ୍ରକାର ଭୟ ପ୍ରଦର୍ଶନ କରାଇବା ସତ୍ତ୍ୱେ ସେ ସେଠାକୁ ଫେରିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ । ପରିଶେଷରେ ରାଜକୁମାରୀ ଅନେକ ଚାଟୁରେ ପରିତୁଷ୍ଟ ହୋଇ ନାୟକ ସହିତ କେଳି ଆରମ୍ଭ କଲା ଓ କେଳି ଅନ୍ତେ ଗୁପ୍ତମାର୍ଗ ଦେଇ ପଳାଇବା ଲାଗି ମଧୁକରକୁ ଅନୁରୋଧ କଲା ।

ମଧୁକର ପଳାୟନ କରିବା ସମୟରେ ପ୍ରହରୀ ଦ୍ୱାରା ଧୃତ ହୋଇ ରାଜାଦେଶରେ ବଧ୍ୟଭୂମିକୁ ଆନୀତ ହେଲେ ଓ ସେଠାରେ କୁମାରୀର ଯୌବନ ବର୍ଣ୍ଣନା ତଥା ସୁରତିକାଳୀନ ସମସ୍ତ ଅବସ୍ଥା ସ୍ମରଣ କରି ରୋଦନ କଲା । ପରେ ନାରଦ ସେଠାରେ ଉପସ୍ଥିତ ହୋଇ ସବୁ ତଥ୍ୟ ପ୍ରକାଶ କରନ୍ତେ ରାଜା ମଧୁକର ସହିତ ଇଚ୍ଛାବତୀର ବିବାହ ସମ୍ପନ୍ନ କରାଇଦେଲେ ।

**ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଇଚ୍ଛାବତୀ' :** ଅବନ୍ତୀ ଦେଶର ରାଜା ଭୋଜଦେବଙ୍କ ଗୃହରେ ଇଚ୍ଛାବତୀ ଜନ୍ମଗ୍ରହଣ କଲା । କନ୍ୟାର ଯୌବନକାଳ ଉପସ୍ଥିତ ହୁଅନ୍ତେ ସେ ଦିନେ ଅକସ୍ମାତ ଏକ ରାଜକୁମାରକୁ ଦେଖିଲା । ପ୍ରଥମ ଦର୍ଶନରେ ରାଜକୁମାର ତାକୁ ପତ୍ନୀ ରୂପେ ପାଇବାକୁ ଇଚ୍ଛା ପ୍ରକାଶ କରନ୍ତେ ଇଚ୍ଛାବତୀ ନାନାପ୍ରକାର ଭ୍ରମପୂର୍ଣ୍ଣ ବାକ୍ୟରେ ତାକୁ ଭୁଲାଇବାକୁ ଚେଷ୍ଟାକଲା । ପରେ ରାଜକୁମାରର ଚାଟୁରେ ମୁଗ୍ଧ ହୋଇ ଇଚ୍ଛାବତୀ କୁମାରକୁ ନାରୀବେଶରେ କନ୍ୟାନ୍ତଃପୁରରେ ପ୍ରବେଶ କରିବା ଲାଗି ନିର୍ଦ୍ଦେଶ ଦେଇ ଅନ୍ତଃପୁରକୁ ପ୍ରସ୍ଥାନ କଲା । ପରେ ପରିଚାରୀ ଗହଣରେ କୁମାର କନ୍ୟାନ୍ତଃପୁରରେ ପ୍ରବେଶ କରି ଚାଟୁ ଦ୍ୱାରା କୁମାରୀକୁ ପରିତୋଷ କରନ୍ତେ ଇଚ୍ଛାବତୀ ଦେହଦାନ ପୂର୍ବକ କୁମାରକୁ ଆନନ୍ଦିତ କରାଇଲା । କେଳି ପରେ କୁମାରକୁ ସେଠାରୁ ଚାଲିଯିବା ଲାଗି ନାନାପ୍ରକାର ଛଳନାପୂର୍ଣ୍ଣ ବାଣୀ କହନ୍ତେ କୁମାର ଅନୁନୟ ବିନୟ ପ୍ରକାଶ କରି ସେଠାରେ ବାସ କଲା । ଦିନେ ସୁରତ କ୍ରୀଡ଼ା ଅନ୍ତେ ଶ୍ରମ ଅପନୋଦନ ନିମିତ୍ତ ବାହାରେ ବସିଥିବାବେଳେ ନଗ୍ର ଚାର ଆସି ତାକୁ ବନ୍ଦୀ କରି ରାଜାଙ୍କ ସମ୍ମୁଖରେ ଉପସ୍ଥିତ କରାଇଲା । ରାଜାଙ୍କ ଆଦେଶରେ କୁମାରକୁ ପ୍ରାଣଦଣ୍ଡ ଦିଆଯିବା ସମୟରେ ଇଚ୍ଛାବତୀର ଗୁଣ ସ୍ମରଣ କରି କରୁଣ ସ୍ୱରରେ ବିଳାପ କଲା । କୁମାରର କ୍ରନ୍ଦନ ବିଷୟ ରାଜାଙ୍କର କର୍ଣ୍ଣଗୋଚର ହୁଅନ୍ତେ ରାଜା ଇଚ୍ଛାବତୀ ସହିତ କୁମାରର ବିବାହ ସମ୍ପନ୍ନ କରିଦେଲେ ଓ ଦୁହିତା ଜାମାତାଙ୍କ ଲାଗି ସ୍ୱତନ୍ତ୍ର ନବର ତୋଳାଇଦେଲେ । ସେଠାରେ ରହି କୁମାର ଓ ଇଚ୍ଛାବତୀ ସୁଖରେ କାଳଯାପନ କଲେ । ଏକଦା ରାଜା ଜାମାତାଙ୍କୁ କାର୍ଯ୍ୟ

ଉଦ୍ଦେଶ୍ୟରେ ଏକାମ୍ରକାନନକୁ ପ୍ରେରଣ କଲେ । କୁମାର ସେଠାରେ ରହି ଶୀଘ୍ର ପ୍ରାଣପ୍ରିୟା ସହିତ ସମ୍ମିଳିତ ହେବା ଉଦ୍ଦେଶ୍ୟରେ ଚଣ୍ଡୀ ବରଣ କରାଇଲେ । ବର୍ଷା ଓ ଶରତ କାଳରେ ନାୟକ ନାୟିକା ଉଭୟ ବିରହରେ ମହାକଷ୍ଟ ଅନୁଭବ କରି କାଳାତିପାତ କଲେ । ଶିଶିର କାଳରେ ନାୟକ ନିଜର କାମ ଦଶା ଓ ମିଳନକାଳୀନ ହାବଭାବାଦି ବର୍ଣ୍ଣନା କରି ନାୟିକା ନିକଟକୁ ପତ୍ର ପ୍ରେରଣ କଲା ।

ପତ୍ର ପ୍ରାପ୍ତି ମାତ୍ରକେ ନିଜର ବିରହ ବର୍ଣ୍ଣନାପୂର୍ବକ ଆକ୍ଷେପୋକ୍ତି ପ୍ରକାଶ କରି ନାୟିକା ପତ୍ର ପ୍ରେରଣ କଲା । ଦିନେ ନାୟିକା ବସି ନିଜ ଦୂତୀ ସମ୍ମୁଖରେ ନାୟକର ଗୁଣ ସ୍ମରଣ କରୁଥିବାବେଳେ ହଠାତ୍ ରାଜକୁମାର ଆସି ଉପସ୍ଥିତ ହୋଇ ଇଚ୍ଛାବତୀଠାରେ ଚାଟୁ ପ୍ରକାଶ ପୂର୍ବକ କ୍ଷମା ପ୍ରାର୍ଥନା କଲା । ନାୟିକାର ମାନଭଞ୍ଜନ ପରେ ଉଭୟେ କେଳିରେ ମାତି ଦୀର୍ଘ ବିରହ ଦଶାକୁ ପାଶୋରିଲେ । ଅଳ୍ପଦିନ ପରେ ଗ୍ରୀଷ୍ମକାଳ ଆସି ଉପସ୍ଥିତ ହୁଅନ୍ତେ ରସିକ ନାୟକ ନାୟିକା ସହିତ ଜଳକ୍ରୀଡ଼ାରେ ମାତି ଅବଲୀଳାକ୍ରମେ ଗ୍ରୀଷ୍ମତାପରୁ ମୁକ୍ତି ଲାଭ କଲା । ତିନୋଟି ଯାକ 'ଇଚ୍ଛାବତୀ' କାବ୍ୟର ଗଳ୍ପାଂଶ ଏକ ହେଲେ ହେଁ କାବ୍ୟର ରଚନା କୌଶଳ ତଥା ସରଳ ଅଭିବ୍ୟକ୍ତିରେ ବାସ୍ତବତା ତଥା ସରସତା ପାଇଁ ବନମାଳୀଙ୍କ ରଚନା ଶୈଳୀରେ ଏକ ନିଜସ୍ୱ ସ୍ୱାତନ୍ତ୍ର୍ୟ ଅନୁଭବ କରିହୁଏ । ଏହି କାବ୍ୟଟିର କଳେବର ସଂକ୍ଷିପ୍ତ ତଥା ମାତ୍ର ଛଅଗୋଟି ଛାନ୍ଦରେ ଏହା ସମାପ୍ତ ହୋଇଛି । ଅଳଙ୍କାର ଶାସ୍ତ୍ରର ପ୍ରକରଣ ଅନୁସାରେ ପ୍ରଥମେ ନାୟିକାର ଅନୁରାଗ ପରେ ନାୟିକାର ଇଙ୍ଗିତରେ ନାୟକର ଅନୁରାଗ ଜାତହେବା ବିଧି । ଏହି କାବ୍ୟରେ ତାହା ଅନୁସୃତ ହୋଇଥିଲେ ହେଁ ପୂର୍ବୋକ୍ତ କାବ୍ୟମାନଙ୍କ ପରି ଏଥିରେ ମଧ୍ୟ ସଂସ୍କୃତ କାବ୍ୟର ପ୍ରଭାବ ଓ ରୀତି ପରିଲକ୍ଷିତ ହୁଏନାହିଁ । 'ଚାଟଇଚ୍ଛାବତୀ'ର ବର୍ଣ୍ଣନା ଭଙ୍ଗୀ ସରଳ, ଅନଳଙ୍କାରିକ ଓ ସୁବୋଧ୍ୟ । ଶୃଙ୍ଗାରର ବର୍ଣ୍ଣନା ପୁଣି ଏଥିରେ ଅସ୍ପଷ୍ଟ ଓ ନାୟିକାର ନବଯୌବନ ବର୍ଣ୍ଣନା ଅତ୍ୟନ୍ତ ସଂଯତ ତଥା ସୀମିତ । ଅବଶ୍ୟ ଆଲୋଚିତ କାବ୍ୟରେ ବନମାଳୀଙ୍କର କବିତ୍ୱ ପ୍ରଭା କେତେକାଂଶରେ ମଳିନ ହେଲେହେଁ ସେଥିରେ ଉତ୍କଟ ଜୈବିକ ଶୃଙ୍ଗାର ଅପେକ୍ଷା ପ୍ରେମର ଅକ୍ଷୟ ମହିମା ନିତାନ୍ତ ନିରାଡ଼ମ୍ବର ଅଥଚ ହାର୍ଦ୍ଦିକ ଭାବରେ ଇଚ୍ଛାବତୀ ଭକ୍ତିରେ ବର୍ଣ୍ଣିତ ହୋଇଛି । ''ତୁମେ ଯେ ବୋଇଲ ମୁହିଁ ନିର୍ଦ୍ଧନ ପୁରୁଷ / ପୀରତିରେ ଧନ ନଥାଇ କିସ ? / ଧନ ଯଉବନ ଚାଟ ସର୍ବଦା ନଥାଇ / ପୀରତି କୀରତି ଏକା ଯୁଗେ ଯୁଗେ ଥାଇ ।'' (୨୨)

କିନ୍ତୁ ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ' ବନମାଳୀ ଦାସଙ୍କର କଥାବସ୍ତୁକୁ ପୂର୍ଣ୍ଣମାତ୍ରାରେ ଗ୍ରହଣ କରିଛି ଏବଂ ସେଥିରେ ଶୃଙ୍ଗାର ରସର ଅତ୍ୟଧିକ ଅବତାରଣା ପୂର୍ବକ ରସିକ ପାଠକମାନଙ୍କୁ ମୁଗ୍ଧ କରିବାରେ ବିଶେଷ ପ୍ରୟାସ କରିଛନ୍ତି । ସେ ସେଥିପାଇଁ ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ କାବ୍ୟ 'ଚୌର ପଞ୍ଚାଶିକା' ଓ 'ଉତ୍ତର ପଞ୍ଚାଶିକା'ର ଶ୍ଳୋକଗୁଡ଼ିକୁ ଅବିକଳ ଭାବରେ ଓଡ଼ିଆରେ ଅନୁବାଦ କରିଛନ୍ତି । କବି ଧନଞ୍ଜୟଙ୍କ 'ଇଚ୍ଛାବତୀ' କାବ୍ୟର ଦଶଟି ଛାନ୍ଦ ମଧ୍ୟରୁ ପ୍ରଥମ ପାଞ୍ଚଟି ଛାନ୍ଦକୁ ସ୍ୱପ୍ରତିଭା ପ୍ରସୂତ ପଦାବଳୀ ଦ୍ୱାରା ପୂର୍ଣ୍ଣ କରିଛନ୍ତି । ଉତ୍ତରାର୍ଦ୍ଧ

ପାଞ୍ଚଟି ଛାନ୍ଦ ମଧ୍ୟରୁ ଷଷ୍ଠ ଛାନ୍ଦରେ 'ଚୌରପଞ୍ଚାଶତ୍'ରୁ ଏକୋଇଶଟି ଶ୍ଳୋକ ଗ୍ରହଣ କରି ତା'ର ଅନୁବାଦ କରିଛନ୍ତି ଓ ସଂସ୍କୃତ ଗ୍ରନ୍ଥର ମଙ୍ଗଳାଚରଣ ଶ୍ଳୋକଟିକୁ ଶେଷରେ ଦେଇଛନ୍ତି । 'ଇଚ୍ଛାବତୀ'ର ସପ୍ତମ ଛାନ୍ଦରେ ଉକ୍ତ 'ଚୌରପଞ୍ଚାଶତ୍'ର ଅନ୍ୟ ୩୦ଟି ଶ୍ଳୋକ ଓ ତା'ର ଅନୁବାଦ ସନ୍ନିବେଶିତ କରି ଷଷ୍ଠ ସପ୍ତମ ଛାନ୍ଦର କାବ୍ୟଗତ ସୌନ୍ଦର୍ଯ୍ୟକୁ କ୍ଷୁଣ୍ଣ କରିଛନ୍ତି । 'ଉତ୍ତରପଞ୍ଚାଶତ୍'ର ପ୍ରଥମରୁ ଷୋହଳଟି ଶ୍ଳୋକ ଅଷ୍ଟମ ଛାନ୍ଦରେ ସତରରୁ ତିରିଶ ଶ୍ଳୋକ ନବମ ଛାନ୍ଦରେ ଓ ୩୧ ରୁ ୫୦ ଶ୍ଳୋକ ଦଶମ ଛାନ୍ଦରେ ଗ୍ରହଣ କରି ତା'ର ଅନୁବାଦ କରିଛନ୍ତି । ଏତଦ୍‌ବ୍ୟତୀତ ଅଷ୍ଟମ, ନବମ ଓ ଦଶମ ଛାନ୍ଦରେ କବି ଧନଞ୍ଜୟ ଯେପରି ଭାବରେ ରାଜକୁମାରୀ ଇଚ୍ଛାବତୀର ଯୌବନ ବର୍ଣ୍ଣନା, ସୁରତକାଳୀନ ହାବଭାବ, କେଳି କୌତୁକାଦିର ସ୍ମରଣ ପୂର୍ବକ ମଧୁକର ମୁଖରେ ବର୍ଣ୍ଣନା କରିଛନ୍ତି, ତାହା ଆଦୌ ରସାନୁକୂଳ ନୁହେଁ । ବଧ୍ୟ ଭୂମିରେ ଜଣେ ହୀନ ଘାତକ ପରି ନୀଚ ପାତ୍ର ସମ୍ମୁଖରେ ରାଜକୁମାରୀ ଇଚ୍ଛାବତୀର ଲାବଣ୍ୟ ଅବୟବ ଓ ଶରୀରର ପ୍ରତ୍ୟେକ ଗୋପନୀୟ ଅଙ୍ଗ ଏପରିକି ବିପରୀତ ଶୃଙ୍ଗାର ତଥା ନିଧୁବନ ସମୟର ନୀବୀମୋଚନାଦି ସମସ୍ତ ଗୋପନୀୟ କ୍ରିୟାକଳାପ ଜଣେ ରାଜକୁମାର ମୁଖରେ ବର୍ଣ୍ଣନା କରିବା ଆଦୌ ସମୀଚୀନ ନୁହେଁ । ଧନଞ୍ଜୟଙ୍କ କାବ୍ୟର ନାୟକ ମଧୁକର ଓ ନାୟିକା ଇଚ୍ଛାବତୀ କବି ବନମାଳୀଙ୍କ କାବ୍ୟର ନାୟକ ଚାରୁବ୍ରହ୍ମ ଓ ନାୟିକା ଇଚ୍ଛାବତୀ ପରି ସାମାଜିକ ଆବେଷ୍ଟନୀ ମଧ୍ୟରେ ଜନ୍ମଗ୍ରହଣ କରିନାହାନ୍ତି । ସେ ଦୁହେଁ (ମଧୁକର ଇଚ୍ଛାବତୀ) ଇନ୍ଦ୍ରଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହୋଇ ପୃଥ୍ୱୀରେ ଜନ୍ମଗ୍ରହଣ କରିଛନ୍ତି । କବି ମଧ୍ୟ ଦୁଇଥର ନାରଦଙ୍କୁ କାବ୍ୟରେ ପ୍ରବେଶ କରାଇ ଉଭୟଙ୍କର ମିଳନ ମାର୍ଗ ପ୍ରଶସ୍ତ କରିଛନ୍ତି । କିନ୍ତୁ ବନମାଳୀଙ୍କ 'ଚାଟଇଚ୍ଛାବତୀ' ପୁସ୍ତକରେ ଏପରି ଅତିମାନୁଷିକ କାର୍ଯ୍ୟର ଅବତାରଣା କରାଯାଇ ନାହିଁ । ପୁନଶ୍ଚ ଧନଞ୍ଜୟଙ୍କ କାବ୍ୟରେ ବର୍ଣ୍ଣିତ ନାୟିକା ଇଚ୍ଛାବତୀ ନାୟକ ମଧୁକର ପ୍ରତି ଅନୁରାଗ ଥିବାର କୌଣସି ଲକ୍ଷଣ ପରିଲକ୍ଷିତ ହୁଏନାହିଁ । ଅଥଚ କବି ବନମାଳୀଙ୍କର 'ଚାଟଇଚ୍ଛାବତୀ' କାବ୍ୟର ନାୟିକା ଇଚ୍ଛାବତୀ ନାୟକ ଚାରୁବ୍ରହ୍ମଙ୍କ ବିରହରେ ଯେତେବେଳେ ପାଗଳିନୀ ହୋଇ ଅମୃତବତୀ ନାମ୍ନୀ ଦାସୀର ସାହାଯ୍ୟରେ ବହୁ କଷ୍ଟରେ ନାୟକର ସାନ୍ନିଧ୍ୟ ଲାଭ କରିଛି, ସେତେବେଳେ ଧନଞ୍ଜୟଙ୍କ କାବ୍ୟ ନାୟିକା ଇଚ୍ଛାବତୀ ବିଦ୍ୟାଳୟରୁ ଚାଲିଗଲା ପରେ ଥରେ ହେଲେ ନାୟକକୁ ସ୍ମରଣ କରିନାହିଁ ।

ବରଂ ନାୟକର ଚେଷ୍ଟାରେ ଥରେ ମାତ୍ର ଉଭୟଙ୍କର ମିଳନର ସୁଯୋଗ ମିଳିଥିବା ବେଳେ ସେ (ଇଚ୍ଛାବତୀ) ନାନାପ୍ରକାର ଭୟ ଦେଖାଇ କନ୍ୟାନ୍ତଃପୁରରୁ ଶୀଘ୍ର ପଳାୟନ କରିବା ଲାଗି ନାୟକଙ୍କୁ ଉପଦେଶ ଦେଇଛି । ପରେ ନାୟକର ଚାଟୁରେ ମୁଗ୍ଧ ହୋଇ ତା' ସହିତ କେଳି କରିବା କୌଣସି ମତେ ବିଶୁଦ୍ଧ ପ୍ରେମର ଲକ୍ଷଣ ନୁହେଁ ବରଂ ତାହା 'ଖଣ୍ଡିତା' ବା 'କଳହାନ୍ତରିତା'ର ଲକ୍ଷଣ ହୋଇପାରେ । ଏସବୁ ଦୃଷ୍ଟିରୁ ବିଚାର କଲେ କବି ବନମାଳୀଙ୍କ 'ଚାଟଇଚ୍ଛାବତୀ' ତୁଳନାରେ ଧନଞ୍ଜୟଙ୍କ ଇଚ୍ଛାବତୀ ଅଳଙ୍କାର ଶାସ୍ତ୍ର ଦୃଷ୍ଟିରୁ ଆଦୌ ଉତ୍କୃଷ୍ଟ

କାବ୍ୟ ନୁହେଁ । ପୂର୍ବାଲୋଚିତ 'ଟାଟଇଚ୍ଛାବତୀ' ଓ 'ଇଚ୍ଛାବତୀ'ର କଥାବସ୍ତୁ ସହିତ ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଇଚ୍ଛାବତୀ'ର କଥାବସ୍ତୁ ପ୍ରାୟ ସମାନ । କେବଳ କବିତ୍ରୟଙ୍କର ବର୍ଣ୍ଣନା ପରିପାଟୀ ଦୃଷ୍ଟିରୁ କାବ୍ୟ ତିନୋଟି ପାଠକମାନଙ୍କ ସମ୍ମୁଖରେ ଭିନ୍ନ ଭିନ୍ନ ରୂପରେ ପ୍ରତିଫଳିତ ହୋଇଛି । ସମୟର ଗତି ଅନୁସାରେ କାବ୍ୟ ରଚନାର ପରିପାଟୀ ମଧ୍ୟ ବଦଳିଯାଇଛି । ଭାବ ପରିପ୍ରକାଶରେ କୌଣସି ପ୍ରକାର ଆଡ଼ମ୍ବର ନଥାଇ ମାତ୍ର ଛ'ଟି ଛାନ୍ଦରେ ବନମାଳୀଙ୍କ 'ଟାଟଇଚ୍ଛାବତୀ' ଶେଷ ହୋଇଛି । ଉକ୍ତ କଥାବସ୍ତୁ ସହିତ ଶୃଙ୍ଗାର ରସର ଅତିରଞ୍ଜିତ ବର୍ଣ୍ଣନା ଫଳରେ ଧନଞ୍ଜୟଙ୍କ କାବ୍ୟର କଳେବର ଦଶଟି ଛାନ୍ଦରେ ସମୃଦ୍ଧ ହୋଇଛି ଏବଂ ପରବର୍ତ୍ତୀ ଯୁଗର କବି ବାଙ୍କି ନରେଶ ପଦ୍ମନାଭ ଶ୍ରୀଚନ୍ଦନ ଉକ୍ତ କଥାବସ୍ତୁ ସହିତ ଯୁଗୋପଯୋଗୀ ରସ ପରିବେଷଣ ଲାଗି ୧୫ଟି ଛାନ୍ଦର ଆବଶ୍ୟକତା ଅନୁଭବ କରିଛନ୍ତି ।

କବି ବନମାଳୀ ଦାସଙ୍କ 'ଟାଟଇଚ୍ଛାବତୀ'ର ପ୍ରଭାବ କେବଳ ବର୍ଣ୍ଣିତ ଦୁଇଟି କାବ୍ୟ ଉପରେ ପଡ଼ିଛି ତା' ନୁହେଁ, ପରବର୍ତ୍ତୀ କାଳରେ ପ୍ରତାପ ରାୟଙ୍କ 'ଶଶିସେଣା' କାବ୍ୟ ଉପରେ ମଧ୍ୟ ଉକ୍ତ କଥାବସ୍ତୁର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୁଏ । ଯାହାକି ପରବର୍ତ୍ତୀ କାଳ୍ପନିକ କାବ୍ୟଧାରାର ଅନ୍ୟତମ ଆଲୋଚ୍ୟ ଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜଙ୍କର 'ଲାବଣ୍ୟବତୀ', 'ପ୍ରେମସୁଧାନିଧି', 'ରସିକହାରାବଳି' ପ୍ରଭୃତି କାବ୍ୟ ରଚନାର ଏକ ଉତ୍କୃଷ୍ଟ ପୃଷ୍ଠଭୂମି ଭାବରେ ପ୍ରେରଣା ଯୋଗାଇଛି ଏଥିରେ ଆଦୌ ସନ୍ଦେହ ନାହିଁ । ପୂର୍ବଜମାନଙ୍କର ରଚନାର ଆହରଣଶୀଳତା ତଥା ନିଜର ଗଭୀର ଅଧ୍ୟବସାୟ, ସ୍ୱତଃସ୍ଫୂର୍ତ୍ତ କବିତ୍ୱର ଅପୂର୍ବ ସମନ୍ୱୟ ଯେ 'ଲାବଣ୍ୟବତୀ' ଭଳି ଉତ୍କୃଷ୍ଟ କାବ୍ୟ ସୃଷ୍ଟିର ଆଧାର ତଥା ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ କାବ୍ୟଯୁଗର ଉଜ୍ଜ୍ୱଳମୟ ଅନବଦ୍ୟ ସାରସ୍ୱତ କୃତି ଭାବରେ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଆକାର ଦୃଷ୍ଟିରୁ ନରସିଂହ ଶେଣଙ୍କର 'ପରିମଳା' କାବ୍ୟ ଷୋଡ଼ଶ ଶତାବ୍ଦୀର ଆଖ୍ୟାୟିକ କାବ୍ୟମାନଙ୍କ ମଧ୍ୟରେ ବୃହତ୍ତମ । ଚତୁର୍ବିଂଶ ଛାନ୍ଦରେ ଏହି ସୁଦୀର୍ଘ କାବ୍ୟଟି ସମାପ୍ତ ହୋଇଛି । ଏହି କାବ୍ୟର ବିଂଶଛାନ୍ଦରେ -''ବଦସି ରମଣୀୟ ମିଷ୍ଟତପନ ଶେଣ/ ଭଣନ୍ତି ତାହାଙ୍କ ପୁତ୍ର ନରସିଂହ ଶେଣ ।''[୨୩] ଉଦ୍ଧୃତିରୁ କାବ୍ୟକର୍ତ୍ତାଙ୍କ କାଳନିରୂପଣ ସମ୍ଭବ ହୋଇଛି । ତପନ ସୂର୍ଯ୍ୟବଂଶୀ ସମ୍ରାଟ ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜସଭାରେ ଜଣେ ପ୍ରସିଦ୍ଧ କବି ଓ ବୈଦ୍ୟ ଥିଲେ । ଏହା ତାଙ୍କର ପୌତ୍ର ଆୟୁର୍ବେଦ ବିଶାରଦ ବିଶ୍ୱନାଥ ଶେଣଙ୍କ 'ପଥ୍ୟାପଥ୍ୟ ବିନିଶ୍ଚୟ' ଗ୍ରନ୍ଥରେ ସୂଚିତ ହୋଇଛି । ସେହି ଗ୍ରନ୍ଥରୁ ଜଣାପଡୁଛି ବିଶ୍ୱନାଥ ଶେଣ ଉମାପତି ଶେଣଙ୍କ ପ୍ରପୌତ୍ର 'ସଦ୍‌କବିମଣି' ଓ 'ସଦ୍ ବୈଦ୍ୟଚୂଡ଼ାମଣି' ତପନ ଶେଣଙ୍କ ପୌତ୍ର ଓ ନରସିଂହ ଶେଣଙ୍କ ପୁତ୍ର ଥିବା ସ୍ପଷ୍ଟ ସୂଚିତ ହୁଏ । ପ୍ରତାପ ରୁଦ୍ର ସୂର୍ଯ୍ୟବଂଶର ଶେଷ ସମ୍ରାଟ ଓ ଖ୍ରୀ : ୧୫୦୪ ରୁ ଖ୍ରୀ : ୧୫୩୨ ପର୍ଯ୍ୟନ୍ତ ଥିଲା ତାଙ୍କ ରାଜତ୍ୱକାଳ । ବିଶ୍ୱନାଥଙ୍କ ପିତାମହ ତପନ ଶେଣ ପ୍ରତାପରୁଦ୍ରଙ୍କ ସମସାମୟିକ ଥିବାରୁ ତାଙ୍କର ପୁତ୍ର ନରସିଂହ ଶେଣଙ୍କୁ ଷୋଡ଼ଶ ଶତାବ୍ଦୀର ତୃତୀୟ ପାଦରେ ସ୍ଥାପିତ କରାଯାଇପାରେ । ନରସିଂହ ଶେଣଙ୍କ

ପୂର୍ବବର୍ତ୍ତୀ କାଳ୍ପନିକ କାବ୍ୟମାନେ ପରକୀୟା ତତ୍ତ୍ୱରୁ ମୁକ୍ତ ଥିବାରୁ 'ରସ' ବା 'ଶୃଙ୍ଗାର'ର ଅଭିବ୍ୟକ୍ତି ସେଥିରେ ଅତ୍ୟନ୍ତ କୁଣ୍ଠିତ ଓ ସୀମିତ, ପୁଣି ସେଥିରେ 'ରସ' ବା 'ରସିକ'ର ଆବାହନ ନାହିଁ । କିନ୍ତୁ 'ପରିମଳା' କାବ୍ୟରେ 'ଆଦିରସ' ବା ଶୃଙ୍ଗାରର ବ୍ୟଞ୍ଜନା ଅକୁଣ୍ଠିତ ଓ ଅବାରିତ । ସେଥିପାଇଁ ଏହି କାବ୍ୟର କାବ୍ୟକର୍ତ୍ତା ନରସିଂହ ନିଜକୁ 'ରସିକବନ୍ଧୁ' ଓ ପାଠକ ରସମୋଦି ମାନଙ୍କୁ 'ରସିକଜନ' ରୂପେ ଘୋଷିତ କରିଛନ୍ତି । ଯଥା : -

''ହୃଦୟ ଉଲ୍ଲାସ ନାମଯେ ଦଶଛାନ୍ଦ/ ରସିକ ପୁରୁଷେ ଶୁଣି ହୋଇବ ଆନନ୍ଦ / ଯେହୁ ଭାବ ନ ଜାଣଇ ପୁରୁଷ ଯେବଣ / ସୁରତି କରଇ ସେହୁ ଛାଗଳ ଯେସନ / ନାରୀ ହୋଇ ନଜାଣଇ ସେ ରତି ରସ / ଛେଳିର ତାହାର ଗୁଣ ନାହିଁ ଯେ ବିଶେଷ / ଗୋପୀବଲ୍ଲଭ ଶ୍ରୀକୃଷ୍ଣ ସେହୁ ରସ ଜାଣେ / ଭଣଇ ଶୁଣ ସୁଜନେ ନରସିଂହ ଶେଣେ ।''[୨୪] ରସର ଏପରି ଉଦ୍‌ଘୋଷଣ ନରସିଂହଙ୍କ ପୂର୍ବବର୍ତ୍ତୀ କାଳ୍ପନିକ ଆଖ୍ୟାୟିକା କାବ୍ୟମାନଙ୍କରେ ଦେଖାଯାଏ ନାହିଁ । ଅର୍ଜ୍ଜୁନ ଦାସଙ୍କ 'କଳ୍ପଲତା' ଓ ବନମାଳୀ ଦାସଙ୍କ 'ଚାଟଇଚ୍ଛାବତୀ'ରେ ପରକୀୟାପ୍ରୀତିର ବର୍ଣ୍ଣନା ନାହିଁ । ଅମରଶିଖର ଓ କଳ୍ପଲତାଙ୍କ ମଧ୍ୟରେ ପ୍ରଣୟ ବା ଚାରୁବ୍ରହ୍ମ ଓ ଇଚ୍ଛାବତୀ ମଧରେ ଅନୁରାଗ ସ୍ୱକୀୟାପ୍ରୀତିର ସଙ୍ଗତ ପରିସୀମା ମଧ୍ୟରେ ସମ୍ପନ୍ନ ହୋଇଛି । କିନ୍ତୁ ଅନ୍ୟର ବାଗ୍‌ଦତ୍ତା ପରିମଳା ସହିତ ଚିତ୍ରରଥ ଗନ୍ଧର୍ବର ନିଷିଦ୍ଧ ଶୃଙ୍ଗାର ଓ ବିବାହ ପରେ ସୁଦ୍ଧା ମକର କେତୁର ବଧୂ ପରିମଳା ସହିତ ଚିତ୍ରରଥର ଗୋପନ ଅଭିସାରରେ ପରକୀୟା ରସତତ୍ତ୍ୱ ଓଡ଼ିଆ କାବ୍ୟ ସାହିତ୍ୟରେ ସର୍ବପ୍ରଥମ ଅକୁଣ୍ଠ ଅଭିବ୍ୟକ୍ତି ଲାଭ କରିଛି । ନରସିଂହ ଗୌଡ଼ୀୟ ବୈଷ୍ଣବ ରସ ତତ୍ତ୍ୱରେ ଅନୁପ୍ରାଣିତ ଥିଲେ । ସେ ପୁଣି ଥିଲେ ପରମ କୃଷ୍ଣଭକ୍ତ । ତାଙ୍କ ପୂର୍ବବର୍ତ୍ତୀ କବି ଅର୍ଜ୍ଜୁନ ଦାସ ଓ ବନମାଳୀ ଦାସ ନିଜ କାବ୍ୟକୃତିମାନଙ୍କରେ ସର୍ବତ୍ର ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରିଥିଲେହେଁ ନରସିଂହ ପରିମଳା କାବ୍ୟର ଆରମ୍ଭରେ ଯମୁନା ତଟ ବିହାରୀ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିଛନ୍ତି ''ଜୟ ତୁ ଜୟ ଗ୍ରହଂ ବନମାଳୀ / ଯମୁନାତୀରେ ଯେ କରନ୍ତି କେଳି / ଗୋପ ଯୁବତୀ ଜନ ମନୋହାରୀ / କୁଚ କଳସ ସୁପୁଲକକାରୀ ।[୨୫] ପରବର୍ତ୍ତୀ କାଳରେ ଯେଉଁ ପରକୀୟା ତତ୍ତ୍ୱ ଓ ନିଷିଦ୍ଧ ଶୃଙ୍ଗାରର ବନ୍ୟାରେ ଉତ୍କଳର ସାଧନା ଓ ସାହିତ୍ୟ ପ୍ଲାବିତ ହୋଇଥିଲା, ପୁଣି ପ୍ରମତ୍ତ ଶୃଙ୍ଗାରର ଇସିଇସି' ନାଦ ମଧ୍ୟରେ ଉତ୍କଳୀୟ ସାଧକମାନଙ୍କର ପ୍ରଣବ ଓଁକାର ପ୍ରଭୃତି ନୀରବ ହୋଇପଡ଼ିଥିଲା । ନରସିଂହ ଶେଣଙ୍କ 'ପରିମଳା' ଓଡ଼ିଆ ସାହିତ୍ୟର 'ଉପୋଦ୍‌ଘାତ' କହିଲେ ବେଶୀ ଯୁକ୍ତିଯୁକ୍ତ ହେବ । 'ପରିମଳା'ର ଆଖ୍ୟାୟିକା ବା ଗଳ୍ପାଂଶ ପୂର୍ବୋକ୍ତ କାବ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଜଟିଳ । ଗନ୍ଧର୍ବ ଚିତ୍ରରଥ ଓ ରାଜପୁତ୍ର ମକରକେତୁ ଉଭୟଙ୍କ ସହିତ ପରିମଳାର ପ୍ରଣୟ ପୁଣି ପରିମଳା ପାଇଁ ଚିତ୍ରରଥ ଓ ମକରକେତୁ ମଧରେ ପ୍ରତିଯୋଗିତା ଦେବରାଜ ଇନ୍ଦ୍ରଙ୍କ କୁଟିଳ ଇଙ୍ଗିତରେ ପରିମଳା ଓ ମରକେତୁ ମଧ୍ୟରେ ବିଚ୍ଛେଦ, ମକରକେତୁର ସିଂହଳଯାତ୍ରା, ସେଠାରେ ବାଳଗୋପାଳ ମନ୍ତ୍ରରେ ଶ୍ରୀକୃଷ୍ଣଙ୍କ ଠାରୁ ମନ୍ତ୍ରସିଦ୍ଧି ଲାଭ, ସେହିଁ ବିଭୂତି ବଳରେ ସ୍ୱର୍ଗରେ ପରିମଳା ସହିତ ମିଳନ ଓ ପରିଶେଷରେ

ମକରକେତୁର ବୀଣା ବାଦନରେ ତୁଷ୍ଟ ହୋଇ ଇନ୍ଦ୍ରଙ୍କ ଆଦେଶରେ 'ପରିମଳା' ଓ 'ମକରକେତୁ'ଙ୍କ ମର୍ତ୍ତ୍ୟ ପ୍ରତ୍ୟାବର୍ତ୍ତନ ଓ ଦାମ୍ପତ୍ୟ ମିଳନ ଏହି ଆଖ୍ୟାୟିକା କାବ୍ୟର ବିଷୟ ବସ୍ତୁ । ଧର୍ମବତୀ ନଗରର ରାଜା ବିକ୍ରମ କେଶରୀଙ୍କ ପୁତ୍ର ମକରକେତୁ । କାଞ୍ଚି ରାଜକନ୍ୟା ପରିମଳା ସହିତ ମକରକେତୁର ବିବାହ ସମ୍ବନ୍ଧ ସ୍ଥିର ହୋଇଥିଲା । ଚିତ୍ରପଟରୁ ପରିମଳାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ପରିମଳା ପ୍ରତି ମକରକେତୁ ପ୍ରାଣରେ ଅନୁରାଗ ସଞ୍ଚାରିତ ହୋଇଥିଲା । ବୟଃକ୍ରମରେ ଚତୁର୍ଦ୍ଦଶ ବର୍ଷ ପୂରି ୧୫ ବର୍ଷ ବୟସରେ ପରିମଳା ପୁଷ୍ପବତୀ ହେଲା । ସପ୍ତମଦିନ ରାତ୍ରିରେ ଋତୁସ୍ନାନ ପରେ ସୁସଜ୍ଜିତା ପରିମଳା ପ୍ରିୟ ମିଳନ ଆକାଂକ୍ଷାରେ ଜର୍ଜରିତା ହୋଇ ବହୁ କଷ୍ଟରେ ନିଦ୍ରା ଯାଇଥିଲା । ଏହି ସମୟରେ ସେଠାରେ ଚିତ୍ରରଥ ଗନ୍ଧର୍ବ ଉପସ୍ଥିତ ହେଲା । ନିର୍ଜନ ନିଶାର୍ଦ୍ଧରେ ନିଜ ଶଯ୍ୟାରେ ହଠାତ୍ ଜଣେ ଅପରିଚିତ ପୁରୁଷକୁ ଦେଖି ପରିମଳା ପ୍ରଥମେ ଭୀତା ଓ ବିଚଳିତା ହୋଇ ପଡ଼ିଥିଲା ମାତ୍ର ପୂର୍ବଜନ୍ମରେ ସେ ତିଳୋତ୍ତମା ଅପ୍ସରା ଥିଲା ଓ ଚିତ୍ରରଥ ଗନ୍ଧର୍ବ ସହିତ ତାହାର ପ୍ରୀତିଥିଲା ଅଭେଦ୍ୟ । ଅଭିଶାପରେ କେବଳ ସେ ପରିମଳା ରୂପେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଥିଲା । ସେହି ଚିତ୍ରରଥର ନାନା ଚାଟୁବାକ୍ୟରେ ମୁଗ୍ଧା ହୋଇ ତଥା ପୂର୍ବଜନ୍ମର ବୃତ୍ତାନ୍ତ ସ୍ମରଣ କରି ପରିମଳା ତାହାକୁ ରାତି ପରେ ରାତି ସୁରତି ପ୍ରଦାନ କରିବାରେ ଲାଗିଲା । ଏହି ଅବସରରେ ଚିତ୍ରରଥ ପରିମଳାକୁ ଏକ ପ୍ରତିଶ୍ରୁତି ଦେଲା ଯେ ସ୍ୱର୍ଗର ବାର୍ତ୍ତା ବା ସନ୍ଦେଶ ଦେଇ ନପାରିବା ବ୍ୟକ୍ତିକୁ ପରିମଳା ଯେପରି ସୁରତି ଦାନ ନ କରେ । କ୍ରମେ ପୂର୍ବ ବ୍ୟବସ୍ଥା ଅନୁସାରେ ପରିମଳାର ବିବାହ ଦିବସ ଆସିଲା କିନ୍ତୁ ଗୋଟିଏ ସର୍ତ୍ତରେ ପରିମଳା ବିବାହ ପାଇଁ ସ୍ୱୀକୃତି ଦେଲା ଯେ ତାହାର ସମ୍ମତି ବିନା ବିବାହିତ ସ୍ୱାମୀ ପରିମଳାର ଅଙ୍ଗସ୍ପର୍ଶ କରିପାରିବେ ନାହିଁ । ଏହି ସର୍ତ୍ତରେ ମକର କେତୁ ସ୍ୱୀକୃତି ପ୍ରଦାନ କରିବାରୁ ଉଭୟଙ୍କ ବିବାହ ଯଥାସମୟରେ ସମ୍ପାଦିତ ହେଲା । ବିବାହ ପରେ କିନ୍ତୁ ପୂର୍ବ ସର୍ତ୍ତ ଅନୁସାରେ ମକରକେତୁ ପରିମଳାର ଅଙ୍ଗସ୍ପର୍ଶ କରିପାରିଲା ନାହିଁ । ପରିମଳା ପୂର୍ବବତ୍ ସମସ୍ତଙ୍କ ଅଜ୍ଞାତରେ ନିଶାର୍ଦ୍ଧରେ ଗନ୍ଧର୍ବ ପୁରକୁ ଯାଇ ସେଠାରେ ଚିତ୍ରରଥ ସହିତ ପରକୀୟା ଶୃଙ୍ଗାର ଉପଭୋଗ କରିବାକୁ ଲାଗିଲା ।

ଏପରି ଭାବରେ ମକରକେତୁର ଦାମ୍ପତ୍ୟ ଜୀବନ ଘୋର ଅତୃପ୍ତି ମଧ୍ୟରେ ଅତିବାହିତ ହେଉଥିବାବେଳେ ଜ୍ଞାନାନନ୍ଦ ନାମକ ଜଣେ ଯୋଗୀଙ୍କ ସହିତ ମକରକେତୁର ଦିନେ ସାକ୍ଷାତ ହେଲା । ମକରକେତୁ ଠାରୁ ଯୋଗୀ ତାହାର ଦୁର୍ଦ୍ଦଶା ଶ୍ରବଣ କରି ସହାନୁଭୂତି ବଶତଃ ଗୋଟିଏ ମନ୍ତ୍ର ପ୍ରଦାନ କଲେ । ଏହି ମନ୍ତ୍ର ବଳରେ ମକରକେତୁ ଗୋଟିଏ ଭ୍ରମରର ରୂପଧାରଣ କରି ଚିତ୍ରରଥର ରଥରେ ଥରେ ସ୍ୱର୍ଗଲୋକକୁ ଗମନ କଲା । ସ୍ୱର୍ଗଲୋକରେ ଭ୍ରମଣ ପରେ ସେଠାରୁ ଗୋଟିଏ ପାରିଜାତ ସଂଗ୍ରହ କରି ମକରକେତୁ ପୁଣି ମର୍ତ୍ତ୍ୟଲୋକକୁ ଫେରି ଆସିଲା । ପାରିଜାତ ସ୍ୱର୍ଗର ସଙ୍କେତ ହୋଇଥିବାରୁ ପରିମଳା ନିଜ ପ୍ରତିଶ୍ରୁତି ଅନୁଯାୟୀ ଆଉ କୌଣସି ପ୍ରତିବନ୍ଧକ ନ ଦେଖି ଚିତ୍ରରଥକୁ ବର୍ଜନ କରି ନିଜସ୍ୱାମୀ ମକରକେତୁକୁ ସୁରତି ପ୍ରଦାନ କରିବାରେ ଲାଗିଲା । ଏହିପରି ଭାବରେ ଏକବର୍ଷ ଅତିବାହିତ ହୁଅନ୍ତେ ପରିମଳାର

ଶାପ ବିମୋଚନ କାଳ ଉପନୀତ ହେଲା ଓ ପରିମଳା ମକରକେତୁକୁ ପରିହାର କରି ଚିତ୍ରରଥ ସହିତ ମିଳିତ ହେବା ପାଇଁ ପୁଣି ସ୍ୱର୍ଗ ପୁରକୁ ଗମନକଲା । ପରିମଳା ବା ତିଲୋତ୍ତମା ସ୍ୱର୍ଗ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ମୂର୍ଚ୍ଛାଗତ ସ୍ୱାମୀ ଉଦ୍ଦେଶ୍ୟରେ କାନ୍ଥରେ ଏକ ବାର୍ତ୍ତା ଲେଖି ସେଥିରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଗୋଟିଏ ଘୋଟକୀ ସହିତ ମଳୟଗିରିକୁ ଯିବା ପାଇଁ ସଙ୍କେତ ଦେଇଥିଲା । ପରିମଳାର ସଙ୍କେତ ଅନୁସାରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ମକରକେତୁ ଗୋଟିଏ ଘୋଟକୀ ସହିତ ମଳୟଗିରିରେ ଉପସ୍ଥିତ ହେଲା । ମଳୟଗିରିରେ ସେଦିନ ମହୋତ୍ସବ, ଇନ୍ଦ୍ରଙ୍କ ଆଦେଶରେ ଅପ୍‌ସରାମାନେ ମଦନ ଉତ୍ସବ ନିମିତ୍ତ ଅପରୂପ ବେଶବାସରେ ସଜ୍ଜିତା ହୋଇ ସେଦିନ ମଳୟଗିରି ଆସିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରେ ପରିମଳାକୁ ନଦେଖି ଘୋର ଦୁଃଖ ଅବସାଦରେ ମକରକେତୁ ଗୋଟିଏ ମାଧବୀକୁଞ୍ଜ ତଳେ ବିଶ୍ରାମ ନେଇଥିଲା ।

ଇନ୍ଦ୍ର ଶଚୀଙ୍କ ସହିତ ସେଠାରେ ଉପସ୍ଥିତ ହୋଇ ମାଧବୀ ଲତା ବିତାନରେ ମକରକେତୁକୁ ଦେଖି ମୋହଶରରେ ତାହାକୁ ଅଚେତ କରାଇଦେଲେ । ମକରକେତୁକୁ ଅନ୍ୱେଷଣ କରି କରି କେତେ ସମୟ ପରେ ପରିମଳା ସେଠାରେ ପହଞ୍ଚି ମୋହଗ୍ରସ୍ତ ମକରକେତୁକୁ ଦେଖି ପ୍ରଥମେ ଆନନ୍ଦିତା ଓ ପରେ ଘୋର ବ୍ୟଥିତା ହେଲା । ଇତ୍ୟବସରରେ ପରିମଳାର ଜଣେ ସଖୀ ଇନ୍ଦ୍ରଙ୍କ ରଥରୁ ଗୋଟିଏ ଘୋଟକ ଫିଟାଇ ଆଣି ଘୋଟକୀ ସହିତ ସେଠାରେ ତାହାର ସଙ୍ଗମ କରାଇଲା । ସେମାନେ ସେଠାରୁ ଯିବାପୂର୍ବରୁ ପରିମଳା ଗୋଟିଏ କେତକୀ ପାଖୁଡ଼ାରେ ମକରକେତୁ ଉଦ୍ଦେଶ୍ୟରେ ଲେଖି ଦେଇଗଲା ଯେ ଦଶମାସ ପରେ ଘୋଟକୀର ଗର୍ଭ ଚିରିଲେ ସେଥିରୁ ଯେଉଁ ଶାବକ ବାହାରିବ ତାଉପରେ ଚଢ଼ି ମକରକେତୁ ସ୍ୱର୍ଗ ଆସିପାରିବ ଓ ସେଠାରେ ଅଶୋକ ବୃକ୍ଷ ସମ୍ମୁଖରେ ଥିବା ଏକ ଗୃହରେ ପରିମଳାର ସାକ୍ଷାତ ଲାଭ କରିବ । ମକରକେତୁ ଚୈତନ୍ୟ ଲାଭ କରିବାପରେ କେତକୀ ପାଖୁଡ଼ାରେ ପରିମଳାର ସଙ୍କେତ ଓ ବାର୍ତ୍ତା ପାଠକରି ଆଶ୍ୱସ୍ତ ଓ ପ୍ରୀତ ହେଲା । ପରିମଳାର ନିର୍ଦ୍ଦେଶାନୁଯାୟୀ ଦଶମାସ ପରେ ଘୋଟକୀର ଗର୍ଭଚିରି ବାହାରିଥିବା ଶାବକ ଉପରେ ଚଢ଼ି ମକରକେତୁ ସ୍ୱର୍ଗ ଅଭିମୁଖରେ ଯାତ୍ରା କଲା ଓ ପୂର୍ବ ନିର୍ଦ୍ଦିଷ୍ଟ ଗୃହରେ ପରିମଳା ବା ତିଳୋତ୍ତମା ସହିତ ମିଳିତ ହେଲା । ଏହାପରେ ଦିନୁ ଦିନ ତିଳୋତ୍ତମା (ପରିମଳା) ଓ ମକରକେତୁ ମଧ୍ୟରେ ଗୁପ୍ତ ପରକୀୟା ସମ୍ଭୋଗ ବୃଦ୍ଧି ପାଇବାରେ ଲାଗିଲା ଓ ସେହି ପରିମାଣରେ ଗନ୍ଧର୍ବ ପ୍ରତି ତିଳୋତ୍ତମାର ପ୍ରଣୟ ମଧ୍ୟ କ୍ଷୀଣ ହେବାକୁ ଲାଗିଲା । ଦିନେ ଚିତ୍ରରଥ ତିଳୋତ୍ତମାର ଶୟନ ମନ୍ଦିରରେ ନିଦ୍ରିତ ମକରକେତୁକୁ ଦେଖି ଘୋର କ୍ରୋଧରେ ତାହାକୁ ସମୁଦ୍ର ମଧ୍ୟରେ ନିକ୍ଷିପ୍ତ କଲା । ମାତ୍ର ଅଥଳ ସମୁଦ୍ର ମଧ୍ୟରୁ ସାଧବ ରତ୍ନାକର ତାହାକୁ ଉଦ୍ଧାର କରି ସିଂହଳ ଦ୍ୱୀପରେ ସ୍ୱଗୃହକୁ ଘେନିଗଲା । ସାଧବ ପୁତ୍ରହୀନ ଥିବାରୁ ମକରକେତୁକୁ ପୁତ୍ରଜ୍ଞାନରେ ଗ୍ରହଣ କଲା ମାତ୍ର ବିରହ ବିଧୁର ମକରକେତୁ ଦିନେ ସାଧବ ଗୃହରୁ ପଳାୟନ କରି କୃଷ୍ଣବତୀ ନଦୀ ତୀରବର୍ତ୍ତୀ ଅଗ୍ନି ଋଷିଙ୍କ ସିଦ୍ଧାଶ୍ରମରେ ପହଞ୍ଚିଲା । ସେ ଋଷିଙ୍କୁ ନିଜର ଦୁଃଖ ଜଣାଇବାରୁ

ଋଷି ତାକୁ ଶ୍ରୀକୃଷ୍ଣଙ୍କ ଗୋପାଳମନ୍ତ୍ର ଶିକ୍ଷାଦେଲେ ସେହି ମନ୍ତ୍ରରେ ସିଦ୍ଧି ଲାଭ କଲେ ଅଭୀଷ୍ଟ ସିଦ୍ଧି ହେବ ବୋଲି ବରପ୍ରଦାନ କଲେ । ଋଷିଙ୍କ ଠାରୁ ମନ୍ତ୍ରଶିକ୍ଷା କରି ମକରକେତୁ ସେଠାରୁ ଷୋହଳ ଯୋଜନ ଦୂରରେ ଥିବା ଧାତୁକୂଟ ଗିରି ଶିଖରରେ ଶ୍ରୀକୃଷ୍ଣଙ୍କ ଧ୍ୟାନରେ ବସିଲା । ତାହାର କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ବୈଶାଖ ଶୁକ୍ଳ ଏକାଦଶୀ ଦିନ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହିତ ସେଠାରେ ପହଞ୍ଚିଲେ ।

ମକରକେତୁ ତାଙ୍କୁ ବରଭିକ୍ଷା କରିବାରୁ ଶ୍ରୀକୃଷ୍ଣ ଏହି ବର ଦେଲେ ଯେ, ଦେବରାଜ ଇନ୍ଦ୍ରଙ୍କୁ ସଙ୍ଗୀତ ଗାନରେ ସନ୍ତୁଷ୍ଟ କରିପାରିଲେ ସେ ପରିମଳା ବା ତିଳୋତ୍ତମାକୁ ଲାଭ କରିପାରିବ ଓ ମୃତ୍ୟୁପରେ ଉଭୟେ ସ୍ୱର୍ଗକୁ ପୁଣି ଫେରି ଆସିଲେ, ସେଠାରେ କଳାନିଧି ଗନ୍ଧର୍ବ ନାମରେ ସେ ପୁଣି ତିଳୋତ୍ତମାକୁ ପତ୍ନୀ ରୂପେ ଲାଭ କରିପାରିବ । ଶ୍ରୀକୃଷ୍ଣଙ୍କ ଠାରୁ ବରଲାଭ କରିବା ପରେ ଋଷିଙ୍କର ଏକ ଐନ୍ଦ୍ରିଜାଲିକ ପାଦୁକାରେ ଚଢ଼ି ମକରକେତୁ ସ୍ୱର୍ଗରେ ପହଞ୍ଚି ସେଠାରେ ତିଳୋତ୍ତମା ସହିତ ପୁନର୍ମିଳନ ହେଲା । ଦିନେ ସ୍ୱର୍ଗରେ ଦେବରାଜ ଇନ୍ଦ୍ରଙ୍କ ସଭାରେ ନୃତ୍ୟୋତ୍ସବ ହେଉଥିଲା । ସେଠାରେ ସ୍ୱର୍ଗର ଦେବତା, କିନ୍ନର, ଗନ୍ଧର୍ବ ଓ ଅପ୍‌ସରାଗଣ ଉପସ୍ଥିତ ଥିଲେ । ଏହି ସମାରୋହରେ 'ତିଳୋତ୍ତମା'ର ଅପୂର୍ବ ନୃତ୍ୟକଳା ଓ ଭଙ୍ଗୀରେ ସମସ୍ତେ ମୁଗ୍ଧ ହୋଇପଡ଼ିଲେ । ଏପରିକି ସେଠାରେ ଉପସ୍ଥିତ ଥିବା ଋଷିବୃନ୍ଦ ସୁଦ୍ଧା କାମ ବିକାରରେ ପୀଡ଼ିତ ହୋଇ ତିଳୋତ୍ତମାର ଅଙ୍ଗଭୋଗ ଲାଗି ବ୍ୟାକୁଳ ହୋଇଉଠିଲେ । ଏହି ଅବସରରେ ଗାନ୍ଧାର ରାଗରେ ମକରକେତୁର ବୀଣାବାଦନ, ଇନ୍ଦ୍ର ଓ ଅନ୍ୟ ଦେବଗଣଙ୍କୁ ବିମୋହିତ କରିଦେଲା । ମକରକେତୁର ବୀଣାବାଦନରେ ତୁଷ୍ଟ ହୋଇ ଇନ୍ଦ୍ର ତାହାକୁ ବରଦେଲେ ଯେ, ସେ ତିଳୋତ୍ତମାକୁ ନିଜର ପତ୍ନୀରୂପେ ଲାଭ କରିବ ଓ ମର୍ତ୍ତ୍ୟରେ ବହୁକାଳ ପରମସୁଖରେ ଅତିବାହିତ କରିବ । ପରେ ଉଭୟେ ପୁଣି ସ୍ୱର୍ଗ ପ୍ରତ୍ୟାବର୍ତ୍ତନ କରିବେ । ଏହାପରେ ମକରକେତୁ ଓ ପରିମଳା(ତିଳୋତ୍ତମା) ସ୍ୱର୍ଗରୁ ମର୍ତ୍ତ୍ୟ ପ୍ରତ୍ୟାବର୍ତ୍ତନ କଲେ । ଦୀର୍ଘକାଳର ବିଚ୍ଛେଦ ପରେ ସେମାନଙ୍କୁ ଲାଭ କରି ଆତ୍ମୀୟସ୍ୱଜନ ବର୍ଗ ପରମ ଆନନ୍ଦିତ ହେଲେ । ମକରକେତୁ ଓ ପରିମଳାଙ୍କ ସିଂହାସନାରୋହଣ ଉତ୍ସବ ଆନନ୍ଦ କୋଳାହଳ ମଧ୍ୟରେ ସମ୍ପନ୍ନ ହେଲା । ମକରକେତୁ ସପ୍ତଦ୍ୱୀପ ସମେତ ବହିଃରାଜ୍ୟର ଅଧୀଶ୍ୱର ହୋଇ ପରମ ସମ୍ଭୋଗ ମଧ୍ୟରେ କାଳାତିପାତ କଲା ।

ସାରଳା ଓ ବଳରାମ ପ୍ରମୁଖଙ୍କ କୃତି ଓଡ଼ିଆ ଭାଷା ସାହିତ୍ୟିକ ପୁରାଣ ମାଧ୍ୟମରେ ଏକ ଆତ୍ମ ପ୍ରତିଷ୍ଠା ପ୍ରଦାନ କରିଥିଲେହେଁ ବିଦଗ୍ଧ କାବ୍ୟ ରଚନାର ରୀତି ଓ ସମାଜରେ ଓଡ଼ିଆ ଭାଷାରେ କାବ୍ୟ ରଚନାର ରୀତି ଓ ପରମ୍ପରା ତଥାପି ସେ ପର୍ଯ୍ୟନ୍ତ ସ୍ୱୀକୃତି ଲାଭ କରିନଥିଲା । ଭାଷା ସାହିତ୍ୟରେ ପୁରାଣ ରଚନା ସମ୍ଭବ ହେଲେହେଁ ରସୋତ୍ତୀର୍ଣ୍ଣ କାବ୍ୟ ସୃଷ୍ଟି ଏଥିରେ ସମ୍ଭବ ନୁହେଁ ବୋଲି ପଣ୍ଡିତ ଓ ବିଦଗ୍ଧ ସମାଜରେ ଓଡ଼ିଆ କାବ୍ୟ ପ୍ରତି ତଥାପି ତୁଚ୍ଛତା ପ୍ରଦର୍ଶିତ ହେଉଥିଲା । ନରସିଂହ ଶେଣଙ୍କ 'ପରିମଳା' ଏହି ପରିସ୍ଥିତିରେ ରଚିତ ହୋଇଥିଲା । ପରିମଳା କାବ୍ୟରେ ଏହାର ସ୍ପଷ୍ଟ ସୂଚନା ରହିଛି ''ଦେଶ ଭାଷାରେ ମୁଁ ଗୀତ ରଞ୍ଚିଲଇଁ

ସବୁଙ୍କର ବୁଝିବା ପାଇଁ / ଯେଥିକୁ ମନ୍ଦ ବୋଲି କେହି ନ ବୋଲିବ ଦୋଷ ମୋର କିଛି ନାହିଁ ।। ୪୫ ।। / ଯେଥି ଭାବ ରସ ସୁଜନେ ଶୁଣିମୀ ଭାଷାରେ କାର୍ଯ୍ୟ କିସ / ପଣସ ଉପର କଣ୍ଟକ / ଭିତର ପୂରିତ ଅମୃତରସ ।। ୪୬ ।।''[୨୬] ଓଡ଼ିଆଭାଷାରେ ଏହି କାବ୍ୟଟି ରଚିତ ହୋଇଥିଲେହେଁ ଏହାକୁ ସମ୍ଭବତଃ ଏକ ପାରମ୍ପରିକ ମାନ୍ୟତା ଦେବାପାଇଁ ପ୍ରାକୃତ ସଂସ୍କୃତ କାବ୍ୟର ଲକ୍ଷଣ ଓ ପ୍ରକୃତି ଦ୍ୱାରା ଏହାକୁ ପୁଷ୍ଟ କରାଯାଇଥିଲା । ପୂର୍ବବର୍ତ୍ତୀ କାବ୍ୟମାନଙ୍କରେ ନାୟିକାର ନବଯୌବନ ଲାଭ ବର୍ଣ୍ଣନା ପ୍ରସଙ୍ଗରେ ଆଦିରସର ଅବତାରଣା ବିଧି ଯେ ନଥିଲା ତା'ନୁହେଁ ମାତ୍ର ତାହା ଥିଲା ସଂକ୍ଷିପ୍ତ ଓ ସୂଚନାତ୍ମକ । ପୁଣି ଏକ ସଂଯତ ପରିସର ମଧ୍ୟରେ ତାହା ଆବଦ୍ଧ ଥିଲା । ଅର୍ଜୁନ ଦାସଙ୍କ 'କଳ୍ପଲତା' କାବ୍ୟର ତୃତୀୟ ଛାନ୍ଦରେ ନାୟିକାର ଯୌବନ ବର୍ଣ୍ଣନା ମାତ୍ର ସାତଗୋଟି ପଦରେ ସମାପ୍ତ ହୋଇଛି । ଆଦିରସର ଆଙ୍ଗିକରେ ଏହା ପରିବେଷିତ ହୋଇଥିଲେହେଁ ଏଥିରେ ଆଦିରସର ଉତ୍କଟତା ଅପେକ୍ଷା ଏକ ସୁକୁମାର କାବ୍ୟ ସୁଷମା ଅଧିକ ପରିଲକ୍ଷିତ ହୋଇଥାଏ । ବନମାଳୀ ଦାସଙ୍କ 'ଚାଟଇଚ୍ଛାବତୀ' କାବ୍ୟରେ ଇଚ୍ଛାବତୀର ଯୌବନ ବର୍ଣ୍ଣନା ନାହିଁ; କିନ୍ତୁ ସଂସ୍କୃତ ଓ ପ୍ରାକୃତ କାବ୍ୟରୀତିର ପ୍ରଭାବରେ 'ପରିମଳା' କାବ୍ୟର ତୃତୀୟ ଛାନ୍ଦରେ ନାୟିକା ପରିମଳାର ନବ ଯୌବନ ଲାଭ ବର୍ଣ୍ଣନା ଆଦିରସର ଉତ୍କଟତାରେ ସମସ୍ତ ସମ୍ଭ୍ରମବୋଧ ଓ ସଂଯତ ସୀମା ଲଙ୍ଘନ କରିଛି । ସଂସ୍କୃତ କାବ୍ୟ ରୀତିର ପ୍ରଭାବ ଓ ଗୌଡ଼ୀୟ ବୈଷ୍ଣବ ରସତତ୍ତ୍ୱର ଏକ ସ୍ପଷ୍ଟ ପରିଣତି ରୂପେ ଏହାକୁ ଗ୍ରହଣ କରାଯାଇପାରେ । ସବୁ ସୌନ୍ଦର୍ଯ୍ୟ ସର୍ବକାଳରେ ଏକ ମୁକ୍ତ, ସ୍ୱଚ୍ଛ, ସ୍ୱତଃସ୍ଫୂର୍ତ୍ତ ସୁଷମାରେ ଉଦ୍‌ଭାସିତ ହୁଏ । ତାହା ପ୍ରାକୃତିକ ସୌନ୍ଦର୍ଯ୍ୟ ହେଉକି କାବ୍ୟ ହେଉ ସବୁଥିରେ ସେହି ସତ୍ୟ, ଶିବ, ସୁନ୍ଦରର ମହନୀୟତା ପ୍ରକଟିତ ହୁଏ । ଯେଉଁ ସ୍ୱାଭାବିକ ସ୍ନିଗ୍ଧତା ପୂର୍ବାଲୋଚିତ କବି ଅର୍ଜୁନ ଦାସ, ବନମାଳୀ ଦାସ ପ୍ରମୁଖଙ୍କ କାବ୍ୟମାନଙ୍କରେ ପ୍ରକାଶିତ ହୋଇଛି, ତାହାର ଏକ ଅସାଧାରଣ ବ୍ୟତିକ୍ରମ 'ପରିମଳା' କାବ୍ୟରେ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ: ପରିମଳା ପୁଷ୍ପବତୀ ହେବା ପରେ -''ବେଢ଼ିଲେ ମଧୁକର ଯହୁଁ / ବାସ ଫେଡ଼ିଣ ଦେଖିଲେ ତହୁଁ / ଭୃଙ୍ଗ ଭୟରେ ଫେଡ଼ିଲା ବାସ / ମରହୋଇ କେତକୀ ଉଲ୍ଲାସ ।''[୨୭] ପରିମଳାର କେବଳ 'ବାସ ଫେଡ଼ିବାରେ' କବି ତୁଷ୍ଟ ନହୋଇ ରଜୋବତୀ ପରିମଳାର ବସନରେ 'ରକ୍ତବୋଳା' ସୁଦ୍ଧା ବର୍ଣ୍ଣନା କରାଯାଇଛି । ''ସର୍ବସଖୀଯେକ ହୋଇ / ବେଢ଼ିଲେ କନ୍ୟାକୁ ଯାଇଁ / ତାହା ଶୁଣି ବୋଲେ ବାଳୀ / କିମ୍ପା ତୁମ୍ଭେ ଭିଆଅ ମେଳି / ମିଛରେ ନକର ଗୋଳ / ଲାଗି ଅଛି ତାମ୍ବୋଳ ବୋଳ ।'' [୨୮] ସେହିପରି ନାୟକ ଓ ନାୟିକାଙ୍କ ମଧ୍ୟରେ ଶୃଙ୍ଗାର ବାହୁଲ୍ୟ ସଂସ୍କୃତ ଓ ପ୍ରାକୃତ କାବ୍ୟରୀତି ଅନୁସରଣରେ 'ପରିମଳା' କାବ୍ୟରେ ପରିଦୃଷ୍ଟ ହୁଏ । ଏହାର ଶାରୀରିକ ବର୍ଣ୍ଣନା କିନ୍ତୁ ଅନେକ ସ୍ଥାନରେ ଆଦିରସ ପରିବର୍ତ୍ତେ ବିଭତ୍ସ ରସର ଅବତାରଣା କରିଛି । ''ବହନ ଲଭିଲା ସେହୁ ନାଭି ସର ତୀରେ / ନିତମ୍ବ ଚକ୍ର ଅଛଇ ତାହାର କଟିରେ ।। ୭୯ ।। ........ ଜଘନ ବେଦିରେ ତଳେ ସଙ୍କୁଳୀ ସାରି / ଥୋଇ ଅଛି ହେମ ପାତ୍ର ଊର୍ଦ୍ଧ୍ୱମୁଖ କରି ।'' ।। ୮୦ ।। [୨୯]

ପ୍ରତ୍ୟେକ ସାହିତ୍ୟିକ ଅଭିବ୍ୟକ୍ତିରେ ଏକ ନିଛକ ସ୍ନିଗ୍ଧ ନିରୀହ ଭାବ ପ୍ରକାଶର ମୂର୍ତ୍ତ ରୂପ ପ୍ରକାଶିତ ହେବା ଉଚିତ । ପୁରୁଷ ସ୍ତ୍ରୀ ମଧ୍ୟରେ ଥିବା ସ୍ୱାଭାବିକ କାମ ଆକର୍ଷଣକୁ ଏକ ସଂଯତ ସୀମାରେଖା ମାଧ୍ୟମରେ ପ୍ରକାଶ କଲେ, ତାହାର ମାଧୁର୍ଯ୍ୟ ସାର୍ବଜନୀନ ହୁଏ । କିନ୍ତୁ ତା' ବୋଲି ଉତ୍କଟ ନଗ୍ନ ଶୃଙ୍ଗାରର ଆଦିମ ବର୍ଣ୍ଣନାରେ ଯେଉଁ ଅଶ୍ଳୀଳତା ଫୁଟିଉଠେ ତାହାକୁ ତ ପ୍ରେମ ବୋଲି ଅନ୍ତତଃ କୁହାଯାଇ ପାରିବ ନାହିଁ । କେବଳ ମାତ୍ର ଶରୀରର ଆକର୍ଷଣରେ ଉଭୟ ପୁରୁଷ ସ୍ତ୍ରୀ ନଗ୍ନ କାମ କ୍ରୀଡ଼ାରେ ମଜ୍ଜିଯିବା ତ ସୁସ୍ଥ ସାମାଜିକ ପାରିବାରିକ ଜୀବନର ଲକ୍ଷଣ ଇ ନୁହେଁ । ସେଥିପାଇଁ ଆଦିରସ ଓ କାମ ବିକୃତି ମଧ୍ୟରେ ଏକ ସୁନିର୍ଦ୍ଦିଷ୍ଟ ସୀମାରେଖା ରହିବା ଆବଶ୍ୟକ । ଅଥଚ ସଂସ୍କୃତ କାବ୍ୟରେ ଦଶମ ଏକାଦଶ ଶତାବ୍ଦୀ ବେଳକୁ ଏହି ସୀମାରେଖା ସମ୍ପୂର୍ଣ୍ଣ ବର୍ଜିତ ହୋଇପଡ଼ିଥିଲା । ଆଦିରସର ଉତ୍କଟ ଶୃଙ୍ଗାର ଚିତ୍ରରେ ସଂସ୍କୃତ କାବ୍ୟ ନିପୀଡ଼ିତ ହୋଇପଡ଼ିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । 'ପରିମଳା' କାବ୍ୟରେ ସେହି ପରମ୍ପରାର ପ୍ରଭାବ ସୁସ୍ପଷ୍ଟ । ଏହି ଦୃଷ୍ଟିରୁ ଓଡ଼ିଆ କାବ୍ୟର ବିକାଶ ଓ ଅଭିବ୍ୟକ୍ତିରେ 'ପରିମଳା' କାବ୍ୟର ଏକ ଐତିହାସିକ ସ୍ଥାନ ରହିଛି ।

'କଳ୍ପଲତା' କିମ୍ବା 'ଚ଼ାଟ ଇଚ୍ଛାବତୀ' କାବ୍ୟରେ ନାୟକ ଓ ନାୟିକାଙ୍କ ମଧ୍ୟରେ ରତି ରହସ୍ୟର ବର୍ଣ୍ଣନା ପରିଲକ୍ଷିତ ହୁଏ ନାହିଁ । କିନ୍ତୁ 'ପରିମଳା' କାବ୍ୟ ଏହାର ବିଶଦ ବର୍ଣ୍ଣନାରେ ପୂର୍ଣ୍ଣ । ଏତଦ୍ ବ୍ୟତୀତ ସଂସ୍କୃତ କାବ୍ୟ ରୀତି ଓ ରୁଚି ପ୍ରଭାବରେ ପ୍ରକୃତିର ଚିତ୍ରଣ ଓ ଋତୁ ବର୍ଣ୍ଣନା ଓଡ଼ିଆ କାବ୍ୟଧାରାରେ କ୍ରମଶଃ ପରିବର୍ତ୍ତିତ ହୋଇଥିଲା । 'ପରିମଳା' କାବ୍ୟ ଏହାର ଆଦି ଉଦ୍ୟମ । ପୂର୍ବରୁ ଯଦିଓ ଅର୍ଜ୍ଜୁନଙ୍କ 'କଳ୍ପଲତା', 'ରାମବିଭା' ଓ ବନମାଳୀ ଦାସଙ୍କ 'ଚ଼ାଟ ଇଚ୍ଛାବତୀ'ରେ ପ୍ରକୃତିର ଚିତ୍ରଣ ପାଇଁ ପ୍ରୟାସ ହୋଇଥିଲେ ଯେଉଁ ଅନନ୍ୟ ସ୍ନିଗ୍ଧ ସୁଷମା ଫୁଟିବା କଥା ତାହା ନଥିଲା ବରଂ ସେହି ଅଭାବ 'ପରିମଳା' କାବ୍ୟରେ ପୂରଣ ହୋଇଛି । 'ପରିମଳା' କାବ୍ୟରେ ନରସିଂହ ଶେଣଙ୍କ କବିତ୍ୱ ଓ ପ୍ରତିଭା ଯଥାର୍ଥରେ ଏହିପରି ବର୍ଣ୍ଣନା ଅବକାଶରେ ପରିସ୍ଫୁଟ ହୋଇଛି । ଶୃଙ୍ଗାର ରସର ତଥାକଥିତ ମାଧୁର୍ଯ୍ୟ ଅପେକ୍ଷା ଶାନ୍ତ ରସର ଐଶ୍ୱର୍ଯ୍ୟ 'ପରିମଳା' କାବ୍ୟକୁ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରିଛି । ତଥା ପ୍ରକୃତିଚିତ୍ରଣର ଶାନ୍ତରସ, ଶୃଙ୍ଗାରରସ ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଛି । କିନ୍ତୁ ଶୃଙ୍ଗାର ରସ ଏଠାରେ ଯଥାର୍ଥରେ ମାଧୁର୍ଯ୍ୟମୟ ଓ କବିତ୍ୱ ସମ୍ପନ୍ନ । ତାହାର କେତୋଟି ଉତ୍କୃଷ୍ଟ ଉଦାହରଣ ପ୍ରଦାନ କରୁଛି :

**କ. ଗ୍ରୀଷ୍ମ :** ''ଯେଥୁ ଦିନ ଅବଶେଷ / ଗ୍ରୀଷ୍ମଋତୁ ପରବେଶ ଧୂସର ଦିଶିଲା ଦିଶ ମହୀ ଆକାଶ ଯେ ॥ ୧୬ ॥ ଶିରିଷ କୁସୁମ ଫୁଟେ ବାସ ପବନ ପ୍ରକଟେ ପାଟଳ ସଙ୍ଗତେ ମିଳି ଧୂପକେଳି ॥୧୭ ॥ ଶୃଖଳା ସରିତ ସର ପ୍ରଚଣ୍ଡ ଚଣ୍ଡ ସମୀର / ଝିଙ୍କାରୀ ଝଙ୍କାର ଧ୍ୱନି ପୁରେ ମେଦିନୀ ଯେ ॥ ୧୮ ॥ ବିରହିଣୀ ଜନ ବଧ କାରଣ ମେଦିନୀ କ୍ରୋଧ / ହୋଇଣ କଲା ତା ଜାତ ମଣି ସାକ୍ଷାତ ଯେ ॥୧୯ ॥'' (୩୦)

**ଖ. ବର୍ଷା :** ''ଦିଶେ ଦିଶେ କେତକୀ ବିକାଶିଲେ / ଗିରି ଶ୍ୟାମୀ ନାମ ଦେଇ ହସିଲେ ॥୧୦ ॥

ଫୁଟି ଲୋଟେ କୁଟଜ ଶାଖୀଶାଖ / ଫିଟିଗଲେ ମାଲତୀ କଢ଼ି ମୁଖ ॥ ୧୧ ॥ ରଙ୍ଗ କଞ୍ଜଳୀ ରଙ୍ଗ ଯେ ଦିଶିଲା / କାଶ କୁସୁମ ଶୁକଳେ ହସିଲା ॥ ୧୨ ॥ ହଂସ ଛାଡ଼ିଣ ଅବନୀମଣ୍ଡଳ / ମାନସରକୁ କଲେ ଅନୁକୂଳ ॥ ୧୩ ॥'' (୩୧)

ଗ. ଶରତ: ''ନଦୀ ତୀରେ ସୁକୋମଳ ପୁଳିନ ଦିଶିଲେ / ଘନଜଘନୀ ଜଘନ କାନ୍ତିରେ ବସିଲେ ॥ ୧୩ ॥ କେତକୀମାନ ଫୁଟିଲେ ହୋଇଣ ପାଣ୍ଡୁର / ବିରହୀ ସୁମୁଖୀ ତନୁ ବର୍ଣ୍ଣ ଆକାର ॥ ୧୪ ॥ ଫୁଟିବାକୁ ମନକଲେ ବନ୍ଧୁଲୀ ମୁକୁଳ / ବାରନାରୀ ନୀବୀ ପ୍ରାୟେ ହୋଇଲେ କୋମଳ ॥ ୧୫ ॥ ନିର୍ମଳ ଆକାଶେ ମୋହେ ତାରକା ଗହଣ / କୁଳବଧୂ ନୀବୀ ପ୍ରାୟେ ଅବନୀ ମଣ୍ଡଳ ॥ ୧୬ ॥ ବରଷାରେ ଧୋଇ ହୋଇ ସୁନ୍ଦର କୁଧର / ନବଯଉବନୀ ସ୍ତନ ମଣ୍ଡଳ ଆକାର ॥ ୧୭ ॥ ବହଳ ଚନ୍ଦ୍ର କିରଣ ଉଜ୍ଜ୍ୱଳ ଯାମେନୀ / ନାୟକ ରସରେ ଯେସନ କାମେନୀ ।'' ॥୧୮ ॥ (୩୨)

ପରବର୍ତ୍ତୀ କାଳରେ ଧନଞ୍ଜୟ ଭଞ୍ଜଙ୍କ 'ଅନଙ୍ଗରେଖା' ନରସିଂହ ସେଣଙ୍କ 'ପରିମଳା' ଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲା । 'ପରିମଳା'ରେ ଗନ୍ଧର୍ବ ଚିତ୍ରରଥ ଓ ମର୍ତ୍ତ୍ୟ ମାନବୀ ପରିମଳା ମଧ୍ୟରେ ପ୍ରଣୟକୁ କେନ୍ଦ୍ରକରି ଯେପରି ରାଜପୁତ୍ର କୁସୁମକେତୁ ପ୍ରେମର ଦ୍ୱନ୍ଦମୂଳକ ତ୍ରିଭୁଜ ସୃଷ୍ଟି କରିଥିବାପରି 'ଅନଙ୍ଗରେଖା'ରେ ଗନ୍ଧର୍ବ ପୁଷ୍ପଦନ୍ତ ଅନଙ୍ଗରେଖାର ପ୍ରଣୟାକାଂକ୍ଷୀ ହୋଇ ରାଜପୁତ୍ର କୁସୁମକେତୁର ପ୍ରତିଦ୍ୱନ୍ଦୀ ହୋଇଥିଲା । ସେହି ଦ୍ୱନ୍ଦ ମଧ୍ୟରେ 'ଅନଙ୍ଗରେଖା' କାବ୍ୟର ବିକାଶ ଓ ପରିସମାପ୍ତି ଘଟିଛି । ଗନ୍ଧର୍ବ ଓ ମାନବୀ ମଧ୍ୟରେ ପ୍ରେମର ଆଙ୍ଗିକରେ ମଧ୍ୟ କୁଞ୍ଜବିହାରୀ ଭ୍ରମରବର ରାୟଙ୍କ 'ପ୍ରେମଶିଳା' କାବ୍ୟ ପରିକଳ୍ପିତ ହୋଇଥିଲା । 'ଅନଙ୍ଗରେଖା'ରେ ନାରଦ ଯେପରି ଦୈବୀଶକ୍ତିର ପ୍ରତୀକ ରୂପେ ଅନଙ୍ଗରେଖା ଓ କୁସୁମକେତୁର ମିଳନରେ ସହାୟକ ହୋଇଛନ୍ତି, 'ପ୍ରେମଶୀଳା'ରେ ସେହିପରି ନାରଦଙ୍କ କରୁଣା ଓ ସହାନୁଭୂତି ଲାଭକରି ନାୟକ ପ୍ରଣୟ ସାଗର ପ୍ରେମଶୀଳାକୁ ଲାଭ କରି ପାରିଛନ୍ତି । ଉପେନ୍ଦ୍ରଭଞ୍ଜଙ୍କ ପର୍ଯ୍ୟନ୍ତ ଏହି କାବ୍ୟଧାରା ଅନାହତ ଭାବରେ ବୋହି ଆସିଥିଲା । ଆଲୋଚିତ ଆଖ୍ୟାୟିକା କାବ୍ୟମାନଙ୍କରେ ନାୟକ ଓ ନାୟିକାମାନେ ଅଭିଶପ୍ତ ଗନ୍ଧର୍ବ ଓ କିନ୍ନରୀ ରୂପେ ସ୍ୱର୍ଗରୁ ନିର୍ବାସିତ ହୋଇ ମର୍ତ୍ତ୍ୟରେ ପୁଣି ମିଳିତ ହେବାର ବିଧିନିର୍ଦ୍ଦେଶ ନେଇ ଜନ୍ମଲାଭ କରିଛନ୍ତି । ବିଷ୍ଣୁ ଦାସଙ୍କ 'ପ୍ରେମଲୋଚନା'ର ଗଳ୍ପାଂଶରେ 'ପରିମଳା'ର ସେହି ଦ୍ୱନ୍ଦ ଓ ବିରୋଧ ପରିଲକ୍ଷିତ ହୁଏ । 'ପରିମଳା'ରେ ଯେପରି ଗନ୍ଧର୍ବ ଚିତ୍ରରଥ ନାୟକ ମକରକେତୁକୁ ଅତଳ ସମୁଦ୍ର ମଧ୍ୟରେ ନିକ୍ଷିପ୍ତ କରି ମକରକେତୁ ତିଳୋତ୍ତମା ମଧ୍ୟରେ ବିଚ୍ଛେଦ ଘଟାଇଥିଲା, ସେହିପରି ଏକ ଗନ୍ଧର୍ବର ଷଡ଼ଯନ୍ତ୍ର ଓ ଇନ୍ଦ୍ରଙ୍କ ଅଭିଶାପରେ ସୁଧାକର ଓ ପ୍ରେମଲୋଚନା ମଧ୍ୟରେ ଚତୁର୍ଦ୍ଦଶ ମାସ ପର୍ଯ୍ୟନ୍ତ ବିଚ୍ଛେଦ ଘଟିଥିଲା ।

'ପରିମଳା'ରେ ଯେପରି ଚିତ୍ରରଥ ସିଂହଳ ଦ୍ୱୀପରେ ପରିତ୍ୟକ୍ତ ହୋଇଥିଲା, ଠିକ୍ ସେହିପରି 'ପ୍ରେମଲୋଚନା'ରେ ସୁଧାକର ମଧ୍ୟ ସିଂହଳ ଦ୍ୱୀପକୁ ନିର୍ବାସିତ ହୋଇଥିଲା ।

'ପରିମଳା'ରେ ମକରକେତୁ ଗୋପାଳ ମନ୍ତ୍ରରେ ସିଦ୍ଧିଲାଭ କରି ତିଳୋତ୍ତମା ସହିତ ପୁନର୍ମିଳିତ ହୋଇପାରିଥିଲା । 'ପ୍ରେମଲୋଚ଼ନା'ରେ ସୁଧାକର ମଧ୍ୟ ଶ୍ରୀରାମଙ୍କ ଠାରୁ ବର ଲାଭ କରି ପ୍ରେମଲୋଚ଼ନା ସହିତ ମିଳିତ ହୋଇପାରିଥିଲା । କଥାବସ୍ତୁ ଦୃଷ୍ଟିରୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସବୁ ଯେପରି ବୈଚ଼ିତ୍ର୍ୟହୀନ ଥିଲା ଏହା ତାହାର ଅନ୍ୟ ଏକ ନିଦର୍ଶନ ମାତ୍ର । କିନ୍ତୁ ବର୍ଣ୍ଣନାଶୈଳୀ ଆଙ୍ଗିକ ନିର୍ଯ୍ୟାସରେ ଶୁଦ୍ଧ କବିତ୍ୱ 'ପ୍ରେମଲୋଚ଼ନା'କୁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରେ । ଏହି ଆଖ୍ୟାୟିକା କାବ୍ୟଗୁଡ଼ିକର ଗଳ୍ପାଂଶ ଏକ ତ୍ରିଭୁଜ ମଧ୍ୟରେ ସଂଯୋଜିତ ହୋଇଛି । ଷୋଡ଼ଶ ଶତାବ୍ଦୀର କାଳ୍ପନିକ ଆଖ୍ୟାୟିକା କାବ୍ୟମାନଙ୍କରେ ଏହା ମଧ୍ୟ ଏକ ନିର୍ଦ୍ଦିଷ୍ଟ ଆଙ୍ଗିକ ରୂପେ ପ୍ରଯୋଜିତ ହୋଇଥିଲା । 'କଳ୍ପଲତା'ରେ କଳ୍ପଲତାକୁ କେନ୍ଦ୍ରକରି ଅମରଶିଖର ଓ ଅବନୀତିଳକ, 'ପରିମଳା'ରେ ପରିମଳାର ପ୍ରଣୟପ୍ରାର୍ଥୀ ମକରକେତୁ ଓ ଚ଼ିତ୍ରରଥ, ପୁଣି 'ପ୍ରେମଲୋଚ଼ନା'ରେ ସୁଧାକରର ପ୍ରତିଦ୍ୱନ୍ଦ୍ୱୀ ରୂପେ ଗନ୍ଧର୍ବର ପ୍ରତିଯୋଗିତା ମଧ୍ୟରେ ଉପରୋକ୍ତ କାବ୍ୟଗୁଡ଼ିକର ଗଳ୍ପାଂଶ ଗଠିତ ହୋଇଥିଲା । 'ଅନଙ୍ଗରେଖା' ଓ 'ପ୍ରେମଶୀଳା' ପ୍ରଭୃତି କାବ୍ୟର ଗଳ୍ପାଂଶ ମଧ୍ୟ ସେହିପରି କୁସୁମକେତୁ ଓ ପୁଷ୍ପଦନ୍ତ ପୁଣି ପ୍ରଣୟସାଗର ଓ ଚ଼ିତ୍ରରଥ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିସ୍ତୃତ ହୋଇଥିଲା । କେବଳ ଇଚ୍ଛାବତୀ କାବ୍ୟଗୁଡ଼ିକ ଏହି ପରମ୍ପରାରୁ ମୁକ୍ତ ଓ ସ୍ୱତନ୍ତ୍ର ହେଲେହେଁ ଇଚ୍ଛାବତୀ ଆଖ୍ୟାୟିକା ମଧ୍ୟ ଏକ ନିର୍ଦ୍ଦିଷ୍ଟ ରୀତି ଓ ପରମ୍ପରା ଆହରଣ କରିଥିଲା ।

'ଇଚ୍ଛାବତୀ' ରଚ଼ନାର ପରବର୍ତ୍ତୀ କବିମାନେ ଏହାର ପ୍ରଭାବ ପାଠକମାନଙ୍କ ଠାରୁ ଅନାଲୋଚ଼ିତ କରି ରଖିନାହାନ୍ତି । ପ୍ରତାପ ରାୟଙ୍କ 'ଶଶିସେଣା'ରେ 'ଚ଼ାଟଇଚ୍ଛାବତୀ' ଇଚ୍ଛାବତୀ ଓ ଚ଼ାରୁବ୍ରହ୍ମ ଚ଼ରିତ୍ର ମଧ୍ୟ ପ୍ରସଙ୍ଗକ୍ରମେ ସୂଚ଼ିତ ହୋଇଛି -''ଇଚ୍ଛାବତୀ ଅତି ତୋଷେ / ପୁଚ୍ଛେ ଚ଼ାରୁବ୍ରହ୍ମ ପାଶେ / ଏଥୁ ଅନନ୍ତରେ କିସ କଲେ ସେ ବେନି / ଗଲେ ସେ କେବଣ ଦେଶ / କାହିଁ ଯାଇଁ କଲେ କିସ / ଏହା ମୋତେ ଆଜ୍ଞାହେଉ ବିନୟ ଘେନି / ଶୁଣିତୋଷେ କ୍ରମରଭାଷି / ଭାବିନୀ ଭାବରେ କଥା କହଇ ହସି ।'' ୧୦ / [୪୩] ଗଳ୍ପାଂଶ ଓ ଚ଼ରିତ୍ର ଦୃଷ୍ଟିରୁ କେବଳ ନୁହେଁ ପରିବେଷଣ ଶୈଳୀ ଦୃଷ୍ଟିରୁ ମଧ୍ୟ ଆଲୋଚ଼ିତ କାବ୍ୟଗୁଡ଼ିକରେ ଏକ ବୈଚ଼ିତ୍ର୍ୟହୀନ ସାଦୃଶ୍ୟ ପରିଲକ୍ଷିତ ହୋଇଥାଏ । ଆଦ୍ୟରେ ଜଗନ୍ନାଥଙ୍କ ବନ୍ଦନା, ନାୟିକାର ପୌଗଣ୍ଡ, ଯୌବନ ବର୍ଣ୍ଣନା, ହଂସ, ଚ଼ିତ୍ରପଟ ଅଥବା ଦୂତୀ ମାଧ୍ୟମରେ ଅନୁରାଗର ସଞ୍ଚାର, ପ୍ରଣୟ, ସେଥିରେ ସାମୟିକ ସଙ୍କଟ ପୁଣି ବିଚ୍ଛେଦ ଓ ଅବଶେଷରେ ମିଳନ ପୁଣି ବିଚ୍ଛେଦର ପୃଷ୍ଠଭୂମି ରୂପେ ବିଭିନ୍ନ ଋତୁ ଓ ମିଳନ ଅଥବା କେଳିର ପଟ୍ଟଭୂମି ରୂପେ ଉଦ୍ୟାନର ବର୍ଣ୍ଣନା, ସବୁକାବ୍ୟରେ ପ୍ରାୟ ସମାନ ରୀତିରେ ପରିଲକ୍ଷିତ ହୋଇଥାଏ । ବସ୍ତୁତଃ ଏକ ଗାଣିତିକ ସୂତ୍ରରେ ପଡ଼ିବା ପରି ମଧ୍ୟଯୁଗୀୟ କାବ୍ୟମାନ ଏକ ନିର୍ଦ୍ଦିଷ୍ଟ ଆଙ୍ଗିକରେ ଗଠିତ ହୋଇଥିଲା । କିନ୍ତୁ ଏହି ଆପାତତଃ ବୈଚ଼ିତ୍ର୍ୟହୀନ ସାଦୃଶ୍ୟ ମଧ୍ୟରେ ମଧ୍ୟଯୁଗୀୟ କାଳ୍ପନିକ କାବ୍ୟମାନଙ୍କରେ କବିତ୍ୱର ଯଥାର୍ଥ ପରିଚ଼ୟ ନାହିଁ । ଗଳ୍ପାଂଶ ଓ ପରିବେଷଣ ରୀତି ଏହି କାବ୍ୟଗୁଡ଼ିକର ଲକ୍ଷ୍ୟ ନହୋଇ କେବଳ ପନ୍ଥାରୂପେ ବିବେଚ଼ିତ ହୋଇଛି । ଏହି କାଳ୍ପନିକ କାବ୍ୟଗୁଡ଼ିକୁ ଓଡ଼ିଶାର ମନ୍ଦିରମାନଙ୍କର ଗଠନ ରୀତି ସହିତ ତୁଳନା କରାଯାଇପାରେ । ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର

ରୀତି ପୁଣି ଶୈଳୀ ଦୃଷ୍ଟିରୁ ସବୁ ମନ୍ଦିର ପ୍ରାୟ ସମାନ ହୋଇଥିଲେ ହେଁ ସେଥିରେ କଳାନୈପୁଣ୍ୟର ପ୍ରତିଭା ବିଭିନ୍ନ ମନ୍ଦିରକୁ ସ୍ୱକୀୟତା ପ୍ରଦାନ କରିଥାଏ । ଶାଳଭଞ୍ଜିକା, ନୃତ୍ୟ ପରା ଯକ୍ଷିଣୀ ଓ ଅନ୍ୟ ମୂର୍ତ୍ତିମାନ ସବୁ ମନ୍ଦିରରେ ସମାନ ଭାବରେ ପରିଦୃଷ୍ଟ ହେଲେ ହେଁ ମୂର୍ତ୍ତି ଗଠନ ବା ଭାସ୍କର୍ଯ୍ୟରେ କଳାନୈପୁଣ୍ୟ ସବୁ ମନ୍ଦିରରେ କିନ୍ତୁ ସମାନ ନୁହେଁ ।

ସେହିପରି ମଧ୍ୟଯୁଗୀୟ ବିଭିନ୍ନ କାଞ୍ଚନିକ କାବ୍ୟରେ ପରିବେଷଣ ରୀତି ଓ ଗଠନଶୈଳୀ ପୁଣି ଗଳ୍ପାଂଶ ସମାନ ଭାବରେ ଅନୁସୃତ ହୋଇଥିଲେ ହେଁ ବହିରଙ୍ଗରେ ସେହି ସୁନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ କାବ୍ୟ ପ୍ରତିଭାରେ ପ୍ରଭେଦ ଏହି ମଧ୍ୟଯୁଗୀୟ କାବ୍ୟଗୁଡ଼ିକର ଏକମାତ୍ର ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ତେଣୁ ବହିରଙ୍ଗ ଅପେକ୍ଷା ଅନ୍ତରଙ୍ଗ ପ୍ରକୃତି ମଧ୍ୟରେ ମଧ୍ୟଯୁଗୀୟ କାବ୍ୟମାନଙ୍କର ଯଥାର୍ଥ ମୂଲ୍ୟାୟନ ସମ୍ଭବ ହୋଇଥାଏ । ଭାଷା, ରୀତି ଓ ଶୈଳୀ ଦୃଷ୍ଟିରୁ ଓଡ଼ିଆ କାବ୍ୟର ଅଭିବ୍ୟକ୍ତି ଇତିହାସରେ ଷୋଡ଼ଶ-ସପ୍ତଦଶ ଶତାବ୍ଦୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାରଳା କାଳୀନ ପ୍ରାକୃତ ଓଡ଼ିଆ ଶବ୍ଦନିଚୟ ସପ୍ତଦଶ ଶତାବ୍ଦୀର କାବ୍ୟମାନଙ୍କରେ ବହୁଳାଂଶରେ ପରିଲକ୍ଷିତ ହେଲେହେଁ ଓଡ଼ିଆ ଶବ୍ଦମାନ ଧୀରେ ଧୀରେ ସଂସ୍କୃତାନୁରାଗ ହେବା ପାଇଁ ଆରମ୍ଭ କରିଥିଲା । ପ୍ରତାପ ରାୟଙ୍କ 'ଶଶିସେଣା'ରେ ନିରୋଳ ପ୍ରାକୃତ ଓଡ଼ିଆ ଶବ୍ଦ ସଂସ୍କୃତ ଶବ୍ଦ ବୈଭବ ସହିତ ସମନ୍ୱିତ ହୋଇ ଓଡ଼ିଆ କାବ୍ୟକୁ ଏକ ସୁଷମାମୟୀ ସୌନ୍ଦର୍ଯ୍ୟ ପ୍ରଦାନ କରିଥିଲା । 'ସ୍ୱର୍ଣ୍ଣ' ପରିବର୍ତ୍ତେ 'ଶୋଣ', 'ସ୍ଥଳ' ପରିବର୍ତ୍ତେ 'ଥଳ' ପ୍ରଭୃତି ପ୍ରାକୃତ ଓଡ଼ିଆ ଶବ୍ଦ ପ୍ରତାପ ରାୟଙ୍କ କବିତ୍ୱର ଇନ୍ଦ୍ରଜାଲରେ ସଂସ୍କୃତଠାରୁ ମଧ୍ୟ ଆହୁରି କବିତ୍ୱମୟ ମନେ ହୋଇଥିଲା । ରୀତି ବିନ୍ୟାସ ହେତୁ ଦୀନକୃଷ୍ଣଙ୍କ ଭାଷାରେ ସଂସ୍କୃତାନୁରାଗ ପରିଲକ୍ଷିତ ହେଲେହେଁ ଲୋକକଥିତ ଓଡ଼ିଆ ଶବ୍ଦମାନଙ୍କୁ ସେ ମଧ୍ୟ ଯେପରି କାବ୍ୟ ସୁଷମାର ଆଧାରରେ ପରିଣତ କରିଥିଲେ, ତାହାର ପଟାନ୍ତର ନାହିଁ । ବସ୍ତୁତଃ ସାରଳାଙ୍କ ମହାଭାରତରେ ଯେଉଁ ଓଡ଼ିଆ ଭାଷା, ପ୍ରଥମ ଶିଶିର ବିନ୍ଦୁର ସ୍ୱଚ୍ଛତାରେ ଉଦ୍ଭାସିତ ହୋଇଥିଲା, ଜଗନ୍ନାଥ ଦାସଙ୍କ 'ଭାଗବତ'ରେ ତାହା ପରିପକ୍ୱତା ଲାଭ କରି ଦୀନକୃଷ୍ଣଙ୍କ ରଚନାରେ ରସମୟ ହୋଇ ଉଠିଥିଲା । ଏହାପରେ ଅଷ୍ଟାଦଶ ଶତାବ୍ଦୀର ଆରମ୍ଭବେଳକୁ ଓଡ଼ିଆ ଶବ୍ଦ ସମ୍ଭାର ସଂସ୍କୃତ ଦ୍ୱାରା ପ୍ରଭାବିତ ହୋଇ ଏହାର ସକଳ ବୈଶିଷ୍ଟ୍ୟ ହରେଇବା ପାଇଁ ଆରମ୍ଭ କରିଥିଲେହେଁ ଉପେନ୍ଦ୍ରଭଞ୍ଜଙ୍କ ଠାରୁ ଅଭିମନ୍ୟୁ ସାମନ୍ତସିଂହାରଙ୍କ ପର୍ଯ୍ୟନ୍ତ ଆଳଙ୍କାରିକ କାବ୍ୟମାନଙ୍କରେ କିନ୍ତୁ ଅଦିବ୍ୟ ଭାଷାର ପ୍ରୟୋଗ ପରମ୍ପରା ତଥାପି ଅବ୍ୟାହତ ରହିଥିଲା । ଷୋଡ଼ଶ ଶତାବ୍ଦୀବେଳକୁ 'ନୈଷଧ' ସଂସ୍କୃତ କାବ୍ୟ ଓଡ଼ିଆ କାବ୍ୟ ଶୈଳୀକୁ ଗଭୀର ଭାବରେ ପ୍ରଭାବିତ କରିବାପାଇଁ ଆରମ୍ଭ କରିଥିଲା । ଏହାର ସୁଦୂରପ୍ରସାରୀ ପ୍ରଭାବ ଷୋଡ଼ଶ ଶତାବ୍ଦୀରୁ ଉନବିଂଶ ଶତାବ୍ଦୀର ଶେଷ ପାଦ ପର୍ଯ୍ୟନ୍ତ ସୁଦ୍ଧା ଓଡ଼ିଆ କାବ୍ୟ ଶୈଳୀକୁ ପ୍ରଭାବିତ କରି ଆସିଛି ।

ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାରେ ସଂସ୍କୃତ କାବ୍ୟ ଚର୍ଚ୍ଚା ମଧ୍ୟ ଅଭିବ୍ୟକ୍ତିର ଚରମ ସୀମା ସ୍ପର୍ଶ କରିଥିଲା । ସ୍ୱୟଂ ପ୍ରତାପରୁଦ୍ର ଜଣେ ସୁକବି ଥିଲେ । ଜୀବଦେବ କବି ଡିଣ୍ଡିମ,

ପରମାନନ୍ଦ ସେଣ, କବିକର୍ଣ୍ଣପୁର ଓ ମାର୍କଣ୍ଡେୟ ପ୍ରମୁଖ ବହୁ ସଂସ୍କୃତ କବି ପ୍ରତାପରୁଦ୍ରଙ୍କ ରାଜସଭା ଅଳଙ୍କୃତ କରିଥିଲେ । ଏହି କବିମାନେ ସମସ୍ତେ ଆଳଙ୍କାରିକ ସଂସ୍କୃତ କାବ୍ୟରୀତି ଦ୍ୱାରା ପ୍ରଭାବିତ ହୋଇଥିଲେ । ସେତେବେଳେ କିନ୍ତୁ ସଂସ୍କୃତରେ କାବ୍ୟ ବିଳୟ ଯୁଗ ପୂର୍ଣ୍ଣତାପ୍ରାପ୍ତ ହୋଇସାରିଥିଲା । ଏହାପରେ କେବଳ କୌଶଳ ବା ଟେକ୍‌ନିକ୍ କାବ୍ୟର ପ୍ରାଣରେ ପରିଣତ ହୋଇପଡ଼ିଥିଲା । ଚିତ୍ରବନ୍ଧ ଓ ପ୍ରହେଳିକା ପ୍ରଭୃତି ଚାତୁରୀ ଏହି ତଥାକଥିତ କାବ୍ୟ ସାହିତ୍ୟର ପ୍ରଧାନ ଆଭିମୁଖ୍ୟରେ ପରିଣତ ହୋଇଥିଲା । ଓଡ଼ିଆ କାବ୍ୟ ସମସାମୟିକ ସଂସ୍କୃତ କାବ୍ୟ ଶୈଳୀର ଏ ପ୍ରଭାବରୁ ମଧ୍ୟ ଆଉ ମୁକ୍ତ ରହିପାରିନଥିଲା । ଯାହାଫଳରେ ଅଷ୍ଟାଦଶ ଶତାବ୍ଦୀ ବେଳକୁ 'ରସ' ପରିବର୍ତ୍ତେ 'ରୀତି' ଓ 'ଅଳଙ୍କାର' ଓଡ଼ିଆ କାବ୍ୟର ଆତ୍ମାରେ ପରିଣତ ହୋଇଗଲା ଏବଂ ଏହି ରୀତି ଓ ଅଳଙ୍କାରର ଉତ୍କର୍ଷ ସାଧିତ ହେଲା ଆଲୋଚ୍ୟ କବି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କଳାରେ । ଏକ ନୈସର୍ଗିକ କାବ୍ୟ ଅବବୋଧକୁ ଆଭିଜାତ୍ୟମୟ ଆଡ଼ମ୍ବର ଅଳଙ୍କାର ଶୈଳୀରେ ପ୍ରକାଶ କରିବାରେ ଉପେନ୍ଦ୍ରଭଞ୍ଜଙ୍କର ବୈଶିଷ୍ଟ୍ୟ ଏଥିରୁ ସ୍ପଷ୍ଟ ଅନୁଭବ କରିହୁଏ ।

ଉପେନ୍ଦ୍ରଙ୍କ ସମୟକୁ ଓଡ଼ିଆ କାଳ୍ପନିକ କାବ୍ୟରେ ଯେଉଁ କେତେକ ଦୃଷ୍ଟି ଆକର୍ଷଣକାରୀ ବୈଶିଷ୍ଟ୍ୟ ସ୍ଥାନ ପାଇଥିଲା ଏବଂ ଯାହାକୁ ବଳିଷ୍ଠ ରୂପ ଦେଇ ଉପେନ୍ଦ୍ର ନିଜ କାବ୍ୟ-ସାରଣୀ ନିର୍ମାଣ କରିଛନ୍ତି ତାହାକୁ ନିମ୍ନରେ ଦିଆଗଲା ।

## ଉପେନ୍ଦ୍ର ଭଂଜଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ ଓ ଲାବଣ୍ୟବତୀ :

(୧) ନୈଷଧୀୟ କାବ୍ୟ ଶୈଳୀର ଅନୁବର୍ତ୍ତନ, ନାୟକ ନାୟିକାର ଆଙ୍ଗିକ ବର୍ଣ୍ଣନା, ଋତୁ, ବନ, ପର୍ବତ ଆଦି ପ୍ରାକୃତିକ ଚିତ୍ର ପ୍ରତି ଆଗ୍ରହ ପ୍ରକାଶନ, ଆଖ୍ୟାନ ଅପେକ୍ଷା ବର୍ଣ୍ଣନା ପ୍ରତି ଅଧିକ ଦୃଷ୍ଟି ଓ ଜୟଦେବୀୟ ଶୈଳୀରେ ଛାନ୍ଦର ନାମକରଣ ପ୍ରଭୃତି ସରଳ ସାବଲୀଳ ପଦଯୋଜନା ପାଇଁ ଆଗ୍ରହ ପ୍ରକାଶନ । ବାଣଭଟ୍ଟଙ୍କ ବର୍ଣ୍ଣନା ବହୁଳ କାବ୍ୟରୀତି ସହିତ ସଂସ୍କୃତ କାବ୍ୟାଲୋଚନା କ୍ଷେତ୍ରରେ ପ୍ରତିଷ୍ଠିତ ଅଳଙ୍କାର, ରୀତି, ଧ୍ୱନି, ରସ, ବକ୍ରୋକ୍ତି ଓ ଔଚିତ୍ୟର ସଂସ୍ଥାପନ ପ୍ରବୃତ୍ତି ଏହି ପ୍ରୌଢ଼ କାବ୍ୟଗୁଡ଼ିକରେ ଅନୁସୃତ ।

(୨) ପ୍ରାକୃତିକ ପ୍ରେମାଖ୍ୟାନ ସମ୍ବଳିତ ଆଖ୍ୟାୟିକା ଓ କଥା କାବ୍ୟରେ ସଂଯୋଜିତ ସୂକ୍ତି, ବାକ୍ କୌଶଳ, ପ୍ରଶ୍ନୋତ୍ତର, ପ୍ରହେଳିକା, ସମସ୍ୟାପୂର୍ଣ୍ଣ ଆଦି ନିୟୋଜନ ପ୍ରତି ପ୍ରବଣତା ।

(୩) ପୌରାଣିକ ଅତିରଞ୍ଜନ ଓ ସ୍ୱଭାବୋକ୍ତି ଅପେକ୍ଷା ଅତିଶୟୋକ୍ତି ପ୍ରତି ଅଧିକ ଦୃଷ୍ଟିପାତ ।

(୪) ଗୌଡ଼ୀୟ ରସତତ୍ତ୍ୱ ଓ କାମଶାସ୍ତ୍ରୀୟ ରତିତତ୍ତ୍ୱର ସମ୍ମିଶ୍ରଣରେ କାବ୍ୟରେ ଶୃଙ୍ଗାରର ଉତ୍କଟ ଚିତ୍ରଣ । ଏପରିକି ବିପରୀତ ରତି କାମବନ୍ଧ ପ୍ରଭୃତିର ବ୍ୟାପକ ନିୟୋଜନ ।

(୫) କାବ୍ୟକୁ ଅଳଙ୍କାର ପ୍ରଧାନ କରିବା ଉଦ୍ଦେଶ୍ୟରେ ଚିତ୍ର, ଶବ୍ଦ ଓ ଅର୍ଥାଳଙ୍କାରର ବହୁଳ ବ୍ୟବହାର ।

(୬) ମହତୀ, ଦେବତାହ୍ୟେଷା 'ନିରୂପେଣ ତିଷ୍ଠତି' ନୀତିରେ ରାଜାଙ୍କୁ ସମାଜର ଆଦର୍ଶସ୍ଥାନୀୟ ମନେକରି ସେମାନଙ୍କ ଜୀବନଚର୍ଯ୍ୟାରେ ଚିତ୍ରାଙ୍କନ, ନାୟକ, ନାୟିକା ରୂପୈଶ୍ୱର୍ଯ୍ୟ ଓ ଗୁଣ ଗାରିମା ପ୍ରଦର୍ଶନ ପାଇଁ ଅଭିଶପ୍ତ ଦିବ୍ୟ ନରନାରୀ ରୂପେ ପ୍ରତିପାଦନ ।

(୭) ଦେଶଜ ଭାଷାର ପରିବର୍ତ୍ତେ ତତ୍ସମ ତଦ୍ଭବ ଶବ୍ଦର ବହୁଳ ପ୍ରୟୋଗ ।

(୮) ଲୋକକଥାର ଅନୁବର୍ତ୍ତନରେ ସ୍ୱର୍ଗୀୟ ପାତ୍ର ପାତ୍ରୀ ଓ ପଶୁପକ୍ଷୀଙ୍କ ମନୁଷ୍ୟୋଚିତ କାର୍ଯ୍ୟକଳାପ ପ୍ରଦର୍ଶନ ।

(୯) ରସାନୁକୂଳ ଛନ୍ଦ ଯୋଜନା ପ୍ରତି ଆଗ୍ରହ ଇତ୍ୟାଦି ।

ଉପେନ୍ଦ୍ରଭଞ୍ଜ ପୂର୍ବ କବିମାନଙ୍କର ପଥ ଅନୁସରଣ କରି କାବ୍ୟ କବିତାଗୁଡ଼ିକରେ ସବୁ ରସର ସମାବେଶ କରିଛନ୍ତି । ଶୃଙ୍ଗାର ରସ ଅଧିକ ଆକର୍ଷଣୀୟ ଓ ରସମାନଙ୍କରେ ଶ୍ରେଷ୍ଠ ଥିବାରୁ ବହୁ ସାର୍ଥକନାମା କବି ଏହି ରସର କାବ୍ୟ କବିତା ରଚନା କରିଛନ୍ତି ଏବଂ କଥାବସ୍ତୁ ଓ ଭାବକୁ ଅଧିକ ରସାପ୍ଲୁତ କରିବା ଉଦ୍ଦେଶ୍ୟରେ ଏହି ରସର ଭାବ ବିଭାବାଦିକୁ ବିଶେଷ ଭାବରେ ବର୍ଣ୍ଣନା କରି ଚିତ୍ରଗୁଡ଼ିକୁ ସାକ୍ଷାତ ରୂପ ପ୍ରଦାନ କରିଛନ୍ତି । ଏହି ପରମ୍ପରା ଅଳଙ୍କାର ଶାସ୍ତ୍ରସମ୍ମତ ଥିବାରୁ ଏବଂ ବିଜ୍ଞ ମଣ୍ଡଳୀରେ ଏହା ଅଧିକ ଆଦୃତ ହେଉଥିବାରୁ ଉପେନ୍ଦ୍ର ଏହାକୁ ନିର୍ଦ୍ଦୋଷ ରୂପେ ଧରିନେଇଛନ୍ତି । ଅବଶ୍ୟ ଏହା ସତ୍ୟ ଯେ, ଶୃଙ୍ଗାର ରସ ଓ ରତିରଙ୍ଗର ଅତ୍ୟଧିକ ବିଶ୍ଳେଷଣ ଓ ବିବରଣ ଭଞ୍ଜଙ୍କ କାବ୍ୟ କବିତାରେ ଦେଖାଯାଏ । ଶ୍ଳୀଳତା ସୀମା ଲଙ୍ଘନ ମଧ୍ୟ ସ୍ପଷ୍ଟ ହୁଏ । କିନ୍ତୁ ଭଞ୍ଜ ଯେଉଁ ଆଦର୍ଶ କାବ୍ୟ ଓ ଅଳଙ୍କାର ଗ୍ରନ୍ଥ ଅନୁକରଣରେ ଏପରି ରଚନା କରିଛନ୍ତି, ସେଗୁଡ଼ିକରେ ମଧ୍ୟ ଏହାର ଚିତ୍ରଣ ଓ ଉଦାହରଣ କିଛି ଅଳ୍ପ ନାହିଁ ।

ଅବଶ୍ୟ ଭଞ୍ଜ ଯେଉଁ ସବୁ କାବ୍ୟ ରଚନା କରିଯାଇଛନ୍ତି ତାହା ଅଶାସ୍ତ୍ରୀୟ ନୁହେଁ । ଯଦି ଏହା ଦୋଷଯୁକ୍ତ, ଅଶାସ୍ତ୍ରୀୟ ପ୍ରଭୃତି ଗୁଣ ଏଥିରେ ଥିଲେ ଉତ୍କଳର ଦେବମନ୍ଦିରମାନଙ୍କରେ ନରନାରୀଙ୍କ ମୈଥୁନ ମୂର୍ତ୍ତିସବୁ ସ୍ଥାନ ପାଇ ନଥାନ୍ତା । ଭଞ୍ଜଙ୍କର କାଳ୍ପନିକ କାବ୍ୟମାନଙ୍କରେ ଢାଞ୍ଚ ପ୍ରାୟ ଏକ ପ୍ରକାରର ଏଥିରେ ଦ୍ୱିମତ ନାହିଁ । ସେହି ଏକାଭଳି ପୂର୍ବଜନ୍ମ ବୃତ୍ତାନ୍ତ, ବିରହ, ମିଳନ ପ୍ରଭୃତି ଏକାଶ୍ରେଣୀର,ଋତୁବର୍ଣ୍ଣନା, ବିରହ, ନଗରବର୍ଣ୍ଣନା, ନାୟକ ନାୟିକାମାନଙ୍କର ରୂପବର୍ଣ୍ଣନା ଏକାଶୈଳୀର । ନାୟକ, ନାୟିକା, ଦୂତ, ଦୂତୀ ଭେଦରେ ବିଭାଗ କରି ଆଲୋଚନା କଲେ ଉପେନ୍ଦ୍ରଙ୍କ ଶତ ଶତ କବିତା ଓ କାବ୍ୟର ସଂଖ୍ୟା ଭାବ-ସାମ୍ୟ ଓ ବର୍ଣ୍ଣନା ସାମ୍ୟ ଯୋଗୁଁ ସଙ୍କୁଚିତ ହୋଇ ଅନେକଟା ହ୍ରାସ ପାଇବ । ଆକ୍ଷରିକ ପୁନରାବୃତ୍ତି ନଥିଲେ ମଧ୍ୟ ଭାଷା ଓ ଭାବର ପୁନରାବୃତ୍ତି ଯଥେଷ୍ଟ ରହିଛି । ଏହାସତ୍ତ୍ୱେ ଗଭୀର ଭାବରେ ବିଶ୍ଳେଷଣ କଲେ ପାର୍ଥକ୍ୟ ରୂପ ମଧ୍ୟ ସ୍ପଷ୍ଟ ହୁଏ । କ୍ଷୁଦ୍ରତର କାବ୍ୟ ଓ କବିତାମାନଙ୍କର ଭାବ ବୃହତ୍ତର ତଥା ନୂତନ ଭାବରେ ପ୍ରକାଶିତ ହୋଇଛି । ପ୍ରତ୍ୟେକ ରଚନା ସ୍ୱତନ୍ତ୍ର ସ୍ୱୟଂସମ୍ପୂର୍ଣ୍ଣ ଥିବାରୁ ଏହାର ବିଚାର ମଧ୍ୟ ସ୍ୱତନ୍ତ୍ର ହେବା ଆବଶ୍ୟକ । ତୁଳନାତ୍ମକ ବିଶ୍ଳେଷଣ, ସାମୂହିକ କବି

ପ୍ରତିଭା ନିର୍ଣ୍ଣୟ କରିବାରେ ସାହାଯ୍ୟ କଲେ ମଧ୍ୟ ପ୍ରତ୍ୟେକଟିର ମୂଲ୍ୟକୁ ହ୍ରାସ କରିପାରିବ ନାହିଁ । ପ୍ରତ୍ୟେକ କୃତି ନିଜସ୍ୱ ଗୌରବରେ ଗୌରବିତ । ଶବ୍ଦାଳଙ୍କାରର ସବୁ ବିଭାଗ ଭଞ୍ଜ ତାଙ୍କ କାବ୍ୟ କବିତାରେ ଅତ୍ୟନ୍ତ ଦକ୍ଷତାର ସହିତ ପ୍ରୟୋଗ କରିଛନ୍ତି । ଅବଶ୍ୟ ଏକଥା ସ୍ୱୀକାର୍ଯ୍ୟ ଯେ, ଏ ପର୍ଯ୍ୟନ୍ତ କୌଣସି ସଂସ୍କୃତ କିମ୍ବା ଓଡ଼ିଆ କବି ତାଙ୍କୁ ଏଥିରେ ଅତିକ୍ରମ କରିପାରି ନାହାନ୍ତି । ଉପେନ୍ଦ୍ରଭଞ୍ଜ କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ କ୍ଲିଷ୍ଟ ଶବ୍ଦଯୁକ୍ତ କାବ୍ୟ ଯେପରି ରଚନା କରିଛନ୍ତି, ସେହିପରି ଭାବବତୀ, ସୁବର୍ଣ୍ଣରେଖା, ଲାବଣ୍ୟନିଧିରେ ସରଳ ପଦଯୁକ୍ତ କାବ୍ୟ ମଧ୍ୟ ରଚନା କରି ଗୌରବ ଲାଭ କରିଛନ୍ତି । ଭାବ ଓ ଶବ୍ଦ ଭଞ୍ଜଙ୍କର ଲେଖନୀକୁ ସତେ ଯେପରି ଅନୁସରଣ କରି ବଶତା ସ୍ୱୀକାର କରିଛି । ରସ ପ୍ରକାଶରେ ମଧ୍ୟ ସେଭଳି ସ୍ୱଚ୍ଛତା ପ୍ରକାଶ କରିଛି ।

ସମସାମୟିକ ଅନ୍ୟାନ୍ୟ ଭାରତୀୟ ଭାଷାମାନଙ୍କରେ ଉପେନ୍ଦ୍ରଭଞ୍ଜଙ୍କ ପରି ଏଭଳି ଜଣେ ଉତ୍କୃଷ୍ଟ କବି ତଥା ସେହିଭଳି ଉତ୍କୃଷ୍ଟ କାବ୍ୟ ଅଛି କି ନାହିଁ ସନ୍ଦେହ । ହିନ୍ଦୀ, ମୈଥିଳୀ, ତେଲୁଗୁ, ବଙ୍ଗଳା, ଅସମୀୟା ଭାଷାରେ ଯେ 'ଲାବଣ୍ୟବତୀ', 'କୋଟି ବ୍ରହ୍ମାଣ୍ଡସୁନ୍ଦରୀ', 'ବୈଦେହୀଶ ବିଳାସ' ପରି କାବ୍ୟ ନାହିଁ ଏହା ନିଃସନ୍ଦେହ । ଶ୍ରୀହର୍ଷଙ୍କର ନୈଷଧ କାବ୍ୟରେ ଯମକ, ଅନୁପ୍ରାସ, ଶ୍ଳେଷ ପ୍ରଭୃତି ଅଳଙ୍କାରର ଚାତୁର୍ଯ୍ୟପୂର୍ଣ୍ଣ ପ୍ରୟୋଗ ହୋଇଥିବାରୁ କାବ୍ୟଟି ବାସ୍ତବିକ୍ ସୌନ୍ଦର୍ଯ୍ୟ ରୂପ ଧାରଣ କରିଛି ଏବଂ ଅଳଙ୍କାର ନିମନ୍ତେ ହିଁ ସଂସ୍କୃତ ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଛି । ଯୁଗେ ଯୁଗେ ନୈଷଧୀୟ ଚରିତ କାବ୍ୟଟି ସଂସ୍କୃତ ଓ ପ୍ରାକୃତ ଉଭୟ ଭାଷାର କବିମାନଙ୍କ ଦ୍ୱାରା ଆଦୃତ ହୋଇ ଆଦର୍ଶ ରୂପେ ଗୃହୀତ ହୋଇଛି । କବି ଉପେନ୍ଦ୍ର ନୈଷଧ କାବ୍ୟକୁ ଆଦର୍ଶ ରୂପେ ଗ୍ରହଣ କରି 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଯମକ, ଅନୁପ୍ରାସ, ଶ୍ଳେଷ ପ୍ରଭୃତି ବିଭିନ୍ନ ଅଳଙ୍କାର ବିମଣ୍ଡିତ କାବ୍ୟରଚନା କରିଛନ୍ତି । ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ରଭଞ୍ଜଙ୍କ ସ୍ଥାନ ଅଦ୍ୱିତୀୟ । ତାଙ୍କୁ ଅନୁକରଣ କରି ତାଙ୍କ ବିପୁଳ କାବ୍ୟ ସମ୍ପଦରୁ କିଛି ଆହରଣ କରି ଓଡ଼ିଶାର ବହୁ କବି ଖ୍ୟାତି ଅର୍ଜନ କରିଛନ୍ତି । ପ୍ରଭାବ ଦୃଷ୍ଟିରୁ ଉପେନ୍ଦ୍ରଙ୍କର କ୍ଷେତ୍ରର ପରିସୀମା ଯେତେ ବିସ୍ତୃତ ଅନ୍ୟ କୌଣସି ଓଡ଼ିଆ କବିଙ୍କର ସେପରି ନାହିଁ । 'ଭଞ୍ଜ' ସଂଜ୍ଞାଧାରୀ ବହୁ ବିଶିଷ୍ଟ କବି ଉତ୍କଳରେ ଥିଲେ ମଧ୍ୟ 'ଭଞ୍ଜକବି' ବା 'ଭଞ୍ଜ' କହିଲେ ଉପେନ୍ଦ୍ରଭଞ୍ଜଙ୍କୁ କେବଳ ବୁଝାଉଛି ଏହାହିଁ ତାଙ୍କର ଖ୍ୟାତିର କାରଣ । ଉପେନ୍ଦ୍ରଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୧୫୦ ବର୍ଷ ଭିତରେ ଭକ୍ତିଯୁଗର ବିଶେଷ ପରିବର୍ତ୍ତନ ଦେଖାଯାଇନାହିଁ । ବହୁରଚନାରେ କବିତ୍ୱ ଅପେକ୍ଷା ଧର୍ମଚିନ୍ତାର ପ୍ରାଧାନ୍ୟ, ଭାଷାର ସ୍ୱାଭାବିକ ସାରଲ୍ୟ, ଶବ୍ଦାଡ଼ମ୍ବରହୀନତା, କବିତ୍ୱର ସ୍ୱାଭାବିକ ସ୍ଫୁର୍ତ୍ତି ପ୍ରଭୃତି ଦେଖାଯାଉଥିଲା । ଧନଞ୍ଜୟଙ୍କ ଠାରୁ ସାହିତ୍ୟର ଧାରା ପରିବର୍ତ୍ତିତ ହୋଇଗଲା । ଧନଞ୍ଜୟ, ଲୋକନାଥ, ଦୀନକୃଷ୍ଣ, ଉପେନ୍ଦ୍ର ପ୍ରଭୃତି ଏକ ସମୟରେ ନୂତନ ଧାରା ସୃଷ୍ଟିକଲେ । ଧନଞ୍ଜୟଙ୍କ ପୂର୍ବରୁ ଯେଉଁ କେତେଜଣ ଆଳଙ୍କାରିକ କବି କାବ୍ୟ ରଚନା କରିଥିଲେ, ସେମାନଙ୍କ ପ୍ରଭାବ ଏହି ରୀତି ରଚନାର କ୍ଷୀଣ ପ୍ରବାହକୁ କେବଳ ବଞ୍ଚାଇ ରଖିଥିଲା । ଏହି

ନୂତନ ସାହିତ୍ୟଧାରାକୁ ଧନଞ୍ଜୟ ଏ ଯୁଗରେ ଆରମ୍ଭ କଲେ ଯାହାକୁ ଉପେନ୍ଦ୍ର ବଳିଷ୍ଠ କଲେ । ଧନଞ୍ଜୟଙ୍କ ଠାରୁ ଆରମ୍ଭକରି ଖ୍ରୀ: ୧୮୬୬ ପର୍ଯ୍ୟନ୍ତ ଏହି ସମୟକୁ ରୀତି ଯୁଗ 'କାବ୍ୟଯୁଗ' ବା 'ଉପେନ୍ଦ୍ରଯୁଗ' ବୋଲି ନାମିତ କରାଯାଇପାରେ । ଉପେନ୍ଦ୍ର ଯେଉଁ ଅପୂର୍ବ ସାହିତ୍ୟ ସୃଷ୍ଟି କରିଦେଇଗଲେ, ତାହା ଓଡ଼ିଆ ସାହିତ୍ୟରେ ଅବଶ୍ୟ ନୂତନ, କିନ୍ତୁ ଓଡ଼ିଆ ଜାତିର ଇତିହାସରେ ନୂତନ ନୁହେଁ । ଭଞ୍ଜ କାବ୍ୟ ରଚନାରେ ଯେଉଁ ଚାତୁରୀ ଦେଖାଇଛନ୍ତି, ସେହି ଚାତୁରୀର ପରମ୍ପରା ବହୁ ଶତାବ୍ଦୀ ଧରି ଉତ୍କଳଦେଶରେ ଅବିଚ୍ଛିନ୍ନ ଭାବରେ ପ୍ରବାହିତ ହୋଇ ଆସୁଛି ।

ଏକାଦଶ ଶତାବ୍ଦୀରେ ଚୋଳଗଙ୍ଗ ଓ ତାଙ୍କ ପୁତ୍ର ରାଘବ କାମାର୍ଣ୍ଣବଙ୍କ ରାଜତ୍ୱ ସମୟରେ ଉତ୍କଳର ମହାକବି ଜୟଦେବ 'ଗୀତଗୋବିନ୍ଦ' ମହାକାବ୍ୟରେ ଯେଉଁ କଳାଚାତୁରୀ ଦେଖାଇ ଯାଇଛନ୍ତି, ତାହା କିଛି ଆକସ୍ମିକ ଘଟଣା ନୁହେଁ । ସେ ଲେଖନୀ ସାହାଯ୍ୟରେ ଅପୂର୍ବ ଅକ୍ଷର କାମ କରିଛନ୍ତି ତ ଶିଳ୍ପୀମାନେ ନିହାଣ ମୁନରେ ମୂର୍ତ୍ତି ନିର୍ମାଣ କରିଛନ୍ତି । ଚିତ୍ରକାରମାନେ ତୂଳୀ ସାହାଯ୍ୟରେ ଚିତ୍ର ଅଙ୍କନ କରିଛନ୍ତି । ଭୁବନେଶ୍ୱରର ପାର୍ବତୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, କୋଣାର୍କ, ସୂର୍ଯ୍ୟନାରାୟଣ ମନ୍ଦିର, ପାରଳାଖେମୁଣ୍ଡି ଅଞ୍ଚଳର ମୁଖଲିଙ୍ଗମ୍ ମନ୍ଦିରପୁଞ୍ଜ, ମୟୂରଭଞ୍ଜର ଖିଚିଂ ମନ୍ଦିର ପ୍ରଭୃତି ଦେବାଳୟ ଗାତ୍ରମାନଙ୍କରେ ଯେଉଁ କଳାଚାତୁର୍ଯ୍ୟ ପ୍ରକାଶ ପାଇଛି ତାହା ବର୍ତ୍ତମାନର ଏହି କାବ୍ୟ କଳାଚାତୁରୀର ଏକ ଅନ୍ୟ ରୂପମାତ୍ର । ଉତ୍କଳରେ ଏହି ପରମ୍ପରା ପୂର୍ବରୁ ଥିବାରୁ ବହୁ ଓଡ଼ିଆ କବି ସଂସ୍କୃତରେ ଉତ୍କୃଷ୍ଟ ଧରଣର କାବ୍ୟ ଲେଖିଯାଇଛନ୍ତି । ଏହି ପରମ୍ପରାର ବାୟୁମଣ୍ଡଳରେ ବର୍ଦ୍ଧିତ ହୋଇ ମହାମହୋପାଧ୍ୟାୟ ବିଶ୍ୱନାଥ କବିରାଜ 'ସାହିତ୍ୟଦର୍ପଣ' ରଚନା କରିଥିଲେ । ଉପେନ୍ଦ୍ରଭଞ୍ଜ ଏହି ପରମ୍ପରାକୁ ରକ୍ଷାକରି ତାହାର ଗତିକୁ ବହୁଗୁଣରେ ବଳିଷ୍ଠ ଓ ତୀବ୍ର କରି ଦେଇଛନ୍ତି । ଓଡ଼ିଆ ଶିଳ୍ପକଳା ବିକାଶରେ କୋଣାର୍କ ମନ୍ଦିର ଯାହା ଓଡ଼ିଆ ସାହିତ୍ୟର କ୍ରମବିକାଶରେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରଚନା ମଧ୍ୟ ସେହି ଉତ୍ତୁଙ୍ଗତାକୁ ଛୁଏଁ ।

## ଲାବଣ୍ୟବତୀର ବିଷୟବସ୍ତୁ :

ଉପେନ୍ଦ୍ରଭଞ୍ଜ ପ୍ରଥମେ ରାମଚନ୍ଦ୍ରଙ୍କୁ ନମସ୍କାରପୂର୍ବକ ମହାକାବ୍ୟର ରୀତି ଅନୁସାରେ ଖଳ ନିନ୍ଦା ଓ ସାଧୁ ପ୍ରଶଂସା କରି କଥାବସ୍ତୁ ଆରମ୍ଭ କରିଛନ୍ତି । ସ୍ୱକାବ୍ୟର ପ୍ରାଣ ଓ ଶରୀର କି ରୂପରେ କଳ୍ପିତ ହୋଇଛି ତାହା ବ୍ୟକ୍ତ କରିଛନ୍ତି । ''ମୂର୍ତ୍ତିମନ୍ତ କରି ମୃଦୁ ଗୀତ ବିଚାରଇ/ ଏଣୁ କରିଥିବ ଅଳଙ୍କାର ଯୁକ୍ତ ହୋଇ ॥ ୭ ॥ ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ / ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବହେ ॥ ୮ ॥ [୩୪] ଏହି ମୃଦୁ ଗୀତମୟ କାବ୍ୟ ରମଣୀ ବିବିଧ ଅଳଙ୍କାରେ ମଣ୍ଡିତ ହୋଇ ଶୋଭା ପାଇବ । କାବ୍ୟର ପଦଗୁଡ଼ିକ ସରଳ ସୁଶ୍ରାବ୍ୟ ହୋଇ ମନମୋହିବ । ଅର୍ଥୀଜନ ପଣ୍ଡିତମାନଙ୍କୁ ଆନନ୍ଦ ଦେବ । ସମଦୃଷ୍ଟି ରଖି ଲୋକହିତ ପାଇଁ କବି ଏହି କାବ୍ୟ ରଚନାକୁ ମନ ବଳାଇଛନ୍ତି । ତାଙ୍କର କାବ୍ୟ ଏପରି ରସମୟ ସୁବୋଧ୍ୟ ହେବ ଯେ

ଯେମିତି ଜଡ଼ ଜନମାନେ ମଧ୍ୟ ଏହି କାବ୍ୟର ଭାବକୁ ବୁଝିପାରିବେ । କିନ୍ତୁ ଯେଉଁମାନେ ଖଳ, ଅରସିକ, ସେମାନେ ଗଧ ଭଳି ଆମ୍ବ ବଉଳକୁ ନଖାଇଲା ପରି ବ୍ୟବହାର କରିବେ । ଅର୍ଥାତ୍ ସେମାନଙ୍କୁ ଏହି କାବ୍ୟର ରସମୟତା ଆଦୌ ଗ୍ରହଣୀୟ ହେବ ନାହିଁ । ତେଣୁ ସେମାନଙ୍କୁ କବି ପୂର୍ଣ୍ଣରୂପେ ବହିଷ୍କୃତ କରିଛନ୍ତି । ''ବୁଝାଇଲେ ଜଡ଼ଜନ ଭାବକୁ ପାଇବ । ଖଳ ଖର ଚୂତାଙ୍କୁର ପ୍ରାୟେକ ଗ୍ରାସିବହେ ॥ ୧୦ ॥ ମଧୁମକ୍ଷି ଉଚ୍ଛିଷ୍ଟେ ଅମୃତାଦର ସୁରେ । କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାରେ ହେ ॥ ୧୧ ॥ [୩୬] ମହୁଫେଣାରେ ମହୁମାଛିର ଅଇଣ୍ଠାକୁ ଅଇଣ୍ଠା ବୋଲି ନ ବାରି ଯେପରି ସାଦରେ ଗ୍ରହଣ କରନ୍ତି, ଠିକ୍ ସେହିପରି ଉପେନ୍ଦ୍ର ରଚିତ ଏହି କାବ୍ୟରେ ଯଦି ବି କିଛିଦୋଷ ଅଛି ତାହା କାବ୍ୟ ରସିକ ପଣ୍ଡିତମାନେ ନିଜର ଉଦାରତା ଗୁଣରେ କ୍ଷମା କରିବେ ଏବଂ ଏହାର ଭାବକୁ ଗ୍ରହଣ କରିବେ । ଏହାପରେ କବି କଥାବସ୍ତୁର ଆରମ୍ଭ କରିଛନ୍ତି । କୈଳାସରେ ଦିନେ ଗୌରୀ ଏକାନ୍ତରେ ବସିଥିଲେ । ପଶାରଙ୍ଗରେ ରସିବାକୁ ମନହେବାରୁ ସ୍ୱସଙ୍ଗ ପାଇଁ ମାନସରୁ ଏକ ଦିବ୍ୟ କନ୍ୟା ଅଦ୍ଭୁତ ଭାବରେ ସୃଷ୍ଟି କଲେ । 'ସୁଷମା ସମରେ ତ୍ରିଲୋକରେ' ସେହି କନ୍ୟା ଭଳି ଆଉ କେହି ନାହାନ୍ତି ଏବଂ ଏହି ଦିବ୍ୟ କନ୍ୟା ମନବାଞ୍ଛାରୁ ଜାତ ହୋଇ ଥିବାରୁ ପାର୍ବତୀ ତା'ର ନାମ 'ବାଞ୍ଛାବତୀ' ଦେଲେ । ତା'ପରେ ଦୁହେଁ ପଶାଖେଳ ଖେଳି ବସିଲେ ; କିନ୍ତୁ ଏହି ସମୟରେ ଶିବଙ୍କ ଆଗମନର ସୂଚନା ମିଳିବାରୁ ଦେବୀ ପାର୍ବତୀ ଆଶଙ୍କା କଲେ ଯେ କାଳେ ଶିବ ଏହି ଅନିନ୍ଦ୍ୟସୁନ୍ଦରୀ ବାଞ୍ଛାବତୀର ସୌନ୍ଦର୍ଯ୍ୟରେ ମୋହିତ ହୋଇଯିବେ ଏବଂ ପାର୍ବତୀଙ୍କ 'ସୁଭାଗୀପଣ' ଭାଙ୍ଗିଯିବ । ତେଣୁ ସେ ବାଞ୍ଛାବତୀକୁ ନେଇ ଘୋର ଅରଣ୍ୟରେ ଏକ ଦିବ୍ୟ ନହର ନିର୍ମାଣ କରି ସେଠାରେ ତାକୁ ରଖିଦେଲେ । ତଥା ନିୟମ କରିଦେଲେ ଯିଏ ବାଞ୍ଛାବତୀର ଦ୍ୱାରକୁ ଲଘିବ ତାର ପ୍ରାଣ ନାଶଯିବ ଏବଂ ଯେଉଁ ପୁରୁଷ ତାହାର ପାଣିଗ୍ରହଣ କରିବ ତାକୁ ପରଜନ୍ମରେ ପତିରୂପରେ ପାଇବ ।

ଏହି ଘୋର ଅରଣ୍ୟରେ ବାଞ୍ଛାବତୀ କିଛି ବର୍ଷ ଅତିବାହିତ କରିବାପରେ ପ୍ରଭାକର ନାମକ ଏକ କ୍ଷତ୍ରିୟ କୁମର ଦିବ୍ୟନାରୀ ପ୍ରାପ୍ତି ଉଦ୍ଦେଶ୍ୟରେ ସେହି କାନନରେ ଶ୍ରୀକେଦାରେଶ୍ୱରଙ୍କ ଠାରେ ତପସ୍ୟା କରିବା ପାଇଁ ଆସିଲେ । ବାଞ୍ଛାବତୀ ଓ ପ୍ରଭାକର ଉଭୟେ ପରସ୍ପରର ଅପୂର୍ବ ଶୋଭାରେ ମୋହିତ ହୋଇଗଲେ । ବାଞ୍ଛାବତୀକୁ କୁମାର ଆଲିଙ୍ଗନ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ ନିଷେଧକୁ ପାଶୋରିଦେଇ ପୁର ଦ୍ୱାର ଲଘନ କରି ବାହାରକୁ ଆସିଲା । କୁମାର କୁମାରୀକୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେଲା ବେଳକୁ କୁମାରୀର ପ୍ରାଣବାୟୁ ଉଡ଼ିଗଲା । କୁମାର ବିଳାପ କରିବାରୁ ଅଶରୀରୀ ବାଣୀ ଶୁଭିଲା ଯେ, 'କୁମାର ଗଙ୍ଗାସାଗର ସଙ୍ଗମରେ ଝାସ ଦେଲେ ପର ଜନ୍ମରେ ସେ ନୃପ ସୁତ ହୋଇ ଜନ୍ମ ହେବ ଏବଂ କୁମାରୀକୁ ଭାର୍ଯ୍ୟା ରୂପେ ପ୍ରାପ୍ତ ହେବ, କନ୍ୟାର ମୃତ ଦେହକୁ ଅନଳରେ ନ ଦହି ସେହିଠାରେ ଥୋଇଦେବ ।' କୁମାର ଦୈବୀବାଣୀ ଅନୁସାରେ ଗଙ୍ଗାସାଗରରେ ଝାସଦେଲା ଏବଂ କର୍ଣ୍ଣାଟ ଦେଶର କାଞ୍ଚନଗରର ରାଜା ଶଶିଶେଖରଙ୍କ

ପୁତ୍ର ରୂପେ ଜନ୍ମ ହେଲା । ପିତା କୁମାରର ନାମ ଚନ୍ଦ୍ରଭାନୁ ରଖିଲେ । କୁମାରର ସୁନ୍ଦରପଣକୁ ଉପମା ମିଳିଲାନାହିଁ । ସେ ସବୁ ବିଦ୍ୟାରେ ପ୍ରବୀଣ ହେଲେ । ଚନ୍ଦ୍ରଭାନୁର ଅନ୍ତରଙ୍ଗ ବନ୍ଧୁ ହେଲେ ଚାରିଜଣ, ମନ୍ତ୍ରୀପୁତ୍ର, ପୁରୋହିତ ପୁତ୍ର ସାଧବ ପୁତ୍ର ଓ ଜ୍ୟୋତିଷ ପୁତ୍ର । (୧ମ ଛାନ୍ଦ) ଅତି ସମୃଦ୍ଧିଶାଳୀ ସିଂହଳ ଦେଶର ରାଜା ରତ୍ନେଶ୍ୱରଙ୍କ ପାଟମହିଷୀ ବିଦ୍ୟୁଲ୍ଲତା ଦେବୀଙ୍କ ଗର୍ଭରୁ ରତ୍ନେଶ୍ୱରଙ୍କ ଔରସରେ କନ୍ଦର୍ପ ସମ ପାଞ୍ଚପୁତ୍ର ଜାତ ହୋଇଥିଲେ ମଧ୍ୟ ଦିବ୍ୟକୁମାରୀ ପ୍ରାପ୍ତ ହେବା ପାଇଁ ସେ ଚୈତ୍ର ମାସ ମଙ୍ଗଳବାର ପୂଜାକରି ଗିରିଜାଙ୍କୁ ତୋଷ କଲେ । ଗିରିଜା ସନ୍ତୁଷ୍ଟ ହୋଇ ଅଗମ୍ୟ କାନନରେ ପଡ଼ିରହିଥିବା ବାଞ୍ଛାବତୀର ମୃତ ଶରୀରକୁ ସଂଜୀବନ କରି ସୁନ୍ଦରୀକୁ ରସାଳଫଳରେ ପରିଣତ କଲେ । ବିଦ୍ୟୁଲ୍ଲତାଙ୍କ ନିଦ୍ରାବସ୍ଥାରେ ତାଙ୍କ ହସ୍ତରେ ଦେବୀ ରସାଳଫଳକୁ ଥୋଇ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।

ନିଦ୍ରାଭଙ୍ଗ ପରେ ରାଣୀ ହସ୍ତରେ ରସାଳଫଳକୁ ଦେଖି ଭକ୍ଷଣକଲେ ଏବଂ ସ୍ୱାମୀଙ୍କ ସଙ୍ଗେ ରତିକ୍ରୀଡ଼ା କଲେ । ରାଣୀଙ୍କର ଗର୍ଭୋଦୟ ହେଲା ଏବଂ ଲାବଣ୍ୟ ପସରା ଲାବଣ୍ୟନିଧି ଦିବ୍ୟକନ୍ୟାଟିଏ ଜନ୍ମ ହେଲା । ପିତାମାତା ତାକୁ ମହା ଆନନ୍ଦରେ 'ଲାବଣ୍ୟବତୀ' ବୋଲି ନାମ ଦେଲେ । 'ସର୍ବ ମତେ ସର୍ବଶୋଭା ସ୍ଥାନ ବୋଲି ଜାଣି / ଲାବଣ୍ୟବତୀ ନାମକୁ ଦେଲେ ଭାଳି ଭାଳି ଯେ ।। ୫୬ ।। [୩୬] ଲାବଣ୍ୟବତୀର ଯୌବନୋଦ୍‌ଗମ ଅବସ୍ଥାର ଅପୂର୍ବ ରୂପରାଶି ଜନମନକୁ ହରଣ କଲା, ସେ 'ସୁନ୍ଦରୀ ସଂସାରରେ ଚକ୍ରବର୍ତ୍ତୀ' ବୋଲାଇଲା ପୁଣି -''ମଣି ରମଣୀକି ଶାଣ ଯଉବନ / ବହୁମୂଲ୍ୟ ପ୍ରଭାକୁ ବଢ଼ାଇ ଦିନୁଦିନ ଯେ ।।୭୯।। [୩୭] ଏଭଳି ଲାବଣ୍ୟବତୀ ନବ ଯୌବନୀ ହୋଇ ଅବନୀକୁ ମଣ୍ଡିଲା ଯେ ଉପମାମାନେ ନିରନ୍ତର କାତର ହୋଇ ଚିନ୍ତିତ ହେଲେ । ''ଉପମା ଆଣିମ କାହୁଁ ମହାକବି ହେଲେ / ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ହୋଇଥିଲେ ଯେ ।। ୮୦ ।।[୩୮] ଏବଂ ଲାବଣ୍ୟବତୀଠାରେ ସୁନ୍ଦରେ ସୁନ୍ଦର ହୋଇଗଲେ । କବି ବା କେଉଁଠାରୁ ଉପମା ଆଣିବେ, ସୁନ୍ଦର ସବୁଲଜ୍ଜା ପାଇ ସୁନ୍ଦରୀ ହୋଇଗଲେ । ଏହିପ୍ରକାର ସୁନ୍ଦରୀ ଲାବଣ୍ୟବତୀ କୃଶୋଦରୀ ମହୀକୁ ମଣ୍ଡନ କରୁଥିଲାବେଳେ ପୁଷ୍ପବତୀ ହେଲା । ପିତାମାତା ଦୁହିତା ଗୃହଯୋଗ୍ୟା ହେବାରୁ ନାନା ବିଧିବିଧାନ କଲେ । ଜ୍ୟୋତିଷ କୁମାରୀ ସ୍ନେହରେ ଏକ ପଢ଼ା ଶୁକକୁ ଉପହାର ମାଗିବାରୁ ଜେମା ଆନନ୍ଦରେ ଦେଲେ । ଜ୍ୟୋତିଷ କୁମାରୀ କର୍ଣ୍ଣାଟ ଦେଶକୁ ଗମନ କଲା । ଏହି ଶୁକ ପୁଣି କାର୍ଯ୍ୟରେ ଆସିବ । ଦିନେ ସଖୀମାନେ ସୁନ୍ଦରୀକୁ ବେଶ କରିବା ମନାସ କଲେ । ''ଆମ୍ଭ ସଜନୀ ଯେ ସୁନ୍ଦରୀସାର / ନାହିଁ ନଥିଲା ନୋହିବ ସଂସାର / ପୁଣିତ ଶୋଭା ବୟସେ ଯେ / ଆମ୍ଭ ଲୋଚନକୁ ପବିତ୍ର କରିବା ବେଶେ ଯେ ।।୧ ।। [୩୯] ଏହିଭଳି ଭାବି ସଖୀମାନେ ଦିବ୍ୟ ଅଳଙ୍କାରରେ ଲାବଣ୍ୟବତୀକୁ ଭୂଷିତ କରିବାରୁ ଜେମାର ଶୋଭା ବର୍ଦ୍ଧିତ ହେଲା ଏବଂ ଯୁବଜନମନକୁ ବଶ କଲା । ଜେମା 'ଅତୁଳା ଚନ୍ଦ୍ର ପିତୁଳା ପ୍ରାୟ ଦିଶିଲେ' ଅକ୍ଷିପକ୍ଷୀ ଅଠାକାଠି ପରିହେଲେ । (ଚତୁର୍ଥ ଛାନ୍ଦ) କ୍ରମେ ଅତି ମଧୁର ମଧୁ ଋତୁ ପ୍ରବେଶ କରିବାରୁ ନବଯୌବନା ଲାବଣ୍ୟବତୀ ସଖୀମାନଙ୍କ ସହ କ୍ରୀଡ଼ା ଉପବନରେ ଅନେକ ପ୍ରକାର

କ୍ରୀଡ଼ାକଲେ । ବିବିଧ କୁସୁମକୁ ଦେଖି ହାସ ପରିହାସରେ ବକ୍ରୋକ୍ତି କରି ଆନନ୍ଦର ଲହରୀ ଖେଳାଇ ଦେଲେ । ସହଚରୀମାନେ ଚର୍ଚ୍ଚରୀ କରି ଢେମାଙ୍କ ସହିତ ଖେଳିଲେ । ବେଳ ତିନିପ୍ରହର ହୋଇଯିବାରୁ ସଖୀମାନଙ୍କ ସହ ଢେମା ସରୋବରକୁ ସ୍ନାନ କରିବାକୁ ଗଲେ । (୫ମ ଛାନ୍ଦ) ନୃପସୁତା ସୁକେଶୀ ଲାବଣ୍ୟବତୀ ସରୋବର କୂଳରେ ବକୁଳ ମୂଳର ପୀଠ ଉପରେ ବସିଲେ । ଅତ୍ୟନ୍ତ ଶୋଭା ମଣ୍ଡିତ ସରୋବରର ସ୍ୱଚ୍ଛ ଗଭୀର ସୁଶୀତଳ ଜଳରେ ସଖୀମାନଙ୍କ ସହ କୌତୁକରେ ମର୍ଦ୍ଦନ (ସ୍ନାନ) ବିଧି ସାରିଲେ । ସୂର୍ଯ୍ୟ ଅସ୍ତ ହେବାରୁ ପୁରକୁ ଫେରିଲେ । ସଖୀମାନେ ଢେମାକୁ ପୁଣି ସୁବେଶ କଲେ । (୬ଷ୍ଠ ଛାନ୍ଦ) ଦିନେ ମନୋହର ବସନ୍ତ ଋତୁକୁ ଚାହିଁ କର୍ଣ୍ଣାଟ ରାଜସୁତ ଚନ୍ଦ୍ରଭାନୁ ମିତ୍ରମାନଙ୍କ ସହ ଆରାମରେ ବସି ଆନନ୍ଦରେ ସମୟ ଅତିବାହିତ କରୁଥିବାବେଳେ ସିଂହଳ ଦେଶରୁ ଜଣେ ବୋହିତୁଆଳ ରାଜକୁମାରଙ୍କ ସହିତ ସାକ୍ଷାତ କଲା ଏବଂ ଅନେକ ଅମୂଲ୍ୟ ରତ୍ନ ଓ ପଦାର୍ଥ ଉପଢ଼ୌକନ ଦେଲାବେଳେ କହିଲା, 'ଲାବଣ୍ୟବତୀର ଜନ୍ମସ୍ଥାନ ଥିବାରୁ ସିଂହଳରେ ବା କେଉଁ ଦ୍ରବ୍ୟ ଅପୂର୍ବ ? ଲାବଣ୍ୟବତୀର ଏହିପରି ପ୍ରଶଂସା ଶୁଣି ରାଜକୁମାର କୌତୂହଳୀ ହୋଇ ପ୍ରଶ୍ନ କରିବାରୁ ବୋହିତୁଆଳ ଢେମାଙ୍କ ଶୋଭା ବର୍ଣ୍ଣନା କରି କହିଲା, ତାକୁ ବିହି ନିର୍ଦ୍ଦିଷ୍ଟ ରୂପ କରି ଗଢ଼ିବାକୁ ସ୍ଥିର କରି ନଥିଲା । ସୁନ୍ଦର ରୂପଟିଏ ଗଢୁ ଗଢୁ ପୋକ ଅକ୍ଷର କାଟିଲାପରି ଅତି ସୁନ୍ଦର ଚିତ୍ରଟିଏ ହୋଇଗଲା । ଏବେ ମଦନ ଭସ୍ମ ହେବା ଦିନଠାରୁ ଏହା ସମାନ ବର ବ୍ରହ୍ମାଣ୍ଡ ମଧ୍ୟରେ ଆଉ ନାହିଁ ।'' ତାହାର ଶୋଭା କହିଲେ ସରିବ କାହିଁ / ପୂର୍ବେ ନଥିଲା, ନୋହିବ, ଏବେ ନାହିଁ ।। ୭୬ ।। (୪୦) ଢେମା ଉପଯୁକ୍ତ ବର ପାଇବା ଆଶାରେ ସ୍ୱୟମ୍ବର କରିବାକୁ ସ୍ଥିର କରିଥିବା ବୋହିତୁଆଳ କହିଲା, ''ରାଜକୁମାର ! ଚନ୍ଦ୍ରଭାନୁ 'ହୋଇବ କି କାର୍ଯ୍ୟ ଉଦ୍‌ଯୋଗ କଲେ ବୋଲି କହିବାରୁ ଶୁକପକ୍ଷୀ ଉତ୍ତର ଦେଇଛି ।'' ''ଶୁଣି ଶୁକ ପଢ଼ିଦେଲା ସେହି କାଳେ / ସୁଧାପାନ କଲା ରାହୁ ଉପାୟରେ / ପ୍ରୀତି ହୋଇଅଛି ଚନ୍ଦ୍ର କୁମୁଦରେ ।। ୮୧ ।। ଗୁଞ୍ଜା ତୁଳା ହୋଇଛି ସୁବର୍ଣ୍ଣ ତୁଲେ / କର୍ମ ସବୁ ଉଚ୍ଚ ନୀଚ ପାଞ୍ଚବେଳେ ।। ୮୨ ।। ଶୁଣି କୁମାର ବର ଆଶ୍ଚର୍ଯ୍ୟ ଘେନି / ବୋଲେ ତୁହି ଦେଖିଛୁ କି ମେଧାବିନୀ ।। ୮୩ ।। କୀର କହିଲା ସେ ରସଭୂଷା ଯୋଷା / ଶିଶୁକାଳରୁ ମୁହିଁ ତାହାଙ୍କ ପୋଷା ।। ୮୪ ।। (୪୧) ଶିଶୁକାଳରୁ ଲାବଣ୍ୟବତୀ ଦ୍ୱାରା ପାଳିତ ହୋଇଥିବାରୁ ଶୁକପକ୍ଷୀ ତାଙ୍କର ଅପୂର୍ବ ଶୋଭା ଦେଖିଥିବା କଥା କୁମାର ସମ୍ମୁଖରେ କହିଲା । ଏହାପରେ ଢେମାପ୍ରତି କୁମାରର ଲୋଭ ଜାତ ହେଲା । ସେ ସମୟରେ ଶୁଭସୂଚକ ଶକୁନମାନ ଦିଶିବାରୁ ରାଜକୁମାରଙ୍କ ମନରେ ଆଶାର ସଞ୍ଚାର ହେଲା । (୭ମ ଛାନ୍ଦ) କିଶୋର ଦଶାପ୍ରାପ୍ତ କୁମାରୀର ବିବାହ ସ୍ୱୟଂବର ବିଧି ଅନୁସାରେ କରିବା ସ୍ଥିର କରି ଲାବଣ୍ୟବତୀର ଚିତ୍ରଟିଏ ଲେଖାଇବା ପାଇଁ ପିତା ବ୍ୟବସ୍ଥା କଲେ । କେହି ମାନବ ଏହି ଅପୂର୍ବ ସୁନ୍ଦରୀର ଚିତ୍ର ଅଙ୍କନ କରିବାରେ ସମର୍ଥ ନହେବାରୁ ଜ୍ଞାନାନନ୍ଦ ନାମକ ଏକ ସନ୍ୟାସୀଙ୍କ ଉପରେ ଏହି ଭାର ନ୍ୟସ୍ତ କରାଗଲା । ସନ୍ୟାସୀ ମୟଙ୍କ ସମୀପକୁ ଗଲେ ।

ସେହି ସମୟରେ ବିଧାତା ଢେମାର ସମାନ ପିତୁଳାଟିଏ ନିର୍ମାଣ କରୁଥିଲେ । ସନ୍ୟାସୀଙ୍କ

ସ୍ତୁତିରେ ବ୍ରହ୍ମା ପ୍ରୀତ ହୋଇ ସେହି ପିତୁଳାଟିକୁ ତାକୁ ଦେଲେ । ସନ୍ନ୍ୟାସୀ ସେହି ପିତୁଳାଟିକୁ ଆଣିଲେୟ । ମନ୍ତ୍ରୀଙ୍କ ଆଦେଶରେ ସନ୍ନ୍ୟାସୀ ଚିତ୍ରକୁ ଧରି ବିଭିନ୍ନ ରାଜଧାନୀ ଭ୍ରମଣ କରି ରାଜକୁମାର ମାନଙ୍କୁ ଦେଖାଇଲେ । କ୍ରମେ ସଂସାରରେ ରାମାର ପ୍ରଶଂସା ଖ୍ୟାତ ହେଲା । ନୃପତି ସମୂହ ଉଚ୍ଛନ୍ନ ଚିତ୍ତ ହେଲେ । "ଏମନ୍ତେ ରାମା ପ୍ରଶଂସା ସଂସାରେ ଖ୍ୟାତ / ନୃପତି ସମୂହ ହେଲେ ଉଚ୍ଛନ୍ନ ଚିତ୍ତ / ମନକୁ ପ୍ରେଷିତ କଲେ ସିଂହଳ ଦ୍ୱୀପ / ଶୟନେ ଦେଖିଲେ ସ୍ୱପ୍ନେ ବାଳା ସ୍ୱରୂପ । ॥ ୫୨॥" ଗ୍ରୀଷ୍ମକାଳରେ କୁମାର ଚନ୍ଦ୍ରଭାନୁ ମିତ୍ରମାନଙ୍କ ସହ କାନନ ପୁଷ୍କରିଣୀ ମଧ୍ୟସ୍ଥ ମଣ୍ଡପରେ ବସି ଲାବଣ୍ୟବତୀର ପ୍ରସଙ୍ଗ ପକାଇ ସନ୍ନ୍ୟାସୀ ପ୍ରଦର୍ଶିତ ଚିତ୍ରପଟକୁ ଦେଖି ଦେଖି ମୁଗ୍ଧ ହୋଇଗଲେ ଏବଂ ମୋହରେ ଲାବଣ୍ୟବତୀର ନାମ ଜପ କଲେ । ଦିନେ ଏହି ସମୟରେ ମହ୍ଲାର ଦେଶର ମଦନିକା ଯୁବରାଜ ଚନ୍ଦ୍ରଭାନୁଙ୍କୁ ଦର୍ଶନ କରିବା ପାଇଁ ଆସିଥିଲା । ତା'ର ଅପୂର୍ବ ରୂପ ଲାବଣ୍ୟ ଦେଖି ସମସ୍ତେ ଧନ୍ୟ ଧନ୍ୟ କଲେ । ସନ୍ନ୍ୟାସୀ କହିଲେ "ଲାବଣ୍ୟବତୀର ଶୋଭାକୁ ଏ ଯୋଷା ତୁଳନୀୟ ନୁହେଁ, ଲାବଣ୍ୟବତୀର ପାଦକୁ ମଧ୍ୟ ଉପମା ଯୋଗ୍ୟ ନୁହେଁ ।" କୁମାର ଚନ୍ଦ୍ରଭାନୁ ଲାବଣ୍ୟବତୀର ରୂପ ଅବଲୋକନ ଚିତ୍ରପଟରେ କରି ସମସ୍ତ ବିଷୟ ତ୍ୟାଗ କରି ଆନମନା ହେଲେ । (୯ମ ଛାନ୍ଦ) କୁମାର ଲାବଣ୍ୟବତୀର ଚିତ୍ରପଟ ଦେଖି ମୁଗ୍ଧ ହୋଇଥିବା ସନ୍ନ୍ୟାସୀ ଲକ୍ଷ୍ୟ କଲେ ଏବଂ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଚନ୍ଦ୍ରଭାନୁ ଜେମାର ସର୍ବଗୁଣରେ ଉପଯୁକ୍ତ ବର ଥିବା ମତଦେଲେ । ଚନ୍ଦ୍ରଭାନୁର ମନ ଜେମାପ୍ରତି ଉଚ୍ଚାଟ ହୋଇଥିଲା ଏହା ସିଂହଳ ରାଜା ରତ୍ନେଶ୍ୱର ଜାଣିପାରି ସେ ଉପଯୁକ୍ତ ପାତ୍ର ଥିବାରୁ ତାଙ୍କ ସହିତ ଜେମାର ବିବାହ ଦେବା ପାଇଁ ମନେ ମନେ ସ୍ଥିର କଲେ । ଚନ୍ଦ୍ରଭାନୁକୁ ସ୍ୱରାଜ୍ୟକୁ ଆଣିବା ପାଇଁ ଉପାୟ ପାଞ୍ଚିଲେ । କନ୍ୟା ଯାଚିବା ନ ଦିଶିଲା ପରି ଉପାୟ କଲେ । ଏକ ଘୋଷର ଆୟୋଜନ କରି ଦୂତ ପେଷି ତାକୁ ଆଣିବା ବ୍ୟବସ୍ଥା କଲେ । ଯାତ୍ରା ଗୋଳ ହେଲା । (୧୦ମ ଛାନ୍ଦ)

ଏପଟେ ଲାବଣ୍ୟବତୀ ସନ୍ନ୍ୟାସୀଙ୍କ ଠାରୁ ଚନ୍ଦ୍ରଭାନୁର ପ୍ରଶଂସା ଶୁଣି ତାଙ୍କ ପ୍ରତି ଅନୁରକ୍ତା ହେଲେ ଏବଂ ଏହି ବରକୁ ଲାଭ କରିବା ନିମନ୍ତେ ହରପାର୍ବତୀଙ୍କୁ ପୂଜା କଲେ । ହରପାର୍ବତୀ ସନ୍ତୁଷ୍ଟ ହୋଇ ରାତ୍ରିରେ ଏକ ଯୋଗିନୀକୁ ପ୍ରେରଣ କରି ଚନ୍ଦ୍ରଭାନୁଙ୍କୁ ସ୍ୱ ଅଲୌକିକ ଶକ୍ତିବଳରେ ଗୋପନରେ ଜେମାର ପୁରକୁ ଆଣି ତାଙ୍କ ପାଖରେ ଛାଡ଼ି ଦେଲେ । ଜେମା ଓ ରାଜକୁମାର ଉଭୟେ ରସମୟ ଆଳାପରେ ମଗ୍ନ ହେଲେ । କୁମାର କୁମାରୀଙ୍କୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେବାବେଳେ କୁମାରୀର ଆଙ୍ଗୁଠିରେ କୁମାର ମୁଦ୍ରିକା ପିନ୍ଧାଇ ଦେଲେ ଏବଂ କୁମାରୀ ନିଜ ଗଳାର ମୋତି ମାଳଟି କୁମାରଙ୍କ ଗଳାରେ ଲମ୍ବାଇ ଦେଲେ । ଉଭୟେ ଏହିପରି ଭାବରେ ପରସ୍ପରକୁ ବରଣ କରିନେଲେ ଓ ଉଭୟେ ଏକତ୍ର ନିଦ୍ରାଗଲେ । ସେ ସମୟରେ ଚନ୍ଦ୍ରମା ଅସ୍ତ ହେଉଥିଲେ । କୁମାରର ସ୍ୱରୂପ ପ୍ରତିମାଟିଏ ବାଡ଼ରେ ଲେଖିଲେ । ଦେବୀ ମାୟା ହରଣ କରି କୁମାରକୁ ନିଜପୁରକୁ ନେଇଗଲେ । (୧୧ଶ ଛାନ୍ଦ) ରାତ୍ରୀ ଅବସାନରେ ନିଦ୍ରା ଭାଙ୍ଗିଯିବାରୁ ଜେମା କୁମାରକୁ ପାଖରେ ନଥିବା ଦେଖି ବିକଳ ହୋଇ ବିଳାପ କଲେ । ସଖୀମାନେ ତାଙ୍କ ଅଙ୍ଗରେ କ୍ଷତ ଚିହ୍ନ ଓ ଆଙ୍ଗୁଠିରେ ମୁଦ୍ରିକା ଦେଖି ଗୋପନରେ କୌଣସି କୁମାର ସହିତ ଜେମା

ପ୍ରଣୟରେ ଆବଦ୍ଧ ହୋଇଥିବା ଅନୁମାନ କଲେ । ଜେମା ବିରହ ଜ୍ୱରରେ ପୀଡ଼ିତ ହୋଇଥିବା ରାଜବୈଦ୍ୟ ଦେଖିଲେ ଏବଂ ଜେମାଙ୍କର କାମ ଜ୍ୱର ହୋଇଥିବା ଇଙ୍ଗିତରେ ଜଣାଇଦେଲେ । ଏହି ସମୟରେ ମାଳିନୀ ଚତୁରା ଫୁଲ ଚାଙ୍ଗୁଡ଼ି ଧରି ପ୍ରବେଶ ହେଲା । (୧୨ଶ ଛାନ୍ଦ)

ଜେମାଙ୍କ ନିର୍ଦ୍ଦେଶରେ ସେ ଶିବପାର୍ବତୀଙ୍କୁ ପୁଷ୍ପ ଦେଇ ସନ୍ତୁଷ୍ଟ କରିଥିଲା । ଚନ୍ଦ୍ରଭାନୁ ସହିତ ଜେମାର ମିଳନର ବ୍ୟବସ୍ଥା ପ୍ରସଙ୍ଗ ହରପାର୍ବତୀ ମାଳିନୀକୁ ପୂର୍ବରାତ୍ରିରେ ସ୍ୱପ୍ନରେ କହିଥିବା ମାଳିନୀ ପ୍ରକାଶ କରିବାରୁ ଜେମା ଆଶ୍ୱସ୍ତ ହେଲେ ଏବଂ ଚନ୍ଦ୍ରଭାନୁଙ୍କୁ ନ ପାଇଲେ ପ୍ରାଣତ୍ୟାଗ କରିବେ ବୋଲି ପ୍ରତିଜ୍ଞା କଲେ । (୧୩ ଛାନ୍ଦ) ଏଣେ କୁମାର ପୁର ଚତ୍ୱରରେ ଶୋଇଥିଲେ । ନିଦ୍ରା ଭାଙ୍ଗିଯିବାରୁ ନାହିଁ ଯାମିନୀ ନାହିଁ 'କାମିନୀ' ଦେଖି କାତର ହେଲେ । କୁମାରୀଙ୍କୁ ସ୍ମରଣ କରି ସେ ବିରହରେ ବିଳାପ କଲେ ଏବଂ ଅଧୈର୍ଯ୍ୟ ହୋଇ ପ୍ରାଣତ୍ୟାଗ କରିବାକୁ ସଂକଳ୍ପ କଲେ । ମିତ୍ରମାନଙ୍କ ସଦୁପଦେଶ ଓ ଆଶାର ବାଣୀ ତାଙ୍କୁ ଶାନ୍ତ କଲା । (୧୪ଶ ଛାନ୍ଦ) ଏହି ସମୟରେ କର୍ଣ୍ଣାଟ ଦେଶରୁ ଜଣେ ଐନ୍ଦ୍ରଜାଲିକ ନିଜ ନଟୀ, ଶିଷ୍ୟ, ପ୍ରଶିଷ୍ୟ ଓ ସାପପେଡ଼ି ସହିତ ସିଂହଳରେ ଉପସ୍ଥିତ ହେଲା । ରାଜପ୍ରାସାଦରେ ସେ ଇନ୍ଦ୍ରଜାଲ କୌତୁକ ଦେଖାଇବା ବେଳେ ରାମାୟଣ ଚରିତକୁ ମଧ୍ୟ ମାୟାରେ ଦେଖାଇଲା । ରାମ ସୀତାଙ୍କ ଅଭିଷେକ ରୂପ ଦେଖାଇଲା ବେଳେ ଲାବଣ୍ୟବତୀକୁ ସ୍ୱପ୍ରଣୟୀ ଚନ୍ଦ୍ରଭାନୁର ରୂପ ଦେଖିଲା ପରି ଲାଗିଲା । ରାମଙ୍କ ଆଗରେ ଚନ୍ଦ୍ରଭାନୁ ଦଣ୍ଡାୟମାନ ହୋଇଥିଲା ପରି ତାଙ୍କୁ ଜଣାଗଲା । କୁହୁକ କୁଶଳର ମାୟାରେ ଲାବଣ୍ୟବତୀ ସ୍ୱପ୍ରେମିକ ସହିତ ପ୍ରେମାଳାପ କରୁଥିଲା ପରି ଅନୁଭବ କଲେ । ପ୍ରଣୟୀ ଯୁଗଳଙ୍କ ପ୍ରେମାଳାପ ପ୍ରଣୟିନୀଙ୍କୁ ସତ୍ୟବତ୍ ପ୍ରତୀୟମାନ ହେଲା । ପ୍ରେମାଲିଙ୍ଗନର ଚିତ୍ର ଜେମାର ମାନସପଟ୍ଟରେ ଦୃଶ୍ୟ ହେଉଥିଲା ବେଳେ କୁହୁକ କୁଶଳୀ ଐନ୍ଦ୍ରଜାଲିକ ମାୟାକୁ ହରଣ କରିଦେଲେ । ଐନ୍ଦ୍ରଜାଲିକ କର୍ଣ୍ଣାଟକ ପ୍ରତ୍ୟାବର୍ତ୍ତନ କରି ଦୁର୍ଲ୍ଲଭ କନ୍ୟା ଲାବଣ୍ୟବତୀ ତାଙ୍କ ପ୍ରତି ଆସକ୍ତ ଥିବାର ଜଣାଇବାରୁ କୁମାର ଆନନ୍ଦିତ ହେଲେ ।(୧୫ ଶ ଛାନ୍ଦ)

ଐନ୍ଦ୍ରଜାଲିକ ମୁଖରୁ କୁମାରୀ ବଶ ହୋଇଥିବା ଶୁଣି କୁମାର ମନ ଆନନ୍ଦରେ ମିତ୍ରମାନଙ୍କ ଆଗରେ ପ୍ରିୟାର ଶୋଭା ଅନୁରାଗ ବର୍ଣ୍ଣନା କଲା । (୧୬ଶ ଛାନ୍ଦ) ଏଣେ ବୋହିତୁଆଳ ସାଧବ ରତ୍ନାକର ଶୁକ ଓ ବ୍ରହ୍ମଚାରୀଙ୍କୁ ସଙ୍ଗରେ ଘେନି ସିଂହଳକୁ ଫେରିଲା । କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ଶୁଣିବା ଦିନରୁ ତାହାଠାରେ ମୁଗ୍ଧ ହୋଇଛି ଏବଂ ଉପଯୁକ୍ତ ବରପାତ୍ର ଥିବାରୁ ତାହାକୁ ରାଜଜେମା ସହିତ ବିବାହ କରାଇଲେ ଉତ୍ତମ ହେବ ଏହି ପ୍ରସ୍ତାବ ସମ୍ବନ୍ଧରେ ଜେମାର ମନୋଭାବ ଜାଣିବାକୁ ନିଜ ଭଗିନୀ ମେଘମାଳାକୁ ଜେମା ନିକଟକୁ ପଠାଇବାକୁ ସ୍ଥିର କଲା । ପୁଣି ବ୍ରହ୍ମଚାରୀଙ୍କ ସହିତ ତା' ସମ୍ବନ୍ଧରେ ଆଲୋଚନା କରି ଶୁକକୁ ମେଘମାଳା ହାତରେ ଦେଇ ରାଜନଅରକୁ ପଠାଇ ଦେଲା । ବାଳା ପ୍ରିୟର ବିରହରେ କ୍ଷୀଣାବସ୍ଥାକୁ ଭଜି ଥିଲା । ଶୁକଠାରୁ କୁମାର ତାହାପ୍ରତି ଅନୁରାଗ ଥିବା ଜାଣି ଅତ୍ୟନ୍ତ ସୁଖୀ ହେଲା । ପ୍ରେମିକା ଆଗରେ ପ୍ରେମପତ୍ର ଦେବୀ

ମର୍ଯ୍ୟାଦା ହାନିକର ଭାବି ଚନ୍ଦ୍ରଭାନୁ ଠାରୁ ପ୍ରେମପତ୍ର ଆଣିବା ପାଇଁ ଗୋପନରେ ବ୍ରହ୍ମଚାରୀ କର୍ଣ୍ଣାଟ ରାଜଧାନୀ ବିଦ୍ୟାନଗରକୁ ଗଲେ । (୧୭ଶ ଛାନ୍ଦ) ବ୍ରହ୍ମଚାରୀ ବିଦ୍ୟା ନଗରକୁ ଯାଇ ଚନ୍ଦ୍ରଭାନୁ ସଙ୍ଗେ ଦେଖାକଲେ । ସେତେବେଳେ ଚନ୍ଦ୍ରଭାନୁ ଲାବଣ୍ୟବତୀର ଶୋଭା ମିତ୍ରମାନଙ୍କ ଆଗରେ ବର୍ଣ୍ଣନା କରି ବିରହରେ କାତର ହେଉଥିଲେ । ସେ ଜେମା ପ୍ରତି ଅନୁରାଗୀ ଓ ଉତ୍କଣ୍ଠିତ ଥିବା ଜାଣି ତାହାଙ୍କୁ ଜେମାଙ୍କ ଠାକୁ ଚିଠି ଦେବାକୁ ବ୍ରହ୍ମଚାରୀ କହିଲେ । ଚନ୍ଦ୍ରଭାନୁର ଚିଠିକୁ ଜଟାରେ ରଖି ବହ୍ମଚାରୀ ସିଂହଳ ପ୍ରତ୍ୟାବର୍ତ୍ତନ କଲେ ଏବଂ ଚକ୍ଷୁବନ୍ଧନ ବିଦ୍ୟା ପ୍ରୟୋଗ କରି ନାରୀ ବେଶରେ ରାଜ ନଅରରେ ପ୍ରବେଶ କରି ଲାବଣ୍ୟବତୀକୁ ଚିଟାଉ ଦେଲେ । (୧୮ଶ ଛାନ୍ଦ) ଲାବଣ୍ୟବତୀ ଚନ୍ଦ୍ରଭାନୁର ପ୍ରେମପତ୍ର ପାଠ କରି ଅତ୍ୟନ୍ତ ଆନନ୍ଦିତା ହେଲେ ଏବଂ ବ୍ରହ୍ମଚାରୀଙ୍କୁ ଶୁକ ଓ ଚିଠି ସହ କର୍ଣ୍ଣାଟକକୁ ପ୍ରସ୍ଥାନ କଲେ । (୧୯ଶ ଛାନ୍ଦ)

ଲାବଣ୍ୟବତୀ ରସପୂର୍ଣ୍ଣ ଉତ୍ତର ଲେଖି ବ୍ରହ୍ମଚାରୀଙ୍କ ହାତରେ ଦେଲେ । ଶିବରାତ୍ରି ଦିନ ରାମେଶ୍ୱରଙ୍କ ଠାରେ ମେଳା ବସିବା ଅବସରରେ ଦୁହିଁଙ୍କ ଭେଟ ହେବା ସୂଚନା ଚିଠିରେ ଥିଲା । ବ୍ରହ୍ମଚାରୀ ଶୁକକୁ ଧରି କର୍ଣ୍ଣାଟକୁ ପ୍ରସ୍ଥାନ କଲେ । (୨୦ଶ ଛାନ୍ଦ) ବର୍ଷାଋତୁ ଆସିବାରୁ ଚନ୍ଦ୍ରଭାନୁ ବିରହରେ କାତର ହୋଇ କନ୍ଦର୍ପ ପୀଡ଼ାରେ ବ୍ୟଥିତ ହେଲେ । ଦିନେ ସେ ବିରହରେ ମୂର୍ଚ୍ଛା ହୋଇ ଯିବାରୁ ସଖାମାନେ ଚେତା କରାଇଲେ । ଏହି ସମୟରେ ଶୁକ ଓ ବ୍ରହ୍ମଚାରୀ ତାଙ୍କ ନିକଟରେ ଉପସ୍ଥିତ ହୋଇ ଲାବଣ୍ୟବତୀର ଚିଟାଉ ଦେଲେ । କୁମାର ଚିଟାଉ ପାଠକରି କୁମାରୀର ଉଚ୍ଚପ୍ରଶଂସା କଲେ ଏବଂ ଚିଠିରେ ଶିବରାତ୍ରି ବେଳକୁ ସିଂହଳ ଯିବା ପାଇଁ ଜେମା ଲେଖିଥିବା ଜାଣିଲେ । ଶୁକ ଓ ବ୍ରହ୍ମଚାରୀଙ୍କ ଠାରୁ ଲାବଣ୍ୟବତୀ କଥା ବାରମ୍ବାର ଶୁଣିବାରୁ ତାଙ୍କ ମନ ଉଚ୍ଛନ୍ନ ହେଲା, ବିରହ ବ୍ୟଥା ବୃଦ୍ଧିପାଇଲା । (୨୧ଶ ଛାନ୍ଦ) ଏହି ବର୍ଷା ଋତୁରେ ଲାବଣ୍ୟବତୀ ବିରହ ବ୍ୟଥାରେ କାତର ହେଲେ । ଶରତ, ହେମନ୍ତ, ଶିଶିର ଋତୁ କଟିଗଲା । (୨୨ଶ ଛାନ୍ଦ) କ୍ରମେ ବସନ୍ତ ଋତୁ ଆଗତ ହେଲା । ରାମେଶ୍ୱର ଠାରେ ଶିବରାତ୍ରି ଉତ୍ସବ ଦେଖିବା ପାଇଁ ପିତା ଅନୁମତି ଦେବାରୁ ମିତ୍ର, ସେବକ, ସୈନ୍ୟ ସାମନ୍ତ ସହିତ ଯୁବରାଜ ଚନ୍ଦ୍ରଭାନୁ ଶୁଭଦିନରେ ଯାତ୍ରାକଲେ । ବହୁଦିନ ପରେ କିଷ୍କିନ୍ଧ୍ୟାପୁର ପ୍ରଦେଶରେ ପ୍ରବେଶ ହେଲେ । (୨୩ଶ ଛାନ୍ଦ) କୁମାର କିଷ୍କିନ୍ଧ୍ୟା ବନରେ ମୃଗୟାକରି ସେଠାରୁ ରାମେଶ୍ୱରକୁ ଗମନ କଲେ । ଫଗୁଣ ମାସ ପ୍ରବେଶ ହେବାରୁ ସିଂହଳରାଜ ସପରିବାର ରାମେଶ୍ୱରକୁ ବୋଇତରେ ଗଲେ । ରାମେଶ୍ୱରରେ ଚନ୍ଦ୍ରଭାନୁ ମଧ୍ୟ ଉପସ୍ଥିତ ହେଲେ । ଦେବାଳୟରେ ଚନ୍ଦ୍ରଭାନୁ ହସ୍ତରେ ଲାବଣ୍ୟବତୀର ଚିଠି ଦେଇ ଆସିଲା । (୨୪ଛାନ୍ଦ)

ରାମେଶ୍ୱର ଦେବାଳୟରେ ନାୟକ ନାୟିକାର ଭେଟ ହେବା ସ୍ଥିର କରି ନାୟିକା ନାୟକକୁ ଚିଠି ଦେଲେ । ନାୟକ ସ୍ତ୍ରୀ ବେଶରେ ମନ୍ଦିରକୁ ଯିବେ, ସେଠାରେ ଉଭୟଙ୍କର ଦେଖା ସାକ୍ଷାତ ହେବ। (୨୫ଶ ଛାନ୍ଦ) ନିଜ ସଙ୍ଗରେ ଆସିଥିବା ସ୍ତ୍ରୀମାନେ ଦେବାଳୟକୁ ଯିବାପାଇଁ ଅନୁମତି ଚନ୍ଦ୍ରଭାନୁ ସିଂହଳ ରାଜଙ୍କଠାରୁ ଆଗରୁ ଆଣିଲେ । ଚନ୍ଦ୍ରଭାନୁ ସ୍ତ୍ରୀ ବେଶରେ ମନ୍ଦିରରେ ପ୍ରବେଶ କଲେ । ଲାବଣ୍ୟବତୀ ପିତାଙ୍କ ଅନୁମତି କ୍ରମେ ଦେବାଳୟକୁ ଗଲେ ।

କର୍ଣ୍ଣାଟ ରାଜକୁମାର ସହିତ ହେମାଙ୍କ ବିବାହ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ସିଂହଳ ରାଜା ସ୍ଥିରକଲେ । କିନ୍ତୁ କନ୍ୟା ଯାଚିବା ଅସମ୍ମାନଜନକ ଥିବାରୁ ରାଜକୁମାରଙ୍କ ମନୋଭାବ ଜାଣିବା ନିମନ୍ତେ ପୁରୋହିତଙ୍କୁ ପଠାଇଲେ । ରାଜକୁମାରଙ୍କ ମନରେ ସନ୍ତୋଷ ଜାତ କରାଇ ତାଙ୍କୁ ସମ୍ମତ କରାଇବା ପାଇଁ ପୁରୋହିତ ବହୁବିଧ ପାଠ ଶୁଣାଇଲେ । ପୁରୋହିତ କାମଶାସ୍ତ୍ର ରସ ମଧ୍ୟ ଉତ୍‌ଥାପନ କରି କାମିନୀ ବର୍ଣ୍ଣନା ଅତିଶୟ କରି କୁମାରର ମନ ମୋହିଲେ । ପୁରୋହିତ କୌଶଳରେ ପ୍ରସ୍ତାବ କରି ଯୁବରାଜ ଅବିବାହିତ ଥିବା ମଧ୍ୟ ଜାଣିଲେ । କୁମାରର ମିତ୍ର ଲାବଣ୍ୟବତୀ ସହିତ କୁମାରର ବିବାହ ପ୍ରସଙ୍ଗ ପକାଇବା ପାଇଁ ପୁରୋହିତଙ୍କୁ ଅନୁରୋଧ କଲେ । ପୁରୋହିତ ସଙ୍ଗରେ କୁମାରର ମିତ୍ର ରତ୍ନଧ୍ୱଜ ସିଂହଳ ରାଜାଙ୍କ ନିକଟକୁ ଯାଇ ପ୍ରସ୍ତାବ ଉତ୍‌ଥାପନ କରନ୍ତେ ରାଜା ସମ୍ମତ ହେଲେ । ଜାତକ ମେଳକ ହେବାରୁ ଚନ୍ଦ୍ରଭାନୁଙ୍କୁ ଏହା ଜଣାଇଦିଆଗଲା । ନାୟକ ଓ ନାୟିକା ଉଭୟେ ବିରହରେ ଉତ୍କଣ୍ଠିତ ହେଲେ । (୨୮ଶ ଛାନ୍ଦ) ଲାବଣ୍ୟବତୀ ପିତାଙ୍କ ସହ ସିଂହଳକୁ ଫେରିଆସିଲେ ଏବଂ ଚନ୍ଦ୍ରଭାନୁ ସହିତ ବିବାହ ସ୍ଥିର ହୋଇଥିବା ଶୁଣି ଆନନ୍ଦିତ ହେଲେ । ମାତାମହୀଙ୍କ ଜରତା ଦାସୀଙ୍କ ସଙ୍ଗରେ ଲାବଣ୍ୟବତୀର ସଖୀମାନେ ସୁନ୍ଦର ରସାଳାପ କଲେ । (୨୯ଶ ଛାନ୍ଦ)

ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ବିଧିବିଧାନ ସହ ଆଡ଼ମ୍ବରରେ ବିବାହ ହେଲା । ସଖୀମାନେ କେଳିପୁରକୁ ସଜାଇଲେ । (୩୦ ଛାନ୍ଦ) ନବଦମ୍ପତିଙ୍କର ମିଳନ ପୂର୍ବରୁ ଉତ୍କଣ୍ଠା ପ୍ରକାଶ ପାଇଲା, କେଳିପୁର ବିବିଧ ମଣ୍ଡଣି ଓ ରସୋପଯୋଗୀ ଚିତ୍ରରେ ଭୂଷିତ ହେଲା । (୩୧ଶ ଛାନ୍ଦ) ଲାବଣ୍ୟବତୀକୁ ସଖୀମାନେ ସୁରମ୍ୟ ବେଶରେ ସଜାଇ ହାସ ପରିହାସପୂର୍ଣ୍ଣ ଆଳାପ ଭିତରେ କେଳିପୁରରେ ବର ସମୀପରେ ଛାଡ଼ିଦେଇ ଆସିଲେ । (୩୨ଶ ଛାନ୍ଦ) କେଳିପୁରରୁ ବାହୁଡ଼ି ଆସିବା ବେଳେ ଲାବଣ୍ୟବତୀକୁ ସଖୀମାନଙ୍କ ପରିହାସ । (୩୪ଶ ଛାନ୍ଦ) ଅଷ୍ଟମଙ୍ଗଳା ଦିନ ଚନ୍ଦ୍ରଭାନୁଙ୍କର ଅନ୍ୟ ତିନି ମିତ୍ର ମଧ୍ୟ ଲାବଣ୍ୟବତୀର ତିନିସଖୀଙ୍କୁ ବିବାହ କଲେ । ଚନ୍ଦ୍ରଭାନୁ ଓ ତାଙ୍କ ମିତ୍ରମାନେ ସିଂହଳରେ କିଛିଦିନ ସୁଖରେ ଅତିବାହିତ କରି କନ୍ୟାମାନଙ୍କ ସହ ବୋଇତରେ ବସି ସ୍ୱଦେଶକୁ ଫେରିଲେ । ଏଭିତରେ ନାରଦଙ୍କ ଠାରୁ ଲାବଣ୍ୟବତୀର ଅପୂର୍ବ ଶୋଭା ବିଷୟ ଅବଗତ ହୋଇ ଇନ୍ଦ୍ରାଦି ଦେବତାମାନେ ଈର୍ଷାନ୍ୱିତ ହୋଇ ଶାପ ଦେଲେ । ନଳଦମୟନ୍ତୀ ତୁଲ୍ୟ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀଙ୍କର କିଛିଦିନ ବିଚ୍ଛେଦ ହେବ ଏବଂ ପରେ ସେମାନେ ବିପୁଳ ସୁଖ ସମ୍ପଦ ଭୋଗ କରିବେ । ସିନ୍ଧୁଦେଶର ନିଃଶ୍ୱାସ ଉଭବା ଚଣ୍ଡୀଙ୍କ ଦ୍ୱାରା ଦେବତାମାନେ ବିଚ୍ଛେଦ ଘଟାଇବାକୁ ସ୍ଥିର କଲେ । (୩୫ଶ ଛାନ୍ଦ)

ନବଦମ୍ପତି କୌତୁକରେ କାଳାତିପାତ କରିବାକୁ ଲାଗିଲେ । ଲାବଣ୍ୟବତୀ ମାନଭଞ୍ଜନ କଲେ । ଉଭୟେ କେଳି କରି ଆନନ୍ଦ ଉପଭୋଗ କଲେ । ଚନ୍ଦ୍ରଭାନୁ କେବେ ହେଲେ ଲାବଣ୍ୟବତୀକୁ ପ୍ରବାସ ଯାଇ ବିଚ୍ଛେଦ ଦୁଃଖ ଦେବେ ନାହିଁ ପ୍ରତିଜ୍ଞା କଲେ । (୩୬-

୩୮ଶ ଛାନ୍ଦ) ଏହି ସମୟରେ ଅସୁରମାନେ ସଂସପ୍ତକମାନଙ୍କ ସହିତ ଯୋଗଦେଇ ଋଷିମାନଙ୍କର ଯଜ୍ଞ ନଷ୍ଟ କଲେ । କେବଳ ଚନ୍ଦ୍ରଭାନୁଙ୍କ ଦ୍ୱାରା ଦୁଷ୍ଟ ନିବାରଣ ସମ୍ଭବ ବୋଲି ଋଷିମାନେ ଭାବିଲେ । ସର୍ବଜ୍ଞ ଋଷିମାନେ ଦେବତାମାନଙ୍କ ଶାପକୁ ସ୍ମରଣ କରି ସିନ୍ଧୁଦେଶର ନିଃଶ୍ୱାସିକା ଚଣ୍ଡୀଙ୍କ ସାହାଯ୍ୟ ନେଲେ । ବସନ୍ତ ଋତୁରେ କାବେରୀ କୂଳରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ ବନ ବିଳାସରେ ଲିପ୍ତଥିବା ଅବସରରେ ଦିନେ ଚଣ୍ଡୀଙ୍କ ଆଦେଶରେ ପ୍ରଚଣ୍ଡ ପବନ ବୋହିବାରୁ ମିତ୍ରମାନଙ୍କ ସହ କୁମାର ଲାବଣ୍ୟବତୀ ଓ ତା'ର ସଖୀମାନଙ୍କ ଠାରୁ ବିଚ୍ଛିନ୍ନ ହେଲେ । ପବନ ଏମାନଙ୍କୁ ବୋହିନେଇ ଏଳାବୃତ୍ତ ବନରେ ରଖିଲା । ଏହି ଦୁର୍ବିପାକରେ କର୍ଣ୍ଣାଟ ରାଜା ଚିନ୍ତିତ ହୋଇ ସ୍ୱଇଷ୍ଟ ଦେବୀଙ୍କୁ ପୂଜା କରିବାରୁ ଦେବୀ ପ୍ରସନ୍ନ ହୋଇ ଦେବତାମାନଙ୍କ ଶାପ ପ୍ରସଙ୍ଗ ରାଜାଙ୍କୁ କହିଲେ । ରାଜା ସନ୍ତୁଷ୍ଟ ହେଲେ । ପ୍ରବଳ ପବନ ଶାନ୍ତ ହେବାରୁ ଚନ୍ଦ୍ରଭାନୁ ପ୍ରିୟାଙ୍କୁ ନଦେଖି ବିକଳ ହେଲେ । ଏହି ସମୟରେ ନାରଦଙ୍କର ଶୂନ୍ୟବାଣୀ ହେଲା, ''ଏକ ସମ୍ବତ୍ସର ବିଚ୍ଛେଦ ହେବ ପୁଣି ବାଳା ସଙ୍ଗେ ମିଳିତ ହେବ ଏହା ଦେବତା ମାନଙ୍କର ଶାପ ।'' ଏହାପରେ ଚନ୍ଦ୍ରଭାନୁ ଓ ତାଙ୍କ ମିତ୍ରମାନଙ୍କୁ ଗନ୍ଧର୍ବ ଓ କିନ୍ନରମାନେ ଦେଖି ମନରେ ଆଶଙ୍କା କଲେ । ଏମାନଙ୍କର ମାଧୁରୀ ଦେଖିଲେ ସେମାନଙ୍କ ମନୋହାରୀମାନେ ଭ୍ରଷ୍ଟ ହୋଇଯିବେ । ଏ ବିପଦରୁ ରକ୍ଷା ପାଇବା ପାଇଁ ଚନ୍ଦ୍ରଭାନୁଙ୍କୁ ମୂଲ୍ୟବାନ ପ୍ରସ୍ତର ଗୁମ୍ଫାରେ ଲୁଚାଇ ରଖିଲେ । (୩୯ଶ ଛାନ୍ଦ)

ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର ଓ ବସନ୍ତ ଋତୁରେ ବିରହ ବର୍ଣ୍ଣନା । (୪୦-୪୪ ଛାନ୍ଦ) ଉତ୍ତର କୁରୁରେ ଅସ୍ତପ ଓ ସଂସପ୍ତକମାନଙ୍କ ଭୟରୁ ରକ୍ଷା କରିବା ପାଇଁ କୋଟି କଣ୍ଠରେ ଲୋକେ ଚନ୍ଦ୍ରଭାନୁଙ୍କୁ ଡାକ ଦେଲେ । ଅଦ୍ଭୁତରେ ବିବିଧ ଆୟୁଧରେ ସଜ୍ଜିତ ଏକ ରଥ ଆସି ଚନ୍ଦ୍ରଭାନୁଙ୍କ ନିକଟରେ ଉପସ୍ଥିତ ହେଲା । ଏଥିରେ ବସି ଚନ୍ଦ୍ରଭାନୁ ଭୀଷଣ ଯୁଦ୍ଧରେ ଦୁଷ୍ଟ ସଂହାର କଲେ । ଦେବତାମାନେ ପ୍ରସନ୍ନ ହୋଇ ଚନ୍ଦ୍ରଭାନୁଙ୍କୁ ଶାପରୁ ମୁକ୍ତ କଲେ । କୁମାର ଅଦ୍ଭୁତ ରଥରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । (୪୫ଶ ଛାନ୍ଦ) ଚନ୍ଦ୍ରଭାନୁଙ୍କ ବିରହରେ ଲାବଣ୍ୟବତୀ ଅତି ଦୁଃଖ ପାଇ ମୃତା ପ୍ରାୟ ହୋଇ ଯାଇଥିଲେ । ଚନ୍ଦ୍ରଭାନୁଙ୍କୁ ଦେଖି ତାଙ୍କ ଦୁଃଖ ନାଶ ହେଲା । (୪୬ଶ ଛାନ୍ଦ) ଦମ୍ପତିଙ୍କ ପ୍ରେମ, ଚନ୍ଦ୍ରଭାନୁଙ୍କ କୀର୍ତ୍ତି ଚତୁର୍ଦ୍ଦିଗରେ ପ୍ରଚାର ଲାଭ କରିବାରୁ ଶତ୍ରୁ ରାଜାମାନେ ଭୟକଲେ ଏବଂ ମିତ୍ରମାନେ ଆନନ୍ଦିତ ହେଲେ । (୪୭ଶ ଛାନ୍ଦ) ରାଜ୍ୟ ଶାସନ କରିବାକୁ ଚନ୍ଦ୍ରଭାନୁ ଉପଯୁକ୍ତ ହୋଇ ସାରିଥିବା ଭାବି ବୃଦ୍ଧ ରାଜା ତାଙ୍କୁ ନୃପତି ପଦବୀଦେଇ ନିଜେ ପୁରୁଷୋତ୍ତମରେ କ୍ଷେତ୍ରବାସ କଲେ । ଚନ୍ଦ୍ରଭାନୁଙ୍କ ସୁଶାସନରେ ଦେଶ ସମୃଦ୍ଧିଶାଳୀ ହେଲା ଏବଂ ପ୍ରଜାମାନେ ଆନନ୍ଦିତ ହେଲେ । (୪୮ଶ ଛାନ୍ଦ)

## ଛାନ୍ଦର ନାମକରଣ :

କବି ଲାବଣ୍ୟବତୀର ଶେଷ ଭାଗର କେତେକ ଛାନ୍ଦର ନାମକରଣ ବିଷୟାନୁସାରେ କରିଛନ୍ତି । ବହୁଛାନ୍ଦର ଆରମ୍ଭରେ କିମ୍ବା ପ୍ରାନ୍ତରେ ଛାନ୍ଦ ବିଷୟରେ ସୂଚନା ଦିଆଯାଇଥିଲେ

ମଧ୍ୟ ସ୍ପଷ୍ଟ ନାମକରଣ ହୋଇନାହିଁ । ୪୦ଶ ଛାନ୍ଦ, ୪୨ଶ ଛାନ୍ଦ ଓ ୪୩ଶ ଛାନ୍ଦର ନାମକରଣ ଦେଖାଯାଉଛି । ୪୦ଶ ଛାନ୍ଦ-ବିରହରେ ଗ୍ରୀଷ୍ମଋତୁ ବର୍ଣ୍ଣନା ବିଷୟ ଛାନ୍ଦର ନାମ ରସରତ୍ନାକର । ''କହେ ଉପଇନ୍ଦ୍ର ଭଞ୍ଜ ବୀରବର ଛାନ୍ଦ ରସ ରତ୍ନାକର'' ୩୬ ପଦ ୪୦ଶ ଛାନ୍ଦ, ୪୨ଶ ଛାନ୍ଦ-ବିରହରେ ଶରତ ଋତୁ ବର୍ଣ୍ଣନା । ୪୩ ଶ ଛାନ୍ଦ -ବିରହେ ହେମନ୍ତ ଋତୁ ବର୍ଣ୍ଣନା ଛାନ୍ଦର ନାମ ରସିକ ଭ୍ରମର ତୋଷଢ଼ ମାଳତୀ ।

## କାବ୍ୟର ରଚନା ସମୟ :

ଲାବଣ୍ୟବତୀର କେତେକ ଛାନ୍ଦର ରାଗ ନିର୍ଦ୍ଦେଶ ସ୍ଥଳରେ ଭଞ୍ଜ ଅନ୍ୟ କବିମାନଙ୍କର କାବ୍ୟ ଓ କବିତାର ଉଲ୍ଲେଖ କରିଥିବା ଦେଖାଯାଏ । ଏଥିଭିତରେ ଲିପିକାରମାନଙ୍କର ପ୍ରକ୍ଷେପ ଅଂଶ ରହିଥିବା ଅସମ୍ଭବ ନୁହେଁ ତେବେ ପରବର୍ତ୍ତୀ କବି ଓ ରଚନାର ଉଲ୍ଲେଖ ଥିବା ସ୍ପଷ୍ଟ ପ୍ରମାଣ ନ ମିଳିଲେ ପ୍ରକ୍ଷିପ୍ତ ଅଂଶର ବିଦ୍ୟମାନତା ସିଦ୍ଧାନ୍ତ ହୋଇପାରିବା ସମ୍ଭବ ନୁହେଁ ।

୧ମ ଛାନ୍ଦ - ରାଗ ନଳିନୀ ଗୌଡ଼ୀ - ରାମବିଭା ପ୍ରଥମଛାନ୍ଦ ବାଣୀ ।

୫ମ ଛାନ୍ଦ - ରାଗ ବସନ୍ତ - ମଧୁପ ଚଉତିଶା ବାଣୀ ।

ଷଷ୍ଠ ଛାନ୍ଦ - ରାଗ ରାମକେରୀ - ଯୋଗୀ ସମାଦି ବାଣୀ ।

ଅଷ୍ଟମ ଛାନ୍ଦ - ରାଗ ମଙ୍ଗଳଗୁଜ୍ଜରୀ - ସଙ୍ଗମ ତିଆରି ବାଣୀ ।

ଦଶମ ଛାନ୍ଦ - ରାଗ ଦେଶାକ୍ଷ - ସଜନୀ ଚଉତିଶା ବାଣୀ ।

ଏକାଦଶ ଛାନ୍ଦ - ରାଗ ଚୋଖି - ସପନ ଚେଡିଆ ବାଣୀ ।

ଦ୍ୱାଦଶ ଛାନ୍ଦ - ରାଗ କଉଶିକ - କୁମୁଦ କାନ୍ତ ଚଉତିଶା ।

ତେରଶ ଛାନ୍ଦ - ରାଗ କଉଶିକ - ମୁନିବର ବାଣୀରେ ଗାଇବ ।

୧୪ ଶ ଛାନ୍ଦ - ରାଗ କଳହଂସ କେଦାର - ମଥୁରା ବିଜୟ ବାଣୀ ।

୧୫ ଶ ଛାନ୍ଦ - ରାଗ ବସନ୍ତ ବୈଭବ - ଉଷା ଦ୍ୱିତୀୟ ଛାନ୍ଦ ବା କଳଶା ବାଣୀ ।

୧୬ ଶ ଛାନ୍ଦ - ରାଗ ଗୁଜ୍ଜରୀ - ଚନ୍ଦ୍ରାବତୀ ସ୍ୱୟମ୍ବର ବାଣୀ ବା ଭାଗବତ ବାଣୀ ।

୧୭ ଶ ଛାନ୍ଦ - ରାଗ ଶଙ୍କରାଭରଣ - ସୀତାହରଣ ଚଉତିଶା ବାଣୀ ।

୨୦ ଶ ଛାନ୍ଦ - ଚିନ୍ତା ବୈଭବ - ଇଚ୍ଛାବତୀ ବାଣୀ ।

୨୧ ଶ ଛାନ୍ଦ - ରାଗ ବୈଭବ - ବଡ଼ ଅନୁକୂଳେ ଜାତ ସଖିଯେ ବାଣୀ ।

୨୨ ଶ ଛାନ୍ଦ - ରାଗ କାମୋଦୀ - ହଂସଦୂତ ଚଉତିଶା ବାଣୀରେ ଗାଇବ ।

୨୩ ଶ ଛାନ୍ଦ-ରାଗ କଲ୍ୟାଣ ଆହାରୀ - ତୋ ନାଥ ଏହିକ୍ଷଣି ପଲଙ୍କେ ଥିଲାବାଣୀ ।

୨୬ ଶ ଛାନ୍ଦ - ରାଗ ଚିନ୍ତା ଦେଶାକ୍ଷ - ପଙ୍କଜ ବଦନ ଲୁଳେ କଜ୍ଜ୍ୱଳ-ଜଳେ ବାଣୀ ।

୨୭ ଶ ଛାନ୍ଦ - ରାଗ ବସନ୍ତ ବରାଡ଼ି - ଆଦ୍ୟ ମଗୁଣିର ବାଣୀ ।

୨୯ ଶ ଛାନ୍ଦ - ରାଗ ନଳିନୀ ଗୌଡ଼ା - ତାଡ଼ୁକୀ ସିଂହାରୀ ରାମବାଣୀ ।

୩୦ ଶ ଛାନ୍ଦ - ମଙ୍ଗଳ ଗୁଜ୍ଜରୀ - ଜଗନ୍ନାଥ ନାମ ଦଶଦିଗକୁ ମଙ୍ଗଳବାଣୀ ।

୩୧ ଶ ଛାନ୍ଦ - ରାଗ କଉଶିକ - ହର ଚଉତିଶା ବାଣୀ ।

୩୨ ଶ ଛାନ୍ଦ - ରାଗ ବରାଡ଼ି - ଗୋପୀ ଜୀବନ ବାଣୀ ।

୩୯ ଶ ଛାନ୍ଦ - ରାଗ ମୁଖାବରୀ - ଚାନ୍ଦ ଚଉତିଶା ବାଣୀରେ ରାଗଚିନ୍ତାମୁଖାରୀ ।

୪୮ ଶ ଛାନ୍ଦ - ରାଗ ମଙ୍ଗଳ - ମଣୋହିଭିଆସ ବାଣୀ ।

ଏହି ଚଉତିଶାଗୁଡ଼ିକର ନାମ ଏଥିରେ ଉଲ୍ଲେଖ କରାଯାଇଥିବାରୁ ଏଗୁଡ଼ିକ 'ଲାବଣ୍ୟବତୀ' ରଚନା ସମୟ ପୂର୍ବରୁ ରଚିତ ହୋଇଥିବା ଅନୁମାନ କରିବା ସମୀଚୀନ ମନେ ହୁଏ । ଏତଦ୍ ବ୍ୟତୀତ ଏହି ଚଉତିଶାର ରାଗକୁ 'ବାଣୀ' ନାମରେ ମଧ୍ୟ ସୂଚିତ ହୋଇଛି । ମଧୁପ ଚଉତିଶା, କୁମୁଦ କାନ୍ତ ଚଉତିଶା, ସଜନୀ ଚଉତିଶା, ହଂସ ଦୂତ ଚଉତିଶା, ହରି ଚଉତିଶା, ସୀତା ହରଣ ଚଉତିଶା ଇତ୍ୟାଦି । 'ବାଣୀ' ଭିତରେ ଚଉତିଶାର ରାଗ ଓ ଗ୍ରନ୍ଥର ପ୍ରସିଦ୍ଧ ଛାନ୍ଦର ରାଗଥିବା ସ୍ପଷ୍ଟ ହେଉଛି । ଯୋଗୀ ସମାଦି, ମୁନିବର, ସଙ୍ଗମ ତିଆରି, ମଥୁରା ବିଜୟ, ସପନଚେତିଆ, ଉଷା ଦ୍ୱିତୀୟ ଛାନ୍ଦବାଣୀ, ଚନ୍ଦ୍ରାବତୀ ସ୍ୱୟମ୍ବର ବାଣୀ, ଇଚ୍ଛାବତୀ ବାଣୀ, ଭାଗବତ ବାଣୀ, ବଡ଼ ଅନୁକୂଳେ ଜାତ ସଖିଏ ବାଣୀ ପ୍ରଭୃତି ଭିତରୁ ରାମବିଭା, ଚନ୍ଦ୍ରାବତୀ, ସ୍ୱୟମ୍ବର, ଭୂମା, ଭାଗବତ, ଇଚ୍ଛାବତୀ ଗ୍ରନ୍ଥମାନଙ୍କର ନାମ ଜଣାଯାଉଛି । ଅନ୍ୟ କବିମାନଙ୍କ କୃତ କାବ୍ୟରେ କେତେକ ଛାନ୍ଦର ନିର୍ଦ୍ଦେଶ ମଧ୍ୟ ଏଥିରେ ଥିବାରୁ ଏହି ଗ୍ରନ୍ଥଗୁଡ଼ିକର ସମୟ ଲାବଣ୍ୟବତୀ ପୂର୍ବର ବୋଲି କହିହେବ; କିନ୍ତୁ କେଉଁ ଗ୍ରନ୍ଥରୁ ନିମ୍ନଲିଖିତ ବାଣୀଗୁଡ଼ିକ ଉଦ୍ଧୃତ ହୋଇଛି ତାହା ଜଣା ପଡୁନାହିଁ । ସପନଚେତିଆ ବାଣୀ, ବଡ଼ ଅନୁକୂଳେ ଜାତ ସଖିଯେ ବାଣୀ, ତୋ ନାଥ ଏହିକ୍ଷଣି ଥିଲା ପଲଙ୍କେ ବାଣୀ, ପଙ୍କଜ ବଦନେ ଲୁଳେ କଜ୍ଜଳ ଜଳେ ବାଣୀ, ହଳଦୀ ଘେନିଣ ତହିଁ ନାରୀ ଏ ଅନ୍ତଃପୁର ବାଣୀ ଇତ୍ୟାଦି ।

## କାବ୍ୟ ନାୟିକାର ରୂପ :

କାବ୍ୟଟି ୪୮ଟି ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । କବି ୪୮ତମ ଛାନ୍ଦର ଶେଷରେ ଲେଖିଛନ୍ତି ଏଥିରେ ସର୍ବମୋଟ ୨୩୬୧ ପଦ ରହିଛି । ''ପ୍ରବନ୍ଧ ଦୁଇ ସହସ୍ର ତିନିଶ / ଷାଠିଏ ଏକପଦରେ ଶେଷ ।'' (୪୪) କବି କାବ୍ୟଟିକୁ ଏକ ମୂର୍ତ୍ତିମନ୍ତ ନାୟିକା ରୂପରେ କଳ୍ପନା କରିଛନ୍ତି ଏବଂ ବିବିଧ ଅଳଙ୍କାର ପରିହିତା ହୋଇ ନାୟିକାର ସୌନ୍ଦର୍ଯ୍ୟ ଯେପରି ଦ୍ୱିଗୁଣିତ ହୁଏ ଠିକ୍ ସେହିପରି ଉପେନ୍ଦ୍ରଭଞ୍ଜ ଏହି ମୂର୍ତ୍ତିମନ୍ତ କାବ୍ୟ ନାୟିକାକୁ ନାନାପ୍ରକାର କାବ୍ୟ ଅଳଙ୍କାର ଦ୍ୱାରା ମଣ୍ଡନ କରାଇ ଏହାର ଶୋଭାବର୍ଦ୍ଧନ କରିଛନ୍ତି । ରୂପବତୀ ନାୟିକା ମୃଦୁ ସ୍ୱର ଓ ବ୍ୟବହାର ଯେପରି ଏହାର କମନୀୟତାକୁ ବର୍ଦ୍ଧିତ କରେ ଏବଂ ମାନସ ରଞ୍ଜନ କରେ ଠିକ୍ ସେହିପରି ମୃଦୁ ପଦାବଳୀ

ଦ୍ୱାରା ଏହି କାବ୍ୟ ନାୟିକା ସମସ୍ତଙ୍କର ମନ ମୋହିବ ବୋଲି ଆଶା ପ୍ରକାଶ କରିଛନ୍ତି । ''ମୂର୍ତ୍ତିମନ୍ତ କରି ମୃଦୁଗୀତ ବିଚାରଇ / ଏଣୁ କରିଥିବ ଅଳଙ୍କାର ଯୁକ୍ତ ହୋଇ ॥ ୭ ॥ ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ / ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ହେ ॥ ୮ ॥ [୪୫] କବି କାବ୍ୟର ଯଥାର୍ଥତା ସମ୍ବନ୍ଧରେ ସୂଚନା ଦେଇଛନ୍ତି, ''ଡ଼ରଳରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ଲିହି / ସୁଚିତ୍ତେ କରଇ ଏହି ଗୀତ ହିତ ପାଇଁ ଯେ ।'' ॥ ୯ ॥ [୪୬] କାବ୍ୟର ହିତ ପାଇଁ କବି ଡ଼ରଳରେ ସାବର୍ଣ୍ଣ୍ୟ ରଖି କେତେକ ପଦ କାବ୍ୟରେ ବ୍ୟବହାର କରିଛନ୍ତି ଯାହା କବିଙ୍କ 'ସହନୀୟ ଯଥେଚ୍ଛାଚାରିତା' ପରିସର ଭିତରେ ଯାଉଥିଲେ ମଧ୍ୟ ଏହା ବ୍ୟାକରଣ ସମ୍ମତ ଓ ସ୍ୱଷ୍ଟ ଥିବାରୁ 'ଦୋଷ' ଅନ୍ତର୍ଭୁକ୍ତ ନୁହେଁ । ତାଙ୍କର କାବ୍ୟଟି ଯେ ଚିତ୍ତରୋଚକ, ସୁମଧୁର, ସ୍ୱଚ୍ଛ ହେବ ଏବଂ ବୁଧଜନମାନେ ଶ୍ରୁତି ରୂପକ ବଦନରେ ଏହା ପାନ କରି ଆନନ୍ଦ ଲାଭ କରିବେ ଏହି ଆଶା କବି କରିଛନ୍ତି । ''ଏବେ ଚିତ୍ତରୁଚିତ ରଚିତ ସୁମଧୁର / ଶ୍ରୁତି ବଦନରେ ପାନକର ବୁଧନର ହେ ।'' ॥ ୧୨ ॥ [୪୭]

କବି ପାଠକକୁ ରସିକ ବୋଲି ସବୁବେଳେ କହି ଆସିଛନ୍ତି । ସୁହୃଦ୍ ରସିକ କାବ୍ୟର କ୍ରମବର୍ଦ୍ଧମାନ ରସ ସାଗରରେ ସ୍ନାନ କରି ଆନନ୍ଦ ଲାଭ କରୁଛି । ରସିକା ନାୟିକା ଲାବଣ୍ୟବତୀକୁ ମଧୁଶଯ୍ୟା ମନ୍ଦିରକୁ ପଠାଇବା ପାଇଁ ସୁବେଶ କରୁଛନ୍ତି ସୁହୃଦ୍ ରସିକ ପାଠକର ମନ ମଧ୍ୟ ସେହି ରସରେ ଆପ୍ଲୁତ ହୋଇ ଚାତକ ଘନରସକୁ ଉତ୍କଣ୍ଠିତ ଚିତ୍ତରେ ଚାହିଁ ରହିଲା ପରି ପରବର୍ତ୍ତୀ ବେଶର ବିବରଣୀ ଶୁଣିବାପାଇଁ ବସି ରହିଛି । ପଦ ରଚନାରେ କବି ବିଶେଷ ଭାବରେ ସତର୍କ ଥିବା ଜଣାଯାଏ । ଅଳଙ୍କାରାଦି ଶାସ୍ତ୍ର ବିରୁଦ୍ଧ କୌଣସି ବିଷୟ ଯେପରି ତାଙ୍କ କାବ୍ୟ କବିତାରେ ସ୍ଥାନ ନପାଏ, ସେଥିପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ଦେଇଛନ୍ତି । ଏହାଦ୍ୱାରା ସେ ନିଜର ରଚନାକୁ ନିର୍ଦ୍ଦୋଷ କରିବା ତାଙ୍କର ଲକ୍ଷ୍ୟ ଥିଲା । ଏଣୁ ସେ ଜଗନ୍ନାଥଙ୍କ ପ୍ରାର୍ଥନାରେ ଏହା ସ୍ୱଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି । ''ଉପେନ୍ଦ୍ରଭଞ୍ଜ ବୀରବରର ଭାବିତ / ନିର୍ଦ୍ଦୋଷରେ ଏହୁ ଗୀତ ହେଉ ସମାପତ ।'' ॥ ୮୨ ॥[୪୮] କବିଙ୍କର କବିତା ବିଚିତ୍ର ପଦାବଳୀରେ ମଣ୍ଡିତ ହୋଇ 'ହୃଦକୁମୁଦ ଉଲ୍ଲାସକୁ ଚାନ୍ଦ' ହେଉ ଏହା କବି କାମନା କରିଛନ୍ତି । କେବଳ କବିତା ଶ୍ରମ ସ୍ୱୀକାର ପୂର୍ବକ ହୁଏନାହିଁ, ଏହା ସହିତ କବିତ୍ୱ ପ୍ରତିଭାର ଅପୂର୍ବ ସମନ୍ୱୟ, ନିଜର ବହୁଶାସ୍ତ୍ରଦର୍ଶିତା, ପାଣ୍ଡିତ୍ୟ, ଅନୁଭବ ହିଁ କବିତାକୁ ସାର୍ଥକତା ପ୍ରଦାନ କରେ । ତାହା ହିଁ ତାଙ୍କର କବିତାର ପ୍ରତି ଛନ୍ଦେ ଛନ୍ଦେ ପ୍ରକାଶିତ ହୋଇଛି । ''ହିରଣ୍ୟ ତନୁରେ ଯେ କ୍ଷତକାରୀ / ବାସବସଙ୍କ ରାମ ନରହରି / ଧ୍ୟାନେ ଅର୍ଜିତ ଅଘକରିହିତ / ଉପଇନ୍ଦ୍ର ବୀରବର ରଚିତ ଯେ / ରସିକ ସିନ୍ଧୁକୁ ଚାନ୍ଦ ଯେ / କବି ସେ ଜାଣିମେ ଯେତେ ଶ୍ରମ ଏଥି ଏବେଶ ପେଶଲ ଛାନ୍ଦ ଯେ ॥ ୪୦ ॥[୪୯] କବି ନିଜେ ନିଜ ରଚନା ଭିତରେ ଥିବା ଚାତୁର୍ଯ୍ୟର ସୂଚନା ଦେଇ ସ୍ଥାନେ ସ୍ଥାନେ ରଚନାର ଗୌରବକୁ ବର୍ଦ୍ଧନ କରିଛନ୍ତି । 'ଜାଣିଲାମନ'କୁ ଆନନ୍ଦ ଦେବ କବିଙ୍କର ଏହି ଲକ୍ଷ୍ୟ ରହିଛି । 'ଘେନି ନପାରିଲେ ଏ ଆନନ୍ଦ ଲଭ୍ୟ ନୁହେଁ । ସରୋବର ତୀରରେ ସଖୀମାନଙ୍କ ସହ ନାୟିକାର ସୁବେଶ ଉଲାଗି ଛାନ୍ଦ ପ୍ରାନ୍ତରେ କବି ଏହି ଲକ୍ଷ୍ୟ ଉଲ୍ଲେଖ କରିଛନ୍ତି । ''ସରୋବର ତୀରେ ପ୍ରବେଶ ସୁବେଶ ଉଲାଗି ସମ୍ପୂର୍ଣ୍ଣ ଏ ଛାନ୍ଦ / କବି

ଚାତୁରୀ ଅନେକ କିଛି ପୂରି ଘେନିଲେ ଜନ୍ମିବ ଆନନ୍ଦ / ଜାଣିଲା ଜନ ମନକୁ ଏତୋଷିବ / ମୂର୍ଖ ସ୍ୱଭାବ ଅଦୃଷ୍ଟରଜ୍ଜା ପରି ସେ କାହୁଁ ରତି ପ୍ରକାଶିବ । ।।୩୧।। [୬୦] ପ୍ରସଙ୍ଗାନୁକୂଳ ତୁଳନାର ଅବତାରଣା କରି ମୂର୍ଖ ସ୍ୱଭାବକୁ କବି ବର୍ଣ୍ଣନା କରିଛନ୍ତି ମୂର୍ଖଙ୍କ ପକ୍ଷେ ରସ କାବ୍ୟ ଆନନ୍ଦ ଉପଭୋଗ ସମ୍ଭବ ନୁହେଁ । କବି ନିଜର ଅପୂର୍ବ କାବ୍ୟ ଲାବଣ୍ୟବତୀର ପ୍ରଶଂସା କରିଛନ୍ତି । ''କହୁଥିଲେ ସେ ତ ନୋହିବ ଶେଷ / ସମ୍ପୂର୍ଣ୍ଣ ଛାନ୍ଦ ଅଠଚାଳିଶ ।। ୬୧ ।। ନାନା ଅବିଧାନ ବିଧାନ ପରି / ନାଟକ କାବ୍ୟ ଅଙ୍ଗେ ମାଧୁରୀ ।। ୬୨ ।। ଦୃଷ୍ଟି ସୃଷ୍ଟିରେ ହୋଇଛି ବିଚିତ୍ର / ରସିକ ଚିତ୍ତ ମୋହନ ମନ୍ତ୍ର ।। ୬୩ ।। ଖଳ-ଖର୍ବ-ତୃଣ-ଦାବ-ଦହନ / ପଥିକ ମୂର୍ଖ ଅଗମ୍ୟ ବନ ।। ୬୪ ।। ଧନୀ ବଣିକ ପସରା ମାନ / ବିବିଧ ରସ ଦ୍ରବ୍ୟରେ ପୂର୍ଣ୍ଣ ।।୬୫।। [୬୧] ସଂସ୍କୃତ ନାଟକ, କାବ୍ୟ ପ୍ରଭୃତିର ସକଳ ମାଧୁରୀ ବିବିଧ ଅବିଧାନର ବିଧାନ ପ୍ରଭୃତି ଏହାର ମର୍ଯ୍ୟାଦା ବୃଦ୍ଧି କରିଛି । ଦୃଷ୍ଟି ଓ ସୃଷ୍ଟି ଉଭୟରେ ଏହା ବୈଚିତ୍ର୍ୟ ପ୍ରକାଶ କରୁଛି ତଥା ରସିକ ଜନମାନଙ୍କର ଚିତ୍ତକୁ ମୋହନ ମନ୍ତ୍ର ପରି ମୋହିତ କରୁଛି, ବଶ କରୁଛି । ଏହି ରସାଳ କାବ୍ୟ ରସିକ ବିଜ୍ଞ ଲୋକଙ୍କ ମନକୁ ହରଣ କରୁଥିଲେ ମଧ୍ୟ ଖଳଙ୍କଠାରେ ଏହାର ବିପରୀତ ପ୍ରଭାବ ବିସ୍ତାର କରି ସେମାନଙ୍କ ଗର୍ବକୁ ପୋଡ଼ି ଧ୍ୱଂସ କରିଦେଉଛି । ମୂର୍ଖମାନେ ଅଗମ୍ୟବନରେ ପଥିକ ବଣା ହେଲା ପରି ହେଉଛନ୍ତି । ଧନୀର ପସରା ଯେପରି ନାନାଦି ଦିବ୍ୟ ଦ୍ରବ୍ୟରେ ପୂର୍ଣ୍ଣ ହୋଇଥାଏ, ଠିକ୍ ସେହିପରି ଏହି କାବ୍ୟଟି ଅଶେଷ ଦିବ୍ୟ ଦ୍ରବ୍ୟରେ ପୂର୍ଣ୍ଣ ହୋଇ ଶୋଭା ପାଉଛି ଓ ନିରବଚ୍ଛିନ୍ନ ଆନନ୍ଦ ପ୍ରଦାନ କରୁଛି । କବି ଗୁଣବନ୍ତ ଓ ନିର୍ଗୁଣ ଉଭୟଙ୍କ ପ୍ରସଙ୍ଗ ଉତ୍‌ଥାପନ କରି ନିର୍ଗୁଣଙ୍କ ନିନ୍ଦା ବା ଅନାଦର ପ୍ରତି ଗୁରୁତ୍ୱ ଆରୋପ କରି ନାହାନ୍ତି । ଗୁଣବନ୍ତମାନେ ଏହି କାବ୍ୟକୁ ମଣିମାଳା ତୁଲ୍ୟ ଧାରଣ କରିବେ ବୋଲି ଆଶା ପୋଷଣ କରିଛନ୍ତି ।

## କବିଙ୍କ ପାଣ୍ଡିତ୍ୟ ଓ ପୌରାଣିକ ଦୃଷ୍ଟାନ୍ତ :

କବି ଗ୍ରନ୍ଥର ଆରମ୍ଭରେ ନମସ୍କ୍ରିୟା ପ୍ରସଙ୍ଗରେ ଯେଉଁ ପ୍ରାର୍ଥନା ପଦ ରଚନା କରିଛନ୍ତି ତାହା ତିନି ପ୍ରକାର ଅର୍ଥରେ ରାମ, ପର୍ଶୁରାମ ଓ ବଳରାମଙ୍କୁ ବୁଝାଉଛି । ଏହା କବିଙ୍କର ଗଭୀର ପାଣ୍ଡିତ୍ୟ ଓ ବଳିଷ୍ଠ ରଚନା ଶକ୍ତିର ପରିଚୟ ଦେଉଛି । ''ଜୟ ଜୟ ଜୟ ରାମ ଜନକ ସୁଖଦ / ଭୀମ ହରଷ ଦାନରେ ସଦା ବିଶାରଦ ହେ ।'' ।। ୧ ।। [୬୨] କବି ରାମ ଉପାସକ ଥିବାରୁ 'ରାମ' ଶବ୍ଦଯୁକ୍ତ ପର୍ଶୁରାମ ଓ ବଳରାମଙ୍କୁ ମଧ୍ୟ ଏକପଦରେ ତିନିଅର୍ଥରେ ତିନିଜଣଙ୍କୁ ନମସ୍କାର କରିଛନ୍ତି । ଏଥିରୁ ରାମାୟଣ, ମହାଭାରତ ପ୍ରଭୃତି ପୁରାଣମାନଙ୍କରେ ତାଙ୍କର ଗଭୀର ଜ୍ଞାନ ଥିବାର ପ୍ରମାଣିତ ହେଉଛି । ରାମାୟଣ, ମହାଭାରତ, ଭାଗବତ ତଥା ଅନ୍ୟାନ୍ୟ ପୁରାଣମାନଙ୍କର ବିଭିନ୍ନ ଚରିତ ଓ ଚରିତ୍ରର ଉଲ୍ଲେଖ କରି ପ୍ରତିପାଦିତ ବିଷୟକୁ ପୌରାଣିକ କଥାବସ୍ତୁ ସମ୍ପର୍କୀୟ ବିଧାନକୁ ମଧ୍ୟ ସେ କାର୍ଯ୍ୟରେ ପରିଣତ କରିଥିବା ମନେହୁଏ । ପୌରାଣିକ ଚରିତ ଓ ଚରିତ୍ରର ଉଲ୍ଲେଖଥିବା ଏହି କେତୋଟି ସ୍ଥାନରୁ ତାଙ୍କର ପୁରାଣ ଜ୍ଞାନର ଗଭୀରତା ଓ ବ୍ୟାପକତା ସୁସ୍ପଷ୍ଟ ହେଉଛି । କ. ରାମ, ଜନକ, ଭୀମ, ଶିବ,

ପର୍ଶୁରାମ, ବଳରାମ ପ୍ରଥମ ଛାନ୍ଦରେ ପ୍ରାର୍ଥନାରେ ଏମାନଙ୍କ ବିଷୟରେ ଅବତାରଣା ହୋଇଛି । ରାମାୟଣ, ମହାଭାରତ, ଭାଗବତ ଓ ଶିବପୁରାଣ ପ୍ରସଙ୍ଗର ସୂଚନା ମିଳୁଛି ।
''ଜୟ ଜୟ ଜୟ ରାମ ଜନକ ସୁଖଦ / ଭୀମ ହରଷ ଦାନରେ ସଦା ବିଶାରଦ ହେ ॥ ୧ ॥ ଚନ୍ଦ୍ର ହାସ ଶୋଭା କର ସମସ୍ତ କାଳର / ଲକ୍ଷଣବନ୍ତ ଅଲକ୍ଷ୍ୟ ମୁଖ ମନୋହର ଯେ ॥ ୨ ॥ କବି ଭାରତୀକି ଅଗୋଚ଼ର ଛବି ଯାର / ସୁମନା ବୃନ୍ଦ ବନ୍ଦିତ ଏଣୁ ନିରନ୍ତର ॥ ୩ ॥ ମହାଶୟ ବଳରିପୁ ପରେ ତାପକର / ଛତ୍ରଭଙ୍ଗ କୃତରୁ କାତର ଅରିପୁର ॥ ୪ ॥ ସହସ୍ର କର ଉନ୍ନତ ହର ତେଜବାନ / ହରିପକ୍ଷ ସଦାନନ୍ଦ ତୋଷ ବିବର୍ଦ୍ଧନ ହେ ।'' ॥ ୫ ॥ [୫୩]

**ଖ. ନୃସିଂହ ପୁରାଣ :** ହିରଣ୍ୟ ତନୁରେ ଯେ କ୍ଷତକାରୀ / ଦାସ ବତ୍ସଳ ରାମ ନରହରି ॥ ୩୯ ॥[୫୪]

**ଗ. ରାମାୟଣ :** ଶ୍ରୀ ନିଜୟ ଦ୍ୱିଜରାଜ ବନ୍ଦନୀୟ ଜନକ ସୁଖକୁ ପ୍ରକାଶି / ସୁମରି / ମନେ ସେ ରାମଚନ୍ଦ୍ର ଶିବ । ॥ ୩୨ ॥[୫୫]

**ଘ. ବାମନ ପୁରାଣ :** ବଳି ଛଳି ରାମ ବାମନ ମୂର୍ତ୍ତି ମନରେ ଧାୟୀ / ଉପଇନ୍ଦ୍ର ବୀରବର ଯେ ଏହୁ ରସ କହଇ । [୫୬]

**ଙ.** ଅର୍ଥ ମନ୍ମଥର ମନଭେଦୀଶର / ମରମକୁ ଭେଦିବାରେ ମନୋହର ॥ ୭୧ ॥ ହର ପଥର ହେଲେ କାତର ଘୋଟି / ଘେନ ଏଥର ଯିବ ହୃଦୟ ଫୁଟି ॥୭୨॥[୫୭]

**ଚ.** ନୀଳା ରୋହିତ ଶରୀର ଦରହାରୀ / ଶ୍ରୁତି ନିସ୍ତାରକ କୀର୍ତ୍ତି ଖ୍ୟାତକାରୀ ॥ ୯୬ ॥ ମୀନ ମୂର୍ତ୍ତି ରଘୁପତି ଶ୍ରୀପୟର/ ଭାବେ ଉପଇନ୍ଦ୍ରଭଞ୍ଜ ବୀରବର ॥୯୭ ॥ [୫୮]

**ଛ.** 'ଶୋଭା ଅର୍ଥେ ମଣ୍ଡି ହେଲେ ରତ୍ନାଳଙ୍କାର/ ପଉଣ୍ଡ୍ରକ ବାସୁଦେବ ହେଲା ପ୍ରକାର । ॥ ୬୦ ॥ [୫୯]

**ଜ.** 'ରୂପକାର ରଙ୍ଗାଜୀବ ମର୍ତ୍ତ୍ୟରେ ନାହିଁ / ମନକୁ ଆସେ ମଘବା ଭୁବନେ ନାହିଁ । ॥ ୬୯ ॥ [୬୦]

**ଝ. ଅଗସ୍ତ ପ୍ରସଙ୍ଗ :** ''ଗୁରୁଦ୍ରୋହୀ ପୁଣ ସ୍ୱର୍ଗ ଭୋଗ ପାଇଛି / ସାତ ସିନ୍ଧୁ ଚନ୍ଧୁ ଭିତରେ ରହିଛି ॥ ୭୧ ॥ [୬୧]

ଏହିଭଳି ଶତାଧିକ ସ୍ଥାନରେ ପୌରାଣିକ ଚରିତ ଓ ଚରିତ୍ରର ଉଲ୍ଲେଖ ହୋଇଛି ତଥା ଏହି ସବୁ ଉଦ୍ଧୃତିଗୁଡ଼ିକରୁ କବିଙ୍କର ପୁରାଣ ସମ୍ପର୍କରେ ଅଗାଧ ପାଣ୍ଡିତ୍ୟ ଥିଲା ବୋଲି ସ୍ପଷ୍ଟ ବାରି ହୋଇପଡ଼େ ।

## ସାମାଜିକ ରୀତି :

ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ' କାବ୍ୟରେ ସମାଜର ବିଭିନ୍ନ କ୍ଷେତ୍ରର ରୀତିନୀତିର ଯେଉଁ ବର୍ଣ୍ଣନା କରିଛନ୍ତି ସେଥିରୁ ସମାଜର ସଂସ୍କୃତି ଅତ୍ୟନ୍ତ ବ୍ୟାପକ ଥିଲା ବୋଲି

ଜଣାପଡ଼େ । ସମ୍ଭ୍ରମବୋଧ, ଆଚରଣରେ ସୌଜନ୍ୟତା, ଶୀଳତା ପ୍ରଭୃତି ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କ ନିକଟରେ ବିଦ୍ୟମାନ ଏହାର ସୂଚନା ମିଳୁଛି । ଯଦିଓ କାବ୍ୟର ସଂସାର ମୁଖ୍ୟତଃ ରାଜପରିବାର ଭିତରେ ଆବଦ୍ଧ ଥିଲା ବାହାରର ସାମାଜିକ ଜୀବନ ସମ୍ପର୍କରେ ମଧ୍ୟ କବିଙ୍କର ଆହରଣଶୀଳତା ପ୍ରତ୍ୟକ୍ଷ ଥିଲା । କବି ପ୍ରସଙ୍ଗକ୍ରମେ ସମୟୋଚିତ ଓ ସୁସଙ୍ଗତ ରୀତିନୀତିର ଅବତାରଣା କରିଥିବାରୁ ବର୍ଣ୍ଣନାର ଗୌରବ ବୃଦ୍ଧି ପାଇଛି ।

୧. ''ତେତେ ଗୋଟି କଳସ ସେ ମନ୍ଦିରେ ବସାଇ ଯେ ॥ ୪ ॥ [୬୨]

୨. ଏହି ସମୟକୁ ହୋଇ ସୁବେଶ / ପାଟ ଜଉତିଷ ସୁତା ପ୍ରବେଶ / ଛାଇ ମପାଇ ମୂଳକରି କାଜ / ଜେମା ପାଶକୁ ଚଳିଲେ ତତ୍କାଳ । ॥ ୪୯ ॥ [୬୩]

୩. ଏ ବଚନେ ଶାନ୍ତି ଲଭିବାକୁ ପୁନ / ଖଡ଼ି ପକାଇ କଲେ ଶକୁନ ମାନ ॥ ୯୧ ॥ ସାଧୁତାକୁ ତହିଁ ଅନୁକୂଳ ଦେଲେ/ ବିଜ୍ଞ ବ୍ରହ୍ମଚାରୀ ଜଣେ ସଙ୍ଗେ କଲେ ॥ ୯୨ ॥ ଶୂନ୍ୟ ସେ କାଳେ ଶୁଭ୍ର ଆତାଯୀ ଭ୍ରମେ / ଗଲା ଦକ୍ଷିଣେ ଦ୍ୱିଜ ଗୋମାୟୁବାମେ । ॥ ୯୩ ॥ ପଛୁଁ ପବନ ବହିଲା ସ୍ୱଚ୍ଛ / ଗୋପୀ ଧୀବରୀ ଡାକିଲେ ଦଧି ମାଛ ॥ ୯୪ ॥ [୬୪]

୪. 'ବହିତ୍ର ଲାଗିଲା ଆସି ସିଂହଳ ଦ୍ୱୀପରେ / ସାଧବ ଯୁବତୀମାନେ ଅତି ପ୍ରମୋଦରେ / ଗଲେ ବୋଇତ ବନ୍ଦାଇ / ଅର୍ଘ୍ୟସ୍ଥାଳୀମାନ କରେ ହୁଳହୁଳି ଦେଇ ॥ ୧ ॥ [୬୫]

୫. ସେ ବୋଇଲେ ଆମ୍ଭେ ନାରୀ / ପ୍ରଥମରେ ଲେଖିଁବୁଟି ପତ୍ରିକା କିକରି ॥ ୪୫ ॥ [୬୬]

କବି ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ'ରେ ପ୍ରସଙ୍ଗକ୍ରମେ ଶତାଧିକ ନୀତିବଚନ ଲିପିବଦ୍ଧ କରିଯାଇଛନ୍ତି । ସମାଜ ଓ ଜୀବନର ବିଭିନ୍ନ ବିଭାବକୁ ସ୍ପର୍ଶ କରି ଏହିଗୁଡ଼ିକ ସୂକ୍ତି ସୁଲଭ ଭାଷାରେ ଲିଖିତ ହୋଇଥିବାରୁ ଏଗୁଡ଼ିକ ଜନାଦୃତ ହୋଇପଡ଼ିଛି । ସମାଜ ଓ ଜୀବନ ସମ୍ବନ୍ଧରେ କବିଙ୍କର ଗଭୀର ଜ୍ଞାନ ଥିବା ଏଥିରୁ ପ୍ରମାଣିତ ହେଉଛି । ତତ୍କାଳୀନ ସମାଜ ମଧ ଏଥିରୁ ବେଶ୍ ଶିକ୍ଷିତ ଓ ସଂସ୍କୃତିସମ୍ପନ୍ନ ବୋଲି ମନେ ହେଉଛି ।

କ. ବୁଝାଇଲେ ଜଡ଼ଜନ ଭାବକୁ ପାଇବ / ଖଳ ଖର ଚୂତାଙ୍କୁର ପ୍ରାୟେକ ଗ୍ରାସିବ ହେ ॥ ୧୦ ॥ [୬୭]

ଖ. ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ / ଏ ସଂସାର ଆମ୍ଭଖେଳ ଘରର ॥ ୨୦ ॥ [୬୮]

ଗ. ପରଦ୍ରବ୍ୟ ପରସ୍ତିରୀ ହରଣକୁ / ଲେଖୁଁ ଶୁଭ କରି ତହୁଁ ମରଣକୁ ॥ ୫୨ ॥ ନାହିଁ ଖଳ ଦୁର୍ଜନ ନିର୍ଦ୍ଧନ ଜନ / ଶୁଣିଲାର ପ୍ରସଙ୍ଗ କହୁଁ ପୁନ ॥ ୫୩ ॥ [୬୯]

ଘ. ଚିକୁରଶୋଭୀ ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ / ମୃଗତୃଷ୍ଣା ଜଳ ତୃଷ୍ଣାକୁ ନାଶିବ ସ୍ୱପ୍ନତେବେ ସତ ଦିଶିବ / କହେ ସଚିବ ସୁତା ସବୁ ବଡ଼ ଦଇବ / କାହା ମନେ ଥିଲା ଅଗାଧ ସମୁଦ୍ର ଚକୁ ଭିତରେ ସମ୍ଭାଇବ ॥ ୭ ॥ [୭୦]

**ସବୁ ବସ୍ତ୍ର :** ସେହି ସମୟରେ ସିଲ୍କ ଶାଢ଼ୀର ଯେଉଁ ପ୍ରଚଳନ ଥିଲା ଉପେନ୍ଦ୍ର ଭଞ୍ଜ

ତାହାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଭାବରେ 'ଲାବଣ୍ୟବତୀ' କାବ୍ୟରେ ବର୍ଣ୍ଣନା କରିଛନ୍ତି । ସେହି ସିଲ୍କ ଶାଢ଼ୀ ଏତେ ସୂକ୍ଷ୍ମ ଓ କଅଁଳ ଥିଲା ଯେ ତାକୁ ମୁଠା ଭିତରେ ରଖି ହେଉଥିଲା, ବାଉଁଶନଳୀ ଭିତରେ ରଖା ହେଉଥିଲା । ଆଭିଜାତ୍ୟସମ୍ପନ୍ନ ରାଜପରିବାରମାନଙ୍କରେ ଏହି ଶାଢ଼ୀର ପ୍ରଚୁର ଆଦର ଥିଲା ।

**ପାନଖିଆ :** ଅତିଥି ଅଭ୍ୟାଗତ, ବନ୍ଧୁବାନ୍ଧବ ଘରକୁ ଆସିଲେ ପାନ ଦେବା ଏକ ସମ୍ମାନଜନକ ପ୍ରଥା ଭାବରେ ଓଡ଼ିଶାର ପୁର, ପଲ୍ଲୀ ଓ ସହରରେ ଆଦୃତ ଥିଲା ।

**ପ୍ରସାଧନ :** ପ୍ରସାଧନର ମୁଖ୍ୟ ସାମଗ୍ରୀଗୁଡ଼ିକୁ ଲାବଣ୍ୟବତୀର ସଖୀମାନେ ସଜାଡୁଥିଲେ ଏବଂ ସମସ୍ତେ ଆନନ୍ଦରେ କାର୍ଯ୍ୟଟି କରୁଥିଲେ । ଝୀନବାସ କୁଞ୍ଚା ହେଉଥିଲା । ଚୁଆ ଅତର ବ୍ୟବହୃତ ହେଉଥିଲା । କେତକୀ ଫୁଲର ଗଭା, ଝରା ଶିକୁଳିକୁ ମାଳିକା ଗୁନ୍ଥା ହେଉଥିଲା । ଲବଣୀରେ ସିନ୍ଦୂର ଦଳା ହୋଇ ଟୀକା ଦିଆ ହେଉଥିଲା । ମୃଗମଦ କସ୍ତୁରୀକୁ ଦଳି ସେଥିରେ ସଖୀମାନେ ନାୟିକାର କୁଚ୍‌ରେ ଚିତ୍ର ଅଙ୍କନ କରୁଥିଲେ । ଅଳଙ୍କାର ନିର୍ବାଚନରେ ମଧ୍ୟ ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ଥିଲା । ବେଶକାରିଣୀ ସଖୀ ପେଡ଼ି ଫିଟାଇ ଅଳଙ୍କାର ବାଛି ନେଉଥିଲେ । ଚନ୍ଦନରେ କର୍ପୂର ମିଶାଇ ବ୍ୟବହାର କରାଯାଉଥିଲା । ସଖୀମାନଙ୍କ ଛଡ଼ା ରାଜ ଅନ୍ତଃପୁରରେ ବହୁ ପରିଚାରିକା ମଧ୍ୟ ରହୁଥିଲେ । ପ୍ରସାଧନ ପାଇଁ ବହୁ ପ୍ରକାର ଫୁଲଫଳ ପରିଚାରିକାମାନେ ସଜାଡୁଥିଲେ । କେହି କେହି ପରିକ୍ଷ ବା ପିକଦାନୀ ସଜାଡ଼ି ନେଇ କୁମାରୀ ନିକଟରେ ଠିଆ ହେଉଥିଲେ । ଦର୍ପଣମଜା, ଖରଡ଼ପକା, ତକିଆଥୁଆ, ପୀଢ଼ା ପକା, ସୁବର୍ଣ୍ଣ କୁମ୍ଭରେ ପାଣି ଅଣା ପ୍ରଭୃତି କାର୍ଯ୍ୟରେ ଜଣେ ଜଣେ ପରିଚାରିକା ନିଜ ଖୁସିରେ କରିବାକୁ ଆଗ୍ରହ ଦେଖାଉଥିଲେ । ଏ ସମ୍ଭାର ରାଜଜେମା ପକ୍ଷରେ କେବଳ ସମ୍ଭବ ଥିଲେ ମଧ୍ୟ ସାଧାରଣ ପରିବାରରେ ଅପେକ୍ଷାକୃତ ସୁଲଭ ମୂଲ୍ୟର ଦ୍ରବ୍ୟ ବ୍ୟବହୃତ ହେଉଥିଲା । ପ୍ରସାଧନ ରୀତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ଭ୍ରାନ୍ତ ଥିଲା । ତେଣୁ ଏହିସବୁ ବର୍ଣ୍ଣନାରୁ ଉପେନ୍ଦ୍ର ଭଞ୍ଜଙ୍କର ସୌନ୍ଦର୍ଯ୍ୟ ଜ୍ଞାନର ଅସାଧାରଣ ରୁଚି ସମ୍ପନ୍ନତା ବାରି ହୋଇପଡ଼େ ।

## ନାୟିକା ତଥା ଯୁବତୀମାନଙ୍କର ବେଶ ବିନ୍ୟାସ :

ନବ ଯୁବତୀ ନାୟିକାର ପ୍ରସାଧନ ପ୍ରସଙ୍ଗରେ କବି ସମାଜର ପ୍ରଚଳିତ ରୀତିକୁହିଁ ରୂପ ଦେଇଛନ୍ତି । ଏହି ରୀତି ବର୍ତ୍ତମାନ ମଧ ଦେଖାଯାଏ । କି ରାଜା, କି ଦରିଦ୍ର ସବୁ ଶ୍ରେଣୀର ପରିବାରରେ ଆର୍ଥିକ ଅବସ୍ଥା ଅନୁସାରେ ଏହି ରୀତିର ତାରତମ୍ୟ ପରିଲକ୍ଷିତ ହେଉଥିଲେ ମଧ ତାହାର ଏକତ୍ୱ ଜଣାପଡ଼େ । ବେଶ ବିନ୍ୟାସ ବର୍ଣ୍ଣନାଟିକୁ କବି ଅତି ରମଣୀୟ ଓ ଜୀବନ୍ତ କରି ପାରିଛନ୍ତି । ବର୍ଣ୍ଣନାର ବାହୁଲ୍ୟତା ଦୃଷ୍ଟିଗୋଚର ହେଉଥିଲେ ମଧ ଉପମା ଓ ଉତ୍ପ୍ରେକ୍ଷାଦି ଅଳଙ୍କାର, ସୁଲଳିତ ପଦାବଳୀ, ପଦ ରଚନାର ବିଚିତ୍ର ଶୈଳୀ ପଦଗୁଡ଼ିକୁ କବିତା ଜଗତରେ ଅମର କରି ରଖିଛି । କବି ଏହି ପ୍ରସଙ୍ଗଟିକୁ ଅତି ସ୍ୱାଭାବିକ ବୋଲି ବର୍ଣ୍ଣନା

କରିଛନ୍ତି । ଲାବଣ୍ୟବତୀକୁ ବେଶ କରିବା ପାଇଁ ସଖୀମାନେ ଆଗଭର ହୋଇ ଆସିଲେ । ସାଧାରଣତଃ ଯୁବା ବୟସରେ ଯୁବା ମନ ଯାହା ଚାହେଁ, ତାହା ସଖୀମାନେ ବର୍ଣ୍ଣନା କରିବାପରେ ସଖୀ ମୁଖରେ ନ କହି ଭଙ୍ଗୀରେ ଅଙ୍ଗୀକାର କଲେ । ତାହାକୁ କବି ଅତ୍ୟନ୍ତ ଚମତ୍କାର ପଦ ସଂଯୋଜନା ମାଧ୍ୟମରେ କହିଛନ୍ତି -''ଭଙ୍ଗୀରୁ ଜାଣିଲେ ସଙ୍ଗିନୀ ବ୍ରାତ / ହେଲା କୋମଳ ଅଙ୍ଗୀ ଅଙ୍ଗୀକୃତ / ତାଙ୍କ ନୟନ ବିକାରରୁ ଜାଣି/ ଚତୁରୀ ପରିବାରୀମାନେ ଆଣି ଯେ'' ॥ ୪ ॥ (୭୧) ସଖୀମାନେ ଲାବଣ୍ୟବତୀର କେଶ ବିନ୍ୟାସ କରି ସାରିବା ପରେ ଅଳଙ୍କାରଗୁଡ଼ିକୁ ପିନ୍ଧାଇଲେ । ପରେ ପାନ ଖୁଆଇଲେ ଏବଂ ଅଧରକୁ ରଙ୍ଗାଇଲେ । ଏ କାଳର ଶୋଭାକୁ ସଖୀମାନେ ମୁକୁର ଦେଖାଇ ସଖୀକୁ 'ହେଲା କି ନହେଲା' ପଚାରିବା ପ୍ରସଙ୍ଗକୁ କବି ଅତ୍ୟନ୍ତ କବିତ୍ୱପୂର୍ଣ୍ଣ ଭାବରେ ପ୍ରକାଶ କରି ଚିତ୍ରଟିକୁ ଜୀବନ ଦାନ କରିଛନ୍ତି । ''ଭୁଞ୍ଜାଇଲେ ତହିଁ ଉତ୍ତାରୁ ପାନ / ଏକେ ଅଧର ଦୁଜେ ପରସନ / ବିଦ୍ରୁମ ଉପି ରଙ୍ଗାଇଲେ ପୁନ/ ଅରୁଣ କଲା କି ସିନ୍ଦୂରେ ସ୍ନାନ ସେ ଶ୍ରୀକର ମୁକୁର ଦେଇ ଯେ/ ହେଲା କି ନୋହିଲା ବୋଲି ପଚାରିଲେ ରମଣୀ ହସିଲା ହୋଇ ଯେ ।'' ॥ ୩୮ ॥ (୭୨) ଏଭଳି ବର୍ଣ୍ଣନା ବାସ୍ତବିକ ଅତୁଳନୀୟ । ଉପେନ୍ଦ୍ର ଭଞ୍ଜ ସମସାମୟିକ ଜୀବନର ଜିଛକ ଚିତ୍ରକୁ ଅତ୍ୟନ୍ତ ମାର୍ମିକ ଭାବରେ ନିଜର ସୃଷ୍ଟିରେ ଫୁଟାଇଛନ୍ତି । ସେଥିପାଇଁ ପୂର୍ବବର୍ତ୍ତୀ କାଳ୍ପନିକ କାବ୍ୟର କାବ୍ୟସୂରୀମାନଙ୍କର ପ୍ରେରଣା ପ୍ରଚ୍ଛନ୍ନ ଭାବରେ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଉପେନ୍ଦ୍ରଙ୍କ କାବ୍ୟ କୃତିରେ ପୂର୍ବ କବିମାନଙ୍କର ପ୍ରଭାବ :

ଧନଞ୍ଜୟ, ଶିଶୁଶଙ୍କର ଓ ରଘୁନାଥ ହରିଚନ୍ଦନ ପ୍ରଭୃତି କବିମାନେ ଯେଉଁ କାଳ୍ପନିକ କାବ୍ୟର ଶୁଭ ଆରମ୍ଭ କରିଥିଲେ ତାହାର ଛାୟା ଉପେନ୍ଦ୍ରଙ୍କ କାବ୍ୟ ଉପରେ ପଡ଼ିଥିବା ସ୍ପଷ୍ଟ ଅନୁଭୂତ ହୁଏ । ଭାଷା, ଭାବ ଓ ରଚନାଶୈଳୀରେ ଉପେନ୍ଦ୍ର ଭଞ୍ଜ ଅବଶ୍ୟ ଏହି କବିମାନଙ୍କର କାବ୍ୟଧାରାକୁ ଅତିକ୍ରମ କରି ନିଜର ନିଜସ୍ୱ ପରିଚୟ ସୃଷ୍ଟି କରିଯାଇଛନ୍ତି । ଧନଞ୍ଜୟଙ୍କ ରତ୍ନମଞ୍ଜରୀ, ରଘୁନାଥଙ୍କର ଲୀଳାବତୀ କାବ୍ୟର କଳ୍ପନା, ବର୍ଣ୍ଣନା ତଥା ଭାବଶୈଳୀ ପ୍ରଭୃତି କେତେକ ବିଷୟରେ ଉପେନ୍ଦ୍ରଙ୍କର କବିତାର ସାମ୍ୟ ଥିବା ଜଣାଯାଏ । ଶିଶୁ ଶଙ୍କରଙ୍କ ଉଷାଭିଳାଷ ସହିତ ଲାବଣ୍ୟବତୀ କାବ୍ୟର ବିଷୟବସ୍ତୁ, ଚିନ୍ତା ଓ ବର୍ଣ୍ଣନାଶୈଳୀରେ କେତେକ ସାମ୍ୟଥିବା ଦେଖାଯାଏ । 'ଲାବଣ୍ୟବତୀ' ଓ 'ଉଷାଭିଳାଷ' ଉଭୟେ ଉଚ୍ଚକୋଟୀର କାବ୍ୟ; କିନ୍ତୁ ଆତ୍ମିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ 'ଲାବଣ୍ୟବତୀ'ର ଉତ୍କର୍ଷ ପ୍ରମାଣିତ ହୋଇସାରିଛି ।

**କ. ଉଷାଭିଳାସ :** ''ପଲଙ୍କ ତେଜିଣ ଉଠିଣ/ ସୁମୁଖୀ ସପନ ସଙ୍କେତ ପାଇଣ/ ଆହା ପ୍ରାଣନାଥ ।'' (୭୩)

**ଖ. ଲାବଣ୍ୟବତୀ :** ''ଚେତିଚତୁରୀ ଚାହିଁଲା ନିଶିନାଶେ ପାଶେ ନାହିଁ ଦିବ୍ୟ ତରୁଣ/ ମାରି ହୃଦେ ହାତ ନାଥ ନାଥ ବୋଲି ଅତି ଉଚ୍ଚେ କଲା କାରୁଣ୍ୟ/ ଖୋଜେ ଅଧୀରେ/ ଚେତନୀ ହତ ସେ ବିଧିରେ । ॥ ୧ ॥ (୭୪)

**ଗ. ଉଷାଭିଳାଷ :** 'ପ୍ରିୟେ ମୋ ବିନୟ ଘେନ/ ଭାଷସି ମୃଦୁ ବଚନ/ ନିର୍ଦ୍ଦୟ ମଦନଭୀତି ଅଭୟ କର/ କପାଳେ ମକରୀ ଲିହି ଚରଣ ଅଳତା ଦେଇ/ ପବିତ୍ର କରିବ ମୋର ଏ ବେନି କର/ ସୁଧାରସ ଅଧରୁ ନେଇ/ ଦାସକରି କିଣ ମୋତେ କମଳା ମୁହିଁ । [୭୫]

**ଘ. ଲାବଣ୍ୟବତୀ :** ''ଏକାଳେ କର କୋରକ/ କବି ତରୁଣ ତିଳକ/ ବୋଇଲା ହେ ଜୀବେଶ୍ୱରୀ ବିନୟ ଘେନ/ ଚରଣେ ଅଳତା ପରି ପଛେ ପଛେ ଛାଇ ସରି/ ଅନୁସରିଥିବାକୁ ମୋ ହେଉଛି ମନ/ ମୋତେ ଦିଅ ବସନ ଭାଗ୍ୟ/ ହେଲିନି ସବୁମତେ ମୁଁ କୃତାର୍ଥ ଯୋଗ୍ୟ । ।। ୩୦ ।। [୭୬]

**ଙ. ଉଷାଭିଳାଷ :** ''ମଦନେ କାତର ହୋଇ/ ଚିତୋଇଲା ଚାଟୁ କହି/ ଚରଣ ଧରନ୍ତେ କର ସୁଜାଣ ରାମା/ ସାତ୍ତ୍ୱିକ ବିକାରେ ତନୁ ବିନ୍ଧିଲା କୁସୁମ ଧନୁ/ ଉଠି ପ୍ରଣମିତ କଲା ଅସୁରଜେମା/ ଭୁଜେ ଭିଡି ମଦନସୁତ/ ବଦନ ଚୁମ୍ବିଲା ହୋଇ ଉସୁକ ।'' [୭୭]

**ଚ. ଲାବଣ୍ୟବତୀ :** ''ସେ ରମଣୀ ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି/ ଚାଟୁଚନ୍ଦ୍ରେ ଦ୍ରବିଭୂତ କଲା ନାଗର/ ଶ୍ରୀମୁଖ ପ୍ରସନ୍ନ ହୋଏ/ ହେଲା ଜାଣି ବକ୍ର ନେତ୍ରେ ତା ସୀତ୍‌କାର/ କର ଧରି ଶିରେ ଲଗାଇ/ କୋଳ କରି ସୁରସିକ ପଲ୍ୟଙ୍କେ ବସାଇ ।'' ।। ୩୩ ।।[୭୮]

ଏହିସବୁ ଉଦ୍ଧୃତି ଗୁଡ଼ିକରୁ କାଞ୍ଚନିକ କାବ୍ୟଧାରାର ଯେଉଁ ଅପ୍ରତିମ ପ୍ରଭାବ 'ଲାବଣ୍ୟବତୀ' କାବ୍ୟରେ ପଡ଼ିଛି, ତାହାର କିନ୍ତୁ ଏକ ମୌଳିକ, ସ୍ୱତନ୍ତ୍ର, ନିଜସ୍ୱ ଶୈଳୀ ପ୍ରାକୃତିକ ଭାବରେ ସୃଷ୍ଟି ହୋଇଛି । ଅନେକ ସାମ୍ୟ ଥିବା ସତ୍ତ୍ୱେ ଉପେନ୍ଦ୍ର ଭଞ୍ଜଙ୍କର 'ଲାବଣ୍ୟବତୀ' କାବ୍ୟରେ ତାହାର ଅକୃତ୍ରିମ ବୈଶିଷ୍ଟ୍ୟ ପାଇଁ ଚିରକାଳ ଓଡ଼ିଆ ସାହିତ୍ୟର ଏକ ଜାଜ୍ୱଲ୍ୟମାନ ତାରକା ହୋଇ ଦୀପ୍ତିମାନ ହେଉଛି । ଆତ୍ମିକ ଗଭୀରତାରେ ମହୀୟାନ୍ ହୋଇଛି ।

❖❖❖

## ପାଦଟୀକା :

୧. ଆଚାର୍ଯ୍ୟ, ଡଃ. ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ, ପ୍ରଥମ ପ୍ରକାଶ -(୧୯୮୩), ପୃ-୧୩।

୨. ଦାସ, ପଣ୍ଡିତ ସୂର୍ଯ୍ୟ ନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ - ଦ୍ୱିତୀୟଭାଗ, ତୃତୀୟ ଅଧ୍ୟାୟ ('ଉପେନ୍ଦ୍ରଙ୍କ ଯୁଗ ବା କାବ୍ୟ ଯୁଗ ଖ୍ରୀ: ୧୭୦୧ ରୁ ୧୭୫୧) ପୃ -୧୩୮/୧୩୯ ।

୩. ଦାସ, ପଣ୍ଡିତ ସୂର୍ଯ୍ୟ ନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ - ଦ୍ୱିତୀୟଭାଗ, ପୃ-୧୩୯.

୪. ଦାସ, ପଣ୍ଡିତ ସୂର୍ଯ୍ୟ ନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱିତୀୟଭାଗ, (କ) ଚକଡ଼ା ପୋଥି, ପୃ - ୨୦. (ଖ) ମହାପାତ୍ର, କେଦାର ନାଥ, ଖୁର୍ଦ୍ଧା ଇତିହାସ, ପୃ - ୩୬; (ଗ) ମହତାବ, ଡ଼ଃ ହରେ କୃଷ୍ଣ, ଓଡ଼ିଶା ଇତିହାସ, ଦ୍ୱିତୀୟ ଖଣ୍ଡ, ପୃ - ୩୯୩।

୫. ଦାସ, ପଣ୍ଡିତ ସୂର୍ଯ୍ୟ ନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱିତୀୟ ଭାଗ, ପୃ -୧୪୩।

୬. ଆଚାର୍ଯ୍ୟ, ଡ଼ଃ ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ, (ପ୍ରଥମ ପ୍ରକାଶ - ୧୯୮୩), ପୃ - ୭୬/୭୭ ।

୭. ଆଚାର୍ଯ୍ୟ, ଡ଼ଃ ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ, (ପ୍ରଥମ ପ୍ରକାଶ - ୧୯୮୩), ପୃ - ୨୪୧/୨୪୭ ।

୮. ମହାନ୍ତି, ଡ଼ଃ. ସୁରେନ୍ଦ୍ର ନାଥ, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ, ପୃ - ୩୪/୩୫ ।

୯. ପାରମ୍ପରିକ 'ରସଶାସ୍ତ୍ର'ରେ ମଧ୍ୟ ଏହାହିଁ ରସ ନିଷ୍ପତ୍ତିର ସୂତ୍ର । ଭରତ ମୁନିଙ୍କ ଉକ୍ତି 'ବିଭବାନୁଭାବ ବ୍ୟଭିଚାରୀ ସଂଯୋଗାଦ୍ ରସନିଷ୍ପତ୍ତି' ଅର୍ଥାତ୍ ବିଭାବ, ଅନୁଭାବ, ଓ ବ୍ୟଭିଚାରୀ ଭାବର ସଂଯୋଗରେ ରସନିଷ୍ପତ୍ତି ହୋଇଥାଏ । ଓଡ଼ିଆ ସାହିତ୍ୟର ମଧ୍ୟ ପର୍ବ, ପୃ - ୩୬/୩୭ ।

୧୦. ଆଚାର୍ଯ୍ୟ, ଡ଼ଃ ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ, (ପ୍ରଥମ ପ୍ରକାଶ - ୧୯୮୩), ପୃ - ୨୪୫/୨୪୪ ।

୧୦. ଆଚାର୍ଯ୍ୟ, ଡ଼ଃ ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ, (ପ୍ରଥମ ପ୍ରକାଶ - ୧୯୮୩), ପୃ - ୨୪୩ ।

୧୧. ପଟ୍ଟନାୟକ ଶ୍ରୀ ସୁଧାକର, ମହାପାତ୍ର, କେଦାର ନାଥ, ସମ୍ପାଦିତ, ରାଜା ସୋମ ନାଥସିଂହ ଜଗଦେବଙ୍କ : 'କବିଚନ୍ଦ୍ର' 'ଚାଟଇଚ୍ଛାବତୀ' କାବ୍ୟର ଭୂମିକା, ପ୍ରକାଶିତ (ଖ୍ରୀ: ୧୯୫୫), ପୃ -୧ ।

୧୨. ଆଚାର୍ଯ୍ୟ, ଡ଼ଃ ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ, (ପ୍ରଥମ ପ୍ରକାଶ - ୧୯୮୩), ପୃ - ୨୪୮/୨୪୯.

୧୩. ମହାନ୍ତି, ଶ୍ରୀ ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ, ଷଷ୍ଠ ସଂସ୍କରଣ : ୧୯୯୫, ପୃ - ୬୦/ ୬୧ ।

୧୪. ମହାନ୍ତି, ଶ୍ରୀ ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ, ଷଷ୍ଠ ସଂସ୍କରଣ : ୧୯୯୫, ପୃ - ୭୪ ।

୧୫. ଦାସ, ଅର୍ଜୁନ, ରାମବିଭା, ପ୍ରାଚୀ ସମିତି ପ୍ରକାଶନ, ପ୍ରଥମ ଛାନ୍ଦ, ପଦ -୨୪ , ପୃ - ୩।

୧୬. ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପୃ - ୧, ଅଷ୍ଟଚତ୍ୱାରିଂଶ ଛାନ୍ଦ (ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ଅଭିଷେକ ଓ ରାଜ୍ୟ ଶାସନ, ପୃ -୪୨୨) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ, ପୃ - ୭୫ ।

୧୭. ମହାନ୍ତି, ସୁରେନ୍ଦ୍ର, ଷୋଡ଼ଶ ଶତାବ୍ଦୀର କାବ୍ୟ ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ , ପୃ - ୭୫ ।

୧୮. ଦାସ, ଅର୍ଜୁନ, କଳ୍ପଲତା, ପ୍ରାଚୀ ସମିତି ପ୍ରକାଶନ, ପୃ -୨୫ ।

୧୯. ଦାସ, ଅର୍ଜୁନ, କଳ୍ପଲତା, ପ୍ରାଚୀ ସମିତି ପ୍ରକାଶନ, ପୃ -୪୦ ।

୨୦. ମହାନ୍ତି, ଡ଼ଃ ଆର୍ତ୍ତବଲ୍ଲଭଙ୍କ ଦ୍ୱାରା ସମ୍ପାଦିତ 'ଲାବଣ୍ୟବତୀ'ର ମୁଖବନ୍ଧଦ୍ରଷ୍ଟବ୍ୟ ।

୨୧. ମହାନ୍ତି, ଶ୍ରୀ ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ, ପୃ - ୭୯ ।

୨୨. ଦାସ, ବନମାଳୀ, ଚାଟଇଚ୍ଛାବତୀ, ପ୍ରାଚୀ ସମିତି ପ୍ରକାଶନ, ପୃ -୧୨ ।

୨୩. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ୨୦ ଛାନ୍ଦ, ପୃ -୪୦ ।

୨୪. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ଦଶମ ଛାନ୍ଦ, ପୃ -୭୫ ।

୨୫. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ପ୍ରଥମ ପଦ, ପୃ -୧ ।

୨୬. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ସପ୍ତମ ଛାନ୍ଦ, ୪୫/୪୬ ପଦ, ପୃ - ୨୫ ।

୨୭. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ପୃ - ୮୯ ।

୨୮. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ପୃ - ୮୯ ।

୨୯. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ପୃ - ୪୫ ।

୩୦. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ଚଉଦ ଛାନ୍ଦ, ପଦ - ୧୬/ ୧୭/୧୮/୧୯, ପୃ -୪୯ ।

୩୧. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ୧୫ ଛାନ୍ଦ, ପଦ -୧୦/୧୧/ ୧୨, ପୃ -୫୧ ।

୩୨. ଶେଣ, ନରସିଂହ, ପରିମଳା, ପ୍ରାଚୀ ସମିତି ପ୍ରକାଶନ, ଶୋହଳ ଛାନ୍ଦ ପଦ - ୧୩/ ୧୪/୧୫/୧୬/୧୭/୧୮, ପୃ -୫୫ ।

୩୩. ରାୟ, ପ୍ରତାପ, ମହାନ୍ତି, ଆର୍ତ୍ତବଲ୍ଲଭ, ଶଶିସେଣା, ପ୍ରାଚୀ ସମିତି ପ୍ରକାଶନ, ଅଷ୍ଟମ ଛାନ୍ଦ, ପୃ - ୪୨ ।

୩୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୭/୮, ପୃ - ୪ ।

୩୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୧୦/୧୧, ପୃ - ୫ ।

୩୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ - ୫୬/୫୭, ପୃ -୨୫ ।

୩୭. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ ୭୯, ପୃ -୨୮ ।

୩୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ ୮୦, ପୃ -୨୯

୩୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଚତୁର୍ଥ ଛାନ୍ଦ, ପଦ- ୧୩, ପୃ -୯ ।

୪୦. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ - ୭୬, ପୃ - ୭୪ ।

୪୨. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ- ୮୧/୮୨/୮୩/୮୪, ପୃ - ୭୪/୭୫ ।

୪୩. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଅଷ୍ଟମ ଛାନ୍ଦ, ପଦ- ୫୨, ପୃ - ୭୯ ।

୪୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୪୮ ଛାନ୍ଦ, ପଦ - ୬୮, ପୃ - ୪୨୮ ।

୪୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୭/୮, ପୃ - ୪।

୪୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୯, ପୃ - ୪।

୪୭. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୧୨, ପୃ - ୫।

୪୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ - ୮୨, ପୃ - ୨୯।

୪୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଚତୁର୍ଥ ଛାନ୍ଦ, ପଦ - ୪୦, ପୃ - ୫୦।

୫୦. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପଞ୍ଚମ ଛାନ୍ଦ, ପଦ - ୩୧, ପୃ - ୫୯।

୫୧. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଅଠଚାଳିଶ ଛାନ୍ଦ, ପଦ - ୬୦/୬୧/୬୨/୬୩/୬୪/୬୫, ପୃ - ୪୨୮।

୫୨. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପ୍ରଥମ ପଦ, ପୃ - ୧।

୫୩. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୧ ରୁ ୫ମ, ପୃ - ୨/୩।

୫୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଚତୁର୍ଥ ଛାନ୍ଦ, ପଦ - ୩୯, ପୃ - ୫୦।

୫୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପଞ୍ଚମ ଛାନ୍ଦ, ପଦ - ୩୨, ପୃ - ୫୯।

୫୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୫୬, ପୃ - ୬୭।

୫୭. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ - ୭୧/୭୨, ପୃ - ୭୩।

୫୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ -୯୬/୯୭, ପୃ - ୭୫।

୫୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଅଷ୍ଟମ ଛାନ୍ଦ, ପଦ - ୬୦, ପୃ - ୮୦।

୬୦. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଅଷ୍ଟମ ଛାନ୍ଦ, ପଦ -୬୯, ପୃ - ୮୧।

୬୧. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଅଷ୍ଟମ ଛାନ୍ଦ, ପଦ - ୭୧, ପୃ - ୮୧।

୬୨. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ -୪, ପୃ - ୧୦୬।

୬୩. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ତୃତୀୟ ଛାନ୍ଦ, ପଦ - ୩୯, ପୃ - ୩୫।

୬୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ - ୯୧/୯୨/୯୩/୯୪, ପୃ - ୭୫।

୬୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୭ ଛାନ୍ଦ, ପଦ - ୧, ପୃ - ୧୫୩।

୬୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୭ ଛାନ୍ଦ, ପଦ - ୪୫, ପୃ - ୧୬୧।

୬୭. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୧୦ମ, ପୃ - ୫।

୬୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୨୦, ପୃ - ୭।

୬୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ସପ୍ତମ ଛାନ୍ଦ, ପଦ - ୫୨/୫୩, ପୃ - ୭୧।

୭୦. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୨ ଛାନ୍ଦ, ପଦ - ୭, ପୃ - ୧୦୭।

୭୧. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଚତୁର୍ଥ ଛାନ୍ଦ, ପଦ - ଚତୁର୍ଥ, ପୃ - ୪୦।

୭୨. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଚତୁର୍ଥ ଛାନ୍ଦ, ପଦ - ୩୮, ପୃ - ୪୯।

୭୩. ଦାସ, ଶିଶୁ ଶଙ୍କର, ଉଷାଭିଳାଷ, ୫ ମ ଛାନ୍ଦ, ପଦ - ୧ମ, ପୃ - ୨୦୭।

୭୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୨ ଛାନ୍ଦ, ପଦ - ୧, ପୃ - ୧୦୫।

୭୫. ଦାସ, ଶିଶୁ ଶଙ୍କର, ଉଷାଭିଳାଷ, ୭ମ ଛାନ୍ଦ, ପଦ - ୨୨, ପୃ - ୪୧।

୭୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୧ ଛାନ୍ଦ, ପଦ - ୩୦, ପୃ - ୧୦୨।

୭୭. ଦାସ, ଶିଶୁ ଶଙ୍କର, ଉଷାଭିଳାଷ, ୭ମ ଛାନ୍ଦ, ପଦ - ୧୦, ପୃ - ୫୫।

୭୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୧ ଛାନ୍ଦ, ପଦ - ୩୩, ପୃ - ୧୦୩।

## ତୃତୀୟ ଅଧ୍ୟାୟ

# ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟ

ସୌନ୍ଦର୍ଯ୍ୟ, ରସ, ପ୍ରଜ୍ଞାର ସାରସ୍ୱତ ପୀଠ ଭାରତବର୍ଷରେ ବୈଦିକ କାଳରୁ ସୌନ୍ଦର୍ଯ୍ୟ ତତ୍ତ୍ୱ ସମ୍ବନ୍ଧରେ ଯଥେଷ୍ଟ ଆଲୋଚନା, ତତ୍ତ୍ୱନିରୂପଣ ସହିତ ଏହାର ଉପଯୋଗିତାର ମୂଲ୍ୟାଙ୍କନ ହୋଇ ଆସିଛି । ପାଶ୍ଚାତ୍ୟ ସୌନ୍ଦର୍ଯ୍ୟ ଶାସ୍ତ୍ରର ଯେଭଳି ନିୟମିତ ଧାରାବାହିକ ଶାସ୍ତ୍ର ସମ୍ମତ ଆଲୋଚନା ଦେଖିବାକୁ ମିଳେ, ସେହିପରି ଭାରତରେ ସୌନ୍ଦର୍ଯ୍ୟର ବିଧିବଦ୍ଧ ଆଲୋଚନା ସମ୍ପର୍କରେ ସୂଚନା ମିଳୁନଥିଲେ ମଧ୍ୟ ବେଦ, ଉପନିଷଦ, ଶିଳ୍ପଶାସ୍ତ୍ର, ନାଟ୍ୟ ଶାସ୍ତ୍ର, କାବ୍ୟ ଶାସ୍ତ୍ର ତଥା ସଂସ୍କୃତ ମହାକବିମାନଙ୍କ ରଚନା ଉପରେ ନିର୍ଭର କରି ସୌନ୍ଦର୍ଯ୍ୟ କଳା, ସୌନ୍ଦର୍ଯ୍ୟାନୁଭୂତି, ସୌନ୍ଦର୍ଯ୍ୟ ସୃଷ୍ଟି ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଭିତ୍ତିରେ ଆଲୋଚନା କରାଯାଇପାରେ । ଭାରତୀୟ ସୌନ୍ଦର୍ଯ୍ୟ ଦର୍ଶନ ସମ୍ପର୍କରେ ପାଶ୍ଚାତ୍ୟ ବିଦ୍ୱାନମାନେ ସେଭଳି ଉଚ୍ଚକୋଟୀର ମତପ୍ରକାଶ କରନ୍ତି ନାହିଁ । ପ୍ରାଚ୍ୟ ବିଶାରଦ ମାକ୍ସମୁଲାରଙ୍କ ଭଳି ପାଶ୍ଚାତ୍ୟ ମନୀଷୀ ହିନ୍ଦୁ ଭାବନାରେ ପ୍ରକୃତି ସୌନ୍ଦର୍ଯ୍ୟ ସମ୍ବନ୍ଧରେ କୌଣସି ଧାରଣା ନଥିଲା ବୋଲି କହନ୍ତି ।

ସେମାନେ ମାନବୀୟ ସୌନ୍ଦର୍ଯ୍ୟ ବର୍ଣ୍ଣନା ଭଳି ପ୍ରକୃତିର ଅଙ୍ଗମାନଙ୍କ ସହିତ ତୁଳନା କରିଥାନ୍ତି । କିନ୍ତୁ ସୁନ୍ଦର କହିଲେ ଯାହା ବୁଝାଏ ତାହା ଭାରତୀୟଙ୍କୁ ଅଜ୍ଞାତ ଥିଲା । ଶୋଭନ, ରମଣୀୟ, ପେଲ୍ଲବ ପ୍ରଭୃତି କେତୋଟି ଶବ୍ଦ ଉଲ୍ଲେଖ କରି ସେ କହନ୍ତି ଏହି ସବୁ ଶବ୍ଦାବଳୀ ଦ୍ୱାରା ଭାରତୀୟମାନେ ସୁନ୍ଦରକୁ ବୁଝୁଥିଲେ । କବିତାର ସୌନ୍ଦର୍ଯ୍ୟ ଅର୍ଥରେ ମଧୁନି, ପ୍ରାକୃତିକ ସୌନ୍ଦର୍ଯ୍ୟ ଅର୍ଥ ଶୋଭା ଶବ୍ଦ ବ୍ୟବହାର କରାଯାଉଥିଲା । ସୌନ୍ଦର୍ଯ୍ୟର ଅଧିଦେବତା ରୂପରେ 'ଶ୍ରୀ' ବା 'ଲକ୍ଷ୍ମୀ' ଅଧିଷ୍ଠିତ ଥିଲାବେଳେ ପରବର୍ତ୍ତୀ କାଳରେ ଏହି ଶବ୍ଦଦ୍ୱୟ ସୌନ୍ଦର୍ଯ୍ୟକୁ ସେତିକି ଗଭୀର ଭାବରେ ପ୍ରତିପାଦିତ କରିପାରନ୍ତି ନାହିଁ, ବରଂ ସମ୍ପଦ, ସୁଖ, ବିଭବକୁ ବିଶେଷ ଭାବରେ ପ୍ରତିନିଧିତ୍ୱ କରନ୍ତି । ଉଇଲିୟମ୍ ନାଇଟ୍‌ଙ୍କ ମତରେ ବ୍ରାହ୍ମଣ୍ୟ ଓ ବୌଦ୍ଧଶାସ୍ତ୍ରମାନଙ୍କରେ ସୁନ୍ଦର ସମ୍ପର୍କରେ ଭାବନାର କୌଣସି ଉଲ୍ଲେଖ ଦେଖିବାକୁ ମିଳେ ନାହିଁ । ଭାରତୀୟ କଳା ସମୀକ୍ଷକ ଆନନ୍ଦ କୁମାର ସ୍ୱାମୀ କହନ୍ତି ଏସିଆ ଭୂଖଣ୍ଡରେ କଳାତତ୍ତ୍ୱର ଏକ ପୂର୍ଣ୍ଣାଙ୍ଗରୂପ ଦଶମ ଏକାଦଶ ଶତାବ୍ଦୀ ପୂର୍ବରୁ ନିର୍ଦ୍ଧାରଣ କରାଯାଇ ନ ପାରେ । ଭରତଙ୍କ ରସତତ୍ତ୍ୱର ସମୟ ଉପରୋକ୍ତ ନିର୍ଦ୍ଧାରଣଠାରୁ ପୂର୍ବବର୍ତ୍ତୀ ହେଲେ ହେଁ ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏହାର ମୂଳ ଖୋଜା ଯାଇ ନପାରେ । ସେହିପରି ଉପନିଷଦରେ ଯଦିଓ କୌଣସି କଳାତତ୍ତ୍ୱର ବିଧିବଦ୍ଧ ଉପସ୍ଥାପନା ନାହିଁ ତଥାପି ପରବର୍ତ୍ତୀ ସୌନ୍ଦର୍ଯ୍ୟ ତତ୍ତ୍ୱ ସମ୍ପର୍କରେ ବହୁଭାବ ଓ ଶବ୍ଦାବଳୀ ଏଥିରେ ମିଳିଥାଏ ।

ବୈଦିକ ଗୋ ତତ୍ତ୍ୱର ବିଶ୍ଳେଷଣ କଲେ ସୌନ୍ଦର୍ଯ୍ୟ ତତ୍ତ୍ୱର ଅନେକ ଦିଗ ଉଦ୍‌ଘାଟିତ ହୁଏ । ଅରବିନ୍ଦ କହନ୍ତି, ବେଦରେ 'ଗୋ'ର ସମ୍ବନ୍ଧ 'ଉଷା' ବା 'ସୂର୍ଯ୍ୟ' ସହିତ ଇନ୍ଦ୍ର ଅଙ୍ଗିରସଙ୍କ ସହାୟତାରେ ଅପହୃତ 'ଗୋ'ଙ୍କୁ ପଣି (ବୃତ୍ତ) ର ଗୁମ୍ଫାରୁ ମୁକ୍ତ କରନ୍ତି । ଉଷା ସୂକ୍ତରୁ ଜଣାଯାଏ, ଉଷା ଓ ସୂର୍ଯ୍ୟ ଗୋ ପ୍ରକାଶର ପ୍ରତୀକ । ସାୟଣ ମଧ୍ୟ 'ଗୋ' ଶବ୍ଦର ଅର୍ଥ 'ରଶ୍ମି' ଅର୍ଥରେ କରିଛନ୍ତି ('ଗବାଂ ରଶ୍ମି ନାମ୍')[୧] ତେଣୁ ବୈଦିକ ଗାବଃ ପ୍ରକାଶ ରଶ୍ମି ଅର୍ଥରେ ଗ୍ରହଣୀୟ । ବେଦରେ ମଧ୍ୟ ଉଷାଙ୍କୁ, 'ଗୋମତି' ଓ ତାଙ୍କର ରଥକୁ ଗୋମତ ହିରଣ୍ୟବଦ୍ କୁହାଯାଇଛି । ଚିତ୍‌ରୂପିଣୀ ଗୌରୀ ଗାବଃକୁ 'ବସ୍ତୁ' ବନ୍ଧନ ମୁକ୍ତ କରନ୍ତି । ଚିତ୍ ଶକ୍ତିକୁ 'ଗୋ' କୁହାଯାଏ ଓ ଏହା ଇନ୍ଦ୍ରଙ୍କର ଶକ୍ତି ହୋଇଥିବାରୁ ଇନ୍ଦ୍ରିୟ ବୋଲାଏ ।[୨] ସେହିପରି ବୈଦିକ 'ସୋମ' ଶବ୍ଦ ମଧ୍ୟ ସୌନ୍ଦର୍ଯ୍ୟ ତତ୍ତ୍ୱ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ସୋମ ଆନନ୍ଦାନୁଭୂତି ଓ ସୌନ୍ଦର୍ଯ୍ୟାନୁଭୂତିର ପ୍ରତୀକ । ଅରବିନ୍ଦ 'ସୋମ'କୁ 'ଅମୃତ' ଓ 'ଆନନ୍ଦ'ରୂପୀ ମଦିରାର ସ୍ୱାମୀ କହିଛନ୍ତି । ଏହି ପୂତ ସୋମରସ ମନ ଓ ଦେହକୁ କ୍ଷୁବ୍ଧ କରେ ନାହିଁ । ଏହା ମନ ଓ ଶରୀରକୁ ରକ୍ଷାକରେ । ଆନନ୍ଦ ଓ ସୋମର ସମ୍ବନ୍ଧ ଘନିଷ୍ଠ । କାରଣ ଏ ଦୁହିଁଙ୍କ ସମ୍ବନ୍ଧରେ ବେଦରେ ପ୍ରାୟ ଏକପ୍ରକାର କ୍ରିୟା ବର୍ଣ୍ଣନା କରାଯାଇଛି । ସୋମକୁ 'ଭ୍ରାଜମାନଂ ହରିଣ୍ୟୟଂ' କୁହାଯାଇଛି ଓ ହିରଣ୍ୟମୟ କୋଷର ପରମାନନ୍ଦ ମଧ୍ୟ ଏହି ଭାବରେ ବର୍ଣ୍ଣିତ । ସୋମ ନିମନ୍ତେ ବ୍ୟବହୃତ ମଧୁ, ମଧୁମତ୍ତମ, ମଧୁପୃଷ୍ଠ, ମଧୁପେୟ ଆଦି ଶବ୍ଦ ଆନନ୍ଦ ନିମନ୍ତେ ମଧ୍ୟ ପ୍ରଯୁକ୍ତ ହୋଇପାରେ । ସେଥିପାଇଁ ଆଧ୍ୟାତ୍ମିକ ଆନନ୍ଦର ବିଦ୍ୟାକୁ ମଧୁବିଦ୍ୟା କୁହାଯାଇଛି । ସୋମ ଓ ମଧୁ ଶବ୍ଦ ପ୍ରାୟ ସମାନ ଅର୍ଥରେ ବ୍ୟବହୃତ । ପୁନଶ୍ଚ 'ସୋମ' ଶବ୍ଦ ସ୍ୱାଦୁ ଅର୍ଥରେ ମଧ୍ୟ ଗ୍ରହଣ କରାଯାଇଛି । ଏକମାତ୍ର ସୁମେଧା ଓ ସ୍ୱାଧ୍ୟ ବ୍ୟକ୍ତି ହିଁ ଏହି ସ୍ୱାଦୁଭୂତ ସୋମ ଭକ୍ଷଣ କରିପାରେ । ସୋମପାନ ଦ୍ୱାରା ଅମରତ୍ୱ, ଜ୍ୟୋତି ଓ ଦେବ ପ୍ରାପ୍ତି ହୁଏ । ଏହାକୁ ପାନ କଲେ ଶତ୍ରୁଭୟ ରହେ ନାହିଁ । ସୋମପାନ ଦ୍ୱାରା ମର୍ତ୍ତ୍ୟ ଅମୃତରେ ପରିଣତ ହୁଏ ତେଣୁ ସୋମକୁ ଆନନ୍ଦ କୁହାଯାଇଛି । ଏହି ସୋମ ମୁଖଦ୍ୱାରା ନୁହେଁ ହୃଦୟ ଦ୍ୱାରା ପାନ କରାଯାଏ ଓ ଏହା ଅମର ଅନ୍ତଃ ପ୍ରଦେଶରେ ନିହିତ ତଥା ଶରୀର ରକ୍ଷକ । ଆଧ୍ୟାତ୍ମିକ ଜଗତର ସୋମ ଭଳି ବାହ୍ୟ ଜଗତର ଶକ୍ତିମାନେ ମଧ୍ୟ ଜ୍ୟୋତିଧାରୀ, ସୂର୍ଯ୍ୟ, ଚନ୍ଦ୍ର, ପର୍ଜ୍ଜନ୍ୟ, ବିଦ୍ୟୁତ୍ ପ୍ରଭୃତି ଅନ୍ତର୍ଜଗତର ପ୍ରତୀକ ରୂପେ ଗୃହୀତ । ଚନ୍ଦ୍ର ସୋମର ପର୍ଯ୍ୟାୟବାଚୀ କାରଣ ଚନ୍ଦ୍ରମାଙ୍କୁ ଦେବ ସୋମ କୁହାଯାଇଛି ।

କାରଣ ଉଭୟେ 'ସୁମ୍' ନାମକ ସୌନ୍ଦର୍ଯ୍ୟାନୁଭୂତିକୁ ବିକିରିତ କରିବା ନିମନ୍ତେ କ୍ଷମତା ଧାରଣ କରନ୍ତି । ଉପନିଷଦରେ ସୌନ୍ଦର୍ଯ୍ୟ ତତ୍ତ୍ୱ ଦୃଷ୍ଟିରୁ ଆନନ୍ଦ ପ୍ରମୁଖ ସ୍ଥାନ ଅଧିକାର କରିଛି । ଆନନ୍ଦ ତତ୍ତ୍ୱ ଉପରେ ଭାରତୀୟ ଦର୍ଶନ ଭଳି ଭାରତୀୟ ସୌନ୍ଦର୍ଯ୍ୟତତ୍ତ୍ୱ ଅଧିକ ଗୁରୁତ୍ୱ ଦେଇଛି । ଏହାକୁ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ, କଳାରୁ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମଧ୍ୟ ଆଲୋଚନା କରାଯାଇପାରେ । ଉପନିଷଦ ଯୁଗରେ ସୌନ୍ଦର୍ଯ୍ୟ ତତ୍ତ୍ୱର ନିର୍ଦ୍ଦିଷ୍ଟ ରୂପ ମିଳେ ନାହିଁ । କାରଣ ଏଥିରେ ଅପାର୍ଥିବ ଜଗତର କଥା କୁହାଯାଇଛି । ଆଧ୍ୟାତ୍ମିକ ତତ୍ତ୍ୱ ଚିନ୍ତନରେ

ବ୍ୟାପୃତ ରହିଥିବାରୁ ପରମାତ୍ମା, ଅବ୍ୟକ୍ତ ପୁରୁଷଙ୍କର ପ୍ରକାଶର ଅଙ୍କନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ହୋଇପଡ଼ିଛି । ସେହି ପରମପୁରୁଷଙ୍କ ରୂପର ପ୍ରକାଶ ଓ ପ୍ରକାଶ ଧର୍ମ ସ୍ୱରୂପ ଆନନ୍ଦର କଥା ବାରମ୍ବାର ଘୋଷଣା କରାଯାଇଛି । ତେଣୁ ଆନନ୍ଦକୁ ସୁନ୍ଦର ପ୍ରକାଶ ବୋଲି ଗ୍ରହଣ କରିବାକୁ ପଡ଼ିବ । କଳାରେ ଏହି ଚିଦାନନ୍ଦର ଉପାସନା ଓ ଏହାହିଁ ସକଳ ଲଳିତକଳା କ୍ଷେତ୍ରରେ 'ସୁନ୍ଦର' ରୂପରେ ଗୃହୀତ । ସୁନ୍ଦରର ମୂଳରେ ଆନନ୍ଦ ଓ ସୁନ୍ଦର ପ୍ରାପ୍ତିରେ ଆନନ୍ଦୋପଲବ୍ଧି ଏହାହିଁ ଉପନିଷଦର ସୌନ୍ଦର୍ଯ୍ୟ ତତ୍ତ୍ୱ । ଭାରତୀୟ ସୌନ୍ଦର୍ଯ୍ୟ ତତ୍ତ୍ୱର ଉପାଦାନ ସଂଗ୍ରହ ପାଇଁ ଶିଳ୍ପଶାସ୍ତ୍ର (ସ୍ଥାପତ୍ୟ, ମୂର୍ତ୍ତି ଓ ଚିତ୍ରକଳା) ମାନଙ୍କର ସାହାଯ୍ୟ ନିଆଯାଇପାରେ । ମାନସର ଶିଳ୍ପ ରତ୍ନ, ବିଷ୍ଣୁଧର୍ମୋତ୍ତର ପୁରାଣ (ଚିତ୍ରସୂତ୍ର), ଶୁକ୍ରନୀତି, ଅଭିଳଷିତାର୍ଥ ଚିନ୍ତାମଣି (ମାନସୋଲ୍ଲାସ) ପ୍ରଭୃତି ଗ୍ରନ୍ଥମାନଙ୍କରୁ ଭାରତୀୟ ଶିଳ୍ପ ତତ୍ତ୍ୱରେ ବିସ୍ତୃତ ବିବରଣୀ ମିଳେ । ସକଳ ଲଳିତକଳା ମଧ୍ୟରେ ଅନ୍ତଃସମ୍ବନ୍ଧ ବିଦ୍ୟମାନ । ବିଷ୍ଣୁ ଧର୍ମୋତ୍ତର ପୁରାଣରେ ଏହି ତତ୍ତ୍ୱର ଉଲ୍ଲେଖ ରହିଛି । ରାଜବଜ୍ର ମାର୍କଣ୍ଡେୟ ଋଷିଙ୍କ ଠାରୁ ପ୍ରତିମା ନିର୍ମାତା ବିଷୟକ ଜ୍ଞାନ ଲାଭ ପାଇଁ ପ୍ରାର୍ଥନା କରିବାରୁ ଋଷି ତାହାଙ୍କୁ ପ୍ରଥମେ ଚିତ୍ର ସୂତ୍ରରେ ବ୍ୟୁତ୍ପତ୍ତି ଲାଭ ପାଇଁ ଉପଦେଶ ଦେଲେ । କାରଣ ଚିତ୍ର ସୂତ୍ରରେ ପ୍ରବେଶ ନଥିଲେ ପ୍ରତିମା ନିର୍ମାଣର ବୈଶିଷ୍ଟ୍ୟ ଜାଣିହେବ ନାହିଁ ।

ଏଥିରୁ ସ୍ପଷ୍ଟ ପ୍ରତୀତ ହେଲା, ଭାସ୍କର୍ଯ୍ୟ ଚିତ୍ରକଳାରୁ ପ୍ରେରଣା ଗ୍ରହଣ କରେ । ରାଜା ଚିତ୍ର ସୂତ୍ରରେ ଜ୍ଞାନ ଲାଭ ପାଇଁ ଚାହିଁବାରୁ ଋଷି ତାହାଙ୍କୁ ନୃତ୍ୟ କଳାରେ ଦକ୍ଷତା ଅର୍ଜନ ପାଇଁ କହିଲେ । ପୁନଶ୍ଚ ନୃତ୍ୟକଳା ନିମନ୍ତେ ଯନ୍ତ୍ର ସଙ୍ଗୀତରେ ଜ୍ଞାନ ଥିବା ପ୍ରୟୋଜନ ଓ ଯନ୍ତ୍ର ସଙ୍ଗୀତ ସ୍ୱର ସଙ୍ଗୀତ ଦ୍ୱାରା ନିୟନ୍ତ୍ରିତ । ଏଣୁ ଋଷି ରାଜାଙ୍କୁ ସ୍ୱର ସଙ୍ଗୀତରୁ ଆରମ୍ଭ କରି ଚିତ୍ରକଳା ପର୍ଯ୍ୟନ୍ତ ଶିକ୍ଷା ଦେଲେ । ଏସବୁ ଆଲୋଚନାରୁ ଗୋଟିଏ ନିଷ୍କର୍ଷରେ ଉପନୀତ ହୋଇପାରୁ, ତାହା ହେଲା ଯେ କୌଣସି ଗୋଟିଏ ବିଶେଷ ଶିଳ୍ପରେ ଦକ୍ଷତା ଅର୍ଜନ ନିମନ୍ତେ ଅନ୍ୟ ଭଗିନୀ କଳାମାନଙ୍କରେ ମଧ୍ୟ ବ୍ୟୁତ୍ପତ୍ତି ଲାଭ କରିବାକୁ ପଡ଼ିବ । ସେହିପରି ଯେଉଁବ୍ୟକ୍ତି ଚିତ୍ରକଳାର ସୌନ୍ଦର୍ଯ୍ୟ ଆସ୍ୱାଦନ ବା ଆଲୋଚନା କରନ୍ତି, ସେ ଅନ୍ୟ କଳାମାନଙ୍କର ସାଧାରଣ ନିୟମ ଜାଣିବା ନିହାତି ପ୍ରୟୋଜନ । ଚିତ୍ର, ଭାସ୍କର୍ଯ୍ୟ, ନୃତ୍ୟ ଓ ନାଟ୍ୟକଳା ମଧ୍ୟରେ ନିବିଡ଼ତମ ଅନ୍ତଃ ସମ୍ବନ୍ଧ ଲକ୍ଷ୍ୟ କରାଯାଏ । ଏହି କଳାମାନଙ୍କର ମୂଳରେ ଗୋଟିଏ ତତ୍ତ୍ୱ ହିଁ ନିହିତ । ସୌନ୍ଦର୍ଯ୍ୟର ଦାର୍ଶନିକ ଆଲୋଚନା ଫଳରେ ସୌନ୍ଦର୍ଯ୍ୟ ଶାସ୍ତ୍ରର ବ୍ୟାପକ ବିଶ୍ଳେଷଣ ହେବା ସମ୍ଭବପର ହୋଇଛି । ସଂସ୍କୃତ ସାହିତ୍ୟରେ ସୌନ୍ଦର୍ଯ୍ୟ ଚେତନାର ଭୂୟୋବିକାଶ ସମ୍ଭବ ହୋଇଥିଲା । ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ବାଲ୍ମିକୀ, ବ୍ୟାସ, କାଳିଦାସ, ଭାରବି, ଭବଭୂତି ଓ ମାଘ ପ୍ରଭୃତି ମହାକବିମାନଙ୍କର ରଚନାରେ ସୌନ୍ଦର୍ଯ୍ୟ ଦର୍ଶନର ଅପୂର୍ବ ନବନ୍ୟାସର ଝଲକ ସଂଘଟିତ ହୋଇଥିଲା । ଏହି ମହାକବିମାନଙ୍କ ମଧ୍ୟରୁ ବାଲ୍ମିକୀ ଓ କାଳିଦାସଙ୍କର ସୌନ୍ଦର୍ଯ୍ୟ ଦର୍ଶନର ଚମତ୍କାରିତା ବିଶେଷ ଉଲ୍ଲେଖଯୋଗ୍ୟ । ବାଲ୍ମିକୀ ରାମଙ୍କର ରୂପ ସୌନ୍ଦର୍ଯ୍ୟର

ଅପରୂପ ଲାବଣ୍ୟ ବର୍ଣ୍ଣନା କରି ଯେଉଁ ଆଦର୍ଶ ଉପସ୍ଥାପନ କରିଛନ୍ତି ତାହା ଭାରତୀୟ ଆର୍ଯ୍ୟପୁରୁଷର ଆଙ୍ଗିକ ଗଠନ ସୌଷ୍ଠବର ଯଥାର୍ଥ ଧାରଣା ପ୍ରଦାନ କରେ ।

ଦ୍ୟୁତିମାନ, ସମବିଭକ୍ତାଙ୍ଗ, ସ୍ନିଗ୍ଧବର୍ଣ୍ଣ, ସୁଲକ୍ଷଣ ଓ ସମାଶ୍ରିତ ଅଙ୍ଗ ରାମଚନ୍ଦ୍ରଙ୍କର ଦୈହିକ ସୌଷ୍ଠବ ବର୍ଣ୍ଣନାରୁ ଜଣାଯାଏ ଆଦିକବି ଅଙ୍ଗ ସଂସ୍ଥାନ, ବର୍ଣ୍ଣ ପ୍ରଦୀପ୍ତି, ସାମଞ୍ଜସ୍ୟ, କୋମଳତା ବିଭିନ୍ନତା ମଧ୍ୟରେ ଏକତା, ପ୍ରମାଣ, ଲାବଣ୍ୟ, ଉଜ୍ଜ୍ୱଳତା ପ୍ରଭୃତି ରୂପଗତ ସୌନ୍ଦର୍ଯ୍ୟର ବିଧାୟକ ଗୁଣମାନଙ୍କ ସମ୍ବନ୍ଧରେ ସଚେତନ ଥିଲେ ଏଗୁଡ଼ିକର ଅପରିହାର୍ଯ୍ୟତା ସ୍ୱୀକାର କରୁଥିଲେ । ଅଶୋକବନରେ ହନୁମାନ ଶୋକସନ୍ତପ୍ତା ସୀତାଙ୍କର ରୂପକୁ ଏହିପରି ବର୍ଣ୍ଣନା କରୁଛନ୍ତି । ସୀତାଙ୍କ ଶରୀର ମଳିନ ହେବା ଯୋଗୁଁ ସେ ଦୀନତାର ପ୍ରତିମୂର୍ତ୍ତି ପରି ଦେଖାଯାଉଛନ୍ତି । ତାଙ୍କର ଶରୀରରେ ଅଳଙ୍କାର ନଥିବା ଯୋଗୁଁ କୃଷ୍ଣ ମେଘରେ ଆବୃତ୍ତ ଚନ୍ଦ୍ରପ୍ରଭା ପରି ଦେଖାଯାଉଛନ୍ତି । ସୀତାଙ୍କୁ ଏହି ବେଶରେ ଦେଖି ହନୁମାନ ସନ୍ଦେହଗ୍ରସ୍ତ ହୋଇଛନ୍ତି । କାରଣ ଅଭ୍ୟାସ ନିୟମିତ ନକରିବା ଫଳରେ ବିସ୍ମୃତ ହୋଇଥିବା ବିଦ୍ୟାଭଳି ବର୍ତ୍ତମାନ ତାଙ୍କର ସୌନ୍ଦର୍ଯ୍ୟ ସହଜରେ ଚିହ୍ନି ହେଉ ନାହିଁ । ବ୍ୟାକରଣଜନିତ ବାଣୀ ଯେଉଁପରି ଅର୍ଥାନ୍ତର ଲାଭକରେ ଅନଳଙ୍କୃତା ସୀତାଙ୍କୁ ହନୁମାନ ସେହିପରି ଚିହ୍ନିପାରୁ ନାହାନ୍ତି ବା ଅତିକଷ୍ଟରେ ଚିହ୍ନୁଛନ୍ତି । ମଣ୍ଡନଯୋଗ୍ୟ ରୂପ ଅମଣ୍ଡନା ହେଲେ ଓ ପ୍ରତିକୂଳ ପରିବେଶରେ ସ୍ଥାନ ପାଇଥିଲେ ଦ୍ରଷ୍ଟାର ସହଜ ଅବଧାରଣାରେ ଆସେ ନାହିଁ । ସୌନ୍ଦର୍ଯ୍ୟ ଅଭ୍ୟାସ ବା ପ୍ରସାଧନ ଉପରେ ନିର୍ଭରକରେ । ସ୍ୱାଭାବିକ ସୌନ୍ଦର୍ଯ୍ୟ ଅସ୍ୱାଭାବିକ ପରିସ୍ଥିତିରେ ମଳିନ ପଡ଼ିଯାଏ ।[୨] ସଂସ୍କାର ସୌନ୍ଦର୍ଯ୍ୟ ବିକାଶର ଅପରିହାର୍ଯ୍ୟ ଅଙ୍ଗ ହେତୁ ସଂସ୍କୃତ ରୂପ ଓ ସହଜ ପ୍ରତୀତ ସୌନ୍ଦର୍ଯ୍ୟର ଦୁଇଟି ବିଶିଷ୍ଟ ଲକ୍ଷଣ । କାଳିଦାସଙ୍କ ରଚନାରେ ସୌନ୍ଦର୍ଯ୍ୟ ଚେତନାର ଅଭିନବ ବିକାଶ ହୋଇଥିଲା । ତାଙ୍କ ସୃଷ୍ଟି ର ଆଦର୍ଶ ତାଙ୍କର ସୌନ୍ଦର୍ଯ୍ୟ ଦର୍ଶନରେ ଖୋଜା ଯାଇପାରେ । ସେ ଜଣେ ବିଚକ୍ଷଣ ସୌନ୍ଦର୍ଯ୍ୟଶାସ୍ତ୍ରୀ ଭଳି ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ବନ୍ଧରେ ନିଜର ମତ ତାଙ୍କର କାବ୍ୟ ନାଟକରେ ଦର୍ଶାଇ ଯାଇଛନ୍ତି ।

ବ୍ୟକ୍ତିର ରୁଚି ତାହାର ସୌନ୍ଦର୍ଯ୍ୟ ଦୃଷ୍ଟିକୁ ନିୟନ୍ତ୍ରିତ କରେ । ବସ୍ତୁ କେବଳ ସୁନ୍ଦର ହେଲେ ସମସ୍ତେ ତାକୁ ଗ୍ରହଣ କରିବେ ଏଥିରେ କୌଣସି ନିଶ୍ଚୟତା ନାହିଁ । ବ୍ୟକ୍ତିର ମାନସିକତା, ରୁଚି, ସଂସ୍କାର ଓ ଭିନ୍ନତା ଉପରେ ସୌନ୍ଦର୍ଯ୍ୟ ଦୃଷ୍ଟି ନିର୍ଭର କରେ । ଇନ୍ଦୁମତୀ ସୁନନ୍ଦାଠାରୁ ଅଙ୍ଗଦେଶର ରାଜାଙ୍କ ରୂପଗୁଣର ପ୍ରଶଂସା ଶୁଣିସାରି ଆଗକୁ ଯିବା ପାଇଁ କହିଲେ । ଅଙ୍ଗ ରାଜାଙ୍କ ଇନ୍ଦୁମତୀର ଉଦାସୀନତା ସମ୍ବନ୍ଧରେ ମନ୍ତବ୍ୟ ଦେଇ କାଳିଦାସ ସୌନ୍ଦର୍ଯ୍ୟାନୁଭୂତିରେ ରୁଚିର ଭୂମିକା ଘୋଷଣା କରିଛନ୍ତି । ରାଜା ସୁନ୍ଦର ରାଣୀ ଇନ୍ଦୁମତୀଙ୍କର ମଧ୍ୟ ସୌନ୍ଦର୍ଯ୍ୟ ନିର୍ଣ୍ଣୟ ଶକ୍ତି ରହିଛି । ତଥାପି ସେ ରାଜାଙ୍କୁ ଅପସନ୍ଦ କଲେ । କାରଣ ପ୍ରତ୍ୟେକ ବ୍ୟକ୍ତିର ରୁଚି ଭିନ୍ନ । ସୌନ୍ଦର୍ଯ୍ୟ ନିଷ୍ପତ୍ତି ନିମନ୍ତେ ଦ୍ରଷ୍ଟା ଓ ଦୃଶ୍ୟର ଅନୁକୂଳ ସଂଯୋଗ ନିତାନ୍ତ ପ୍ରୟୋଜନ । ମନକୁ ମୋହିତ ନ କରିବାରୁ ଇନ୍ଦୁମତୀ ରାଜାଙ୍କ ଠାରୁ ଦୃଷ୍ଟି ଫେରାଇ ଆଣିଛି । ଏଥିରେ ରାଜାଙ୍କର ସୌନ୍ଦର୍ଯ୍ୟର ହାନି ଘଟିନାହିଁ । ସୌନ୍ଦର୍ଯ୍ୟ କେବଳ ବସ୍ତୁନିଷ୍ଠ ନୁହେଁ କି

ଆତ୍ମନିଷ୍ଠ ନୁହେଁ, ଏହା ଆତ୍ମ ବସ୍ତୁନିଷ୍ଠ । ସେଥିପାଇଁ ରୁଚିର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାଳିଦାସ 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଦୁଷ୍ମନ୍ତ ଅନ୍ତଃପୁରରୁ ଭାସି ଆସୁଥିବା ମଧୁର ପ୍ରେମ ସଙ୍ଗୀତ ଶ୍ରବଣ କରି ବିଚଳିତ ହୋଇପଡ଼ିଛନ୍ତି । ତାଙ୍କର ମନରେ ଗଭୀର ଅନୁରାଗ ସୃଷ୍ଟି ହୋଇଛି ତଥା ପୁନର୍ଜନ୍ମ ସ୍ମୃତିର ଆଲେଖ୍ୟ ଜାଗୃତ ହୋଇଛି । ରମଣୀୟ ବସ୍ତୁ ଦେଖି ମଧୁର ଶବ୍ଦ ଶୁଣି ସୁଖାଭିଳାଷୀ ଜୀବଜନ୍ତୁ ମଧ ବ୍ୟାକୁଳ ତଥା ଉତ୍ସୁକ ହୋଇ ଉଠନ୍ତି । ଏହି ଉତ୍ସୁକତା, କୌତୂହଳତାରେ ଏ ପ୍ରକାର କୋମଳ ବିଷାଦ ବା ଉଦାସୀନ ଭାବ ମିଶ୍ରିତ ହୋଇ ରହିଥାଏ । ରାଜା ଦୁଷ୍ମନ୍ତ ମଧୁର ସଙ୍ଗୀତ ଶ୍ରବଣ କରି ରସାବେଶରେ ସେହି ଅପୂର୍ବ ବୋଧସ୍ମୃତି ଯାହାକି ସ୍ଥିର ଭାବ ରୂପରେ ପୂର୍ବଜନ୍ମର ସୌନ୍ଦର୍ଯ୍ୟାନୁଭୂତିକୁ ଧରିରଖିଥିଲା ସେହି କଥା ମନକୁ ଆଣିଛନ୍ତି । ପୂର୍ବଜନ୍ମରେ ଯେଉଁ ବସ୍ତୁ ସହିତ ଆତ୍ମୀୟତା ଥାଏ ଏବଂ ଯାହାକୁ ସେ ମନପ୍ରାଣ ସହିତ ଉପଭୋଗ କରିଥାଏ ସେହି ସ୍ମୃତିକୁ ଏ ଜନ୍ମରେ ନବୁଝି ମଧ ସ୍ମରଣ କରେ ତଥା ତା ସହିତ ମନ ଘେନାଘେନି ସମ୍ପର୍କ ସ୍ଥାପନ କରେ ।

ଦୁଷ୍ମନ୍ତଙ୍କ ମନରେ ବାସନା ରୂପରେ ବିଦ୍ୟମାନ ଥିବା ସ୍ଥାୟୀଭାବ ବର୍ତ୍ତମାନ ସୌନ୍ଦର୍ଯ୍ୟାନନ୍ଦରେ ପରିଣତ ହୋଇଛି ଓ ସେ ସୌନ୍ଦର୍ଯ୍ୟାନୁଭୂତି ଲାଭ କରିଛନ୍ତି । ବିଶେଷ ଭାବରେ ବହିର୍ଜଗତର ରମ୍ୟ ବସ୍ତୁ ଓ ମଧୁରବାଣୀ ଦର୍ଶନ ଓ ଶ୍ରବଣରେ ଦ୍ରଷ୍ଟା ଓ ଶ୍ରୋତାଙ୍କ ମନରେ ସ୍ମୃତିର ଉଦ୍‌ବୋଧନ ହୁଏ ଓ ଏକପ୍ରକାର ପର୍ଯ୍ୟୁତ୍ସୁକୀ ଭାବ ତାଙ୍କଠାରେ ଜାଗେ । ଏହି ସ୍ମୃତିକୁ କାଳିଦାସ ଅବୋଧପୂର୍ବା କହିଛନ୍ତି । ସୁନ୍ଦର ବସ୍ତୁ ସହିତ ସାକ୍ଷାତକାର ଘଟିଲେ ଏହି ସ୍ମୃତି ଜାଗ୍ରତ ହୁଏ ଓ ହୃଦୟକୁ ଚଞ୍ଚଳ କରେ ।[୩] ଜନ୍ମାନ୍ତରରେ ବିଶ୍ୱାସୀ କାଳିଦାସଙ୍କ ମତରେ ମନୁଷ୍ୟର ସୌନ୍ଦର୍ଯ୍ୟବୋଧ ଜନ୍ମାନ୍ତର ସୂତ୍ରରେ ତା ସହିତ ମାତୃଗର୍ଭରୁ ହିଁ ଆସିଥାଏ । ସୌନ୍ଦର୍ଯ୍ୟତତ୍ତ୍ୱର ଅନ୍ୱେଷଣକାରୀ ଓ ସୌନ୍ଦର୍ଯ୍ୟ ଉପଭୋକ୍ତା ମଧ୍ୟରେ ପାର୍ଥକ୍ୟ ଦେଖାଇ କାଳିଦାସ ଏହାକୁ ସ୍ପଷ୍ଟ କରିଛନ୍ତି । ତତ୍ତ୍ୱାନ୍ୱେଷୀ ଦ୍ରଷ୍ଟା ବା ପାଠକ ତତ୍ତ୍ୱଜାଲରେ ଛନ୍ଦି ହୋଇ ସୌନ୍ଦର୍ଯ୍ୟର ମାନଦଣ୍ଡ ଗୁଣ, ଧର୍ମ ସଂଜ୍ଞା ନିରୂପଣ ଉପାଦାନ ନିର୍ଣ୍ଣୟ ପ୍ରଭୃତିର ବିଶ୍ଳେଷଣରେ ବ୍ୟସ୍ତ ରହେ । ସେ ପ୍ରକୃତ ରସ ବା ସୌନ୍ଦର୍ଯ୍ୟ ଉପଭୋଗ କରିପାରେ ନାହିଁ । ଦୁଷ୍ମନ୍ତ ଶକୁନ୍ତଳାଙ୍କର ଜନ୍ମ ଓ ନିଜର କର୍ତ୍ତବ୍ୟ ଅକର୍ତ୍ତବ୍ୟ ସମ୍ବନ୍ଧରେ ଯେତେବେଳେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ସେହି ସମୟରେ ଏକ କୃତି ଭ୍ରମର ଉଡ଼ିଆସି ଶକୁନ୍ତଳାଙ୍କର ବେପଥୁମତି ଚଳାପାଙ୍ଗ ଦୃଷ୍ଟିକୁ ସ୍ପର୍ଶ କଲା । କାନ ପାଖରେ ମୃଦ୍ୟୁ ପ୍ରେମ ରହସ୍ୟ ଗୁଞ୍ଜନ କଲା ପରି ଲାଗିଲା ଓ ତାଙ୍କର ରତି ସର୍ବସ୍ୱ ଅଧର ପାନ କଲା । ସେଠାରେ ଦୁଷ୍ମନ୍ତ ଭ୍ରମରକୁ ସମ୍ବୋଧନ କରି କହିଛନ୍ତି - ମଧୁକର ! ତୁହିଁ ପ୍ରକୃତିରେ କୃତି, କାରଣ ଜ୍ଞାନ ବା ତତ୍ତ୍ୱ ପରିବର୍ତ୍ତେ ତୁ ଆନନ୍ଦ ସୌନ୍ଦର୍ଯ୍ୟର ଆସ୍ୱାଦନ କରିଜାଣୁ । ଭ୍ରମରକୁ 'କୃତ' ନିଜକୁ 'ତତ୍ତ୍ୱାନ୍ୱେଷୀ' କହି ନିଜର ତତ୍ତ୍ୱାନ୍ୱେଷିଣୀ ବୁଦ୍ଧିକୁ ଧିକ୍‌କାର କରିଛନ୍ତି । ସୌନ୍ଦର୍ଯ୍ୟ ଉପଭୋଗ କାଳରେ ତତ୍ତ୍ୱାଗ୍ରାହିଣୀ ବୁଦ୍ଧିଠାରୁ ସର୍ବଦା ଦୂରରେ ରହିବାକୁ ପଡ଼ିବ । କାରଣ ଏହା ହିଁ ସମସ୍ତଙ୍କ ପ୍ରତିବନ୍ଧକ ସୃଷ୍ଟିକରେ ।

କବି ଶିଳ୍ପୀ ମଧ୍ୟସ୍ଥ ସଂସାରୀ ବ୍ୟକ୍ତି ମଣିଷ ଓ କବି ମଣିଷ ମଧ୍ୟସ୍ଥ ବ୍ୟବଧାନ ଉପନିଷଦ ବର୍ଣ୍ଣିତ ଦୁଇ ପକ୍ଷୀର ବ୍ୟବଧାନ ପରି ସ୍ପଷ୍ଟ । ସର୍ବଦା ସଂଯୁକ୍ତ ତୁଲ୍ୟ ନାମ ବିଶିଷ୍ଟ ଦୁଇଟି ପକ୍ଷୀ ଗୋଟିଏ ବୃକ୍ଷକୁ ଆଶ୍ରୟ କରି ଅବସ୍ଥାନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ବିଚିତ୍ର ସ୍ୱାଦଯୁକ୍ତ ଫଳ ଆହାର କରୁଛି, ଅପରଟି ଅନଶନରେ ରହି କେବଳ ତାହା ଦର୍ଶନ କରୁଛି । ଯିଏ ଖାଉଛି ତାର ଭାବ ସୀମିତ ଓ କେନ୍ଦ୍ରୀଭୂତ, ଯିଏ ଦର୍ଶନ କରୁଛି ତାର ଭାବ ବିକେନ୍ଦ୍ରିକ, ଅସୀମ । ଜଣେ ଭୋକ୍ତା ଅପର ସାକ୍ଷୀ, ଜଣେ ଚଞ୍ଚଳ ଅପର ସ୍ଥିର, ସ୍ତବ୍ଧ । ଜୀବାତ୍ମା ପରମାତ୍ମାର ଏହି ସାଯୁଜ୍ୟ, ସାରୂପ୍ୟ, ଓ ସାଲୋକ୍ୟ ତୁଲ୍ୟ ଶିଳ୍ପୀର ବ୍ୟକ୍ତିତ୍ୱ ଓ ନୈର୍ବ୍ୟକ୍ତିତ୍ୱ ଭାବ ମଧ୍ୟରେ ସାଯୁଜ୍ୟ, ସାରୂପ୍ୟ ଓ ସାଲୋକ୍ୟ ସ୍ଥିତି ନିହିତ । ଶିଳ୍ପୀ ମଧ୍ୟସ୍ଥ କବି ମଣିଷ ଦ୍ରଷ୍ଟା । ଯାହା ସାଧାରଣ ମଣିଷ ଦେଖିପାରେ ନାହିଁ ଅଥଚ ଶିଳ୍ପୀ ତାହା ଦେଖାଇ ପାରିଥାଏ । ଶିଳ୍ପୀ ସବୁ କିଛିକୁ ନିଜର କରିନେଉଥିଲେ ହେଁ ପ୍ରକାଶ କାଳରେ ନିଜକୁ ପ୍ରଧାନ ନ କରି ବିଶ୍ୱ ବିମ୍ବ ପ୍ରତିବିମ୍ବିତ କରିଥାଏ । ଏହି କାରଣରୁ ଧ୍ରୁପଦୀ କଳା ବ୍ୟକ୍ତି ସୃଜିତ ହୋଇ ମଧ୍ୟ ଦେଶ କାଳ ପାତ୍ରଠାରୁ ଊର୍ଦ୍ଧ୍ୱରେ ରହେ । କବି ଓ ଲେଖକ ସମାଜରେ ଦଶଜଣରୁ ଜଣେ ନୁହନ୍ତି, ସେ ଦଶଜଣଙ୍କର ମୁଖପାତ୍ର । କବି ଓ ଲେଖକର ଲେଖନୀ ସେଇ ସମାଜ କଥା ଯେ ଶୁଣେ ତା ନୁହେଁ ବରଂ କଥା କହେ । ସେ କୌଣସି ଗୋଷ୍ଠୀ ବା ଦଳର ନୁହନ୍ତି । ସେ କୌଣସି ଦେଶ ବା କାଳର ମଧ୍ୟ ନୁହନ୍ତି । ସେ ସର୍ବଦେଶର, ସର୍ବମାନବର ଏବଂ ସର୍ବକାଳର । କୌଣସି ଗୋଟିଏ ଦେଶ, ଜାତି ବା ଭାଷାକୁ ଆଶ୍ରୟ ନକଲେ ଅବଶ୍ୟ ସେମାନେ ନିଜକୁ ବୋଧଗମ୍ୟ ଭାବରେ ପ୍ରକାଶ କରିବା ସମ୍ଭବ ହେବ ନାହିଁ । କିନ୍ତୁ ତାହା କେବଳ ଆଶ୍ରୟ । ଦେଶ ଭିତର ଦେଇ ସେ ସର୍ବଦେଶ, ଯୁଗ ଭିତର ଦେଇ ସେ ସର୍ବକାଳ ଏବଂ ଜାତି ବା ଗୋଷ୍ଠୀ ଭିତର ଦେଇ ସେ ସର୍ବମାନବର ବାଣୀ ସର୍ବମାନବ ପାଇଁ କହିବାକୁ ଚେଷ୍ଟା କରିବେ ।[୪]

ରୀତିଯୁଗୀୟ କବିମାନେ ଅଧିକ ମାତ୍ରାରେ ସୌନ୍ଦର୍ଯ୍ୟ ସଚେତନ । ଉପେନ୍ଦ୍ର ଭଞ୍ଜ ପ୍ରମୁଖ କବିମାନେ ସ୍ୱକୀୟ କାବ୍ୟ ନିର୍ମାଣ ରୀତି ଓ ସୌନ୍ଦର୍ଯ୍ୟ ଧାରଣା ତଥା ସୌନ୍ଦର୍ଯ୍ୟାନୁଭୂତି ସମ୍ପର୍କରେ ବହୁସ୍ଥଳରେ ସଚେତନ ମତ ପ୍ରକାଶ କରିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟର ଆଙ୍ଗିକ ସୌନ୍ଦର୍ଯ୍ୟର ସ୍ୱରୂପ ଓ ଲକ୍ଷଣ ତାଙ୍କର କାବ୍ୟାବଳୀରେ ଅତ୍ୟନ୍ତ ଗଭୀର ଓ ସାନ୍ଦ୍ର ଭାବରେ ପ୍ରକାଶିତ ହୋଇଛି । 'ବୈଦେହୀଶ ବିଳାସ'ରେ ସେ ଯେଉଁ କବି ମାର୍ଗର ପଥିକ ତାହାର ସୂଚନା ଦେଇ କହନ୍ତି,''ବିଚିତ୍ର କବିତ୍ୱ ମାର୍ଗେ ପ୍ରସରିଲା ବୁଦ୍ଧି/ ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ।''[୫] ବିଚିତ୍ର ମାର୍ଗର କବି ଅଳଙ୍କାର ପ୍ରୟୋଗ ନିମନ୍ତେ ଅଧିକ ପ୍ରଯତ୍ନ କରିଛନ୍ତି । ଅଳଙ୍କାରର ବୈଶିଷ୍ଟ୍ୟ ଓ କାବ୍ୟ ରଚନାରେ ଉତ୍କର୍ଷ ପ୍ରଦର୍ଶନ କରି ଏହି ମାର୍ଗର କବି ପାଠକର ପ୍ରଶଂସା ଓ ଗ୍ରାହକତା ଆଶା କରନ୍ତି । ସେ କାବ୍ୟର ଆଙ୍ଗିକ ସୌନ୍ଦର୍ଯ୍ୟକୁ ନିଜର ସାହିତ୍ୟ ସାଧନାର ପରମ ନିଦର୍ଶନ ରୂପେ ଗ୍ରହଣ କରିଥିଲେ । ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପ୍ରୟୋଗରେ ସେ ଯେଉଁ ଉଦ୍ୟମ କରିଛନ୍ତି, ତହିଁରୁ ତାଙ୍କର ପାଣ୍ଡିତ୍ୟ ଓ ବହୁ ଶାସ୍ତ୍ରଦର୍ଶିତାର

ପ୍ରମାଣ ମିଳେ । ''ମୂର୍ତ୍ତିମନ୍ତ କରି ମୃଦୁଗୀତ ବିଚାରଇ/ଏଣୁ କରିଥିବ ଅଳଙ୍କାର ଯୁକ୍ତ ହୋଇ ॥ ୭ ॥ ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ/ ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ହେ ॥ ୮ ॥(୬) କୋମଳ ପଦାବଳୀ ଯୁକ୍ତ ମୂର୍ତ୍ତିମନ୍ତ କାବ୍ୟ କବିତା ବନିତା ବିଗ୍ରହର ରୂପ ଧାରଣ କରି ଅଳଙ୍କାର ମଣ୍ଡିତ ହୋଇ ସରଳ ପଦଯୋଜନାରେ ପାଠକ ପ୍ରାଣକୁ ଆନନ୍ଦିତ କରିବ । ଏକ ସୀମିତ ପାଠକଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ନିବେଦିତ । ସେମାନେ ହେଲେ ବିବୁଧ, ବିବୁଧ, ବିଜ୍ଞ, ସୁରସିକ, ସୁଜନ, ସୁଜାଣ, କବି, ସୁହୃଦ, ପଣ୍ଡିତ, ଜାଣିଲାଜନ, ଅର୍ଥୀଜନ, ରସିକ ଭ୍ରମର, କନ୍ତୁକ ଜନ, ନାନା ଶାସ୍ତ୍ରରେ ବିଚକ୍ଷଣ, ଅଳଙ୍କାରଲକ୍ଷଣଜ୍ଞାତା, ଚାତୁରୀ ଗ୍ରହଣକାରୀ, ଜ୍ଞାନରଦଥିବା ଜନ, ଯୁବାଜନ, ପ୍ରୀତି, ଅନୁଭବୀ, ଅର୍ଥ ଯୋଡ଼ିବାରେ ଧୂରୀଣ, ଶୃଙ୍ଗାର ରସଜ୍ଞ ତଥା ଛାନ୍ଦ ସଙ୍ଗୀତ କଳାରେ ପାରଦର୍ଶୀ ବିଦ୍ୱାନବର୍ଗ । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପାଠକମାନଙ୍କୁ ସମକ୍ଷରେ ରଖିଥିବାରୁ ଉପେନ୍ଦ୍ର ମୂର୍ଖ, ଅଜ୍ଞାନ, ଖଳ ଓ ସ୍ୱଳ୍ପ ଜ୍ଞାନ ପ୍ରାପ୍ତ ଲୋକଙ୍କ ଉଦ୍ଦେଶ୍ୟରେ ବାରମ୍ବାର ଆକ୍ଷେପ, ବ୍ୟଙ୍ଗୋକ୍ତି ଓ ନିନ୍ଦା ବର୍ଷଣ କରିଛନ୍ତି ।

ଛାନ୍ଦାର୍ଥୀ, ବୁଧ, ପଣ୍ଡିତ, ତରୁଣ ଏହିମାନଙ୍କ ପାଇଁ ପୁରାଣ ତଥା କାଳ୍ପନିକ ପ୍ରେମମୂଳକ ଅଳଙ୍କାରାଶ୍ରୟୀ ଛାନ୍ଦବନ୍ଧ ସମନ୍ୱିତ ଓ ଶବ୍ଦାର୍ଥମୟ ଗୀତ ରଚନା କରିବା ତାଙ୍କର ଏକମାତ୍ର ଅଭିପ୍ରାୟ । ସବୁ ଶ୍ରେଣୀର ପାଠକମାନଙ୍କ ପାଇଁ ନୁହେଁ । ଉପେନ୍ଦ୍ର ଭଞ୍ଜ କାବ୍ୟକୁ ସଙ୍ଗୀତର ନିକଟବର୍ତ୍ତୀ ବା ସଙ୍ଗୀତାତ୍ମକ କରିବାକୁ ଯାଇଛନ୍ତି । ଉତ୍ତମ ଛାନ୍ଦ ବା ଗୀତ ରଚନା କରିବା ପାଇଁ ସେ ଅହରହ ଉଦ୍ୟମ କରିଥିଲେ । ତାଙ୍କର ଗଭୀର ବିଶ୍ୱାସ ଥିଲା ଛାନ୍ଦବନ୍ଧ ବା ସଙ୍ଗୀତାକାରରେ ରଚିତ ରଚନା ହିଁ କାବ୍ୟ, କାବ୍ୟ ଗୀତଧର୍ମୀ ହେବ ମାତ୍ର ସଙ୍ଗୀତ ନୁହେଁ । ସମ୍ବେଗର ଗୀତିଧର୍ମିତା କାବ୍ୟର ଗୌରବ ବୃଦ୍ଧି କରେ । ଶବ୍ଦ ସଙ୍ଗୀତର ବାହୁଲ୍ୟ ନୁହେଁ । ଉପେନ୍ଦ୍ରଙ୍କର ପଦସାରଲ୍ୟ ଶବ୍ଦାବଳୀର ଧ୍ୱନ୍ୟାତ୍ମକ ଗୀତ ମାଧୁରୀ ଯୋଗୁଁ ଏହା କେବଳ ସମ୍ଭବ ହୋଇଛି । ସୌନ୍ଦର୍ଯ୍ୟର ଉତ୍କର୍ଷ ସାଧନ ନିମନ୍ତେ ଅଳଙ୍କାର ଓ ମଣ୍ଡନ ବିଧିର ଉପଯୋଗିତା ସମ୍ପର୍କରେ ଉପେନ୍ଦ୍ର ଭଞ୍ଜ ନିଜର ଯୁକ୍ତି ଉପସ୍ଥାପିତ କରି ତାହାର ଉପଯୋଗିତା ସିଦ୍ଧ କରିଛନ୍ତି । ଅଳଙ୍କାର କ'ଣ ଏହା କାହିଁକି ପ୍ରୟୋଜନ ତଥା ଅଙ୍ଗ ସୌନ୍ଦର୍ଯ୍ୟ ସହିତ ଏହାର ସମ୍ପର୍କ କାହିଁକି, ଏ ବିଷୟରେ ତାଙ୍କର ବିଚାର କାବ୍ୟ ନାୟିକାର ବେଶ ସଜ୍ଜା, ଅଳଙ୍କାର ପରିଧାନ ସମୟରେ ସ୍ପଷ୍ଟଭାବରେ ପ୍ରତ୍ୟେକ କାବ୍ୟରେ ପ୍ରକାଶିତ ହୋଇଛି । ଅଳଙ୍କାରବିହୀନା ନାୟିକାର ଦେହ ଶୋଭା ଉପେନ୍ଦ୍ରଙ୍କ ପାଇଁ ଆଦୌ ସ୍ପୃହଣୀୟ ମନେ ହୋଇ ନାହିଁ । ଇନ୍ଦ୍ରିୟ ସ୍ତରରୁ ଅତୀନ୍ଦ୍ରିୟ ସ୍ତରରେ ପହଞ୍ଚିବା ପାଇଁ ଦେହ ଏକ ସୋପାନ ।

ସୌନ୍ଦର୍ଯ୍ୟଗ୍ରାହୀ ଉପେନ୍ଦ୍ର ରୂପ ମଧ୍ୟରେ ଅରୂପର ସନ୍ଧାନ କରିଛନ୍ତି । ସଖୀ ସହଚରୀ ପରିବେଷ୍ଟିତା ଲାବଣ୍ୟବତୀ ଅପରୂପ ଲାବଣ୍ୟର ସମ୍ଭାରରେ ସମନ୍ୱିତା ହୋଇ ସରୋବରକୁ ସ୍ନାନ ପାଇଁ ଯାଉଛି । ଉପେନ୍ଦ୍ର ଭଞ୍ଜ ଆଲୋଚ୍ୟ 'ଲାବଣ୍ୟବତୀ' କାବ୍ୟରେ ଲାବଣ୍ୟବତୀର ଅପୂର୍ବ ଆଙ୍ଗିକ ସୌନ୍ଦର୍ଯ୍ୟର ସାର୍ଥକ ପ୍ରକାଶ କରିଛନ୍ତି ।(୭) ଲୀଳା ସରୋବରରେ ସଖୀ

ପରିବେଷ୍ଟିତା ଲାବଣ୍ୟବତୀ ସ୍ନାନ କଲାବେଳେ ତା'ର ଦୈହିକ ସତ୍ତା ଯେଉଁ ଏକ ଅତୀନ୍ଦ୍ରିୟ ଅସ୍ତିତ୍ୱ ଭିତରେ ବିଲୀନ ହୋଇଯାଇଛି । ସିକ୍ତ ବସନ ଅନ୍ତରାଳରେ ତା'ର ସୁବର୍ଣ୍ଣ ଅଙ୍ଗଶ୍ରୀ ସ୍ଫଟିକରେ ବାଡ଼ ଫୁଟି ଦିଶିଲା ପରି ମନେ ହେଉଛି । ହାସ ରୂପକ ଚନ୍ଦ୍ର ଉଦିତ ହେବା ଫଳରେ ଚନ୍ଦ୍ରକାନ୍ତ ମଣି ନିର୍ମିତ ପର୍ବତ ତୁଲ୍ୟ ପୟୋଧର ଦ୍ୱୟ ତରଳି ଯାଇ ଯେପରିକି ଦେହସାରା ସ୍ରବି ଯାଇଛନ୍ତି । ବିନ୍ଦୁ ବିନ୍ଦୁ ଜଳରାଶି କୁଞ୍ଚିତ କେଶରାଶି ଉପରେ ପଡ଼ି ତମାଳ ବନ ଉପରେ ନିହାରପାତର ଭ୍ରମ ସୃଷ୍ଟି କରାଉଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ଏହି ଅପୂର୍ବ ବର୍ଣ୍ଣନା ଚାତୁର୍ଯ୍ୟ ଦେଖିଲେ ମନେହୁଏ ସ୍ୱର୍ଗୀୟ ସୁଷମାର ସମସ୍ତ ଭଣ୍ଡାର ଲାବଣ୍ୟବତୀ ଦେହରେ ଯେପରି ଅଜାଡ଼ି ହୋଇପଡ଼ିଛି । ସେକସ୍‌ପିଅରଙ୍କ ଭାଷାରେ କହିଲେ ହୁଏତ ବେଶୀ ଯୁକ୍ତିଯୁକ୍ତ ହେବ 'Heaven walks on earth' । ସରୋବରରେ ସ୍ନାନ କରିବାପରେ ରୂପସୀ ସହଚରୀମାନେ ଲାବଣ୍ୟବତୀକୁ ବସ୍ତ୍ର ପରିଧାନ କରାଇଛନ୍ତି । 'ଲାବଣ୍ୟବତୀ'ର ଉଷ୍ମ ଯୌବନସିକ୍ତ ଦେହ ଲାବଣ୍ୟ ସଂସ୍ପର୍ଶରେ ଆସି ଅଙ୍ଗ ପରିଧେୟ ଗୁଡ଼ିକ ସତେ ଯେପରି ଆହୁରି ଜାଜ୍ୱଲ୍ୟମାନ ହୋଇଉଠିଛି ।[୮] 'ଲାବଣ୍ୟବତୀ' ବ୍ୟତୀତ ଉପେନ୍ଦ୍ରଙ୍କ ଅନ୍ୟାନ୍ୟ କାବ୍ୟ କବିତାରେ ନାରୀର ପ୍ରସାଧନ ଓ ବସନ ଭୂଷଣର ବ୍ୟାପକ ବର୍ଣ୍ଣନା ପ୍ରକାଶିତ ହୋଇଛି । 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ନାୟିକାକୁ ମର୍ତ୍ତ୍ୟପୁରର ଲକ୍ଷ୍ମୀ ସ୍ୱରୂପିଣୀ ବୋଲି ଅନୁମାନ କରି ଶିଳ୍ପୀମାନେ ବେଶ କଲେ ବୋଲି କାବ୍ୟର ଏକ ଚରିତ୍ର ବିସ୍ମିତ ହେଉଅଛି ।[୯] ବିଭୂଷଣ ମଣ୍ଡନ ମାତ୍ର ରୂପଜ୍ୟୋତି ସ୍ୱାଭାବିକ ହେବା ପ୍ରତ୍ୟେକ ବ୍ୟକ୍ତିର ସାଧାରଣ ପ୍ରକ୍ରିୟା । ଯୁବାବସ୍ଥାର ଆରମ୍ଭରେ ସୀତାଙ୍କୁ ସହଚରୀମାନେ ପ୍ରତ୍ୟେକ ଦିନ ଅନେକ ବିଭୂଷଣ ଦ୍ୱାରା ମଣ୍ଡିତ କଲେ ମଧ ତାଙ୍କର ସ୍ୱାଭାବିକ ରୂପ ଜ୍ୟୋତି ତାହା ଦ୍ୱାରା ଆହୁରି ମଣ୍ଡିତ କଲା ପରି ଦେଖାଯାଏ । ''ବିଭୂଷଣ ନାନା ପ୍ରକାରେ ଯେତେ କରନ୍ତି ନିତି / ବିଭୂଷଣ ପରା ତହିଁ କି ଦିଶେ ସୁନ୍ଦରୀ ଜ୍ୟୋତି ।''[୧୦] ସୀତାଙ୍କର ସୁନ୍ଦର ଅଙ୍ଗରେ ସ୍ଥାନ ପାଇ ଅଳଙ୍କାରମାନେ ସୁନ୍ଦରତର ହେଲେ । ରୂପ ସଂସ୍ପର୍ଶରେ ଆସିଲେ ଅଳଙ୍କାରମାନେ ଦ୍ୟୁତିମାନ ହୋଇ ଶୋଭା ପାଆନ୍ତି । ଅଙ୍ଗ ସାନିଧ୍ୟ ବିନା ସେମାନଙ୍କର ସ୍ୱତନ୍ତ୍ର ସ୍ଥିତି ଅସମ୍ଭବ । ମୂଲ୍ୟବାନ ଭୂଷଣାବଳୀ ସୀତାଙ୍କ ଅଙ୍ଗରେ ସ୍ଥାନ ପାଇ ଉଜ୍ଜ୍ୱଳ ଦେଖାଗଲେ ଅର୍ଥାତ୍ ରୂପର ରସାଣ ପଥର ଯୋଗୁ ରସାଣିତ ହେଲେ ।[୧୧]

ଚନ୍ଦ୍ର କିରଣରେ ରାତି ଉଜ୍ଜ୍ୱଳ ଦିଶିଲା ପରି ସୀତାଙ୍କ ଶାରୀରିକ ଜ୍ୟୋତି ବଶରୁ କଜ୍ଜ୍ୱଳ ଓ କସ୍ତୁରୀ ପ୍ରଭୃତି ପ୍ରସାଧନ ସାମଗ୍ରୀ ମଧ ଆଭାମୟ ହେଲେ । କବି ଅଳଙ୍କାର ଓ ସୁବେଶକୁ ସ୍ୱଭାବ ସୌନ୍ଦର୍ଯ୍ୟ ଠାରୁ ହୀନ ମନେ କରିଥିବା ଜଣାଯାଏ । ଏହା ଜାଣି ସୁଦ୍ଧା ଉପେନ୍ଦ୍ର ଭଞ୍ଜ ନାୟିକାମାନଙ୍କଠାରେ ପାର୍ଥିବ ଅଳଙ୍କାରର ସମାବେଶ କରାଇଛନ୍ତି । ସେ ତାଙ୍କର କାବ୍ୟ ନାୟିକାମାନଙ୍କଠାରେ ତିନିପ୍ରକାର ସୌନ୍ଦର୍ଯ୍ୟର ଅଭୂତପୂର୍ବ ସମାବେଶ ଘଟାଇଛନ୍ତି । ପ୍ରଥମେ ସେମାନେ ଆଜନ୍ମ ସୁନ୍ଦରୀ । ଦ୍ୱିତୀୟରେ ଯୌବନରେ ସେହି ଶାରୀରିକ ଅପୂର୍ବ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ଏବଂ ତୃତୀୟରେ ବୟଃ ଅନୁରୂପ ବେଶ ଅଳଙ୍କାରରେ ଅଧିକ ସୌନ୍ଦର୍ଯ୍ୟଶାଳିନୀ ଓ

ମନୋଜ୍ଞା ଭାବରେ, ପରିଚିତା ହୁଅନ୍ତି । ତେଣୁ ନାୟିକାମାନଙ୍କର ସୌନ୍ଦର୍ଯ୍ୟଶୀଳତା ପାଇଁ ଉପେନ୍ଦ୍ରଙ୍କର ଲେଖନୀ ସତତ ମୁଖର ହୋଇଉଠିଛି । ଯୌବନକୁ ମଧ୍ୟ ସେ ନାରୀର ଏ ଅଳଙ୍କାର ଭାବରେ ଆଙ୍ଗିକ ସୌନ୍ଦର୍ଯ୍ୟ ଭାବରେ ଗ୍ରହଣ କରିଛନ୍ତି । ନାୟିକାର ଯୌବନାବସ୍ଥାକୁ କବି ସୁନ୍ଦର ଅର୍ଥରେ ଗ୍ରହଣ କରିଛନ୍ତି । ସହଜ ସୌନ୍ଦର୍ଯ୍ୟ ସହିତ ଯୌବନ ସୌନ୍ଦର୍ଯ୍ୟ ମିଶ୍ରଣରେ ଦୁଇଟି ସୌନ୍ଦର୍ଯ୍ୟର ଏକତ୍ର ଅବସ୍ଥାନରେ 'ସୁଭଦ୍ରା', 'ଲାବଣ୍ୟବତୀ', 'ପ୍ରେମଶୀଳା', 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ପ୍ରମୁଖ ନାରୀମାନେ ଅତୁଳନୀୟା ସୁନ୍ଦରୀ ଭାବରେ ଖ୍ୟାତ ହୁଅନ୍ତି । ଏପରିକି 'ଲାବଣ୍ୟବତୀ'ରେ କବି ଲାବଣ୍ୟବତୀର ଯୌବନକାଳକୁ ଶାଣ ଓ ନାୟିକାକୁ ମଣି ସହିତ ତୁଳନା କରି କହିଛନ୍ତି ଶାଣରେ ବସାଇଲେ ମଣିର ଦୀପ୍ତି ବୃଦ୍ଧିପାଇଲା ପରି ଯୁବାବସ୍ଥା ନାୟିକାର କାନ୍ତିକୁ ଆହୁରି କମନୀୟ କରିଦେଇଛି ।[୧୨] ଏହିପରି ଅପୂର୍ବ ସୁନ୍ଦରୀ ନାୟିକାମାନଙ୍କ ଅଙ୍ଗ ସ୍ପର୍ଶ କରି ନିର୍ଜୀବ ଅଳଙ୍କାରମାନେ ଯେପରି ସଜୀବତ୍ୱ ଫେରି ପାଇଛନ୍ତି । ଯୁବତୀ ଅଙ୍ଗରେ ଅଳଙ୍କାରର ସମାବେଶ ଅଙ୍ଗକାନ୍ତିର ଆକର୍ଷଣରେ ଆକୃଷ୍ଟ ହୋଇ ସେଗୁଡ଼ିକ ଯଥା ସ୍ଥାନରେ ନିଜ ନିଜର ଆସନ ବାଛି ନେଇ ଅବସ୍ଥାନ କରନ୍ତି । ଉପେନ୍ଦ୍ର ଭଞ୍ଜ 'ସୁଭଦ୍ରା'ଙ୍କ ଅଙ୍ଗକାନ୍ତିର ବର୍ଣ୍ଣନା କାଳରେ ଅଳଙ୍କାରର ସାର୍ଥକ ପ୍ରୟୋଗ କରିଛନ୍ତି । ଯୌବନୋଦ୍ଦୀପ୍ତା ସୁଭଦ୍ରାଙ୍କୁ ଦେଖି ଅଳଙ୍କାରମାନେ ମନରେ ପାଞ୍ଚିଲେ, ଏତ ଏଡେ ଗୁରୁ ଭାର ସମ୍ଭାଳିଛି ତେବେ ଆମକୁ ମଧ୍ୟ ଧାରଣ କରିପାରେ । ଉପେନ୍ଦ୍ରଙ୍କ ନାୟିକାମାନେ ଦେହର ଯୌବନଭାରା ଓ ଅଳଙ୍କାରର ବାହୁଲ୍ୟ ଉଭୟ ବହନ କରିବାକୁ ସମର୍ଥ ହୋଇଛନ୍ତି ।

'ଲାବଣ୍ୟବତୀ' କାବ୍ୟର ସ୍ୱପ୍ନ ଦର୍ଶନ ଛାନ୍ଦଟି ସୌନ୍ଦର୍ଯ୍ୟ ସୃଷ୍ଟିର ଏକ ଅନବଦ୍ୟ ପରିପ୍ରକାଶ । ଚନ୍ଦ୍ର ଜ୍ୟୋତ୍ସ୍ନା ଚର୍ଚ୍ଚିତ ରଜନୀର ଚାନ୍ଦିନୀ ଉପରେ ଶୋଇ ଶୋଇ ରୂପସୀ ତନ୍ୱୀ ଲାବଣ୍ୟବତୀ ମଦନ ବିକାରରେ ଦୀର୍ଘଶ୍ୱାସ ପରେ ଦୀର୍ଘଶ୍ୱାସ ପକାଉଛି । ପ୍ରେମିକ ଚନ୍ଦ୍ରଭାନୁ ପତ୍ନୀଗତ ପ୍ରାଣ ହୋଇ ବିରହ ସନ୍ତାପ ଦୂର କରିବା ନିମନ୍ତେ ଜଗତଜନନୀ ଦୁର୍ଗାଙ୍କୁ ଆର୍ଦ୍ର ହୃଦୟରେ ପ୍ରାର୍ଥନା କରିଛି । ହରଗୌରୀ ଅନୁଗ୍ରହ କରି ଯୋଗମାୟାଙ୍କ ମାଧମରେ ଚନ୍ଦ୍ରଭାନୁକୁ ଲାବଣ୍ୟବତୀ ନିକଟରେ ପହଞ୍ଚାଇଛନ୍ତି । ସୁଷୁପ୍ତା 'ଲାବଣ୍ୟବତୀ'ର ଅପୂର୍ବ ସୌନ୍ଦର୍ଯ୍ୟରେ ଚନ୍ଦ୍ରଭାନୁ ବିହ୍ୱଳ ହୋଇ ଯାଇଛି । ଉପେନ୍ଦ୍ର ତାଙ୍କର ଯାଦୁକାରୀ ବର୍ଣ୍ଣନାରେ ଲାବଣ୍ୟବତୀର ଅଙ୍ଗର ସୌନ୍ଦର୍ଯ୍ୟକୁ ଯଥାର୍ଥରେ ଦ୍ୱିଗୁଣିତ କରିଛନ୍ତି ।[୧୩] ଚନ୍ଦ୍ରଭାନୁ ଦେଖୁଛି ଅଷ୍ଟ ଐଶ୍ୱର୍ଯ୍ୟର ଦିବ୍ୟ ପଲଙ୍କ ଉପରେ ଧଳା ବିଛଣା ଉପରେ ଗୌରବର୍ଣ୍ଣା ରୂପସୀ ଲାବଣ୍ୟବତୀ ଅଣେଇ ହୋଇ ଶୋଇଛି । ସତେ ଯେପରି ମନେ ହେଉଛି, ରୂପା ଭିତରେ ସୁନାଲତା ମାଡ଼ିଛି କିମ୍ବା ଧଳା ମେଘରେ ବିଜୁଳି ଦେଖା ଯିବା ଭ୍ରମ ସୃଷ୍ଟି ହେଉଛି । ନିଶାର୍ଦ୍ଧ ଗୋପନ ମିଳନର ଅନୁପମ ବର୍ଣ୍ଣନା ଇଂରାଜୀ ସାହିତ୍ୟରେ କିଟସ୍‌ଙ୍କର 'The Eve of St. Agnes' କବିତାରେ ଦେଖିବାକୁ ମିଳେ । ନାୟିକା ମେଡ଼ଲିନ୍ ପ୍ରିୟତମ ପ୍ରସ୍‌ପେରୋର ସାହଚର୍ଯ୍ୟ କାମନା କରି St. Agnes ସନ୍ଧ୍ୟା ପାଳନ କରୁଛି । ବ୍ରତ ପାଳନର ପ୍ରଥା ଅନୁଯାୟୀ ଶୁଦ୍ଧପୁତ ମନରେ ଏକ ସଜ୍ଜିତ ସୁରଭିତ ନିର୍ଜନ ପ୍ରକୋଷ୍ଠ ମଧରେ ଉତ୍ତାନଶାୟିନୀ

ରିକ୍ତବସ୍ତ୍ରା ମେଡ଼ଲିନ୍ ପ୍ରସ୍‌ପେରୋର ଚିନ୍ତାରେ ନିଜକୁ ସମ୍ପୂର୍ଣ୍ଣ ହଜାଇ ଦେଇ ନିଦ୍ରା ଯାଇଛି । ବାତାୟନ ମଧ୍ୟ ଦେଇ ଅସ୍ତଚନ୍ଦ୍ରର ମ୍ଳାନ ରେଖା ଗୋଧୂଳିର ଭ୍ରମ ସୃଷ୍ଟି କରୁଛି । Angel (ଆଞ୍ଜେଲା)ର ଅନୁଗ୍ରହରୁ ପ୍ରସ୍‌ପେରୋ ପ୍ରକୋଷ୍ଠ ମଧରେ ପ୍ରବେଶ କରିଛି । ଏହି ମୋହ ମୁଗ୍ଧ ପରିବେଶ ମଧରେ ଚନ୍ଦ୍ରଭାନୁ ଭଳି ସେ ମଧ ବିସ୍ମୟ ବିମୂଢ଼ ହୋଇ ହତଚକିତ ଦୃଷ୍ଟିରେ ମେଡ଼ଲିନ୍‌କୁ ଚାହିଁ ରହିଛି ।

ଚନ୍ଦ୍ରଭାନୁର ଲାବଣ୍ୟବତୀ ସ୍ୱପ୍ନଦର୍ଶନ କିନ୍ତୁ ଶେଷ ପର୍ଯ୍ୟନ୍ତ ରହିନାହିଁ । ମିଳନର ଅବ୍ୟବହିତ ପୂର୍ବରୁ ବିଚ୍ଛେଦର ଯବନିକା ଟାଣି ହୋଇଯାଇଛି । ଲାବଣ୍ୟବତୀ ଅଧୀର ହୋଇ ଶେଯ ଲେଉଟାଇଛି, କବରୀ ଫିଟାଇ ଦେଇଛି । କୁଚ ସନ୍ଧିରେ ହାତ ଭରି ଚନ୍ଦ୍ରଭାନୁକୁ ତା'ର ପ୍ରାଣର ଦୋସରକୁ ଖୋଜିଛି ।[୧୪] ଲାବଣ୍ୟବତୀ ଶେଯ ଲେଉଟାଇବାର ଅନ୍ୟ ଅର୍ଥ ହେଉଛି ପ୍ରେମିକ ଚନ୍ଦ୍ରଭାନୁ ଚନ୍ଦ୍ର ଓ ଭାନୁ ତୁଳାରାଶିକୁ ସର୍ବଦା ଗତି କରନ୍ତି । ଯେହେତୁ ଶେଯରେ ତୁଳା ଅଛି କାଳେ ସେ ଭିତରେ ପଶିଯାଇଥିବେ ଏହି ଆଶଙ୍କାରେ ଲାବଣ୍ୟବତୀ ଆଶଙ୍କିତ ହୋଇ ଉଠିଛି । ସେ ନିଜର କବରୀକୁ ଫିଟାଇ ଖୋଜିଛି କାରଣ ଚନ୍ଦ୍ର ତ ମେଘରେ ରହନ୍ତି କାଳେ ମୋର ଏ କେଶରୂପୀ ମେଘରେ ଚନ୍ଦ୍ରଭାନୁ ଲୁଚିଥିବେ କି ? ପୁଣି ଚନ୍ଦ୍ରତ ପର୍ବତ ଆଢୁଆଳରେ ଅସ୍ତ ହୁଅନ୍ତି ତେଣୁ ଲାବଣ୍ୟବତୀର କୁଚରୂପୀ ପର୍ବତ ସନ୍ଧିରେ କାଳେ ଲୁଚିଥିବେ କି ? ଠିକ୍ ସେହିପରି ଲାବଣ୍ୟବତୀକୁ ସ୍ୱପ୍ନରେ ସମ୍ପୂର୍ଣ୍ଣ ନ ପାଇ ନାୟକ ପ୍ରେମିକ ଚନ୍ଦ୍ରଭାନୁ ମଧ ଅଧୀର ହୋଇ ବିଳାପ କରିଛି ।[୧୫] ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ନାରୀ ରୂପାଶ୍ରୟୀ । କାବ୍ୟ ନାୟିକାର ନାମ ଅନୁସାରେ ସେ ନାମକରଣ କରିଛନ୍ତି । କିଏ ଲାବଣ୍ୟବତୀ, କିଏ ରସିକହାରାବଳୀ, କିଏ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀତ କିଏ ପ୍ରେମସୁଧାନିଧି । ସମସ୍ତେ ଗୋଟିଏ ଛାଞ୍ଚରେ ଗଢ଼ା । ସମସ୍ତଙ୍କର ଗୋଟିଏ ମନ, ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ । ସାମାଜିକ ସ୍ଥିତି ଦୃଷ୍ଟିରୁ ଭଞ୍ଜ ସାହିତ୍ୟରେ ଭିନ୍ନ ଭିନ୍ନ ଶ୍ରେଣୀର ନାରୀ ଚରିତ୍ର ଦେଖାଯାଏ । ଏମାନଙ୍କ ମଧରେ ନାୟିକା ହିଁ ସର୍ବଶ୍ରେଷ୍ଠା । ଭଞ୍ଜୀୟ ନାୟିକା ରୂପବତୀ, ଗୁଣବତୀ, ସମ୍ଭ୍ରାନ୍ତ ବଂଶୋଦ୍ଭବା, ସତୀ, ସଦାଚାରୀ, ମିଷ୍ଟଭାଷୀ, ସହୃଦୟା, କାମକଳା ନିପୁଣା, ସଂଯମଶୀଳା, ଲଜ୍ଜାଶୀଳା, ନିଷ୍କପଟହୃଦୟା ସର୍ବୋପରି ସଂସ୍କୃତି ଓ ସମାଜନୀତି ସଚେତନଶୀଳା ପଦ୍ମିନୀ ଜାତୀୟା ନାରୀ ।

ଭଞ୍ଜଙ୍କର ସଚେତନ ଲେଖନୀ କାବ୍ୟଗୁଡ଼ିକର ନାରୀଚରିତ୍ରମାନଙ୍କୁ ଭିନ୍ନ ପରିବେଶ ଓ ଭିନ୍ନ ଦୃଷ୍ଟି କୋଣରୁ ଚିତ୍ରିତ କରିଛି । ପ୍ରାଚୀନ ଭାରତୀୟ ଆଦର୍ଶ ସଂସ୍କୃତି ପ୍ରଭୃତିକୁ ଏହି ଅବକ୍ଷୟରୁ ରକ୍ଷା କରିବା ପାଇଁ ସମ୍ଭବତଃ ନାରୀ ଚରିତ୍ରମାନଙ୍କ ଦ୍ୱାରା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରଥମ ଥର ପାଇଁ ଉଦ୍ୟମ କରିଥିଲେ । ତେଣୁ ନିଜ ନାୟିକାମାନଙ୍କୁ ଏକ ସ୍ୱତନ୍ତ୍ର ଚିନ୍ତା ଚେତନା ଓ ମାନସିକ ଶକ୍ତି ପ୍ରଦାନ କରି ସ୍ୱାଧୀନଚେତା ହେବାକୁ ପରିବେଶ ସୃଷ୍ଟି କରିଛନ୍ତି । ନାରୀର ଚିତ୍ର ମଧରେ ଜାୟା, ଭଗିନୀ ଓ ଜନନୀ ପ୍ରଭୃତି ନାରୀ ସୁଲଭ ରୂପର ସାର୍ଥକ ବିନ୍ୟାସ ଭଞ୍ଜ ସାହିତ୍ୟରେ ଅନବଦ୍ୟ ଭଞ୍ଜୀୟ କାବ୍ୟ ନାୟିକାମାନେ ସମଗ୍ର ନାରୀ ସମାଜର

ପ୍ରତିନିଧି । ସେମାନେ ଯେମିତି ରୂପବତୀ ସେମିତି ଗୁଣବତୀ । ଉଚ୍ଛୃଙ୍ଖଳତା, ଉଦଭ୍ରାନ୍ତତା ଓ ଅସଂଯମତାର ସେମାନେ ଥିଲେ ଘୋର ବିରୋଧୀ । ଭଞ୍ଜୀୟ ନାୟିକା ସମ୍ଭୋଗପ୍ରିୟା ହେଲେ ମଧ ଅଫୁରନ୍ତ ଯୌବନର ମାଦକତାରେ କେବେ ପଥଭ୍ରଷ୍ଟ ହୋଇ ନାହାନ୍ତି । ଏକ ପତିପ୍ରାଣତା ଭଞ୍ଜୀୟ ନାୟିକାର ଉନ୍ନତମ ଆଦର୍ଶ । ସେମାନଙ୍କ ସମ୍ଭୋଗ ଦାମ୍ପତ୍ୟର ଚୌହଦୀ ମଧରେ ସୀମିତ, ଉପେନ୍ଦ୍ର ଭଞ୍ଜଙ୍କ ନାରୀ ରୂପରେ ସ୍ନିଗ୍ଧତା, ମୃଦୁତା, କୋମଳତା, ଆକର୍ଷଣୀୟତା, ଆନନ୍ଦବୋଧ, ଉଚ୍ଚାଟନ, ବଶୀକରଣ, ଚିତ୍ତସମ୍ମୋହନକାରୀ ଶକ୍ତି ଅଛି ସତ କିନ୍ତୁ ତାହା କୌଣସି ଲୋକୋତ୍ତର ପ୍ରଭାବ ସୃଷ୍ଟି କରେ ନାହିଁ ।

'ଲାବଣ୍ୟବତୀ' କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଏକ ପ୍ରସିଦ୍ଧ ଶୃଙ୍ଗାର ପ୍ରଧାନ କାବ୍ୟ । ଏହି କାବ୍ୟର ଆଙ୍ଗିକ ସୌନ୍ଦର୍ଯ୍ୟରେ ସମସ୍ତ ଛାନ୍ଦର ପ୍ରକୃତିପ୍ରାଣତାର ଅପୂର୍ବ ବର୍ଣ୍ଣନା ସହିତ ଲାବଣ୍ୟବତୀ ଚନ୍ଦ୍ରଭାନୁଙ୍କର ପ୍ରେମ, ପ୍ରଣୟ, ବିରହ, ମିଳନଚର୍ଯ୍ୟାକୁ ଆହୁରି ମଧୁମୟ କରିଛି । 'ଲାବଣ୍ୟବତୀ'ର ଗଳ୍ପାଂଶରେ ସେ ପୂର୍ବଜନ୍ମରେ ପାର୍ବତୀଙ୍କ ମାନସ କନ୍ୟା ବାଞ୍ଛାବତୀ ଓ ଚନ୍ଦ୍ରଭାନୁ ପୂର୍ବଜନ୍ମରେ ପ୍ରଭାକର ନାମକ କ୍ଷତ୍ରିୟ ପୁତ୍ର ଥିଲେ । ଉପେନ୍ଦ୍ର ଭଞ୍ଜ ସେହି ବାଞ୍ଛାବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରସଙ୍ଗରେ କବି ପ୍ରସିଦ୍ଧିଗତ ପ୍ରାକୃତିକ ଉପମାରାଶିର ଅନୁପମ ଆହରଣ କରିଛନ୍ତି । 'ଚନ୍ଦ୍ର ପରି ମୁଖହାସ', 'ମୃଗପରି ନେତ୍ର', 'ଶୁକ ସଦୃଶ ନାସା', ତରୁଣ ଅରୁଣ ପରି ଅଧର ବର୍ଣ୍ଣିତ ହୋଇଛି । ଯେପରି ସେହି ପ୍ରେମମଞ୍ଜରୀର ଶୋଭାପଞ୍ଜରୀରେ ପ୍ରଭାକରଙ୍କ ନୟନ ଖଞ୍ଜନପକ୍ଷୀ ହୋଇ ବନ୍ଦୀ ହୋଇଯାଇଛି ।[୧୬] ଲାବଣ୍ୟବତୀର ଶୋଭା, ଯୌବନର ବେଶ ବର୍ଣ୍ଣନାରେ ପଦ୍ମ, ଚନ୍ଦ୍ର, ଲହରୀ, ମୃଗ, ବିଦ୍ରୁମ, ଶିରୀଷ, ସ୍ୱର୍ଣ୍ଣ, ହଂସ, ଶଙ୍ଖ, କେତକୀ ପୁଷ୍ପ, ମନ୍ଦର ପର୍ବତ, କଦଳୀ, କୁନ୍ଦ, କୋକିଳ, ବିମ୍ବ ଫଳ, ଯମୁନା ନଦୀ, ମେଘ ମଲ୍ଲୀ, ଭ୍ରମର ପ୍ରଭୃତି ଉପମାରେ ସମୃଦ୍ଧ ହୋଇଛି । ଦ୍ୱିତୀୟ, ତୃତୀୟ, ଚତୁର୍ଥ ଛାନ୍ଦରେ ଏସବୁର ବହୁଳ ହୋଇଛି । କର୍ଣ୍ଣାଟ ଦେଶର କାଞ୍ଚନଗରରେ ଶଶିଶେଖର ରାଜାଙ୍କ ପାଟରାଣୀ ଶଶିରେଖାଙ୍କ ଗର୍ଭରେ ଚନ୍ଦ୍ରଭାନୁ, ଜନ୍ମ ପ୍ରସଙ୍ଗରେ ଉପେନ୍ଦ୍ର ଭଞ୍ଜ ପ୍ରସିଦ୍ଧ ଉପମାର ଆଶ୍ରୟ ନେଇଛନ୍ତି । ରାଣୀଙ୍କ ଉଦର ଆକାଶରେ ଚନ୍ଦ୍ରଭାନୁ ନିଷ୍କଳଙ୍କ ଚନ୍ଦ୍ରମା ପରି ପ୍ରକାଶିତ ହୋଇଛନ୍ତି । ପଞ୍ଚମ ଛାନ୍ଦରେ ଲାବଣ୍ୟବତୀଙ୍କ ପୁଷ୍ପବାଟିକା ଭ୍ରମଣ ପ୍ରସଙ୍ଗରେ ବସନ୍ତ ଋତୁର ଚିତ୍ରଣରେ ମଳୟର ସୌରଭମୟ ମନ୍ଦ ସମୀର, ନାଗେଶ୍ୱର, ପୁନ୍ନାଗ, ବକୁଳ, କେତକୀ, ଝୁରିଅନା, ଅଶୋକ ପ୍ରଭୃତି ପୁଷ୍ପମାନଙ୍କର ବର୍ଣ୍ଣନା ଜୀବନ୍ତ ହୋଇଛି । ଲାବଣ୍ୟବତୀର ଦୈହିକ ସୌନ୍ଦର୍ଯ୍ୟର ଆକର୍ଷଣୀୟ ବର୍ଣ୍ଣନାରେ ବିଦ୍ୟୁତପ୍ରତିମ ରତ୍ନ ଅଳଙ୍କାର ଓ ଭୃଙ୍ଗ ଚିରହରଣକାରୀ ଅଙ୍ଗରାଗର ଉଲ୍ଲେଖ ରହିଛି । ଷଷ୍ଠ ଛାନ୍ଦରେ ଉପବନ ବିହାର ଓ ଜଳକ୍ରୀଡ଼ା ପ୍ରସଙ୍ଗରେ ପ୍ରକୃତିର ସ୍ୱାଭାବିକ ଚିତ୍ର ଅଙ୍କିତ ।

ବକୁଳ ତରୁ ତଳେ ଥିବା ପିଣ୍ଡିକା ଉପରେ ଉପବିଷ୍ଟା ରାଜକନ୍ୟା ଲାବଣ୍ୟବତୀଙ୍କ ମନନୟନ ରମଣୀୟା ସରସୀ ପ୍ରତି ଆକୃଷ୍ଟ ହୋଇଛି । ସରସୀର ଶୋଭା ପ୍ରସଙ୍ଗରେ ବିଦ୍ରୁମ ବୃକ୍ଷରାଜିରେ ଶୋଭିତ ପୁଳିନ, ମଣ୍ଡଳାକାରରେ ବିରାଜିତ ବିହଙ୍ଗକୁଳ, ଅବନୀ ବନିତାର

ନୀଳଶାଟୀକା ଭଳି ହଂସାବଳୀ ଉଲ୍ଲେଖନୀୟ । ସ୍ୱଚ୍ଛ ସ୍ଫଟିକ ପାବଚ୍ଛରେ ସରସୀର ନୀର ତୀର ପ୍ରତିବିମ୍ବିତ ହେବାରୁ ତାହା ସୁବେଣୀ ଲାବଣ୍ୟବତୀଙ୍କ ପାଇଁ ଗଙ୍ଗା-ଯମୁନା- ସରସ୍ୱତୀର ଏକତ୍ର ମିଳନରୂପ ତ୍ରିବେଣୀ ପରି ପ୍ରତିଭାତ ହୋଇଛି । ଏହାବ୍ୟତୀତ ଭ୍ରମର, ଚକୋର, ଚକ୍ରବାକ, ବ୍ୟଞ୍ଜନ, କୁମୁଦ, ପଦ୍ମ, ଜଳାବର୍ତ୍ତ, ମେଘ, ପର୍ବତ, ନୀଳପଦ୍ମ, ଜଳବିନ୍ଦୁ, ଆଦିର ସୁନ୍ଦର ବର୍ଣ୍ଣନା ରହିଛି । ଲାବଣ୍ୟବତୀଙ୍କ ଅଙ୍ଗଲାବଣ୍ୟର ସୌନ୍ଦର୍ଯ୍ୟର ଅବତାରଣା କରି କବି ସମ୍ରାଟ ଲାବଣ୍ୟବତୀ ଓ ଜଳମଧରେ ସାମଞ୍ଜସ୍ୟ ଦର୍ଶାଇଛନ୍ତି । ଚମତ୍କାର ଉପମା ପ୍ରୟୋଗରେ ଏହା ଆହୁରି ପ୍ରାଣବନ୍ତ ମନେହୋଇଛି ।[୧୭] ସ୍ନାନ ସାରି ଆର୍ଦ୍ରବସନ ପରିହିତା ରାଜକୁମାରୀ ଲାବଣ୍ୟବତୀଙ୍କ କୁଟିଳ କୁନ୍ତଳରେ ଜଡ଼ିତ ଜଳବିନ୍ଦୁ ସମୂହ ନବ ତମାଳ ଦଳରେ ପତିତ ତୁଷାରବିନ୍ଦୁ ପରି ନବଘନରେ ଉଦିତ ତାରକାରାଜି ପରି ଓ ନୀଳମଣି ପରିପୂର୍ଣ୍ଣ ଧରାରେ ମୁକ୍ତା ବିନ୍ଦୁ ପରି ଚିତ୍ତାକର୍ଷକ ହୋଇଛି ।[୧୮]

ଶ୍ଳେଷ, ଯମକ, ରୂପକ, ଉତ୍‌ପ୍ରେକ୍ଷା, ଉପମା, ଅନୁପ୍ରାସ ପ୍ରଭୃତି ଅଳଙ୍କାରର ଆଶ୍ରୟରେ ଅନ୍ତର୍ଲିପି, ବହିର୍ଲିପି ମାଧ୍ୟମରେ ପ୍ରକୃତିର ମନୋରଞ୍ଜନ ଦୃଶ୍ୟ ଏବଂ ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟର ଅପୂର୍ବ ବର୍ଣ୍ଣନା ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ'ରେ କରିଛନ୍ତି । ରାଜକୁମାରୀଙ୍କ ପଦ୍ମମୁଖ, ନୀଳପଦ୍ମନୟନ, ମନ୍ଦାର ଅଧର, ଶିରୀଷ ଶରୀର, ତିଳପୁଷ୍ପ ନାସିକା, କୁନ୍ଦ ଦନ୍ତ, ଚମ୍ପା ଅଙ୍ଗୁଳି, କେତକୀ ବର୍ଣ୍ଣ ଓ ମଲ୍ଲୀ ହାସରେ ପ୍ରକୃତିର ନବପୁଷ୍ପ ବିକଶିତ ହୋଇଛି । ସେହି ପରି ଖଞ୍ଜନ ନୟନ, ଶୁକ ନାସା, ମୟୂର କଣ୍ଠ, କୋକିଳ ସ୍ୱର, ହଂସଗତି, ଚକ୍ରବାକ ସ୍ତନ, ସାରସ କଟାକ୍ଷ, ବକଦନ୍ତ ଓ ହଳଦୀ ବସନ୍ତ ବର୍ଣ୍ଣରେ ନବପକ୍ଷୀର ଶୋଭା ଓ ଚମତ୍କାରିତା ଲାବଣ୍ୟବତୀଙ୍କୁ ଅପୂର୍ବ ସୁନ୍ଦରୀ ତଥା ପ୍ରକୃତିରୂପିଣୀ ଭାବରେ ଉପସ୍ଥାପିତ କରିଛି । ଊନବିଂଶ ଛାନ୍ଦରେ ଚନ୍ଦ୍ରଭାନୁ ଲାବଣ୍ୟବତୀ ପ୍ରତି ନିଜର ପ୍ରଗାଢ଼ ପ୍ରେମାନୁରାଗ ଦର୍ଶାଇ ସୁନ୍ଦରୀର ସର୍ବାଙ୍ଗରେ ଷୋହଳ ପ୍ରକାରର ପୁଷ୍ପର ଅବତାରଣା କରିଛନ୍ତି ଯାହା ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦେଇଛି ।[୧୯] ଏହି ପଦରେ ଲାବଣ୍ୟବତୀ ପୁଷ୍ପମୟୀ ପ୍ରକୃତି ଭାବରେ ଚିତ୍ରିତା ହୋଇଛନ୍ତି । ତାଙ୍କର ନାସା ତିଳପୁଷ୍ପ, ଦନ୍ତ କୁନ୍ଦ ପରି, ମୁଖ ଶ୍ୱେତପଦ୍ମ, ଓଷ୍ଠ ରକ୍ତପଦ୍ମ, କେଶ ନୀଳ ପଦ୍ମ, ଶରୀରର ସୌରଭ ଗୋଲାପି ପଦ୍ମ, ହାସ କୁମୁଦ, ଅଧର ବଧୂଲୀ, ଶ୍ରବଣ ପାଟଳୀ, ନଖ ନିଆଳି, ଅଙ୍ଗୁଳି ଚମ୍ପା, ଶରୀର ଶିରୀଷ, ନୟନ ଉତ୍ପଳ, ଶରୀରର ବର୍ଣ୍ଣ ଶୋଣପୁଷ୍ପ, କପାଳ ଅଶୋକ ଓ କର ତଳ ମନ୍ଦାର । ଏହିପରି ଷୋଡ଼ଶ ପୁଷ୍ପ ବିଭୂଷିତା ଲାବଣ୍ୟବତୀଙ୍କର ଅଙ୍ଗ ପୁଷ୍ପଲତା ପ୍ରତି ଚନ୍ଦ୍ରଭାନୁରୂପୀ ଭ୍ରମରର ପ୍ରେମ ପ୍ରଦର୍ଶିତ ହୋଇଛି । ସିଂହଳରୁ ପତ୍ନୀ ସହ ଚନ୍ଦ୍ରଭାନୁଙ୍କ କର୍ଣ୍ଣାଟ ଦେଶରେ ପ୍ରବେଶ ପରେ ସେଠାକାର ରମଣୀମାନେ ଲାବଣ୍ୟବତୀଙ୍କ ଅଲୌକିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ପ୍ରଶଂସା କରିଛନ୍ତି । ଓଡ଼ିଆ ସାହିତ୍ୟରେ ଉପମା ବର୍ଣ୍ଣନାରେ ଶ୍ରେଷ୍ଠତ୍ୱର ଅଧିକାରୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏହି ପ୍ରସଙ୍ଗରେ 'ଲାବଣ୍ୟବତୀ'ଙ୍କ ସର୍ବାଙ୍ଗ ନଖ ଶିଖର ଚିତ୍ରଣ କରିଛନ୍ତି । ସେଥିରେ ଅନେକ ପ୍ରାକୃତିକ ବସ୍ତୁର ସମାବେଶ ଘଟିଛି । ଲାବଣ୍ୟବତୀଙ୍କର ଆଙ୍ଗିକ ସୌନ୍ଦର୍ଯ୍ୟର ଅପୂର୍ବ ବିନ୍ୟାସ ହୋଇଛି ।

ଲାବଣ୍ୟବତୀଙ୍କ କେଶ କାଳିନ୍ଦୀଜଳ, ମେଘ, ଅଞ୍ଜନ, ଅନ୍ଧକାର, ତମାଳ, ଆକାଶ, ଚାମର, ଭ୍ରମର ଓ ମୟୂର ପୁଚ୍ଛ ଭଳି ଦେଖା ଯାଉଛି । ଅଳକାପନ୍ତି ଚକୋର ଶ୍ରେଣୀ ଓ ଅଳିପଂକ୍ତି ପରି । ଲଲାଟ ଅର୍ଦ୍ଧଚନ୍ଦ୍ର ସଦୃଶ । କର୍ଣ୍ଣ ଆମ୍ରଫଳ ଫାଳ ପରି, ପଳାଶ ଓ ପୋଟଳି ପରି, ଗଣ୍ଡ ଖଣ୍ଡଚନ୍ଦ୍ର ପରି । ନାସିକା ଶୁକ ଓ ତିଳ ପୁଷ୍ପ ତୁଲ୍ୟ । ଚିବୁକ ଚତୁର୍ଥୀ ଚନ୍ଦ୍ର ଓ ନାଗରଙ୍ଗ ଫଳ ପରି । ନୟନ କୁରଙ୍ଗ, ନୀଳପଦ୍ମ, ମୀନ ଖଞ୍ଜନ ଓ ପଦ୍ମ ତୁଲ୍ୟ । ଅଧର ବାଳସୂର୍ଯ୍ୟ, ପ୍ରବାଳ, ବିମ୍ବ, ଡାଳିମ୍ବ, ବନ୍ଧୂଲୀ, ସନ୍ଧ୍ୟାକାଳୀନ ସୂର୍ଯ୍ୟ, ମନ୍ଦାର ଓ ସିନ୍ଦୂର ସଦୃଶ । ହାସ କାଶତଣ୍ଡି ପୁଷ୍ପ, ଚନ୍ଦ୍ର, କୁମୁଦ, ଶଙ୍ଖ, କୈଳାସ ପର୍ବତ ଭଳି ଦନ୍ତ କୁନ୍ଦକଳିକା, ଡାଳିମ୍ବ ବୀଜ, ହୀରକ, ମୁକ୍ତା ଓ ତଣ୍ଡୁଳ ସାଦୃଶ୍ୟ ବହନ କରିଛି । ମୁଖରେ କମଳ ର ସୌରଭ ଓ ଚନ୍ଦ୍ରର ଆହ୍ଲାଦ ବିଦ୍ୟମାନ । ଗ୍ରୀବା କମ୍ବୁ, କପୋତ ପରି , ଭୁଜ ଚମ୍ପା ମାଳ ଓ ମୃଣାଳ ପରି । କର କୋକନଦ ଓ କେନ୍ଦୁପଲ୍ଲବ ତୁଲ୍ୟ । ଅଙ୍ଗୁଳି ଚମ୍ପା କଳିକା ପରି । ନଖ ଜାତି ପୁଷ୍ପ କଳିକା ଭଳି । ବାଣୀ ବେଣୁ, କୋକିଳ ଓ ଶୁକର ସ୍ୱନ ସଦୃଶ । ସ୍ତନ ଚକ୍ରବାକ, ପଦ୍ମକୋରକ, ହସ୍ତୀକୁମ୍ଭ, କଦଳୀ କୋଷା, ନାରିକେଳ, ତାଳ, ବିଲ୍ୱ ଓ ମେରୁଗିରି ସମାନ । ଉଦର ରମ୍ୟ, ସରୋବର ପଦ୍ମ ପତ୍ର ପରି । ତ୍ରିବଳୀ ଗଙ୍ଗାଯମୁନା ସରସ୍ୱତୀର ସଙ୍ଗମ ରୂପ ତ୍ରିବେଣୀ ପରି । ରୋମାବଳୀ ଧୂମଲତା, ଶୈବାଳ, ନୀଳ ପିପୀଲିକା, ଭ୍ରମର ପଂକ୍ତି, ନୀଳମଣିମାଳା ଓ ମରକତ ଦଣ୍ଡପରି । କଟି ସିଂହ ଓ କୁଶମୁଦ୍ରା ପରି । ନାଭିକୂପ ଜଳଭଉଁରୀ ପରି । ନିତମ୍ବ ଚନ୍ଦ୍ର ବିନ୍ଦୁ ଓ ରଥାଙ୍ଗ ତୁଲ୍ୟ, ଉରୁ ରମ୍ଭା ତରୁ, ପୁଳିନ ଓ ହସ୍ତୀ ଶୁଣ୍ଢ ପରି । ଅଙ୍ଗୁଳି ଅଶୋକ କଳିକା ଭଳି । ନଖ ସୂର୍ଯ୍ୟମଣି ପ୍ରତିମ, ପାଦ ସ୍ଥଳପଦ୍ମ ସଦୃଶ । ପାଦତଳ ମନ୍ଦାର ପରି । ଶରୀର କାନ୍ତି ବିଦ୍ୟୁତ, ଚମ୍ପା, ସୁନାରୀ, ଗୋରଚନା, ହରିଦ୍ରା, ହରିତାଳ, କେତକୀ ଓ ପଦ୍ମ କେଶର ପରି । ଶରୀରର କୋମଳତା ତୁଳା ଓ ଶିରୀଷରୁ ଅଧିକ । ଗତି ହସ୍ତୀ ଗତିରୁ ବଳି ଓ ସୌରଭ ଉତ୍ପଳ ପରି । ଏହିପରି ବିଭିନ୍ନ ପ୍ରାକୃତିକ ପଦାର୍ଥ ଲାବଣ୍ୟବତୀଙ୍କର ସର୍ବାଙ୍ଗରେ ଆରୋପିତ ହୋଇଛି ।

ଠିକ୍ ସେହିପରି ୩୯ ଛାନ୍ଦରେ ଲାବଣ୍ୟବତୀଙ୍କ ଅଙ୍ଗରେ ଚତୁଃପୁଷ୍ପ, ପତ୍ରଦ୍ୱୟ ଓ ପଞ୍ଚଫଳର ଗୁଣ ଅତ୍ୟନ୍ତ ଉପଭୋଗ୍ୟ ହୋଇଛି । ମୁଖରେ ପଦ୍ମ, ହସରେ କୁନ୍ଦ, ବର୍ଣ୍ଣରେ କେତକୀ ଓ ଅଙ୍ଗୁଳିରେ ଚମ୍ପା ପୁଷ୍ପର କାନ୍ତି ରହିଛି । କଣ୍ଠରେ କୋକିଳର, ନେତ୍ରରେ ଖଞ୍ଜନର ଓ ନାସାରେ ଶୁକପକ୍ଷୀର ଶୋଭା ରହିଛି । ଶରୀରର ଅଙ୍ଗଦ୍ୱୟ ବେନି ପତ୍ରର ଶୋଭାରୁ ବଳି ରମଣୀୟ ଦେଖାଯାଉଛି । ଉଦରରେ ପଦ୍ମପତ୍ରର, ବରାଙ୍ଗରେ ପାନ ବା ଅଶ୍ୱତ୍ଥ ପତ୍ରର ଆରୋପ କରାଯାଇଛି । ଅନ୍ୟାନ୍ୟ ଅଙ୍ଗମାନଙ୍କରେ ପଞ୍ଚଫଳ ସଂଘଟିତ । ଓଷ୍ଠରେ ବିମ୍ବର, ଶରୀରରେ ରସାଳର, ଦନ୍ତରେ ଡାଳିମ୍ବର, ସ୍ତନରେ ଶ୍ରୀଫଳର ଓ ନିତମ୍ବରେ ଅଲାବୁର ଉତ୍କର୍ଷ ବିଦ୍ୟମାନ । ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀଙ୍କ ଆଙ୍ଗିକ ସୌନ୍ଦର୍ଯ୍ୟର ଉତ୍କର୍ଷ ବର୍ଣ୍ଣନାରେ ପୁଷ୍ପ, ପକ୍ଷୀ, ପତ୍ର ଓ ଫଳର ଗୁଣ ନେଇ ଯେଉଁ ଅପୂର୍ବ ଉପମା ଅଳଙ୍କାରର ବିନ୍ୟାସ ଘଟାଇଛନ୍ତି ସେଥିରେ

ଲାବଣ୍ୟବତୀ ମୋହମୟୀ, ମୂର୍ତ୍ତିମତି ଭାବରେ ସମଗ୍ର ଓଡ଼ିଆ କାବ୍ୟ ସାହିତ୍ୟରେ ନିଜର ଅକ୍ଷୁଣ୍ଣ ଛାପ ଛାଡ଼ିଯାଇଛିନ୍ତି ।

ନାୟିକାର ସୌନ୍ଦର୍ଯ୍ୟ ଚିତ୍ରଣରେ ଭଞ୍ଜ ନୈଷଧ ମହାକାବ୍ୟର ରଚୟିତା ଶ୍ରୀହର୍ଷଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ । 'ନୈଷଧ'ର ସପ୍ତମ ସର୍ଗରେ ରାଜକୁମାରୀ ଦମୟନ୍ତୀଙ୍କ ନଖ ଶିଖ ବର୍ଣ୍ଣନା ଭଞ୍ଜ କବିଙ୍କୁ ପ୍ରେରଣା ଯୋଗାଇ ଥିବାର ଯଥେଷ୍ଟ ପ୍ରମାଣ ମିଳେ । 'ଲାବଣ୍ୟବତୀ' କାବ୍ୟରେ ଦଶମ ଛାନ୍ଦରେ ଚନ୍ଦ୍ରଭାନୁ ଦ୍ୱାରା ଲାବଣ୍ୟବତୀଙ୍କର ଚିତ୍ରପଟ୍ଟ ଦର୍ଶନ ପ୍ରସଙ୍ଗରେ ବିଭିନ୍ନ ଉପମାର ଯେଉଁ ଅଭୂତପୂର୍ବ ଉତ୍କର୍ଷ ସଂଘଟିତ ହୋଇଛି ତାହା ବାସ୍ତବିକ ପ୍ରଣିଧାନଯୋଗ୍ୟ । ଲାବଣ୍ୟବତୀଙ୍କ କର୍ଣ୍ଣ ଭୂଷଣ ଦ୍ୱିତୀୟାଚାନ୍ଦ ପରି, ଚିତା ଚନ୍ଦ୍ରର କଳଙ୍କପରି ଏବଂ ପାଦ ସ୍ଥଳପଦ୍ମରୁ ବଳି ।[୨୦] ଏକାଦଶ ଛାନ୍ଦରେ ଲାବଣ୍ୟବତୀଙ୍କ ଶୟନ ବର୍ଣ୍ଣିତ । ପଲଙ୍କର ଶୁଭ୍ରଶଯ୍ୟାରେ ଅଣେଇ ହୋଇ ଲାବଣ୍ୟବତୀ ଶୋଇଥିବାରୁ ଭଞ୍ଜ ଧଳା ମେଘରେ ବିଦ୍ୟୁତ୍‌ଛଟାର ଆଭା ସହିତ ଉତ୍‌ପ୍ରେକ୍ଷା ଅଳଙ୍କାର ସଂଯୋଜନା କରିଛନ୍ତି ।[୨୧] ବାମକରରେ ମୁଣ୍ଡରଖି ଶୋଇଥିବାରୁ ଲାବଣ୍ୟବତୀର କପୋଳତଳ କେନ୍ଦୁପଲ୍ଲବରେ ସ୍ଥିତ ପଦ୍ମର ଶୋଭାକୁ ବହନ କରିଛି । ନୀଳପଦ୍ମ ଜଳ, ଖଞ୍ଜନ ପକ୍ଷୀ ଓ ମୀନ ସହିତ ମୁଦ୍ରିତ ନେତ୍ରର ତୁଳନା କରାଯାଇଛି । ଲାବଣ୍ୟବତୀଙ୍କର ସୀମନ୍ତ ଉପରେ ଶୋଭା ପାଉଥିବା ମୁକ୍ତା ଅଳଙ୍କାରକୁ ଯମୁନା ନଦୀ ମଧ୍ୟରେ ଗଙ୍ଗାଧାରା ପରି ପ୍ରତୀତ ହୋଇଛି ବୋଲି ତୁଳନା କରାଯାଇଛି । ଲାବଣ୍ୟବତୀର ଗଣ୍ଡଦେଶରେ ପଦ୍ମରାଗ ନିର୍ମିତ ତାଟଙ୍କ ଚନ୍ଦ୍ର ସମେତ ଆର୍ଦ୍ର ନକ୍ଷତ୍ରର ମିଳନ ଶୋଭାକୁ ଧାରଣ କରିଛି । ନିଦ୍ରାରୁ ଉଠିଥିତା ଲାବଣ୍ୟବତୀଙ୍କ ଆଳସ୍ୟଭଙ୍ଗ ଓ ହାଇ ମାରିବା ସମୟରେ ଚନ୍ଦ୍ର, ବିଦ୍ୟୁତ୍ ଓ ଦର ବିକଶିତ ପଦ୍ମର ସମାବେଶ ଘଟିଛି । କବି ସମ୍ରାଟଙ୍କ କୃତିରେ କମନୀୟା ନାୟିକାର ରୂପଶୋଭା ଓ ଋତୁ ଚିତ୍ରର ବାହୁଲ୍ୟ ମଧ୍ୟ ପରିଲକ୍ଷିତ ହୁଏ । ଲାବଣ୍ୟବତୀର ନବମ ଛାନ୍ଦରେ ଗ୍ରୀଷ୍ମ ଋତୁର ଚିତ୍ରଣ ଜୀବନ୍ତ ଓ ମନୋଜ୍ଞ ହୋଇଛି । ରଜନୀ ଯୁବତୀ ପକ୍ୱ ତରୁଫଳ ପରି ଶୋଭା ବହନ କରିଛି ମଲ୍ଲିକା ହାସରେ ଉଲ୍ଲସିତ ହୋଇଛି । ପାଟଳୀ କର୍ଣ୍ଣରେ ଭ୍ରମର ରସିକମାନଙ୍କର ତୋଷାମଦକାରୀ ବଚନ ଶ୍ରବଣ କରିଛି ଓ ଝିଙ୍କାରୀ ଝଙ୍କାର ରୂପ ଝୁଣ୍ଟିଆର ଝମକ ଦ୍ୱାରା ତରୁଣ ମନରେ ଚମକ ସୃଷ୍ଟି କରିଛି ଏବଂ କର୍ପୂର ଚନ୍ଦନ ଲାବଣ୍ୟବତୀର ଶରୀରରେ ଗ୍ରୀଷ୍ମତାପରୁ ରକ୍ଷା ପାଇବାପାଇଁ ଲେପନ କରାଯାଇଛି ଯାହାକି ଚନ୍ଦ୍ରକିରଣରେ ଶୋଇବା ପାଇଁ ପ୍ରେରଣା ଯୋଗାଇଛି ।

ଶାଲ୍ମଳୀ ତରୁରଙ୍ଗରେ ଅନୁରାଗ ଦର୍ଶାଇ ନବୀନ ବିଟପ (ତରୁ ଓ ଲମ୍ପଟ) ମାନଙ୍କୁ ବିରହ ଦାବାଗ୍ନିରେ ଦଗ୍ଧ କରିଛି । ମୂର୍ତ୍ତିମାନ ଗ୍ରୀଷ୍ମକାଳ ବିଦେଶ ଗମନୋଦ୍ୟତ ଜନଙ୍କ ହୃଦୟରେ ସ୍ମର ଭାବ ଜନ୍ମାଇ ଯାତ୍ରାକୁ ନିଷେଧ କରିଛି । ଏକାଦଶ ଛାନ୍ଦରେ ଗ୍ରୀଷ୍ମ ରଜନୀ ବର୍ଣ୍ଣନାରେ ମଧ୍ୟ କବିଙ୍କ ଚାତୁର୍ଯ୍ୟ ପ୍ରଦର୍ଶିତ । ଚନ୍ଦ୍ରରେ ଉତ୍‌ପ୍ରେକ୍ଷା କରି କବି କହିଛନ୍ତି – ଶ୍ରୀକୃଷ୍ଣ ଯେପରି ସୁଦର୍ଶନ ଚକ୍ର କ୍ଷେପଣ କରି କୁମ୍ଭୀରକୁ ଛେଦନ କରିଥିଲେ ସେହିପରି ତାଙ୍କ ପୁତ୍ର

କାମଦେବ ବିରହିଣୀ ରମଣୀଗଣଙ୍କ ଦମ୍ଭ ଛେଦନ ନିମନ୍ତେ ଏତାଦୃଶ ଏକ ହୀରା ଚକ୍ର ଆକାଶରେ ଫିଙ୍ଗି ଦେଇଛନ୍ତି କି ? ରାତ୍ରି ରମଣୀ ନିଜର ପ୍ରସାଧନ ପାଇଁ ସ୍ଫଟିକ ପେଟିକାରେ କସ୍ତୁରୀ ଦଳି ରଖିଛି କି ? [୨୨] ଏଠାରେ ରାତ୍ରିର ଉତ୍ପ୍ରେକ୍ଷା ଅତ୍ୟନ୍ତ ଚମତ୍କାର ହୋଇଛି । ରାତ୍ରିତରୁଣୀକୁ ଚନ୍ଦ୍ରପୁରୁଷ ନିଜର ଚନ୍ଦ୍ରକିରଣ ରୂପକ ମଲ୍ଲୀମାଳରେ ବରଣ କରି ବିବାହ କରିବା ପାଇଁ ଆସି ପହଞ୍ଚିଛି । ଏଠାରେ ପୁରୁଷ ରମଣୀକୁ ବରଣ କରୁଥିବାରୁ ଏହା ବିଚିତ୍ର ସ୍ୱୟଂବର ବୋଲି ଉପେନ୍ଦ୍ର ଭଞ୍ଜ ମତବ୍ୟକ୍ତ କରିଛନ୍ତି । ରବିକର ସ୍ପର୍ଶରେ ତାପିତା ମହୀ ନାରୀକୁ ଚନ୍ଦ୍ର ନିଜର ଶୀତଳ କରର ଆଲିଙ୍ଗନରେ ଶାନ୍ତି ପ୍ରଦାନ କରିଛି ।[୨୩]

ଦ୍ୱାତ୍ରିଂଶ ଛାନ୍ଦରେ ମଧ୍ୟ ରାତ୍ରିର ଚିତ୍ରଣରେ ଚନ୍ଦ୍ର ସମ୍ବନ୍ଧରେ ଏହିଭଳି କଳ୍ପନା କରାଯାଇଛି । କନ୍ଦର୍ପ ବିଶ୍ୱ ବିଜୟ ପାଇଁ ଚନ୍ଦ୍ର ଛଳରେ ହୀରକ ଚକ୍ର ଫିଙ୍ଗିଛନ୍ତି କି ବୋଲି ଭଞ୍ଜ କବି ଉତ୍ପ୍ରେକ୍ଷା କରିଛନ୍ତି । ଜ୍ୟୋସ୍ନା ରଜନୀରେ ଚନ୍ଦ୍ରଭାନୁର ବିରହ ବର୍ଣ୍ଣିତ । କାମଦେବଙ୍କ ମିତ୍ର ଭାବରେ ସୁଧାକର ଚନ୍ଦ୍ର ପବନ ସହିତ ନିଜ ଶୀତଳ କିରଣ ଦ୍ୱାରା ବିରହୀ ସନ୍ତାପ ଜାତ କରିଛି । ଚନ୍ଦ୍ରର ଶୀତଳତା ବିରହୀ ପକ୍ଷେ ଉତ୍ତାପ ତୁଲ୍ୟ ଅନୁଭୂତ ହୋଇଛି । କବି ତାହାର କାରଣ ଦର୍ଶାଇ କହିଛନ୍ତି ।[୨୪] ଚନ୍ଦ୍ର ସମୁଦ୍ର ଗର୍ଭରୁ ସମ୍ଭୂତା ସମୁଦ୍ରରେ ସ୍ଥିତ ବଡ଼ବାନଳ ସଂସ୍ପର୍ଶରେ ଆସି ଚନ୍ଦ୍ରର ଦାହିକା ଶକ୍ତି ଉତ୍ପନ୍ନ ହୋଇଛି ଏବଂ ଏହାଫଳରେ ଚନ୍ଦ୍ର ସୁଶୀତଳ କିରଣ ଦ୍ୱାରା ବିରହୀ ଅନ୍ତରକୁ ସନ୍ତାପିତ କରିଛି । ଉପେନ୍ଦ୍ର ଭଞ୍ଜ ଏହି ଦୃଷ୍ଟିକୋଣରୁ ନୈଷଧ ରଚୟିତା ଶ୍ରୀହର୍ଷଙ୍କ ଦ୍ୱାରା ପ୍ରଭାବିତ ହୋଇଥିବାର ମନେହୁଏ । ନୈଷଧ ଚରିତ୍ରରେ ଚନ୍ଦ୍ର ଦର୍ଶନରେ ବିରହ ସନ୍ତାପଦଗ୍ଧା ରାଜକୁମାରୀ ଦମୟନ୍ତୀ ସହଚରୀକୁ କହିଛନ୍ତି -''ଆଗୋ ସଖି ! ଚନ୍ଦ୍ରକୁ ପଚାର ହେ ଜଡ଼ ! ତୁମେ କେଉଁ ଗୁରୁଠାରୁ ଦହନ ବଦାନ୍ୟତା ଶିଖିଛ ? ମହାଦେବ କଣ୍ଠଗତ ବିଷରୁ ବା ସମୁଦ୍ରରେ ସ୍ଥିତ ବଡ଼ବାନଳରୁ ?'' ଚତ୍ୱାରିଂଶ ଛାନ୍ଦରେ ଦେବ ଅଭିଶାପ ଫଳରେ ଚଣ୍ଡୀଦ୍ୱାରା ଲାବଣ୍ୟବତୀଠାରୁ ଚନ୍ଦ୍ରଭାନୁଙ୍କ ବିଚ୍ଛେଦ ବର୍ଣ୍ଣିତ । ଗ୍ରୀଷ୍ମକାଳ ବିରହୀ ଚନ୍ଦ୍ରଭାନୁ ପକ୍ଷେ ଅସହ୍ୟ ହୋଇଛି । ଏହି ଋତୁ ପ୍ରସଙ୍ଗରେ କବି ପ୍ରାକୃତିକ ଦୃଶ୍ୟର ଚିତ୍ରଣ କରିଛନ୍ତି । କେତେକ ଶ୍ଳେଷାର୍ଥକ ଶବ୍ଦ ପ୍ରୟୋଗ ଦ୍ୱାରା ଶୃଙ୍ଗାର ଭାବ ଅଭିବ୍ୟକ୍ତ ହୋଇଛି । ରଜୋମୟ ପବନର ପ୍ରଚଣ୍ଡ ପ୍ରବାହ ପ୍ରାଣୀମାନଙ୍କର ନୟନରେ ବ୍ୟାକୁଳତା ଜନ୍ମାଇଛି । ଶୁଷ୍କନୀରା ନଦୀ ରସହୀନା ଜରତି ପରି ପ୍ରତୀତ ହୋଇଛି । ପୁଷ୍କରିଣୀମାନଙ୍କରେ ମହିଷକୁଳର ତାପ ନିର୍ବାପିତ ହୋଇଛି । ରସିକ ପୁରୁଷମାନେ ରସବତୀ ରମଣୀମାନଙ୍କ ମେଳରେ ରାଜସୁଖ ଅନୁଭବ କରିଛନ୍ତି । ମୃଗମାନେ ଖରା ତାପରେ ରସନା (ଜିହ୍ୱା) ପ୍ରକଟ କରିଛନ୍ତି । ବିପରୀତ ରତି ଯେପରି ବସ୍ତ୍ର ତ୍ୟାଗ ଦ୍ୱାରା ରସନା (କଟିମେଖଳା) ପ୍ରକଟ କରିଥାଏ । ପତ୍ରାବଳୀବିହୀନା ରତାନ୍ତ ନାୟିକା ଭଳି ତରୁରାଜି ପତ୍ରାବଳୀ ଶୂନ୍ୟ ହୋଇଛନ୍ତି ।[୨୫] ଫଳ ଫାଟିଯିବାରୁ ଶାଲ୍ମଳୀ ତରୁ ତୁଳା ରାଶି (କପା ସମୂହ)ରେ ସଂଯୁକ୍ତ ହୋଇଛି । ଚନ୍ଦ୍ରମା ମଧ୍ୟ ଜ୍ୟୋତିଷ ଶାସ୍ତ୍ରଗତ ତୁଳାରାଶିକୁ ଗମନ କରିଛନ୍ତି । ପ୍ରତାପୀ ରାଜା କର (ଶୁଳ୍କ) ଯୋଗେ ପ୍ରଜାଙ୍କୁ ଦଣ୍ଡ ଦେଲାପରି ସୂର୍ଯ୍ୟ ପ୍ରାଣୀମାନଙ୍କୁ ନିଜ କର -

କିରଣରେ ତପ୍ତ କରିଛନ୍ତି । ବିଟପୀ ନାରୀ ଭୁଜଙ୍ଗ (ପରପୁରୁଷ) କୁ ଆଶ୍ରୟ ଦେଲାପରି ମୟୂର ନିଜ ପକ୍ଷ ଛାୟାରେ ଭୁଜଙ୍ଗ (ସର୍ପ)କୁ ଆଶ୍ରୟ ପ୍ରଦାନ କରିଛି ।

ନବ ପରିଣିତା ତରୁଣୀମାନେ ଗାଢ଼ ରତି ଯୋଗୁଁ ମଲି ମଲି ବୋଲି କହିଛନ୍ତି ଏବଂ ଭ୍ରମର ପଂକ୍ତି ପବନରେ ଦୋଳାୟିତା ମଲ୍ଲୀ ପୁଷ୍ପରେ ଆଶ୍ରୟ ନ ପାଇବାରୁ 'ମଲି ମଲି' ଭାବରେ ଧ୍ୱନି କରିଛନ୍ତି । ଧୀବର ବଧୂମାନଙ୍କ ଶରୀର ପରି ସିନ୍ଧୁବାର ପୁଷ୍ପ ଦୁର୍ଗନ୍ଧମୟ ହୋଇଛି । ଝୁଣ୍ଟିଆଧାରିଣୀ ନର୍ତ୍ତକୀ ଭଳି ବନାନୀ ଝିଙ୍କାରୀର ଝଙ୍କାର ଧ୍ୱନିରେ ନୃତ୍ୟ କରୁଥିବା ପ୍ରତୀତ ହୋଇଛି । ଶ୍ଳେଷ୍ମାଶ୍ରିତ ଗାୟକର ସ୍ୱର ପରି କୋକିଳର ଧ୍ୱନି ଶ୍ରୁତି ଗୋଚର ହୋଇଛି । (ଲାବଣ୍ୟବତୀ ୪୦ ଛାନ୍ଦ) ଲାବଣ୍ୟବତୀ କାବ୍ୟର ଆଙ୍ଗିକ ସୌନ୍ଦର୍ଯ୍ୟରେ ବର୍ଷା ଋତୁର କମନୀୟ ଚିତ୍ର ବର୍ଣ୍ଣନା ବାସ୍ତବିକ ଅପୂର୍ବ । ଲାବଣ୍ୟବତୀ ନିକଟକୁ ଚନ୍ଦ୍ରଭାନୁଙ୍କ ପ୍ରେମପତ୍ର ପ୍ରେରଣ ପ୍ରସଙ୍ଗରେ ଉଣେଇଶ ଛାନ୍ଦରେ ବର୍ଷାର ସାମାନ୍ୟ ଅବତାରଣା କରାଯାଇଛି । ଚନ୍ଦ୍ରଭାନୁଙ୍କ ହୃଦୟ କେଦାରରେ ଅଙ୍କୁରିତ ଅନୁରାଗ ବୀଜ ଘନରସ ବୃଷ୍ଟି ବିନା ଅତ୍ୟନ୍ତ ମ୍ରିୟମାଣ ହୋଇଯାଇଛି । ଲାବଣ୍ୟବତୀଙ୍କ ପକ୍ଷେ ମହାଜ୍ୟୋତିଷଯୋଷା ତାଙ୍କ ନାସା ମୋତି ରୂପେ ବୃହସ୍ପତି ଚଳନ ହେଲେ ଘନରସ ବୃଷ୍ଟି ହେବ ଏବଂ ଚନ୍ଦ୍ରଭାନୁଙ୍କ ତପ୍ତ ହୃଦୟ କେଦାର ଉଜ୍ଜୀବିତ ହେବ ବୋଲି କବି ଦର୍ଶାଇଛନ୍ତି ।[୨୬] ଜ୍ୟୋତିଷ ଶାସ୍ତ୍ର ମତରେ ବୃହସ୍ପତିଙ୍କ ଗ୍ରହ ଚଳନ ହେଲେ ବୃଷ୍ଟି ହୋଇଥାଏ । ଉପେନ୍ଦ୍ରଭଞ୍ଜ ଏଠାରେ ପ୍ରକୃତିକୁ ଲାବଣ୍ୟବତୀଙ୍କର ଆଙ୍ଗିକ ଉପଲକ୍ଷ୍ୟ ଦେଇ ବିରହର ଅତ୍ୟନ୍ତ କାବ୍ୟିକ ବର୍ଣ୍ଣନା କରିଛନ୍ତି । କୃଷ୍ଣ ମେଘରେ ଉଡୁଥିବା ଶ୍ରେଣୀବଦ୍ଧ ଧବଳ ବଳାକାସମୂହଙ୍କ ଦର୍ଶନ ଯେପରି କାମୋଦ୍ଦୀପକ ସେପରି ଦୁଃଖଦାୟକ ମଧ୍ୟ । ମେଘାଚ୍ଛନ୍ନ ଦିବସରେ ବିରହିଣୀ ଲାବଣ୍ୟବତୀଙ୍କ ଅସ୍ଥିରତା ଜାଗ୍ରତ ହୋଇଉଠିଛି । ତାଙ୍କର ବିରହ-ତାପ ଶାନ୍ତି ନିମନ୍ତେ ସଖୀମାନେ କାଳିକା ଠାକୁରାଣୀଙ୍କ କାନ୍ତ ଅର୍ଥାତ୍ ସ୍ୱାମୀ ମହାଦେବଙ୍କୁ ସ୍ମରଣ କରିଛନ୍ତି ।[୨୭]

ଗ୍ରୀଷ୍ମକାଳୀନ ପ୍ରଚଣ୍ଡ ରବି ତେଜରେ ପର୍ବତରାଜିରେ ବ୍ୟାପ୍ତ ଅଗ୍ନିଦ୍ୱାରା ବ୍ୟତିବ୍ୟସ୍ତା ପୃଥିବୀ ବର୍ଷାକାଳରେ ଶୀତଳତା ଲାଭ କରିଛି, ଅଗ୍ନି ନିର୍ବାପିତ ହୋଇଯାଇଛି । ଏହି ବର୍ଷାକାଳ ମେଘରେ ବିଦ୍ୟୁତ୍ ପରି ହୃଦୟରେ ବିରହ ଅଗ୍ନି ଜାତ କରୁଛି ଓ କାମୀଜନଙ୍କ ପକ୍ଷରେ ଅହି ସଦୃଶ ଅହିତକର ହୋଇଛି । ବର୍ଷା ଋତୁ ବିଦ୍ୟୁତ୍ ପତାକା ଧରି ବିରହୀ ହୃଦୟରେ କରକା ପ୍ରହାର କରିଛି । ପିକ (କୋଇଲି)ର ନୀରବତା, ମୟୂରୀର ନୃତ୍ୟ, ମରାଳର ମାନସ ସରୋବର ଗମନ, ଭେକ (ବେଙ୍ଗ) ର ଚେତନା ହାରକ ଚିତ୍କାର, ପୁଲକ ତୁଲ୍ୟ କଦମ୍ବ ପୁଷ୍ପର ବିକାଶ ପ୍ରଭୃତିର ପ୍ରାକୃତିକ ଘଟଣାର ବହୁଳ ସୂଚନା ରହିଛି । ଉପେନ୍ଦ୍ର ଭଞ୍ଜ ଏକଚାଳିଶ ଛାନ୍ଦରେ ବର୍ଷାକାଳକୁ 'ପ୍ରମାଦମାନଙ୍କ ଜନମସ୍ଥଳ' ଭାବରେ ବର୍ଣ୍ଣନା କରିଛନ୍ତି । ତାହାର ବର୍ଣ୍ଣନା ଅତ୍ୟନ୍ତ ବୈଶିଷ୍ଟ୍ୟପୂର୍ଣ୍ଣ ଚାତୁର୍ଯ୍ୟମୟ ହୋଇଛି ।[୨୮] ଅଞ୍ଜନ ତୁଲ୍ୟ କୃଷ୍ଣ ମେଘରେ ଶାର୍ଦ୍ଦୂଳ ରୂପରେ ପର୍ବତ ଶିଖରରେ ବିହାର କରୁଛି । କଳାମେଘ ପରି ପର୍ବତ ଶିଖରରେ ବାହାରିଲା ପରି ଆକାଶରେ ଉଡୁଥିବା ବଗମାନଙ୍କର ଧଳା ରଙ୍ଗ ହେଉଛି ସେହି

ମେଘରୂପକ ଶାର୍ଦ୍ଦୂଳର ଦନ୍ତପନ୍ତି ଭଳି ମନେ ହେଉଛି । ଯେପରି ବାଘରୂପୀ ମେଘ ବଗରୂପୀ ଧଳାଦାନ୍ତ ଦେଖାଉଛି । କାଳେ ସେହି ଶାର୍ଦ୍ଦୂଳ ଚନ୍ଦ୍ରଙ୍କର ବାହନ ମୃଗ ଓ ସୂର୍ଯ୍ୟଙ୍କର ବାହନ ଘୋଡ଼ାମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଖାଇଯିବ, ସେହି ଆଶଙ୍କାରେ ମୃଗାଙ୍କ ଚନ୍ଦ୍ର ଓ ସପ୍ତାଶ୍ୱ ସୂର୍ଯ୍ୟ ଆକାଶରେ ଲୁଚି ରହିଛନ୍ତି । ସେହିପରି ମୁନି, ଋଷିମାନେ ମୃଗଚର୍ମ ଛାଲରେ ବସି ତପସ୍ୟା କରନ୍ତି । ମୃଗଛାଲ ମଧ୍ୟ ଅଣ୍ଟାରେ ଗୁଡ଼ାଇଥାନ୍ତି ତାକୁ କାଳେ ମେଘରୂପୀ ଶାର୍ଦ୍ଦୂଳ ଖାଇଦେବ ସେହି ଆଶଙ୍କାରେ ସେମାନେ ହିମାଳୟ ପାଦ ଦେଶରୁ ଶୃଙ୍ଗ ଆଡ଼କୁ ପଳାଇ ଯାଇ ଲୁଚିଛନ୍ତି ।

ଋକ୍ଷପନ୍ତି (ଭାଲୁମାନେ) ମାନେ ମଧ ଏହି ଶାର୍ଦ୍ଦୂଳ ଭୟରେ ଅନ୍ଧକାରରେ ଲୁଚିଛନ୍ତି । ଅନ୍ୟ ଅର୍ଥରେ ଋକ୍ଷ (ନକ୍ଷତ୍ର) ମାନେ ସମଗ୍ର ଆକାଶ ମେଘ ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ଅଦୃଶ୍ୟ ହୋଇଯାଇଛନ୍ତି । ଅର୍ଥାତ୍ ବର୍ଷା କାଳରେ ପ୍ରବଳ ବର୍ଷା ଯୋଗୁଁ ଉଭୟ ମଣିଷ ସମାଜ ଏବଂ ପ୍ରାଣୀକୁଳ ନିରାପଦ ସ୍ଥାନରେ ରହିବାକୁ ବାଧ୍ୟ ହୋଇଛନ୍ତି । ବର୍ଷାର ଆଧିକ୍ୟ ସମସ୍ତଙ୍କର ସାଧାରଣ ଜୀବନଯାପନ ଶୈଳୀକୁ ଅସ୍ତବ୍ୟସ୍ତ କରିପକାଉଛି । ଏହିପରି ମେଘକୁ ଶାର୍ଦ୍ଦୂଳ ରୂପରେ କବି କଳ୍ପନାରେ ଅବତୀର୍ଣ୍ଣ କରାଇ ଲାବଣ୍ୟବତୀର କାବ୍ୟିକ ସୌନ୍ଦର୍ଯ୍ୟକୁ ବୈଶିଷ୍ଟ୍ୟ ସମ୍ପନ୍ନ କରିଛନ୍ତି । ଏହିପରି ମେଘ ଶାର୍ଦ୍ଦୂଳ ରୂପରେ କବି କଳ୍ପନାରେ ଅବତୀର୍ଣ୍ଣ ହୋଇଛି । ପୁନର୍ବାର ସେହି ମେଘ ସିଂହ ରୂପରେ ଆଗମନ କରିଛି । ଡାହୁକମାନେ ନିଜ ରାବ ଦ୍ୱାରା ଏହାର ଉପସ୍ଥିତି ସୂଚାଇଛନ୍ତି । ସିଂହ ହେଉଛି ଗଜର ଶତ୍ରୁ । ଏହି ଆଶଙ୍କାରେ ବିରହିଣୀ ରମଣୀଗଣ ନିଜ ଗଜମୁକ୍ତାହାର ପିନ୍ଧି ଦେଇ ବକ୍ଷସ୍ଥଳକୁ ଢ଼ାଙ୍କି ରଖିଛନ୍ତି । କାଳିକା ହେଉଛନ୍ତି ଦୁର୍ଗା ଓ ମେଘ କାଳେ କାଳିକାଙ୍କ ବାହନ ସିଂହ ଗଜ ମୁକ୍ତା ହାର ହରଣ ପାଇଁ ଚେଷ୍ଟା କରିବ ଏହି ଭାବନାରେ ବିରହିଣୀମାନେ ବ୍ୟାକୁଳ ହୋଇଛନ୍ତି । ବର୍ଷା ଋତୁରେ ବିଜୁଳି ଚିତାଗ୍ନି ରୂପରେ ଚିତ୍ରିତ ହୋଇଛି । ମୃତବ୍ୟକ୍ତିକୁ ଦହିଲା ସମୟରେ ଚିତାରେ କାଷ୍ଠ ଦେଲେ ଅଗ୍ନି ଜଳିଥାଏ ଏବଂ ପବନ ପ୍ରବାହରେ ଚତୁଃପାର୍ଶ୍ୱରେ ଅଗ୍ନିକଣା ବିଚ୍ଛୁରିତ ହୋଇଥାଏ । ଚିତାରେ ମୃତବ୍ୟକ୍ତି ଦଗ୍ଧ ହୁଅନ୍ତି କିନ୍ତୁ ବିରହୀ ପ୍ରବାସୀବୃନ୍ଦ ବିଜୁଳି ଦର୍ଶନରେ କାମାର୍ତ୍ତ ଓ ଦଗ୍ଧ ହୋଇଛନ୍ତି । ପବନରେ ଅଗ୍ନିକଣା ଭଳି ଜୁକୁଜୁକିଆ ପୋକମାନେ ଉଡ଼ି ବୁଲୁଛନ୍ତି ।[୨୯] ଚିତା ଅଗ୍ନିକଣା ଚାରିଆଡ଼େ ପବନରେ ଛିଟିକି ପଡ଼ିଲାପରି ବର୍ଷା ହେବାରୁ ଜୁକୁଜୁକିଆ ପୋକମାନେ ଉଡ଼ିବୁଲିଲେ ।[୩୦] ପ୍ରବଳ ବର୍ଷା ଯୋଗୁଁ କରକାପାତ ହୋଇଛି । ଯୁବକମାନେ କାମଜ୍ୱାଳାରେ ତାପିତ ହୋଇଛନ୍ତି । ପ୍ରେମିକାମାନଙ୍କୁ ସୁମରଣା କରିଛନ୍ତି । ମାନିନୀ କାମିନୀ ନାୟିକା ଯୁବତୀମାନେ ବର୍ଷାଭିଜା ଆକାଶରେ ଇନ୍ଦ୍ରଧନୁ ଦେଖି କାମାତୁରା ହୋଇ ଅଗତ୍ୟା ମାନ ତ୍ୟାଗ କରି ନିଜ ନିଜର ପ୍ରେମିକ ପୁରୁଷମାନଙ୍କର ସନ୍ତୋଷ ବିଧାନ କରିଛନ୍ତି । ନଦୀ ରୂପକ ନାଗ ନିଜର ଲହରୀ-ଜିହ୍ୱା ଲମ୍ବାଇ ଚଞ୍ଚଳ ଗତିରେ ଫୁତ୍କାର ପ୍ରକଟ କରିଛି । କଞ୍ଚୁକ ଅର୍ଥାତ୍ କାତି ଛାଡ଼ିଲେ ସାପର ଶରୀରର ଚକ୍ର ଦିଶିଲାପରି ପ୍ରବଳବର୍ଷା ବେଗରେ ନଦୀ ଜଳର ଫେଣ ବାହାରେ ଏବଂ ତାହା ସାପକାତି ପରି ଢେଉ ହୋଇ ଭଉଁରୀ ବୁଲି ଚକ୍ର ପରି

ଦେଖାଯାଏ । ବର୍ଷା ମାଡ଼ ସହି ନପାରି ସାପ ଗାତରେ ବା ବିଳରେ ଆଶ୍ରୟ ନେଲା ପରି ନଦୀ ସାଗର ଗର୍ଭରେ ପ୍ରବେଶ କରିଛି । ସାପ ଆସୁଛି ବୋଲି ଡରରେ ହଂସମାନେ ମେରୁ ପର୍ବତ ବା ମାନ ସରୋବରକୁ ଦୌଡ଼ି ପଳାଇ ଯାଆନ୍ତି ଅର୍ଥାତ୍ ବର୍ଷା ଦିନରେ ନଈ ପୋଖରୀରେ ହଂସମାନେ ରହନ୍ତି ନାହିଁ ।(୩୮) ସାପଠାରେ ଯେପରି ନିଜ ଓ ପର ବିଚାର ନାହିଁ, ନଦୀଠାରେ ମଧ୍ୟ ସେହିପରି ବିଚାର ନାହିଁ । ନଦୀ ଦୁଇକୂଳ ଲଙ୍ଘିଯାଏ ଅର୍ଥାତ୍ ବେଙ୍ଗ ଓ ସାପକୁ ମଧ୍ୟ ନିଜ ଗର୍ଭରେ ଲୀନ କରିଦିଏ । ସାପ ବେଙ୍ଗକୁ ଖାଏ, ପଥିକ ବା ବାଟୋଇ ସାପକୁ ଦେଖିଲେ ନଈ ପାରି ହେବାକୁ ଡରନ୍ତି । ପଥିକମାନେ ସାପ ଭୟରେ ମହାଦେବଙ୍କୁ ସୁମରଣା କଲାପରି ବାଟୋଇମାନେ ନଦୀବଢ଼ି ଯୋଗୁଁ ନଈ ପାରି ହେବାପାଇଁ ନାଉରୀକୁ ଡାକ ଦେଲେ । ବେଙ୍ଗମାନେ ସାପକୁ ଦେଖି ଆରତ ସ୍ୱରରେ ଡାକ ପକାଇଲେ । ବେଙ୍ଗମାନଙ୍କ ଗାତରେ ନଦୀ ପାଣି ପଶିଯିବାରୁ ସେମାନେ ରହିବାକୁ ସୁଯୋଗ ନ ପାଇ ଆର୍ତ୍ତସ୍ୱରରେ ବୋବାଇବା ଆରମ୍ଭ କଲେ । ତେଣୁ ନଦୀକୁ ନାଗ, ସାପ ସହିତ ତୁଳନା କରି ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟକୁ ଚମତ୍କାର ଭାବରେ ଉପସ୍ଥାପିତ କରିବାରେ ସମର୍ଥ ହୋଇଛନ୍ତି ।

ଲାବଣ୍ୟବତୀର ୪୫ ଛାନ୍ଦରେ ଚନ୍ଦ୍ରଭାନୁର ଯୁଦ୍ଧକାଳୀନ ବର୍ଣ୍ଣନାର ଅତ୍ୟନ୍ତ ବାସ୍ତବ ଉପସ୍ଥାପନା ହୋଇଛି । କାଳକେୟମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଚନ୍ଦ୍ରଭାନୁ ବିଜୟୀ ହୋଇଛନ୍ତି । ଯୁଦ୍ଧ ସମୟରେ କେତେକ ପ୍ରାକୃତିକ ଘଟଣାବଳୀର ଆରୋପ ଦୃଷ୍ଟି ଆକର୍ଷଣ କରିଛି । କବି ଯୁଦ୍ଧରେ ବୃଷ୍ଟିର ସାମଞ୍ଜସ୍ୟ ଦର୍ଶାଇଛନ୍ତି । ଧନୁ ହେଉଛି ଇନ୍ଦ୍ରଧନୁ ତୁଲ୍ୟ । ଶରବୃଷ୍ଟି ଜଳବର୍ଷଣ ପରି ହେଉଥାଏ । ଧନୁର ଟଙ୍କାର ଧ୍ୱନି ମେଘର ଘଡ଼ଘଡ଼ି ପରି ଶୁଭୁଥାଏ । ତରବାରୀର ଝଟକ ବିଜୁଳିର ଚମକ ପରି ଚିକ୍ ଚିକ୍ କରୁଥାଏ । ବାଟୁଳିମାଡ଼ ସବୁ କରକା ବା କୁଆପଥର ବର୍ଷିଲା ପରି ଜଣା ପଡୁଥାଏ । ଯୁଦ୍ଧଭୂମି ସତେ ଯେପରି ଶରବର୍ଷା ଯୋଗୁଁ ରଣ ନଦୀରେ ପରିଣତ ହୋଇଛି ବୋଲି କବି କଳ୍ପନା କରିଛନ୍ତି । ନଦୀରେ ଜଳ ନାଚିଲା ପରି କବନ୍ଧରାଜିର ନୃତ୍ୟ ବର୍ଣ୍ଣିତ । ରକ୍ତବର୍ଣ୍ଣ ଫଳ ଭାସିଲା ପରି ରଣ ନଦୀରେ ରକ୍ତ ପ୍ରବାହ ଜଳକୁ ଆହୁରି ଗୋଳିଆ କରିଦେଇଛି । ନଦୀରେ ଲହରୀ ପରି ରଣ ନଦୀରେ ପତାକା ଶୋଭା ପାଉଛି । ନଦୀରେ ନୌକା ପରି ରଣନଦୀରେ ରଥ, କୁମ୍ଭୀର ପରି ହସ୍ତୀ, ମତ୍ସ୍ୟପରି ଘୋଟକ, ଫେଣ ପରି ବସ୍ତ୍ର, କଚ୍ଛପ ପରି ଚର୍ମ ଆଡ଼ଣୀ, ସର୍ପ ପରି ଭୁଜ, ଭେକସ୍ୱନ ପରି ପଦାତିକଙ୍କ ଆର୍ତ୍ତରବ ଏବଂ ଶତ୍ରୁର ବଡ଼ିମା ତଟପରି ବର୍ଣ୍ଣିତ । ଏହାଫଳରେ ତୀରସ୍ଥ ତରୁରାଜି ତୁଲ୍ୟ ଦୃଷ୍ଟକୁଳ ନଷ୍ଟଭ୍ରଷ୍ଟ ହୋଇଛନ୍ତି । ବାସ୍ତବିକ ଏହି ବର୍ଣ୍ଣନା କବି ଉପେନ୍ଦ୍ର ଭଞ୍ଜଙ୍କର କଳ୍ପନା ଚାତୁର୍ଯ୍ୟକୁ ଏକ ନବନ୍ୟାସ ଦେଇଛି । ବର୍ଷା ସହିତ ଯୁଦ୍ଧର ସାଦୃଶ୍ୟ ବର୍ଣ୍ଣନା କରି ଉପେନ୍ଦ୍ର ଭଞ୍ଜ କହିଛନ୍ତି ବଜ୍ର ଶବ୍ଦ ରଣବାଦ୍ୟ ପରି, ଇନ୍ଦ୍ରଧନୁ ଧନୁପରି, ବିଦ୍ୟୁଦ୍‌ଗୁଣ ଧନୁର ପ୍ରତ୍ୟଞ୍ଚା ପରି ତୀକ୍ଷ୍ଣଧାରା ରୂପକ ଶର ବୃଷ୍ଟି କରି ମେଘ ପ୍ରବାସୀ ପଥିକ ହୃଦୟକୁ ବ୍ୟଥିତ କରିଥାଏ । ଭର୍ତ୍ତୃହରିଙ୍କ 'ଶୃଙ୍ଗାର ଶତକ'ରେ ବର୍ଷାକାଳର ଯେଉଁ ଅପୂର୍ବ ବର୍ଣ୍ଣନା ରହିଛି, ତାହା ହିଁ ଉପେନ୍ଦ୍ର ଭଞ୍ଜଙ୍କୁ ଅନେକାଂଶରେ ପ୍ରଭାବିତ କରିଛି । ଭର୍ତ୍ତୃହରିଙ୍କ ବର୍ଷା ଚିତ୍ରଣରେ ବିଦ୍ୟୁଲ୍ଲତାର ବିଳାସ,

କେତକୀର ସୌରଭ, ମେଘର ଘନ ଗର୍ଜ୍ଜନ, କେକାରବ ପ୍ରଭୃତିର ସାରସ ବର୍ଣ୍ଣନା ଅତ୍ୟନ୍ତ ମନୋରମ ହୋଇଛି । ସେହିପରି ଉପେନ୍ଦ୍ର ଭଞ୍ଜ ସାମଗ୍ରିକ ଭାବରେ ବର୍ଷାକାଳର ଦୃଶ୍ୟ ମାଧ୍ୟମରେ ନିଜର ଅଭୂତପୂର୍ବ କଳ୍ପନା ଶକ୍ତିଦ୍ୱାରା ଅନେକ ନୂତନ ଉପମାନର ଅବତାରଣା କରିଛନ୍ତି । ଏହି ବର୍ଣ୍ଣନାଗୁଡ଼ିକରୁ ତାଙ୍କର ମୌଳିକତା ସ୍ୱତଃ ପ୍ରତିପାଦିତ ହୋଇଛି । ଶରତ ଋତୁ ବର୍ଣ୍ଣନା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି ।[୩୨] ଏହାର ଅର୍ଥ ହେଉଛି ଶରତ ଋତୁରେ ମେଘ ଦୂର ହୋଇ ଆକାଶ ନିର୍ମଳ ଦେଖାଯାଉଛି । ଅନ୍ଧକାର ନାଶ ହେବାର ଦେଖି ପ୍ରକୃତି ସତେ ଯେପରି କାଶକୁସୁମ ରୂପକ ହାସ ପ୍ରକାଶ କରିଛି । ବେଙ୍ଗ (ଭେକ) ଗର୍ଜନ ବନ୍ଦ ହେବାରୁ ହଂସମାନେ ମାନସ ସରୋବରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଖଦ୍ୟୋତ ସୂର୍ଯ୍ୟ ଓ ଜୁଳୁଜୁଳିଆ ପୋକ ସହିତ ଉଦିତ ହେବା ଲଜ୍ଜାରେ ତାରାମାନେ ଗୁପ୍ତ ଥିଲେ; କିନ୍ତୁ ବର୍ତ୍ତମାନ ତାରକା ଗହଣରେ ଚନ୍ଦ୍ରମା ସ୍ୱଚ୍ଛ ଆକାଶରେ ପ୍ରକାଶିତ ହୋଇ ସାରିଛନ୍ତି । ୪୩ ଛାନ୍ଦରେ ମଧ୍ୟ ସେହିପରି ହେମନ୍ତ ଋତୁର ବର୍ଣ୍ଣନା ରହିଛି । ହେମନ୍ତ ଋତୁର ପ୍ରବେଶମାତ୍ରକେ ଲୋକେ ପବନ ପ୍ରତି ସ୍ନେହ ଆଦର ତ୍ୟାଗ କରି ଅଗ୍ନି ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ଅର୍ଥାତ୍ ଶୀତ ଅନୁଭୂତ ହୋଇଛି । ଦିବସର କୃଶତା, ରାତ୍ରିର ଦୀର୍ଘ ପ୍ରହର ଓ ପବନର ବେପଥୁ ସଞ୍ଚାର ଦର୍ଶାଇ କବି କହିଛନ୍ତି ।[୩୩] ପଦ୍ମିନୀ ଜାତୀୟ ନାରୀ ଲାବଣ୍ୟବତୀର ବିରହ ସନ୍ତାପ ଦୂର ପାଇଁ ସଖୀମାନେ ପଦ୍ମନାଡ଼ର ବ୍ୟବସ୍ଥା କରିଛନ୍ତି । ଲାବଣ୍ୟବତୀଙ୍କର ପଦ୍ମପାଦ, ପଦ୍ମ ସୌରଭ, ପଦ୍ମନୟନ, ପଦ୍ମମୁଖ ଓ ପଦ୍ମପତ୍ର ଉଦରର ବର୍ଣ୍ଣନା ଅତ୍ୟନ୍ତ ରସମୟୀ ହୋଇଛି ।

୪୪ ଛାନ୍ଦରେ ବସନ୍ତ ଋତୁର ଆଗମନରେ କିପରି ପ୍ରାକୃତିକ ଦୃଶ୍ୟର ଅପୂର୍ବ ଶୋଭାର ଭଣ୍ଡାର ଭାବରେ ସମଗ୍ର ପରିବେଶକୁ ମଧୁମୟ କରିଦେଇଛି, ତାହାର ଅପୂର୍ବ ବର୍ଣ୍ଣନା ଉପେନ୍ଦ୍ର ଭଞ୍ଜ କରିଛନ୍ତି । ଋତୁରାଜ ବସନ୍ତ ରାଜା ଭାବରେ ଧରିତ୍ରୀ ସିଂହାସନ ଆରୋହଣ କରିଛି । କୋକିଳମାନେ ପଞ୍ଚମତାନରେ ରାଜାଙ୍କର ଅଭିଷେକ ଉତ୍ସବର ମଙ୍ଗଳ ଗୀତିକା ଗାୟନ କରିଛନ୍ତି । ଝିଙ୍କାରୀର ଝଙ୍କାର ଶବ୍ଦ ବସନ୍ତ ରାଜାଙ୍କର ବିଜୟତୂରୀ ଭାବରେ ବାଜି ଉଠିଛି ।[୩୪] ଖଦିର ତରୁ ନବପଲ୍ଲବ ଛଳରେ ପଙ୍ଖା ଚାଳନା କରିଛି । କୁବେଲି ଚାମର ସାଜିଛି । ପବନରେ ବିଚ୍ଛୁରିତ ପୁଷ୍ପରେଣୁ ଫଗୁଖେଳର ସାଦୃଶ୍ୟ ବହନ କରିଛି । ନବ ପଦ୍ମିନୀ ନାୟିକାମାନେ ଭ୍ରମରର ଗୁଣୁ ଗୁଣୁ ସ୍ୱନରେ ହୁଳହୁଳି ଦେଉଛନ୍ତି । ଋତୁରାଜ ବସନ୍ତଙ୍କ ମସ୍ତକ ଉପରେ ନାଗେଶ୍ୱର ତରୁ ପୁଷ୍ପ ବ୍ୟାଜରେ ରାଜଛତ୍ର ଧାରଣ କରିଛି । ହୀରା, ପାଟଳୀ, ସୁନାରୀ, ଫୁଲଗୁଡ଼ିକ ତାଙ୍କ ମୁକୁଟରେ ଯେପରି ଶୋଭା ପାଉଛନ୍ତି, ତାହା ଅବର୍ଣ୍ଣନୀୟ। ମଲ୍ଲୀ, ଚମ୍ପା, ନିଆଳି ପ୍ରଭୃତି ଲତା ନୂଆକରି ପୁଷ୍ପବତୀ ହୋଇଛନ୍ତି । ସେମାନଙ୍କ ଶରୀରରେ ନବ କିଶଳୟ ପତ୍ର ମେଲି ଉଭାହୋଇଛି । ମହାରାଜା ବସନ୍ତଙ୍କ ପତ୍ନୀ ମହିଷୀ (ରାଣୀ)ଙ୍କ ଶୟନ କକ୍ଷରେ ତାଙ୍କର ପ୍ରତୀକ୍ଷା କରିଛନ୍ତି । ଅନ୍ୟ ଅର୍ଥରେ ମହିଷୀ (ମଇଁଷି) ପାଣି ଭିତରେ ବୁଡ଼ି ରହି ଆନନ୍ଦ ଉପଭୋଗ କରୁଛନ୍ତି । ମନ୍ଦମଳୟ ପବନ ଦୂତ ଭାବରେ ବସନ୍ତ ମହାରାଜାଙ୍କର ଆଗମନି ବାର୍ତ୍ତା ପ୍ରଚାର କରିଛି । କାମସେନା କନ୍ଦର୍ପ ସେନା କେତକୀ କଡ଼

ଯେ ଯମଦାଢ଼ ବା ଖଣ୍ଡାର ମୁନକୁ ବାହାର କରି ସତେ ଯେପରି ବିଦେଶୀ ଶତ୍ରୁ (ବୈରୀ) ମାନଙ୍କୁ ଭୟ ଓ ତର୍ଜନା ଦେଖାଇ ବିନାଶ ସୂଚାଇଛି । ଛୁରିଅନାଫୁଲ ବାଣୀ ରୂପରେ ପ୍ରକଟ ହୋଇଛି । ବସନ୍ତ ରାଜା ତାର କାମମିତ୍ର ମନ୍ତ୍ରୀକୁ ଆଦେଶ ଦେଇ କହୁଛି, କାମରେ ଯେଉଁମାନେ ଜ୍ଞାନ ହରାଇଛନ୍ତି ବା ଚିତ୍ତ ହରାଇଛନ୍ତି ସେମାନଙ୍କର ଚିହ୍ନ ଲେଖ । କନ୍ଦର୍ପ ଶର ଦ୍ୱାରା ଆହତ ଶତ୍ରୁମାନଙ୍କର ବଂଶ ବା ଗୋତ୍ର ନାଶ କରିବା ପାଇଁ ଏକ ତାଲିକା ପ୍ରସ୍ତୁତ କର । ତେଣୁ ଉପେନ୍ଦ୍ର ଭଞ୍ଜଙ୍କର ଲାବଣ୍ୟବତୀ କାବ୍ୟରେ ବସନ୍ତଋତୁର ବର୍ଣ୍ଣନା କାଳିଦାସଙ୍କର 'ଋତୁସଂହାର' କାବ୍ୟରେ ବର୍ଣ୍ଣିତ ବସନ୍ତଋତୁର ବର୍ଣ୍ଣନା ଭଳି ରସୋଦୀପ୍ତ ହୋଇଛି । କାଳିଦାସଙ୍କ ଲେଖନୀରେ ବସନ୍ତ ସମନ୍ୱିତ କାମଦେବ ବିଶ୍ୱବିଜୟୀ ରୂପେ ଅବତୀର୍ଣ୍ଣ । ଆମ୍ର ମଞ୍ଜରୀ ହେଉଛି ଶର, ପଳାଶ ପୁଷ୍ପ ଧନୁ, ଭ୍ରମର ଧନୁର୍ଗୁଣ, ନିଷ୍କଳଙ୍କ ଚନ୍ଦ୍ର ଶ୍ୱେତଛତ୍ର, ମଳୟ ପବନ ମତ୍ତଗଜ ଏବଂ କୋକିଳ ହେଉଛି ବୈତାଳିକ ଭାବରେ, ବସନ୍ତରୂପୀ କାମଦେବଙ୍କର ଅସ୍ତ୍ରଶସ୍ତ୍ର ଭାବରେ ସତେ ଯେପରି ନିଜର ମଦନ ସେନାଙ୍କୁ ନେଇ ବାହାରିଛନ୍ତି ।

ସେଥିପାଇଁ ଉପେନ୍ଦ୍ର ଭଞ୍ଜ ଋତୁରାଜ ବସନ୍ତର ଅନୁରୂପ ବର୍ଣ୍ଣନା 'ଲାବଣ୍ୟବତୀ'ରେ କରିଛନ୍ତି । ଶୃଙ୍ଗାର ରସମୟ ଆନନ୍ଦବର୍ଦ୍ଧକ ଋତୁରାଜ ବସନ୍ତର ଆଗମନରେ ତରୁରାଜି ନବପୁଷ୍ପ ପଲ୍ଲବରେ ମଣ୍ଡିତ ହୋଇଛନ୍ତି । ଚାରିଆଡ଼େ ସ୍ୱଚ୍ଛତା, ଜଳରେ ପଦ୍ମଫୁଲର ସୌନ୍ଦର୍ଯ୍ୟ ଓ ସୌରଭମୟ ପବନର ପ୍ରବାହ ରମଣୀୟ ପରିବେଶ ସୃଷ୍ଟି କରିଛି । ଦ୍ୱିତୀୟ ଅର୍ଥରେ ଗ୍ରୀଷ୍ମଋତୁ ଆସିବାର ସୂଚନା ମିଳୁଛି । ବକୁଳ ବୃକ୍ଷରେ ପତ୍ର ପୁଷ୍ପ ପଲ୍ଲବିତ ହୋଇଛି । ପର୍ବତରେ ଅଗ୍ନିସଂଚ଼ାର ହୋଇଛି । କର୍ପୂରର ଶୀତଳତା ଓ ପବନର ସୁଖ ସ୍ପର୍ଶରେ ବସନ୍ତର ଅସ୍ତିତ୍ୱକୁ ସାର୍ଥକଭାବରେ ଅନୁଭବ କରି ହେଉଛି । ପ୍ରୋଷିତଭର୍ତ୍ତୃକା ରମଣୀମାନେ ସ୍ୱାମୀମାନଙ୍କ ପ୍ରତ୍ୟାଗମନ ଅପେକ୍ଷାରେ ଦିବସ ଗଣନା କରି କାନ୍ଥରେ ଖଡ଼ିରେ ରେଖା ଆଙ୍କିଛନ୍ତି । ଗ୍ରୀଷ୍ମଋତୁରେ ଲୋକେ କର୍ପୂର ଲେପନ ଓ ଜଳବିହାର ରୌଦ୍ର ତାପରୁ ରକ୍ଷାପାଇବା ପାଇଁ କରିଥାନ୍ତି । ଠିକ୍ ସେହିପରି ବର୍ଷା ଋତୁରେ ଆକାଶରେ ଚାତକ ପକ୍ଷୀମାନେ କେଳି କରୁଛନ୍ତି । ମେଘମାଳା ଲୀଳାୟିତ ଗତିରେ ବୃଷ୍ଟି କରିଛନ୍ତି । ଶୀତ ଋତୁରେ ମରାଳମାନେ ଜଳକ୍ରୀଡ଼ାରେ ମଜ୍ଜିଯାଇ ଉଲ୍ଲସିତ ହୋଇଛନ୍ତି । ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟରେ ସମଗ୍ର କାବ୍ୟର ବୈଶିଷ୍ଟ୍ୟ ପ୍ରତିଫଳିତ ହୋଇଛି ।

ଲାବଣ୍ୟବତୀର ନବମ ଛାନ୍ଦରେ ଗଣିକା ମଦନିକାର ରୂପ ବର୍ଣ୍ଣନାରେ ମେଘ, ଚନ୍ଦ୍ର, ସପ୍ତର୍ଷିମଣ୍ଡଳ, ଭ୍ରମର, ତମାଳ ଆଦିର ଉଲ୍ଲେଖ ରହିଛି । ତ୍ରୟୋଦଶ ଛାନ୍ଦରେ ମାଳିନୀର ବେଶଭୂଷା ପ୍ରସଙ୍ଗରେ ଚଭାଫୁଲ, ଚମ୍ପା, ତାମସୀ ରଜନୀ, ତାରା, ଚନ୍ଦ୍ର, ପଦ୍ମ, ଭ୍ରମର, ମେଘ, ଚାତକ, ଚକୋର, କୋକିଳ, ବନମାଳତୀ, ମଧୁମକ୍ଷିକା ପ୍ରଭୃତିର ସମାବେଶ ବାସ୍ତବିକ ହୃଦୟସ୍ପର୍ଶୀ ହୋଇଛି । ସପ୍ତଦଶ ଓ ଅଷ୍ଟତ୍ରିଂଶ ଛାନ୍ଦମାନଙ୍କରେ ମାନସ ମରାଳ, ମେଘ ଚାତକ, ଚନ୍ଦ୍ର ଚକୋର, ଆମ୍ର କୋକିଳ, ରବିପଦ୍ମ, ସ୍ତନିତ ମୟୂର, ଚନ୍ଦ୍ର କୁମୁଦ

ପ୍ରକୃତିର ଅଭେଦ ପ୍ରୀତି ଦର୍ଶାଯାଇଛି । ଚବିଶ ଛାନ୍ଦରେ ଚନ୍ଦ୍ରଭାନୁଙ୍କର ମୃଗୟା ପ୍ରସଙ୍ଗରେ ବନଶୋଭାର ବିସ୍ତୃତ ବର୍ଣ୍ଣନା ରହିଛି । ବିଭିନ୍ନ ତରୁ, ଲତା, ପୁଷ୍ପ, ଫଳ, ପଶୁପକ୍ଷୀ ପ୍ରଭୃତିର ନାମ ଉଲ୍ଲିଖିତ । କଦମ୍ବ, କୁଟଜ, ପୁଗ, ନାରଙ୍ଗ, ଶ୍ରୀଫଳ, ଟଭା, କରମଙ୍ଗା, ପୁନ୍ନାଗ, ବରାହଦାନ୍ତ, ନବମାଳିକା, କରବୀର, ଯୂଥିକା, ଗଙ୍ଗଶିଉଳି, ଶୁକସାରୀ, କପୋତ, ଅଶୋକ, ଶଶ, ସୟର, ମୟୂରୀ, ଚାତକୀ, ତମାଳ ବଲ୍ଲୀକ, ହସ୍ତୀ, ଚମ୍ପା, ବକୁଳ, ଡାହୁକ, ଚକ୍ରବାକ, ଚକୋର, ଅଗସ୍ତି, ମନ୍ଦାର, ପଲାଶ, ଭ୍ରମର, ଆମ୍ର, ଜମ୍ବୁ, କୋକିଳ, ଡ଼ାଳିମ୍ବ, ଖଞ୍ଜନ, ଗୁଗ୍‌ଗୁଳ, ଶାଳନିର୍ଯ୍ୟାସ, ମଧୁମକ୍ଷିକା, ନବପାଟଳୀ, ଜୟନ୍ତୀ, କୁରୁବକ, ଶାଲ୍ମଳୀ କେନ୍ଦୁ, କୃଷ୍ଣ ମଞ୍ଜରୀ, ହଂସ, ହଂସରାଜି, ସର୍ପ, ନକୁଳ, ସିଂହ, ଜାଇଫଳ, ହରିଦ୍ରା, ବଦରୀ, ଭରଦ୍ୱାଜ, ପିପ୍‌ପଳ, ଭଲ୍ଲୁକ, ଶାର୍ଦ୍ଦୂଳ, ଶରଭ, ବରାହ, ଆଦିର ସମାବେଶ ରହିଛି । ୩୯ ଛାନ୍ଦରେ ବିରହୀ ଚନ୍ଦ୍ରଭାନୁ ବନ ମଧ୍ୟରେ ଲାବଣ୍ୟବତୀଙ୍କୁ ଖୋଜିଛନ୍ତି ଏବଂ ବନର ତରୁଲତାମାନଙ୍କୁ ନିଜ ପ୍ରିୟାର ସମ୍ବାଦ ପାଇବାକୁ ବ୍ୟାକୁଳ ହୋଇ ପଚାରିଛନ୍ତି । ୨୧ ଛାନ୍ଦରେ ଲାବଣ୍ୟବତୀଙ୍କ ଦ୍ୱାରା ଚନ୍ଦ୍ରଭାନୁଙ୍କ ନିକଟକୁ ପ୍ରେରିତ ଚିଟାଉର ବିରଳ ସମବର୍ତ୍ତୁଳ ବର୍ଣ୍ଣ ସମୂହ ନାଗେଶ୍ୱର ପୁଷ୍ପ ଭଳି ଦର୍ଶନୀୟ ହୋଇଛି । କାଗଜରେ ଲିଖିତ ଅକ୍ଷର ଗୁଡ଼ିକ ସତେ ଯେପରି ଶ୍ୱେତ ପଦ୍ମରେ ଆସୀନ ରସପିପାସୁ ଭ୍ରମର ଶିଶୁବୃନ୍ଦ ପରି ଶୋଭା ପାଇଛି । ୧୯ ଛାନ୍ଦରେ ଯୁବକ ଯୁବତୀଙ୍କର ମିଳନର ରମଣୀୟତା ଚନ୍ଦ୍ର ଯାମିନୀ ଓ ସରୋବର ପଦ୍ମର ଦର୍ଶନୀୟତା ସହିତ ତୁଳନୀୟ ।

୨୮ ଛାନ୍ଦରେ ନିଶା ଅବସାନ ଓ ଦିବସର ଆଗମନ ସୁରମ୍ୟ ଦୃଶ୍ୟ ଧାରଣ କରିଛି । ବିରହୀ ଚକ୍ରବାକ ଚକ୍ରବାକୀଙ୍କର ମିଳନ ହୋଇଛି । ଦିବସ ସହିତ ପାପର ବୃଦ୍ଧି ହେଉଥିବାରୁ ଚନ୍ଦ୍ର ନାୟିକା ରଜନୀ ମଳିନ ଦେଖାଯାଉଛି । ସୂର୍ଯ୍ୟୋଦୟରେ ପଦ୍ମିନୀ ଉଲ୍ଲସିତା ହୋଇଛି ଓ କୁମୁଦିନୀ ପାଖରୁ ଭ୍ରମରମାନେ ପଳାୟନ କରିଛନ୍ତି । ୩୧ ଛାନ୍ଦରେ ସନ୍ଧ୍ୟାର ଚିତ୍ର ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି । ଅସ୍ତାଚଳରେ ସୂର୍ଯ୍ୟଙ୍କ ଆଶ୍ରୟ ଏବଂ ଚନ୍ଦ୍ରୋଦୟ ପ୍ରସଙ୍ଗରେ ଚନ୍ଦ୍ରତାରକା ଓ ଚନ୍ଦ୍ର କୁମୁଦିନୀର ଚିରନ୍ତନ ପ୍ରୀତି ପ୍ରତିପାଦିତ । ବତିଶଛାନ୍ଦରେ କାନ୍ତ କାନ୍ତାମାନଙ୍କର ଆନନ୍ଦ ବିଧାନ ନିମନ୍ତେ ରଜନୀ ସଜନୀ ସାଜି ଉପସ୍ଥିତ ହୋଇଛି । କୋକିଳର ସ୍ୱନରେ କନ୍ଦର୍ପର ଅନୁକୂଳତା ବ୍ୟକ୍ତ କରିଛି । ଚନ୍ଦ୍ର ରଜନୀ ରାଣୀକୁ ଆଲିଙ୍ଗନ କରିବାରୁ କୃଷ୍ଣ ଶରୀରରେ ଚନ୍ଦନ ବିଲେପନ କଲାପରି ପ୍ରତୀତ ହୋଇଛି । ଶୁଭ୍ର ଚନ୍ଦ୍ରକିରଣ ଅନ୍ଧକାରରେ ବିଛୁରିତ ହେବାରୁ ଅନେକ ପ୍ରକାର ଉତ୍‌ପ୍ରେକ୍ଷା କରାଯାଇଛି । ସୂର୍ଯ୍ୟ ପ୍ରିୟା ପଦ୍ମିନୀର ଏକ ତାଟଙ୍କ ରୂପରେ ଚନ୍ଦ୍ର କଳ୍ପିତ । ନିର୍ମଳ ତାରକାପତିଙ୍କ ଦ୍ୱାରା ସମଗ୍ର ଆକାଶ ରମଣୀୟ ଶୁଭ୍ର ମଲ୍ଲୀ ଉଦ୍ୟାନ ଭଳି ଦେଖାଯାଉଛି । ଅନ୍ୟ ରୂପେ ରାତ୍ରିର ଚିତ୍ରଣ ପ୍ରସଙ୍ଗରେ ଯାମିନୀ ନବକାମିନୀ ତୁଲ୍ୟ ଓ କଳାକର ଚନ୍ଦ୍ର ତାହାର ଉଜ୍ଜ୍ୱଳ ମୁଖ ସଦୃଶ ପ୍ରତିଭାତ ହୋଇଛି । ରମଣୀର ମୁଖଦେଖି ପାରଦ ଖଣିରୁ ଉଚ୍ଛୁଳି ଆସିଲାପରି ରମଣୀର ମୁଖଦର୍ଶନ କରିବାରୁ ସତେକି ପାରଦ ଉଚ୍ଛୁଳି ଆସି ଆକାଶରେ ବିଞ୍ଛି ହୋଇଛି ଏବଂ 'ତାରା' ନାମ

ଧାରଣ କରିଛି । ଅନ୍ୟ ଅର୍ଥରେ ଆକାଶ ମଣ୍ଡଳ ରୂପ ପଦ୍ମରେ ଶୁଭ୍ର ତାରକା ରୂପ ଜଳବିନ୍ଦୁ ରାଶି ଢ଼ଳଢ଼ଳ ଦେଖାଯାଉଛି । ସତଚାଳିଶ ଛାନ୍ଦରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ ମିଳନ ପ୍ରସଙ୍ଗରେ ରାତ୍ରି ମନୋହାରିଣୀ ମନେ ହୋଇଛି । କାମ ବିଜୟ ସମୟ ରୂପା ରାତ୍ରିରେ ଭ୍ରମରମାନଙ୍କ ପଦ୍ମତ୍ୟାଗ ଓ କୁମୁଦାନୁରାଗ ଦର୍ଶିତ । ଅଭିସାରିକାଙ୍କ ଦୀପ ସର୍ପମଣି ପରି ଶ୍ୱାସତ୍ୟାଗ କରିଛି । ସେଥିପାଇଁ ଚୋରଙ୍କ ପରି ବିଟପ ମନରେ ଭୟ ଓ ଉଦ୍‌ବେଗ ଜନ୍ମିଛି । କବିଙ୍କ କଳ୍ପନାରେ ଶୃଙ୍ଗାର ରସମୟୀ ଯାମିନୀ ପ୍ରାକୃତିକ ଉପାଦାନରେ ପରିପୁଷ୍ଟା । ନିଶା ଅବସାନରେ ସୂର୍ଯ୍ୟ ରାଜା ପୂର୍ବଦିଗରେ ବିଜୟ ଅଭିଯାନ କରିଛନ୍ତି । ଦିବସ ତାଙ୍କର ପାଟଛତ୍ର ଧାରଣ କରିଛି । ସୂର୍ଯ୍ୟ ରାଜାଙ୍କ ଆଗମନ ଦେଖି ରାଜା (ଚନ୍ଦ୍ର) ଲଜ୍ଜାବଶତଃ ଅସ୍ତ ପର୍ବତରେ ଲୁଚି ରହିଛନ୍ତି । ଚନ୍ଦ୍ର ନାୟିକା ତାରାକୁ ମଳିନତା ଗ୍ରାସ କରିଛି । ସର୍ବୋପରି କୌଶିକ (ପେଚକ) ମନ୍ତ୍ରୀ ଦୈନ୍ୟଗ୍ରସ୍ତ ହୋଇଛି । କାକ ଡ଼ଗର ସାଜିଛି ଓ ଚନ୍ଦ୍ରର ପଳାୟନ ଦେଖି ଧର ! ମାର୍ ! ବୋଲି ପାଟି କରି ଉଠିଛି ।

ଭାରତୀୟ ଧର୍ମଧାରଣା, ଅଦୃଷ୍ଟ ବିଶ୍ୱାସ, ଜନ୍ମାନ୍ତରବାଦ, ନବଜାତ ସନ୍ତାନର ଏକୋଇଶାବିଧି, ରଜୋବତୀକନ୍ୟାର ବିଧିବିଧାନ, ବୈବାହିକ କ୍ରିୟାକର୍ମ, କନ୍ୟା ଦେଖା, ଜାତକ ଦେଖା, ବିବାହଲଗ୍ନ ସ୍ଥିର, ଦିଅଁ ମଙ୍ଗୁଳା, କୋଇଲି ସ୍ନାନ, ଗନ୍ଧସଣ, ହସ୍ତଗ୍ରନ୍ଥୀ, ଲାଜାହୋମ, କଉଡ଼ି ଖେଳ, ମଧୁଶଯ୍ୟା ଆଦି ଆର୍ଯ୍ୟ ଶାସ୍ତ୍ରାନୁମୋଦିତ ପନ୍ଥା ପ୍ରତି ପ୍ରଗାଢ଼ ଅନୁରକ୍ତି ଭାବ ପୋଷଣ କରି ଦୃଢ଼ ଶୃଙ୍ଖଳା ମଧ୍ୟରେ ସାମାଜିକ ଐକ୍ୟଭାବ ପ୍ରତିଷ୍ଠା ଏବଂ ଆର୍ଯ୍ୟ ସମାଜ ଦର୍ଶନର ପ୍ରସାର ନିମନ୍ତେ ସବୁ ଦୃଷ୍ଟିରୁ କବି ସଚେତନ ଥିଲେ । ଉପେନ୍ଦ୍ର ଭଞ୍ଜ ଭାରତୀୟ ବର୍ଣ୍ଣାଶ୍ରମ ବ୍ୟବସ୍ଥାକୁ ପରୋକ୍ଷ ସମର୍ଥନ ଜଣାଇଛନ୍ତି । ସାମାଜିକ ଭାରସାମ୍ୟ ରକ୍ଷା କରିବା, କର୍ମ କୁଶଳତା ସୃଷ୍ଟି କରିବା, ପରସ୍ପର ସହଯୋଗୀ ମନୋଭାବ ପୋଷଣ କରିବା, ଶାନ୍ତି ଓ ସହାବସ୍ଥାନ ନୀତିରେ ଦୀକ୍ଷିତ ହୋଇ ସାମାଜିକ ସମୃଦ୍ଧି ଏବଂ ସଂହତି ଭାବ ସୃଷ୍ଟିର ଉଦ୍ଦେଶ୍ୟ ରଖି ଆର୍ଯ୍ୟମାନେ ଗ୍ରହଣ କରିଥିବା ଏହି ଚତୁଃବର୍ଣ୍ଣ ବ୍ୟବସ୍ଥାକୁ କବି ସମର୍ଥନ ଜଣାଇଛନ୍ତି । ଏହି ସମାଜ ବ୍ୟବସ୍ଥାର ଅନେକ ପ୍ରତିଫଳନ 'ଲାବଣ୍ୟବତୀ' କାବ୍ୟରେ ହୋଇଛି । ଚନ୍ଦ୍ରଭାନୁଙ୍କ ମୃଗୟାଲବ୍ଧ ମୃତ ପଶୁପକ୍ଷୀଙ୍କର ବିଭିନ୍ନ ଅଂଶକୁ ବିଭିନ୍ନଶ୍ରେଣୀର ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । ବ୍ରାହ୍ମଣମାନଙ୍କୁ ଖଡ୍‌ଗପାତ୍ର, ବୈଷ୍ଣବମାନଙ୍କୁ ମୃଗଚର୍ମ, କାରିଗରଙ୍କୁ ମୃଗଶିଙ୍ଗ, ଚର୍ମକାରଙ୍କୁ ଚର୍ମ, ମାହୁନ୍ତ ଓ ରାଉତ ମାନଙ୍କୁ ବଜ୍ରକବଚ ଓ ଗଣ୍ଡାଚର୍ମ, ପଦାତିକ ସୈନ୍ୟଙ୍କୁ ପକ୍ଷ, ପାଟରୋମାନଙ୍କୁ ବରାହଲୋମ ଓ ବଣିକମାନଙ୍କୁ ମୃଗନାଭି ଦିଆଗଲା । ଏତଦ୍‌ବ୍ୟତୀତ ଶବର, କେଳା, ନଟଶ୍ରେଣୀର ଲୋକମାନଙ୍କ ବଂଶଗତ କର୍ମଦକ୍ଷତା ଓ କୁଶଳତା ପ୍ରଦର୍ଶିତ ହୋଇଛି । ନିଜେ କବି ଉପେନ୍ଦ୍ର ଭଞ୍ଜ ସଙ୍ଗୀତ ରସିକ ଓ ପ୍ରବୀଣ ସଙ୍ଗୀତ କଳାବିଦ୍ ଥିବାରୁ ସଙ୍ଗୀତ ଶାସ୍ତ୍ରର ପ୍ରାୟତଃ ସମସ୍ତ ଲକ୍ଷଣରେ ନିଜ କାବ୍ୟ କବିତାର ଆଙ୍ଗିକ ବିନ୍ୟାସ କରାଇଛନ୍ତି । କବି ନିଜ କାବ୍ୟଗ୍ରନ୍ଥ ଗୁଡ଼ିକରେ ବିଭିନ୍ନ ବୃତ୍ତାନ୍ତକୁ ବିଭିନ୍ନ ଋତୁ, ରସ, ସମୟ ଅନୁଯାୟୀ ଅନେକ ଛାନ୍ଦ, ବୃତ୍ତ, ସ୍ୱର ଭିତରେ ସ୍ୱର

ନିୟମ, ଯତି ନିୟମ, ରାଗର ଆରୋହ, ଅବରୋହ, ବର୍ଜ୍ୟାବର୍ଜ୍ୟ, ଗ୍ରହ ଅଂଶ ନ୍ୟାସ ଯୋଗାଡ଼ି ପ୍ରଭୃତି ଉପସ୍ଥାପିତ କରିଛନ୍ତି । ଭଞ୍ଜଙ୍କ ବିଭିନ୍ନ କାବ୍ୟରେ ବିଭିନ୍ନ ପ୍ରକାରର ରାଗ, ରାଗିଣୀ, ତାଳ, କାଳ ପ୍ରୟୋଗ କରାଯାଇଛି । ଶିବଙ୍କ ମଙ୍ଗଳ ବଚନରୁ ପ୍ରକଟିତ ଦଶତାଳ, ଶହେ ଏକତାଳ ମଧ୍ୟରୁ ସିଂହ ନନ୍ଦନ ତାଳ, ତାଳ ଦ୍ୱାରା ପଞ୍ଚ, ଷଷ୍ଠ, ଅଷ୍ଟକଳା, ଶୁଦ୍ଧସାଲଗ, ଛାୟା, ଲଗ ଏବଂ ସୁଡ଼ ପ୍ରଭୃତି ଛାନ୍ଦଲକ୍ଷଣ, ନିଷାଦ, ଋଷଭ, ଗାନ୍ଧାର, ମଧ୍ୟମା, ଷଡ଼ଜ, ଧୈବତ, ପଞ୍ଚମ ସ୍ୱର ପ୍ରଭୃତି ପ୍ରକାଶପାଏ । ଚାରି ପ୍ରକାର ନୃତ୍ୟ, ଗୀତ, ଗୀତର ତୁରସ୍ମ ପ୍ରଭୃତି ରାଗ ରାଗିଣୀ ଭିତରେ ବସନ୍ତରାଗ, ସୋମରାଗ, କେଦାର ରାଗ ପ୍ରଭୃତି ତଥ୍ୟ ସେଥିରେ ପ୍ରକାଶ ପାଇଛି । ନର୍ତ୍ତକୀମାନଙ୍କ ନୃତ୍ୟ, ନୃତ୍ୟରେ ଅପୂର୍ବ ଶୈଳୀ, ରୀତିର ଚିତ୍ତାକର୍ଷକ ଚିତ୍ରଣ ପ୍ରଭୃତି କବି ଉପେନ୍ଦ୍ର ଭଞ୍ଜଙ୍କର ସଙ୍ଗୀତ ସାହିତ୍ୟ ଜ୍ଞାନର ସାର୍ଥକ ପରିଚୟ ପ୍ରଦାନ କରେ । ତାଙ୍କ ସମୟରେ ଓଡ଼ିଶାରେ ଅନେକ ବାଦ୍ୟ ଓ ବାଦ୍ୟ ଯନ୍ତ୍ରର ପ୍ରଚଳନ ଥିଲା । ନାଗରା, ଦୁନ୍ଦୁଭି, ପଟହ, ଟମକ, ଶଙ୍ଖ, ଘଣ୍ଟ, କାହାଳୀ, ତୂରୀ, ଭେରୀ, ମହୁରୀ, କଂସାଳ, ତାଳ, କର୍ଣ୍ଣାଳ, ଡ଼ମ୍ଫା, ସୁରଜ, ଡିଣ୍ଡିମ, ଅମୃତି, ବେଣୁ, ବୀଣା, ମୃଦଙ୍ଗ, ମର୍ଦ୍ଦଳ ଇତ୍ୟାଦିର ପ୍ରଚଳନ ଥିଲା । ସଙ୍ଗୀତଗାନ ସମୟରେ କଂସାଳ, ତାଳ, ମୃଦଙ୍ଗ, ମର୍ଦ୍ଦଳ, ବେଣୁ, ବୀଣାର ବହୁଳ ବ୍ୟବହାର ଥିଲା । ଦେବଯାତ୍ରା, ଶୋଭାଯାତ୍ରା, ପର୍ବପର୍ବାଣୀ, ବିବାହ ଇତ୍ୟାଦିରେ ଅନ୍ୟାନ୍ୟ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଉଥିଲା । ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ବିବାହରେ ଉପରୋକ୍ତ ବାଦ୍ୟଯନ୍ତ୍ରର ଚମତ୍କାର ବ୍ୟବହାର ସମ୍ପର୍କରେ ବିଶଦ ବର୍ଣ୍ଣନା କରାଯାଇଛି ।

ଗଡ଼ଜାତ ଓ ମୋଗଲବନ୍ଦିର ରାଜଦରବାରମାନଙ୍କରେ ରାଜା ଓ ରାଜନ୍ୟ ମଣ୍ଡଳୀର ମନୋରଞ୍ଜନ ନିମିତ୍ତ ଗଳ୍ପ ସାଗର, ବନ୍ଦି ଭାଟ, ଚାରଣ ପ୍ରଭୃତି ନିଯୁକ୍ତ ହେଉଥିଲେ । ବାଇନାଚ୍, ଗୋଟିପୁଅ ନାଚ୍, କେଳୁଣୀ ନାଚ୍ ମାଧ୍ୟମରେ ନୃତ୍ୟ ସଙ୍ଗୀତ ଆସର ସୃଷ୍ଟି ହେଉଥିଲା । ପୁରାଣ ପଣ୍ଡା ଓ ହରିକଥା କଳାକାର ପୌରାଣିକ ବିଷୟବସ୍ତୁକୁ ଅଭିନୟ ମାଧ୍ୟମରେ ଉପସ୍ଥାପନ କରୁଥିଲେ । ପରାଧୀନ ଉତ୍କଳର ଦୁଇଶତାବ୍ଦୀର ଘଟଣାବଳୀ, ମଣିଷମନରେ ଥିବା ସମାଜଚେତନା, ମନସ୍ତାତ୍ତ୍ୱିକ ବାତାବରଣ, ନୈତିକ ସ୍ଥିତି, ଅର୍ଥନୈତିକ ଅବସ୍ଥା, ରୋମାଣ୍ଟିକ୍ ବା ସ୍ୱୈରବାଦୀ ଭାବନା ଓ ଯୌନଚେତନା ଲକ୍ଷ୍ୟ ବିଚ୍ୟୁତ ହୋଇଗଲା । ଏହି ଯୁଗରେ ବାସ୍ତବବାଦୀ ନୈତିକ ଜୀବନଧାରାକୁ ହରାଇ ପ୍ରତ୍ୟେକ ଉତ୍କଳୀୟ ଏକ ନିଜସ୍ୱ ଅଭିଳାଷର ଅପୂର୍ଣ୍ଣତାଜନିତ କାରୁଣ୍ୟର ବିଜୟ ଗାନ କଲା । କବି ଉପେନ୍ଦ୍ରଙ୍କ ପାଇଁ ଏହା ଏକ ଧ୍ୟାନମଗ୍ନ ସମୟହୀନତାର ଅନୁଭୂତି । ସାହିତ୍ୟ, ସଙ୍ଗୀତ ଚର୍ଚ୍ଚା ତାଙ୍କ ପାଇଁ କେବଳ ଅବସର ବିନୋଦନ ନଥିଲା । ତାହା ଥିଲା ପାରମ୍ପରିକ ସାମାଜିକ ଧାରା, ଜୀବନ ସ୍ୱପ୍ନର ଏକମାତ୍ର ସମ୍ମୂଳଲକ୍ଷ୍ୟ ତଥା ଯୌବନର ପାଥେୟ । 'ଲାବଣ୍ୟବତୀ'ରେ ଲୋକନାଟକର ଚମତ୍କାର ସଂଯୋଜନା ହୋଇଛି । ରାଜାନୁଗ୍ରହ ଓ ରାଜବଂଶର ପୃଷ୍ଠପୋଷକତା ଦ୍ୱାରା ଓଡ଼ିଶାର ଲୋକନାଟକର କଳାକାରଗଣ ବଞ୍ଚୁଥିଲେ । ରାଜବଂଶୀର ପ୍ରଶସ୍ତି, ଯଶ ଓ ରାଜାଙ୍କର ରୂପ ବର୍ଣ୍ଣନା କରି ବନ୍ଦି ଓ ଭାଟମାନେ ଆର୍ଥିକ ପୁରସ୍କାର ଲାଭ କରୁଥିଲେ । ଏହି ବନ୍ଦି, ଭାଟ,

ଚାରଣମାନେ ଆଶୁକବି ଥିଲେ । ସେମାନଙ୍କର ଅଳଙ୍କାର ଶାସ୍ତ୍ରରେ ଯଥେଷ୍ଟ ପ୍ରବେଶ ଥିଲା । କର୍ଣ୍ଣାଟ ରାଜନନ୍ଦନ ଲାବଣ୍ୟତୀର ନାୟକ ଚନ୍ଦ୍ରଭାନୁଙ୍କ କୀର୍ତ୍ତି, ଶାରୀରିକ ସୌନ୍ଦର୍ଯ୍ୟ ଓ ଗୁଣ ବର୍ଣ୍ଣନା କରି ଭାଟ ଶ୍ଳେଷ ଅଳଙ୍କାରର ପ୍ରୟୋଗ କରି କହନ୍ତି ।[୩୬] ଆଲୋଚ୍ୟ କାବ୍ୟର ସପ୍ତମଛାନ୍ଦ ୫୪ ପଦ, ୨୩ ଛାନ୍ଦର ୩୫ ପଦ, ୨୪ ଛାନ୍ଦର ପ୍ରଥମ ପଦ ଓ ୨୬ ଛାନ୍ଦର ୪୭ ପଦରେ ବନ୍ଦି, ଭାଟମାନଙ୍କ ବିଷୟ ବର୍ଣ୍ଣନା କରାଯାଇଛି । ଏମାନେ ଥିଲେ ରାଜବଂଶମାନଙ୍କର ଚଳନ୍ତି ଜୀବନ୍ତ ଇତିହାସ । ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟକୁ ଏହି ଲୋକ କଳାକାରମାନଙ୍କ କଳାନୈପୁଣ୍ୟ ସାର୍ଥକ କରି ଗଢ଼ି ତୋଳିଛି ।

କର୍ଣ୍ଣାଟ ଦେଶର ନଟମାନେ ବିଭିନ୍ନ ପ୍ରକାର ହଟ କ୍ରୀଡ଼ା ପ୍ରଦର୍ଶନ କରିଥାନ୍ତି । ତଳେ କେଳା ଢୋଲ ବଜାଏ । ଗୋଟିଏ ବାଉଁଶ ପୋତା ଯାଇଥାଏ, ତା ଉପରକୁ ଚଢ଼ିଯାଇ କେଳୁଣୀ ବା ନଟ ବାଦ୍ୟର ତାଳେ ତାଳେ ଅଙ୍ଗଭଙ୍ଗୀ କରି ନାଚ ଦେଖାଏ । ନଚେତ୍ ଦୁଇଟି ବାଉଁଶ ଅଳ୍ପ ଦୂରତା ମଧ୍ୟରେ ପୋତା ଯାଇଥାଏ । ଏହି ବାଉଁଶ ଦୁଇଟିର ଅଗ୍ରଭାଗକୁ ଗୋଟିଏ ଦଉଡ଼ି ଦ୍ୱାରା ସଂଯୋଗ କରାଯାଇଥାଏ । ଏଇ ଦଉଡ଼ି ଉପରେ ପାଦରଖି ଗୀତ ଗାଇ କେଳୁଣୀ ଅଙ୍ଗପ୍ରତ୍ୟଙ୍ଗ ଚାଳନାର ନୈପୁଣ୍ୟ ଦେଖାଏ । କେତେକ ରାଜଦରବାର ମାନଙ୍କରେ ମଞ୍ଚ ବନ୍ଧାଯାଏ । ବାଦ୍ୟର ତାଳେ ତାଳେ ମଞ୍ଚାଉପରେ କେଳୁଣୀ ଗୀତ ଗାଇ ନାନା ବନ୍ଧ ଭାଙ୍ଗେ । ଏହା ବନ୍ଧ ନାଚ ଭାବରେ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ପରିଚିତ । ନାଟକାରମାନେ ନାନା ପ୍ରକାର ନାଟ ଦେଖାଇ ରାଜାଙ୍କର ଠାରୁ ଶାଢ଼ି ନେବା ବର୍ଣ୍ଣନା ଲାବଣ୍ୟବତୀର ୨୬ ଛାନ୍ଦରେ ବର୍ଣ୍ଣିତ ହୋଇଛି । ଶିଷ୍ୟ ଉପଶିଷ୍ୟଙ୍କ ସହିତ ଐନ୍ଦ୍ରଜାଲିକ ବିନୋଦ ସିଂହଳର ରାଜ ଦରବାରକୁ ଆସିଛି । ସେ ମଲ୍ଲ ବିଦ୍ୟାରେ ପଣ୍ଡିତ, ହାତରେ ତାର ସର୍ପପେଡି । ନିଜର ବିଦ୍ୟା ପରିଚୟ ଦେଇ ନଟ କହିଛି ଯେ କୁହୁକ ଗୁଟିକାଞ୍ଜନ, ସ୍ତମ୍ଭନ, ମୋହନ, ବଶ, ଉଚ୍ଚାଟନ, ସର୍ପାଦିର ବିଷ ଦୂର କରୁଥିବା ମନ୍ତ୍ର ସେ ଜାଣେ । ମାୟା ପ୍ରଦର୍ଶନ କରିବାରେ ସେ ମୟ ଦାନବ ତୁଲ୍ୟ ଖ୍ୟାତି ଅର୍ଜନ କରିଛି । ଏଠାରେ ଉଲ୍ଲେଖନୀୟ ଯେ କୌଟିଲ୍ୟଙ୍କ ଅର୍ଥ ଶାସ୍ତ୍ରରେ ରାଜାଙ୍କର ମନ୍ତ୍ରୀ ବା ବିଭିନ୍ନ ଗୁପ୍ତଚର ଓ ଦୂତମାନଙ୍କ ମଧ୍ୟରେ ନଟ, ନଟୀ, ଐନ୍ଦ୍ରଜାଲିକ ମହତ୍ତ୍ୱର ଆସନ ଲାଭ କରନ୍ତି । ଏଠାରେ ଚନ୍ଦ୍ରଭାନୁର ଦୂତ ଭାବରେ ବିନୋଦ କାର୍ଯ୍ୟ କରିଛି । ସେ 'ଲାବଣ୍ୟବତୀ' କାବ୍ୟର ୧୫ ଛାନ୍ଦରେ ସିଂହଳ ରାଜା ରତ୍ନେଶ୍ୱରଙ୍କ ନିର୍ଦ୍ଦେଶରେ ସନ୍ଧ୍ୟା ପରେ ମାୟା ସମାଜ ପ୍ରଦର୍ଶନ କରିଛି । ମାୟା ସମାଜର ବିଷୟବସ୍ତୁ ରାମାୟଣର ଆଦିକାଣ୍ଡଠାରୁ ଲଙ୍କାକାଣ୍ଡ ର ସମଗ୍ର ବିଷୟବସ୍ତୁ ଏଥିରେ ବର୍ଣ୍ଣିତ । ସାମାଜିକ ବର୍ଗ ଚକ୍ଷୁ ବନ୍ଦ କରି ମାୟା ସମାଜ ଦେଖିଛନ୍ତି । ସମସ୍ତେ ମାୟା ସମାଜ ଦେଖୁଥିଲାବେଳେ ଅଭିନୟର ଶେଷ ଭାଗରେ ଲାବଣ୍ୟବତୀ କୁମାର ଚନ୍ଦ୍ରଭାନୁଙ୍କୁ ଦର୍ଶନ କରିଛନ୍ତି । ପୂର୍ବେ ଭୋଜବାଦି ଓ ପଶୁ ନୃତ୍ୟ, ସର୍କସ୍‌କୁ ନାଟକ ଭାବରେ ଗ୍ରହଣ କରାଯାଉ ନଥିଲା ।

ଐନ୍ଦ୍ରଜାଲିକ ବିନୋଦ ସହିତ ନଟୀ ପ୍ରେମରୂପା ଯାଇଛି । ସେ ଅଭିନେତ୍ରୀ ଓ ନର୍ତ୍ତକୀ ।

ନର୍ତ୍ତକୀର ଶାରୀରିକ ଗଠନ ସମ୍ପର୍କରେ କୁହାଯାଇଛି ନଟୀ ତନ୍ୱୀ ହୋଇଥିବ । ତା'ର ବହଳ ହଳଦିମଖା ଦେହ ପକ୍ୱ ରସାଳର କାନ୍ତିକୁ ନିନ୍ଦା କରିଛି । ପୁଷ୍ପଗୁଚ୍ଛ ମଣ୍ଡିତ ଗଭା, ଅଳଙ୍କାର ଚୂର୍ଣ୍ଣ କୁନ୍ତଳ, କଜ୍ଜ୍ୱଳ ଲାଞ୍ଛି ଟଣା ଏଣୀନୟନ, ନାସିକାର ନାକଚଣା, ନାସା ଦଣ୍ଡିରେ ଗୁଣା, କର୍ଣ୍ଣରେ ସ୍ୱର୍ଣ୍ଣ ମଲ୍ଲିକଢ଼ି, ପାନ ବୋଳରେ ଅଧର ରକ୍ତିମ, ଚିବୁକରେ ମକ୍ଷିକାର ଚିତ୍ର ଯେ କୌଣସି ଦର୍ଶକଙ୍କୁ ଆକର୍ଷିତ କରେ । ଲାକ୍ଷାରସ ରଞ୍ଜିତ ଦନ୍ତର ସୌନ୍ଦର୍ଯ୍ୟ ଦାଳିମ ବୀଜକୁ ପରାଜିତ କରିଛି । ତାର କମ୍ବୁ କଣ୍ଠରେ କାଚ଼ମାଳି, ଶରୀରର ବିଭିନ୍ନ ଅଂଶରେ ଅଳଙ୍କାରର ସମାବେଶ, ନଖ ଓ ପାପୁଲିକୁ ସେ ଲାଲ ରଙ୍ଗରେ ରଞ୍ଜିତ କରିଛି । ସୁନ୍ଦରୀ ପ୍ରେମରୂପା ଷୋଡ଼ଶୀ ତା'ର ଅପୂର୍ବ ରୂପଗଠନ ଓ ସୌଷ୍ଠବ ସମସ୍ତଙ୍କୁ ମୁଗ୍ଧ କରିଛି । ନଟୀ ପ୍ରେମରୂପା ବିଭିନ୍ନ ଆଭରଣ ଦ୍ୱାରା ନିଜକୁ ସଜ୍ଜିତ କରି ନିଜର ଭୂଷଣ ସଂଯୋଜନା କଳାଜ୍ଞାନର ପରିଚୟ ଦେଇଛି । ସେହିପରି ଦନ୍ତ, ବସନ ଓ ଅଙ୍ଗରାଗ ସଜ୍ଜିକରଣ ଦ୍ୱାରା ଉପେନ୍ଦ୍ର ଭଞ୍ଜ ନଟୀ ପ୍ରେମରୂପାର ଅପୂର୍ବ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି । ଓଡ଼ିଶାର ମଧ୍ୟଯୁଗୀୟ ରାଜପରିବାରମାନଙ୍କ ମଧରେ ରାଣୀ, ଫୁଲଦେଇ ବ୍ୟତୀତ ରକ୍ଷିତା, ଦାସୀ ପ୍ରଭୃତି ନାରୀମାନେ ରାଜପରିବାରର ପରିଚ଼ର୍ଯ୍ୟା ସହିତ ଏକ ବଳିଷ୍ଠ ମାଧମ ଭାବରେ ବ୍ୟବହୃତ ହେଉଥିଲେ । ଆଳସ୍ୟପୂର୍ଣ୍ଣ ଜୀବନକୁ ବିଳାସ ବ୍ୟସନରେ ଆହୁରି ରୋମାଞ୍ଚକର କରାଇବା ପାଇଁ ବାଇ ନୃତ୍ୟର ଏକ ଖାସ୍ ବୈଶିଷ୍ଟ୍ୟ ରହିଥିଲା । ଅର୍ଥ ଉପାର୍ଜନ ପାଇଁ ଗଣିକାମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରୁଥିଲେ । ଶୃଙ୍ଗାର ରସ ଉଦ୍ଦୀପକ ଗୀତ ଗାଇ ଅଶ୍ଳୀଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରାଇ ଶ୍ରୋତା ଓ ଦର୍ଶକମାନଙ୍କ ଠାରୁ ଅର୍ଥ ଆଦାୟ କରିବା ଏକ ପ୍ରଧାନ ଉଦ୍ଦେଶ୍ୟ ଥିଲା । ସେହିପରି ସପ୍ତମ ଛାନ୍ଦର ୧୧ ପଦରେ ଉପେନ୍ଦ୍ର ଭଞ୍ଜ ଗଣିକାମାନଙ୍କର ନୃତ୍ୟର ସାର୍ଥକ ବର୍ଣ୍ଣନା କରିଛନ୍ତି । ରାମେଶ୍ୱର ଗମନ କାଳରେ ନାୟକ ଚନ୍ଦ୍ରଭାନୁ ଆଗରେ ବେଶ୍ୟାମାନେ ସୁମଙ୍ଗଳ ଗୀତ ଗାନ କରିଛନ୍ତି । ରାଜ ଅନ୍ତଃପୁରର ନାରୀମାନେ ତାଙ୍କ ସମ୍ମୁଖରେ ରାମାଭିଷେକର ପଟ୍ଟଚ଼ିତ୍ର ଦେଖାଇଛନ୍ତି । ଯାତ୍ରାକାଳରେ ବେଶ୍ୟା ମୁଖଦର୍ଶନ ଓ ରାମାଭିଷେକ ପଟ୍ଟଚ଼ିତ୍ର ଦର୍ଶନ କଲେ ଯାତ୍ରାର ଉଦ୍ଦେଶ୍ୟ ଚରିତାର୍ଥ ହୁଏ । ଓଡ଼ିଶା ପଟ୍ଟଚିତ୍ର କଳାରେ ଭାରତରେ ବିଖ୍ୟାତ ଥିଲା ବୋଲି ଜଣାଯାଏ । ଏବେ ବି ଓଡ଼ିଶାର ପାଲଲହଡ଼ା ଓ ପଣ୍ଟିମାଞ୍ଚଳରେ ରାମାୟଣ ପଟ୍ଟଚ଼ିତ୍ର ଅଙ୍କିତ ହେଉଛି । ଏହା 'ରାବଣଛାୟା' ନାମରେ ଓଡ଼ିଶାରେ ପରିଚ଼ିତ ।

ଚଉଷଠି କଳା ମଧରେ ଶୁକ ସାରିକା ପ୍ରଳାପନମ୍ ଅନ୍ୟତମ । ଶୁକସାରୀଙ୍କୁ କଥା କହିବାକୁ ଶିକ୍ଷା ଦେବା ଏକ ବିଶିଷ୍ଟ କଳାରୂପେ ଗୃହୀତ । ପକ୍ଷୀମାନଙ୍କୁ କଥା କହିବା ପାଇଁ ଶିକ୍ଷା ଦେବା ମଧ ନାଟ୍ୟକଳାର ଅନ୍ତର୍ଗତ ଥିଲା । ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟରେ ଲୋକନାଟକ ସହିତ ସଙ୍ଗୀତର ଅପୂର୍ବ ସମନ୍ୱୟ ଘଟିଛି । ମୂର୍ଚ୍ଛନା, ତାନ, ଧ୍ୱନି ଓ ଲହର ସହିତ କାନ୍ତକୋମଳ ପଦାବଳୀର ଚମତ୍କାରିତା ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟକୁ ଏକ ଅଭିନବ କଳ୍ପନା ଚାତୁର୍ଯ୍ୟ ପ୍ରଦାନ କରିଛି ।

## ଲାବଣ୍ୟବତୀ କାବ୍ୟରେ ଅଶ୍ଳୀଳତା :

ଲାବଣ୍ୟବତୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଏକଶ୍ରେଷ୍ଠ ଆଳଙ୍କାରିକ କାବ୍ୟ । ଏହା ଏକ କାଳ୍ପନିକ ବିଷୟବସ୍ତୁ କୁ ନେଇ ରଚିତ । ଚରିତ୍ରଗୁଡ଼ିକ ସାମନ୍ତବାଦୀ ସମାଜର ନାୟକ ନାୟିକାଙ୍କ ଜନ୍ମ, ଶୈଶବ, ଯୌବନ, ପ୍ରେମ, ବିରହ, ପୁନର୍ମିଳନରେ କାବ୍ୟଟି ପୂର୍ଣ୍ଣତା ଲାଭ କରିଛି । ଏଥିରେ ବ୍ୟବହୃତ ଭାଷା ତତ୍ସମବହୁଳ ଏବଂ ଅଶ୍ଳୀଳତା ଦୋଷଦୁଷ୍ଟ କାବ୍ୟ ବୋଲି କେତେକ ସମାଲୋଚକ ମତ ଦିଅନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ଭାବୋଚ୍ଛ୍ୱାସ ଛାନ୍ଦମାଧୁର୍ଯ୍ୟ, କଳ୍ପନାବିଳାସ ଧାବମାନ ହୋଇଛି ଓଡ଼ିଆର ନୀରସ ପ୍ରାଣକୁ ସରସ ସୁନ୍ଦର ଓ ମହନୀୟ କରିବା ଲକ୍ଷ୍ୟରେ । ଚରମ ଚାତୁର୍ଯ୍ୟପୂର୍ଣ୍ଣ, ସର୍ବଚିତ୍ତାକର୍ଷକ ଅନବଦ୍ୟ ରସାଳତା, ଅବିନଶ୍ୱର ଭାବାବେଗ, ସର୍ବ ମନୋରଞ୍ଜନକାରୀ ଶୈଳୀ, ସାବଲୀଳ ପ୍ରକାଶ କୌଶଳ, ଯଥାର୍ଥ ଶବ୍ଦାବଳୀର ସମୁଚିତ ପ୍ରୟୋଗ ପାରଗତା, ଧ୍ୱନିତତ୍ତ୍ୱର ଚରମଉତ୍କର୍ଷ, ସର୍ବୋପରି ମନୋଜ୍ଞ ଅଳଙ୍କାର ପ୍ରୟୋଗ ପଟୁତା ଇତ୍ୟାଦି ଭଞ୍ଜଙ୍କର ପୌରାଣିକ କାବ୍ୟ ସହିତ କାଳ୍ପନିକ କାବ୍ୟ ସମୂହର ଥିଲା ମୌଳିକ ବୈଶିଷ୍ଟ୍ୟ । ସଂସ୍କୃତ ସାହିତ୍ୟର ଆଦର୍ଶରେ ତଥା ପାଠକର ଚିତ୍ତବିନୋଦନ ନିମିତ୍ତ କାବ୍ୟ ସୃଷ୍ଟି କରୁଥିବାରୁ ତାଙ୍କ କାବ୍ୟରେ ରତିକ୍ରୀଡ଼ା ବର୍ଣ୍ଣନା ସାହିତ୍ୟର ନୈତିକ ଉଦ୍ଦେଶ୍ୟ ସାଧନ କରିବାରେ ବ୍ରତୀ ହୋଇଛି । ଯଦିଓ ଭଞ୍ଜ ଭୋଜଙ୍କର 'ଶୃଙ୍ଗାରୀ ଚେତ୍ କବିଃ କାବ୍ୟଂ'ର ଆଦର୍ଶରେ ଅନୁପ୍ରାଣିତ ତଥାପି ସେ ସ୍ୱକୃତ ଯେଉଁ କାବ୍ୟରେ ରତିକ୍ରୀଡ଼ାର ପ୍ରୟୋଗ ଘଟାଇଛନ୍ତି, ତାହା ମୁଖ୍ୟତଃ ଦାମ୍ପତ୍ୟ ମିଳନ ମାଧ୍ୟମରେ ପ୍ରମାଣିତ । ଭଞ୍ଜ ରତିର ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟାଖ୍ୟା ତାଙ୍କର ରସପଞ୍ଚକ, ପଞ୍ଚଶାୟକ, ପ୍ରଭୃତି ଗ୍ରନ୍ଥରେ ଦର୍ଶାଇ ସେଗୁଡ଼ିକର ଯଥାର୍ଥ ବିନିଯୋଗ ବୈଦେହୀଶ ବିଳାସ କାବ୍ୟରେ ରାମସୀତାଙ୍କ ମିଳନ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ଓ 'ପୁଷ୍ପକେତୁ' ରାଜାଙ୍କ ମିଳନ ଓ 'ଲାବଣ୍ୟବତୀ'ର ଲାବଣ୍ୟବତୀ ତଥା ଚନ୍ଦ୍ରଭାନୁର ଦାମ୍ପତ୍ୟ ମିଳନ ସମୟରେ ସ୍ପଷ୍ଟ କରିଛନ୍ତି । ଲାବଣ୍ୟବତୀ କାବ୍ୟର ତ୍ରୟୋତ୍ରିଂଶ ଛାନ୍ଦରେ ଭଞ୍ଜ ଏହି ରତିକ୍ରୀଡ଼ା ବର୍ଣ୍ଣନା କରିବାରେ ନିଜର କୁଶଳତା ପ୍ରଦର୍ଶନ କରିଛନ୍ତି । କିନ୍ତୁ ଦୈହିକ ମିଳନର ଯେଉଁ ସୂକ୍ଷ୍ମ ବର୍ଣ୍ଣନା ସେ ଦେଇଛନ୍ତି ତାହା ଅତ୍ୟଧିକ ଅଶ୍ଳୀଳ କୁରୁଚିର ପରିଚାୟକ ବୋଲି କେତେକ ଭଞ୍ଜ ନିନ୍ଦୁକଙ୍କ ଦ୍ୱାରା ପରିଗଣିତ ହେଉଥିଲେ ହେଁ ଏ ବର୍ଣ୍ଣନା ପାଇଁ ଭଞ୍ଜ କେତେକ ସଂସ୍କୃତ କବିଙ୍କୁ ଆଦର୍ଶ ରୂପେ ମାନି ନେଇଥିବା ସ୍ପଷ୍ଟ ମନେହୁଏ ।

'ଲାବଣ୍ୟବତୀ' କାବ୍ୟଟି ଏକପତ୍ନୀବ୍ରତ ଓ ଅକାଟ୍ୟ ପତିପ୍ରାଣତାର ଆଦର୍ଶ । ସୁତରାଂ ଏହି କ୍ରମରେ ନାୟକ ନାୟିକାଙ୍କ ମିଳନ ସ୍ୱାଭାବିକ ଭାବରେ ଗ୍ରହଣଯୋଗ୍ୟ; କିନ୍ତୁ ଭଞ୍ଜଙ୍କର ବର୍ଣ୍ଣନାର ମୋହିନୀ ଆକର୍ଷଣ ଶକ୍ତି କାଳିଦାସଙ୍କ 'କୁମାର ସମ୍ଭବମ୍'ରେ ଶିବ ପାର୍ବତୀଙ୍କ ରତି ବର୍ଣ୍ଣନା, ନୈଷଧରେ ଶ୍ରୀହର୍ଷଙ୍କର ସ୍ତ୍ରୀ ଯୋନି ଓ ଭଗାଙ୍କୁରର ବର୍ଣ୍ଣନା ଏବଂ ଲୋକସମାଜରେ ଅତ୍ୟଧିକ ଆଦୃତ ହୋଇଥିବା 'ଗୀତ ଗୋବିନ୍ଦ'ରେ ରାଧାକୃଷ୍ଣଙ୍କର କେଳି ପ୍ରସଙ୍ଗରେ ନିର୍ଦ୍ଦୟ ଦନ୍ତ ଦଂଶନ ଓ ସ୍ତନପୀଡ଼ାର ବର୍ଣ୍ଣନା ଠାରୁ କୌଣସି ଗୁଣରେ କମ୍ ନୁହେଁ ।

ଅନ୍ୟପକ୍ଷରେ କୁହାଯାଇପାରେ, ଏସବୁ ଉଚ୍ଚକୋଟୀର କବିମାନଙ୍କ କଳାକୃତିର ଏକ ଏକ ଉତ୍କୃଷ୍ଟ ଆଧାର ତଥା ସାହିତ୍ୟ ରସିକ ରସିକାଙ୍କ ନିମିତ୍ତ ମଧୁମୟ କୁମ୍ଭ ସଦୃଶ । ଭୋଜଙ୍କ ମତରେ ଯେଉଁ ଅଶ୍ଳୀଳତା ମହାକବିମାନେ ପ୍ରୟୋଗ କରିଛନ୍ତି, ତାହା ଦୋଷ ନହୋଇ ଗୁଣ ରୂପରେ ଗ୍ରହଣୀୟ । ଉପେନ୍ଦ୍ରଙ୍କ 'ଲାବଣ୍ୟବତୀ'ର ତେତିଶ ଛାନ୍ଦରେ ବାତ୍ସାୟନଙ୍କ କାମସୂତ୍ର ସହିତ ସ୍ମରଦୀପିକା, ରତି ମଞ୍ଜରୀ, କୋକ ଶାସ୍ତ୍ର, ଉଡ୍‌ଡୀଶ ତନ୍ତ୍ର ଶାସ୍ତ୍ରର ରତିକ୍ରୀଡ଼ା ନିୟମକୁ ରକ୍ଷାକରି ସଂସ୍କୃତ ପଣ୍ଡିତମାନଙ୍କର କାବ୍ୟାଦର୍ଶର ଏକ ସୁପ୍ରଚାରକ ଭାବରେ ଏହି ଛାନ୍ଦରେ ନିଜର ପାରଦର୍ଶିତାକୁ ପ୍ରକଟନ କରିଛନ୍ତି । ଏଥିସହିତ ନିଜ ରଚିତ 'ପଞ୍ଚଶାୟକ'ର କେତେକ ଲକ୍ଷଣ ମଧ୍ୟ ଏହି ଛାନ୍ଦର ମହିମା ଗାନ କରେ । ଏହି ବର୍ଣ୍ଣନାର ଚମତ୍କାରିତା ଦୃଷ୍ଟିରୁ ଭଞ୍ଜଙ୍କୁ ଜଣେ ରତିବିଦ୍ ଭାବରେ ଗ୍ରହଣ କରାଯାଇପାରେ । 'ରମ୍' ଧାତୁର କ୍ତିନ୍ ପ୍ରତ୍ୟୟରେ ରତିର ସୃଷ୍ଟି । ଏହା ମଧ୍ୟ ଆସକ୍ତି, ଅନୁରାଗ, ପ୍ରୀତି, ପ୍ରଣୟ, ପ୍ରେମ ଅର୍ଥକୁ ବୁଝାଏ । ସାଧାରଣତଃ ଏସବୁ ଶୃଙ୍ଗାର (ଯୌନରସ-ନଟବର ସାମନ୍ତରାୟ) ରସର ସ୍ଥାୟୀ ଭାବ । ରତିର ବର୍ଦ୍ଧିତ ରୂପକୁ ରମଣ, ସମ୍ଭୋଗ, ମୈଥୁନ କୁହାଯାଏ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ 'ରତି' ଦକ୍ଷ ପ୍ରଜାପତିଙ୍କ ସ୍ୱ ଶରୀର ରୁ ନିର୍ଗତ ସ୍ୱେଦଜାତ କନ୍ୟା । ଏହାଙ୍କ ସ୍ୱାମୀ ହର କୋପାନଳରେ ଭସ୍ମୀଭୂତ ହେବାରୁ ଦେବାଦେଶରେ ଶମ୍ବର ଦୈତ୍ୟର ଘରେ ମାୟାବତୀ ନାମ ଧାରଣ କରି ଅବସ୍ଥାନ କରୁଥିଲେ ଏବଂ ପରେ ସ୍ୱାମୀ ପ୍ରଦ୍ୟୁମ୍ନ ରୂପରେ ଜନ୍ମ ନେବାରୁ ତାଙ୍କ ସହିତ ମିଳିତ ହେଲେ । ଫଳରେ କାମଦେବ ରତିଙ୍କୁ ଭୋଗ କରି 'ଇନ୍ଦ୍ରିୟ ସୁଖ' ବା 'ରତିସୁଖ' ପ୍ରାପ୍ତି ହେଲେ । ଏହି ରତିଙ୍କର ରୂପ ସଂସାରର ସବୁ ସ୍ତ୍ରୀଙ୍କ ମଧ୍ୟରେ ସୁନ୍ଦରତମ ବୋଲି ଶାସ୍ତ୍ରରେ ବର୍ଣ୍ଣିତ। ରତିଙ୍କ ସହିତ ରମଣ (କ୍ରୀଡ଼ା) କରିବା ସମୟରେ କାମଦେବ ବ୍ୟବହାର କରିଥିବା 'ବଂଧ' (Posture) ସବୁକୁ କାମ ଶାସ୍ତ୍ରରେ ଷୋଡ଼ଶ ପ୍ରକାରର ବୋଲି ଗ୍ରହଣ କରାଯାଇଛି । ନିଜେ ଭଞ୍ଜ ତାଙ୍କ ରଚିତ 'ପଞ୍ଚଶାୟକ'ରେ ଏହାକୁ ଚଉଷଠି ପ୍ରକାରର ବୋଲି ମାନିନେଇଛନ୍ତି । ଏସବୁକୁ 'ରତିବନ୍ଧ' କୁହାଯାଏ । 'ସ୍ମରଦୀପିକା' ଓ 'ରତିମଞ୍ଜରୀ'ରେ ଷୋହଳଟି ରତିବନ୍ଧର ନାମ ଉଲ୍ଲେଖଯୋଗ୍ୟ । ଏହି ବନ୍ଧ ସବୁର ଆନୁସଙ୍ଗିକ କର୍ମ ହେଲା ଗାଢ଼ ଆଲିଙ୍ଗନ, ରସନାଚାଳନା, କର୍ମଫୁଙ୍କା ଇତ୍ୟାଦି । ଏହି ସମୟରେ ନାୟିକାଠାରେ ସିତ୍କାର, ଅଜ୍ଞାନ ପ୍ରଭୃତି ଲକ୍ଷଣରାଜି ଦେଖିବାକୁ ମିଳିଥାଏ । ସାଧାରଣତଃ ରମଣ ସମ୍ବନ୍ଧୀୟ ବିବିଧ ଆନୁସଙ୍ଗିକ ଓ ଆନୁପୂର୍ବିକ କର୍ମ ସବୁକୁ 'ରତିଚେଷ୍ଟା' ବା 'କାମଚେଷ୍ଟା' କୁହାଯାଏ । ଏଗୁଡ଼ିକ ଯଥାକ୍ରମେ ଚାଟୁବଚନ, ଆଲିଙ୍ଗନ, ଚୁମ୍ବନ,କୁଚମର୍ଦ୍ଦନ, ନଖଦନ୍ତ କ୍ଷତ ଇତ୍ୟାଦି । ଏସବୁ ଆନୁପୂର୍ବିକ କାର୍ଯ୍ୟ ସମାପନ ପରେ 'ରତିଲକ୍ଷ' ସଙ୍ଗମ ବା ମୈଥୁନ ହୋଇଥାଏ । ଏହି ମୈଥୁନ ସମୟରେ ବନ୍ଧଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । 'ରତାନ୍ତେ' ବା 'ରତି' ଶେଷରେ ଯେଉଁ ଲକ୍ଷଣଗୁଡ଼ିକ ସ୍ୱାଭାବିକ ଯଥା ଅବଶ, ବସନପିନ୍ଧା, ନଖକ୍ଷତ ଜ୍ୱାଳା, ଅନିଦ୍ରା, ବ୍ୟଜନ ଚାଳନ, ଅଙ୍ଗମୋଡ଼ି ଇତ୍ୟାଦି ଦେଖାଦେଇଥାଏ । 'ଲାବଣ୍ୟବତୀ'ର ତେତିଶ ଛାନ୍ଦଟି ବୟାଳିଶ ପଦରେ ରଚିତ । ମାତ୍ର ସମଗ୍ର ଛାନ୍ଦଟିକୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ଭାଗ

କରାଯାଇପାରେ । ସେଗୁଡ଼ିକ ରତିରାଗ, ରତିକଳା (ବନ୍ଧ, କ୍ରୀଡ଼ା) ଏବଂ ରତାନ୍ତେ । ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ କୁମାର ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିବାରୁ ମଧୁଶଯ୍ୟା ରାତି ପାଇଁ ସେମାନଙ୍କ ମନରେ ରତିଚ୍ଛା ସୃଷ୍ଟିହେବା ସ୍ୱାଭାବିକ । ଏଥି ନିମିତ୍ତ ପୂର୍ବରୁ ସେମାନେ ରତିପ୍ରିୟ ଜୀବନ ଯାପନ କରୁଥିଲେ ବୋଲି କାବ୍ୟର ମର୍ମ ବାଣୀରୁ ସ୍ପଷ୍ଟ ହୋଇଛି । ପ୍ରଥମ ଦୈହିକ ମିଳନର ଭାବନା କେବଳ କାମ ଜନକ । କେଳି ଗୃହକୁ ପ୍ରବେଶ କରିବା ପୂର୍ବରୁ ଲଜ୍ଜା, ଉଭୟ ନାୟକ ନାୟିକାଙ୍କୁ କେତେକାଂଶରେ ଆକ୍ରାନ୍ତ କରିଥାଏ; କିନ୍ତୁ ସେହିସମୟ ପାଇଁ ଉଭୟଙ୍କ ପାଇଁ ଦୈହିକ ମୈଥୁନ ଅନିବାର୍ଯ୍ୟ ହୋଇପଡ଼ିଥିବାରୁ ଲଜ୍ଜା କ୍ରମେ କ୍ରମେ ଅପସରିଯାଏ । ଏଠାରେ ରତି ମୁଖ୍ୟସ୍ଥାନ ଗ୍ରହଣକରେ । କବିଙ୍କ ଭାଷାରେ ଯେପରି ନାୟକ କହେ, ''ପରମ ଦ୍ରବ୍ୟ ପୀରତି/ ପରମ ସୁଖରତି/ ରତିରୁ ଜାତ ପ୍ରୀତି/ ପ୍ରୀତିରୁ ରତି'' କାରଣ ଶାରୀରିକ ସମ୍ଭୋଗ ଅନ୍ତରାତ୍ମା ମିଳନର ଅବଲମ୍ବନ ।

ପୂର୍ବ ନିର୍ଦ୍ଧାରିତ ନିୟମ ଅନୁସାରେ ସୁସଜ୍ଜିତ ରତି ମନ୍ଦିରରେ ଉପସ୍ଥିତ ହେବା ପାଇଁ ଲାବଣ୍ୟବତୀ ସଙ୍କୁଚିତା । କିନ୍ତୁ ସେ ଗୃହଠାରୁ ସମ୍ପୂର୍ଣ୍ଣ ଦୂରେଇଯିବ ଏ ପ୍ରକାର ଚିନ୍ତା ମଧ୍ୟ କରିପାରୁନି । ସଖୀମାନେ ଭିନ୍ନ ଭିନ୍ନ ଉପମା ମାଧ୍ୟମରେ ଛଳୋକ୍ତି କରିବାପରେ ଲାବଣ୍ୟବତୀ ହୁଏତ ଯିବା ପାଇଁ ଇଚ୍ଛା କରିଛି ପୁଣି ସହଚରୀମାନଙ୍କର ଟଣା ଓଟରା ଭିତରେ ସେ କେଳିଗୃହକୁ ପ୍ରବେଶ କରିଛି । ଏହା କେବଳ ଲାବଣ୍ୟବତୀ ନିକଟରେ କାହିଁକି ଯେ କୌଣସି ନବବିବାହିତା ଯୁବତୀର କେଳିଗୃହ ପ୍ରବେଶର ଦୃଶ୍ୟ ସହିତ ସମାନ । ଲାବଣ୍ୟବତୀ ରତିଗୃହରେ ଉପସ୍ଥିତା । ସମ୍ମୁଖରେ ସ୍ୱାମୀ ଚନ୍ଦ୍ରଭାନୁ । ବର୍ତ୍ତମାନ ନାୟକ ନାୟିକାଙ୍କ ଅନ୍ତର୍ନିହିତ ଭାବଭଙ୍ଗୀ ପ୍ରକାଶରେ କବିଙ୍କର ଯଥାର୍ଥତା ପରିଲକ୍ଷିତ । ପୂର୍ବରୁ ସୂଚାଇ ଦିଆଯାଇଛି ଯେ, ସମଗ୍ର ଛାନ୍ଦଟିକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇପାରେ । ଏଣୁ ଏହି ନିୟମରେ ପ୍ରଥମ ପର୍ଯ୍ୟାୟ ରତିରାଗକୁ ଆଲୋଚନା କରାଯାଉ । ମୁଖ୍ୟତଃ ଚାଟୁବଚନ, ଆଲିଙ୍ଗନ, ଚୁମ୍ବନ, କୁଚମର୍ଦ୍ଦନ, ନଖଦନ୍ତ କ୍ଷତ ଇତ୍ୟାଦି ରତିରାଗ ବା ରତି ଚେଷ୍ଟାର ଅନ୍ତର୍ଗତ । ତେତିଶ ଛାନ୍ଦର ୧ ଠାରୁ ୧୬ ପଦ ଏହି ରତିରାଗ ଶ୍ରେଣୀୟ । ଏହାର ୧ ରୁ ୫ ପର୍ଯ୍ୟନ୍ତ ପଦ ଲାବଣ୍ୟବତୀର ସଖୀମାନଙ୍କର ଛଳୋକ୍ତି ସହିତ ରତିଗୃହ ପ୍ରବେଶ । ୫ ରୁ ୯ ପର୍ଯ୍ୟନ୍ତ ପଦ ଚନ୍ଦ୍ରଭାନୁର ଲାବଣ୍ୟବତୀ ପ୍ରତି ଚାଟୁବଚନ ପ୍ରୟୋଗ ଏବଂ ୯ ରୁ ୧୬ ପର୍ଯ୍ୟନ୍ତ ପଦରେ ଆଲିଙ୍ଗନ, ଚୁମ୍ବନ, କୁଚମର୍ଦ୍ଦନ, ନଖକ୍ଷତ ଇତ୍ୟାଦି ବର୍ଣ୍ଣନୀୟ ।

## କାମ ଶାସ୍ତ୍ରାନୁସାରେ ରତିରାଗର ଆଲୋଚନା :

ଏହି ଛାନ୍ଦର ପ୍ରଥମ ପଦରୁ ପଞ୍ଚମ ପଦ ପର୍ଯ୍ୟନ୍ତ ସଖୀମାନଙ୍କର ଛଳୋକ୍ତି ସହିତ ଲାବଣ୍ୟବତୀର କେଳିଗୃହ ପ୍ରବେଶ ଦୃଶ୍ୟ ବର୍ଣ୍ଣନାରେ ଭଞ୍ଜଙ୍କର ଅପୂର୍ବ ମୌଳିକତା ପରିଲକ୍ଷିତ । ଲଜ୍ଜାଶୀଳା ଲାବଣ୍ୟବତୀ ରତିଗୃହକୁ ଯାଇପାରୁ ନଥିବା ଅବସ୍ଥାକୁ ପ୍ରଖ୍ୟାପନ କରିବା ପାଇଁ କବି ଲେଖିଛନ୍ତି ।[୩୬] ପୁନରାୟ ଉନ୍ନତସ୍ତନା ଲାବଣ୍ୟବତୀ କେଳିଗୃହରେ

ପ୍ରବେଶ କରିସାରିବା ପରର ଦୃଶ୍ୟରେ ଭଞ୍ଜଙ୍କ ଉପମା ଶୀର୍ଷ ସ୍ଥାନୀୟ ବୋଲି ମନେହୁଏ । ଲାଜବଶତଃ ସ୍ୱାମୀ ସମ୍ମୁଖରେ ଦଣ୍ଡାୟମାନ ହେବା ଦୃଶ୍ୟ ଶୋଭାକୁ କବି କଳ୍ପନା କରି କହିଛନ୍ତି । ନାୟକ ଚନ୍ଦ୍ରଭାନୁ ତେତିଶଛାନ୍ଦର ନବମ ପଦରେ ନାୟିକାକୁ ବିନୟ ବଚନ କହି ନିଜ ଆଡ଼କୁ ଆକର୍ଷିତ କରିବାର ପୂର୍ଣ୍ଣ ପ୍ରୟାସ କରିଛି । ଏହା ଭଞ୍ଜଙ୍କର ଯଥାର୍ଥ ଲୌକିକ ପ୍ରତିଭାର ନିଦର୍ଶନ ବୋଲି ମନେ ହୁଏ । ପ୍ରତ୍ୟେକ ବିବାହିତ ଯୁବକର ମଧୁଶଯ୍ୟା ରାତିରେ ପ୍ରାୟ ଏହିପ୍ରକାର ଉକ୍ତି ନାୟିକାକୁ ସ୍ୱାଭାବିକ ଭାବରେ ଆକୃଷ୍ଟ କରିବାରେ ସାହାଯ୍ୟ କରେ । ଭଞ୍ଜଙ୍କ ଭାଷାରେ ଆଲିଙ୍ଗନକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରେମାଲିଙ୍ଗନ ଓ ଗାଢ଼ାଲିଙ୍ଗନ । ପ୍ରଥମ ସାକ୍ଷାତ ସମୟରେ ନାୟକ ନାୟିକାର ହାତଧରି କୋଳ କରିବାକୁ ପ୍ରେମାଲିଙ୍ଗନ ଏବଂ ସମ୍ଭୋଗ ସମୟରେ ଚୁମ୍ବନ ମାଧମରେ ଆଲିଙ୍ଗନକୁ ଗାଢ଼ାଲିଙ୍ଗନ କୁହାଯାଏ । ଏହି କ୍ରମରେ ନାୟକ ଚନ୍ଦ୍ରଭାନୁ ପ୍ରଥମେ ଲାବଣ୍ୟବତୀର ହାତକୁ ଧରି ବସାଇ ତା'ଠାରୁ ଲଜ୍ଜା ଦୂର କରିବା ପାଇଁ ଚେଷ୍ଟିତ । ଏହା ପ୍ରେମାଲିଙ୍ଗନ । ସାଧାରଣତଃ ଆଲିଙ୍ଗନ ଚାରି ପ୍ରକାରର ବୋଲି କାମସୂତ୍ରରେ ଉଲ୍ଲେଖ ଅଛି । ସେଗୁଡ଼ିକ ହେଲା ସୃଷ୍ଟକ, ବିଦ୍ଧକ, ଉଦ୍‌ଘୃଷ୍ଟକ ଏବଂ ପୀଡ଼ିତକ । ଏ ସମସ୍ତ ଆଲିଙ୍ଗନ ମଧ୍ୟରେ ସୃଷ୍ଟକ ପ୍ରଥମ ବୋଲି ବର୍ଣ୍ଣିତ । ଆଲିଙ୍ଗନ ଅନୁରାଗର ସନ୍ତକ । ଅର୍ଥାତ୍ ପୂର୍ବରୁ ମିଳନ ହୋଇନଥିବା ନାୟକ ନାୟିକାଙ୍କର ଅନୁରାଗ ସୃଷ୍ଟିରେ ଏହା ସହାୟତା କରେ । ଏହି ନିୟମ ରକ୍ଷା କରି ଭଞ୍ଜ ନାୟିକା ଲାବଣ୍ୟବତୀ ଯେତେବେଳେ ମଧୁଶଯ୍ୟା ମନ୍ଦିରରେ ପ୍ରବେଶ କରେ ସେତେବେଳେ ନାୟକ ଚନ୍ଦ୍ରଭାନୁର ପ୍ରେମାଲିଙ୍ଗନ ଦ୍ୱାରା ସୁରତ ବର୍ଣ୍ଣନାର ସୂତ୍ରପାତ କରି କହିଛନ୍ତି ।[୩୮] ଏହି ଆଲିଙ୍ଗନ ସୃଷ୍ଟକ । ଏହାର ଲକ୍ଷଣ ହେଲା ଅଭିଳଷିତ ନାୟିକା ସମ୍ମୁଖକୁ ଆସୁଥିଲା ବେଳେ ନାୟକ ଆପଣା ଅଙ୍ଗ ସାହାଯ୍ୟରେ ତା ଅଙ୍ଗକୁ ସ୍ପର୍ଶ କରିବ । ଏ ପ୍ରକାର ଆଲିଙ୍ଗନ ସାଧାଣତଃ ସମ୍ମତି ପ୍ରଦାନ ନିମିତ୍ତ ଦରକାର ହୋଇଥାଏ । 'ଲାବଣ୍ୟବତୀ'ରେ ଏହା ଯଥାର୍ଥ ଭାବରେ ରକ୍ଷିତ ହୋଇ ପାରିଛି । ଏହି ପ୍ରେମାଲିଙ୍ଗନ ପରେ ଚୁମ୍ବନର ବିଧି । ତେଣୁ 'ପଞ୍ଚଶାୟକ'ରେ କବି ଲେଖିଛନ୍ତି ।[୩୯] ସୁତରାଂ ନାୟକ ଚନ୍ଦ୍ରଭାନୁ ରତିପ୍ରିୟ ହୋଇଥିବାରୁ ରତିଶାସ୍ତ୍ର ଅନୁଯାୟୀ ଚୁମ୍ବନ ଦାନରେ ସକ୍ଷମ ହୋଇପାରିଛି । କବିଙ୍କ ଭାଷାରେ ଚୁମ୍ବନ ଫଳରେ ଓଷ୍ଠରୁ ସୁଖସେବ୍ୟ ସ୍ୱାଦୁ ଚାଖି ନାୟକ ଅମୃତ ଠାରୁ ମୂଲ୍ୟବାନ ପଦାର୍ଥ ପାନ କରିପାରୁଛି ଭାବି ଦେବତା ଓ ମୂର୍ଖ ଦୈତ୍ୟମାନେ କାହିଁକି ମଦ ପାଇଁ ପାଗଳ ହୁଅନ୍ତି ବୋଲି ଚିନ୍ତା କରୁଛି । ଏପ୍ରକାର ଚିନ୍ତା ନାୟକ ପକ୍ଷେ ସମୟୋପଯୋଗୀ ବୋଲି ଗ୍ରହଣୀୟ । କାମଶାସ୍ତ୍ର ଅନୁଯାୟୀ ଭଞ୍ଜ ପର୍ଯ୍ୟାୟକ୍ରମେ ରତିରାଗକୁ ବର୍ଣ୍ଣନା କରୁଥିବାରୁ ଚୁମ୍ବନ ପରେ କୁଚ ମର୍ଦ୍ଦନ ଓ ନଖ କ୍ଷତ ଦେବା ପାଇଁ ସ୍ୱତଃ ନାୟକର ହସ୍ତକୁ ନେଇ ନାୟିକାର ଉନ୍ନତ ବକ୍ଷୋଜର ସାନ୍ନିଧ୍ୟ କରାନ୍ତି । ନାୟକ ଚନ୍ଦ୍ରଭାନୁ ବକ୍ଷୋଜ ଧାରଣ ପୂର୍ବକ ଏ ସମୟରେ ନିଜର ସୁଖକୁ ସ୍ୱର୍ଗାଧିକାରୀର ସୁଖଠାରୁ ଅଧିକତର ବୋଲି ଭାବିଛି । କବିଙ୍କ ଭାଷାରେ,[୪୦] କୁଚ ମର୍ଦ୍ଦନ ପରେ ନାୟିକାକୁ ନଖକ୍ଷତ କରାଇ ନାୟକ ତା'ର କଦମ୍ବ ଫୁଲ ଶୋଭାକୁ ଆହରଣ କରେ । କାରଣ ଏହି ସମୟରେ

ସାଧାରଣତଃ ଅନୁରାଗୀ ନାୟିକା ବକ୍ଷରେ ନଖକ୍ଷତ ହେବାବେଳେ ତା'ର ଲୋମ ସବୁ ଟାଙ୍କୁରି ଉଠିଥାଏ । ଏମିତିକି 'କାମସୂତ୍ର'ରେ ଯେଉଁ ଯେଉଁ ସ୍ଥାନରେ ନଖକ୍ଷତର ବିଧାନମାନ ରହିଛି, ସେହି ସେହି ସ୍ଥାନମାନଙ୍କରେ ଭଞ୍ଜ ନଖକ୍ଷତ ବର୍ଣ୍ଣନା କରିଛନ୍ତି । କାମସୂତ୍ରରେ ଅଛି, ''ବକ୍ଷୌ ସ୍ତନୌ ଗଳଃ ପୃଷ୍ଠଃ ଜଘନ ସ୍ୱରତ ସ୍ଥାନାନି ।'' କାଖ, ସ୍ତନ, ଗଳା, ପିଠି, ଜଘନ ଓ ଉରୁ ପ୍ରଦେଶ ନଖ କ୍ଷତର ସ୍ଥାନ । ଠିକ୍ ସେହି ସ୍ଥାନରେ ଭଞ୍ଜ ମଧ ଲେଖିଛନ୍ତି ।[୪୧] ଚାଟୁବଚନ, ଆଲିଙ୍ଗନ, ଚୁମ୍ବନ, କୁଚମର୍ଦ୍ଦନ, ନଖକ୍ଷତ ପରେ ନାୟକ ବେଳୁ ବେଳ ମଦନ କମ୍ପନରେ ଆତୁର ହୁଏ । ନାୟିକା ମଧ୍ୟ ବିଦ୍ୟୁତ୍ ପରି ଚଳଚଞ୍ଚଳ ହୁଏ । ଏ ସମୟ ସମ୍ଭୋଗର ପୂର୍ବାବସ୍ଥା ହୋଇଥିବାରୁ ନାୟକ ନାୟିକାକୁ ସମ୍ପୂର୍ଣ୍ଣ ବିବସନା କରାଇବାକୁ ଇଚ୍ଛାକରେ । ମାତ୍ର ସାମାନ୍ୟ ଲଜ୍ଜାବଶତଃ ନାୟିକା ନାୟକକୁ ଏକାର୍ଯ୍ୟରୁ ନିବୃତ୍ତ କରାଇବା ପାଇଁ ଚେଷ୍ଟାକରେ । କିନ୍ତୁ ପୁନରାୟ ନାୟକକୁ ନିଜ କୁଚାଗ୍ରରେ ରସଚାଳନା କରିବା, ନଖକ୍ଷତ ଦେବା ଆଦିରୁ ବାରଣ କରି ପାରେନି । 'ଲାବଣ୍ୟବତୀ'ରେ ରତିକ୍ରୀଡ଼ାର ଦ୍ୱିତୀୟ ପର୍ଯ୍ୟାୟରେ ଉପେନ୍ଦ୍ର ଭଞ୍ଜ କାମଶାସ୍ତ୍ରର ଉତ୍କୃଷ୍ଟ ବନ୍ଧ ସବୁକୁ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଠାରେ ପରୀକ୍ଷା କରାଇଛନ୍ତି । ସେଥିପାଇଁ 'ଲାବଣ୍ୟବତୀ' କାବ୍ୟର ୩୪ ଛାନ୍ଦର ୧୬ ପଦଠାରୁ ୩୦ ପଦ ପର୍ଯ୍ୟନ୍ତ ମୁଖ୍ୟତଃ ରମଣକାଳର ମନୋଜ୍ଞ ବର୍ଣ୍ଣନା କରାଯାଇଛି । ରତିରାଗ ସମୟରେ ଶେଷ ହୋଇଥିବା ଆନୁସଙ୍ଗିକ କାର୍ଯ୍ୟ ଗୁଡ଼ିକ ପୁନଃ ରମଣକାଳରେ ଦେଖା ଦେଇଥାଏ ବୋଲି ଭଞ୍ଜ ଦୃଢ଼ ମତ ଦେଇ ବ୍ୟାଖ୍ୟା କରିଛନ୍ତି ।

ରମଣ ସମୟରେ ପ୍ରଥମ ଦନ୍ତକ୍ଷତ ଦେଖାଦିଏ । ସାଧାରଣତଃ ଦୈହିକ ମିଳନର ପ୍ରଥମ ରାତ୍ରି ହୋଇଥିବାରୁ ଲାବଣ୍ୟବତୀ ଶାରୀରିକ ଯନ୍ତ୍ରଣା ଅନୁଭବ କରିଛି । କାରଣ ତାଙ୍କ ନାୟିକା ସତୀ, ସ୍ୱାଧୀ ତଥା ଅକ୍ଷତଯୋନି ଥିଲା । ତେଣୁ କବି କହନ୍ତି ।[୪୨] ପୂର୍ବରୁ ନାୟକ ନାୟିକାକୁ ବିବସନା କରିବା ପାଇଁ ଇଚ୍ଛା କରିଥିବା ସମୟରେ ନିରାଶ ହୋଇଥିବା ସ୍ପଷ୍ଟ । ମାତ୍ର ସମ୍ଭୋଗ ସମୟରେ ରମଣୀର ଅଜ୍ଞାନ ଅବସ୍ଥାରେ ଏହା ସହଜରେ ହୋଇଥାଏ ବୋଲି କବି ସ୍ୱୀକାର କରିଛନ୍ତି । ନାଗରବନ୍ଧରେ ନାୟକ ନାୟିକାର ଛାତି ସହିତ ନିଜ ଛାତିକୁ ମିଶାଇ ସାମିଲ୍ କରାଇଥାଏ ଏବଂ ଏହି ସମୟରେ ସମ୍ଭୋଗରୁ ସୁଖ ପାଇବା ପାଇଁ ପୁନରାୟ ଜିହ୍ୱାଚାଳନ, କର୍ଣ୍ଣ ଫୁଙ୍କାକୁ କ୍ରମାନ୍ୱୟରେ କବି ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।[୪୩] ସମୟକ୍ରମେ ଉଭୟଙ୍କ ଶରୀରରେ ଘୋର ହଳାହଳ ଉତାପ ତଥା ଉନ୍ମାଦ ଯୋଗୁଁ ନାୟକ ନାୟିକା ଉଚିତ ଅନୁଚିତକୁ ଭୁଲିଯାନ୍ତି । ପ୍ରାୟ ବାହ୍ୟ ଜ୍ଞାନଶୂନ୍ୟ ଯୋଗୁଁ କିଏ କ'ଣ କରେ ତା'ର କିଛି ଠିକଣା ରହେ ନାହିଁ । ଏହି ପ୍ରକାର ସମ୍ଭୋଗ ବର୍ଣ୍ଣନାରେ ଭଞ୍ଜ ହିଁ ବିଚକ୍ଷଣ ଏବଂ ଏଥି ନିମିତ୍ତ ହିଁ ସେ ଲୋକପ୍ରିୟ ବୋଲି ଡଃ ମାୟାଧର ମାନସିଂହଙ୍କ ଓଡ଼ିଆ ସାହିତ୍ୟର ଇତିହାସ ସାକ୍ଷ୍ୟ ଦିଏ । ଅବଶ୍ୟ ଏଥିପାଇଁ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକୃତିକୁ ଅଶ୍ଳୀଳତା ଦୋଷଦୁଷ୍ଟତାରେ ପରିପୂର୍ଣ୍ଣ ବୋଲି ଅପନିନ୍ଦା ଶୁଣିବାକୁ ହୋଇଛି ସତ କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ, ନରନାରୀଙ୍କ ମଧରେ ଥିବା ସ୍ୱାଭାବିକ ଦୈହିକ ଆବେଦନ ଯୌନ

ସମ୍ପର୍କକୁ କେବଳ ଅଶ୍ଳୀଳ ବୋଲି କେହି ଆଡ଼େଇ ଦେଲେ ସହଜ ସରଳ ସାମାଜିକ ଜୀବନର ମୂଲ୍ୟବୋଧ ଏକଦମ୍ ବଦଳି ଯିବ । କାରଣ ଉପେନ୍ଦ୍ର ଭଞ୍ଜଙ୍କର ନାୟକ ନାୟିକାଙ୍କର ଦୈହିକ ଯୌନ ଆକର୍ଷଣ ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ତଥା ବିବାହିତ ଦମ୍ପତିଙ୍କର ଯୁଗ୍ମ ଯୌନଜୀବନକୁ ସୁଦୃଢ଼ କରିବାର ଏକ ସାର୍ଥକ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ତେତିଶି ଛାନ୍ଦରେ ବର୍ଣ୍ଣିତ ବିପରୀତ ରତି ବନ୍ଧକୁ କେତେକ ସମାଲୋଚକ ନିନ୍ଦା କରୁଥିବା ସ୍ଥଳେ ଡଃ ବେଣୀ ମାଧବ ପାଢ଼ୀଙ୍କର ଯୁକ୍ତି ଅନୁସାରେ ନାୟକମାନେ ହିଁ ସଂଯମଧର୍ମୀ ହୋଇଥିବାରୁ ତାଦୃଶ ନାୟକମାନେ ହିଁ ବିପରୀତ ରତି କରିବାର ଅଧିକାରୀ ।'' (ଭଞ୍ଜୀୟ କାବ୍ୟ ଭାବନା, ଡଃ ବେଣୀ ମାଧବ ପାଢ଼ୀ ଗ୍ରନ୍ଥମନ୍ଦିର ପୃ - ୭୫)

ବାସ୍ତବରେ ଏ ପ୍ରକାର ଯୁକ୍ତି ହିଁ ଭଞ୍ଜଙ୍କ ନାୟକ ଚନ୍ଦ୍ରଭାନୁ ପକ୍ଷରେ ସାର୍ଥକ ମନେ ନହେଲେ ହେଁ ବିପରୀତ ରତି ଶାସ୍ତ୍ର ସମ୍ମତ । 'ଲାବଣ୍ୟବତୀ'ରେ ଚନ୍ଦ୍ରଭାନୁ କୌଣସି ଶ୍ରମ ଅନୁଭବ କରି ବିପରୀତ ରତି ପାଇଁ ଇସାରା ଦେଇ ନଥିଲେ ହେଁ କାବ୍ୟଟିକୁ ଶାସ୍ତ୍ରୋଚିତ କରିବାକୁ ଯାଇଥିବାରୁ କବି ବିପରୀତ ରତିର ନାମୋଲ୍ଲେଖ କରିବା ଯଥାର୍ଥ ହୋଇଥାଏ । ଉକ୍ତ ଛାନ୍ଦର ସମ୍ଭୋଗ ବର୍ଣ୍ଣନା ସମ୍ପୂର୍ଣ୍ଣ ଲୋକଶିକ୍ଷଣୀୟ ଉପାଦାନକୁ ନେଇ ରଚିତ । ବିଶେଷକରି ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ମନସ୍ତତ୍ତ୍ୱ ଦର୍ଶାଇବାରେ କବି ଯେଉଁ ବିଖ୍ୟାତ ମନସ୍ତତ୍ତ୍ୱବିତ୍‌ର ପରିଚୟ ଦେଇଛନ୍ତି, ତାହା ସାଧାରଣ ଲୋକପକ୍ଷରେ ମଧ୍ୟ ସ୍ୱୀକାର୍ଯ୍ୟ । ନାୟକ ନାୟିକାଙ୍କ ଚିନ୍ତାରେ ମଧ୍ୟ ତାହା ଦେଖାଦେଇଛି ।[୪୪] ଶେଷରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ ନିକଟରେ ଦେଖା ଦେଇଥିବା ଲକ୍ଷଣ ସବୁ ବର୍ଣ୍ଣନା ଅନୁଯାୟୀ ସର୍ବଜନ-ସମ୍ମତ । ବସନ ପିନ୍ଧା, ଅବଶ, ଅଙ୍ଗମୋଡ଼ି, ବ୍ୟଜନ ଚାଳନ, ଅନିଦ୍ରା ଇତ୍ୟାଦିକୁ କବି ଯେପରି ବର୍ଣ୍ଣନା କରିଛନ୍ତି ତାହା ଭଞ୍ଜଙ୍କର ଶାସ୍ତ୍ର ସଚେତନତାର ପ୍ରମାଣ ଦିଏ । ସାଧାରଣତଃ ରତି ଶେଷରେ ନାୟକ ନାୟିକାଙ୍କର ଅବଶବଶତଃ ଏଥିରେ କିଏ ଆଗ କିଏ ପଛ ଏଭଳି ପ୍ରଶ୍ନର ଅବସର ନଥାଏ । କେବଳ ଲଜ୍ଜା ଯୋଗୁଁ ବସନ ପିନ୍ଧା କାର୍ଯ୍ୟଟି ଯଥାରୀତି ଶେଷ ହେବାପରେ ଅନ୍ୟଗୁଡ଼ିକ ପ୍ରାୟ ନିୟମ ଭଙ୍ଗ କରନ୍ତି । ରତି ସୁଖ ଅନୁଭବ ପରେ ନାୟକ ନାୟିକା ଦୁହେଁ ପରସ୍ପର ଅପରିଚିତ ପରି ଲଜ୍ଜିତ ଭାବରେ ଉଠି ଯାଇ ପଲଙ୍କ ଉପରେ ଶୋଇ ଯାଆନ୍ତି ।[୪୫] ରତିଶ୍ରମ ଯୋଗୁଁ ଉଭୟଙ୍କ ଦେହରୁ ଝାଳ ବାହାରି ନଖକ୍ଷତ ଗୁଡ଼ିକୁ ଜ୍ୱାଳା ହେଉଛି ପୁଣି ଅନିଦ୍ରା ଅଙ୍ଗ ମୋଡ଼ିରେ ସମୟ ଯାଉଛି । ନାୟକ ସାନ୍ତ୍ୱନା ମାଧ୍ୟମରେ ନାୟିକା ମନକୁ ସନ୍ତୁଷ୍ଟ କରିବାପାଇଁ କୋଳରେ ଧରି ପୁନରାୟ ଚାଟୁବାଣୀ ଶୁଣାଉଛି ଏବଂ ରମଣ ଜନିତ ଶ୍ରମ ହେତୁ ଦେହରୁ ଝାଳ ବନ୍ଦ କରିବା ନିମନ୍ତେ ତଥା ଆକାଶରେ ଚନ୍ଦ୍ରଦର୍ଶନ ନିମିତ୍ତ ନିଜ ହାତରେ ବ୍ୟଜନ ଚାଳନା କରୁଛି ଏବଂ ଝରକା ଖୋଲି ଦେଇଛି ।[୪୬] ଏପରି ଭାବରେ ସମ୍ପୂର୍ଣ୍ଣ ରାତି ଶେଷ ହୋଇଯିବା ପ୍ରାୟ ସ୍ୱୀକୃତ ଏବଂ ସକାଳ ହୋଇ ଆସିବା ଜାଣି ପ୍ରତ୍ୟେକ ନବ ବିବାହିତା ରମଣୀ ଯେପରି ଲଜ୍ଜାରେ କେଳି ଗୃହରୁ ବାହାରି ଆସନ୍ତି ଲାବଣ୍ୟବତୀ ସେହିପରି ବାହାରି ଆସିଛି । ସର୍ବୋପରି ପାଠକ ପାଠିକାଙ୍କ ଅନ୍ତରକୁ ଶୃଙ୍ଗାର ରସରେ ଆର୍ଦ୍ର

କରିବା ଉଦ୍ଦେଶ୍ୟରେ ଭଞ୍ଜ କଳାଶ୍ରୀପୂର୍ଣ୍ଣ ଭାବରେ ଏଥିରେ ଦାମ୍ପତ୍ୟ ପ୍ରେମର ମିଳନକୁ କାମଶାସ୍ତ୍ର ସମ୍ମତ ବିଧି ବିଧାନାନୁଯାୟୀ ସଂଯୋଗ କରିଛନ୍ତି । ସୁସଂଯତ ସୁଶୃଙ୍ଖଳିତ ଦାମ୍ପତ୍ୟ ମିଳନର ବାସ୍ତବ ଚିତ୍ରଣ କରିଥିବା ହେତୁ କେବଳ ଅବିମୃଷ୍ୟକାରୀଙ୍କ ଛଡ଼ା ତାଙ୍କୁ କେହି ଅଶ୍ଳୀଳ ମନୋଭାବାପନ୍ନ କହିପାରିବ ନାହିଁ । ନାୟିକାର ଲୋମାବଳୀ ରେଖାକାର, ଶୈବାଳ, ଧୂମ ଓ ଭ୍ରମର ତୁଲ୍ୟ ଦେଖାଯାଏ । ଏହା ଯମୁନାର ନୀଳ ଲହରୀ ପରି କୁଞ୍ଚିତାକାର, ଲତା ସହିତ ଉପମିତ ତଥା ଅକ୍ଷର ପନ୍ତି ପରି ସୁନ୍ଦର, ନାଭି ସୁଗୋଲ ଓ ସୁଗଭୀର । ଉପେନ୍ଦ୍ର ଭଞ୍ଜଙ୍କୁ ଅଶ୍ଳୀଳତା ପାଇଁ ନିନ୍ଦା କରୁଥିବାରୁ କେତେକ ସମାଲୋଚକ ଲାବଣ୍ୟବତୀ କାବ୍ୟରେ ନାୟିକାର ଯୌନାଙ୍ଗ ବର୍ଣ୍ଣନାର ଦୃଷ୍ଟାନ୍ତ ଦିଅନ୍ତି । ଶୋଭାମୟ ଭାବରେ ପଦ୍ମ ଓ ସୁବର୍ଣ୍ଣ ପାତ୍ର ତୁଲ୍ୟ ଉପମିତ ହୋଇ ଅଶ୍ୱତ୍ଥ ପତ୍ରକୁ କମ୍ପମାନ କରୁଥିବା ନାୟିକାର ଯୌନାଙ୍ଗ କବିର ଅମ୍ବରଭେଦୀ କଳ୍ପନା ନେତ୍ରରେ ସ୍ପଷ୍ଟ ପ୍ରତିଭାତ ହୁଏ । ଏହା ବ୍ୟତୀତ ନାୟିକାର ତ୍ରିବଳି, ଜଘନପ୍ରଦେଶ ଇତ୍ୟାଦିର ଟିକିନିଖି ବର୍ଣ୍ଣନା ସଂସ୍କୃତ ସାହିତ୍ୟରେ ଦେଖିବାକୁ ମିଳେ । ନାୟିକାର ବେଣୀ ସହ ଭୁଜଙ୍ଗ ନୀଳଲହରୀମାଳାର ସାମ୍ୟ ବର୍ଣ୍ଣିତ ହୋଇଥାଏ । ଏହାର ତ୍ରିବଳି କନ୍ଦର୍ପର ଆରୋହଣ ସୋପାନ । ଜଘନ କରୀକର ପରି ବର୍ତ୍ତୁଳାକାର । ସଂସ୍କୃତ କାବ୍ୟ ନାୟିକା ତାହାର ସୌନ୍ଦର୍ଯ୍ୟ ମଣ୍ଡନ ନିମନ୍ତେ ଗଣ୍ଡରେ ମକରୀ ଚିତ୍ର ଅଙ୍କନ କରିଥାଏ ।

ଚମ୍ପକ କୁସୁମ ବିନିନ୍ଦିତାଦେହା ପୁଣି ତପ୍ତ କନକବର୍ଣ୍ଣାଙ୍ଗୀ ରୂପେ କବିମଣ୍ଡଳୀ ଦ୍ୱାରା ଅଭିନନ୍ଦିତା । ସଂସ୍କୃତ କାବ୍ୟ ନାୟିକାର ଶୋଭା ବୈଭବକୁ ଉପେନ୍ଦ୍ରଭଞ୍ଜ ସମ୍ପୂର୍ଣ୍ଣ ରୂପେ ନିଜସ୍ୱ କରି ନେଇଛନ୍ତି ଏବଂ ସେଥିରେ ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ଶ୍ଳୀଳତା ବିଷୟରେ କୁହାଯାଇଛି ଯେ ''ଶ୍ରିୟଂ କାବ୍ୟ ଶୋଭାଂ ଲାତି ଇତି ଶ୍ରିୟଃ'' ଅର୍ଥାତ୍ ଯେ କାବ୍ୟ ଶୋଭା ପ୍ରଦାନ କରେ ତାହାକୁ ଶ୍ଳୀଳ ବୋଲି କୁହାଯାଏ । ଅସ୍ପଷ୍ଟ ଛାୟା ଓ ଆଲୋକ ମଧ୍ୟରେ ସ୍ପଷ୍ଟ ସୀମା ଅଙ୍କନ ହୋଇ ନପାରିବା ପରି ଶ୍ଳୀଳତା ଓ ଅଶ୍ଳୀଳତା ମଧ୍ୟରେ କୌଣସି ସ୍ପଷ୍ଟ ବ୍ୟବଧାନ ନିର୍ଦ୍ଧାରଣ କରାଯାଇ ପାରିବନାହିଁ । ଓଡ଼ିଆ ସାହିତ୍ୟକୁ ସମକକ୍ଷ କରିବା କବି ସମ୍ରାଟଙ୍କ ଚରମ ଲକ୍ଷ୍ୟ ଥିବାହେତୁ ସଂସ୍କୃତ ସାହିତ୍ୟର ପ୍ରତ୍ୟେକ ବିଭାବକୁ ସେ ଓଡ଼ିଆ ସାହିତ୍ୟରେ ପରିବେଷଣ କରିଛନ୍ତି । କାରଣ ଆଚାର୍ଯ୍ୟ ଶଙ୍କରଙ୍କର ଦ୍ୱ୍ୟର୍ଥବୋଧକ କାବ୍ୟ ଏହି ପ୍ରସଙ୍ଗରେ ଆଲୋଚ୍ୟ । ତାହାଙ୍କ ରଚିତ ଅମରୁଶତକ କାବ୍ୟର ପଦଗୁଡ଼ିକର ଏକ ଅର୍ଥ ସମ୍ପୂର୍ଣ୍ଣ ଶୃଙ୍ଗାରିକ ଏବଂ ଅନ୍ୟ ଅର୍ଥ ସମ୍ପୂର୍ଣ୍ଣ ରୂପେ ବୈରାଗ୍ୟ ବ୍ୟଞ୍ଜକ । କବି ଶ୍ରୀହର୍ଷ କହିଛନ୍ତି, ଗୋଟିଏ ସୁନ୍ଦରୀ ରମଣୀର ସୌନ୍ଦର୍ଯ୍ୟ ଏକ ଯୁବକର ମନକୁ ଯେପରି ହରଣ କରିଥାଏ, ଏକ ସ୍ତନ୍ୟପାୟୀ ଶିଶୁର ମନକୁ ସେହିପରି ଗ୍ରହଣ କରିପାରେ ନାହିଁ । ନାରୀ ର ରୂପଲାବଣ୍ୟ ତାହାର ହାବଭାବର ମୂଲ୍ୟାୟନ କରିବା ନିମନ୍ତେ ଏକ ଯୁବକ ହିଁ ସମର୍ଥ ଶିଶୁ ନୁହେଁ । ଠିକ୍ ସେହିପରି ଯେଉଁମାନେ ପଣ୍ଡିତ ରସଗ୍ରାହୀ, ସେହିମାନଙ୍କୁ ହିଁ ଏହି ରତିରଞ୍ଜିତ ରଚନା ତାହାର ଚାତୁର୍ଯ୍ୟବିଳାସରେ ମୋହିତ କରିବ । ଯେଉଁମାନେ ଆଭିଧାନିକ ଅର୍ଥଗ୍ରାହୀ, ଅରସିକ ସେମାନଙ୍କ ନିକଟରେ ଏହିପରି ରଚନା ନିରର୍ଥକ ଓ ଅନୁପଯୋଗ୍ୟ, ଏଦୃଷ୍ଟିରୁ ଭଞ୍ଜ କବିଙ୍କ କାବ୍ୟ ସାମୂହିକ ଭାବରେ ଦ୍ରଷ୍ଟବ୍ୟ ।''[୪୬]

ସଂସ୍କୃତ ଦୃଶ୍ୟ କାବ୍ୟରେ ବିବାହ, ଭୋଜନ, ଅଧରପାନ ଓ ସହବାସାଦିକୁ ରଙ୍ଗମଞ୍ଚରେ ପରିବେଷଣ କରିବା ନିଷିଦ୍ଧ କରା ନଯାଇ ବରଂ ସ୍ୱାଗତ କରାଯାଇଛି । ଏହି ବର୍ଣ୍ଣନା ବିନ୍ୟାସ ଅବସରରେ ଭଞ୍ଜ କବି କାଳିଦାସ ଓ ନୈଷଧକାରଙ୍କ ପଦାଙ୍କ ଅନୁସରଣ କରିଛନ୍ତି । ସ୍ୱାମୀ ସ୍ତ୍ରୀର ଚରଣ ଧରିବା ପୁରୁଷର ସମ୍ମାନ ବିରୁଦ୍ଧ ଭାବ ହୋଇଥିଲେ ମଧ୍ୟ ଏହା ଶାସ୍ତ୍ରସମ୍ମତ ତଥା ସଂସ୍କୃତ ସାହିତ୍ୟାନୁମୋଦିତ । ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ନେଇ ଭାରତୀୟ ଅନୁଶୀଳନ କରିବା ଦ୍ୱାରା ହିଁ ଏଗୁଡ଼ିକ ଆମକୁ ଅଶ୍ଳୀଳ ବୋଧ ହେଉଛି । ଅଳଙ୍କାର ଶାସ୍ତ୍ରରେ ଏହି ଗୋଡ଼ ଧରିବା ବା ପାଦତଳେ ପଡ଼ିବାକୁ 'ନତି' ବୋଲି କୁହାଯାଏ । (ପାଦୟୋଃ ପତନଂ ନତିଃ) ପୁରୁଷ ସ୍ତ୍ରୀକୁ ତାମ୍ବୁଳ ଦେଲେ ସେ ଲଜ୍ଜା ବା କ୍ରୋଧବଶତଃ ଗ୍ରହଣ ନକଲେ ତାହାର ଗୋଡ଼ତଳେ ପଡ଼ି ପାନ ଖୁଆଇବା ନିମନ୍ତେ କାମସୂତ୍ରରେ ନିର୍ଦ୍ଦେଶ ଅଛି । ସଂସ୍କୃତ ସାହିତ୍ୟର ସୁବିଖ୍ୟାତ କାବ୍ୟ 'ଗୀତଗୋବିନ୍ଦ'ରେ ଶ୍ରୀକୃଷ୍ଣ ରାଧାଙ୍କର ମାନଭଞ୍ଜନ କରିବା ନିମନ୍ତେ ତାହାଙ୍କ ପଦପଲ୍ଲବକୁ ସ୍ୱମସ୍ତକରେ ଧାରଣ କରିବା ପାଇଁ ଆଗ୍ରହ ପ୍ରକାଶ କରି କହିଛନ୍ତି ''ସ୍ମର ଗରଳଖଣ୍ଡନଂ ମମ ଶିରସି ମଣ୍ଡନମ୍ / ଦେହି ପଦ ପଲ୍ଲବ ମୁଦାରମ୍ ।'' ''ବିକ୍ରମୋର୍ବଂଶୀୟମ୍' କାବ୍ୟରେ ଏକ ଲତାକୁ ଦେଖି ରାଜା ପୁରୁରବା ଉର୍ବଶୀଙ୍କର କୋମଳ ଚରଣଯୁଗଳର ସୌନ୍ଦର୍ଯ୍ୟକୁ ମନେ ପକାଇ ବିହ୍ୱଳିତ ହୋଇଛନ୍ତି । ଏପରିକି ରାମାୟଣରେ ମଧ୍ୟ କୈକେୟୀଙ୍କ ପାଦତଳେ ଦଶରଥ ପଡ଼ିବା ପ୍ରଭୃତିର ଅନେକ ଉଦାହରଣ ମିଳେ । ତେଣୁ 'ଲାବଣ୍ୟବତୀ' କାବ୍ୟର ଆଙ୍ଗିକ ବିନ୍ୟାସର ସୌନ୍ଦର୍ଯ୍ୟତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପେନ୍ଦ୍ରଭଞ୍ଜଙ୍କର ଏହି ବର୍ଣ୍ଣନା ଆଦୌ ଅଶ୍ଳୀଳ ଦୋଷରେ ଆକ୍ରାନ୍ତ ହୋଇ ନପାରେ । ପରମଯୋଗୀ ଆଦି ଶଙ୍କରାଚାର୍ଯ୍ୟଙ୍କ 'ଆନନ୍ଦ ଲହରୀ' ଓ ଅମରୁଶତକ' ପରି ଯୌନବର୍ଣ୍ଣନାତ୍ମକ କାବ୍ୟ ସ୍ତୋତ୍ରାଦି ରଚନା କରିଛନ୍ତି । ରାଧା ଓ ଶ୍ରୀକୃଷ୍ଣଙ୍କ ଯୌନ ଜୀବନର ବହୁ ଚର୍ଚ୍ଚିତ ଲଳିତ କାବ୍ୟ 'ଗୀତଗୋବିନ୍ଦ' ପ୍ରତ୍ୟେକ ଧର୍ମାଳୟରେ ସମାଦର ଲାଭ କରିଛି । ଭାରତୀୟ ପରମ୍ପରାରେ ପ୍ରତିନିତ୍ୟ ମାଟି ମା'କୁ ''ସମୁଦ୍ର ବସନେ ଦେବି ! ପର୍ବତ ସ୍ତନ ମଣ୍ଡଳେ/ ବିଷ୍ଣୁପତ୍ନୀ ନମସ୍ତୁଭ୍ୟଂ ପାଦସ୍ପର୍ଶଂ କ୍ଷମସ୍ୱମେ' ବୋଲି ସ୍ତୁତି କରାଯାଏ । ଏଥିରେ ଅଶ୍ଳୀଳତା ନାହିଁ ବୋଲି ଗ୍ରହଣ କରାଯାଇଛି ।

## 'ଲାବଣ୍ୟବତୀ'ର ଆଙ୍ଗିକ ସୌନ୍ଦର୍ଯ୍ୟରେ କାବ୍ୟାଦର୍ଶର ଭୂମିକା :

'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦରେ କାବ୍ୟ ପ୍ରବେଶ ପୂର୍ବରୁ ଉପେନ୍ଦ୍ରଭଞ୍ଜ ସ୍ୱକୀୟ କାବ୍ୟାଦର୍ଶ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି କାବ୍ୟାଦର୍ଶର ବିଚାର ବିଶ୍ଳେଷଣ ଅନେକ ସମୟରେ ପାରମ୍ପରିକ ଧାରଣାରେ ଶ୍ୱାସ ରୁଦ୍ଧ । ଆଜି ପର୍ଯ୍ୟନ୍ତ ତଦ୍‌ବିଦମାନେ କାବ୍ୟକୁ ହୃଦୟ ଦେଇ ବିଚାର ନକରି ସବୁବେଳେ ମସ୍ତିଷ୍କ ଦେଇ ବିଚାର କରି ଆସିଛନ୍ତି । ଯାହା ଫଳରେ ଉପେନ୍ଦ୍ର କାବ୍ୟର ଯଥାର୍ଥ ଅବବୋଧର ବାଧା ଉପସ୍ଥିତ ହୋଇଛି । କାବ୍ୟ ବା କବିତ୍ୱ ଉପଲବ୍ଧି ପାଇଁ ମନର ରସାଳତା ଦରକାର । ଶବ୍ଦ ଅର୍ଥ ଏଠାରେ ଗୌଣ । ଶବ୍ଦ ଅର୍ଥ ଉପରେ ପ୍ରାଧାନ୍ୟ ଦେବା ଫଳରେ ଅଧିକାଂଶ ସମାଲୋଚକ ଉପେନ୍ଦ୍ର ଭଞ୍ଜଙ୍କର କବିତ୍ୱ ପୂର୍ଣ୍ଣ

ପଦଗୁଡ଼ିକୁ ଦେଖିବାକୁ ଅସମର୍ଥ ହୋଇଛନ୍ତି । ଉପେନ୍ଦ୍ର କାବ୍ୟ ମାନସକୁ ବୁଝିବା ପାଇଁ ଏହି ଚାରି ଧାଡ଼ିର ଯଥାର୍ଥତା ପ୍ରତିପାଦନ ଅତ୍ୟନ୍ତ ଜରୁରୀ ।[୪୮] କବିତାକୁ ଚିତ୍ରମୟ କରିବା ଉଦ୍ଦେଶ୍ୟରେ ଉପେନ୍ଦ୍ରଭଞ୍ଜ ପୂର୍ବ ପ୍ରଚଳିତ ପୁରାଣସୁଲଭ ପ୍ରତ୍ୟକ୍ଷ ବିବୃତିଧର୍ମୀ ବର୍ଣ୍ଣନାକୁ ପରିତ୍ୟାଗ କରିଛନ୍ତି । କାବ୍ୟରେ ଚିତ୍ର ଏକ ଅପରିହାର୍ଯ୍ୟ ଉପାଦାନ ଯାହାକି ଆମେ ଆଧୁନିକ କବିତାରେ ମଧ୍ୟ ଲକ୍ଷ୍ୟ କରୁଛୁ । ଉପେନ୍ଦ୍ରଭଞ୍ଜ 'ମୂର୍ତ୍ତିମନ୍ତ' ବା 'ମୂର୍ତ୍ତିବନ୍ତ' କରି ଅର୍ଥାତ୍ ଅଳଙ୍କାରମୟ କରି ମୃଦୁଗୀତ ରଚନା କରିଛନ୍ତି । 'ମୃଦୁଗୀତ' କହିଲେ ଆମେ ସାଧାରଣତଃ ସରଳ ସାବଲୀଳ ଲଳିତପଦଯୋଜନାକୁ ବୁଝିଥାଉ, ଯାହାକି 'ବୈଦର୍ଭୀ' ବା 'ଲାଟୀ' ସମ୍ମତ ଏବଂ ମାଧୁର୍ଯ୍ୟ ବା ପ୍ରସାଦଗୁଣାନିତ୍ୟ ହୋଇପାରେ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଯେ ମୃଦୁଗୀତ ଆଦୌ ନାହିଁ ତା' ନୁହେଁ । ସ୍ଥାନେ ସ୍ଥାନେ କଠିନ ଆଳଙ୍କାରିକତାର ବନ୍ଧନ ଭିତରୁ ମୁକୁଳି ସରଳ ସୁକୁମାର ପଦଯୋଜନା ଅପୂର୍ବ ସୌନ୍ଦର୍ଯ୍ୟର ମୂର୍ତ୍ତି ନେଇ ଠିଆ ହୋଇଛି । ଓଡ଼ିଆ କାବ୍ୟରେ କାବ୍ୟର ଆରମ୍ଭରେ ମଙ୍ଗଳାଚରଣର ଉଲ୍ଲେଖ ଏକ ଅପରିହାର୍ଯ୍ୟ ପ୍ରବୃତ୍ତି ।

କାବ୍ୟର ଆରମ୍ଭରେ ମଙ୍ଗଳାଚରଣର ଅପରିହାର୍ଯ୍ୟତା ଯେଉଁ କେତୋଟି କାରଣ ନିର୍ଦ୍ଦେଶ କରାଯାଇପାରେ ସେଥି ମଧ୍ୟରୁ ଅଳଙ୍କାର ଶାସ୍ତ୍ରର ମହାକାବ୍ୟ ଲକ୍ଷଣ ଅନ୍ୟତମ । ସଂସ୍କୃତ ମହାକାବ୍ୟର ଛାୟାରେ ନିଜ ନିଜ ସୃଷ୍ଟିକୁ ରୂପଦାନ କରିବା ନିମିତ୍ତ ଓଡ଼ିଆ କାବ୍ୟକାରମାନେ ଲକ୍ଷ୍ୟ ରଖିଥିବା ଯୋଗୁଁ ଓଡ଼ିଆ କାବ୍ୟର ଆଙ୍ଗିକ କୌଶଳ ସଂସ୍କୃତ ଲକ୍ଷଣ ଗ୍ରନ୍ଥ ଦ୍ୱାରା ପ୍ରଭାବିତ ହେବା ଏକାନ୍ତ ସ୍ୱାଭାବିକ । ସଂସ୍କୃତ କାବ୍ୟର ପ୍ରାରମ୍ଭରେ ଆଶୀର୍ବଚନ ଓ ନମସ୍କ୍ରିୟାର ସୂଚନା ଥିବାରୁ ଓଡ଼ିଆ କବିମାନେ ନିଜ କାବ୍ୟରେ ଏହି କାବ୍ୟ ପଦ୍ଧତି ପ୍ରବର୍ତ୍ତନ କରିଛନ୍ତି । ପ୍ରଥମତଃ ଓଡ଼ିଆ କାବ୍ୟର ମଙ୍ଗଳାଚରଣଗୁଡ଼ିକ ନମସ୍କ୍ରିୟାରୁ ଆରମ୍ଭ ହୋଇ ପରିଶେଷରେ କାବ୍ୟ ରଚନା ପାଇଁ ଭଗବତ୍ ଆଶୀର୍ବାଦ ଭିକ୍ଷା କରିବା ମଙ୍ଗଳାଚରଣର ଏକ ବିଶିଷ୍ଟ ସ୍ୱାଭାବିକ ପ୍ରବୃତ୍ତି । ଇପ୍‌ସିତ ସିଦ୍ଧିପାଇଁ ଦୈବୀକୃପା କିମ୍ବା ଭଗବଦ୍ ସହାୟତାର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରିବା ପାଇଁ ଯେଉଁ ସଂସ୍କୃତିର ବଦ୍ଧମୂଳ ଧାରଣା, ସେଇ ସଂସ୍କୃତିର ପ୍ରଭାବରେ କବି ନିଜର କାର୍ଯ୍ୟସିଦ୍ଧି ନିମିତ୍ତ ଆଶିଷ ଭିକ୍ଷା କରିବା ଏକାନ୍ତ ସ୍ୱାଭାବିକ । ନମସ୍କ୍ରିୟାର ସରଳତମ ରୂପଟି ଅତ୍ୟନ୍ତ ନିରାଡ଼ମ୍ବର ଏବଂ ପୁରାଣ ଶୈଳୀର ଅନୁରୂପ । କବି ଯେଉଁ ଦେବତାଙ୍କ ଶରଣାଗତ ହୁଏ, ତାଙ୍କରି ବିଭିନ୍ନ ରୂପର ସ୍ମରଣ ତଥା ଗୁଣାତ୍ମକ ନାମ ଉଚ୍ଚାରଣ କରିଥାଏ । 'ଜୟ', 'ବନ୍ଦେ', 'ନମଇଁ' ପ୍ରଭୃତି ଶବ୍ଦ ପ୍ରୟୋଗ ଦ୍ୱାରା ସାଧାରଣତଃ ଏପ୍ରକାର ନମସ୍କ୍ରିୟା ସୂଚିତ ହୋଇଥାଏ । ଏହି ପରମ୍ପରାର ବଶବର୍ତ୍ତୀ ହୋଇ ଅର୍ଜୁନ ଦାସ, ଶିଶୁଶଙ୍କର ଦାସ, ପ୍ରତାପ ରାୟ, ଧନଞ୍ଜୟ ପ୍ରଭୃତି ଜଗନ୍ନାଥଙ୍କର, ବ୍ରଜସୁନ୍ଦର, ପୁରୁଷୋତ୍ତମ ଅନଙ୍ଗଭୀମ, ନରସିଂହସେଣ ପ୍ରଭୃତି ଶ୍ରୀକୃଷ୍ଣଙ୍କର, ରାମଚନ୍ଦ୍ର ପଟ୍ଟନାୟକ, ହରିହର ନରେନ୍ଦ୍ର ପ୍ରମୁଖ ଦୁର୍ଗାଙ୍କର ଉପେନ୍ଦ୍ର ଭଞ୍ଜ ରାମଚନ୍ଦ୍ରଙ୍କ ନାମ ସ୍ମରଣରୁ କାବ୍ୟ ଆରମ୍ଭ କରିଛନ୍ତି ।[୪୯]

## ଖ. ସାଧୁ ସ୍ତୁତି ଓ ଖଳ ନିନ୍ଦା :

ମଙ୍ଗଳାଚରଣ ଭଳି କାବ୍ୟ ଉପକ୍ରମରେ ସଜ୍ଜନଙ୍କ ସ୍ତୁତି ଓ ଦୁର୍ଜନମାନଙ୍କ ନିନ୍ଦାଗାନ

କରିବା ଓଡ଼ିଆ କାବ୍ୟର ଅନ୍ୟତମ ପ୍ରଚଳିତ ସାଙ୍ଗଠନିକ ଆଙ୍ଗିକ କୌଶଳ । ସଂସ୍କୃତ କାବ୍ୟରେ ଏହା ଥିଲା ଏକ ବୈକଳ୍ପିକ ଆବଶ୍ୟକତା । କାବ୍ୟର ଆରମ୍ଭରେ ଏହାର ଅନିବାର୍ଯ୍ୟ ଆବଶ୍ୟକତା ସେଠାରେ ଉପଲବ୍ଧ ହେଉ ନଥିଲା । ଭାମହ, ଦଣ୍ଡୀ କିମ୍ବା ରୁଦ୍ରଟ ମହାକାବ୍ୟର ଲକ୍ଷଣ ନିର୍ଦ୍ଦେଶ ଅବସରରେ ଏହାର କୌଣସି ଉଲ୍ଲେଖ କରିନଥିବାବେଳେ ହେମଚନ୍ଦ୍ର ଓ ବିଶ୍ୱନାଥ ହିଁ ମହାକାବ୍ୟ ଲକ୍ଷଣରେ ଏହାକୁ ଗର୍ଭିତ କରିଯାଇଛନ୍ତି । ମନେହୁଏ ସଂସ୍କୃତେତର ଭାଷାରେ କାବ୍ୟ ରଚନା ପାଇଁ ଓଡ଼ିଆ ଭାଷାର କବିମାନେ ସ୍ୱୀୟ ବୈଶିଷ୍ଟ୍ୟ ପ୍ରତିପାଦନ ଏବଂ କାବ୍ୟର ଅମଳିନ ପ୍ରତିଷ୍ଠା ନିମିତ୍ତ କାବ୍ୟ ନିନ୍ଦୁକମାନଙ୍କ ଅପଯଶ ତଥା କାବ୍ୟ ରସିକମାନଙ୍କର ଯଶୋଗାନ କରିବା ଆରମ୍ଭ କରିଥିଲେ । ଏହା ଧୀରେ ଧୀରେ କାବ୍ୟ ଆଙ୍ଗିକର ଏକ ଅପରିହାର୍ଯ୍ୟ ଅବୟବ ରୂପେ ସେମାନଙ୍କ ଦ୍ୱାରା ଗୃହୀତ ହେବାରୁ ସଂସ୍କୃତ କାବ୍ୟଶୈଳୀ ମଧ୍ୟକୁ ତାହା ପରବର୍ତ୍ତୀ କାଳରେ ପ୍ରଭାବିତ କରିଥିଲା । କବି ଯେଉଁ ସାଧୁମାନଙ୍କର ଜୟଗାନ କରିଛି ସେମାନେ ସାଧାରଣ ଅର୍ଥରେ ସାଧୁ, ସନ୍ନ୍ୟାସୀ ନୁହନ୍ତି କି ଯେଉଁ ଖଳମାନଙ୍କର ନିନ୍ଦାଗାନ କରିଛି, ସେମାନେ ଚୋର, ଖଣ୍ଡ, ଡକାୟତ କିମ୍ବା ଜଘନ୍ୟ ଅପରାଧୀ ନୁହନ୍ତି । ଏହି ସାଧୁ ସମାଜ ହେଉଛନ୍ତି କାବ୍ୟର ରସିକ ଗ୍ରାହକ । ଯେଉଁମାନେ ଯଥାର୍ଥରେ କାବ୍ୟ ରସଉର୍ମିର ସହୃଦୟ ପାଠକ ଏବଂ କବିର ଶ୍ରମ ସାଧନର ମର୍ମଜ୍ଞ । ଯୁଗେ ଯୁଗେ କବିସମାଜ ଏମାନଙ୍କର ଜୟଗାନ କରି ଆସିଥିବାର ଦେଖିବାକୁ ମିଳେ । ଏମାନଙ୍କ ହସ୍ତରେ କବି ସ୍ୱପ୍ରଣୀତ ଗ୍ରନ୍ଥଟିକୁ ସମର୍ପଣ କରି ଆତ୍ମସନ୍ତୋଷ ଲାଭ କରିଥାନ୍ତି । ଏଥିପାଇଁ କବି ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ, ସେ ତାକୁ ଶତସହସ୍ର ଦୁଃଖରେ ନିର୍ଯ୍ୟାତିତ କରନ୍ତୁ କିନ୍ତୁ ଅରସିକ ନିକଟରେ ରସ ନିବେଦନ ତାଙ୍କ ଭାଗ୍ୟରେ ଯେପରି ନ ଘଟୁ । ସେହିପରି ଅଜ୍ଞମାନଙ୍କର କର୍ଣ୍ଣ କୁହରରେ ପ୍ରବେଶ ନକରି ତାଙ୍କ କାବ୍ୟ ବିଜ୍ଞମାନଙ୍କର ହସ୍ତଗତ ହେବା ନିମିତ୍ତ କବି ଉପେନ୍ଦ୍ର ଭଞ୍ଜ ତାଙ୍କର ଆରାଧ୍ୟ ଦେବତାଙ୍କ ନିକଟରେ ନିବେଦନ କରିଛନ୍ତି ।(୫୦)

ବ୍ୟାକରଣରେ ଡ଼ରଳ ଯେପରି ସାବର୍ଣ୍ଣ୍ୟ ନିୟମମାନ ଅଛି ସେହି ସବୁ ନିୟମକୁ ଲକ୍ଷ୍ୟକରି ଭଲ ମନରେ ଲୋକଙ୍କ ମଙ୍ଗଳ ପାଇଁ ଏହି ଗୀତ ରଚନା କରିଛନ୍ତି ବୋଲି କବି କହିଛନ୍ତି । ସଜ୍ଜନମାନଙ୍କର ସ୍ତୁତି କରିବା ସଙ୍ଗେ ସଙ୍ଗେ କବି ଦୁର୍ଜନମାନଙ୍କର ନିନ୍ଦାଗାନ କରି ସ୍ୱ ସୃଷ୍ଟି କୁ ସେମାନଙ୍କ ଠାରୁ ଦୂରରେ ରଖିବାକୁ ଚେଷ୍ଟା କରିଥାଏ । ସାଧୁଭଳି ଏହି କାବ୍ୟରେ ଯେଉଁ ଖଳ ଓ ଦୁର୍ଜନମାନଙ୍କୁ କଟୁ ସମାଲୋଚନା କରାଯାଇଛି, ସେମାନେ ହେଉଛନ୍ତି ଦୁଷ୍ଟ ସମାଲୋଚକ ମାତ୍ର । ତେଣୁ ଉପେନ୍ଦ୍ର ଭଞ୍ଜଙ୍କ ମତରେ ମୂର୍ଖଙ୍କ ଅପେକ୍ଷା ସ୍ୱଳ୍ପପାଠୀ, ଅହମିକାଗ୍ରସ୍ତ, ନାସ୍ତିକ, କନ୍ଦର୍ପ କ୍ରୀଡ଼ାହୀନ ତଥା କେବଳ ଦୋଷଦର୍ଶୀ ହେଉଛନ୍ତି ସର୍ବାଧିକ ଭୟଙ୍କର । କାରଣ ମୂର୍ଖମାନଙ୍କୁ ସନ୍ତୁଷ୍ଟ କରିବା ସହଜସାଧ୍ୟ; କିନ୍ତୁ ଗଧ ଯେପରି ଆମ୍ବଡାଳ ଖାଏ ନାହିଁ, ବଉଳବାସ୍ନା ତାକୁ ଗନ୍ଧାଏ, ସେହିପରି ଦୁଷ୍ଟ ଖଳ ଲୋକଙ୍କୁ ଏହି ଅଗାଧ କାବ୍ୟରସର ମାଧୁର୍ଯ୍ୟ କଦାପି ଭଲ ଲାଗିବ ନାହିଁ । ଅଥଚ ସାଧୁ ରସିକ ଦେବତା ବିଜ୍ଞବ୍ୟକ୍ତିମାନେ ମହୁଫେଣାରେ ମହୁମାଛି ଦ୍ୱାରା ସଂଗୃହୀତ ମହୁକୁ ଅଇଁଠା ବୋଲି ନଭାବି ଯେପରି ଗ୍ରହଣ

କରନ୍ତି, ଠିକ୍ ସେହିପରି ଏହି କାବ୍ୟକୁ ଜ୍ଞାନୀମାନେ ସମସ୍ତ ଦୋଷଦୁଷ୍ଟତାରୁ ମୁକ୍ତ କରି ଆଦରରେ ଗ୍ରହଣ କରିବେ । ସରଳ ପଦଯୋଜନା, ମୃଦୁଗୀତ ପ୍ରତି କବିଙ୍କର ମୋହ ବାରମ୍ବାର ଉଦ୍‌ଘୋଷିତ ହୋଇଥିଲେ ମଧ୍ୟ କାବ୍ୟ ରଚନା ମୁହୂର୍ତ୍ତରେ ସେ ଏଥିରୁ ଟିକିଏ ଦୂରେଇ ଯାଇଛନ୍ତି ତାହା ବିସ୍ମୟ ସୃଷ୍ଟି କରେ । ଗୋଟିଏ ଦିଗରେ ମୂର୍ଚ୍ଛିମନ୍ତ ଆଳଙ୍କାରିକତା ପ୍ରତି ପ୍ରବଳ ଉତ୍ସାହ, ଅନ୍ୟ ଦିଗରେ ମୃଦୁଗୀତ ପ୍ରତି ଅନୁରାଗ ଭିତରୁ ଆଳଙ୍କାରିକତା ପ୍ରତି ଉପେନ୍ଦ୍ର ଭଞ୍ଜ ଗଭୀରଭାବରେ ଆକର୍ଷିତ ହୋଇ ପଡ଼ିଥିବାର ମନେହୁଏ । କାବ୍ୟର ବଡ଼ଗୁଣ ହେଲା ପାଠକ ହୃଦୟରେ ରସାନୁଭୂତି ସୃଷ୍ଟିକରି ତାକୁ ଏକ ଆନନ୍ଦାଲୋକରେ ଉପସ୍ଥିତ କରାଇବା । କେବଳ ଅର୍ଥ ପାଇଁ ଉଦ୍ଦିଷ୍ଟ କାବ୍ୟ ଶୁଷ୍କ, ନୀରସ, କାବ୍ୟ ନାମରେ ଅଯୋଗ୍ୟ ।

କବିର ଯେଉଁ ଉକ୍ତି ବାହ୍ୟତଃ ପ୍ରତ୍ୟକ୍ଷ ବୋଲି ମନେହୁଏ, ତାହା ପ୍ରତ୍ୟକ୍ଷୋକ୍ତି ନୁହେଁ ପରୋକ୍ଷକ୍ତି । ଏହି ଉକ୍ତି ମଧ୍ୟରୁ ଏକ ଆହ୍ଲାଦଦାୟକ ଚମତ୍କାର ଅର୍ଥ ପ୍ରତିପନ୍ନ ହୁଏ । ଏହି ବ୍ୟଞ୍ଜନା କେବଳ ରସିକମାନଙ୍କର ଭାବ୍ୟ ବସ୍ତୁ । ଧ୍ୱନି ବାଚ୍ୟାର୍ଥ ଅପେକ୍ଷା ପ୍ରତୀୟମାନାର୍ଥର ପ୍ରାଧାନ୍ୟ ସ୍ୱୀକାର କରେ । ଧ୍ୱନ୍ୟାଲୋକରେ କୁହାଯାଇଛି, ବାଚ୍ୟାର୍ଥ ବାଚକ ଶବ୍ଦ ନିଜର ସ୍ୱରୂପକୁ ଗୌଣ କରି ଅନ୍ୟ ଏକ ରମଣୀୟ ଅର୍ଥ ପ୍ରକାଶ କଲେ ଧ୍ୱନିର ସୃଷ୍ଟି ହୁଏ । ଏହାକୁ କାବ୍ୟର ଆତ୍ମା ଭାବରେ ଅଭିହିତ କରାଯାଇଛି । ଧ୍ୱନିର ସତ୍ତା ଏପରି ବ୍ୟାପକ ଯେ ଏହା କେବଳ ବସ୍ତୁ, ଅଳଙ୍କାର ଓ ରସକୁ ନୁହେଁ, ଗୁଣ ଓ ରୀତିକୁ ମଧ୍ୟ ଆତ୍ମୀଭୂତ କରିଛି । ସେହି ଦୃଷ୍ଟିରୁ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀର ପ୍ରଥମ ଛାନ୍ଦରେ ତୃତୀୟ ପଦରେ କହିଛନ୍ତି "ପଦ ସରଳ ଧ୍ୱନିରେ ମାନସ ମୋହିବ ।" ତେଣୁ ସେ ଧ୍ୱନ୍ୟାତ୍ମକ କାବ୍ୟ ରଚନା ଦ୍ୱାରା ରସିକ ଚିତ୍ତକୁ ମୋହିତ କରିବାର ପ୍ରୟାସ କରିଛନ୍ତି; କିନ୍ତୁ ଏହି ଧ୍ୱନି ସରଳ ହେବା ଉଚିତ ବୋଲି ମଧ୍ୟ ସେ କହିଛନ୍ତି । ଏଠାରେ ପଦ ସରଳ ଧ୍ୱନିର ଅର୍ଥ ସରଳ ପଦସଂଯୋଜନା ନୁହେଁ । କାରଣ ଏ ସଂକ୍ରାନ୍ତରେ ପୂର୍ବରୁ ମୃଦୁଗୀତ କୁହାଯାଇଛି । ଏଠାରେ ଅନୁମାନ କରାଯାଇପାରେ ଯେ, ଜଟିଳ ଅଳଙ୍କାର ଧ୍ୱନି ଅପେକ୍ଷା ସରଳ ରସଧ୍ୱନି ଉପରେ ଗୁରୁତ୍ୱ ଦେବା ତାଙ୍କର ମୁଖ୍ୟ ଆଭିମୁଖ୍ୟ । ଶେଷ ଧାଡ଼ିରେ ଉପେନ୍ଦ୍ର ଭଞ୍ଜ କହିଛନ୍ତି, "ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବାର କାମନା ।" ଅର୍ଥାତ୍ କାବ୍ୟର ସମସ୍ତ ଶିଳ୍ପ ସୌନ୍ଦର୍ଯ୍ୟ ରସାନୁଭୂତିଜନିତ ଅଲୌକିକ ଆନନ୍ଦଦାନ ଲାଗି ଉଦ୍ଦିଷ୍ଟ । ଏହିପ୍ରକାର ଆନନ୍ଦ ସମସ୍ତଙ୍କର ହୃଦୟରେ ସୃଷ୍ଟି ହୋଇପାରେ ନାହିଁ । ରସୋପଲବ୍ଧି ଲାଗି ପାଠକ ବା ଶ୍ରୋତା ହୃଦୟର ରସାଳତା ଦରକାର, ରସାନୁଭୂତି ଆବଶ୍ୟକ । ଏହି ପାଠକ ବା ଶ୍ରୋତା ହେଉଛି କାବ୍ୟର ରସାସ୍ୱାଦନକାରୀ ଅର୍ଥୀଜନ । ଅର୍ଥୀଜନର ଅର୍ଥ କରିପାରୁନଥିବା ବ୍ୟକ୍ତି ନୁହେଁ । ଏହା ଅବଶ୍ୟ ଅନେକ ସମୟରେ ଅପବ୍ୟାଖ୍ୟାର ସମ୍ମୁଖୀନ । ଉପେନ୍ଦ୍ର ଭଞ୍ଜଙ୍କ କ୍ଲିଷ୍ଟ କାବ୍ୟଗୁଡ଼ିକର ଅଭିଧାନଗତ ଅର୍ଥଲାଗି ଛାତ୍ରାର୍ଥୀମାନଙ୍କର ଆବଶ୍ୟକ ପଡୁଥିବାରୁ ବୋଧହୁଏ ଏପରି ଅର୍ଥ କରାଯାଉଛି । ତେଣୁ ଅର୍ଥୀଜନର ପ୍ରକୃତ ଅର୍ଥ ହେବ ରସ ସ୍ୱାଦନକାରୀ ଜନ ବା ବିଦଗ୍ଧ ରସିକ । ଅର୍ଥ ସୃଷ୍ଟି ହେଉଛି ଭାବ ସୃଷ୍ଟି ଯାହା ଯଥାର୍ଥ କାବ୍ୟ ରସିକ ହୃଦୟରେ ଭାବାଲୋଡ଼ନ ସୃଷ୍ଟି କରିପାରେ ।

ତା'ର ହୃଦୟକୁ ଏକ ଅଲୌକିକ ଅର୍ଥରେ ପରିପୂର୍ଣ୍ଣ କରିପାରେ । ଏହି ଅର୍ଥ ହିଁ ରସର ନାମାନ୍ତର । କାବ୍ୟ ଧ୍ୱନିଜନିତ ବ୍ୟଞ୍ଜନାର ଅର୍ଥକୁ ହୃଦୟଙ୍ଗମ କରିପାରିଲେ ହିଁ ରସ ସୃଷ୍ଟି ହୁଏ । ଅନେକ ପ୍ରତିକୂଳ ସମାଲୋଚନା ସତ୍ତ୍ୱେ ଗୋଟିଏ କଥା ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ପଡ଼ିବ । ଉପେନ୍ଦ୍ରଭଞ୍ଜ ଯେଉଁ କାବ୍ୟ ସୃଷ୍ଟି କରିଯାଇଛନ୍ତି ତାହା ଯୁଗେ ଯୁଗେ ଅର୍ଥୀଜନଙ୍କୁ ଆନନ୍ଦଦାନ କରୁଛି ଏବଂ ବିଦଗ୍ଧମାନଙ୍କର ରସତୃଷ୍ଣା ପରିତୃପ୍ତ କରୁଛି । ମଙ୍ଗଳାଚରଣ, ସାଧୁସ୍ତୁତି ଓ ଖଳନିନ୍ଦା ପରି କାବ୍ୟ ଉପକ୍ରମରେ କବି ପରିଚୟ, ଆତ୍ମଲଘୁତା କିମ୍ବା ଆତ୍ମପ୍ରୌଢ଼ି ପ୍ରକାଶ ଓଡ଼ିଆ କାବ୍ୟର ଅନ୍ୟତମ ଆଙ୍ଗିକ କୌଶଳ । ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ'ର ଆଙ୍ଗିକ ସୌନ୍ଦର୍ଯ୍ୟକୁ ସାର୍ଥକ ଭାବରେ ପ୍ରକାଶ କରିବାପାଇଁ ଏହିସବୁ କୌଶଳଗୁଡ଼ିକ ବ୍ୟବହାର କରି ଏହାକୁ ଏକ ଅନନ୍ୟ ରୂପ ପ୍ରଦାନ କରିଯାଇଛନ୍ତି । 'ଲାବଣ୍ୟବତୀ'ର ଆଙ୍ଗିକ ରୂପନ୍ୟାସକୁ ଆତ୍ମିକଭାବରେ ଅନୁଶୀଳନ କରି ଆତ୍ମିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମି ସୃଷ୍ଟି କରିବାରେ ଉପେନ୍ଦ୍ରଭଞ୍ଜ ଯେଉଁ ଅନନ୍ୟ ପ୍ରୟାସ କରିଥିଲେ, ତାହାର ସୂକ୍ଷ୍ମ ପ୍ରଭାବ ପରବର୍ତ୍ତୀ କାବ୍ୟପ୍ରବାହକୁ ଆହୁରି ମନୋଜ୍ଞ ରସସ୍ନିଗ୍ଧ କରିପାରିଛି ।

## ପାଦଟୀକା :

୧. ଜେନା, ବୈରାଗୀ ଚରଣ, ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଓଡ଼ିଆ କାବ୍ୟରେ ସୌନ୍ଦର୍ଯ୍ୟ ଚେତନା, ପ୍ରକାଶକ - ବିଜୟ ଶଙ୍କର ପାତ୍ର, ଓଡ଼ିଶା ବୁକ୍‌ଷ୍ଟୋର କଟକ, ପ୍ରଥମ ପ୍ରକାଶ - ୧୯୯୨, ପୃ - ୧୨୨ ।

୨. ଜେନା, ବୈରାଗୀ ଚରଣ, ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଓଡ଼ିଆ କାବ୍ୟରେ ସୌନ୍ଦର୍ଯ୍ୟ ଚେତନା, ପ୍ରକାଶକ - ବିଜୟ ଶଙ୍କର ପାତ୍ର, ଓଡ଼ିଶା ବୁକ୍‌ଷ୍ଟୋର କଟକ, ପ୍ରଥମ ପ୍ରକାଶ - ୧୯୯୨, ପୃ - ୭୪ ।

୨. ବାଲ୍ମୀକି, ରାମାୟଣ 'ସୁନ୍ଦରା କାଣ୍ଡ', ଅଧ୍ୟାୟ - ୧୫, ପଦ - ୩୭ ରୁ ୩୯, ପୃ - ୪୫ ।

୩. ଦ୍ୱିବେଦୀ, ହଜାରୀ ପ୍ରସାଦ, କାଳିଦାସ କି ଲାଲିତ୍ୟ ଯୋଜନା (ହିନ୍ଦୀ), ପୃ - ୧୧୬ ।

୪. ମହାନ୍ତି, ଡଃ ଗିରିବାଳା, କାବ୍ୟିକ ସୌନ୍ଦର୍ଯ୍ୟ, ପ୍ରକାଶକ - କାହାଣୀ, କଲ୍ୟାଣୀ ନଗର, କଟକ, ପ୍ରଥମ ପ୍ରକାଶ - ୧୯୯୮, ପୃ - ୨୦, ୨୧ ।

୫. ଭଞ୍ଜ, ଉପେନ୍ଦ୍ର, ବୈଦେହୀଶବିଳାସ, ୫୨ ଛାନ୍ଦ, ପଦ - ୧୩, ପୃ - ୧୪୫ ।

୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୭/୮, ପୃ - ୪ ।

୭. ଭଞ୍ଜ, ଉପେନ୍ଦ୍ର, ''ଲଲାଟ ଲପନ ଛାନ୍ଦ ଦରପଣ/ଚିକୁର ଚାମର ଯହିଁରେ/ ତରଙ୍ଗ କୁରଙ୍ଗ ନୟନ ତୁରଙ୍ଗ କି ରଙ୍ଗ କରଇ ତହିଁରେ/ କଳସ, ଚକ୍ର, କୁଚ ଶ୍ରେଣୀ ଚତୁଳ/ କଟି ମେଖଳା ଘଣ୍ଟି ଯହିଁ ପ୍ରକଟି ଅଞ୍ଚଳ ପକାଇ ଚଞ୍ଚଳ ।। ୮ ।। ଶୋଭା ଏ ବିଧିରେ ପ୍ରବେଶ ସଧୀରେ/ ପୀନ

ସ୍ତନାୟେ ବିପିନରେ / ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷ ମନରେ / ତହିଁରେ ଚଳଭଙ୍ଗିମାନ କହିଲେ ॥ ୯ ॥'', ଲାବଣ୍ୟବତୀ, ମୁଦ୍ରଣ - ଭଞ୍ଜ ଜୟନ୍ତୀ - ୧୯୬୦, ୫ମ ଛାନ୍ଦ, ପଦ - ୮/୯, ପୃ - ୫୨/୫୩।

୮. ଭଞ୍ଜ, ଉପେନ୍ଦ୍ର,''ତୋରା ହୋଇଲା ଦେହ ଆଲିଙ୍ଗନକୁ ପାଇଁ/ ଧଡ଼ି ନଥିଲେ ଶାଢ଼ୀ ଥିଲା ପରା ଦିଶନ୍ତା ନାହିଁ ॥ ୪୬ ॥ ସ୍ନାନ ଅବଶେଷ କୂଳକୁ କୁଳପାଳିକା ଆସି / ଗଉର ଅଙ୍ଗରେ ଜଡ଼ି ସେ ଶାଢ଼ି ଏମନ୍ତ ଦିଶି ॥ ୩୯ ॥ ସ୍ଫଟିକ ବାଡ଼ ଫୁଟି ଦିଶେ କିସ ହେମ ପିତୁଳା / ସ୍ତନ ସଂପୁଟେ କି ବାରଣ ଦନ୍ତ ପିଧାନ କଲା /ଅତି ଝରଜର ନୀରରେ ଯହୁଁ ଏମନ୍ତ ଭାବି / ସେ ଚନ୍ଦ୍ରଶିଳ ଶଇଳ କି ହାସ ଚନ୍ଦ୍ରରେ ଦ୍ରବି ॥ ୪୧ ॥, ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୪୬/ ୪୦/୪୧, ପୃ - ୬୫/୬୭।

୯. ଭଞ୍ଜ, ଉପେନ୍ଦ୍ର, ''ଜବାଧରୀ ଧରିତ୍ରୀ ଶିରୀ/ ଧନ୍ୟ ଏହାର ଶିଳ୍ପକାରୀ/ ସୁବେଶକୁ ସୁବେଶ ଯେହୁ ତାକୁ ସୁବେଶ କଲେ କି ଅନୁମାନ କରି ।'', କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ୧୩ ଛାନ୍ଦ, ପଦ - ୪, ପୃ -୧୧୬।

୧୦. ଭଞ୍ଜ, ଉପେନ୍ଦ୍ର, ବୈଦେହୀଶ ବିଳାସ, ୩ୟ ଛାନ୍ଦ, ପଦ - ୫୭, ପୃ - ୧୫।

୧୧. ଭଞ୍ଜ, ଉପେନ୍ଦ୍ର, ''ବିଭୂଷଣ ହେମ ରତ୍ନ ଯେତେ ବହି/ ବାଳାମଣି ଶାଣେ ରସାଣ ତହିଁ / ବଦଳି ଅଞ୍ଜନ କସ୍ତୁରୀ ନିଶି/ ବଧୂ ବିଧୁ ବର୍ଣ୍ଣୁ ଉଜ୍ଜ୍ୱଳ ଦିଶି'', ବୈଦେହୀଶ ବିଳାସ, ୩ୟ ଛାନ୍ଦ, ପଦ - ୫୭, ପୃ - ୧୫।

୧୨. ଭଞ୍ଜ, ଉପେନ୍ଦ୍ର, ''ମଣି ରମଣୀକି ଶାଣ ଯଉବନ/ ବହୁ ମୂଲ୍ୟ ପ୍ରଭାକୁ ବଢ଼ାଇ ଦିନୁ ଦିନ ଯେ ॥ ୭୯ ॥ ଉପମା ଆଣିମା କାହୁଁ ମହାକବି ହେଲେ/ ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର, ହୋଇଲା ଯେ ॥'' ଲାବଣ୍ୟବତୀ, ୨ୟ ଛାନ୍ଦ, ପଦ - ୭୮/୮୦, ପୃ - ୨୯।

୧୩. ଭଞ୍ଜ, ଉପେନ୍ଦ୍ର, ''ଏକା ଏ ନୋହେ ହରଷ ପୁଣି ମିଶିଛି ସରସ/ମିଳିଛି ଶୋଭା ବିଶେଷ ଦୀପ୍ତି କି ଘେନି/ ସୁବାସ ମନ୍ଦିର ଏହି ବାସୁ ଅଛି ବ୍ୟକ୍ତ ହୋଇ/ବହିଲା ସୁକୃତ କରିଥିଲା ଅବନୀ/ ଭାବ ହାବ ଲୀଳା ପ୍ରସନ୍ନ/ ହୁଅନ୍ତି ଯାହା ପ୍ରସାଦେ ସେ କି ସମାନ ॥ ୧୧ ॥ ଅଣିମାଦି ସୁଖଦାୟୀ/ ଶୋଭ ଅଛି ଅଣି ହୋଇ / ପଲ୍ୟଙ୍କ ଅଙ୍କରେ ଦିଶେ ଏମନ୍ତ ଶୋଭା / ରସାଣ ରଜତ ବାଡ଼େ କନକଲତା କି ଜଡ଼େ / ବିଶଦ ଘନରେ କି ସେ ଚପଳା ପ୍ରଭା / ବାମ କର କପୋଳ ତଳ / କେନ୍ଦ୍ର ପଲ୍ଲବେ ଥୁଆକି ଫୁଲ୍ଲ କମଳ ॥ ୧୨ ॥'' ଲାବଣ୍ୟବତୀ, ଏକାଦଶ ଛାନ୍ଦ, ପଦ - ୧୧/୧୨, ପୃ - ୯୭।

୧୪. ଭଞ୍ଜ, ଉପେନ୍ଦ୍ର, ''ଚେତି ଚତୁରୀ ଚାହିଁଲା ନିଶି ନାଶେ ପାଶେ ନାହିଁ ଦିବ୍ୟ ତରୁଣ/ମାରି ହୃଦେ ହାତ ନାଥ ନାଥ ବୋଲି ଅତି ଉଚେ କଲା କାରୁଣ୍ୟ/ ଖୋଜେ ଅଧୀରେ/ ଚେତନା ହତ ସେ ବିଧିରେ / ଶେଯ ଲେଉଟାଇ କବରୀ ଫିଟାଇ କର ଭରି କୁଚ ସନ୍ଧିରେ ॥ ୧ ॥'' ଲାବଣ୍ୟବତୀ, ଏକାଦଶ ଛାନ୍ଦ, ପଦ - ୧ମ, ପୃ - ୧୦୫।

୧୫. ଭଞ୍ଜ, ଉପେନ୍ଦ୍ର ''ଜଳ କଳସ ଚନ୍ଦ୍ର, ବିମ୍ବକୁ ଧରି/ ପାରିଲି ନାହିଁ ସୁଧା ଭୋଗ କରିଯେ ।। ୩ ।। ମନୁ ମୂର୍ଚ୍ଛନ୍ତି ଅବା ସ୍ୱପନ ବୋଲି / ଜାଣିଲି ଏହି ଦେହେ କୃତାର୍ଥ ହେଲିରେ / ସାକ୍ଷାତ ପରି ଦେଇ ସ୍ୱପନ ସଙ୍ଗ / କଲୁତ କାମ ବ୍ୟାଧି କର କୁରଙ୍ଗରେ ।। ୪ ।।'' ଲାବଣ୍ୟବତୀ, ଚତୁର୍ଦ୍ଦଶ ଛାନ୍ଦ, ପଦ - ୩/୪, ପୃ - ୧୨୩, ୧୨୪ ।

୧୬. ଭଞ୍ଜ, ଉପେନ୍ଦ୍ର, ''ଚନ୍ଦ୍ରକୁ ନିନ୍ଦା କରୁଛି ମୁଖ ହାସ କାନ୍ତି / ସାରଙ୍ଗକୁ ନିନ୍ଦୁଛି ନୟନ ଭୁରୁ ଗତି ଯେ ।। ୩୩ ।। ନାସା ମଧ୍ୟ ଓଷ୍ଠ ନିଜେ ତରୁଣ ହରିକି / ଅପବାଦ ଅପସରି ଲକ୍ଷ ସେ ନାରୀ କି ଯେ ।। ୩୪ ।। ଅମର ସମ୍ପତ୍ତି ଲଭି ବିଲୋକନ ମାତ୍ରେ ।। ନାରୀ ରୂପ ପିତୁଳା ଲେଖନ ହେଲା ନେତ୍ରେ ଯେ ।। ୩୫ ।। ସେ ପ୍ରେମ ମଞ୍ଜରୀ ଶୋଭା ପଞ୍ଜରୀ ହୋଇଲା / ପୁଂସ ନେତ୍ର ଖଞ୍ଜରୀଟ ତହିଁ ରେ ରହିଲା ।। ୩୬ ।।'' ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୩୩/୩୪/ ୩୫, ପୃ - ୯ ।

୧୭. ଭଞ୍ଜ, ଉପେନ୍ଦ୍ର, ''ନାରୀ ନଦୀ ବାରି ନୋହିଲେ ତହିଁ ଘଡ଼ିଏ ଯାଏ / ହାସ କୁମୁଦ, ନେତ୍ର ମୀନ, ମୁଖ କମଳ ପ୍ରାୟେ ।। ୩୪ ।। ଜଘନ ପୁଳିନ, ଉରଜ ଚକ୍ରବାକ ମିଥୁନ / ରୋମାବଳୀ ଆଳି ଆବଳୀ ଗତି ହଂସ ସମାନ ।। ୩୫ ।। ଉଦର କମଳ ପଲାଶ ନାଭି ଜଳ ଭଉଁରୀ/ କର କୋକନଦ ସୁବାହୁ ଯହିଁ ମୃଣାଳ ସରି ।। ୩୬ ।।'', ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୩୪/ ୩୫/୩୬, ପୃ - ୬୪ ।

୧୮. ଭଞ୍ଜ, ଉପେନ୍ଦ୍ର, ''ବିନ୍ଦୁ ବିନ୍ଦୁ ଜଳ ରହିଛି ଚାରୁ କୁଟିଳବାଳେ / ତୁଷାର ବୃଷ୍ଟି କି ହୋଇଛି ନବତମାଳ ଦଳେ ।। ୪୨ ।। ନବ ଘନେ କିବା ଉଇଁଛି ତାର ତାରକା ଶ୍ରେଣୀ / ମୋତି ପତନ କି ହୋଇଛି ନୀଳମଣି ଧରଣୀ ।। ୪୩ ।।'' ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୪୨/୪୩, ପୃ - ୬୫ ।

୧୯. ଭଞ୍ଜ, ଉପେନ୍ଦ୍ର, ''ନବବନିତା ଅପୂର୍ବ ପୁଷ୍ପଲତା ପ୍ରକାଶ ଷୋଳଜାତି ଫୁଲ / ତିଳପୁଷ୍ପ କୁନ୍ଦବାରି କମଳ / କୁମୁଦ ବନ୍ଧୁଲୀ ପାଟଳୀ ନିଆଳୀ ଚମ୍ପା ଶିରୀଷ ଉତ୍ପଳରେ ସୁନ୍ଦରୀ / ଶୋଣ କୁସୁମ ଅଶୋକ ମନ୍ଦାର / ଭୋଖି ଭୃଙ୍ଗ ମୁଁ ଚୁମ୍ୱନେ ଆତୁର / କେତକୀବରନୀ ନାମ ଅଙ୍ଗୀକାର କଲେ ସରିଲାଟି ମୋରରେ ସୁନ୍ଦରୀ ।। ୧୪ ।।, ଲାବଣ୍ୟବତୀ, ୧୯ ଛାନ୍ଦ, ପଦ - ୧୪, ପୃ - ୧୭୦/୧୭୧ ।

୨୦. ଭଞ୍ଜ, ଉପେନ୍ଦ୍ର, ''କି ସୁନ୍ଦର କାମ ରତ୍ନ ତୋରଣା / ଝିଲିମିଲି ମାଳୀ ସେହି ଲକ୍ଷଣା ।। ୭ ।। କର୍ଣ୍ଣ ହୋଇଛି ବନ୍ଦୀ ଆବାସ / ଏଥିକି ଉପମା, କରିବା କିସ / ଭାଳୁ ଭାଳୁ ଦୃଷ୍ଟି ପତନ ହେଲା / ବାଳି ବୋଲି ମନେ ଯତନେ କଲା / କି ସୁନ୍ଦର ଫୁଲ ସୁମଲ୍ଲୀ କଢ଼ି / ଝଲକା ଉପମାକୁ ଗଲା ହୁଡ଼ି ।। ୮ ।। ଭାଲ ଚାହିଁ କଲା ଭଲ ବିଚାର / ଏ ହେମ କାଗଜ ପଟ ଧାତାର / ଲେଖିଛି ଚିତ୍ର କବିତ୍ୱ ଏଥିରେ / ଏବାଳା ସମାନ ନାହିଁ ପୃଥ୍ୱୀରେ / କି ସୁନ୍ଦର ଗୁଣେ ନାଗ ଭୁବନେ / ସ୍ୱର୍ଗପୁରେ ଆଉ ଅଛି ସମାନେ ।। ୯ ।।'' ଲାବଣ୍ୟବତୀ, ୧୦ମ ଛାନ୍ଦ, ପଦ - ୮/୯, ପୃ - ୮୮/୮୯ ।

୨୧. ଭଞ୍ଜ, ଉପେନ୍ଦ୍ର, '' ରସାଣ ରଜତବାଢ଼େ କନକଲତା କି ଜଡ଼େ/ ବିଶଦ ଘନରେ କି ସେ ଚପଳା ପ୍ରଭା / ବାମକର କପୋଳତଳ/ କେହ୍ନୁ ପଲ୍ଲବେ ଥୁଆ କି ଫୁଲ କମଳ ।। ୧୨ ।। ବୁଜିବାରୁ ଶୋଭାନେତ୍ର ନୀଳେନ୍ଦୀବରପତ୍ର ଉଲଟାଇ ଦର୍ପଣ ଥୋଇଛି କୁତୁକେ କି ଅବା ଖଞ୍ଜନ ଯୁଗ ନିଷ୍ଟଳ ହେବାରୁ ଯୋଗ / ଅଞ୍ଜନ ଅଠାକାଠିରେ ଏକା ବେଳକେ ମୀନ ରାଶି ଉଦୟ ଆସି / ମୃଗାଙ୍କ ଅଙ୍କରେ ହେଲା ପରାୟେ ଦିଶି ।। ୧୩ ।।'' ଲାବଣ୍ୟବତୀ, ଏକାଦଶ ଛାନ୍ଦ, ପଦ - ୧୨/୧୩, ପୃ - ୯୬ ।

୨୨. ଭଞ୍ଜ, ଉପେନ୍ଦ୍ର, ''ଏଥୁଅନ୍ତେ ଶୁଣ ରସ ଗ୍ରୀଷମେ ନିଶି ପ୍ରବେଶ/ ଉଦୟ ତାରା ଜୀବେଶ ହେଲେ ଆକାଶେ / ଚକ୍ର - ସୁଖ ଚକ୍ର - ନକ୍ର ଛେଦନେ ହୀରକଚକ୍ର/ ଫିଙ୍ଗିଛି ତାତ ସିନ୍ଧିରେ କାମ କି ରୋଷେ/ ବେଶ ହେବ କି ରାତ୍ରି ବାଳୀ / ସ୍ଫଟିକ ପେଟୀରେ କି ବା କସ୍ତୁରୀ ଦଳି ।। ୧ ।।'' ଲାବଣ୍ୟବତୀ, ଏକାଦଶ ଛାନ୍ଦ, ପଦ - ୧ମ, ପୃ - ୯୪ ।

୨୩. ଭଞ୍ଜ, ଉପେନ୍ଦ୍ର, ''ଆଜି କି ବିଭାବରୀ କି ହୋଇବ ଦିଭା ବରି କି / ମଲ୍ଲୀ ମାଳା ଦେଇ ବିଧୁ କିରଣେ ମଣି/ ଏ ବିଚିତ୍ର ସ୍ୱୟମ୍ବର ନାରୀ କି ବରିଲା ବର / ଏତେ କାଳେ ଦେଖାଗଲା ଏ କଥା ପୁଣି / ରବିକରେ ମହୀ ମହିଳା / ତାପି ହୋଇଥିଲା କି ଚନ୍ଦନ ଲେପିଲା ।। ୨ ।।'' ଲାବଣ୍ୟବତୀ, ଏକାଦଶ ଛାନ୍ଦ,  ପଦ - ୨, ପୃ - ୯୪ ।

୨୪. ଭଞ୍ଜ, ଉପେନ୍ଦ୍ର, ''ଶୀତଳ ଯାହା କିରଣ ପରଶରେ ସମୀରଣ / ରଣରଣ ମିତ୍ରପଣ ଘେନି କି ଏବେ / ବରହୀଗୁଣ ବିରହୀ ଠାରେ ଆଦରିଲା ତହିଁ / ସେ ଅଛି ଯା ଗଲେ ତହୁଁ ଜାତ ସ୍ୱଭାବେ / ପୁଂସ ଶୋଇ ସୁଧା ଚତ୍ୱର/ ଚନ୍ଦ୍ର ତାହିଁ ହୋଇଲା ଅଧିକେ କାତର ।। ୩ ।।'' ଲାବଣ୍ୟବତୀ, ଏକାଦଶ ଛାନ୍ଦ, ପଦ - ୩, ପୃ - ୯୪ ।

୨୫. ଭଞ୍ଜ, ଉପେନ୍ଦ୍ର, ''ଗ୍ରୀଷମ ସମୟ ପ୍ରବେଶ ହୋଇଲା ନବୀନା ଦୂତୀ ପ୍ରକର / ପତି ସଙ୍ଗତେ ଶୁଆଇ ଶୁଆଇ ଚନ୍ଦ୍ରକରେ ଲାଜ କରାଇଲା ଦୂର / ବିରହୀଚ୍ଚିତା ପରାୟ ଦିଶେ ଦିଶେ ବନ ଅନଳ/ ରଜନିକର ପବନେ ବହି ଦେବ ଦୀପକୁ କଲା ଆକୁଳ ।। ୧ ।। ସରି ହୋଇଲେ ଜଗତୀ ପରାୟ ଘନରସ ବିହୀନରେ / ରସିକ ରସାଧବ ପ୍ରାୟ ସରସୀ ମହିଷୀ ଆଲିଙ୍ଗନରେ / ମୃଗେ ପ୍ରକଟ ରସନା କଲେ ବିପରୀତରତା ପ୍ରାୟ ହୋଇ / ପତ୍ରାବଳୀହୀନେ ରତାନ୍ତ ନାୟିକା ସମାନ ତରୁ ଏ ବହି ।। ୨ ।।'' ଲାବଣ୍ୟବତୀ, ଛାନ୍ଦ ୪୦, ପଦ - ୧/୨, ପୃ - ୩୫୯ ।

୨୬. ଭଞ୍ଜ, ଉପେନ୍ଦ୍ର, ''ହୃଦ କେଦାରେ ଅନୁରାଗ ବୀଜକୁ ଅତି ଯତ୍ନ କରି ବୁଣିଛି । ଭଲ କାଳ ହେଲା ଯହୁଁ ଜାଣିଛି । କ୍ରମେ ସେ ଅଙ୍କୁରେ ଘନରସ ବୃଷ୍ଟି ବିହୀନେ ଦୁଃଖୀ ହୋଇଛି ରେ / ସୁନ୍ଦରୀ ! ନ କରିବ କି କରିବ ବରଷା । ପୁଛେ ମହାଜ୍ୟୋତିଷ ତୁ ଯେ ଯୋଷା । ନାସିକା ମୋତି ବୃହସ୍ପତି ଚଳନ ଯୋଗକୁ ଟେକିଛି ଆଶାରେ ସୁନ୍ଦରୀ  ।। ୧୩ ।।'' ଲାବଣ୍ୟବତୀ, ୧ମ ଛାନ୍ଦ, ପଦ - ୧୩, ପୃ - ୧୭୦ ।

୨୭. ଭଞ୍ଜ, ଉପେନ୍ଦ୍ର, ''ଦେଖି ନବକାଳିକା ବକାଳିକା ବାଳିକା/ ଆଳୀ କାଳିକା କାନ୍ତସ୍ମରି/ ରକ୍ଷା କେମନ୍ତ କରି କରିବା ମନ୍ତ୍ରକରି ଗତିକି / ଏମନ୍ତ ବିଚାରି ସେ ସହଚରୀ / ଭାବେ ବର୍ତ୍ତିଲେ ଏକାଙ୍କକୁ କଥା ଥିବ କାଳକାଳକୁ / ଏକେତ କ୍ଷୀଣ ଦିନ ହେଲା ଦୁର୍ଦ୍ଦିନ ଦିନ / ନ ଲଭି ବଲ୍ଲଭ ମେଳକୁରେ ।। ୧ ।।'' ଲାବଣ୍ୟବତୀ, ୧ମଛାନ୍ଦ, ପଦ - ୧୩, ପୃ -୧୭୦ ।

୨୮. ଭଞ୍ଜ, ଉପେନ୍ଦ୍ର, ''ପ୍ରବେଶ ହୋଇଲା ବରଷାକାଳ/ ପ୍ରମାଦ ମାନଙ୍କ ଜନମ ସ୍ଥଳ / ଜଳଦ କଜ୍ଜଳ କାନ୍ତି ଶାର୍ଦ୍ଦୂଳ / ସୁଖେ ବିହରିଲେ ଶିଖରିଚୂଳ/ଗର୍ଜିତ ସତତ / ପ୍ରକାଶି ଝଳି ବକାବଳୀ ଦନ୍ତ ।। ୧ ।। କୁରଙ୍ଗ ତୁରଙ୍ଗ ଥିଲା ସକାଶେ / ଚନ୍ଦ୍ରସୂର୍ଯ୍ୟ ଲୁଚି ରହେ ଆକାଶେ / ମୁନିଏ ମୃଗଚର୍ମ ଥିଲା ଦକୁଁ / ହିମାଳୟ ତଳୁଁ ଗଲେ ଶୃଙ୍ଗକୁ / ରଷପଙ୍କ୍ତିଲୀନ / ଆଗକରି ସେ ଗିଳିଦେଲା ଦିନ ।।୨।।'', ଲାବଣ୍ୟବତୀ - ଏକଚାଳିଶ ଛାନ୍ଦ, ପଦ - ୧/୨, ପୃ - ୩୬୯ ।

୨୯. ଭଞ୍ଜ, ଉପେନ୍ଦ୍ର, ''ବିଧାତା ବିଧାନ ଚିତା ବିଜୁଳି / କାଷ୍ଠାବଳୀ ଯୋଗେ ଉଠିଲା ଜଳି / ଝାଞ୍ଜାନିଳ ଲାଗି ପ୍ରଭା ପ୍ରକାଶି / ସଜୀବରେ ଦହି ଦିଏ ବିଦେଶୀ / ତହୁଁ ଅଗ୍ନିକଣ / ଉଡ଼ି ବୋଲାଇଲେ ଜ୍ୟୋତିରିଙ୍ଗଣ ।। ୪ ।।'', ଲାବଣ୍ୟବତୀ, ୪୧ ଛାନ୍ଦ, ପଦ - ୪, ପୃ - ୩୬୯ ।

୩୦. ଭଞ୍ଜ, ଉପେନ୍ଦ୍ର, ''କରକାଲୋଷ୍ଟ୍ର ପତନ ବହୁତ/ଯୁବାଙ୍କୁ ଲାଗିଲା ଅନଙ୍ଗଭୂତ / ଇନ୍ଦ୍ର କୋଦଣ୍ଡ ଦଣ୍ଡ ନଭେ ରାଜି / ମାନିନୀ ମାନଦନ୍ତ୍ୟ କୁମ୍ଭ ରାଜି / ସେ ବିନା ପ୍ରହାରେ / ଏହା ଦେଖିଲା ନଥିଲା ସଂସାରେ ।। ୫ ।।'' ଲାବଣ୍ୟବତୀ, ୪୧ଛାନ୍ଦ, ପଦ - ୫, ପୃ - ୩୬୯ ।

୩୧. ଭଞ୍ଜ, ଉପେନ୍ଦ୍ର, ''ନଦୀ ନାଗ କଲେ ବେଗ ଗମନ/ଲହରୀ ରସନା ଫୁତ୍କାର ସ୍ୱନ / ଫେନ କଞ୍ଚୁକ ଭ୍ରମ ଚକ୍ରେ ଶୋହି / ସାଗର ବିଳେ ରହିବାକୁ ଯାଇ / ତା ଚାହିଁ ଚପଳେ / ପଳାଇ ଗଲେ ମେଦୁକୁ ମରାଳେ ।। ୬ ।।'' ଲାବଣ୍ୟବତୀ, ୪୧ ଛାନ୍ଦ, ପଦ - ୬, ପୃ - ୩୭୦ ।

୩୨. ଭଞ୍ଜ, ଉପେନ୍ଦ୍ର, ''ଖେଦି ନୀରଦ ଦ୍ୱିରଦ ଶରଦ / ଋତୁ କେଶରୀ ପ୍ରସରି ବିଶଦ ।। ୧ ।। ଚାହିଁ ତମସ ନାଶବନ ଦେଶ / ସ୍ଫୁଟେ ପ୍ରକାଶ କଲେ କାଶ ହାସ ।। ୨ ।।'' ଲାବଣ୍ୟବତୀ, ୪୨ ଛାନ୍ଦ, ପଦ - ୧/୨, ପୃ - ୩୭୭ ।

୩୩. ଭଞ୍ଜ, ଉପେନ୍ଦ୍ର, ''ଦିନକ୍ଷୀଣ କଲା ରଜନୀ ବୃଦ୍ଧି କି କରାଇ ହରଷେ । ସକଳ ଅଙ୍ଗେ ବେପଥୁ ଜାତ କଲା ପବନ ସରଶେ / ରବି କିରଣରେ ଆଦର କରାଇ ଚନ୍ଦ୍ରମା ପ୍ରକାରେ / ଜାନୁ ଆଲିଙ୍ଗନ କରାଇଲା ଏକା ଦରିଦ୍ର ଜନରେ ।। ୩ ।।'' ଲାବଣ୍ୟବତୀ, ୪୩ ଛାନ୍ଦ, ପଦ - ୩, ପୃ - ୩୮୫ ।

୩୪. ଭଞ୍ଜ, ଉପେନ୍ଦ୍ର, ''ହୋ - ଏ ଅନ୍ତେ ମନୋହର ହୋଇ ପ୍ରବେଶ ହୋଇଲା ଋତୁ ରାଜନ / ପଞ୍ଚମ ସ୍ୱରରେ ପରଭୃତେ କଲେ ମଙ୍ଗଳ ଗୀତକୁ ଗାନ / ଝଙ୍କାରୀ ଝଙ୍କାର ସ୍ୱର / ବାଜିଲା ବିଜୟ ତୂରି /୧୨/ ହୋ ନବପଲ୍ଲବ ଚଳିତ ଚଳେ ଚାଳେ ଖଦି ତରୁ ପରିକର / କୁବେଲି ମୂଳ ଚାମର ପରି ସେହୁ ନିରତେ କରି ଆଦର / ଉଡ଼େ କୁସୁମ ପରାଗ / ପ୍ରକାଶ ଚର୍ଚ୍ଚାରୀ ରଙ୍ଗ ।। ୧୩ ।।'' ଲାବଣ୍ୟବତୀ, ୪୪ ଛାନ୍ଦ, ପଦ - ୧୨, ୧୩, ପୃ - ୩୯୩ ।

୩୫. ଭଞ୍ଜ, ଉପେନ୍ଦ୍ର, ''ଚନ୍ଦ୍ର ନହି ଭାଷ ପରି ବୀର ଦାନୀ / କୀର୍ତ୍ତି ନିଃସ୍ୱେ ତା'ର ହାର ଧୀର ମାନୀ ॥ ୫ ॥, ''ହଟ ଦେଖାଉଛନ୍ତି ନଟ ତହିଁ / ଚଢ଼ି ବଂଶଶଳାକାରେ ଡ଼ୋଲବାଇ ॥ ୧୦ ॥ ନାଟ କରୁ ଅଛନ୍ତି ଗଣିକା ଆଳୀ / ଗୀତ ଗାଉଅଛନ୍ତି ଗୁଣିକେ ମିଳି ॥ ୧୧ ॥'' ଲାବଣ୍ୟବତୀ, ୭ମ ଛାନ୍ଦ, ପଦ - ୧୦/୧୧, ପୃ - ୬୮ ।

୩୬. ଭଞ୍ଜ, ଉପେନ୍ଦ୍ର, ''ଚକ୍ରବାଡ଼ ପରି ଦେହଳୀ କି ବାଳା ତହିଁ / ଅମୁଜ ଅରୁଣ ପଦ ନପାରେ ବଳାଇ ଯେ ।'', ଲାବଣ୍ୟବତୀ, ତେତିଶ ଛାନ୍ଦ, ୧ମ ପଦ, ପୃ - ୨୮୯ ।

୩୭. ଭଞ୍ଜ, ଉପେନ୍ଦ୍ର, ''ମୋହିନୀ ପୀୟୂଷ କୁମ୍ଭ ବସନେ ଯୋଡ଼ାଇ / ଇନ୍ଦ୍ର ଆଗେ ଉଭା ହେଲେ ପ୍ରାୟ ଶୋଭା ପାଇଯେ / କାନ୍ତ ଦେଖି ଏକାନ୍ତ କରକୁ ଧରି କରେ / ମନ୍ଦ ପବନରେ ଯଥା ପଦ୍ମ ଲତା ଥରେ ଯେ ।'' ଲାବଣ୍ୟବତୀ, ତେତିଶଛାନ୍ଦ, ପଦ - ୬, ପୃ - ୨୯୧ ।

୩୮. ଭଞ୍ଜ, ଉପେନ୍ଦ୍ର, ''ମୃଦୁ ଅଙ୍ଗୀ ଅଙ୍ଗୀକାର ଏ ଭଙ୍ଗୀରୁ ଜାଣି / ନେଇ ଚିବୁକେ ପୁରଷ ନିବେଶିଲା ପାଣି ଯେ / ଭୋଳ ହୋଇ କୋଳ କରି ଶ୍ରୀମୁଖ ଟେକିଲା / ଯୋଗ ଭଙ୍ଗୀ ଭଙ୍ଗୀ ଛାନ ଥୟ ନରଖିଲା ଯେ ॥ ୧୧ ॥'' ଲାବଣ୍ୟବତୀ, ୩୪ ଛାନ୍ଦ, ପଦ - ୧୧, ପୃ - ୨୯୨ ।

୩୯. ''ପ୍ରେମେ ଆଲିଙ୍ଗନ କରି ସତ୍ୱରେ । ସରୁ ଚୁମ୍ବନ ଦେବ ତା' ସମ୍ମୁଖରେ ।'' ପଞ୍ଚଶାୟକ, ଉପେନ୍ଦ୍ର ଭଞ୍ଜ ଗ୍ରନ୍ଥାବଳୀ, ଚତୁର୍ଥ ଖଣ୍ଡ, ପ୍ରକାଶକ - ଧର୍ମଗ୍ରନ୍ଥ ଷ୍ଟୋର, ବ୍ରହ୍ମପୁର, ପୃ - ୧୧ ।

୪୦. ଭଞ୍ଜ, ଉପେନ୍ଦ୍ର, ''ଭାବିଲା ଏ ମେରୁ ଉରଜକୁ ଧରିକରେ / ବାଞ୍ଛା କରି ଆଉ କହିଁ ସ୍ୱର୍ଗ ପ୍ରାପତରେ ଯେ / କରଜ ଚଳାଇ ତନୁ ଶୋଭାକୁ ଚାହିଁଲା । ଭାଳେ ଏତେକାଳେ ନୀପଫୁଲେ ନିସ୍ତାରିଲା ଯେ ॥ ୧୪ ॥'' ଲାବଣ୍ୟବତୀ, ୩୪ ଛାନ୍ଦ, ପଦ - ୧୪, ପୃ - ୨୯୪ ।

୪୧. ଭଞ୍ଜ, ଉପେନ୍ଦ୍ର, ''ଫୁସ କକ୍ଷ ମୂଳେ ଚିପି ଦେଇ ନଖ ମୁନ / କୁଚାଗ୍ରେ ସମଗ୍ରେ କଲା ରସନା ଚାଳନ ॥ ୧୬ ॥, ''ଉରଜ ମଧ୍ୟୁ କରଜ ଆଣିଲା ଚଳାଇ / ନାଭିରେ ଦେଲେ କନିଷ୍ଠାଙ୍ଗୁଳି କି ବୁଲାଇ ଯେ / ନିତମ୍ବେ ହାମୋଳି ଠୁକୁ ଚେତନା ବସିଲା / ଭିଡ଼ି ମହାମତ୍ତେ ରାମା ସୁରତେ ରସିଲା ଯେ ॥ ୨୦ ॥'' ଲାବଣ୍ୟବତୀ, ୩୪ ଛାନ୍ଦ, ପଦ - ୧୬/୨୦, ପୃ - ୨୯୩/୨୯୪ ।

୪୨. ଭଞ୍ଜ, ଉପେନ୍ଦ୍ର, ''ଦଶନେ ଦଂଶନ କରି ଗଣ୍ଡ ମଣ୍ଡଳକୁ / ଚାଳିଦେଲେ ଚନ୍ଦ୍ର ଥିଲା ଶରୀର ସ୍ଥଳକୁ ଯେ / ସିତ୍କାର ଭଜି ରସିକା ହୋଇଲା ଅଜ୍ଞାନ / ବିଶେଷତଃ ମାଦକ ପାନରେ ଯଥା ଜନ ଯେ ॥ ୧୭ ॥'' ଲାବଣ୍ୟବତୀ, ୩୪ ଛାନ୍ଦ, ପଦ - ୧୭, ପୃ - ୨୯୪ ।

୪୩. ଭଞ୍ଜ, ଉପେନ୍ଦ୍ର, ''ବନ୍ଧ ଯୋଗେ ଧରି ଉଠେ ଉର ଲଗାଇଲା / ଜିହ୍ୱା ଚାଳି କର୍ଣ୍ଣ ଧୀର କରି ଫୁଙ୍କି ଦେଲା ଯେ ॥ ୧୯ ॥'' ଲାବଣ୍ୟବତୀ, ୩୪ ଛାନ୍ଦ, ପଦ - ୧୯, ପୃ - ୨୯୪ ।

୪୪. ଭଞ୍ଜ, ଉପେନ୍ଦ୍ର, ''ଯୋଷା ମୁଖେ ସ୍ୱେଦବିନ୍ଦୁ ତାହିଁ ପୁଂସ ଲୋଭା / ଇନ୍ଦୁ ଅମୃତ ବିନ୍ଦୁ କହିଲା ପ୍ରାୟ ଶୋଭା ଯେ ।। ୨୮ ।। କୁଚ ଗିରି ମାଡ଼ି ପଡ଼ିବାକୁ କରି ଭୟ / ବିସ୍ତାରିତ କରିଛି ଛଇଳ କର ଦ୍ୱୟ ଯେ ।। ୨୯ ।।'' ଲାବଣ୍ୟବତୀ, ୪୩ ଛାନ୍ଦ, ପଦ - ୨୮/୨୯, ପୃ - ୨୯୬ ।

୪୫. ଭଞ୍ଜ, ଉପେନ୍ଦ୍ର, ''ବଲ୍ଲଭ ନେତ୍ର ବଞ୍ଚାଇ ଯୁବତୀ ରତନ । ତରତରେ ବେଢ଼ ଦେଇ ପିନ୍ଧିଲା ବସନ ଯେ / ପୁରୁଷ ବେଳେ ଆଦର କରି ତତପରେ / ପ୍ରିୟାକୁ ଘେନି ଶୟନ ପଲ୍ୟଙ୍କ ଉପରେ ଯେ ।। ୩୧ ।। ଲାବଣ୍ୟବତୀ, ୩୩ ଛାନ୍ଦ, ପଦ - ୩୧, ପୃ - ୨୯୭ ।

୪୬. ଭଞ୍ଜ, ଉପେନ୍ଦ୍ର, ''ରାମାକୁ କୋଳେ ବସାଇ ଫେଡ଼ି ବାତାୟନ । ରତାନ୍ତେ କରୁଅଛନ୍ତି ବ୍ୟଜନ ଚାଳନ ଯେ । କାହାରି କରରେ ସ୍ନେହେ କେ ନ ଦେଲେ ରଖି / ବେନି ତନୁ ଜଡ଼ି ଶୟନ ମହା ସୁଖୀ ଯେ ।। ୩୪ ।।'' ଲାବଣ୍ୟବତୀ, ୩୪ଛାନ୍ଦ, ପଦ - ୩୪, ପୃ - ୨୯୮ ।

୪୭. ନନ୍ଦ, ଡଃ. ଗଙ୍ଗାଧର, ଭଞ୍ଜ ସାହିତ୍ୟରେ ସଂସ୍କୃତର ପ୍ରଭାବ, ଶ୍ରୀହର୍ଷ, ନୈଷଧ, ଭଞ୍ଜଭାରତୀ, ପ୍ରଥମ ସଂସ୍କରଣ - ୧୯୯୭, ପୃ - ୩୦୫ ।

୪୮. ଭଞ୍ଜ, ଉପେନ୍ଦ୍ର, ''ମୂର୍ତ୍ତିବନ୍ତ କରି ମୃଦୁ ଗୀତ ବିଚାରଇ / ଏଣୁ କରିଥିବ ଅଳଙ୍କାର ଯୁକ୍ତ ହୋଇ ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ/ ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ହେ ।। ୮ ।। ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ - ୭/୮, ପୃ - ୪ ।

୪୯. ଭଞ୍ଜ, ଉପେନ୍ଦ୍ର, ''ଜୟ ଜୟ ରାମ ଜନକ ସୁଖଦ/ ଭୀମହରଷ ଦାନରେ ସଦା ବିଶାରଦ ହେ ।'' ଲାବଣ୍ୟବତୀ, ୩୪ଛାନ୍ଦ, ପଦ - ୧ମ, ପୃ - ୧ ।

୫୦. ଭଞ୍ଜ, ଉପେନ୍ଦ୍ର, ''ତରଳରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ଲିହି / ସୁଚିରେ କରଇ ଏହି ଗୀତ ହିତ ପାଇଁ ଯେ ।। ୯ ।। ବୁଝାଇଲେ ଜଡ଼ ଜନ ଭାବକୁ ପାଇବ / ଖଳଖର ଚୂତାଙ୍କୁର ପ୍ରାୟେକ ଗ୍ରାସିବ ହେ ।। ୧୦ ।। ମଧୁମକ୍ଷି ଉଚ୍ଛିଷ୍ଟ ଅମୃତା ଦର ସୁରେ / କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାର ହେ ।। ୧୧ ।। ଲାବଣ୍ୟବତୀ, ୧ମ ଛାନ୍ଦ, ପଦ - ୯/୧୦/୧୧, ପୃ - ୪/୫ ।

## ଚତୁର୍ଥ ଅଧ୍ୟାୟ

# ଲାବଣ୍ୟବତୀର ଆତ୍ମିକ ସୌନ୍ଦର୍ଯ୍ୟ

କାବ୍ୟର ଆତ୍ମିକ ଓ ଆଙ୍ଗିକର ସମ୍ପର୍କ ଉପନିଷଦ ବର୍ଣ୍ଣିତ ଅଶ୍ୱତ୍ଥ ବୃକ୍ଷର ପକ୍ଷୀ ଦୁଇଟିର ସମ୍ପର୍କ ପରି । ଉପନିଷଦର ନିରାସକ୍ତ ପକ୍ଷୀଟି ପରି ଭାବର ବହନକାରୀ କାବ୍ୟାତ୍ମା ନିର୍ଗୁଣ, ଫଳ ଆସ୍ୱାଦନକାରୀ ପକ୍ଷୀଟି ପରି କାବ୍ୟାଙ୍ଗ ଭାଷାର ଭାଷରେ ତଥା ଛନ୍ଦର ସ୍ପନ୍ଦନରେ ସାକାର ଏବଂ ସଗୁଣ । ପକ୍ଷାନ୍ତରରେ କାବ୍ୟାତ୍ମା କାବ୍ୟଭାବ ଉତ୍କୃଷ୍ଟ ହେଉ ବା ନିକୃଷ୍ଟ ହେଉ ତାହା ନିରାକାର, ମନସିଜ ଓ ଅସ୍ୱୟଂଭୂ । ତାହାର ପ୍ରକାଶଶକ୍ତି ମାଧ୍ୟମ ଓ ଆଧାର ହେଉଛି ଭାଷା ଏବଂ ଛନ୍ଦ । ଭାଷା ଓ ଛନ୍ଦ ଭାବକୁ ବିବାହ କରନ୍ତି । ଭାଷାର ସ୍ଫୋଟ ଓ ଛନ୍ଦର ସ୍ପନ୍ଦନରେ ଅପ୍ରକାଶ୍ୟ ମୂକ କାବ୍ୟଭାବ ପ୍ରକାଶ ମୁଖର ହୁଏ । କାବ୍ୟ ବ୍ୟବହୃତ ଶବ୍ଦ ସାଧାରଣ ବ୍ୟବହୃତ ଶବ୍ଦଠାରୁ ଶକ୍ତିଶାଳୀ । ଏହି ଶକ୍ତି ମନ୍ତ୍ର ଶକ୍ତିସୁଲଭ ଫଳସଞ୍ଚାରୀ । କବିତାରେ କେଉଁଠାରେ 'ଓଁ' ବା କେଉଁଠାରେ 'ଓଁ ସ୍ୱାହା' ବା 'ଓଁ ନମୋ ସ୍ୱାହାୟ' କୁହାଯିବ ସେ ସମ୍ପର୍କରେ କବି ଯଦି ମୂଳରୁ ସଚେତନ ନଥାଏ ତେବେ ତାର କାବ୍ୟ ଅର୍ଥଚ୍ୟୁତ ହେବ, ତାହାର ବ୍ୟବହୃତ ଶବ୍ଦ ମନ୍ତ୍ରଶକ୍ତି ହରାଇବ ଯାହାଫଳରେ ସୃଷ୍ଟ କାବ୍ୟଟି ନିକୃଷ୍ଟ କାବ୍ୟକୃତିରେ ପରିଣତ ହେବ । ମାନବାତ୍ମା ଭଳି କାବ୍ୟାତ୍ମା ମଧ୍ୟ ଏକ ଅଲୌକିକ ଏବଂ ଅଜ୍ଞାତ ବସ୍ତୁ । ଲୌକିକ ଜଗତରେ ଯେପରି ମାନବ ଶରୀରର ସମସ୍ତ ଅଙ୍ଗସୌଷ୍ଠବ ଆତ୍ମା ଶୂନ୍ୟହେଲେ ତାହା ଜଡ଼ପିଣ୍ଡ ରେ ପରିଣତ ହୁଏ, ସେହିପରି କାବ୍ୟଜଗତ ରେ ମଧ୍ୟ କବି ସୃଷ୍ଟି କାବ୍ୟାତ୍ମା ବିସର୍ଜିତ ହେଲେ କେବଳ ଶବ୍ଦାର୍ଥରେ ପରିଣତ ହୁଏ ।

ତେଣୁ କାବ୍ୟାତ୍ମା କାବ୍ୟର ଅଣୁ ପରମାଣୁରେ ପରିବ୍ୟାପ୍ତ । ଉପସର୍ଗ ଓ ପ୍ରତ୍ୟୟଠାରୁ ପ୍ରକରଣ ପ୍ରବନ୍ଧ ପର୍ଯ୍ୟନ୍ତ ଏହା ପ୍ରସାରିତ । କିନ୍ତୁ ନେତି ନିର୍ଦ୍ଦିଷ୍ଟ ମାନବାତ୍ମା ଭଳି ଏହାର ସ୍ୱରୂପ ଉଦ୍‌ଘାଟନ ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ପ୍ରଥମତଃ ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ବହୁ ଆଲୋଚିତ କାବ୍ୟ ଶବ୍ଦର (ଯାହା ସାହିତ୍ୟ ଶବ୍ଦର ସମାନାର୍ଥକ) ଭାବରେ ପ୍ରତିପାଦନ ନିମିତ୍ତ ଆଲୋଚକମାନଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ଦେଖା ଦେଇଥିଲା । ଭାମହଙ୍କ ଠାରୁ ପଣ୍ଡିତ ରାଜ ଜଗନ୍ନାଥଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବହୁ ଆଳଙ୍କାରିକ କାବ୍ୟର ବିବିଧ ସଂଜ୍ଞା ପ୍ରଦାନ କରି କାବ୍ୟ ଓ କାବ୍ୟେତର ରଚନାର ପାର୍ଥକ୍ୟ ପ୍ରଦର୍ଶନ ନିମିତ୍ତ ବହୁ ବୌଦ୍ଧିକ ପ୍ରୟାସ କରିଯାଇଛନ୍ତି । ଶବ୍ଦ ଓ ଅର୍ଥର ସାହିତ୍ୟ ଅର୍ଥାତ୍ ଯେଉଁ ରଚନାରେ ଶବ୍ଦ ଓ ଅର୍ଥ ପ୍ରତି ସମାନ ଗୁରୁତ୍ୱ ଆରୋପ କରାଯାଇଥାଏ ତାହାହିଁ ସାହିତ୍ୟ ବୋଲି ଆଳଙ୍କାରିକଙ୍କ ହୃଦ୍‌ବୋଧ ହେଲାବେଳେ ଅନ୍ୟ କେତେକ ଏହାର ଅନ୍ୟାନ୍ୟ ଆଙ୍ଗିକ ଓ ଆତ୍ମିକ ବିଶେଷତ୍ୱ ସମ୍ପର୍କରେ ସଚେତନ । ରଚନାର ଦୋଷ, ଗୁଣ, ଅଳଙ୍କାର, ଔଚିତ୍ୟ, ରସ, ଧ୍ୱନି, ବକ୍ରୋକ୍ତି ଅନୁମିତି

ପ୍ରଭୃତିକୁ ଦୃଷ୍ଟିରେ ରଖି ଏହି ସମସ୍ତ କାବ୍ୟ ବିଶାରଦ କାବ୍ୟର ସ୍ୱରୂପ ଉଦ୍‌ଘାଟନରେ ପ୍ରୟାସୀ ହୋଇଛନ୍ତି । ଏହି କାବ୍ୟମନସ୍କ ପଣ୍ଡିତମାନଙ୍କର ଲକ୍ଷଣଗୁଡ଼ିକୁ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ, ନିର୍ଦ୍ଦୋଷ ଗୁଣଯୁକ୍ତ ବ୍ୟଞ୍ଜନାମୟ ଏକ ବିଦଗ୍ଧ ଶୈଳୀରେ ପ୍ରକାଶିତ ସାଳଙ୍କାର ତଥା ରସ ପରିପୂର୍ଣ୍ଣ ତଥା ଔଚିତ୍ୟଯୁକ୍ତ ଶବ୍ଦ ଓ ଅର୍ଥ ଉଭୟ ପ୍ରଧାନ ରଚନା ହିଁ କାବ୍ୟ ।

ଆଲୋଚ୍ୟ ସାହିତ୍ୟିକ ବିଭାଗ କାବ୍ୟ କାବ୍ୟେତର ପଦ୍ୟରଚନା ଠାରୁ ଯେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ତାହା ସ୍ପଷ୍ଟ ଜଣାପଡ଼େ । କାବ୍ୟ ସୌନ୍ଦର୍ଯ୍ୟଶୂନ୍ୟ ତଥା କାବ୍ୟଲକ୍ଷଣରହିତ ସମସ୍ତ ପୁରାଣତାତ୍ତ୍ୱିକ ଗ୍ରନ୍ଥ ଜ୍ୟୋତିଷ, ଆୟୁର୍ବେଦ ଗ୍ରନ୍ଥ ପ୍ରଭୃତି ପଦ୍ୟରେ ରଚିତ ହେଲେ ସୁଦ୍ଧା ଏମାନେ କାବ୍ୟକୋଟୀକୁ ଉତ୍ତୀର୍ଣ୍ଣ ହୋଇପାରନ୍ତି ନାହିଁ । ଏହି ଦୃଷ୍ଟିରୁ ଓଡ଼ିଆ କାବ୍ୟଗୁଡ଼ିକ ଏକାଧାରରେ ପ୍ରବନ୍ଧ ରୀତିରେ ରଚିତ, ଛାନ୍ଦରେ ବିଭକ୍ତ ଓ ସୁଗେୟ ହେବା ସଙ୍ଗେସଙ୍ଗେ କାବ୍ୟଗତ ସମସ୍ତ ଆଙ୍ଗିକ ତଥା ଆତ୍ମିକ ସୌନ୍ଦର୍ଯ୍ୟରେ ଋଦ୍ଧିମନ୍ତ ହୋଇଛନ୍ତି । ସାହିତ୍ୟରେ କାବ୍ୟ ଶବ୍ଦର ପ୍ରୟୋଗ ଦ୍ୱାରା ଅନ୍ୟାନ୍ୟ ପଦ୍ୟାତ୍ମକ ରଚନା କାବ୍ୟଠାରୁ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ହୋଇଯାଇଛନ୍ତି । ସଂସ୍କୃତ କାବ୍ୟସାହିତ୍ୟର ଅବକ୍ଷୟ ଯୁଗରେ ହିଁ ଓଡ଼ିଆ କାବ୍ୟର ଅଭ୍ୟୁତ୍ଥାନ । ସେତେବେଳେ କାଳିଦାସ ବିରଚିତ ସରଳ ତରଳ ବୈଦର୍ଭୀ ରୀତି ଅନୁସୃତ କାବ୍ୟ ଅପେକ୍ଷା ସାହିତ୍ୟ ରାଜ୍ୟରେ ଭାରବି, ମାଘ, ଶ୍ରୀହର୍ଷାଦିଙ୍କ ପ୍ରୌଢ଼କାବ୍ୟ ବିଶେଷ ଆଦୃତ ହେଉଥିଲା । ତେଣୁ ଅର୍ଜୁନ ଦାସ, ଶିଶୁଶଙ୍କର, ପ୍ରତାପରାୟ, ଚ଼ାନ୍ଦଦାସ, ଦେବଦୁର୍ଲ୍ଲଭଙ୍କ ଭଳି କେତେକ ମୁଷ୍ଟିମେୟ କବିଙ୍କ ବ୍ୟତୀତ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରୁ ଓଡ଼ିଆ ସାହିତ୍ୟ ନୈଷଧୀୟ ଚରିତମ୍ ଅନୁସରଣ କରିଥିବା ଦେଖିବାକୁ ମିଳେ । ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ କବି ଉପେନ୍ଦ୍ର ଭଞ୍ଜ ଦାମ୍ଭିକତାର ସହ ଘୋଷଣା କରିଛନ୍ତି ଯେ ପଣ୍ଡିତ ମଣ୍ଡଳୀର ମନସ୍କାମନା ପୂରଣ ହେଲାପରି ସେ ନୈଷଧ ଭଳି ଓଡ଼ିଆ କାବ୍ୟ ମଧ୍ୟ ସୃଷ୍ଟି କରିପାରିଛନ୍ତି । ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ରଚନା କାଳରେ ଓଡ଼ିଆ କବି ସମାଜ ଏହି କାବ୍ୟର କିମ୍ବା ଉପେନ୍ଦ୍ରଙ୍କ କାବ୍ୟରାଜିର ପ୍ରତ୍ୟକ୍ଷ ଅନୁସରଣ ପାଇଁ ବ୍ୟଗ୍ର ହୋଇ ଉଠିଥିଲେ ହେଁ, ସଂସ୍କୃତ ନୈଷଧ କାବ୍ୟ ତାହାର ପ୍ରଭାବକୁ ଓଡ଼ିଆ ସାହିତ୍ୟରେ ଅକ୍ଷୁଣ୍ଣ ରଖିଥିଲା । କିନ୍ତୁ ସଂସ୍କୃତ ମହାକାବ୍ୟର ଅନୁସରଣରେ ଓଡ଼ିଆ କାବ୍ୟଗୁଡ଼ିକୁ ସର୍ବଶ୍ରେଷ୍ଠ କୃତି ଭାବରେ ରୂପାୟିତ କରିବାରେ ଉପେନ୍ଦ୍ର ଭଞ୍ଜଙ୍କ ନିଷ୍ଠାପର ସାଧନା ବାସ୍ତବିକ ଅନନ୍ୟ ସାଧାରଣ ।

ବୈଦିକ ସାହିତ୍ୟରେ ରସର ନାମୋଲ୍ଲେଖ ଦେଖାଯାଏ । ତୈତ୍ତରୀୟ ଉପନିଷଦ ୨/୧୭ ପଦରେ ଉଲ୍ଲେଖ ଅଛି 'ରସୋବୈସଃ' ।(୧) ସେହି ପରମବ୍ରହ୍ମଙ୍କୁ ରସ ବୋଲି ବର୍ଣ୍ଣନା କଲାବେଳେ ରସ ଶବ୍ଦରେ ବହୁ ଅର୍ଥ ବା ପର୍ଯ୍ୟାୟ ଏହାର ଲକ୍ଷ୍ୟ ହୋଇପାରେ । ଏହି ଦୃଷ୍ଟିରୁ ରସର ତିନୋଟି ଅର୍ଥ ମୁଖ୍ୟତଃ ଗ୍ରାହ୍ୟ, ଜଳ, ଅମ୍ଳମଧୁରାଦି ରସନାଗ୍ରାହ୍ୟ ବସ୍ତୁ ରସ ଏବଂ କାବ୍ୟରସ । ସେ ଯାହାହେଉ କାବ୍ୟରେ ସର୍ବମୟ ବ୍ରହ୍ମର ରସରୂପୀ ଅବସ୍ଥାନ

ସ୍ୱୀକାର କରିନେବା ଫଳରେ ତାହାର ପଠନ, ମନନ, ଅଧ୍ୟୟନ ଦ୍ୱାରା ରସମାଧ୍ୟମରେ ସେହି ପରମବ୍ରହ୍ମର ଉପଲବ୍ଧି ମଧ୍ୟ ସମ୍ଭବ । ଏହାହିଁ ଏହି ସିଦ୍ଧାନ୍ତର ମର୍ମ । କାବ୍ୟ ମଧ୍ୟରେ ଥିବା ଏହି ଚରମ ଆହ୍ଲାଦ ବିଷୟରେ ବୈଦିକ ସାହିତ୍ୟରେ ରହିଥିବା ଉଲ୍ଲେଖରୁ ରସ ଧାରଣାର ଦୀର୍ଘ ଐତିହ୍ୟ ପ୍ରମାଣିତ ହୁଏ ବୋଲି କେତେକ ପଣ୍ଡିତଙ୍କ ମତ । ରସ ସମ୍ପର୍କିତ ଆଲୋଚନା ମଧ୍ୟରେ ଭରତଙ୍କ ରଚିତ ନାଟ୍ୟଶାସ୍ତ୍ର ପ୍ରାଚୀନତମ । ଭରତଙ୍କ ପରବର୍ତ୍ତୀ କାଳରେ ଅଭିନବ ଗୁପ୍ତଙ୍କ ଅଭିନବଭାରତୀ, (ନାଟ୍ୟଶାସ୍ତ୍ରର ବ୍ୟାଖ୍ୟାମୂଳକ ଟୀକା) ଭୋଜଙ୍କ ସରସ୍ୱତୀ କଣ୍ଠାଭରଣ, ଭୋଜରାଜଙ୍କ ଶୃଙ୍ଗାରପ୍ରକାଶ, ଧନଞ୍ଜୟଙ୍କ ଦଶରୂପ, ରୁଦ୍ରଟଙ୍କ ଶୃଙ୍ଗାର ତିଳକ, ଶାରଦା ତନୟଙ୍କ ଭାବପ୍ରକାଶନ, ଭାନୁଦତ୍ତଙ୍କର ରସତରଙ୍ଗିଣୀ, ମମ୍ମଟଙ୍କ କାବ୍ୟପ୍ରକାଶ, ବିଶ୍ୱନାଥଙ୍କ ସାହିତ୍ୟଦର୍ପଣ ଏବଂ ଜଗନ୍ନାଥଙ୍କର ରସଗଙ୍ଗାଧର ପ୍ରଭୃତି ଗ୍ରନ୍ଥମାନଙ୍କରେ ବିସ୍ତାରିତ ଆଲୋଚନାରେ ଅଳଙ୍କାର ଶାସ୍ତ୍ରର ଏହି ପ୍ରଥମ ତଥା ପ୍ରଧାନ ସିଦ୍ଧାନ୍ତଟି ପ୍ରମୂର୍ତ୍ତ ହୋଇଉଠିଛି । ଭରତଙ୍କ ଦ୍ୱାରା ରଚିତ ଗୋଟିଏ ମାତ୍ର ସୂତ୍ର ବା ଅନୁଶାସନ ଦୀର୍ଘ ଦୁଇଶହ ବର୍ଷଧରି ଆଲୋଚିତ ହୋଇ ଆସିଛି । ''ବିଭବାନୁଭାବ ବ୍ୟଭିଚାରୀ ସଂଯୋଗାଦ୍ରସନିଷ୍ପତ୍ତିଃ'' ।[୨] ଏହି ସଂଜ୍ଞାର ଅନ୍ତର୍ଭୁକ୍ତ ପ୍ରତ୍ୟେକ ପଦର ଅର୍ଥ ଅର୍ଥାନ୍ତର କରିବା ପରବର୍ତ୍ତୀ ଆଳଙ୍କାରିକ ରଚନାର ଆଭିମୁଖ୍ୟ ହୋଇପାରିଛି । ରସ ସଂଜ୍ଞାର ପ୍ରଥମ ପଦଟି ହେଲା ବିଭାବାନୁଭାବ ବ୍ୟଭିଚାରୀ ସଂଯୋଗାଦ୍ । ଏଥିରେ ତିନୋଟି ରସ ସମ୍ପର୍କିତ ଉପାଦାନ ଅଥବା ରସାଙ୍ଗର ଉଲ୍ଲେଖ ରହିଛି । ବିଭାବ, ଅନୁଭାବ, ବ୍ୟଭିଚାରିଭାବ ଏବଂ ଏହି ରସାଙ୍ଗମାନଙ୍କର ସଂଯୋଗ ଅଥବା ସମନ୍ୱୟ ସଂସ୍କୃତିକୁ ରସୋପଲବ୍ଧି ର କାରଣ ରୂପେ ଗ୍ରହଣ କରାଯାଇଛି । ଦ୍ୱିତୀୟ ପଦ ରସନିଷ୍ପତ୍ତିଟି ଏହି ମୂଳ କାରଣର ପରିଣତି ରୂପେ ଅନ୍ତର୍ଭୁକ୍ତ ହୋଇଛି । ପ୍ରକୃତରେ ଏହି ସଂଜ୍ଞାଟି ରସର ନୁହେଁ । ଏହା ରସ ଉପଲବ୍ଧିର ସଂଜ୍ଞା । .....ର ସଂଯୋଗ ଯୋଗୁଁ ........ 'ର' ଉପଲବ୍ଧି ଘଟେ ଏପରି ଉକ୍ତି ଦ୍ୱାରା ଅସଲ ରସ କି ବସ୍ତୁ ତାହା ସଂଜ୍ଞାରେ ପ୍ରତ୍ୟକ୍ଷଭାବରେ ପ୍ରତିପାଦିତ ହେଲା ନାହିଁ । ସୂତ୍ରର ଏହି ଅଭାବ ବିଷୟରେ ଭରତ ସଚେତନ ଥିଲେ କି ନଥିଲେ ତାହାମଧ୍ୟ ଏକ ବିବାଦୀୟ ବିଷୟ ହୋଇ ପଡ଼ିଛି କିନ୍ତୁ ଏହି ସୂତ୍ରରେ ବ୍ୟାଖ୍ୟା ପ୍ରସଙ୍ଗରେ ଭରତ ସେହି ମୁଖ୍ୟବସ୍ତୁର ଉଲ୍ଲେଖ ଓ ଆଲୋଚନା କରିଛନ୍ତି । ସେହି ବସ୍ତୁଟି ହେଲା ଭାବ (ସ୍ଥାୟୀଭାବ) । ଭରତଙ୍କ ନିଜ ବିଶ୍ଳେଷଣାତ୍ମକ ଆଲୋଚନାରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ବିଭାବ-ଅନୁଭାବ-ବ୍ୟଭିଚାରୀ ଭାବର ସଂଯୋଗ ଫଳରେ ବ୍ୟଞ୍ଜନା ଦ୍ୱାରା ସୂଚିତ ହେଉଥିବା ସ୍ଥାୟୀ ଭାବ ହିଁ ସ୍ୱୟଂରସର ରୂପ ତଥା ରସର ଆଖ୍ୟାଲାଭ କରେ । ଭରତଙ୍କ ଏହି ବିଚାରଧାରା ଅନୁଯାୟୀ ପରବର୍ତ୍ତୀ ଆଚାର୍ଯ୍ୟମାନେ ସ୍ୱକୀୟ ରୀତିରେ ରସର ନୂତନ ସଂଜ୍ଞା ଅଥବା ବ୍ୟାଖ୍ୟା ଉପସ୍ଥାପନ କରିଥିବାର ଦେଖାଯାଏ ।

## କାବ୍ୟ ଓ ରସ :

କାବ୍ୟ ପ୍ରତିଭାର ସାରସ୍ୱତ ପରିପ୍ରକାଶ । ଜୀବନ ଓ କାବ୍ୟ ଅଭିନ୍ନ ରୂପେ ପ୍ରତିପାଦିତ ।

ଜୀବନରେ ରସପରି କାବ୍ୟରେ ରସର ଏକ ଅନିବାର୍ଯ୍ୟ ଭୂମିକା ରହିଛି । କାବ୍ୟପୁରୁଷର ପରିକଳ୍ପନାରେ ଶବ୍ଦାର୍ଥ ହେଉଛି ଶରୀର ମାଧୁର୍ଯ୍ୟ, ଓଜସ୍ ଆଦି ପୌରୁଷ ପ୍ରକାଶକ ଗୁଣ । ବୈଦର୍ଭୀ ଗୌଡ଼ୀ ଆଦି ଅଙ୍ଗରେ ସୁଷମ ସଂଯୋଜକ ରୀତି । ଉପମା ଅନୁପ୍ରାସାଦି ଶୋଭାବିଧାୟକ କଟକ କୁଣ୍ଡଳ ପରି ଅଳଙ୍କାର । ଅଶ୍ଳୀଳ, ଶ୍ରୁତିକଟୁତା ଇତ୍ୟାଦି କାଣତ୍ୱ ଖଞ୍ଜତ୍ୱ ପରି ଦୋଷ ବିଶେଷ । କିନ୍ତୁ ରସ ହେଉଛି ଆତ୍ମସ୍ୱରୂପ । ରସ ବ୍ୟତୀତ କାବ୍ୟପୁରୁଷ ନୀରସ ଓ ନିର୍ଜୀବ । ତେଣୁ କାବ୍ୟରେ ରସର ସ୍ଥାନ ବିଷୟରେ ମତାନୈକ୍ୟ ପରିଦୃଷ୍ଟ ହୁଏନାହିଁ । ଉପେନ୍ଦ୍ର ସଂସ୍କୃତ ମହାକାବ୍ୟ ଲକ୍ଷଣକୁ ଦୃଷ୍ଟିରେ ରଖି ଏହି କାବ୍ୟ ରଚନା କରିଥିବାରୁ ଏଥିରେ ରସ ମୁଖ୍ୟ ସ୍ଥାନ ଗ୍ରହଣ କରିବା ବିଚିତ୍ର ନୁହେଁ । ମହାକାବ୍ୟ ଲକ୍ଷଣରେ ଅଛି ଶୃଙ୍ଗାର, ବୀର, କରୁଣ ଓ ଶାନ୍ତରସ ମଧ୍ୟରୁ ଗୋଟିଏ ଅଙ୍ଗୀରସ ହେବା ଉଚିତ ଏବଂ ଅନ୍ୟାନ୍ୟ ସମସ୍ତ ରସର ପରିପୋଷକ ଭାବରେ ଅଭିବ୍ୟଞ୍ଜିତ ହେବା ବାଞ୍ଛନୀୟ । ବିଶ୍ୱନାଥ କବିରାଜ 'ବାକ୍ୟଂ ରସାତ୍ମକମ୍ କାବ୍ୟମ୍' ରୂପେ କାବ୍ୟ ଲକ୍ଷଣ ନିର୍ଣ୍ଣୟ କରିବାପରେ ରସ ସହିତ କାବ୍ୟର ଅବିଚ୍ଛେଦ୍ୟ ସମ୍ପର୍କ ପ୍ରତିପାଦିତ ହୋଇଛି । ତେଣୁ ଏହି କାବ୍ୟରେ କବି ଶୃଙ୍ଗାର ରସକୁ ମୁଖ୍ୟସ୍ଥାନ ଦେଇ ଅନ୍ୟାନ୍ୟ ରସକୁ ପରିପୋଷକ ରୂପେ ସ୍ଥାନ ଦେଇଥିବା ସମ୍ଭାବନା ଉଜ୍ଜ୍ୱଳ ।

ସାହିତ୍ୟର ପର୍ଯ୍ୟାୟବାଚୀ କାବ୍ୟ ତଥା ଜୀବନ ଏକ ଓ ଅଭିନ୍ନ । ଲୌକିକ ବ୍ୟବହାରରେ ମାନବର ବିଭିନ୍ନ ଅନୁଭୂତିକୁ ଲକ୍ଷ୍ୟରଖି ସାହିତ୍ୟଶାସ୍ତ୍ରରେ ବିଭିନ୍ନ ସ୍ଥାୟୀଭାବ ଓ ରସର ନିରୂପଣ କରାଯାଇଛି ଯାହା ଆସ୍ୱାଦନଯୋଗ୍ୟ ତାହା ହିଁ ରସ । ଯଥା : 'ରମ୍ୟତେ ଆସ୍ୱାଦ୍ୟତେ ଇତିରସଃ' । ଆସ୍ୱାଦନ ଦୃଷ୍ଟିରୁ ଭାବ, ରସାଭାସ ଓ ଭାବାଭାସ ମଧ୍ୟ ରସ ପରିସରର ଅନ୍ତର୍ଭୁକ୍ତ । କାବ୍ୟ ବା ନାଟକରେ ରସାନୁଭୂତିକୁ ରସର ସ୍ୱରୂପ ନିରୂପଣ କରି କହନ୍ତି ଯେ, ନାଟକବର୍ଣ୍ଣିତ ବିଭାବ, ପାଠକ, ଶ୍ରୋତା ବା ଦର୍ଶକର ହୃଦୟରେ ଥିବା ସ୍ଥାୟୀଭାବ ରସରୂପରେ ପରିଣତ ହୁଏ । ଉପେନ୍ଦ୍ରଭଞ୍ଜ 'ଲାବଣ୍ୟବତୀ'ର ଆତ୍ମିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କଲାବେଳେ ରୀତିଯୁଗର ବିଭିନ୍ନ ଆଳଙ୍କାରିକ ଗୁଣାବଳୀକୁ ନିଜର କାବ୍ୟରେ ପ୍ରତିପାଦିତ କରିଛନ୍ତି ।

## ଲାବଣ୍ୟବତୀରେ ଶୃଙ୍ଗାରିକତା :

ବସ୍ତୁତଃ ଶୃଙ୍ଗାରୀ ଚେତନାର ପ୍ରତିଷ୍ଠା ହେଉଛି ସର୍ବଶ୍ରେଷ୍ଠ । ଏହା ଆଦିରସ ବା ରସରାଜ ରୂପେ ପ୍ରତିଷ୍ଠିତ । ରତି ସମସ୍ତ ପ୍ରାଣୀଜାତିର ମୁଖ୍ୟ ପ୍ରବୃତ୍ତି ହେତୁ ଏହାପ୍ରତି ସମସ୍ତଙ୍କର ବିଶେଷ ଆକର୍ଷଣ ରହିଛି । ଓଡ଼ିଆ ମଧ୍ୟଯୁଗର ସ୍ରଷ୍ଟା କବିଗଣ ଏହି ରସକୁ ମହତ୍ତ୍ୱପୂର୍ଣ୍ଣ ମନେକରି କାବ୍ୟରେ ମୁଖ୍ୟସ୍ଥାନ ଦେଇଛନ୍ତି । ଉପେନ୍ଦ୍ରଙ୍କ ସୃଷ୍ଟିକୁ ଏହି ଶୃଙ୍ଗାରରସ ଆଚ୍ଛନ୍ନ କରିରଖିଛି । 'ଲାବଣ୍ୟବତୀ' କାବ୍ୟ ମୁଖ୍ୟତଃ ଶୃଙ୍ଗାରରସର ଏକ ମଧୁମୟ ପ୍ରକାଶ; ତେଣୁ 'ଲାବଣ୍ୟବତୀ' କାବ୍ୟରେ ଏହି ରସର ବିକାଶ ପ୍ରଦର୍ଶନ ପୂର୍ବରୁ ଏହାର ପୂର୍ଣ୍ଣାଙ୍ଗ ଆଲୋଚନା କରାଯାଉଛି । ସ୍ତ୍ରୀ, ପୁରୁଷଙ୍କ ପରସ୍ପର ଆକର୍ଷଣ ହିଁ ଶୃଙ୍ଗାର । ଏହାର ବର୍ଣ୍ଣ ଶ୍ୟାମ ଓ ଦେବତା ବିଷ୍ଣୁ । ରତି ସ୍ଥାୟୀଭାବ ପ୍ରେମାର୍ଦ୍ର ମନର ନାମ ରତି ।[୩] ଆଲମ୍ବନ ବିଭାବ

ନାୟକର ନାୟିକା ଓ ନାୟିକାର ନାୟକ । ଏହି ନାୟକ ନାୟିକାଙ୍କ ଅସଂଖ୍ୟ ଭେଦ : ମୁଗ୍ଧା, ମଧ୍ୟା, ପ୍ରଗଲ୍‌ଭା ଓ ଧୀରା, ଅଧୀରା, ଜ୍ୟେଷ୍ଠା ଓ ବାସକସଜ୍ଜା, ବିପ୍ରଲବ୍ଧା, ଖଣ୍ଡିତା, ଅଭିସାରିକା, ଉତ୍କଣ୍ଠିତା, ପ୍ରୋଷିତଭର୍ତ୍ତୃକା ଆଦି ଅଷ୍ଟବିଧ । ପରକୀୟା ଅନୂଢ଼ା, ଊଢ଼ା ଭାବରେ ଦ୍ୱିବିଧ । ସେହି ନାୟିକା ପୁଣି ଜାତିଗତ ଭେଦରେ ପଦ୍ମିନୀ, ଶଙ୍ଖିନୀ, ଚିତ୍ରିଣୀ ଓ ହସ୍ତିନୀ ଭେଦରେ ଚତୁର୍ବିଧ । ନାୟିକାଙ୍କ ଅଳଙ୍କାରର ତ୍ରିବିଧ ରୂପ ବର୍ଣ୍ଣିତ ଯଥା: ଅଙ୍ଗଜ, ଅଯତ୍ନଜ ଓ ସ୍ୱଭାବଜ । ଅଙ୍ଗଜ: ଭାବ, ହାବ, ହେଳା ରୂପେ ତ୍ରିବିଧ । ଅଯତ୍ନଜ: ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ପ୍ରଗଲ୍‌ଭତା, ଔଦାର୍ଯ୍ୟ, ଓ ଧୈର୍ଯ୍ୟ ଭେଦରେ ସପ୍ତବିଧ । ସ୍ୱଭାବଜ: ଲୀଳା, ବିଳାସ, ବିଚ୍ଛିତ୍ତି, ବିବ୍ୱୋକ, କିଳକିଞ୍ଚିତ, କୁଟ୍ଟମିତ, ବିଭ୍ରମ, ଲଳିତ, ମଦ, ବିହୃତ, ତପନ, ମୌଗ୍‌ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ ଓ କେଳି ଭାବରେ ଅଷ୍ଟଦଶବିଧ ।

ଶୃଙ୍ଗାର ସହାୟିକା ନାୟିକା ଦୂତୀ । ସେ ମଧ୍ୟ ନିସୃଷ୍ଟାର୍ଥ, ଅମିତାର୍ଥ, ପତ୍ରହାରି ଭେଦରେ ତ୍ରିବିଧ । ନେତା ପୁଣି ଧୀରୋଦାତ୍ତ, ଧୀରଲଳିତ, ଧୀରପ୍ରଶାନ୍ତ ଓ ଧୀରୋଦ୍ଧତ । ଅବସ୍ଥାଭେଦରେ ଅନୁକୂଳ, ଦକ୍ଷିଣ, ଶଠ ଓ ଧୃଷ୍ଟ । ନାୟକର ଶୃଙ୍ଗାର ସହାୟକ ଚେଟ, ବିଟ, ବିଦୂଷକ, ପୀଠମର୍ଦ୍ଦ, ପ୍ରିୟ ନିର୍ମମାତ୍ମକ ଓ ଅନ୍ତଃପୁର ସହାୟ ଭେଦରେ ବହୁବିଧ । ସେହିପରି ନାୟକର ତେଜ, ଲଳିତ ଓ ଔଦାର୍ଯ୍ୟ ଗୃହୀତ । ପଦ୍ମିନୀ ନାୟିକା ଓ ଧୀରୋଦାତ୍ତ ନାୟକକୁ ଶ୍ରେଷ୍ଠତମ ବିଚାରରୂପେ ବିଚାର କରାଯାଇଛି । ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ କାବ୍ୟରେ କାବ୍ୟ ନାୟିକା ଚନ୍ଦ୍ରଭାନୁକୁ ଏକ ନିରତ ଧୀରୋଦାତ୍ତ ଭାବରେ ଚିତ୍ରଣ କରିଛନ୍ତି । ''ପଦ୍ମିନୀ ଜନମ ସ୍ଥାନ ପଦ୍ମାକର ପୁରୀ/ ଆନଜାତି ନାରୀ ଏ ଯହିଁରେ ପରିଚାରୀ ଯେ ।''।।୨୩।।[୪] ଉଦ୍ଦୀପନ ବିଭାବ ଷଡ୍‌ଋତୁ, ପ୍ରଭାତ, ଯାମିନୀ, ଉପବନ, ଚନ୍ଦ୍ରୋଦୟ, ସନ୍ଧ୍ୟା, କୋକିଳ ଧ୍ୱନି, ଜଳକେଳି ଇତ୍ୟାଦି, ଭ୍ରୂବିକ୍ଷେପ, କଟାକ୍ଷ, ଭୁଜବିକ୍ଷେପ, ସ୍ତନଚିତ୍ରାଦି ଏ ରସର ଅନୁଭାବ । ରୋମାଞ୍ଚ, ବେପଥୁ, ସ୍ତମ୍ଭ ଆଦି ସାତ୍ତ୍ୱିକଭାବ, ମରଣ, ଆଳସ୍ୟ, ଯୁଗୁପ୍‌ସା, ବ୍ୟତୀତ ମଦଦୈନ୍ୟ ଆଦି ସମସ୍ତ ବ୍ୟଭିଚାରୀଭାବ ଏ ରସରେ ଗୃହୀତ । କୁସୁମର ବିକାଶପରି ଶୃଙ୍ଗାରକୁ ବିକାଶମୂଳକ ଭାବରେ ଉଲ୍ଲେଖ କରାଯାଇଛି । ଏହାର ମିତ୍ର ରସ ହାସ୍ୟ ଓ ବୀଭତ୍ସ ଶତ୍ରୁ । ଏହି ଶୃଙ୍ଗାର ଦ୍ୱିବିଧ । ସମ୍ଭୋଗ ଓ ବିପ୍ରଲମ୍ଭ ସ୍ଥଳ ବିଶେଷରେ ରସାଭାସକୁ ମଧ୍ୟ ଶୃଙ୍ଗାରରସରେ ଅନ୍ତର୍ଭୁକ୍ତ କରାଯାଇଛି ।

## ସମ୍ଭୋଗ :

ଯୁବକ ଯୁବତୀଙ୍କ ମନରେ ଦର୍ଶନ, ଆଲିଙ୍ଗନ ଆଦି ଅନୁକୂଳ ବ୍ୟାପାର ସେବନରେ ଯେଉଁ ଉଲ୍ଲାସ ଭାବ ଜାତହୁଏ, ତାହାକୁ ସମ୍ଭୋଗ ଶୃଙ୍ଗାର କହନ୍ତି । ଏହା ବାହ୍ୟ ଓ ଅଭ୍ୟନ୍ତର ଭେଦରେ ଦ୍ୱିବିଧ । କେତେକ ଆଲୋଚକଙ୍କ ମତରେ ଏହା ସଂକ୍ଷିପ୍ତ, ସମ୍ପନ୍ନ ଓ ସମୃଦ୍ଧିମାନ ଭେଦରେ ତ୍ରିବିଧ ।

## ବାହ୍ୟସମ୍ଭୋଗ :

ଯେଉଁଠି ଆଲିଙ୍ଗନ, ଚୁମ୍ବନ ଆଦି କ୍ରିୟା କେବଳ ବର୍ଣ୍ଣିତ ତାହା ଶରୀରର ବାହ୍ୟାଙ୍ଗ

ସହିତ ମିଳନହେତୁ ବାହ୍ୟ ସମ୍ଭୋଗ ରୂପେ ଗୃହୀତ । ଏଠାରେ ଲାବଣ୍ୟବତୀ କାବ୍ୟର ତ୍ରିୟୋତ୍ରିଂଶ ଛାନ୍ଦର ଦ୍ୱାଦଶ ପଦକୁ ଉଦାହରଣ ରୂପେ ଗ୍ରହଣ କରାଯାଇଛି ।[୫] ଏହାର ପୂର୍ବାଭାସ ହେଉଛି ଯେ ସିଂହଳକନ୍ୟା ଲାବଣ୍ୟବତୀ ମଧୁଶଯ୍ୟା ଗୃହରେ ରାତିରେ ଉଭୟଙ୍କ ମିଳନ ଘଟିଛି । ପୁରୁଷର ଚାଟୁବାଣୀ ଶ୍ରବଣରେ ନାୟକ କ୍ଷୀଣହାସ ପ୍ରକାଶ କରିଛି । ନାୟିକାର ସ୍ୱୀକୃତି ଲାଭକରି ନାୟକ ତାହାକୁ ଚୁମ୍ବନ ଓ ଆଲିଙ୍ଗନ କରିଛି । ନାୟିକା ମନେ କରିଛି ଭ୍ରମରମାନେ ଏହି ମୁଖକୁ ଭ୍ରମବଶେ ପଦ୍ମ ମନେକରି ଚୁମ୍ବନ ଦିଅନ୍ତି । ତେଣୁ ସେ ନାୟିକା ମୁଖରେ ଚୁମା ଦେଇ ହର୍ଷିତ ହୋଇଛି । ନାୟିକାର ବ୍ୟାଜ ଅଙ୍ଗଚାଳନାକୁ ଦୂର କରି ଆଲିଙ୍ଗନ କରିଛି । ସେହି ମୁଖ ଶିଥିଳତାରେ କର୍ପୂର ତଥା ଚନ୍ଦନର ଶୀତଳତାକୁ ଧିକ୍କାର କରିଛି । ନାୟକ ଅନୁକୂଳ ଏବଂ ନିରତ । ନାୟିକା ସ୍ୱକୀୟା, ପ୍ରଥମା, ନବଯୌବନା, ମଦନବିକାରା, ମୁଗ୍ଧା । ନାୟକର ହୃଦୟସ୍ଥିତ ରତିପାଇଁ ନାୟିକା ଆଲମ୍ବନ ବିଭାବ । ନାୟିକାର ମୁଖଚାଳନା ଓ ବାହୁବନ୍ଧନ ଅନୁଭାବ । ହର୍ଷ ଓ ଔତ୍ସୁକ୍ୟ ଆଦି ବ୍ୟଭିଚାରୀଭାବ । ଏ ସମସ୍ତ ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଭାବର ସାଧାରଣୀକରଣ ଫଳରେ ସାମାଜିକ ପାଠକ ବା ଶ୍ରୋତାର ରତିଭାବ ଶୃଙ୍ଗାରରସ ରୂପ ଲାଭକରେ । ଆଲିଙ୍ଗନ, ଚୁମ୍ବନ ଆଦି ବାହ୍ୟ ସମ୍ଭୋଗର ବନ୍ଧନ ହେତୁ ବାହ୍ୟ ସମ୍ଭୋଗ ଭାବରେ ଗୃହୀତ । ଉକ୍ତ ପଦରେ ଯମକ ଏବଂ ଅନୁପ୍ରାସ ଶୃଙ୍ଗାର ରସର ଅଭିପୋଷକ ହୋଇ ଅଭିବ୍ୟକ୍ତିରେ ସହାୟକ ହୋଇଛି ।

ଏହି ପଦରେ ନାୟକ ହୃଦୟସ୍ଥ ସ୍ଥାୟୀଭାବ ରତିର ନାୟିକା ଆଲମ୍ବନ । ଏକାନ୍ତ ଗୃହ ଉଦ୍ଦୀପନ, ଗାତ୍ରକମ୍ପ, ରୋମାଞ୍ଚ ଆଦି ଅନୁଭାବ । ଏ ସମସ୍ତର ସାଧାରଣୀକରଣ ଫଳରେ ସାମାଜିକ ହୃଦୟସ୍ଥ ରତିରସ ରୂପ ପରିଗ୍ରହ କରେ । ଚୁମ୍ବନ, ଦନ୍ତକ୍ଷତ ଆଦି ବାହ୍ୟ ଶରୀର ସମ୍ଭୋଗ ଏଥିରେ ବର୍ଣ୍ଣିତ ।[୬]

## ଆଭ୍ୟନ୍ତର ସମ୍ଭୋଗ :

ଆଲୋଚନାର ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏଠାରେ ଏକ ଉଦାହରଣ ଗ୍ରହଣ କରାଯାଇଛି । 'ଲାବଣ୍ୟବତୀ' କାବ୍ୟର ୩୩ ଛାନ୍ଦର ୨୮ ପଦରେ ମଧୁଶଯ୍ୟା ଗୃହରେ ନାୟକ ନାୟିକାଙ୍କ ବିପରୀତ ରତିବିଳାସ ବର୍ଣ୍ଣିତ । ସାମାନ୍ୟ ଭାବରେ ସ୍ତ୍ରୀ ପୁରୁଷଙ୍କର ଯେଉଁ ସମ୍ଭୋଗ କ୍ରିୟା ତାହା ବସନ୍ତକାଳ ପରି ହେଲା । ନାୟିକା ବର୍ଷାକାଳ ପରି ହୋଇ ତାହା ଦୂର କଲା । ଯେପରି ବର୍ଷାର ଆଗମନରେ ବସନ୍ତ ଦୂରେଇଯାଏ, ଫଳରେ କୋକିଳଧ୍ୱନି ପରି ନୁପୂରକଳା ଧ୍ୱନି ତିରୋହିତ ହେଲା । କିଙ୍କିଣୀରୂପକ ମୟୂର ନାଦ ପ୍ରବର୍ତ୍ତିଲା । ନାୟିକାର ମୁଖରେ ବିନ୍ଦୁ ବିନ୍ଦୁ ସ୍ୱେଦ ଦେଖି ନାୟକ ଅତିଶୟ ପ୍ରଲୁବ୍ଧ ହେଲା । ମନେକଲା ଚନ୍ଦ୍ର ଅମୃତବିନ୍ଦୁ ଧାରଣ କରିଛି ।[୭] ବିପରୀତ ରତିରେ ନାୟିକାର ଉର୍ଦ୍ଧ୍ୱଶୟନ, କ୍ଷୁଦ୍ର ଘଟିକାର ଚାଳନ, କର୍ମରତା ନାୟିକାର ସ୍ୱେଦବିନ୍ଦୁ ଧାରଣ ସ୍ୱାଭାବିକ । ଏଠାରେ ଅନୁକୂଳ ନାୟକର ହୃଦୟସ୍ଥିତ ରତି ସ୍ଥାୟୀଭାବ ଓ ନାୟିକା ଆଲମ୍ବନ ବିଭାବ । ଶୂନ୍ୟ ମଧୁଶଯ୍ୟା ଗୃହ, କିଙ୍କିଣୀନାଦ ଉଦ୍ଦୀପନ ବିଭାବ । ସ୍ୱେଦବିନ୍ଦୁ ସାତ୍ତ୍ୱିକାନୁଭାବ । ଶ୍ରବଣ, ଔତ୍ସୁକ୍ୟ, ହର୍ଷ, ବିତର୍କ ଆଦି ସଂଚାରୀ ଭାବ । ଏ

ସମସ୍ତର ସାଧାରଣୀକରଣରେ ସାମାଜିକ ରତିଭାବ ଶୃଙ୍ଗାର ରସରୂପ ପରିଗ୍ରହ କରେ । ରୂପକ ଓ ଦୃଷ୍ଟାନ୍ତ ଅଳଙ୍କାର ଅଭିପୋଷକ ହୋଇ ରସାନୁଭୂତିକୁ ତୀବ୍ରତର ଓ ଉତ୍କର୍ଷଯୁକ୍ତ କରିଛି । ଏଥିରେ ସମ୍ଭୋଗ ବ୍ୟାପାର ବର୍ଣ୍ଣନା ହେତୁ ଏହା ଆଭ୍ୟନ୍ତର ସମ୍ଭୋଗ ଭାବରେ ଗୃହୀତ । ସମ୍ଭୋଗର ସଂକ୍ଷିପ୍ତ, ସମ୍ପନ୍ନ ଏବଂ ସମୃଦ୍ଧିମାନ-ଭେଦର ସ୍ୱରୂପ ନିର୍ଣ୍ଣୟ କରାଯାଇନାହିଁ । ତେବେ କମ୍ ପରିସରରେ ମିଳନର ସାମାନ୍ୟ ବର୍ଣ୍ଣନାକୁ ସଂକ୍ଷିପ୍ତ କୁହାଯାଇପାରେ । ଯେଉଁଠି ବାହ୍ୟ ସମ୍ଭୋଗର ବିସ୍ତୃତ ଓ ଗଭୀର ବର୍ଣ୍ଣନା ପ୍ରଦତ୍ତ ତାହାକୁ ସମ୍ପନ୍ନ ସମ୍ଭୋଗ କହିବା ଯଥାର୍ଥ । କବି ଲାବଣ୍ୟବତୀ କାବ୍ୟର ସମସ୍ତ ତ୍ରୟୋଦଶ ଛାନ୍ଦଟି ସମ୍ଭୋଗ ବର୍ଣ୍ଣନାରେ ପୂର୍ଣ୍ଣ କରିଛନ୍ତି । ସେଥିରେ ବାହ୍ୟ ବା ଆଭ୍ୟନ୍ତର ସମ୍ଭୋଗ ତଥା ଯୁବତୀଙ୍କ ମିଳନ ବ୍ୟାପକ ଭାବରେ ରଚିତ ହେତୁ ତାହାକୁ ସାମଗ୍ରିକ ଭାବରେ ସମ୍ପନ୍ନ ସମ୍ଭୋଗ କୁହାଯାଇପାରେ । କେତେକଙ୍କ ମତରେ ବିପ୍ରଲମ୍ଭର ଚତୁର୍ବିଧ ଭେଦ ପରି ସମ୍ଭୋଗର ମଧ୍ୟ ଚାରିପ୍ରକାର ଭେଦ ରହିଛି ।

## ବିପ୍ରଲମ୍ଭ ଶୃଙ୍ଗାର :

''ନବିନା ବିପ୍ରଲମ୍ଭେନ ସମ୍ଭୋଗଃ ପୁଷ୍ଟିମଶ୍ନୁତେ'' ଅର୍ଥାତ୍ ବିପ୍ରଲମ୍ଭ ବୀତୀତ ସମ୍ଭୋଗ ଶୃଙ୍ଗାର ପୁଷ୍ଟ ହୁଏନାହିଁ । ତେଣୁ ବିପ୍ରଲମ୍ଭର ସ୍ୱରୂପ ଓ ପରିସର ବିଷୟକ ଆଲୋଚନା ଆବଶ୍ୟକ । ମଧ୍ୟଯୁଗୀୟ ଅଧିକାଂଶ କବି କାବ୍ୟକୁ ମିଳନାତ୍ମକ କରିବାକୁ ଚେଷ୍ଟା କରିଛନ୍ତି । ମିଳନପରେ ବିଚ୍ଛେଦ ଓ ପୁନର୍ମିଳନର ବ୍ୟବସ୍ଥା କରି କବିମାନେ ବିପ୍ରଲମ୍ଭ ବା ବିରହର ଏକ ମଧୁମୟ ଚିତ୍ର ଉପସ୍ଥାପିତ କରିଯାଇଛନ୍ତି । ଯେତେବେଳେ ରତି ବା ପ୍ରେମାର୍ଦ୍ରମନ ବ୍ୟାକୁଳତାର ଚରମସୀମାରେ ଉପନୀତ ହୋଇ ମଧ୍ୟ ଅଭୀଷ୍ଟବସ୍ତୁ ଲାଭ କରିପାରେ ନାହିଁ, ସେତେବେଳେ ତାହାକୁ ବିପ୍ରଲମ୍ଭ କୁହାଯାଏ । ସେହି ବିପ୍ରଲମ୍ଭ ଚାରିପ୍ରକାର: ପୂର୍ବରାଗ, ମାନ, ପ୍ରବାସ, କରୁଣ ।

## ପୂର୍ବରାଗ :

ଅଭିଳଷିତ ବ୍ୟକ୍ତିର ଅପ୍ରାପ୍ତି ଅବସ୍ଥାରେ ମନରେ ଯେଉଁ ଅନୁରାଗାତ୍ମକ ଦଶା ସୃଷ୍ଟି ହୁଏ ତାର ନାମ ପୂର୍ବରାଗ । ସଂକ୍ଷେପରେ କହିଲେ ପ୍ରେମିକ ବା ପ୍ରେମିକାଙ୍କ ପରସ୍ପର ମିଳନ ପୂର୍ବରୁ ଦର୍ଶନ ବା ତଦ୍‌ବିଷୟକ ରୂପଗୁଣର ଶ୍ରବଣରେ ମନରେ ଯେଉଁ ମିଳନ ପାଇଁ ତୀବ୍ର ଅଭିଳାଷ ଜାତ ହୁଏ ତାହାକୁ ପୂର୍ବରାଗ କହନ୍ତି । ଏହି ପୂର୍ବରାଗ ପ୍ରକାଶନ ପାଇଁ କବିବୃନ୍ଦ ଦୁଇଟି କୌଶଳ ଅବଲମ୍ବନ କରିଥାନ୍ତି ଯଥା: ଶ୍ରବଣଜନିତ ପୂର୍ବରାଗ, ଦର୍ଶନଜନିତ ପୂର୍ବରାଗ । ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ କାବ୍ୟରେ ପ୍ରେମିକ ପ୍ରେମିକାଙ୍କ ମିଳନ ପାଇଁ ଯେଉଁ ପୂର୍ବରାଗ ସୃଷ୍ଟି କରିଛନ୍ତି, ସେଥିରେ ଶ୍ରବଣ ଓ ଦର୍ଶନର ବହୁବିଧ ରୂପ ପ୍ରକାଶିତ । ଏହି ପୂର୍ବରାଗରେ ନାୟକ ନାୟିକାଙ୍କ ଦଶପ୍ରକାର ଅବସ୍ଥା ଜାତ ହୁଏ । ଯଥା: ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା ଓ ମରଣ ।

**ଶ୍ରବଣ :**

ପ୍ରେମିକ ଓ ପ୍ରେମିକାର ବା ପ୍ରେମିକା ଓ ପ୍ରେମିକର ରୂପ ଗୁଣାଧିକ୍ୟ ବିଷୟରେ ଶ୍ରବଣ କରିବା ଦ୍ୱାରା ଯେଉଁ ଅନୁରାଗ ମନରେ ସୃଷ୍ଟିହୁଏ ତାହାକୁ ଶ୍ରବଣଜନିତ ପୂର୍ବରାଗ କହନ୍ତି । କବି 'ଲାବଣ୍ୟବତୀ' କାବ୍ୟରେ ଶ୍ରବଣଜନିତ ପୂର୍ବରାଗର ପର୍ଯ୍ୟାପ୍ତ ବର୍ଣ୍ଣନା କରିଛନ୍ତି । ତେବେ ଅବବୋଧର ସୁଗମତା ଦୃଷ୍ଟିରୁ ନିମ୍ନରେ ତନ୍ମଧ୍ୟରୁ କେତୋଟି ଉଦାହରଣ ଉପସ୍ଥାପନ କରାଯାଇପାରେ । କବି ପ୍ରଥମେ ସପ୍ତମଛାନ୍ଦରେ ସିଂହଳଦେଶର ସାଧବପୁଅ ମୁଖରେ ନାୟକ ନିକଟରେ କାବ୍ୟନାୟିକା ଲାବଣ୍ୟବତୀର ରୂପଗୁଣାଦିର ପ୍ରଶଂସା କରିଛନ୍ତି । ଏହି ଛାନ୍ଦରେ କାବ୍ୟ ନାୟିକାର ରୂପଗୁଣ ସହିତ ସ୍ଥାନ ଓ ନାମ ସାଧବ ପ୍ରକାଶ କରି ନାୟକ ହୃଦୟରେ ଆକର୍ଷଣର ପ୍ରଥମ ବୀଜ ବପନ କରିଛି । ହାସ୍ୟଯୁକ୍ତ ଅଧର ଶୋଭାବର୍ଣ୍ଣନା ମଧ୍ୟ କିଞ୍ଚିତ ବର୍ଣ୍ଣିତ ହୋଇଛି । ପ୍ରେମିକ ଚନ୍ଦ୍ରଭାନୁର ହୃଦୟସ୍ଥ ରତି ଉଦ୍‌ବୋଧନ ପାଇଁ ପ୍ରେମିକା ଲାବଣ୍ୟବତୀ ଆଲମ୍ବନ । ଅନୁଭାବ ଓ ବ୍ୟଭିଚାରୀ ଭାବର ଉଲ୍ଲେଖ ନଥିଲେ ମଧ୍ୟ ଲାବଣ୍ୟବତୀ ପ୍ରତି ଅଭିଳଷିତ ଚନ୍ଦ୍ରଭାନୁ ଲାବଣ୍ୟବତୀର ରୂପ ବିଭବରେ ବିସ୍ତାରିତ ବର୍ଣ୍ଣନାରେ ହର୍ଷ, ଉତ୍‌ଫୁଲ୍ଲ ଆଦି ଅନୁଭାବ, ଔତ୍ସୁକ୍ୟ ଆଦି ସଂଚାରୀ ଭାବ ଆକ୍ଷିପ୍ତ ହୋଇ ଆସେ । ଏ ସମସ୍ତର ସାଧାରଣୀକରଣରେ ସାମାଜିକ ହୃଦୟସ୍ଥ ରତି ସ୍ଥାୟୀଭାବ ରସ ରୂପରେ ପରିଣତ ହେବା ବିଚିତ୍ର ନୁହେଁ । [୮] ଅନ୍ୟଟି ମେଧାବିନୀ ଶୁକ ମୁଖରେ ଲାବଣ୍ୟବତୀ ନିକଟରେ ଚନ୍ଦ୍ରଭାନୁର ବର୍ଣ୍ଣନା ଯଥା: ସେହି ପ୍ରେମିକ ଚନ୍ଦ୍ରଭାନୁର ହୃଦୟ ରୂପକ ବନରେ କାମ ରୂପକ ଅଗ୍ନି ଜାଳୁଛି । ଡ଼ାଳିମ୍ବ ମଞ୍ଜି ତୁଲ୍ୟ ଦନ୍ତ ବିଶିଷ୍ଟ ଲାବଣ୍ୟବତୀ ମେଘରୂପ ହୋଇ ଘନରସ (ଜଳ,ପ୍ରେମ) ପ୍ରଦାନ କରି ଶାନ୍ତ କରୁ । ପ୍ରେମିକର ବେଦନା ଗ୍ରୀଷ୍ମକାଳୀନ ପ୍ରଚଣ୍ଡ ଉତ୍ତାପତୁଲ୍ୟ ଭୀଷଣ । ଏହି ଉକ୍ତି ମଧ୍ୟରେ ନାୟକର ବେଦନା ପ୍ରକାଶିତ ଓ ନାୟିକା ପାଇଁ ପ୍ରେମଦାନର ନିର୍ଦ୍ଦେଶ ରହିଛି । [୯]

ଏଥିରେ କାମ ଦଶଦଶା ମଧ୍ୟରୁ ଚିନ୍ତା, ଉଦ୍‌ବେଗ ଓ ସ୍ମୃତିର ପ୍ରକାଶ ପୂର୍ବରାଗକୁ ପୁଷ୍ଟ କରେ । ରୂପକ ଅଳଙ୍କାରଟି ସଂଯୁକ୍ତହୋଇ ରସାଭିବ୍ୟକ୍ତିରେ ସହାୟକ ହୋଇଛି ।

**ଚିତ୍ରପଟ ଦର୍ଶନ :**

ଶ୍ରବଣ ଅନୁରାଗର ଅନ୍ୟ ଏକ ଉଦାହରଣ ହେଲା ଯେ, ମୟଦ୍ୱାରା ନିର୍ମିତ ସନ୍ୟାସୀ କର୍ତ୍ତୃକ ଆନୀତ ଲାବଣ୍ୟବତୀର ଚିତ୍ରପଟ୍ଟ ନାୟକ ଚନ୍ଦ୍ରଭାନୁ ଦର୍ଶନ କରିଛି । ଏଥିରେ ହାସ୍ୟଯୁକ୍ତ ଅଧର ଓ ନେତ୍ରପକ୍ଷ୍ମ ଚିତ୍ରିତ । ପଦ୍ମରେ ଶିଶୁ ଭ୍ରମରପଂକ୍ତି ବସିଥିଲା ପରି ଲାବଣ୍ୟବତୀର ଚୂର୍ଣ୍ଣକେଶ ଶୋଭାପାଇଛି । ହାସଯୁକ୍ତ ଅଧର ଦେଖି ମନେହୁଏ କର୍ପୂରରେ ମାଣିକ୍ୟକୁ ମଜା ଯାଇଛି କି ? ତା'ର ନେତ୍ରପକ୍ଷ୍ମ ଧୈର୍ଯ୍ୟକୁ ଖଣ୍ଡନ କରିବାପାଇଁ କତୁରୀ ପରି ବୋଧ ହୋଇଛି । ଏଠାରେ ନାୟିକାର ଚିତ୍ର ଆଲମ୍ବନ, ରୂପ ଶୋଭା ଉଦ୍ଦୀପନ ବିଭାବ ରୂପେ ପ୍ରଦତ୍ତ । ଏଥିରେ ନେତ୍ରସ୍ଥିରତା ଆଦି ଅନୁଭାବ, ଔତ୍ସୁକ୍ୟ, ହର୍ଷୋଦିବ୍ୟାଭିଚାରୀଭାବ, ଏଗୁଡ଼ିକର ସାଧାରଣୀକରଣ ଫଳରେ ସାମାଜିକ ହୃଦୟର ରତିରସ ରୂପରେ ପରିଣତ ହୁଏ । ଏଥିରେ ଉତ୍‌ପ୍ରେକ୍ଷା ଅଳଙ୍କାର

ରସାଭିବ୍ୟକ୍ତିରେ ଯଥାର୍ଥ ସହାୟକ ହୋଇଛି । କବିଙ୍କ ବର୍ଣ୍ଣନାଚାତୁରୀ ଚିତ୍ରକୁ ସଜୀବ ଓ ବାସ୍ତବ କରିପାରିଛି । ମନେହୁଏ ଏହା ଚିତ୍ର ନୁହେଁ ଏକ ଜୀବନ୍ତ ନାରୀ ।[୧୦]

ଶ୍ରବଣାନୁରାଗର ଅନ୍ୟ ଏକ ଉଦାହରଣ ହେଲାଯେ ସନ୍ନ୍ୟାସୀ ଦ୍ୱାରା ଲାବଣ୍ୟବତୀର ଚିତ୍ରପଟ୍ଟ ଦର୍ଶନ ପରେ ଚନ୍ଦ୍ରକିରଣରେ ଶୟନ କରିଥିବା ନାୟକ ଚିନ୍ତା କରିଛି । ରମଣୀ ହାସର ରମ୍ୟତା, ନାସାର ସୌନ୍ଦର୍ଯ୍ୟ, ଗତିର ବିଚିତ୍ରତା, ଆଚାରର ମହତ୍ତ୍ୱ, ବଚନର ମାଧୁର୍ଯ୍ୟ ଏକାନ୍ତରେ ସ୍ମରଣୀୟ । ସ୍ୱରଭଙ୍ଗ ସତ୍ତ୍ୱେ ବାଳାର ଭାବନା ମନରୁ ଦୂର ହୋଇନାହିଁ । 'ସ' ବର୍ଣ୍ଣ ଆଦ୍ୟ ଶବ୍ଦ ଶ୍ରବଣରେ ସାଧୁ କିମ୍ବା ଶୁକ ପ୍ରବେଶ କଲେ କି ବୋଲି ଭାବୁଛି । ଏଥିରେ ସ୍ମୃତି, ଗୁଣକଥନ, ଉନ୍ମାଦ ଓ ଉଦ୍‌ବେଗ ରୂପ କାମଦଶା ପ୍ରକଟିତ । ସ୍ୱରଭଙ୍ଗ ରୂପ ସାତ୍ତ୍ୱିକ ଅନୁଭାବ ମଧ୍ୟ ରହିଛି ।[୧୧]

## ଦର୍ଶନଜନିତ ପୂର୍ବରାଗ :

କବି ଶୃଙ୍ଗାର ରସର ସମଧିକ ଅଭିବ୍ୟକ୍ତି ପାଇଁ ସମ୍ଭୋଗ ଅପେକ୍ଷା ବିପ୍ରଲମ୍ଭରେ ପୂର୍ବରାଗ ତଥା ପ୍ରବାସର ବ୍ୟାପକ ବର୍ଣ୍ଣନା କରି ପାଠକ ହୃଦୟକୁ ରସାର୍ଦ୍ର କରିପାରିଛନ୍ତି ।

## ସ୍ୱପ୍ନ ଦର୍ଶନ :

ସ୍ୱପ୍ନ ଦର୍ଶନର ଏକ ଚମତ୍କାର ଉଦାହରଣରେ ରାତ୍ରିରେ ଯୋଗିନୀ ଦ୍ୱାରା ଅପହୃତ ନାୟକ ନାୟିକାର ଶୟନକକ୍ଷରେ ପ୍ରବେଶ କରିଛି । ପଲଙ୍କରେ ସୁଷୁପ୍ତା ନାୟିକାର ସୌନ୍ଦର୍ଯ୍ୟ ଏଥିରେ ବର୍ଣ୍ଣିତ । ଅଷ୍ଟୈଶ୍ୱର୍ଯ୍ୟପ୍ରଦାୟିନୀ ଲାବଣ୍ୟବତୀ ପଲଙ୍କ ଅଙ୍କରେ କିପରି ସୁଶୋଭିତ ହୋଇଛନ୍ତି, ବୋଧହୁଏ ରୌପ୍ୟ ବାଡ଼ରେ କେହି ସୁବର୍ଣ୍ଣ ଲତାଟିଏ ଜଡ଼ିତ କରି ଦେଇଛି ଅଥବା ନିର୍ମଳ ଧଳା ମେଘରେ ବିଦ୍ୟୁତ୍‌ର ଝଲକ ଲାଗି ରହିଛି । ବାମହସ୍ତକୁ ଗଣ୍ଡସ୍ଥଳରେ ରଖି ଶୋଇଥିବା ଦୃଶ୍ୟ ଦେଖିଲେ ମନେହୁଏ, ବିକଶିତ ପଦ୍ମଟିଏ କେନ୍ଦୁପତ୍ର ଉପରେ ଥୁଆ ହୋଇଛି କି ? ପଲଙ୍କ ସହିତ ରଜତ ଫଳକ ଓ ଧଳାମେଘ, ନାୟିକା ସହିତ ସୁବର୍ଣ୍ଣଲତା ଓ ଚପଳା ତୁଳିତ । କରତଳ କେନ୍ଦୁପତ୍ର ପରି ଈଷତ୍ ରକ୍ତିମ ଓ ମୁଖ ପଦ୍ମ ପରିଶୋଭିତ । ଏଥିରେ ନାୟକର ସୁପ୍ତା ନାୟିକା ଆଲମ୍ବନ, ତାର ରୂପକାନ୍ତି ଉଦ୍ଦୀପନ, ଅନୁଭାବ ଓ ବ୍ୟଭିଚାରୀ ଭାବ ପ୍ରଦତ୍ତ ନ ହେଲେ ମଧ୍ୟ ରସାଭିବ୍ୟକ୍ତିରେ ବାଧାପ୍ରାପ୍ତ ହୁଏ ନାହିଁ । ଉତ୍ପ୍ରେକ୍ଷା ଅଳଙ୍କାର ରସକୁ ପୁଷ୍ଟ କରିଛି । କେନ୍ଦୁପଲ୍ଲବ ଉପମାନଟି ହସ୍ତର ରକ୍ତିମାକୁ ବ୍ୟକ୍ତକରି ନାୟିକାର ପଦ୍ମିନୀତ୍ୱକୁ ପ୍ରତିପାଦନ କରିଛି ।[୧୨]

## ସାକ୍ଷାତ ଦର୍ଶନ :

ରାମେଶ୍ୱର ମନ୍ଦିରରେ ନାୟକ ଚନ୍ଦ୍ରଭାନୁ ଓ ନାୟିକା ଲାବଣ୍ୟବତୀର ସାକ୍ଷାତଦର୍ଶନ ଘଟିଛି । ଉଭୟେ ଉଭୟଙ୍କୁ ଦେଖିବା ଓ ନାରୀର ପ୍ରତିକ୍ରିୟା ଏଥିରେ ବର୍ଣ୍ଣିତ । ନାୟକ ଦେଖୁଛି ଲାବଣ୍ୟବତୀର ପ୍ରେମିକକୁ ଦେଖିବାର ଇଚ୍ଛା ରହିଛି । କିନ୍ତୁ ନାରୀର ସ୍ୱାଭାବିକ ଲଜ୍ଜା ତାହାକୁ ଦୀର୍ଘସମୟ ଧରି ଚାହିଁବାରୁ ନିବୃତ୍ତ କରିଛି । ସେ ମୁଖକୁ ଆନତ କରି ଦେଇଛି । ମନେହୁଏ

ଏହି ସୁନ୍ଦର ପୁରୁଷ ପାଇଁ ଉତ୍ସୁକ ରୂପ ଶିବଙ୍କୁ ମୁଖରୂପକ ପଦ୍ମ ରେ ପୂଜା କଲାକି ? ନବନୀତ ପରି କୋମଳାଙ୍ଗୀ ନାରୀ ନିଜ ସମ୍ମୁଖରେ ବୀର ପୁରୁଷକୁ ଦେଖି ଲାଜରେ ସଢ଼ିଯାଇନି ଯେ ରବି (ବୀର ବିପରୀତ) ସ୍ପର୍ଶରେ ତରଳି ଯାଇଛି । ଏଥିରେ ନାୟକର ନାୟିକାର ନାୟକ ଆଲମ୍ବନ, ମନ୍ଦିର ପରିବେଶ ଉଦ୍ଦୀପନ, ମୁଖର ନମ୍ରତା ଅନୁଭାବ, ଔତ୍ସୁକ୍ୟ ଓ ଆବେଗସଞ୍ଚାରୀ ଭାବ, ଅଭିଳାଷ ଉଦ୍‌ବେଗ ।, ରୂପ କାମଦଶା ଏହି ପଦରେ ରୂପ ନେଇଛି ।[୧୩] କବି ନିମ୍ନୋକ୍ତ ଛାନ୍ଦଗୁଡ଼ିକ ଦର୍ଶନ ଓ ଶ୍ରବଣଜନିତ ପୂର୍ବରାଗ ପାଇଁ ବ୍ୟବହାର କରିଛନ୍ତି । ସାଧବ ମୁଖରେ ନାୟିକାର ରୂପ, ଗୁଣବର୍ଣ୍ଣନା ସପ୍ତମ ଛାନ୍ଦରେ ନାୟକ ନିକଟରେ ଉପସ୍ଥାପିତ । ପୂର୍ବରାଗ ସୃଷ୍ଟିପାଇଁ ସନ୍ୟାସୀ ମୁଖରେ ନାୟକର ଗୁଣ ବର୍ଣ୍ଣନା ନାୟିକା ନିକଟରେ ଏକାଦଶ ଛାନ୍ଦରେ କରାଯାଇଛି । ଦର୍ଶନଜନିତ ପୂର୍ବରାଗ ସୃଷ୍ଟି ପାଇଁ ନାୟକ ନିକଟରେ ସନ୍ୟାସୀ ଦ୍ୱାରା ମୟନିର୍ମିତ ନାୟିକାର ଚିତ୍ରପଟ୍ଟ ପ୍ରଦର୍ଶନ (ନବମ ଓ ଏକାଦଶଛାନ୍ଦ), ନାୟକ ନାୟିକାଙ୍କ ସ୍ୱପ୍ନ ମିଳନ (ଏକାଦଶ ଛାନ୍ଦ), ଇନ୍ଦ୍ରଜାଲ ଦ୍ୱାରା ଉଭୟଙ୍କ ମିଳନ (ପଞ୍ଚଦଶ ଛାନ୍ଦ), ରାମେଶ୍ୱର ମନ୍ଦିରରେ ନାୟକ ନାୟିକାଙ୍କ ସାକ୍ଷାତ ମିଳନ (ସପ୍ତବିଂଶ ଛାନ୍ଦ) । ଏହାବ୍ୟତୀତ ନାୟକର ନାୟିକା ନିକଟକୁ ପତ୍ର (ଉନବିଂଶ ଛାନ୍ଦ) ଓ ନାୟିକାର ନାୟକ ନିକଟକୁ ପତ୍ର (ବିଂଶ ଛାନ୍ଦ) ପୂର୍ବରାଗ ସୃଷ୍ଟିର ଅନ୍ୟ ଏକ ମାଧ୍ୟମ ।

## ମାନ :

ସାଧାରଣତଃ ମିଳନ ବା ବିବାହପରେ କୌଣସି କାରଣରୁ ନାୟକର ଆଚରଣରେ କ୍ଷୁବ୍ଧ ହୋଇ ନାୟିକା ଅଭିମାନ କରିଥାଏ । ସେହି କୋପନ ସ୍ୱଭାବକୁ ମାନ କହନ୍ତି । ସେହି ଅଭିମାନ ଅକାରଣ ବା ସକାରଣରେ ହୋଇଥାଏ । ମଧ୍ୟଯୁଗୀୟ କାବ୍ୟରେ ମାନବତୀ ର ମାନଭଞ୍ଜନ ପାଇଁ ନାୟକର ଚାଟୁକଳା ବିଭବମଣ୍ଡିତ ହୋଇ ଶୃଙ୍ଗାରରସ ଚେତନା କୁ ବହୁ ଭାବରେ ପୁଷ୍ଟ କରିଛି । କବି ଲାବଣ୍ୟବତୀ କାବ୍ୟରେ ସେହି କୌଶଳ ମଧ୍ୟ ଅବଲମ୍ବନ କରିଛନ୍ତି । କିନ୍ତୁ ଏହାର ପରିସର ସୀମିତ । ଏକମାତ୍ର ସପ୍ତତ୍ରିଂଶ ଛାନ୍ଦର ପ୍ରଥମ ଦୁଇଟି ପଦରେ ନାୟିକାର ମାନ ବର୍ଣ୍ଣିତ । କବି ନାୟିକା ହୃଦୟରେ ସନ୍ଦେହ ସୃଷ୍ଟି କରି ସକାରଣ ମାନ ରୂପକ ବିପ୍ରଲମ୍ଭର ଅବତାରଣା କରିଛନ୍ତି । ଅଭିମାନ କୃତ୍ରିମ କୋପର ଅନ୍ୟ ଏକ ପ୍ରକାଶ । ''ଅତି କାତରେ ନିଜକାନ୍ତରେ ଶଙ୍କା ଚିତ୍ତରେ ଲଭି/ କୋପ ଅଙ୍କୁର ମହୀ ମୁକୁର କଲା ଚିକୁରଶୋଭୀ/ ରତ ଆବେଶୀ ରତନବେଶୀ ଗଣ୍ଡେ ନିବେଶି କର/ ନୟନ ନୀରବୁନ୍ଦରୁ ନୀରତେଜିଲା ନିରନ୍ତର''।୧।[୧୪] ଶୋଭନୀୟକେଶା ଲାବଣ୍ୟବତୀ ଦେଖିଛି ତାର ସ୍ୱାମୀ ଗୋପନରେ ଏକ ନାରୀ ଚିତ୍ରକୁ ମନଯୋଗ ସହକାରେ ଦେଖୁଛନ୍ତି । ତାହା ଯେ ନିଜର ଏକଥା ଶୀଘ୍ରତାବଶତଃ ନ ଜାଣି ପାରି ଅନ୍ୟ ନାରୀ ଶଙ୍କାରେ ସେ କୋପ କରିଛି । ମନେକରିଛି ତା'ର ପ୍ରିୟ ସ୍ୱାମୀ ଅନ୍ୟନାରୀକୁ ଗୋପନରେ ସ୍ନେହ କରନ୍ତି । ତେଣୁ ଭୂମିକୁ ନତବଦନରେ ସେ ଚାହିଁଛି । ଅଶ୍ରୁ ଗଣ୍ଡସ୍ଥଳକୁ ସିକ୍ତ କରିଛି । ଏଥିରେ ନାୟକର ସ୍ଥାୟୀଭାବ ରତିର ଉଦ୍‌ବୋଧନ ପାଇଁ ନାୟିକା ଆଲମ୍ବନ । ଏକାନ୍ତ ଗୃହ ଉଦ୍ଦୀପନ, ଗଣ୍ଡରେ କରଦାନ ଓ ନତମୁଖରେ

ମହୀଦର୍ଶନ ଅନୁଭାବ, ଅଶ୍ରୁ ସାତ୍ତ୍ୱିକଭାବ, ଅସୂୟା ଗ୍ଲାନି ନିର୍ବେଦାଦି ବ୍ୟଭିଚାରୀ ଭାବ । ସାଧାରଣୀକରଣଫଳରେ ସାମାଜିକ ଚିତ୍ତଧୃତ ରତିଭାବ ରସରୂପରେ ପରିଣତ ହୁଏ । ଏହି ପଦରେ ଅନୁପ୍ରାସର ସୁଗମ ପ୍ରୟୋଗ ରସାଭିବ୍ୟକ୍ତିରେ ପ୍ରକୃଷ୍ଟ ସହାୟକ ହୋଇପାରିଛି । ମାନଭଞ୍ଜନ ପାଇଁ ନାୟକର ଚାଟୁରେ ସମଗ୍ର ୩୭ ଛାନ୍ଦ ବିନିଯୁକ୍ତ । ଏଥିରେ ନାୟିକାର ରୂପ, ଗୁଣ, ଆଚରଣର ପ୍ରଶଂସା ମାର୍ମିକ ରୀତିରେ ଚିତ୍ରିତ ।

ନାୟକର ଚାଟୁ: ''କନ୍ଦରିସ୍ତନୀ ସୁନ୍ଦରୀ ପୁରନ୍ଦରି କୃଶୋଦରି ଦରିଦ୍ର ମୁଁ ତୁ ନିଧି ପ୍ରତିମା/ ଦର୍ପକ ଦର୍ପବର୍ଦ୍ଧିନି ଧନି ଦର୍ପଣବଦନି/ ଅଶେଷ ଅନଙ୍ଗ ରଙ୍ଗ ସୀମାରେ/ ଜୀବେଶ୍ୱରି ! ତୋତେ ଉପମା ହୋଇ ତୁହି/ ସାରଭାଗ ତୋ ଶ୍ରୀମୁଖ ସେ ସିଠା ଶୀତମୟୂଖ/ ତୋଷେ ଦେବଙ୍କୁ ଅମୃତ ଦେଇରେ ।।୨।।''(୧୫) ନାୟକ ମୁଖରେ ନାୟିକା ଅତିରଞ୍ଜନ ରୂପ ବର୍ଣ୍ଣନା କରାଯାଇଛି । ସାଧାରଣତଃ ସ୍ୱକୀୟ ଗୁଣ ଶ୍ରବଣରେ ପ୍ରତ୍ୟେକ ହୃଦୟ କୋମଳ ଉଲ୍ଲସିତ ଓ ଅନୁକୂଳ ହୋଇଥାଏ । କବି ଏହି କୌଶଳଟି ପ୍ରୟୋଗ କରି ନାୟିକାର ମାନଭଞ୍ଜନ ବ୍ୟବସ୍ଥା କରିଛନ୍ତି ।

## ପ୍ରବାସ :

ପ୍ରବାସଜନିତ ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନାରେ ମଧ୍ୟଯୁଗୀୟ କାବ୍ୟ ସମୃଦ୍ଧ । ଏପରିକି ଶକୁନ୍ତଳା, ସୁବର୍ଣ୍ଣରେଖା, ପ୍ରେମସୁଧାନିଧି ପ୍ରଭୃତି କାବ୍ୟ ପ୍ରବାସ ବର୍ଣ୍ଣନା ପାଇଁ ଉଦ୍ଦିଷ୍ଟ କହିଲେ ଚଳେ । ଏହି ପ୍ରବାସ କାର୍ଯ୍ୟବଶତଃ ସମ୍ଭ୍ରମରୁ ଶାପବଶରୁ ସମ୍ଭବ ହୋଇଥାଏ । ପ୍ରବାସ ବିରହକୁ ବ୍ୟାପକ ରୂପ ଦେବାପାଇଁ ଷଡ଼ଋତୁରେ ସେମାନଙ୍କ ମାନସିକ ଭାବନାର ବିକ୍ରିୟା ପ୍ରକାଶିତ । ପ୍ରବାସ ରୂପକ ବିପ୍ରଲମ୍ଭ ଶୃଙ୍ଗାର ଜ୍ଞାତ ଅଜ୍ଞାତ ରୂପରେ ଦ୍ୱିବିଧ । ଜ୍ଞାତ ପୁଣି କାର୍ଯ୍ୟବଶତଃ ସଂଭ୍ରମ ବା ଶାପରେ ସଂଘଟିତ ହୋଇଥାଏ । କବି 'ଲାବଣ୍ୟବତୀ' କାବ୍ୟରେ ନାୟକର ପ୍ରବାସ ଅବସ୍ଥାନକୁ ଶାପବଶତଃ ସମ୍ଭବ ହୋଇଥିବା ଦର୍ଶାଇଛନ୍ତି । ଲାବଣ୍ୟବତୀ ଚନ୍ଦ୍ରଭାନୁକୁ ବିବାହ କରିବାପରେ ଦେବତାମାନେ କାମପୀଡ଼ିତ ହୋଇ ଦୀର୍ଘନିଃଶ୍ୱାସ ତ୍ୟାଗ କରିଛନ୍ତି । ଦେବତାଙ୍କ ପ୍ରଦତ୍ତ ଅଭିଶାପ ସର୍ବଜ୍ଞ ଋଷିମାନେ ଜାଣିପାରିଛନ୍ତି । ଫଳରେ ପୁଲମ, କାଳକେୟ, ସଂସପ୍ତକ ପ୍ରଭୃତି ରାକ୍ଷସଙ୍କ ଦ୍ୱାରା ଯାଗଭ୍ରଷ୍ଟ ହେବାଯାଏଁ ଆତ୍ମରକ୍ଷା ପାଇଁ ଚନ୍ଦ୍ରଭାନୁକୁ ଚଣ୍ଡୀ ସାହାଯ୍ୟରେ କାବେରୀ ନଦୀକୂଳର ରସୋଦୟବନକୁ ଅପହରଣ କରିନେଇଛନ୍ତି । ଏକବର୍ଷବ୍ୟାପୀ ଶାପ ସେହି ବନରେ ଚନ୍ଦ୍ରଭାନୁ ଭୋଗ କରିଛି । କବି ଏହି ଅବସରରେ ଷଡ଼ଋତୁରେ ନାୟକ ନାୟିକାଙ୍କ ବିରହାବସ୍ଥାର ଏକହୃଦ୍ୟ ଚିତ୍ର ଅଙ୍କନ କରିଛନ୍ତି । ପୂର୍ବରାଗରେ ପ୍ରକାଶିତ କାମ ଦଶଦଶା ପ୍ରବାସ ବିପ୍ରଲମ୍ଭରେ ମଧ୍ୟ ଗୃହୀତ ହୋଇଥାଏ । ତେଣୁ କବି ଅଭିଳାଷ, ଚିନ୍ତା ଆଦି ଦଶଦଶାର ସ୍ୱରୂପ ସ୍ଥଳବିଶେଷରେ ପ୍ରକାଶକରି ପାରମ୍ପରିକ କାବ୍ୟରୀତିର ଯଥାର୍ଥତା ରକ୍ଷା କରିଛନ୍ତି ।(୧୬)

ଊନଚତ୍ୱାରିଂଶ ଛାନ୍ଦଠାରୁ ଷଷ୍ଠ ଚତ୍ୱାରିଂଶ ଛାନ୍ଦ ମଧ୍ୟରେ ବସନ୍ତ ଗ୍ରୀଷ୍ମାଦି କ୍ରମରେ

ନାୟକ ନାୟିକାଙ୍କ ଉତ୍କଟ ବିରହ ବେଦନା ରୂପାୟିତ । ପ୍ରତ୍ୟେକ ଛାନ୍ଦରେ ପ୍ରଥମେ ନାୟକର ଓ ପରେ ନାୟିକାର ଦୁରବସ୍ଥା ଅଙ୍କିତ । ସମ୍ଭୋଗ ଅପେକ୍ଷା ବିରହ ବା ବିପ୍ରଲମ୍ଭ ପ୍ରେମିକଙ୍କ ପ୍ରିୟତର ହୋଇଥାଏ । କାରଣ ସଙ୍ଗମ କାଳରେ ଏକମାତ୍ର ପ୍ରେମିକା ନିକଟରେ ଥାଏ । କିନ୍ତୁ ବିରହରେ ସମଗ୍ର ଜଗତ ପ୍ରେମିକାମୟ ହୋଇଉଠେ । ବିରହରେ ନାୟକ ଚନ୍ଦ୍ରଭାନୁ ପାଇଁ ନାୟିକା ଲାବଣ୍ୟବତୀ ଚିନ୍ତିତ ହୋଇପଡ଼ିଛି ।

## ପ୍ରବାସରେ ନାୟକର ବିରହାନୁଚିନ୍ତା :

ଦିନକର କଥା, ନାୟକ ଚନ୍ଦ୍ରଭାନୁ ଭାବୁଛି ରମଣ ଶେଷରେ କ୍ଳାନ୍ତ ଅବସ୍ଥାରେ ଦିନେ ଅଧିକ ପ୍ରେମଭାବ ଜାତ ହୋଇଥିଲା । ଲଜ୍ଜିତା ଲାବଣ୍ୟବତୀ ତରତର ହୋଇ କାତର ଅବସ୍ଥାରେ ମୋର ପିନ୍ଧାବାସକୁ ପିନ୍ଧି ପକାଇଲା । ମୁଁ ସେତେବେଳେ କହିଲି, ମୋର ପୁଣି ସୌଭାଗ୍ୟ ଉଦୟ ହେଲାଣି । ମୋରପରି ଆଚରଣ କରିବାକୁ ପ୍ରେୟସୀର ଇଚ୍ଛା ହେଲାଣି । ଏଥିରେ ନାୟକର ସ୍ଥାୟୀଭାବ ରତିର ଆଲମ୍ବନ ନାୟିକା । ଏକାନ୍ତଗୃହ, ନାୟିକାର ନଗ୍ନରୂପ ଉଦ୍ଦୀପନ ବିଭାବ । କାତର ହେବା, ତରତର ହୋଇ ନାରୀ ପୁରୁଷର ବସ୍ତ୍ର ପରିଧାନ କରିବା ଆଦି ଅନୁଭାବ । ଲଜ୍ଜା, ଶଙ୍କା, ଚପଳତା ଆଦି ବ୍ୟଭିଚାରୀ ଭାବ । ଏହିଭାବନା ହିଁ ପାଠକ ହୃଦୟରେ ସ୍ଥାୟୀଭାବ ରତିରସରୂପ ପରିଗ୍ରହ କରେ । ଏ ପଦରେ ବିପରୀତ ରତି କାମନା ଧ୍ୱନିତ । ସ୍ମୃତି ରୂପକ କାମଦଶା କଥିତ ।[୧୭]

## ନାୟିକାର ବିରହାନୁଚିନ୍ତା :

ଦିନେ ଉପବନ ବିହାରବେଳେ ସୂର୍ଯ୍ୟଙ୍କ ପ୍ରଖରତାପରେ ମୋର ମୁଖ ଓ କେଶକୁସୁମ ମ୍ଳାନ ପଡ଼ିଯାଇଥିଲା । ସଖୀଙ୍କୁ ଏହାର କାରଣ ପଚାରି ସେ ନିଜର ଦୋଷ ବୁଝିପାରିଲେ ଏବଂ ମୋର ପାଦରେ ନିଜ ମସ୍ତକର ଛାଇ ପକାଇଲେ ଅର୍ଥାତ୍ ମୋର ଗୋଡ଼ତଳେ ପଡ଼ି ଅପରାଧ ପାଇଁ କ୍ଷମା ମାଗିଲେ । ମୁଁ ସେଥିରେ ଦୁଃଖିତ ହୋଇ କହିଲି, ତୁମେ ଏପରି ଆଚରଣ କଲେ ମୁଁ କ୍ଷୁବ୍ଧ ହେବି ।[୧୮]

ସାମଗ୍ରିକ ଭାବରେ ଅନୁଧ୍ୟାନ କଲେ ମନେହୁଏ କବି ନାୟକର ବିରହ ବେଦନାକୁ ନାୟିକାଠାରୁ ସମଧିକ ଭାବରେ ପ୍ରକାଶ କରିଛନ୍ତି । ସମ୍ଭୋଗ ଅପେକ୍ଷା ବିପ୍ରଲମ୍ଭର ଚିତ୍ରଣ ବିଶେଷ ସ୍ଥାନଅଧିକାର କରିଛି । ଅନ୍ୟାନ୍ୟ ରସ ତୁଳନାରେ ଶୃଙ୍ଗାର ଓ ଶୃଙ୍ଗାର ମଧ୍ୟରେ ବିପ୍ରଲମ୍ଭ, ବିପ୍ରଲମ୍ଭରେ ପୂର୍ବରାଗ ଓ ପ୍ରବାସର ବିସ୍ତୃତ ଗାମ୍ଭୀର୍ଯ୍ୟ ଓ ମନୋଜ୍ଞ ଚିତ୍ରଣ ପାଠକ ହୃଦୟକୁ ରସସିକ୍ତ କରେ । ୩୯ ଛାନ୍ଦଠାରୁ ୪୬ ଛାନ୍ଦ ଯାଏଁ ପ୍ରବାସୀ ପ୍ରେମିକାର ବିରହ ବିଧୁର ଚିତ୍ର ମୁଗ୍ଧମଧୁର ରୀତି ରେ ପରିବେଷିତ । କରୁଣ ବିପ୍ରଲମ୍ଭର ଚିତ୍ରଣ ଏହି କାବ୍ୟରେ ହୋଇନାହିଁ । କେତେକ ଆଲୋଚକ କରୁଣକୁ ବିପ୍ରଲମ୍ଭର ଅନ୍ୟତମ ଭେଦଭାବରେ ସ୍ୱୀକୃତି ଦେଇନାହାନ୍ତି ବରଂ ତାହାକୁ କେବଳ କରୁଣ କହିବା ସମୀଚୀନ ମନେ କରିଛନ୍ତି । କାମଦଶଦଶା ମଧ୍ୟରୁ ଶେଷଦଶା ମୃତ୍ୟୁ ବା ମରଣର ଚିତ୍ରଣ ପାଇଁ ଆଳଙ୍କାରିକ

ଆଚାର୍ଯ୍ୟମାନେ ନିଷେଧ କରିଛନ୍ତି । ଲାବଣ୍ୟବତୀର ମୁଖ୍ୟ ରସ ଯେ ଶୃଙ୍ଗାର ଏଥିରେ ମତଦ୍ୱୈଧର ଅବକାଶ ନାହିଁ । ନାୟକ ନାୟିକାଙ୍କ ଜନ୍ମ, ଯୌବନପ୍ରାପ୍ତି, ବିଳାସ ବିଲୋଳ ଜୀବନଚର୍ଯ୍ୟା, ଗୁଣପ୍ରକାଶ, ରୂପଦର୍ଶନ, ପ୍ରେମପତ୍ର ବିନିମୟ ଆଦି ମାଧ୍ୟମରେ ପରସ୍ପର ପ୍ରତି ପ୍ରେମାନୁରାଗ ସୃଷ୍ଟି, ମିଳନ ବିଚ୍ଛେଦ ଓ ପୁନର୍ମିଳନ ମଧ୍ୟରେ ନାୟକ ନାୟିକାରୂପୀ ଆଲମ୍ବନ ବିଭାବ, ବେଶବିନ୍ୟାସ, ଉପବନ ବିହାର, ଚନ୍ଦ୍ରୋଦୟ, ସୂର୍ଯ୍ୟୋଦୟ, ବନପର୍ବତାଦିର ସୂକ୍ଷ୍ମଚିତ୍ରଣ ଉଦ୍ଦୀପନ ବିଭାବ, ବିଭିନ୍ନ ଅଙ୍ଗଚାଳନା ତଥା ଆଚରଣ ମଧ୍ୟରେ ଅନୁଭାବ ଏବଂ ବିଭିନ୍ନ ମାନସିକ କ୍ରିୟା ଚିତ୍ରଣରେ ବ୍ୟଭିଚାରୀଭାବର ମନୋଜ୍ଞ ସୂକ୍ଷ୍ମ ଓ ବ୍ୟାପକ ଚିତ୍ର କବି ଉପେନ୍ଦ୍ର ପରିବେଷଣ କରିଛନ୍ତି । ଗ୍ରନ୍ଥର ଛତ୍ରେଛତ୍ରେ ଶୃଙ୍ଗାରର ଆଲମ୍ବନ ଓ ଉଦ୍ଦୀପନ ବହୁଭାବରେ ଦୃଷ୍ଟି ଆକର୍ଷଣ କରେ । କିନ୍ତୁ ଆଳଙ୍କାରିକ ନିର୍ଦ୍ଦେଶ ରହିଛି ନବରସରଚିରା ସରସ୍ୱତୀ ହୃଦୟହାରିଣୀ ହୋଇଥାଏ । ମହାକାବ୍ୟ ଲକ୍ଷଣରେ ସ୍ପଷ୍ଟ ଉଦ୍‌ଘୋଷିତ କାବ୍ୟର ମୁଖ୍ୟରସ ଶୃଙ୍ଗାର, ବୀର, କରୁଣ ଓ ଶାନ୍ତ ମଧ୍ୟରୁ ଅନ୍ୟତମ ହେଲେସୁଦ୍ଧା ଅନ୍ୟାନ୍ୟ ରସ ପରିପୋଷକ ରୂପେ କାବ୍ୟ କଳେବରକୁ ମଣ୍ଡନ କରିବା ବିଧେୟ । ଉପେନ୍ଦ୍ର ଲାବଣ୍ୟବତୀକୁ ମହାକାବ୍ୟ ଶ୍ରେଣୀୟ କରିବାପାଇଁ ଆଳଙ୍କାରିକ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ ପୂର୍ବକ ଆଲୋଚିତ କାବ୍ୟରେ ଅନ୍ୟାନ୍ୟ ରସ ଗୌଣ ଭୂମିକାରେ ବ୍ୟକ୍ତ କରିଛନ୍ତି ।

## ବୀର ରସ :

ଉତ୍ସାହ ଏହାର ସ୍ଥାୟୀଭାବ । ଶତ୍ରୁ ଆଲମ୍ବନ ବିଭାବ । ଶତ୍ରୁର ପରାକ୍ରମ ବୀରରସର ଉଦ୍ଦୀପନ ବିଭାବ । ରୋମାଞ୍ଚ, ଗର୍ବପୂର୍ଣ୍ଣ ବାଣୀ ଅନୁଭାବ । ଦୟା, ହର୍ଷ, ଅସୂୟା, ଗର୍ବ ପ୍ରଭୃତି ବୀରରସର ସଞ୍ଚାରୀ ଭାବ । କାହାର କେଶମୁକୁଳା ତ କାହାର ଦେହରେ ବସନ ନାହିଁ । ଭୟରେ ଚନ୍ଦ୍ରଭାନୁର ପାଦରେ ପଡ଼ି ଦାନ୍ତରେ ତିରଣ ଧରି ଅସୁରମାନେ କ୍ଷମା ପ୍ରାର୍ଥନା କରିଛନ୍ତି । 'ଲାବଣ୍ୟବତୀ' କାବ୍ୟର ୪୫ ଛାନ୍ଦର ୧୫ ପଦରେ ଚନ୍ଦ୍ରଭାନୁର ପରାକ୍ରମ ଦେଖି ଯୁଦ୍ଧରେ ଆଘାତ ପାଇ ଅସୁରମାନେ ବ୍ୟତିବ୍ୟସ୍ତ ହୋଇଉଠିଛନ୍ତି । ଥୋକେ ଭୟଭୀତ ହୋଇ ପଳାୟନ କରିଛନ୍ତି । ଭୟ ସେମାନଙ୍କୁ ଏତେ ଦୂର ଆକ୍ରାନ୍ତ କରିଛି ଯେ କେତେକ ରକ୍ଷାଳୟରେ ନାରୀବେଶ ପରିଧାନ କରି ଆତ୍ମଗୋପନ କରିଛନ୍ତି ଏବଂ ଲତାବୃକ୍ଷାଦି ଚନ୍ଦ୍ରଭାନୁ ରୂପରେ ବୋଧ ହୋଇଛନ୍ତି ।[୧୯] ଏହି ପଦରେ ଚନ୍ଦ୍ରଭାନୁର ସ୍ଥାୟୀଭାବ ଉତ୍ସାହ ପାଇଁ ରିପୁବୃନ୍ଦ ଆଲମ୍ବନ । ସେମାନଙ୍କର ପାଦ ପତନ, ମୁକ୍ତ କେଶବାସ ଆଦି ଉଦ୍ଦୀପନ । କମ୍ପ, ପଳାୟନ, ସ୍ତ୍ରୀବେଶ ଧାରଣ ଆଦି ଅନୁଭାବ ହୋଇ ପାଠକ ରସିକ ହୃଦୟରେ ଉତ୍ସାହ ସ୍ଥାୟୀଭାବ ରସ ରୂପରେ ପରିଣତ ହୁଏ । ଯୁଦ୍ଧ ବୀରରସର ଏହା ଏକ ପ୍ରକୃଷ୍ଟ ଉଦାହରଣ ।

## ବୀଭତ୍ସ ରସ :

ଏହାର ବର୍ଣ୍ଣ ନୀଳ ଓ ଦେବତା ମହାକାଳ । ଯୁଗୁପ୍ସା ବା ଘୃଣା ଏହି ରସର

ସ୍ଥାୟୀଭାବ । ମାଂସ, ରୁଧିର, ମେଦ ଆଦି ଆଲମ୍ବନ । କୃମି, ଦୁର୍ଗନ୍ଧ ଆଦି ଉଦ୍ଦୀପନ । ଆଳସ୍ୟ, ସମ୍ବରଣ, ନେତ୍ର ସଙ୍କୋଚନ ଆଦି ଅନୁଭାବ । ମୋହ, ଅପସ୍ମାର, ଆବେଗ, ବ୍ୟାଧି, ମରଣ ଆଦି ସଞ୍ଚାରୀ ଭାବ । ପ୍ରେତମାନେ ଯୁଦ୍ଧରେ ହତ ଅସୁରଙ୍କ ଶବକୁ ନିର୍ଭୟରେ ଅଙ୍କରେ ପକାଇ ପାଦ ଲମ୍ବାଇ ବସିଛନ୍ତି । ଶୃଗାଳମାନେ ଶବକୁ ପାଦରେ ମାଡ଼ିବସି ତାହାର ମାଂସ ନିଜ ଶକ୍ତି ଅନୁସାରେ ଛିନ୍ନ କରି ଭକ୍ଷଣ କରୁଛନ୍ତି । ଏଠାରେ ଶବ ବା ପ୍ରେତ ଆଲମ୍ବନ । ଶିବାଙ୍କ ଶବ ଭକ୍ଷଣ ଉଦ୍ଦୀପନ । ଦ୍ରଷ୍ଟାର ନାସିକାକୁଞ୍ଚନ, ନେତ୍ର ସଙ୍କୋଚନ ଆଦି ଅନୁଭାବ । ଅନୁକ୍ତ, ଉଦ୍‌ବେଗ, ଗ୍ଲାନି ଆଦି ସଞ୍ଚାରିତ ଜୁଗୁପ୍‌ସା ପାଠକ ହୃଦୟରେ ରସ ରୂପରେ ଲାଭ କରେ ।[୨୦] ୪୫ ଛାନ୍ଦର ୨୪ ଓ ୨୮ ପଦରେ ମଧ୍ୟ ବୀଭତ୍ସ ରସର ଅବତାରଣା କରାଯାଇଛି । ଏହି ରସ ଶୃଙ୍ଗାରର ପରିପନ୍ଥୀ ହେଲେ ସ୍ଥାନ, କାଳ, ପାତ୍ରଭେଦରେ ସଂଯୋଜିତ ହୋଇଥିବାରୁ ମୁଖ୍ୟ ରସର ସାଧକ ହୋଇନାହିଁ ।

## କରୁଣ ରସ :

ପ୍ରତ୍ୟେକ ରସ ଆନନ୍ଦମୟ ଓ ବ୍ରହ୍ମାନନ୍ଦ ସହୋଦର । ଉପନିଷଦରେ 'ରସୋବୈସଃ' ଅର୍ଥାତ୍ ରସର ରୂପ ବୋଲି କୁହାଯାଇଛି । କରୁଣ ରସ ହେତୁ ସେ ମଧ୍ୟ ଆନନ୍ଦମୟ । ଯଦି ଶୋକ ସ୍ଥାୟୀଭାବକ କରୁଣ ରସ ସୁଖମୟ ହୋଇନଥାନ୍ତା ତେବେ ଶୋକ ସ୍ଥାୟୀଭାବକୁ ଏଭଳି ମାର୍ମିକ ଭାବରେ ଗଢ଼ି ତୋଳିନଥାନ୍ତା । କରୁଣ ରସପ୍ରଧାନ ରାମାୟଣ କାବ୍ୟ, ଉତ୍ତର ରାମଚରିତ ନାଟକ ଆଦି ପଠନ, ଦର୍ଶନ ବା ଶ୍ରବଣ ପାଇଁ ପ୍ରବୃତ୍ତି ହୁଅନ୍ତା ନାହିଁ । କରୁଣ ବିପ୍ରଲମ୍ଭ ଓ କରୁଣରସ ଏକ ନୁହେଁ । ପ୍ରଥମଟିର ସ୍ଥାୟୀଭାବ ରତି ଓ ଅନ୍ୟର ସ୍ଥାୟୀଭାବ ଶୋକ । ବିପ୍ରଲମ୍ଭ ସାପେକ୍ଷ ଓ ଆଶାମୟ । କରୁଣରସ ନିରପେକ୍ଷ ନିରାଶାଯୁକ୍ତ । ପ୍ରଣୟ ପ୍ରଣୟିନୀଙ୍କ ସାମୟିକ ବିଚ୍ଛେଦ ବିପ୍ରଲମ୍ଭ । ଜଣଙ୍କ ମୃତ୍ୟୁରେ ସେହି ଜନ୍ମରେ ମିଳନର ଆଶା ଥିଲେ ତାହା କରୁଣ ବିପ୍ରଲମ୍ଭ । ସେହି ଜନ୍ମରେ ମିଳନ ଅସମ୍ଭବ ହେଲେ ବା ଜନ୍ମାନ୍ତର ମିଳନ ସମ୍ଭବ ହେଲେ ତାହା କରୁଣ ରସ ମାତ୍ର । ତେଣୁ ଚିରବିଚ୍ଛେଦ କରୁଣ ରସର କ୍ଷେତ୍ର । ଏହି କରୁଣ ରସର ବର୍ଣ୍ଣ ପୀତ ଓ ଦେବତା ଯମରାଜ । ସ୍ଥାୟୀଭାବ ଶୋକ, ଇଷ୍ଟଜନଙ୍କ ବିନାଶ ଓ ଅନିଷ୍ଟ ପ୍ରାପ୍ତିରେ କରୁଣ ରସ ଅନୁଭୂତ ହୁଏ । ''ଦଇବେ ଦେହଳୀ ବଳି ତ୍ରିବଳି ଶୋଭିତ/ ଆଲିଙ୍ଗନ କଲା ପୁଂସ ହୋଇଣ ଲୋଭିତ ।। ୫୩ ।। ଚୁମ୍ବିବା ବେଳକୁ ମୁଖ ରାଜୀବ ତାହାର/ ଜୀବହୀନ ହୋଇଣ ରହିଲା କଳେବର ଯେ ।। ୫୪ ।। ତାହିଁ ତରୁଣ ଅରୁଣ ଓଷ୍ଠୀର ଏ ରୀତି/ ବଦନ ପବନ କେତେ ଦତ୍ତ କଲା ଶ୍ରୁତି ଯେ ।। ୫୫ ।।[୨୧] ଏହି ଉଦାହରଣରେ ବନର ଏକାନ୍ତ ସ୍ଥାନରେ ପ୍ରାସାଦ ପ୍ରାଙ୍ଗଣରେ ବାଞ୍ଛାବତୀକୁ ଦେଖି ପ୍ରଭାକର ପ୍ରଲୁବ୍ଧ ହୋଇଛି ଓ ଉଭୟେ ଉଭୟଙ୍କ ପ୍ରତି ଆକର୍ଷିତ ହୋଇଛନ୍ତି ।

ପ୍ରଭାତରେ ଭାବବିହ୍ୱଳ ହୋଇ ବାଞ୍ଛାବତୀର ମୁଖରେ ଚୁମ୍ବନ ଦେଇଛି; କିନ୍ତୁ ସଙ୍ଗେ ସଙ୍ଗେ ବାଞ୍ଛାବତୀର ଦେହ ଜୀବନହୀନ ହୋଇଯାଇଛି । ସୁନ୍ଦରୀ ତରୁଣୀର ଏ ଅବସ୍ଥା ଦେଖି

ପ୍ରଭାକର ତାହାକୁ ଅଚେତ ମନେକରି କାନକୁ ଫୁଙ୍କିଛି ଏବଂ ଅଶ୍ରୁ ଜଳରେ ତା'ର ମୁଖକୁ ଧୋଇଛି । ଶେଷରେ କାତର ହୋଇ କହିଛି, ମୁଁ କାହିଁକି ନ ମଲି, ଏତେ ଦୁଃଖ ଦେଖିଲି । ଏଠାରେ ପ୍ରଭାକର ହୃଦୟସ୍ଥ ସ୍ଥାୟୀଭାବ ଶୋକ, ବାଞ୍ଛାବତୀର ମୃତ ଦେହ ଆଲମ୍ବନ । ଦାହାଦି ଉଦ୍ଦୀପନ ବିଭାବ । ଅନୁକ୍ତ, ଅଶ୍ରୁପାତ ଓ ଆତ୍ମନିନ୍ଦା ଅନୁଭାବ । ଗ୍ଲାନି, ବିଷାଦ ଆଦି ସଂଚାରୀ ଭାବ । ଏ ସମସ୍ତ ଶବଳିତ ହୋଇ ପାଠକ ହୃଦୟସ୍ଥ ଶୋକ ସ୍ଥାୟୀଭାବକୁ ରସ ରୂପ ପ୍ରଦାନ କରେ ।

## ହାସ୍ୟ ରସ :

ହାସ୍ୟ ମନୁଷ୍ୟ ପାଇଁ ଈଶ୍ୱରଙ୍କ ଅପୂର୍ବ ଅବଦାନ । ଏହି ରସ ଜୀବନକୁ ସରସ ସୁନ୍ଦର ଓ ଗତିଶୀଳ କରିଥାଏ । ଏହାର ବର୍ଣ୍ଣ ଶ୍ୱେତ, ଶିବଗଣ ଦେବତା । ହାସ ଏହାର ସ୍ଥାୟୀଭାବ । ବିକୃତ ଆକାର, ବିକୃତ ବଚନ ବା ବିକୃତ ଚେଷ୍ଟା ଯାହାକୁ ଦେଖି ଲୋକେ ହସନ୍ତି ତାହା ଏହି ହାସ୍ୟରସର ଆଲମ୍ବନ । ବିକୃତ ଆକାରାଦି ପୁରୁଷ ଏବଂ ଚେଷ୍ଟା ଏହି ରସର ଆଲମ୍ବନ । ନେତ୍ର ସଙ୍କୋଚନ, ନୟନ ନିମିଳନ, ବଦନ ଆବରଣ ପ୍ରଭୃତି ଅନୁଭାବ । ନିଦ୍ରା, ଆଳସ୍ୟ, ଅବହିତ, ଶ୍ରମ ଆଦି ବ୍ୟଭିଚାରୀ ଭାବ । ଏହି ହାସ୍ୟ ସ୍ମିତ, ହସିତ, ବିହସିତ, ଅବହସିତ, ଅପହସିତ ଓ ଅତିହସିତ ଭେଦରେ ଷଡ଼ବିଧ । କେଳିଗୃହରୁ ଲାବଣ୍ୟବତୀ ଫେରିବା ପରେ ପ୍ରିୟସଖୀ ତାର ସେହି ସମ୍ଭୋଗଯୁକ୍ତ ଶରୀରକୁ ଲକ୍ଷ୍ୟ କରି ପରିହାସ କରିଛି । ସଖୀ ତୋର ନୂପୁର ଧ୍ୱନି ରଣଜୟୀ ବିଜେତାର ତୁରୀ ଶବ୍ଦପରି ମନେ ହେଉଛି । ବୋଧହୁଏ ତୁ କୌଣସି ରାଜକୁମାରକୁ ପରାସ୍ତ କରିଛୁ । ତୋର ନିତମ୍ବରୁ ବାରମ୍ବାର ଶାଢ଼ି ଖସିଯାଇଥିବାରୁ ମନେହୁଏ ଯୁଦ୍ଧରେ ଶ୍ରାନ୍ତ ଯୋଦ୍ଧାର ମସ୍ତକରୁ ପଗଡ଼ି ଖସି ଯାଉଛି । ନିତମ୍ବ ସହିତ ମସ୍ତକ, ଶାଢ଼ି ସହିତ ପଗଡ଼ି, ନୂପୁର ଧ୍ୱନି ସହିତ ଯୁଦ୍ଧ ଭେରୀର ତୁଳନା ଅତ୍ୟନ୍ତ ହାସ୍ୟ ଉଦ୍ଦୀପକ । ଏଥିରେ ସଖୀ ହୃଦୟର ସ୍ଥାୟୀଭାବ ହାସ ପାଇଁ ଅସଯତ୍ନ ବେଶ ପରିହିତା ଲାବଣ୍ୟବତୀ ଆଲମ୍ବନ । ନୂପୁର ଧ୍ୱନି ନିତମ୍ବ ର ନଗ୍ନତା ଉଦ୍ଦୀପନ । ନେତ୍ର ନିମୀଳନ ଇଷତ୍ ହାସଯୁକ୍ତ ମୁଖ ଆଦି ଅନୁଭାବ । ଅନୁଲିଖିତ ଆଳସ୍ୟ ଶ୍ରମ ଆଦି ବ୍ୟଭିଚାରୀଭାବ । ଏ ସମସ୍ତର ସମ୍ମେଳନ ସାମାଜିକ ହୃଦୟରେ ହାସ୍ୟରସ ଉଦ୍ରେକ କରେ ।

## ରୌଦ୍ର ରସ :

ଏହାର ବର୍ଣ୍ଣ ଶୁକ୍ଳ ଓ ଦେବତା ରୁଦ୍ର । କ୍ରୋଧ ତାହାର ସ୍ଥାୟୀଭାବ । ପ୍ରତିପକ୍ଷ ଆଲମ୍ବନ ଓ ତାହାର କାର୍ଯ୍ୟ ଉଦ୍ଦୀପନ । ବିରୋଧୀଦଳ କୃତ ଅପମାନ, ଅପକାର, ଗୁରୁଜନ ତଥା ଦେଶ ଓ ଧର୍ମର ଅପମାନ ଆଦିର ପ୍ରତିଶୋଧ ଜାଗିଉଠିଲେ ରୌଦ୍ର ରସ ସୃଷ୍ଟି ହୁଏ । ବାହୁସ୍ଫୋଟ, ରକ୍ତନେତ୍ର, ତର୍ଜନ, ଗର୍ଜନ ଆଦି ଅନୁଭାବ । ଉଗ୍ରତା, ସ୍ୱେଦ ରୋମାଞ୍ଚ ଆଦି ବ୍ୟଭିଚାରୀଭାବ । ଏ ସମସ୍ତର ମିଳନରେ ରୌଦ୍ର ରସ ଅନୁଭୂତ ହୁଏ । ଲାବଣ୍ୟବତୀ କାବ୍ୟରେ ରାକ୍ଷସମାନେ ଉତ୍ତର କୁରୁବାସୀ ଇଳାବୃତ୍ତ ଆଦିରେ ଋଷିମାନଙ୍କୁ ହତ୍ୟା କରିବାରୁ ସେମାନଙ୍କୁ ରକ୍ଷା କରିବାପାଇଁ ଚନ୍ଦ୍ରଭାନୁକୁ ଅନୁରୋଧ କଲେ ଓ ରଥ ଅସ୍ତ୍ରାଦି ଅର୍ପଣ କଲେ । ରିପୁବଳକୁ ଦେଖି ଚନ୍ଦ୍ରଭାନୁ ଆଗଭର ହୋଇ କ୍ରୋଧରେ ଅଟ୍ଟହାସ କଲା । ନେତ୍ରକୁ ବିକଶିତ

ରକ୍ତପଦ୍ମ ପରି ଲାଲ କରି ବାରମ୍ବାର ବାହାସ୍ଫୋଟ କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲା । ଏଥିରେ ବୀର ନାୟକ ଚନ୍ଦ୍ରଭାନୁର କ୍ରୋଧ ସ୍ଥାୟୀଭାବ, ରିପୁବର୍ଗ ଆଲମ୍ବନ ସେମାନଙ୍କ ଋଷି ମାରଣ ଉଦ୍ଦୀପନ ବିଭାବ । ଅଟ୍ଟହାସ ଓ ରକ୍ତିମ ନେତ୍ର ଆଦି ଅନୁଭାବ । ମଦ, ଅମର୍ଷ, ଧୃତି ସଂଚାରୀଭାବ ସମ୍ମିଳିତ ହୋଇଛି । ଚନ୍ଦ୍ରଭାନୁର କ୍ରୋଧ ସ୍ଥାୟୀ ଭାବ ତଥା ଏ ସମସ୍ତ ବିଭାବାଦି ପାଠକମନରେ ରୌଦ୍ର ରସ ସଞ୍ଚାର କରେ ।[୨୨]

## ଶାନ୍ତ ରସ :

ଶମ ଏହାର ସ୍ଥାୟୀଭାବ । ଉତ୍ତମ ପ୍ରକୃତି ସ୍ଥାୟୀ ଭାବର ଆଧାର । ଏହାର ବର୍ଣ୍ଣ ଶୁଭ୍ର ଓ ଦେବତା ଶ୍ରୀ ନାରାୟଣ । ବସ୍ତୁର ନିଃସାରତା ବା ପରମାତ୍ମା ଏହାର ଆଲମ୍ବନ । ପୂର୍ଣ୍ଣାଶ୍ରମ, ତୀର୍ଥ, ମହାପୁରୁଷ ଆଦି ଉଦ୍ଦୀପନ । ରୋମାଞ୍ଚ, ଦୟା ଆଦି  ଅନୁଭାବ । ନିର୍ବେଦ, ହର୍ଷ, ମରଣ ଆଦି ଉଦ୍ଦୀପନ । ରୋମାଞ୍ଚ, ଦୟା ଆଦି ଅନୁଭାବ । ନିର୍ବେଦ, ହର୍ଷ, ମରଣ, ମତି, ଧୃତି ଆଦି ବ୍ୟଭିଚାରୀଭାବର ସମ୍ମେଳନରେ ଶାନ୍ତରସ ଅଭିବ୍ୟକ୍ତ ହୁଏ । ଏଠାରେ ଏକ ଉଦାହରଣ ନିଆଯାଇପାରେ ଯେ କବି ଆରାଧ୍ୟ ଦେବତାଙ୍କୁ ସ୍ତୁତି କରି ଛାନ୍ଦ ସମାପ୍ତ କରିଛନ୍ତି । କାବ୍ୟ ଆଦ୍ୟ, ମଧ୍ୟ ଓ ଶେଷରେ ବରଣ ସ୍ତୁତି ସଂଯୋଜନ କାବ୍ୟର ନିର୍ବିଘ୍ନ ପରିସମାପ୍ତି ପାଇଁ ଆବଶ୍ୟକ ।[୨୩] କବି ଏହିପଦରେ ରାମଚନ୍ଦ୍ରଙ୍କ ମହତ୍ତ୍ୱ ପ୍ରଖ୍ୟାପନ କରିଛନ୍ତି । ସେହି ରାମଚନ୍ଦ୍ର ଏକାଧାରରେ ଦୟାର ସାଗର, ଧନୁର୍ଦ୍ଧର, ଦୁଷ୍ଟର କ୍ଷତିକାରକ, ଅସୁର, ଖର, ଦୂଷଣ ଆଦି ବିନାଶକ ମୁନିମାନଙ୍କ ତୋଷ ବିଧାୟକ, ଜନସାଧାରଣ ତଥା ବର୍ଣ୍ଣାଶ୍ରମ ରକ୍ଷକ । ଏପଦର ସମସ୍ତ ବୃତ୍ତି ବିଶିଷ୍ଟ କବିଙ୍କ ପରମାତ୍ମ ରୂପ ରାମଚନ୍ଦ୍ର ଆଲମ୍ବନ । ମହାପୁରୁଷତ୍ୱ ଉଦ୍ଦୀପନ । ଦୟା ଆଦି ଅନୁଭବ । ନିର୍ବେଦ, ଦୈନ୍ୟ ଆଦି ବ୍ୟଭିଚାରୀ ଭାବର ସଂଯୋଗରେ ପାଠକ ହୃଦୟରେ ସ୍ଥାୟୀ ଭାବ ଶମ ରସତ୍ୱ ପ୍ରାପ୍ତ କରେ ।

## ଅଦ୍ଭୁତ ରସ :

ଆଶ୍ଚର୍ଯ୍ୟ ଏହାର ସ୍ଥାୟୀ ଭାବ । ବିଚିତ୍ରବସ୍ତୁ ଦର୍ଶନ କଲେ, ଧ୍ୱନି ଶୁଣିଲେ ଆଶ୍ଚର୍ଯ୍ୟ ଭାବ ପରିପୁଷ୍ଟ ହୋଇଥାଏ । ଅଦ୍ଭୁତ ବସ୍ତୁ, ଅଲୌକିକ ଘଟଣା, ଆକସ୍ମିକତା ଏହାର ଆଲମ୍ବନ ବିଭାବ । ବିସ୍ମୟ, ଉତ୍‌ଫୁଲ୍ଲତା, ସ୍ୱେଦ ଆଦି ଏହାର ଅନୁଭାବ । ଜଡ଼ତା, ଦୈନ୍ୟ, ଆବେଗ, ଶଙ୍କାସଞ୍ଚାରୀ ଭାବ । ଉଦାହରଣ 'ଲାବଣ୍ୟବତୀ' କାବ୍ୟର ୨ୟ ଛାନ୍ଦର ୨୮ ପଦରେ ବାଞ୍ଛାବତୀର ପିଣ୍ଡ ଅଗମ୍ୟ କାନନରେ ପଡ଼ିଥିଲା । ତାକୁ ନିଜେ ପାର୍ବତୀ ଯାଇ ଜୀବନଦାନ କଲେ । ଏହା ଏକ ଅଲୌକିକ ଆଶ୍ଚର୍ଯ୍ୟ ଘଟଣା । ତାକୁ ଏକ ରସାଳଫଳରେ ପରିଣତ କରି ରାଣୀ ବିଦ୍ୟୁଲ୍ଲତାଙ୍କୁ  ପ୍ରଦାନ କଲେ ପ୍ରଭୃତି ଅସମ୍ଭବ ଘଟଣାଗୁଡ଼ିକ ଅଦ୍ଭୁତରସ ସୃଷ୍ଟିକରେ ।[୨୪]

## ରସାଭାସ :

ରସାଭାସକୁ କେତେକ ଆଲୋଚକ ଶୃଙ୍ଗାରରସର ଏକ ବିଭାଗ ରୂପେ ଗ୍ରହଣ କରିଛନ୍ତି । ବାସ୍ତବରେ ରସାଭାସ ରସଦୋଷ ଭାବରେ ଆଳଙ୍କାରିକଙ୍କ ଦ୍ୱାରା ସ୍ୱୀକୃତ । ଏହି ରସାଭାସ ଶୃଙ୍ଗାର ବୀର ଆଦି ସମସ୍ତ ରସରେ ସମ୍ଭବ ତଥା ବର୍ଜନୀୟ । ଶୃଙ୍ଗାର

ରସରେ ନାୟକର ଗୁରୁପତ୍ନୀ ବା ମୁନିପତ୍ନୀ ସହିତ ରତି ପରିଣୀତା ନାୟିକାର ବହୁ ନାୟକ ସହିତ ରତି, ପଶୁପକ୍ଷୀ ବା ସରୀସୃପ ଗତି, ତପସ୍ୱୀଙ୍କ ପ୍ରେମ ପ୍ରଭୃତି ଅନୌଚିତ୍ୟ ହେତୁ ରସାଭାସ ସୃଷ୍ଟି ହୁଏ । କିନ୍ତୁ ଆଲୋଚକ ଆର୍ତ୍ତବଲ୍ଲଭ ମହାନ୍ତି ଏ ଯୁକ୍ତିକୁ ଖଣ୍ଡନ କରି କହନ୍ତି, ''ନୀଚ ନାୟକଠାରେ ପଶୁପକ୍ଷୀସର୍ପାଦିଙ୍କ ଠାରେ, ପ୍ରତିନାୟକ ଠାରେ, ଅପ୍ରଧାନ ପାତ୍ରଙ୍କ ଠାରେ ଶୃଙ୍ଗାର ରସକୁ ଆଭାସ ନିକୃଷ୍ଟ କହନ୍ତି । ଏକାବଳୀକାର ବିଦ୍ୟାଧରଙ୍କ ମତରେ ଏ ଉକ୍ତି ସମୀଚୀନ ନୁହେଁ । ତୀର୍ଯ୍ୟକ ପ୍ରାଣୀଙ୍କ ଠାରେ ମଧ ବିଭାବାଦିର ସମ୍ଭାବନା ଅଛି । ବିଭାବାଦି ଜ୍ଞାନଶୂନ୍ୟ ତୀର୍ଯ୍ୟକ ପ୍ରାଣୀ ମାତ୍ରେ ରସର ପାତ୍ର ହେବାର ଯୋଗ୍ୟ ନୁହନ୍ତି । ଏହି ଉକ୍ତି ମଧ ଯୁକ୍ତିଯୁକ୍ତ ନୁହେଁ । ଯୁକ୍ତିର ଉତ୍ତରରେ କୁହାଯିବ ଯେ, କେତେକ ମନୁଷ୍ୟଙ୍କଠାରେ ମଧ ବିଭାବାଦି ଜ୍ଞାନ ନଥାଏ । ବିଭାବାଦିର ସମ୍ଭବ ହିଁ ରସ ପ୍ରୀତି ପ୍ରୟୋଜକ ବିଭାବାଦି ଜ୍ଞାନନୁହେଁ । ତେଣୁ ତୀର୍ଯ୍ୟକ ପ୍ରାଣୀଙ୍କର ରସ ଅଛି ।''[୨୫] ମଧ୍ୟଯୁଗୀୟ ଓଡ଼ିଆକାବ୍ୟ ସମୂହରେ ମୂଳରୁ ଶେଷପର୍ଯ୍ୟନ୍ତ ଶୃଙ୍ଗାର ରସର ଏକ ଅଖଣ୍ଡ ଧାରା ପ୍ରବାହିତ । ନାୟକ ନାୟିକାଙ୍କ ରୂପଗୁଣ ଯୌବନ ବର୍ଣ୍ଣନା ମଧରେ ଆଲମ୍ବନର ଉପସ୍ଥାପନା, ପ୍ରକୃତି ଚିତ୍ରଣ, ଜଳକେଳି, ଚର୍ଚ୍ଚରୀ ଉତ୍ସବ, ବିବାହ, ବନବିହାର, ବେଶଭୂଷା ବର୍ଣ୍ଣନାରେ ଉଦ୍ଦୀପନ ଭାବର ସଂଯୋଜନାରେ କାବ୍ୟ ସର୍ବାଙ୍ଗ ସଂରକ୍ଷିତ । ପୁଣି କବିମାନେ ବର୍ଣ୍ଣନୀୟ ବିଷୟକୁ ନାରୀ ସହିତ ତୁଳନା କରି ଯେଉଁ ସାଦୃଶ୍ୟମୂଳକ ଅଳଙ୍କାର ସୃଷ୍ଟି କରିଛନ୍ତି, ତାହାମଧ ରତି ଭାବରେ ଏବଂ ଉଦ୍ଦୀପକ ଭାବରେ ଗୃହୀତ ହୋଇପାରେ । ଉଦାହରଣ ସ୍ୱରୂପ ଗ୍ରୀଷ୍ମଋତୁ ବର୍ଣ୍ଣନାରେ ''ସରିତ ହୋଇଲେ ଜରତୀପରାୟ ଘନରସ ବିହୀନ ରେ / ରସିକର ସାଧବ ପ୍ରାୟ ସରସୀ ମହିଷୀ ଆଲିଙ୍ଗନରେ / ମୃଗେ ପ୍ରକଟ ରସନା କଲେ ବିପରୀତରତା ପ୍ରାୟ ହୋଇ / ପତ୍ରାବଳୀ ହୀନେ ଋତାନ୍ତ ନାୟିକା ସମାନ ତରୁ ଏ ବହି ।। ୨ ।।''[୨୬] ଜାଗତିକ ବସ୍ତୁ ଓ ନାରୀର ବିଭିନ୍ନ ଅବସ୍ଥା ଏକାକାର ହୋଇଛି । ରଥ, ଗଜ, ସରସୀ, ନଦୀ, ପର୍ବତ ପ୍ରଭୃତି କବି ଦୃଷ୍ଟିରେ ନାରୀ ସାଜିଛନ୍ତି । ସାଧାରଣତଃ କାବ୍ୟର ନାୟକ ନାୟିକା ଓ ଅନ୍ୟାନ୍ୟ ଚରିତ୍ରର ରୂପ, ଗୁଣ, ଆଚାର, ବ୍ୟବହାର ତଥା ପରିବେଶର ମନୋଜ୍ଞ ଚିତ୍ରଣ ସହିତ ସେମାନଙ୍କ ଭାବ ଓ ମାନସିକ କ୍ରିୟା ବିକ୍ରିୟାଦି ଏକ ଅଲୌକିକ ସାଧାରଣୀକରଣ ଭାବ ବ୍ୟକ୍ତ କରି ତନ୍ମୟୀଭବନ, ଯୋଗ୍ୟତାସମ୍ପନ୍ନ ସହୃଦୟ ପାଇଁ ରସ ଆସ୍ୱାଦନର ମାର୍ଗ ପରିଷ୍କାର କରିଦିଏ । 'ଲାବଣ୍ୟବତୀ' କାବ୍ୟରେ ମଧ ଅନୁରୂପ ବର୍ଣ୍ଣନା ବହୁଳ ଭାବରେ ପରିଦୃଷ୍ଟ ହୁଏ; କିନ୍ତୁ କେତେକ କ୍ଷେତ୍ରରେ ବର୍ଣ୍ଣନାଗତ, ଧ୍ୱନିଗତ ଓ ରସଗତ ଚମତ୍କାରିତା ସୃଷ୍ଟି ପାଇଁ ପ୍ରବଳ ପ୍ରୟାସ ହେତୁ ରସପରିପାକ ସ୍ଥଳ ବିଶେଷରେ ବ୍ୟାହତ ହୋଇଛି । ସମ୍ଭୋଗ ଶୃଙ୍ଗାରର ନଗ୍ନବର୍ଣ୍ଣନାରେ ରଜସ୍ୱଳା ନାରୀର ଗୁହ୍ୟାଙ୍ଗ ବର୍ଣ୍ଣନାରେ ବିପ୍ରଲମ୍ଭରେ ନାୟିକାର ପୂର୍ବ ସମ୍ଭୋଗ ଅବସ୍ଥା ଚିନ୍ତନରେ ଅନେକାଂଶରେ ଶୃଙ୍ଗାର ରସରେ ଅଶ୍ଳୀଳତା ଦୋଷ ଯେ ଅନୁପ୍ରବେଶ କରିଛି ଏଥିରେ ସନ୍ଦେହ ନାହିଁ । ତଥାପି 'ଲାବଣ୍ୟବତୀ'ରେ

ଉପେନ୍ଦ୍ର ଭଞ୍ଜ ଶୃଙ୍ଗାର ରସର ଯେଉଁ ଅନନ୍ୟ ଅଭିବ୍ୟକ୍ତି ପ୍ରକାଶ କରିଛନ୍ତି ତାହା ସମଗ୍ର ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଧାରାକୁ ବହୁଳ ଭାବରେ ପ୍ରଭାବିତ କରିଛି ।

## ରସ ଦୋଷ :

ରସର ନିବିଡ଼ ଉପଲବ୍ଧି ନିମିତ୍ତ କାବ୍ୟ ୧୪ଗୋଟି ଦୋଷରୁ ମୁକ୍ତ ରହିବା ଉଚିତ । (୧) ରସର ସ୍ୱ ଶବ୍ଦବାଚ୍ୟତା । (୨) ସ୍ଥାୟୀ ଭାବର ସ୍ୱ ଶବ୍ଦ ବାଚ୍ୟତା । (୩) ବ୍ୟଭିଚାରୀ ଭାବର ସ୍ୱ ଶବ୍ଦବାଚ୍ୟତା । (୪) ପ୍ରକୃତ ରସର ବିରୋଧୀଭାବ ଗ୍ରହଣ । (୫) ଅନୁଭାବର କଷ୍ଟ କଳ୍ପନା । (୬) ବିଭାବର କଷ୍ଟକଳ୍ପନା । (୭) ଅକାଣ୍ଡ (ଅସ୍ଥାନ)ରେ ରସର ବିସ୍ତାର (୮) ଅକାଣ୍ଡରେ ରସଚ୍ଛେଦ । (୯) ପୁନଃ ପୁନଃ ରସ ଦୀପ୍ତି । (୧୦) ଅଙ୍ଗୀରସର ଅନନୁସନ୍ଧାନ । (୧୧) ଅନୁପକାରକ ରସର ବିସ୍ତୃତ ବର୍ଣ୍ଣନା । (୧୨) ଅଙ୍ଗଭୂତ ରସଭାବାଦିର ଅତି ବିସ୍ତାର । (୧୩) ପ୍ରକୃତି ବିପର୍ଯ୍ୟୟ । (୧୪) ଅର୍ଥାନୌଚିତ୍ୟ । ଏତଦ୍‌ଭିନ୍ନ ଅନ୍ୟାନ୍ୟ ଦୋଷ ପଦ, ବାକ୍ୟ, ବାକ୍ୟାଂଶ ଇତ୍ୟାଦି ମଧ୍ୟ ରସର ଅପକର୍ଷ ବିଧାୟକ । [୨୨] 'ଲାବଣ୍ୟବତୀ' କାବ୍ୟର ଆତ୍ମିକ ସୌନ୍ଦର୍ଯ୍ୟକୁ ରସ ସୌନ୍ଦର୍ଯ୍ୟର ଅଭୂତପୂର୍ବ ଅବଦାନ ରହିଛି ।

## 'ଲାବଣ୍ୟବତୀ' କାବ୍ୟର ଆଲଙ୍କାରିକ ସୌନ୍ଦର୍ଯ୍ୟ :

'ଅଳଂ କରୋତି ଇତି ଅଳଙ୍କାରଃ' । ଅଳଂ ଶବ୍ଦର ଗୋଟିଏ ଅର୍ଥ ଭୂଷଣ । ଉପପଦ ସମାସ ଆଧାରରେ କୁହାଯାଇଛି ଅଳଂ ବା ଭୂଷଣ ଯେ କରେ ସେ ଅଳଙ୍କାର । ସେହି ଶୋଭା ସୃଷ୍ଟ ବସ୍ତୁଟି ନିଜେ ଦୀପ୍ତ ହେଲେ ସୁଦ୍ଧା ବ୍ୟକ୍ତିବିଶେଷରେ ଶୋଭାବିଧାନରେ ତାର ସାର୍ଥକତା ରହିଛି । ସେ ସ୍ୱୟଂ ସାଧ୍ୟ ନୁହେଁ । ଅର୍ଥାତ୍ ଅଳଙ୍କାର ସୃଷ୍ଟି ପାଇଁ ନୁହେଁ । କାବ୍ୟିକ ଭାଷାରେ ବ୍ୟକ୍ତିବିଶେଷକୁ କୁହାଯାଏ ଅଳଙ୍କାର୍ଯ୍ୟ ଓ ଭୂଷଣଟି ଅଳଙ୍କାର । ଏହି ବ୍ୟୁତ୍ପତ୍ତି ଅନୁସାରେ ଅଳଙ୍କାରଟି ନିଜେ ଅଳଙ୍କାର୍ଯ୍ୟ ହେବା ସୂଚିତ ହୁଏ । ତେଣୁ ଅଳଙ୍କାରର ସ୍ୱସ୍ତାର୍ଥ ପାଇଁ ବ୍ୟୁତ୍ପତ୍ତିଗତ ଅର୍ଥ କରାଯାଇଛି, ଯାହାଦ୍ୱାରା କାବ୍ୟପୁରୁଷ ଅଳଙ୍କୃତ ହୁଏ । ଅର୍ଥାତ୍ ''ଅଳଂକ୍ରିୟତେ ଅନେନ ଇତି ଅଳଙ୍କାରଃ ।'' ଅଳଙ୍କାର୍ଯ୍ୟ ଓ ଅଳଙ୍କାର ଏକ ନୁହନ୍ତି । ଏହି ଶୋଭା ବିସ୍ତାର କାର୍ଯ୍ୟ କେବଳ ଅଳଙ୍କାର କରେ ନାହିଁ । ଶୌର୍ଯ୍ୟ, ବୀର୍ଯ୍ୟ ପ୍ରଭୃତି ଗୁଣ ଦ୍ୱାରା ମଧ୍ୟ ସମ୍ପାଦିତ ହୁଏ । କିନ୍ତୁ ଗୁଣ ସଂଯୋଗ ସମ୍ବନ୍ଧରେ ଶରୀରରେ ରହେ ନାହିଁ । ତାହା ଶରୀରର ଧର୍ମ । ଅବିଚ୍ଛେଦ୍ୟ ଭାବରେ ତାର ଅବସ୍ଥାନ । ତାହାକୁ ସମବାୟୀ ସମ୍ବନ୍ଧ କୁହାଯାଏ । ଅର୍ଥାତ୍ ଗୁଣ ଶରୀରର ଏକ ଅବିଭକ୍ତ ସତ୍ତା ।

ଭାମହ ଅଳଙ୍କାର ସମ୍ପ୍ରଦାୟର ପ୍ରବର୍ତ୍ତକ । ରୁଦ୍ରଟ ମଧ୍ୟ ତାଙ୍କୁ ଏସମ୍ପର୍କରେ ଅନୁଗମନ କରିଥିଲେ । କିନ୍ତୁ ଏହାପୂର୍ବରୁ ଭରତଙ୍କ ସମୟରୁ ଏହି ପ୍ରାଚୀନ ସଂପ୍ରଦାୟର ସ୍ଥିତି ବିଦ୍ୟମାନ ଥିଲା । ଭରତଙ୍କ ନାଟ୍ୟଶାସ୍ତ୍ରରେ ଚାରୋଟି ଅଳଙ୍କାରର ଉଲ୍ଲେଖ ମିଳେ, ଉପମା, ରୂପକ, ଦୀପକ ଓ ଯମକ । ଭାମହଙ୍କ 'କାବ୍ୟାଳଙ୍କାର' ଗ୍ରନ୍ଥ ଅଳଙ୍କାର ସମ୍ପର୍କୀୟ ସର୍ବପ୍ରଥମ ସୁବ୍ୟବସ୍ଥିତ ସୁଚିନ୍ତିତ ଓ କ୍ରମବଦ୍ଧ ପୂର୍ଣ୍ଣାଙ୍ଗ ଗ୍ରନ୍ଥ । ତେଣୁ ଭାମହଙ୍କ ପୂର୍ବରୁ ଅଳଙ୍କାର

ସଂପ୍ରଦାୟର କ୍ରମିକ ବିକାଶ ଘଟିଥିଲା ବୋଲି ମନେହୁଏ । କାରଣ ଭାମହ ତାଙ୍କର ପୂର୍ବବର୍ତ୍ତୀ ଆଚାର୍ଯ୍ୟ ମେଧାବିନ୍ଦ୍ଙ୍କ ନାମ ଉଲ୍ଲେଖ କରି ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା ଗାନ କରିଛନ୍ତି । ଭରତଙ୍କ ପରେ ଭର୍ତ୍ତୃହରିଙ୍କ ଭଟ୍ଟି କାବ୍ୟରେ ଯମକ ଓ ଅନୁପ୍ରାସ ସମେତ ୩୮ଟି ଅଳଙ୍କାର ଉପଲବ୍ଧ ହୁଏ । ଭାମହ ମଧ୍ୟ ଏହି ୩୮ଟି ଅଳଙ୍କାରକୁ ସ୍ୱୀକାର କରିଥିଲେ କିନ୍ତୁ ବକ୍ରୋକ୍ତି ଏ ସମସ୍ତ ଅଳଙ୍କାରର ପ୍ରାଣ ବୋଲି ବିଚାର କରିଥିଲେ । ଏହାଛଡ଼ା ସେ ରସକୁ ପ୍ରାଧାନ୍ୟ ନ ଦେଇ ତାକୁ ରସବତ୍, ଊର୍ଜ୍ଜସ୍ୱୀନ, ପ୍ରେୟସ (ଭାବାଳଙ୍କାର) ଆଦି ଅଳଙ୍କାରର ଅନ୍ତର୍ଭୁକ୍ତ କରିଥିଲେ ଓ ଅଳଙ୍କାରକୁ କାବ୍ୟର ଆତ୍ମା ରୂପେ ବିଚାର କରିଥିଲେ । ଭାମହଙ୍କ ପରେ ଦଣ୍ଡୀ ଅଳଙ୍କାର ସମ୍ବନ୍ଧୀୟ ବିବେଚନାକୁ ଅଧିକ ସମୃଦ୍ଧ ଓ ସ୍ପଷ୍ଟ କରିଥିଲେ । ସେ ଅଳଙ୍କାରକୁ କାବ୍ୟର ଶୋଭାବିଧାୟକ ଧର୍ମ ରୂପେ ଗ୍ରହଣ କରିଥିଲେ । ସେ ଭାମହଙ୍କ ଅଳଙ୍କାର ଭେଦରୁ ଉପମେୟୋପମା, ପ୍ରତିବସ୍ତୁପମା, ଉପମା, ରୂପକ ପ୍ରଭୃତି କେତୋଟିକୁ ବାଦ୍‌ଦେଇ ୩୫ଟି ଅଳଙ୍କାରକୁ ସ୍ୱୀକାର କରିଥିଲେ ଓ ଭାମହଙ୍କ ଗୃହୀତ ବକ୍ରୋକ୍ତି ସ୍ଥାନରେ ଅତିଶୟୋକ୍ତିକୁ ସମସ୍ତ ଅଳଙ୍କାରର ପ୍ରାଣ ରୂପେ ଗ୍ରହଣ କରିଥିଲେ । ଭାମହଙ୍କ ଅପେକ୍ଷା ଦଣ୍ଡୀଙ୍କର ଦୃଷ୍ଟି ଅଧିକ ଉଦାର ଥିଲା । ତେଣୁ ସେ ଅଳଙ୍କାରର ସମକକ୍ଷ ଭାବରେ ଗୁଣ ଓ ରୀତିକୁ ମଧ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥିଲେ ।

ଦଣ୍ଡୀଙ୍କ ପରେ ଉଦ୍ଭଟ ଅଳଙ୍କାର ସଂପ୍ରଦାୟର ଅଧିକ ଶ୍ରୀବୃଦ୍ଧି ସାଧନ କରିଥିଲେ । ସେ ଭାମହଙ୍କୁ ଅନେକକ୍ଷେତ୍ରରେ ଅନୁସରଣ କରିଥିଲେ ମଧ୍ୟ ସୂକ୍ଷ୍ମ ଆଲୋଚନା କରିଥାରେ ଦୃଷ୍ଟାନ୍ତ, କାବ୍ୟଲିଙ୍ଗ, ପୁନରୁକ୍ତିବଦାଭାସ ଅଳଙ୍କାର ଉଦ୍ଭାବନ କରି ଅନୁପ୍ରାସ, ଉପମାର ଭେଦଭେଦାନ୍ତର ଦର୍ଶାଇ ସମୁଦାୟ ୪୧ଟି ଅଳଙ୍କାର ସ୍ୱୀକାର କରିଥିଲେ । ଏହାଛଡ଼ା ସେ ଶ୍ଳେଷକୁ ମଧ୍ୟ ଶବ୍ଦଶ୍ଳେଷ ଓ ଅର୍ଥଶ୍ଳେଷ ଭେଦରେ ଦୁଇଭାଗରେ ବିଭକ୍ତ କରିଥିଲେ । କିନ୍ତୁ ଅଳଙ୍କାର ସମ୍ପ୍ରଦାୟର ଶ୍ରେଷ୍ଠ ଆଚାର୍ଯ୍ୟ ରୁଦ୍ରଟଙ୍କର ଦୃଷ୍ଟି ଅତ୍ୟନ୍ତ ବ୍ୟାପକ ଓ ଉଦାର ଥିଲା । ସେ ଅଳଙ୍କାରଗୁଡ଼ିକ ର ବହୁ ଭେଦ ଭେଦାନ୍ତର ଦର୍ଶାଇ ୫୧ଟି ଅଳଙ୍କାର ସ୍ୱୀକାର କରିଥିଲେ । ଏହାଛଡ଼ା ଉପମା, ଅତିଶୟୋକ୍ତି ଓ ଶ୍ଳେଷ ପ୍ରଭୃତିକୁ ବୈଜ୍ଞାନିକ ପନ୍ଥାରେ ବର୍ଗୀକରଣ କରି ଯଥେଷ୍ଟ ମୌଳିକତା ପ୍ରଦର୍ଶନ କରିଥିଲେ । ଭାମହ ରସକୁ ଅଳଙ୍କାର ମଧ୍ୟରେ ଅନ୍ତର୍ଭୁକ୍ତ କରି ଯେଉଁ ରସବତ୍ ଅଳଙ୍କାର ବିଷୟ ଉତ୍‌ଥାପନ କରିଥିଲେ, ରୁଦ୍ରଟ ତାହା ଖଣ୍ଡନ କରି ରସବତ୍ ପ୍ରଭୃତି ଅଳଙ୍କାରକୁ ଅସ୍ୱୀକାର କରିଥିଲେ । ଭାମହଙ୍କ ଠାରୁ ରୁଦ୍ରଟଙ୍କ ପର୍ଯ୍ୟନ୍ତ ସମୟ ଅଳଙ୍କାର ସମ୍ପ୍ରଦାୟର ସୁବର୍ଣ୍ଣଯୁଗ ରୂପେ ବିଚାର କରାଯାଇଥାଏ । ଏହି ସମୟର ବିଭିନ୍ନ ଆଚାର୍ଯ୍ୟମାନଙ୍କ ମଧ୍ୟରେ ବହୁ ମତଭେଦ ଥିଲେ ମଧ୍ୟ ସମସ୍ତେ ଅଳଙ୍କାରର ପ୍ରାଧାନ୍ୟ ସ୍ୱୀକାର କରୁଥିଲେ । ମମ୍ମଟ ପୁନର୍ବାର ଅଳଙ୍କାରକୁ ପ୍ରତିଷ୍ଠା କରିଥିଲେ । ସେ ସମନ୍ୱୟବାଦୀ ଆଳଙ୍କାରିକ ଥିଲେ । ତେଣୁ ପୂର୍ବବର୍ତ୍ତୀ ଆଳଙ୍କାରିକମାନଙ୍କ ମତକୁ ପରୀକ୍ଷା କରି ଅନେକ ପରିବର୍ତ୍ତନ ଓ ସଂଶୋଧିତ ବ୍ୟାଖ୍ୟା ସାହାଯ୍ୟରେ ସର୍ବମୋଟ ୬୮ଟି ଅଳଙ୍କାର ସ୍ୱୀକାର କରିଥିଲେ ମଧ୍ୟ ସ୍ଥାନେ ସ୍ଥାନେ ଅଳଙ୍କାରବିହୀନ କାବ୍ୟର ସ୍ଥିତି

ସ୍ୱୀକାର କରିଥିବାରୁ ଅଳଙ୍କାର ଯେ କାବ୍ୟର ଏକ ଅତ୍ୟାବଶ୍ୟକୀୟ ଅଙ୍ଗ ଏହା ପ୍ରକାରାନ୍ତରରେ ନିଷେଧ କରିଥିଲେ । ଏହାଛଡ଼ା ସେ ଗୁଣ ଓ ଅଳଙ୍କାର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଗୁଣକୁ କାବ୍ୟର ସାକ୍ଷାତ ଧର୍ମ ଓ ଅଳଙ୍କାରକୁ ଅଙ୍ଗୀଭୂତଧର୍ମ ଭାବରେ ଗ୍ରହଣ କରିଥିଲେ । ମମ୍ମଟଙ୍କ ପରେ ରୁର୍ଯ୍ୟକ ଅଳଙ୍କାରସର୍ବସ୍ୱ ଗ୍ରନ୍ଥରେ ବିଚିତ୍ର ଓ ବିକଳ୍ପ ନାମକ ନୂତନ ଅଳଙ୍କାର ଉଦ୍ଭାବନ କରିଥିଲେ ଓ ରୁଦ୍ରଟଙ୍କର ବାସ୍ତବ ଉପମା, ଅତିଶୟ ଓ ଶ୍ଳେଷ ପ୍ରଭୃତିର ନୂତନ ବର୍ଗୀକରଣ କରିଥିଲେ । ବିଶ୍ୱନାଥ ଓ ଜୟଦେବଙ୍କ ଉପସ୍ଥାପନା ରୀତିରେ ଏହି ବିଚାର ବୈଷମ୍ୟ ପରିଦୃଷ୍ଟ ହୁଏ । ସାରକଥା, ଶବ୍ଦ ଓ ଅର୍ଥର ଅତିଶୟ ଶୋଭାବିଧାନକାରୀ ଅସ୍ଥିର ଧର୍ମକୁ ଅଳଙ୍କାର ବୋଲି ଏମାନେ ବ୍ୟକ୍ତ କରିଛନ୍ତି ।

ଅଳଙ୍କାରଗୁଡ଼ିକ ଅଙ୍ଗଦ, ହାର, କେୟୂର ପ୍ରଭୃତି ରସାତ୍ମକ କାବ୍ୟପୁରୁଷର ଉପକାରକ ବୋଲି ବ୍ୟକ୍ତ କରାଯାଇଛି । ଜୟଦେବ ଗୋଟିଏ ସ୍ଥଳରେ କାବ୍ୟରେ ଅଳଙ୍କାରକୁ ଅଗ୍ନିରେ ଥିବା ଉଷ୍ଣତା ସହିତ ତୁଳନା କରି ପୁଣି କହନ୍ତି ଅଳଙ୍କାର ହାର ପରି କାବ୍ୟ ଶରୀରକୁ ବିଭୂଷଣ କରେ । ଜୟଦେବଙ୍କ ଗଣନା ଅନୁଯାୟୀ ଅଳଙ୍କାରର ମୋଟ ସଂଖ୍ୟା ୧୦୦ ; କିନ୍ତୁ କୁବଳୟାନନ୍ଦକାର, ଅପ୍ପୟ ଦୀକ୍ଷିତ ସର୍ବମୋଟ ୧୧୫ଟି ଅଳଙ୍କାର ସ୍ୱୀକାର କରିଛନ୍ତି । ଏମାନେ ଅଳଙ୍କାରର ବିସ୍ତୃତ ଆଲୋଚନା କରିଥିଲେ ମଧ୍ୟ ସେ ସମୟରେ ଧ୍ୱନି ଓ ରସର ଭିତ୍ତି ଏପରି ଦୃଢ଼ ଥିଲା ଯେ ଅଳଙ୍କାରକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରାଯାଇପାରିଲା ନାହିଁ । ବୈୟାକରଣମାନେ ଅଳଙ୍କାରର ଦୁଇଟି ବ୍ୟୁତ୍ପତ୍ତିଗତ ଅର୍ଥ ପ୍ରଦାନ କରିଛନ୍ତି । ''ଅଳଂକ୍ରିୟତେଽନେନେତ୍ୟଳଙ୍କାରଃ'' ଅର୍ଥାତ୍ ଯାହାଦ୍ୱାରା ଅଳଙ୍କୃତ ବା ଭୂଷିତ କରାଯାଏ ତାହା ଅଳଙ୍କାର । ଅପର ବ୍ୟୁତ୍ପତ୍ତିଟି ହେଲା 'ଅଳଂକରୋତି ଇତି ଅଳଙ୍କାରଃ' ଯାହା ସୁଶୋଭିତ କରେ ତାହା ଅଳଙ୍କାର । ଅଳଙ୍କାର ସମ୍ବନ୍ଧରେ ଦଣ୍ଡୀଙ୍କର ପରିଭାଷା ହେଉଛି, 'କାବ୍ୟର ଶୋଭା ବିଧାୟକ ଧର୍ମ ହିଁ ଅଳଙ୍କାର' ।[୨୮] ଏହି ପରିଭାଷା ଅଳଙ୍କାର ସଂପ୍ରଦାୟର ସିଦ୍ଧାନ୍ତ ରୂପେ ଗୃହୀତ ; କିନ୍ତୁ ପରବର୍ତ୍ତୀ କାଳରେ ଧ୍ୱନି ଓ ରସବାଦର ସ୍ଥାପନା ହେବାପରେ ଅଳଙ୍କାରର ପରିଭାଷା ପରିବର୍ତ୍ତିତ ହୋଇଗଲା । ରସବାଦୀ ବିଶ୍ୱନାଥଙ୍କ ମତରେ ଶବ୍ଦାର୍ଥ ରୂପ କାବ୍ୟ ଶରୀରର ଶୋଭାବର୍ଦ୍ଧନକାରୀ ଯେଉଁ ସବୁ ଅସ୍ଥିରଧର୍ମ, ମନୁଷ୍ୟ ଶରୀରର ଅଙ୍ଗଦ (ବାଜୁବନ୍ଧ), ବଳୟାଦି ଅଳଙ୍କାର ପରି ଆତ୍ମା ରୂପ, ରସ ଓ ଭାବାଦିର ଉପକାର ସାଧନ କରିଥାନ୍ତି, ସେଗୁଡ଼ିକୁ ଅଳଙ୍କାର କୁହାଯାଏ । ଏଥିରୁ ଅନୁମିତ ହୁଏ ଯେ, ଅଳଙ୍କାର କାବ୍ୟର ଅସ୍ଥିର ଧର୍ମ । ଅଳଙ୍କାର କାବ୍ୟ ସୌନ୍ଦର୍ଯ୍ୟର ହେତୁ ନୁହେଁ, କାବ୍ୟର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ ମାତ୍ର । ରସ ଓ ଭାବାଦି କାବ୍ୟର ପ୍ରକୃତ ସୌନ୍ଦର୍ଯ୍ୟ । ସେମାନଙ୍କର ଉପକାର ସାଧନକରି ଅଳଙ୍କାର ହିଁ ଗୌରାବାନ୍ୱିତ ହୋଇଥାଏ । ମନୁଷ୍ୟର ଶୌର୍ଯ୍ୟାଦି ଗୁଣ ଯେପରି ଆତ୍ମା ସହିତ ଘନିଷ୍ଠ ଭାବରେ ଜଡ଼ିତ ସେହିପରି ମାଧୁର୍ଯ୍ୟାଦି ଗୁଣ କାବ୍ୟର ସ୍ଥିର ଆନ୍ତରିକଧର୍ମ ଓ ଅନୁପ୍ରାସ, ଯମକାଦି ଶବ୍ଦାଳଙ୍କାର ମନୁଷ୍ୟ ଶରୀରର ବଳୟ କୁଣ୍ଡଳାଦି ପରି ବାହ୍ୟ ଓ ଅସ୍ଥିର ଧର୍ମ । ଭୋଜ କହନ୍ତି ଯେଉଁ ଅଳଙ୍କାର ଶବ୍ଦାଶ୍ରୟୀ ତାହା ଶବ୍ଦାଳଙ୍କାର ଏବଂ

ଯେଉଁ ଅଳଙ୍କାର ଅର୍ଥକୁ ଅଳଙ୍କୃତ କରେ ତାହା ଅର୍ଥାଳଙ୍କାର କିନ୍ତୁ ଆଚାର୍ଯ୍ୟ ମମ୍ମଟଙ୍କ ଅନ୍ୱୟ ବ୍ୟତିରେକ ସିଦ୍ଧାନ୍ତ ଏହି ବିଭାଗୀକରଣର ସର୍ବମାନ୍ୟ ବିଚାର ଭାବରେ ଗୃହୀତ ।

ଅର୍ଥାତ୍ ଯେଉଁଠି ଶବ୍ଦ ପରିବର୍ତ୍ତନରେ ମଧ୍ୟ ଅଳଙ୍କାର ଅବସ୍ଥାନ କରେ ତାହା ଅର୍ଥାଳଙ୍କାର । ରସର ଅସ୍ତିତ୍ୱରେ ହିଁ କାବ୍ୟର ସ୍ଥିତି ଓ ରସଦ୍ୱାରା ହିଁ କାବ୍ୟ ପର୍ଯ୍ୟବସିତ । ଆତ୍ମାରୂପ ରସ ଔଚିତ୍ୟ ଅନୁଯାୟୀ ଅଳଙ୍କାରର ଯୋଜନା କରାଯାଇଥାଏ । ଏହାର କୌଣସି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ନାହିଁ । କବି ଉପେନ୍ଦ୍ରଭଞ୍ଜ ଆଲୋଚ୍ୟ କାବ୍ୟ 'ଲାବଣ୍ୟବତୀ'ର ଅଳଙ୍କାର ସୌନ୍ଦର୍ଯ୍ୟର ସାର୍ଥକ ଆଲୋଚନା କରିଛନ୍ତି । ଏହି କାବ୍ୟରେ ଅନୁପ୍ରାସ, ଯମକ, ଶ୍ଳେଷ, ବକ୍ରୋକ୍ତି ପ୍ରଭୃତି ବହୁବିଧ ଶବ୍ଦାଳଙ୍କାରର ବିଚିତ୍ର ବିନ୍ୟାସ ଘଟାଇଛନ୍ତି ।

## ଅନୁପ୍ରାସ :

ବର୍ଣ୍ଣସାମ୍ୟ ହିଁ ଏହାର ମୂଳଭିତ୍ତି । ସ୍ୱର ଭେଦ ଥାଇସୁଦ୍ଧା ଶବ୍ଦର ଆବୃତ୍ତି ଏଥିରେ ଘଟିଥାଏ । କିନ୍ତୁ ଉପେନ୍ଦ୍ର ଅନୁପ୍ରାସର ବିବିଧ ପ୍ରୟୋଗରେ ଲାବଣ୍ୟବତୀକୁ ଲାବଣ୍ୟମୟ କରିଥିବା ଅନୁମେୟ । ଅନୁପ୍ରାସ ଅଳଙ୍କାରର ବିଚିତ୍ର ରୂପ ପ୍ରଦର୍ଶନ କରି ବହୁଧା ବିଭକ୍ତ କରିଛନ୍ତି । ଏହିକାବ୍ୟ ଆମୂଳଚୂଳ ଅନୁପ୍ରାସର ଏକ ବିଚିତ୍ର ବିଳାସରେ ମାଧୁର୍ଯ୍ୟମଣ୍ଡିତ ହୋଇଛି ।

**(କ) ଛେକାନୁପ୍ରାସ :** ସ୍ୱର ବ୍ୟତୀତ କେବଳ ବ୍ୟଞ୍ଜନ ବର୍ଣ୍ଣ ସମୂହର ବାରମ୍ବାର ବା କ୍ରମ ଆବୃତ୍ତିରେ ଏହି ଅନୁପ୍ରାସ ହୁଏ । ''କହିବାର ନୋହେ ସେ କଟକ ଛଟକକୁ/ ରହୁ ଝଟକରେ ହସେ ଆନକଟକକୁ ଯେ ''[(୨୯)] ଏଥିରେ କଟକ, ଛଟକ, ଝଟକ ଆଦି ବହୁ ବ୍ୟଞ୍ଜନର କ୍ରମାବୃତ୍ତି ଘଟିଛି ।

**(ଖ) ବୃତ୍ତି ଅନୁପ୍ରାସ :** ଗୋଟିଏ ବା ବହୁବ୍ୟଞ୍ଜନର ଥରେ ବା ବହୁଥର ଆବୃତ୍ତିରେ ଏହି ଅନୁପ୍ରାସ ହୁଏ ।[(୩୦)] ଏଥିରେ କିବା, କରି, କାଳ ଆଦି ପଦମାନ ଅବିକଳ ସ୍ୱରୂପରେ ଆବୃତ୍ତ ହୋଇଥାଏ ।

**(ଗ) ଶ୍ରୁତି ଅନୁପ୍ରାସ :** ତାଳୁ, ଦନ୍ତ୍ୟ, କଣ୍ଠ୍ୟ ଆଦି ବିଭିନ୍ନ ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣମାନଙ୍କର ବାରମ୍ବାର ଆବୃତ୍ତିରେ ଏହି ଅଳଙ୍କାର ହୁଏ ।[(୩୧)] ଏଥିରେ 'ଦ' 'ନ' ପ୍ରଭୃତି ଦନ୍ତ୍ୟ, ବର୍ଣ୍ଣ 'ଭ', 'ମ', 'ବ' ପ୍ରଭୃତି ଓଷ୍ଠ୍ୟ ବର୍ଣ୍ଣର ବାରମ୍ବାର ଆବୃତ୍ତି ସହୃଦୟ ସୁଖାବହ ହୋଇଥାଏ ।

**(ଘ) ଅନ୍ତ୍ୟାନୁପ୍ରାସ :** ପାଦର ଶେଷରେ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ସ୍ୱରବର୍ଣ୍ଣ ସହିତ ଆବୃତ୍ତି ହେଲେ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୁଏ । ଏହି ଅନୁପ୍ରାସ ଉପେନ୍ଦ୍ରଙ୍କ କାବ୍ୟରେ ଛତ୍ରେ ଛତ୍ରେ ସଂଯୋଜିତ । ଯେକୌଣସି ପଦ ଉଠାଇଲେ ଅନ୍ତ୍ୟାନୁପ୍ରାସ ପରିଦୃଷ୍ଟ ହେବ ।[(୩୨)] ଏଠାରେ 'ଅଙ୍ଗେ', ଅରିପଦ ପାଦାନ୍ତରେ ସଂଯୋଜିତ ।

**(ଙ) ଲାଟାନୁପ୍ରାସ :** ଶବ୍ଦାର୍ଥର ପୁନରୁକ୍ତି ତାତ୍ପର୍ଯ୍ୟ ମାତ୍ରାରେ ଭେଦ ଥିଲେ ଏହି ଅଳଙ୍କାର ହୁଏ ।[(୩୩)] ଏଥିରେ ରାମ, ଲକ୍ଷ୍ମଣ ଓ ଭରତ ଶବ୍ଦର ତାତ୍ପର୍ଯ୍ୟ ମାତ୍ରାରେ ଭେଦଥାଇ ପୁନରୁକ୍ତି ହୋଇଯାଇଛି ।

## ଯମକ :

ସ୍ୱରର ଓ ସବ୍ୟଞ୍ଜନ ଭିନ୍ନାର୍ଥ ଶବ୍ଦର କ୍ରମିକ ଆବୃତ୍ତି ହେଲେ ଯମକ ଅଳଙ୍କାର ହୁଏ । ବର୍ଣ୍ଣ, ସାମ୍ୟ ଓ ଅର୍ଥ ପାର୍ଥକ୍ୟ ସମ୍ପନ୍ନ ଏହି ଯମକ ଉପେନ୍ଦ୍ରଙ୍କ ଅତିପ୍ରିୟ ଅଳଙ୍କାର କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଯମକ ଆଧାରିତ କାବ୍ୟ (ଯମକ ଚଉତିଶା) ରଚନା କରିବା ସଙ୍ଗେ ସଙ୍ଗେ ପ୍ରେମସୁଧାନିଧି କାବ୍ୟକୁ ଯମକ ପ୍ରଧାନ କରିଛନ୍ତି । ଲାବଣ୍ୟବତୀ କାବ୍ୟରେ ଯମକର ପ୍ରୟୋଗ ନୁହେଁ । ସେ କାବ୍ୟର ବିଭିନ୍ନସ୍ଥଳରେ ଯମକାଳଙ୍କାର ପ୍ରୟୋଗ କରିଥିଲେ ମଧ୍ୟ ଗୋଟିଏ ସ୍ଥଳରେ ଯମକର ସୂଚନା ଦେଇଛନ୍ତି । ''ଛବିଧି ଯମକ ଆଶୟ ରୂପକରେ ଦୀପକ/ ବହିର୍ଲିପି ଅନ୍ତର୍ଲିପିକା ଘେନି ବର୍ଣ୍ଣରୋଚକ'' ।୫୫।(୩୪)

**(୧) ଆଦ୍ୟ ଯମକ :** ''ବି.... ରାଜି ବିରାଜି ଅଛନ୍ତି ମୀନଭକ୍ଷଣ ପାଇଁ/ ରାଜୀବ ରାଜୀବନୟନା ଏଥିଖେଳା କରଇ'' ।୧୯।(୩୫) ବିରାଜି ପକ୍ଷଶ୍ରେଣୀ ଓ ବିଦ୍ୟମାନ, ରାଜୀବ ରାଜିହୋଇ ରାଜୀବନୟନା ପଦ୍ମନୟନା ।

**(୨) ଆଦ୍ୟପ୍ରାନ୍ତ ଯମକ :** ଭୂ ଅର୍ଥ ଜଳ ବା ବିଶ୍ୱ, ଜୀବନବନ୍ଧୁ ପ୍ରାଣ, ଜଳ ।(୩୬)

**(୩) ସର୍ବଯମକ :** ଅହି ମକର: ସର୍ପ ଓ ମଗର, ସୂର୍ଯ୍ୟକିରଣ, ସାରସ ଚକ୍ରେ ପଦ୍ମ ସମୂହ, ହଂସ ସମୂହ ବା ଚକ୍ରବାକ । ଏହି ରୀତିରେ ପ୍ରଯୁକ୍ତ ଯମକ ଅଳଙ୍କାରର ଅନ୍ୟାନ୍ୟ ରୂପ ।

ଏହି କାବ୍ୟରୁ ସୁଲଭ ପଦଗୁଡ଼ିକ ପ୍ରଯୁକ୍ତ ଯମକ ଅଳଙ୍କାର ରୂପ ଭାବରେ ଖ୍ୟାତ ।(୩୮)

## ଶ୍ଳେଷ :

ଏ କାବ୍ୟର ଉଚ୍ଚାରିତ ଶବ୍ଦରୁ ଅନେକ ଅର୍ଥ ପ୍ରକାଶିତ ହେଲେ ଶ୍ଳେଷ ବୋଲି ଅଭିହିତ କରାଯାଏ । କେତେକଙ୍କ ମତରେ ଶ୍ଳେଷଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗ ଭେଦରେ ତ୍ରିବିଧ । ଅନ୍ୟ କେତେକ ଆଲୋଚକ ପ୍ରକୃତ ବିଷୟକ, ଅପ୍ରକୃତ ବିଷୟକ, ପ୍ରକୃତାପ୍ରକୃତ ବିଷୟକ ଭେଦରେ ତ୍ରିବିଧ ମନେ କରନ୍ତି । ଶ୍ଳେଷ ଅଳଙ୍କାର ପ୍ରୟୋଗରେ ଉପେନ୍ଦ୍ରଙ୍କ କୃତିତ୍ୱ ଅନନ୍ୟ ସାଧାରଣ । ଏକବାର ଉଚ୍ଚାରିତ ଶବ୍ଦରୁ ବା ଶବ୍ଦମାନଙ୍କରୁ ଅନେକ ଅର୍ଥ ପ୍ରତୀତ ହେଲେ ଶ୍ଳେଷାଳଙ୍କାର ହୁଏ । ଶବ୍ଦପଣ୍ଡିତ ଉପେନ୍ଦ୍ର ଏହି ଶ୍ଳେଷାଳଙ୍କାର କୁ ବହୁଳଭାବରେ ପ୍ରୟୋଗ କରି ନିଜର ଶବ୍ଦଗତ ଦକ୍ଷତା ପ୍ରତିପାଦନ କରିଛନ୍ତି । 'ଲାବଣ୍ୟବତୀ' କାବ୍ୟର ପ୍ରଥମଛାନ୍ଦରେ ଏକାଧାରରେ ପରଶୁରାମ, ରାମ, ବଳରାମଙ୍କୁ ବନ୍ଦନା କରାଯାଇଛି । ଯଥା : ''ଜୟ ଜୟ ଜୟ ରାମ ଜନକ ସୁଖଦ/ ଭୀମ ହରଷ ଦାନରେ ସଦା ବିଶାରଦ ହେ ।'' ୧/(୩୯) ଏଥିରେ ଜନକ (ମିଥିଳା ରାଜା, ପିତା, ଜନପଦ), ସୁଖଦ ସୁଖଦାତା, ସୁଖହର୍ତ୍ତା, ଭୀମ ମହାଦେବ, ଦୁଷ୍ଟଜନ, ମଧ୍ୟମ ପାଣ୍ଡବ ପ୍ରଭୃତି ଶବ୍ଦ ବହୁ ଅର୍ଥକ । ଛତିଶଛାନ୍ଦର ପ୍ରଥମ ପାଞ୍ଚୋଟି ପଦର ଶ୍ଳେଷରେ କବି ବସନ୍ତ, ଗ୍ରୀଷ୍ମ, ବର୍ଷା ଓ ଶୀତଋତୁର ବର୍ଣ୍ଣନା କରି ଶବ୍ଦ କସରତରେ ଏକ ଅପୂର୍ବ ଆଲେଖ୍ୟ ସୃଷ୍ଟି କରିଯାଇଛନ୍ତି । ଏହାବ୍ୟତୀତ ପ୍ରଥମଛାନ୍ଦର ୭୦, ଦ୍ୱିତୀୟଛାନ୍ଦର ୭୬, ୭୭, ୭୮ ଓ ୮୧ ପଦ, ଚତୁର୍ଥଛାନ୍ଦର ୨୪ ପଦ, ୨୧ ଛାନ୍ଦର ତୃତୀୟ ପଦରେ ଶ୍ଳେଷର ମନୋରମ ସଂଯୋଜନ କାବ୍ୟକୁ ମାଧୁର୍ଯ୍ୟ କରିଛି ।

## ରୂପକ :

ଉପମାନ ଓ ଉପମେୟର ଅଭେଦ ରୂପରେ ରୂପକ ଅଳଙ୍କାର ହୁଏ । ଏହାମଧ୍ୟ ସାଙ୍ଗ, ନିରଙ୍ଗ ଓ ପାରମ୍ପରିକ ଭେଦରେ ବହୁବିଧ ।[୪୦] ଏହିପଦରେ ଏକାଧାରରେ ମନରୂପକ ମୀନ, ହୃଦରୂପକ ସରୋବର, କଟାକ୍ଷରୂପକ ବାଣୀ, ପ୍ରେମରୂପକ ସୁଧା, ଉରଜରୂପକ କଳସୀରେ ଅଭେଦ ରୂପ କରାଯାଇଛି । ଏହିମାଳା ରୂପ ନିରବୟବ ରୂପକମାତ୍ର । ରୂପକର ବହୁବିଧ ଉଦାହରଣ ଲାବଣ୍ୟବତୀ କାବ୍ୟରୁ ଗ୍ରହଣ କରାଯାଇପାରେ ।

## ଉପମାଳଙ୍କାର :

ବିଭିନ୍ନ ଜାତୀୟ ଦୁଇଟି ବସ୍ତୁର ସାଦୃଶ୍ୟ କଥନର ନାମ ଉପମା । ଯାହାକୁ ତୁଳନା କରାଯାଏ ସେ ଉପମେୟ ଏବଂ ଯାହା ସହିତ ତୁଳନା କରାଯାଏ ତାହା ଉପମାନ । ଯଥା, ତଥା ପ୍ରଭୃତି ଉପମାବାଚକ ଶବ୍ଦ । ଉପମାନ ଓ ଉପମେୟ ମଧ୍ୟରେ ଯାହା ସାଧାରଣ ଏହି ଚାରିଟିର ସମାବେଶରେ ଉପମାଳଙ୍କାର ଗଠିତ ହୁଏ । ଏହି ଚାରିଟି ଉପାଦାନ ବାକ୍ୟରେ ରହିଥିଲେ ପୂର୍ଣ୍ଣୋପମା ଏବଂ ସେଥିମଧ୍ୟରୁ ଅନ୍ତତଃ ଗୋଟିକର ଅଭାବରେ ଲୁପ୍ତୋପମା ହୁଏ । ଉପମାନ ମାଳାକାରରେ ଥିଲେ ସେଠାରେ ମାଳୋପମା ହୁଏ ।

**(କ) ପୂର୍ଣ୍ଣୋପମା :** ଏଠାରେ ବିବାହ ପୂର୍ବରୁ ନାୟକ ଚନ୍ଦ୍ରଭାନୁ ଠାରୁ ପ୍ରେମପତ୍ର ପାଇବା ପରେ ନାୟିକା ଲାବଣ୍ୟବତୀର ସଖୀ ହସ୍ତରେ ଲିଖିତ ପ୍ରେମପତ୍ରର ଅଂଶବିଶେଷ ।[୪୧] ଏଥିରେ ହୃଦୟ ଏବଂ ଶୋଭାରେ ବନର ଆରୋପ କରାଯାଇଛି । ବିରହକୁ ଅନଳ ଓ ମନକୁ ମୃଗ ରୂପରେ ତୁଳନା ନିତାନ୍ତ ପାରମ୍ପରିକ ଉପାଦାନ ମାଧ୍ୟମରେ କରାଯାଉଛି । କବିଙ୍କ ଉପସ୍ଥାପନା କୌଶଳ ଅତ୍ୟନ୍ତ ଚମତ୍କାର । ଯୌବନ ପ୍ରାପ୍ତି ପରେ କି ପୁରୁଷ କି ନାରୀ ସମସ୍ତଙ୍କର ଆତ୍ମରତି ବଢ଼ିଯାଏ । ନିଜକୁ ସଜାଇବା, ନିଜକୁ ସୁନ୍ଦର ମନେକରିବା ଓ ନିଜ ଭାବନାରେ ବିଭୋର ହେବା ଭାବଟି ହଠାତ୍ ଚେଇଁ ଉଠେ । ସେହିପରି ଯୌବନର ପ୍ରଥମ ସ୍ପର୍ଶରେ ଲାବଣ୍ୟବତୀର ମନରୂପୀ ମୃଗଟି ହୃଦୟରୂପୀ ବନରେ ବେଶ୍ ଆରାମରେ ବିଚରଣ କରୁଥିଲା ; କିନ୍ତୁ ଚନ୍ଦ୍ରଭାନୁର ପ୍ରେମପତ୍ର ଜନିତ ପ୍ରୀତିପୂର୍ଣ୍ଣ ସମ୍ଭାଷଣ ତା'ର ହୃଦୟ ବନରେ ବିରହାଗ୍ନି ସଂଯୋଗ କରିଦେଇଛି । ଦାହଦଗ୍ଧ ଗୃହ ଆଉ ବାସୋପଯୋଗୀ ହୁଏନାହିଁ । ଦାବାଗ୍ନି ପ୍ରଜ୍ୱଳିତ ହେଲେ ମୃଗ ଅନ୍ୟ ଏକ ନିକଟତମ ଓ ସୁନ୍ଦର ବନର ଆଶ୍ରୟ ନେଇଥାଏ । ବର୍ତ୍ତମାନ ଲାବଣ୍ୟବତୀର ମନ ମୃଗ ନିକଟତମ ଚନ୍ଦ୍ରଭାନୁର ସୌନ୍ଦର୍ଯ୍ୟ ବନରେ ଆଶ୍ରୟ ନେଇଛି । ତାହା କେବଳ ସୁନ୍ଦର ନୁହେଁ, ନିରାପଦ ମଧ୍ୟ ମନେ ହୋଇଛି । ଲାବଣ୍ୟବତୀ ବର୍ତ୍ତମାନ ଚନ୍ଦ୍ରଭାନୁର ଆଶ୍ରିତ । ଏକଥା ମଧ୍ୟ ପ୍ରକାରାନ୍ତରେ ଅଭିବ୍ୟକ୍ତ । ଉପେନ୍ଦ୍ର ପ୍ରେମପତ୍ର ସଂଯୋଜନାରେ ଯେଉଁ କୁଶଳତା ପ୍ରଦର୍ଶନ କରିଛନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ ।

**(ଖ) ଲୁପ୍ତୋପମା :** ଏଠାରେ ହାସ, ନେତ୍ର, ମୁଖର ଯଥାକ୍ରମେ କାନ୍ତି, ସ୍ୱଚ୍ଛତା ଓ

ସୌନ୍ଦର୍ଯ୍ୟ ପ୍ରଭୃତି ସାଧାରଣ ଗୁଣର ବର୍ଣ୍ଣନା କରାଯାଇନାହିଁ । ତେଣୁ ଲୁପ୍ତୋପମା ।(୪୨)

**(ଗ) ପ୍ରତିବସ୍ତୁପମା :** ସାଦୃଶ୍ୟଗର୍ଭକ ବାକ୍ୟଦ୍ୱୟରେ ସାଧାରଣ ଧର୍ମ ପୃଥକ୍ ରୂପେ ନିର୍ଦ୍ଦିଷ୍ଟ ହୋଇଥିଲେ ପ୍ରତିବସ୍ତୁପମାଳଙ୍କାର ହୁଏ । ଏଠାରେ ସାଦୃଶ୍ୟଗର୍ଭକ ବାକ୍ୟ ଦ୍ୱୟରେ ସାଧାରଣ ଧର୍ମ ପୃଥକ୍ ପୃଥକ୍ ଭାବରେ ବର୍ଣ୍ଣିତ ହୋଇଛି କିନ୍ତୁ, ସାଦୃଶ୍ୟବାଚକ ଶବ୍ଦ ଅନୁକ୍ତ ହୋଇଥିବାରୁ ଏହା ପ୍ରତିବସ୍ତୁପମାଳଙ୍କାର ହୁଏ ।(୪୩)

## ଉତ୍ପ୍ରେକ୍ଷା :

ଏଠାରେ କୁଚ ଠାରେ ଅଭିଷେକ କୁମ୍ଭର ବର୍ଣ୍ଣନା କରାଯାଇଛି । କବି ନାରୀର ଅଙ୍ଗ ପ୍ରତ୍ୟଙ୍ଗ ବର୍ଣ୍ଣନାରେ ତଥା ଭୂଷଣ ସଂଯୋଜନ କାଳରେ ବର୍ଣ୍ଣନାରେ ଏହି ଅଳଙ୍କାର ଚମତ୍କାର ପ୍ରୟୋଗ କରିଛନ୍ତି ।(୪୪)

## ବ୍ୟତିରେକ :

ଏଥିରେ ଶ୍ଳେଷାଳଙ୍କାର ଓ ବ୍ୟତିରେକର ସଙ୍କର ହୋଇଛି । ଚନ୍ଦ୍ର (ଚନ୍ଦ୍ରମା, କର୍ପୂର, ସୁବର୍ଣ୍ଣ) ସାରଙ୍ଗ (ହରିଣ, ଧନୁ, ହଂସ) ତରୁଣ ହରି ( ଶୁକ୍ର, ସୂର୍ଯ୍ୟ, ସିଂହ) ଶବ୍ଦରେ ଶ୍ଳେଷ ରଖି କବି ନାୟିକାର ମୁଖ, ହାସ ଆଦିର ବୈଶିଷ୍ଟ୍ୟ ସଜ୍ଞାନ ଚିତ୍ତରେ ଉପସ୍ଥାପନ କରିଛନ୍ତି । (୪୫) ଉପମାନ ଅପେକ୍ଷା ଉପମେୟର ଆଧିକ୍ୟ ବର୍ଣ୍ଣିତ ହେଲେ ବ୍ୟତିରେକ ଅଳଙ୍କାର ହୁଏ ।(୪୬) ଏଠାରେ ଲାବଣ୍ୟବତୀର କଣ୍ଠକୁ ଦେଖି କମ୍ବୁ ଯେ ଶଙ୍ଖ, ସେ ଆର୍ତ୍ତରେ କି ଦୁଃଖରେ ସମାନ ହୋଇ ନପାରି ସକାଳୁ ଶବ୍ଦକଲା । ଅର୍ଥାତ୍ ପ୍ରତିଦିନ ସକାଳେ ଦେବ ମନ୍ଦିରରେ ଶଙ୍ଖନାଦ ହୋଇଥାଏ ।

## ଉଲ୍ଲେଖାଳଙ୍କାର :

ଗୋଟିଏ ବସ୍ତୁ ଧର୍ମଭେଦରେ ଅନେକ ପ୍ରକାର ଉଲ୍ଲିଖିତ ହୋଇଥିଲେ ଉଲ୍ଲେଖ ଅଳଙ୍କାର ହୁଏ ।(୪୭)

## ଭ୍ରାନ୍ତି ଅଳଙ୍କାର :

ସାଦୃଶ୍ୟ ବଶତଃ ଗୋଟିଏ ପଦାର୍ଥରେ ଅନ୍ୟ ପଦାର୍ଥର ଭ୍ରମ ନ ଜନମିଲେ ଭ୍ରାନ୍ତି ଅଳଙ୍କାର ହୁଏ । ଏହି ପଦ୍ୟରେ ଭ୍ରାନ୍ତି ପରେ ମନକୁ ଅଥୟ କରୁଛି । ପ୍ରଥମେ ଭ୍ରମର ଓ ଚକୋର ମୁଖକୁ ପଦ୍ମ ଓ ଚନ୍ଦ୍ର ମନେ କରି ଦ୍ୱିତୀୟରେ ଚକ୍ରବାକ (ରଥାଙ୍ଗ) ବାଳକୁ ଶୈବାଳ ମନେ କରି ନିରାଶ ହେଲେ ।(୪୮)

## ପର୍ଯ୍ୟାୟୋକ୍ତି ଅଳଙ୍କାର :

ବିଚିତ୍ର ଭାବରେ ବିବକ୍ଷିତ ଅର୍ଥରେ ଓ ଭଙ୍ଗୀରେ କଥିତ ହେଲେ ତାହା ପର୍ଯ୍ୟାୟୋକ୍ତି ଅଳଙ୍କାର ହୁଏ । କର୍ପୂର, ଜାତିଫଳ ଓ ଗଜମୁକ୍ତା ସିଂହଳରେ ପ୍ରଚୁର ମିଳେ । ଏଇକଥା କବି ଉପେନ୍ଦ୍ରଭଞ୍ଜ ବିଚିତ୍ର ଢ଼ଙ୍ଗରେ ଅନ୍ୟରୀତିରେ ବ୍ୟକ୍ତ କରିଛନ୍ତି । (୪୯)

## ଆକ୍ଷେପ ଅଳଙ୍କାର :

ପ୍ରଥମରେ କହିଥିବା ବିଷୟ ବିଚାର କରି ନିଷେଧ କଲେ ଆକ୍ଷେପ ଅଳଙ୍କାର ହୁଏ । ଏହି ପଦ୍ୟାଂଶରେ କବି 'ନେତ୍ରପଡ଼ିଲା' କହି ନିଷେଧପୂର୍ବକ କହନ୍ତି 'ଜଡ଼ିଲାମନ' ପୁଣି 'ବୁଡ଼ିଲା ଜ୍ଞାନ '। ତେଣୁ ଅର୍ଥ ଆକ୍ଷିପ୍ତ ହେଉଥିବାରୁ ଆକ୍ଷେପ ଅଳଙ୍କାର ହୋଇଛି ।[୫୦]

## ଅସମ୍ଭବ ଅଳଙ୍କାର :

ଯେଉଁଠାରେ ଅସମ୍ଭବ ରୂପ ଅର୍ଥରେ ସାଧନ ବର୍ଣ୍ଣିତ ହୁଏ । ଏହି ପଦ୍ୟରେ ମୃଗତୃଷ୍ଣାର ଭ୍ରମ ମଣିଷକୁ କେବେହେଲେ ବାସ୍ତବତାର ଅବଲୋକନ କରାଏନାହିଁ ଏହା ଅସମ୍ଭବ । ସାତ ସମୁଦ୍ରକୁ ମହର୍ଷି ଅଗସ୍ତ୍ୟ ନିଜ ଚୁଳୁ ଭିତରେ ଶୋଷି ନେଇଥିଲେ । ଏଭଳି ଅସମ୍ଭବ ଘଟଣା ଗୁଡ଼ିକ ମଧ୍ୟ ଏଠାରେ ଆରୋପିତ ହୋଇଛି ।[୫୧]

## ବିଷମ ଅଳଙ୍କାର :

ଅନୁରୂପ ହୋଇନଥିବା ପଦାର୍ଥଦ୍ୱୟର ସମ୍ବନ୍ଧ ବର୍ଣ୍ଣନା ହେଲେ ବିଷମ ଅଳଙ୍କାର ହୁଏ । ''ଭୋଗୀ ଭୋଗକୁ ଯୋଖିଲା ମଳୟ ଅନିଳ / ଶିବ ଭୋଗେ କଲା ସିନ୍ଧୁ ମନ୍ଥନେ ଗରଳ । ଦେଲା ରାହୁକୁ ଅମୃତ / କଳାନିଧି ପରା ଦ୍ରବେ କଳଙ୍କ ଅଙ୍କିତ ।'' ।। ୩୩ ।।[୫୨]

## ଅନ୍ୟୋନ୍ୟ ଅଳଙ୍କାର :

ପରସ୍ପର କାର୍ଯ୍ୟରେ ଉପକାର ସାଧିତ ହେଲେ ଅନ୍ୟୋନ୍ୟ ଅଳଙ୍କାର ହୁଏ ।[୫୩]

## ପ୍ରୌଢ଼ୋକ୍ତି ଅଳଙ୍କାର :

ବର୍ଣ୍ଣନୀୟ ବସ୍ତୁର ଉତ୍କର୍ଷ ସାଧନ ଉଦ୍ଦେଶ୍ୟରେ କି ପ୍ରକୃତରେ କାରଣ ନୁହେଁ ତାହାକୁ କାରଣ କରି ବର୍ଣ୍ଣନା କରାଯାଇଥିଲେ ପ୍ରୌଢ଼ୋକ୍ତି ଅଳଙ୍କାର ହୁଏ । 'ଲବଣ୍ୟବତୀ'ର ଏହି ପଦରେ କବି ଲାବଣ୍ୟବତୀର ସୌନ୍ଦର୍ଯ୍ୟର ଉତ୍କର୍ଷ ସାଧନ କରିଛନ୍ତି । ଅର୍ଥାତ୍ ବ୍ରହ୍ମା ଏହାର ମୁଖ ଗଢ଼ିଲାବେଳେ ଚନ୍ଦ୍ରରୁ ଉଜ୍ଜ୍ୱଳତା ଗୁଣ, ପଦ୍ମରୁ ବାସ୍ନା, ଦର୍ପଣରୁ ସ୍ୱଚ୍ଛତାକୁ ଆଣି ଏକତ୍ର କରି ଲାବଣ୍ୟବତୀର ମୁଖ ଗଢ଼ିଲେ । ମୁଣ୍ଡର ବାଳକୁ ସମୁଦ୍ରରୁ ଢ଼େଉକୁ ଆଣି କୁଞ୍ଚକୁଞ୍ଚିଆ କଲେ । କଳା ବର୍ଣ୍ଣରୁ ଆଣି ଗାଢ଼ କୃଷ୍ଣବର୍ଣ୍ଣ କଲେ । ତେଣୁ ଲାବଣ୍ୟବତୀର ମୁଖ ଚନ୍ଦ୍ର ପରି ଗୋଲ, ଦର୍ପଣ ପରି ସ୍ୱଚ୍ଛ, ପଦ୍ମପରି ସୁଗନ୍ଧିତ ଏବଂ ବାଳ ଲହରୀ ପରି କୁଞ୍ଚିତ ଓ କଜ୍ଜ୍ୱଳ ଭଳି କଳା ।[୫୪]

## ସ୍ୱଭାବୋକ୍ତି ଅଳଙ୍କାର :

ଯେଉଁଠାରେ ଜାତି, ଦ୍ରବ୍ୟ, କ୍ରିୟା ଓ ଗୁଣ ପ୍ରାକୃତିକ ରୂପେ ଚମତ୍କାର ସହ ବର୍ଣ୍ଣିତ ହୋଇଥାଏ, ସେଠାରେ ସ୍ୱଭାବୋକ୍ତି ଅଳଙ୍କାର ହୁଏ । ଲାବଣ୍ୟବତୀର ଏହି ପଦରେ ଗର୍ଭବତୀ ନାରୀର ବିଭିନ୍ନ ଶାରୀରିକ ପରିବର୍ତ୍ତନ ଅତ୍ୟନ୍ତ ଚମତ୍କାର ଶୈଳୀରେ ପ୍ରକାଶିତ ହୋଇଛି ।[୫୫]

## ସାମାନ୍ୟ ଅଳଙ୍କାର :

ସାଦୃଶ୍ୟବଶତଃ ଦୁଇଟି ସମାନ ବସ୍ତୁର ବିଶେଷ ସଂଯୋଗ ହେଲେ ସାମାନ୍ୟ ଅଳଙ୍କାର ହୁଏ ।(୫୭)

## ଉନ୍ମୀଳିତ ଅଳଙ୍କାର :

ଦୁଇଟି ବସ୍ତୁ ଏକପରି ଜଣା ଯାଉଥିଲେ, କୌଣସି କାରଣରୁ ପ୍ରଭେଦ ଧରାଯାଉଥିଲେ ଉନ୍ମୀଳିତ ଅଳଙ୍କାର ହୁଏ । ''ବିନ୍ଦୁ ବିନ୍ଦୁ ଜଳ ରହିଛି ଚାରୁକୁଟିଳବାଳେ / ତୁଷାର ବୃଷ୍ଟିକି ହୋଇଚି ନବ ତମାଳ ଦଳେ ॥ ୪୨ ॥ (୫୭)

## ଅତ୍ୟୁକ୍ତି ଅଳଙ୍କାର :

ବର୍ଣ୍ଣିତ ବିଷୟ ଲୋକୋତ୍ତର ଓ ଯଥାର୍ଥ ହେଲେ ଅତ୍ୟୁକ୍ତି ଅଳଙ୍କାର ହୁଏ । ଏହି ପଦରେ କବି କହିଛନ୍ତି, ସିଂହଳ ଦେଶର ଲୋକେ ଏପରି ଧନଧାନ୍ୟ ସୁଖ ଶାନ୍ତିରେ ଅଛନ୍ତି ଯେ ଗାଈଙ୍କଠାରୁ ଗୋରଚ଼ନା ପରି ଯେଉଁ ଦ୍ରବ୍ୟ ବାହାରେ ତଥା କସ୍ତୁରୀ ମୃଗର ନାଭିରୁ ଯେଉଁ ସୁଗନ୍ଧିଯୁକ୍ତ କସ୍ତୁରୀ ମିଳେ ତାକୁ ବ୍ୟବହାର କରନ୍ତି । ନାରୀମାନେ ଗୋରଚ଼ନାକୁ କୁଙ୍କୁମ ବା ଟୀକା ଭାବରେ ବ୍ୟବହାର କରନ୍ତି । ସାମାନ୍ୟ କେଳାମାନେ ପ୍ରତିଦିନ ପୁରୁଣା ଲୁଗାକୁ ଫୋପାଡ଼ି ନୂଆ ଲୁଗା ପିନ୍ଧନ୍ତି । ଯାହା ଏକ ସମୃଦ୍ଧ ରାଜ୍ୟର ସାର୍ଥକ ରୂପ ପ୍ରଦାନ କରିଛି ।(୫୮)

## ସମାଧି ଅଳଙ୍କାର :

କାରଣ ଯୋଗେ ସିଦ୍ଧି ପ୍ରାୟ କାର୍ଯ୍ୟ ଆକସ୍ମିକ ଅନ୍ୟ କାରଣବଶତଃ ଯଦି ସହଜରେ ସାଧିତ ହୁଏ ତେବେ ସମାଧି ଅଳଙ୍କାର ହୁଏ ।(୫୯) ଚନ୍ଦ୍ରଭାନୁର ନିଦ୍ରା ହଠାତ୍ ଭାଙ୍ଗିଯିବାରୁ ପାଖରେ ଲାବଣ୍ୟବତୀକୁ ନପାଇ ସେ ଚିନ୍ତିତ ହୋଇଛି । ଭାବିଛି ଲାବଣ୍ୟବତୀ କ'ଣ ପୁଷ୍ପବତୀ ହେଲା ବୋଲି ପାଖରୁ ଚାଲିଗଲା କି ? ଏଭଳି ଆକସ୍ମିକତା ଯୋଗୁଁ ନାୟକ ନାୟିକାଙ୍କର ସୁଖନିଦ୍ରା ଭଗ୍ନ ହେବା ସମାଧି ଅଳଙ୍କାରକୁ ବୁଝାଉଛି ।

## ପର୍ଯ୍ୟାୟ ଅଳଙ୍କାର :

ପର୍ଯ୍ୟାୟ କ୍ରମିକ ଭାବରେ ଅନେକ ଆଧାରରେ ଏକ ଆଧେୟ କିମ୍ବା ଅନେକ ଆଧେୟରେ ଏକ ଆଧାରର ସ୍ଥିତି ବର୍ଣ୍ଣିତ ହେଲେ ପର୍ଯ୍ୟାୟ ଅଳଙ୍କାର ହୁଏ ।(୬୦)

## ତଦ୍‌ଗୁଣ ଅଳଙ୍କାର :

ଏକବସ୍ତୁ ନିଜର ସ୍ୱାଭାବିକ ଗୁଣ ଛାଡ଼ି ଅନ୍ୟ ଏକ ଗୁଣ ଗ୍ରହଣ କଲେ ତଦ୍‌ଗୁଣ ଅଳଙ୍କାର ହୁଏ । (୬୧)

## ବିଚିତ୍ର ଅଳଙ୍କାର :

ଯାହା ଅଭିପ୍ରେତ ତାହାର ସିଦ୍ଧି ସକାଶେ ସେହି ଅଭିପ୍ରେତ ବସ୍ତୁର ବିରୁଦ୍ଧାଚରଣ ବର୍ଣ୍ଣିତ ହୋଇଥିଲେ ବିଚିତ୍ରାଳଙ୍କାର ହୁଏ । ''ନକର ଦଣ୍ଡ ବିଳମ୍ବ ଦଣ୍ଡ ହେଲେ ଅଦଣ୍ଡ ମୁହିଁ । ବାହୁପାଶରେ

ବାନ୍ଧ ପାଶରେ ରଖ ତୋଷରେ ତୁହି । କୁଚ ମନ୍ଦର ଠେଁସି ହୃଦର ଦିଅ ମୋ ଦର ନାହିଁ । ନଖ କରତ ତହିଁ କରତ ତନୁ ନିରତ ସହି ।'' ॥ ୧୧ ॥ [୬୨] ଏଠାରେ ନାୟିକାର ଆଲିଙ୍ଗନ ଲାଭକରିବା ନିମନ୍ତେ ତାହାର ବିରୁଦ୍ଧ ଭାବ ବର୍ଣ୍ଣନା କରାଯାଇଥିବାରୁ ଏହା ବିଚିତ୍ର ଅଳଙ୍କାର ।

## ଭାବିକ ଅଳଙ୍କାର :

ଅତୀତ ବା ଭବିଷ୍ୟତ କାର୍ଯ୍ୟ ପ୍ରତ୍ୟକ୍ଷ ହେଲା ପରି ବର୍ଣ୍ଣିତ ହେଲେ ଭାବିକ ଅଳଙ୍କାର ହୁଏ ।[୬୩]

## ଅନୁକୂଳ ଅଳଙ୍କାର :

କାର୍ଯ୍ୟତଃ ପ୍ରତିକୂଳ ଭାବନାକୁ ବ୍ୟଞ୍ଜନା ଦ୍ୱାରା ଅନୁକୂଳାନୁପ୍ରାସ କଲେ ଅନୁକୂଳ ନାମକ ଅଳଙ୍କାର ହୁଏ ।[୬୪]

## କାରଣମାଳା :

ପୂର୍ବ, ପୂର୍ବପ୍ରତି ଉତ୍ତର ଉତ୍ତର କାରଣ ହେଲେ କିମ୍ବା ପୂର୍ବ ପୂର୍ବ କାରଣ ପ୍ରତି ଉତ୍ତର ଉତ୍ତର କାର୍ଯ୍ୟ ହେଲେ କାରଣମାଳା ଅଳଙ୍କାର ହୁଏ । ଏଠାରେ ଲୋଭରୁ ପ୍ରୀତି, ପ୍ରୀତିରୁ ସୁରତି ଓ ସୁରତି, ସୁଖଲାଭ ସହିତ ପୂର୍ବକାରଣ ସମ୍ପର୍କକୁ ସୂଚାଇ ଦିଆଯାଇଛି ।[୬୫]

## ଲେଶ ଅଳଙ୍କାର :

ଗୁଣଦୋଷ ରୂପରେ ବା ଦୋଷଗୁଣ ରୂପରେ ବର୍ଣ୍ଣିତ ହେଲେ ଲେଶ ଅଳଙ୍କାର ହୁଏ ।[୬୬]

## ଉତ୍ତର ଅଳଙ୍କାର :

ଯେଉଁଠାରେ ପ୍ରଶ୍ନର ଉତ୍ତର ଭାବଗର୍ଭକ ହୋଇଥାଏ ବା ଗୋଟିଏ ବିଶିଷ୍ଟ ଅଭିପ୍ରାୟରେ ଦିଆଯାଇଥାଏ ସେଠାରେ ଉତ୍ତର ଅଳଙ୍କାର ହୁଏ । ଲାବଣ୍ୟବତୀର ସ୍ୱପ୍ନଦର୍ଶନ ଜନିତ ଆକୁଳତା, ନିଶ୍ଚେତନତା, କୃଶତା ଇତ୍ୟାଦି ଦେଖି ଚିକିତ୍ସକ କହୁଛନ୍ତି ଶୃଙ୍ଗାର ରସ ପ୍ରୟୋଗ ବିନା ଏହି ରୋଗ ଭଲ ହେବନାହିଁ । ମଧୁର ବା ଶୃଙ୍ଗାର ରସରେ ପରିତୃପ୍ତ ଲାଭ କଲେ ହିଁ ଏହା ସୁସ୍ଥ ହେବ । ଏହାକୁ ଚନ୍ଦ୍ରଭାନୁ ସହ ଏକଶଯ୍ୟାରେ ଶୟନ କରାଇଲେ ହିଁ ଏହାର ଚିନ୍ତା ଓ ଜ୍ୱରଶାନ୍ତ ହେବ । ଏହି ରୋଗ ଚନ୍ଦ୍ରଭାନୁ ପ୍ରତି କାମାବେଗ ଅନୁରାଗବଶତଃ ହୋଇଛି । ପୁଟପାକ ବା ଅଗ୍ନିଶୋଧିତ ଧାତବ ଔଷଧର ପ୍ରୟୋଗ ଏହି ବିଷମ ରୋଗରେ ବୃଥା ତେଣୁ ଏହା ଉତ୍ତରାଳଙ୍କାର ।[୬୭]

## ଅନୁଗୁଣ ଅଳଙ୍କାର :

ସ୍ୱତଃସିଦ୍ଧ ଗୁଣ ଯେବେ ଅନ୍ୟାନ୍ୟ କାରଣ ଯୋଗୁଁ ଉତ୍କର୍ଷ ଲାଭକରେ ତେବେ ଅନୁଗୁଣ ଅଳଙ୍କାର ହୁଏ । ଏଠାରେ ଲାବଣ୍ୟବତୀ ଅତୀବ ସୁନ୍ଦରୀ ନାରୀ । ସେହି ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା କବିଙ୍କ ଲକ୍ଷ୍ୟ । 'ତାହାର ସୁନ୍ଦରପଣେ ନାହିଁ ସମେ ଆର' ଏହାଦ୍ୱାରା ସାଧିତ

ହୋଇଛି । ସେହି ସୌନ୍ଦର୍ଯ୍ୟ ପଣ୍ଡିତମାନଙ୍କର ଉକ୍ତି, କବି ଓ ଗଣେଶ ପ୍ରଭୃତିଙ୍କ ଅପାରଗତା, ଜପାମାଳି ଧାରଣ, ଇନ୍ଦ୍ରଙ୍କ ବଧୂନେତ୍ର ଧାରଣ କରି ଦେଖିବାର ଇଚ୍ଛା ପ୍ରଭୃତିରୁ ଉତ୍କର୍ଷ ଲାଭ କରିଛି । ତେଣୁ ଏହାକୁ ଅନୁଗୁଣ ଅଳଙ୍କାର କୁହାଯାଏ ।[୬୮]

## ଅନୁଜ୍ଞା ଅଳଙ୍କାର :

ଅନଭିଳଷିତ ବସ୍ତୁରେ କୌଣସି ଗୁଣ ଦେଖି ଯଦି ସେଥିରେ ମଣିଷର ଅଭିଳାଷ ବଢ଼େ ତେବେ ତାହା ଅନୁଜ୍ଞା ଅଳଙ୍କାର ହୁଏ । ସମୁଦ୍ରରେ ଝାସ ଦେବା ଏକ ଅନଭିଳଷିତ ବସ୍ତୁ ହେଲେ ମଧ୍ୟ ସେଥିରେ ନାୟିକାର ଅଭିଳାଷ ବଢ଼ିଥିବାରୁ ତାହା ଅନୁଜ୍ଞା ଅଳଙ୍କାର ।[୬୯]

## ଉଲ୍ଲାସ ଅଳଙ୍କାର :

ଏକର ଗୁଣ ବା ଦୋଷ ଦେଖି ଅନ୍ୟର ଗୁଣ ବା ଦୋଷ ପ୍ରକାଶିତ ହେଲେ ଅନୁଜ୍ଞା ଅଳଙ୍କାର ହୁଏ ।

## ପରିକର ଅଳଙ୍କାର :

ବିଶେଷଣ ଅଭିପ୍ରାୟଗର୍ଭକ  ହେଲେ ଅର୍ଥାତ୍ ପ୍ରକୃତାର୍ଥ ଉତ୍ପାଦକ ଏକଅର୍ଥ ପ୍ରକାଶ କଲେ ପରିକର ଅଳଙ୍କାର ହୁଏ । ଏଠାରେ ଉପମାନଗୁଡ଼ିକ ଯେଉଁ କ୍ରିୟା ସଂପାଦନ କରିଛନ୍ତି ତାହାଦ୍ୱାରା ଏକ ବିଶେଷ ଅର୍ଥ ବା ନାୟିକାର ସୌନ୍ଦର୍ଯ୍ୟାତିଶଯ୍ୟ ପ୍ରତିପାଦିତ ହେଉଛି । ତେଣୁ ଏହା ପରିକର ଅଳଙ୍କାର ।[୭୦]

## ପରିସଂଖ୍ୟା ଅଳଙ୍କାର :

ସାଧାରଣତଃ ପ୍ରାପ୍ତ ବସ୍ତୁମାନଙ୍କ ମଧ୍ୟରୁ ଗୋଟିକର ନିଷେଧ କରାଯାଇ ଅନ୍ୟଟିର ଦୃଢ଼ତା ସମ୍ପାଦିତ ହୋଇଥିଲେ ପରିସଂଖ୍ୟା ହୁଏ । ନିଷେଧ ଶବ୍ଦତଃ ଉକ୍ତ ହୋଇଥାଏ କିମ୍ବା ଅର୍ଥତଃ ଆକ୍ଷିପ୍ତ ହୋଇଥାଏ । ବଜ୍ର ଜାତି ଗଜ ଓ ସିନ୍ଧୁ ଜାତି ଅଶ୍ୱ ବିନା ଅନ୍ୟ ଗଜ କିମ୍ବା ଅଶ୍ୱ ନ ଆଣିବାର ବର୍ଣ୍ଣନା ଉଲ୍ଲିଖିତ ବିଶିଷ୍ଟ ଗଜ ଓ ଅଶ୍ୱାଦିଙ୍କର ବିଶିଷ୍ଟତା ପ୍ରତିପାଦନ କରୁଛି । ତେଣୁ ଏହା ପରିସଂଖ୍ୟା ଅଳଙ୍କାର ।[୭୧]

## ଶ୍ଳେଷମୂଳକ ପରିସଂଖ୍ୟା :

ଏହି ଅଳଙ୍କାର ବିଶେଷ ପ୍ରକାର ବୈଚିତ୍ର୍ୟ ସମ୍ପାଦନ କରିଥାଏ । ଲାବଣ୍ୟବତୀ କାବ୍ୟର ୪୮ଛାନ୍ଦର ୧୨, ୧୩, ୧୪ ପଦରେ ଚନ୍ଦ୍ରଭାନୁ ରାଜା ହେବାପରେ ରାଜ୍ୟର ଅବସ୍ଥା ବର୍ଣ୍ଣିତ । ଏଥିରେ ମନ୍ଦ (ଧୀର ଦୋଷ), କଳଙ୍କ (କାଳିମାପାପ), କୁଟିଳ (ବକ୍ରତା, ଜଟିଳତା), ବିଟପୀ (ବୃକ୍ଷ, ବିଙ୍ଗପୁରୁଷ), କଳି (କଢ଼ି, କଳହ), ମଧୁପ (ଭ୍ରମର, ମଦ୍ୟପ) ଆଦି ପଦରେ ଶ୍ଳେଷ ରଖି ସେ ରାଜ୍ୟ କିପରି ଦୋଷଶୂନ୍ୟ ଥିଲା, ତାହା ପ୍ରତିପାଦିତ । ଏହିପରି ବର୍ଣ୍ଣନାରେ ବାଣଭଟ୍ଟଙ୍କର କାଦମ୍ବରୀର ପ୍ରଭାବ ଅନୁଭୂତ ହେଲେ ମଧ୍ୟ କବିଙ୍କ ଉପସ୍ଥାପନ / କୌଶଳ କାବ୍ୟକୁ ମନୋଜ୍ଞ କରିଛି ।

## ଅପହ୍ନୁତି :

ପ୍ରକୃତକୁ ପ୍ରତିରୋଧ କରି ଅପ୍ରକୃତର ସ୍ଥାପନା କରାଗଲେ ଅପହ୍ନୁତି ଅଳଙ୍କାର ହୁଏ । ଏଠାରେ ମଥାରେ ମୋତିଜାଲି ମଣ୍ଡନକୁ ନିଷେଧ କରି ଧୈର୍ଯ୍ୟଖଣ୍ଡନ ସ୍ଥାପନ କରାଯାଇଛି ।[୨୨]

## ଚିତ୍ରାଳଙ୍କାର :

ଚିତ୍ର ନାମକ ଅଳଙ୍କାର ଶବ୍ଦ ଅଳଙ୍କାରର ଅନ୍ୟତମ ବିଭାଗ ହେଲେ ସୁଦ୍ଧା ବହୁ ଆଲୋଚକ ଏହାକୁ ଅକାବ୍ୟ ମନେକରି ବିସ୍ତୃତ ଆଲୋଚନା କରିନାହାନ୍ତି । କାରଣ ଏହା କାବ୍ୟକୁ ଦୁର୍ବୋଧ୍ୟ କରେ । ଅର୍ଥବୋଧରେ ପ୍ରତିବନ୍ଧକତା ସୃଷ୍ଟି କରେ ଓ ଅର୍ଥ ଗାମ୍ଭୀର୍ଯ୍ୟ ରକ୍ଷା କରିପାରେ ନାହିଁ । କିନ୍ତୁ ଭୋଜ ପ୍ରଭୃତି କେତେକ ଆଲୋଚକ ଏହାର ବିସ୍ତୃତ ରୂପ ପ୍ରଦର୍ଶନ କରିଯାଇଛନ୍ତି । ସାଧାରଣତଃ ପଦ୍ମ, ରଥ, ଚକ୍ର ଆଦି ଆକାର ବିଶିଷ୍ଟ ରଚନାକୁ ଚିତ୍ରକାବ୍ୟ କୁହାଯାଏ । କାବ୍ୟକୁ ଚମତ୍କାରଯୁକ୍ତ କରିବାପାଇଁ ଏହା ଉଦ୍ଦିଷ୍ଟ । ଏହାଦ୍ୱାରା କାବ୍ୟ ପ୍ରଦର୍ଶନ ପ୍ରଧାନ ହୋଇଥାଏ । ଏହା ମୁଖ୍ୟତଃ ଛନ୍ଦ ଓ ବନ୍ଧ ଭେଦରେ ଦ୍ୱିବିଧ । ଛନ୍ଦ ପୁଣି ସ୍ୱର, ବର୍ଣ୍ଣ, ଗତି ପ୍ରହେଳିକା, ଚ୍ୟୁକ୍ତି, ଗୂଢ଼, ପ୍ରଶ୍ନୋତ୍ତର ସମସ୍ୟା, ଭାଷା, ରାଗ ଆଦି ଭେଦରେ ବହୁବିଧ । ବନ୍ଧପ୍ରାଣୀ ଓ ବସ୍ତୁ ଭେଦରେ ଦ୍ୱିବିଧ । (ଡଃ ସୁଦର୍ଶନ ଆଚାର୍ଯ୍ୟ କାବ୍ୟକୌଶଳ ପୃ - ୪୨୯) ।

କେତେକ ଆଲୋଚକ ବର୍ଣ୍ଣ, ସ୍ଥାନ, ସ୍ୱର, ଆକାର, ଗତି ଓ ବନ୍ଧ ଭେଦରେ ଷଡ଼ବିଧ ମନେ କରନ୍ତି । (ଆର୍ତ୍ତବଲ୍ଲଭ ମହାନ୍ତି ଲାବଣ୍ୟବତୀ ମୁଖବନ୍ଧ ପୃ - ୮୩) ଉପେନ୍ଦ୍ର ଏ ସମସ୍ତ ଦିଗକୁ ପରିବ୍ୟାପ୍ତ ରୂପଦେଇ ନିଜର ବିଶିଷ୍ଟ ସୃଷ୍ଟିକୁ ଚିତ୍ର ରୂପ ପ୍ରଦାନ କରିଛନ୍ତି । ବିଶେଷ କରି ଚିତ୍ରକାବ୍ୟ ବନ୍ଧୋଦୟ, ପ୍ରେମସୁଧାନିଧି, ସୁଭଦ୍ରାପରିଣୟ, ବୈଦେହୀଶ ବିଳାସ ପ୍ରଭୃତିରେ ଏହାର ବହୁଳ ପ୍ରୟୋଗ ପରିଲକ୍ଷିତ ହୁଏ । କିନ୍ତୁ ଲାବଣ୍ୟବତୀ କାବ୍ୟରେ ଏହି ଚିତ୍ରାଳଙ୍କାରର ପ୍ରୟୋଗ ବିରଳ କହିଲେ ଚଳେ । ତଥାପି କବି ସ୍ଥଳବିଶେଷରେ ଏହି ପ୍ରୟୋଗର ମୋହ ଛାଡ଼ି ପାରିନାହାନ୍ତି । ଏହି କାବ୍ୟରେ ଅନ୍ତର୍ଲିପି, ଶୃଙ୍ଖଳା, ଗୋମୂତ୍ର, ପ୍ରହେଳିକା ଓ ପ୍ରଶ୍ନୋତ୍ତର ଆଦି ସଂଯୋଜିତ ।[୨୩]

## ଶୃଙ୍ଖଳା ଓ ଗୋମୂତ୍ର :

କବି ଗୋଟିଏ ପଦରେ ପ୍ରାନ୍ତଯମକ, ଗୋମୂତ୍ର ଓ ଶୃଙ୍ଖଳା ଏକତ୍ର ପ୍ରକାଶ କରିଛନ୍ତି । ଲାବଣ୍ୟବତୀର ଅଷ୍ଟମ ଓ ନବମ ପଦରେ ଚନ୍ଦ୍ରଭାନୁର ଗୁଣ ବର୍ଣ୍ଣନା କରାଯାଇଛି । ସେ ନିର୍ଭୀକ, ଧୀର, ମାନୀ, କନ୍ଦର୍ପ ପରି ସୁନ୍ଦର । ଗୋମୂତ୍ରରେ ପ୍ରଥମ ପାଦର ପ୍ରଥମ, ଦ୍ୱିତୀୟ, ପଞ୍ଚମାଦି ବର୍ଣ୍ଣସହ ଦ୍ୱିତୀୟ ପାଦର ଦ୍ୱିତୀୟ, ଚତୁର୍ଥ, ଷଷ୍ଠ ଆଦି ବର୍ଣ୍ଣମାନଙ୍କର ପାଠରେ ଯଥାକ୍ରମେ ପ୍ରଥମପାଦ ଓ ଦ୍ୱିତୀୟପାଦ ହୋଇଥାଏ । ଶୃଙ୍ଖଳାରେ ପ୍ରଥମ ପାଦର ଶେଷ ଦୁଇ ଅକ୍ଷର ଦ୍ୱିତୀୟର ଆରମ୍ଭରେ ଥାଏ । ଦ୍ୱିତୀୟ ପାଦର ଶେଷ ଦୁଇ ଅକ୍ଷର ତୃତୀୟ ପାଦର ଆରମ୍ଭ ଓ ତୃତୀୟ ପାଦର ଶେଷ ଦୁଇ ଅକ୍ଷର ଚତୁର୍ଥ ପାଦର ପ୍ରାରମ୍ଭରେ ଥାଏ । ଏହା ଏକପ୍ରକାର ଶବ୍ଦ କୌଶଳ ମାତ୍ର । ଏଥିରୁ କବିଙ୍କ ଶବ୍ଦପାଣ୍ଡିତ୍ୟ ଓ ଉପସ୍ଥାପନ ଚମତ୍କାରିତା ଅନୁଭୂତ ହୁଏ ।

## ପ୍ରଶ୍ନୋତ୍ତର :

ଏହା ମଧ୍ୟରେ ଅନ୍ତର୍ଲିପି, ବହିର୍ଲିପି ଅନ୍ତର୍ଭୁକ୍ତ । ପାତ୍ର ପାତ୍ରୀଙ୍କ ବୈଦଗ୍ଧ୍ୟ ଚାତୁର୍ଯ୍ୟ ପ୍ରଦର୍ଶନ ପାଇଁ ସ୍ଥଳବିଶେଷରେ ଅନ୍ୟଠାରୁ ବିଷୟର ଗୋପନ ପାଇଁ ଅନ୍ତର୍ଲିପିର ମହତ୍ତ୍ୱ ରହିଥାଏ । ଉପେନ୍ଦ୍ର ଏହି କାବ୍ୟରେ ପ୍ରେମିକା ପ୍ରେମିକ ପାଖକୁ ପତ୍ର ମଧ୍ୟରେ ଏହି ଅନ୍ତର୍ଲିପି ସଂଯୋଜନ କରି କାବ୍ୟର ଗୌରବ ବର୍ଦ୍ଧନ କରିଛନ୍ତି । ଏହାର ପଞ୍ଚବିଂଶ ଛାନ୍ଦର ଷୋଡ଼ଶ ପଦଠାରୁ ଏକବିଂଶ ପଦମଧ୍ୟରେ ଏହି ଅନ୍ତର୍ଲିପି ନିହିତ । ସେହି ପଦଗୁଡ଼ିକୁ ପାଠ କଲେ ପ୍ରତ୍ୟେକ ପାଦର ପ୍ରଥମ ଅକ୍ଷରରୁ 'ଅଇଲି ଆଜ୍ଞାକୁ ତୋର ଯାହା ଇଚ୍ଛା ତାହା କର' ପ୍ରକାଶିତ । ଏହି ପରିଚ୍ଛେଦରେ ଅର୍ଥାଳଙ୍କାର ପ୍ରସଙ୍ଗରେ ମୁଦ୍ରା ଅଳଙ୍କାରର ଉଦାହରଣ ରୂପେ ଏହା ପ୍ରଦତ୍ତ ହୋଇଛି ।

## ପ୍ରହେଳିକା :

ଏହା ଲୋକ ସଂସ୍କୃତିର ସମ୍ପଦ ଭାବରେ ବ୍ୟବହୃତ ହେଉଥିଲା । କିନ୍ତୁ ମଧ୍ୟଯୁଗରେ ତାହା କାବ୍ୟ ମଧ୍ୟରେ ଅନୁପ୍ରବେଶ କରିଛି । ଜନସମୂହରେ ଗୁପ୍ତଭାଷଣ ପାଇଁ ବା ସଖୀ ସମାଜରେ ପ୍ରମୋଦ ସୃଷ୍ଟି ପାଇଁ ଅଥବା ଅନ୍ୟଙ୍କୁ ଉପହସିତ କରିବା ପାଇଁ ଏହାର ପ୍ରୟୋଗଗତ ଚାତୁର୍ଯ୍ୟ ଅନସ୍ୱୀକାର୍ଯ୍ୟ । କବି ପ୍ରଶ୍ନୋତ୍ତରଛଳ ରେ ଏହି ପ୍ରହେଳିକା ସଂଯୋଜନ କରି ପାଠକଙ୍କୁ ବିମୋହିତ କରିଛନ୍ତି ।[୭୪] ଲାବଣ୍ୟବତୀର ଷଷ୍ଠଛାନ୍ଦର ପଚିଶ, ଛବିଶ ଓ ସତେଇଶ ପଦଗୁଡ଼ିକ ବିଭିନ୍ନ ରୀତିରେ ସଂଯୋଜିତ । 'କୁବଳୟ' ଏହି ଉତ୍ତର ପାଇଁ କବି ବିଭିନ୍ନ ରୀତିରେ ପଦ ସଂଯୋଜନା କରିଛନ୍ତି । ଏହି ଛାନ୍ଦରେ ସଖୀଙ୍କ ପ୍ରଶ୍ନୋତ୍ତର ପାଣ୍ଡିତ୍ୟପୂର୍ଣ୍ଣ ଓ ଚାରିତ୍ରିକ ମହତ୍ତ୍ୱ ର ଅଭିବ୍ୟକ୍ତି ରେ ସହାୟକ ହୋଇଛି । ଷଷ୍ଠ ଛାନ୍ଦର ୫୧ ପଦରେ ଚିତ୍ରାଳଙ୍କାର ର ଅପୂର୍ବ ସଂଯୋଜନ ଦେଖିବାକୁ ମିଳେ । ସାମଗ୍ରିକ ଭାବରେ ଉପେନ୍ଦ୍ରଙ୍କ ସୃଷ୍ଟିସମୂହ କୁ ଅନୁଧ୍ୟାନ କଲେ ଚିତ୍ରାଳଙ୍କାର, ଶବ୍ଦାଳଙ୍କାର, ଅର୍ଥାଳଙ୍କାର ପ୍ରୟୋଗରେ କବିଙ୍କ ଅପୂର୍ବ ଦକ୍ଷତା ସବୁ ଯୁଗର ପାଠକଙ୍କୁ ବିସ୍ମିତ କରିବାପାଇଁ ପର୍ଯ୍ୟାପ୍ତ । ଲାବଣ୍ୟବତୀର କାବ୍ୟାଦର୍ଶ ଉପସ୍ଥାପନାରେ କବି କହନ୍ତି ପଦସରଳ ଧ୍ୱନିରେ ଶ୍ରବଣ ମୋହିବ/ ଅର୍ଥୀଜନ ପ୍ରକରଙ୍କୁ ଆନନ୍ଦ କରିବ ହେ ।(୧ମ ଛାନ୍ଦ ୮ ପଦ) । ତେଣୁ ସେ ଚିତ୍ରାଳଙ୍କାର ଓ ଶବ୍ଦାଳଙ୍କାରର ମୋହ ବହୁ ଭାବରେ ତ୍ୟାଗ କରିଛନ୍ତି ।

## କାବ୍ୟର ଆତ୍ମାରୀତି :

ରୀତିକୁ କାବ୍ୟର ମହତ୍ତ୍ୱ ବିଧାୟକ ଗୁଣାଶ୍ରୟୀ ପଦରଚନା ଭାବରେ ଅନ୍ତିମ ସ୍ୱୀକୃତି ମିଳିଛି । ରସର ଉତ୍କର୍ଷ ବିଧାନ ତାର ମୁଖ୍ୟ ଲକ୍ଷ୍ୟ । କାବ୍ୟଲକ୍ଷ୍ୟରେ ରୀତିକୁ କୁନ୍ତକ, ଜୟଦେବ ପ୍ରଭୃତି ଆଚାର୍ଯ୍ୟ ସ୍ଥାନ ଦେଇଥିଲେ ମଧ୍ୟ ଆଚାର୍ଯ୍ୟ ବାମନ ରୀତିବାଦର ତତ୍ତ୍ୱ ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ ରୀତିର ସ୍ୱରୂପରେ ଯେପରି ବିବର୍ତ୍ତନ ଆସିଛି ରୀତିର ସଂଖ୍ୟାରେ ସେହିପରି ପରିବର୍ତ୍ତନ ପରିଲକ୍ଷିତ ହୁଏ । ଭାମହ ଓ ଦଣ୍ଡୀ ରୀତି ଶବ୍ଦ ବଦଳରେ ମାର୍ଗ ଶବ୍ଦ ବ୍ୟବହାର

କରିଛନ୍ତି । ଦଣ୍ଡୀଙ୍କ କାବ୍ୟାଦର୍ଶରେ ରୀତି ଶବ୍ଦର ଉଲ୍ଲେଖ କେଉଁଠାରେ ହୋଇନାହିଁ । କିନ୍ତୁ ବୈଦର୍ଭୀ ମାର୍ଗକୁ ସର୍ବଗୁଣସମ୍ପନ୍ନ ରଚନା ରୂପେ ପ୍ରକାଶ କରି ଗୌଡ଼ୀୟା ମାର୍ଗକୁ କିଞ୍ଚିତ ନ୍ୟୂନ ଭାବରେ ପ୍ରକାଶ କଲାବେଳେ ଭାମହ ଉଭୟ ମାର୍ଗକୁ ସମାନ ମହତ୍ତ୍ୱ ଦେଇଛନ୍ତି ।[୭୫] ବାମନ ରୀତିକୁ କାବ୍ୟର ଆତ୍ମା ରୂପେ ସ୍ୱୀକାର କରି ବୈଦର୍ଭୀ ରୀତିକୁ ସର୍ବଗୁଣ ସମ୍ପନ୍ନରୂପେ ପ୍ରକାଶ କରିଥିଲେ ମଧ ସେ ସମସ୍ତ ରୀତିକୁ ସମାନ ମର୍ଯ୍ୟାଦା ଦେଇଛନ୍ତି । ତେଣୁ ମାର୍ଗ ଶବ୍ଦକୁ ବଦଳେଇ ସେ ପ୍ରଥମେ ରୀତି ଶବ୍ଦ ବ୍ୟବହାର କରିଛନ୍ତି ଓ ପାଞ୍ଚାଳୀ ନାମକ ତୃତୀୟ ରୀତି ସ୍ୱୀକାର କରି ଦେଶ ବିଶେଷର ନାମ ପ୍ରଚଳିତ ଅର୍ଥରେ ଗ୍ରହଣ କରିଛନ୍ତି ।

ଆଚାର୍ଯ୍ୟ ଉଦ୍ଭଟ ମାର୍ଗ ବା ରୀତି ଶବ୍ଦ ପରିବର୍ତ୍ତେ ବୃତ୍ତି ଶବ୍ଦ ବ୍ୟବହାର କରିଛନ୍ତି ଓ ଦେଶବିଶେଷର ନାମକୁ ପସନ୍ଦ ନ କରି ଉପ-ନାଗରିକା, ପୁରୁଷା ଓ କୋମଳା ନାମରେ ତ୍ରିବିଧ ବୃତ୍ତିର ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ ମାଧୁର୍ଯ୍ୟବ୍ୟଞ୍ଜକ ବର୍ଣ୍ଣ ଓ ପଦ ସହିତ ଉପ-ନାଗରିକା ବୃତ୍ତି ସମ୍ବନ୍ଧିତ । ଓଜସ୍ ଗୁଣର ଅଭିବ୍ୟଞ୍ଜକ ବର୍ଣ୍ଣ ଓ ପଦ ସହିତ ପୁରୁଷାବୃତ୍ତି ଏ ଦୁଇଟିରୁ ଭିନ୍ନ ବର୍ଣ୍ଣରେ ସୃଷ୍ଟ କୋମଳା ବୃତ୍ତି । କାବ୍ୟାଲୋଚନା ରେ ଏହି ବୃତ୍ତିର ବିଶେଷ ମହତ୍ତ୍ୱ ନଥିଲେ ସୁଦ୍ଧା ରୀତି ଓ ବୃତ୍ତିକୁ କେନ୍ଦ୍ର କରି ବହୁ ବିଚାର ବିମର୍ଷ ଦେଖା ଦେଇଛି । ଆଚାର୍ଯ୍ୟ ମମ୍ମଟ ରୀତି ଓ ବୃତ୍ତିକୁ ଏକ ଓ ଅଭିନ୍ନ ମନେ କରିଛନ୍ତି । ଆଚାର୍ଯ୍ୟ ଭୋଜ ଭରତ ମୁନିଙ୍କ ପ୍ରଦର୍ଶିତ ଚାରିଗୋଟି ନାଟ୍ୟାଶ୍ରୟୀ ରସୋଦ୍‌ବୋଧକ ବୃତ୍ତି ଯଥା : କୌଶିକୀ, ସାତ୍ତ୍ୱତୀ, ଆରଭଟୀ ଓ ଭାରତୀ ବୃତ୍ତିରେ ମଧ୍ୟମ ଆରଭଟୀ ଏବଂ ମଧ୍ୟକୌଶିକୀ ନାମରେ ଦୁଇଗୋଟି ଅଧିକା ବୃତ୍ତି ଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ସେ ରୀତିର ବ୍ୟାକରଣାନୁସାରୀ ବ୍ୟୁତ୍ପତ୍ତି ଦର୍ଶାଇ ରୀତି ଓ ବୃତ୍ତି ମଧ୍ୟରେ ପ୍ରଭେଦ ପ୍ରଦର୍ଶନ କରିଛନ୍ତି । ତାଙ୍କ ମତରେ ବୃତ୍ତିର ସମ୍ବନ୍ଧ ବିକାଶ, ବିକ୍ଷେପ, ସଙ୍କୋଚ ଓ ବିସ୍ତାର ପ୍ରଭୃତି ମନୋଦଶା ସହିତ ଓ ରୀତିର ସମ୍ବନ୍ଧ ବର୍ଣ୍ଣ ବିନ୍ୟାସ ସହିତ ଅଧିକ । ପୁଣି ଭୋଜ ରୀତିକୁ ତାଙ୍କ ପ୍ରଦର୍ଶିତ ୨୪ ଗୁଣ ମଧ୍ୟରେ ଅନ୍ତର୍ଭୁକ୍ତ କରି ବିଚାର ବିଭ୍ରାଟ ସୃଷ୍ଟି କରିଛନ୍ତି । ଆଚାର୍ଯ୍ୟ କୁନ୍ତକ ମଧ ଦଣ୍ଡୀଙ୍କ ପରି ରୀତି ଅର୍ଥରେ ମାର୍ଗ ଶବ୍ଦ ବ୍ୟବହାର କରିଛନ୍ତି । ତାଙ୍କ ମତରେ କାବ୍ୟ ମାର୍ଗ ତ୍ରିବିଧ । ସୁକୁମାର, ବିଚିତ୍ର ଓ ମଧ୍ୟମ । ଆଭିଜାତ୍ୟ ଶୈଳୀ ସୁକୁମାରମାର୍ଗର ପ୍ରଧାନ ବୈଶିଷ୍ଟ୍ୟ ଓ ବିଚିତ୍ର ମାର୍ଗର ବୈଶିଷ୍ଟ୍ୟ ଉକ୍ତି ବୈଚିତ୍ର୍ୟ ତଥା ଅଳଙ୍କାର ପ୍ରଧାନ । କୁନ୍ତକଙ୍କ ସୁକୁମାର ମାର୍ଗକୁ ବୈଦର୍ଭୀ ରୀତିର ଅନୁରୂପ କୁହାଯାଇପାରେ । କିନ୍ତୁ ବିଚିତ୍ର ମାର୍ଗ ଗୌଡ଼ୀୟାର ସମପର୍ଯ୍ୟାୟୀ ନୁହେଁ । ବରଂ ଗୌଡ଼ୀଠାରୁ ବିଚିତ୍ର ମାର୍ଗର ବ୍ୟାପ୍ତି ଓ ପ୍ରକାଶଭଙ୍ଗୀ ଅଧିକ ବୈଚିତ୍ର୍ୟ ସମ୍ପାଦନ କରେ । ଜୟଦେବଙ୍କ କାବ୍ୟ ଲକ୍ଷଣରୁ ରୀତିର ସ୍ୱରୂପ ଉପଲବ୍ଧି ନହେଲେ ସୁଦ୍ଧା ରୀତି ଓ ବୃତ୍ତିକୁ ସ୍ୱତନ୍ତ୍ର ଉଲ୍ଲେଖ କରିଥିବାରୁ ତାଙ୍କ ମତରେ ରୀତି ଓ ବୃତ୍ତି ଭିନ୍ନ ବସ୍ତୁ । କିନ୍ତୁ ଆଜି ବୃତ୍ତି ଶବ୍ଦ ନାଟକୀୟ ରୀତିରେ ଆବଦ୍ଧ ଏବଂ ରୀତି ଶବ୍ଦ କାବ୍ୟ ପ୍ରଯୁକ୍ତ ପଦସଂଘଟନା ରୂପେ ପ୍ରସିଦ୍ଧି ଲାଭ କରିଛି ।

## ଗୁଣ :

ରଚନାର ପଦ ସଂଯୋଜନା ଅଂଶଟିକୁ 'ରୀତି'ର ଅନ୍ତର୍ଭୁକ୍ତ କରିନେଲେ ସଂଯୋଜିତ

ପଦାବଳୀର ଆବେଦନକୁ ଗୁଣ କୁହାଯାଇପାରିବ । 'ରୀତି' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି 'ରୀୟତେ ଜ୍ଞାୟତେ ଅନୟାଇତି' ଅର୍ଥାତ୍ ଯାହାଦ୍ୱାରା (ଗୁଣ) ଜଣାଯାଏ ତାହା ରୀତି । ବାମନରୀତି ସହିତ ଗୁଣର ସମ୍ବନ୍ଧକୁ ସ୍ୱୀକାର କରିଛନ୍ତି । କାବ୍ୟପୁରୁଷର ପାଦ ହେଉଛି ବାକ୍ୟର ଗୋଟିଏ ଗୋଟିଏ ପଦ । ଏହି ପଦ ରୂପକ ପଦରେ ଗତି କଲାବେଳେ କାବ୍ୟ ଯେଉଁ ନିୟମରେ ଅର୍ଥାତ୍ ଯେଉଁ ଧର୍ମ ପ୍ରକାଶ ଲକ୍ଷ୍ୟରେ ପରିଚାଳିତ ହୁଏ ତାହାର ପାରିଭାଷିକ ନାମ 'ଗୁଣ' ।[୭୫] ଗୁଣ ଅଦୃଶ୍ୟ । ତାକୁ ଦେଖାଇ ହେବନାହିଁ । ଏହାକୁ କେବଳ ଅନୁଭବ କରାଯାଇପାରିବ । ଭରତଙ୍କ କାବ୍ୟ ଶାସ୍ତ୍ରରେ ଦୋଷର ଅଭାବକୁ 'ଗୁଣ' ଆଖ୍ୟା ଦିଆଯାଇଛି । ଦଶଦୋଷ ସହିତ ସମ୍ବନ୍ଧ ଦଶଗୁଣକୁ ଗ୍ରହଣ କରିଛନ୍ତି । ସେ ପୁଣି ଗୁଣକୁ ଶବ୍ଦ ଓ ଅର୍ଥ ଭେଦରେ ଦ୍ୱିଗୁଣିତ କରିଛନ୍ତି । ଭୋଜ ଗୁଣର ସଂଖ୍ୟା ଚବିଶ ବୋଲି 'ସରସ୍ୱତୀ କଣ୍ଠାଭରଣ'ରେ ଦର୍ଶାଇଛନ୍ତି । ସରଳ ଓ ସଂକ୍ଷେପୀକରଣ ଦୃଷ୍ଟିରୁ ମମ୍ମଟ ଓ ବିଶ୍ୱନାଥ କବିରାଜ କେବଳ ତିନୋଟି ଗୁଣର ମହତ୍ତ୍ୱ ସ୍ୱୀକାର କରନ୍ତି । ତାଙ୍କ ମତରେ ମାଧୁର୍ଯ୍ୟ, ଓଜ ଓ ପ୍ରସାଦ ଗୁଣ କାବ୍ୟର ଉତ୍କର୍ଷ ବିଧାନରେ ସହାୟକ ହୁଅନ୍ତି ।

## ମାଧୁର୍ଯ୍ୟ :

ଦର୍ପଣକାରଙ୍କ ସୂତ୍ରାନୁଯାୟୀ ମାଧୁର୍ଯ୍ୟ ଗୁଣ ଚିତ୍ତରେ ଦ୍ରବୀଭବନ ବା ତରଳତା ସୃଷ୍ଟିର କାରଣ ହୋଇଥାଏ । ସାଧାରଣତଃ ଏହା ମଧୁର ଲଳିତ ଓ କୋମଳ ହୋଇଥାଏ । ଏହି ଗୁଣ ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାର, କରୁଣ ଓ ଶାନ୍ତ ରସରେ ଅଧିକ ବଳଶାଳୀ ହୋଇ ଶୋଭାପାଏ ।

## ଓଜ :

ଓଜ ଗୁଣ ଚିତ୍ତର ଉଦ୍ଦୀପ୍ତ ବା ଉତ୍ତେଜିତ ଭାବକୁ ବୁଝାଏ । ସମାସ ବହୁଳ ବା ଦୀର୍ଘ ସମାସ ଯୁକ୍ତ ପଦ ଏବଂ ଆଡ଼ମ୍ବରପୂର୍ଣ୍ଣ ଉଦ୍ଧତ ପଦବିନ୍ୟାସ ଦେଖିବାକୁ ମିଳେ । ବୀର, ବୀଭତ୍ସ, ରୌଦ୍ର ରସରେ ଏହି ଗୁଣ ବଳଶାଳୀ ହୁଏ ।

## ପ୍ରସାଦ :

ଚମତ୍କାରିତା ବା ବ୍ୟାପ୍ତି ଏହି ଗୁଣର ଧର୍ମ । ସମଗ୍ର ଚିତ୍ତକୁ ପ୍ରସାଦ ଗୁଣ ଆବିଷ୍ଟ କରିପାରେ । ସହଜବୋଧ୍ୟ ପଦାବଳୀର ପ୍ରୟୋଗ ଏହାର ଲକ୍ଷଣ । ତଦ୍ଦ୍ୱାରା ଭାବବୋଧରେ ଅନ୍ତରାୟ ସୃଷ୍ଟି ହୁଏନା । ସହଜରେ ଚିତ୍ତ ରାଜ୍ୟକୁ ଅଧିକାର କରେ । ଏହି ଗୁଣ ଅନ୍ୟାନ୍ୟ ଗୁଣସହ ଏକତ୍ର ରହିପାରେ । ଏହା ମାଧୁର୍ଯ୍ୟ ଓ ଓଜ ଗୁଣର ପରିପନ୍ଥୀ ନୁହେଁ । ଅଧିକାଂଶ ରସ ଓ ରଚନା ପ୍ରସାଦଗୁଣଯୁକ୍ତ ହୋଇପାରେ । କେତେକଙ୍କ ମତ ଅନୁଯାୟୀ ମାଧୁର୍ଯ୍ୟ ଗୁଣ ସମନ୍ୱିତ କାବ୍ୟକୁ 'ଦ୍ରୁତିକାବ୍ୟ' ଓ ଓଜଗୁଣ ପ୍ରଧାନ କାବ୍ୟକୁ 'ଦୀପ୍ତିକାବ୍ୟ' କୁହାଯାଏ ।

'ରୀତି' ସହିତ ଗୁଣର ବିଶେଷ ସମ୍ପର୍କ ରହିଥାଏ । ଭୋଜରାଜଙ୍କ ମତାନୁସାରେ ରୀତିର ସଂଖ୍ୟା ଛଅଟି । ସେଗୁଡ଼ିକ ହେଉଛି ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ ଅବନ୍ତିକା, ଲାଟି ଓ ମାଗଧୀ । ତନ୍ମଧ୍ୟରୁ 'ବୈଦର୍ଭୀ' ସର୍ବଗୁଣଯୁକ୍ତା । 'ଗୌଡ଼ୀ' ରୀତି ଓଜ ଓ କାନ୍ତି ଗୁଣଯୁକ୍ତା,

ଉତ୍କଟ ଓ ବହୁଳ ପଦ ବିଶିଷ୍ଟ। 'ପାଞ୍ଚାଳୀ' ଓଜ, କାନ୍ତି ଗୁଣରହିତା। ପାଞ୍ଚ କିମ୍ବା ଛଅ ପଦ ଯୁକ୍ତ ରୀତି। 'ଲାଟୀ' ସମସ୍ତରୀତିର ମିଶ୍ରଣରେ ଗଢ଼ା। 'ଅବନ୍ତିକା', 'ପାଞ୍ଚାଳୀ' ଓ ବୈଦର୍ଭୀର ମଧ୍ୟବର୍ତ୍ତୀ। ଦୁଇଚାରି ପଦରେ ନିର୍ମିତ। 'ମାଗଧୀ'କୁ ଖଣ୍ଡ ରୀତି ଭାବରେ ଗ୍ରହଣ କରାଯାଏ। ଅଗ୍ନି ପୁରାଣ ମତରେ ରୀତି ସଂଖ୍ୟା ଚାରୋଟି। ପାଞ୍ଚାଳୀ, ଗୌଡ଼ୀ, ବୈଦର୍ଭୀ ଓ ଲାଟୀ। ରୁଦ୍ରଟ ମଧ୍ୟ ଏହା ଗ୍ରହଣ କରିଛନ୍ତି। ବିଶ୍ୱନାଥ କବିରାଜଙ୍କ ମତରେ ରୀତିର ଲକ୍ଷ୍ୟ ଓ ରସର ଧର୍ମ ହେଉଛି ଗୁଣ। ତେଣୁ ଗୁଣ ସହ ରୀତି ଓ ରସର ସମ୍ପର୍କ ନିବିଡ଼। ସେ କହନ୍ତି ରୀତି ଚାରି ପ୍ରକାର। ସେଗୁଡ଼ିକ ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ ଓ ଲାଟୀ। 'ବୈଦର୍ଭୀ' ରୀତି ମାଧୁର୍ଯ୍ୟବ୍ୟଞ୍ଜକ ବର୍ଣ୍ଣ, ଲଳିତ ବା କୋମଳ ରଚନାଯୁକ୍ତ, ସମାସହୀନ ବା ସ୍ୱଳ୍ପ ସମାସ ଯୁକ୍ତ ହୋଇଥାଏ। ଗୌଡ଼ୀ ରୀତି ଓଜଗୁଣର ବିଭିନ୍ନ ଲକ୍ଷଣରେ ଭୂଷିତା। ଏଥିରେ ଓଜ ପ୍ରକାଶକ ବର୍ଣ୍ଣ, ଦୀର୍ଘ ଆଡ଼ମ୍ବରପୂର୍ଣ୍ଣ ବାକ୍ୟ ବିନ୍ୟାସ ଓ ବହୁ ସମାସଯୁକ୍ତ ପଦ ଥାଏ। 'ପାଞ୍ଚାଳୀ', 'ବୈଦର୍ଭୀ' ଓ 'ଗୌଡ଼ୀ'ର ମଧ୍ୟବର୍ତ୍ତୀ ରଚନାକୁ ବୁଝାଏ। 'ଲାଟୀ' ରୀତି ବୈଦର୍ଭୀ ତଥା ପାଞ୍ଚାଳୀର ମଧ୍ୟବର୍ତ୍ତୀ ରଚନା। କାବ୍ୟର ରୀତି ସୌନ୍ଦର୍ଯ୍ୟ ଆତ୍ମିକ ଅନୁଭବକୁ ନୂତନ ରୂପରେଖ ପ୍ରଦାନ କରିଥାଏ।

## 'ଲାବଣ୍ୟବତୀ' କାବ୍ୟରେ ଉପେନ୍ଦ୍ରଙ୍କ ଔଚିତ୍ୟବୋଧ :

ଉପେନ୍ଦ୍ର ଥିଲେ ପ୍ରାଚ୍ୟ କାବ୍ୟାଦର୍ଶର ବିଶ୍ୱସ୍ତ ଗ୍ରାହକ। ସେ ପ୍ରତିଷ୍ଠିତ ଷଟ୍ ସଂପ୍ରଦାୟର କାବ୍ୟାତ୍ମା ରୂପ ବିଚାରକୁ ପ୍ରାୟତଃ ଗ୍ରହଣ କରିଛନ୍ତି। ସେହି ଦୃଷ୍ଟିରୁ ଲାବଣ୍ୟବତୀରେ ଔଚିତ୍ୟବୋଧର ଶଙ୍କୁ ଆବିଷ୍କାର କରାଯାଇପାରେ। କାବ୍ୟରେ ରସ, ଅଳଙ୍କାର, ଧ୍ୱନି, ରୀତି, ଗୁଣ ଆଦି ଦ୍ୱାରା ଯେଉଁ ଚମତ୍କାର ସୃଷ୍ଟି ହୁଏ ତାହାମୂଳରେ ଏହି ଔଚିତ୍ୟର ସଂଯୋଗ ବିଦ୍ୟମାନ। ଆଚାର୍ଯ୍ୟ ମୁନିଚନ୍ଦ୍ର ଓ କ୍ଷେମେନ୍ଦ୍ର କାବ୍ୟର ସମସ୍ତ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଔଚିତ୍ୟର ବିଭବତା ଲକ୍ଷ୍ୟ କରିଛନ୍ତି। ତେଣୁ କହନ୍ତି ରସ ସିଦ୍ଧ କାବ୍ୟରେ ଔଚିତ୍ୟ ସ୍ଥିର ଜୀବନ। ''ଔଚିତ୍ୟଂ ରସ ସିଦ୍ଧସ୍ୟସ୍ଥିରଂ କାବ୍ୟସ୍ୟ ଜୀବିତମ୍''[୭୬] ଯେପରି ଉଚିତ ମାତ୍ରାରେ ପାରଦ ସେବନ କଲେ ଶରୀରରେ ନବଜୀବନର ସଂଚାର ହୁଏ, ସେହିପରି ଚାରୁତ୍ୱ ସଂପାଦନ ଔଚିତ୍ୟ କାବ୍ୟକୁ ମନୋରମ ଓ କାଳଜୟୀ ମର୍ଯ୍ୟାଦା ପ୍ରଦାନ କରେ। ଲୌକିକ ଜଗତରେ ଅଳଙ୍କାରର ସୁଷମ ସଂଯୋଗରେ ଅଙ୍ଗଶୋଭା ବର୍ଦ୍ଧିତ ହେବା ସ୍ୱାଭାବିକ। ସୁବର୍ଣ୍ଣ ନିର୍ମିତ ହାର ଲଳନାର ବକ୍ଷସ୍ଥଳରେ ଦୋଳାୟମାନ ଶୋଭାସମ୍ପାଦନ କରେ କିନ୍ତୁ ସେହି ହାର ଯଦି ନିତମ୍ବରେ ସଂଯୋଜିତ ହୁଏ ତେବେ ହାସ୍ୟାସ୍ପଦ ହେବା ସ୍ୱାଭାବିକ। ତେଣୁ ଔଚିତ୍ୟବାଦର ଆଚାର୍ଯ୍ୟ କ୍ଷେମେନ୍ଦ୍ର କହନ୍ତି ଯଦି କୌଣସି ରୂପବତୀ ରମଣୀ ଗଳାରେ ମେଖଳା, ନିତମ୍ବରେ ହାର, ହସ୍ତରେ ନୂପୁର ଓ ଚରଣରେ କେୟୂର ପରିଧାନ କରେ ଅଥବା କୌଣସି ବ୍ୟକ୍ତି ଶରଣାଗତଠାରେ ବୀରତା ଏବଂ ଶତ୍ରୁ ପ୍ରତି କରୁଣା ପ୍ରଦର୍ଶନ କରେ ତେବେ କିଏ ନ ହସି ରହିପାରିବ। ତେଣୁ ଔଚିତ୍ୟ ବ୍ୟତୀତ ଗୁଣ, ରସ ବା ରୀତି କୌଣସିଟି ବୈଚିତ୍ର୍ୟ ସମ୍ପାଦନ କରିପାରେ ନାହିଁ। ଔଚିତ୍ୟର ସ୍ୱରୂପ ସମ୍ବନ୍ଧରେ ସେ କହନ୍ତି ଯେ ଯାହାର ଅନୁରୂପ ଲୋକେ

ତାହାକୁ ଉଚିତ କହନ୍ତି । ଉଚିତ ଭାବକୁ ଔଚିତ୍ୟ କୁହାଯାଏ । ଏହି ଔଚିତ୍ୟ କାବ୍ୟର ପ୍ରତ୍ୟେକ ଅଙ୍ଗରେ ରହିବା ଆବଶ୍ୟକ ।

ଏହାର ଅଭାବରେ ରସଭଙ୍ଗ ହୋଇଥାଏ । ଔଚିତ୍ୟର ଅନନ୍ତ ଭେଦ କ୍ଷେମେନ୍ଦ୍ରଙ୍କ ଦ୍ୱାରା ସ୍ୱୀକୃତ ହେଲେ ମଧ୍ୟ ସେ ମୁଖ୍ୟତଃ ପଦ, ବାକ୍ୟ, ପ୍ରବନ୍ଧାର୍ଥ, ଗୁଣ, ଅଳଙ୍କାର, ରସ, କ୍ରିୟା, କାରକ, ଲିଙ୍ଗ, ବଚନ, ବିଶେଷଣ, ଉପସର୍ଗ, ନିପାତ, କାଳ, ଦେଶ, ବ୍ରତ, ତତ୍ତ୍ୱ, ଅଭିପ୍ରାୟ, ସ୍ୱଭାବ, ସାରସଂଗ୍ରହ, ପ୍ରତିଭା, ଅବସ୍ଥା, ବିଚାର, ନାମ, ଆଶୀର୍ବାଦ ଆଦି ୨୭ଟି କାବ୍ୟାଙ୍ଗର ପ୍ରାଣଭୂତ ଭାବରେ ଗ୍ରହଣ କରିଛନ୍ତି । ଏତଦବ୍ୟତୀତ 'ସୁବୃତ୍ତିତିଳକ' ନାମକ ଗ୍ରନ୍ଥରେ କ୍ଷେମେନ୍ଦ୍ର ବୃତ୍ତର ଔଚିତ୍ୟ ସମ୍ବନ୍ଧରେ ସୂଚନା ଦେଇଛନ୍ତି । କେଉଁରସ ବା ଭାବର ପ୍ରକାଶ ପାଇଁ କେଉଁ ବୃତ୍ତ ଆବଶ୍ୟକ ତାହା ଉଲ୍ଲେଖ କରିଛନ୍ତି । ରୀତି ଓ ବୃତ୍ତି ସମ୍ବନ୍ଧୀୟ ଔଚିତ୍ୟର ବିଚାର ଆନନ୍ଦବର୍ଦ୍ଧନ ଓ କୁନ୍ତକ ବିସ୍ତୃତ ଭାବରେ କରିଥିବାରୁ କ୍ଷେମେନ୍ଦ୍ର ସେ ସମ୍ବନ୍ଧରେ କିଛି କହିବା ଆବଶ୍ୟକ ମନେ କରିନାହାନ୍ତି । କ୍ଷେମେନ୍ଦ୍ରଙ୍କ ମତରେ ଔଚିତ୍ୟ କାବ୍ୟର ଆତ୍ମା । ଯେହେତୁ ଔଚିତ୍ୟପୂର୍ଣ୍ଣ ବିଧାନ ଦ୍ୱାରା କାବ୍ୟର ସମସ୍ତ ସୌନ୍ଦର୍ଯ୍ୟ ତତ୍ତ୍ୱ ଆହ୍ଲାଦଦାୟକ ହେଇଥାନ୍ତି । ଔଚିତ୍ୟ ଆହ୍ଲାଦତତ୍ତ୍ୱର ମୂଳ ହେତୁ ଶରୀରରେ ଆତ୍ମାର ବ୍ୟାପ୍ତି ପରି କାବ୍ୟ ଶରୀରରେ ଔଚତ୍ୟ ବ୍ୟାପକ ଭାବରେ ଅବସ୍ଥାନ କରିଥାଏ । କିନ୍ତୁ ଔଚିତ୍ୟ କ୍ଷେମେନ୍ଦ୍ରଙ୍କ ନୂତନ ଆବିଷ୍କାର ନୁହେଁ । ଏହି ଔଚିତ୍ୟ ଚିନ୍ତା ଭରତଙ୍କ ନାଟ୍ୟଶାସ୍ତ୍ରରେ ଉଦ୍‌ଭୂତ ହୋଇ ଆନନ୍ଦବର୍ଦ୍ଧନଙ୍କ ବିଚାରଧାରାରେ ପରିବର୍ଦ୍ଧିତ ଓ ବିକଶିତ ହୋଇ କ୍ଷେମେନ୍ଦ୍ରଙ୍କ ଦ୍ୱାରା ସାହିତ୍ୟ ତତ୍ତ୍ୱ ଆଲୋଚନା ପ୍ରତିଷ୍ଠା ଲାଭ କରିଛି । ଭାମହ,ଦଣ୍ଡୀ,ରୁଦ୍ରଟ ଆଦି ପ୍ରାଚୀନ ଆଚାର୍ଯ୍ୟବୃନ୍ଦ ଏହି ଔଚିତ୍ୟକୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ମନେ କରନ୍ତି । ଆନନ୍ଦବର୍ଦ୍ଧନଙ୍କ ମତରେ ଅନୌଚିତ୍ୟ ବ୍ୟତିରେକ ରସଭଙ୍ଗର କୌଣସି କାରଣ ନାହିଁ । ବକ୍ରୋକ୍ତିବାଦର ପ୍ରବକ୍ତା ଆଚାର୍ଯ୍ୟ କୁନ୍ତକ ମୁକ୍ତକଣ୍ଠରେ ଔଚିତ୍ୟର ଗୁଣଗାନ କରିଯାଇଛନ୍ତି । ତାଙ୍କ ଦ୍ୱାରା ସ୍ୱୀକୃତ ଛଅଗୋଟି ଗୁଣ ମଧ୍ୟରେ ଔଚିତ୍ୟ ଅନ୍ୟତମ । କିନ୍ତୁ କାବ୍ୟାତ୍ମା ବିଚାରକ୍ଷେତ୍ରରେ ଔଚିତ୍ୟକୁ ଅଙ୍ଗୀରସ ରୂପେ ସ୍ୱୀକୃତି ମିଳିନାହିଁ । ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, ମମ୍ମଟ ଓ ବିଶ୍ୱନାଥ ପ୍ରଭୃତି ଆଚାର୍ଯ୍ୟବୃନ୍ଦ ବହୁ କାବ୍ୟ ଦୋଷରେ ଔଚିତ୍ୟର ଅଭାବ ପ୍ରଦର୍ଶନ କରିଛନ୍ତି ସତ ଅର୍ଥାତ୍ ଔଚିତ୍ୟ କାବ୍ୟର ଏକ ବିଶେଷ ତତ୍ତ୍ୱ ଭାବରେ ଗୃହୀତ ହେଲେ ମଧ୍ୟ ଅଙ୍ଗ ରୂପରେ ହିଁ ସ୍ୱୀକୃତି ଲାଭ କରିଛି ।

ଔଚିତ୍ୟ ସମ୍ବନ୍ଧୀୟ ପ୍ରାଚ୍ୟ କାବ୍ୟ ତତ୍ତ୍ୱକୁ ଅନୁଧ୍ୟାନ କଲେ ମନେହୁଏ କ୍ଷେମେନ୍ଦ୍ରଙ୍କ ଦ୍ୱାରା ପ୍ରତିପାଦିତ କାବ୍ୟାତ୍ମାଭୂତ ଔଚିତ୍ୟ କାବ୍ୟାଙ୍ଗ ଭାବରେ ପରିଶେଷରେ ସମ୍ମାନିତ । ସେହି ଦୃଷ୍ଟିରୁ ଉପେନ୍ଦ୍ରଙ୍କ 'ଲାବଣ୍ୟବତୀ' କାବ୍ୟରେ ପ୍ରଦର୍ଶିତ ଔଚିତ୍ୟବୋଧର ସମୀକ୍ଷା କରାଯାଇପାରେ । ଉପେନ୍ଦ୍ର ଏହି କାବ୍ୟରେ ଔଚିତ୍ୟ ରକ୍ଷା ପାଇଁ ନିଜ ଦୃଷ୍ଟିରୁ ସଂସ୍କୃତ ସାହିତ୍ୟରେ ପ୍ରଦର୍ଶିତ କେତେକ ବିଷୟରେ ପରିବର୍ତ୍ତନ ଆଣିଛନ୍ତି । କାଳିଦାସଙ୍କ ପ୍ରସିଦ୍ଧ ନାଟକ 'ଅଭିଜ୍ଞାନ ଶାକୁନ୍ତଳମ୍'ର ନାୟିକା ପ୍ରେମିକା ଶକୁନ୍ତଳା ପ୍ରଥମେ ପ୍ରେମିକ ନାୟକ ଦୁଷ୍ମନ୍ତଙ୍କୁ ପ୍ରେମପତ୍ର ଦେଇଛି । ଅନୁରୂପ ରୀତିରେ ବାଣଭଟ୍ଟଙ୍କ କାଦମ୍ବରୀ ପ୍ରେମିକ

ଚନ୍ଦ୍ରପୀଡ଼ଙ୍କୁ ପ୍ରେମ ପତ୍ର ପ୍ରଥମେ ପ୍ରଦାନ କରିଛି । କିନ୍ତୁ ଉପେନ୍ଦ୍ର ନାୟିକାର ଏହି ବ୍ୟବହାରକୁ ପସନ୍ଦ କରି ନାହାନ୍ତି । ସେ କହନ୍ତି ଲଜ୍ଜା ନାରୀର ଭୂଷଣ । ଏପରି ବ୍ୟବହାରରେ ତାର ନାରୀତ୍ୱ କ୍ଷୁଣ୍ଣ ହୁଏ । ତେଣୁ ପ୍ରଥମେ ପ୍ରେମିକ ପକ୍ଷରୁ ପ୍ରେମପତ୍ର ଦେବା ବ୍ୟବସ୍ଥା କରି ଔଚିତ୍ୟ ରକ୍ଷା କରିଛନ୍ତି । କେବଳ ସେତିକି ନୁହେଁ, ପ୍ରଥମରେ ନାରୀ ପୁରୁଷଙ୍କୁ ପ୍ରେମପତ୍ର ଦେବା ଅନୁଚିତ ବୋଲି କାବ୍ୟ ନାୟିକା ଲାବଣ୍ୟବତୀର ବିଶ୍ୱସ୍ତ ସହଚରୀବୃନ୍ଦ ପ୍ରକାଶ କରିଛନ୍ତି । ଯୁକ୍ତିଛଳରେ ସେମାନେ କହିଛନ୍ତି ଯେ ପୁଷ୍ପ ଓ ଭ୍ରମର ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଥିଲେ ସୁଦ୍ଧା ଭ୍ରମର ପୁଷ୍ପ ନିକଟରେ ଆପଣାର ପ୍ରେମ ନିବେଦନ ପ୍ରକାଶ କରିଥାଏ ।[୭୭] ଏଥିପାଇଁ କବି କେତେକ ଯୁକ୍ତି ମଧ୍ୟ ବାଢ଼ିଛନ୍ତି । ଉପେନ୍ଦ୍ରଙ୍କ କାବ୍ୟିକ ଯୁକ୍ତି ଭିତରେ ପ୍ରଥମତଃ ନାରୀ ନିକଟରେ ପୁରୁଷର ଆତ୍ମ ନିବେଦନଟି ପ୍ରଶଂସା ଲାଭ କରିଛି । ନିଃସର୍ଗ ପ୍ରକୃତିପୁଞ୍ଜରୁ କତିପୟ ଉଦାହରଣକୁ ଉପସ୍ଥାପନ କରି କବି ସ୍ୱୀୟ ଯୁକ୍ତିର ବଳିଷ୍ଠତା ପ୍ରତିପାଦନ କରିଛନ୍ତି । କବି ତେଣୁ ଶୁକ ମୁଖରେ ସୂର୍ଯ୍ୟଙ୍କ ପ୍ରଥମ ପ୍ରକାଶନରେ ପଦ୍ମିନୀର ପରିସ୍ଫୁଟନ, ମେଘ ଗର୍ଜନ ଆହ୍ୱାନରେ ମୟୂରର ନର୍ତ୍ତନ ଆଦି ବିଷୟକୁ ଉପସ୍ଥାପନ କରିଛନ୍ତି ।[୭୮] କବି ନିଜ ସମୟକୁ ଦୃଷ୍ଟିରେ ରଖି ଯେଉଁ ଔଚିତ୍ୟବୋଧ ଗ୍ରହଣ କରିଛନ୍ତି ତାହା ବାସ୍ତବରେ ଯଥାର୍ଥ ମନେହୁଏ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବହୁ ସ୍ଥଳରେ କବି ବିଷୟୌଚିତ୍ୟ ରକ୍ଷା ପାଇଁ ଯତ୍ନବାନ ଥିବା ଦିବାଲୋକ ପରି ସ୍ପଷ୍ଟ ।

## ବକ୍ରୋକ୍ତିବାଦ ଓ ଲାବଣ୍ୟବତୀ :

କୁନ୍ତକଙ୍କ ବିଚାରରେ ମୌଳିକତା ପରିଲକ୍ଷିତ ହୁଏ । ସେ କବି ଦୃଷ୍ଟିରୁ କାବ୍ୟ ସୌନ୍ଦର୍ଯ୍ୟ ଅନୁଭବ କରି କାବ୍ୟର ପ୍ରାଥମିକ ଉପାଦାନ ବର୍ଣ୍ଣରୁ ଆରମ୍ଭ କରି ପ୍ରବନ୍ଧ ପର୍ଯ୍ୟନ୍ତ ସର୍ବତ୍ର ସୌନ୍ଦର୍ଯ୍ୟାନୁଭୂତିର ଏକ ବ୍ୟାପକ ଓ ନୂତନ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି । ତାଙ୍କର ଷଟ୍‌ବିଧ ବକ୍ରତା ମଧ୍ୟରେ ଗୁଣ, ରୀତି, ଅଳଙ୍କାର ରସ ପ୍ରଭୃତି, ସମସ୍ତ କାବ୍ୟତତ୍ତ୍ୱ ଗର୍ଭିତ । ସେ ବର୍ଣ୍ଣ ବିନ୍ୟାସ ବକ୍ରତା , ପଦ ପୂର୍ବାର୍ଦ୍ଧବକ୍ରତା, ପଦପରାର୍ଦ୍ଧ ବକ୍ରତା, ବାକ୍ୟ ବକ୍ରତା, ପ୍ରକରଣ ବକ୍ରତା ଓ ପ୍ରବନ୍ଧ ବକ୍ରତା ନାମରେ ନାମିତ କରି ତାହାର ବହୁ ଉପବିଭାଗ ଆଧାରରେ କାବ୍ୟର ସମସ୍ତ ସୂକ୍ଷ୍ମ ସୌନ୍ଦର୍ଯ୍ୟ ତତ୍ତ୍ୱ ଆବିଷ୍କାର କରିଛନ୍ତି ।

**(କ) ସୁକୁମାର ମାର୍ଗ :** କବିର ଅପୂର୍ବ ରଚନା କ୍ଷମା ଶକ୍ତି ଦୋଷରହିତ ହୋଇ ସହୃଦୟ ଆହ୍ଲାଦକ ହେଲେ ରମଣୀୟ ଶବ୍ଦାର୍ଥ ଗୁମ୍ଫନରେ କାବ୍ୟ ଚମତ୍କାରିତା ସୃଷ୍ଟି କରେ । ଅଯତ୍ନ ଆହୃତ ସ୍ୱଳ୍ପ ଅଳଙ୍କାର ସଂଯୋଜନ ଏହି ମାର୍ଗର ବିଶେଷତ୍ୱ । ସ୍ୱାଭାବିକ ସୌନ୍ଦର୍ଯ୍ୟ ସୃଷ୍ଟି ଏହି ମାର୍ଗର ଅନ୍ୟତମ ଗୁଣ । ରମଣୀୟ କାବ୍ୟ ବିନ୍ୟାସରେ ଶୃଙ୍ଗାର ଆଦି ରସର ପରିପ୍ରକାଶ ଏହି ମାର୍ଗର ଅନ୍ୟତମ ବୈଶିଷ୍ଟ୍ୟ ।

**(ଖ) ବିଚିତ୍ର ମାର୍ଗ :** ବୈଚିତ୍ର୍ୟପୂର୍ଣ୍ଣ ଶବ୍ଦ ବିନ୍ୟାସ ଏବଂ ଅଳଙ୍କାରର ସମ୍ଭାରରେ ଅଳଙ୍କାର୍ଯ୍ୟକୁ ସମାଚ୍ଛନ୍ନ କରିବା ଏହି ମାର୍ଗର ବିଶେଷତ୍ୱ । ପୁରାତନକୁ ନୂତନ ରୂପପ୍ରଦାନ,

ନିଜ ରୁଚି ଅନୁକୂଳ ନୂତନ ବର୍ଣ୍ଣ ବିଭବ ସୃଷ୍ଟି ଓ ଅତିଶୟୋକ୍ତିର ସମଧିକ ସ୍ଫୁରଣ ଏହି ମାର୍ଗର ପରିଚାୟକ ।

**(ଗ) ମଧ୍ୟମ ମାର୍ଗ :** ଉପର୍ଯ୍ୟୁକ୍ତ ମାର୍ଗର ସମ୍ମିଶ୍ରଣ ସହିତ ପ୍ରସାଦ ଗୁଣର ଆଧିକ୍ୟ ମଧ୍ୟମ ମାର୍ଗର ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ ।

କୁନ୍ତକ ଛଅଗୋଟି ଗୁଣ କଥା ଉଲ୍ଲେଖ କରିଛନ୍ତି । ପ୍ରସାଦ, ମାଧୁର୍ଯ୍ୟ, ଲାବଣ୍ୟ, ଆଭିଜାତ୍ୟ, ସୌଭାଗ୍ୟ ଓ ଔଚିତ୍ୟ । ସମସ୍ତ ମାର୍ଗରେ ଏହି ଗୁଣଗୁଡ଼ିକର ଅବସ୍ଥାନ ବିଭିନ୍ନ ରୀତିରେ ହୋଇଥାଏ । କୁନ୍ତକଙ୍କ ପ୍ରକାଶିତ ଷଡ଼ବିଧ ବକ୍ରତା ହିଁ ତାଙ୍କ ମୌଳିକ ବିଚାରର ଦ୍ୟୋତକ । ବର୍ତ୍ତମାନ ବକ୍ରତା ଆଧାରରେ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ଉଦ୍‌ଘାଟନ କରାଯାଇପାରେ ।

**(୧) ବର୍ଣ୍ଣ ବିନ୍ୟାସ ବକ୍ରତା :** ବର୍ଣ୍ଣ ବା ଅକ୍ଷର ନେଇ ଗଠିତ ଶବ୍ଦ କାବ୍ୟର ମୌଳିକ ଉପାଦାନ । ତେଣୁ ଗୋଟିଏ ଦୁଇଟି ବା ବହୁ ବ୍ୟଞ୍ଜନ ବର୍ଣ୍ଣ ସାମାନ୍ୟ ଅନ୍ତରରେ ବାରମ୍ବାର ସେହି ରୂପରେ ଗ୍ରଥିତ ହେଲେ ବର୍ଣ୍ଣ ବିନ୍ୟାସ ବକ୍ରତା ସୃଷ୍ଟି କରେ ।

**(କ) ଏକବର୍ଣ୍ଣ ବକ୍ରତା :** ପଦ ମଧ୍ୟରେ ଗୋଟିଏ ବ୍ୟଞ୍ଜନବର୍ଣ୍ଣର ସ୍ୱଳ୍ପାନ୍ତରରେ ବାରମ୍ବାର ଆବୃତ୍ତି ଯଥା, ''ନାଟକରେ ନାଟ ନଟହଟ ଦେଖାଇ / ରାଟ ଠାରୁ ପାଟଶାଟୀ ବରାଟ ପାଇ ॥ ୪୬ ॥[୭୯] 'ଟ' ବର୍ଣ୍ଣର ସ୍ୱଳ୍ପାନ୍ତରରେ ପୁନରାବୃତ୍ତି ଘଟିଛି ।'' ବୋଲେ ନାଗରୀ, ସାଗରେ ସ୍ନାନକରି ଯେମନ୍ତ ତୃଷା ନ ତୁଟିଲା / କଳ୍ପତରୁରେ ଫଳ ନାହିଁ ଯେମନ୍ତ ତେମନ୍ତ ଦଶାକୁ ଘଟିଲା / ଦିବ୍ୟ ପୁରୁଷେ / ଆସି ବସି ବସି ମୋ ପାଶେ / ଅଙ୍ଗେ ଅଙ୍ଗ ମେଳେ ରସଜାତ ବେଳେ ବିଚ୍ଛେଦ ହୋଇଲା କି ଦୋଷେ ॥ ୪ ॥ [୮୦] ଏଥିରେ 'ସ'ର ସ୍ୱଳ୍ପ ଅନ୍ତରରେ ପୁନରାବୃତ୍ତି ଆନନ୍ଦଦାୟକ ହୋଇଛି ।

**(ଖ) ଦ୍ୱିବର୍ଣ୍ଣ ବକ୍ରତା :** ମାର ମାର ମାରଣ୍ଡୁଁ ପୁରାଇଛି ଗାର ଗାର / ବାରବାର ପ୍ରଳାପ ଅନାଇଁ ତାର ତାର ଯେ ॥ ୫୩ ॥[୮୧] ଏଥିରେ ମାର, ଗାର, ବାର, ପର ଆଦି ଦ୍ୱିବର୍ଣ୍ଣର ପୁନରାବୃତ୍ତି ଘଟିଛି । ଏହି ୨୧ ଛାନ୍ଦର ବହୁପଦ ଦ୍ୱିବର୍ଣ୍ଣ ବକ୍ରତାର ମାଧୁର୍ଯ୍ୟ ବ୍ୟକ୍ତ କରେ ।

**(ଗ) ବହୁବର୍ଣ୍ଣ ବକ୍ରତା :** ବହୁ ବ୍ୟଞ୍ଜନ ବର୍ଣ୍ଣର ଅଳ୍ପ ଅନ୍ତରରରେ ବାରମ୍ବାର ଆବୃତ୍ତି । ''ଘନରସ ଯୋଗେ ବନ ଦାବାନଳ ଲିବେ/ ଘନରସ ଯୋଗେ ନାହିଁ କି କରିବି ଏବେ''॥ ୬ ॥[୮୨] ପ୍ରଥମ ପଦର ଷଟ୍ ବ୍ୟଞ୍ଜନ, ଦ୍ୱିତୀୟ ପଦରେ ଆବୃତ୍ତ ହୋଇ ବର୍ଣ୍ଣ୍ୟ ବିଷୟରେ ଅନୁକୂଳ ହୋଇଛି ।

**(ଘ) ବର୍ଗାନ୍ତ(ଙ, ଣ, ନମ) :** ବର୍ଗାନ୍ତ ସହିତ ସ୍ୱରବର୍ଣ୍ଣ ('କ' ଠାରୁ 'ମ') ପର୍ଯ୍ୟନ୍ତର ଯୋଗ । ''ମୋ ଭାବ ଭାବନା କରି କରୀଗତି ନୀର ନିରତରେ ବହି/ ମୃଗ ଖଞ୍ଜନ ଗଞ୍ଜନ ଆଖିରେ ତା ଅଞ୍ଜନ ରଖିବନାହିଁ/ଲୁଚି ହୋଇଯାଏ ନିଉଛାଉ ଥାଇ ଯଉଁ ବଦନକୁ ଇନ୍ଦୁ/ କରୀବରକର ପତନ ନଳିନ ମଳିନ ବହିବ ବନ୍ଧୁ ॥ ୧୧ ॥[୮୩] ପ୍ରଥମ ପଦରେ ବହୁ ବ୍ୟଞ୍ଜନର

ଦ୍ୱିତୀୟ ପଦରେ (ଡ, ଢ) ବର୍ଗାନ୍ତ 'ଡ' ସହିତ ସ୍ପର୍ଶ ବର୍ଣ୍ଣ 'ଢ' ର ସଂଯୋଗ ହୋଇ ପୁନରାବୃତ୍ତି ହୋଇଛି ।

**(ଡ) ତ, ଳ, ନ, ଆଦିର ବିଭକ୍ତି :** ''ଅଣିମାଦି ସୁଖଦାୟୀ ଶୋଇଅଛି ଅଣିହୋଇ/ ପଲ୍ୟଙ୍କ ଅଙ୍କରେ ଦିଶେ ଏମନ୍ତ ଶୋଭା/ ରସାଣ ରଜତ ବାଢ଼େ/ କନକଲତା କି ଜଡ଼େ/ ବିଶଦ ଘନରେ କି ସେ ଚପଳ ପ୍ରଭା/ ବାମକର କପୋଳତଳ/ କେହ୍ନୁ ପଲ୍ଲବେ ଥୁଆ କି ଫୁଲ୍ଲ କମଳ ॥ ୧୨ ॥[୮୪] ଏଥିରେ ପଲ୍ଲବ ଫୁଲ୍ଲ ଶବ୍ଦରେ 'ଲ୍ଲ'ର ପୁନରାବୃତ୍ତି ଦୃଷ୍ଟି ଆକର୍ଷଣ କରେ; ଏହି ରୀତିରେ ବର୍ଣ୍ଣ ବିନ୍ୟାସ ବକ୍ରତାର ବହୁବିଧ ବିଚିତ୍ର ଉଦାହରଣ ଲାବଣ୍ୟବତୀରୁ ଗ୍ରହଣ କରାଯାଇପାରେ ।

**(୨) ପଦ ପୂର୍ବାର୍ଦ୍ଧ ବକ୍ରତା :** ପ୍ରକୃତିଭୂତ ପ୍ରାତିବାଦିକ ଓ ଧାତୁ ସୁବନ୍ତ ତଥା ତିଡନ୍ତ ପଦ ଆଧାରରେ ସୃଷ୍ଟ ବକ୍ରତାକୁ କୁନ୍ତକ ପଦ ପୂର୍ବାର୍ଦ୍ଧ ବକ୍ରତା ନାମରେ ନାମିତ କରିଛନ୍ତି । ଏହା ରୂଢ଼ି, ପର୍ଯ୍ୟାୟ, ଉପଚାର, ବିଶେଷଣ, ସଂବୃତ୍ତି, ବୃତ୍ତି, ଲିଙ୍ଗ ବୈଚିତ୍ର୍ୟ, କ୍ରିୟା ବୈଚିତ୍ର୍ୟ ଆଦି ଭେଦରେ ବିଭକ୍ତ ।

**(୩) ରୂଢ଼ି ବୈଚିତ୍ର୍ୟ ବକ୍ରତା :** ରୂଢ଼ି ଅର୍ଥରେ କମନୀୟ ଅସମ୍ଭାବ୍ୟ ଅର୍ଥର ଅଧ୍ୟାରୋପ ହେଉଛି ରୂଢ଼ି ବୈଚିତ୍ର୍ୟ ବକ୍ରତା । ଏହା ଲକ୍ଷଣାଶ୍ରିତ ଅର୍ଥାନ୍ତର ସଂକ୍ରମିତ ବାଚ୍ୟଧ୍ୱନି ପର୍ଯ୍ୟାୟଭୁକ୍ତ । ଯଥା: ''ଗଭାକୁ ଶୋଭା ହେବା ଭଳି କୁସୁମ ଗୁନ୍ଥି ଦେଉଥିବି ସୁଗାତ୍ରି/ ଶିବରାତ୍ରି କରିବୁ ସବୁରାତ୍ରି/ ଆଗ କି ମାଗିବି ସେବା ଜାଣି କୃପା କରୁ ସିନା କୃପାରାତ୍ରିରେ/ ସୁନ୍ଦରି !/ ଇଚ୍ଛା ମନ ଭିତରେ ଦେହ ରହୁ/ ଏ ନୋହିଲେ ବିଧାତା ପକ୍ଷ ଦେଉ/ ଯାଇଁ ତୋ ପାଶେ ମୋ ସେବା ଦେଖାଇବା ଯୋଗବେଗ ହୋଇ ହେଉରେ/ ସୁନ୍ଦରି ॥ ୧୬ ॥[୮୫] ଏଠାରେ 'ଶିବରାତ୍ରି' ଶବ୍ଦର ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଶିବପୂଜା ଦିବସ ରୂପକ ଅର୍ଥକୁ ପ୍ରକାଶ ନକରି 'ବିନିଦ୍ରରଜନୀ' ଅର୍ଥରେ ରୂଢ଼ି ହୋଇଛି ।

**(୪) ପର୍ଯ୍ୟାୟ ବକ୍ରତା :** ଏହା ପର୍ଯ୍ୟାୟ ଧ୍ୱନି ପରିକଳ୍ପନାର ଅନୁରୂପ । ପର୍ଯ୍ୟାୟ ଶବ୍ଦ ବା ବାଚ୍ୟ ଅର୍ଥର ଅନ୍ତରତମ ରହସ୍ୟ ପ୍ରକାଶକ ହେଲେ ବା ବିଶେଷଣ ଯୋଗରେ ଅଥବା ଅଳଙ୍କାରଯୁକ୍ତ ହୋଇ ଚମତ୍କାରିତା ସୃଷ୍ଟି କଲେ ପର୍ଯ୍ୟାୟ ବକ୍ରତା ହୁଏ । ଏଥିରେ କାବ୍ୟ ନାୟିକା ଲାବଣ୍ୟବତୀକୁ ଏକାଧାରରେ ଶ୍ରୀଧାମ ମୁଖ (ପଦ୍ମ ଓ ଚନ୍ଦ୍ରବଦନା), ରାଗ (ସ୍ନେହ ରୂପକ ଲତା, ରତି), ଗୌରୀ (ଗୌରବର୍ଣ୍ଣା, ପାର୍ବତୀ), ସୁଭଦ୍ରା (ମଙ୍ଗଳ ପ୍ରଦା, ଅର୍ଜୁନ ପତ୍ନୀ), ମନ୍ଦୋଦରୀ (କ୍ଷୀଣୋଦରୀ, ରାବଣପତ୍ନୀ), ରମ୍ଭାଉରୁ (କଦଳୀ ଜଙ୍ଘା ସ୍ୱର୍ଗ ଅପ୍ସରା), ସୀତା (ମଧୁର ବଚନା, ଶ୍ରୀରାମପ୍ରିୟା), ତାର ଉଜ୍ଜ୍ୱଳ ନକ୍ଷତ୍ର ପରି (ଦୀପ୍ତା, ବାଳୀପ୍ରିୟା) ପ୍ରଭୃତି ଭାବରେ ବର୍ଣ୍ଣନା କରାଯାଇଛି । ଏହିପରି ଶବ୍ଦଛଳ ଗୀତ ମଧ୍ୟରେ କବି କାବ୍ୟନାୟିକା ପାଇଁ ସାର୍ଥକ ପର୍ଯ୍ୟାୟ ଶ୍ଳେଷାଳଙ୍କାର ମାଧ୍ୟମରେ ଚମତ୍କାର ରୀତିରେ ସୃଷ୍ଟି କରିଛନ୍ତି । ନୂତନପର୍ଯ୍ୟାୟ ସୃଷ୍ଟି ଏହି ବକ୍ରତାର ଅନ୍ୟଏକ ବିଭାଗ । କବି ଏହି କାବ୍ୟରେ

ଅସଂଖ୍ୟ ନୂତନ ପର୍ଯ୍ୟାୟ ସୃଷ୍ଟି କରିଛନ୍ତି । ଯଥା: 'ଜୀମୂତସ୍ତନା', 'ନଅଙ୍କମଧ୍ୟା', 'କୁମ୍ଭଉରଜ୍ଜା', 'ଶମ୍ପାଗୋରୀ', 'କୁବଳୟନୟନୀ', 'ବିମ୍ବଓଷ୍ଠୀ', 'କମ୍ବୁକଣ୍ଠୀ', 'ହରିତାଳଗୋରୀ', 'ଚନ୍ଦ୍ରବଦନା', 'ସ୍ତବକସ୍ତନା', 'ବନଜାକ୍ଷୀ' ଇତ୍ୟାଦି ।[୮୬]

**(୫) ଉପଚାର ବକ୍ରତା :** ପ୍ରସ୍ତୁତରେ ଅପ୍ରସ୍ତୁତର ଲେଶ ମାତ୍ର ସମ୍ବନ୍ଧରେ ଆରୋପ ହେଉଛି ଉପଚାର ବକ୍ରତା । ମୂର୍ତ୍ତ - ଅମୂର୍ତ୍ତ, ଚେତନ - ଅବଚେତନ, ଘନ ଓ ଦ୍ରବ୍ୟର ଲେଶମାତ୍ର ସମ୍ବନ୍ଧରେ ଅଭେଦାରୋପ ଏହାର ଅନ୍ୟତମ ଦିଗ । ସଂକ୍ଷେପରେ କହିଲେ ରୂପକାଦି ଅଳଙ୍କାର ଲକ୍ଷଣ, ବିଶେଷଣ ବିପର୍ଯ୍ୟୟ ଏବଂ ମାନବୀକରଣ ଉପଚାର ବକ୍ରତାର ଅନ୍ତର୍ଭୁକ୍ତ । ଏଠାରେ ଅମୂର୍ତ୍ତ ସହିତ ଦାବାଗ୍ନି ମୂର୍ତ୍ତର ଏବଂ ଦ୍ୱିତୀୟ ପଦରେ ଏ ସମୟ ଅର୍ଥାତ୍ ଯୌବନ ଅମୂର୍ତ୍ତ ସହିତ ମାହୁନ୍ତ ମୂର୍ତ୍ତର ଅଭେଦାରୋପ ହେତୁ ଉପଚାର ବକ୍ରତା ହୁଏ । ବିଶେଷଣ ପ୍ରଭାବରେ ଯେଉଁଠି ବିଶେଷ ଅତିଶୟ ଶୋଭାଯୁକ୍ତ ହୁଏ ଏବଂ ଅଳଙ୍କାର ସ୍ଥଳ ବିଶେଷରେ ସୌନ୍ଦର୍ଯ୍ୟାତିଶୟ ପରିପୋଷକ ହୋଇଥିଲେ ବିଶେଷଣ ବକ୍ରତା ହୁଏ । [୮୭]

**(୬) ସଂବୃତ୍ତି ବକ୍ରତା :** ସର୍ବନାମ ଦ୍ୱାରା ବସ୍ତୁର ସଂଗୋପନ ସଂବୃତ୍ତି ବକ୍ରତା ସୃଷ୍ଟି କରେ । ଅନୁଭବଗମ୍ୟ ବସ୍ତୁ ବହୁ ସମୟରେ କଥନଯୋଗ୍ୟ ହୋଇ ନଥାଏ । ସେହି ସ୍ଥଳରେ ସର୍ବନାମ ଦ୍ୱାରା ସଂଗୋପନ ଅପୂର୍ବ ଚମତ୍କାର ସୃଷ୍ଟି କରେ । ପ୍ରେମିକାର ପ୍ରେମ ପତ୍ରରେ ଲିଖିତ ଅକ୍ଷରର ବହୁଳତା ପ୍ରଦର୍ଶନ ପାଇଁ କବି ଯେଉଁ ସ୍ଫୁଟ ଶବ୍ଦରେ ବ୍ୟବହୃତ 'କେଉଁ' ଶବ୍ଦ ନାମ ଦ୍ୱାରା ଅତି ସୁନ୍ଦର ରୀତିରେ ବ୍ୟକ୍ତ କରିଛନ୍ତି ।[୮୮]

**(୭) ବୃତ୍ତି ବକ୍ରତା :** ସମାସ, ତଦ୍ଧିତ ବା ନାମଧାତୁ ରୂପ ପଦରେ ଆଶ୍ରିତ ହୋଇ ଚମତ୍କାର ବୃତ୍ତି ବକ୍ରତା ସୃଷ୍ଟିକରେ । "ଏହା ସୁମରିବାଠାରୁ ମରିବାର ଭଲ ଘେନୁଅଛି ମନେ/ ଆଜଯାଏ ଆଜନମସୁଖୀ ଦୁଃଖ ଦେଖି ନଥିଲା ସ୍ୱପନେ/ ନୀରଜ କଢ଼ ଉରଜରେ ବରଜ କ୍ଷତକଲେ ବୋଲେ ଇଷି/ ବିଷମ ବିଶିଖ ବିଶିଖକୁ ଲାଖ ସେ ହୋଇଲା ଏବେ ଆସି" ।। ୧୦ ।।[୮୯] ଅବ୍ୟୟୀଭାବ ସମାସଯୁକ୍ତ ପଦ "ଆଜନମସୁଖୀ" ଶବ୍ଦଟି ନାୟିକାର ବର୍ତ୍ତମାନ ବିରହଜନିତ ଦୁଃଖଦ ମୁହୂର୍ତ୍ତକୁ ଦ୍ୱିଗୁଣିତ କରି ପ୍ରକାଶିତକରେ ।

**(୮) ଲିଙ୍ଗବୈଚିତ୍ର୍ୟ ବକ୍ରତା :** ବିଭିନ୍ନ ଲିଙ୍ଗାତ୍ମକ ଶବ୍ଦ ପ୍ରୟୋଗର ସମ୍ଭାବନା ଥିଲେ ସୁଦ୍ଧା ସ୍ତ୍ରୀ ଲିଙ୍ଗାତ୍ମକ ଶବ୍ଦର ପ୍ରୟୋଗରେ ଏହି ବକ୍ରତା ସୃଷ୍ଟି ହୁଏ । ଲାବଣ୍ୟବତୀ କାବ୍ୟର 'ହୋଇଲା ପ୍ରବେଶ ଗ୍ରୀଷମ ସମୟ', 'ସୁଷମାପ୍ରୌଢ଼ ଯୁବତୀକି', ନବମଛାନ୍ଦର ପ୍ରଥମ ପଦ ଗ୍ରୀଷମ ସମୟ ପ୍ରବେଶ ହୋଇଲା । ନବୀନ ଦୂତୀ ପ୍ରକାର ୩୪ ଛାନ୍ଦର ପ୍ରଥମ ପଦ 'ମୃଗେ ପ୍ରକଟ ରସନା କଲେ', 'ନାୟିକା ସମାନ ତରୁଯେବହି', ୨୪ ଛାନ୍ଦର ଦ୍ୱିତୀୟ ପଦ (ଗ୍ରୀଷମକୁ ପ୍ରୌଢ଼ା ବା ନବୀନ), ରସନାପ୍ରକଟିତ ମୃଗକୁ ବିପରୀତରତା, ପତ୍ରାବଳୀହୀନ ତରୁକୁ ରତାନ୍ତ ନାୟିକା କରି ବିଭିନ୍ନ ଲିଙ୍ଗ ମଧ୍ୟରୁ ସ୍ତ୍ରୀ ଲିଙ୍ଗାତ୍ମକ ଶବ୍ଦଚୟନ ଫଳରେ ଯେଉଁ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଛି ତାହା ଲିଙ୍ଗ ବୈଚିତ୍ର୍ୟର ପୋଷକ ।

**(୯) କ୍ରିୟା ବୈଚିତ୍ର୍ୟ ବକ୍ରତା :** କ୍ରିୟା କର୍ତ୍ତାର ଅନ୍ତରଙ୍ଗ ହେଲେ, କ୍ରିୟା ଦ୍ୱାରା କର୍ତ୍ତାର ବୈଚିତ୍ର୍ୟ ବୃଦ୍ଧି ହେଲେ, କ୍ରିୟା ବିଶେଷଣ କ୍ରିୟା ବା କାରକର ସୌନ୍ଦର୍ଯ୍ୟ ବର୍ଦ୍ଧନ କଲେ ଏହି ବକ୍ରତା ହୁଏ । ଏଠାରେ ମନ ଭ୍ରମଣ ରୂପକ କ୍ରିୟାର ବିଶେଷଣ ରୂପେ 'ମଶା ମଶାରୀରେ ପଡ଼ିଯେମନ୍ତ' ବ୍ୟବହୃତ । ଏହି ବିଶେଷଣ କ୍ରିୟାକୁ ଏକ ମୂର୍ତ୍ତ ବା ଭବ୍ୟ ରୂପ ପ୍ରଦାନ କରିଛି ।[୯୦]

**(୧୦) ପଦପରାର୍ଦ୍ଧ ବକ୍ରତା :** ଏହାର ଅନ୍ୟନାମ ପ୍ରତୀୟ ବକ୍ରତା । ଏହା ମଧ୍ୟ ବହୁଭାବରେ ବିଭକ୍ତ । କାଳ, କାରକ, ସଂଖ୍ୟା, ବଚନ, ପୁରୁଷ, ଉପଗ୍ରହ, ପ୍ରତ୍ୟୟ ଆଦି ଭେଦରେ ବହୁବିଧ ।

**(କ) କାଳ ବୈଚିତ୍ର୍ୟ ବକ୍ରତା :** ଅର୍ଥ ବ୍ୟଞ୍ଜନା ପାଇଁ କାଳର ପରିବର୍ତ୍ତନ ନୂତନ ଚମତ୍କାର ସୃଷ୍ଟି କରେ । ରାଜପୁତ୍ର ସହିତ ସୈନିକ ରୂପରେ ନାଗରିକଙ୍କ ଗମନ ବାର୍ତ୍ତା ପାଇ ପ୍ରେମିକ ନାରୀଙ୍କ ଭାଳେଣି ଏଥିରେ ବର୍ଣ୍ଣିତ । କବି ପ୍ରଥମେ ଅତୀତ କାଳର କ୍ରିୟା 'ଭରିଲା', ଥରିଲାରେ 'ଆରମ୍ଭ କରି ପୁଣି ଏକ କହେ' ଶବ୍ଦରେ ନିତ୍ୟପ୍ରବୃତ୍ତ ବର୍ତ୍ତମାନ କାଳର ପ୍ରୟୋଗ କରି ଚମତ୍କାର ବୈଚିତ୍ର୍ୟ ସୃଷ୍ଟି କରନ୍ତି ।[୯୧]

**(ଖ) କାରକ ବକ୍ରତା :** କର୍ତ୍ତା, କର୍ମ ଓ କରଣ ଆଦିର ପରିବର୍ତ୍ତନ ଫଳରେ ଏହି ବକ୍ରତା ହୁଏ । 'ଇକ୍ଷଣ' ବା 'ନେତ୍ର'ରୁ ଏହି ପଞ୍ଚମୀ ବିଭକ୍ତି ବା ଅପାଦାନ କାରକ ସ୍ଥାନରେ 'କର୍ତ୍ତରୀ' ପ୍ରୟୋଗ ଫଳରେ କାରକ ବକ୍ରତା ସୃଷ୍ଟି ହୋଇଛି ।[୯୨]

**(ଗ) ସଂଖ୍ୟା ବା ବଚନ ବକ୍ରତା :** ଭିନ୍ନ ବଚନାନ୍ତ ଶବ୍ଦ ପ୍ରୟୋଗରେ ଏହି ବକ୍ରତା ଦେଖାଯାଏ । ଏଥିରେ ରାଜପୁରୋହିତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏକବଚନ 'ମୋର' ପରିବର୍ତ୍ତେ 'ଆମ୍ଭର' ଏହି ବହୁବଚନ ପ୍ରୟୋଗ ଭାବଗାମ୍ଭୀର୍ଯ୍ୟକୁ ଅଭିବୃଦ୍ଧି କରେ ।[୯୩]

**(ଘ) ପ୍ରତ୍ୟୟ ବକ୍ରତା :** ପ୍ରତ୍ୟୟର ବିଚିତ୍ର ପ୍ରୟୋଗରେ ଏହି ବୈଚିତ୍ର୍ୟ ସୃଷ୍ଟି ହୁଏ । ଏଥିରେ ମୂର୍ତ୍ତ ଶବ୍ଦରେ ମତୁପ୍ ପ୍ରତ୍ୟୟ ଯୋଗ ନୂତନ ସୌନ୍ଦର୍ଯ୍ୟର ଉତ୍ପାଦକ ।[୯୪]

**(୧୧) ବାକ୍ୟ ବକ୍ରତା ବା ବସ୍ତୁ ବକ୍ରତା :** ବାକ୍ୟ, ବାଚ୍ୟ ବା ବସ୍ତୁ ବକ୍ରତା ସାମାନ୍ୟତଃ ଏକରୂପ । ସହଜ ଓ ଆହାର୍ଯ୍ୟା ପ୍ରତିଭାର ଅଧିକାରୀ ଶ୍ରେଷ୍ଠକବି ସହଜ, ସୁନ୍ଦର ବର୍ଣ୍ଣନା ଆଧାରରେ ଯେଉଁ ବସ୍ତୁ ବା ବିଷୟର ସୌନ୍ଦର୍ଯ୍ୟ ପ୍ରକାଶ କରେ ତାହା ପାଠକକୁ ଅଭିଭୂତ କରିଥାଏ । ନିପୁଣତା, ଶିକ୍ଷା ଏବଂ ଅଭ୍ୟାସ ଦ୍ୱାରା ଯେଉଁ କଳ୍ପିତ ଉତ୍ପାଦ୍ୟ ଲାବଣ୍ୟ ସୃଷ୍ଟି ହୁଏ ତାହା ବାକ୍ୟ ବକ୍ରତାର ଅନ୍ତର୍ଗତ । କବି ପ୍ରଯୁକ୍ତ ଅର୍ଥାଳଙ୍କାର ବିଶେଷ ଏହି ବକ୍ରତାର ଦ୍ୟୋତକ ।

**(ଅ) ବସ୍ତୁ ବକ୍ରତା :** ବର୍ଣ୍ଣନୀୟ ପଦାର୍ଥର ଉତ୍କର୍ଷଯୁକ୍ତ ଉପସ୍ଥାପନ ବସ୍ତୁ ବକ୍ରତା ସୃଷ୍ଟି କରେ । ଅଳଙ୍କାର ଆଦିର ସନ୍ନିବେଶ ବ୍ୟତୀତ ସ୍ୱାଭାବିକ ସୌନ୍ଦର୍ଯ୍ୟ ଉପଯୁକ୍ତ ଶବ୍ଦରେ ମନୋଜ୍ଞ ରୀତିରେ ଉପସ୍ଥାପିତ ହୋଇଥାଏ । ସ୍ଥଳବିଶେଷରେ ଅଯତ୍ନସିଦ୍ଧ ଅଳଙ୍କାରର ସୁଷମ

ସଂଯୋଜନାରେ ସ୍ୱାଭାବିକ ସୌନ୍ଦର୍ଯ୍ୟ ଉଦ୍‌ଭାସିତ ହୁଏ । କିନ୍ତୁ ସେଠାରେ ଅଳଙ୍କାରର ବୈଚିତ୍ର୍ୟ ସମ୍ପାଦନ ଲକ୍ଷ୍ୟ ନଥାଏ । ପ୍ରେମିକାକୁ ସ୍ୱପ୍ନରେ ଦେଖିଲା ପରେ ନାୟିକାର ଖେଦ ଲାବଣ୍ୟବତୀର ଏହି ପଦରେ ଚିତ୍ରିତ । କବି ନାୟକର ବିନମ୍ର ପ୍ରେମ ଭାବନାକୁ ଚମତ୍କାର ଶୈଳୀରେ ଏଥିରେ ରୂପାୟନ କରିଛନ୍ତି ।[୯୫]

**(ଆ) ବାକ୍ୟ ବକ୍ରତା :** ଆହାର୍ଯ୍ୟା ପ୍ରତିଭା ଉଦ୍‌ଭୂତ ଅଳଙ୍କାର ବିଶେଷ ଏହି ବକ୍ରତାର ପୋଷକ । ଏଥିରେ ନାରୀକୁ ସର୍ବମଙ୍ଗଳପ୍ରଦ ମନେକରିବା ପରେ ତା'ର ବିଭିନ୍ନ ଅଂଶକୁ ମଙ୍ଗଳମୟ ପଦାର୍ଥ ସହିତ ରୂପକ ଅଳଙ୍କାରରେ ଏକୀଭୂତ କରାଯାଇଛି । ଏହା ସମସ୍ତ ବସ୍ତୁ ବିଷୟରୂପକର ଅନ୍ତର୍ଗତ । ଏହି ରୀତିରେ ଅନୁମୋଦିତ ଅନ୍ୟାନ୍ୟ ଅଳଙ୍କାରର ଉଦାହରଣ ଉଦ୍ଧାର କରାଯାଇପାରେ । ଲାବଣ୍ୟବତୀ କାବ୍ୟ ବାକ୍ୟ ବକ୍ରତାର ଏକ ଅପୂର୍ବ ଚିତ୍ରଶାଳା ।[୯୬]

**(ଇ) ପ୍ରକରଣ ବକ୍ରତା :** କାବ୍ୟର ସମସ୍ତ କଥା ବିଧାନର ନାମ ପ୍ରବନ୍ଧ । ତାହାର ଅଂଶ ବା ଅଙ୍ଗକୁ ପ୍ରକରଣ କୁହାଯାଏ । ସମଗ୍ର ପ୍ରବନ୍ଧକୁ ଦୀପ୍ତ କରୁଥିବା ଚମତ୍କାର କଥା ନିବନ୍ଧନ ପ୍ରକରଣ ବକ୍ରତା ସୃଷ୍ଟିକରେ । ଏହା ମଧ୍ୟ ବହୁବିଧ । ଭାବପୂର୍ଣ୍ଣ ସ୍ଥିତିରେ ଉଦ୍‌ଭାବନା, ଉତ୍ପାଦ୍ୟଲାବଣ୍ୟ, ପ୍ରଧାନ କାର୍ଯ୍ୟ ସହିତ ସମ୍ବନ୍ଧ ପ୍ରକରଣର ପାରସ୍ପରିକ ଉପକାର୍ଯ୍ୟ ଉପକାରକଭାବ, ବିଶିଷ୍ଟ ପ୍ରକରଣର ଅତିରଞ୍ଜନ, ଜଳକ୍ରୀଡ଼ା ଆଦିର ମନୋଜ୍ଞଚିତ୍ରଣ, ପ୍ରଧାନ ଉଦ୍ଦେଶ୍ୟ ସିଦ୍ଧିପାଇଁ ସୁନ୍ଦର ଅପ୍ରଧାନ ପ୍ରସଙ୍ଗର ଅବତାରଣା, ପ୍ରକରଣ ଗୁଡ଼ିକର ପୂର୍ବାପର ଅନତିକ୍ରମ ଆଦି ଏହାର ଉପବିଭାଗ ରୂପେ ଆଲୋଚିତ । ଏହି ପ୍ରକରଣର ମୂଳତତ୍ତ୍ୱ ହେଉଛି ଘଟଣାର ସଜୀବବର୍ଣ୍ଣନା, ଘଟଣାଗୁଡ଼ିକର ପୂର୍ବାପର କ୍ରମବର୍ଦ୍ଧନ, ନବୀନ ଉଦ୍ଭାବନ, ଚାରିତ୍ରିକ ମହତ୍ତ୍ୱ ପ୍ରଖ୍ୟାପନ, ଔଚିତ୍ୟ ରକ୍ଷା ପାଇଁ ମନୋଜ୍ଞ ପ୍ରସଙ୍ଗର ଅବତାରଣା ପ୍ରସଙ୍ଗରେ ରୋଚକତା ସୃଷ୍ଟି ଇତ୍ୟାଦି । ଲାବଣ୍ୟବତୀ କାବ୍ୟରେ ଏହି ପ୍ରକରଣ ବକ୍ରତା କିପରି ଔଚିତ୍ୟ ସୃଷ୍ଟି କରିଛି ତାହା ପରୀକ୍ଷା କରାଯାଇପାରେ ।

**(ଈ) ଉପପାଦ୍ୟ ଲାବଣ୍ୟ :** ଏହା କଳ୍ପନାପ୍ରସୂତ ମଧୁର ଉଦ୍ଭାବନ ମାତ୍ର । ଲାବଣ୍ୟବତୀ କାବ୍ୟରେ ନାୟକ ନାୟିକାଙ୍କ ମିଳନ ପରେ ବିଚ୍ଛେଦ ପ୍ରଦର୍ଶନ ପାଇଁ କବି ଅବିଦ୍ୟମାନ କଳ୍ପନା କରି ନାୟକକୁ ନାୟିକା ଠାରୁ ବର୍ଷକ ପାଇଁ ଅନ୍ତର କରିଛନ୍ତି । ଏଥିରେ ଦେବତାଙ୍କ ଶାପ ହିଁ ଏକମାତ୍ର କାରଣ ରୂପେ ଉଲ୍ଲିଖିତ । ସ୍ୱର୍ଗୀୟା ସୁନ୍ଦରୀ ଲାବଣ୍ୟବତୀ ମାନବକୁ ବରଣ କରିବା ପରେ ଦେବତାମାନେ କ୍ଷୁବ୍ଧ ହୋଇ ଶାପ ଦେଇଛନ୍ତି । ୩୫ଛାନ୍ଦର ୪୧ ପଦଠାରୁ ୪୪ ପଦ ମଧ୍ୟରେ କବି ଏହି ଶାପର ଉଦ୍ଦେଶ୍ୟ ବ୍ୟକ୍ତ କରିଛନ୍ତି ।

**(ଉ) ପ୍ରଧାନ କାର୍ଯ୍ୟ ସହିତ ସମ୍ବନ୍ଧ ପ୍ରକରଣର ପାରସ୍ପରିକ ଉପକାରକ ଭାବ :**

ଲାବଣ୍ୟବତୀ କାବ୍ୟର ୧୫ଛାନ୍ଦର ୧୫ ପଦଠାରୁ ୩୦ ପଦ ମଧ୍ୟରେ ସିଂହଳର ନଟ ଦ୍ୱାରା ରାମଚରିତ ଦୃଶ୍ୟ ପ୍ରଦର୍ଶନ କରାଯାଇଛି । ଏଥିରେ ରାମାୟଣର ସଂକ୍ଷିପ୍ତ ରୂପ

ପ୍ରଦତ୍ତ । କୁହୁକବଳରେ ନାୟକ ନାୟିକାଙ୍କ ମିଳନ ପାଇଁ ଏହାଦ୍ୱାରା ଅପୂର୍ବ ପୂର୍ବରାଗ ସୃଷ୍ଟି କରାଯାଇଛି ।

## (ଡ) ବିଶିଷ୍ଟ ପ୍ରକରଣର ଅତିରଞ୍ଜନ :

କବି ନାୟକ ନାୟିକାଙ୍କ ବିରହର ଦୀର୍ଘତା ପ୍ରଦର୍ଶନ ଛଳରେ ବିଭିନ୍ନ ଋତୁରେ ଉଭୟେ କି ଧରଣର ବେଦନା ଅନୁଭବ କରୁଥିଲେ ତାହାର ଏକ ଭବ୍ୟ ରୂପ ଉପସ୍ଥାପନ କରି ପୁନର୍ମିଳନକୁ ଗାଢ଼ତର କରିଛନ୍ତି ।

## (ଢ) ଜଳକ୍ରୀଡ଼ା ଉତ୍ସବ ଆଦିର ମନୋଜ୍ଞ ଚିତ୍ରଣ :

କବି ପଞ୍ଚମ ଛାନ୍ଦରେ ଉଭିନ୍ନ ଯୌବନା ନାୟିକାର ଚର୍ଚ୍ଚରୀ କ୍ରୀଡ଼ା ୧୬ ପଦ ଠାରୁ ୨୯ ପଦ ମଧ୍ୟରେ ସ୍ଥାନିତ କରିଛନ୍ତି । ଷଷ୍ଠ ଛାନ୍ଦରେ ଜଳକ୍ରୀଡ଼ା ବର୍ଣ୍ଣିତ । ସେ ମଧ୍ୟରେ ପ୍ରହେଳିକା, ପ୍ରଶ୍ନୋତ୍ତର, ଆଦିର ସଂଯୋଜନା କରି ନାରୀଙ୍କ ଛକୋକ୍ତି ମଧ୍ୟରେ ସେମାନଙ୍କ ଚାତୁର୍ଯ୍ୟ, ବୁଦ୍ଧିମତ୍ତା ଓ କେଳିପ୍ରିୟତାର ମନୋଜ୍ଞ ରୂପ ପ୍ରଦାନ କରିଛନ୍ତି ।

## (ଣ) ପ୍ରବନ୍ଧ ବକ୍ରତା :

ଏଥିରେ କୁନ୍ତକ ପ୍ରବନ୍ଧର ସାମଗ୍ରିକ ଗଠନ କୌଶଳର ଚମତ୍କାରିତା ଅନୁଭବ ପାଇଁ କେତେକ ଉପାୟ ପ୍ରଦର୍ଶନ କରିଛନ୍ତି । ମୂଳରସ ପରିବର୍ତ୍ତନ, ନାୟକର ଉତ୍କର୍ଷବେଳେ କାବ୍ୟର ଉପସଂହାର, ନାମକରଣରେ କାବ୍ୟର ଦ୍ୟୋତନା ଆଦି ପ୍ରବନ୍ଧ ବକ୍ରତା ନାମରେ ଖ୍ୟାତ । ଲାବଣ୍ୟବତୀ କାବ୍ୟରେ ଏହି ବକ୍ରତା ମଧ୍ୟ ପରିଦୃଷ୍ଟ ହୋଇଥାଏ । କବି ନାୟକ ରାଜପୁତ୍ର ଚନ୍ଦ୍ରଭାନୁର ରାଜ୍ୟାଭିଷେକରେ କାବ୍ୟ ଶେଷ କରିଛନ୍ତି । ନାୟକର ଉତ୍କର୍ଷବେଳେ କାବ୍ୟ ସମାପ୍ତି ହୃଦୟ ଦ୍ରାବକ ହୋଇଛି । ପୁଣି ଲାବଣ୍ୟବତୀ କାବ୍ୟର ନାମଟି ସମଗ୍ର କଥାର କେନ୍ଦ୍ର ବିନ୍ଦୁ ଭାବରେ ପାଠକ ଉପଲବ୍ଧି କରେ । ଏହି କାଳ୍ପନିକ କାବ୍ୟକୁ କାବ୍ୟ ନାୟିକାର ନାମରେ ନାମିତ କରି କବି ସରସତା ଫୁଟାଇଛନ୍ତି । ସଂକ୍ଷେପରେ କହିଲେ କବି ପ୍ରତିଭାର ବସ୍ତୁପରକ ଅଭିବ୍ୟକ୍ତିର ନାମ ବକ୍ରତା । ପ୍ରତିଭାର ଅନନ୍ତ୍ୟ ହେତୁ ବକ୍ରତାର ଅନନ୍ତ୍ୟ ସ୍ୱତଃସିଦ୍ଧ । ଲାବଣ୍ୟବତୀ କାବ୍ୟରେ କୁନ୍ତକଙ୍କ ପ୍ରଦର୍ଶିତ ସମସ୍ତ ବକ୍ରତାର ସମ୍ୟକ ପ୍ରତିଫଳନ ପରିଲକ୍ଷିତ ହୁଏ । କବି ଉପେନ୍ଦ୍ରଭଞ୍ଜ କୁନ୍ତକଙ୍କ କାବ୍ୟ ଲକ୍ଷଣକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ଗ୍ରହଣ କରି କୁନ୍ତକ ସୌନ୍ଦର୍ଯ୍ୟ ଦୃଷ୍ଟିର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛନ୍ତି ।

# ଧ୍ୱନି ସୌନ୍ଦର୍ଯ୍ୟ :

କବି ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀର ଆତ୍ମିକ ସୌନ୍ଦର୍ଯ୍ୟ ଅନୁଶୀଳନବେଳେ ଧ୍ୱନି ସୌନ୍ଦର୍ଯ୍ୟକୁ ସର୍ବାଧିକ ମହତ୍ତ୍ୱ ପ୍ରଦାନ କରିଛନ୍ତି । ଲାବଣ୍ୟବତୀ କାବ୍ୟର ପ୍ରାରମ୍ଭରେ କାବ୍ୟାଦର୍ଶର ସୂଚନା ଦେଇ କହିଛନ୍ତି 'ପଦ ସରଳ ଧ୍ୱନିରେ ମାନସ ମୋହିବ' । ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ, ଏ କାବ୍ୟକୁ ଧ୍ୱନିବହୁଳ କହି କବି ସହୃଦୟ ପାଠକଙ୍କ ମନୋରଞ୍ଜନ କରିବା ଅଭିପ୍ରାୟ ପୋଷଣ କରିଛନ୍ତି । ବିଶିଷ୍ଟ ଆଲୋଚକ ଡଃ. ଆର୍ତ୍ତବଲ୍ଲଭ ମହାନ୍ତି 'ଲାବଣ୍ୟବତୀ'ର

ମୁଖବନ୍ଧରେ ଏହି କାବ୍ୟରେ ଧ୍ୱନିତତ୍ତ୍ୱ କିପରି ତା'ର ନିଜସ୍ୱ ସୌନ୍ଦର୍ଯ୍ୟରେ ସହୃଦୟ ପାଠକଙ୍କୁ ଆନନ୍ଦ ପ୍ରଦାନ କରିଛି ତାହାର ଆଲୋଚନା କରିଛନ୍ତି ।

ଆଳଙ୍କାରିକ ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନ ଧ୍ୱନିତତ୍ତ୍ୱର ପ୍ରତିଷ୍ଠାପକ ଭାବରେ ସମ୍ମାନିତ । ସେ ଧ୍ୱନିର ଲକ୍ଷଣ ନିର୍ଦ୍ଦେଶ କରିବାକୁ ଯାଇ କହନ୍ତି, ଯେଉଁଠି ଅର୍ଥ ନିଜକୁ ତଥା ଶବ୍ଦ ନିଜର ଅଭିଧେୟ ଅର୍ଥକୁ ଗୌଣ କରି ଏକ ରମଣୀୟ ପ୍ରତୀୟମାନ ଅର୍ଥକୁ ଅଭିବ୍ୟକ୍ତ କରେ, ସେ କାବ୍ୟକୁ ବିଦ୍ୱାନବୃନ୍ଦ ଧ୍ୱନି କାବ୍ୟ କହନ୍ତି । ସେ ଧ୍ୱନିକୁ କାବ୍ୟର ଆତ୍ମା ରୂପେ ପ୍ରତିଷ୍ଠା ଦେବାକୁ ଯାଇ କହନ୍ତି, ସୁନ୍ଦର ଓ ସୁଗଠିତ ଶରୀରରେ ଆତ୍ମା ପରି ଆହ୍ଲାଦଜନକ ଶବ୍ଦାର୍ଥ ଶରୀରଭୂତ କାବ୍ୟରେ ସହୃଦୟମାନଙ୍କ ଦ୍ୱାରା ପ୍ରଶଂସିତ ପ୍ରତୀୟମାନ ଅର୍ଥ ହିଁ ଆତ୍ମା । ପ୍ରତୀୟମାନ ବା ଧ୍ୱନ୍ୟମାନ ଏକ ବସ୍ତୁ ଅଟେ । ଯାହା ରମଣୀଙ୍କ ପ୍ରସିଦ୍ଧ ମୁଖନେତ୍ର ଆଦି ଅବୟବରୁ ଭିନ୍ନ ଲାବଣ୍ୟ ପରି ମହାକବିଙ୍କ ସୂକ୍ତିରେ ବାଚ୍ୟାର୍ଥରୁ ଭିନ୍ନ ରୂପେ ଭାଷିତ ହୁଏ । ଏହି ଧ୍ୱନି ମୁଖ୍ୟତଃ ବସ୍ତୁ, ଅଳଙ୍କାର ଓ ରସ ଭେଦରେ ତ୍ରିବିଧ । କିନ୍ତୁ ଆନନ୍ଦବର୍ଦ୍ଧନ ନିଜେ ସ୍ୱୀକାର କରିଛନ୍ତି, ଏହି ଧ୍ୱନି ତାଙ୍କର ନୂତନ ଉଦ୍ଭାବନ ନୁହେଁ । କାବ୍ୟତତ୍ତ୍ୱବିଦ୍‌ମାନେ ପ୍ରାଚୀନ କାଳରୁ ଅବିଚ୍ଛିନ୍ନ ରୂପେ ଧ୍ୱନିକୁ କାବ୍ୟର ଆତ୍ମା ରୂପେ ପ୍ରତିପାଦନ କରି ଆସିଛନ୍ତି । ତେଣୁ ଏହାର ଅସ୍ତିତ୍ୱ ସମ୍ବନ୍ଧରେ ଆଶଙ୍କା ନିରର୍ଥକ । ପୂର୍ବାଚାର୍ଯ୍ୟ ଭାମହ, ଦଣ୍ଡୀ, ବାମନ ପ୍ରଭୃତି ଧ୍ୱନିର ଉଲ୍ଲେଖ କରି ନଥିଲେ ମଧ୍ୟ ସେମାନେ ଅଳଙ୍କାର ଓ ଗୁଣ ତତ୍ତ୍ୱ ମଧ୍ୟରେ ଧ୍ୱନିକୁ ଗର୍ଭିତ କରିଛନ୍ତି । ପର୍ଯ୍ୟାୟୋକ୍ତି ଅପ୍ରସ୍ତୁତ ପ୍ରଶଂସା ଆଦି ଅଳଙ୍କାରରେ ଧ୍ୱନିରସବତ୍, ପ୍ରେୟସ, ଉର୍ଜସ୍ୱ ଆଦି ଅଳଙ୍କାରରେ ଏବଂ ବାମନ କାନ୍ତି ଗୁଣରେ ରସକୁ ଅନ୍ତର୍ଭୁକ୍ତ କରିଛନ୍ତି । ପଣ୍ଡିତରାଜ ଜଗନ୍ନାଥ ଏହାକୁ ସମର୍ଥନ କରି କହନ୍ତି ଧ୍ୱନିକାରଙ୍କଠାରୁ ପ୍ରାଚୀନ ଭାମହ, ଉଦ୍ଭଟ ପ୍ରଭୃତି ଆଚାର୍ଯ୍ୟ ନିଜ ନିଜ ଗ୍ରନ୍ଥରେ ଧ୍ୱନି, ଗୁଣୀଭୂତ ବ୍ୟଙ୍ଗ ଆଦି ଶବ୍ଦର ପ୍ରୟୋଗ ନକଲେ ମଧ୍ୟ ଧ୍ୱନିକୁ ଅସ୍ୱୀକାର କରି ନାହାନ୍ତି ।

କାରଣ ସମାସୋକ୍ତି ଗୁଣୀଭୂତ ବ୍ୟଙ୍ଗ ଓ ପର୍ଯ୍ୟାୟୋକ୍ତିରେ ସମସ୍ତ ଧ୍ୱନି ପ୍ରପଞ୍ଚରେ ଅନ୍ତର୍ଭାବ ଏମାନେ କରନ୍ତି । ଏପରିକି ବାଲ୍ମୀକି, ବ୍ୟାସ, କାଳିଦାସ ଆଦିଙ୍କ କୃତିରେ ଅତି ରମଣୀୟ ଧ୍ୱନ୍ୟାର୍ଥ ସ୍ଥଳବିଶେଷରେ ପ୍ରକାଶିତ । ଆନନ୍ଦବର୍ଦ୍ଧନ କହନ୍ତି, ଅସ୍ପଷ୍ଟ ରୂପରେ ପ୍ରତୀତ ଏହି ଧ୍ୱନି ରୂପ କାବ୍ୟତତ୍ତ୍ୱର ବ୍ୟାଖ୍ୟା କରିବାକୁ ଅସମର୍ଥ ହୋଇ ବାମନ ପ୍ରଭୃତି ଆଳଙ୍କାରିକ ରୀତିକୁ କାବ୍ୟାତ୍ମା ମନେ କରନ୍ତି । ଏହି କାବ୍ୟାତ୍ମା ରୂପ ଧ୍ୱନି ପଣ୍ଡିତମଣ୍ଡଳୀ ଦ୍ୱାରା ଗୃହୀତ ହୋଇଥିଲେ ମଧ୍ୟ କେତେକ ଆଲୋଚକ ଧ୍ୱନିର ସ୍ଥିତିକୁ ସ୍ୱୀକାର କରନ୍ତି ନାହିଁ । ଅନ୍ୟ କେତେକ ଆଲୋଚକ ଧ୍ୱନିକୁ ଅନ୍ୟତତ୍ତ୍ୱ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । ଅନ୍ୟ କେତେକ ଆଲୋଚକ ଏହା ଅନିର୍ବଚନୀୟ କହି ଏହାର ଲକ୍ଷଣ କହିବା ଅସମ୍ଭବ ମନେ କରିଛନ୍ତି । ତେଣୁ ସହୃଦୟ ପାଠକଙ୍କ ପ୍ରୀତିପାଇଁ ଆନନ୍ଦବର୍ଦ୍ଧନ ଧ୍ୱନିର ସ୍ୱରୂପ ନିରୂପଣ କରିଛନ୍ତି । ପ୍ରଥମତଃ ଧ୍ୱନି ଅଭିଧାମୂଳା ଓ ଲକ୍ଷଣାମୂଳା ଭେଦରେ ଦ୍ୱିବିଧ । ତାହାର ଅନ୍ୟତମ ବିବକ୍ଷିତାନ୍ୟ ପରବାଚ୍ୟ ଧ୍ୱନି ଓ ଅବିବକ୍ଷିତ ବାଚ୍ୟ ଧ୍ୱନି ।

## ଅଭିଧାମୂଳା ଧ୍ୱନି :

ଅସଂଲକ୍ଷ୍ୟ କ୍ରମ ବ୍ୟଙ୍ଗ ଓ ସଂଲକ୍ଷ୍ୟ କ୍ରମ ବ୍ୟଙ୍ଗ ଭେଦରେ ଦ୍ୱିବିଧ । ପ୍ରଥମ ଭେଦରେ ରସ, ଭାବ, ରସାଭାସ, ଭାବାଭାସ, ଭାବସନ୍ଧି, ଭାବଶବଳତା ପ୍ରଭୃତି ଅନ୍ତର୍ଗତ । ଦ୍ୱିତୀୟ ଭେଦ ଶବ୍ଦଶକ୍ତି ଉଦ୍ଭବ, ଅର୍ଥ ଶକ୍ତି ଉଦ୍ଭବ ଓ ଉଭୟ ଶକ୍ତି ଉଦ୍ଭବ ଭେଦରେ ତ୍ରିବିଧ । ଶବ୍ଦଶକ୍ତି ଉଦ୍ଭବ ଧ୍ୱନି, ବସ୍ତୁ, ରୂପ ଓ ଅଳଙ୍କାର ଭେଦରେ ଦ୍ୱିବିଧ । ଅର୍ଥ ଶକ୍ତି ଉଦ୍ଭବ ଧ୍ୱନିରେ ବସ୍ତୁରୁ ବସ୍ତୁ, ବସ୍ତୁରୁ ଅଳଙ୍କାର, ଅଳଙ୍କାରରୁ ବସ୍ତୁ ଏବଂ ଅଳଙ୍କାରରୁ ଅଳଙ୍କାର ଧ୍ୱନିତ ହୁଏ । ଏହା ସ୍ୱତଃ ସମ୍ଭବ । କବି ପ୍ରୌଢ଼ୋକ୍ତି, କବି ନିବଦ୍ଧ ବକ୍ତାର ପ୍ରୌଢ଼ୋକ୍ତି ଭେଦରେ ଦ୍ୱାଦଶବିଧ । ଏହା ବ୍ୟତୀତ ଧ୍ୱନିକାର ବର୍ଣ୍ଣ, ପଦ, ବାକ୍ୟ, ପ୍ରବନ୍ଧ ଆଦି ପ୍ରଭେଦରେ ଧ୍ୱନିର ଅସଂଖ୍ୟ ବିଭାଗ ସୃଷ୍ଟି କରିଛନ୍ତି । ଏହି ଧ୍ୱନିତତ୍ତ୍ୱର ପ୍ରାଧାନ୍ୟ ଓଡ଼ିଆ ମଧ୍ୟଯୁଗୀୟ କବିଙ୍କୁ ବିଶେଷ ଭାବରେ ଉପେନ୍ଦ୍ରଙ୍କୁ ଅଜ୍ଞାତ ନଥିଲା । ତେଣୁ ନିଜର ପ୍ରିୟତମ କାବ୍ୟ ସୃଷ୍ଟି ଲାବଣ୍ୟବତୀକୁ ଧ୍ୱନି ପ୍ରଧାନ କରିବା ଉଦ୍ଦେଶ୍ୟରେ ସେ ଧ୍ୱନିର ବହୁଳ ପ୍ରୟୋଗ ପରିଲକ୍ଷିତ ହୁଏ । ଦୀର୍ଘ ବିଚ୍ଛେଦ ପରେ ନାୟକ ଚନ୍ଦ୍ରଭାନୁ ସ୍ୱଦେଶ ପ୍ରତ୍ୟାଗମନ କରିଛି । ରାସ୍ତାରେ ନିଜ ରାଜ୍ୟର ବ୍ୟକ୍ତିବିଶେଷକୁ ଦେଖି କୁଶଳ ସମାଚାର ପଚାରିଛି । ସେହି ପୁରୁଷଟି ଲାବଣ୍ୟବତୀର ବିରହ ଅବସ୍ଥା ବର୍ଣ୍ଣନା କରିଛି । ନାରୀର ଦୁଇଟି ଅଳଙ୍କାର ହାସ, କଙ୍କଣ ଆଦି ଭୂଷଣ ଓ ଅଙ୍ଗଦ ଅଯତ୍ନଜ ତଥା ସ୍ୱଭାବଜ ରୂପ ସହଜ ଅଳଙ୍କାର । ଏହି ଦୁଇପ୍ରକାର ଅଳଙ୍କାରରୁ ଲାବଣ୍ୟବତୀ ଅତୁଲ୍ୟ ନାମକ ଅଳଙ୍କାର ଓ ତପନ ନାମକ ସତ୍ତ୍ୱଜ ଅଳଙ୍କାର କେବଳ ଗ୍ରହଣ କରିଛି । ଏକପକ୍ଷରେ ଅତୁଲ୍ୟ ସଧବା ଲକ୍ଷଣର ଦ୍ୟୋତକ । ପ୍ରିୟ ବିଚ୍ଛେଦରେ କନ୍ଦର୍ପାବେଶରୁ ନାୟିକାର କ୍ରିୟା କଳାପର ନାମ ସତ୍ତ୍ୱଜ ଅଳଙ୍କାର ତପନ ଲାବଣ୍ୟବତୀ ନିକଟରେ ପରିଦୃଷ୍ଟ । ଏଥିରୁ ଧ୍ୱନିତ ହୁଏ ଲାବଣ୍ୟବତୀ ନିଜକୁ ସଧବା ମନେ କରି ପ୍ରିୟ ବିଚ୍ଛେଦ ଯନ୍ତ୍ରଣାରେ କାତର ।[୯୭]

ସଖୀମାନେ ନାୟିକାକୁ ମଧୁଶଯ୍ୟା ଗୃହକୁ ନେବା ପୂର୍ବରୁ ବେଶଭୂଷାରେ ସଜ୍ଜିତ କରିଛନ୍ତି । ସେହି ପରିପ୍ରେକ୍ଷୀରେ ପରିହାସରେ ପଦେ ପଦେ କହୁଛନ୍ତି । ନାକରେ ମୋତି ଅଳଙ୍କାର ଖଞ୍ଜିଲାବେଳେ ସଖୀ କହୁଛନ୍ତି କଟିରେ କିଙ୍କିଣୀ ବାଜିଲା ବେଳେ ଏହି ମୋତି ନାକରେ ନୃତ୍ୟ କରିବ । ସାଧାରଣତଃ ଚାଲିଲାବେଳେ କିଙ୍କିଣି ବାଜେ ଓ ନାସାମୋତି ଚଞ୍ଚଳ ହୁଏ । କିନ୍ତୁ ବିପରୀତ ରତି କାଳରେ କିଙ୍କିଣି ବାଦ୍ୟ ସହିତ ନାସାମୋତିର ଅପୂର୍ବ ଚଳନ ଘଟେ । ସଖୀ ଏହି ବିପରୀତରତି ପ୍ରତି ଇଙ୍ଗିତ କରି ଏହା କହିଥିବା ଧ୍ୱନିତ । ଏହିପରି ବହୁ ଉଦାହରଣ ମାଧ୍ୟମରେ ଲାବଣ୍ୟବତୀ କାବ୍ୟରୁ ମନୋହର ହୃଦୟ ଆହ୍ଲାଦକ ଧ୍ୱନିପୂର୍ଣ୍ଣ ପଦାବଳୀ ଉଦ୍ଧାର କରାଇପାରେ ।[୯୮]

## ବସ୍ତୁରୁ ଅଳଙ୍କାର ଧ୍ୱନି :

ହାଟର ଦୃଶ୍ୟ ବର୍ଣ୍ଣନାବେଳେ କୁମ୍ଭାର ସ୍ତ୍ରୀର ବର୍ଣ୍ଣନା କରିଛନ୍ତି କବି । ସେ କଳସ ଓ କାଠ ଫରୁଆ ବିକିଲାବେଳେ ନିଜ କୁଚକୁ ଲୁଚାଇ ରଖିଥିଲା । କାରଣ ସ୍ତନକୁ ଦେଖିଲେ

ଲୋକେ ଫରୁଆ ବା ମାଠିଆ କାହିଁକି ନେବେ ? ଏହି ବସ୍ତୁ ରୂପକ କଳସ ଓ ଫରୁଆ ଅପେକ୍ଷା ସ୍ତନର ଆଧିକ୍ୟ ପ୍ରକାଶିତ ହେଉଛି ।(୯୯)

## ଅଳଙ୍କାରରୁ ବସ୍ତୁଧ୍ୱନି :

ନାୟିକାର ସଖୀ ହସ୍ତରେ ନାୟକଙ୍କୁ ପ୍ରେମପତ୍ର ଲେଖାଯାଇଛି । ଏଥିରେ ସେ କହିବାକୁ ଚାହେଁ, ସଖୀ ଲାବଣ୍ୟବତୀର ମନରୂପକ ମୃଗ ହୃଦରୂପ ବନରେ ଆସକ୍ତ ଥିଲା କିନ୍ତୁ ତୁମ୍ଭର ଦର୍ଶନ ଫଳରେ ସେ ବିରହରେ ପୀଡ଼ିତା । ବର୍ତ୍ତମାନ ତୁମ୍ଭଠାରେ ଆତ୍ମ ସମର୍ପଣ କରିଥିବାରୁ ତାର ବିରହାଗ୍ନି ପ୍ରତି ଭୟ ହେଉନାହିଁ । ଏଥିରେ ରୂପକ ଅଳଙ୍କାରଟି ଦୀପ୍ତ ହୋଇ ବାଚ୍ୟାର୍ଥକୁ ସୁନ୍ଦରତର କରିଛି । ଏଥିରୁ ନାୟକର ପ୍ରେମ ଅପେକ୍ଷା ନାୟିକାର ପ୍ରେମାଧିକ୍ୟ ବସ୍ତୁ ଧ୍ୱନିତ ହୁଏ ।(୧୦୦)

## ବସ୍ତୁରୁ ବସ୍ତୁଧ୍ୱନି :

ରାଜାଙ୍କ ଆଦେଶରେ ବିଦେଶ ଗମନୋନ୍ମୁଖ ନାୟକକୁ ନାୟିକା କହୁଛି, ତୁମେ ଠିକ୍ ସମୟରେ ଭୋଜନ ଶୟନ ଆଦି ନିତ୍ୟକର୍ମ କରୁଥିବ । ତୁମେ ସୁସ୍ଥଥିଲେ ବହୁ ଯୁବତୀ ତୁମ୍ଭକୁ ମିଳିବେ । ନାରୀର ଏହି ଉକ୍ତି ରୂପକ ବସ୍ତୁରୁ ବହୁ 'ଯୁବତୀ ମିଳିବେ' କିନ୍ତୁ 'ମୁଁ ମିଳିବି ନାହିଁ' ଏହି ବସ୍ତୁ ଧ୍ୱନିତ ହେଉଛି ।(୧୦୧)

## ଅଳଙ୍କାରରୁ ଅଳଙ୍କାର ଧ୍ୱନି :

କଜ୍ଜଳଯୁକ୍ତ ନୟନକୁ ଦେଖି ମୀନଙ୍କ ଜଳପ୍ରବେଶ ଭୁରୁ ନୟନ, ମୁଖକୁ ଚାହିଁ ଖଞ୍ଜନ କୁରଙ୍ଗକୁ ଶୂନ୍ୟରେ 'ମଲେ' ବୋଲି କହିବା ଅସମ୍ବନ୍ଧରେ ସମ୍ବନ୍ଧ ଯୁକ୍ତ ଅତିଶୟୋକ୍ତି ଯୁକ୍ତ ଅଳଙ୍କାର ବାଚ୍ୟାର୍ଥକୁ ମୀନଖଞ୍ଜନ ଏବଂ କୁରଙ୍ଗଠାରୁ ନେତ୍ରର ଆଧିକ୍ୟ ରୂପରେ ବ୍ୟତିରେକ ଅଳଙ୍କାର ଧ୍ୱନିତ ।(୧୦୨)

## ରସଧ୍ୱନି :

ନାୟକ ଚନ୍ଦ୍ରଭାନୁ ପାଇଁ ନାୟିକା ଲାବଣ୍ୟବତୀ ଆଲମ୍ବନ । ଏକାନ୍ତ ଗୃହ ଉଦ୍ଦୀପନ, ନଖକ୍ଷତ, ତାଡ଼ନ ଆଦି ଅନୁଭାବ । ଜଡ଼ତା, ମଦ, ମୋହ, ଔତ୍ସୁକ୍ୟ ଆଦି ସଂଚାରୀ ଭାବ ଦ୍ୱାରା ପାଠକ ହୃଦୟସ୍ଥିତ ରତି ରସ ରୂପରେ ପରିଣତ ହୁଏ । ଏହି ରସ ରୂପତା ବ୍ୟଞ୍ଜନା ବ୍ୟାପାର ବା ଧ୍ୱନି ଦ୍ୱାରା ସମ୍ଭବ ହୁଏ । ଏହି ରୀତିରେ ଲାବଣ୍ୟବତୀ କାବ୍ୟରୁ ଅସଂଖ୍ୟ ଧ୍ୱନ୍ୟାତ୍ମକ ଉଦାହରଣ ଗ୍ରହଣ କରାଯାଇପାରେ ।(୧୦୩) ବାସ୍ତବରେ କବି କାବ୍ୟାଦର୍ଶରେ ଯାହା ଉଲ୍ଲେଖ କରିଛନ୍ତି ତାହାକୁ ଯଥାର୍ଥ ରୂପ ଦେଇଛନ୍ତି, କିନ୍ତୁ କେହି ସମାଲୋଚକ ଏହି ପଦଟିର ଭିନ୍ନ ଅର୍ଥ କରୁଥିବା ମଧ୍ୟ ଲକ୍ଷ୍ୟ କରାଯାଏ । 'ପଦସରଳଧ୍ୱନି' କେତେକ ସମାଲୋଚକଙ୍କ ମତରେ ସାଙ୍ଗୀତିକତାର ଦ୍ୟୋତକ । ସରଳ, ସରସ ଓ ସୁନ୍ଦର ସାଙ୍ଗୀତିକ ଧ୍ୱନି ବା ଛନ୍ଦୋମୟ ଶବ୍ଦ ସୃଷ୍ଟି ଦ୍ୱାରା ଉପେନ୍ଦ୍ର ଶ୍ରୋତାମାନଙ୍କର ମାନସ ମୋହନ କରୁଛନ୍ତି ବୋଲି କହି ତାଙ୍କୁ କବି ସମ୍ରାଟ ଅପେକ୍ଷା ସଙ୍ଗୀତ ସମ୍ରାଟ କହିବା ଅଧିକ ଯୁକ୍ତିଯୁକ୍ତ ବୋଲି ସେମାନଙ୍କ ମତ । ଏହା ଅଯଥାର୍ଥ ନୁହେଁ । ଏଣୁ ସଙ୍ଗୀତ ମାଧୁର୍ଯ୍ୟ ଦୃଷ୍ଟିରୁ ଲାବଣ୍ୟବତୀର

ଉତ୍କର୍ଷ ବିଚାର କରାଯାଇପାରେ । ସଙ୍ଗୀତ 'ଲାବଣ୍ୟବତୀ' କାବ୍ୟର ଆତ୍ମା କହିଲେ ବେଶୀ ଯୁକ୍ତିଯୁକ୍ତ ହେବ ।

## ଲାବଣ୍ୟବତୀର ସାଙ୍ଗୀତିକ ସୌନ୍ଦର୍ଯ୍ୟ :

ସଙ୍ଗୀତ ଏକ ଐଶ୍ୱରିକ ସମ୍ପଦ । ତେଣୁ ଏହା ବିଶ୍ୱର ଅଣୁ ପରମାଣୁଠାରୁ ଆରମ୍ଭକରି ବିଶାଳ ଗିରି, ବନ, ପର୍ବତ, ନଦ, ନଦୀ, ପଶୁ, ପକ୍ଷୀ ପ୍ରଭୃତିଙ୍କୁ ମନୋମୁଗ୍ଧକର ରାଗିଣୀରେ ସ୍ତମ୍ଭିତ କରିଥାଏ । ଏହାଦ୍ୱାରା ସୃଷ୍ଟିର ମାନବଜାତି ସହିତ ଜୀବଜନ୍ତୁ, ପଶୁପକ୍ଷୀ ମୋହମୁଗ୍ଧ ହୋଇପଡ଼ନ୍ତି । ପୁଣି ଗ୍ରୀକ୍ ସାହିତ୍ୟରେ ଦେଖିବାକୁ ମିଳେ ଯେ, ଅର୍‌ଫିୟସ୍ ଯେତେବେଳେ ବୀଣାବାଦନ କରୁଥିଲେ ସେତେବେଳେ ଜଡ଼ଜଗତ ମଧ୍ୟ ସଙ୍ଗୀତର ଅପୂର୍ବ ଲହରୀରେ ଚଞ୍ଚଳ ହୋଇ ପଡୁଥିଲେ ।[୧୦୪] ଛନ୍ଦୋବଦ୍ଧ ଗୀତି କବିତାରେ ସଙ୍ଗୀତର ବିଶେଷ ଲକ୍ଷଣ ଓ ଗୁଣଧର୍ମ ସାଙ୍କେତିକ ରୀତିରେ ପ୍ରକାଶ କରିଥାଏ ବୋଲି 'ଏନ୍‌ସାଇକ୍ଲୋପିଡ଼ିଆ ଅଫ୍ ବ୍ରିଟାନିକା' ରେ କୁହାଯାଇଛି । ଗ୍ରୀକ୍‌ମାନେ ବାଦ୍ୟଯନ୍ତ୍ର ସାହାଯ୍ୟରେ ସଙ୍ଗୀତ ଗାନକରିବା ଡ଼ଃ. ନଗେନ୍ଦ୍ର ମଧ୍ୟ କହନ୍ତି ।[୧୦୫] ତେଣୁ ସଙ୍ଗୀତ ଈଶ୍ୱରଙ୍କର ଏକ ଅମୂଲ୍ୟ ଅବଦାନ । ଏହି ସଙ୍ଗୀତରେ ଥିବା ନିରଙ୍କୁଶ ଭାବନା ଓ ଚମତ୍କାରିତା କାବ୍ୟ ରଚନା କ୍ଷେତ୍ରରେ ସଙ୍ଗୀତର ଆବଶ୍ୟକତା ଏକାନ୍ତ ମୂଲ୍ୟବାନ ହୋଇପଡ଼ିଛି ।

ଭଞ୍ଜଙ୍କ ସାଙ୍ଗୀତିକତା ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଭାରତୀୟ ବାଙ୍‌ମୟରେ ସଙ୍ଗୀତର ଅବାରିତ ଧାରା ତଥା ଉତ୍କଳୀୟ ଜୀବନ, ଉତ୍କଳୀୟ କାବ୍ୟ ସାହିତ୍ୟରେ ଏହାର ସ୍ଥାନ କିପରି ଥିଲା ତାହା ଆଲୋଚନା କରାଯିବା ନିହାତି ଜରୁରୀ । ଭାରତୀୟ ବୈଦିକ ସାହିତ୍ୟ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ, ବେଦରେ ସଙ୍ଗୀତର ପ୍ରଥମ ନିଦର୍ଶନ ମିଳିଥାଏ । ସେ ସମୟରେ ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱର ସଂଯୋଜନାରେ ସାମଗାନର ସମ୍ଭବ ହୋଇଛି । ବ୍ରହ୍ମା ଚାରିବେଦ ପ୍ରଣୟନ କରି ସଙ୍ଗୀତ ରୂପକ ପଞ୍ଚମବେଦ ସୃଷ୍ଟି କଲେ । କେବଳ ଏତିକି ନୁହେଁ, ଭଗବତ୍ ସୃଷ୍ଟିରେ ସଙ୍ଗୀତର ସାର୍ବଭୌମ ଉପସ୍ଥିତି ସ୍ୱୀକାର୍ଯ୍ୟ । ବ୍ରହ୍ମା ସଙ୍ଗୀତକଳାର ଆଦିସ୍ରଷ୍ଟା ହୋଇଥିବାରୁ ତାଙ୍କର ଶିଷ୍ୟ ଭରତ ମୁନି ବ୍ରହ୍ମାଙ୍କ ଦ୍ୱାରା ଆଦିଷ୍ଟ ହୋଇ ମର୍ତ୍ତ୍ୟରେ ସଙ୍ଗୀତ କଳାର ପ୍ରଚାର କଲେ । ସେହି ସଙ୍ଗୀତକୁ ଯଥାକ୍ରମେ ମାର୍ଗୀ ଓ ଦେଶୀ ନାମରେ ନାମିତ କରାଯାଇଥିଲା । ମାର୍ଗ ସଙ୍ଗୀତ ସ୍ୱର୍ଗ ଓ ଦେଶୀ ସଙ୍ଗୀତ ମର୍ତ୍ତ୍ୟଲୋକରେ ପ୍ରଚଳିତ ହୋଇଥିବା ଏମାନେ ବିଶ୍ୱାସ କରନ୍ତି । ଦେଶୀ ସଙ୍ଗୀତର ବହୁଭେଦ, ଉପଭେଦ ରହିଛି । ଯଥା: ଗାନ, ଜୟଗାନ, ରାଗଗାୟନ, ଛନ୍ଦଗାନ, ନିବନ୍ଧଗାନ, ଅନିବନ୍ଧଗାନ, ଲୋକଗାନ, ମଙ୍ଗଳଗାନ ପ୍ରଭୃତି । ତେବେ ସଙ୍ଗୀତର ସାହିତ୍ୟ ଉପଯୋଗୀ ଯେଉଁ ନିୟମାବଳୀ ପ୍ରଭୃତି ରହିଛି ମୁଖ୍ୟତଃ ଛାନ୍ଦଗୀତ ସମ୍ପର୍କୀୟ ଗ୍ରନ୍ଥ ଓ ଶାସ୍ତ୍ରୀୟ ଗାୟନ ଗ୍ରନ୍ଥ ମଧ୍ୟରେ ହିଁ ଦେଖିବାକୁ ମିଳୁଛି ।

ଗାନ ପାଇଁ ତଥା ଛାନ୍ଦ ଗୀତ ରଚନାପାଇଁ ସୁବୃତ୍ତତିଳକ, ବୃତ୍ତରତ୍ନାକର, ଶ୍ରୁତିବୋଧ,

ଛନ୍ଦୋମଞ୍ଜରୀ ଇତ୍ୟାଦି ତଥା ଶାସ୍ତ୍ରୀୟ ସଙ୍ଗୀତ ଗାନପାଇଁ ଭରତଙ୍କ ନାଟ୍ୟଶାସ୍ତ୍ର, ଲୋଚନଙ୍କ ରାଗ ତରଙ୍ଗିଣୀ, ଶାର୍ଙ୍ଗଦେବଙ୍କ ସଙ୍ଗୀତ ରତ୍ନାକର, ସୋମନାଥଙ୍କ ରାଗ ବିରୋଧ, ଦାମୋଦରଙ୍କ ସଙ୍ଗୀତ ଦର୍ପଣ ତଥା ଅହୋବଳଙ୍କ ସଙ୍ଗୀତ ପାରିଜାତକୁ ଅନୁସରଣ କରାଯାଇଛି । ଗୀତ, ବାଦ୍ୟ, ନୃତ୍ୟ, ସଙ୍ଗୀତର ତ୍ରିବିଧ ଅଙ୍ଗରୂପେ ସ୍ୱୀକୃତ ହେଲେ ମଧ୍ୟ ସଙ୍ଗୀତ କହିଲେ ମୁଖ୍ୟତଃ କଣ୍ଠ ସଙ୍ଗୀତ ଓ ଯନ୍ତ୍ର ବାଦ୍ୟ ସଙ୍ଗୀତକୁ ହିଁ ଭାରତୀୟ ଜନତା ସ୍ୱୀକୃତି ପ୍ରଦାନ କରିଛନ୍ତି । ନୃତ୍ୟକୁ ସଙ୍ଗୀତଠାରୁ ପୃଥକ୍ କରି ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ କଳା ରୂପେ ବିବେଚନା କରାଯାଇଛି । ସଙ୍ଗୀତର ଉପଯୁକ୍ତ ଛାନ୍ଦ ରଚନା ପଦ୍ଧତି ଓ ଶାସ୍ତ୍ରୀୟ ରାଗ ଗାୟନ ପଦ୍ଧତି ଭାରତର ସାହିତ୍ୟ ତଥା ସଙ୍ଗୀତ ଜଗତରେ ପ୍ରଚଳିତ ରହିଛି । ଛାନ୍ଦଶାସ୍ତ୍ରର ନିର୍ଦ୍ଦେଶକୁ କାବ୍ୟରେ ଛାନ୍ଦରଚନା କରିବା ପାଇଁ ଗ୍ରହଣ କରାଯାଇଥିବା ବେଳେ କେତେକ ମୁକ୍ତକ ରଚନାକୁ ରାଗ ଗାୟନର ବିବିଧ ତତ୍ତ୍ୱର ସହାୟତାରେ ଗାନୋପଯୋଗୀ କରାଯାଇଛି । ଗୀତ ଗୋବିନ୍ଦର ଗାୟନ କ୍ରିୟା ଏହି ରାଗ ଗାୟନ ଉପରେ ଆଧାରିତ । ଏହି ପଦ୍ଧତି ଜୟଦେବଙ୍କ ପୂର୍ବରୁ ଚର୍ଯ୍ୟାଗୀତିରେ ପ୍ରଚଳନ ଥିଲା ତଥା ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟର ପ୍ରାରମ୍ଭିକ କୃତିରେ ସ୍ଥାନ ପାଇଥିଲା । ଓଡ଼ିଶାର ସ୍ଥାନେ ସ୍ଥାନେ ପ୍ରତିଷ୍ଠିତ ମନ୍ଦିର ଗାତ୍ରରେ ଖୋଦିତ ପ୍ରସ୍ତରମୂର୍ତ୍ତି ଠାରୁ ଆରମ୍ଭ କରି ତାଳପତ୍ରରେ ଅଙ୍କିତ ବିଭିନ୍ନ ଶବ୍ଦାବଳୀରେ ମଧ୍ୟ ସଙ୍ଗୀତର ସ୍ୱର ଲହରୀ ତାଳେ ତାଳେ ଭେଦ କରି ଅଦ୍ୟାବଧି ଓଡ଼ିଆକୁ ମୁଗ୍ଧ ଚକିତ କରିଛି । ତେଣୁ ଐତିହାସିକ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଖ୍ରୀ: ପୂ: ଦ୍ୱିତୀୟ ଓ ପ୍ରଥମ ଶତକରେ କଳିଙ୍ଗ ସମ୍ରାଟ ଖାରବେଳ ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ସଙ୍ଗୀତ ସମାରୋହର ଆୟୋଜନ କରିଥିବା ହାତୀ ଗୁମ୍ଫା ଶିଳାଲେଖରେ ଉଲ୍ଲେଖ ଅଛି । ଏହା ସତ୍ତ୍ୱେ ପଞ୍ଚମ, ଷଷ୍ଠ ଓ ସପ୍ତମ ଶତାବ୍ଦୀର ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ଦୋହା ସାହିତ୍ୟର ସଙ୍ଗୀତ ସମଗ୍ର ଭାରତରେ ପ୍ରଚାରିତ ହୋଇଥିଲା । ଏହି ସିଦ୍ଧାଚାର୍ଯ୍ୟମାନଙ୍କ ର ଚର୍ଯ୍ୟାଗୁଡ଼ିକ ପଦ ବା କବିତା ନୁହନ୍ତି, ତାହା ସଙ୍ଗୀତ । ଏଥିରେ ସଂଶ୍ଳିଷ୍ଟ ବିଭିନ୍ନ ରାଗ ରାଗିଣୀକୁ ଦୃଷ୍ଟିପାତ କଲେ ଜଣାଯାଏ, ପରବର୍ତ୍ତୀ ଯୁଗରେ ଏଗୁଡ଼ିକ ବିଭିନ୍ନ କ୍ଷୁଦ୍ର କବିତା ଓ କାବ୍ୟମାନଙ୍କରେ ବିଭିନ୍ନ ଛାନ୍ଦରେ ବ୍ୟବହାର କରାଯାଇଛି ।

ଜୟଦେବଙ୍କ ଗୀତ ଗୋବିନ୍ଦରେ ୨୬ଟି ସଙ୍ଗୀତ, ୪ଟି ରାଗ, ୫ଟି ତାଳର ପ୍ରୟୋଗ ରହିଛି । ସେ ଯେଉଁ ରାଗଗୁଡ଼ିକ କାବ୍ୟରେ ପ୍ରୟୋଗ କରିଛନ୍ତି, ତାହା ଶାସ୍ତ୍ରସମ୍ମତ ଓ ପରବର୍ତ୍ତୀ କାଳରେ କାବ୍ୟ ସାହିତ୍ୟରେ ବହୁଳ ଭାବରେ ପ୍ରଭାବ ବିସ୍ତାର କରିଛି । ସଙ୍ଗୀତାଂଶରେ ନିର୍ଦ୍ଦେଶିତ ରୂପକ, ନିଃସାର, ଯତି, ଏକତାଳି ଓ ଅଷ୍ଟତାଳି ତାଳ ଗୁଡ଼ିକ ଶାସ୍ତ୍ରୀୟ । ବିଶେଷତଃ ଉତ୍କଳର ଗଜପତି କପିଳେନ୍ଦ୍ରଦେବଙ୍କ ପର୍ଶୁରାମ ବିଜୟ ନାଟକ ଠାରୁ ଆରମ୍ଭ କରି ସାରଳା ମହାଭାରତର ଭୀଷ୍ମ ପର୍ବରେ କେତେକ ନିର୍ଦ୍ଦିଷ୍ଟ ରାଗ ଉଲ୍ଲେଖ ରହିଛି । ପରିମଳା କାବ୍ୟରେ ନୃତ୍ୟଭଙ୍ଗୀ, ରାଗମାନ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ନାମୋଲ୍ଲେଖ, ଚାଟ ଇଚ୍ଛାବତୀର ତତ୍କାଳୀନ ବାଦ୍ୟଯନ୍ତ୍ର, ଶଶିସେଣାରେ ନବୀନ ଓ ଗାନ୍ଧାର ଭଳି ଗୀତର ଉଲ୍ଲେଖ

ପ୍ରଭୃତି ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚାର ପ୍ରମାଣକୁ ଦୃଢ଼ୀଭୂତ କରେ ଏବଂ ଓଡ଼ିଆ କାବ୍ୟ ଛନ୍ଦୋବଦ୍ଧ ଭାବରେ ରଚିତ ହୋଇଥିବାରୁ ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚାର ଉଭୟରୂପ ଯଥା ରାଗ ଗାୟନ ଓ ଛାନ୍ଦରଚନା ପ୍ରଚଳିତ ଥିବା ସ୍ପଷ୍ଟ ପ୍ରମାଣିତ ହୁଏ । ପ୍ରାଚୀନ କାଳର ସଙ୍ଗୀତ ମୁଖ୍ୟତଃ ଶ୍ରୁତିରଞ୍ଜନ ତଥା ପ୍ରୟୋଗାତ୍ମକ ଥିବାରୁ ଏହାର ପ୍ରଚାର ଓ ପ୍ରସାର ପାଇଁ କବିମାନେ ଏହାକୁ ଲିପିବଦ୍ଧ କରିବାର ଆବଶ୍ୟକତା ଅନୁଭବ କରିନାହାନ୍ତି । ଯାହାଫଳରେ ତତ୍କାଳୀନ ସଙ୍ଗୀତର ମୂଳରୂପକୁ ଅନୁଧ୍ୟାନ କରିବା ସମ୍ଭବ ହୋଇପାରୁ ନାହିଁ । ପଞ୍ଚଦଶ ଶତାବ୍ଦୀ ବା ପରବର୍ତ୍ତୀ କାଳରେ ଓଡ଼ିଶାରେ ସଙ୍ଗୀତ ସମ୍ପର୍କରେ କେତେକ ଗ୍ରନ୍ଥ ରଚନା କରାଯାଇଛି ; କିନ୍ତୁ ସେ ସବୁର ସହାୟକ ଗ୍ରନ୍ଥର ତତ୍କାଳୀନ ପ୍ରଚଳିତ ସଙ୍ଗୀତ ଚର୍ଚ୍ଚାର ପଦ୍ଧତି ଓ ପରମ୍ପରା ବୋଲି ସ୍ପଷ୍ଟ ଜଣା ପଡୁନାହିଁ । ସାମଗ୍ରିକ ଭାବରେ ବିଚାର କଲେ ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ଶାସ୍ତ୍ରୀୟ ସଙ୍ଗୀତ ତଥା ଛାନ୍ଦଗାନର ପ୍ରକ୍ରିୟା ଓଡ଼ିଶାରେ କେଉଁ ରୂପରେ ଥିଲା ତାହାର କୌଣସି ସ୍ପଷ୍ଟ ବିଜ୍ଞାନସମ୍ମତ ତଥା ଓଡ଼ିଶାର ସଙ୍ଗୀତଜ୍ଞମାନେ ଆବିଷ୍କାର କରିପାରି ନାହାନ୍ତି ।

## କାବ୍ୟ ସଙ୍ଗୀତ ସହିତ ଲାବଣ୍ୟବତୀର ସ୍ୱରୂପ ଓ ସମ୍ପର୍କ :

ସଙ୍ଗୀତ ଚିତ୍ତରଞ୍ଜନ ପାଇଁ ଓ କାବ୍ୟ ଆନନ୍ଦ ଦାନ ପାଇଁ ଉଦ୍ଦିଷ୍ଟ । ରସାନୁଭୂତି ପାଇଁ ସ୍ୱର ଓ କାବ୍ୟର ରସାନୁଭୂତି ପାଇଁ ଭାବକୁ ଗ୍ରହଣ କରାଯାଇଥାଏ । ସଙ୍ଗୀତରେ ସ୍ୱରକୁ ମହତ୍ତ୍ୱ ପ୍ରଦାନ ପୂର୍ବକ ଆରୋହ ଅବରୋହ କ୍ରମରେ ଧ୍ୱନିର ବିଚିତ୍ରତା ସୃଷ୍ଟି କରି ଶ୍ରୋତାର ମନୋରଞ୍ଜନ କରାଯାଏ । ପାଠକର ହୃଦୟରେ ବର୍ଣ୍ଣିତ ଭାବକୁ ଉଦ୍ରେକ କରାଇ ରସାନୁଭୂତି ସୃଷ୍ଟି କରାଯାଏ । ଏହାଦ୍ୱାରା କାବ୍ୟରେ ସଙ୍ଗୀତର ବିନିଯୋଗ କରାଯାଇ ନିର୍ଦ୍ଦିଷ୍ଟ ପଦ୍ଧତିରେ ଗାନ କରିବା ବା ଆବୃତ୍ତି ପାଇଁ ନିର୍ଦ୍ଦେଶ ଥିବା ଦେଖାଯାଏ । କାବ୍ୟାନ୍ତର୍ଗତ ଭାବ ସଙ୍ଗୀତର ମନୋମୁଗ୍ଧକର ରୂପ ମଧ୍ୟରେ ଅଧିକ ରସାଣିତ ହୋଇଥାଏ । ଉପେନ୍ଦ୍ରଭଞ୍ଜ ଓଡ଼ିଆ ସାହିତ୍ୟରେ ମଧ୍ୟଯୁଗୀୟ କାବ୍ୟାଦର୍ଶର ପ୍ରବର୍ତ୍ତକ । ତାଙ୍କର ସୃଷ୍ଟି ଓ ସାହିତ୍ୟ ସହିତ ପ୍ରତିଦ୍ୱନ୍ଦିତାରେ ତାଙ୍କର ସାଫଲ୍ୟ ଅତୁଳନୀୟ । ସମସ୍ତ ଓଡ଼ିଆ ସାହିତ୍ୟରେ କବି ଉପେନ୍ଦ୍ର ଜଣେ ଅଦ୍ୱିତୀୟ ଆଳଙ୍କାରିକ ଭାବରେ ସୁପରିଚିତ ହେଲେ ହେଁ ସେ ଥିଲେ ମୁଖ୍ୟତଃ ଜଣେ ସଙ୍ଗୀତଜ୍ଞ । ସଙ୍ଗୀତ ଶାସ୍ତ୍ର ଓ ସାଧନାରେ ତାଙ୍କର ପାରଦର୍ଶିତା ଯେପରି ଥିଲା ସଙ୍ଗୀତ ରଚନାରେ ମଧ୍ୟ ସେହି ଦକ୍ଷତା ଥିଲା । ତାଙ୍କ ରଚନାର ଛତ୍ରେ ଛତ୍ରେ ରସାଳ ଗୀତମାଧୁରୀ ସଙ୍ଗୀତର ଝଙ୍କାର ଝଙ୍କୃତ ହୁଏ । ଉପେନ୍ଦ୍ର ଚଉତିଶା, ଚଉପଦୀ, ଛାନ୍ଦ, ବୋଲି, କୋଷଗ୍ରନ୍ଥ ଇତ୍ୟାଦି ସାହିତ୍ୟର ବହୁ ବିଭାବରେ ଲେଖନୀ ଚାଳନା କରିଛନ୍ତି । ଏଥିରୁ କେତେକ ଆବୃତ୍ତିଧର୍ମୀ (ଗେୟ ରଚନା) ଓ ଅନ୍ୟକେତେକ ସଙ୍ଗୀତର ମଧୁର ମୂର୍ଚ୍ଛନାରେ ନିବନ୍ଧ ରଚନା । ସେ ଛାନ୍ଦ ରଚନା ଓ ମୁକ୍ତକ ରଚନାରେ ସଙ୍ଗୀତର ପୂର୍ଣ୍ଣ ପ୍ରୟୋଗ କରିଛନ୍ତି । ଓଡ଼ିଆ ସାହିତ୍ୟରେ ପୂର୍ବରୁ କୌଣସି କବି ଛାନ୍ଦ ତଥା ମୁକ୍ତକ ରଚନା ମଧ୍ୟରେ ସଙ୍ଗୀତର ଏପରି ମଧୁର ଓ ମନୋଜ୍ଞ ମନ୍ଦାକିନୀ ପ୍ରବାହିତ କରିବାରେ ସମର୍ଥ ହୋଇପାରିନାହାନ୍ତି ।

ଉପେନ୍ଦ୍ରଙ୍କ କାଳ୍ପନିକ କାବ୍ୟଗୁଡ଼ିକ ପରି ଲାବଣ୍ୟବତୀ ମୁଖ୍ୟତଃ ଛାନ୍ଦଧର୍ମୀ ରଚନା ।

ଏହି କାବ୍ୟର ଅନେକ ସ୍ଥଳରେ ସଙ୍ଗୀତର ଅନ୍ୟାନ୍ୟ ତତ୍ତ୍ୱ ବ୍ୟାଖ୍ୟା ଓ ଏହାର ପ୍ରୟୋଗ ବିଧି ସମ୍ପର୍କରେ କବି ଆଲୋଚନା କରିଥିବାରୁ ସାମଗ୍ରିକ ଭାବରେ ସଙ୍ଗୀତ କହିଲେ ଯେଉଁ ଗୀତ, ବାଦ୍ୟ ତଥା ନୃତ୍ୟକୁ ବୁଝାଇଥାଏ, ସେହି ଭିତ୍ତିରେ ସଙ୍ଗୀତର ଆଲୋଚନା ଉପସ୍ଥାପିତ କରାଯାଇପାରେ । ଗୀତ ବା ଗାୟନ ସାଧାରଣତଃ କଣ୍ଠ ସଙ୍ଗୀତକୁ ବୁଝାଇଥାଏ । ପ୍ରାଚୀନ କାଳରୁ ମଣିଷ ସହ ସମ୍ପୃକ୍ତ ଥିବା ଏହି କଣ୍ଠ ସଙ୍ଗୀତ ଜନରୁଚିର ପରିବର୍ତ୍ତନ ସହିତ ବିଭିନ୍ନ ରୂପରେ ପ୍ରକାଶ ପାଇଛି । ସମୟକ୍ରମେ ଶାସ୍ତ୍ରୀୟ ନିୟମରେ ଆବଦ୍ଧ ହୋଇ ଶାସ୍ତ୍ରୀୟ ସଙ୍ଗୀତ ଗୌରବ ଲାଭ କରିଛି । ଶାସ୍ତ୍ରୀୟ ସଙ୍ଗୀତ ବ୍ୟତୀତ ଲୋକଗାନ, ଛାନ୍ଦଗାନ, ଯଶଗାନ, ବିଜୟଗାନ ତଥା ମଙ୍ଗଳଗାନ ଭଳି ବହୁବିଧ ରୂପରେ ଗୀତ ଗାୟନ ଭାରତୀୟ ସମାଜରେ ପ୍ରଚଳିତ ରହିଛି । ଉପେନ୍ଦ୍ରଙ୍କ ଲାବଣ୍ୟବତୀରେ ଯଶଗାନ ବା କୀର୍ତ୍ତିଗାନ, ବିଜୟଗାନ, ମଙ୍ଗଳଗାନ ଭଳି ବହୁବିଧ ରୂପରେ ଗୀତ ଗାୟନ ଭାରତୀୟ ସମାଜରେ ପ୍ରଚଳିତ ରହିଛି । 'ଲାବଣ୍ୟବତୀ'ରେ ଯଶଗାନ ବା କୀର୍ତ୍ତିଗାନ, ବିଜୟଗାନ, ମଙ୍ଗଳଗାନ ଲୌକିକଗାନ ସମ୍ପର୍କରେ ଉଲ୍ଲେଖ ଅଛି ।[୧୦୭][୧୦୮] ଲାବଣ୍ୟବତୀ କାବ୍ୟରେ ନାୟିକାର ବିବାହ ଉତ୍ସବବେଳେ ଗଣିକାଙ୍କ ଦ୍ୱାରା ମଙ୍ଗଳଗୀତ ଗାନ କରାଯାଇଥିବାର ସୂଚନା ମିଳେ । ସେହିପରି ରାଜାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କିମ୍ବା ଋତୁରାଜ ବସନ୍ତର ଆଗମନରେ କୋଇଲିର କୁହୁ ସ୍ୱରକୁ ମଙ୍ଗଳଗୀତ ଭାବରେ ଉପେନ୍ଦ୍ରଭଞ୍ଜ 'ଲାବଣ୍ୟବତୀ'ରେ ଦର୍ଶାଇଛନ୍ତି । 'ଲାବଣ୍ୟବତୀ'ର ତୃତୀୟ ଛାନ୍ଦରେ ନାୟିକାର ପୁଷ୍ପବତୀ ହେବା ସମୟରେ ସଖୀମାନଙ୍କ ଦ୍ୱାରା ଗୀତ ଗାନ ହେଉଥିବା ମଙ୍ଗଳଗୀତିକୁ ଯଜ୍ଞବେଦୀରେ ବ୍ରାହ୍ମଣମାନଙ୍କ ଦ୍ୱାରା ଅନୁଷ୍ଠିତ ମନ୍ତ୍ରପାଠ ସହିତ ତୁଳନା କରାଯାଇଛି ।

## ଲାବଣ୍ୟବତୀରେ ରାଗବୈଚିତ୍ର୍ୟ :

ଉପେନ୍ଦ୍ରଙ୍କ ଲାବଣ୍ୟବତୀ କାବ୍ୟର ଅନେକ ସ୍ଥଳରେ ରାଗ ଗାୟନ ପ୍ରଣାଳୀର ଉଲ୍ଲେଖ କରାଯାଇଥିବାରୁ କବି ସଙ୍ଗୀତର ଏହି ରାଗ ତତ୍ତ୍ୱ ସମ୍ପର୍କରେ ପ୍ରବୀଣ ଥିବା ଜଣାଯାଏ । କାବ୍ୟର ଆତ୍ମିକ ସୌନ୍ଦର୍ଯ୍ୟରେ ଏହି ରାଗ ବୈଚିତ୍ର୍ୟ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରେ । ଉପେନ୍ଦ୍ରଙ୍କ କାବ୍ୟ ତଥା ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ଛାନ୍ଦଗୁଡ଼ିକୁ ବିଭିନ୍ନ ରାଗରେ ଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଏଗୁଡ଼ିକୁ ଛାନ୍ଦ, ବାଣୀ ବା ବୃତ୍ତର ପର୍ଯ୍ୟାୟବାଚୀ ଶବ୍ଦ ରୂପେ ଗ୍ରହଣ କରାଯାଇପାରେ । ତତ୍ତ୍ୱ ଦୃଷ୍ଟିରୁ ଛାନ୍ଦବୃତ୍ତକୁ ବିଭିନ୍ନ ରାଗ ନାମରେ ଗ୍ରହଣ କରିବା ଅନୁଚିତ । ଓଡ଼ିଆ ସାହିତ୍ୟରେ ଛାନ୍ଦ ବୃତ୍ତ ରାଗ ନାମରେ କେଉଁ ସମୟରୁ ଗୃହୀତ ହୋଇଛି ତାହାର ସଠିକ୍ ପ୍ରମାଣ ମିଳେନାହିଁ । ବୋଧହୁଏ ମଧ୍ୟଯୁଗୀୟ ପ୍ରତ୍ୟେକ କବି ଶାସ୍ତ୍ରୀୟ ସଙ୍ଗୀତରେ ପ୍ରବୀଣ ହୋଇ ଛାନ୍ଦ ରଚନା କରିବାରେ ମନୋନିବେଶ କରିଥିବାରୁ ଶାସ୍ତ୍ରୀୟ ରାଗର ରୂପ ବା ଛାୟାକୁ ଛାନ୍ଦ ରଚନା କାଳରେ ପ୍ରୟୋଗ କରି ସେହି ରାଗ ରୂପରେ ଗାନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲାବଣ୍ୟବତୀରେ ବସନ୍ତ ସୋମ, କେଦାର, ଭୈରବ, କଳହଂସକେଦାର, ନଳିନୀଗୌଡ଼ା, ଚୋଖି, ଚକ୍ରକେଳି, ବଙ୍ଗଳାଶ୍ରୀ,

ମଙ୍ଗଳଗୁଜ୍ଜରୀ, ଆଶାବରୀ, ପଞ୍ଚମବରାଡ଼ି ରାଗର ନାମ ଉଲ୍ଲେଖ କରି କବି କାବ୍ୟର ପଦରଚନା କରିଛନ୍ତି ।

'ଲାବଣ୍ୟବତୀ'ର କଥାବସ୍ତୁ, ଅଳଙ୍କାର ସଂଯୋଜନା, ଛନ୍ଦ ଇତ୍ୟାଦି ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୪୮ ଛାନ୍ଦରେ ଲାବଣ୍ୟବତୀ କାବ୍ୟରେ ଆଶାବରୀ, କଉଶିକ, କନଡ଼ା, କଳସ, କଳହଂସକେଦାର, କଲ୍ୟାଣଆହାରୀ, କାମୋଦି, କାଳୀ, କୁମ୍ଭ କାମୋଦି, ଖଣ୍ଡକାମୋଦି, ଗୁଜ୍ଜରୀ, ଘଣ୍ଟାରବ, ଚିନ୍ତାଦେଶାକ୍ଷ, ଚିନ୍ତାଭୈରବ, ଚୋଖି, ଦେଶାକ୍ଷ, ନଳିନୀଗୌଡ଼ା, ପଟହମଞ୍ଜରୀ, ପଞ୍ଚମବରାଡ଼ି, ପାହାଡ଼ିଆକେଦାର, ବଙ୍ଗଳାଶ୍ରୀ, ବରାଡ଼ି, ବସନ୍ତ, ବସନ୍ତବରାଡ଼ି, ବସନ୍ତଭୈରବ, ବିଭାସଗୁଜ୍ଜରୀ, ଭୂପାଳ, ଭୈରବ, ବିଚିତ୍ରଦେଶାକ୍ଷ, ମଙ୍ଗଳଗୁଜ୍ଜରୀ, ମାଳବ, ମୁଖାବରୀ, ରସକୁଲ୍ୟା, ରାମକେରୀ, ରାମବିଜେ, ଶଙ୍କରାଭରଣ ଓ ସାମଗୁଜ୍ଜରୀ ରାଗ ବ୍ୟବହାର କରାଯାଇଛି । ଏଥିରେ ମୌଳିକ ରାଗ, ରାଗିଣୀ, ଉପରାଗ ଓ ଉପରାଗିଣୀର ବ୍ୟବହାର କରାଯାଇଥିଲେହେଁ ପାହାଡ଼ିଆକେଦାର, ବସନ୍ତ ବରାଡ଼ି, ବସନ୍ତ ଭୈରବ, ମଙ୍ଗଳ ଗୁଜ୍ଜରୀ ପରି କେତେକ ମିଶ୍ର ରାଗର ବ୍ୟବହାର ମଧ୍ୟ କରାଯାଇଛି ।

ଅଧିକାଂଶ କ୍ଷେତ୍ରରେ କେତେକ ଛାନ୍ଦର ରାଗକୁ ସେହି ରାଗରେ ନଗାଇ ଅନ୍ୟବାଣୀରେ ଗାଇବାକୁ ଉପେନ୍ଦ୍ର ଭଞ୍ଜ ନିର୍ଦ୍ଦେଶ ଦେଇଛନ୍ତି । ଯେତେଦୂର ମନେହୁଏ ଗୋଟିଏ ଗୋଟିଏ ରାଗକୁ ବିଭିନ୍ନ ଗାୟକ ଭିନ୍ନ ଭିନ୍ନ ସ୍ୱରରେ ଗାନ କରୁଥିଲେ । ତତ୍‌କାଳୀନ ସମାଜରେ ଏହି ବାଣୀଗୁଡ଼ିକ ସର୍ବାଧିକ ପ୍ରଚାରିତ, ପ୍ରତିଷ୍ଠିତ, ଆଦୃତ ତଥା ଜନପ୍ରିୟ ହୋଇଥିଲା । ତେଣୁ କବି ରାଗ ନଳିନୀଗୌଡ଼ାକୁ 'ରାମବିଭା' ପ୍ରଥମଛାନ୍ଦ ବାଣୀରେ ଓ ତାଡ଼କ ସଂହାରୀ ରାମ ଏ ବାଣୀରେ, କେଦାରକୁ ଚକ୍ରକେଳି, ରାମକେରୀକୁ ଯୋଗୀ ସମାଦି, ଭୂପାଳକୁ ଚଣ୍ଡିକା, ଦେଶାକ୍ଷକୁ ସଜନୀ ଚଉତିଶା, ଚୋଖିକୁ ସପନ ଚଉତିଶା, କଉଶିକକୁ କୁମୁଦକାନ୍ତ ଚଉତିଶା, ମୁନିବର ଓ ହରି ଚଉତିଶା, କଳହଂସ କେଦାରକୁ ମଥୁରା ବିଜେ, ବସନ୍ତ ଭୈରବକୁ 'ଉଷା', ଦ୍ୱାଦଶ ଛାନ୍ଦ ବା କଳସା, ଗୁଜ୍ଜରୀକୁ ଚନ୍ଦ୍ରାବତୀ ସ୍ୱୟମ୍ବରର ବା ଭାଗବତ, ଶଙ୍କରାଭରଣକୁ ସୀତାହରଣ ଚଉତିଶା, ମାଳବକୁ ରୋଢ଼ା, ଚିନ୍ତାଭୈରବକୁ ଇଚ୍ଛାବତୀ, ଭୈରବକୁ ବଡ଼ ଅନୁକୂଳେ ଜାତ ସଖୀଯେ, କଲ୍ୟାଣ ଆହାରୀକୁ 'ତୋ ନାଥ ଏହିକ୍ଷଣି ଥିଲାପଲଙ୍କେ, ଚିନ୍ତାଦେଶାକ୍ଷକୁ 'ପଙ୍କଜ ବଦନଲୁକେ କଜ୍ଜ୍ୱଳ ଜଳେ', ମଙ୍ଗଳଗଜ୍ଜୁରୀକୁ 'ଜଗନ୍ନାଥ ନାମ ଦଶଦିଶକୁ ମଙ୍ଗଳ', ମାଳବକୁ ହଳଦିଘେନିଣ ତହିଁ ନାରୀ ଏ' ଅନ୍ତଃପୁର ମଣୋଇ ଭିଆଇ ବାଣୀରେ ଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ରାଗବିଜେ ରାଗର ତାଳରୂପକ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ପଟହମଞ୍ଜରୀ, ବସନ୍ତ, ସାମଗୁଜ୍ଜରୀ, କନଡ଼ା, ପାହାଡ଼ିଆ କେଦାର, ଘଣ୍ଟାରବ, ପଞ୍ଚମ ବରାଡ଼ି (୩୩ ଛାନ୍ଦ), କଳସ, କାଳୀ, ବଙ୍ଗଳାଶ୍ରୀ, କୁମ୍ଭକାମୋଦି, ବିଚିତ୍ର ଦେଶାକ୍ଷ, ବିଭାସ ଗୁଜ୍ଜରୀ ଓ ଖଣ୍ଡ କାମୋଦି ରାଗର କୌଣସି ବାଣୀ ନିର୍ଦ୍ଦେଶ କରାଯାଇ ନାହିଁ । ଆଉ କେତେକ ଛାନ୍ଦରେ ଏକାଧିକ ରାଗ ନିର୍ଦ୍ଦେଶ କରାଯାଇଛି । ଯଥା ୩୪ ଛାନ୍ଦର ରାଗ କଲ୍ୟାଣ

ଆହାରୀ ବା ଚିନ୍ତାବରାଡ଼ି, ବସନ୍ତ ବରାଡ଼ି, ୩୯ ଛାନ୍ଦର ରାଗ ମୁଖାବରୀ ବା ଆଷାଢ଼ଶୁକ୍ଳବାଣୀ ମତାନ୍ତରେ ଚିନ୍ତାମୁଖାରୀ ଛାନ୍ଦ ଚଉତିଶା ବାଣୀ, ୪୨ ଛାନ୍ଦକୁ ଦେଶାକ୍ଷ ବା କେଦାର ରାଗ, ୪୬ ଛାନ୍ଦକୁ ଆଶାବରୀ ବା ମଙ୍ଗଳଗୁଜ୍ଜରୀ ବାଣୀ ନାମରେ ନାମିତ କରିଛନ୍ତି । କର୍ଣ୍ଣାଟକୀ, ହିନ୍ଦୁସ୍ଥାନୀ ବା ଓଡ଼ିଶୀ ସଙ୍ଗୀତ ପରମ୍ପରାରେ ଛାନ୍ଦଗୁଡ଼ିକୁ ଉପେନ୍ଦ୍ରଙ୍କ ସମକାଳୀନ ସମାଜରେ ସଙ୍ଗୀତଜ୍ଞମାନେ ଗାନ କରୁଥିଲେ । ତେଣୁ 'ଲାବଣ୍ୟବତୀ' କାବ୍ୟର ଆତ୍ମିକ ରସସମ୍ପଦ ଭାବରେ ସାଙ୍ଗୀତିକତା, ରାଗରାଗିଣୀ, ଛନ୍ଦ ପ୍ରଭୃତିର ବୈଶିଷ୍ଟ୍ୟ ବିଶେଷ ପ୍ରଣିଧାନଯୋଗ୍ୟ । ୪୮ ଛାନ୍ଦ ବିଶିଷ୍ଟ ଏହି କାବ୍ୟରେ ଗୋଟିଏ ଛାନ୍ଦ ସହିତ ପରବର୍ତ୍ତୀ ଛାନ୍ଦର ସମ୍ପର୍କ ଓ ସଂଯୋଗ ରହିଛି । ଅଥଚ ସଙ୍ଗୀତ ଭାବରେ ପ୍ରତ୍ୟେକ ଛାନ୍ଦର ସ୍ୱାତନ୍ତ୍ର୍ୟ ସ୍ୱୀକୃତ । ପ୍ରତ୍ୟେକ ଛାନ୍ଦର ବିଷୟବସ୍ତୁ ମଧ୍ୟ ଗାୟନ କାଳରେ ନିଜର ପ୍ରାଧାନ୍ୟ ଓ ମହତ୍ତ୍ୱ ପ୍ରତିଷ୍ଠା କରିଥାଏ । ଅର୍ଥାତ୍ ସମ୍ପୂର୍ଣ୍ଣ ସ୍ୱାବଲମ୍ବନଶୀଳତାର ପରିଚୟ ଦେଇଥାଏ । ସେ ନିଜ ସମୟର ଯଥାର୍ଥ ବିନିଯୋଗ ପାଇଁ ଗୋଟିପୁଅମାନଙ୍କୁ ସଙ୍ଗୀତ ଶିକ୍ଷା ଦେଇ ଅବସର ବିନୋଦନ କରୁଥିଲେ; କିନ୍ତୁ ଏହି ଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରାଯାଇ ନପାରେ । ଉପେନ୍ଦ୍ର ଭଞ୍ଜଙ୍କ ଯୁଗରେ କାଗଜର ପ୍ରଚଳନ ଥିଲେ ବି ଆମ ଦେଶକୁ ମୁଦ୍ରାଯନ୍ତ୍ର ବହୁଦିନ ପରେ ଆସିଲା । ସେତେବେଳେ କାଗଜ ଅପେକ୍ଷା ତାଳପତ୍ର ବା ପୋଥିର ଅଧିକ ବ୍ୟବହାର କରାଯାଉଥିଲା । ଜଣେ ଲିଖନକାର ଗୋଟିଏ ଗୋଟିଏ ପୋଥିକୁ ନକଲ କରିବାକୁ ଦୀର୍ଘ ସମୟ ନେଉଥିଲେ । ତେଣୁ କାବ୍ୟକୁ ସଙ୍ଗୀତ ମୁଖର କରିଦେଲେ ଲୋକଙ୍କ ତୁଣ୍ଡରେ ଅତି ସହଜରେ ପ୍ରଚାର ହୋଇପାରୁଥିଲା ।

ପାଲା, ଦାସକାଠିଆ, ଗୋଟିପୁଅ ଆଖଡ଼ା ପିଲା, କେନ୍ଦୁଣୀବାଈ, ନଟ, ଭାଟ, ବନ୍ଦି, ଚାରଣ, ହରିକଥା, କଳାକାର, କେନ୍ଦରା, ଧୁଡ଼ିକି, ଖଞ୍ଜଣି ଓ ଏକତାରା ବାଦକ ଗଣ ଗୀତପ୍ରଚାରର ମାଧମ ଥିଲେ । ତେଣୁ ଉପେନ୍ଦ୍ରଭଞ୍ଜଙ୍କ ଛାନ୍ଦ ଗୁଡ଼ିକ ଉତ୍ତମ ରସ, ସ୍ୱର, ରାଗ, ଅଳଙ୍କାର ତଥା ପ୍ରମାଣଯୁକ୍ତ ମଧୁରାକ୍ଷରରେ ପରିପୂର୍ଣ୍ଣ ହୋଇଥିଲାଂ । 'ଲାବଣ୍ୟବତୀ' କାବ୍ୟରେ ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ଦଶଟି ଛାନ୍ଦ ଲିଖିତ । ତାଙ୍କର କାବ୍ୟଗୁଡ଼ିକର ସାଙ୍ଗୀତିକ ମାଧୁର୍ଯ୍ୟ ଉଭୟ ପାଠକ ଓ ଶ୍ରୋତାଙ୍କ ହୃଦୟକୁ ଚିରକାଳ ଆଚ୍ଛନ୍ନ କରି ରଖିପାରିଛି । ସଙ୍ଗୀତର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ବାଦ୍ୟକୁ ଶାସ୍ତ୍ରୀୟ ଦୃଷ୍ଟିକୋଣରୁ ତତ୍, ଶୁଷିର, ଘନ ତଥା ଅନବଦ୍ଧ ଭାବରେ ବିଭକ୍ତ କରାଯାଇଛି । ଯେଉଁ ବାଦ୍ୟ ଯନ୍ତ୍ର ତାରରେ ବଜାଯାଏ ତାହା ତତ୍ । ରନ୍ଧ୍ରଯୁକ୍ତ ଯନ୍ତ୍ର ବାୟୁଦ୍ୱାରା ଧ୍ୱନି ଅନୁରଣନ କରାଯିବା ବାଦ୍ୟକୁ ଶୁଷିର, ଚମଡ଼ା ଦ୍ୱାରା ବନ୍ଧାଯାଇଥିବା ବାଦ୍ୟକୁ ଅନବଦ୍ଧ, କୌଣସି ଧାତୁ ଦ୍ୱାରା ନିର୍ମାଣ କରାଯାଇଥିବା ଓ ଆଘାତ କରି ନାଦ ସୃଷ୍ଟି କରାଯାଉଥିବା ବାଦ୍ୟକୁ ଘନବାଦ୍ୟ କୁହାଯାଏ । ଲୟ ବା ତାଳକୁ ସଙ୍ଗୀତରେ ସୁରକ୍ଷିତ କରିବା ପାଇଁ ବାଦ୍ୟଯନ୍ତ୍ର ଅନିବାର୍ଯ୍ୟ । ଲାବଣ୍ୟବତୀ କାବ୍ୟର ଅନେକସ୍ଥଳରେ ବାଦ୍ୟ ସମ୍ପର୍କୀୟ ପର୍ଯ୍ୟାପ୍ତ ସୂଚନାମିଳେ । ନାୟକ ନାୟିକାଙ୍କ ବିବାହ ଅଭିଷେକ ଆଦି ଉତ୍ସବରେ ବର୍ଣ୍ଣନାରେ ପଟହ ବାଦନ ପ୍ରସଙ୍ଗ ରହିଛି । ଲାବଣ୍ୟବତୀ କାବ୍ୟରେ କବି ତୁରୀ

ବାଦ୍ୟର ଉଲ୍ଲେଖ ବିବିଧ ପ୍ରସଙ୍ଗରେ କରିଛନ୍ତି । ଓଡ଼ିଶାର ବିଭିନ୍ନ ମନ୍ଦିର ଗାତ୍ରରେ ଏହି ବାଦ୍ୟର ଚିତ୍ର ଖୋଦିତ ହୋଇଥିବାର ଦେଖାଯାଏ ।

ଅନ୍ୟାନ୍ୟ ବାଦ୍ୟ ଅପେକ୍ଷା ଭଞ୍ଜ ସାହିତ୍ୟରେ ତାଳ ବାଦ୍ୟର ଉଲ୍ଲେଖ ଅଧିକ । ଏହିସବୁ ବାଦ୍ୟଯନ୍ତ୍ର ମଧ୍ୟରେ ନୃତ୍ୟକାଳରେ ମର୍ଦ୍ଦଳ, ବିଜୟ ଘୋଷଣା ବେଳେ ତୁରୀ, ମଙ୍ଗଳ ଅବସରରେ ଶଙ୍ଖମହୁରୀ ବାଦ୍ ଯାଉଥିବା ଜଣାଯାଏ, ଠାକୁରଙ୍କ ଯାତ୍ରା ଉତ୍ସବ ତଥା ରାଜାଙ୍କ ଯାତ୍ରା ଓ ବିବାହବେଳେ କର୍ଣ୍ଣାଳ, କାହାଳୀ, ଯାତ୍ରା ଓ ବିବାହ ବେଳେ ପଟହ, ବେଣୁ, ଢ଼ମ୍ପା, ରବା, ମୃଦଙ୍ଗ, ମର୍ଦ୍ଦଳ, ସ୍ୱରମଣ୍ଡଳ, ଅମୃତ, ମେଘା, ଝର୍ଝରା, ନିଶାଣ, ମଣ୍ଡୁକ, ଘଣ୍ଟ, କଂସାଳ, ତୁରୀ, ଭେରୀ, ମୁରୁଜ, ଡ଼ିଣ୍ଡିମ ଇତ୍ୟାଦି ବାଦନ କରାଯାଉଥିଲା । ''ଶଙ୍ଖ ଶଙ୍ଖ ଶଙ୍ଖ ବାଜେ ଅସଂଖ୍ୟ ମାଧୁରୀ / ଘଣ୍ଟ ପଟହ କଂସାଳ ତାଳ ତୁରୀ ଭେରୀ ଯେ ॥ ୪୦ ॥ କର୍ଣ୍ଣାଳ କାହାଳ ବିଜିଘୋଷବେଣୁ ଢ଼ମ୍ପା / ମୁରୁଜ ଡ଼ିଣ୍ଡିମ ଦୁନ୍ଦୁଭିରେ ମହୀକମ୍ପା ଯେ ॥ ୪୧॥ ବୀଣାରବା ତାଳୀ ତାଳ ମୃଦୁଙ୍ଗ ମର୍ଦ୍ଦଳ / ସ୍ୱରମଣ୍ଡଳ ଅମୃତ ବା ଏଗୁଣୀ କୁଳ ଯେ ॥ ୪୨ ॥ [୧୦୯] ଏହି ବାଦ୍ୟଯନ୍ତ୍ର ମଧ୍ୟରୁ କେତେକ ତୈଲଙ୍ଗୀ ବାଦ୍ୟ ରୂପେ ପରିଚିତ ଥିଲା । ଓଡ଼ିଶୀ ସଙ୍ଗୀତ ଗାୟନ ବେଳେ ମୃଦଙ୍ଗ ସହ ଗିନିକୁ ଉପଯୋଗ କରାଯାଉଥିଲା । କବି ତେଣୁ ଏହି ତାଳକୁ ନେଇ ଏକ ଶ୍ଳେଷାତ୍ମକ ପଦ ରଚନା କରିବାର ସୂଚନା ମିଳେ । ଭାରତର ବିଭିନ୍ନ ପ୍ରାନ୍ତରରେ ପ୍ରଚଳିତ ବିବିଧ ଶାସ୍ତ୍ରୀୟ ନୃତ୍ୟଶୈଳୀ ଭାରତନାଟ୍ୟମ୍, କଥକଳି, ମଣିପୁରୀ, କଥକ, ଓଡ଼ିଶୀ, କୁଚିପୁଡ଼ି ବ୍ୟତୀତ ଲୋକନୃତ୍ୟର ପ୍ରଚଳନ ଦେଖାଯାଏ । ମୁଖ୍ୟଭାବରେ ତାଣ୍ଡବ ତଥା ଲାସ୍ୟ ଭେଦରେ ଏହି ନୃତ୍ୟର ବିଭିନ୍ନ ଅଙ୍ଗସଞ୍ଚାଳନ, ହାବ, ଭାବ ଓ ଅଭିନୟ ଦ୍ୱାରା ପ୍ରକାଶ କରାଯାଇଥାଏ । ନୃତ୍ୟ ପାଇଁ ସଙ୍ଗୀତ କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ମଧ୍ୟ । ଓଡ଼ିଶାରେ ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ପରମ୍ପରା ଅତି ପ୍ରାଚୀନ କାଳରୁ ଦେଖାଯାଏ । ଲାବଣ୍ୟବତୀ କାବ୍ୟରେ ନୃତ୍ୟଭଙ୍ଗୀ ଚକ୍ଷୁରେ ନର୍ତ୍ତନଶୀଳ ରୂପ, ଭଉଁରୀ ଇତ୍ୟାଦି ଉଲ୍ଲେଖ ଥିବାରୁ ନୃତ୍ୟ ସମ୍ପର୍କରେ କବି ଅବଗତ ଥିବା ଜଣାଯାଏ ।

ଉପେନ୍ଦ୍ର ଭଞ୍ଜ ଉଭୟ ଆଳଙ୍କାରିକ ଓ ସାଙ୍ଗୀତିକ ଧ୍ୱନି ସୌନ୍ଦର୍ଯ୍ୟ ସମ୍ପର୍କରେ ବିଶାରଦ ଭାବରେ ସ୍ୱୀୟ ଲାବଣ୍ୟବତୀ କାବ୍ୟକୁ ଉଭୟ ସୌନ୍ଦର୍ଯ୍ୟରେ ବିଭୂଷିତ କରିଛନ୍ତି । ବିଭିନ୍ନ ଆତ୍ମିକସୌନ୍ଦର୍ଯ୍ୟର ଆତ୍ମସ୍ଥ ବିଭବରେ ଲାବଣ୍ୟବତୀ କାବ୍ୟ ବିଭୂଷିତ ହୋଇଛି । ଏହି ସମଗ୍ର କାବ୍ୟିକ ବିଶେଷତ୍ୱର ଚିରନ୍ତନ ମୂଲ୍ୟବୋଧ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯାଉଛି ।

## ପାଦଟୀକା :

୧. ଉଦ୍‌ଗାତା, ଗୋବିନ୍ଦ ଚନ୍ଦ୍ର, 'ଅଳଙ୍କାର ପ୍ରସଙ୍ଗ', ରସର ଇତିହାସ, ପୃ - ୨,୩ ।

୨. ଉଦ୍‌ଗାତା, ଗୋବିନ୍ଦ ଚନ୍ଦ୍ର, 'ଅଳଙ୍କାର ପ୍ରସଙ୍ଗ', ନାଟ୍ୟଶାସ୍ତ୍ର ଭରତ, ପୃ - ୨,୩ ।

୩. ଡଃ. ମହାପାତ୍ର, ସଙ୍ଘମିତ୍ରା, 'ଲାବଣ୍ୟବତୀ ଏକ ଅଧ୍ୟୟନ', (ଅପ୍ରକାଶିତ) ପି.ଏଚ୍.ଡି ଗବେଷଣା ନିବନ୍ଧ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ପୃ - ୨୩୪ ।

୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ - ୨୩, ପୃ - ୧୯ ।

୫. ଭଞ୍ଜ, ଉପେନ୍ଦ୍ର, "ଭ୍ରମରେ ଏହି ବଦନ ଭ୍ରମରେ ସାରସ/ ଚୁମ୍ୱତି ଭାବି ଚୁମ୍ବନ ଦେଇ ସେ ହରଷ ଯେ/ଅଙ୍ଗହାର କରି ହାର କରି ଆଲିଙ୍ଗନ/ ଧିକ୍ କଲା ଘନସାର ଚନ୍ଦନ ଲେପନ ଯେ ।। ୧୨ ।।", ଲାବଣ୍ୟବତୀ, ୩୩ ଛାନ୍ଦ, ପଦ -୧୨, ପୃ - ୨୯୨ ।

୬. ଭଞ୍ଜ, ଉପେନ୍ଦ୍ର, "ନିଷେଧିଲା କରକୋରୁ କରି କରେ କର / କରୀ ଧରି ହୋଏ ନିକି ମୃଣାଳ ସୂତ୍ର କରେ ଯେ / ପୁଂସ କକ୍ଷମୂଳେ ଚିପି ଦେଇ ନଖମୁନ / କୁଚାଗ୍ରେ ସମଗ୍ରେ କଲା ରଦନୀ ଚାଳନ ଯେ ।। ୧୬ ।।", ଲାବଣ୍ୟବତୀ, ୩୩ ଛାନ୍ଦ, ପଦ - ୧୬, ପୃ -୨୯୩ ।

"ଦଶନେ ଦଂଶନ କରି ଗଣ୍ଡମଣ୍ଡଳକୁ / ଚାକିଦେଲେ ଚନ୍ଦ୍ର ଥିଲା ଶରୀର ସ୍ଥଳକୁ ଯେ / ସୀତ୍କାର ଭଜି ରସିକା ହୋଇଲା ଅଜ୍ଞାନ / ବିଶେଷତଃ ମାଦକପାନରେ ଯଥା ଜନ ଯେ" ।।୧୭ ।।, ୩୩ ଛାନ୍ଦ, ପଦ - ୧୭, ପୃ -୨୯୪ ।

୭. ଭଞ୍ଜ, ଉପେନ୍ଦ୍ର, "ସେ ରତି ମଧୁକୁ ଏ ଯେ ବରଷା ପ୍ରାୟକ / କିଙ୍କିଣୀ କେକୀ ନାଦରେ ମୂକ ଜଳାପିକ ଯେ / ଯୋଷା ମୁଖେ ସ୍ୱେଦବିନ୍ଦୁ ଚାହିଁ ପୁସଲୋଭା / ଇନ୍ଦୁ ଅମୃତ ବିନ୍ଦୁ ବହିଲା ପ୍ରାୟ ଶୋଭା ଯେ ।" ।। ୨୮ ।।, ଲାବଣ୍ୟବତୀ, ୩୩ ଛାନ୍ଦ, ପଦ - ୨୮, ପୃ - ୨୯୬ ।

୮. ଭଞ୍ଜ, ଉପେନ୍ଦ୍ର, "ହାସ ଅଧର ଚାହିଁଲେ ଏ ସଂଶୟ / କରିଅଛି କାହା ଶୋଭା କେ ଉଦୟ ।। ୬୨ ।। ବାଳଅରୁଣ କି ସୁଧା ସ୍ନାନ କରି / ଅନୁରାଗ ହରଷ ମିଶିଲା ପରି ।। ୬୩ ।।", ଲାବଣ୍ୟବତୀ, ୭ମ ଛାନ୍ଦ, ପଦ - ୬୨, ୬୩, ପୃ- ୭୨ ।

୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ଲକ୍ଷ୍ମୀ ପୂରିତ ସେ ସବୁକାଳେ/ ଏବେ ଅଧିକ ରାଜକୁମାରୀ ବଳେ ।। ୪୩ ।।", ଲାବଣ୍ୟବତୀ, ୭ମ ଛାନ୍ଦ, ପଦ - ୪୩, ପୃ- ୭୧ ।

୧୦. ଭଞ୍ଜ, ଉପେନ୍ଦ୍ର, "ସରସୀଜେ ଶିଶୁ ଆଳୀଆବଳୀ / ବସିଥିଲା ପରି ଅଳକାଝଳି / ଅଧରେ ତ ଅଛି ହାସଝଲକ / କର୍ପୂରେ ମାଜିଲା ପରା ମାଣିକ୍ୟ / କି ସୁନ୍ଦର ! ପୁଣି ପକ୍ଷ୍ମ ଚାତୁରୀ / ଚାକିଦେବା ଧୈର୍ଯ୍ୟ କତୁରୀ ।। ୩ ।।" , ଲାବଣ୍ୟବତୀ, ୧୦ମ ଛାନ୍ଦ ପଦ - ୩, ପୃ - ୮୬ ।

୧୧. ଭଞ୍ଜ, ଉପେନ୍ଦ୍ର, " ହାସ ନାସା ଗତିରୀତି ବଚନ ରମ୍ୟତା ପ୍ରୀତି / ଏକାନ୍ତ ହେବାକି ଯେତେ କଥା ସୁମରେ / ସ୍ୱରଭଙ୍ଗ ପ୍ରବନ୍ଧରେ ଭାଷା କେ ବର୍ଣ୍ଣେ ଉଚ୍ଚରେ / ତଥାପି ବାଳା ଭାଟନା ଥାଇ ତହିଁରେ / ସବର୍ଣ୍ଣାଦି ଶବଦ ଶୁଣି / ସାଧୁ ଶୁକ ଅଇଲେ କି ହୁଅଇ ଗୁଣି ।। ୪ ।।", ଲାବଣ୍ୟବତୀ, ୧୧ ଛାନ୍ଦ, ପଦ - ୪, ପୃ -୯୪,୯୫ ।

୧୨. ଭଞ୍ଜ, ଉପେନ୍ଦ୍ର, " ଅଣିମାଦି ସୁଖଦାୟୀ ଶୋଭି ଅଛି ଅଣିହୋଇ / ପଲ୍ୟଙ୍କ ଅଙ୍କରେ ଦିଶେ ଏମନ୍ତ ଶୋଭା / ରସାଣ ରଜତବାଡ଼େ କନକଲତା କି ଜଡ଼େ / ବିଶଦ ଘନରେ କି

ସେ ଚପଳପ୍ରଭା / ବାମକର କପୋଳତଳ / କେନ୍ଦୁ ପଲ୍ଲବେ ଥୁଆକି ଫୁଲ୍ଲକମଳ ॥ ୧୨ ॥'', ଲାବଣ୍ୟବତୀ, ୧୧ ଛାନ୍ଦ, ପଦ - ୧୨, ପୃ - ୯୭ ।

୧୩. ଭଞ୍ଜ, ଉପେନ୍ଦ୍ର, ''ଚାହିଁଲା ନ ଚାହିଁଲା ହୋଇ ଲାଜରୁ ମୁଖକୁ ଥୋଇଲା ଉରଜେ / ସେ ପତି ପ୍ରାପତି ଇଚ୍ଛା କରି ନାରୀ ଶମ୍ଭୁ ପୂଜିଲା କି ନୀରଜେ / ଲବଣୀପିତୁଳା ଚାରୁଶୀଳ ସତ / ବୀର ଏହି ନାମ ବିପରୀତ ହୋଇ ତରଳିତ କଲା ତୁରିତେ ॥ ୨୬ ॥'', ଲାବଣ୍ୟବତୀ, ୨୭ ଛାନ୍ଦ, ପଦ - ୨୬, ପୃ - ୨୩୭ ।

୧୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୩୭ ଛାନ୍ଦ, ପଦ - ୧, ପୃ - ୩୩୩ ।

୧୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୩୮ ଛାନ୍ଦ, ପଦ - ୨୪, ପୃ - ୩୪୧, ୩୪୨ ।

୧୬. ଭଞ୍ଜ, ଉପେନ୍ଦ୍ର, '' ନିଃଶ୍ୱାସ ପକାଇ କର ଝିଞ୍ଜାଡ଼ି ବିସ୍ମୟ / ନରେ ନିକି ଭୋର ହେଲା ଏଡ଼େ ଶୋଭାମୟ ଯେ ॥ ୪୧ ॥, ଆମ୍ଭ ଆଶା ବିଫଳକୁ ନେଲା ତ ଦଇବ / ଅବଶ୍ୟ ତାହାର ବିଚ୍ଛେଦ ହୋଇବ ଯେ ॥ ୨ ॥'', ଲାବଣ୍ୟବତୀ, ୩୫ ଛାନ୍ଦ, ପଦ - ୪୧,୪୨ ପୃ - ୩୧୬ ।

୧୭. ଭଞ୍ଜ, ଉପେନ୍ଦ୍ର, '' ଭାବ ଉପରେ ଯେ ଭାବ ଉପୁଜିଲା ରତାନ୍ତେ ଶ୍ରାନ୍ତେ ଆତୁରି / ଲଜ୍ଜାଙ୍କାତରେ ତରତରେ ତରୁଣୀ ପିନ୍ଧିଲା ବାସ ମୋହରି / ମୁଁ ଯେ ଭାଷିଲି ଦିଶି ଦିଶି ସୁଭାଗ୍ୟ ଏଣିକି ଆସୁଛିସିନା / ମୋହପରା ହୋଇବାକୁ ହୋଇଲାନି ପରାଣେଶ୍ୱରୀ କାମନା '' ॥ ୨୪ ॥ ଲାବଣ୍ୟବତୀ, ୪୦ ଛାନ୍ଦ, ପଦ - ୨୪, ପୃ - ୩୬୫ ।

୧୮. ଭଞ୍ଜ, ଉପେନ୍ଦ୍ର, '' ଦିନେ ବନେ ଭ୍ରମି ତପନ ତାପରେ ବିରସ ମୋର ଲପନ / ଦେଖି ସଖି କି ପୁଚ୍ଛିଲେ ମୋର ଶିର ଅମ୍ଲାନ ଗଭା ତ ମ୍ଳାନ / ରଖି ନ ପାରି ଧଇର୍ଯ୍ୟ ନିଜ ଶିର ଛାଇ ମୋ ପାଦକୁ କଲେ / ଆଉ ଦିନେ କଲେ ଏ ରୂପେ ଅବଶ୍ୟ ରୁଷି ବସିବି ମୁଁ ବୋଲେ'' ॥ ୩୪ ॥ ଲାବଣ୍ୟବତୀ, ୪୦ ଛାନ୍ଦ, ପଦ - ୩୩, ପୃ - ୩୬୭ ।

୧୯. ଭଞ୍ଜ, ଉପେନ୍ଦ୍ର, '' କେଶ ମୁକତ ବିବାସ ଦଶନେ ତୃଣ ଅଜସ୍ର / ପଳାୟିତ ରିପୁ କର୍ମ ବଶେହେ / ସ୍ତିରୀ ବେଶ ଧରି ନାରୀ / ମଧ୍ୟେ ଏକ ନିବାସ କରି / ଲତା ବୃକ୍ଷ ବୀର ପ୍ରାୟେ ଦିଶେ ହେ '' ॥ ୧୫ ॥, ଲାବଣ୍ୟବତୀ, ୪୫ ଛାନ୍ଦ , ପଦ- ୧୫ ପୃ -୩୯୯ ।

୨୦. ଭଞ୍ଜ, ଉପେନ୍ଦ୍ର, ''ପ୍ରେତରଙ୍କ ନିଶଙ୍କରେ ଶବପକାଇ ଅଙ୍କରେ / ଚରଣ ଲମ୍ୱା ଭ ବସିଛନ୍ତି ଯେ / କରନ୍ତି କବଳପଳ ଦେଖାଇ ଆପଣାବଳ / ମାଡ଼ି ପାଦେ ଶବ ଶିବାପନ୍ତି ଯେ '' ॥ ୨୬ ॥, ଲାବଣ୍ୟବତୀ, ୪୫ ଛାନ୍ଦ, ପଦ - ୨୬ ,ପୃ - ୪୦୨ ।

୨୧. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମ ଛାନ୍ଦ, ପଦ - ୫୩, ୫୪, ୫୫, ପୃ - ୧୨ ।

୨୨. ଭଞ୍ଜ, ଉପେନ୍ଦ୍ର, '' ରିପୁବଳ ଚାହିଁ ବପୁ ପ୍ରକାଶ କରଣେ କୋପୁଁ / ଅଟ୍ଟହାସ ପରକାଶ କଲା ହେ / ସ୍ଫୁଟ କୋକନଦ ପ୍ରାୟେ ନେତ୍ର ଯୁଗ୍ମ ଶୋଭାପାଏ / ବାହାସ୍ଫୋଟ ପୁନ ପୁନ ହେ'' ॥ ୮ ॥ ଅଧରେ ରଦନ ତହିଁ ଚାପରେ ରୋପ ବସାଇ / ବୀର କେଶରେ ପକାଇ

ଜରହେ / ଅଶନି ଅଭେଦ ପିଣ୍ଡ ମାନ କଲା ଖଣ୍ଡ ଖଣ୍ଡ / ଶର ଉପରେ ପ୍ରହାରି ଶର ହେ'' ॥ ୯ ॥, ଲାବଣ୍ୟବତୀ, ୪୫ ଛାନ୍ଦ, ପଦ - ୮,୯ ପୃ - ୩୯୭, ୩୯୮ ।

୨୩. ଭଞ୍ଜ, ଉପେନ୍ଦ୍ର, '' ଆହେ ରାମ କରୁଣା ସାଗର ଚାପଧର / ଖର-ପ୍ରଖର-ଦୂଷଣ-ତ୍ରିଶିର-ପ୍ରହାର ହେ / ମୁନିଜନ ତୋଷ ଜନପଦସ୍ଥିତ କର / ଉପେନ୍ଦ୍ର ଭଞ୍ଜ ବୀରବର ତାପ ହର ହେ ।'' ॥ ୫୬ ॥, ଲାବଣ୍ୟବତୀ, ୨୮ ଛାନ୍ଦ, ପଦ - ୫୬, ପୃ - ୨୫୦ ।

୨୪. ଭଞ୍ଜ, ଉପେନ୍ଦ୍ର,'' ବାଞ୍ଛାବତୀ ପିଣ୍ଡଥିଲା ଅଗମ୍ୟ କାନନ / ଆପଣେ ଅମ୍ବିକା ଯାଇଁ କରି ସଞ୍ଜୀବନ ଯେ ।'' ॥ ୨୮ ॥, ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ - ୨୮, ପୃ - ୨୦ ।

୨୫. ମହାନ୍ତି, ଡଃ. ଆର୍ତ୍ତବଲ୍ଲଭ, ଲାବଣ୍ୟବତୀ, ମୁଖବନ୍ଧ, ପ୍ରାଚୀ ପ୍ରକାଶନ, ପୃ - ୨ ।

୨୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୪୦ ଛାନ୍ଦ, ପଦ - ୨, ପୃ - ୩୫୯ ।

୨୭. ବାରିକ, ଡ଼ଃ. ବନମାଳୀ, ଶୃଙ୍ଗାର ତତ୍ତ୍ୱ ଓ ଓଡ଼ିଆ ରୀତିକାବ୍ୟ, ( ସାହିତ୍ୟଦର୍ପଣ ୭ମ ପରିଚ୍ଛେଦ, ପୃ - ୬୬୫ ) ପୃ -୫୯,୬୦

୨୮. ମିଶ୍ର, ଡ଼ଃ. ଭାବଗ୍ରାହୀ, ଅଳଙ୍କାର ଶାସ୍ତ୍ର ପରିଚିତି, 'କାବ୍ୟାଦର୍ଶ' ପୃ - ୩୯,ତୃତୀୟ ସଂସ୍କରଣ ୧୮୧ ।

୨୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ -୨, ପୃ - ୧୫ ।

୩୦. ଭଞ୍ଜ, ଉପେନ୍ଦ୍ର, '' ଦେଖି ନବକାଳିକା ବକାଳିକା ମାଳିକା ଆଳୀ କାଳିକା କାନ୍ତସ୍ମରି / ରକ୍ଷା କେମନ୍ତେ କରି କରିବା ମରକରି ଗତିକି / ଏମନ୍ତ ବିଚାରି ସେ ସହଚରୀ / ଭାବେ ବଞ୍ଚିଲେ ଏ କାଳକୁ / କଥାଥିବ କାଳ କାଳକୁ । ଏକେ ତ କ୍ଷଣଦିନ / ହେଲା ଦୁର୍ଦ୍ଦିନ ଦିନ / ନଳଭି ବଲ୍ଲଭମେଳକୁରେ ।'' ॥ ୧ ॥, ଲାବଣ୍ୟବତୀ, ୨୨ ଛାନ୍ଦ, ପଦ - ୧, ପୃ - ୧୮୯ ।

୩୧. ଭଞ୍ଜ, ଉପେନ୍ଦ୍ର, '' ଦିନେକ ଦିନେଶ ଦଶଦଣ୍ଡ ଭୋଗ ମଣ୍ଡପେ ବସିଛି କୁମାର / ସଚିବନନ୍ଦନ ପ୍ରବେଶ ହୋଇଲା ପତନୀ ଶାଢ଼ି ଅଛି / କହିଲା / ପୁରୋଧାସୁତ ଜଣାଇଲା / ଶିବଉତ୍ସବ ଦେଖିବାକୁ ତୁମ୍ଭକୁ ତାତ ସନମତି ହୋଇଲା ॥ ୧ ॥'', ଲାବଣ୍ୟବତୀ, ୨୩ ଛନ୍ଦ, ପଦ - ୧, ପୃ - ୧୯୯ ।

୩୨. ଭଞ୍ଜ, ଉପେନ୍ଦ୍ର, ''ଫଳଦାନେ ମୋକ୍ଷ ଫଳ ଲଭିଲା ଶବରୀ/ କ୍ଷୀରପାନେ ବର-ବରଜରେ ବାଞ୍ଛା ପୂରି ଯେ / କାମ କାମନାକୁ ମୁନିଚିରେ ଜନ୍ମାଇଲେ ପମ୍ପାସରେ କୋକଶୋକକାରକ ହୋଇଲେ ଯେ / ମିତ୍ରବଂଶୀ ମିତ୍ର ବସି ମିତ୍ର ପୁତ୍ରସଙ୍ଗେ/ ଭେଦି ଶାଳ ଦୁନ୍ଦୁଭି ଅସ୍ଥି କି ଚାକେ ରଙ୍ଗେ ଯେ । ॥ ୨୬ ॥'', ଲାବଣ୍ୟବତୀ, ୧୫ ଛାନ୍ଦ ପଦ - ୨୬, ପୃ - ୧୦୦ ।

୩୩. ଭଞ୍ଜ, ଉପେନ୍ଦ୍ର, '' ଚାରୁ ଚତୁ ସ୍ୱରୂପେ ହୋଇଲେ ପଦ୍ମନାଭ / କୌଶଲ୍ୟା କୈକେୟୀ ସୁମିତ୍ରା ଭକ୍ଷ ଗର୍ଭ ଯେ / ଅଭିରାମ ଶ୍ରୀରାମ ଭରତ ଶୁଭରତ / ସଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ଯେ / କ୍ରତୁ ରକ୍ଷା ହେତୁ ବିଶ୍ୱାମିତ୍ର ଆସିନେଲେ । ବନେ ତାଡ଼କୀ ଶମନକୁ ବନେ ପେଷିଲେ ହେ ।''॥ ୨୧ ॥, ଲାବଣ୍ୟବତୀ, ୧୫ ଛାନ୍ଦ, ପଦ - ୨୧, ପୃ - ୧୩୯ ।

୩୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୫୫, ପୃ - ୬୭ ।

୩୫. ଭଞ୍ଜ, ଉପେନ୍ଦ୍ର, ''ବି...ରାଜି ବିରାଜି ଅଛନ୍ତି ମୀନ ଭକ୍ଷଣ ପାଇଁ / ରାଜୀବ ରାଜୀବ ନୟନ । ଏଥିଖେଳା କରଇ'' ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୧୯, ପୃ - ୬୨ ।

୩୬. ଭଞ୍ଜ, ଉପେନ୍ଦ୍ର, ''ଭୁବନ ଏଥିରେ ପୂରିତ ମୋହେ ସର୍ବଭୁବନ / ଜୀବନ ବନ୍ଧୁ ଏ ନିଶ୍ଚୟେ ପ୍ରାଣୀଙ୍କର ଜୀବନ'', ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ -୨୨, ପୃ - ୬୩।

୩୭. ଭଞ୍ଜ, ଉପେନ୍ଦ୍ର, '' ଅହି - ମକର ତାପ ନାଶେ ଶୋଭା ସାରସ ଚକ୍ରେ / ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ''।। ୨୩ ।।, ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୨୩, ପୃ - ୬୩।

୩୮. ଭଞ୍ଜ, ଉପେନ୍ଦ୍ର, '' ଖଡ଼ଗ୍ ଚର୍ମ ଆଢ଼େଣୀ ଧାରଣାର ପାଇ / ଖଡ଼ଗ୍ ଚର୍ମରୁ ଆନଚର୍ମ ନ ଯୋଗାଇ ଯେ । '' ।।୨୧ ।। '' ରଜନୀକର ବଦନା ରଜନି କରରେ / କରଇ ଖେଳ ରଚନା ଶିଶୁଙ୍କ ସଙ୍ଗ ରେ ଯେ । '' ।। ୫୯ ।।, ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ -୨୨, ପୃ - ୧୯, ଦ୍ୱିତୀୟଛାନ୍ଦ, ପଦ - ୫୯, ପୃ - ୨୫ ।

୩୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ - ୧ମ, ପୃ - ୧ ।

୪୦. ଭଞ୍ଜ, ଉପେନ୍ଦ୍ର, '' ମନ ମୀନ ହ୍ରଦ ସରୋବରେ ଥିଲା କଟାକ୍ଷ ବଡ଼ଶୀ ପକାଇ / ତାର ବଦନେ ପ୍ରେମ ସ୍ୱାଦୁ ନେଇ / ଆକର୍ଷି ନେଇ ଉରଜ କଳସୀରେ ମଦାଳସୀ ଅଛୁ ଥୋଇରେ / ସୁନ୍ଦରି ! ତୋର ମୁଖ ମନୋରଥ ମନ୍ଦିରେ / ମୋର ନୟନ ରହିଲା ବନ୍ଦିରେ / ବନ୍ଦୀ ହୋଇଲେହେଁ ଏ ଦୁହିଁକୁ ସୁଖ କଥନ ହେବ ବନ୍ଦିରେ / ସୁନ୍ଦରି । '', ଲାବଣ୍ୟବତୀ, ୧୯ ଛାନ୍ଦ, ପଦ - ୭ମ, ପୃ - ୧୬୮ ।

୪୧. ଭଞ୍ଜ, ଉପେନ୍ଦ୍ର, '' ହୃଦବନେ ଥିଲା ମନମୃଗ / ତହିଁ ବିରହ ଅନଳ ଯୋଗ / ପଳାଇତୁମ ଶୋଭାବନେ ପଶିଲା/ ତହିଁ ନାହିଁ ପରା ଉଦ୍‌ବେଗ ହେ ସୁନ୍ଦର । '' ।। ୧୬ ।।, ଲାବଣ୍ୟବତୀ, ୨୦ ଛାନ୍ଦ, ପଦ - ୧୬, ପୃ - ୧୭୮ ।

୪୨. ଭଞ୍ଜ, ଉପେନ୍ଦ୍ର, '' ନାରୀ ନଦୀ ବାରି ନୋହିଲେ ତହିଁ ଘଡ଼ିଏ ଯାଏ / ହାସକୁମୁଦ, ନେତ୍ରମୀନ, ମୁଖ କମଳ ପ୍ରାୟେ । '' ।। ୩୪ ।।, ଲାବଣ୍ୟବତୀ, ଷଷ୍ଠଛାନ୍ଦ, ପଦ - ୩୪, ପୃ - ୬୪ ।

୪୩. ଭଞ୍ଜ, ଉପେନ୍ଦ୍ର, '' ବିନାଶ ହୋଇବ ଯେବେ କସ୍ତୁରୀ ରୁ କଳା / ଘେନେ ନାଶ ହେବ ତେବେ ଏ ବିରହଜ୍ୱାଳା ଯେ / ଭେଳା ପକ୍ଷ ବିନେ ଏକା ନିଃଶ୍ୱାସେ ସାଗର / ତରିଲେ ଲଭିବି ଅବା ଶୋକସିନ୍ଧୁ ପାର ଯେ । '', ଲାବଣ୍ୟବତୀ, ୨୮ ଛାନ୍ଦ, ପଦ - ୧୧, ପୃ - ୨୪୧ ।

୪୪. ଭଞ୍ଜ, ଉପେନ୍ଦ୍ର, '' କୁଚ ଅଙ୍କୁରିବାରେ ବସନ ଉଚ୍ଚ ଦିଶେ / ହୃଦୟ ବେଦୀରେ ଅଭିଷେକ କୁମ୍ଭ କି ସେ ଯେ ।'' ।। ୭୧ ।।, ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ - ୭୧, ପୃ - ୨୭ ।

୪୫. ଭଞ୍ଜ, ଉପେନ୍ଦ୍ର, '' ଚନ୍ଦ୍ରକୁ ନିନ୍ଦା କରୁଛି ମୁଖ ହାସ କାତି / ସାରଙ୍ଗକୁ ନିନ୍ଦୁଛି ନୟନ

ଭୂରୁ ଗତି ଯେ । '' ॥ ୩୩ ॥ ଅପବାଦ ଅପସରି ଲକ୍ଷ ସେ ନାରୀ କି ଯେ / ଅମର ସମଭି ଲଭି ବିଲୋକନ ମାତ୍ରେ । ''॥ ୩୪ ॥, ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ - ୩୩, ୩୪, ପୃ - ୨୭ ।

୪୬. ଭଞ୍ଜ, ଉପେନ୍ଦ୍ର, ''କମ୍ବୁ କଣ୍ଠ ଦେଖି ଅତି ଆର୍ତ୍ତିରୁ / ସମନୋହେ ବୋଲି ଡାକେ ପ୍ରାତରୁ / ନେତ୍ର ସଙ୍ଗେ ଲକ୍ଷିବେ କି ସୁମରି / ମୀନ ଜଳହୀନରେ ଯାଏ ମରି / ହୋଇ ହାସରେ କୁସୁମ ବିଜିତ / ମକରନ୍ଦ ଛଳେ ଅଶ୍ରୁଚେଜିତ / ରମ୍ଭା ଉପମା ପଦ ପ୍ରଦେଶ କେ / ଆଉ କେହୁ ସମ ହେବ ଅଂଶ କେ'' ॥ ୫ ॥, ଲାବଣ୍ୟବତୀ, ତୃତୀୟଛାନ୍ଦ, ପଦ - ୪,୫, ପୃ - ୩୦ ।

୪୭. ଭଞ୍ଜ, ଉପେନ୍ଦ୍ର, ''ବେଦ ବେଦାନ୍ତ ବିଧାତା ବ୍ୟାକରଣେ ହର / ସଙ୍ଗୀତରେ ନାରଦ ଶୃଙ୍ଗାର ଶାସ୍ତ୍ରେ ମାର ॥ ୬୪ ॥ କବି ପଣେ ଗଣେଶ ଜ୍ୟୋତିଷ ବୃହସ୍ପତି / ଅଶ୍ୱାରୋହେ ମିହିର ଭୈରବ ପରାଗତି ॥ ୬୫ ॥, ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ - ୬୪, ୬୫, ପୃ -୧୪ ।

୪୮. ଭଞ୍ଜ, ଉପେନ୍ଦ୍ର, ''ଅପୂର୍ବ ଅମ୍ବୁଜ ମୁଖକୁ ଭାବି ଭୃଙ୍ଗ ଚକୋର / ଚୁମ୍ବିବା ଲୋଭରେ ଧାଇଁଲେ ଶ୍ରୁତି ତାହିଁ କାତର ॥ ୧୩ ॥ କେଶ ଦରଶନେ ରଥାଙ୍ଗ ପାଇଁ ଆହାର ବଶେ / ବିଚ୍ଛେଦ ଭୟରୁ ପଳାଇଗଲେ ନରହିପାଶେ ॥ ୧୪ ॥, ଲାବଣ୍ୟବତୀ, ଷଷ୍ଠ ଛାନ୍ଦ, ପଦ - ୧୩, ୧୪, ପୃ - ୬୨ ।

୪୯. ଭଞ୍ଜ, ଉପେନ୍ଦ୍ର, ''ମାର୍ଗ ମାର୍ଜନେ ରଜନି କର ଆଣି ଯାଇ / ରଜନୀକର ଆଣନ୍ତି ଶକଟରେ ବହି ଯେ ॥ ୭ ॥ ହରିତକୀ ପାଇଁ ତିଆରିଲେ ବୈଦ୍ୟକୁଳ/ ଭାରବାହେ ଭାରରେ ଆଣନ୍ତି ଜାତିଫଳ ଯେ ॥ ୮ ॥'', ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ - ୭, ୮, ପୃ - ୧୭ ।

୫୦. ଭଞ୍ଜ, ଉପେନ୍ଦ୍ର, ''ଏଥୁ ଅନନ୍ତରେ ରସିକସାର/ କର୍ଣ୍ଣମୁଖରେ ସୁଧାପାନକର / ନୃପସୁତ ଆଗେ ପେଡ଼ି ଫେଡ଼ିଲା / ଫେଡ଼ିଲା ନାହିଁ ନୟନ ପଡ଼ିଲା / କି ପଡ଼ିଲା/ ନାହିଁ ଜଡ଼ିଲାଘେନ / ଜଡ଼ିଲା ନାହିଁଟି ବୁଡ଼ିଲା ଜ୍ଞାନ ॥ ୧ ॥'', ଲାବଣ୍ୟବତୀ, ୧୦ମ ଛାନ୍ଦ, ପଦ - ୧, ପୃ - ୮୭ ।

୫୧. ଭଞ୍ଜ, ଉପେନ୍ଦ୍ର, ''ଚିକୁରଶୋଭୀ ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ / ମୃଗତୃଷ୍ଣା ଜଳ ତୃଷାକୁ ନାଶିବ ସ୍ୱପ୍ନ ତେବେ ସତ ଦିଶିବ / କହେ ସଚିବ ସୁତା ସବୁ ବଡ଼ ଦଇବ / ଜାହାମନେ ଥିଲା ଅଗାଧ ସମୁଦ୍ର ଚକୁ ଭିତରେ ସମ୍ଭାଇବ ।'' ॥ ୭ ॥, ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୭, ପୃ - ୧୦୭ ।

୫୨. ଭଞ୍ଜ, ଉପେନ୍ଦ୍ର, ''ଭୋଗୀ ଭୋଗକୁ ଯୋଖିଲା ମଳୟ ଅନିଳ / ଶିବଭୋଗେ କଲା ସିନ୍ଧୁ ମନ୍ଥନେ ଗରଳ / ଦେଲା ରାହୁକୁ ଅମୃତ / କଳାନିଧି ପରା ହ୍ରବେ କଳଙ୍କ ଅଙ୍କିତ ॥ ୩୩ ॥'', ଲାବଣ୍ୟବତୀ, ୧୭ ଛାନ୍ଦ, ପଦ - ୩୩, ପୃ - ୧୫୯ ।

୫୩. ଭଞ୍ଜ, ଉପେନ୍ଦ୍ର, ''ଦାନ ଶ୍ରେଷ୍ଠ ଭାବବତି ଦର୍ଶନେ ଦେବ ସମଭି / ଲୋଚନ ଯୁଗକୁ ଯାଚି ଦେଉ / ସମ୍ପୂର୍ଣ୍ଣ ପ୍ରେମ ରତନ ସଂପୁଟକ ପ୍ରାଣଧନ / ଭବଭୋଳେ କରେ ଦେଇ ଯାଉରେ / ଭାବେଶ୍ୱରି / ପଚାରୁଛି କହିବୁଟି ସତ / ଶିରୀଷ କୁସୁମ ଦେହୀ/

କାହିଁପାଇଁ କରୁ ନାହିଁ / ମାଗିଲାବେଳକୁ ବିପରୀତରେ ।। ୧୫ ।।'' ଲାବଣ୍ୟବତୀ, ୩୮ ଛାନ୍ଦ, ପଦ - ୧୫, ପୃ - ୩୪୭ ।

୫୪. ଭଞ୍ଜ, ଉପେନ୍ଦ୍ର, ''ମୂଖ ହେବ ଏମନ୍ତ ବିଚାରି ପଦ୍ମବିଧୁ/ ହସ୍ତବଳା କରି ଆଗୁଁ ଗଢ଼ି ଥିଲା ସାଧୁ ।। ୪୮ ।। ତହୁଁ ବାସ ଆହାଲ୍ଲାଦ ଦର୍ପଣରୁ ଝଳି / ଲହରୀରୁଁ କୁଟିଳ ଅଞ୍ଜନପୁଞ୍ଜୁକାଳି ।। ୪୯ ।।'', ଲାବଣ୍ୟବତୀ, ୨ୟ ଛାନ୍ଦ, ପଦ - ୪୮, ୪୯, ପୃ - ୨୩ ।

୫୫. ଭଞ୍ଜ, ଉପେନ୍ଦ୍ର, ''ପୃଥୁରୋମାନୟନୀ ଉଦର ପୃଥୁତର/ ଅତି ଶୋଭା ନାଭି ଲେଉଟିଲା ପରକାର ।। ୩୮।। ନିଶ୍ଚୁର ଦିଶିଲା ଓଷ୍ଠ ତୁଟିଯାଇ ରଙ୍ଗ ଯେ / ଘନ ଘନ ଜୃମ୍ଭା ପୁନପୁନ ମୋଡ଼େ ଅଙ୍ଗଯେ ।। ୩୯ ।। ଶ୍ୟାମଳ କୋମଳ ଅଙ୍ଗୀ ସ୍ତନ ଅଗ୍ର ବହି / ହରଧର ଶୃଙ୍ଗେ ଜଳଧର ପରା ଶୋହି ଯେ ।। ୪୦ ।।'', ଲାବଣ୍ୟବତୀ, ୨ୟ ଛାନ୍ଦ, ପଦ - ୩୮, ୩୯, ୪୦, ପୃ - ୨୧, ୨୨ ।

୫୬. ଭଞ୍ଜ, ଉପେନ୍ଦ୍ର, ''ନାରୀ ନଦୀ ବାରି ନୋହିଲେ ତହିଁ ଘଡ଼ିଏ ଯାଏ / ହାସ କୁମୁଦ, ନେତ୍ରମୀନ, ମୁଖ କମଳ ପ୍ରାୟେ ।। ୩୪ ।। ଜଘନ ପୁଳିନ, ଉରଜ ଚକ୍ରବାକ ମିଥୁନ / ରୋମାବଳୀ ଆଳି ଆବଳୀ ଗତି ହଂସ ସମାନ ।। ୩୫ ।।'', ଲାବଣ୍ୟବତୀ, ଷଷ୍ଠଛାନ୍ଦ, ପଦ - ୩୪, ୩୫, ପୃ - ୬୪ ।

୫୭. ଭଞ୍ଜ, ଉପେନ୍ଦ୍ର, ''ବିନ୍ଦୁ ବିନ୍ଦୁ ଜଳ ରହିଛି ଚାରୁ କୁଟିଳବାଳେ/ ତୁଷାର ବୃଷ୍ଟିକି ହୋଇଚି ନବତମାଳଦଳେ ।। ୪୨ ।।'', ଲାବଣ୍ୟବତୀ, ଷଷ୍ଠଛାନ୍ଦ, ପଦ - ୪୨, ପୃ - ୬୫ ।

୫୮. ଭଞ୍ଜ, ଉପେନ୍ଦ୍ର, ''ଗୋରଚନା ପ୍ରକାରେ ଯହିଁ ମୃଗମଦ/ ନିତି ଜୀର୍ଣ୍ଣ ବସନକୁ ଯାଚନ୍ତି ପୁଳିନ୍ଦ ଯେ ।। ୫ ।। କୁଙ୍କୁମ ଉଙ୍କୁଟାଇ ହୁଅନ୍ତି ନାରୀ ଯହିଁ / ହରିଦ୍ରାରେ ଆଦର କରିବେ କାହିଁପାଇଁ ।। ୬ ।।'', ଲାବଣ୍ୟବତୀ, ୨ୟ ଛାନ୍ଦ, ପଦ - ୫, ୬, ପୃ - ୧୬ ।

୫୯. ଭଞ୍ଜ, ଉପେନ୍ଦ୍ର, ''ଦିନେଟି ଭରୁଁ ଉର ଦୂର ହୋଇଲା ଅଚେତ ବଶରେ / ଝଟପରା ନିଦ୍ରା ଭାଜିଗଲା ମୋର କାଡ଼ର ତ୍ରାସରେ / ମନେ କଳି ପୁଷ୍ପବତୀ ହୋଇ ପାଶୁଁ ଗଲା କି ସଜନୀ / କିଦଣ୍ଡ ପଡ଼ିଲା କିକାଳେ କି ରୂପେ ନେବି ଏ ରଜନୀ ।। ୧୨ ।।'', ଲାବଣ୍ୟବତୀ, ୪୩ଛାନ୍ଦ, ପଦ - ୧୨, ପୃ - ୩୮୬ ।

୬୦. ଭଞ୍ଜ, ଉପେନ୍ଦ୍ର, ''କି କରିବି ଏ ତୁହିନ ଋତୁ ହୀନ ପଦ୍ମିନୀ ନାଶନ / ପ୍ରିୟା ମୋ ପଦ୍ମିନୀ ପଦ୍ମପାଦ ପାଣି ସୁବାସତେସନ/ ପଦ୍ମପରା ଆଖି ପଦ୍ମମୁଖୀ ପଦ୍ମପତର ଉଦରୀ/ ତାହା ଅଭାବେ ସ୍ୱଭାବେ ମୋ ଗତି ଏଥକୁ ମୁଁ ଦରି ।।୬ ।।'', ଲାବଣ୍ୟବତୀ, ୪୪ ଛାନ୍ଦ, ପଦ- ୬, ପୃ - ୩୮୫ ।

୬୧. ଭଞ୍ଜ, ଉପେନ୍ଦ୍ର, ''ଏକାଳେ ବଳୟଶୋଭୀ କୁବଳୟ ନୟନୀ ମଳୟ ସମୀରେ / ବଳେ ଭୋଗୀ ପ୍ରୀତିତୁମ୍ଭଙ୍କୁ ବୋଲୁଛି ସେହି ଗୁଣ ବହ ମୋ ଠାରେ / ଆହେ ପବନ / ବୋଲାଅ ଜଗତଜୀବନ / ଏବେ ମୋ ଜୀବନ ନେବାକୁ ହୋଇଛ ଯଥା

ସନ୍ନିପାତେ ଜୀବନ ॥ ୧୯ ॥'', ଲାବଣ୍ୟବତୀ, ଦ୍ୱାଦଶଛାନ୍ଦ, ପଦ - ୧୯, ପୃ - ୧୧୦ ।

୬୨. ଭଞ୍ଜ, ଉପେନ୍ଦ୍ର, ''ନକର ଦଣ୍ଡ ବିଳମ୍ବ ଦଣ୍ଡ ହେଲେ ଅଦଣ୍ଡେ ମୁହିଁ / ବାହୁ ପାଶରେ ବାନ୍ଧ ପାଶରେ ରଖ ତୋଷରେ ତୁହି / କୁଚ ମନ୍ଦର ଠେଁସି ହୃଦର ଦିଅ ମୋ ଦର ନାହିଁ / ନଖ କରତ ତହିଁ କରତ ତନୁ ନିରତ ସହି ॥ ୧୧ ॥'', ୩୭ ଛାନ୍ଦ, ପଦ - ୧୧, ପୃ - ୩୩୬ ।

୬୩. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''ଏହିକାଳେ ଜାଳିକ ବୋଇଲା ନେତ୍ର ବୃଜ / ନେତ୍ର ବୁଜନ୍ତେ ରଚିଲା ସେ ମାୟା ସମାଜ ଯେ ॥ ୧୯ ॥ ଲୋମୋଦ୍‌ଗମ ଜନେ ଲୋମପାଦ ବୋଲେ / ଜରତା ରତାରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ / ସେ ଦେଶରେ ବୃଷ୍ଟି କଲା ତୁଷ୍ଟି ହେଲେ ରାଜା / ଶାନ୍ତା କାନ୍ତା ଦେଇ କରି କଲେ ଦିବ୍ୟ ପୂଜା ଯେ / ଦଶରଥ ମନୋରଥ ସାର୍ଥ ହେବା ପାଇଁ / ସେ ମୁନିକି ଘେନି ଗଲେ ରଥରେ ବସାଇ ଯେ ॥ ୨୦ ॥'', ଲାବଣ୍ୟବତୀ, ୧୫ ଛାନ୍ଦ, ପଦ - ୧୯, ୨୦, ପୃ - ୧୩୮ ।

୬୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୩୭ଛାନ୍ଦ, ପଦ - ୧୧, ପୃ - ୩୩୬ ।

୬୫. ଭଞ୍ଜ, ଉପେନ୍ଦ୍ର, ''ଯୁବତୀରୁ ଜାତ ଲୋଭ ଲୋଭୁଁ ପ୍ରୀତି ଲେଖ / ପୀରତିରୁ ସୁରତି ଜାତ ସୁରତିରୁ ସୁଖ ହେ / ପ୍ରାଣ ଛାଡ଼ି ହୋଏ ସିରୀ ଛାଡ଼ି ନୋହେ କେବେ ଅଉଷଧି ଏଗୁଣ ନ କରିବ କିଛି ॥ ୩୬ ॥'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୩୬ । ପୃ - ୧୧୪ ।

୬୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୨ଛାନ୍ଦ, ପଦ - ୧୯, ପୃ - ୧୧୦ ।

୬୭. ଭଞ୍ଜ, ଉପେନ୍ଦ୍ର, ''ରସ ବିନା ଏ ନ ଘୁଞ୍ଚିବ ରୁଚିବ ମଧୁର ଆହାର ହୋଇଲେ / ଶାନ୍ତି ହେବ ତୀକ୍ଷଣ ତାପ ରାତ୍ରେ ଚନ୍ଦ୍ରଭାନୁରେ ଏକ ଶଯ୍ୟା କଲେ / ରୋଗ ବିଷମ / ରାଗଜନ୍ୟ ହୋଇଛି /ପୁଟପାକରେ ଯେତେକ ଅଉଷଧି ଏଗୁଣ ନ କରିବେ କିଛି ॥ ୩୬ ॥ '', ଲାବଣ୍ୟବତୀ, ୧୨ ଛାନ୍ଦ, ପଦ - ୩୬, ପୃ - ୧୧୪ ।

୬୮. ଭଞ୍ଜ, ଉପେନ୍ଦ୍ର, '' ତଥାପି ଲାବଣ୍ୟବତୀ ତ୍ରିପୁରାଳଙ୍କାର / ସୁନ୍ଦରପଣେ ଗୁଣରେ ନାହିଁ ସମ ଆରହେ / ଭୟରୁ କି ସମ ସ୍ନେହେ କରିବାକୁ ତପ / ବନେ ପଶିଛନ୍ତି ଯାଙ୍କ କମଳକଳାପ ହେ ॥ ୪୩ ॥ '', ଲାବଣ୍ୟବତୀ, ୨୮ଛାନ୍ଦ, ପଦ - ୪୩, ପୃ - ୨୪୮ ।

୬୯. ଭଞ୍ଜ, ଉପେନ୍ଦ୍ର, '' ସିଂହଳେଶ ତୋଷଭର/ଚାଳିଦେଲା ଅନ୍ତଃପୁର / ନାରୀ ବୋହିତେ ବସାଇ / ସୁନ୍ଦରୀ ଚିତ୍ତେ ଭାଳଇ ॥ ୧ ॥ କୁମାର ବାହୁଡ଼ିଯିବ / କାହିଁକି ଥିବ ଏ ଜୀବ / ପଡ଼ିବି ସିନ୍ଧୁ ମଧ୍ୟର / ଏ ବିଚାର ସବୁ ସାର / ମନାସି ମୁଁ ଝାସିଥିବି / ଜନମାନ୍ତରେ ପାଇବି ॥ ୨ ॥ '', ଲାବଣ୍ୟବତୀ, ୨୯ଛାନ୍ଦ, ପଦ - ୧,୨, ପୃ - ୨୫୧ ।

୭୦. ଭଞ୍ଜ, ଉପେନ୍ଦ୍ର, '' ପାଞ୍ଚେ ମନ୍ଦର କୁଚ଼ବଢିବାରେ / କିମ୍ବା ବୁଡ଼ି ନ ମଳି ପାରାବାରେ / ନାସା ପୁଡ଼ା ଫୁଲିବାରେ ଅନାଇ/ ଭାଷାବନ୍ଧେ ଶୁକ ମନ ମନାଇ / ମୁଖେ ପ୍ରଚାର ପରିଚାରପଣ / ସୁଖେ ଦର୍ପ ହତୁଁ କଲା ଦର୍ପଣ ॥ ୩ ॥'', ଲାବଣ୍ୟବତୀ, ତୃତୀୟଛାନ୍ଦ, ପଦ - ୨,୩, ପୃ - ୩୦ ।

୭୧. ଭଞ୍ଜ, ଉପେନ୍ଦ୍ର, '' ବଜ୍ରଜାତି ବିନା ଗଜ ନ ଆଣନ୍ତି ବନୁ / ଅଶ୍ୱଶାଳେ ବନ୍ଧା ନୋହେ ସିନ୍ଧୁଜାତ ବିନୁ ଯେ ॥୧୭॥ ମୂଷିକରେ ନେପାଳୀ ପାଳନା ସୁଆଦରେ / ଗନ୍ଧମାର୍ଜ୍ଜର ପୋଷିତ ବିଡ଼ାଳ ପଦରେ ଯେ ॥ ୧୮ ॥ ମାଳୀଆଳି ଦକ୍ଷିଣାବର୍ତ୍ତକ ବିନା କମ୍ବୁ / ନ ଘେନନ୍ତି ଦେବାକୁ ହରଚରଣେ ଅମ୍ବୁ ଯେ ॥ ୧୯ ॥ '', ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ - ୧୭,୧୮,୧୯, ପୃ - ୧୯ ।

୭୨. ଭଞ୍ଜ, ଉପେନ୍ଦ୍ର, '' ଜ୍ୟୋତି ମୋତି ମଥା ଜାଳି ମଣ୍ଡିଲେ / ମଣିଲେ ନାହିଁ ଧଇର୍ଯ୍ୟ ଖଣ୍ଡିଲେ / କି ନିଳମଣି ଧରଣୀରେ ଆସି / ଗବାକ୍ଷେ ଗଳି ପ୍ରକାଶିତ ଶଶୀ ସେ / ଝୁଡ଼ା ଜାଲିଏ ସଦୃଶା ଯେ / ଶ୍ୟାମଳକମଳ କଳିରେ କଲା କି ସେକ୍ଷଣ ସୁଧା ବରଷା ଯେ ॥ ୧୨ ॥'', ଲାବଣ୍ୟବତୀ, ଚତୁର୍ଥଛାନ୍ଦ, ପଦ - ୧୨, ପୃ - ୪୨ ।

୭୩. ଭଞ୍ଜ, ଉପେନ୍ଦ୍ର, '' ଛବିଧି ଯମକ ଆଶୟରୂପକରେ ଦୀପକ / ବହିର୍ଲିପି ଅନ୍ତର୍ଲିପିକା ଘେନି କର୍ଣ୍ଣରୋଚକ ॥୫୫॥'', ଲାବଣ୍ୟବତୀ, ଷଷ୍ଠଛାନ୍ଦ, ପଦ - ୫୫, ପୃ - ୬୭ ।

୭୪. ମିଶ୍ର, ଡ଼ଃ କିଶୋରଚନ୍ଦ୍ର, ଉପେନ୍ଦ୍ରଭଞ୍ଜଙ୍କ କାବ୍ୟରେ ଉପମା ଏକ ଅଧ୍ୟୟନ :, ପ୍ରଥମମୁଦ୍ରଣ - ୧୯୮୭, ପୃ - ୩୬ ।

୭୫. ସାହୁ, ଡ଼ଃ ବାଉରିବନ୍ଧୁ, କବିସମ୍ରାଟଙ୍କ କାବ୍ୟକୃତି, ' ରୀତିକୈନ୍ଦ୍ରିକମତବାଦ ', ପୃ - ୧୫ ।

୭୬. ମହାପାତ୍ର, ଡ଼ଃ ସଂଘମିତ୍ରା, ' ଲାବଣ୍ୟବତୀ ଏକ ଅଧ୍ୟୟନ ', ପି : ଏଚ୍ : ଡ଼ି ଉପାଧି ନିମିତ୍ତ ପ୍ରସ୍ତୁତ ଗବେଷଣାତ୍ମକ ସନ୍ଦର୍ଭ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, (ଅପ୍ରକାଶିତ) ପୃ - ୩୧୬ ।

୭୭. ଭଞ୍ଜ, ଉପେନ୍ଦ୍ର, '' ନେଇ ଲେଖ ତେବେ ରଖ ହୋଇଛି ନିରେଖ / ଶୁକର ଏ ବାଣୀ ଶୁଣି ସର୍ବେ ଲଭି ସୁଖ / ସେ ବୋଇଲେ ଆମ୍ଭେ ନାରୀ / ପ୍ରଥମେ ଲେଖିବୁଟି ପତ୍ରିକା କି କରି ॥ ୪୫ ॥'', ଲାବଣ୍ୟବତୀ, ୧୭ଛାନ୍ଦ, ପଦ - ୪୫, ପୃ - ୧୬୧ ।

୭୮. ଭଞ୍ଜ, ଉପେନ୍ଦ୍ର, ''ରବିକର ପରଶେ ବୋଧିଲେ ପଦ୍ମତୋଷ / ପଲ୍ଲବିତ ଲତା ଉପଛିତେ ମଧୁମାସ / ଚୂତମୁକୁଳ ଅଶନ / ହୋଇଲେ ସିନା କହଇ କୋକିଳ ବଚନ ॥ ୪୬ ॥ ଘନ ଗରଜିଲେ ସିନା ମୟୂର ଅନାଇ / ଆନନ୍ଦରେ ନୃତ୍ୟ କରି ବାଣୀ ପ୍ରକାଶଇ / କୀର ବୋଇଲା ଏ ସତ / ତେବେ ପ୍ରେମପତ୍ର ଯାଇ ଆଣୁ ଆମ୍ଭ ଦୂତ ॥ ୪୭ ॥ '', ଲାବଣ୍ୟବତୀ, ୧୭ଛାନ୍ଦ, ପଦ - ୪୫, ପୃ -୧୬୨।

୭୯. ଭଞ୍ଜ, ଉପେନ୍ଦ୍ର, '' ନାଟକାରେ ନାଟନଟହଟ ଦେଖାଇ / ରାଟ ଠାରୁ ପାଟଶାଟୀ ବରାଟ ପାଇ ॥ ୪୬ ॥ '', ଲାବଣ୍ୟବତୀ, ୨୬ଛାନ୍ଦ, ପଦ - ୪୬, ପୃ - ୨୨୭ ।

୮୦. ଭଞ୍ଜ, ଉପେନ୍ଦ୍ର, '' ବୋଲେ ନାଗରୀ ସାଗରେ ସ୍ନାନକରି ଯେମନ୍ତ ତୃଷା ନ ତୁଟିଲା / କଳ୍ପତରୁରେ ଫଳ ନାହିଁ ଯେମନ୍ତ ତେମନ୍ତ ଦଶାକୁ ଘଟିଲା / ଦିବ୍ୟ ପୁରୁଷେ/ ଆସି ବସି ବସି ମୋ ପାଶେ / ଅଙ୍ଗେ ଅଙ୍ଗ ମେଳେ ରସକାଳ ବେଳେ ବିଚ୍ଛେଦ ହୋଇଲା କି ଦୋଷେ ॥ ୪ ॥'', ଲାବଣ୍ୟବତୀ, ୧୨ ଛାନ୍ଦ, ପଦ - ୪, ପୃ - ୧୦୬ ।

୮୧. ଭଞ୍ଜ, ଉପେନ୍ଦ୍ର, " ମାର ମାରଣୁଁ ପୁରାଇଛି ଗାର ଗାର / ବାରବାର ପ୍ରଳାପ ଅନାଇଁ ତାର ତାର ଯେ ॥୫୩॥ ", ଲାବଣ୍ୟବତୀ, ୨୧ଛାନ୍ଦ, ପଦ -୫୩, ପୃ - ୧୮୮ ।

୮୨. ଭଞ୍ଜ, ଉପେନ୍ଦ୍ର, "ଘନରସ ଯୋଗେ ବନ ଦାବାନଳ ଲିଭେ / ଘନରସ ଯୋଗେ ନାହିଁକି କରିବି ଏବେ ॥୬ ॥", ଲାବଣ୍ୟବତୀ, ୨୧ଛାନ୍ଦ, ପଦ - ୫୬, ପୃ - ୧୮୩ ।

୮୩. ଭଞ୍ଜ, ଉପେନ୍ଦ୍ର, " ମୋ ଭାବ ଭାବନା କରି କରୀଗତି ନୀର ନିରତରେ ବହି / ମୃଗ ଖଞ୍ଜନ ଗଞ୍ଜନ ଆଖିରେ ତା ଅଞ୍ଜନ ରଖିବ ନାହିଁ / ଲୁଚି ହୋଇଯାଏ ନଉଛାଉ ଥାଇ ଯହିଁ ବଦନକୁ ଇନ୍ଦୁ / କରୀବର କର ପତନ ନଳିନ ମଳିନ ବହିବ ବନ୍ଧୁ ॥ ୧୧ ॥", ଲାବଣ୍ୟବତୀ, ୨୧ଛାନ୍ଦ, ପଦ - ୬, ପୃ - ୧୮୩।

୮୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୧ଛାନ୍ଦ, ପଦ - ୧୨, ପୃ -୯୭ ।

୮୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ,୧୯ଛାନ୍ଦ, ପଦ - ୧୬, ପୃ -୧୭୧ ।

୮୬. ଭଞ୍ଜ, ଉପେନ୍ଦ୍ର, " ବିରଞ୍ଚ କରିଛି ଏ ସଂସାର ସାର ସୁନ୍ଦରୀଯାକ ଏକ କରି / ଶ୍ରୀଧାମ ମୁଖ ସ୍ୱଭାବେ ରାଗଲତା ସ୍ୱକାନ୍ତି କରି ଗଉରୀ / ସର୍ବଦା /ସୁଭଦ୍ର ସେ ଯେ ମନ୍ଦୋଦରୀ / ରମ୍ଭାଉରୁ ସୀତା ମଧୁର ବଚନ / ତାରା ତନୁ କରେ ମାଧୁରୀ ॥୧॥ ", ଲାବଣ୍ୟବତୀ, ୨୭ଛାନ୍ଦ, ପଦ - ୧, ପୃ -୨୩୨ ।

୮୭. ଭଞ୍ଜ, ଉପେନ୍ଦ୍ର, " ଏ ସମୟ ମାହୁନ୍ତ ସୁନ୍ଦରୀ ମରକରୀ / ଅନ୍ତଃପୁର ଟୋପରେ ରଖିଲା ବଳେ ଧରି ଯେ ॥୭୨॥ ", ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ - ୭୨, ପୃ -୨୭ ।

୮୮. ଭଞ୍ଜ, ଉପେନ୍ଦ୍ର, " ଯୋଖିଲା ଏମନ୍ତ ଦେଖିଲା ଅଳକେ ଲେଖିଲା ଅକ୍ଷର ପନ୍ତିକି / କେଉଁ ପୁଟେ ରଙ୍ଗକଲା ମୋତିକି / ବଢ଼ିଲା ଆନନ୍ଦସାଗର ପଢ଼ିଲା ରସ ଗର୍ଭ ଭାରତି କି ସେ / ସୁନ୍ଦରୀ / ପଦପଦକେ ପଦବୀ ପ୍ରଦାନ / ମୋହିହେଲେ ଶ୍ରୁତି ମନନୟନ /ମାରଦର ଦୂର ହେବାକୁ ପ୍ରଥମେ ଉରଜଶମ୍ଭୁ ବଦନରେ ସୁନ୍ଦରୀ ॥୨ ॥ ", ଲାବଣ୍ୟବତୀ, ୧୯ଛାନ୍ଦ, ପଦ - ୨, ପୃ - ୧୬୭ ।

୮୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୨୪ଛାନ୍ଦ, ପଦ - ୧୦, ପୃ - ୩୬୧ ।

୯୦. ଭଞ୍ଜ, ଉପେନ୍ଦ୍ର, " ମନ ମୋହର ଭ୍ରମୁଛି ନିରତେ / ମଣା ମଣାରିରେ ପଡ଼ି ଯେମନ୍ତେ ॥ ୫୯ ॥ ", ଲାବଣ୍ୟବତୀ, ୪୨ଛାନ୍ଦ, ପଦ - ୫୯, ପୃ - ୩୮୦ ।

୯୧. ଭଞ୍ଜ, ଉପେନ୍ଦ୍ର, " କେଉଁ ନାରୀ ଚିତ୍ର ପ୍ରତିମାର ପରି କେବାରି ନୟନେ ଭରିଲା କେହୁ କି କରିବି ବୋଲି କାନ୍ତା ଗଳାଧରି ପ୍ରେମ ଭରେ ଥରିଲା / କେକହେ ଯିବା ପଛେ ଆନ ଦେଶକୁ / ନ ଗଲେ ଯେବେ ନରପତି ସରୋଷ ହୋଇବେ କରମବଶକୁ ॥ ୨୫ ॥ ", ଲାବଣ୍ୟବତୀ, ୨୩ଛାନ୍ଦ, ପଦ - ୨୫, ପୃ -୨୦୫ ।

୯୨. ଭଞ୍ଜ, ଉପେନ୍ଦ୍ର, " ଦିବ୍ୟ ରୁଚି କି ରୁଚିଲା ମୃଗିକା ଭକ୍ଷଣ / ଚଞ୍ଚଳ ଚଳନମାନ ଛାଡ଼ିଲା ଭକ୍ଷଣ ॥ ୩୭॥ ", ଲାବଣ୍ୟବତୀ, ଦ୍ୱିତୀୟଛାନ୍ଦ, ପଦ - ୩୭, ପୃ - ୨୧ ।

୯୩. ଭଞ୍ଜ, ଉପେନ୍ଦ୍ର, " ଆମ୍ଭ କନ୍ୟା ଯାଚିବା ନୋହିବ, ସନମତ / କରିବ ଯେମନ୍ତେ କର ଉପାୟ ତେମନ୍ତ ଯେ/ ଶୁଣି ସେ କାର୍ଯ୍ୟ କୁଶଳାର୍ଯ୍ୟ ଆଗମନ / ତେଣେ ନୃପସୁତ କରି

ପଲ୍ଲବେ ଶୟନେ ଯେ ॥ ୫ ॥ ", ଲାବଣ୍ୟବତୀ, ୨୮ଛାନ୍ଦ, ପଦ - ୫, ପୃ - ୨୪୦ ।

୯୪. ଭଞ୍ଜ, ଉପେନ୍ଦ୍ର, " ମୂର୍ତ୍ତିବନ୍ତ କରି ମୃଦୁଗୀତ ବଚାରଇ / ଏଣୁ କରିଥିବ ଅଳଙ୍କାର ଯୁକ୍ତ, ହୋଇ ॥ ୭ ॥ ", ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ - ୭, ପୃ - ୪ ।

୯୫. ଭଞ୍ଜ, ଉପେନ୍ଦ୍ର, " ଶୁଣ ରସିକ ରସ ଏଥୁ ଅନ୍ତରେ / କୁମାର ଶୋଇଥିଲା ପୁର ଚତ୍ୱରେ ଯେ / କାତର ହୋଇ ତାହେଁ ନିଦ୍ରା ବିନାଶେ / ନାହିଁ ଯାମିନୀ ନାହିଁ କାମିନୀ ପାଶେ ଯେ ॥ ୧ ॥ ", ଲାବଣ୍ୟବତୀ, ୧୪ଛାନ୍ଦ, ପଦ - ୧, ପୃ - ୧୨୩ ।

୯୬. ଭଞ୍ଜ, ଉପେନ୍ଦ୍ର, "ପଲ୍ଲବ ତ୍ରୋଣ ଅଧର ପୟୋଧରେ ପୂର୍ଣ୍ଣକୁମ୍ଭ ମୀନନୟନ / ଗତି ହଂସବତ ପାରାବତ ଗଳମଙ୍ଗଳ ଅଷ୍ଟକ /ବଚନ ଜଘନ / ଭଦ୍ରାସନ ଉରୁକଦଳୀ / ଶଙ୍ଖ ମୁଦ୍ରହାସ ଚୁଚୁକ କ୍ରମୁକ ସର୍ବମଙ୍ଗଳପ୍ରଦ ଭାଳି ॥ ୩୬ ॥ ", ଲାବଣ୍ୟବତୀ, ୨୩ଛାନ୍ଦ, ପଦ - ୩୬ ପୃ - ୨୦୭ ।

୯୭. ଭଞ୍ଜ, ଉପେନ୍ଦ୍ର, "ବେନି ଅଳଙ୍କାରୁଁ ବେନି ହୋଇଛି ମଣ୍ଡନ / କରଭେ ଅତୁଳ୍ୟ ପ୍ରତି ଅଙ୍ଗରେ ତପନ ଯେ ॥ ୧୪ ॥ ", ଲାବଣ୍ୟବତୀ, ୪୬ଛାନ୍ଦ, ପଦ - ୧୪, ପୃ - ୪୦୫ ।

୯୮. ଭଞ୍ଜ, ଉପେନ୍ଦ୍ର, "ନାସିକାରେ ମୋଡ଼ି ଦେଇ ଚେତାଇଲା ତାକୁ / ଏ ନାଟ ଆରମ୍ଭ କରେ କିଙ୍କିଣୀ ବାଦ୍ୟକୁ ଯେ ॥ ୨୪ ॥ ", ଲାବଣ୍ୟବତୀ, ୩୨ଛାନ୍ଦ, ପଦ - ୨୪, ପୃ - ୨୮୧ ।

୯୯. ଭଞ୍ଜ, ଉପେନ୍ଦ୍ର, " ଉରଜ କୁମ୍ଭ କାରକ ନାରୀ ବିବେକୀ / ଲୁଚାଇ ଉରଜ କୁମ୍ଭ ସଂପୁଟ ବିକି ॥ ୬୦ ॥ ", ଲାବଣ୍ୟବତୀ, ୨୬ଛାନ୍ଦ, ପଦ - ୬୦, ପୃ - ୨୨୮ ।

୧୦୦. ଭଞ୍ଜ, ଉପେନ୍ଦ୍ର, "ହୃଦ ବନେ ଥିଲା ମନମୃଗ / ତହିଁ ବିରହ ଅନଳଯୋଗ / ପଳାଇ ତ୍ରମ ଶୋଭା ବନେ ପଶିଲା / ତହିଁ ନାହିଁ ପରା ଉଦ୍‌ବେଗ ହେ / ସୁନ୍ଦର ॥ ୧୬ ॥ ", ଲାବଣ୍ୟବତୀ, ୨୦ଛାନ୍ଦ, ପଦ - ୧୬, ପୃ -୧୭୮ ।

୧୦୧. ଭଞ୍ଜ, ଉପେନ୍ଦ୍ର, " କେ ବୋଇଲା ମୋହ ପାଇଁ ନ ଭାଳିବ ସାରିବ ବେଳକାଳେ ନିତି / ତୁମ୍ଭେ ସର୍ବଶୁଭେ ଥିଲେ ସବୁ ଅଛି ନ ମିଳିବେ କେତେ ଯୁବତୀ / କେ ସଖି / ଦ୍ୱାରାରେ ଏମନ୍ତ କୁହାଇ / ବାହୁଡ଼ି ଆସି ଯାହାକୁ ବିଭା ହେବ ଏ ରୂପେ ନୋହିବ ଅସ୍ନେହୀ ॥ ୩୦ ॥ ", ଲାବଣ୍ୟବତୀ, ୨୩ଛାନ୍ଦ, ପଦ - ୩୦, ପୃ -୨୦୬ ।

୧୦୨. ଭଞ୍ଜ, ଉପେନ୍ଦ୍ର, " ନୟନ ଉତ୍ପଳ କଜ୍ଜଳ ଲାଞ୍ଚ ଅନାଇଦେଇ / ଗଭୀର ଜଳରେ ପଶିଲେ ମୀନ ଭୟକୁ ପାଇ ॥ ୧୫ ॥ ଭୁରୁ ନୟନ ଅଞ୍ଜନକୁ ଚାହିଁ ଖଞ୍ଜନମାନେ / କୁରଙ୍ଗହେ ଆମ୍ଭେ ମଲାଇଁ ବୋଲି ଡ଼ାକିଲେ ସ୍ୱନେ ॥ ୧୬ ॥ ", ଲାବଣ୍ୟବତୀ, ଷଷ୍ଠଛାନ୍ଦ, ପଦ - ୧୫,୧୬ ପୃ - ୬୨ ।

୧୦୩. ଭଞ୍ଜ, ଉପେନ୍ଦ୍ର, " ରମଣୀ ଇଷିବଦନ ପ୍ରୁଷ ହୁଂକୃତ / ବାଳାନଖ କ୍ଷତକୁ ପୁରୁଷ ମୁଷ୍ଟିଘାତ ଯେ / କି କରନ୍ତି କି ବୋଲନ୍ତି ନ ପାରନ୍ତି ଜାଣି / ପିତ୍ତ ରୋଗ ଅଧିକ ହୋଇଲେ

ଯଥା ପ୍ରାଣୀ ଯେ ।। ୨୪ ।। '', ଲାବଣ୍ୟବତୀ, ୩୩ଛାନ୍ଦ, ପଦ - ୨୪, ପୃ - ୨୯୫ ।

୧୦୪. ମହାପାତ୍ର, ଡ଼ଃ ସଂଘମିତ୍ରା, ଲାବଣ୍ୟବତୀ ଏକ ଅଧ୍ୟୟନ, (ଅପ୍ରକାଶିତ) ପୃ - ୩୬୫ ।

୧୦୫. ମହାପାତ୍ର, ଡ଼ଃ ସଂଘମିତ୍ରା, ଲାବଣ୍ୟବତୀ ଏକ ଅଧ୍ୟୟନ, (ଅପ୍ରକାଶିତ) ପୃ - ୩୬୬ ।

୧୦୬. ଭଞ୍ଜ, ଉପେନ୍ଦ୍ର, ''ଯଶ ବର୍ଣ୍ଣନା କରନ୍ତି ଭାଟ ଶ୍ଳେଷେ/ଏକ ପଦରେ ଗୀତ କବିତ୍ୱ ବଶେ ।। ୪ ।। '' ଲାବଣ୍ୟବତୀ, ୭ମ ଛାନ୍ଦ, ପଦ - ୪, ପୃ - ୬୮ ।

୧୦୭. ଭଞ୍ଜ, ଉପେନ୍ଦ୍ର, ''ବୀର ଅଦ୍ଭୁତ କୀର୍ତ୍ତି କବିତ୍ୱ ବଚନ / ସ୍ଥାନେ ସ୍ଥାନେ ପଢୁଛନ୍ତି ବୋଧକର ମାନ ଯେ ।। ୩୮ ।।'' ଲାବଣ୍ୟବତୀ, ୪୬ଛାନ୍ଦ, ପଦ - ୩୮, ପୃ - ୪୦୮ ।

୧୦୮. ଭଞ୍ଜ, ଉପେନ୍ଦ୍ର, '' କଙ୍କଣ କ୍ୱଣିତ ଧ୍ୱନିରୁ ମଣିତ ଭୂଜଡ଼ିଣ୍ଡିମ କି ବାଇଲା / ଉଚ୍ଚବାତବାଣୀ ମଙ୍ଗଳ ଗୀତ କି ଅଭିଷେକ ବେଳେ ହୋଇଲା / ସ୍ୱଭାବେ ! / କୁଚକୁମ୍ଭ ରାଜିଛି / ଚାରୁବୋଳଚୂତପଲ୍ଲବ ସଂଯୁତହାର ଉପହାର ସାଜିଛି ।। ୨୦ ।।'', ଲାବଣ୍ୟବତୀ, ପଞ୍ଚମଛାନ୍ଦ, ପଦ - ୨୦, ପୃ - ୫୬ ।

୧୦୯. ଭଞ୍ଜ, ଉପେନ୍ଦ୍ର, ''ଶଙ୍ଖ ଶଙ୍ଖ ଶଙ୍ଖ ବାଜେ ଅସଂଖ୍ୟ ମାଧୁରୀ / ଘଣ୍ଟ ପଟହ କଂସାଳ ତାଳ ତୁରୀ ଭେରୀ ଯେ ।। ୪୦ ।। କର୍ଣ୍ଣାଳ କାହାଳ ବିଜିଘୋଷବେଣୁ ଡ଼ମ୍ଫା / ମୁରୁଜ ଡ଼ିଣ୍ଡିମ ଦୁନ୍ଦୁଭିରେ ମହୀକମ୍ପା ଯେ ।। ୪୧।। ବୀଣାରବା ତାଳୀ ତାଳ ମୃଦଙ୍ଗ ମର୍ଦ୍ଦଳ / ସ୍ୱରମଣ୍ଡଳ ଅମୃତୀ ବାଏ ଗୁଣୀକୁଳଯେ ।। ୪୨ ।।'', ଲାବଣ୍ୟବତୀ, ୩୦ ଛାନ୍ଦ, ପଦ - ୪୦/୪୧/୪୨/, ପୃ - ୨୬୧ ।

## ପଞ୍ଚମ ଅଧ୍ୟାୟ

# ଲାବଣ୍ୟବତୀର ଚିରନ୍ତନ ମୂଲ୍ୟବୋଧ

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସଂସ୍କୃତ ସଚେତକ ଦକ୍ଷ ସାରସ୍ୱତ ସାଧକ । ଅଗାଧ ପାଣ୍ଡିତ୍ୟ, ଉନ୍ମେଷଶାଳିନୀ ପ୍ରଜ୍ଞା, ଆଧ୍ୟାତ୍ମିକ ଜୀବନ ଜିଜ୍ଞାସା, ଜୀବନର ଆତ୍ମିକ ଚିରନ୍ତନ ମୂଲ୍ୟବୋଧ ପ୍ରଭୃତି ବୌଦ୍ଧିକ ଉପାଦାନକୁ ନେଇ ଭଞ୍ଜୀୟ କାବ୍ୟଶିଳ୍ପ ବୈଚିତ୍ର୍ୟପୂର୍ଣ୍ଣ । ଧର୍ମାନ୍ଧତା ଓ ସାମାଜିକ ବ୍ୟଭିଚାରର ସେ ଥିଲେ ଘୋର ବିରୋଧୀ । ରସ ଓ ଧ୍ୱନିର ଭାବାବେଶ ସମ୍ବଳିତ ମଧୁମୟ ଆହ୍ୱାନ ଉପେନ୍ଦ୍ରଙ୍କ ପ୍ରାଣତନ୍ତ୍ରୀକୁ ଦିବ୍ୟଭାବରେ ସ୍ପନ୍ଦିତ ଓ ଝଙ୍କୃତ କରିବାଫଳରେ ସେଥିରୁ ମହାବେଗରେ ବିନିଃସୃତ ହୋଇଛି ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ପ୍ରେମସୁଧାନିଧି, ରସିକହାରାବଳୀ, ସୁଭଦ୍ରାପରିଣୟ, ରସଲେଖା, ଛାନ୍ଦଭୂଷଣ, କଳାକଉତୁକ ଓ ଅବନାରସତରଙ୍ଗ ପ୍ରଭୃତି ଅନେକ ରଚନା । ଉପେନ୍ଦ୍ରଙ୍କ ପରିକଳ୍ପନାବିଳାସ ମାର୍ଜିତ ରୁଚିସମ୍ପନ୍ନ ଭାବରେ ଅଗ୍ରସର ହୋଇଛି । ତାଙ୍କ ସୃଷ୍ଟିର ପ୍ରତି ପର୍ଯ୍ୟାୟରେ ଏବଂ ଚିନ୍ତାଧାରାର ଅନନ୍ୟ ସାଧାରଣ ବିଶେଷତ୍ୱ ଓ ତାଙ୍କ ଦିବ୍ୟଦର୍ଶିତାର ମହୀୟସୀ ଶକ୍ତିର ନୈସର୍ଗିକ ଶୈଳୀ ତାଙ୍କୁ ଦେଇଛି ଅଭୂତପୂର୍ବ ପ୍ରେରଣା । ତାଙ୍କର ମୌଳିକ ପ୍ରତିଭାକୁ ଯଥାର୍ଥରେ ଉନ୍ନତ ସାହିତ୍ୟର ପାରମ୍ପରିକ ମର୍ଯ୍ୟାଦା ପରିବେଷଣ ଦିଗରେ ବିନିଯୁକ୍ତ କରିବାପାଇଁ ପଦେ ପଦେ ତାଙ୍କ ପ୍ରାଣରେ ସୃଷ୍ଟି କରିଛି ଦିବ୍ୟାତିଦିବ୍ୟ ଭଗବଦ୍‌ଭାବମୟ ଆତ୍ମବିଶ୍ୱାସର ଚିରନ୍ତନୀ ଚେତନା । ତେଣୁ ସମ୍ଭବତଃ ପୁରାଣ ଓ ଧର୍ମ ଅନୁପ୍ରେରିତ ପାରମ୍ପରିକ ସାହିତ୍ୟ ଧାରାକୁ ପରିବର୍ତ୍ତନ କରି କାଳ୍ପନିକ ଓ ଧର୍ମନିରପେକ୍ଷ କାବ୍ୟ ସାହିତ୍ୟ ରଚନା ତାଙ୍କର ମୁଖ୍ୟ ଆଦର୍ଶ ହୋଇଛି । ଭଞ୍ଜୀୟ ସାହିତ୍ୟର ବଳିଷ୍ଠ ପରମ୍ପରାରେ ଉନ୍ନତ କଳ୍ପନା ବିଳାସ, ଅନବଦ୍ୟ ରସାଳତା, ସାବଲୀଳ ପ୍ରକାଶଭଙ୍ଗୀ, ଯଥାର୍ଥ ଶବ୍ଦାବଳୀର ଶୋଭନ ବିନ୍ୟାସ, ଧ୍ୱନିତତ୍ତ୍ୱର ଚରମ ଉତ୍କର୍ଷ, ଆଦର୍ଶାନୁମୋଦିତ ସନ୍ଦର୍ଭ ଗୁଡିକର ସଜ୍ଜୀକରଣ, ମନୋଜ୍ଞ ଅଳଙ୍କାର ପ୍ରୟୋଗପଟୁତା, ଚିନ୍ତନର ଧାରାବାହିକତା ଏବଂ ସର୍ବୋପରି କବିଙ୍କର ଜୀବନାଦର୍ଶ, ଦିବ୍ୟଦର୍ଶିତା, ଦିବ୍ୟାନୁଭୂତିର ସଂଯୋଗରେ ଭଞ୍ଜୀୟ କାବ୍ୟକୋଣାର୍କ ଏକ ବିଚିତ୍ର ଚିତ୍ରଶାଳା ଭଳି ପ୍ରତୀୟମାନ ହୁଏ । ଦିବ୍ୟଚେତନାମୟ ବ୍ରହ୍ମସ୍ୱରୂପ ରାମତାରକ ମନ୍ତ୍ରର ସିଦ୍ଧତା ଉପେନ୍ଦ୍ରଭଞ୍ଜଙ୍କର ଐଶ୍ୱରୀକ କବିତ୍ୱ ଶକ୍ତିକୁ ଏକ ଅଭିନବ ପ୍ରେରଣା ପ୍ରଦାନ କରିଛି । ଉପେନ୍ଦ୍ର ଦିବ୍ୟତାର ଉପାସକ ଭାବରେ ଭାବାବିଷ୍ଟ ହୋଇ ଅନନ୍ତ ସୃଷ୍ଟିଲୀଳା ନିହିତ ଅପରିମେୟ ମାଧୁର୍ଯ୍ୟର ସାକାର ପ୍ରତିମୂର୍ତ୍ତି ଜଗନ୍ନାଥ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ପୁରୁଷୋତ୍ତମରୂପୀ ମର୍ତ୍ତ୍ୟାବତୀର୍ଣ୍ଣ ରାମଚନ୍ଦ୍ରଙ୍କଠାରେ ନିଜକୁ ସମର୍ପଣ କରିଦେଇଛନ୍ତି । ମଧ୍ୟଯୁଗୀୟ ବୌଦ୍ଧିକ ଓ ସାହିତ୍ୟିକ ଆବେଦନ ଯାହା ରାଜପୃଷ୍ଠପୋଷକତା

ପ୍ରାପ୍ତ ହୋଇ କବିର ଗୌରବ ପ୍ରଖ୍ୟାପକ ହୋଇପାରୁଥିଲା । ସେହି ସବୁ ଉପାଦାନକୁ ନେଇ ଭଞ୍ଜୀୟ ସୃଷ୍ଟିସମୃଦ୍ଧ ଓ ପରିପୁଷ୍ଟ ଥିଲା । ଅନୁକରଣର ପ୍ରଚେଷ୍ଟା, ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ସୃଷ୍ଟିର ପ୍ରତିଯୋଗୀ ମନୋଭାବ, ନୈସର୍ଗିକ ପ୍ରେମ ପରିବର୍ତ୍ତେ ବହୁସ୍ଥାନରେ ଯୌନପ୍ରବଣତାର ଅବାଧ ପ୍ରୟୋଗ ଦୃଷ୍ଟିରୁ ଭଞ୍ଜ ଅବଶ୍ୟ ବହୁ ସମାଲୋଚନାର ଶରବ୍ୟ ହୋଇଥାନ୍ତି ।

ତଥାପି ତାଙ୍କ କାବ୍ୟ ସମ୍ପଦର ମଣ୍ଡିତ ଭାବ ଗ୍ରମ୍ଫିତ ଏବଂ ମଞ୍ଜୁଳ, ଭାଷା ଗୌରବରେ ଗରୀୟାନ ଓ ପ୍ରେୟ । କବିବୈଦଗ୍ଧ୍ୟ, ଦାର୍ଶନିକର ଦିବ୍ୟ ଦର୍ଶନ, ସାଧକର ଉନ୍ନତ ସାଧନା, କର୍ମବୀରର କର୍ମଠତା, କବିର ନିଃସର୍ଗସାମର୍ଥ୍ୟ, ସଂସ୍କାରକ ଓ ଶିକ୍ଷକର ମାନବିକ ମହତ୍ତ୍ୱକୁ ସାର୍ଥକ ଭାବରେ ରୂପାୟିତ କରନ୍ତି ଉପେନ୍ଦ୍ରଭଞ୍ଜ । କବି ଉପେନ୍ଦ୍ର ଭଞ୍ଜଙ୍କ ଆତ୍ମା ବିଶୁଦ୍ଧ କବିତ୍ୱ ଶକ୍ତିର ଅଧିକାରୀ ହେବା ସହିତ ଜୀବନର ଚିରନ୍ତନ ମୂଲ୍ୟବୋଧକୁ ତାଙ୍କର ଦାର୍ଶନିକ ଭଗବଦ୍‌ପ୍ରେମୀ ବ୍ୟକ୍ତିତ୍ୱ ଏକ ନୂତନ ଦିଗଦର୍ଶନ ଦେବାରେ ସହାୟକ ହୋଇଛି । ଆପଣାର ଆତ୍ମିକ  ଆନ୍ତରିକ ଭକ୍ତିଭାବକୁ ସେ ନିଜର ଅସାଧାରଣ କବିତ୍ୱ ଶକ୍ତି ରାମତାରକ ମନ୍ତ୍ରରେ ସିଦ୍ଧ ବୋଲି ସ୍ୱୀକାର କରିଛନ୍ତି । ନିଜର ଅନନ୍ୟ କଳ୍ପନାଶକ୍ତି, ବିଦ୍‌ବତ୍ତା, ପ୍ରଜ୍ଞା, ଅଗାଧ ପାଣ୍ଡିତ୍ୟ ଥିବାସତ୍ତ୍ୱେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ନିଜକୁ ସର୍ବଦା ଦାସଭାବରେ ଦେଖିବାକୁ ଚାହିଁଛନ୍ତି । ତେଣୁ ସ୍ୱକୀୟ ସୃଷ୍ଟି ସମ୍ଭାରରେ ବିଷ୍ଣୁ ଶିବ କାଶୀବିଶ୍ୱନାଥ ପ୍ରଭୃତିଙ୍କ ସ୍ୱତନ୍ତ୍ର ବର୍ଣ୍ଣନା ଓ ପ୍ରଶସ୍ତିଗାନ କରିବା ସଙ୍ଗେ ସଙ୍ଗେ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' ତଥା 'ରସିକହାରାବଳୀ' ରେ ପୁରୁଷୋତ୍ତମକ୍ଷେତ୍ର ମାହାତ୍ମ୍ୟର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଛନ୍ତି । ତାଙ୍କର କାବ୍ୟିକ ପରିକଳ୍ପନାର ଉନ୍ମେଷକର୍ତ୍ତା ଆରାଧ୍ୟଦେବ ରାମଚନ୍ଦ୍ର କେବଳ ଦିବ୍ୟାନୁଭୂତିର ପ୍ରତୀକ ହୋଇନାହାନ୍ତି ବରଂ କବିଙ୍କ ଜୀବନର ଦ୍ୟୋତକ ଭାବରେ ତଥା ସର୍ବବିଧ ଚିନ୍ତାଧାରା ଓ କର୍ମପଦ୍ଧତି ନିୟାମକ ଭାବରେ ତାଙ୍କ ସାଧନାର ପ୍ରତି ସ୍ତରରେ ସ୍ୱତଃସ୍ଫୁର୍ତ୍ତ ଭାବରେ ଉଦ୍ଭାସିତ ହୋଇଛନ୍ତି । ରାମମୟ ସଂସାର, ରାମମୟ ଚିନ୍ତା, ରାମମୟ କଳ୍ପନା ବିଳାସ ଏବଂ ରାମମୟ ଜୀବନର ଚରମ ସାଧନା  ସବୁ କିଛି ଉପେନ୍ଦ୍ରଙ୍କ ମହନୀୟ ଜୀବନ ଚରିତର ପ୍ରତି ପର୍ଯ୍ୟାୟ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଛନ୍ତି । ନୟାଗଡ଼ରୁ ରଘୁନାଥଙ୍କ ପୀଠ ଓଡ଼ଗାଁକୁ ଆସିବାରେ ଏବଂ ସେଠାରୁ ସାହିତ୍ୟ ସାଧନା ଲାଗି ସ୍ୱତନ୍ତ୍ର ନିର୍ଦ୍ଦେଶ ଓ ଅଭୟ ଲାଭ କରିବାରେ ଉପେନ୍ଦ୍ରଙ୍କ ଜୀବନଯାତ୍ରାରେ ଦେଖାଦେଲା ଏକ ନୂତନ ଅଧ୍ୟାୟ ବୋଲି କେତେକ ପଣ୍ଡିତ ପ୍ରକାଶ କରିଛନ୍ତି ।

'ବୈଦେହୀଶ ବିଳାସ'ରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ସ୍ୱର୍ଗୀୟ ନିର୍ଦ୍ଦେଶର ଅସ୍ତିତ୍ୱରେ ଅନାବିଳ ରାମକଥା ରଚନାର  ଅଭିନବତ୍ୱ ହିଁ କବିଙ୍କ ଏକନିଷ୍ଠତାର ପରିଚୟ ଦିଏ । ପରଂବ୍ରହ୍ମ ସ୍ୱରୂପଙ୍କର ପ୍ରକାଶ ବିଷ୍ଣୁ, ଶିବ, ଗଣେଶ, ବ୍ରହ୍ମା, ଜଗନ୍ନାଥ ସର୍ବୋପରି ରାମଚନ୍ଦ୍ରଙ୍କଠାରେ ସ୍ୱୟଂସମ୍ପୂର୍ଣ୍ଣ ଭାବରେ ଅବଲୋକନ କରିଛନ୍ତି । 'କଳାକଉତୁକ'ରେ 'କ' ର (ପରଂବ୍ରହ୍ମ)ଙ୍କର ଉପାସନା ହୋଇଛି ଯଥାର୍ଥ, କୃଷ୍ଣ ଚରିତର ଅନୁଶୀଳନରେ ଏବଂ

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, 'ରସିକହାରାବଳି' ପ୍ରଭୃତିରେ ଓଡ଼ିଶାର ଶ୍ରେଷ୍ଠକବି ଉପେନ୍ଦ୍ର ପୁରୁଷୋତ୍ତମ କ୍ଷେତ୍ରାଧିଷ୍ଠିତ ଜଗନ୍ନାଥଙ୍କର ମହିମାଗାନ କରି 'ରାମତ୍ୱ' ଉପାସନାର ତାତ୍ପର୍ଯ୍ୟ ପ୍ରତିପାଦନ କରିଛନ୍ତି । 'କଳାକଉତୁକ'ରେ ଅନନ୍ତକାଳର ପରିପ୍ରକାଶକ ଭଗବାନ କୃଷ୍ଣଙ୍କ ଚରିତର ବିଶେଷତ୍ୱ ପ୍ରତିପାଦନ କରିବା ପାଇଁ ପ୍ରତିପଦର ମୂଳରେ 'କ' ଅକ୍ଷରକୁ (ଯାହା ଅନନ୍ତ,ଶାଶ୍ୱତ ଓ କ୍ଷରଣହୀନ) ବ୍ୟବହାର କରିଛନ୍ତି । ସେଥିପାଇଁ 'କଳାକଉତୁକ' କାବ୍ୟର ଆରମ୍ଭରେ ଲେଖିଛନ୍ତି, ''କମଳଧର ହେ କମଳଧର ଜିତନାୟକ/କମଳଧର ଯାର/ରାମ ନାମ ସଦାଧ୍ୟାୟକ/କମଳସାକ୍ଷାତ କମଳାସାର ସୀତା ନାୟିକା/କମଳାସନ ଦିବ୍ୟ ରୂପେ ନିନ୍ଦେ ପୁଷ୍ପ ଶାୟକ''।। (୧) ପୂର୍ବରୁ ପରମବୈଷ୍ଣବ କବି ଦୀନକୃଷ୍ଣ କୃଷ୍ଣଙ୍କ ଲୀଳାମୟ ଚରିତକୁ ଅତ୍ୟନ୍ତ ଚମତ୍କାର ଭାବରେ ବର୍ଣ୍ଣନା କରିସାରିଛନ୍ତି । 'ରସକଲ୍ଲୋଳ'ରେ ଦୀନକୃଷ୍ଣ ଲେଖିଛନ୍ତି ''କର ସାଧୁଜନମାନେ ମନକୁ ଏକ କଲେ ଦର୍ଶନ ନରହେ କଳୁଷଶୋକ / କମ୍ବୁକଣ୍ଠେ କଉସ୍ତୁଭ ମଣିନାୟକ / କଳୁଷ ଅନ୍ଧକାରକୁ ଦିନନାୟକ''।୧।(୨) ରସକଲ୍ଲୋଳରେ ଯେଉଁ 'କ' କ୍ରମ ରକ୍ଷିତ ହୋଇଛି ପ୍ରତିପାଦ ଆରମ୍ଭରେ 'କଳାକଉତୁକ' ରେ ମଧ୍ୟ ସେହିଭଳି ହୋଇଛି । କିନ୍ତୁ ରସକଲ୍ଲୋଳର ପ୍ରଥମଛାନ୍ଦଟିକୁ ଛାଡ଼ିଦେଲେ ଅନ୍ୟ ଛାନ୍ଦଗୁଡ଼ିକ ରେ କାନ୍ତ (କ...ଅନ୍ତ) ନୁହେଁ ଅର୍ଥାତ୍ ସେଗୁଡ଼ିକର ଶେଷରେ 'କ' ନାହିଁ । ଉପେନ୍ଦ୍ରଭଞ୍ଜଙ୍କ 'କଳାକଉତୁକ' ର ପ୍ରତି ଛାନ୍ଦର ପ୍ରଥମ ଓ ଶେଷରେ 'କ' ଅକ୍ଷର କ୍ରମ ରହିଛି ।

'ଲାବଣ୍ୟବତୀ' କାବ୍ୟରେ କବି ଶ୍ରୀରାମଙ୍କ ସହିତ ସୀତାଙ୍କୁ ବାରମ୍ବାର ସ୍ମରଣ କରିଛନ୍ତି । ପ୍ରଥମତଃ ଶ୍ରୀରାମ ତାଙ୍କର ଇଷ୍ଟଦେବତା ଦ୍ୱିତୀୟତଃ ଶ୍ରୀରାମ ଏବଂ ସୀତାଙ୍କ ଦାମ୍ପତ୍ୟ ଜୀବନର ଏକନିଷ୍ଠ ଆଦର୍ଶ କବିଙ୍କର ମୂଳ ଆଧାର ଥିଲା । ତେଣୁ ଶ୍ରୀରାମ ଓ ସୀତା ତାଙ୍କର ଆଦର୍ଶ ସ୍ୱରୂପ 'ଲାବଣ୍ୟବତୀ' କାବ୍ୟରେ ଦାମ୍ପତ୍ୟ ଜୀବନର ଶ୍ରେଷ୍ଠତାକୁ ସେ ଚିରନ୍ତନ ମୂଲ୍ୟବୋଧ ଦୃଷ୍ଟିରୁ ବିଚାର କରିଛନ୍ତି । ଏହା ସହିତ ତାଙ୍କର ସମଗ୍ର ରଚନାବଳୀରେ ଏହି ଚିରନ୍ତନ ମୂଲ୍ୟବୋଧର ଉତ୍କର୍ଷ ପ୍ରକାଶିତ ହୋଇଛି । କବି ଉପେନ୍ଦ୍ର ସୀତାରାମଙ୍କ ପ୍ରତି ହୃଦୟର ଐକାନ୍ତିକ ଭକ୍ତି ଅର୍ଘ୍ୟ ଅର୍ପଣ କରିଛନ୍ତି । ପ୍ରଜାନୁରଞ୍ଜକ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ସୁଶାସନ ଓ ଏକନିଷ୍ଠ ପତ୍ନୀ ପ୍ରେମ ତାଙ୍କୁ ବିମୁଗ୍ଧ କରିଛି । 'ଲାବଣ୍ୟବତୀ' କାବ୍ୟର ପ୍ରଥମଛାନ୍ଦରେ ରାମ, ବଳରାମ ଓ ପର୍ଶୁରାମଙ୍କୁ ଏକାଧାରରେ ବନ୍ଦନା କରିଛନ୍ତି । ଦ୍ୱିତୀୟ ଛାନ୍ଦର ଶେଷରେ ରାମକୃଷ୍ଣଙ୍କର ବନ୍ଦନା ରହିଛି । ରାଧାପତି ଶ୍ରୀକୃଷ୍ଣଙ୍କୁ ତାଙ୍କର ପାପ ବିନାଶନ ପାଇଁ ନିବେଦନ କରିଛନ୍ତି । ହିରଣ୍ୟକଶ୍ୟପୁବିଦାରଣକାରୀ ନୃସିଂହ, ଅନନ୍ତନାଗଶାୟୀ ନାରାୟଣ, ବଳି ଗର୍ବହରଣକାରୀ ଭଗବାନ ବାମନ, ମତ୍ସ୍ୟାବତାର ଭଗବାନ, ଶିବପାର୍ବତୀ ଇତ୍ୟାଦି ଦେବଦେବୀଙ୍କର ସୂଚନା ଏହି କାବ୍ୟରେ ରହିଛି । ଏଥିରୁ ଜଣାପଡ଼େ ଉପେନ୍ଦ୍ର ଯଦିଓ ଶ୍ରୀରାମଙ୍କୁ ଆରାଧ୍ୟ ଦେବତା ଭାବରେ ଗ୍ରହଣ କରିଥିଲେ ତଥାପି ତାଙ୍କର ଅନ୍ୟାନ୍ୟ ଦେବଦେବୀଙ୍କ ପ୍ରତି ଗଭୀର ଭକ୍ତି ଶ୍ରଦ୍ଧା ଥିଲା । 'ରାମଲୀଳାମୃତ' କାବ୍ୟରେ ଉପେନ୍ଦ୍ର ଚାରିଧର୍ମ ସମ୍ପ୍ରଦାୟ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି । ବୈଷ୍ଣବ, ଶୈବ,

ଶାକ୍ତ ଓ ଗାଣପତ୍ୟ ଏହି ଚାରି ସମ୍ପ୍ରଦାୟଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ ହେଁ ଏ ସମସ୍ତଙ୍କ ମଧ୍ୟରେ ଐକ୍ୟ ଦେଖାଇଛନ୍ତି । 'ବୈଦେହୀଶ ବିଳାସ'ପରି ରାମ କାବ୍ୟରେ ମଧ୍ୟ ପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରସଙ୍ଗକୁ ବିଭିନ୍ନ ସ୍ଥଳରେ ବର୍ଣ୍ଣନା କରିଛନ୍ତି । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ,କଳାକଉତୁକ,ରସଲେଖା,ରସିକହାରାବଳୀ ପ୍ରଭୃତି କାବ୍ୟରେ ଶ୍ରୀଜଗନ୍ନାଥଙ୍କର ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ । କବିଙ୍କର 'ନୀଳାଦ୍ରିଶଚଉତିଶା' ରେ ଆଧ୍ୟାତ୍ମିକ ମନସ୍ତତ୍ତ୍ୱର ଚମତ୍କାର ଚିତ୍ରଣ ହୋଇଛି । 'ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ' ଏମାନଙ୍କ ସମନ୍ୱୟ ହିଁ ଜଗନ୍ନାଥଙ୍କ ମହାମହିମ ଅନନ୍ତଲୀଳାମୟ ପୁରୁଷୋତ୍ତମ ବିଗ୍ରହର ବିଶେଷତ୍ୱ ପ୍ରକଟନ କରିଥାଏ । ବସ୍ତୁତଃ ସେ ଯଥାର୍ଥ ଭାବରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଅନନ୍ତକୋଟି ବ୍ରହ୍ମାଣ୍ଡମାଳାର ମୂଳଧାରା ମୂଳବୀଜ ରୂପେ ପ୍ରାଣରେ ଉପଲବ୍ଧି କରି ସେହି ମହାଭାବରେ ବିହ୍ୱଳ ହୋଇ ବ୍ରହ୍ମମୟ ସୃଷ୍ଟିର ନିଗୂଢ଼ ରହସ୍ୟାବଳୀରେ ନିଜକୁ ହଜାଇ ଦେଇ ସମଗ୍ର ସୃଷ୍ଟି ଓ ସ୍ରଷ୍ଟାର ଅନନ୍ତ ପରିସରରେ ଗଭୀର ବ୍ରହ୍ମବିଶ୍ୱାସ ଓ ସ୍ରଷ୍ଟାର ଅନନ୍ତ ଲୀଳାମୟ ସମନ୍ୱୟର ଅନନ୍ତ ପରିସରରେ ଗଭୀର ବ୍ରହ୍ମବିଶ୍ୱାସ ଓ ଶୁଦ୍ଧାଭକ୍ତିର ଭାବୋଚ୍ଛ୍ୱାସରେ ନିଜକୁ, ଓଁକାର ପ୍ରାଣରେ ସମ୍ମୋହିତ ଧ୍ୱନିରେ ସମର୍ପଣ କରିଦେଇଛନ୍ତି ।

ଆଲୋଚ୍ୟ 'ଲାବଣ୍ୟବତୀ' କାବ୍ୟର ବିଭିନ୍ନସ୍ଥାନରେ ସେ ଜୀବନଦର୍ଶନର ଗଭୀର ମୂଲ୍ୟବୋଧ୍ୟକୁ ଅତ୍ୟନ୍ତ ସାବଲୀଳ ସରଳ ଭାବରେ ପ୍ରକାଶ କରିଛନ୍ତି । ନାୟିକା ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ଜନ୍ମ, ଶୈଶବ, ପ୍ରେମ, ପ୍ରଣୟ, ବିବାହ ଭିତରେ ଜୀବନର ସାର୍ଥକତା ଯେଉଁ ଛୋଟ ଛୋଟ କଥାରେ ପ୍ରକାଶିତ ହୁଏ, ତାହାକୁ ଖୁବ୍ ମନୋଜ୍ଞ ଭାବରେ ପ୍ରକାଶ କରନ୍ତି । କାବ୍ୟର ପ୍ରଥମଛାନ୍ଦରେ 'ଲାବଣ୍ୟବତୀ'ର ପୂର୍ବଜନ୍ମ ସମ୍ପର୍କରେ ଏକ ଚମତ୍କାର ତଥ୍ୟ ଉପସ୍ଥାପିତ ହୋଇଛି । ବିଷବୃକ୍ଷଟିଏ ରୋପଣ କରିଥିଲେ ତାକୁ ଉପାଡ଼ିଦେବା ବା ଧ୍ୱଂସ କରିବା ଯେପରି ଦୋଷାବହ, ଠିକ୍ ସେହିପରି ପାର୍ବତୀଙ୍କ ମାନସକନ୍ୟା ଅନିନ୍ଦ୍ୟାସୁନ୍ଦରୀ ବାଞ୍ଛାବତୀକୁ ସେ ନିଜେ ସୃଷ୍ଟିକରି କଦାପି ମାରିପାରିବେ ନାହିଁ । ତେଣୁ ତା ଦ୍ୱାରା ତାଙ୍କର କ୍ଷତି ହେବାର ସମ୍ଭାବନା ଥିଲେ ମଧ୍ୟ ତାକୁ ସେ ନେଇ ଅଗମ୍ୟ ଅରଣ୍ୟରେ ରଖାଇଛନ୍ତି । ବଣଦେବୀଙ୍କ ଦ୍ୱାରା ଏକ ଭବ୍ୟ ପ୍ରାସାଦ ନିର୍ମାଣ କରି ସେଠାରେ ବାଞ୍ଛାବତୀକୁ ରଖାଇଛନ୍ତି ।[୩]

## ନାରୀର ଦିବ୍ୟତ୍ୱ :

ଉପେନ୍ଦ୍ରଭଞ୍ଜ ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ନାରୀକୁ ଶ୍ରେଷ୍ଠ ଆସନ ଦେଇଛନ୍ତି । ନାରୀକୁ କେବଳ କାମ ବାସନା ବା ଭୋଗର ଏକ ଯାନ୍ତ୍ରିକ ରୂପ ଭାବରେ ଦେଖାଇନାହାନ୍ତି । ନାରୀର ବ୍ୟକ୍ତିତ୍ୱ, ନାରୀର ଦିବ୍ୟତ୍ୱ ପ୍ରକାଶନ ମଧ୍ୟରେ ଉପେନ୍ଦ୍ରଭଞ୍ଜ ସମାଜକୁ ଏକ ଶିକ୍ଷା ଦେଇଛନ୍ତି । ନାରୀର ପ୍ରେମ ରୂପଜ ବା କାମଜ ନୁହେଁ । ମୁଖ୍ୟତଃ ସେ ରୂପାନୁରାଗିଣୀ ନୁହେଁ, ଗୁଣାନୁରାଗିଣୀ ଉପେନ୍ଦ୍ରଙ୍କ ନାରୀ ବହୁ ଗୁଣଶାଳିନୀ ଅନୁପମଚାତୁର୍ଯ୍ୟରେ ବୁଦ୍ଧିମନ୍ତା । ନାରୀ ଖେଳଣା ନୁହେଁ । ତେଣୁ କବି 'ଲାବଣ୍ୟବତୀ'ର

ଜନ୍ମକୁ ଏକ ଐଶ୍ୱରୀୟ ଆଶୀର୍ବାଦ ସହିତ ଦିବ୍ୟନାରୀର ସାର୍ଥକ ରୂପ ଦେବାରେ ସମର୍ଥ ହୋଇଛନ୍ତି । ' ଲାବଣ୍ୟବତୀ' କାବ୍ୟର ମୂଳରେ ଚନ୍ଦ୍ରଭାନୁ ତାର ପୂର୍ବଜନ୍ମରେ (ପ୍ରଭାକର ନାମଧାରୀ) ଜଣେ ସର୍ବଗୁଣସମ୍ପନ୍ନା ନାରୀକୁ ନିଜର ସହଧର୍ମିଣୀ ରୂପେ ଲାଭ କରିବା ଲାଗି ଅକଥନୀୟ ତପସ୍ୟା କରିଥିବାର ବର୍ଣ୍ଣିତ ହୋଇଛି ।[୪] 'ତପ ତା ଅକଥନୀୟ ଦିବ୍ୟନାରୀ ଶ୍ରଦ୍ଧେ' ହୁଏତ କେବଳ ସୁନ୍ଦରୀ ନାରୀ ପାଇବା ଲାଗି ତପସ୍ୟା କରିଥିଲେ ଚଳିଥାନ୍ତା ।

କିନ୍ତୁ କବିଙ୍କ ଭାଷାରେ ପ୍ରଭାକର କେବଳ ସୁନ୍ଦରୀ ନାରୀ ପାଇଁ କାମନା କରିନାହିଁ । ତାହାର ଅକଥନୀୟ ତପସ୍ୟା 'ଦିବ୍ୟନାରୀ' ଲାଭ ଲାଗି ଅଭିପ୍ରେତ । ସାଧାରଣତଃ 'ଦିବ୍ୟ' କହିଲେ ଆମେ ସ୍ୱର୍ଗୀୟ ବୁଝୁ । କିନ୍ତୁ ସ୍ୱର୍ଗୀୟ ଅର୍ଥରେ ଦିବ୍ୟଶବ୍ଦକୁ ଗ୍ରହଣ କଲେ କବିଙ୍କର ପରମ୍ପରାଗତ ମାର୍ମିକ ଅର୍ଥ ସ୍ପଷ୍ଟ ପ୍ରକାଶଲାଭ କରେନାହିଁ । ଉପେନ୍ଦ୍ରଭଞ୍ଜ,ସର୍ବଗୁଣମୟୀ ନାରୀର ବର୍ଣ୍ଣନା ଦୃଷ୍ଟିରୁ 'ଦିବ୍ୟ' ଶବ୍ଦର ବ୍ୟାକରଣଗତ ଅର୍ଥ ପ୍ରତି ଦୃଷ୍ଟିରଖି ଏହି ବର୍ଣ୍ଣନା କରିଛନ୍ତି । ଅନ୍ୟ ଅର୍ଥରେ କହିଲେ 'ଦିବ୍'ଧାତୁରୁ ଦିବ୍ୟ ଶବ୍ଦର ଉତ୍ପତ୍ତି ହୋଇଛି । ଏହି 'ଦିବ୍' ଧାତୁର ଦଶଗୋଟି ଅର୍ଥ ଅଛି । ଅଳଙ୍କାର ଶାସ୍ତ୍ରରେ ଯେପରି ବୈଦର୍ଭୀ ରୀତିର ଦଶଗୁଣ ମଣ୍ଡିତ କବିତା କାମିନୀର କଳ୍ପନା କରାଯାଇଛି, କବି ହୁଏତ ସେହି ସଂଖ୍ୟା ଓ ସେହି ଗୁଣଗତ ଆଦର୍ଶ ଉପରେ ଦୃଷ୍ଟିରଖି ଦଶ ଅର୍ଥ ବିଶିଷ୍ଟ ଦିବ୍ୟ ଶବ୍ଦର ପ୍ରୟୋଗ କରିଛନ୍ତି ।

## ଦିବ୍ୟ ଶବ୍ଦର ଅର୍ଥ:

(୧) କ୍ରୀଡ଼ା, (୨) ବିଜିଗୀଷା,(୩) ବ୍ୟବହାର,(୪) କାନ୍ତି (୫) ଦ୍ୟୁତି,(୬) ସ୍ତୁତି (୭) ମୋଦ, (୮) ମଦ, (୯) ସ୍ୱପ୍ନ, (୧୦) ଗତି । ଏହି ଅର୍ଥଗୁଡ଼ିକ ଅବଲମ୍ବନ କରି ଉପେନ୍ଦ୍ରଭଞ୍ଜଙ୍କ ଦୃଷ୍ଟିରେ ପ୍ରତ୍ୟେକ ପୁରୁଷ କିଭଳି ସହଧର୍ମିଣୀ କାମନା କରିଥାଏ, ତାହାର ସ୍ୱରୂପ ଓ ଆଦର୍ଶ ବିଚାର କରାଯାଇଛି ।[୫]

**(୧) କ୍ରୀଡ଼ା :** ଏହାର ସାଧାରଣ ଅର୍ଥ ଖେଳ । ସାଧାରଣ ନାରୀ ପ୍ରସଙ୍ଗରେ ଏ ଶବ୍ଦର ଦ୍ୱିବିଧ ପ୍ରୟୋଗ ହୋଇଥାଏ । (୧) ବାଲ୍ୟକ୍ରୀଡ଼ା (୨) ରତିକ୍ରୀଡ଼ା । ଭଞ୍ଜଙ୍କର ପ୍ରତ୍ୟେକ ପୁରୁଷର ଅଭିଳଷିତ ନାୟିକାଠାରେ ଅର୍ଥାତ୍ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ଓ 'ଲାବଣ୍ୟବତୀ' ପରି କାବ୍ୟ ନାୟିକାମାନେ ବାଲ୍ୟ ଓ ଯୌବନରେ କ୍ରୀଡ଼ା ପ୍ରବୀଣା ଥିଲେ । ଯୌବନରେ ବିବାହ ପରେ ସେମାନେ ଯେ ଏକମାତ୍ର ପତିଙ୍କ ସଙ୍ଗେ କଠୋର ସଂଯମ ଓ ଆବରଣ ମଧ୍ୟରେ କ୍ରୀଡ଼ା କରୁଥିଲେ ତା ନୁହେଁ, ସଖୀମାନଙ୍କ ଗହଣରେ ଜଳକ୍ରୀଡ଼ା (ଜଳକେଳି) ଓ ଉପବନ କ୍ରୀଡ଼ା ମଧ୍ୟ କରୁଥିଲେ । 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ରେ କବି ଦର୍ଶାଇଛନ୍ତି, ନାୟିକା ବାଲ୍ୟକାଳରେ ଧୂଳିଖେଳରେ ଆସକ୍ତ ଥିଲା । ଯୌବନାବସ୍ଥାରେ ବିବାହପରେ କେଳିଗୃହରେ ନାୟକ ସହିତ ରତିକ୍ରୀଡ଼ା କରିବାପାଇଁ ସୁବାସିତ କର୍ପୂର ଚୂର୍ଣ୍ଣର ବ୍ୟବହାର କରିଛି ।

ବାଲ୍ୟାବସ୍ଥାରେ ସେ ପଟ୍ଟବସନ ପରିଧାନ କରି ଅନ୍ୟାନ୍ୟ ଶିଶୁମାନଙ୍କ ସଙ୍ଗେ ବିବିଧ କ୍ରୀଡ଼ାରେ କାଳଯାପନ କରୁଥିଲା । ଫଳରେ ଦ୍ରୁତ ଗତିଶୀଳ ହେବାବେଳେ ତାହାର ପାଦକୁ

ଚଞ୍ଚଳତା ଆଶ୍ରୟ କରିଥିଲା । ଅଥଚ ଯୌବନାବସ୍ଥାରେ ଯେଉଁ ଲୀଳାବିଳାସରେ ଆସକ୍ତ ହେଲା ତହିଁରେ ପାଦର ଚଞ୍ଚଳତା ନେତ୍ରଗତି ରେ ଆଶ୍ରୟ ନେଲା । ଅର୍ଥାତ୍ ଅତି ବିଚିତ୍ର ଭାବରେ ବିଳାସିନୀ ନାୟିକାସୁଲଭ କଟାକ୍ଷ ଚାଳନାରେ ପ୍ରବୀଣା ହୋଇଉଠିଲେ ।

**(ଖ)** ପ୍ରାକ୍ ଯୌବନରେ 'ବିବାହ' ପୂର୍ବରୁ ଜଳକ୍ରୀଡ଼ାରେ କବି ମାନସୀ 'ଦିବ୍ୟ' ଶବ୍ଦ ସୂଚିତ କ୍ରୀଡ଼ା ପ୍ରବଣତାର ପରିଚୟ ଦେଇଛନ୍ତି ।[୬] ଏଥିରେ 'ବୁଲିବା' 'ଖେଳିବା' ପ୍ରଭୃତିରେ ଆଲୋଚ୍ୟ କ୍ରୀଡ଼ାର ଅର୍ଥ ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି । ଏହି କ୍ରୀଡ଼ା ପ୍ରସଙ୍ଗରେ ଆଉ ଏକ କ୍ରୀଡ଼ାର ସୁନ୍ଦର ବର୍ଣ୍ଣନା କରାଯାଇଛି ତାହା ହେଉଛି ବାକ୍‌ଚାତୁରୀମୂଳକ ଶବ୍ଦକ୍ରୀଡ଼ାର କଥା କୁହାଯାଇଛି । [୭] 'ଲାବଣ୍ୟବତୀ'ର ଜଳକେଳି ପ୍ରସଙ୍ଗରେ 'ଦେଖରେ ନଳିନୀ ନଳିନୀ ନଳିନୀ' ପ୍ରଭୃତି ହେଉଛି ଏଭଳି ବାଗ୍‌ବିଳାସ ବା ଚାତୁର୍ଯ୍ୟପୂର୍ଣ୍ଣ ଶବ୍ଦ କ୍ରୀଡ଼ାର ନିଦର୍ଶନ । ଉଦ୍ୟାନ କ୍ରୀଡ଼ା ପ୍ରସଙ୍ଗରେ ମଧ୍ୟ କବି ନିଜ କାବ୍ୟ ନାୟିକା ଲାବଣ୍ୟବତୀର ଅଳ୍ପ ଶବ୍ଦକ୍ରୀଡ଼ା ପାଟବ ପ୍ରକାଶ କରିନାହାନ୍ତି । ସୁତରାଂ 'ଦିବ୍ୟ' ଶବ୍ଦରେ କବି ନାୟିକାର ବାଲ୍ୟକ୍ରୀଡ଼ା,କୌତୁକପ୍ରିୟତା ଓ ଯୌବନସୁଲଭବିଳାସପ୍ରବଣତା ପ୍ରକଟିତ ହୁଏ ।

**(୨) ବିଜିଗୀଷା :** ଏହାର ଅର୍ଥ ଜୟ କରିବାରଇଚ୍ଛା । ଭଞ୍ଜୀୟ ନାୟିକାଙ୍କର ଏହି ଭାବପ୍ରବଣତା ସର୍ବତ୍ର ପ୍ରତିଫଳିତ । ଭଞ୍ଜ ସାହିତ୍ୟରେ ନାୟିକାମାନେ ନିଜ ନିଜର ଶାରୀରିକ, ବାଚିକ, ମାନସିକ ଓ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ବଳରେ ନିଜର ପ୍ରିୟତମ ପତିଙ୍କୁ ଜୟକରିବାର ପ୍ରଚେଷ୍ଟା କରିଛନ୍ତି । କେବଳ ଭାରତୀୟ ସାହିତ୍ୟ କାହିଁକି, ଯେ କୌଣସି ଦେଶର ସାହିତ୍ୟ ଓ ସଂସ୍କୃତିରେ ନାରୀ ଓ ପୁରୁଷର ଏହି ମହନୀୟତା ସମ୍ପର୍କରେ ଗୌରବ ଉଦ୍‌ଘୋଷିତ ହୋଇଛି । ବୈଷ୍ଣବ ଦର୍ଶନରେ ତଥା ସାହିତ୍ୟରେ ପରକୀୟା ନାୟିକାର ଚିତ୍ରଣ ମଧ୍ୟରେ ପରମାତ୍ମାଙ୍କ ଅଖଣ୍ଡ ଭାବବିଳାସ ଓ ତଦ୍‌ଗତପ୍ରାଣତାର ମହନୀୟ ଚିତ୍ର ଫୁଟି ଉଠିଛି । ସ୍ୱକୀୟା ନାୟିକାର ମନୋରମ କୌଳିକ ପରିବେଶ ମଧ୍ୟରେ ସେହି ଚିନ୍ତା ଓ ଆଦର୍ଶ, କଳ୍ପନାର ସେହି ଲାଳିତ୍ୟ, ମାଧୁର୍ଯ୍ୟ ବିଚିତ୍ର ରୂପବୈଭବ ଘେନି ଆତ୍ମପ୍ରକାଶ କରିଛି ।

ଏଥିରୁ ପ୍ରମାଣିତ ହୁଏ, ଯେଉଁମାନେ ପରକୀୟା ଭାବର ତାତ୍ତ୍ୱିକ ଚିନ୍ତନ କରିବାକୁ ଅନିଚ୍ଛୁକ, ସେମାନେ ଶ୍ରୀକୃଷ୍ଣଙ୍କ ଉପରେ ହୀନ ପାରଦାର୍ଯ୍ୟ ଦୋଷାରୋପଠାରୁ ରାଧାଙ୍କ ପ୍ରତି ବୀଭତ୍ସ ସମାଲୋଚନା ବାଣ ପ୍ରୟୋଗ କରିବା ପାଇଁ ବ୍ୟଗ୍ର ହୋଇଉଠିଥାନ୍ତି । କିନ୍ତୁ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିପାଦିତ ଏକନିଷ୍ଠ ପ୍ରେମ, ପରକୀୟାଭାବର ଆପାତ ଅବୈଧତାର କଳଙ୍କରେ କଳଙ୍କିତ ହେବାର ଆଦୌ ସମ୍ଭାବନା ନାହିଁ । ଗୃହର ଚତୁଃସୀମା ମଧ୍ୟରେ ଭଞ୍ଜ ନାୟିକା ନିଜର ଧର୍ମପତି ନର୍ମସଙ୍ଗୀ ଓ କର୍ମ ସହଚର ପୁରୁଷର ଚିତ୍ତକୁ ନିତ୍ୟ ଉଲ୍ଲସିତ ରଖିବାରେ ଯେଉଁ ଆଦର୍ଶ ସୃଷ୍ଟି କରିଯାଇଛନ୍ତି ତାହା ଭାରତୀୟ ସଂସ୍କୃତିର ଗଭୀର ମୂଲ୍ୟବୋଧକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଛି । ଭଞ୍ଜୀୟ ନାୟିକାର ସ୍ୱକୀୟା ରୂପ ସର୍ବତ୍ର ପ୍ରସିଦ୍ଧି ଲାଭ କରିଛି । ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ତଥା ଅନ୍ୟାନ୍ୟ କାବ୍ୟମାନଙ୍କରେ ନାୟିକାର ଅଭିମାନ ଅତ୍ୟନ୍ତ ମନୋଜ୍ଞ ଭାବରେ ଚିତ୍ରିତ ହୋଇଛି । ଭଞ୍ଜୀୟ

ନାୟିକା ଅଭିମାନ ବଳରେ ଅଗଣିତ ପାଠକଙ୍କୁ ଅଖଣ୍ଡ ଆନନ୍ଦାମୃତ ବିତରଣ କରିବା ସଙ୍ଗେସଙ୍ଗେ କାବ୍ୟର ନାୟିକାଙ୍କୁ କେନ୍ଦ୍ର କରି ଶାନ୍ତି, ସଂଯମ, କର୍ମପ୍ରବଣତା, ଧର୍ମପ୍ରବଣତା, ଜୀବନର ଭୋଗ ଓ ତ୍ୟାଗ ପ୍ରଭୃତିର ବିଚିତ୍ର ସମନ୍ୱୟ ପ୍ରତିଷ୍ଠା କରିବାରେ ବ୍ରତୀ ହୋଇଉଠିଛି । ସେଥିପାଇଁ ଅନେକ ବୈଦେଶିକ କାବ୍ୟରେ ନାୟିକାମାନଙ୍କର (ସ୍ୱପତିଙ୍କ ବିଦେଶ ଗମନକାଳରେ) ଉପପତି ଗ୍ରହଣକରି ଭଞ୍ଜନାୟିକା ସେହି ଅଭାରତୀୟ ତଥା ଅସାମାଜିକ ପଦ୍ଧତିର ଅନୁକରଣ କରିନାହିଁ; ବରଂ ପ୍ରତିମୁହୂର୍ତ୍ତରେ ଧର୍ମ ସାଧନର ଅଙ୍ଗରୂପେ ଜୀବନ ସମ୍ଭୋଗର ଭିତ୍ତି ସ୍ଥାପନ କରି ଲୌକିକ କର୍ମ ଓ ପାରଲୌକିକ ଲକ୍ଷ୍ୟର ଅପୂର୍ବ ସମନ୍ୱୟ ସାଧନ କରିଛି । ଏହି ଅଭିମାନ ବଳରେ ନାୟିକାର ଜିଗୀଷା ସାର୍ଥକ ହୋଇଛି ।

ନାୟକମାନଙ୍କ ସହିତ ମିଳନ ଏବଂ ମିଳନ ପରେ ମଧ୍ୟ ପରମ ସୁଖକର ବିରହର ଜୀବନ୍ତ ଚିତ୍ରଣରେ ଭଞ୍ଜ ସାହିତ୍ୟ ରସାଳ ହୋଇଉଠିଛି । ନାରୀର ଅଭିମାନକୁ ପୁରୁଷ ପ୍ରତ୍ୟାଖ୍ୟାନ କରିନାହିଁ, ଅସ୍ୱୀକାର କରିନାହିଁ କି ପରିତ୍ୟାଗ କରିନାହିଁ; ବରଂ କାତର କଣ୍ଠରେ ପ୍ରଣୟିନୀର ଅଭିମାନ ତରଙ୍ଗିଣୀରେ ନିତ୍ୟ ନିମଜ୍ଜିତ ରହି ଶୋକ ପ୍ରକାଶ କରିଛି । ଏହି ଅଭିମାନ ବଳରେ ହିଁ ପ୍ରଣୟସୂତ୍ର ଅଖଣ୍ଡିତ ରହିଛି । ପୁଣି ଏହି ଅଭିମାନର ଗଭୀରତା ହେତୁ କାଳିଦାସଙ୍କର ମେଘଦୂତ ବର୍ଣ୍ଣିତ ଅମରବାଣୀ ଭଞ୍ଜୀୟ ନାୟିକାର ପ୍ରାଣେ ପ୍ରାଣେ ପ୍ରତିଧ୍ୱନିତ ହୋଇ କବିତା ରାଜ୍ୟରେ ଚିରନ୍ତନ ସତ୍ୟକୁ ତଥା ଚିରନ୍ତନ ମୂଲ୍ୟବୋଧକୁ ଚିରକାଳ ଉଜ୍ଜୀବିତ କରି ରଖିଛି । ନାରୀ ପୁରୁଷର କେବଳ ନର୍ମସଙ୍ଗିନୀ ନୁହେଁ, ଧର୍ମସଙ୍ଗିନୀ ତଥା କର୍ମସଙ୍ଗିନୀ ମଧ୍ୟ । କର୍ମମୟ ଜୀବନରୂପୀ ନଦୀଶଯ୍ୟା ଉପରେ ଦାମ୍ପତ୍ୟ ପ୍ରେମର ପ୍ରବଳ ପ୍ରବାହ ଚିରକାଳ ପ୍ରବାହିତ ହୁଏ । ନଦୀର ଆବର୍ତ୍ତ ଓ ସ୍ରୋତର କୂଳ ପ୍ଲାବନ ଭଳି ବେଳେବେଳେ ଦାମ୍ପତ୍ୟ ଜୀବନରେ ଅନେକ ସମସ୍ୟା ମନୋମାଳିନ୍ୟ ସୃଷ୍ଟି ହୁଏ । ତଥାପି ଜଳସ୍ରୋତ ଯେପରି ତାହାର ଅଖଣ୍ଡତା ସମୁଦ୍ର ସଙ୍ଗମ ପର୍ଯ୍ୟନ୍ତ ଅବ୍ୟାହତ ରଖେ, ଠିକ୍ ସେହିପରି ଦାମ୍ପତ୍ୟ ଜୀବନରେ ପତିପତ୍ନୀଙ୍କର ଆତ୍ମିକ ଗଭୀର ବିଶ୍ୱାସ, ପ୍ରେମ, ନିଷ୍ଠା ସେମାନଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଏକାଠି କରି ରଖେ । ସେହି ଶାଶ୍ୱତ ବନ୍ଧନକୁ ହିଁ ଉପେନ୍ଦ୍ରଭଞ୍ଜ ତାଙ୍କର ନାୟକ ନାୟିକାଙ୍କ ଠାରେ ଦୃଢ଼ଭାବରେ ଦର୍ଶାଇଛନ୍ତି । 'ଦିବ୍ୟ' ନାରୀ ଲାଭର ସଂଜ୍ଞା ତେଣୁ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଚନ୍ଦ୍ରଭାନୁରୂପୀ ପ୍ରଭାକର ସେଥିପାଇଁ ଘୋର ତପସ୍ୟାରତ ରହିଛି ଏଭଳି ଅପୂର୍ବ ନାରୀକୁ ଜୀବନସଙ୍ଗିନୀ ଭାବରେ ପାଇବାପାଇଁ ।

## ବ୍ୟବହାର :

ଉପେନ୍ଦ୍ରଭଞ୍ଜ ନିଜର ଆଦର୍ଶ ନାୟିକା ଚିତ୍ରଣରେ ବିଚିତ୍ର ବିଳାସିତା ଓ ଅଭିମାନର ଇଙ୍ଗିତ ପ୍ରଦାନ ସଙ୍ଗେ ସଙ୍ଗେ ଜୀବନର ଉତ୍କର୍ଷ ବିଧାୟକ ଓ ମାନବିକତାର ମହତ୍ତ୍ୱ ଉପସ୍ଥାପନରେ ନାରୀଜୀବନର ଅନ୍ୟତମ ସାର୍ଥକତା ଉପଲବ୍ଧି କରିଛନ୍ତି । ସେଥିପାଇଁ କେବଳ ବୁଦ୍ଧିମତ୍ତା କିମ୍ବା ହୃଦୟବତ୍ତା ମାନବଜାତିର ମହନୀୟତାର ପରିମାପକ ହୋଇ ନପାରେ । 'ବ୍ୟବହାର' ଶବ୍ଦରେ ସମସ୍ତ ବ୍ୟବହାର ଅନ୍ତର୍ଭୁକ୍ତ । ବାଲ୍ୟକାଳରେ ଶିଶୁର ଗୁରୁଜନଙ୍କ ପ୍ରତି,

ପିତାମାତାଙ୍କ ପ୍ରତି, ସଙ୍ଗୀମାନଙ୍କ ପ୍ରତି ଯେଉଁ ବ୍ୟବହାର, ତାହା ଏଥିରେ ଅନ୍ତର୍ଭୁକ୍ତ । ଯୌବନରେ ଅଧିକ ସ୍ଖଳନ ସାଧାରଣତଃ ଦେଖାଯାଏ । ଯୌବନରେ ମଣିଷକୁ ଶୃଙ୍ଖଳିତ କରିବାପାଇଁ ହିଁ ଶିକ୍ଷକ ସମାଜ ଶିକ୍ଷାପଦ୍ଧତିକୁ ନିୟନ୍ତ୍ରଣ କରନ୍ତି । ଶିଶୁର ବ୍ୟବହାରକୁ ସଂଯତ, ଶୃଙ୍ଖଳିତ ତଥା ନିୟନ୍ତ୍ରିତ କରି ଭାବୀ ଜୀବନର ସହାୟକ ଓ ପରିପୋଷକ ରୂପେ ଶିକ୍ଷାର ପରିକଳ୍ପନା କରିଥାନ୍ତି । ବ୍ୟବହାରରେ ଅନଭିଜ୍ଞତା ସମସ୍ତ ଶୃଙ୍ଖଳା, ସଂଯମ ଓ ସିଦ୍ଧାନ୍ତର ଘୋର ପ୍ରତିକୂଳ ରୂପେ ଆତ୍ମପ୍ରକାଶ କରି ଜୀବନର ସ୍ୱଚ୍ଛନ୍ଦ ଗତିକୁ ବିଭ୍ରଷ୍ଟ ବ୍ୟାହତ କରିଦିଏ ।

ସେଥିପାଇଁ ଉପେନ୍ଦ୍ରଭଞ୍ଜ ତାଙ୍କର ନାୟିକାକୁ ବ୍ୟବହାର ଜ୍ଞାନରେ ବିମଣ୍ଡିତ କରି ଆଦର୍ଶ ଭାରତୀୟ ପରିବାରର ଭିତ୍ତି ସ୍ଥାପନ କରିଛନ୍ତି । ଭାରତୀୟ ଜୀବନରେ ବିଶେଷତଃ ପରିବାରର ସୀମିତ ପରିପାର୍ଶ୍ୱ ମଧ୍ୟରେ ନାରୀ ହେଉଛି ସର୍ବାଧିକ ଗୌରବଶାଳିନୀ, ''ପିତୃର୍ଦ୍ଦଶଗୁଣଂ ମାତା ଗୌରବେଣାତିରିଚ୍ୟତେ'' । ସୁତରାଂ ପରିବାରର ସୁନିୟନ୍ତ୍ରଣ ପାଇଁ ନାରୀର ବ୍ୟବହାର ଜ୍ଞାନ ନିତାନ୍ତ ଆବଶ୍ୟକ ତାହା ଅସ୍ୱୀକାର କରାଯାଇ ନପାରେ । ଭଞ୍ଜ ସାହିତ୍ୟରେ ନାୟକ ନାୟିକାମାନଙ୍କର ଜନ୍ମପରେ କୈଶୋର ଓ ଯୌବନ କାଳରେ ବିବାହ ପରବର୍ତ୍ତୀ ବିରହ ମିଳନାତ୍ମକ ମଧୁର ବିଧୁର ଚରିତର ପରିବେଷଣ ବିଶେଷ ଭାବରେ ପରିଦୃଷ୍ଟ ହୁଏ । ସେହିଦୃଷ୍ଟିରୁ ବୈଦେହୀଶବିଳାସ ଭଞ୍ଜ ସାହିତ୍ୟରେ ସ୍ୱତନ୍ତ୍ର ଗୌରବର ଅଧିକାରୀ । ବୈଦେହୀଶବିଳାସର ପ୍ରତି ଛତ୍ରେ ଛତ୍ରେ ବୈଦେହୀ ଓ ବୈଦେହୀଶଙ୍କର ଚରିତ୍ରଗତ ବ୍ୟବହାର ଜ୍ଞାନ ପ୍ରଦର୍ଶନରେ ଭଞ୍ଜଙ୍କର ଅସାଧାରଣ ବିବେକଶୀଳତା ପ୍ରକଟିତ ହୋଇଛି ।

**(କ)** ବୈଦେହୀଶ ବିଳାସରେ ରାମଲକ୍ଷ୍ମଣ ସୀତାଙ୍କର ବନଗମନ ବର୍ଣ୍ଣିତ । ଯେତେବେଳେ ସେମାନେ ଆଦିବାସୀ କନ୍ଧ ଅଧ୍ୟୁଷିତ ଅରଣ୍ୟ ପ୍ରଦେଶରେ ଯାତ୍ରା କରୁଛନ୍ତି ସେତେବେଳେ 'ବନ୍ୟନାରୀ' ମାନେ ଅପୂର୍ବ ରୂପ ଲାବଣ୍ୟମୟ ଦୁଇଭ୍ରାତା ରାମଲକ୍ଷ୍ମଣ ଓ ଅନିନ୍ଦ୍ୟାସୁନ୍ଦରୀ ସୀତାଙ୍କୁ ଦେଖି 'ଏମାନେକିଏ' ତାହା ପଚାରିବା ପାଇଁ ସୀତାଙ୍କ ନିକଟକୁ ଯାଇ ପଚାରୁଛନ୍ତି, ''ହେ ସୁନ୍ଦରି ! ଏ ଦୁଇଜଣ ପୁରୁଷଶ୍ରେଷ୍ଠ ତୁମର ନିଜଭାଇ ହୁଅନ୍ତି କି ? ତୁମର ସମାସ୍କନ୍ଧ ସୁନ୍ଦର ବର ନ ମିଳିବାରୁ ବରଖୋଜିବା ପାଇଁ ତୁମକୁ ଧରି ବାହାରି ପଡ଼ିଛନ୍ତି କି ? ସେମାନଙ୍କର ଏପ୍ରଶ୍ନର ଉତ୍ତର ତୁଣ୍ଡ ଖୋଲି ସୀତା ଦେଇନାହାନ୍ତି । କବି ଉପେନ୍ଦ୍ର ସୀତାଙ୍କୁ ଲଜ୍ଜାଶୀଳା ଓଡ଼ିଆ ଘରର ବୋହୂ ରୂପରେ ଚିତ୍ରଣ କରିବାକୁ ଯାଇ ସୀତାଙ୍କର ଚାରିତ୍ରିକ ଉତ୍କର୍ଷ ପ୍ରକାଶ କରିଛନ୍ତି ।

ଅପରିଚିତା ନାରୀମାନଙ୍କୁ ସ୍ୱାମୀ ଏବଂ ଦିଅରଙ୍କ ନିକଟରେ 'ଓଡ଼ିଆଣୀ ସୀତା' କିପରି ବା ସିଧାସଳଖ ଉତ୍ତର ଦିଅନ୍ତେ ? ସେଥିପାଇଁ ସେ ଶିର କମ୍ପାଇ ଅର୍ଥାତ୍ 'ନୁହନ୍ତି' ବୋଲି ଜଣାଇବା ଲାଗି ମୁଣ୍ଡ ହଲାଇ ଦେଇଛନ୍ତି । ଫଳରେ ସେମାନେ ପୁଣି ପଚାରିଛନ୍ତି 'ଯଦି ସେ ଦୁହେଁ ତୁମର ନିଜ ଭାଇ ନୁହନ୍ତି ତେବେ କିଏ ତୁମ ବର ଓ କିଏ ତୁମ ଦିଅର ତାହା କହିଦିଅ' । ଉପେନ୍ଦ୍ରଭଞ୍ଜ ଅପୂର୍ବ କୌଶଳ ଅବଲମ୍ବନ କରି ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି

କରିଛନ୍ତି । ପରିସ୍ଥିତିଟି ହେଉଛି ବନ୍ୟନାରୀମାନେ ପ୍ରଶ୍ନ ପଚାରିଛନ୍ତି, ଉତ୍ତର ଅବଶ୍ୟ ଦେବାକୁ ହେବ । ସୀତା ମୁଣ୍ଡ ହଲାଇବା ଦ୍ୱାରା ସେମାନଙ୍କ ପ୍ରଶ୍ନର ଉତ୍ତର ଆଂଶିକ ଭାବରେ ଦିଆଯାଇଛି । କବି ଭଞ୍ଜ ଅତ୍ୟନ୍ତ ହୃଦ୍ୟ ଶୈଳୀରେ ସେହି ଭାବକୁ ପ୍ରକାଶ କରିଛନ୍ତି । ରାମଲକ୍ଷ୍ମଣ ଆଗେ ଆଗେ ଚାଲିଛନ୍ତି, ବନ୍ୟ ନାରୀମାନେ ସୀତାଙ୍କୁ ପ୍ରଶ୍ନ ପଚାରୁ ପଚାରୁ ସୀତା ଟିକିଏ ପଛରେ ପଡ଼ିଯାଇଛନ୍ତି । ଠିକ୍ ସେତିକିବେଳେ ବନ୍ୟ ନାରୀମାନେ ପଚାରିଛନ୍ତି 'ତୁମର ଦେବର' କିଏ, ସେତିକିବେଳେ ଦେବରଙ୍କ ଦ୍ୱାରା କବି ସୀତାଙ୍କୁ ଆହ୍ୱାନ କରାଇଛନ୍ତି ଅର୍ଥାତ୍ ଏଣେ ବନ୍ୟନାରୀମାନଙ୍କ ମୁଖରେ 'ଦେବର' ଶବ୍ଦ ଉଚ୍ଚାରିତ ହେଲାବେଳକୁ ସୀତା ଆଙ୍ଗୁଳି ନିର୍ଦ୍ଦେଶ କରି 'ଏ ଦେବର' ବୋଲି ବୁଝାଇ ଦେଇଛନ୍ତି ।

**(ଖ)** ଲାବଣ୍ୟବତୀ କାବ୍ୟରେ ଉପେନ୍ଦ୍ରଭଞ୍ଜଙ୍କର ଆଦର୍ଶ ପ୍ରଣୟଚିତ୍ର ସମ୍ବଳିତ କଥା ସଂସ୍ଥାନ କ୍ରମରେ ତାଙ୍କର ଯଥାର୍ଥ ବ୍ୟବହାର ଜ୍ଞାନର ପରିଚୟ ମିଳେ । ସପ୍ତଦଶ ଛାନ୍ଦରେ ଶୁକ ଲାବଣ୍ୟବତୀଙ୍କୁ ପରାମର୍ଶ ଦେଇ କହିଛି ଯେ, ସେ ଚନ୍ଦ୍ରଭାନୁ ନିକଟକୁ ପ୍ରଥମେ ଚିଠି ଦେଉ । କବିଙ୍କ ଭାଷାରେ ''ଦେଇ ଲେଖ ତେବେ ରଖ ହୋଇଛି ନିରେଖ/ ଶୁକର ଏ ବାଣୀ ଶୁଣି ସର୍ବେ ଲଭି ସୁଖ/ ସେ ବୋଇଲେ ଆମ୍ଭେ ନାରୀ/ ପ୍ରଥମରେ ଲେଖିବୁଟି ପତ୍ରିକା କି କରି'' ॥୪୫॥[୮] ଆଜିକାଲି ଯୁଗରେ ହୁଏତ ନାରୀ ପ୍ରଣୟାତୁର ହୋଇ ପୁରୁଷ ନିକଟକୁ ପ୍ରଥମେ ପତ୍ର ଲେଖିବାର ଦୃଷ୍ଟାନ୍ତ ସହଜରେ ମିଳିପାରେ କିନ୍ତୁ ଏହା ଭାରତୀୟ ଆଚାର ବ୍ୟବହାର ତଥା ପରମ୍ପରାର ଅନୁମୋଦିତ ମାର୍ଗ ନୁହେଁ । ସେଥିପାଇଁ ଉପେନ୍ଦ୍ରଭଞ୍ଜ ଏହି ପରିପ୍ରେକ୍ଷୀରେ କହିଛନ୍ତି, ପ୍ରଣୟ କ୍ଷେତ୍ରରେ ନାରୀ ପ୍ରଥମେ ପ୍ରେମିକ ନିକଟକୁ ପତ୍ର ଲେଖିବା ବିଧିସଙ୍ଗତ ନୁହେଁ । ପୁରୁଷ ନିକଟରୁ ହିଁ ପ୍ରେମିକା ନିକଟକୁ ପତ୍ର ଲେଖିବା ବିଶେଷ ଯୁକ୍ତିଯୁକ୍ତ । ଏହାର ଦୃଷ୍ଟାନ୍ତରେ କବି କହିଛନ୍ତି ।[୯] ଭଞ୍ଜ ସାହିତ୍ୟରେ ସାମାଜିକ ବ୍ୟବହାର ଲାଗି ବିଶେଷ ଭାବରେ ଯେଉଁ ପ୍ରଣୟ ପ୍ରସଙ୍ଗରେ ସାଧାରଣରେ ଯୁବକ ଯୁବତୀ ଶିଷ୍ଟାଚାରର ସୀମା ଲଙ୍ଘନ କରିବାର ଆଶଙ୍କା ଥାଏ, ସେଠାରେ ମଧ୍ୟ ସାଧୁ ବ୍ୟବହାର ଓ ଶିକ୍ଷାମୂଳକ ସୁସଙ୍ଗତ ପରିସ୍ଥିତି ସୃଷ୍ଟି କରି ସାମାଜିକ ଦାୟିତ୍ୱ ନିର୍ବାହ କରିବାରେ ନିଜର ଦୂରଦୃଷ୍ଟିର ପରିଚୟ ଦେଇଛନ୍ତି ।

**(ଗ)** ସେହିପରି 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ର ଶେଷ ଛାନ୍ଦରେ ଶେଷଛାନ୍ଦରେ କେଳିପୁର ମଣ୍ଡନ ପ୍ରସଙ୍ଗରେ କବି ଚମତ୍କାର ବର୍ଣ୍ଣନା କରିଛନ୍ତି । କେଳିକକ୍ଷରେ ଯେଉଁ ସାଜସଜ୍ଜା କରାଯାଇଛି, ସେଠାରେ କବି ରାଧାକୃଷ୍ଣଙ୍କର ଚିତ୍ର ରଖିନାହାନ୍ତି । ତାହା ପରିବର୍ତ୍ତେ ଆଦର୍ଶ ଦାମ୍ପତ୍ୟ ପ୍ରେମର ପ୍ରତୀକ ରାମ ସୀତାଙ୍କର ଚିତ୍ରପଟ ରଖିଛନ୍ତି । ଯାହାକି ଭଞ୍ଜଙ୍କ ନାୟକ ନାୟିକାଙ୍କୁ ସ୍ୱକୀୟା ଏକନିଷ୍ଠ ଦାମ୍ପତ୍ୟ ଜୀବନକୁ ଗ୍ରହଣ କରିବାରେ ସହାୟକ ହୋଇଛି । ଅନ୍ୟ ଏକ ଚିତ୍ରରେ ମା ପେଟରୁ ପୂରା ଜନ୍ମ ହୋଇ ନଥିବା ସିଂହଛୁଆ ଅନ୍ୟ ଏକ ହାତୀର ମଥା ବିଦାରଣ କରି ଦେଉଛି । କିନ୍ତୁ ଭଞ୍ଜ ଚାହିଁଥିଲେ ଅନେକ ପ୍ରେମ ଉତ୍ତେଜକ ଅଶ୍ଳୀଳ ଚିତ୍ର କୋଟିବ୍ରହ୍ମାଣ୍ଡସୁନ୍ଦରୀର କେଳିଗୃହରେ ଲଗାଇ ପାରିଥାନ୍ତେ । ପ୍ରାଚୀନ ସାହିତ୍ୟରେ ଏଭଳି

ଅଶ୍ଳୀଳତାର ଚିତ୍ର ସ୍ପଷ୍ଟ ଭାବରେ ଲିଖିତ ହୋଇଛି । କିନ୍ତୁ ଏ କ୍ଷେତ୍ରରେ ଉପେନ୍ଦ୍ରଭଞ୍ଜ ଚରମ ସଂଯମତା ତଥା ଚିନ୍ତାଶୀଳତାର ପରିଚୟ ଦେଇ ଏଭଳି ଦୁଇଟି ଚିତ୍ର କୋଟିବ୍ରହ୍ମାଣ୍ଡ ସୁନ୍ଦରୀର କେଳିଗୃହରେ ରଖିଛନ୍ତି ।

ତାହାର କାରଣ ହେଉଛି ରାଧାକୃଷ୍ଣଙ୍କ ପ୍ରେମ ପରକୀୟା ପ୍ରୀତି । ରାଧା ଶ୍ରୀକୃଷ୍ଣଙ୍କର ବିବାହିତା ପତ୍ନୀ ନୁହନ୍ତି । ତେଣୁ କବି ରାମସୀତାଙ୍କ ଚିତ୍ର କେଳିକକ୍ଷରେ ରଖି ସୀତା ରାମଙ୍କ ଭଳି ଅଖଣ୍ଡ, ଅନାବିଳ ସ୍ୱକୀୟା ପ୍ରୀତିର ଆଦର୍ଶ ଅନୁସାରେ ନିଜ ଜୀବନକୁ ଗଠନ କରିବାରେ ପ୍ରେରଣା ଦେଇଛନ୍ତି । ରାଧାକୃଷ୍ଣଙ୍କର ପ୍ରେମରେ ପ୍ରୀତି ପ୍ରାବଲ୍ୟ ସୂଚିତ ହେଲେ ହେଁ ତାହା ମନକୁ ସମ୍ପୂର୍ଣ୍ଣ ଆଚ୍ଛନ୍ନ କରି ରଖିଥାଏ । କିନ୍ତୁ ରାମ ସୀତାଙ୍କ ପ୍ରେମରେ ମନ ପ୍ରୀତିର ମୋହାବରଣରୁ ମୁକ୍ତ । ସଂସାରର କର୍ତ୍ତବ୍ୟନିଷ୍ଠା ନିକଟରେ ଦାମ୍ପତ୍ୟ ପ୍ରେମର ଗୌରବ ଅସ୍ୱୀକାର୍ଯ୍ୟ ନ ହେଲେହେଁ ମହତ୍ତର ନୁହେଁ । ସଖୀମାନଙ୍କ ଦ୍ୱାରା କେଳିକକ୍ଷ ମଣ୍ଡନର ଉଚ୍ଚାଙ୍ଗ ଜୀବନ, ଦର୍ଶନପୂର୍ଣ୍ଣ ବ୍ୟାବହାରିକତା ଉପେନ୍ଦ୍ରଭଞ୍ଜଙ୍କର ମହାନ୍ କବିତ୍ୱର ଏକ ସାର୍ଥକ ପରିଚୟ ।

## କାନ୍ତି ଓ ଦ୍ୟୁତି :

ଯଥାର୍ଥରେ ଜୀବନ ସମ୍ଭୋଗର ନିବୃତ୍ତି ଜୀବନର ପରିପୂର୍ଣ୍ଣ ସମ୍ଭୋଗ ଉପରେ ନିର୍ଭର କରେ । ଭାରତୀୟ ଧର୍ମ ସାହିତ୍ୟରେ ପ୍ରବୃତ୍ତିମାର୍ଗ ଓ ନିବୃତ୍ତି ମାର୍ଗର ବିସ୍ତୃତ ବିଚାର କରାଯାଇଛି । ନିବୃତ୍ତି ମାର୍ଗ ନୀତିଦୃଷ୍ଟି ରୁ ମହନୀୟ ହେଲେହେଁ ସବୁଠାରେ ପ୍ରବୃତ୍ତି ମାର୍ଗର ପ୍ରାବଲ୍ୟ ହିଁ ପରିଦୃଷ୍ଟ ହୋଇଥାଏ । ପ୍ରବୃତ୍ତି ମାର୍ଗର ସାଧନଭୂତ ଉପଭୋଗ୍ୟ ବସ୍ତୁମାନଙ୍କର ଆପେକ୍ଷିକ ଗୁରୁତ୍ୱ ବିଚାରରେ କାମିନୀର କାନ୍ତି ହିଁ ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରିଥାଏ । ନାରୀର ଚାରୁତା ଭାରତୀୟ କବିମଣ୍ଡଳୀରେ ଚିର ଉଦ୍‌ଘୋଷିତ । ମହାକବି କାଳିଦାସଙ୍କ ପ୍ରିୟେଷୁ ସୌଭାଗ୍ୟ ଫଳ ହିଁ 'ଚାରୁତା' ରେ ଏହା ପ୍ରତିଧ୍ୱନିତ । ଏହି ଚାରୁତା ହିଁ 'ପ୍ରିୟା'ର ପ୍ରିୟାତ୍ୱ ସମଗ୍ର ରସିକ ସମାଜରେ ପ୍ରତିଷ୍ଠିତ କରି ଦେଇଛି । ଜୀବଲୋକର ଷଡ଼ବିଧ ସୁଖ ମଧ୍ୟରେ ସହଧର୍ମିଣୀର ପ୍ରିୟାତ୍ୱ ହିଁ ଯୁଗ ଯୁଗ ଧରି ବିପୁଳ ଜନସମର୍ଥନ ମଧ୍ୟରେ ଉଜ୍ଜୀବିତ ହୋଇ ରହିଛି । ଏହି କାମିନୀର କାନ୍ତି ବର୍ଣ୍ଣନାରେ ବିଶ୍ୱସାହିତ୍ୟ ଭାବପ୍ରସ୍ଫୁଳ ହୋଇ ରସ ପ୍ରସ୍ରବଣ ରୂପେ ଯୁଗ ଯୁଗ ଧରି ଅଗଣିତ ପାଠକ ଓ ଭାବୁକଙ୍କର ବିଳାସ ସାମଗ୍ରୀ ହୋଇ ଆସିଛି ।[୧୦]

ପ୍ରାଚ୍ୟ, ପାଶ୍ଚାତ୍ୟ, ପୁରାତନ, ନବୀନ, ତରୁଣ, ପ୍ରବୀଣ, ଅନ୍ତର୍ମୁଖୀ, ବହିର୍ମୁଖୀ ସକଳ ପ୍ରକାର କବିଙ୍କର ତରଳ ଲେଖନୀ କାମିନୀର କାନ୍ତି ବର୍ଣ୍ଣନାରେ ମୁଖରିତ ହୋଇଉଠିଛି । ଭଞ୍ଜ ସାହିତ୍ୟ ନାରୀର କାନ୍ତି ବର୍ଣ୍ଣନାରେ ଯଦିଓ କଳ୍ପନା ବିଳାସପୂର୍ଣ୍ଣ ସଂସ୍କୃତ ସାହିତ୍ୟରୁ ଓ ଆଳଙ୍କାରିକ ପରମ୍ପରାରୁ ବିପୁଳ ପ୍ରେରଣା ଲାଭକରିଛି ତଥାପି ବାସ୍ତବ ପରିସ୍ଥିତିର ନିତ୍ୟ ଅନୁଭୂତ ନିରାଟ ସତ୍ୟତା ପ୍ରତି ପରାଙ୍ମୁଖତା ସେ ପ୍ରଦର୍ଶନ କରି ନାହାନ୍ତି ।

ଯେଉଁଠାରେ କବିଙ୍କର ଅତିକଳ୍ପନାର ବିମଳ ପ୍ରକାଶରେ ବର୍ଣ୍ଣିତ ବିଷୟରେ ବାସ୍ତବତାର ସୀମା ସଙ୍କୋଚନ ଅନୁଭୂତ ହୁଏ, ସେଠାରେ ଅବାସ୍ତବ କଳ୍ପନା ସର୍ବସ୍ୱତାରୂପକ ଗୁରୁତର ପ୍ରମାଦ କବିଙ୍କ ଉପରେ ଆରୋପ କରାଯାଇ ନପାରେ । ଅନ୍ୟଦୃଷ୍ଟିରେ ଆଳଙ୍କାରିକ ଉପେନ୍ଦ୍ର ସ୍ୱକୀୟ ନିସର୍ଗସିଦ୍ଧ ରସିକତାର ଅନନ୍ୟ ନିର୍ଭର ପ୍ରେରଣାରେ ପ୍ରଣୋଦିତ ହୋଇ ବର୍ଣ୍ଣିତ ବସ୍ତୁର ବିଭୂତି ପ୍ରଦର୍ଶନରେ ବେଳେବେଳେ ଅତି କଳ୍ପନାର ଆଶ୍ରୟ ନେଇଛନ୍ତି ସିନା ବାସ୍ତବତା ପ୍ରତି ଔଦାସୀନ୍ୟ ହୋଇନାହାନ୍ତି । ପୁରୁଷର କାମ୍ୟ ନାରୀର ରୂପଗତ ସୌନ୍ଦର୍ଯ୍ୟ ପ୍ରକାଶରେ ଉପେନ୍ଦ୍ରଙ୍କ ଲେଖନୀ କିପରି ସିଦ୍ଧହସ୍ତ ତାହା ନିମ୍ନୋକ୍ତ ଉଦ୍ଧୃତିରୁ ସ୍ପଷ୍ଟ ହୁଏ । ଲାବଣ୍ୟବତୀର ଅଙ୍ଗପ୍ରତ୍ୟଙ୍ଗର ଏହି ବୟଃସ୍ଫୂର୍ତ୍ତି କାମଭାବୋଦ୍ଦୀପକ ସୌନ୍ଦର୍ଯ୍ୟ ଯେତେବେଳେ ଦ୍ୟୁତିମୟ ହୋଇଛି ସେତେବେଳେ 'ପୁଷ୍ପସମୟ'ର ବ୍ୟଞ୍ଜନାତ୍ମକ ବର୍ଣ୍ଣନାରେ କବି ଲେଖନୀ ମୁଖର ହୋଇଉଠିଛି ।[୧୧] 'ଲାବଣ୍ୟବତୀ'ର ଯୌବନପ୍ରାପ୍ତି ବର୍ଣ୍ଣନା ମଧ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି । ''ବାଣୀ କୋକିଳୁଁ ମଧୁର ହେବାରୁ/ ନଖନିଆଳି ଛବି ବହିବାରୁ/ ହୃଦନଦରେ ଚିତ୍ତ ରଞ୍ଜିବାରେ/ ସ୍ତନକମଳ କଢ଼ି ବଢ଼ିବାରେ ।। ୪୨ ।। କାନ୍ତି କେତକୀ ଦିନୁ ଦିନୁ ଚାରୁ/ ଚାହିଁ ଆମ୍ଭେମାନେ ମନେ ବିଚାରୁ/ ପୁଷ୍ପ ସମୟ ହେଲାଣି ନିକଟ/ ସତ କହି ହୋଇଲା କି ପ୍ରକଟ'' ।। ୪୩ ।।[୧୨] ପୁଷ୍ପ ସମୟ ବା ବସନ୍ତକାଳ ଉପଗତ ହେଲେ କୋକିଳର କୂଜନ ଶୁଣାଯାଏ । ନବ ମାଳତୀ ପୁଷ୍ପିତ ହୁଏ । ଶୀତଋତୁରେ ଧ୍ୱଂସ ହୋଇଯାଇଥିବା ପଦ୍ମବନ ପୁଣି ଥରେ କମଳ କଳିକାରେ ଶୋଭିତ ହୁଏ । କେତକୀ ପୁଷ୍ପ ପ୍ରସ୍ଫୁଟିତ ହୁଏ । ଏହା ସହିତ ଲାବଣ୍ୟବତୀର ଯୌବନପ୍ରାପ୍ତି ମଧ୍ୟ ସୂଚିତ ହୋଇଛି । ଯୌବନର ଆଗମନରେ ଲାବଣ୍ୟବତୀର ବାଣୀ କୋକିଳ ଠାରୁ ମଧ୍ୟ ଆହୁରି ମଧୁରତର ଶୁଣାଗଲା । ଅଙ୍ଗୁଳିର ନଖାବଳୀ ଅଧିକତର ଉଜ୍ଜ୍ୱଳ ଦେଖାଗଲା । ବକ୍ଷର ବକ୍ଷୋଜ ବିକାଶ ସ୍ପଷ୍ଟତର ହେଲା । ସ୍ୱଭାବସୁନ୍ଦର ଅଙ୍ଗର କାନ୍ତି ସମଧିକ ଲାବଣ୍ୟଯୁକ୍ତ ହୋଇ ପ୍ରକଟିତ ହେଲା । ଅନ୍ୟ ଦୃଷ୍ଟିରେ କହିଲେ ବୟସର ପ୍ରଭାବରେ ଲାବଣ୍ୟବତୀର ଦ୍ୟୁତି ପୂର୍ବାପେକ୍ଷା ଅଧିକ ଉପଭୋଗ୍ୟ ହୋଇଉଠିଲା ।

'ଉଜ୍ଜ୍ୱଳ ନୀଳମଣି' ଗ୍ରନ୍ଥରୁ ଜଣାଯାଏ ଯେ, ଶୋଭାକାନ୍ତି ଏବଂ ଦ୍ୟୁତି ନାରୀଙ୍କର ସୌନ୍ଦର୍ଯ୍ୟବୋଧକତାରେ ପରସ୍ପରର ନିକଟବର୍ତ୍ତୀ । ଏହି ଶାସ୍ତ୍ରୀୟ ଜ୍ଞାନକୁ କବି ଉପେନ୍ଦ୍ର ତାଙ୍କର ପ୍ରତ୍ୟେକ କାବ୍ୟର ନାୟିକାଠାରେ ଯଥାର୍ଥ ଭାବରେ ଦର୍ଶାଇଛନ୍ତି ।

## ସ୍ତୁତି :

ସ୍ତୁତି ହେଉଛି ପ୍ରଶଂସାମୂଳକ ବାକ୍ୟବିଶେଷ । ଦାମ୍ପତ୍ୟ ଜୀବନରେ ଏହାର ଆବଶ୍ୟକତା ବିଶେଷଭାବରେ ଅନୁଭୂତ ହୋଇଥାଏ । ଗୁଣ ଗ୍ରହଣ ପ୍ରବୃତ୍ତିରୁ ପ୍ରଶଂସାର ଉତ୍ପତ୍ତି । ଅନ୍ୟର ମନକୁ ପ୍ରଫୁଲ୍ଲିତ କରିବାକୁ ଅନ୍ୟର ପ୍ରତି ସମ୍ପାଦନ କରିବାକୁ ତଥା ସେଇ ସୂତ୍ରରେ ନିଜର ଅଭୀଷ୍ଟ ପୂରଣ କରିବାକୁ ସ୍ତୁତି ହେଉଛି ଏକ ଅମୋଘ ଅସ୍ତ୍ର । ଅବଶ୍ୟ ଭିନ୍ନ ଭିନ୍ନ ଭାବରେ ଏହା ନିରୂପିତ ଓ ନିର୍ଦ୍ଦେଶିତ ହୋଇଛି । ଭଞ୍ଜ ସାହିତ୍ୟରେ ସଂସାର ସୁଖ

ଭୋଗୀ ନାୟକ ନାୟିକାଙ୍କର ମନ ମନ୍ଦିରରେ ଏହି 'ମୋଦ' ର ଅନୁଭୂତ ଲାଗି ଅଭୀପ୍ସା ଅନନ୍ତ ଆବେଗ ପ୍ରତିଧ୍ୱନିତ ହେଉଥିବାର ଉପଲବ୍ଧି ହୁଏ । କିନ୍ତୁ ଏହି ମୋଦ ସୈରାଚାରରେ ପର୍ଯ୍ୟବସିତ ନୁହେଁ ଏହା ସ୍ୱେଚ୍ଛାଚାରିତାର ସହଗାମୀ କିମ୍ବା ଅନୁବର୍ତ୍ତୀ ନୁହେଁ । ଏହା ହେଉଛି ସ୍ୱକୀୟାପ୍ରୀତିରୁ ସୃଷ୍ଟ ସଂଯତ ଜୀବନଯାପନମୂଳକ ସଂସାର ଭୋଗ । ସୁତରାଂ ଯେଉଁଠାରେ ନାୟକର ଉତ୍କର୍ଷ,ଉନ୍ନତି କିମ୍ବା ଗୌରବର ବାଣୀ ନାୟିକାର ଶ୍ରୁତିଗୋଚର ହୋଇଛି, ସେଠାରେ ତାହାର ଆନନ୍ଦର ସୀମା ରହିନାହିଁ । ପ୍ରେମ ପ୍ରଗତିର ପ୍ରତ୍ୟେକ ସ୍ତରରେ ସେହି ମୋଦ ଆମୋଦିତ ଅନ୍ତରରେ ଅଭିବ୍ୟକ୍ତି ଫଳରେ ଭଞ୍ଜ ସାହିତ୍ୟର ବହୁ ଅଂଶ ସୁରଭିତ ହୋଇଉଠିଛି । ଅଧିକାଂଶ ବିରହ ଅନୁଚିନ୍ତାରେ ସେହି ସଂଯତ ସୁଖର ମନୋଜ୍ଞ ନିକ୍ୱଣ ହିଁ ପାଠକ ପ୍ରାଣରେ ସାହିତ୍ୟ ରସରେ ସ୍ୱାଭାବିକ ମାଦକତାର ଅଦମ୍ୟ ପିପାସା ସୃଷ୍ଟି କରିଥାଏ ।

## ମଦ :

'ଦିବ୍ୟନାରୀ' ଯଦି ମଦଶାଳିନୀ ହୁଏ ତେବେ ସେ ନିନ୍ଦିତ ନ ହୋଇ ଅଭିନନ୍ଦିତ ହେବ କିପରି ? ମାନବର ଷଡ୍‌ରିପୁ ମଧ୍ୟରେ ପଞ୍ଚମ ସ୍ଥାନରେ 'ମଦ'ର ଆସନ ପ୍ରତିଷ୍ଠିତ । ସୁତରାଂ ଭଞ୍ଜୀୟ ନାୟିକାର 'ମଦ' ର ସ୍ୱରୂପ ଅନୁସନ୍ଧାନଯୋଗ୍ୟ । 'ମଦ' ଶବ୍ଦରେ ଗର୍ବ ହିଁ ସାଧାରଣରେ ଗୃହୀତ । ଶକ୍ତି ବିରହିତ 'ମଦ' ସର୍ବଥା ନିନ୍ଦ୍ୟ । କିନ୍ତୁ ଗଭୀର ଆତ୍ମବିଶ୍ୱାସ ଓ ଆତ୍ମଉତ୍କର୍ଷବୋଧରୁ ଯେଉଁ ମଦ ଉତ୍ପନ୍ନ, ତାହା ହେୟ ନୁହେଁ । ଭଞ୍ଜ ନାୟିକା ନିଜର ସୌନ୍ଦର୍ଯ୍ୟ ଉତ୍କର୍ଷ ଅନୁଭବ କରିବାରେ ସ୍ୱୀୟ କର୍ମନିଷ୍ଠା ଦ୍ୱାରା ପ୍ରାଣପ୍ରିୟ ପତିଙ୍କୁ ନିଜ ପ୍ରତି ଏକାନ୍ତ ଅନୁରକ୍ତ ରଖିପାରିବାରେ ଯେଉଁ ଆତ୍ମବିଶ୍ୱାସମୂଳକ ଉଲ୍ଲାସ ଅନୁଭବ କରିଛି ତାହାର ସାର୍ଥକ ବର୍ଣ୍ଣନା ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କୃତିରେ ବହୁଳ ଭାବରେ ପରିଲକ୍ଷିତ ହୁଏ ।

## ସ୍ୱପ୍ନ:

ସ୍ୱପ୍ନ ହେଉଛି ମଧୁର କଳ୍ପନା, ସ୍ୱପ୍ନହୀନ ଜୀବନ ନିରାନନ୍ଦମୟ । ମାନବମାତ୍ରେ ସ୍ୱପ୍ନବିଳାସୀ । ଜୀବନର ଲକ୍ଷ୍ୟ ଓ ପରିସ୍ଥିତି ଭେଦରେ ଯଦିଓ ସ୍ୱପ୍ନର ତାରତମ୍ୟ ଲକ୍ଷିତ ହୁଏ ତଥାପି ସାଧାରଣ ମଣିଷଙ୍କ ପକ୍ଷରେ ସ୍ୱପ୍ନର ଏକାନ୍ତ ଅଭାବ ସମ୍ଭବପର ନୁହେଁ । ନାରୀ ସ୍ୱପ୍ନହୀନ ହେଲେ ସମଗ୍ର ପରିବାରର ଜୀବନ ସ୍ପନ୍ଦନହୀନ ହୋଇଯାଏ । ସେଥିପାଇଁ ଭଞ୍ଜ ନିଜର ନାୟିକାମାନଙ୍କ ମନରେ ଅନେକ ମଧୁର ସ୍ୱପ୍ନର ଉଦ୍ଦୀପନା ସୃଷ୍ଟି କରିଛନ୍ତି । ଅବଶ୍ୟ ସେ ପ୍ରଣୟର କବି ହୋଇଥିବାରୁ ପ୍ରଣୟର ପ୍ରଶସ୍ତ ପ୍ରାଙ୍ଗଣରେ ନାରୀମାନଙ୍କର ସ୍ୱପ୍ନଶୀଳତା ସମାଧିକ ପରିମାଣରେ ପ୍ରକଟିତ ହୋଇଛି । ପ୍ରଣୟଭିତ୍ତି ରେ ପବିତ୍ର ଜୀବନଯାପନ ଓ ଇନ୍ଦ୍ରିୟ ଚରିତାର୍ଥମୂଳକ ଜୀବଧର୍ମ ପରିପାଳନ ବିଭିନ୍ନ କାବ୍ୟରେ ପ୍ରତିଫଳିତ ହୋଇଛି । ନାୟିକାର କାମନା ଓ କଳ୍ପନା ପୂରଣରେ ଉପେନ୍ଦ୍ର କେଉଁଠାରେ ହେଲେ ପଶ୍ଚାଦପଦ ହୋଇନାହାନ୍ତି ବରଂ ନାରୀର ଜୀବନ ପ୍ରତ୍ୟୂଷର କାମନାକୁଞ୍ଜକୁ ପୁଷ୍ପମୟ କରି ଚରିତାର୍ଥତାର ମଧୁର ଗୁଞ୍ଜନରେ ନିଜର କାବ୍ୟ କୁଞ୍ଜର ମଞ୍ଜୁଳତା ସମ୍ପାଦନ କରିଛନ୍ତି ।

## ଗତି :

ଜୀବନର ସମଗ୍ର କର୍ମପ୍ରବାହର ଦ୍ୱିବିଧ 'ଗତିସ୍ଥଳ' ପରିଲକ୍ଷିତ ହୁଏ । ପ୍ରଥମତଃ ସାଂସାରିକ ସୁଖସାଧନ ସମ୍ପାଦନ ଓ ଦ୍ୱିତୀୟରେ ପାରତ୍ରିକ ଉତ୍କର୍ଷ ବିଧାନ । ସାଧାରଣତଃ ଏହି ଦ୍ୱିତୀୟ ଅର୍ଥରେ ଗତି ଶବ୍ଦର ପ୍ରୟୋଗ ହୋଇଥାଏ । ନାରୀ ପୁରୁଷର କେବଳ ନର୍ମସଙ୍ଗିନୀ ନୁହେଁ, ସେ କର୍ମସଙ୍ଗିନୀ ତଥା ଧର୍ମସଙ୍ଗିନୀ । ସେ ହୋଇଛି ଯଥାର୍ଥରେ ପୁରୁଷର ସହଧର୍ମିଣୀ । ନାରୀର ସହଯୋଗ ହିଁ ପ୍ରକୃତି ପୁରୁଷ ତତ୍ତ୍ୱର ସାମାଜିକ ସାର୍ଥକତା ପ୍ରତିପାଦନ କରେ । ଭଞ୍ଜଙ୍କ ଦୃଷ୍ଟିରେ ନାରୀ ପୁରୁଷର 'ଗତି' ମୁକ୍ତିଦାୟିନୀ ହେବା ନିତାନ୍ତ ଜରୁରୀ ।

ସଂକ୍ଷେପରେ କହିଲେ, ଭଞ୍ଜଙ୍କ ଦୃଷ୍ଟିରେ ପ୍ରତ୍ୟେକ ପୁରୁଷ ଏଭଳି ଜଣେ 'ଦିବ୍ୟନାରୀ'ର କାମନା କରିବା ଉଚିତ ଯିଏ ଏହି ଦଶବିଧ ଗୁଣାବଳୀର ଆଧାର ହେବା ସହିତ ଶାରୀରିକ, ମାନସିକ, ଆତ୍ମିକ ସନ୍ତୋଷର ମୁଖ୍ୟ ପ୍ରେରଣା ହେବ ତଥା ସାଂସାରିକ ପାରିବାରିକ ଜୀବନକୁ ସୁଦୃଢ଼ତର କରିପାରିବ । ଐହିକ ସୁଖ ସହିତ ପାରତ୍ରିକ ଶ୍ରେୟ ମଧ୍ୟ ପୁରୁଷକୁ ପ୍ରାପ୍ତ ହେବ ।

## ମାତୃତ୍ୱରେ ତ୍ୟାଗ :

ନାରୀ ଯେତେବେଳେ ମାତୃତ୍ୱ ଲାଭ କରେ ମାନବ ସୃଷ୍ଟିକୁ ନିଜ ଗର୍ଭରେ ଧାରଣ କରେ, ସେତେବେଳେ ତା'ର ସମଗ୍ର ଶରୀରରେ ଗଭୀର ପରିବର୍ତ୍ତନ ହେବା ସହିତ ମାନସିକ, ଚୈତନିକସ୍ତରରେ ମଧ୍ୟ ଅଭୂତପୂର୍ବ ପରିବର୍ତ୍ତନ ହୁଏ । ମାଆ ହେବାର ଗୌରବ ସହିତ ସନ୍ତାନ ଜନ୍ମଜନିତ ଜଟିଳ ସଙ୍କଟ ସ୍ଥିତିକୁ ମଧ୍ୟ ସେ ସହ୍ୟକରେ । ସନ୍ତାନ ଜନ୍ମପରେ ନାରୀର ଶାରୀରିକ ସୌନ୍ଦର୍ଯ୍ୟ ମଳିନ ହେବାର ସମସ୍ତ ସମ୍ଭାବନାକୁ ମଧ୍ୟ ସେ ଆଡ଼େଇ ଦିଏ । ଏକ ଦିବ୍ୟ ମାତୃତ୍ୱର ପବିତ୍ର ଆଭା ନାରୀର ସମଗ୍ର ଅସ୍ତିତ୍ୱକୁ ଏପରି ଆଚ୍ଛନ୍ନ କରି ରଖିଥାଏ ଯେଉଁଥିରେ ସେ ଏକ ଅଦ୍ଭୁତ ଅସାଧାରଣ ନୈସର୍ଗିକ ଆଭାରେ ଦୀପ୍ତିମତୀ ହୁଏ । ମାତୃତ୍ୱର ଏହି ମହାନ୍ ସ୍ୱର୍ଗୀୟ କାନ୍ତି ଓ ଅନୁଭବକୁ କବି ଅତ୍ୟନ୍ତ ମନୋଜ୍ଞ ଭାବାତ୍ମକ ଶୈଳୀରେ ଲାବଣ୍ୟବତୀ କାବ୍ୟରେ ପ୍ରକାଶ କରିଛନ୍ତି । ରାଣୀ ବିଦ୍ୟୁଲ୍ଲତାଙ୍କ ଗର୍ଭାବସ୍ଥାର ଏକ ଅନୁପମ ସ୍ୱାଭାବିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଉଛି । ନାରୀମାନେ ଗର୍ଭବତୀ ହେଲେ ପାଉଁଶିଆ ବା ପାଣ୍ଡୁର ଦେଖାଯାନ୍ତି । ରାଣୀ ବିଦ୍ୟୁଲ୍ଲତାଙ୍କର ସୁବର୍ଣ୍ଣରଙ୍ଗର ଦେହର କାନ୍ତିରେ ଦୋହଦ(ପାରଦ) ମିଶିଲା ପରି ପାଉଁଶିଆ ଦେଖାଗଲା । ଦିନକୁ ଦିନ ରାଣୀଙ୍କର ପେଟବଢ଼ିବାରୁ ସରୁ ଅଣ୍ଟା ମୋଟା ହେବାକୁ ଲାଗିଲା ଯାହାଫଳରେ ପିନ୍ଧା ଲୁଗାଟି ଆସି ପିଚ୍ଛା ଉପରେ ପଡ଼ିଲା । ପେଟର ଛୁଆଟି ବଢ଼ିଲେ ଗର୍ଭବତୀ ନାରୀକୁ କ୍ରମଶଃ ହାଲିଆ ଲାଗେ । ଖାଇବା ରୁଚେନାହିଁ, ଅରୁଚି ଲାଗେ । କେତେକଙ୍କୁ ମାଟି ଖାଇବାକୁ ଇଚ୍ଛା ହୁଏ । ତରକାରୀର ଛୁଙ୍କ ଗନ୍ଧାଏ ।[୧୩] ପେଟ ଭିତରେ ଭ୍ରୂଣଟି ଯେତିକି ବଢୁଥାଏ, ସେହି ପରିମାଣରେ ବିଭିନ୍ନ ଶାରୀରିକ ରୂପାନ୍ତର ଗର୍ଭବତୀ ମା'ର ଶରୀରରେ ପ୍ରତିଫଳିତ ହୁଏ । ଗର୍ଭାବସ୍ଥାର ଏହି

ଅବସ୍ଥାକୁ କବି ଅତ୍ୟନ୍ତ ସ୍ୱାଭାବିକ ଢ଼ଙ୍ଗରେ ପ୍ରକାଶ କରିଛନ୍ତି । କ୍ରମଶଃ ରାଣୀ ବିଦ୍ୟୁଲ୍ଲତାଙ୍କର ଗର୍ଭ ବଢ଼ିବାରୁ ତାଙ୍କର ଓଠର ରକ୍ତିମା ତୁଟିଯାଇ ଶୁଖିଲା ଦିଶିଲା । ତାଙ୍କର ଶରୀରର ପୂର୍ବ ଚଞ୍ଚଳତା ହଜିଗଲା । ବାରମ୍ବାର ହାଇ ଆସିଲା । ଦେହ ହାତ ଭିଡ଼ିମୋଡ଼ି ହେଲା ।[୧୪] ନାରୀର ମାତୃତ୍ୱଲାଭର ସ୍ୱାଭାବିକ ଲକ୍ଷଣଗୁଡ଼ିକୁ ଏକ ସମ୍ବେଦନଶୀଳ ହାର୍ଦ୍ଦିକ ମାନସିକତାରେ କବି ଉପେନ୍ଦ୍ରଭଞ୍ଜ ପ୍ରକାଶ କରି ମାନବ ଜୀବନର ଚିରନ୍ତନ ମୂଲ୍ୟବୋଧକୁ ସାକାର କରିଛନ୍ତି ।

## ଜୀବନଜିଜ୍ଞାସା :

''ଲାବଣ୍ୟବତୀ''ର ସ୍ୱପ୍ନରେ ଚନ୍ଦ୍ରଭାନୁ ସହିତ ମିଳନ ପରେ ଚନ୍ଦ୍ରଭାନୁ ହଠାତ୍ ଉଭାନ ହୋଇ ଯିବାପରେ ବିରହ ବିଧୂରା ଲାବଣ୍ୟବତୀ ପ୍ରଳାପ କରିଉଠିଛି । ସଖୀମାନେ ତାକୁ ସାନ୍ତ୍ୱନା ଦେଇଛନ୍ତି । ନିକଟ ଭବିଷ୍ୟତରେ ଖୁବ୍ ଶୀଘ୍ର ଚନ୍ଦ୍ରଭାନୁ ସହିତ ତାହାର ମିଳନ ସଂଘଟିତ ହେବ ଏହି ଆଶା ଜାଗ୍ରତ କରାଇଛନ୍ତି । ଏହି ଭାବନାକୁ ଅତ୍ୟନ୍ତ ସାର୍ଥକଭାବରେ କବି ପ୍ରକାଶ କରିଛନ୍ତି । ମରୁଭୂମିରେ ସୂର୍ଯ୍ୟଙ୍କ କିରଣ ବାଲି ଉପରେ ପଡ଼ୁଥିବାରୁ ତାହା ସମୁଦ୍ରର ପାଣିପରି ଝଲମଲ ଦେଖାଯାଏ । ଠିକ୍ ସେହିପରି ବଡ଼ ପ୍ରାନ୍ତରରେ ଖରାଦିନ ଦ୍ୱିପ୍ରହରେ ସୂର୍ଯ୍ୟ କିରଣ ପାଇ ତାହା ପାଣିର ଭ୍ରମ ସୃଷ୍ଟିକରେ । ତୃଷାରେ ଆତୁର ମୃଗମାନେ ପାଣି ପିଇବେ ବୋଲି ଦଉଡ଼ି ଦଉଡ଼ି ନିରାଶ ହୋଇପଡ଼ନ୍ତି । ତାହା ପାଣିର ଭ୍ରମ ସୃଷ୍ଟି କରୁଥିବାରୁ ମୃଗତୃଷ୍ଣା କୁହାଯାଏ । ଯଦିଓ ମୃଗତୃଷ୍ଣାର ଭ୍ରମ ମଣିଷକୁ କେବେହେଲେ ବାସ୍ତବତାର ଅବଲୋକନ କରାଏ ନାହିଁ, କିନ୍ତୁ ଏକ ଆଶା ସବୁବେଳେ ଜାଗ୍ରତ ହେଉଥାଏ । ଅର୍ଥାତ୍ ବିଧି ନିର୍ଦ୍ଦେଶକୁ କିଏ ଉଲ୍ଲଘଂନ କରି ପାରିବ ନାହିଁ । ନିୟତିକୁ, ଭାଗ୍ୟକୁ କିଏ ବା ଅସ୍ୱୀକାର କରିପାରିବ ?

ତେଣୁ ମନ୍ତ୍ରୀକନ୍ୟା ଲାବଣ୍ୟବତୀକୁ ବୁଝାଇଛି ଅସୀମ ଅନନ୍ତ ସାତସମୁଦ୍ରକୁ ମହର୍ଷି ଅଗସ୍ତି ନିଜ ଚୁଳୁ ଭିତରେ ଶୋଷି ନେଇ ଶୁଖାଇ ଦେଇଥିଲେ । ଅସମ୍ଭବକୁ ସମ୍ଭବରେ ପରିଣତ କରିଥିଲେ । ହନୁମାନ ବିନା ଡ଼େଣାରେ ଆକାଶରେ ଉଡ଼ିଯାଇ ସୀତାଙ୍କୁ ଠାବ କରିବାପାଇଁ ଲଙ୍କାରେ ପହଞ୍ଚିଥିଲେ । ରାମଚନ୍ଦ୍ର ସେତୁବନ୍ଧ ତିଆରି କଲାବେଳେ ଶୈଳ ପର୍ବତ (ପଥର) ମାନେ ପାଣିରେ ଭାସି ରହିଥିଲେ । ଏଭଳି ଅସମ୍ଭବ କଥା ଯେଉଁ ଦଇବ ଦ୍ୱାରା ସମ୍ଭବ ହୋଇଛି, ସେହି ଦଇବ ଦ୍ୱାରା ଆଉ ଏକ ଅସମ୍ଭବ ମଧ୍ୟ ସମ୍ଭବ ନ ହେବ ବୋଲି କେମିତି କହିହେବ ! ସେହିପରି କୁହୁଡ଼ିରେ ପହଁରିବା, ପବନକୁ ଜାଲବିଛାଇ ବାନ୍ଧିଦେବା ପ୍ରଭୃତି ଅତ୍ୟନ୍ତ ଅବାସ୍ତବ କଥା ହେଲେ ମଧ୍ୟ ଦୈବର ଅନନ୍ତ ଶକ୍ତିରେ ତାହା ସମ୍ଭବ ହୋଇପାରେ । ବାଣାସୁରର କନ୍ୟା ଉଷାଙ୍କୁ କୃଷ୍ଣଙ୍କ ନାତି ପ୍ରଦ୍ୟୁମ୍ନଙ୍କ ପୁଅ ଅନିରୁଦ୍ଧ ଅନ୍ତଃପୁରରେ ପ୍ରବେଶ କରି ହରଣ କରି ନେଇଯାଇଥିଲେ । ତେଣୁ ହେ ଲାବଣ୍ୟବତୀ । ଜୀବନ ଉପରୁ ସମ୍ଭାବନାକୁ ଏତେ ଶୀଘ୍ର ଆଶା ତ୍ୟାଗ କରିବା ଉଚିତ ନୁହେଁ । ଧୈର୍ଯ୍ୟ, ସାହସ ମଣିଷକୁ ଏଭଳି ବିପରିକାଳରେ ରକ୍ଷା କରିଥାଏ ।[୧୫] ଏ ସଂସାରରେ ଈଶ୍ୱର ଦୁଇଟି ଜାତି ସୃଷ୍ଟି କଲେ, ଜଣେ

ହେଲା ପୁରୁଷ, ଅନ୍ୟଜଣକ ନାରୀ । ପୁରୁଷର ସମକକ୍ଷ ହିଁ ନାରୀ । ନିକିତି ବା ତରାଜୁର ଗୋଟିଏ ପାଖରେ ଅଳ୍ପ ଅନ୍ୟପାଖରେ ବେଶୀ ପଦାର୍ଥ ରଖିଲେ ତାହା ଯେପରି ଉପରତଳ ହୋଇ ରହେ, ସମାନ ହୋଇ ରହିପାରେ ନାହିଁ । ତେଣୁ ନିକିତି ବା ତରାଜୁରେ ଦୁଇଟି ସମାନ ବସ୍ତୁ ରହିବା ଦରକାର ।[୧୬] ଲାବର୍ଣ୍ୟବତୀ ଚନ୍ଦ୍ରଭାନୁର ବିରହ ଜ୍ୱାଳାରେ ଦିନକୁ ଦିନ କ୍ଷୀଣ ହେବାକୁ ଲାଗିଲା । ଜୀବନ ବୋଝ ଭଳି ମନେହେଲା । ଶେଯରେ ସେ ନଶୋଇ ମାଟିରେ ଶୋଇଲା । ଆଖି ସର୍ବଦା ଲୁହ ଛଳଛଳ ହେଲା । ବ୍ୟାକୁଳତା ଯେପରି ଟିକିଟିକି କରି ଲାବଣ୍ୟବତୀକୁ କୋରି ଖାଇବାରେ ଲାଗିଲା । ଚନ୍ଦ୍ରଭାନୁର ସ୍ନେହରୂପକ ସାଗରରୁ ଭାବରୂପକ ରତ୍ନ ପାଇବା ଆଶାରେ ଲାବଣ୍ୟବତୀ ଆନନ୍ଦିତ ହେଲାବେଳକୁ କାମ ରୂପକ ଜଳଭଉଁରୀରେ ଘୋରି ହୋଇ ଆଉ କେଉଁଠି ସ୍ଥଳ କୂଳର ଆଶା ଦେଖାଗଲା ନାହିଁ । ଅର୍ଥାତ୍ ଚନ୍ଦ୍ରଭାନୁର ବିରହଜନିତ ଯନ୍ତ୍ରଣାରେ ଲାବଣ୍ୟବତୀ ନିଜର ସମସ୍ତ ଧୈର୍ଯ୍ୟ, ଆଶା ହରାଇ ବସିଛି । ଏପରିକି ଜୀବନ ଆଶାକୁ ମଧ୍ୟ ତ୍ୟାଗ କରି ଦେଇଛି ।[୧୭]

ମନୁଷ୍ୟ ଦୁଃଖ ସମୟରେ ଧୈର୍ଯ୍ୟ ଧରି କାର୍ଯ୍ୟ କଲେ ଅବଶ୍ୟ ସିଦ୍ଧିପାଏ । ରାକ୍ଷସ ରାହୁକୁ ବିଷ୍ଣୁ ତାଙ୍କର ସୁଦର୍ଶନ ଚକ୍ରରେ ହାଣିଲାବେଳକୁ ରାହୁ ଅମୃତହାଣ୍ଡିରୁ ଚୁଳାଏ ପାଟିରେ ପୂରାଇ ସାରିଥିଲା ଏବଂ ଚିରଦିନ ପାଇଁ ଅମର ହୋଇଗଲା । ବିଷ୍ଣୁଙ୍କ ଚକ୍ରଦ୍ୱାରା ମୃତ୍ୟୁବରଣ କରିବାର ସମସ୍ତ ସମ୍ଭାବନା ରାହୁ ପାଇଁ ସୃଷ୍ଟି ହୋଇଥିଲେ ମଧ୍ୟ ସେ ସବୁ ବିପଦ ପ୍ରତି ଭ୍ରୁକ୍ଷେପ ନ କରି ଅମୃତ ହାଣ୍ଡି ନେଇ ପଳାଇଲାବେଳେ ଅମୃତ ଟୋପାଏ ପାନ କରିଦେଲା । ତେଣୁ ବିପଦବେଳେ ଧୈର୍ଯ୍ୟଚ୍ୟୁତି ହେବା ଅନୁଚିତକୁ ଲାବଣ୍ୟବତୀ ସଖୀ ବୁଝାଇଛି ତାହାର ଏହି ପ୍ରଚଣ୍ଡ ବିରହଜନିତ ତୃଷାର ନିଶ୍ଚୟ ପ୍ରଶମନ ଘଟିବ । କାରଣ ବର୍ଷା ଟୋପାକ ପିଇବା ପାଇଁ ତୃଷାର୍ତ୍ତ ଚାତକୀ ବରଷାକୁ ଚାହିଁ ରହିଥିଲା ପରି ତା'ର ଆଶା କିନ୍ତୁ ଥାଏ ନିଶ୍ଚୟ ଦିନେ ବର୍ଷା ହେବ । ଜ୍ୟୋତିଷ ଶାସ୍ତ୍ର କହେ, ମଙ୍ଗଳ ଏକରାଶିରୁ ଅନ୍ୟରାଶିକୁ ଚଳନ ହେଲେ ପ୍ରବଳ ବର୍ଷା ହୁଏ । ଜୀବନ ଦର୍ଶନର ଏହି ସବୁ ସୂକ୍ଷ୍ମ ଅନୁଶୀଳନ ଲାବଣ୍ୟବତୀ କାବ୍ୟର ଚିରନ୍ତନ ମୂଲ୍ୟବୋଧକୁ ଏକ ନୂତନ ଦିଗଦର୍ଶନ ଦେଇଛି ।[୧୮]

ପବନ ଯେପରି ଜଗତର ପ୍ରାଣଶକ୍ତି ବୋଲି ସକଳ ପ୍ରାଣୀଙ୍କ ସଂସାର ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରେ; କିନ୍ତୁ ସନ୍ନିପାତ ରୋଗୀପାଇଁ ଟିକିଏ ମାତ୍ର ପବନ ଜୀବନ ନେଇଗଲା ଭଳି ଅବସ୍ଥା ସୃଷ୍ଟିକରେ । ଠିକ୍ ସେହିପରି ବିରହ ବିଧୂରା ଲାବଣ୍ୟବତୀ ପାଇଁ ବସନ୍ତକାଳର ମୃଦୁ ମଧୁର ପବନ ସମଗ୍ର ଦେହ ମନରେ ନିଆଁ ଲଗାଇ ଦେଇଛି । ବସନ୍ତ ଋତୁରେ ବୋହୁଥିବା ପବନକୁ ଦକ୍ଷିଣୀ ପବନ ବୋଲି କୁହାଯାଏ । ଜଗତର କଲ୍ୟାଣକର୍ତ୍ତା ପବନ ପ୍ରତି ନିଜର ଅଭିମାନ, ଦୁଃଖ, ଲାବଣ୍ୟବତୀ ଅତ୍ୟନ୍ତ ମନୋଜ୍ଞ ଭାବରେ ପ୍ରକାଶ କରିଛି । ବିରହ ବିଧୂରା ଲାବଣ୍ୟବତୀ ପାଇଁ ବସନ୍ତ ଋତୁ କାଳ ହୋଇଛି । ପାଖରେ ପ୍ରିୟତମ ଚନ୍ଦ୍ରଭାନୁ ନାହାନ୍ତି । ଏପଟେ ମୃଦୁମନ୍ଦ ପବନ ବିରହ ବିଦଗ୍ଧ ପ୍ରାଣରେ ଜ୍ୱାଳା ସୃଷ୍ଟି କରୁଛି । କବି କହୁଛନ୍ତି ସେତୁବନ୍ଧ ନିର୍ମାଣବେଳେ ମଳୟ ପର୍ବତକୁ ଭାଙ୍ଗି ସେଥିରେ ପୋତି ପକାଇଥିଲେ

ଯାଇଥାନ୍ତା କିନ୍ତୁ ତାହା ଯେ କରିନାହାନ୍ତି; ସେତ ମାଙ୍କଡ଼ ତାଙ୍କର ବୁଦ୍ଧି କାହୁଁ ଆସନ୍ତା ? ପବନକୁ ତେଣୁ ଲାବଣ୍ୟବତୀ ଏଠାରେ ଦୁଷ୍ଟ, ମନ୍ଦ, ଖରାପ ବୋଲି କହିଛି । କାରଣ ମରୁଭୂମିର ଉତପ୍ତ ବାଲୁକା, ପ୍ରଚଣ୍ଡ ସୂର୍ଯ୍ୟତାପରେ ଯେପରି ସବୁ ଜାଳିପୋଡ଼ି ଧ୍ୱଂସ ହୋଇଯାଏ, ଠିକ୍ ସେହିପରି ପବନ ଦେବତା ହେଲେ ମଧ୍ୟ ରାବଣ ପରି ରାକ୍ଷସର ଦୁଷ୍ଟବୁଦ୍ଧି ଛାଡୁନାହିଁ । ଅର୍ଥାତ୍ ରାବଣ ବିଶ୍ରବା ଋଷିଙ୍କ ପୁଅ ହେଲେ ମଧ୍ୟ ମା' ନିକଷା ରାକ୍ଷସୀ ତେଣୁ ରାକ୍ଷସୀର ମନ୍ଦବୁଦ୍ଧି ରାବଣ ପାଖରେ ରହିଥିବାରୁ ସେଭଳି ଅତ୍ୟାଚାରୀ ତଥା ଅନ୍ୟାୟ ଆଚରଣ କରିଛି । ପବନ ମରୁତ ମଧ୍ୟ ତ ଦିତିଙ୍କ ପୁଅ ହୋଇଥିବାରୁ ଯେତେ ଦେବତା ଅଂଶରେ ଜନ୍ମହେଲେ ମଧ୍ୟ ତ ମନ୍ଦବୁଦ୍ଧି ଛାଡ଼ି ପାରୁନାହିଁ । ଯାହା କି ଲାବଣ୍ୟବତୀର ବିରହ ଜ୍ୱାଳାକୁ ଅଧିକା ବଢ଼ାଇ ଦେଇଛି ।[୧୯]

ବିରହରେ କୋକିଳର ସ୍ୱର ବଜ୍ରପାତ ପରି ମନେହେବାର ଅନେକ ବର୍ଣ୍ଣନା ରହିଛି । ତେଣୁ ବଜ୍ରଧ୍ୱନି ଶୁଣିଲାବେଳେ ଜୈମିନିଙ୍କ ନାମ ସ୍ମରଣ କରାଯାଏ । ତେଣୁ ଏଠାରେ କବି କହିଛନ୍ତି ଯେ, ଅବଳା ଦୁର୍ବଳା ଲାବଣ୍ୟବତୀର ଯଦି ବିରହ ଜ୍ୱାଳାରେ ମୃତ୍ୟୁ ହେବ ତେବେ କେଉଁ ଯଶ ବା ଅର୍ଜିତ ହେବ । କାରଣ ନାରୀ ହତ୍ୟା ପାପ ଦୋଷରେ ଚିରକାଳ ସଂସାର ପବନକୁ ହିଁ ଦୋଷଦେବ ! କୋଇଲି ଯେପରି କୁଆବସାରେ ଅଣ୍ଡା ଦିଏ ତଥା ବ୍ରାହ୍ମଣ ଯେ ଦ୍ୱିଜ ହୋଇ ଯଦି ବଉଳଫୁଲରୁ ତିଆରି ହେଉଥିବା ମଦଖାଇ ଅଜ୍ଞାନ ହୁଏ ତେବେ ସେ ବ୍ରାହ୍ମଣ ଯୋଗ୍ୟ ନୁହେଁ ।[୨୦] ରୋଗ, ଋଣ, ଶତ୍ରୁ ରଖିଲେ ସେଗୁଡ଼ିକ ବଢ଼ି ମନୁଷ୍ୟର ଅନିଷ୍ଟ କରେ । ଅର୍ଥାତ୍ ରୋଗ, ଋଣ ଗୃହ ଶେଷ ଇତ୍ୟାଦି ଯଦି ମଣିଷ ନିକଟରେ ବେଶୀଦିନ ରହେ ତାହା ତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଏ । ସର୍ବଶକ୍ତିମାନ ମହାଦେବ କନ୍ଦର୍ପର ଦର୍ପ ଚୂର୍ଣ୍ଣ କରି ତାକୁ ପାଉଁଶ କରିଦେଇଥିଲେ ସତ କିନ୍ତୁ ପତ୍ନୀ ରତିଙ୍କର ପ୍ରାର୍ଥନା ଓ ତପସ୍ୟାରେ ପ୍ରୀତ ହୋଇ କ୍ଷମା କରିଥିଲେ ଯାହାଫଳରେ କାମଦେବ ପୁଣି ଶିବଙ୍କର ପତ୍ନୀ ପାର୍ବତୀଙ୍କର ମାନ ଅଭିମାନରେ ନିଜର ଗୁଣ ପ୍ରୟୋଗକରି ବିଜୟୀ ହୋଇଥିଲେ । ଲାବଣ୍ୟବତୀ କାମଦେବଙ୍କୁ ଅଭିଶାପ ଦେଇଛି ଯେ ଶିବଙ୍କ ପତ୍ନୀ ଉମାଙ୍କ ମାନରକ୍ଷା ପାଇଁ ଶିବଙ୍କୁ ଯେପରି କାମଦେବଙ୍କୁ ବଞ୍ଚାଇବାକୁ ପଡ଼ିଥିଲା ଏବଂ କାମଦେବଙ୍କ ଭଳି ଏକ ବିଷ ବୃକ୍ଷକୁ ବଞ୍ଚାଇବାର ଫଳାଫଳ ଏବେ ପୃଥିବୀର ସମସ୍ତ ବିରହ ବିଦଗ୍ଧପ୍ରେମୀମାନଙ୍କୁ ଭୋଗିବାକୁ ପଡୁଛି ।[୨୧]

ଏଠାରେ ଉପେନ୍ଦ୍ରଭଞ୍ଜ ଅତ୍ୟନ୍ତ ମନୋଜ୍ଞ ଭାବରେ ଜୀବନର ଚିରନ୍ତନ ମୂଲ୍ୟବୋଧକୁ ପ୍ରକାଶ କରିଛନ୍ତି । ମଣିଷର ଭାଗ୍ୟ, କର୍ମଫଳ ଆଗରେ କୌଣସି ବଂଶ, ଆଭିଜାତ୍ୟ ଗୌରବ ବଡ଼ ନୁହେଁ । କାରଣ ଯେତେ ବଡ଼ଘରେ ଜନ୍ମ ହେଲେ ମଧ୍ୟ ଯାହା ଭାଗ୍ୟର କର୍ମଫଳ ତାହାହିଁ ସେ ଭୋଗ କରେ । ଏପରିକି ଏହି କର୍ମଫଳର ଦାୟରୁ ସର୍ବଶକ୍ତିମାନ ଦେବତାମାନଙ୍କର ମଧ୍ୟ ମୁକ୍ତି ନାହିଁ । ସ୍ୱୟଂ ମହାଦେବ ସାଗର ମନ୍ଥନ ବେଳେ ସମସ୍ତ ଦେବତା ଅମୃତ ପାଇଲାବେଳକୁ ତାଙ୍କର ଭାଗ୍ୟକୁ କେବଳ ବିଷ ପିଇବା ହିଁ ସାର ହେଲା । ସେ ସ୍ୱୟଂ ଶକ୍ତିମାନ ମହାଦେବ ହେଲେ ମଧ୍ୟ ଜନ୍ମର ବଡ଼ପଣକୁ ଅତିକ୍ରମ କରି

ଭାଗ୍ୟର ଜୋର୍‌କୁ ବଦଳାଇ ପାରିନାହାନ୍ତି ।[୨୨] "ସନ୍ନିପାତର ନାଟିକା/ ଲାଗିଲେ ଯଥୀ ତାଟକା/ କିଛିକିଛି ହୋଏ ଭିନ୍ନ/ ତେମନ୍ତ ମନଯେ" ॥ ୪୮ ॥[୨୩] । ସନ୍ନିପାତ ହେଲେ ନାଡ଼ି ଲାଗିଲେ ରୋଗୀ ଯେପରି ତାଟକା ହୋଇ ଭୟରେ କାତର ହୋଇ ବିକାରଗ୍ରସ୍ତ ହୋଇ ମୁହୁର୍ମୁହୁ ବିଭିନ୍ନ ଲକ୍ଷଣ ପ୍ରକାଶ କରେ, ବାଉଳି ଚାଉଳି ହୁଏ, ଠିକ୍ ସେହିପରି ବାଉଳା ମନୋଭାବ ଲାବଣ୍ୟବତୀର ହୋଇଛି । ଚନ୍ଦ୍ରଭାନୁର ଆସିବା ଖବରପାଇ ପାଗଳୀ ପରି ଲାବଣ୍ୟବତୀ ସତ କି ମିଛ ପଚାରି ଚାଲିଛି । ଚନ୍ଦ୍ରଭାନୁକୁ ଜୀବନସାଥୀ ଭାବରେ ନ ପାଇଲେ ସେ ପ୍ରାଣ ତ୍ୟାଗ କରିବ । କିନ୍ତୁ ଜୀବନ ନ ହାରି ବଞ୍ଚିଥିଲେ ପରମେଶ୍ୱର ନିଶ୍ଚୟ ଚନ୍ଦ୍ରଭାନୁ ସହ ଭେଟ କରାଇବେ । ପ୍ରାଣ ବିସର୍ଜନ ମଣିଷର ଧର୍ମ ନୁହେଁ । ଏକଥା ଅତି ମନୋଜ୍ଞ ଭାବରେ କବି ବ୍ୟକ୍ତ କରିଛନ୍ତି । ଚମତ୍କାର ଉଦାହରଣ ମାଧ୍ୟମରେ କବି କହୁଛନ୍ତି ହେମନ୍ତ ଋତୁରେ ଶିଶିରପାତ ହେଲେ ପଦ୍ମବନ ଧ୍ୱଂସ ହୁଏ ସତ କିନ୍ତୁ ମୂଳ ଟି ବଞ୍ଚିଥିବାରୁ ବସନ୍ତ ଋତୁର ଆଗମନ କାଳରେ ପୁଣିଥରେ ପଦ୍ମବନ ପଲ୍ଲବିତ ହୁଏ । ମାଳତୀ ଫୁଲ ଅଗମ୍ୟ କାନନରେ ଫୁଟିଥିଲେ ମଧ୍ୟ ଭୃଙ୍ଗଭୋଗ୍ୟା ହୁଏ ; ତେଣୁ ଦୁଃଖରେ ଭାଙ୍ଗିପଡ଼ି ସମ୍ପୂର୍ଣ୍ଣ ହତାଶ ହେବା ମଣିଷର ଲକ୍ଷଣ ନୁହେଁ ।[୨୪]

ବିଧାତାର ଜନ୍ମସ୍ଥାନ ପଦ୍ମକୁ ତୁଷାରପାତ (ହିମ) ନଷ୍ଟ କଲେ ମଧ୍ୟ ବିଧାତା ତୁଷାରଠାରେ କପଟ ଆଚରଣ କରିପାରେନାହିଁ । ଦୁର୍ବଳକୁ ମାରିବାକୁ ସମସ୍ତେ ଆଗଭର ହୋଇ ଆସନ୍ତି । କାରଣ ସେ ଦୃଢ଼ ପ୍ରତିରୋଧ କରିପାରେ ନାହିଁ । ମହାଦେବଙ୍କ ପ୍ରଚଣ୍ଡ ତେଜରେ କାମଦେବ ଦେହହୀନ ଅର୍ଥାତ୍ ଭସ୍ମ ହୋଇଯାଇଥିଲେ ମଧ୍ୟ କାମଦେବଙ୍କର ଅହଂକାରର ଅନ୍ତ ହୋଇ ନାହିଁ । ସେ ତଥାପି ତାଙ୍କର ଅଦୃଶ୍ୟ ଶରାଘାତରେ ପ୍ରେମିକା ଲାବଣ୍ୟବତୀକୁ ହନ୍ତସନ୍ତ କରୁଛନ୍ତି । ତେଣୁ ଜୀବନରେ ସର୍ବଦା ଅନେକ ଅସମ୍ଭବ ଘଟଣାମାନ ଘଟେ । କେହି ଜୀବନଠାରୁ ବଡ଼ ନୁହନ୍ତି । ତେଣୁ କୁହାଯାଇଛି 'ସଂସାରେ ପଥର ପଡ଼ିଲେ ସହି' । ଅନେକ ଚମତ୍କାର ଉକ୍ତି ମାଧ୍ୟମରେ ଲାବଣ୍ୟବତୀର ସଖୀମାନେ ଜୀବନର ନିଛକ ବାସ୍ତବତା ସମ୍ପର୍କରେ ବୁଝାଇଛନ୍ତି । [୨୫] ଧ୍ରୁବ ଏଡ଼ିକି ଟିକେ ବାଳକ ହୋଇ ମଧ୍ୟ ବ୍ରହ୍ମଜ୍ଞାନ ସମ୍ପର୍କରେ ନିଜର ଅସାଧାରଣ ଧୀମତ୍ତା ପ୍ରଦର୍ଶନ କରିଥିଲା । ଅଗସ୍ତ୍ୟ ମହର୍ଷି ନିଜ ହାତ ପାପୁଲିରେ ସାତସମୁଦ୍ରର ପାଣିକୁ ଚଳୁକରି ଶୋଷି ଶୁଖାଇଦେଇଥିଲେ । ହନୁମାନ ମାଙ୍କଡ଼ ହେଲେ ମଧ୍ୟ ଆକାଶରେ ଉଡ଼ି ଉଡ଼ି ମହା ସମୁଦ୍ର ଡେ଼ଇଁ ଲଙ୍କାରେ ପହଞ୍ଚି ପାରିଥିଲେ । କର୍ପୂର ବିରହୀ ପାଇଁ ଖୁବ୍ ତାତିଲା ଜଣାପଡ଼େ । ସନ୍ନିପାତ ବେଳେ ବିଷ ହିତଦାୟକ ହୋଇଥାଏ । ବାସୁକୀଙ୍କୁ ରାଜସୂୟଯଜ୍ଞକୁ ପଠାଇଦେଇ ଅର୍ଜୁନ ନିଜେ ପୃଥିବୀକୁ ଟେକିଧରି ରଖିପାରିଥିଲେ । ରାଜ୍ୟ ନ ଥିଲେ ମଧ୍ୟ କନ୍ଦର୍ପକୁ ସମସ୍ତେ ରାଜା କହନ୍ତି । ଜଳ ରୁ ଯେଉଁ ପଦ୍ମ ଜନ୍ମ ହୁଏ ସେ ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ଫୁଟେ । ସାପ ଆଖିରେ ଶୁଣେ । ପ୍ରହ୍ଲାଦ ପିତୃଦ୍ରୋହୀ ହୋଇ ମଧ୍ୟ ପୃଥିବୀରୁ ଯାଇ ସ୍ୱର୍ଗରେ ଇନ୍ଦ୍ରପଦ ପ୍ରାପ୍ତ ହୋଇଥିଲେ । ତେଣୁ ଏଭଳି ଅନେକ ଅସମ୍ଭବ ଘଟଣା ମଣିଷ ଜୀବନରେ ଘଟିଥାଏ । ତେଣୁ ତାହାକୁ ଗ୍ରହଣ କରିବା ଉଚିତ ।

ଧୈର୍ଯ୍ୟଧରି ଅପେକ୍ଷା କରିବା ନିତାନ୍ତ ଜରୁରୀ । 'ଲାବଣ୍ୟବତୀ' କାବ୍ୟର ଚିରନ୍ତନ ମୂଲ୍ୟବୋଧର ତାତ୍ତ୍ୱିକ ବ୍ୟାଖ୍ୟା ବାସ୍ତବିକ ଉଲ୍ଲେଖନୀୟ । ଉପେନ୍ଦ୍ରଭଞ୍ଜଙ୍କ ର ଏହି ଜୀବନବାଦୀ ଦୃଷ୍ଟିକୋଣ ଆଧୁନିକ ଯୁଗର ଯୁଗସ୍ରଷ୍ଟା ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କୁ ମଧ୍ୟ ଗଭୀର ଭାବରେ ପ୍ରଭାବିତ କରିଥିଲା ।

ଦେହକୁ ଉଜ୍ଜ୍ୱଳ କରୁଥିବା ତରଳପଦାର୍ଥରେ ବଟାହଳଦି, କୁଙ୍କୁମ ପ୍ରଭୃତି ଯେପରି ଶରୀରର ସମସ୍ତ ସୌନ୍ଦର୍ଯ୍ୟକୁ ଶୋଭାବନ୍ତ କରେ, କମନୀୟ କାନ୍ତିକୁ ବୃଦ୍ଧି କରାଏ, ଠିକ୍ ସେହିପରି ସମୁଦ୍ରରେ ଶେଷରେ ଯେପରି ସବୁ ନଦୀ ମିଶି ଏକାକାର ହୋଇଯାନ୍ତି । ଅର୍ଥାତ୍ ନଦୀ ସମୁଦ୍ରରେ ମିଶିବା ଏକ ଅବଧାରିତ ସତ୍ୟ । ଠିକ୍ ସେହିପରି ଲାବଣ୍ୟବତୀର ନିଶ୍ଚୟ ଦିନେ ନା ଦିନେ ଚନ୍ଦ୍ରଭାନୁ ସହିତ ମିଳନ ହେବ । ଏହାକୁ କେହି କେବେହେଲେ ବନ୍ଦ କରିପାରିବେ ନାହିଁ । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲାବଣ୍ୟବତୀ ଚନ୍ଦ୍ରଭାନୁ ଏକ ଆତ୍ମା ହୋଇ ନିଶ୍ଚୟ ରହିବେ । ତେଣୁ ମିଳନ ଅବଶ୍ୟମ୍ଭାବୀ ।[୨୬]

## ବର୍ଣ୍ଣନା ବୈଚିତ୍ର୍ୟ :

ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ କାବ୍ୟର ୧୫ ଛାନ୍ଦରେ ଐନ୍ଦ୍ରଜାଲିକର ମାୟା ପ୍ରଦର୍ଶନ ଅବସରରେ ଦର୍ଶକମାନଙ୍କ ସମ୍ମୁଖରେ ରାମଚନ୍ଦ୍ରଙ୍କ ଜୀବନଚରିତ ସମ୍ମୋହନ ବିଦ୍ୟାଦ୍ୱାରା ପରିବେଷଣ କରିଛନ୍ତି । ସେ ଶ୍ରୀରାମଚନ୍ଦ୍ରଙ୍କୁ ନିଜର ଆଦର୍ଶ ପୁରୁଷ ଭାବରେ ଜୀବନରେ ଗ୍ରହଣ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କ ଏକନିଷ୍ଠ ସ୍ୱକୀୟା ପତ୍ନୀପ୍ରେମ କବିଙ୍କୁ ଗଭୀର ଭାବରେ ଆଲୋଡ଼ିତ କରିଥିଲା । ଶ୍ରୀରାମଚନ୍ଦ୍ର ଓ ସୀତାଙ୍କର ଦୁର୍ଲ୍ଲଭ ଦାମ୍ପତ୍ୟ ପ୍ରୀତିକୁ ସର୍ବଶ୍ରେଷ୍ଠ ବୋଲି ଗ୍ରହଣକରି ଉପେନ୍ଦ୍ରଭଞ୍ଜ ତାଙ୍କ ସବୁକାବ୍ୟ ବୈଦେହୀଶ ବିଳାସ, ରସିକହାରାବଳୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ ପ୍ରମାଣିତ କରିଯାଇଛନ୍ତି । ତେଣୁ ସେ କହିଛନ୍ତି ରାଜପଦ, ଇନ୍ଦ୍ରପଦ ପ୍ରାପ୍ତି ପ୍ରଭୃତି ଅତ୍ୟନ୍ତ ଭାଗ୍ୟର କଥା ହୋଇପାରେ କିନ୍ତୁ ତା ତୁଳନାରେ ଦମ୍ପତି ସମ୍ପତ୍ତି ଆହୁରି ମହୀୟାନ । ନିଜର ପ୍ରେମିକା ପତ୍ନୀଠାରୁ ଆତ୍ମିକ ପ୍ରେରଣା ଲାଭକରି ଜଣେ ପୁରୁଷ ନିଜର ସମସ୍ତ ଲକ୍ଷ୍ୟ ହାସଲ କରିପାରେ । ତାଙ୍କ ନିଜ ଜୀବନରେ ପତ୍ନୀଙ୍କର ମୃତ୍ୟୁକାଳୀନ ବିରହ ଯନ୍ତ୍ରଣା ଉପେନ୍ଦ୍ରଭଞ୍ଜଙ୍କୁ ଅତ୍ୟଧିକ ଯନ୍ତ୍ରଣା ଦେଇଥିଲା । ପାଣ୍ଡବମାନେ ଦ୍ରୌପଦୀଙ୍କୁ ନେଇ ବନବାସର କଷ୍ଟ ଭୋଗିଥିଲେ । ରାମଚନ୍ଦ୍ର ସୀତାଙ୍କୁ ନେଇ ୧୪ ବର୍ଷ ବନବାସ ଦୁଃଖ ସହିଥିଲେ ।[୨୭] କବି ଏହି ଚିରନ୍ତନ ଧ୍ରୁବସତ୍ୟକୁ ଲାବଣ୍ୟବତୀର ପ୍ରତି ଛତ୍ରେ ଛତ୍ରେ ଫୁଟାଇବାରେ ସକ୍ଷମ ହୋଇଛନ୍ତି ।

ସିଂହଳରେ କର୍ଣ୍ଣାଟ ଦେଶର ବିଚକ୍ଷଣ ଯାଦୁକର ବିନୋଦ ଇନ୍ଦ୍ରଜାଲ ପ୍ରୟୋଗ କରି ସମସ୍ତଙ୍କୁ ମୁଗ୍ଧକରିବା ସହିତ କବିଙ୍କର ଚିରଉପାସ୍ୟ ରାମଚନ୍ଦ୍ରଙ୍କ ଜୀବନଚରିତକୁ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ପ୍ରେମକୁ ସାକାର କରିବାପାଇଁ ଅନୁରୂପ ଦୃଶ୍ୟାବଳୀ ଦେଖାଇବାରେ ପ୍ରୟୋଗ କରିଛି । ଯାହାଦ୍ୱାରା ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଇନ୍ଦ୍ରଜାଲ କଳା

ପ୍ରଦର୍ଶନ ଦ୍ୱାରା ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇଛନ୍ତି । ଇନ୍ଦ୍ରଜାଲ ବିଦ୍ୟା ପ୍ରଦର୍ଶନ ସହିତ ଅପୂର୍ବ କଳ୍ପନା ବିକାସର ଅନୁପମ ସଂଯୋଗ ଫଳରେ ଯେଉଁ ଅଭିନବ କାବ୍ୟୋତ୍କର୍ଷ ପ୍ରମାଣିତ ହୋଇଛି, ତାହା ଲାବଣ୍ୟବତୀ କାବ୍ୟର ବର୍ଣ୍ଣନା ବୈଚିତ୍ର୍ୟକୁ କାଳଜୟୀ କରିଛି । ଯାଦୁକର ବିନୋଦ ଅନେକ ରାଜ୍ୟ ପର୍ଯ୍ୟଟନ କରିବା ସହିତ ନିଜର ଅଦ୍ଭୁତ ଯାଦୁବିଦ୍ୟା ପ୍ରଦର୍ଶନ କରିସାରି ଶେଷରେ ସିଂହଳରେ ଆସି ଉପନୀତ ହୋଇଛି । ଐନ୍ଦ୍ରଜାଲିକ ବିନୋଦ ଏକାଧାରରେ ହଟଚମଟବିଦ୍ୟା ଧୂରୀଣ, ମଲ୍ଲବିଦ୍ୟାରେ ପ୍ରବୀଣ । ତାହାର ଦଳରେ ଥିବା ପ୍ରତ୍ୟେକ ସ୍ତ୍ରୀ, ପୁରୁଷ ଗୀତ, ନୃତ୍ୟ ତଥା ଦଣ୍ଡବୈଠକ, ବାଉଁଶ ନଳୀ ଉପରେ ନୃତ୍ୟ, ସାପନୃତ୍ୟ, ମଲ୍ଲବିଦ୍ୟାରେ ପ୍ରବୀଣ ଅଛନ୍ତି । ସମସ୍ତ ଶିଷ୍ୟ ଉପଶିଷ୍ୟମାନେ ଯଥାରୀତି ବେଶଭୂଷା ହୋଇ ଇନ୍ଦ୍ରଜାଲ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ସେମାନଙ୍କ ମଧ୍ୟରେ 'ପ୍ରେମରୂପା' ନାମ୍ନୀ ଜଣେ ସୁନ୍ଦରୀ ବିଚକ୍ଷଣା ନର୍ତ୍ତକୀ ଅଛି ଯାହାର ସୌନ୍ଦର୍ଯ୍ୟ, ଠାଣିରେ ସମସ୍ତ ଦର୍ଶକମଣ୍ଡଳୀ ପ୍ରଲୁବ୍ଧ ହୋଇଛନ୍ତି । ଯାଦୁକର ବିନୋଦ ଯାଦୁବିଦ୍ୟା ପ୍ରଦର୍ଶନ ପୂର୍ବରୁ ରାଜା ଓ ତାଙ୍କର ପରିବାରବର୍ଗଙ୍କୁ ନିମନ୍ତ୍ରଣ କରିବା ପାଇଁ ଢ଼ୋଲତୂରୀ ବଜାଇଛି । କୁହୁକ, ଗୋଟିକାଞ୍ଜନ, ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ ପ୍ରଭୃତି ବିଦ୍ୟାର ଉତ୍କର୍ଷ ସମ୍ପର୍କରେ ବିନୋଦ ବୁଝାଇଛି ।

ଦକ୍ଷିଣ ଭାରତରେ ଇନ୍ଦ୍ରଜାଲ ବା ଯାଦୁବିଦ୍ୟାର ପ୍ରସିଦ୍ଧି ଥିଲା । ତାହା ଆଜି ବି ଲୋକମୁଖରେ ପ୍ରଚାରିତ । ଯଦିଓ କିଛି ପରିମାଣରେ ଅତିରଞ୍ଜନର ସ୍ପର୍ଶ ୧୫ ଛାନ୍ଦରେ ଅଛି ତଥାପି ଉପେନ୍ଦ୍ରଭଞ୍ଜ ଯେଉଁ ଲୋମହର୍ଷଣକାରୀ ରୋମାଞ୍ଚକ ଯାଦୁବିଦ୍ୟାକୁ ଅପୂର୍ବ ଭାବରସ ଓ ରାମଚନ୍ଦ୍ରଙ୍କ ପ୍ରସଙ୍ଗ ବଳରେ ପ୍ରତିପାଦିତ କରିଛନ୍ତି ତାହା ତାଙ୍କର ଅସାଧାରଣ କାବ୍ୟିକ ପ୍ରତିଭାର ଚରମ ଉତ୍କର୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀର ୧୫ ଛାନ୍ଦରେ ୨୦ରୁ ୩୦ ପଦ ଭିତରେ ସମଗ୍ର ରାମାୟଣର ବର୍ଣ୍ଣନା କରି ଅତ୍ୟନ୍ତ ସାବଲୀଳ ଭାବରେ ପ୍ରକାଶ କରିଛନ୍ତି । ସମସ୍ତଙ୍କ ଆଖି ସାମ୍ନାରେ ରାମାୟଣର ଦୃଶ୍ୟପଟ ଦେଖାଯାଇଛି । ଦଶରଥଙ୍କ ବନ୍ଧୁ ରାଜା ଲୋମପାଦଙ୍କ ରାଜ୍ୟରେ ଥରେ ୧୨ ବର୍ଷ ବର୍ଷା ନହେବାରୁ ସେ ଜରତା ନାମକ ବେଶ୍ୟାକୁ ପଠାଇ ଋଷ୍ୟଶୃଙ୍ଗ ନାମକ ଋଷିଙ୍କୁ ଭୁଲାଇ ଆଣି ଯଜ୍ଞ କରାଇଥିବାରୁ ବର୍ଷା ହୋଇଥିଲା । ତେଣୁ ଲୋମପାଦ ଖୁସି ହୋଇ ନିଜ ଝିଅ ଶାନ୍ତାକୁ ଋଷ୍ୟଶୃଙ୍ଗଙ୍କ ସହିତ ବିବାହ ଦେଇଥିଲେ । ଦଶରଥ ସେହି ଋଷ୍ୟଶୃଙ୍ଗଙ୍କୁ ରଥରେ ନିଜର ରାଜ୍ୟକୁ ନେଇ ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ ଯଜ୍ଞ କରାଇଲେ ।[୨୮] ପଦ୍ମନାଭ ବିଷ୍ଣୁ ଏ ଯଜ୍ଞରେ ଚରୁ ହେଲେ । କୌଶଲ୍ୟା, କୈକେୟୀ, ସୁମିତ୍ରା (ଦଶରଥଙ୍କର ତିନିରାଣୀ) ସେହି ଚରୁ ଖାଇ ଗର୍ଭଧାରଣ କଲେ । ରାମଚନ୍ଦ୍ର, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଏହି ଚାରି ଭାଇ ତିନିରାଣୀଙ୍କ ଗର୍ଭରୁ ଜନ୍ମଗ୍ରହଣ କଲେ । ଋଷିମାନଙ୍କର ଯଜ୍ଞକୁ ରାକ୍ଷସମାନଙ୍କର ଦୌରାତ୍ମ୍ୟରୁ ରକ୍ଷା କରିବାପାଇଁ ମହର୍ଷି ବିଶ୍ୱାମିତ୍ର ମହାରାଜା ଦଶରଥଙ୍କର ଅନୁମତି ନେଇ ବାଳକ ରାମଲକ୍ଷ୍ମଣଙ୍କୁ ଧରି ବଣକୁ ଗଲେ । ରାମ ତାଡ଼କୀରାକ୍ଷସୀ, ସୁବାହୁ, ମାରୀଚ ପ୍ରଭୃତି ରାକ୍ଷସମାନଙ୍କୁ ବଧକଲେ ।

ବାଟରେ ଫେରିଲାବେଳେ ଶାପଗ୍ରସ୍ତା ଅହଲ୍ୟା ପଥର ପାଲଟି ଯାଇଥିଲେ, ତାଙ୍କୁ ଶାପମୁକ୍ତ କରିଥିଲେ । ଦାସବତ୍ସଳ ରାମ ଲକ୍ଷ୍ମଣ ନାଆରେ ନଦୀ ପାରିହେଲାବେଳେ କେଉଟ ତାଙ୍କର ପାଦଧୋଇ ନାଆରେ ବସିବାକୁ ଦେଲା । କାରଣ ଯଦି ରାମଚନ୍ଦ୍ରଙ୍କ ପଦସ୍ପର୍ଶରେ ନୌକା ଯଦି ନାରୀରେ ପରିଣତ ହେବ ତେବେ ତା'ର ଭେଳା ବୁଡ଼ିଯିବ ଏହି ଆଶଙ୍କାରେ ସେ ଏପରି କରିଥିଲା ।

ରାମଚନ୍ଦ୍ର ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଥିଲେ । ସୀତାଙ୍କୁ ନେଇ ରାମଲକ୍ଷ୍ମଣ ଫେରିଲାବେଳେ ବାଟରେ ବଜ୍ର ପରି ଶକ୍ତିଶାଳୀ ପର୍ଶୁରାମଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ମହାପରାକ୍ରମୀ ପର୍ଶୁରାମ ୨୧ ଥର ସାରା ପୃଥିବୀକୁ କ୍ଷତ୍ରୀୟ ବିହୀନ କରି ଦେଇଥିଲେ । ରାମଚନ୍ଦ୍ର ସେହି ପର୍ଶୁରାମଙ୍କର ଶକ୍ତି ହରଣ କରି ତାଙ୍କୁ ଶକ୍ତିହୀନ କରିଥିଲେ । ଏହାପରେ ପିତା ଦଶରଥ ରାମଚନ୍ଦ୍ରଙ୍କୁ ଯୁବରାଜ ପଦରେ ଅଭିଷେକ କରିବାର ଘୋଷଣା କରିବାକୁ କୈକେୟୀଙ୍କର ଦାସୀ ମନ୍ଥରାର କୂଟ ପରାମର୍ଶରେ କୈକେୟୀ ଦଶରଥଙ୍କୁ ବାଧ୍ୟ କରି ରାମଚନ୍ଦ୍ରଙ୍କର ୧୪ ବର୍ଷ ବନବାସ ଘୋଷଣା କଲେ । ରାମଚନ୍ଦ୍ରଙ୍କ ବନବାସ ବେଳେ ପତ୍ନୀ ସୀତା ଓ ସାନଭାଇ ଲକ୍ଷ୍ମଣ ମଧ୍ୟ ସାଙ୍ଗରେ ଯାଇଥିଲେ । ଚିତ୍ରକୂଟ ପର୍ବତରେ ରାମଚନ୍ଦ୍ର ବନବାସ ପର୍ବ ଆରମ୍ଭ କଲେ । ସେହି ସମୟରେ ଗୋଟିଏ କୁଆ ସୀତାଙ୍କୁ ଅପମାନିତ କରିବାକୁ ରାମଚନ୍ଦ୍ର ତାହାର ଆଖି ଦୁଇଟିକୁ ବଙ୍କା କରିଦେଇଥିଲେ । ସେହିଦିନ ଠାରୁ କୁଆ ସିଧା ଦେଖିପାରେ ନାହିଁ । ରାମଙ୍କୁ ବଣରୁ ଫେରାଇ ଆଣିବାକୁ ଯାଇଥିବା ଭରତଙ୍କୁ ରାମ ପ୍ରବୋଧନା ଦେଇ ଫେରାଇ ଦେଇଥିଲେ । ଏହାପରେ ସେ ପତ୍ନୀ ଓ ଭାଇଙ୍କ ସହିତ ଚିତ୍ରକୂଟ ପର୍ବତ ଛାଡ଼ି ଦକ୍ଷିଣ ଦିଗକୁ ଅଗ୍ରସର ହେଲେ । ବାଟରେ ବିରାଧ ରାକ୍ଷସକୁ ମାରିଲେ । ଋଷିମାନଙ୍କଠାରୁ ସୀତାଙ୍କ ପାଇଁ ଅମ୍ଳାନବସ୍ତ୍ର (ମଇଳା ନହେବାଲୁଗା) ଓ ବ୍ରହ୍ମ ଅସ୍ତ୍ର ପାଇଲେ । ଦଣ୍ଡକାରଣ୍ୟରେ ଯାଇ ରହି ସେଠାରେ ରାବଣର ଭଉଣୀ ସୂର୍ପଣଖା ନାକ କାଟିଥିଲେ । ଖର, ଦୂଷଣ, ତ୍ରିଶିରା ତିନି ରାକ୍ଷସଙ୍କ ମୁଣ୍ଡ କାଟିଲେ । ରାବଣ ସୀତାଙ୍କୁ ସୁନା ହରିଣର ମାୟା ଦେଖାଇ ଚୋରାଇ ନେଲା । ରାବଣ ସୀତାଙ୍କୁ ନେଇ ଗଲାବେଳେ ଜଟାୟୁ ନାମକ ପକ୍ଷୀ ପ୍ରତିରୋଧ କରିବାରୁ ରାବଣ ତାକୁ ହତ୍ୟା କରିଛି । ଶୋକାକୁଳା ସୀତାଙ୍କୁ ନେଇ ରାବଣ ଲଙ୍କାର ଅଶୋକବନରେ ରଖାଇଲା । ରାମ ଲକ୍ଷ୍ମଣଙ୍କ ସହିତ ମାୟା ମୃଗ ମାରୀଚକୁ ହତ୍ୟାକରି କୁଟୀରକୁ ଫେରି ସୀତାଙ୍କୁ ନଦେଖି ମହାଦୁଃଖୀ ହେଲେ । ରାବଣ ସୀତାଙ୍କୁ ନେଇ ଲଙ୍କା ପଳାଇଛି ଏହି ସମ୍ବାଦ ଦେଇ ମୁମୂର୍ଷୁ ଜଟାୟୁ ପ୍ରାଣତ୍ୟାଗ କଲା । ସୀତାଙ୍କୁ ଖୋଜିବାକୁ ଦୁଇଭାଇ ବଣରେ ଅଗ୍ରସର ହେଲାବେଳେ କବନ୍ଧ ନାମକ ରାକ୍ଷସର ବାହୁବନ୍ଧନରେ ପଡ଼ି ରାମ ସେ କବନ୍ଧକୁ ମାରିଲେ । ବାଟରେ ଶବରୀ ରାମଙ୍କୁ ଫଳ ଖାଇବାକୁ ଦେଇ ମୁକ୍ତି ପାଇଲା । କ୍ଷୀରପାନ କରି ଗୋପାଳମାନଙ୍କର ମନୋବାଞ୍ଛା ପୂର୍ଣ୍ଣ କଲେ । ଶୀତକର୍ଣ୍ଣୀ କାମରେ ଯୋଗଭ୍ରଷ୍ଟ ହୋଇଥିବାରୁ ରାମଚନ୍ଦ୍ର କାମ ବାସନା ଜାଗ୍ରତ କରାଇଥିଲେ । ପମ୍ପା ପୋଖରୀରେ କୋକ (ଚକ୍ରବାକ)ର ଦାମ୍ପତ୍ୟ ପ୍ରଣୟରେ ବିରକ୍ତ ହୋଇ ରାତ୍ରିରେ ସେମାନେ

ଏକାଠି ହେବେନାହିଁ ବୋଲି ରାମଚନ୍ଦ୍ର ଅଭିଶାପ ଦେଇଥିଲେ । ମିତ୍ରବଂଶୀ (ସୂର୍ଯ୍ୟବଂଶୀ) ରାମ ମିତ୍ର ପୁତ୍ର ସୁଗ୍ରୀବଙ୍କ ସଙ୍ଗେ ମଇତ୍ର ବା ସଙ୍ଗାତ ବସିଲେ । ବାଳୀ କି ମାରିବା ଭଳି ନିଜର ବଳ ଅଛି ବୋଲି ସୁଗ୍ରୀବର ବିଶ୍ୱାସ ଜନ୍ମାଇବା ପାଇଁ ଶରରେ ଶାଳଗଛ ଭେଦିଲେ ।[୨୯]

ଦୁନ୍ଦୁଭି ରାକ୍ଷସର ଅସ୍ଥି (ହାଡ଼)କୁ କୌତୁକରେ ଫିଙ୍ଗିଦେଲେ । ବାଳୀ ସୁଗ୍ରୀବର ଯୁଦ୍ଧ ସମୟରେ ବାଳୀକୁ ବଧକଲେ । ତତ୍‌ପରେ ମାଲ୍ୟବନ୍ତ ପର୍ବତରେ ଯାଇ ଅବସ୍ଥାନ କଲେ । ସେଠାରେ ପତ୍ନି ବିରହରେ ବର୍ଷାକାଳ ବିତିଲା । ରାମଚନ୍ଦ୍ର ମାଲ୍ୟବନ୍ତ ଗିରିକୂଟରେ କୁକୁଡ଼ାର ନିଷ୍ଠାପରତାରେ ମୁଗ୍ଧ ହୋଇ ତା' ମୁଣ୍ଡରେ ସବୁଦିନ ପାଇଁ ମୁକୁଟ ରହିବ ବୋଲି ବର ଦେଲେ । ତେଣୁ କୁକୁଡ଼ାର ମୁଣ୍ଡରେ ଲାଲଚୂଳ ଅଛି । ଦୂତ ପଠାଇ ସୀତାଙ୍କର ଖବର ପାଇଲେ । ନଳଙ୍କ ଦ୍ୱାରା ସମୁଦ୍ରରେ ପଥର ଭସାଇ ସେତୁବନ୍ଧ ତିଆରି କଲେ । ବୀର ହନୁମାନ, ମିତ୍ର ସୁଗ୍ରୀବ ସହିତ ବାନର ସେନାଙ୍କୁ ନେଇ ଲଙ୍କା ଆକ୍ରମଣ କରିଥିଲେ । ରାବଣର ମହାପରାକ୍ରମୀ ପୁତ୍ର ଇନ୍ଦ୍ରଜିତ, ଭାଇ କୁମ୍ଭକର୍ଣ୍ଣ ପ୍ରଭୃତି ମହାନ୍ ଯୋଦ୍ଧାମାନଙ୍କୁ ରାମଲକ୍ଷ୍ମଣ ହତକଲେ । ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତ ଯେଉଁ ନାଗପାଶ ବନ୍ଧନରେ ସମ୍ମୋହିତ କରି ଦେଇଥିଲା, ସେଥିରୁ ବଞ୍ଚାଇବା ପାଇଁ ହନୁମାନ ଏକାସାଙ୍ଗରେ ଗନ୍ଧମାର୍ଦ୍ଦନ ପର୍ବତକୁ ଉପାଡ଼ି ନେଇ ଆସିଥିଲେ । ସେଥିରୁ ଜଡ଼ିବୁଟି ଔଷଧ ପ୍ରସ୍ତୁତ କରାଯାଇ ଲକ୍ଷ୍ମଣଙ୍କର ହୋସ୍ ଆସିଲା । ଔଷଧ ପ୍ରୟୋଗ ଯୋଗୁଁ ଲକ୍ଷ୍ମଣ ବଞ୍ଚିଲେ । ପରିଶେଷରେ ରାବଣକୁ ବଧକଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା ଭାବରେ ଅଭିଷିକ୍ତ କଲେ । ସୀତା ଅଗ୍ନି ପରୀକ୍ଷାରେ ଶୁଦ୍ଧ ହୋଇ ରାମଲକ୍ଷ୍ମଣଙ୍କ ସହିତ ସଦଳବଳେ ପୁଷ୍ପକ ବିମାନରେ ଆକାଶ ପଥରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ । ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀର ୧୫ ଛାନ୍ଦରେ ମାତ୍ର ୨୦ରୁ ୩୦ ପଦ ମଧ୍ୟରେ ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ସମଗ୍ର ରାମାୟଣର ଯେଉଁ ସାର୍ଥକ ଉପସ୍ଥାପନ କରିଛନ୍ତି ତାହା ଅସାଧାରଣ ଅନନ୍ୟ ବର୍ଣ୍ଣନାଶୈଳୀର ପରିଚାୟକ । ସଂକ୍ଷିପ୍ତ ଶବ୍ଦ ସଂଯୋଜନା, ସୂକ୍ଷ୍ମ ବର୍ଣ୍ଣନାଶୈଳୀ, ସରଳଭାଷା ପ୍ରୟୋଗ ଲାବଣ୍ୟବତୀ କାବ୍ୟର ବର୍ଣ୍ଣନା ବୈଚିତ୍ର୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛି । ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ବିବାହ ହେଉ ବୋଲି ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ ରାମଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି । କାବ୍ୟ ରଚନାର ଚିରନ୍ତନ ସତ୍ୟତାକୁ କବି ଏଠାରେ ପ୍ରକାଶ କରିଛନ୍ତି ।

ତାଙ୍କର ଏହି ଅପୂର୍ବ ବର୍ଣ୍ଣନା ବୈଚିତ୍ର୍ୟର ସ୍ୱରୂପ ୨୨ ଛାନ୍ଦରେ ମଧ୍ୟ ଅନୁରୂପ ଭାବରେ ପ୍ରକାଶିତ । ''ସହଚରି ! ଉପାଡ଼ିବା ପୁଷ୍ପ ଲତାକୁ/ ବିମନା ନକର ତୁ ତାକୁ/ ସୁମନୀରେ ସୁମନା ଶୋଭୀ ଭୃଙ୍ଗ ସୁମନୀ କର ତାପିବ ସୁମନାକୁରେ'' ॥ ୬ ॥[୩୦] ବିରହ ବିଧୂରା ଲାବଣ୍ୟବତୀକୁ ଫୁଲମାନେ ଆଉ ଯେପରି ବିମର୍ଷ ବା ବିମନା ନ କରନ୍ତୁ । କାରଣ ଫୁଲଲୋଭୀ ଭ୍ରମରର ନାମ ଶ୍ରବଣ ମାତ୍ରେ ଲାବଣ୍ୟବତୀର ବିରହ ବିଦଗ୍ଧ ପ୍ରାଣରେ କାମ ବାସନା ଜାଗ୍ରତ ହେଉଛି । ତେଣୁ ଲାବଣ୍ୟବତୀ ଭଳି କୋମଳାଙ୍ଗୀ କନ୍ୟାର ବିରହ ବିଧୂର ଶରୀରରେ କୋମଳ ଫୁଲର ପରଶ ମଧ୍ୟ କଣ୍ଟକିତ ମନେ ହେଉଛି । ତେଣୁ ଏଥିରୁ କାବ୍ୟର

ସୌକୁମାର୍ଯ୍ୟ ସୂକ୍ଷ୍ମତା ସ୍ପଷ୍ଟ ବାରି ହୋଇ ପଡୁଛି । ଚନ୍ଦ୍ରଭାନୁ ରାମେଶ୍ୱର ଯାଇ ସେଠାରେ ଥିବା ବନରେ ଶିକାର କରିବାକୁ ଯାଇ ଗଣ୍ଡା, ବାଘ, ମୃଗ, ସମ୍ବର ଇତ୍ୟାଦି ବହୁ ଜୀବଜନ୍ତୁ ମାରି ସମସ୍ତଙ୍କୁ ମାଂସ ବାଣ୍ଟିଦେଇ ବ୍ୟାଘ୍ର ଚର୍ମ ବୈଷ୍ଣବଙ୍କୁ, ଗଣ୍ଡାଚର୍ମ ବ୍ରାହ୍ମଣଙ୍କୁ, ପକ୍ଷୀ ପର ପାଇକଙ୍କୁ, ବାଘନଖ ପିଲାବାଲାଙ୍କୁ, ମୃଗନାଭି ବଣିଆଙ୍କୁ ବାଣ୍ଟିଦେଲେ । ପ୍ରଭାତରୁ ଚନ୍ଦ୍ରଭାନୁ ସୈନ୍ୟସାମନ୍ତ ଧରି ରାଜ୍ୟକୁ ଫେରିଲାବେଳେ ନାଗରା ଶୁଭିଛି । ଶ୍ରୀରାମ ନାମ ସ୍ମରଣରେ ସମସ୍ତ ସନ୍ତାପ ଦୂର ହୋଇଯାଉଛି ବୋଲି କବି ପ୍ରତିପାଦନ କରିଛନ୍ତି । ଶ୍ରୀରାମଙ୍କ ନାମ ସର୍ବ ଦୁଃଖ ଦୂରୀକରଣର ମହୌଷଧି ଭଳି କାର୍ଯ୍ୟ କରିଥାଏ । ବୈଦ୍ୟ ଯେପରି ରୋଗୀର ମନର ଇଚ୍ଛା ଜାଣିପାରି ଔଷଧ ଦେଇ ତତ୍‌କ୍ଷଣାତ ରୋଗମୁକ୍ତ କରିବାର ପ୍ରୟାସ କରେ, ଠିକ୍ ସେହିପରି କୌଣସି ଶୁଭକାର୍ଯ୍ୟରେ ଦଣ୍ଡେ ମାତ୍ର ବିଳମ୍ବ ନହେଉ ।

ଜୀବନରେ ଯାହା ସ୍ୱାଭାବିକ, ସର୍ବକାଳୀନ ଅନୁଭୂତିକୁ ଏକ ନବନ୍ୟାସ ଦେବାର ଅପୂର୍ବ ପ୍ରୟାସ ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ କାବ୍ୟରେ କରିଥିଲେ । ସାମାଜିକ ଜୀବନରେ ନାରୀକୁ ପୁରୁଷର ସମକକ୍ଷ କରିବାର ଗଭୀର ଇଚ୍ଛା ଉପେନ୍ଦ୍ରଭଞ୍ଜଙ୍କର ରହିଆସିଛି । ନାରୀକୁ ଆଦର୍ଶ ଭାବରେ, ଶ୍ରେଷ୍ଠ ଭାବରେ ପୁରୁଷର ସାର୍ଥକ ସହଧର୍ମିଣୀ, ପ୍ରେରଣାଦାୟିନୀ ଭାବରେ ପ୍ରକାଶ କରିବାର ସମସ୍ତ ପ୍ରୟାସ କରିଛନ୍ତି । ଉପେନ୍ଦ୍ରଭଞ୍ଜଙ୍କର ଏହି ବିପ୍ଳବୀ ମାନସିକତା ତାଙ୍କୁ ତତ୍‌କାଳୀନ ସମୟରେ ସମାଜରେ ନାରୀର ସ୍ଥିତିକୁ ଏକ ନିର୍ଣ୍ଣାୟକ ମୋଡ଼ ଦେବାରେ ସମର୍ଥ ହୋଇଛି । ସେ ଧର୍ମ, ପ୍ରଥା ଆଚାର, ବିଚାରର ଅନ୍ଧ କୁସଂସ୍କାରଗ୍ରସ୍ତ ତତ୍‌କାଳୀନ ମାନସିକତାକୁ ଏକ ଆହ୍ୱାନ ଭାବରେ ନେଇ ସ୍ୱାଭାବିକ ମାନବିକତାର ପ୍ରତିଷ୍ଠା କରିଯାଇଛନ୍ତି । ପୁରୁଷର ବହୁ ନାରୀଭୋଗ୍ୟା ମନୋବୃତ୍ତିକୁ ସେ ଦୃଢ଼ ସମାଲୋଚନା କରିଛନ୍ତି । ଜୀବନ ଦର୍ଶନର ଗୂଢ଼ତତ୍ତ୍ୱକୁ ଅତ୍ୟନ୍ତ ଭାବପୂର୍ଣ୍ଣ ଭାବରେ ପ୍ରକାଶ କରିଛନ୍ତି ।

## ନାରୀର ଶ୍ରେଷ୍ଠତା :

ଦିବ୍ୟ ନାରୀର ସାର୍ଥକ ବିଶ୍ଳେଷଣ ଉପେନ୍ଦ୍ରଭଞ୍ଜ କରି ସାରିବାପରେ ସମାଜରେ ନାରୀର ସ୍ଥାନକୁ ପୂର୍ଣ୍ଣରୂପରେ ପ୍ରତିଷ୍ଠିତ କରିବାର ଅଭୂତପୂର୍ବ ପ୍ରୟାସ ଲାବଣ୍ୟବତୀ କାବ୍ୟରେ କରିଛନ୍ତି । ନାରୀର ଦିବ୍ୟ ଗୁଣ ତ ଅଛି କିନ୍ତୁ ସାଧାରଣ ଜୀବନରେ ନାରୀର ଆସନ ପୁରୁଷଠାରୁ ନ୍ୟୂନ ନୁହେଁ, ସେ ବ୍ୟକ୍ତି ସାମାଜିକ ଜୀବନର ଆଧାର ଶିଳା ତାହା ପ୍ରତିପାଦିତ କରିବାପାଇଁ କବି ଅସାଧାରଣ ପ୍ରୟାସ କରିଛନ୍ତି । ସେଥିପାଇଁ ସେ ଭାଗବତରେ ଲେଖାଯାଇଥିବା (ସ୍ୱଭାବେ ସ୍ତିରୀ ଜନ୍ମ ହୋଇ/ ଧର୍ମ ଅଧର୍ମ ନଜାଣଇ ପ୍ରଭୃତି ନାରୀକୁ ନ୍ୟୂନ କରିବାର ପ୍ରୟାସକୁ ଦୃଢ଼ଭାବରେ ପ୍ରତିବାଦ କରିଛନ୍ତି । ନାରୀକୁ ନର୍କର ଦ୍ୱାର, ଅଗ୍ନିସ୍ତମ୍ଭ, ବିଶ୍ୱାସହୀନା ଆଦି ହେୟ ବିଶେଷଣଗୁଡ଼ିକର ଗାଉଁଲି ଚିନ୍ତାଧାରାକୁ ସେ ବର୍ଜନ କରିଛନ୍ତି । ଉପେନ୍ଦ୍ରଭଞ୍ଜଙ୍କ କାବ୍ୟରେ ନାରୀର ଦିବ୍ୟତା, ଶ୍ରେଷ୍ଠତା, ଆଦର୍ଶ ବ୍ୟକ୍ତିତ୍ୱ ଏକ ମାନବେତର ଦୃଷ୍ଟିକୋଣର ଚିରନ୍ତନ ମୂଲ୍ୟବୋଧକୁ ପ୍ରକାଶ କରିବାରେ ସମର୍ଥ ହୋଇଛି । ନାରୀକୁ ମଣିଷର ଜୀବନଠାରୁ ମଧ୍ୟ ଶ୍ରେଷ୍ଠ ବୋଲି କବି ପ୍ରତିପାଦିତ କରି କହନ୍ତି ନାରୀ ପ୍ରତି

ଆକର୍ଷଣରୁ ପ୍ରେମ ଜାତ ହୁଏ । ପ୍ରୀତିରୁ କାମ ସୁଖ ବା ଶାରୀରିକ ସୁଖ ପୁରୁଷକୁ ପ୍ରାପ୍ତହୁଏ । ସୀତାଙ୍କ ଭଳି ଦିବ୍ୟ ନାରୀକୁ ଲାଭ କରିବାପାଇଁ ରାବଣ କପଟରେ ହରଣ କରିନେଇଥିଲା । ନାରୀର ପ୍ରେମ ଆତ୍ମାର ଗଭୀରତାଠାରୁ ମଧ୍ୟ ଆହୁରି ଉଜ୍ଜ୍ୱଳ ମହୀୟାନ । ତେଣୁ ଜୀବନରେ ପୁରୁଷକୁ ଯେତେ ଇନ୍ଦ୍ର ସମ୍ପତ୍ତି, ଦୁର୍ଲ୍ଲଭ ରାଜପଦ ମିଳିଲେ ମଧ୍ୟ ଯଦି ଉପଯୁକ୍ତ ପତ୍ନୀ ମିଳିନାହିଁ ତେବେ ତାହାର ଜୀବନର କିଛି ମୂଁ ମୂଲ୍ୟ ନାହିଁ, ତେଣୁ ତାଙ୍କର ଲାବଣ୍ୟବତୀ କାବ୍ୟରେ ନାରୀର ଶ୍ରେଷ୍ଠତାର ସାର୍ଥକ ବିନ୍ୟାସ ସମ୍ଭବ ହୋଇଛି ।[୩୧]

''ସୁଖୀ ହୋଇଥିବ ନୃପ ଉପଜୀବୀ ନୋହି/ ବିଦ୍ୟାଥିବ ଦିବ୍ୟସ୍ତିରୀ ମିଳିଥିବ ତହିଁ ଯେ'' ॥୩୨॥ ସେହି ରାଜା ଯଥାର୍ଥରେ ସୁଖୀ ହୁଏ ଯିଏ କ୍ଷମତା ପଦବୀର ଭୃତ୍ୟତ୍ୱକୁ ସ୍ୱୀକାର କରୁନଥିବ । ଗୁଣୀବିଦ୍ୱାନ ହୋଇଥିବ, ଏବଂ ଦିବ୍ୟ ସ୍ତ୍ରୀ ପତ୍ନୀରୂପେ ପାଇଥିବ ତା'ହେଲେ ଯାଇ ସେହି ରାଜା ସଂସାରର ସର୍ବଶ୍ରେଷ୍ଠ ସୁଖୀ ଭାବରେ ପରିଚିତ ହେବ । ଇନ୍ଦ୍ରପଦ, ଅମାପ ସମ୍ପତ୍ତି ଅଧିକାରୀ ହୋଇ ସୁଦ୍ଧା ଯଦି ସେହି ପୁରୁଷକୁ ଉପଯୁକ୍ତ ପତ୍ନୀ ମିଳି ନାହିଁ ତେବେ ଏ ସମସ୍ତ ଐଶ୍ୱର୍ଯ୍ୟ ତା' ନିକଟରେ ତୁଚ୍ଛାତିତୁଚ୍ଛ ହୋଇପଡ଼େ । ପୁରୁଷକୁ ସ୍ତ୍ରୀହୀନତା ଏକ ଚରମ ଅଭିଶାପ ବୋଲି କବି ଦୃଢ଼ କଣ୍ଠରେ କହିଛନ୍ତି । ନାରୀଠାରୁ ଶ୍ରେଷ୍ଠ ଏହି ତିନିପୁର ରେ କେହିନାହାନ୍ତି । ଦିବ୍ୟ ନାରୀ ପ୍ରାପ୍ତି ପୁରୁଷ ଜୀବନର ସର୍ବଶ୍ରେଷ୍ଠ ପରମପ୍ରାପ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତ ନାରୀତ୍ୱର ଗାରିମାରେ ସମୃଦ୍ଧ କମନୀୟା ପ୍ରେମମୟୀ ଚିନ୍ମୟୀନାରୀର ସାନ୍ନିଧ୍ୟ, ପ୍ରେମରତି ଠାରୁ ଚରମ ସୁଖ ଏହି ତିନିଭୁବନରେ ନାହିଁ ।[୩୩] ସ୍ୱର୍ଗସୁଖ ବା ଇନ୍ଦ୍ରଭୋଗ, ମୋକ୍ଷପ୍ରାପ୍ତି ମଣିଷ ଜୀବନର ଶ୍ରେଷ୍ଠ ଆକାଂକ୍ଷା ବୋଲି ସର୍ବଦା ପ୍ରମାଣିତ ହୋଇଛି । କିନ୍ତୁ ଏହିସବୁ ସୁଖ ମଧ୍ୟ ନାରୀର ରତିଦାନ ଆଗରେ ସମ୍ପୂର୍ଣ୍ଣ ଫିକା ପଡ଼ିଯାଏ ।

ଗୌତମଙ୍କ ପତ୍ନୀ ଅହଲ୍ୟାଙ୍କ ସହିତ ରତିଲୋଭରୁ ଗୌତମଙ୍କ ଅଭିଶାପରେ ଇନ୍ଦ୍ର ସହସ୍ରାକ୍ଷ ବା ଶହେଆଖି ଯୁକ୍ତ ହେବାକୁ ବାଧ୍ୟ ହୋଇଥିଲେ । ଅପବର୍ଗ ଯେ ମୋକ୍ଷ ବ୍ରହ୍ମା ସୃଷ୍ଟିକର୍ତ୍ତାଙ୍କ ଅଧୀନ ହେଲେ ମଧ୍ୟ ତଥାପି ସେହି ବ୍ରହ୍ମା ରତିରେ ଲୀନ ଥାଆନ୍ତି । ବ୍ରହ୍ମା ଥରେ ଇନ୍ଦ୍ରସଭାରେ ଉର୍ବଶୀଙ୍କ ନୃତ୍ୟରେ ବିଭୋର ହୋଇ ତାଙ୍କ ସହିତ ରମଣ କଲାରୁ ବଶିଷ୍ଠ ଜନ୍ମ ହୋଇଥିଲେ । ତେଣୁ ନାରୀର ପ୍ରେମ ସାନ୍ନିଧ୍ୟ ପାଇଁ ପୁରୁଷ ଚିରକାଳ ପ୍ରୟାସ କରିଆସିଛି । କେଉଁ ଆବହମାନ କାଳରୁ ଦିବ୍ୟନାରୀ ପ୍ରାପ୍ତି ପାଇଁ କେତେ ମୁନି, ଋଷି, ଦେବତାମାନେ ତପସ୍ୟା କରିଛନ୍ତି ସେଥିପାଇଁ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ମଧ୍ୟ ହୋଇଛନ୍ତି ।

## ଜୀବନବାଦୀ ଦୃଷ୍ଟିକୋଣ :

''ଧାତା ବେଭାରେ ସୁରସଭା ମଧ୍ୟରେ ହରିଲା ବାରରମଣୀ/ ଯଥା ଦୁଷ୍ଟଲୋକ ବୃଦ୍ଧ ହେଲେ କହେ ବାଳକେ ଡିଆରି ବାଣୀ/ ସେ ତଥା/ ଦିନେ ନିଷେଧିଲା ରତି କଥା ସେ/ ପାସୋରିଲା କି ମଦନ ବ୍ୟଥା ସେ/ ତାର ବିଧି ବୋଲାଇବା ବୃଥା ସେ ॥୪॥[୩୪] କବିଙ୍କର ଜୀବନବାଦୀ ଚିନ୍ତାଧାରାର ସାର୍ଥକ ପରିଚୟ ଲାବଣ୍ୟବତୀ କାବ୍ୟରେ ସ୍ପଷ୍ଟ ପ୍ରତିଫଳିତ

ହୋଇଛି । ଏଠାରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ସ୍ଖଳନକୁ ଆକ୍ଷେପ କରାଯାଇଛି । ବ୍ରହ୍ମା ଦିନେ ଇନ୍ଦ୍ରଙ୍କ ଦେବସଭାରେ ଉର୍ବଶୀଙ୍କର ନୃତ୍ୟରେ ମୁଗ୍ଧ ହୋଇ ତାଙ୍କୁ ହରଣ କରିନେଇ ରତିକ୍ରୀଡ଼ାରେ ମତ୍ତ ହୋଇଥିଲେ ଏବଂ ସେହି ମିଳନରୁ ବଶିଷ୍ଠ ଉର୍ବଶୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ୍ ବ୍ରହ୍ମାଙ୍କ ଉପରେ ସୃଷ୍ଟି ସର୍ଜନା କରିବାର ଦାୟିତ୍ୱ ନ୍ୟସ୍ତ ଥିବାରୁ ସେ ମନୁଷ୍ୟ ସମାଜ ପାଇଁ ଦିନରେ ରତିକ୍ରୀଡ଼ା ନିଷେଧ କଲେ । ଶୈଶବରେ ଦୁଷ୍ଟଥିବା ବାଳକଟି ବର୍ତ୍ତମାନ ବୟସ୍କ ହେଲାପରେ ବୃଦ୍ଧ କାଳରେ ସମସ୍ତଙ୍କୁ ଉପଦେଶ ଦେଲେ, ତାହା ଯେଉଁଳି ଅପ୍ରାସଙ୍ଗିକ ମନେହେବ ସେହିଭଳି ଉପରୋକ୍ତ ଘଟଣା ମନେହୋଇଛି । ନିଜେ ବାଳକ ସମୟରେ ସେ ସମସ୍ତ ଦୁଷ୍ଟବୁଦ୍ଧି ଆଚରଣ କରି ମଜା ନେଉଥିବ ଅଥଚ ବୁଢ଼ାକାଳେ ସମସ୍ତଙ୍କୁ ତାହା ନ କରିବାପାଇଁ ଉପଦେଶ ଦେବ । ସେ ବ୍ରହ୍ମା ବୋଲି ଦିନରେ ରତି ନିଷେଧ କରିବେ ଅଥଚ ସେ ଯେ ଅତୀତରେ ଥରେ ଦେବ ସଭାରୁ ଦିବସରେ ସମସ୍ତଙ୍କ ସମ୍ମୁଖରେ ଉର୍ବଶୀଙ୍କୁ ହରଣ କରି ନେଇ ଯାଇଥିଲେ, ତାହା ଆଜି ବୃଦ୍ଧ କାଳରେ ସମ୍ପୂର୍ଣ୍ଣ ପାଶୋରି ଯାଇଛନ୍ତି । ବ୍ରହ୍ମାଙ୍କର ଏହି ଅନ୍ୟାୟ ନିୟମକୁ ଉପେନ୍ଦ୍ରଭଞ୍ଜ କଟୁ ସମାଲୋଚନା କରିଛନ୍ତି । ନିୟମ ସମସ୍ତଙ୍କ ପାଇଁ ସମାନ ସେ ଛୋଟ ହେଉ କି ବଡ଼ ହେଉ । ବ୍ରହ୍ମାଙ୍କର ଚାରିତ୍ରିକ ବିଶେଷତ୍ୱକୁ ସମାଲୋଚନା କରିବାରେ କବି ଟିକିଏ ହେଲେ କୁଣ୍ଠାବୋଧ କରିନାହାନ୍ତି । ବୟସ ଓ ପଦବୀ ଦୃଷ୍ଟିରୁ ଲୋକେ ତଳ ପାହାଚର ଲୋକଙ୍କୁ ହିଁ ଉପଦେଶ ଦେବାକୁ ଭଲ ପାଆନ୍ତି । ଜୀବନର ଏହି ଶାଶ୍ୱତ ପ୍ରକ୍ରିୟାଟିକୁ ଭଞ୍ଜ ଜୀବନବାଦୀ ଦୃଷ୍ଟିକୋଣ ଭାବରେ ପ୍ରକାଶ କରି ତାହାର ମୂଲ୍ୟବୋଧ ସୃଷ୍ଟି କରି ଯାଇଛନ୍ତି ।

## ଦିବ୍ୟଦୃଷ୍ଟି :

"ଦେହ ଉପରେ ମନ ପ୍ରଭୁ ପ୍ରମାଣ ଧନ/ ମନର ପ୍ରଭୁ ପ୍ରୀତିରେ/ ପ୍ରୀତିର ପ୍ରଭୁନାରୀ/ ତାକୁ ପୁଣି ପାଶୋରି/ କେହ୍ନୁ ଧରିବ ଧୃତିରେ/ ପ୍ରାଣବନ୍ଧୁ/ ପୁଣି ଆରତି ମୁହିଁରେ/ ମନକୁ ଅନୁରୂପେ ଯୁବତୀ ମିଳେ ତପେ/ ଏଣୁ ଦୁର୍ଲ୍ଲଭ କହିରେ "॥୧୪॥(୩୬) ଏଠାରେ କବି ଉପେନ୍ଦ୍ରଭଞ୍ଜ ପରମାତ୍ମାଙ୍କର ମିଳନର ଦାର୍ଶନିକ ତତ୍ତ୍ୱକୁ ଅତ୍ୟନ୍ତ ସରଳ ଭାବରେ ପ୍ରକାଶ କରିଛନ୍ତି । ଇନ୍ଦ୍ରିୟଠାରୁ ମନ ଶ୍ରେଷ୍ଠ, ମନଠାରୁ ବୁଦ୍ଧି ଉତ୍ତମ, ବୁଦ୍ଧିଠାରୁ ଜୀବାତ୍ମା ହିଁ ଶ୍ରେଷ୍ଠ । ଏଠାରେ ନାରୀ ହେଉଛି ଜୀବାତ୍ମା, ପୁରୁଷ ହେଉଛନ୍ତି ପରମାତ୍ମା । ହିନ୍ଦୁ ଦର୍ଶନର ମୁଖ୍ୟ ଆଧାର ଆତ୍ମା ହିଁ ସତ୍ୟ । ଆତ୍ମାର ଚରମ ମୋକ୍ଷପ୍ରାପ୍ତି ପରମାତ୍ମା ପରଂବ୍ରହ୍ମଙ୍କ ସହିତ ମିଳନ ହେଲେ ହିଁ ସମ୍ଭବ ହୋଇଥାଏ । ଜୀବରୂପୀ ଆତ୍ମା ସହିତ ନିର୍ଗୁଣ ବ୍ରହ୍ମ ସ୍ୱରୂପ ପରଂବ୍ରହ୍ମଙ୍କର ମିଳନ ହିଁ ପ୍ରତ୍ୟେକ ମନୁଷ୍ୟର ସର୍ବଶ୍ରେଷ୍ଠ ପ୍ରାପ୍ତି । ତେଣୁ ପ୍ରେମ, ସ୍ନେହ, କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ନାରୀର ସାନ୍ନିଧ୍ୟ, ସାହଚର୍ଯ୍ୟ ହିଁ ପୁରୁଷର ଏକମାତ୍ର କାମ୍ୟ । ସେଥିପାଇଁ ହିନ୍ଦୁ ସମାଜରେ ପତିକୁ ପରମେଶ୍ୱର ଭାବରେ ଆଖ୍ୟାୟିତ କରାଯାଇଛି । ହିନ୍ଦୁନାରୀ ପାଇଁ ପତି ହିଁ ଦେବତା, ପରମାତ୍ମା । ଇହକାଳ ପରକାଳର ସାଥୀ ।

ପାତିବ୍ରତ୍ୟକୁ ସେ ନିଜର ପରମଧର୍ମ ଭାବରେ ପାଳନ କରେ । ସଧବା ହୋଇ ସ୍ୱାମୀ

ଆଗରେ ପତ୍ନୀର ମରଣ ନାରୀଜନ୍ମର ସର୍ବଶ୍ରେଷ୍ଠ ଶୁଭଙ୍କର ଘଟଣା ବୋଲି ଆମ ସଂସ୍କୃତି ବିଶ୍ୱାସ କରେ । ସଧବାନାରୀର ଶବକୁ ଅହିଅ ଢ଼େଙ୍କୁରା ବଜାଯାଇ ଓ ଖଇକଉଡ଼ି ବିଞ୍ଚାଯାଇ ସତ୍କାର କରାଯାଉଥିଲା । ସଧବା ନାରୀର ଚୂଡ଼ି, ସିନ୍ଦୂର ଅନ୍ୟ ସଧବା ନାରୀମାନେ ପରିବାରର ମଙ୍ଗଳପାଇଁ ଅତି ଯତ୍ନରେ ସାଇତି ରଖିଥାନ୍ତି । ତେଣୁ ପତି ପତ୍ନୀଙ୍କର ମିଳନ, ପାତିବ୍ରତ୍ୟ, ଏକପତ୍ନୀବ୍ରତ ହିଁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ଆଦର୍ଶ ବୋଲି କବି ପ୍ରମାଣିତ କରିଯାଇଛନ୍ତି । ଯେଉଁ ପୁରୁଷର ପତ୍ନୀ ମୃତ୍ୟୁବରଣ କରେ ଏବଂ ତା' ବିନା ବଞ୍ଚିବାର ଦୁର୍ଭାଗ୍ୟ ଠାରୁ ଆଉ କୌଣସି ଯନ୍ତ୍ରଣା ଅଧିକ ନୁହେଁ । ପତ୍ନୀ ବିନା ପୁରୁଷର ଜୀବନ ସମ୍ପୂର୍ଣ୍ଣ ବ୍ୟର୍ଥ । ପୁରୁଷ ନାରୀ ଦୁଇଟି ଏକ ଆତ୍ମା । ଗୋଟିଏ ଶରୀର ନାରୀର ମୃତ୍ୟୁ ହେଲେ ଅନ୍ୟ ଶରୀର ପତିର ମୃତ୍ୟୁ ସହିତ ସମାନ । କାରଣ ଆତ୍ମା ବିନା ଶରୀର ଶବ, ଜଡ଼, ନିଷ୍ପନ୍ଦ । ତେଣୁ ପତିପତ୍ନୀଙ୍କର କେବଳ ଶାରୀରିକ ସମ୍ପର୍କ ଦୁଇଟି ଶରୀରର ମିଳନରେ ହୁଏ ନାହିଁ, ଆତ୍ମାର ମିଳନରେ ହୁଏ । ପୁରୁଷ ନାରୀର ମିଳନର ଶାଶ୍ୱତ ତଥ୍ୟଟିକୁ କବି ନିଜର ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀରେ ଯେପରି ତାଙ୍କର କାବ୍ୟ କବିତାମାନଙ୍କର ଦର୍ଶାଇଛନ୍ତି ତାହା ଅସାଧାରଣ ।[୩୬]

## ଆଦର୍ଶ ଶାସନ :

'ଲାବଣ୍ୟବତୀ' କାବ୍ୟର ଶେଷ ଛାନ୍ଦରେ କବି ନାୟକ ଚନ୍ଦ୍ରଭାନୁଙ୍କ ରାଜ୍ୟ ଶାସନପ୍ରଣାଳୀର ଯେଉଁ ଅପୂର୍ବ ଚିତ୍ର ଉପସ୍ଥାପିତ କରିଛନ୍ତି ତାହା ରାମଚନ୍ଦ୍ରଙ୍କ ରାମରାଜ୍ୟ ସହିତ ତୁଳନୀୟ । ଦକ୍ଷ ଶାସକଙ୍କ ସୁଶାସନ ପାଇ ରାଜ୍ୟର ପ୍ରଜାମାନେ ସୁଖଶାନ୍ତିରେ ଜୀବନ ଅତିବାହିତ କରିବାର ସୁଯୋଗ ପାଆନ୍ତି । ଚନ୍ଦ୍ରଭାନୁଙ୍କ ଦୃଢ଼ ଶାସନରେ ରାଜ୍ୟରେ ଚୋର, ଖଣ୍ଡ, ତସ୍କରଙ୍କ ଆଦୌ ପ୍ରାଦୁର୍ଭାବ ନଥିଲା । ସମସ୍ତ ପ୍ରଜା ପରସ୍ପର ପ୍ରତି ଭାତୃଭାବରେ ସୁଖଦୁଃଖରେ ଭାଗୀଦାର ହେଉଥିଲେ । ଚନ୍ଦ୍ରଭାନୁଙ୍କ ରାଜ୍ୟ ଶାସନରେ ପାପ ଶବ୍ଦ ଲୋକଙ୍କୁ ସ୍ପର୍ଶ କରିପାରିନଥିଲା । କଳିଗୋଳ ନଥିଲା । କେହି ମଦ୍ୟପାନ କରୁନଥିଲେ । ମଳୟ ପବନ ମଧ୍ୟ ଧୀରେ ପ୍ରବାହିତ ହେଉଥିଲା । ଲୋକମାନେ ସମ୍ପୂର୍ଣ୍ଣ ନିଷ୍ପାପ, କଳଙ୍କଶୂନ୍ୟ ଥିଲେ । କେବଳ ଚନ୍ଦ୍ରରେ କଳଙ୍କ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । କଳି ମାନେ ଫୁଲକଢ଼ିକୁ ଲୋକେ ବୁଝୁଥିଲେ । ନିଜ ଭିତରେ କୌଣସି କଳିଗୋଳ ନଥିଲା । ଏହିଭଳି ଭାବରେ ଜଣେ ଶ୍ରେଷ୍ଠରାଜା ହୋଇ ଚନ୍ଦ୍ରଭାନୁ ତାଙ୍କର ଶାସନରୁ କଳଙ୍କ ମୁକ୍ତ କରିପାରିଥିଲେ । ଜଣେ ରାଜା ବ୍ୟକ୍ତି ଭାବରେ ଚନ୍ଦ୍ରଭାନୁ ଜୀବନ ଦର୍ଶନର ଚିରନ୍ତନ ମୂଲ୍ୟବୋଧକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବାର ଅପୂର୍ବ ଦୃଷ୍ଟାନ୍ତ ବାସ୍ତବିକ ଅନନ୍ୟ ।[୩୭]

'ଲାବଣ୍ୟବତୀ' କାବ୍ୟର ମୌଳିକ ଅବବୋଧ ଅନ୍ତର୍ନିହିତ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ସହିତ ଶାଶ୍ୱତ ଚିରନ୍ତନ ମୂଲ୍ୟବୋଧର ଅପୂର୍ବ ସଂଯୋଗ ହିଁ ଉପେନ୍ଦ୍ରଙ୍କ ଜୀବନବାଦୀ ଦୃଷ୍ଟିକୋଣର ଏକ ନୂତନ ଅଧ୍ୟାୟ ଉନ୍ମୋଚନ କରିଛି । ଜୀବନ ଅନ୍ୱେଷଣର ପ୍ରାଜ୍ଞଦୃଷ୍ଟି ଦିବ୍ୟଚେତନାର ଐଶ୍ୱରୀକ ଅନୁଭବ ଉପେନ୍ଦ୍ରଙ୍କ କାବ୍ୟମାନସକୁ ଯେଉଁ ଅତୀନ୍ଦ୍ରିୟ ଦୀପ୍ତି

ପ୍ରଦାନ କରିଛି, ତାହା ପରବର୍ତ୍ତୀ ସାହିତ୍ୟପିପାସୁ ପାଠକ, ଗବେଷକ, ରସିକମାନଙ୍କୁ ଚିରକାଳ ଆକର୍ଷିତ କରିରଖିବ ଏଥିରେ ସନ୍ଦେହ ନାହିଁ।

❖❖❖

## ପାଦଟୀକା :

୧. ଭଞ୍ଜ, ଉପେନ୍ଦ୍ର, କଳାକଉତୁକ, ପ୍ରଥମ ଛାନ୍ଦ, ପଦ - ୧ମ, ପୃ - ୧।

୨. ଦାସ, ଦୀନକୃଷ୍ଣ, ରସକଲ୍ଲୋଳ, ପ୍ରଥମ ଛାନ୍ଦ, ପଦ - ୧ମ, ପୃ - ୧।

୩. ଭଞ୍ଜ, ଉପେନ୍ଦ୍ର, ''ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ / ଏ ସଂସାର ଆମ୍ଭ ଖେଳଘର ସଦୃଶ ॥ ୨୦ ॥'' ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ - ୨୦, ପୃ - ୭।

୪. ଭଞ୍ଜ, ଉପେନ୍ଦ୍ର, ''ତପ ତା ଅକଥନୀୟ ଦିବ୍ୟ ନାରୀ ଶ୍ରବେ / ପଞ୍ଚାଗ୍ନି ସ୍ଥାପନ କରେ ତପ ଋତୁ ମଧେ ॥ ୨୭ ॥ ପ୍ରାବୃଟ କାଳରେ ଗୃହୋଦରକୁ ନଯାଇ / ଝଞ୍ଜାବାତ ଜଳପାତ କରକା ସହଇ ଯେ ॥ ୨୮ ॥ ଶୀତେ ଜଳଶାୟୀ ଭୂମିଶଯ୍ୟା ବସ୍ତ୍ରହୀନେ / ମୃତ୍ତିକା ଶଙ୍କର ପୂଜାକରେ ପ୍ରତିଦିନ ଯେ ॥ ୨୯ ॥, ଲାବଣ୍ୟବତୀ, ପ୍ରଥମଛାନ୍ଦ, ପଦ -୨୭/୨୮/୨୯/, ପୃ - ୮।

୫. ବ୍ରହ୍ମା, ଗୌରୀ କୁମାର,' ଭଞ୍ଜ ସାହିତ୍ୟର ଗୋଟିଏ ଶବ୍ଦବିଚାର', କୋଣାର୍କ, ଦ୍ୱିତୀୟବର୍ଷ, ତୃତୀୟ ଓ ଚତୁର୍ଥ ସଂଖ୍ୟା, ପୃ - ୮୪/ ୮୫।

୬. ଭଞ୍ଜ, ଉପେନ୍ଦ୍ର, ''ସରଶୋଭା ଦେଖୁଁ ଦେଖୁଁ ସେ ସରେ ମର୍ଦ୍ଦନ ବିଧି / ବକ୍ଷ ପ୍ରମାଣେ ଜଳେ ଯାଇଁ ବିଜେ ଲାବଣ୍ୟବତୀ ନିଧି ॥ ୧୦ ॥'', ଲାବଣ୍ୟବତୀ, ଷଷ୍ଠଛାନ୍ଦ, ପଦ - ୧୦ମ, ପୃ - ୬୧।

୭. ଭଞ୍ଜ, ଉପେନ୍ଦ୍ର, ''ଶୋଭା ଏ ବିଧିରେ ସଧୀରେ ପୀନସ୍ତନାୟେ ବିପିନରେ / ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷ ମନରେ / ତହିଁରେ ଛଳ ଉକ୍ତି ମାନ କହିଲେ / ଶୁଣି ପରଭୃତ ଚକିତେ ସ୍ଥକିତ ମୁନି ବିଭୂତି କି କହିଲେ ॥ ୯ ॥, ଲାବଣ୍ୟବତୀ, ପଞ୍ଚମ ଛାନ୍ଦ, ପଦ - ୯ମ, ପୃ - ୫୪।

୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ୧୭ ଛାନ୍ଦ, ପଦ - ୪୫, ପୃ - ୧୬୧।

୯. ଭଞ୍ଜ, ଉପେନ୍ଦ୍ର, ''ରବିକର ପରଶେ ବୋଧିଲେ ପଦ୍ମ ତୋଷ / ପଲ୍ଲବିତ ଲତା ଉପସ୍ଥିତେ ମଧୁମାସ / ଚୂତମୁକୁଳ ଅଶନ / ହୋଇଲେ ସିନା କହଇ କୋକିଳ ବଚନ ॥ ୪୬ ॥ '', ଲାବଣ୍ୟବତୀ, ୧୭ ଛାନ୍ଦ, ପଦ - ୪୬, ପୃ - ୧୬୨।

୧୦. ବ୍ରହ୍ମା, ଗୌରୀ କୁମାର, 'ଭଞ୍ଜ ସାହିତ୍ୟରେ ଗୋଟିଏ ଶବ୍ଦବିଚାର' କୋଣାର୍କ, ଦ୍ୱିତୀୟବର୍ଷ, ତୃତୀୟ ଓ ଚତୁର୍ଥ ସଂଖ୍ୟା, ପୃ - ୯୨।

୧୧. ଭଞ୍ଜ, ଉପେନ୍ଦ୍ର, ''ଝଳି କାନ୍ତିରେ ଲଭିଣ ଭାତିକି / କଳା କଣ୍ଟକେ ଦୁର୍ଗକୁ କେତକୀ / ପାଞ୍ଚେ ମନ୍ଦର କୁଚ ବଢ଼ିବାରେ କିମ୍ବା ବୁଡ଼ି ନ ମଲି ପାରାବାରେ ॥ ୨ ॥

ନାସାପୁଡ଼ା ଫୁଲିବାର ଅନାଇ । ଭାଷାବନ୍ଧେ ଶୁକ ମନ ମନାଇ / ମୁଖେ ପ୍ରଚାର ପରିଚାରପଣ / ସୁଖେ ଦର୍ପ ହତୁଁ କଲା ଦର୍ପଣ ।। ୩ ।। କମ୍ବୁ କଣ୍ଠ ଦେଖି ଅତି ଆର୍ତ୍ତରୁ / ସମନୋହେ ବୋଲିଡାକେ ପ୍ରାତରୁ । ନେତ୍ରସଙ୍ଗେ ଇକ୍ଷିବେକି ସୁମରି / ମୀନ ଜଳହୀନରେ ଯାଏ ମରି ।। ୪ ।। ହୋଇ ହାସରେ କୁସୁମବିଜିତ / ମକରନ୍ଦ ଛଳେ ଅଶ୍ରୁ ତେଜିତ / ରମ୍ଭା ଉପମା ପଦ ପ୍ରଦେଶକେ / ଆଉ କେହୁ ସମହେବ ଅଙ୍ଗକେ ।। ୫ ।।'', ଲାବଣ୍ୟବତୀ, ତୃତୀୟ ଛାନ୍ଦ, ପଦ - ୨/୩/୪/୫, ପୃ - ୩୦ ।

୧୨. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ତୃତୀୟ ଛାନ୍ଦ, ପଦ - ୪୨/୪୩, ପୃ - ୩୫ ।

୧୩. ଭଞ୍ଜ, ଉପେନ୍ଦ୍ର, ''କାନ୍ତି ସୁବର୍ଣ୍ଣେ ଦୋହଦ ପାରଦ ମିଶିଲା / ରଜତ ପିତୁଳା ତୁଳା ଅବଳା ଦିଶିଲା ଯେ ।। ୩୩ ।। କ୍ଷୀଣ ପାଇ ପୀନ ହେଲା ରେକ ସଂଖ୍ୟା କଟୀ / ଖସି ନିତମ୍ବ ବିମ୍ବକୁ ଆଶେ କଲା ଶାଟୀ ଯେ ।। ୩୪ ।।, ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ - ୩୩/୩୪, ପୃ - ୨୧ ।

୧୪. ଭଞ୍ଜ, ଉପେନ୍ଦ୍ର, ''ନିସ୍ପୁର ଦିଶିଲା ଓଷ୍ଠ ତୁଟିଯାଇ ରଙ୍ଗରେ / ଘନ ଘନ ଜୃମ୍ଭା ପୁନଃ ପୁନଃ ମୋଡ଼େ ଅଙ୍ଗ ଯେ ।। ୩୯ ।।'', ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ, ପଦ - ୩୯, ପୃ - ୨୨ ।

୧୫. ଭଞ୍ଜ, ଉପେନ୍ଦ୍ର, ''ଚିକୁର ଶୋଭୀ ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ / ମୃଗତୃଷ୍ଣା / ଜଳ ତୃଷ୍ଣା ନାଶିବ ସ୍ୱପ୍ନ ତେବେ ସତ ଦିଶିବ / କହେ ସଚିବ ସୁତା ସବୁ ବଡ଼ ଦଇବ / କାହାମନେ ଥିଲା ଅଗାଧ ସମୁଦ୍ର ଚକ୍ଷୁ ଭିତରେ ସମ୍ଭାଇବ ।। ୭ ।।'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୭, ପୃ - ୧୦୭ ।

୧୬. ଭଞ୍ଜ, ଉପେନ୍ଦ୍ର, ''ଆଉ ଅନରେ ସଙ୍ଗତି କାହୁଁ ଭିଆଇବ / ତୁଳା ପାତ୍ରେ ଭଣା ଅଧିକ ପଦାର୍ଥ ପଡ଼ିଲେ କି ସମେ ରହିବେ ।।୧୩ ।।'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୧୩, ପୃ - ୧୦୮ ।

୧୭. ଭଞ୍ଜ, ଉପେନ୍ଦ୍ର, ''ଅବଶ୍ୟ ଲଭିବି ଭାବ ରତନକୁ ଏମନ୍ତ ଚିତ୍ତରେ ହେଜିଲି / ଏତେବେଳକୁ ଜୀବନ ଆଶାକୁ ଛାଡ଼ିଲି / କାମଭ୍ରମେ ପଡ଼ି କରମ ବଶରେ ସ୍ଥଳ ନ ପାଇ ମୁଁ ବୁଡ଼ିଲି ।। ୧୬ ।।'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୧୬, ପୃ -୧୦୯ ।

୧୮. ଭଞ୍ଜ, ଉପେନ୍ଦ୍ର, ''ସଖୀ କହିଲେ ଦୁଃଖ ସହି ଧଇର୍ଯ୍ୟ ହେଲେ କାର୍ଯ ଲଭି ଅବଶ୍ୟ/ ହରି ଅରିଯାତ ସହି ରହିଲାକୁ ରାହୁ ପିଉଛିଚି ପୀୟୂଷ / ତୁଯେ ତୃଷାର୍ତ୍ତୀ ଚାତକୀ ତୋ ତୃଷା ହରିବ / ମଙ୍ଗଳ ଚଳନେ ଉଇଁଲା ଘନ କି ଜଳ ବରଷା ନଁ କରିବ ।। ୧୮ ।।'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୧୮, ପୃ - ୧୦୯ ।

୧୯. ଭଞ୍ଜ, ଉପେନ୍ଦ୍ର, ''ଯହିଁ ତହିଁ ତୋତେ ମଧୁକାଳ ହୋଏ ଦକ୍ଷିଣ ଶବଦ ପ୍ରକଟ / ସେତୁ ହେତୁରେ ଯେଉଁମାନେ ରଖିଲେ କି ନିନ୍ଦିବି ସେତ ମର୍କଟ / ମନ୍ଦ ମରୁତ / ବୋଲୁଛି ଯେଣୁ ତନୁ ପୋଡୁ / ଦେବତା ହୋଇଲେ ପୁଣ ମାତା ଗୁଣ ରାବଣ ପରାଯେ ନଛାଡୁ ।। ୨୦ ।।'',

ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୨୦, ପୃ - ୧୧୦ ।

୨୦. ଭଞ୍ଜ, ଉପେନ୍ଦ୍ର, ''ପୁଣି ଶୁଣି ପିକବାଣୀ ଗୁଣି ଢଇମିନି କି ମଣି ବଜ୍ର ଘାତ / ଚେତନା ବଶେ ଅବଶେ ବସେ ଭାଷେ ମୋ ହାତରୁ କଉଁ ମହତା ମୁଁ ଯେ ଅବଳା / ମୋ ବଧ ଜଗତେ କଳୁଷ / ବକୁଳ ଆସବ ଆଶୁଁ ଦ୍ୱିଜ ହେଲେ ହୋଇଲ କି ଜ୍ଞାନ ବିନାଶ ॥ ୨୨ ॥'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୨୨, ପୃ - ୧୧୦ ।

୨୧. ଭଞ୍ଜ, ଉପେନ୍ଦ୍ର, ''ରୋଗ, ଋଣ ଶତ୍ରୁ ଶେଷକୁ ରଖିଲେ ଆପଣାର ବାଧୀ ଏକଥା / ସର୍ବ ସର୍ବଜ୍ଞାତା କଲା କଥା ପୁଣି କାହିଁକି କଲେସେ ଅନ୍ୟଥା / ନାହିଁ ଶୋଚନ / ହେଲେ ହେଲି ମୁଁ ହୀନମାନ / ପୁଣି ଜାଣି ସେ ବିଷବୃକ୍ଷ ସ୍ଥାପିବା ଉମାକରିବା ବିନମାନ ॥ ୨୭ ॥'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୨୭, ପୃ - ୧୧୨ ।

୨୨. ଭଞ୍ଜ, ଉପେନ୍ଦ୍ର, ''ବଡ଼ ହୋଇ କିସ ହୋଇବ ଅର୍ଜିଲା କର୍ମ ସିନା ଭୋଗ କରିବ / ସାଗର ମନ୍ଥନେ ଗରଳ ପାଇଲେ ଅର୍ଜିଲା କର୍ମ ସିନା ଭୋଗ କରିବ / ସାଗର ମନ୍ଥନେ ଗରଳ ପାଇଲେ ଭୋଗ କଲେଟି ମହାଦେବ/ ଶୁଣିଏ ବାଣୀ / ସମସ୍ତେ ବୋଇଲେ ପ୍ରମାଣ / ଶିରୀଷ ଦେହାରେ ଏହା ଅରଜିଲୁ ବୋଲି ଉଦ୍ବେଜଲା କାରୁଣ୍ୟ ॥ ୩୪ ॥'', ଲାବଣ୍ୟବତୀ, ଦ୍ୱାଦଶ ଛାନ୍ଦ, ପଦ - ୩୪, ପୃ - ୧୧୪ ।

୨୩. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ତ୍ରୟୋଦଶ ଛାନ୍ଦ, ପଦ - ୪୮, ପୃ - ୧୨୦ ।

୨୪. ସାହୁ, ଡ଼ଃ ବାରରୀ ବନ୍ଧୁ, 'ଭଞ୍ଜ ସାହିତ୍ୟରେ ଚିରନ୍ତନ ମୂଲ୍ୟବୋଧ', ସାହିତ୍ୟ ପତ୍ର (ଭଞ୍ଜ ସାହିତ୍ୟ ବିଶେଷାଙ୍କ) ପୃ - ୮୫ ।

ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''ହିମନ୍ତଋତୁ ପ୍ରବେଶ / ପଦ୍ମବନ କରେ ଧ୍ୱଂସ / ମୂଳ ଥିବାରୁ ବସନ୍ତେ / ପଲ୍ଲବେ ସତେ ଯେ ॥ ୫୯ ॥ ମାଳତୀ ଅଗମ୍ୟ ବନେ / ଫୁଟିଲେ ବିଚାର ମନେ / ଭୃଙ୍ଗେ କି ଭୋଗ୍ୟ ନୁହଇ / ପରାଣ ସହିଗୋ ॥ ୬୧ ॥'' ୧୬ ଛାନ୍ଦ, ପଦ - ୫୯ / ୬୧, ପୃ - ୧୨୧/୧୨୨ ।

୨୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''ତୁଷାର ନାଶକରେ ଜନସ୍ଥାନ / ତାଠାରେ ନ ସମ୍ଭାବେ ଏ କୂଟମାନ ରେ ॥ ୧୩ ॥ ଦୁର୍ବଳ ମାରିବାକୁ ସମସ୍ତେ ଆଗ / କାମକୁ ମହାଦେବ କଲେ ଅନଙ୍ଗ ଯେ/ ନୋହିଲା ତାଙ୍କ ଦର୍ପଦଳନ ଭଳି / ବିନା ଦୋଷରେ ମତେ ତ ଜାଳିରେ ॥ ୧୪ ॥ ମିତ୍ର ଶୁଣି ବୋଇଲେ ଜୀବନରୁ ଅଧିକ କେହି ନ ଲେଖିହେ / ଜୀବନ ଥିଲେ ହୋଏ ସବୁ ପ୍ରାପତ / ହୋଅଇ ସମ୍ଭାବିତ ଅସମ୍ଭାବିତ ହେ ॥ ୧୫ ॥'' ୧୪ ଛାନ୍ଦ, ପଦ - ୧୩/ ୧୪/ ୧୫, ପୃ - ୧୨୬ ।

୨୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''କି ଗଉରବ ଅନ୍ୟ ଗଉର ଦ୍ରବ୍ୟେ / କୁଙ୍କୁମ ଶୋଭା କରେ ଯେ ଅବୟବେ ଯେ / ସିନ୍ଧୁକୁ ଗୁରୁ କରି ମନ ଏମନ୍ତ ମିଶିବି ଅଙ୍ଗେ ଜଳେ ଜଳ ଯେମନ୍ତ ଯେ ॥ ୩୬ ॥'' ୧୪ ଛାନ୍ଦ, ପଦ - ୩୬ ପୃ - ୧୩୦ ।

୨୭. ସାହୁ, ଡ଼ଃ. ବାଉରୀ ବନ୍ଧୁ, 'ଭଞ୍ଜସାହିତ୍ୟର ଚିରନ୍ତନ ମୂଲ୍ୟବୋଧ', "କି ବଡ଼ ହେବା ନୃପତି / କିବଡ଼ ଇନ୍ଦ୍ର ସମ୍ପତ୍ତି / ସବୁ ସୁଖ ଉତପତ୍ତି ସ୍ଥାନ ଦମ୍ପତି / ପାଣ୍ଡବେ ଘେନି ଦ୍ରୁପଦୀ / ସୀତା ଘେନି ରଘୁପତି / ମାନି ନଥିଲେ ବିପତ୍ତି ହେଲା ପ୍ରାପତି ॥" ସାହିତ୍ୟ ପତ୍ର - ଭଞ୍ଜ ସାହିତ୍ୟ ବିଶେଷାଙ୍କ , ଆର୍ତ୍ତ ବଲ୍ଲଭ ସ୍ନାତକୋତ୍ତର ପାଠଚକ୍ର, ଓଡ଼ିଆ ବିଭାଗ, ରେଭେନ୍ସା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ପୃ - ୮୬ ।

୨୮. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ତାହିଁ ଲୋମୋଦ୍‌ଗମ ଜନେ ଲୋମପାଦ ବୋଲେ / ଜରତା ରୂପରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ / ସେ ଦେଶରେ ବୃଷ୍ଟି କଲା ତୁଷ୍ଟି ହେଲେ ରାଜା / ଶାନ୍ତା କାନ୍ତା ଦେଇ କରି କଲେ ଦିବ୍ୟ ପୂଜା ଯେ / ଦଶରଥ ମନୋରଥ ସାର୍ଥ ହେବାପାଇଁ / ସେ ମୁନିକି ଘେନିଗଲେ ରଥରେ ବସାଇ ଯେ ॥ ୨୦ ॥" ୧୫ ଛାନ୍ଦ, ପଦ - ୨୦, ପୃ - ୧୩୮ ।

୨୯. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ମାର୍ଗରେ ବିନାଶି ଖଗ ଖଡ୍‌ଗ ପ୍ରହାରେ / ରହେ ଶୋକବତୀ ସୀତା ଅଶୋକ ବନରେ / ବାସେନ ଦେଖି ସୁମୁଖୀ ମହାଦୁଃଖୀ ରାମ / ବିଳାପ କଳାପମାପ କରଣେ କେ କ୍ଷମ / ରକ୍ଷ ଦେଶ ଗମନ ସନ୍ଦେଶ ପକ୍ଷୀ କହି / କବନ୍ଧ ବନ୍ଧନେ ପଡ଼ିତାହା ନାଶ ବିହି ॥ ୨୫ ॥ ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ / କ୍ଷୀର ପାନେ ବର ବରଜରେ ବାଞ୍ଛା ପୂରି ଯେ / କାମ କାମନା ମୁନି ଚିତ୍ତେ ଜନ୍ମାଇଲେ / ପମ୍ପାସରେ କୋକ ଶୋକକାରକ ହୋଇଲେ ଯେ / ମିତ୍ରବଂଶୀ ମିତ୍ରବସି ମିତ୍ର ପୁତ୍ର ସଙ୍ଗେ / ଭେଦିଶାଳ ଦୁନ୍ଦୁଭି ଅସ୍ଥି କି ଚାଲେ ରଙ୍ଗେ ଯେ ॥ ୨୬ ॥, ଲାବଣ୍ୟବତୀ, ୧୫ ଛାନ୍ଦ, ପଦ - ୨୫ / ୨୬ ପୃ - ୧୪୦ ।

୩୦. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ସହଚରି ! ଉପାଡ଼ିବା ପୁଷ୍ପ ଲତାକୁ / ବିମନା ନକର ତୁ ତାକୁ / ସୁମନାରେ ସୁମନା ଶୋଭୀ ଭୃଙ୍ଗ ସୁମନା କର ତାପିବ ସୁମନା କୁରେ ॥ ୭ ॥" ୨୨ ଛାନ୍ଦ, ପଦ - ୭, ପୃ - ୧୯୩ ।

୩୧. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ଯୁବତୀରୁ ଜାତ ଲୋଭ ଲୋଭୁଁ ପ୍ରୀତି ଲେଖ / ପ୍ରୀତିରୁ ସୁରତି ଜାତ ସୁରତିରୁ ସୁଖ ହେ / ପ୍ରାଣ ଛାଡ଼ି ହୋଏ ସିରୀ ଛାଡ଼ି ନୋହେ କେବେ / ରାବଣାଦି ଠାରୁ ଶୁଣିଥିବ ତ ପ୍ରସ୍ତାବେ ଯେ ॥ ୩୨ ॥" ୨୮ ଛାନ୍ଦ, ପଦ - ୩୨, ପୃ - ୨୪୬ ।

୩୨. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ସୁଖୀ ହୋଇଥିବ ନୃପ ଉପଜୀବୀ ନୋହି / ବିଦ୍ୟାଥିବ ବିବ୍ୟ ସିରୀ ମିଳିଥିବ ତହିଁ ଯେ ॥ ୩୩ ॥ " ୨୮ ଛାନ୍ଦ, ପଦ - ୩୩, ପୃ - ୨୪୬ ।

୩୩. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, "ସ୍ୱର୍ଗ ଅପବର୍ଗରୁ ପରମ ସୁଖ ନାହିଁ / ରତି ସୁଖ ସଙ୍ଗେ ସେ ସମାନ ହେବ କେହି ଯେ ॥ ୨୨ ॥ ନାରୀ ରୁ ଅଧିକ ହୋଇ ନାହିଁ ତିନିପୁରୀ / ପରମ ପଦାର୍ଥ ଏକା ବୋଲାଇ ସେ ନାରୀ ଯେ ॥ ୨୦ ॥" ୨୮- ଛାନ୍ଦ, ପଦ - ୨୦ /୨୨, ପୃ - ୨୪୩ /୨୪୪ ।

୩୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''ଧାତା ବେଭାରେ ସୁରସଭା ମଧରେ ହରିଲା ବାରରମଣୀ / ଯଥା ଦୁଷ୍ଟ ଲୋକ ବୃଦ୍ଧ ହେଲେ କହେ ବାଳକେ ତିଆରି ବାଣୀ / ସେ ତଥା / ଦିନେ ନିଷେଧିଲା ରତି କଥା ସେ / ପାଶୋରିଲା କି ମଦନ ବ୍ୟଥା ସେ / ତାର ବିଧି ବୋଲାଇବା ବୃଥା ସେ ॥ ୪ ॥'' ୩୧ ଛାନ୍ଦ, ପଦ - ୪ , ପୃ - ୨୬୭ ।

୩୫. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''ଦେହ ଉପରେ ମନ ପ୍ରଭୁପ୍ରମାଣ ଧନ / ମନର ପ୍ରଭୁ ପ୍ରୀତିରେ / ପ୍ରତିର ପ୍ରଭୁନାରୀ / ତାକୁ ପୁଣି ପାଶୋରି / କେହୁ ଧରିବ ଧୃତିରେ / ପ୍ରାଣବନ୍ଧୁ / ପୁଣି ଆରତି ମୁହିଁରେ / ମନକୁ ଅନୁରୂପେ ଯୁବତୀ ମିଳେ ତପେ / ଏଣୁ ଦୁର୍ଲ୍ଲଭ କହିରେ ॥ ୧୪ ॥'' ୪୭ ଛାନ୍ଦ, ପଦ - ୧୪ , ପୃ - ୪୧୭ ।

୩୬. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ''ଯେ ଜନ ନାରୀ ହିତେ / ରହେ ପୁଣି ଜୀବିତେ / ଦିନମାନଙ୍କୁ ବଞ୍ଚେରେ / ଇନ୍ଦ୍ରକରେ ଯେ ଥାଇ/ ସେ କୁଳିଶ ନୋହଇ / ସେହି କୁଳିଶ ନିଷ୍ଠେରେ / ପ୍ରାଣବନ୍ଧୁ / ନାରୀ ପୁରୁଷ ଦୁଇରେ / ଘେନି ଏକ ଜୀବନ କେବଳ ତନୁ ଭିନ୍ନ / ଯୋଗେ ଏକତ୍ୱ ହୋଇରେ ॥ ୧୮ ॥'' ୪୭ ଛାନ୍ଦ, ପଦ - ୧୮, ପୃ - ୪୧୮ ।

୩୭. ସାହୁ, ପ୍ରଫେସର ବାଉରୀ ବନ୍ଧୁ, 'ଭଞ୍ଜ ସାହିତ୍ୟର ଚିରନ୍ତନ ମୂଲ୍ୟବୋଧ' । ଭଞ୍ଜ ଉପେନ୍ଦ୍ର, ଲାବଣ୍ୟବତୀ ''ଆଶ୍ରେ କଲା ମନ୍ଦ ମଳୟାନିଳେ / କଳଙ୍କ ଯାଇ ଚନ୍ଦ୍ରମଣ୍ଡଳେ ॥ ୧୨ ॥ କୁଟିଳ ନଦୀ ବୀଚିରେ ଲୁଚିଲେ / ବିଟିପି ବୃକ୍ଷ ହୋଇ ବଞ୍ଚିଲେ ॥ ୧୩ ॥ କଳୀ ସ୍ଥାନ କଲା ପୁଷ୍ପବଲ୍ଲୀକା ମଧୁପ ପଦଶୋଭା ଅଳିକି ॥ ୧୪ ॥'' ୪୮ ଛାନ୍ଦ, ପଦ - ୧୨ / ୧୩/ ୧୪, ପୃ - ୪୨୪ ।

# ଷଷ୍ଠ ଅଧ୍ୟାୟ

# ଉପସଂହାର

ଏ ପର୍ଯ୍ୟନ୍ତ କାଳ୍ପନିକ କାବ୍ୟର ବିକାଶ ଏବଂ ସେଥିରେ ଉପେନ୍ଦ୍ରଭଞ୍ଜଙ୍କର ଲାବଣ୍ୟବତୀ କାବ୍ୟର ବିଶେଷତ୍ୱ ସମ୍ପର୍କରେ ଯାହାସବୁ ଆଲୋଚନା କରାଗଲା, ତାହାର ସ୍ୱରୂପ ଓ ଲୋକପ୍ରିୟତା ସମ୍ପର୍କରେ ଧାରଣା କରିବା କଷ୍ଟସାଧ୍ୟ ନୁହେଁ । ଉପେନ୍ଦ୍ର ଭଞ୍ଜଙ୍କ ଶବ୍ଦଚୟନ କୌଶଳ, ବିଷୟ ଉପସ୍ଥାପନ ଶୈଳୀ, ଭାବଗାମ୍ଭୀର୍ଯ୍ୟ, ଧ୍ୱନି ମାଧୁର୍ଯ୍ୟ, ରସ ଚେତନା, ଔଚିତ୍ୟବୋଧ, ବକ୍ରୋକ୍ତି, ବିଳାସର ସ୍ୱାତନ୍ତ୍ର୍ୟ ଜନ ମାନସକୁ ଆଲୋଡ଼ନ କରିପାରେ । କିନ୍ତୁ ଗଭୀର ଭାବରେ ଅନୁଧ୍ୟାନ କଲେ ସେଥିରେ ପୂର୍ବବର୍ତ୍ତୀ ପ୍ରତିଭାଧରଙ୍କ ସୂକ୍ଷ୍ମ ପ୍ରଭାବ ଅବଶ୍ୟ ଅନୁଭୂତ ହେବ । ସାଧାରଣତଃ ମୌଳିକ ତଥା ସ୍ୱକୀୟତା ସମ୍ପନ୍ନ କାବ୍ୟ ସୃଷ୍ଟି ପ୍ରତିଭାବାନ କାବ୍ୟକର୍ତ୍ତାର ଚରମ ଓ ପରମ ଲକ୍ଷ୍ୟ । ମୌଳିକ ଅର୍ଥ, ନବୀନ ରମଣୀୟତା ଏବଂ ଦୁର୍ଲ୍ଲଭ ପ୍ରତିଭାର ଦ୍ୟୋତକ ହିଁ କବି ଲେଖନୀର ପରିଚୟ । ତେଣୁ ସମ୍ପୂର୍ଣ୍ଣ ମୌଳିକ ସୃଷ୍ଟି ଅସମ୍ଭବ ନହେଲେ ମଧ୍ୟ ଦୁର୍ଲ୍ଲଭ । କାରଣ ପ୍ରତିଭାର ପୂର୍ଣ୍ଣତା ପାଇଁ ବହୁଗ୍ରନ୍ଥ ଅଧ୍ୟୟନ ଫଳରେ ଅତୀତ ଗ୍ରନ୍ଥ ପ୍ରଭାବରୁ କବି ନିଜକୁ ମୁକ୍ତ କରିବା ସମ୍ଭବ ନୁହେଁ ।

ତେଣୁ ଆହରଣର ଅପ୍ରତିହତ ପ୍ରଭାବରେ କବିର ମୌଳିକତା ଖଣ୍ଡିତ ହେବାର ଭ୍ରମ ସୃଷ୍ଟି ହେବା ବିଚିତ୍ର ନୁହେଁ । ଏ ସମ୍ବନ୍ଧରେ ଆଲୋଚକମାନେ ଏକମତ ଯେ, ପୂର୍ବସୂରୀଙ୍କ ପ୍ରଭାବରୁ କବି ନିଜକୁ ମୁକ୍ତ କରିପାରେ ନାହିଁ । କିନ୍ତୁ ଆହରଣରେ ପୁଷ୍କଳତା କାବ୍ୟ ଦୋଷଯୁକ୍ତ ନୁହେଁ । କେବଳ ଆହରଣ ରୀତିଟି ଯଥାର୍ଥ ହେବା ଉଚିତ ଓ କବିର ସ୍ୱୀକୃତି ସେଥିରେ ଥିବା ସମୀଚୀନ । ବାସ୍ତବରେ ମୌଳିକ ସୃଷ୍ଟି ପାଇଁ ଘଟଣା, ଚରିତ୍ର, ପରିବେଶ ଆଦିର ଅଭାବ ନାହିଁ । ଗତିଶୀଳ ଜଗତ ନିତ୍ୟ ନୂତନ ରୀତିରେ ଉଦ୍‌ଭାସିତ । କବିର ଅସାଧାରଣ ପ୍ରତିଭା ସ୍ପର୍ଶରେ ପୁରାତନ ଓ ହେୟବସ୍ତୁ ମଧ୍ୟ ସୌନ୍ଦର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ କରିପାରେ । କବିର ପ୍ରକାଶଭଙ୍ଗୀଗତ ବୈଚିତ୍ର୍ୟ ଯୁଗେ ଯୁଗେ ନୂତନ ସୃଷ୍ଟି କରି ଆସିଛି । କବି ଯଦି ପ୍ରଭାବମୁକ୍ତ ତେବେ ତାହା ପାଠକ ସମାଜର ଗ୍ରାହ୍ୟ ନହେବାର ଭୟ ମଧ୍ୟ ରହିଛି । ପରମ୍ପରାପୁଷ୍ଟ ପାଠକ ହୁଏତ ଏଥିରୁ କାବ୍ୟ ରସାତ୍ମକ ଆନନ୍ଦ ଲାଭ କରିବା ସମ୍ଭବ ହୋଇ ନପାରେ ।

ଏହି ଦୃଷ୍ଟିକୋଣରୁ ଆଲୋଚ୍ୟ କବି ଉପେନ୍ଦ୍ର ଭଞ୍ଜ ଜଣେ ସୁମହାନ୍ ଓ ବ୍ୟାପକ କାବ୍ୟ ପରମ୍ପରାର ଅନୁଗାମୀ । କବିଙ୍କ ବିପୁଳ ସୃଷ୍ଟିରେ ସେହି ମହତୀ ପରମ୍ପରାର ଅପ୍ରତିହତ ପ୍ରଭାବ ପରିଦୃଷ୍ଟ ହୁଏ । ପୂର୍ବବର୍ତ୍ତୀ ଯୁଗର କାବ୍ୟାଦର୍ଶ ଓ ମୂଲ୍ୟବୋଧକୁ ପୁଞ୍ଜିକରି ସେ ନିଜସ୍ୱ ଶୁଦ୍ଧ ମୌଳିକ ରୀତିରେ ଯେଉଁ ମାର୍ଜିତ ରସାଣିତ ଓ ପରିବେଶ ଅନୁକୂଳ ଅବଦାନ ଉତ୍କଳୀୟ ପାଠକ ସମାଜକୁ ଦେଇଯାଇଛନ୍ତି, ତାହାର ପଟାନ୍ତର ନାହିଁ । କବିଙ୍କ ଅବଦାନର ସ୍ୱରୂପ

ଉଦ୍‌ଘାଟନ ପାଇଁ ପ୍ରାକ୍ ଲାବଣ୍ୟବତୀ ଓଡ଼ିଆ କାଞ୍ଚନିକ କାବ୍ୟର ବିଶେଷତ୍ୱ ଅନୁସନ୍ଧାନ ଓ ଅନୁଶୀଳନ ଏକାନ୍ତ ଆବଶ୍ୟକ । ଏହି ଦୃଷ୍ଟିରୁ ଆଲୋଚ୍ୟ ନିବନ୍ଧ 'କବିସମ୍ରାଟ ଉପେନ୍ଦ୍ର ଭଂଜଙ୍କ ଲାବଣ୍ୟବତୀ ଏକ ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ' ର ପ୍ରଥମ ଅଧ୍ୟାୟ ରେ ଉପେନ୍ଦ୍ରଭଞ୍ଜଙ୍କ ଜୀବନୀ, ଯୁଗ, ରଚନା ସମୂହର ସଂକ୍ଷିପ୍ତ ଆଲୋଚନା କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ଓଡ଼ିଆ କାଞ୍ଚନିକ କାବ୍ୟ ରଚନା ଧାରାରେ ଲାବଣ୍ୟବତୀର ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇଛି । ନିମ୍ନରେ ତାହାର ଏକ ନିଷ୍କର୍ଷ ପ୍ରସ୍ତୁତ କରାଯାଉଛି ।

ସାଧାରଣତଃ ବିଚିତ୍ର ଅନୁଭୂତି , ବିଭିନ୍ନ ଭବ୍ୟ ସାହିତ୍ୟ ସହିତ ସମ୍ପର୍କ ତଥା ବିଭିନ୍ନ ସ୍ଥାନ ପରିଭ୍ରମଣ ଦ୍ୱାରା କବିର ସୃଷ୍ଟି ସମ୍ପଦ ସମୃଦ୍ଧ ହୁଏ । କିନ୍ତୁ ମଧ୍ୟଯୁଗୀୟ ଓଡ଼ିଆ କବିଙ୍କ ଭାଗ୍ୟରେ ଏହି ସୁଯୋଗ ସମ୍ଭବ ନଥିଲା । ପରାଧୀନ ଓଡ଼ିଶାର କବିମାନେ ଇଂରେଜ - ରାଜଶାସନର ନିଷ୍ପୀଡ଼ନ ମଧ୍ୟରେ ସ୍ୱୀୟ ମାତୃଭାଷା ଓ ସାହିତ୍ୟର ବିକାଶ ପାଇଁ ପ୍ରୟାସ କରିଥିଲେ । ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କବି ଅର୍ଜୁନ ଦାସ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ପ୍ରଥମ ଅର୍ଘ୍ୟ ଅର୍ପଣ କରିଛନ୍ତି । ପୁରାଣ ଆଧାରିତ କାବ୍ୟ ରାମବିଭା ଓ କାଞ୍ଚନିକ କାବ୍ୟ କଳ୍ପଲତା ତାଙ୍କର ବିଶିଷ୍ଟ ଅବଦାନ । ଏହି ସମୟର କବି ପରିମଳାର ସ୍ରଷ୍ଟା ନରସିଂହ ସେଣ, 'ଶଶିସେଣା'ର ନିର୍ମାତା ପ୍ରତାପ ରାୟ, ଚାଟଇଚ୍ଛାବତୀର ପ୍ରଣେତା ବନମାଳି ଦାସ, ପ୍ରେମଲୋଚନା, କଳାବତୀ ଆଦିର ସ୍ରଷ୍ଟା ଚିରସ୍ମରଣୀୟ । ଏହି କବିମାନଙ୍କର ଦୃଷ୍ଟି ତତ୍‌କାଳୀନ ପୁରାଣ ସାହିତ୍ୟ ଓ ପ୍ରଚଳିତ ଲୋକ ଗଳ୍ପ ଉପରେ ପୂର୍ଣ୍ଣତଃ ନିବଦ୍ଧ ଥିଲା । ତେଣୁ ସାରଳା, ବଳରାମ, ଅଚ୍ୟୁତ ଆଦି କବିଙ୍କର ପୁରାଣ ରଚନାଶୈଳୀର କେତେକ ବୈଶିଷ୍ଟ୍ୟ ସେଥିରେ ପରିଲକ୍ଷିତ ହୁଏ । ସମ୍ବାଦଶୈଳୀ, ପୁରାଣରୁ ବିଷୟ ଆହରଣ, ଅଲୌକିକ ଘଟଣାବିନ୍ୟାସ, ନିର୍ଦ୍ଦିଷ୍ଟ ବିଷୟର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ସେଥିରୁ ଅନ୍ୟତମ ।

ପୁରାଣ ପ୍ରଭାବରୁ ମୁକ୍ତ କରି କାବ୍ୟକୁ ଏକ ନିଜସ୍ୱ ଆତ୍ମିକ ସୌନ୍ଦର୍ଯ୍ୟରେ ବିଭୂଷିତ କରିବା ପାଇଁ ସଂସ୍କୃତ କାବ୍ୟ କୌଶଳ ଅନୁସରଣ ଏ ସମୟର କବିଙ୍କ ସୃଷ୍ଟିରେ ବିଶେଷ ଭାବରେ ଅନୁଭୂତ ହୋଇଥିଲା । ମାଘଙ୍କ ଶିଶୁପାଳବଧ, ଶ୍ରୀହର୍ଷଙ୍କର ନୈଷଧୀୟ ଚରିତ ଓ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଭାବ ଓ ଏହି ସମୟର ଓଡ଼ିଆ କାବ୍ୟରେ ବିଶେଷ ଭାବରେ ପ୍ରତିଫଳିତ ହୋଇଥିବାର ପରିଦୃଷ୍ଟ ହୁଏ । ତଥାପି କବି କୁଳଗୁରୁ କାଳିଦାସଙ୍କ ପଦସାରଲ୍ୟ ଓ ବାଣଭଟ୍ଟଙ୍କ ବର୍ଣ୍ଣନା ବୈଭବ ସପ୍ତଦଶ ଶତାବ୍ଦୀ ଓ ଅଷ୍ଟଦଶ ଶତାବ୍ଦୀର ବହୁ କବିଙ୍କୁ ପ୍ରଭାବିତ କରିଛି । ନୈଷଧୀୟ ବର୍ଣ୍ଣନାରୀତି, ଗୀତ ଗୋବିନ୍ଦର ପଦସାରଲ୍ୟ ଓ ଶୃଙ୍ଗାର ରସ ପ୍ରାଧାନ୍ୟ ଚମତ୍କୃତିପୂର୍ଣ୍ଣ ରଚନାଶୈଳୀ ତଥା କାଳିଦାସୀୟ ବିଷୟ ଉପସ୍ଥାପନ କୌଶଳ ସେମାନେ ଗ୍ରହଣ କରିଛନ୍ତି । ବହୁକବି ଶୃଙ୍ଗାର ରସ ଆଧାରିତ ବିଭିନ୍ନ ବିଭାବ, ଅନୁଭାବ, ସଞ୍ଚାରୀ ଭାବର ବିସ୍ତୃତ ଚିତ୍ରଣ କରିଯାଇଛନ୍ତି ।

ସେଥିମଧ୍ୟରେ ସାତ୍ତ୍ୱିକ ଭାବ, କାମର ଦଶଦଶା, ପୂର୍ବରାଗ, ମାନ, ପ୍ରବାସ ଆଦି ବିପ୍ରଲମ୍ଭ ଶୃଙ୍ଗାରର ବିଭାଗମାନ ମୁଖ୍ୟସ୍ଥାନ ଅଧିକାର କରିଛି । ଅନ୍ୟଦିଗରେ ଭାବଗତ ଏବଂ ରାଧାକୃଷ୍ଣ ପ୍ରେମଲୀଳା ସମ୍ବଳିତ ରାସଲୀଳା ଚୈତନ୍ୟଙ୍କ ଧର୍ମପ୍ରଚାର କାଳରେ ବୈଷ୍ଣବ କବିଙ୍କୁ ପ୍ରୋତ୍ସାହିତ କରିଛି । ଚୈତନ୍ୟଙ୍କ ପ୍ରଭାବରେ ବଙ୍ଗଳାରେ ଲିଖିତ ରାଧାକୃଷ୍ଣ ପ୍ରୀତିପୂର୍ଣ୍ଣ ପଦାବଳୀର ପ୍ରଭାବ ଓଡ଼ିଆ କବିଙ୍କୁ କମ୍ ପ୍ରଣୋଦିତ କରିନାହିଁ । ପଶ୍ଚିମା ତୀର୍ଥଯାତ୍ରୀଙ୍କ ଓଡ଼ିଶା ଆଗମନ ଫଳରେ ହିନ୍ଦୀ ଭାଷା ସାହିତ୍ୟ ସମ୍ପର୍କ, ପଡ଼ୋଶୀ ବଙ୍ଗଳା ଓ ତେଲୁଗୁ ସାହିତ୍ୟକୁ ସମୃଦ୍ଧ କରିଥିବା ଲକ୍ଷ୍ୟ କରାଯାଏ । ସାମଗ୍ରିକ ଭାବରେ ଅନୁଧ୍ୟାନ କଲେ ଜଣାଯାଏ, ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଓଡ଼ିଆ କାବ୍ୟ ପରମ୍ପରାର ଏ ସମସ୍ତ ବୈଶିଷ୍ଟ୍ୟ ଯେ ବହୁଭାବରେ ଉପେନ୍ଦ୍ରଙ୍କୁ ପ୍ରଭାବିତ କରିଛି ତାହା ' ଲାବଣ୍ୟବତୀ ' କାବ୍ୟରେ ସ୍ପଷ୍ଟ ଭାବରେ ପ୍ରମାଣିତ । କବିଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କ ଅନଙ୍ଗରେଖା, ଇଚ୍ଛାବତୀ, ତ୍ରିପୁର ସୁନ୍ଦରୀ, ରଘୁନାଥ ବିଳାସ, ମଦନମଞ୍ଜରୀ, ରତ୍ନମଞ୍ଜରୀ ଆଦିର ପ୍ରଭାବ ଲାବଣ୍ୟବତୀ କାବ୍ୟରେ ବିଶେଷ ପରିଲକ୍ଷିତ । ଶିଶୁ ଶଙ୍କରଙ୍କ ଉଷାଭିଳାଷ, କାର୍ତ୍ତିକ ଦାସଙ୍କ ରୁକ୍ମିଣୀ ବିଭା, ଘନ ଭଞ୍ଜଙ୍କ ରଘୁନାଥ ବିଳାସ, ତ୍ରୈଲୋକ୍ୟମୋହିନୀ, ବିଷ୍ଣୁ ଦାସଙ୍କ ପ୍ରେମଲୋଚନା, କୁଞ୍ଜବିହାରୀ ଭ୍ରମରବରଙ୍କ ପ୍ରେମଶୀଳା ଆଦିରେ ପ୍ରତ୍ୟକ୍ଷ ସହାୟତା କରିଛି ।

ଲାବଣ୍ୟବତୀ ପୂର୍ବବର୍ତ୍ତୀ କାଳ୍ପନିକ କାବ୍ୟ ପରମ୍ପରାର ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ ବିଶିଷ୍ଟ କୃତି ଲାବଣ୍ୟବତୀରେ କିପରି ପ୍ରତିଫଳିତ ସେ ସମ୍ପର୍କରେ ଦ୍ୱିତୀୟ ଅଧ୍ୟାୟରେ ବିଶଦ ଭାବରେ ଆଲୋଚନା କରାଯାଇଛି । ସଂକ୍ଷେପରେ କହିଲେ, ଉପେନ୍ଦ୍ରଭଞ୍ଜ ସଂସ୍କୃତ, ପ୍ରାକୃତ ଓ ପ୍ରାକ୍ ଓଡ଼ିଆ ସାହିତ୍ୟରେ ଛାନ୍ଦ ସଂଯୋଜନ, ବିଷୟ ଆହରଣ, ଉପସ୍ଥାପନ କୌଶଳ, ଶବ୍ଦଚୟନ, ଔପମିକଭାବ ଆହରଣ ପ୍ରଭୃତିର କେତେକ ବୈଶିଷ୍ଟ୍ୟ ଗ୍ରହଣ କରିଛନ୍ତି କହିବା ସମୀଚୀନ ହେବ ନାହିଁ ବରଂ ସେ ପରମ୍ପରାକୁ ମର୍ଯ୍ୟାଦିତ ରୂପ ପ୍ରଦାନ କରି ପ୍ରତ୍ୟେକ କ୍ଷେତ୍ରରେ ନିଜସ୍ୱ ମୁଦ୍ରା ଅଙ୍କନ କରିଯାଇଛନ୍ତି । ଷୋଡ଼ଶ ସପ୍ତଦଶ ଶତାବ୍ଦୀ ଓଡ଼ିଆ କବିଙ୍କ କାବ୍ୟ ନିର୍ମାଣ କୌଶଳ, ଅଳଙ୍କାର ସଂଯୋଜନା ପ୍ରତି ଥିବା ଆଗ୍ରହ ଉପେନ୍ଦ୍ରଙ୍କ ସୃଷ୍ଟିରେ ବହୁଗୁଣିତ ହୋଇଛି । ଫଳରେ ଶୃଙ୍ଗାର ରସର ବହୁଳ ପ୍ରୟୋଗ କରି ସେ ଶୃଙ୍ଗାରୀ କବି ଭାବରେ ଯେପରି ଆଲୋଚିତ, ଉପେନ୍ଦ୍ରଙ୍କୁ ଆଳଙ୍କାରିକ କବି କହିବା ପାଇଁ କୁଣ୍ଠିତ ମନେ କରିନାହାନ୍ତି । ଧନଞ୍ଜୟ ଭଞ୍ଜ, ବିଷ୍ଣୁ ଦାସ ପ୍ରଭୃତି ପୂର୍ବସୂରୀଙ୍କ କୃତିରେ ପ୍ରତିଫଳିତ ଯମକ, ଅନୁପ୍ରାସ, ଶ୍ଳେଷ ପ୍ରଭୃତି ଶବ୍ଦାଳଙ୍କାରକୁ ବହୁଗୁଣିତ କରି ଉପେନ୍ଦ୍ରଙ୍କ ଶବ୍ଦାଳଙ୍କାରର ଐନ୍ଦ୍ରଜାଲିକ ଭାବରେ ପ୍ରତିପାଦନ କରିଛନ୍ତି । କାବ୍ୟଶିଳ୍ପରେ ଉପେନ୍ଦ୍ର କୌଣସି ସ୍ୱତନ୍ତ୍ର ବିଭାବର ପ୍ରବର୍ତ୍ତକ ନୁହନ୍ତି; କିନ୍ତୁ ଯେଉଁସବୁ ବୈଶିଷ୍ଟ୍ୟ ପ୍ରଚଳିତ, ସେ ସମସ୍ତ ବିଭବକୁ କଳାତ୍ମକ ରୂପ ଦେଇ ପ୍ରକାଶ କରି ପାଠକକୁ ଅଭିଭୂତ ଓ ବିମୁଗ୍ଧ କରିପାରିଛନ୍ତି ।

ଓଡ଼ିଆ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟର ପ୍ରବର୍ତ୍ତକ ନ ହେଲେ ମଧ୍ୟ ଉପେନ୍ଦ୍ର ଏହାର ପ୍ରତିଷ୍ଠାପକ ଭାବରେ ଆଲୋଚିତ ଓ ସମ୍ମାନିତ । ମଧ୍ୟଯୁଗୀୟ କାବ୍ୟ ମାନସରେ ସମସ୍ତ

ବୈଶିଷ୍ଟ୍ୟ ପରିଲକ୍ଷିତ । ଉପେନ୍ଦ୍ରଭଞ୍ଜ ସମଗ୍ର ଓଡ଼ିଆ ସାହିତ୍ୟକୁ ଏକ ଭବ୍ୟ ଓ କଳାତ୍ମକ ରୂପ ପ୍ରଦାନ କରି ନିଜର ଅପ୍ରତିହତ ପ୍ରଭାବରେ ପରବର୍ତ୍ତୀ ଦୀର୍ଘ ୨୦୦ ବର୍ଷର କବି ସମାଜକୁ ନିୟନ୍ତ୍ରଣ କରି ଆସିଛନ୍ତି । ଏପରିକି ଆଧୁନିକ ଯୁଗର ବିଶିଷ୍ଟ କବି ରାଧାନାଥ ରାୟ, ଗଙ୍ଗାଧର ପ୍ରଭୃତି ଉପେନ୍ଦ୍ରଙ୍କ ପ୍ରଭାବରୁ ନିଜକୁ ମୁକ୍ତ କରିପାରିନାହାନ୍ତି । ଉପେନ୍ଦ୍ରଙ୍କ ପରବର୍ତ୍ତୀ କାଳ୍ପନିକ, ରାଧାକୃଷ୍ଣ ପ୍ରେମମୂଳକ ଓ ରାମାୟଣ ଆଧାରିତ କାବ୍ୟ ଉପେନ୍ଦ୍ରଙ୍କ କଳ୍ପନାବିଳାସ, ଉପସ୍ଥାପନ ରୀତି, ସାଙ୍ଗୀତିକ ମାଧୁର୍ଯ୍ୟରେ ରସସିକ୍ତ । ଏପରିକି ସ୍ୱନାମଧନ୍ୟ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନା, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ, ରାଜକବି ଚନ୍ଦ୍ରଶେଖର ଭଞ୍ଜ, ଭକ୍ତକବି ବନମାଳୀ, ଉତ୍କଳଘଣ୍ଟ ଯଦୁମଣି, ଭ୍ରମରବର, ଚକ୍ରପାଣି, ଗୌରହରି ପରିଚ୍ଛା, ନାରୀ କବି ନିଃଶଙ୍କ ରାୟ ରାଣୀ, ସତ୍ୟବାଦୀ ସାମନ୍ତରାୟ ପ୍ରମୁଖ କବି ଉପେନ୍ଦ୍ରଙ୍କ ପ୍ରଭାବରୁ ନିଜକୁ ମୁକ୍ତ କରିପାରିନାହାନ୍ତି । ଉପେନ୍ଦ୍ରଙ୍କ ପରବର୍ତ୍ତୀ ଓଡ଼ିଆ କବି ତାଙ୍କୁ ଆଦର୍ଶ ମନେକରି ତାଙ୍କ ସୃଷ୍ଟିରେ ପ୍ରତିଫଳିତ ଭାବ ବୈଭବ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି । ବହୁ କବି ଉପେନ୍ଦ୍ରଙ୍କ ତତ୍ସମ, ତଦ୍‌ଭବ, ଶବ୍ଦବହୁଳଭାଷୀ ଉପମା, ଅନୁପ୍ରାସାଦି ଅଳଙ୍କରଣ ସୌନ୍ଦର୍ଯ୍ୟ, ଧ୍ୱନି ସୌନ୍ଦର୍ଯ୍ୟ ପ୍ରଭୃତିକୁ ଦୃଷ୍ଟିରେ ରଖି କାବ୍ୟରଚନା କରିବା ଗୌରବାବହ ମନେକରିଛନ୍ତି ।

ଉପେନ୍ଦ୍ରଙ୍କ ସୃଷ୍ଟି ସମ୍ପଦକୁ ଲକ୍ଷ୍ୟକରି ଯେଉଁମାନେ କହନ୍ତି 'ହେ ଉପେନ୍ଦ୍ର, ତୁମେ ମୋର ବିରାଟ ଆତଙ୍କ' ସେମାନେ ଲାବଣ୍ୟବତୀକୁ ଦୃଷ୍ଟିରେ ରଖି କହିଥିବା ପରି ମନେହୁଏ ନାହିଁ । ଅବଶ୍ୟ ପ୍ରାଚ୍ୟ ସାହିତ୍ୟ ତତ୍ତ୍ୱକୁ ସମନ୍ୱିତ କରି ଉପେନ୍ଦ୍ର ନିଜର ବିପୁଳ ସୃଷ୍ଟି ମଧ୍ୟରେ କାବ୍ୟତତ୍ତ୍ୱର ଯେଉଁ ବିଚିତ୍ର ବିପଣୀ ପ୍ରସାରିତ କରିଛନ୍ତି, ସେଥିରେ ଅଳଙ୍କାର, ରସ, ବକ୍ରୋକ୍ତି, ରୀତି, ଔଚିତ୍ୟ, ଧ୍ୱନି ଆଦିର ସମ୍ଭାରରେ ପ୍ରତ୍ୟେକ ବିଭାଗ ପ୍ରୋଜ୍ଜ୍ୱଳ । ଏହାର ପ୍ରେରକ ଶକ୍ତି ରୂପେ ଜାତୀୟବାଦୀ ପଣ୍ଡିତମନ୍ୟଙ୍କ ପ୍ରତିସ୍ପର୍ଦ୍ଧୀ ମନୋଭାବ ଓ ଯୁଗୀୟ ଚେତନାର ପ୍ରଭାବ କାର୍ଯ୍ୟ କରିଛି । ଫଳରେ ସୃଷ୍ଟି ହୋଇଛି ବିଚିତ୍ର ବିଭବପୂର୍ଣ୍ଣ କାବ୍ୟ । ସମାଲୋଚକବୃନ୍ଦ ଅନ୍ଧର ହସ୍ତୀଦର୍ଶନ ପରି ଗୋଟିଏ ଗୋଟିଏ ଦୃଷ୍ଟାନ୍ତକୁ ଉପଲକ୍ଷ୍ୟ କରି ଉପେନ୍ଦ୍ରଙ୍କ ସମ୍ବନ୍ଧରେ ନିଜନିଜ ସଂକୀର୍ଣ୍ଣ ଦୃଷ୍ଟିର ପରିଚୟ ଦେଇଛନ୍ତି ।

ଫଳରେ ଅକାବ୍ୟ ରୂପେ ଆଲୋଚିତ ଚିତ୍ରାଳଙ୍କାର, ରସମୟ କାବ୍ୟରେ ପ୍ରମୁକ୍ତ ଯତ୍ନସିଦ୍ଧ ଯମକାଦି ଶବ୍ଦାଳଙ୍କାର, ଏକାକ୍ଷରାଦ୍ୟ କାବ୍ୟ ନିର୍ମାଣରେ ସ୍ଥଳ ବିଶେଷରେ କିମ୍ଭୂତ ଶବ୍ଦ ସୃଷ୍ଟି (ବିଶାଣରଣ୍ୟ, ବତୀର୍ଣ୍ଣ, ଅପୂର୍ବ), ଅବନା ନିୟମରକ୍ଷାରେ ଶବ୍ଦର ବିକୃତରୂପ, ଅର୍ଥାଳଙ୍କାରର ଗତାନୁଗତିକ ଉପମାନ (ଚନ୍ଦ୍ର, ପଦ୍ମ)ର ବହୁଳ ପ୍ରୟୋଗ ଉପସ୍ଥାପନର ଅଦ୍ଭୁତରୀତି ପ୍ରଭୃତି ସମାଲୋଚକଙ୍କୁ ଅସହିଷ୍ଣୁ କରିଦେଇଛି । ଫଳରେ ଉପେନ୍ଦ୍ରଙ୍କ ଶବ୍ଦପ୍ରୟୋଗ, ଚାତୁର୍ଯ୍ୟ, ଅର୍ଥଗାମ୍ଭୀର୍ଯ୍ୟ, ଧ୍ୱନିମାଧୁର୍ଯ୍ୟ, ଶବ୍ଦପାଣ୍ଡିତ୍ୟ, ରସାନୁକୂଳ ଛାନ୍ଦ ପ୍ରୟୋଗ, ସ୍ୱକୀୟା ପ୍ରୀତିର ପ୍ରତିଷ୍ଠା, କଳ୍ପନାମୟ କଳ୍ପଲୋକର ସୃଷ୍ଟି, ବିଷୟ ପରିବେଷଣ କୌଶଳ, ବିଭିନ୍ନ ରୁଚିର ପାଠକଗୋଷ୍ଠୀର ମନୋରଞ୍ଜନ ପାଇଁ ପରିବେଷିତ ନେତ୍ରପ୍ରସାଦନ, କର୍ଣ୍ଣ ରସାୟନ,

ବୁଦ୍ଧିଦୀପ୍ତ ହୃଦୟଦ୍ରାବକ କବିତାର ଦୀପ୍ତି ଓ ଦ୍ୟୁତି ସଂକୀର୍ଣ୍ଣମନା ଆଲୋଚକଙ୍କୁ ପ୍ରଭାବିତ କରି ନାହିଁ । ସେ ଯାହାହେଉ ଉପେନ୍ଦ୍ର ଙ୍କ ସୃଷ୍ଟି ସମ୍ପଦରେ ଲାବଣ୍ୟବତୀର ସ୍ଥାନ ସ୍ୱତନ୍ତ୍ର । ଏଥିରେ ଉପେନ୍ଦ୍ରଙ୍କ କାବ୍ୟାଦର୍ଶ ଯେପରି ସ୍ପଷ୍ଟ ସେହିପରି ଯଥାର୍ଥ ରୀତିରେ ସଂଗ୍ରଥିତ । ଯେଉଁ ସବୁ ଦୋଷ ଲାଗି ଉପେନ୍ଦ୍ର ନିନ୍ଦିତ, ସେ ସମସ୍ତ ଦୋଷ ପ୍ରାୟ ଏହି କାବ୍ୟରେ ନାହିଁ । ସେହିପରି ଉପେନ୍ଦ୍ରଙ୍କ କାବ୍ୟ ଅଶ୍ଳୀଳ ଦୋଷରେ ଦୁଷ୍ଟ ହେବା ଆଲୋଚିତ । ଲାବଣ୍ୟବତୀର ତୃତୀୟ ଛାନ୍ଦରେ କାବ୍ୟନାୟିକା ଲାବଣ୍ୟବତୀର ପ୍ରଥମ ରଜସ୍ୱଳା ହେବାର ବର୍ଣ୍ଣନାକୁ ସମସ୍ତେ ଉପସ୍ଥାପନା କରନ୍ତି । ଏହି ଲୌକିକତା ଦୃଷ୍ଟିରୁ ଅଶ୍ଳୀଳ ନିଶ୍ଚୟ । କିନ୍ତୁ କାବ୍ୟର ଆବଶ୍ୟକତା ଦୃଷ୍ଟିରୁ କବି ଏହାର ସଂଯୋଜନା କରିଛନ୍ତି । 'ମାର' ଅର୍ଥରେ 'ରମା', ବିପରୀତ 'ଶର' ଅର୍ଥରେ ଶରୀର ମଧ୍ୟଲୋପ, ପ୍ରଭାତ କାଳ ଅର୍ଥରେ 'ଫୁଲଧନୁ ମୂନବଲ୍ଲଭୀ' କାଳ ଆଦି ମୁଷ୍ଟିମେୟ ପ୍ରୟୋଗ ହୋଇଥିଲେ ସୁଦ୍ଧା ଯୁଗଭିତ୍ତିକ ଉକ୍ତି ବୈଚିତ୍ର୍ୟ ଭାବରେ ତାହା ଗ୍ରହଣୀୟ ହେବା ଉଚିତ ।

ଏତଦ୍‌ବ୍ୟତୀତ 'ଲାବଣ୍ୟବତୀ' କାବ୍ୟର ବୈଶିଷ୍ଟ୍ୟ ଉପେନ୍ଦ୍ର କବି ପ୍ରତିଭାର ଜୟଗାନ କରେ । ଉପେନ୍ଦ୍ରଙ୍କ ଗୁରୁ କାବ୍ୟତ୍ରୟୀ ମଧ୍ୟରେ ଲାବଣ୍ୟବତୀ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରେ । କାବ୍ୟଗତ ବିଷୟବସ୍ତୁର ବୈଚିତ୍ର୍ୟହୀନତା, ବର୍ଣ୍ଣନାର ଚମତ୍କାର ପରିବେଷଣରେ ଅନ୍ତର୍ଲୀନ ହୋଇଯାଇଛି । ଏହି କାବ୍ୟର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନଗର, ଉପବନ, ସରୋବର, ଯୁଦ୍ଧ, ମୃଗୟା, ପ୍ରଭାତ, ସନ୍ଧ୍ୟା, ଷଟ୍ ଋତୁ ଆଦି ଅତ୍ୟନ୍ତ ସାବଲୀଳ ରୀତିରେ ଉଦ୍‌ଘୋଷିତ । ଚରିତ୍ର ମଧ୍ୟରେ ରାଜା, ରାଣୀ, ରାଜପୁତ୍ର, ସାଧକ, ନଟ, ନଟୀ, ମାଲ୍ୟାଣୀ, ସନ୍ୟାସୀ, ପୁରୋହିତ ଆଦି ମାନବ, ଶୁକ ମାନବେତର ପ୍ରାଣୀ, ନାରଦ, ଯକ୍ଷ, କିନ୍ନର, ପିଶାଚ, ଚଣ୍ଡୀ, କାଳକେୟ, ସଂଶପ୍ତକ ପ୍ରଭୃତି ଅତି ମାନବୀୟ ପ୍ରାଣୀ ଏଥିରେ ସ୍ଥାନିତ ହୋଇଛନ୍ତି । କବିଙ୍କ ଧର୍ମୀୟ ଉଦାରତା ମଧ୍ୟ ଲାବଣ୍ୟବତୀ କାବ୍ୟରେ ସୁସ୍ପଷ୍ଟ । ସେ ହିନ୍ଦୁର ପଞ୍ଚ ଦେବତା (ବିଷ୍ଣୁ, ସୂର୍ଯ୍ୟ, ଶିବ, ଦୁର୍ଗା, ଗଣେଶ) ଙ୍କ ଉପାସକ ହୋଇଥିଲେ ମଧ୍ୟ ରାମତାରକ ମନ୍ତ୍ର ପ୍ରଭାବରେ କବିତ୍ୱ ଶକ୍ତିର ଅଧିକାରୀ ହୋଇଥିବା ସୂଚାଇଛନ୍ତି । କାବ୍ୟତତ୍ତ୍ୱ ବିଚାରରେ ପ୍ରତିଷ୍ଠିତ ମତବାଦ ଗୁଡ଼ିକର ସମନ୍ୱୟ ଆଣି ଉପେନ୍ଦ୍ର ଏହି କାବ୍ୟ ରଚନା କରିଥିବା ବିଶେଷ ଅନୁଭୂତ ହୁଏ । ଭାମହଙ୍କ ପ୍ରବର୍ତ୍ତିତ 'ନ କାନ୍ତମପି ନଭୂଷଂବିଭାତିବନିତା ମୁଖମ୍' ଉକ୍ତିକୁ ଉପେନ୍ଦ୍ର ଅକ୍ଷରେ ଅକ୍ଷରେ ପାଳନ କରି କାବ୍ୟକୁ ଅଳଙ୍କାର ମଣ୍ଡନ କରିଛନ୍ତି । ଏ କାବ୍ୟର ପ୍ରତିପଦକୁ ଶବ୍ଦ ବା ଅର୍ଥାଳଙ୍କାରରେ ଭୂଷିତ କରିବା ବାହୁଲ୍ୟ ମାତ୍ର । 'ଉପମାଭଞ୍ଜ ବୀରସ୍ୟ' ଏହି ଉକ୍ତି ଉପେନ୍ଦ୍ରଙ୍କ ପାଇଁ ଯଥାର୍ଥ ରୀତିରେ ପ୍ରଯୁଜ୍ୟ ମନେହୁଏ । ସେ 'ଲାବଣ୍ୟବତୀ' କାବ୍ୟରେ ବହୁ ନୂତନ ଉପମାନ ପ୍ରୟୋଗ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପୂର୍ଣ୍ଣ କରିଥିଲେ ମଧ୍ୟ ପୁରାତନ ଉପମାନକୁ ନୂତନ ରୀତିରେ ପ୍ରୟୋଗ କରି ଯଶସ୍ୱୀ ହୋଇଛନ୍ତି ।

ସେହିପରି 'ତସ୍ୟୈବଚାର୍ଥଗୌରବମ୍'ର ଅର୍ଥଗାମ୍ଭୀର୍ଯ୍ୟ ପ୍ରକାଶନରେ ଉପେନ୍ଦ୍ର

ଅଦ୍ୱିତୀୟ । ସଂସ୍କୃତ ସାହିତ୍ୟରେ ଗୃହୀତ ଅଧିକାଂଶ ଶ୍ରେଷ୍ଠ ଅଳଙ୍କାର ପ୍ରତିଭାଦୀପ୍ତ ଉପେନ୍ଦ୍ରଙ୍କ କାବ୍ୟରେ ଉପଲବ୍ଧ । 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ କାଳରେ ତୃତୀୟ ଅଧ୍ୟାୟରେ ଆଙ୍ଗିକ ସୌନ୍ଦର୍ଯ୍ୟର ବିଶଦ ଆଲୋଚନା କରାଯାଇଛି । ସୌନ୍ଦର୍ଯ୍ୟ, ରସ, ପ୍ରଜ୍ଞାର ସାରସ୍ୱତ ପୀଠ ଭାରତବର୍ଷରେ ବୈଦିକକାଳରୁ ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ବନ୍ଧରେ ଯଥେଷ୍ଟ ଆଲୋଚନା, ତତ୍ତ୍ୱ ନିରୂପଣ ସହିତ ଏହାର ମୂଲ୍ୟାଙ୍କନ ହୋଇଆସିଛି । ପାଶ୍ଚାତ୍ୟ ସୌନ୍ଦର୍ଯ୍ୟ ଶାସ୍ତ୍ରର ନିୟମିତ ଧାରାବାହିକ ଶାସ୍ତ୍ର ସମ୍ମତ ଆଲୋଚନା ଦେଖିବାକୁ ମିଳେ; କିନ୍ତୁ ଭାରତୀୟ ସୌନ୍ଦର୍ଯ୍ୟର ବିଧିବଦ୍ଧ ଆଲୋଚନା ସମ୍ପର୍କରେ ବିଶେଷ ସୂଚନା ମିଳୁ ନଥିଲେ ମଧ୍ୟ ବେଦ, ଉପନିଷଦ, ଶିକ୍ଷାଶାସ୍ତ୍ର, ନାଟ୍ୟଶାସ୍ତ୍ର, କାବ୍ୟଶାସ୍ତ୍ର ତଥା ସଂସ୍କୃତ ମହାକବିମାନଙ୍କ ରଚନା ଉପରେ ନିର୍ଭରଶୀଳ ଥିଲା । ତେଣୁ ଉପେନ୍ଦ୍ରଭଞ୍ଜଙ୍କ ସମୟରେ ରୀତିଯୁଗୀୟ କବିମାନେ ସ୍ୱକୀୟ କାବ୍ୟ ନିର୍ମାଣରେ ରୀତି ଓ ସୌନ୍ଦର୍ଯ୍ୟ ଧାରଣାକୁ ବିଶେଷ ଗୁରୁତ୍ୱ ଦେଇଥିଲେ ।

'ଲାବଣ୍ୟବତୀ' କାବ୍ୟର ଆଙ୍ଗିକ ସୌନ୍ଦର୍ଯ୍ୟ ନିରୂପଣବେଳେ ଉପେନ୍ଦ୍ରଭଞ୍ଜ ଅଳଙ୍କାର ପ୍ରୟୋଗ, ପଦସାରଲ୍ୟ ଶବ୍ଦାବଳୀ ସଙ୍ଗୀତମାଧୁରୀ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଆଙ୍ଗିକ ସୌନ୍ଦର୍ଯ୍ୟରେ କବି ବର୍ଷାଋତୁର ଯେଉଁ କମନୀୟ ଚିତ୍ର ବର୍ଣ୍ଣନା କରିଛନ୍ତି ତାହା ବାସ୍ତବିକ ଅପୂର୍ବ । ବିଭିନ୍ନ ଋତୁକାଳୀନ ପ୍ରକୃତି ସହିତ ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟର ତୁଳନା ଲାବଣ୍ୟବତୀ କାବ୍ୟକୁ ଏକ ନୂତନ ରୂପରେଖ ପ୍ରଦାନ କରିଛି । ଭାରତୀୟ ଧର୍ମଧାରଣା, ଅଦୃଷ୍ଟବାଦ, ଜନ୍ମାନ୍ତରବାଦ, ନବଜାତ ସନ୍ତାନର ଏକୋଇଶା ବିଧି, ରଜୋବତୀ କନ୍ୟାର ବିଧିବିଧାନ, ବୈବାହିକ କ୍ରିୟାକର୍ମ, କନ୍ୟା ଦେଖା, ଜାତକ ଦେଖା, ବିବାହ ଲଗ୍ନ ସ୍ଥିର, ଦିଅଁମଙ୍ଗୁଳା ପ୍ରଭୃତି ଅନେକ ସାମାଜିକ ବିଧିବିଧାନର ଯଥାର୍ଥ ଚିତ୍ର ଲାବଣ୍ୟବତୀର ଆଙ୍ଗିକ ସୌନ୍ଦର୍ଯ୍ୟ ଆଲୋଚନାରେ ସ୍ଥାନ ପାଇଛି । ଏହା ସହିତ ଲାବଣ୍ୟବତୀ କାବ୍ୟରେ ଅଶ୍ଳୀଳତା, କାମ ଶାସ୍ତ୍ର ଅନୁସାରେ ରତିରାଗ, କାବ୍ୟାଦର୍ଶର ମଧ୍ୟ ସାର୍ଥକ ପ୍ରତିଫଳନ ରହିଛି ।

ଚତୁର୍ଥ ଅଧ୍ୟାୟରେ ଲାବଣ୍ୟବତୀର ଆତ୍ମିକ ସୌନ୍ଦର୍ଯ୍ୟ ପ୍ରସଙ୍ଗରେ ରସ, ଅଳଙ୍କାର, ଧ୍ୱନି, ରୀତି, ଔଚିତ୍ୟ, ବକ୍ରୋକ୍ତି ପ୍ରଭୃତିର ବିଶଦ ଆଲୋଚନା ହୋଇଛି । ବାମନଙ୍କ ପ୍ରବର୍ତ୍ତିତ ଗୁଣାଳଙ୍କାର ସଂସ୍କୃତ ରୀତି ପ୍ରାଚ୍ୟ କାବ୍ୟତତ୍ତ୍ୱ ରେ ପ୍ରତିଷ୍ଠା ଲାଭ କରିନାହିଁ ; କିନ୍ତୁ ପରବର୍ତ୍ତୀ କାଳରେ ପ୍ରତିପାଦିତ ପଦ ସଂଗଠନାତ୍ମିକା ରୀତି କାବ୍ୟାତ୍ମାଭୂତ ରସର ପରିପୋଷକ ହେବା ସିଦ୍ଧାନ୍ତ ଉପେନ୍ଦ୍ରଙ୍କ କାବ୍ୟରୁ ହିଁ ସୁଲଭ । 'କାବ୍ୟସ୍ୟାତ୍ମାଧ୍ୱନିଃ' ମତବାଦକୁ ସେ କାବ୍ୟାଦର୍ଶ ମଧ୍ୟରେ ସ୍ଥାନିତ କରି କାବ୍ୟକୁ ଧ୍ୱନି ପ୍ରଧାନ କରିଥିବା ଚତୁର୍ଥ ଅଧ୍ୟାୟରେ ବିଚାର କରାଯାଇଛି । କିନ୍ତୁ ଉପେନ୍ଦ୍ରଙ୍କ କାବ୍ୟ ରସ ପ୍ରଧାନ । ସେଥିରେ ବିପ୍ରଲମ୍ଭ ଓ ସମ୍ଭୋଗାତ୍ମକ ଶୃଙ୍ଗାର ପ୍ରାଧାନ୍ୟ ଲାଭ କରିଥିବା ଏହି ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ପୂର୍ବରାଗ, ମାନ ଓ ପ୍ରବାସରୂପକ ବିପ୍ରଲମ୍ଭ ଶୃଙ୍ଗାରର ଅଭିବ୍ୟକ୍ତିରେ କବିଙ୍କର ନିଷ୍ପାପର ସାଧନାର ପରିଚୟ ମିଳେ । ଆଚାର୍ଯ୍ୟ କୁନ୍ତକ କାବ୍ୟ ସୌନ୍ଦର୍ଯ୍ୟ ସନ୍ଦର୍ଶନ ପାଇଁ ଯେଉଁ ବକ୍ରତା ରୂପର ନୂତନ

ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି, ତାହାର ସାମଗ୍ରିକ ବିଭାଗ ଉପବିଭାଗର ଉଦାହରଣ ଆଲୋଚ୍ୟ କାବ୍ୟରେ ସୁନ୍ଦର ଭାବରେ ଦର୍ଶାଯାଇଛି । ସମୟୋଚିତ ଔଚିତ୍ୟବୋଧରେ ଅନୁପ୍ରେରିତ କବି ସ୍ଥଳ ବିଶେଷରେ ପୂର୍ବ ସୂରୀଙ୍କ ପ୍ରଦର୍ଶିତ ପନ୍ଥା ଅନୁସରଣ କରିନାହାନ୍ତି । ଓଡ଼ିଆ ଭାଷାକୁ ବିଶାଳ ସଂସ୍କୃତ ସାହିତ୍ୟର ସମକକ୍ଷ ମର୍ଯ୍ୟାଦା ପ୍ରଦାନ କରିବା ପାଇଁ ଉପେନ୍ଦ୍ରଙ୍କର ଏହି ପ୍ରୟାସ ସାର୍ଥକ ହୋଇଛି ।

ଆଲୋଚ୍ୟ ନିବନ୍ଧର ପଞ୍ଚମ ଅଧ୍ୟାୟରେ ଲାବଣ୍ୟବତୀ କାବ୍ୟର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ କାଳରେ ଯେଉଁ ଚିରନ୍ତନ ମୂଲ୍ୟବୋଧର ବିଭିନ୍ନ ଜୀବନବାଦୀ ଦାର୍ଶନିକ ଦୃଷ୍ଟିକୋଣର ଆଲୋଚନା ହୋଇଛି, ତାହାର ପ୍ରତିଛବି ଏହି ଅଧ୍ୟାୟରେ ସ୍ଥାନ ପାଇଛି । 'ଲାବଣ୍ୟବତୀର ଚିରନ୍ତନ ମୂଲ୍ୟବୋଧ ' ଆଲୋଚନା କାଳରେ କବି ନିଜର ଆଧ୍ୟାତ୍ମିକ ଜୀବନ ଜିଜ୍ଞାସା, ଜୀବନର ଆତ୍ମିକ ଚିରନ୍ତନ ମୂଲ୍ୟବୋଧର ଯଥାର୍ଥ ସମନ୍ୱୟ ଘଟାଇ ପାରିଛନ୍ତି । 'ତପ ତା ଅକଥନୀୟ ଦିବ୍ୟନାରୀ ଶ୍ରଦ୍ଧେ ' ଏହି ଉକ୍ତି ରୁ ଉପେନ୍ଦ୍ରଭଞ୍ଜଙ୍କର ନାୟକ ଚନ୍ଦ୍ରଭାନୁ ରୂପୀ ପୂର୍ବଜନ୍ମର ପ୍ରଭାକର ଉପଯୁକ୍ତ ଜୀବନସଙ୍ଗିନୀ ପାଇବା ପାଇଁ ଅକଥନୀୟ ତପସ୍ୟା କରିଛି । ଉପେନ୍ଦ୍ରଭଞ୍ଜ ନାରୀକୁ ତାଙ୍କର କାବ୍ୟରେ ସର୍ବଶ୍ରେଷ୍ଠ ଆସନରେ ଅଧିଷ୍ଠିତ କରିଥିଲେ । ତେଣୁ ଦିବ୍ୟ ନାରୀକୁ ଦିବ୍ୟତ୍ୱ ପ୍ରସଙ୍ଗରେ ନାରୀର ୧୦ ଗୁଣର ବ୍ୟାପକ ବର୍ଣ୍ଣନା କରାଯାଇଛି । ସର୍ବଗୁଣମୟୀ ନାରୀର ବର୍ଣ୍ଣନା ଦୃଷ୍ଟିରୁ 'ଦିବ୍ୟ' ଶବ୍ଦର ବ୍ୟାକରଣଗତ ଅର୍ଥପ୍ରତି ଦୃଷ୍ଟିରଖି ଅଳଙ୍କାରଶାସ୍ତ୍ରର ବୈଦର୍ଭୀ ରୀତିର ଦଶଗୁଣମଣ୍ଡିତ କବିତା କାମିନୀର କଳ୍ପନା କରାଯାଇଛି । କବି ସେହି ସଂଖ୍ୟା ଓ ଗୁଣଗତ ଆଦର୍ଶକୁ ନେଇ ଦଶଅର୍ଥ ବିଶିଷ୍ଟ ଦିବ୍ୟ ଶବ୍ଦର ପ୍ରୟୋଗ କରିଛନ୍ତି । ସେହି ୧୦ ଗୁଣ ଗୁଡ଼ିକ ମଧ୍ୟରେ କ୍ରୀଡ଼ା, ବିଜିଗୀଷା, ବ୍ୟବହାର, କାନ୍ତି, ଦ୍ୟୁତି, ସ୍ତୁତି, ମୋଦ, ମଦ, ସ୍ୱପ୍ନ,ଗତି ପ୍ରଭୃତି ଗୁଣ ଗୁଡ଼ିକର ଶୀଳତାରେ ନାରୀର ବ୍ୟକ୍ତିତ୍ୱ ଗଠିତ ହୋଇଥାଏ । ତେଣୁ ଜଣେ ସର୍ବଗୁଣସମ୍ପନ୍ନା ନାରୀକୁ ସହଧର୍ମିଣୀ ଭାବରେ ପାଇବାପାଇଁ ପୁରୁଷକୁ ଅନେକ ତପସ୍ୟାଗତ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ । ତେଣୁ ଦିବ୍ୟନାରୀ ପ୍ରାପ୍ତି ଏକ ସହଜସାଧ ଘଟଣା ନୁହେଁ ବୋଲି ଉପେନ୍ଦ୍ରଭଞ୍ଜ ପ୍ରମାଣିତ କରି ଯାଇଛନ୍ତି । ନାରୀ ପୁରୁଷ ର କେବଳ ନର୍ମ ସଙ୍ଗନୀ ନୁହେଁ ଧର୍ମ ସଙ୍ଗିନୀ ତଥା କର୍ମ ସଙ୍ଗିନୀ । ପାରିବାରିକ କର୍ମମୟ ଜୀବନର ଦୁଇଟି ସୁଦୃଢ ସେତୁ ହୋଇଛନ୍ତି ପୁରୁଷ ଏବଂ ନାରୀ । ସେହିପରି ପତିପତ୍ନୀଙ୍କ ମଧ୍ୟରେ ସ୍ୱକୀୟା ପ୍ରେମ, ଆତ୍ମିକ ଗଭୀର ବିଶ୍ୱାସ, ନିଷ୍ଠା ସେମାନଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଏକାଠି କରିରଖେ । ତେଣୁ କବି ପତିପତ୍ନୀଙ୍କର ଶାଶ୍ୱତ ବନ୍ଧନକୁ ତାଙ୍କର କାବ୍ୟ କବିତାରେ ଦୃଢ ଭାବରେ ଦର୍ଶାଇଛନ୍ତି ।

'ଲାବଣ୍ୟବତୀର ଚିରନ୍ତନ ମୂଲ୍ୟବୋଧ' ଆଲୋଚନା କାଳରେ 'ମାତୃତ୍ୱରେ ତ୍ୟାଗ'ର ବର୍ଣ୍ଣନା ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ନାରୀଟିଏ ମାତୃତ୍ୱ ଲାଭ କରିବା ପାଇଁ ଗର୍ଭଧାରଣ କଲେ ଯେଉଁ ସ୍ୱର୍ଗୀୟ ପବିତ୍ର ମାତୃତ୍ୱର ଦିବ୍ୟ ଆଭା ତାକୁ ନାରୀତ୍ୱର ଚରମ ସାର୍ଥକତା ପ୍ରଦାନ କରେ, ତାହାର ଚମତ୍କାର ବର୍ଣ୍ଣନା ଏହି ଅଧ୍ୟାୟରେ କରାଯାଇଛି । ମାଆ

ହେବାର ଗୌରବ ସହିତ ଜନ୍ମଜନିତ ଜଟିଳତାରେ ତା'ର ମୃତ୍ୟୁ ହେବାର ସମ୍ଭାବନା ଥିଲେ ମଧ୍ୟ ସେ ସବୁକଷ୍ଟ ସହି ସନ୍ତାନକୁ ଜନ୍ମ ଦିଏ । ମାତୃତ୍ୱର ଏହି ମହାନ୍ ସ୍ୱର୍ଗୀୟ କାନ୍ତି ଓ ଅନୁଭବକୁ କବି ଅତ୍ୟନ୍ତ ମନୋଜ୍ଞ ଭାବାତ୍ମକ ଶୈଳୀରେ ଲାବଣ୍ୟବତୀ କାବ୍ୟରେ ପ୍ରକାଶ କରିଛନ୍ତି ।

ଜୀବନବାଦୀ କବି ଉପେନ୍ଦ୍ରଭଞ୍ଜ ପ୍ରତିପାଦିତ କରିଛନ୍ତି ମଣିଷର ଭାଗ୍ୟ, କର୍ମଫଳ ନିକଟରେ କୌଣସି ବଂଶ ଆଭିଜାତ୍ୟ ଗୌରବ ବଡ଼ ନୁହେଁ । କର୍ମଫଳଦାୟରୁ ସର୍ବଶକ୍ତିମାନ ଦେବତାମାନଙ୍କର ମଧ୍ୟ ମୁକ୍ତି ନାହିଁ । ମହାଦେବଙ୍କ ଭାଗ୍ୟରେ ସମୁଦ୍ରମନ୍ଥନ ବେଳେ କେବଳ ବିଷ ପିଇବା ହିଁ ସାରହୋଇଛି । ସେ ସ୍ୱୟଂ ଶକ୍ତିମାନ ମହାଦେବ ହେଲେ ମଧ୍ୟ ଜନ୍ମର ବଡ଼ପଣକୁ ଅତିକ୍ରମ କରି ଭାଗ୍ୟର ଜୋର୍‌କୁ ବଦଳାଇ ପାରିନାହାନ୍ତି । ତେଣୁ ଜୀବନରେ ସର୍ବଦା ଅନେକ ଅସମ୍ଭବ ଘଟଣାମାନ ଘଟିଥାଏ । କେହି ଜୀବନଠାରୁ ବଡ଼ ନୁହନ୍ତି । ତେଣୁ କୁହାଯାଏ 'ସଂସାରେ ପଥର ପଡ଼ିଲେ ସହି' । ପଞ୍ଚମ ଅଧ୍ୟାୟରେ ଏହି ଜୀବନବାଦୀ ମୂଲ୍ୟବୋଧଗୁଡ଼ିକର ବ୍ୟାପକ ଆଲୋଚନା ହୋଇଛି ।

ଭଞ୍ଜଙ୍କ ଅଗାଧ ପାଣ୍ଡିତ୍ୟ, ଛନ୍ଦଲାଳିତ୍ୟ, ପ୍ରଜ୍ଞାମନସ୍କ ଦୃଷ୍ଟି, ମନୋଜ୍ଞ ରସାଳ ଅଭିବ୍ୟକ୍ତି, କଳ୍ପନାର ନୂତନ ସ୍ୱାତନ୍ତ୍ର୍ୟରେ ରସାଣିତ ଲାବଣ୍ୟବତୀର ଲୋକପ୍ରିୟତା ବିଷୟରେ ସନ୍ଦେହର ଅବକାଶ ନାହିଁ । ପରବର୍ତ୍ତୀ ବହୁ କବି ଲାବଣ୍ୟବତୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେହି ଭାବକୁ ସ୍ୱୀୟ ସୃଷ୍ଟିରେ ସଂଯୋଜନ କରି ଧନ୍ୟ ହୋଇଛନ୍ତି । ମହାକାବ୍ୟର ଲକ୍ଷଣରେ ଭୂଷିତ 'ଲାବଣ୍ୟବତୀ' ଭଞ୍ଜଙ୍କ ସୃଷ୍ଟିସମ୍ପଦର ସାର, ଓଡ଼ିଆ କାବ୍ୟ ସାହିତ୍ୟର ଉଜ୍ଜ୍ୱଳମୁକ୍ତା ପାଠକର ପ୍ରିୟକାବ୍ୟ । ଯୁଗ ଯୁଗ ଧରି ଲାବଣ୍ୟବତୀର ଆତ୍ମିକ ଭାବବିନ୍ୟାସ, କଳ୍ପନାର ମହ୍ଲାର ରାଗଣୀରେ ମନ୍ଦ୍ରିତ ଅନିନ୍ଦ୍ୟ ସୌନ୍ଦର୍ଯ୍ୟ, ରସ ନିର୍ଝରିଣୀରେ ଅବଗାହିତ ମାଧୁର୍ଯ୍ୟ ଓଡ଼ିଆ ପାଠକ, ଗବେଷକ, ସାହିତ୍ୟସନ୍ଧିତ୍ସୁ, କାବ୍ୟ ପ୍ରେମୀମାନଙ୍କୁ ଅନନ୍ୟ ପ୍ରେରଣା ଯୋଗାଇଛି ତଥା ନୂତନ ତଥ୍ୟ ଉଦ୍‌ଘାଟନରେ ସହାୟକ ହୋଇଛି ।

# ସହାୟକ ଗ୍ରନ୍ଥସୂଚୀ

## ଓଡ଼ିଆ ଗ୍ରନ୍ଥ :


୧. ଅଳଙ୍କାର ପ୍ରସଙ୍ଗ — ଶ୍ରୀ ଗୋବିନ୍ଦଚନ୍ଦ୍ର ଉଦ୍‌ଗାତା
ଫ୍ରେଣ୍ଡର୍ସ ପୁବ୍ଲିଶର୍ସ
ବିନୋଦ ବିହାରୀ, କଟକ - ୨
ତୃତୀୟ ସଂସ୍କରଣ - ୧୯୯୧

୨. ଅଳଙ୍କାର ଶାସ୍ତ୍ର ପରିଚିତି — ଡଃ. ଭାବଗ୍ରାହୀ ମିଶ୍ର
ଅଧ୍ୟାପିକା ଶାନ୍ତିଲତା ମିଶ୍ର
ମୟୂର ପବ୍ଲିକେଶନ୍ସ, ଭୁବନେଶ୍ୱର
ତୃତୀୟ ପ୍ରକାଶ - ୧୯୮୧

୩. ଅବନା ରସ ତରଙ୍ଗ — ଉପେନ୍ଦ୍ର ଭଞ୍ଜ

୪. ଅନଙ୍ଗରେଖା — ଧନଞ୍ଜୟ ଭଞ୍ଜ

୫. ଆଚାର୍ଯ୍ୟ ଭାମହ ବିରଚିତ କାବ୍ୟାଳଙ୍କାରଃ — ସମୀକ୍ଷକ ଡଃ କିଶୋରଚନ୍ଦ୍ର ମିଶ୍ର
ପ୍ରକାଶିକା : ଶ୍ରୀମତୀ ଭାଗ୍ୟଲତା ମିଶ୍ର
ଶ୍ରୀକୃଷ୍ଣ ନଗର, ବ୍ରହ୍ମପୁର, ୧୯୯୯

୬. ଆଚାର୍ଯ୍ୟ ବାମନକୃତ କାବ୍ୟାଳଙ୍କାର ସୂତ୍ରବୃତ୍ତିଃ — ଅନୁବାଦକ : ଡଃ କିଶୋର ଚନ୍ଦ୍ର ମିଶ୍ର
ପ୍ରକାଶିକା : ଶ୍ରୀମତୀ ଭାଗ୍ୟ ଲତା ମିଶ୍ର
ଶ୍ରୀକୃଷ୍ଣ ନଗର, ବ୍ରହ୍ମପୁର, ୧୯୯୯

୭. ଇଚ୍ଛାବତୀ — ଧନଞ୍ଜୟ ଭଞ୍ଜ

୮. ଇଚ୍ଛାବତୀ — ପଦ୍ମନାଭ ଶ୍ରୀଚନ୍ଦନ ଦେବ

୯. ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଉପମା ଏକ ଅଧ୍ୟୟନ — ଡଃ କିଶୋର ଚନ୍ଦ୍ର ମିଶ୍ର
ପ୍ରକାଶିକା : ଶ୍ରୀମତୀ ଭାଗ୍ୟଲତା ମିଶ୍ର
ରାମକୃଷ୍ଣନଗର, ବ୍ରହ୍ମପୁର
ପ୍ରଥମ ମୁଦ୍ରଣ - ୧୯୮୭

୧୦. ଉପେନ୍ଦ୍ର ଭଞ୍ଜ ପରିକ୍ରମା — ଡଃ ବିବେକାନନ୍ଦ ପାଣିଗ୍ରାହୀ

ପ୍ରକାଶକ : ଉପେନ୍ଦ୍ରଭଞ୍ଜ କଲଚରାଲ-
ଏକାଡ଼େମୀ, ଭଞ୍ଜନଗର
ପ୍ରଥମ ପ୍ରକାଶନ, ୧୯୯୩

୧୧. ଉପେନ୍ଦ୍ର କାବ୍ୟ ସମ୍ଭାରରେ ବକ୍ରୋକ୍ତି ଚେତନା — ଡଃ କାଳୀଚରଣ ରଥ
ପ୍ରକାଶିକା : ଶ୍ରୀମତୀ ଗାୟତ୍ରୀ ରଥ
ଗୋଦାବରୀଶ ନଗର, ବ୍ରହ୍ମପୁର, ୧୯୯୭

୧୨. ଉପେନ୍ଦ୍ରଭଞ୍ଜ ଏକ ସମୀକ୍ଷା — ଅଧ୍ୟାପକ ଶ୍ରୀ ଜୟକୃଷ୍ଣ ମିଶ୍ର
ପ୍ରକାଶକ : ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ
ପ୍ରଣୟନ ଓ ପ୍ରକାଶ ସଂସ୍ଥା, ଭୁବନେଶ୍ୱର
ପୁନର୍ମୁଦ୍ରଣ - ୧୯୮୮

୧୩. ଉଷାଭିଳାଷ — ଶିଶୁଶଙ୍କର ଦାସ

୧୪. ଓଡ଼ିଆ ସାହିତ୍ୟର ଇତିହାସ — ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ,
ଗ୍ରନ୍ଥମନ୍ଦିର
କଟକ - ୨,
ଦ୍ୱିତୀୟ ସଂସ୍କରଣ, ୧୯୭୯

୧୫. ଓଡ଼ିଆ କାବ୍ୟ କୌଶଳ — ଡଃ ସୁଦର୍ଶନ ଆଚାର୍ଯ୍ୟ
ଲକି ପ୍ରିଣ୍ଟର୍ସ, ବ୍ରହ୍ମପୁର
ପ୍ରଥମ ପ୍ରକାଶ - ୧୯୮୩

୧୬. ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ — ଶ୍ରୀ ସୁରେନ୍ଦ୍ର ମହାନ୍ତି
ପ୍ରକାଶକ : କଟକ ଷ୍ଟୁଡ଼େଣ୍ଟସ୍‌ଷ୍ଟୋର
ବାଲୁବଜାର, କଟକ
ଷଷ୍ଠ ସଂସ୍କରଣ - ୧୯୯୫

୧୭. ଓଡ଼ିଶା ଇତିହାସ (ଦ୍ୱିତୀୟ ଖଣ୍ଡ) — ଡଃ. ହରେକୃଷ୍ଣ ମହତାବ
ପ୍ରକାଶକ ଡ଼ଃ ହରେକୃଷ୍ଣ ମହତାବ
ଫାଉଣ୍ଡେସନ୍, ବିହାରୀବାଗ କଟକ,
ଚତୁର୍ଥ ସଂସ୍କରଣ ୧୯୯୬

୧୮. ଓଡ଼ିଆ ଭାଷା ଓ ସାହିତ୍ୟ — ପଣ୍ଡିତ ନୀଳକଣ୍ଠ ଦାସ
ପ୍ରକାଶକ : ପୁସ୍ତକ ଭଣ୍ଡାର, ବାରାକ୍ସ
ବ୍ରହ୍ମପୁର - ୧, କଟକ - ୨
ପ୍ରକାଶ କାଳ - ୧୯୯୧

୧୯. କବିସମ୍ରାଟ ଉପେନ୍ଦ୍ର ଭଞ୍ଜ — ଶ୍ରୀ ଅନନ୍ତ ପଦ୍ମନାଭ ପଟ୍ଟନାୟକ
ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, କଟକ -୨, ୧୯୯୬

୨୦. କାବ୍ୟିକ ସୌନ୍ଦର୍ଯ୍ୟ — ଡଃ ଗିରିବାଳା ମହାନ୍ତି
ପ୍ରକାଶକ : କାହାଣୀ, କଲ୍ୟାଣୀ ନଗର
କଟକ - ୧୪, ୧୯୯୮

୨୧. କାବ୍ୟ ସମ୍ବାଦ — ପ୍ରଫେସର ଡଃ. ଦାଶରଥୀ ଦାସ
ପ୍ରକାଶକ : ସହଦେବ ପ୍ରଧାନ
ଫ୍ରେଣ୍ଡର୍ସ ପବ୍ଲିଶର୍ସ, ବିନୋଦ ବିହାରୀ
କଟକ, ତୃତୀୟ ପ୍ରକାଶନ - ୧୯୯୦

୨୨. କଳ୍ପଲତା — ଅର୍ଜ୍ଜୁନ ଦାସ
ସଂପାଦନା କେଦାରନାଥ ମହାପାତ୍ର
ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା
ପ୍ରକାଶିତ (୧୯୬୧)

୨୩. କଳାକଉତୁକ — ଉପେନ୍ଦ୍ରଭଞ୍ଜ

୨୪. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ — ଉପେନ୍ଦ୍ର ଭଞ୍ଜ

୨୫. କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ — ଟୀକା ଓ ବ୍ୟାଖ୍ୟାକାର
ପଣ୍ଡିତ ନୀଳକଣ୍ଠ ଦାସ
ପ୍ରକାଶିକା : ଶ୍ରୀମତୀ ଇନ୍ଦିରା ଦେବୀ
୩୦୩, ଖାରବେଳ ନଗର
ଭୁବନେଶ୍ୱର

୨୬. ଚାଟଇଚ୍ଛାବତୀ — ବନମାଳୀ ଦାସ
ଚାଟଇଚ୍ଛାବତୀ କାବ୍ୟର ଭୂମିକା
କେଦାରନାଥ ମହାପାତ୍ର

| | |
|---|---|
| ୨୭. ନୀଳାଦ୍ରି ମହୋତ୍ସବ | ଲୋକନାଥ ବିଦ୍ୟାଧର |
| ୨୮. ପରିମଳା | ନରସିଂହ ସେଣ |
| ୨୯. ପ୍ରାଚୀନଗଦ୍ୟପଦ୍ୟାଦର୍ଶ | ଆର୍ତ୍ତବଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ<br>୧୯୮୩ |
| ୩୦. ପ୍ରେମଲୋଚନା | କବି ବିଷ୍ଣୁ ଦାସ<br>ସଂପାଦନା କେଦାର ନାଥ ମହାପାତ୍ର<br>ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର |
| ୩୧. ପ୍ରେମ ସୁଧାନିଧି | ଉପେନ୍ଦ୍ର ଭଞ୍ଜ |
| ୩୨. ପ୍ରେମ ତରଙ୍ଗିଣୀ | ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା |
| ୩୩. ବିଦଗ୍ଧ ଚିନ୍ତାମଣି | ଅଭିମନ୍ୟୁ ସାମନ୍ତସିଂହାର |
| ୩୪. ବୈଦେହୀଶ ବିଳାସ | ଉପେନ୍ଦ୍ରଭଞ୍ଜ |
| ୩୫. ଭାରତୀୟ ସାହିତ୍ୟତତ୍ତ୍ୱ | ଡଃ ବନମାଳୀ ରଥ<br>ପ୍ରକାଶକ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ<br>ପ୍ରଣୟନ ଓ ପ୍ରକାଶନ ସଂସ୍ଥା,<br>ଭୁବନେଶ୍ୱର, ୧୯୭୮ |
| ୩୬. ଭାରତୀୟ କାବ୍ୟତତ୍ତ୍ୱ | ଡଃ କ୍ଷେତ୍ରବାସୀ ନାୟକ<br>ପ୍ରକାଶକ : ପୁସ୍ତକ ଭଣ୍ଡାର<br>ବ୍ରହ୍ମପୁର, ୧୯୮୧ |
| ୩୭. ଭଞ୍ଜ ସାହିତ୍ୟର ଗୋଟିଏ ଶବ୍ଦବିଚାର | ଶ୍ରୀ ଗୌରୀ କୁମାର ବ୍ରହ୍ମା<br>କୋଣାର୍କ : ତ୍ରୟମାସିକ ମୁଖପତ୍ର<br>ଦ୍ୱିତୀୟବର୍ଷ, ତୃତୀୟ ଚତୁର୍ଥ ସଂଖ୍ୟା,<br>୧୯୬୧, ଭୁବନେଶ୍ୱର |
| ୩୮. ଭଞ୍ଜଭାରତୀ | ଡଃ ଗଙ୍ଗାଧର ନନ୍ଦ<br>ଆଶାପୁସ୍ତକାଳୟ,<br>ବାରାକ୍ସ, ବ୍ରହ୍ମପୁର, ୧୯୯୭ |
| ୩୯. ମାଦଳାପାଞ୍ଜି | ସଂପାଦନା : ଆର୍ତ୍ତବଲ୍ଲଭ ମହାନ୍ତି<br>ପ୍ରାଚୀ ସମିତି ସଙ୍କଳନ, ୧୯୬୯ |
| ୪୦. ମଥୁରାମଙ୍ଗଳ | ଭକ୍ତ ଚରଣ ଦାସ |

୪୧. ମଦାଳସା — ହରିହର ମର୍ଦ୍ଦରାଜ

୪୨. ରାମବିଭା — ଅର୍ଜୁନ ଦାସ

୪୩. ରୁକ୍ମିଣୀ ବିଭା — କାର୍ତ୍ତିକ ଦାସ

୪୪. ରସକଲ୍ଲୋଳ — ଦୀନକୃଷ୍ଣ ଦାସ

୪୫. ରତ୍ନମଞ୍ଜରୀ — ଧନଞ୍ଜୟ ଭଞ୍ଜ

୪୬. ରସିକହାରାବଳୀ — ଉପେନ୍ଦ୍ର ଭଞ୍ଜ

୪୭. ରସଲେଖା — ଉପେନ୍ଦ୍ର ଭଞ୍ଜ

୪୮. ରହସ୍ୟ ମଞ୍ଜରୀ — ଦେବଦୁର୍ଲ୍ଲଭ ଦାସ

୪୯. ରସବତୀ — ଅଭିମନ୍ୟୁ ସାମନ୍ତ ସିଂହାର

୫୦. ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ (ତୃତୀୟ ଖଣ୍ଡ) (ଶୃଙ୍ଗାର ରସ ବିଶେଷାଙ୍କ ପ୍ରଥମ ଭାଗ) — ସଂପାଦନା : ଡଃ ଦୁର୍ଯ୍ୟୋଧନ ଦାସ, ଡଃ ସାବିତ୍ରୀ ଦାସ
ପ୍ରକାଶିକା : ଶ୍ରୀମତୀ ସବିତା ଦାସ
ସ୍ୟମନ୍ତକ ପ୍ରକାଶନୀ, ଭଦ୍ରକ, ୧୯୯୪

୫୧. ଶଶିସେଣା — ପ୍ରତାପ ରାୟ

୫୨. ଶୃଙ୍ଗାରତତ୍ତ୍ୱ ଓ ଓଡ଼ିଆ ରୀତିକାବ୍ୟ — ଡଃ ବନମାଳୀ ବାରିକ
ପ୍ରକାଶକ : ମୟୂର ପବ୍ଲିକେଶନ୍ସ୍,
ଭୁବନେଶ୍ୱର, ୧୯୯୭

୫୩. ଶୃଙ୍ଗାର — ଡଃ ଆଦିକନ୍ଦ ସାହୁ
ପ୍ରକାଶକ : ଫ୍ରେଣ୍ଡର୍ସ ଏମ୍ପୋରିୟମ୍
ଗେଟୀ ଟକିଜ୍ ରୋଡ୍, ସମ୍ବଲପୁର, ୨୦୦୦

୫୪. ସାହିତ୍ୟ ଦର୍ପଣ — ବିଶ୍ୱନାଥ କବିରାଜ
ଓଡ଼ିଆ ଅନୁବାଦ : ନାରାୟଣ ମହାପାତ୍ର
ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୭୫

୫୫. ସୁଭଦ୍ରା ପରିଣୟ — ଉପେନ୍ଦ୍ର ଭଞ୍ଜ

୫୬. ସୌନ୍ଦର୍ଯ୍ୟତତ୍ତ୍ୱ ଓ ଓଡ଼ିଆ କାବ୍ୟରେ ସୌନ୍ଦର୍ଯ୍ୟ ଚେତନା — ଡଃ ବୈରାଗୀ ଚରଣ ଜେନା
ପ୍ରକାଶକ : ଶ୍ରୀ ବିଜୟ ଶଙ୍କର ପାତ୍ର
ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ
କଟକ - ୨, ୧୯୯୨

୫୭. ଲାବଣ୍ୟବତୀ ସୃଷ୍ଟି ଓ ସୌନ୍ଦର୍ଯ୍ୟ — ସଙ୍କଳକ : ଭଞ୍ଜ ଯୁବସାହିତ୍ୟ ସଂସଦ
ତୁଆସାହି, ଭଞ୍ଜନଗର, ୧୯୮୫

୫୮. ଲାବଣ୍ୟବତୀ — ଉପେନ୍ଦ୍ର ଭଞ୍ଜ
ପ୍ରକାଶକ : ମୋହନଚରଣ ଦାସ
(ଅଭିନବ ସଂସ୍କରଣ)
ଭଞ୍ଜଜୟନ୍ତୀ, କଟକ - ୨, ୧୯୬୦

୫୯. ଲାବଣ୍ୟବତୀ ଏକ ଅଧ୍ୟୟନ (ଅପ୍ରକାଶିତ) — ଡଃ ସଂଘମିତ୍ରା ମହାପାତ୍ର
ପିଏଚ୍. ଡ଼ି. ଗବେଷଣାନିବନ୍ଧ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

୬୦. ଲାବଣ୍ୟବତୀ — ସମ୍ପାଦନା ଡଃ ବୈଷ୍ଣବଚରଣ ସାମଲ
ପ୍ରକାଶକ : ସହଦେବ ପ୍ରଧାନ
ଫ୍ରେଣ୍ଡର୍ସ ପବ୍ଲିଶର୍ସ, ବିନୋଦବିହାରୀ
କଟକ -୨, ୧୯୯୭


## ସହାୟକ ଇଂରାଜୀ ଗ୍ରନ୍ଥ


୬୧. Aesthetic Communication — Smt. Rekha Jhanji
Munishiram Manohara Lal
Publishers Pvt. Ltd.
New Delhi, 1985

୬୨. Typical Selection from Oryia Literature — Sri Bijoy Kumar Majumdar
Vol - I, Calcutta, 1961


## ସହାୟକ ହିନ୍ଦୀ ଗ୍ରନ୍ଥ


୬୩. କାଳିଦାସ କି ଲାଳିତ୍ୟଯୋଜନା — ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ
ଅରବିନ୍ଦ ପ୍ରକାଶନ, ବମ୍ବେ, ୧୯୮୭

୬୪. ଭାରତୀୟ କାବ୍ୟଶାସ୍ତ୍ର କେ ପ୍ରତିନିଧି ସିଦ୍ଧାନ୍ତ ପ୍ରଫେସର ରାଜବଂଶ ସହାୟ (ହୀରା)

ପ୍ରକାଶକ : ଚୌଖମ୍ବା ବିଦ୍ୟାଭବନ
ବାରାଣାସୀ, ୧୯୬୭

## ସହାୟକ ବଙ୍ଗଳା ଗ୍ରନ୍ଥ

୬୫. ନନ୍ଦନତତ୍ତ୍ୱ — ଡଃ ସୁଧୀର କୁମାର ନନ୍ଦ
ପଶ୍ଚିମ ବଙ୍ଗ ରାଜ୍ୟ ପୁସ୍ତକ ପର୍ଷଦ
୬/ଏ ରାଜା ସୁବୋଧ ମଲ୍ଲିକ ସ୍କୋୟାର
କୋଲକାତା, ତୃତୀୟ ସଙ୍କଳନ, ୧୯୯୬

## ସହାୟକ ସଂସ୍କୃତ ଗ୍ରନ୍ଥ

୬୬. ଉଜ୍ଜ୍ୱଳ ନୀଳମଣି — ରୂପଗୋସ୍ୱାମୀ
୬୭. କାଦମ୍ବରୀ — ବାଣଭଟ୍ଟ
୬୮. ଗୀତଗୋବିନ୍ଦ — ଜୟଦେବ
୬୯. ମେଘଦୂତମ୍ — କାଳିଦାସ
୭୦. ଶିଶୁପାଳ ବଧ — ମାଘ

## ଡକ୍ଟର ବିଧୁପ୍ରଭା ରଥ ଏକ ପରିଚୟ

ଜଣେ ସୁଲେଖିକା, ସୁବକ୍ତା ଏବଂ ଆଦର୍ଶ କର୍ମଜୀବୀ ମହିଳା ଭାବେ ଗଞ୍ଜାମ ଜିଲ୍ଲା ତଥା ସମଗ୍ର ଓଡ଼ିଶାରେ ସୁପରିଚିତା ଡକ୍ଟର ବିଧୁପ୍ରଭା ରଥ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୧୯୮୧ ମସିହାରେ ଓଡ଼ିଆ ସମ୍ମାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୯୮୩ ମସିହାରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ତଥା ଗୋପୀନାଥ ବକ୍ସିପାତ୍ର ସ୍ମାରକୀ ସ୍ୱର୍ଣ୍ଣପଦକ ବିଜୟିନୀ, ବିଶ୍ୱବିଦ୍ୟାଳୟ ସ୍ତରୀୟ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଏବଂ ୧୯୮୫ରେ ମାଷ୍ଟର ଅଫ୍ ଫିଲୋସଫିରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରତିପାଦନ କରିଥିଲେ । ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଗଳ୍ପ, ପ୍ରବନ୍ଧ, ନିବନ୍ଧ, ସମାଲୋଚନା କ୍ଷେତ୍ରରେ ଏକ ନିଜସ୍ୱ ମୌଳିକ ଦୃଷ୍ଟିକୋଣର ପରିଚୟ ଦେଇଛନ୍ତି କବୟିତ୍ରୀ ବିଧୁପ୍ରଭା ରଥ । ପ୍ରତ୍ୟେକଟି ସୃଷ୍ଟି ଜୀବନର ଗଭୀର ଅନୁଭବ, ଦାର୍ଶନିକ, ସାଂସ୍କୃତିକ ପୃଷ୍ଠଭୂମି, ଆତ୍ମିକ ଅନ୍ତସ୍ୱର, ସାବଲୀଳ, ସ୍ୱଚ୍ଛନ୍ଦ ଭାଷା ତଥା ପ୍ରକାଶ ଭଙ୍ଗୀ ସହିତ ପ୍ରଜ୍ଞାତ୍ମକ ଅନୁଶୀଳନରେ ଏହାଙ୍କ ଲେଖାଗୁଡ଼ିକ ପରିପୁଷ୍ଟ ।

ଏକ ଶିକ୍ଷିତ ତଥା ସାହିତ୍ୟିକ ପରିବାରରେ ବିଧୁପ୍ରଭା ରଥଙ୍କ ଜନ୍ମ ହୁଏ ୧୯୬୧ ମସିହାରେ ଆସିକା ସହରରେ ପିତା ଶିବରାମ ରଥ ଓ ମାତା କ୍ଷେତ୍ରମଣି ରଥଙ୍କ ଔରସରୁ । ପିତାମାତାଙ୍କ ସ୍ନେହ ତଥା ବୌଦ୍ଧିକ ବାତାବରଣ ମଧ୍ୟରେ ବଢ଼ି ଆସିଥିବା ବିଧୁପ୍ରଭା ପିଲାଟି ବେଳରୁ ହିଁ ଲେଖାଲେଖି ପ୍ରତି ମନ ବଳାଇଥିଲେ । ମାତ୍ର ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ ବେଳେ ହିଁ ସେ ଛୋଟ ଛୋଟ ଲେଖା ଓ ଗପ ବହି ପଢ଼ିବା ଅଭ୍ୟାସ କରିଥିଲେ । ପିତା, ପିଉସା, ପିଉସୀ, କକା ତଥା ଓଡ଼ିଶାର ବିଶିଷ୍ଟ ନାଟ୍ୟକାର ପ୍ରଫୁଲ୍ଲ ରଥଙ୍କ ଦ୍ୱାରା ପିଲାଟି ବେଳରୁ ଅନୁପ୍ରାଣିତ ହୋଇ ନିଜର ପାଠପଢ଼ା ସହିତ ଛୋଟ ଛୋଟ କବିତା ଓ ଗପ ଲେଖିବା ଏବଂ ପଢ଼ିବା ସହିତ ବହୁ ଭାଷାର ବହି, ପତ୍ର ପତ୍ରିକା ଅଧ୍ୟୟନ ପ୍ରତି ମନ ବଳାଇ ସେ ଦିଗରେ ନିଜର ଅଧ୍ୟବସାୟ ଆରମ୍ଭ କରିଥିଲେ । ଏକ ଶହରୁ ଊର୍ଦ୍ଧ୍ୱ କବିତା, ୩୦ରୁ ଅଧିକ କ୍ଷୁଦ୍ରଗଳ୍ପର ରଚୟିତା ବିଧୁପ୍ରଭାଙ୍କ ପରିବାରର ସଦସ୍ୟମାନେ ମଧ୍ୟ ଲେଖାଲେଖିରେ ସିଦ୍ଧହସ୍ତ ଥିଲେ । ଜେଜେବାପା, ଜେଜେମା ଜଣେ ଜଣେ ସେମାନଙ୍କ କାଳଖଣ୍ଡର ନାମକରା ଲେଖକ ଥିଲେ । ସେହି ପରିବାରର ବିଦୁଷୀ ଓ ସ୍ନେହ ଛଳଛଳ କନ୍ୟା ହିସାବରେ ସେ ତାଙ୍କ ଲେଖନୀ ଚାଳନା ପିଲାଟି ବେଳରୁ ହିଁ କରି ଆସି ପରବର୍ତ୍ତୀ ଅବସ୍ଥାରେ ସେଥିରେ ନିଜକୁ ଜଡ଼ାଇ ରଖି ଜଣେ ଜଣାଶୁଣା କବୟିତ୍ରୀର ପରିଚୟ ଦେଇଛନ୍ତି । ତାଙ୍କ କକା ପ୍ରଫୁଲ୍ଲ ରଥ 'ପଲାତକ' ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ପିଉସା ତଥା ଇଂରାଜୀ ଓ ଓଡ଼ିଆ ସମ୍ବାଦ ସାହିତ୍ୟର ପ୍ରବାଦ ପୁରୁଷ ପ୍ରଫେସର ଚିନ୍ତାମଣି ମହାପାତ୍ର ଓ କକା ପ୍ରଫୁଲ୍ଲ ରଥଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବିଧୁପ୍ରଭା ରଥ ତାଙ୍କ ଲେଖନୀ ଚାଳନାକୁ ଆହୁରି ବଳିଷ୍ଠ ଓ ଋଦ୍ଧିମନ୍ତ କରିଥିଲେ ।

ତାଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରେ 'ସନ୍ଥକବି ଅଭିରାମ ପରମହଂସଙ୍କ ସାହିତ୍ୟ ଓ ଦର୍ଶନ', 'ମିଛ ମଣିଷର ଅସ୍ମିତା', 'ପ୍ରେମରୁ ସମାଧି', 'ପ୍ରେମ ଏବଂ ପ୍ରତୀକ୍ଷା', 'ସୀତାକାନ୍ତ ମହାପାତ୍ରଙ୍କ କାବ୍ୟ ମାନସ ମିଥ୍', 'ହୃଦୟ ଭିକ୍ଷା' ଆଦି ପୁସ୍ତକ ଅନ୍ୟତମ ଓ ଅନନ୍ୟ । ସେ ନିଜର ସ୍ୱକୀୟ ଚିନ୍ତାଧାରା ଉପରେ ସର୍ବଦା ଗୁରୁତ୍ୱ ଦେଇ ଲେଖନୀ ଚାଳନାକୁ ଅବ୍ୟାହତ ରଖିଛନ୍ତି ।

ତାଙ୍କର ସଦ୍ୟତମ ରଚନା ମଧ୍ୟରେ ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାରିତ 'ମହାନାୟକ', ଧନୁର୍ଦ୍ଧର ଅର୍ଜୁନଙ୍କ ଉପରେ 'ଶୁଣ ଫାଲ୍‌ଗୁନୀ' (ଉପନ୍ୟାସ) ପ୍ରକାଶନ ଅପେକ୍ଷାରେ ରହିଛି । ଜଣେ ଆଗ ଧାଡ଼ିର ଲେଖିକା ଭାବେ ସାରା ରାଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା କବୟିତ୍ରୀ ବିଧୁପ୍ରଭା ରଥ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ କମିଟି ସଦସ୍ୟ, ଓଡ଼ିଶା ଲେଖିକା ସଂସଦ ଗଞ୍ଜାମ ଶାଖାର ସମ୍ପାଦିକା, ଚଲାପଥ ଲେଖିକା ସମ୍ମିଳନୀର ସଦସ୍ୟା, କଳିଙ୍ଗ ସାହିତ୍ୟ ସମାଜ ଭଳି ବହୁ ପ୍ରତିଷ୍ଠିତ ସାହିତ୍ୟ ସଂଗଠନ ସହ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ । କବୟିତ୍ରୀ ରଥ ତାଙ୍କର ସ୍ୱକୀୟ ବିଚାରଧାରା ଦ୍ୱାରା ଜଣେ ସୁଲେଖିକା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ତାହାର ପରିଚୟ ସ୍ୱରୂପ ତାଙ୍କୁ ମିଳିଛି ଅନେକ ସମ୍ମାନ । ପ୍ରଥମେ ୧୯୯୫ ମସିହାରେ ପୋଲସରାର 'ବାଲିଘର' ସାହିତ୍ୟ ସଂସଦ, ୧୯୯୬ ମସିହାରେ ସ୍ୱଶ୍ରୀ ସଂଯୁକ୍ତା ମହାପାତ୍ର ପ୍ରତିଷ୍ଠିତ ସମ୍ମାନଜନକ 'କସ୍ତୁରୀ' ପୁରସ୍କାର, ୧୯୯୮ରେ 'ଚଲାପଥ' ପୁରସ୍କାର, ୨୦୦୦ରେ କଳିଙ୍ଗ ସାହିତ୍ୟ ସମାଜ ପ୍ରବର୍ତ୍ତିତ 'କଥାକାର ଶ୍ରୀମତୀ ସୁପ୍ରୀତି ଦେବୀ ଘନ୍ତାୟତ ସ୍ମାରକୀ ସମ୍ମାନ', ଓଡ଼ିଆ ଭାଷା ସଂସ୍କୃତି ଜାଗରଣ ଅଭିଯାନ ପକ୍ଷରୁ 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ', 'ଉପେନ୍ଦ୍ର ଭଞ୍ଜ ଫାଉଣ୍ଡେସନ୍' ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତିର ଝଙ୍କାର ପକ୍ଷରୁ 'ରାଜୀବ ସ୍ମାରକୀ ଲଳିତ ନିବନ୍ଧ' ପୁରସ୍କାର ମିଳିଥିବା ବେଳେ କୃତି ଓ ସିଦ୍ଧିକୁ ନେଇ ସଶ୍ରଦ୍ଧ ସ୍ୱୀକୃତି ସ୍ୱରୂପ ତାଙ୍କୁ ବିଷୁବ ମିଳନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ସେହିପରି 'ବିଭାବନୀ ସ୍ମୃତି ପୁରସ୍କାର', 'ଗୋକର୍ଣ୍ଣିକା ପୁରସ୍କାର' ଆଦି ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ।

କବିତା ହେଉଛି କୋମଳ ଅଭିବ୍ୟକ୍ତି, ଯେଉଁଥିରେ ଆତ୍ମାର କଥା ରହିଥାଏ । ମଣିଷକୁ ଦୁଃଖ କଷ୍ଟ ଆସିଲେ, ମନରେ ବ୍ୟାକୁଳତା ଦେଖାଦେଲେ କବିତା ଆପେ ଆପେ ମନକୁ ଆସିଯାଏ ବୋଲି ପ୍ରକାଶ କରି ବିଧୁପ୍ରଭା କହନ୍ତି ଯେ, ସମାଜର ସାମ୍ପ୍ରତିକ ଘଟଣା ତାଙ୍କୁ ଅଧିକ ପ୍ରେରଣା ଦେଉଛି ସାରସ୍ୱତ ସାଧନା କରିବା ପାଇଁ । ଅଧିକ ମାତ୍ରାରେ ଅଭିଭୂତ ଓ ମୋହଗ୍ରସ୍ତ ହେଲେ ହିଁ ତାଙ୍କୁ କବିତା ଲେଖିବାକୁ ଭଲ ଲାଗେ ବୋଲି ପ୍ରକାଶ କରି ସେ କହନ୍ତି ।

ଏକାଧାରରେ ଜଣେ ସୁଲେଖିକା, କର୍ମଜୀବୀ ମହିଳା, ଓଡ଼ିଆ ଭାଷା ଓ ସୃଜନଶୀଳ ସାହିତ୍ୟ ପ୍ରେମୀ ଭାବେ ପରିଚିତ କବୟିତ୍ରୀ ବିଧୁପ୍ରଭା ରଥଙ୍କ ସାଂସାରିକ ଜୀବନ ଜଞ୍ଜାଳ ମଧ୍ୟ ଦେଇ ଗତି କରିଥିଲେ ମଧ୍ୟ ସେଥିରୁ ସେ ମୁକୁଳି ଆସି ନିଜର କର୍ମମୟ ଜୀବନ ଅବ୍ୟାହତ ରଖିବା ସହ ସାରସ୍ୱତ ସାଧନାକୁ କେବେ ବି ଗୌଣ ମନେ କରିନାହାନ୍ତି । ଜଣେ ଉଚ୍ଚ ଶିକ୍ଷାବିତ୍ ଭାବେ ସେ ସରକାରୀ ଚାକିରୀ ପାଇବାର ସୁଯୋଗ ପାଇଛନ୍ତି । ଜଣେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭାବେ ମଧ୍ୟ ତାଙ୍କର ଦାୟିତ୍ୱ ତୁଲାଉଛନ୍ତି । ମହିଳା ଓ ଶିଶୁ ବିକାଶ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରକଳ୍ପ ଅଧିକାରିଣୀ ଭାବେ ଅଧିଷ୍ଠିତ ରହି ମଧ୍ୟ ଶ୍ରୀମତୀ ରଥ ତାଙ୍କର ସାରସ୍ୱତ ସାଧନାକୁ କେବେ ବି ହତାଦର କରି ନାହାନ୍ତି ବରଂ ତାଙ୍କର ଏହି ଚାକିରୀ ମହିଳା ଓ ଶିଶୁମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବାରେ ବେଶ୍ ସହାୟ ହେବା ସହ ତାଙ୍କର ଲେଖନୀ ଚାଳନାରେ ମଧ୍ୟ ବେଶ୍ ସକ୍ରିୟ ହୋଇପାରୁଛି । ଆମ ସମାଜର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଭାବଗ୍ରସ୍ତ ମା ଓ ଶିଶୁମାନଙ୍କ ମୁହଁରେ ହସ ଫୁଟାଇ ପାରୁଥିବା ଏହି ମହିଳା ଜଣକ ଆମ ରାଜ୍ୟର ନାରୀ ଜାତି ପାଇଁ ଗର୍ବ ଓ ଗୌରବ । ତାଙ୍କର ଚଲାପଥ କୁସୁମିତ ହେଉ ଏହାହିଁ ଆମର କାମନା । (ସୌଜନ୍ୟ : ଅନୁପମ ଭାରତ, ଗୁରୁବାର, ୧୭ ଜୁନ୍ ୨୦୦୪)

## ଡକ୍ଟର ବିଧୁପ୍ରଭା ରଥଙ୍କ ପ୍ରକାଶିତ କେତୋଟି ଅନନ୍ୟ କୃତି

**ମିଛ ମଣିଷର ଅସ୍ମିତା**

(ଲଳିତ ନିବନ୍ଧ ସଂକଳନ)

ପ୍ରକାଶ କାଳ : ୨୦୦୩

ଚିତ୍ରପ୍ଳା ପବ୍ଲିକେଶନ୍ସ, ସାଲେପୁର, କଟକ

**ପ୍ରେମ ଏବଂ ପ୍ରତୀକ୍ଷା**

(ଲଳିତ ନିବନ୍ଧ ସଂକଳନ)

ପ୍ରକାଶ କାଳ : ୧୯୯୬

ଜ୍ଞାନଯୁଗ ପବ୍ଲିକେଶନ୍ସ, ଭୁବନେଶ୍ୱର

**ସୀତାକାନ୍ତ ମହାପାତ୍ରଙ୍କ କାବ୍ୟ ମାନସ ମିଥ**

ପ୍ରକାଶ କାଳ : ୨୦୦୩

ଚିତ୍ରପ୍ଳା ପବ୍ଲିକେଶନ୍ସ, ସାଲେପୁର, କଟକ

**ପ୍ରେମରୁ ସମାଧି**

ପ୍ରକାଶ କାଳ : ୨୦୦୪

ପ୍ରୀତିପଦ୍ମା ପ୍ରକାଶନୀ, ବ୍ରହ୍ମପୁର

**ହୃଦୟ ଭିକ୍ଷା**

(ଲଳିତ ନିବନ୍ଧ ସଂକଳନ)

ପ୍ରକାଶକ : କଲ୍ୟାଣୀ, କଟକ

**ମହାନାୟକ**

(ଉପନ୍ୟାସ)

ପୃଥ୍ୱୀପଦ୍ମା ପ୍ରକାଶନ, ବ୍ରହ୍ମପୁର

**ଶୁଣ ଫାଲ୍‌ଗୁନୀ**

(ଉପନ୍ୟାସ)

ପୃଥ୍ୱୀପଦ୍ମା ପ୍ରକାଶନ, ବ୍ରହ୍ମପୁର

**ରକ୍ତ ରଞ୍ଜିତ ନାୟକ**

(ସହୀଦ୍ ଭଗତ୍‌ସିଂହଙ୍କ ଜୀବନୀ ଉପରେ ଆଧାରିତ ଅନନ୍ୟ ଆଲୋଚନା ଗ୍ରନ୍ଥ)

ପୃଥ୍ୱୀପଦ୍ମା ପ୍ରକାଶନ, ବ୍ରହ୍ମପୁର




ମୁଦ୍ରଣ :

**ସିଦ୍ଧବୀର ଅଫ୍‌ସେଟ୍**

ନେହୁରୁ ନଗର - ୭, ବ୍ରହ୍ମପୁର-୩

ଦୂରଭାଷ · ୨୨୦୫୩୬୧